ଜୁନ୍ ୨୦୨୨



# ISSN NO – 2582-208X

**VOLUME-11 : ISSUE NO-06/2026**


[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**
**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ସ୍ୱୟଂ ପ୍ରତି ଏବଂ ଦେଶ ପ୍ରତି ଆବଶ୍ୟକତା ପୂର୍ତ୍ତିର ନାମ ହେଉଛି ସ୍ୱାବଲମ୍ବନ । ଜୀବନରେ ସଫଳତା ପାଇବାର ମନ୍ତ୍ର ହେଉଛି ସ୍ୱାବଲମ୍ବନ । ବୀର, କର୍ମଯୋଗୀ, ନେତା, ଅଭିନେତା ଆଦି ମାନଙ୍କର ସଫଳତାର ମୂଳ ଆଧାର ଏହା ଅଟେ । ସ୍ୱାବଲମ୍ବୀ ବ୍ୟକ୍ତିକୁ ହିଁ ଆଦର୍ଶ ବ୍ୟକ୍ତି କୁହାଯାଏ । ଏପରି ବ୍ୟକ୍ତି ସମାଜ ରୂପି ବଗିଚାର ସୁଗନ୍ଧ ରୂପି ପୁଷ୍ପ ପରି ନିଜ ଆଖପାଖର ବାତାବରଣକୁ ମହକେଇ ରଖନ୍ତି । କଠିନ ରୂପି କାର୍ଯ୍ୟରେ ମଧ୍ୟ ହାର ନମାନି ଦେଶକୁ ଆଗକୁ ନେଇଯିବାରେ ସର୍ବଦା ତତ୍ପର ଥାଆନ୍ତି ଏବଂ ସମସ୍ତ ସମ୍ମାନର ଅଧିକାରୀ ମଧ୍ୟ । କୌଣସି ବ୍ୟକ୍ତିକୁ ନିଜ ଭାଗ୍ୟର ଭରସାରେ ରହିବା ଉଚିତ ନୁହେଁ । ଏପରି ବ୍ୟକ୍ତି ଅଳସୁଆ ଏବଂ ପରିଶ୍ରମହୀନ ହୋଇଥାଏ ।

ଗୀତାର ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, କର୍ମ କରିଯାଅ, ଫଳର ଆଶା ରଖନାହିଁ । କିଛି ଲୋକ ମାନନ୍ତି ଭଗବାନ ଯେତିକି ଚାହିଁବେ, ସେତିକି ମିଳିବ । ଆଉ ଏକ ଧାରଣା ମଧ୍ୟ ପ୍ରଚଳିତ, ସମୟ ପୂର୍ବରୁ ଏବଂ ଭାଗ୍ୟରୁ ଅଧିକ କାହାକୁ ମିଳେନାହିଁ । ଏହିପରି ଭାବନା ଶକ୍ତି ମନୁଷ୍ୟକୁ ଅକର୍ମଣ୍ୟ ବନାଇଥାଏ । ଯଦ୍ୱାରା

ISSN NO.
2582-208X

ସମୟ ହାତରୁ ପଳାଇଯାଏ ଏବଂ ଯେତିକି ଭାଗ୍ୟରେ ମିଳିବା କଥା, ସେତିକି ମଧ୍ୟ ମିଳିନଥାଏ । ଏମିତି ବ୍ୟକ୍ତି ତାଙ୍କ ଜୀବନରେ ହାତ ଉପରେ ହାତ ରଖି ବସିଥାନ୍ତି ।

ସମୟର ସମ୍ମାନ ସହିତ ଜୀବନରେ ସ୍ୱାବଲମ୍ବୀ ହେବା ଦରକାର । ଭଗବାନ ହିଁ ସେହିମାନଙ୍କର ସହାୟତା କରନ୍ତି, ଯେଉଁମାନେ ସ୍ୱୟଂର ସହାୟତା କରନ୍ତି ।

ଜୟ ଉତ୍କଳ, ଜୟ ଓଡ଼ିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୪ |
| ଭୁବନେଶ୍ୱରରେ ବରଷା ଓ ବତାଶ | ଡ. ଶଶଧର ମହାପାତ୍ର | ୨୪ |
| ରଜ | ଡ. ଜ୍ଞାନେଶ୍ୱର ମିଶ୍ର | ୨୬ |
| ହସରେ ଅଛି ଜୀବନ | ଗୋଲୋକବିହାରୀ ବେହେରା | ୨୯ |
| ଜୀବନର ରଙ୍ଗ | ମଧୁମିତା ମିଶ୍ର | ୩୧ |
| ବଦଳିଗଲ ତୁମେ | ଡ଼ଃ ଅନୁପମା ବିଶ୍ୱାଳ | ୩୩ |
| ଅକ୍ଷୟ ତୃତୀୟା | ଅଜିତ କୁମାର ରାଉତ | ୩୪ |
| ଲଳିତ ନିବନ୍ଧ ଯମ ସହ ହାତାହାତି | ବଦ୍ରୀ ମହାନ୍ତି | ୩୬ |
| ସ୍ୱାର୍ଥ | ଅଲେଖ ମେହେର(ଯାଯାବର) | ୪୦ |
| ଏମିତିକା ଓଡ଼ିଆ ପୁଅ | ରାଜକିଶୋର ସ୍ୱାଇଁ | ୪୧ |
| ଜନ୍ମଦିନ | ଡ଼କ୍ଟର ବିଜ୍ଞାନୀ ଦାସ | ୪୩ |
| ଚାଲଯିବା ସେହି ତାରୋଂ କି ସହର୍ | ଇଂ. ସୁଶାନ୍ତ କିଶୋର ବଳ | ୫୧ |
| ପ୍ରାର୍ଥନା | ଅଳକା ମହାନ୍ତି | ୫୫ |
| ବିରହିଣୀ ପ୍ରିୟମ୍ବଦା | ଡ଼ଃ ମନ୍ଦାକିନୀ ପାଢ଼ୀ | ୫୭ |
| ଓଡ଼ିଆ ପରମ୍ପରାରେ ସାବିତ୍ରୀ ବ୍ରତ | ବାସନ୍ତୀ ଲତା ଜେନା | ୫୯ |
| ଲେଖୁଛି ଅଳପ ଭାବୁଛି ବେଶି | ବେଣୁଧର ସୂତାର | ୬୨ |
| ଭୁଲ କଲେ ଭୟ ଲାଗେ | ଧ୍ରୁବ ଚରଣ ଘିବେଲା | ୬୪ |
| ଭାରତୀୟ ଆଧ୍ୟାତ୍ମିକ ସାହିତ୍ୟର ନାୟକ- ସନ୍ଥକବି ଭୀମଭୋଇ | ମନୀଷା ରାୟ | ୬୬ |
| ମହାଯୋଗୀ ମହାତପୀ | ଜୟଶ୍ରୀ ପଟ୍ଟନାୟକ | ୭୪ |
| ଲୀନ | ଦୀପାଳି ଦାସ | ୭୬ |
| ଅପେକ୍ଷାର ଅନ୍ତରାଳେ | ଅରୁଣ କୁମାର ମହାପାତ୍ର | ୭୮ |

ISSN NO.
2582-208X


| | | |
|---|---|---|
| ଅଦଭୁତ ମନ | ଦେବଦତ୍ତା ଦେବୀ | ୮୧ |
| ବାଟରେ ଚାଲୁ ଚାଲୁ | ବିନୋଦିନୀ ଦାଶ | ୮୬ |
| ରଖ ଭାଷାରେ ପ୍ରୀତି | ଯଜ୍ଞଦତ୍ତ ସାମନ୍ତରାୟ | ୮୮ |
| ଦୂର ଦିଗ୍‌ବଳୟ | ଡ. ହେମନ୍ତ କୁମାର ଦାଶ | ୯୦ |
| ଅସାଧାରଣ କବିତ୍ୱ ଏବଂ ପାଣ୍ଡିତ୍ୟର ଅଭିନବତ୍ୱ ସୃଷ୍ଟି - କବିସୂର୍ଯ୍ୟ ବଳଦେବ ରଥ | ସୁଷମା ପାଢ଼ୀ | ୯୨ |
| ନିରାକାର | ଡ଼. ପ୍ରିୟମ୍ବଦା ସାମଲ | ୧୦୧ |
| ପଥ | ବିନୟ ମହାପାତ୍ର | ୧୦୩ |
| ମୋ ହୃଦୟରେ ତୁମେ | ପ୍ରତିଭା ଦାଶ | ୧୦୬ |
| ଏମ୍.ଡି.ଙ୍କ ପିଅନ | ବିଜୟକେତନ ମହାନ୍ତି | ୧୦୭ |
| ଟୋପାଏ ସିନ୍ଦୂର | ରାମଚନ୍ଦ୍ର ବେହେରା | ୧୧୦ |
| ସ୍ୱପ୍ନ | ମୋହନ କୁମାର ସ୍ୱାଇଁ | ୧୧୨ |
| ରଙ୍ଗୀନ ଅତରଲଗା ଚିଠି | ଆଶୁତୋଷ ମେହେର | ୧୧୩ |
| ବର୍ଷା | ବାସନ୍ତୀ ଦାସ | ୧୧୬ |
| ଶାଢ଼ୀ ଗୀତ | ସୁଜିତ କୁମାର ମିଶ୍ର | ୧୧୭ |
| ସାନ୍ତାଳ ସାମାଜିକ ପରମ୍ପରା: ଏକ ଅନୁଧ୍ୟାନ | ଡ. ସସ୍ମିତା ଜେନା | ୧୧୯ |
| କେହି ଜଣେ ନିଜର | ରେଣୁବାଳା ମହାପାତ୍ର | ୧୨୮ |
| କୃଷ୍ଣଚୂଡ଼ା | ଡ. ଶୁଭେନ୍ଦୁ ମେହେର | ୧୩୧ |
| ୩ଟି ମିନି ଗପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୨ |
| ମା | ଡ. ସଦା ବିହାରୀ ସାହୁ | ୧୩୬ |
| ଦଇବ ଦଉଡି ମଣିଷ ଗାଇ | ଡା. ପ୍ରସନ୍ନ କୁମାର ବଳ | ୧୩୯ |

ISSN NO.
2582-208X


| | | |
|---|---|---|
| "ଇତରୀୟ ଉପନିଷଦ"ରେ ମାନବେତର ଚରିତ୍ର : ଏକ ବିଶ୍ଳେଷଣ | କାଜଲ ପୃଷ୍ଟି | ୧୪୧ |
| ଦୁଇଟି କବିତା | ହର ପ୍ରସାଦ ସୁଆର | ୧୫୧ |
| ମୋ ଗାଁ | ଡ଼କ୍ଟର ସଂଯୁକ୍ତା ଦାସ | ୧୫୩ |
| ପୁଣି ଥରେ ତମେ ଆସିବା ବେଳକୁ | ବିଶ୍ୱନାଥ କର | ୧୫୮ |
| ମାଣ୍ଡବୀ | ଆରତୀ ସାହୁ (ଆଶା) | ୧୬୦ |
| ସତ୍ୟ ସନାତନ ଗରୁଡ଼ାସନ | ଡ. ଅର୍ଜୁନ ଚରଣ ବାରିକ୍ | ୧୬୫ |
| କଟକ ସହର | ସନାତନ ମହାକୁଡ଼ | ୧୬୬ |
| ସୁଖ ମିଳେ କଲେ ଚାକିରୀ ? | କାର୍ତ୍ତିକେଶ୍ୱର ନାୟକ | ୧୬୯ |
| ଓଡ଼ିଶାରେ ମୁକ୍ତି ସଂଗ୍ରାମ ଓ ମହାନ ବିପ୍ଳବୀ ସରଳା ଦେବୀ | ଡକ୍ଟର ଦୀପ୍ତିମୟୀ ସାହୁ | ୧୭୧ |
| ଆସିଲାଣି, ଆସିଲାଣି ରଜ | ପୁଷ୍ପାଞ୍ଜଳି ମିଶ୍ର | ୧୮୧ |
| ଆସିବକି ପ୍ରିୟା ମୋର | ପ୍ରଶାନ୍ତ ବ୍ରହ୍ମା | ୧୮୩ |
| ମୋ ବାପା....ମୋ ଦିଅଁ ଦେବତାଙ୍କ ତୁଲ | ଦିଲ୍ଲୀପ ଶତପଥୀ | ୧୮୫ |
| ବୃନ୍ଦାବନ ସୁଆରଙ୍କ କାବ୍ୟଦ୍ୱୟର ମତାମତ | ଡ଼. ଚପଳା ପଣ୍ଡା | ୧୮୮ |
| ମୃତ୍ୟୁ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୯୨ |
| ସ୍ୱାର୍ଥର ମଣିଷ, ଦେଖ ତାର ବେଶ | ଜୟ କୁମାର ମିଶ୍ର | ୧୯୫ |
| ଅଲୋଡା ଭାଗଶେଷ | ଡକ୍ଟର ରୀନାରାଣୀ ଜେନା | ୧୯୮ |
| ତୁମରି ଲାଗି ମୁଁ ଗୁନ୍ଥିଛି ହେ ପ୍ରିୟ | ହରିଶ୍ଚନ୍ଦ୍ର ବେହେରା | ୨୦୩ |
| ଛୋଟି କି ଶ୍ରୀମତୀ କହିବା | ଦୀନବନ୍ଧୁ ପୋଇ | ୨୦୫ |
| ବସନ୍ତର ସଂଳାପ | ପ୍ରତିଭା ଦାସ | ୨୦୭ |
| ଏହା ଦାବି ନୁହେଁ, ଆତ୍ମର ଆହ୍ୱାନ | ବିରଞ୍ଚି ନାରାୟଣ ମିଶ୍ର | ୨୦୯ |
| କାଳବୈଶାଖୀ! | ରଂଜିତ ନାଏକ | ୨୧୨ |

ISSN NO.
2582-208X


| | | |
|---|---|---|
| ଆଗ ନିମନ୍ତ୍ରଣ | ଅମରନାଥ ବାରିକ୍ | ୨୧୪ |
| ରୂପା ଜହ୍ନ ଓ ରୂପସୀ ରାଜଗିର | ପ୍ରିୟବ୍ରତ ପାତ୍ର | ୨୧୬ |
| ମୋ ଜେଜିମା ଓ ରଜ ଦୋଳି | କୁଞ୍ଜ ବିହାରୀ ସାହୁ | ୨୨୨ |
| ତିନୋଟି ସତୀ | ମୀରା ବାଇ ପାଣିଗ୍ରାହୀ | ୨୨୪ |
| ରାତ୍ରି ର ଯନ୍ତ୍ରଣା | ନମିତା ଦାଶ | ୨୨୭ |
| ଜୀବନ ର ଅନୁପ୍ରାସ | ଡକ୍ଟର ସୁଶ୍ରୀସଂଗୀତା ସ୍ୱାଇଁ | ୨୨୯ |
| ଆଜି ପଣାସଂକ୍ରାନ୍ତି | ସତ୍ୟନାରାୟଣ ପ୍ରଧାନ | ୨୩୨ |
| ଶୋଇ ଯା'ରେ ଧନ | ଶିବ ପ୍ରସାଦ ଚାନ୍ଦ | ୨୩୫ |
| 'ତୃତୀୟ ପାଦ' କବିତା ସଂକଳନ: କେତୋଟି ପୌରାଣିକ ପ୍ରସଙ୍ଗର ରୋମନ୍ଥନ | ମମତା ରାଣୀ ବାରିକ୍ | ୨୩୭ |
| ବୃଦ୍ଧାଶ୍ରମ | ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ | ୨୪୪ |
| ନୟନଜୋରି | ରଘୁନାଥ ତ୍ରିପାଠୀ | ୨୪୬ |
| "ସେପିଏନ୍ସ": ମାନବ ଜାତିର ସଂକ୍ଷିପ୍ତ ଇତିହାସ | ଅସିତ ମହାନ୍ତି | ୨୪୭ |
| ବିପଦ ସତର୍କ ଘଣ୍ଟି | ଆକୁଳାନନ୍ଦ ପୃଷ୍ଟି | ୨୫୧ |
| ଫେରିଆସ ବୁଦ୍ଧ ତୁମେ | କାଳି ପ୍ରସାଦ ମହାପାତ୍ର | ୨୫୩ |
| ସିଏ ମୋର କିଏ | ତାରାପ୍ରସାଦ ଜେନା | ୨୫୫ |
| ଜନଜାତି ଓଡ଼ିଆ ସାହିତ୍ୟ | ଡକ୍ଟର ବିକ୍ରମ ବେହେରା | ୨୫୬ |
| ଝଡ ପୂର୍ବର ଶାନ୍ତି ବନାମ ଝାଡା ପୂର୍ବ ବିସ୍ଫୋରଣ | ଅମୃତନାରାୟଣ ଶତପଥୀ | ୨୮୦ |
| ସ୍ମୃତି ସେତ ନୁହେଁ ଫିଙ୍ଗିବାର | ଛବିରାଣୀ ପତି | ୨୮୨ |
| ନାଲି ରଙ୍ଗ | ପ୍ରଭାତ କୁମାର ଆଚାର୍ଯ୍ୟ | ୨୮୪ |

ISSN NO.
2582-208X


| | | |
|---|---|---|
| ବଡ ଦେଉଳର ମାଲିକ | ସରସ୍ଵତୀ ମେହେର | ୨୮୬ |
| ଦସ୍ତାବିଜ୍ | ଡାଃ. ଅନିତା ପଣ୍ଡା | ୨୮୭ |
| କୋଠ ଭୋଗ ଖିଆ | ସିନ୍ଧୁ ନନ୍ଦିନୀ | ୨୯୪ |
| ଚାଲ ଫେରିଯିବା | ପୂଜାରାଣୀ ସେଠୀ | ୨୯୬ |
| ଭାରତୀୟ ସଂସ୍କୃତିରେ ଓଡ଼ିଆ ଭାଗବତର ମୂଲ୍ୟବୋଧ | ଡ. ଚାରୁପ୍ରଭା ନାୟକ | ୨୯୮ |
| ସ୍ମାର୍ଟ ଫୋନ୍ | ଚିତ୍ତରଞ୍ଜନ ବେହେରା | ୩୦୨ |
| ଯୁଦ୍ଧ ପରେ ମଧ୍ୟ ଯୁଦ୍ଧ | ରବି ବଗର୍ତ୍ତୀ | ୩୦୪ |
| ବୃକ୍ଷ ହିଁ ଜୀବନ | ନରେନ୍ଦ୍ର ପ୍ରସାଦ ବେହେରା | ୩୦୭ |
| କୋଟିଆ ଅଞ୍ଚଳର : ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ | ପ୍ରିୟଙ୍କା ମହାନ୍ତି | ୩୦୯ |
| ଜୀବନ ଗପ | ନିରଞ୍ଜନ ସାହୁ | ୩୧୭ |
| ଭାବର ଭାବଙ୍କ ପୁଷ୍କରିଣୀରେ ମଧୁସୂଦନ | ଅରୁଣ କୁମାର ଦାସ | ୩୧୯ |
| ନୀଳକଣ୍ଠେଶ୍ୱର | ତ୍ରିପତି ପ୍ରଧାନ | ୩୨୧ |
| ଡକ୍ଟର ରାମଚନ୍ଦ୍ର ନାୟକଙ୍କ ‘ଟିକିକୁ ନକର ହେଳା’ କବିତା ସଙ୍କଳନରେ ମାନବୀୟ ଓ ନୈତିକ ଭାବଧାରା : ଏକ ପର୍ଯ୍ୟାଲୋଚନା | ନିଶିକାନ୍ତ ବଳ | ୩୨୩ |
| ମୁଁ ବନ୍ଦିନୀ | ପ୍ରଜ୍ଞା ପାରମିତା ପଣ୍ଡା | ୩୩୭ |
| ପ୍ରତିଭା ଶତପଥୀଙ୍କ କବିତା ଏକ ଅନୁଶୀଳନ | ଡ. ପୂର୍ଣ୍ଣଚନ୍ଦ୍ର ସାହୁ | ୩୩୮ |
| ତୁମ ସ୍ମୃତିର ସିହରଣ | ସୁନିତା ଦାଶ | ୩୪୬ |
| ଜୀବନ | ଡଃ. ସୁଚିତ୍ରା ମହାନ୍ତି | ୩୪୭ |

ISSN NO.
2582-208X


| | | |
|---|---|---|
| ସମାଜର ଅନ୍ଧାର ମୁହଁ: ରାଜନୀତିର ଛାୟା ତଳେ | କବିତା ବେହେରା | ୩୪୯ |
| ପର୍ବତ ର ଅଭିଳାଷ | ସୁନିଲ କୁମାର ନାୟକ | ୩୫୩ |
| ଅକ୍ଷୟ ତୃତୀୟା | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୩୫୫ |
| ପ୍ରତ୍ୟାବର୍ତ୍ତନ ହିଁ ମାର୍ଗ | ନନ୍ଦି କିଶୋର ଷାଣ୍ଡ | ୩୫୭ |
| ମାଆର ଶେଷ ସ୍ପର୍ଶ | ପବିତ୍ର ନାରାୟଣ ବେହେରା | ୩୬୧ |
| କାହିଁକି ଗଲୁତୁ ସେକଥା ଭୁଲି | ସତ୍ୟବାନ ମେହେର | ୩୬୩ |
| ଶୀତଳ ଷଷ୍ଠୀ... ସାମାଜିକ ଏକତାର ପରମ୍ପରା | ଡ. ସୁଧାଂଶୁ ମେହେର | ୩୬୬ |
| ସମର୍ପଣ | ସିଦ୍ଧେଶ୍ୱର ତ୍ରିପାଠୀ | ୩୭୦ |
| କଠୋର ମଣିଷ | ଦୁଷ୍ମନ୍ତ ବେହେରା | ୩୭୧ |
| ମହିଳା ସଂରକ୍ଷଣ ବିଲ୍, ଏକ ଅନୁଶୀଳନ | ଅଳକା ରାୟ | ୩୭୩ |
| ମୁଁ ଉତ୍ତର ଚାହେଁ | ଲିପିନା ସାହୁ | ୩୭୬ |
| ଦୁର୍ନୀତି | କୁଞ୍ଜବିହାରୀ ରାଉତ | ୩୭୮ |
| ଉତ୍କଳ ଅସ୍ମିତା ଓ ଓଡ଼ିଆ ଭାଷା | ଅଭୟ କୁଣ୍ଡ | ୩୮୦ |
| ବ୍ୟତିକ୍ରମ | ଅନିତା ପ୍ରଧାନ | ୩୮୩ |
| ସୁନ୍ଦର ତୁମରି ରୂପ | ବିଜ୍ଞାନ ମହାନ୍ତି | ୩୮୬ |
| ମାମୁଁ ଘର | ଅଧ୍ୟାପକ ସୁଶିଲ କୁମାର ଜେନା | ୩୮୭ |
| ତୁମେ ମୋ ଶ୍ରେଷ୍ଠ ସମୟର ଉପହାର | ମାନସୀ ବେହେରା | ୩୯୦ |
| ତରୁଣକାନ୍ତିଙ୍କ ଗଳ୍ପସଂକଳନ "ନୀଡ଼, ନଦୀ ଓ ତମାଳ" : ଏକ ପାଠକୀୟ ସମୀକ୍ଷଣ | ଡକ୍ଟର ରୁଦ୍ରନାରାୟଣ ସାହୁ | ୩୯୨ |

ISSN NO.
2582-208X


| | | |
|---|---|---|
| ଜାଗରଣର ଶଙ୍ଖ | ଶିବଦୂତୀ ପାଣିଗ୍ରାହୀ | ୩୯୮ |
| ଓଡ଼ିଆ ସାହିତ୍ୟର ବିକାଶରେ କୋଶଲୀ ଭାଷା | ବ୍ରଜମୋହନ ମେହେର | ୩୯୯ |
| ଜାତିଆଣ ପ୍ରେମ | ସ୍ମିତିପ୍ରଜ୍ଞା ଷଡଙ୍ଗୀ | ୪୧୫ |
| ଉତ୍ତର ଆଧୁନିକ ଅନୂଦିତ ନାଟ | ରଶ୍ମିତା ସାହୁ | ୪୧୭ |
| ମୋ ମା | ମଧୁସ୍ମିତା ମହାନ୍ତି | ୪୨୯ |
| ଜୀବନର ସ୍ରୋତ | ଟିନା ଚଲାନ | ୪୩୧ |
| ଡାଏରୀ ସାହିତ୍ୟିକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ହିତେଶ ବେହେରା | ୪୩୨ |
| ମା'ର ହସ | ମନୋଜ କୁମାର ବେହେରା | ୪୩୮ |
| ଡ଼ାକବାଲା | ମାମିଲତା ସାହୁ | ୪୪୦ |
| କିଛି ଓଡ଼ିଆ ହାତଲେଖା ପତ୍ରିକା | ସଂଘମିତ୍ରା ବେହେରା | ୪୪୨ |
| ମହାବିଷୁବ ସଂକ୍ରାନ୍ତି | ନିରୁପମା ମିଶ୍ର | ୪୪୬ |
| ସାଜିଥାଏ ପର୍ଶୁରାମ | ପ୍ରଶାନ୍ତ କୁମାର ନାଥ | ୪୪୭ |
| ଓଡ଼ିଆ ଲୋକଧାରା ପରମ୍ପରାରେ ଉଡ଼ାପର୍ବର ଉତ୍ପତ୍ତି ଏବଂ କାଳ ନିରୂପଣ | ସୁନୀଲ କୁମାର ବେହେରା | ୪୫୦ |
| ଜେଜେ ବାପା | ସାନୁରଞ୍ଜନ ସାହୁ | ୪୬୬ |
| ମହାନୁଭବ | ଖଗେଶ୍ୱର ବାଗ | ୪୬୯ |
| ରାମାୟଣରେ କର୍ମଫଳ | ଅଧ୍ୟାପକ ଅଶୋକ ମହାରଣା | ୪୭୧ |
| ଅଭିମାନ | ଜନ୍ମଜୟ ନାୟକ | ୪୭୫ |
| ଜୀବନର ଚଲାପଥ | ଗାୟତ୍ରୀ ସାହୁ | ୪୭୬ |
| ମାଛ | ସୁନନ୍ଦା ମହାନ୍ତି | ୪୭୮ |
| ମାଁ'ର ସ୍ୱରୂପ | ଭଗତରାମ ଶବର | ୪୮୧ |
| ଆଶା ଓ ସ୍ୱପ୍ନ | ଡ. ପଲିମର ଦାଶ | ୪୮୨ |

ISSN NO.
2582-208X


| | | |
|---|---|---|
| ସାମାଜିକ ଆବେଦନରେ ପରିପୂର୍ଣ୍ଣ: ସତ୍ୟପ୍ରିୟ ମହାଳିକଙ୍କ "ତିନିଆଖ୍ୟାନ" | ଦମୟନ୍ତୀ ଜେନା | ୪୮୩ |
| କଳା ରାତି | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୪୯୫ |
| ସମର୍ପିତା ନାରୀ | ଡ. ଯଶୋବନ୍ତ ନାୟକ | ୪୯୭ |
| ରଜସ୍ୱଳା | ସ୍ୱାଗତିକା ସାହୁ | ୪୯୯ |
| ଦକ୍ଷିଣ ଉପାନ୍ତ ଅଞ୍ଚଳର ଅବଲୁପ୍ତପ୍ରାୟ ପ୍ରଦର୍ଶନଶୀଳ କଳା: ଏକ ଦୃଷ୍ଟିକୋଣ | କୁରେଶୁ ମହାରଣା | ୫୦୨ |
| ମନତଳର ଭାଷା | ସରୋଜ କୁମାର ସାହୁ | ୫୦୯ |
| ଉତ୍ତର ଆଧୁନିକ ଅନୂଦିତ ନାଟକ | ରଶ୍ମିତା ସାହୁ | ୫୧୦ |
| କର୍ମର ଫଳ | ପ୍ରସନ୍ନ କୁମାର ମେହେର | ୫୨୨ |
| ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଗ୍ରାମୀଣ ବିକାଶର ଚିତ୍ର | ସୁଶ୍ରୀ ବେବୀ ନାଏକ | ୫୨୪ |
| ରିସେପସନ୍ ପାର୍ଟିରେ ମାଆ | ସୀତାକାନ୍ତ ତୁମୁନିଆଁ | ୫୪୦ |
| ଓଡ଼ିଆ ଆତ୍ମଜୀବନୀ ସାହିତ୍ୟ:- ଏକ ବିଶ୍ଳେଷଣ | ସିଦ୍ଧାନ୍ତ କୁମାର ଦାଶ | ୫୪୪ |
| ଆଖିର ଭାଷା | ସୁଚିତ୍ରା ମହାନ୍ତି | ୫୫୦ |
| କନ୍ଧ ସଂସ୍କୃତିରେ ମେରିଆ ପର୍ବ : ପରମ୍ପରା ଓ ଆସ୍ଥା | କବିତା ବଢେଇ | ୫୫୨ |
| କହ ତୁ କୋଇଲି | ରମେଶ ଚନ୍ଦ୍ର ନାୟକ | ୫୬୫ |
| ୧୬ ବର୍ଷ ପରେ | ସାଗରିକା ପଣ୍ଡା | ୫୬୭ |
| ସାମ୍ପ୍ରତିକ ଜୀବନଯାପନରେ ଓଡ଼ିଆ ଅସ୍ମିତାର ସ୍ଥିତି | ମେନନ ସାହୁ | ୫୬୮ |
| ବୟସ ହେଲାଣି ମତେ | ଶିଶିର କୁମାର ପଣ୍ଡା | ୫୭୪ |

ISSN NO.
2582-208X


| | | |
|---|---|---|
| ରାଧାନାଥଙ୍କ ଅମ୍ଳାନ କାବ୍ୟ ସୌଧ: କେଦାର-ଗୌରୀ | ପ୍ରଭାତୀ କୁମାରୀ ନାହକ | ୫୭୫ |
| ଗଛ ଓ ଜହ୍ନର ପ୍ରେମ | ବେଦନାଥ ହରିଜନ | ୫୮୦ |
| ଶ୍ୱାନକନ୍ୟା ବରଫି ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି | ପ୍ରଦୀପ୍ତ କୁମାର ଦାସ | ୫୮୨ |
| ଜୀବନକୁ ଯଦି ଜିଇଁବାର ଅଛି | ପ୍ରିୟଦର୍ଶିନୀ ମହାପାତ୍ର | ୫୮୪ |
| ଶାନ୍ତି | କୀର୍ତ୍ତି ଦେବୀ | ୫୮୫ |
| ସ୍ୱାର୍ଥପର | ରଶ୍ମିପ୍ରଭା ରଣସିଂହ | ୫୮୬ |
| ଅଧ୍ୟାପକ ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ପାରିବାରିକ ସଙ୍କଟ: ଏକ ଅଧ୍ୟୟନ | ଦିଲ୍ଲୀପ କୁମାର ସାମଲ | ୫୮୯ |
| ଜୀବନ ସାଥୀ | ରଜତ କୁମାର ସାହୁ | ୫୯୬ |
| "ଭକ୍ତ ଚରଣ ଦାସଙ୍କ 'ମଥୁରା ମଙ୍ଗଳ' କାବ୍ୟରେ ଉପମା ଅଳଙ୍କାରର ସୌନ୍ଦର୍ଯ୍ୟ ବିଶ୍ଳେଷଣ" | ଦୁର୍ଗାପ୍ରସାଦ ପାଣିଗ୍ରାହୀ | ୫୯୯ |
| ବାସୁଦେବ ସୁନାନୀଙ୍କ କାବ୍ୟ ମଶାଣିର ନାଁ ସ୍ୱର୍ଗଦ୍ୱାର : ଏକ ଆକଳନ | କୌତୁକ ବାଗ | ୬୦୬ |
| ଅନନ୍ତ ତୃଷ୍ଣାର କୁହୁକ ଭାବାଲୋକ ତରୁଣକାନ୍ତି ମିଶ୍ରଙ୍କ 'ଛାୟାଲୋକ' | ଡ. ପ୍ରିୟଦର୍ଶିନୀ ସ୍ୱାଇଁ | ୬୧୪ |
| ଭାଇ | ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା | ୬୧୬ |
| ଦାଶ ବେନହୁରଙ୍କ ଗଳ୍ପରେ ପରିବର୍ତ୍ତିତ ମୂଲ୍ୟବୋଧ | ଡ. ସଦାଶିବ ମହାପାତ୍ର | ୬୧୮ |
| ପ୍ରଭୁ | ଚନ୍ଦ୍ରମଣି ଭୁଏ | ୬୨୨ |
| ବ୍ୟାସ ବିହାରରେ ସଂଧ୍ୟା | ପିଙ୍କୁନ୍ ମାଝୀ | ୬୨୯ |

ISSN NO.
2582-208X


| | | |
|---|---|---|
| ମନୋଜ ଦାସଙ୍କ ଉପନ୍ୟାସରେ ଲୋକଦେବତା ପ୍ରସଙ୍ଗ | ଡ. ଅର୍ଚ୍ଚନା ନାୟକ | ୬୨୬ |
| ଜିତୁ ମୁଣ୍ଡାଙ୍କର କଥା | ଆଲୋକ କୁମାର ସାହୁ | ୬୩୬ |
| ଅସମାପ୍ତ ଅନ୍ତ୍ୟେଷ୍ଟି | ସମୀର ତ୍ରିପାଠୀ | ୬୪୦ |
| ମୋ ଭାଇ | ଦିବ୍ୟା ପଟେଲ | ୬୪୪ |
| ଯୌତୁକ ଯାତନା | ଅବିନାଶ ସାହୁ | ୬୪୬ |
| ଚିଠିଟିଏ ଜରା ନିବାସରୁ | ରବୀନ୍ଦ୍ରନାଥ ପଣ୍ଡା | ୬୫୨ |
| ଭଲପାଅ ଏବଂ ନିଜକୁ ଜାଳିଦିଅ | ଲୋଚନ କୁମାର ବାଡ଼ତ୍ୟା | ୬୫୩ |
| ଶିକ୍ଷା ଶିକ୍ଷକ ଓ ଶିକ୍ଷାବିତ | ସୁନୀଲ କୁମାର ଆଗସ୍ତି | ୬୫୮ |
| ମୃତ୍ୟୁ ପରେ ମାନବ ଶରୀର | ବାଲ୍ମୀକି ନାୟକ | ୬୬୧ |
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୬୬୫ |


## ଆଞ୍ଚଳିକ


| | | |
|---|---|---|
| ପାଏନ୍ ଡଁଡ | ଗଜାନନ ମିଶ୍ର | ୬୬୯ |


## ଶିଶୁ ବିଭାଗ


| | | |
|---|---|---|
| ଶାଗ ମଧ୍ୟ ସାଲାଡ଼ ମଧ୍ୟ | ଡ଼ଃ ରଞ୍ଜିତ କୁମାର ସାହୁ | ୬୭୨ |
| ଛୋଟ ଚଢେଇ ଓ ସବୁଜ ଗାଁ | ଡକ୍ଟର ପ୍ରଦୀପ କୁମାର ପଣ୍ଡା | ୬୭୬ |
| ଅଜାଆଇ ଗଲେ ଯାତରା ଦେଖି | ପଞ୍ଚାନନ ମେହେର | ୬୭୯ |
| ନାଆଁଟି ମୋର ଆଳୁ | ରାମ ଚନ୍ଦ୍ର ପ୍ରଧାନ | ୬୮୧ |
| ଚିତ୍ର କଥା କୁହେ | ବେଦାନ୍ତୀ ପରିବାର | ୬୮୩ |
| ବେଦାନ୍ତୀ – "ମଇ" ସମୀକ୍ଷା | ଦେବଯାନୀ ସ୍ୱାଇଁ | ୬୮୫ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୬୮୯ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୪୯– ତରଙ୍ଗ ପାଇଁ ଗାଣିତିକ ସୂତ୍ର

ଶୋଭନା ଚାଲିଗଲା ପରେ ଅସୀମଙ୍କୁ ଅଧିକ ସମୟ ନିଶ୍ଚିତ ମିଳିଲା, କିନ୍ତୁ ବହୁତ ଏକା ଏକା ଲାଗିଲା । ପଦେ କଥା ହେବା ପାଇଁ ପାଖରେ କେହି ଜଣେ ନାହିଁ । ସେ ଭାବିଲେ ତାଙ୍କର ସବୁ ଅନୁଭବ ସୀମିତ ହୋଇଯାଉ । ତା'ପରେ ଭାବିଲେ ନିଜ ସମୟକୁ ଅତି ପାଖକୁ ନେଇଯିବେ ଆଉ ଅନୁଭବ କରିବେ ଜୀବନର କମ୍ପନମାନ କେମିତି ବୋହିଯାଉଅଛି। ସତରେ କ'ଣ ସବୁ ସାବଲୀଳ ଥିବ? ସତରେ କ'ଣ ପକ୍ଷୀ କୂଜନ କରିଚାଲୁଥିବେ? ଝରଣାରେ ସେଇମିତି ପୁରୁଣା ପ୍ରବାହ ସତେ କ'ଣ ଥିବ? ସମୁଦ୍ରର ଲହଡିରେ ସତେ କ'ଣ ପରିବର୍ତ୍ତନ ଘଟିନି? ସେ ଭାବିଲେ ପ୍ରଥମେ ସେ ଲହଡିର ନାମକରଣ କରିବେ ।

କୂଳରେ ଠିଆହେଲେ, ଶେଷରେ ପାଦ ପାଖକୁ ପହଞ୍ଚିଲା ବେଳକୁ ଲହଡିକୁ ମୋଟେ ଗଣିହେଉନି । ତେଣୁ ଲହଡି ତିଆରି ହେବା ଆଗରୁ ଲହଡିର ନାମ ଦେଇଦେଲେ କେମିତି ହେବ? ସମୟ ହେବା ଆଗରୁ ତାଙ୍କ ଗାଣିତିକ ସଂଖ୍ୟାମାନ ଆରମ୍ଭ ହେବ । କିଛି ବିଯୋଗ, କିଛି ଯୋଗ, କିଛି ନୂଆ ସଂଖ୍ୟା ଆସିବ, ସେଇଟା କି ହେବ ତାଙ୍କର ଗାଣିତିକ ସୂତ୍ର? କିଛି ବିଯୋଗରେ ବହୁ କିଛି ଅଦୃଶ୍ୟ ହୋଇଯିବ ଆଉ ଯାହା ଦୃଶ୍ୟ ହେବ ସେଇଟା ଏକ ସଂଖ୍ୟା ହୋଇଥିବ । ଯୋଗରେ ଏକ ପରେ ଏକ ଯୋଗ ହୋଇଚାଲିବ । କମ୍ପ୍ୟୁଟର କୋଡିଙ୍ଗ ତା ୧ ବା ୦ ନେଇ ତିଆରି ହୋଇଛି ଆଉ ସବୁକିଛି ଅସମ୍ଭବ କାମ ହୋଇପାରୁଛି। ନହେଲେ ୧ ବା ୦ କେମିତି ଚିତ୍ର ତିଆରି କରନ୍ତା, ବା ଅକ୍ଷର ଲେଖି

ISSN NO.
2582-208X

ହୋଇଯାଆନ୍ତା ? କିନ୍ତୁ କେମିତି ସେ ଲହଡିକୁ ସାଙ୍କେତିକ ବା ଗାଣିତିକ ଚିହ୍ନ ଦେବେ ? କିଛି ତାଙ୍କ ମୁଣ୍ଡରେ ପଶୁନଥିଲା ।

"କେଉଁଠି ହେଲେ ବି ରହସ୍ୟ ଉଦଘାଟନର ସଙ୍କେତ ନିଶ୍ଚିତ ମିଳିବ । ଲହଡିକୁ ପ୍ରଥମ ଆଲୁଅରେ ଦେଖିନେବା ଦରକାର ।"–ତାଙ୍କ ଭିତରେ ବିଜୁଳିର ଝଲକ ଯେମିତି ଆସିଲା । ସେ ସମୁଦ୍ରକୂଳ ବୁଲି ଲହଡିକୁ ପ୍ରଥମ ଆଲୋକ ଆସିବା ଆଗରୁ ଖୋଜିବେ । ସମୁଦ୍ରରେ ତ ବଡ ଲହଡି ଆସେ । ସକାଳେ କିନ୍ତୁ କହଡି ଛୋଟ ଥାଏ । କେଉଁ ଏକ ମୁହୂର୍ତ୍ତରେ ବୋଧେ ସମୁଦ୍ର ଏକଦମ ଲହଡିହୀନ ହୋଇଯାଉଥିବ ।

ଏବେ ସକାଳ ଅସୀମଙ୍କ ପାଇଁ ବହୁ ଜଲଦି ହୋଇଯାଉଥିଲା । ନିଜକୁ ଆବିଷ୍କାର କରିନେବା, ଦିନକୁ ପୁଣି ଆଉ କାହା ଆଗରୁ ଖୋଜିନେବାକୁ ସେ ତତ୍ପର ହୋଇଉଠିଲେ । ବାହାରେ ଆଲୁଅ ଆସି ସାରିଲାପରେ ଘର ଭିତରେ ଆଉ ଅନ୍ଧାରୁଆ କଣରେ ନିଦ ଯିବା ପାଇଁ ସେ ଏମିତି ବି ଚାହାନ୍ତି ନାହିଁ । ନିଜକୁ ଆଉ ଥରେ ନୂଆ ଭାବେ ଖୋଜିବା ପାଇଁ ସମୁଦ୍ରକୂଳକୁ ଆସିଯାଆନ୍ତି । ସେତେବେଳକୁ ପକ୍ଷୀମାନେ ଆସିଯାଇଥାନ୍ତି । ସେମାନଙ୍କ ସ୍ୱର ଶୁଣନ୍ତି । ତାଙ୍କୁ କିଛି ହରାଇ ବସିଲାଭଳି ଲାଗେ, ତା'ପରେ ଭାସି ଆସେ କିଛି ମଧୁର କାକଳୀ, ଲାଗେ କିଛି ତାଙ୍କୁ ମିଳିଯାଇଅଛି । କଲୋନୀ ତ ସମୁଦ୍ରକୂଳରୁ କେଇ ହାତ ଦୂର ଆଉ ତାଙ୍କୁ ବେଶି ଚାଲିବାକୁ ପଡେନା । ସମୁଦ୍ରକୂଳରେ ତାଙ୍କୁ ଦୁନିଆ ଖୋଲିଗଲା ପରି ଲାଗେ ଆଉ ଦୂରକୁ ସହଜରେ ଅନାଇ ହୁଏ । ଦୂର କେଉଁ କୋଣରେ ତଳ ଆଡକୁ ଦିଗବଳୟ ଅତି ସାମାନ୍ୟ ଫିକା ଲାଲ ସୁନେଲି ହୋଇଆସେ ଆଉ ତାଙ୍କ ଗୋଡ ପାଖରେ ଭାଙ୍ଗି ପଡୁଥିବା ଲହଡିମାନ ଟିକେ ଟିକେ କାଳିଚିଆ ସୁନେଲି ହୋଇ ହୋଇଯାଏ । ସକାଳେ ସମୁଦ୍ରରେ ଅତି ଛୋଟ ଛୋଟ ଲହଡି ଥାଏ । ସେ ନିଜକୁ ସମ୍ଭାଳି ନିଅନ୍ତି । ଆକାଶରେ ପକ୍ଷୀମାନେ ଉଡିଯାଉଥାନ୍ତି । ତାଙ୍କ ମୁଣ୍ଡରେ ଲହଡି ଗଣିବା ପାଇଁ କିଛି ସାଙ୍କେତିକ ଚିହ୍ନ ଥୋପି ହୋଇପାରେନା ।

ଲହଡି ସହ ସମୁଦ୍ରର ସୁ ସୁ ଡାକ ଆସେ କିନ୍ତୁ ପୁରା ଚୁପ ହୁଏନା । ଅସୀମ ଭାବନ୍ତି ତାହା ପ୍ରାଣର ସ୍ରୋତ, କେବେ ବନ୍ଦ ହେବନି । କାନ ପାଖରେ ସକାଳ ସମୁଦ୍ରର ଗର୍ଜ୍ଜନ ପ୍ରତିଧ୍ୱନୀ କିନ୍ତୁ କରେନା । ବେଳେବେଳେ ତାଙ୍କୁ କୋଇଲିର କୁ କୁ ଡାକ ମଧ୍ୟ ଶୁଣାଯାଏ । ଏତେ ଦୂରରେ କ୍ୟାମ୍ପବେଲରେ ମଧ୍ୟ କୋଇଲି ଅଛି । ଅସୀମ ଭାବିନିଅନ୍ତି କୋଇଲିର ଡାକ ଯେହେତୁ ଅଛି, ମଣିଷର ଆବେଗରେ ଉଚ୍ଛ୍ୱାସ ମଧ୍ୟ ଅଛି । ସମୁଦ୍ର ସେଇ ଆବେଗକୁ

ISSN NO.
2582-208X

ନିଜ ଭିତରେ ନେଇ କୂଳରେ ସାମାନ୍ୟ ଫେଣ କରି ଢେଉକୁ ଭାଙ୍ଗି ଦେଉଛି । ନିଜ ହିସାବରେ ଖୋଜିନିଅ ପାଣିର ଧାରରୁ । କୂଳରୁ କିଛି ଦୂରକୁ ଢେଉ ହଟିଯାଏ ଆଉ ପୁଣି ମାଡିଆସେ । ଜୀବନରେ ଆବେଗ ତାହେଲେ ଆସେ, ଫେରିଯାଏ, ପୁଣି ଆସୁଥାଏ ଆଉ ଫେରିଯାଉଥାଏ । ଜୀବନ ପ୍ରବାହରେ ଲହଡି ଆସିବ, ଭାଙ୍ଗିଯିବ । ଆକାଶ ଧିରେ ସଫା ହୋଇଆସେ । ତଳ ଆକାଶରେ ବାଦଲମାନ ରଙ୍ଗ ନେଇ ଭାସୁଥାନ୍ତି ଆଉ ଗଛ, କୂଳର ଧାର ସାମାନ୍ୟ କାଳିଚିଆ ରହେ । ପକ୍ଷୀମାନେ ନଅଟଳି ଡାକି ଚାଲନ୍ତି, ସେମାନେ ସୂର୍ଯ୍ୟ ଉଦୟର ସ୍ତୁତିଗାନ କରୁଥାନ୍ତି । ପକ୍ଷୀର କାକାଳୀ ଆଗରେ ଆଉ କିଛି ଡାକ ମଧୁର ଲାଗେନା ।

ଅସୀମ ସେଦିନ ନିଜ ଭିତରର ସବୁ କୋଣରେ ସମୁଦ୍ରର ଡାକ ଆଉ ପକ୍ଷୀମାନଙ୍କ କାକଳୀକୁ ବୋହି ଯିବାକୁ ଦେଲେ । ତାଙ୍କୁ ହାଲୁକା ଲାଗୁଥିଲା । ସେପଟେ ଧିରେ ସକାଳ ଫୁଲ ଭଳି ଖୋଲିଯାଉଥିଲା । ସମୁଦ୍ରର ପାଣି ନିଜର ନୂଆ ରଙ୍ଗ ପାଉଥିଲା, ଯାହା ସାମାନ୍ୟ କାଳିଚିଆ ଲାଗୁଥିଲା ତାହା ଏବେ ଗାଢ କମଳା ରଙ୍ଗରେ ରଙ୍ଗେଇ ହୋଇଯାଉଥିଲା । ଅସୀମ ସୂର୍ଯ୍ୟର ଜ୍ୱଳନ୍ତ ଅଗ୍ନିପିଣ୍ଡକୁ ଦେଖି ନିଜ ଭିତରେ ନବ ସୂର୍ଯ୍ୟର ଉଦୟକୁ ଅନୁଭବ କରୁଥିଲେ । ଏକ ଅତି ଉଜ୍ୱଳ ପିଣ୍ଡ, ଠିକ ପାଣି ଭିତରୁ ଉଠି ଆସୁଛି । ଗୋଲ ପିଣ୍ଡର ଚାରି ଧାରରୁ ତୀବ୍ର ଆଲୋକ ଛୁଟି ଆସୁଛି, ସବୁ ଆଡେ ଆଲୋକର ପ୍ରକାଶ, ଆଉ ତିମିର ତିରୋହିତ ହୋଇଯାଉଛି । ଆକାଶର ଉପରେ କିଛି ବାଦାଲ ଭାସୁଛି। ସେମାନେ ମଧ୍ୟ ସକାଳର କମଳା ଆଲୋକକୁ କିଛି କିଛି ଅଂଶରେ ଧରିନେଇଛନ୍ତି। ଅସୀମ ଭାବୁଥିଲେ ସୂର୍ଯ୍ୟ ହେଉଛି ଜ୍ଞାନ, ସୂର୍ଯ୍ୟ ହେଉଛି ବୁଦ୍ଧି, ହେଉଛି ଧୈର୍ଯ୍ୟ ଓ ଶୀଳତାର ଚରମ ପ୍ରକାଶ । କିଛି ସୂତ୍ର ମିଳିବ । କିଛି ଗ୍ରହଣ କରିବାକୁ ହେଲେ ନିଜକୁ ନରମ କରିଦେବାକୁ ପଡେ । ଏଇଟା ତ ନିୟମ ।

"ଆଲୋକକୁ ନିଜର ଭିତରେ ବୋହି ଯିବାକୁ ଦେବା ଦରକାର ।"- ସେ ନିଜ ଭିତରେ କହିହେଲେ । ସକାଳକୁ ସେ ନୂଆ ନୂଆ ଭାବରେ ଦେଖିବାକୁ ଚାହିଁଲେ । ନିଜର ହୃଦୟକୁ ସେ ଖୋଲିଦେବେ । ଶୀତଳ ପବନ ଛୁଇଁ ବୋହିଯାଉ । ନିଜ ଭିତରେ କ୍ଳାନ୍ତି ଆଣିବେନି । ନିଜର ହୃଦୟକୁ ସମୁଦ୍ର ଭଳି ବିଶାଳ କରିଦେବେ । ସେଥିରେ ଥିବ ଅସରନ୍ତି ଜଳ, ସବୁ ଜଳ ବିନ୍ଦୁରେ ଥିବ ମୁହୁର୍ତ୍ତମାନଙ୍କର ଛୁଆଁ । ସବୁ ସମୁଦ୍ରକୁ, ସବୁ ସକାଳକୁ ଦେଖିବେ

ISSN NO.
2582-208X

ସେ। ହୃଦୟ ସମୁଦ୍ର ଭଳି ବିଶାଳ ହୋଇଗଲେ ତାଙ୍କର ପହଞ୍ଚିବାର ଦୀର୍ଘତା ଏକଦମ ବଢ଼ିଯିବ ଆଉ ତା' ପରେ ହୁଏତ ସବୁ ସହଜ ହୋଇଯିବ ।

ସେ ସମୁଦ୍ର ଆଡକୁ ଅନାଇ ଦେଖିଲେ ବାଲି ଉପରେ ଗଛଟିଏ ଓଲଟି ପଡି ଶୁଖିଯାଇଛି ଆଉ ସେହି ଶୁଖିଲା ଗଛର ଉପରେ ବଗଟିଏ ସକାଳକୁ ଅନାଇ ରହିଛି । ନିଜ ଖାଇବା ପାଇଁ ଆଉ କିଛି ବେଳ ପରେ ତଳକୁ ଓହ୍ଲାଇ ଆସି କୂଳରେ ଚାଲିବାକୁ ଲାଗିବ । ସେତେବେଳେ ତା'ର ଆଉ ଏକ ଯାତ୍ରା ହେବ । ଦୁନିଆ ଏକ ବିଚିତ୍ର ଦୁନିଆ ହେବ । ସେ ନିଜ ଭାବୁଥିବା ଉଚ୍ଚତାରୁ ଉପରକୁ ଉଡିଯିବ । ଢିଲା ଥିବା ଡେଣା ଖୋଲିଯିବ । ଏବେ କିନ୍ତୁ ସକାଳୁ ଜୀବନ ଶାନ୍ତ ରହିବ, ନିରୁଦବିଗ୍ନ ରହିବ । ଉଡିଗଲା ପରେ କ'ଣ ଲହଡି ଆରମ୍ଭ ପର୍ଯ୍ୟନ୍ତ ପହଞ୍ଚିହେବ ?

ଏମିତି ସକାଳମାନ ହୋଇଗଲା। କେତେ କେତେ ନୂଆ କିରଣମାନ ଦୁନିଆର ପ୍ରତିଟି ଅଂଶକୁ ନିଜ ହିସାବରେ ଉଦ୍ଭାସିତ କରିଚାଲିଲା । ତା'ପରେ ସେ ଦିନମାନଙ୍କୁ ଖୋଜିବାକୁ ଚେଷ୍ଟାକଲେ ଆଉ ଏବେ ସକାଳମାନଙ୍କଠାରୁ ଦୂରକୁ ଚାଲିଯିବା ପାଇଁ ଭାବିଲେ । ମଝିରେ ମଝିରେ ସକାଳର ସେହି ବଗଟିର କଥା ଭାବିନ୍ତି । ଏବେ ତା'ର ଡେଣା ଖୋଲିଯାଇଥିବ ଆଉ ସେ କିଛି ଦୂର ଉଡିଯାଉଥିବ । ଏମିତି ଭାବନା ଆସିଲେ ସେ ବୋଟରେ ବସିଯାଆନ୍ତି ଆଉ ଦୂରକୁ ଚାଲିଯାଆନ୍ତି । ପୁରୁଣା ଉପକୂଳ ଦୂରରେ ରହିଯାଏ ଆଉ ନୂଆ ଉପକୂଳରେ ଦିନ ବେଶି ଆସିଯାଏ । ଅସୀମ ଅନେକ ଦୂରକୁ ବୋଟରେ ଯାଇ ଏକ ଶୁନଶାନ ବିଚରେ ପହଞ୍ଚିଗଲେ । ବିଚର ନାଁ ଅଛି କି ନାହିଁ ଭାବିଲେନି । ନାଁ କଥା ମଧ୍ୟ ବୋଟ ଚାଳକ ବା ସାଙ୍ଗରେ ଥିବା ଷ୍ଟାଫଙ୍କୁ ପଚାରିଲେନି । ସେ ନିଜ ହିସାବରେ କିଛି ସୂତ୍ର ଆରମ୍ଭ କରିବେ । କିଛି ଶୂନ୍ୟ ବା ଅଜଣାରୁ ଆରମ୍ଭ ହେଉ । ସବୁ ଜାଗାର ନାଁ ନଥାଉ । ବେଶି ନାଁ ହେଲେ ପଛରେ ଖୋଜିବା କଷ୍ଟ ହେବ । ସେ ତ ବହୁତ କିଛି ନିଜ ହିସାବରେ ଆବିଷ୍କାର କରିବେ।

"ଜାଗାଟା ଅଜଣା ରହୁ ।"– ତାଙ୍କ ଭିତରେ କିଏ କହୁଥିଲା ।

"ଅଜଣା ବିଚ ।"– ଅସୀମ ସେ ବିଚର ନାମକରଣ ମନକୁ ମନ କଲେ । ଏମିତିଆ ନାମକରଣ କରିପାରୁଛନ୍ତି ବୋଲି ତାଙ୍କୁ ଖୁସି ଲାଗିଲା । ମୁହୂର୍ତ୍ତକେ ନାମଟା ମନେ ରହିଯାଉଛି । ଅନ୍ୟଥା ନାମସବୁ ମନେ ରଖିବା କି କଷ୍ଟ ଯେ । ତାଙ୍କର ଏତେ ମନେ ରୁହେନା ।

ISSN NO.
2582-208X

ସେ ଏକା ଚାଲିଲେ । ଅନ୍ୟମାନେ ପଛରେ ତାଙ୍କ ଇଙ୍ଗିତରେ ଅଟକି ଯାଇଥିଲେ । ତା'ପରେ ଏକ ଧଳା ବିଚ ଥିଲା । ପ୍ରାୟ ଦୁଇଶହ ମିଟର ବା ପାଞ୍ଚଶହ ମିଟର ପରେ । ସେଇଠି ଭୂମି ଟିକିଏ ବୁଲି ଯାଇଥିଲା ।

"ଅଜଣା ଧଳା ବିଚ ।"- ସେ ପୁଣି ଏକ ନୂଆ ନାମକରଣ କଲେ । ତା'ପରେ ନିଜକୁ ନିଜେ ହସି ଉଠିଲେ ।

"ଆଉ ଆଗକୁ ଖୋଜିବାକୁ ମୋତେ ଅସୁବିଧା ହେବନି ।"- ସେ ନିଜ ଯୁକ୍ତିରେ ପୁଣି ହସି ଉଠିଲେ ।

ବିଚର ନାମ ଅଜଣା ବିଚ । ତାହେଲେ ସେ ଯେଉଁଠି ବି ପହଞ୍ଚିବେ ତା' ନାମ ସେ ସହଜରେ ଜାଣିଯିବେ । ନାମ ନିଶ୍ଚିତ ଅଜଣା ବିଚ ହେବ । ତେଣୁ ଗୋଟିଏ ପୂର୍ବପଦରେ ଶବ୍ଦରେ ସବୁ ବିଚର ନାମକରଣର ଆରମ୍ଭ ହୋଇଗଲା । ନିଜ ଭିତରେ ସେ ଏକ ସାନ୍ତ୍ୱନା ଅନୁଭବ କଲେ । କାହାକୁ ପଚାରିବାର ଆବଶ୍ୟକତା ନାହିଁ । ଆଉ ନିଜକୁ ଖୋଜିବାର ଆବଶ୍ୟକ ନାହିଁ । ଏମିତି ଏକ ଅଜଣା ଉପକୂଳରେ ସେ ଜଣେ ଅଜଣା ମଣିଷ ଆଉ ତାଙ୍କ ପଛରେ କିଛିଟା ପାଦଚିହ୍ନ ଧାଡି କରି ଲମ୍ବିଯାଉଛି । ସେଇ ଚିହ୍ନ କେତେଟା ତାଙ୍କର ସାଥି । ସେମାନେ ତାଙ୍କୁ କେବେ ଛାଡିବେନି । ନିଜ ପାଇଁ ଏକ ଅତି ବିଶ୍ୱସ୍ତ ସାଥି ଖୋଜିଦେଇଥିବାରୁ ନିଜର ବୁଦ୍ଧିକୁ ଧନ୍ୟବାଦ ଦେଲେ । କେତେ ନୂଆକଥା ମସ୍ତିଷ୍କ ସହଜରେ ଆବିଷ୍କାର କରିନିଏ । ସବୁଗୁଡା ପାଖରେ ଅଛି, ମନଦେଇ ଖୋଜିଲେ ସବୁ ସ୍ପଷ୍ଟ ଦେଖାଯାଏ ।

ସେ ନିଜର ପାଦଛାପକୁ ପୁଣି ଅନାଇଲେ । ବାଲିରେ ପାଦଛାପ ଗଣି ହୋଇଯାଉଛି । ଏକ, ଦୁଇ, ତିନି, ଚାରି କିନ୍ତୁ ପାଦ ଛାପ ଗଣି ହୋଇଯାଉଛି । ଯେ କେହିବି ଏହାକୁ ଗଣି ଦେଇପାରେ । ଆଚ୍ଛା, ଆଗର ଲହଡି । ଲହଡି ପରେ ଲହଡି ମାଡି ଆସୁଛି । ଲହଡିଗୁଡାକୁ ଚିହ୍ନି ହେଉନାହିଁ । ଚିହ୍ନିବା ପାଇଁ କିଛି ସମୟ ଦରକାର । ଦେଖିବା ଭିତରେ ଲହଡି ନିଜର ଆକାର ବଦଳାଇ ଭାଙ୍ଗି ପଡୁଛି । ଆଉ ଚିହ୍ନି ହେଉନି । ମନରେ ସେଇ ପୁରୁଣା ପ୍ରଶ୍ନ । ଲହଡିକୁ କେମିତି ଚିହ୍ନିବେ ? ପ୍ରତିଟି ଲହଡି ପାଇଁ ଏକ ସାଙ୍କେତିକ ଚିହ୍ନ ଥିବ । ସେଇଟା କେମିତି ହେବ ?

ISSN NO.
2582-208X

ସେ ନିଶ୍ଚିତ ନୂଆ ଗାଣିତିକ ସୂତ୍ର ଆବିଷ୍କାର କରିବେ ଓ ସେହି ହିସାବରେ ବହୁ ରହସ୍ୟ ତାଙ୍କ ଆଗରେ ଖୋଲିଯିବ । ଏମିତି ଭାବି ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇଆସିଲା । ସେତେବେଳେ ସେ କ୍ୟାମ୍ପବେଲ ବେରେ ଜେଟିର ପୂର୍ବ ଆଡକୁ ଆଉ ଦିନେ ସକାଳୁ ସକାଳୁ ଆସିବା କଥା ମନେପକାଇଲେ । ଯାଗାଟା ଟିକେ ପଥୁରିଆ । ପାଖରେ ଦୁଇପଟେ ଛୋଟ କୁଦମାନ ଆଉ ଠିକ ମଝିରେ ସୂର୍ଯ୍ୟ ଉଇଁ ଆସୁଥିଲା । ସୂର୍ଯ୍ୟର ତଳ ଆଡୁ ଏକ ଛଟା ଅସୀମଙ୍କ ଆଡକୁ ଝରି ଆସୁଥିଲା । ସେତେବେଳେ ସେ ଦେଖୁଥିଲେ ଉପର ଆଡକୁ ସେହି ଛଟା କାହିଁ କାହିଁ ଆକାଶକୁ ଚାଲିଯାଇଛି ଆଉ ସବୁକୁ ଉଜ୍ଜ୍ୱଳ କରିଦେଉଛି । ସୂର୍ଯ୍ୟ ଏକ ବିଶାଳ କମଳା ତାରକା , ତାରା ଭଳି କୋଣ କୋଣ ଅଛି ଆଉ ସବୁ କୋଣର ଅତି ମୁନିଆ ଅଂଶରୁ ଆଲୋକ ଛିଟିକି ପଡୁଛି । ସୂର୍ଯ୍ୟର ପ୍ରତିଟି କିରଣ ତାଙ୍କୁ ଛୁଇଁଯାଉ ଏହା ସେ ଚାହୁଁଥିଲେ । ଆଗରେ ପାଣି ଭିତରେ ପଥରମାନ ସୂର୍ଯ୍ୟର କମଳା ରଙ୍ଗକୁ ଟିକେ ଟିକେ ଅଭିର ଭଳିଆ ଧାରଣ କରିନେଇଥିଲା । କଳା ରଙ୍ଗର ପଥର ବି ଅଭିର ଧାରଣ କରିନେଇପାରେ, ଏହା ତାଙ୍କୁ ଆଶ୍ଚର୍ଯ୍ୟ କରୁଥିଲା । ସକାଳର କିରଣରେ ପଥରର ଅଣୁ ପରମାଣୁମାନେ କି ନାଚୁଛନ୍ତି ? ସେ ସେହି ସ୍ପନ୍ଦନକୁ ଅନୁଭବ କରିବାକୁ ଚାହୁଁଥିଲେ । ତେଣୁ ଆକାଶରୁ ନିଶ୍ଚିତ କିଛି ସୂତ୍ର ମିଳିବ ।

ତାପରେ ସେ ଆକାଶକୁ ଚାହିଁଲେ । ଆକାଶରେ ପକ୍ଷୀମାନେ ଉଡନ୍ତି । ସେମାନେ ତ ଦିଗ ପାଇଥାନ୍ତି । ଏକ ପକ୍ଷୀକୁ ଲକ୍ଷ୍ୟ କରି ଚାଲିଲେ ଶେଷରେ ନିଶ୍ଚିତ ଭାବେ ଏକ ନୀଡର ସନ୍ଧାନ ମିଳିବ ଆଉ କେତେଥର ପକ୍ଷ ଡେଣା ଝଡା ହେଲା ତାହା ଗଣି ହୋଇଯିବ । ତେଣୁ ଏକ ଗାଣିତିକ ସୂତ୍ର ତିଆରି ହୋଇଯିବ । ପକ୍ଷୀ ମୋଟେ ଆକାଶରେ ହଜିଯାଏନି । ସ୍ଥଳକୁ ଖୋଜେ । ସେଇଠି ସେ ସଂସାର ଗଢେ । ତେଣୁ ପକ୍ଷୀ ମିଳିବେ ବୋଲି ଆଶାଥିଲା । ସେ ଉଡିଯାଇପାରିବେନି । କିନ୍ତୁ ପକ୍ଷୀମାନଙ୍କୁ ଲକ୍ଷ୍ୟ କରି ଏକ ଦିଗ ଖୋଜି ତ ପାରିବେ । ତା'ପରେ ଆରମ୍ଭ ହେବ ଗଣନା ।

ଆକାଶରେ ବହୁ ଉପରେ କିଛି ସି ଇଗଲ ଥିଲେ । ତଳେ ପାଣି ଭିତରର ପଥର ଉପରେ ଟର୍ନମାନେ ବସିଥିଲେ ଆଉ କୂଳରେ କିଛି ପ୍ଲୋଭର ଜାତୀୟ ପକ୍ଷୀ ଚାଲୁଥିଲେ । ଭୂମି ଆଡକୁ କିଛି ବଗ ଜାତୀୟ ପକ୍ଷୀ ଉଡି ଗଛ ଉହାଳରେ ଲୁଚି ଯାଉଥିଲେ । ସେ ପକ୍ଷୀମାନଙ୍କୁ କିଛି ସମୟ ଅନାଇଲେ । ଆକାଶ ବହୁତ ଦୂର ଲମ୍ବିଥିଲା । ଆକାଶରେ କିଛି

ISSN NO.
2582-208X

ଚିହ୍ନ ରହିଯାଆନ୍ତା କି ? ପକ୍ଷୀମାନଙ୍କୁ ଆଖି ବେଶି ସମୟ ଧରି ତ ପାରୁନି । ଡେଣା ଝଡା ତେବେ ଗଣିବା କଷ୍ଟ ।

"ବାଦଲମାନେ ଭାସି ତ ଯାଆନ୍ତି ।"– ତାଙ୍କ ଭିତରୁ କିଏ କହିଲା ।

କିନ୍ତୁ ବାଦଲର ଭସାରେ ଦିଗ କ'ଣ ଥାଏ କି? ପାଣି ଉପରେ ବାଦଲ ଭାସେ, ଭୂମି ଉପରେ ବାଦଲ ଭାସେ । ତେଣୁ କେଉଁ ବାଦଲ ଭୂମି ଉପରକୁ ଯିବ କେମିତି ଖୋଜିବେ ? ଆଉ ସେହି ଖୋଜିବାରୁ ଲହଡି ଗଣିବା ପାଇଁ ଗାଣିତିକ ସୂତ୍ର କେମିତି ମିଳିବ ।

ତାଙ୍କ ଦେଖିବାରେ ବାଦଲମାନ ତାଙ୍କ ଆଡୁ ପାଣି ଆଡକୁ ଭାସି ଯାଉଥିଲା । ପାଣିରେ ଶେଷରେ ଯେମିତି ଡୁବି ଯାଉଥିଲା । ସେଠି ଡୁବିଯିବା ଆଗରୁ କିଛି କିଛି ଅଦ୍ଭୁତ ଆକାର ତିଆରି ହେଉଥିଲା । କିନ୍ତୁ ପ୍ରକୃତରେ ଆକାଶରେ ବାଦଲ ଶେଷରେ ଲୁଚି ଯିବାର ଦିଶୁ ତ ନଥିଲା । ସେଇ ଦିଗବଳୟ ତାହାହେଲେ କେବଳ ଶେଷ ଆକାଶ । ପାଣି ମୋଟେ ନାହିଁ । ତେଣୁ ବାଦଲ ପାଣି ଭିତରେ ବୁଡୁନି । ସେ ଭାବିଲେ ଯଦି ଦିଗ ମିଳିବ, ତାହେଲେ ଏକ କୋଣ ମିଳିଲା । ଆକାଶକୁ ଯଦି ଭାଗ କରିଦିଆଯିବ, ତେବେ ଏକ ଗ୍ରୀଡ ମିଳିବ ।

"ଆକାଶରେ ଆଉ କିଛି ଭାସି ଯାଆନ୍ତା କି ? ଏକ ନୂଆ ଦିଗ ମିଳି ତ ଯାଆନ୍ତା ।"

ଦେଖୁଦେଖୁ ଏକ ଉଡାଜାହାଜ ତାଙ୍କ ବାମ ଦିଗ ଆକାଶରେ ଦେଖାଦେଲା । ଉଡାଜାହାଜ କେତେ ଉଚ୍ଚରେ ଉଡୁଥିଲା ଜଣାନାହିଁ । କିନ୍ତୁ ଉଡାଜାହାଜର ଦପଦପ ଆଲୋକ ଜଣାଯାଉଥିଲା, ଝରକାମାନ ବାରିହେଉଥିଲା, ରଙ୍ଗ ଜାଣିହେଉଥିଲା । ସେ ନିଜ ମନରେ ପ୍ରଶ୍ନ ଆଉ ଉତ୍ତରମାନ ତିଆରି କରି ଚାଲିଲେ । ସେଇଟା ଦରକାର ବୋଲି ସେ ଜାଣୁଥିଲେ। ଏମିତି କରିକରି ସେ ଏକ ସୂତ୍ରର ମୂଳରେ ପହଞ୍ଚିପାରିବେ ।

"ବାମପଟେ କେଉଁ ରାଜ୍ୟ ଥିବ ।"

"ଶ୍ରୀଲଙ୍କା, ତାମିଲନାଡୁ ବା ଚେନ୍ନାଇ ।"

"ଚେନ୍ନାଇରୁ ଉଡାଜାହାଜଟା କୁଆଡେ ଯାଉଥିବ ?"

"ଦିଗ ହିସାବରେ ଦେଖିଲେ ତ ଥାଇଲାଣ୍ଡ । ବ୍ୟାଙ୍କକ ।"

ISSN NO.
2582-208X

"ଓଃ । ଏକ ସୁନ୍ଦର ସହର ବ୍ୟାଙ୍କକ ।"

"କ୍ୟାମ୍ପବେଲ ବେ ତାହାହେଲେ ଚେନ୍ନାଇରୁ ବ୍ୟାଙ୍କକ ରାସ୍ତାରେ । ତାହାହେଲେ କ୍ୟାମ୍ପବେଲ ବେ ମୋଟେ ଦୂର ନୁହେଁ ।"

"ଉଡାଜାହାଜ ଏକ ଯାତ୍ରୀବୁହା ଯାନ । କେତେ ଜୀବନ୍ତ ଲୋକ ତା' ଭିତରେ ଥିବେ । ହସୁଥିବେ, କଥା କହୁଥିବେ, ଗୀତ ଗାଉଥିବେ । କି ଚମତ୍କାର ପୋଷାକ ପିନ୍ଧିଥିବେ । କେତେ ସୁନ୍ଦର ଏଆରକ୍ରାଫ୍ଟ ଥିବ ।"

"ବସିଗଲେ ଭଲହୁଅନ୍ତା ।"

"ବ୍ୟାଙ୍କକକୁ ଚାଲିଯାଇ ହୁଅନ୍ତା, ଚେନ୍ନଇକୁ ଫେରିଯାଇ ହୁଅନ୍ତା ।"

"ଚେନ୍ନାଇ ତ ମେନଲାଣ୍ଡ ଭାରତରେ । ତା'ପରେ ସେଠୁ ଯେଉଁଠାକୁ ଚାହଁ ଟ୍ରେନରେ ବା ଉଡାଜାହାଜରେ ଯାଇ ହୁଅନ୍ତା । ଏମିତି କି ବସରେ ମଧ୍ୟ ଚାଲିଯାଇ ହୁଅନ୍ତା ।"

"ଏକ ବଡ ଅଭିଜ୍ଞତା ହୁଅନ୍ତା । କ୍ୟାମ୍ପବେଲ ବେରୁ ଉଡାଜାହାରେ ଯାତ୍ରା, ତା'ପରେ ଟ୍ରେନ ଯାତ୍ରା, ବସ ଯାତ୍ରା । ପାଣି ଜାହାଜ ଯାତ୍ରା ମୋଟେ ନାହିଁ ।"

ଅସୀମ ଏମିତି ନିଜ ଭିତରେ ପ୍ରଶ୍ନ, ଆଶା ଆଉ ଦ୍ୱିଧାର ବହୁ ପ୍ରଶ୍ନୋତ୍ତର ଶୁଣୁଥିଲେ ।

"ନେଇ ଯାଆନ୍ତା ମୋତେ ଏ ଉଡାଜାହାଜ ?"

"କାହା ପାଖକୁ ?"

"ଶୋଭନା ପାଖକୁ ତ ।"

ଅସୀମ ନିଜ ଭିତରେ ପ୍ରଶ୍ନ ଆଉ ଉତ୍ତର ତିଆରି କରି ଥକିଗଲେ । ତାଙ୍କୁ ଲାଗିଲା ଶୋଭନା ବହୁତ ଅଛନ୍ତି । ଜଣେ ଜଣଙ୍କ ଦେହରେ ଲାଗି ବସିଛନ୍ତି । ସମୁଦ୍ରରେ ଢେଉ ଭାଙ୍ଗି ପଡୁଛି । ଏମିତି ଅସୀମ ବହୁ ସମୟ ସେମିତି ଏକାକୀ ବସି ଆକାଶରେ ଉଡିଯାଉଥିବା ଉଡାଜାହାଜକୁ ଅନାଇ ରହିଲେ । ଉଡାଜାହାଜ ଆଗକୁ ଚାଲିଯାଉଥିଲା । ଆଗଟା ଏକଦମ ସଫା, ପଛରେ ଏକ ଧଳା ରେଖା ତିଆରି ହେଉଥିଲା ଆଉ ସେ ରେଖା ମୋଟା ଆଉ ଲମ୍ବା ହୋଇଯାଉଥିଲା । ଉଡାଜାହାଜର ରାସ୍ତା ଆକାଶରେ ତିଆରି

ISSN NO.
2582-208X

ହୋଇଗଲା। ଉଡାଜାହାଜ ଚେନ୍ନାଇରୁ ବ୍ୟାଙ୍କକର ସିଧା ରାସ୍ତା ଆକାଶରେ ଆଙ୍କି ଦେଇଥିଲା।

ରାସ୍ତାରେ ଚାଲିଯାଇ ହେବ । ଚିହ୍ନ ରହିଯାଇଛି । ଯଦି ଚିହ୍ନ ରହୁଛି, ତା' ଅର୍ଥ ତା'କୁ ଜାଣିଥିବା ଗାଣିତିକ ଫର୍ମୁଲା ହିସାବରେ ବର୍ଣ୍ଣନା କରିଦେଇହେବ । ଯଦି କେମିତି ଆକାଶର ଉଡାଜାହାଜର ଚିହ୍ନକୁ ସମୁଦ୍ର ଭିତରକୁ ନେଇ ଆସିହେବ ତାହାହେଲେ ସମୁଦ୍ରକୁ ଗ୍ରୀଡରେ ବାଣ୍ଟିଦେଇହେବ । ସମୁଦ୍ର ଉପରେ ଏକ ରାସ୍ତା ତିଆରି ହୋଇଯିବ । ପ୍ରତିଟି ଚିହ୍ନ ଏକ ଏକ ନୌକା ହୋଇଥିବ । ଅସୀମ ସେ ନଉକାରେ ବିସି କିଛି କିଛି ଦୂର ଯାଇ ନିଜ ନୌକାକୁ ବଦଳାଉଥିବେ । କିନ୍ତୁ ନଉକା ପରେ ନୌକା ତାଙ୍କୁ ଏ ପାଣି ଭିତରକୁ ବୋହିନେଉଥିବ । ତାହାହେଲେ ଅସୀମ ଲହଡି ହେବା ଆଗରୁ ଲହଡିର ସ୍ରୋତ ପାଖରେ ପହଞ୍ଚିଯିବେ । ବାଦଲ ଯେଉଁଠି ଶେଷ ଆକାର ଦେଖାଏ, ସେଠାରେ ଲହଡି ଦିଶେନି । ବାଦଲ ଲହଡି ତିଆରି କରେ ସେଠାରେ । ତେଣୁ ତାଙ୍କ ଗଣା ହିସାବରେ ଲହଡିମାନ ପାଣିରେ ସେଇଠି ତିଆରି ହେବ । ଲହଡି ପହଞ୍ଚିବ କୂଳରେ ଓ ଠିଆହୋଇଥିଲା ବେଳେ ତାଙ୍କ ପର୍ଯ୍ୟନ୍ତ ପାଣିରୁ ମାଡିଆସିବାର କଥା । ତେଣୁ ସେ ଆଗୁଆ ଲହଡିମାନଙ୍କୁ ବୋଧହୁଏ ସେଇଠୁ ଗଣିପାରିବେ ।

ଅସୀମ ନିଜ ଭିତରେ ସମୁଦ୍ରର ସ୍ରୋତରେ ଏକ ନୌକାକୁ ଉଡାଜାହାଜ ଯାଇଥିବା ଦିଗକୁ ଭାସିଯାଉଥିବାର ଅନୁଭବ କରୁଥିଲେ ।

"ନେଇଯାଆନ୍ତା କି ମୋତେ ଏ ବ୍ୟୋମଯାନ ?"– ଅସୀମ ମନେମନେ କହିହେଉଥିଲେ ।

ଆଉ ତାଙ୍କର ଲହଡି ଗଣିବାର କଥା ମନେପଡିଲା ନାହିଁ । ଆକାଶ ଲମ୍ବା ହୋଇଯାଇଥିଲା। ସମୟ ଆଗରୁ ଆକାଶ ଆରମ୍ଭ ହୁଏ, ସମୁଦ୍ର ଆରମ୍ଭ ହୁଏ । ଏକ ଅତି କଠିନ ଗାଣିତିକ ହିସାବ ପାଇଁ ତାଙ୍କର ଆକାଶର ଉଡାଜାହାଜ ଏକ ସୂତ୍ର ଥିଲା । ପୁଣି ଆଉ କେଉଁ ସକାଳେ ଅସୀମ ଲହଡି ଗଣିବାର ଆଉ ଏକ ସୂତ୍ର ଖୋଜିବେ ।

ଅସୀମ ପରଦିନ ସକାଳେ ଆକାଶକୁ ଅନାଇଲେ । ଘନନୀଳ ଆକାଶ ଥିଲା । ପାଖ ସମୁଦ୍ରକୂଳରେ ଏକ ଲମ୍ବା ଝାଉଁଗଛ ଥିଲା ଆଉ ଗଛର ସବା ଉପର ଅଗରେ ଏକ ଧଳା ବାଦାମୀ ପାରାଟିଏ ବସିଥିଲା । ପାରା ଏତେ ଉପରେ ବସେନି । ସକାଳର କିରଣରେ ପକ୍ଷୀଟି ଝଲସୁଥିଲା ଆଉ ସରୁଆ ଡାଳରେ ପ୍ରାୟ ଝୁଲାରେ ବସିଲା ଭଳି ଝୁଲୁଥିଲା ।

ISSN NO.
2582-208X

ମଝିରେ ମଝିରେ ମୁଣ୍ଡ ବୁଲାଇ ଅସୀମଙ୍କ ଆଡକୁ ଅନାଉଥିଲା ପୁଣି ତା' ଆଖି କେଉଁ ଦୂରକୁ ଚାଲିଯାଉଥିଲା । ସେଇ ଉପରୁ ସେ ଘୁମୁରୁଥିଲା ।

ଏ ପାରା ଏକ ଉଡାଜାହାଜ କାହିଁକି ହୋଇଯାଉନି ? କ୍ୟାମ୍ପବେଲର ପକ୍ଷୀମାନେ ଉଡାଜାହାଜ ହୋଇଯାଆନ୍ତୁ । ସେମାନଙ୍କ ପେଟରେ ତଳେ ଠିଆହୋଇଥିବା ମଣିଷର ମନମାନ ରହୁ ଆଉ ସେମାନେ ଆକାଶରେ ଉଡିଯାଆନ୍ତୁ, ଶୂନ୍ୟରେ ପବନରେ ଡେଣା ମେଲାଇ ଭାସିଯାଆନ୍ତୁ । ସେଇଠୁ ସେମାନଙ୍କୁ ତଳୁ ନୂଆ ଲୋକମାନେ ଅନାଇ ଗଣି ଚାଲୁଥିବେ । ଆଉ ଉପରେ କିଛି ଗଛର ଉଢାଳ ନାହିଁ । ସେଇଠୁ ନୀଳ ଆକାଶ ଆରମ୍ଭ ହୋଇଯାଇଛି ।

"ଆକାଶ କେବଳ ତାରା ପାଇଁ ତିଆରି ହୋଇଛି ।"–ସେ ମନେମନେ କହିଲେ ।

(((-)))

କ୍ରମଶଃ.....

ସେକ୍ଟର–୩, ସଲ୍ଟଲେକ୍, କଲିକତା
ମୋ–୭୩୫୫୭୩୪୩୪୬

ISSN NO.
2582-208X

# ଭୁବନେଶ୍ୱରରେ ବରଷା ଓ ବତାଶ



ଡ. ଶଶଧର ମହାପାତ୍ର

ବାତ୍ୟା, ବତାଶ ଓଡିଶା ରାଇଜେ
ଘର କରିଛନ୍ତି ଜାଣ
ଯେଉଁ ବରଷରେ ନଆସିଲା ଭାବ
ଇଶ୍ୱରଙ୍କ ବଡ ଦାନ
ଭୁବନେଶ୍ୱରରେ ମେଘ ବରଷିଲେ
ରାସ୍ତାରେ ପାଣି ଠିଆ
ସତେକି ଯେମିତି ବିନା ବାଧାରେ
ବୋହିନେବ କିଏ ନାଆ
ଲଗାଣ ବରଷା ବର୍ଷିଲେ ଦି'ଦିନ
ଘରେ ପଶିଯାଏ ପାଣି
ମାଇପେ, ମରଦ, ପିଲାଛୁଆଙ୍କର
ପଡିଯାଏ ଯେ ଭାଳେଣି
ରାଜ ମହଲର ରାସ୍ତାରେ ଗଡୁଛି
ପେଟେ ଯାଏ ବର୍ଷା ପାଣି
ସରକାରଙ୍କର ଡ୍ରେନେଜ୍ ବ୍ୟବସ୍ଥା
ଫାଇଲ୍‌ର ଲୁଚିଲାଣି
ରାଜଧାନୀଠାରେ କା' ଛୁଆ ମରେ
ବରଷାରେ ଭାସି ଯାଇ
ତା'ର ବାପା-ମା' ଲୁହ ଢାଳୁଥାନ୍ତି

ISSN NO.
2582-208X

ଶୁଣିବାକୁ କେହି ନାହିଁ ?
ଯେଉଁମାନେ ଦିନେ ଭିଟାମାଟି ଛାଡି
ରହିଲେ ସହରେ ଯାଇ
ଗର୍ବ କରୁଥିଲେ ଭୁବନେଶ୍ୱରିଆ
(ତାଙ୍କୁ) ଛୁଇଁବାକୁ କେହି ନାହିଁ
ସହରିଆ ଭାଇ ସହରକୁ ଯାଇ
ତୋଳିଥିଲେ ବଡ ଘର
ଭାବିଥିଲେ ସିଏ, ତାଙ୍କ ପିଲାଛୁଆ
ସ୍ୱପ୍ନ କରିବେ ସାକାର
ଇନ୍ଦ୍ର, ଚନ୍ଦ୍ର ଯିଏ ମାନୁ ନଥିଲେ
ଆଜି ଝୁରୁଛନ୍ତି ଗାଆଁ
ସିଲ୍‌ଭର ଥାଳିରେ ପାଣି ବୋହୁଛନ୍ତି
ଖୋଜୁଛନ୍ତି ବାପା-ମା'
କେଉଁଠି ଆଣ୍ଠୁଏ, କେଉଁଠ ଛାତିଏ
ମାଡି ଚାଲିଥାଏ ପାଣି
ଅଦିନ ବରଷା ଆଣଇ ଦୁର୍ଦ୍ଦଶା
ଜନ୍ତ୍ରଣା ଦିଏ ଆଣି
ଝଡ ବର୍ଷା ପରେ ନଥିଲେ ବିଜୁଳି
ମନେପଡେ ଗାଁ ବେଶି
ଉପାସ ଭୋକରେ ପିଲାଛୁଆ ଧରି
ସହରୁ ଯାଆନ୍ତି ଖସି
ଯେଉଁ ବାପା-ମା, ଭାଇ, ଭଉଣୀଙ୍କୁ
କରିଥିଲେ ସାତ ପର
ତାଙ୍କରି ଦୁଆରେ ମୁଣ୍ଡ ଗୁଞ୍ଜିବାକୁ
ହେଇଥାନ୍ତି ତତ୍‌ପର
ସମୟ ମାରଇ ଗାଲରେ ଚାପୁଡା,

ISSN NO.
2582-208X

ଶକ୍ତ ବିଧା ପିଠିଟିରେ
ଚେତାଇ ଦିଏ ସେ' ଭୁଲି ନଯିବାକୁ
ମାଆ ଥିଲେ ଯେତେ ଦୂରେ

(ନିକଟରେ ଭୁବନେଶ୍ୱରର ରାଜ ମହଲ ଛକରେ ପେଟ ଯାଏ ବର୍ଷା ପାଣିର ଭିଡିଓ "ଫେସ୍‌ବୁକ' ରେ ଦେଖିଲା ପରେ ଏ' ଲେଖାଟି । ଓଡିଶାର ରାଜଧାନୀର ପୁଣି ଏ' ଦୁର୍ଦ୍ଦଶା!)

(((-)))

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ରଜ



ଡ. ଜ୍ଞାନେଶ୍ୱର ମିଶ୍ର

"ରଜ" ବାରମାସେ ତେର ପର୍ବ
ପାଳୁଥିବା ଆମ ଜାତିର ପରବ
ଚାଷୀକୁଳ ମନରେ ଆନନ୍ଦର ଭାବ
"ମା" ବସୁଧା ରଜସ୍ୱଳା ହୁଏ
ତିନିଦିନ ଧରି ଏହା ପାଳିତ ହୁଏ
ଜମି ହଳହୋଇ ଅକ୍ଷିମୁଠା ବୁଣା ସରିଥାଏ
ଚାଷୀଭାଇ ବରଷାକୁ ଅନେଇ ରହିଥାଏ
ରଜ ଆଗଦିନ ହୁଏ ସଜବାଜ
ପିଠାପଣା ଦୋଳିଖେଳ ରଜର ମଉଜ
ସବୁ ଆଜି ପାଶୋରି ଗଲେଣି
ରଜର ଏ ପରମ୍ପରା ବଦଳିଗଲାଣି
ଚକୁଳି, ମଣ୍ଡା, ପୋଡ ପିଠା ଆଦି
ବର୍ଗର, ପିଜା, ମଟନ ଓ ଚିକେନ୍ ଅବତାର ଧାରଣ କଲେଣି
କୁକୁଡା, ଛେଳିଙ୍କର ମହାଦଶା ଭାଳେଣି ହେଲାଣି
ଗାଁ ମୁଣ୍ଡ ଛକରେ ବିଦେଶ ଫେରନ୍ତା ଦାବନ ମେଳରେ
ମଦ ଗିଲାସରେ ରଜ ପାଳନ କଲେଣି
ବାଗୁଡି ଓ ପଶା ଖେଳ ଭୁଲି ତାସ୍ ରେ ଯୁଆ ଖେଳିଲେଣି
ରଜ ଆସିଛି ଗାଁ ମୁଣ୍ଡ ପଡିଆରେ କିଶୋରମାନଙ୍କ କ୍ରିକେଟ ଖେଳରେ

ISSN NO.
2582-208X

ପାର୍କ ଝୁଲି ରଜ ଝୁଲି ହୁଏ ସହରରେ
ଟି.ଭି. ରଜ କୁଇନ୍ ହେବାର ଆଶାରେ
କିଶୋରୀମାନେ ସବୁ ଛାଡି ମାଡିଲେଣି ଗୀତ ଓ ନାଚରେ
ସବୁ ପରମ୍ପରା ଭୁଲି ଆମେ ପାଳୁଛୁଁ ଏ ବିବର୍ଣ୍ଣ ରଜ
ଆମ ସଂସ୍କୃତି ସୁରକ୍ଷା ପାଇଂ ଆଜିଠୁଁ ହେବା ସଜବାଜ ॥

(((-)))

ବେଙ୍ଗାଲୁରୁ
ଚଳିତଭାଷ : ୮୪୨୦୨୪୨୭୫୫

ISSN NO.
2582-208X

# ହସରେ ଅଛି ଜୀବନ



ଗୋଲକବିହାରୀ ବେହେରା

ନିଜ ଆତ୍ମା କଥା ସର୍ବଦା ଶୁଣିବ
ଦୁନିଆ ଭୟ ନ କରି,
ଦୁନିଆ ବହୁତ କିଛି କହି ଥାଏ
ଉନ୍ନତି ସହି ନ ପାରି ।

ସ୍ୱାର୍ଥ ଥିବା ଯାଏ ସମସ୍ତେ ନିଜର
ସରିଗଲେ ସବୁ ପର,
କାମ ସରିଗଲେ ବାଟ ଭାଙ୍ଗି ଯାନ୍ତି
ନୁହଁନ୍ତି କେହି କାହାର ।

ଯେତେ ଦିନ ଯାଏ ଅନ୍ୟ ଖୁସି ପାଇଁ
କାମ କରୁଥିବ ଭାଇ,
ସେତେ ଦିନ ଯାଏ ତମ ଯଶ ଗାନ
କରୁଥିବେ ଲୋକେ ତହିଁ ।

ISSN NO.
2582-208X

ନିଜ ଖୁସି ପାଇଁ ଯେବେ କିଛି କାମ
ତମେ କରିବାକୁ ଯିବ,
ତେବେ ତୁମ ନିନ୍ଦା ଅପଯଶ ସବୁ
ଏଇ ମଣିଷ ଗାଇବ ।

କନ୍ଦେଇବା ଲୋକ ସଂସାରେ ଅଧିକ
ଭଲ ଭାବେ ଏହା ଜାଣ,
ହସିବାକୁ ଭାଇ ଚେଷ୍ଟାକର ତୁମେ
ହସରେ ଅଛି ଜୀବନ ।

(((-)))

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

ISSN NO.
2582-208X

ବେଦାନ୍ତି

# ଜୀବନର ରଙ୍ଗ



ମଧୁମିତା ମିଶ୍ର

ଜୀବନଟା ପ୍ରକୃତରେ କଣ? ଏକ ରଙ୍ଗୀନ ସ୍ୱପ୍ନ ନା ଏକ ବେରଙ୍ଗ ସତ୍ୟ? ଏହାର ଉତ୍ତର ହୁଏତ ବ୍ୟକ୍ତି ବିଶେଷଙ୍କ ପାଇଁ ଭିନ୍ନ ହୋଇପାରେ। ହୁଏତ କିଏ କହିବେ ଯେ ଜୀବନ ଏକ ବହୁରଙ୍ଗୀ ଚଷମା ଯାହା ଅନେକ ରଙ୍ଗ ଦେଖେଇଥାଏ । ସେସବୁ ରଙ୍ଗ ହେଇପାରେ ସୁଖ ଶାନ୍ତିର କିମ୍ବା ବନ୍ଧୁତା ପ୍ରୀତିର। କିମ୍ବା ହେଇପାରେ ପ୍ରେମ ପ୍ରଣୟ ଅଥବା ଦାମ୍ପତ୍ୟ ସୁଖଶାନ୍ତିର। କେତେବେଳେ ମା କୋଳରେ ସୁଖ ନିଦ୍ରାରେ ଶୋଇ ସ୍ୱପ୍ନରେ ବିଭୋର ହେବାକୁ ମଣିଷ ଜୀବନ ବୋଲି ମନେ କରିଥାଏ ତ ସାଙ୍ଗ ମହଲରେ ନିଶାରେ ମତୁଆଲା ହୋଇ ସ୍ୱପ୍ନ ଦେଖିବାକୁ ହିଁ ଜୀବନ କୁହେ। ଆଉ କେତେବେଳେ ଧନ ଦୌଲତ ରୋଜଗାର କରି ଉପରକୁ ଉଠିବାର ସ୍ୱପ୍ନ ତ ପ୍ରେମୀ ଆଖିରେ ନିଜର ଚେହେରା ଦେଖି ହଜିଯିବାର ସ୍ୱପ୍ନକୁ ଜୀବନ ମନେ କରିଥାଏ। ହେଲେ ପ୍ରକୃତରେ ଜୀବନର ରଙ୍ଗ କଣ ଜାଣନ୍ତି? ପ୍ରକୃତରେ ଜୀବନର ପ୍ରକୃତ ରଙ୍ଗ ହେଉଛି ମାନସିକ ଶାନ୍ତି। ମଣିଷ ଯେତେ ବ୍ୟସ୍ତତା ଭିତରେ ଥାଉନା କାହିଁକି ଯଦି ସେ ନିଜ ମନ ଭିତରର ଶାନ୍ତି ଟିକକ ହାସଲ କରିବାରେ ସକ୍ଷମ ହୋଇ ପାରୁନି ତେବେ ତାର ପ୍ରତ୍ୟେକ ସଫଳତା ତା ପାଇଁ ଅବାଞ୍ଛିତ ହୋଇପଡେ। ରୋଗ ଶଯ୍ୟାରେ ପଡ଼ି ରହିଥିବା ମଣିଷକୁ ବାରମ୍ବାର କୁହାଯାଏ ଯେ ଯଦି ସେ ନିଜ ମନକୁ ବୁଝାଇବ ସୁସ୍ଥ ହେବାପାଇଁ। ସେଇଥିପାଇଁ ତ କୁହାଯାଏ ଯେ ମନର ମୂଳେ ଏ ଜଗତ। ମନ ଯଦି ବିଚଳିତ ହୋଇଥାଏ ତେବେ ଯେତେ ଯାହା ମିଳିଲେ ମଧ୍ୟ ଲାଗେ ଯେମିତି ଜୀବନର ସବୁ ରଙ୍ଗ କୁଆଡେ ହଜି ଯାଇଛି ଆଉ ମନ ପ୍ରଫୁଲ୍ଲ ଥିଲେ କୁଡିଆ ମଧ୍ୟ ରାଜ ଉଆସ ପରି ମନେହୁଏ। ମନ ମିଶିଗଲା ପରେ ଦାମ୍ପତ୍ୟ ସୁଖଶାନ୍ତି ସ୍ୱର୍ଗ ପରି ମନେହୁଏ ଆଉ ମନ ଭିତରେ ଥରେ ଫାଟ ପଡିଗଲେ ଘର ନର୍କ ପରି ହୋଇ ଯାଇଥାଏ। ଠିକ୍

ISSN NO.
2582-208X

ସେମିତି ନିଜ ମନ ସବୁବେଳେ ଶାନ୍ତ ଆଉ ସତେଜ ରହିଥିଲେ ମଣିଷ ଅନ୍ୟମାନଙ୍କ ସହିତ ଭଲ ବ୍ୟବହାର କରେ ଏବଂ ପ୍ରତ୍ୟେକ ସମସ୍ୟାର ସମାଧାନ ମଧ୍ୟ ବାହର କରିପାରେ। ହେଲେ ମନ ଅଶାନ୍ତ ହେଇଗଲେ ସବୁ ନିଷ୍ପତ୍ତି ଭୁଲ୍ ହୋଇଯାଏ ଆଉ ଯିଏ ଯାହା କହିଲେ ଅବିଶ୍ୱାସ ହିଁ କରିବାକୁ ମନ ବାଧ୍ୟ କରି ଦେଇଥାଏ। ମନ ଭଲ ଥିଲେ ଈଶ୍ୱରଙ୍କ ଉପରେ ଭକ୍ତି ବିଶ୍ୱାସ ମଧ୍ୟ ଆପେ ଆସି ଯାଇଥାଏ ହେଲେ ବିଚଳିତ ମନ ଭଗବାନଙ୍କ ସହିତ ନିଜ ପିତାମାତାଙ୍କ ଉପରେ ମଧ୍ୟ ସନ୍ଦେହ କରିବାକୁ ଆରମ୍ଭ କରେ। ତେଣୁ ଯଦି ଆମେ ଆମ ଜୀବନର ରଙ୍ଗ ସବୁ ପକ୍କା କରିବାକୁ ଚାହୁଁ ଅଥବା ଜୀବନର ସବୁ ରଙ୍ଗ ନିଜର କରିବାକୁ ଇଚ୍ଛା କରୁ ତେବେ ପ୍ରଥମେ ମନକୁ ସଂଯତ ଆଉ ବିଶାଳ କରିବାକୁ ହେବ। ହୀନ ମନରେ କରୁଥିବା କାମ ଆଉ ବାନ୍ଧୁଥିବା ସମ୍ପର୍କ ସବୁକିଛି ନିଶ୍ଚୟ ବେରଙ୍ଗ ହିଁ ହୋଇଯିବ। ମନ ପବିତ୍ର ଥିଲେ ପଖାଳ କଂସାରେ କାଳିଆ ଦିଶିବ ହେଲେ ଭୂରି ଭୋଜନରେ ପେଟ ପୁରିବନି। ଖଣ୍ଡିଏ ଲୁଗାରେ ସପ ମସିଣା ଉପରେ ବଢ଼ିଆ ନିଦ ହେବ ହେଲେ ତୁଳା ଶେଯରେ ପାଟ ବସ୍ତ୍ର ପିନ୍ଧି ଶୋଇ ହେବନାହିଁ। ତେଣୁ ଯଦି ଆମେ ଜୀବନକୁ ରଙ୍ଗୀନ କରିବାକୁ ଚାହୁଁଛେ ତେବେ ପ୍ରଥମେ ମନକୁ ସବୁ ପ୍ରକାର ସକାରାତ୍ମକ ଚିନ୍ତାଧାରା ସହିତ ରଙ୍ଗୀନ କରିବାକୁ ହେବ ଏଥିରେ କୌଣସି ପ୍ରକାରର ଦ୍ୱିମତ ନାହିଁ।

(((-)))

ଭୁବନେଶ୍ୱର / ୯୪୩୮୪୭୦୮୦୭

ISSN NO.
2582-208X

# ବଦଳିଗଲ ତୁମେ



ଡ଼ଃ ଅନୁପମା ବିଶ୍ୱାଳ

ତୁମେ ଥିଲ କେବେ ପୁନେଇ ଜହ୍ନଟେ
ଆଜି ହେଲ ଅମା ରାତି
ହୃଦୟ ଫଳକେ ସାଇତି ରହିଛି
ହୋଇ ତାହା ମଧୁ ସ୍ମୃତି ।
ଥିଲ ସକାଳର ପହିଲି କିରଣ
ସାୟନ୍ତନ ବେଳ ଶାନ୍ତି
ଏବେ କିନ୍ତୁ ଦିଅ ପ୍ରତି ମୁହୂର୍ତ୍ତରେ
ମୋ ମନରେ ଭୟ ଭ୍ରାନ୍ତି ।
ତୁମେ ଥିଲ ମୋର ଭାବନାର ଶବ୍ଦ
ଜୀବନର ଅନୁଭବ
ସେ ଶବ୍ଦହାରରେ ନଜର ଲାଗିଲା
ବଦଳି ଗଲା ସ୍ୱଭାବ ।
ତୁମେ ହସିଲେ ମୋ ମନ ହୁଏ ଖୁସି
ତୁମ ଲୁହେ ଆଖି ଭିଜେ
କାଳେ ମୁଁ ବୁଝିନି ସେଇ ଅର୍ଥ ବୋଲି
ଆଜି ଅଭିଧାନେ ଖୋଜେ ।

(((-)))

ସମ୍ବଲପୁର
ମୋ: ୭୯୭୮୫୬୮୩୨୨

ISSN NO.
2582-208X

# ଅକ୍ଷୟ ତୃତୀୟା



ଅଜିତ କୁମାର ରାଉତ

ଥିଲା ରୌଦ୍ର ଖରା
ସମୟ ଚାରି'ଟା
ପଶ୍ଚିମ ଦିଗ ଅନ୍ଧାର !
ଦିଶୁ ଥିଲା ଦୃଶ୍ୟ
କଳା ମେଘ ପରି
ଖୁସିରେ ନାଚେ ଶରୀର !
ବର୍ଷାର ସଙ୍ଗରେ
ପ୍ରଖର ପବନ
ଧରିତ୍ରୀ ହେଲା ଅନ୍ଧାର !!
ମନେ ପଡ଼ି ଗଲା
ଅକ୍ଷୟ ତୃତୀୟା
କାଲି ପରା ଶୁକ୍ରବାର !
ବର୍ଷାର ଆରମ୍ଭ
ଚାଷ ଶୁଭାରମ୍ଭ
ଆନନ୍ଦ ଚାଷୀ ଅପାର !
ହୁଏ ଶୁଭକର୍ମ
ଆଜି ଠାରୁ ଯହିଁ
ବ୍ରତ ପୂଜା ବାହାଘର !!
କୃଷକ ହର୍ଷିତ

ISSN NO.
2582-208X

ଶୁଭ ଅନୁକୂଳ
ମୁହୂର୍ତ୍ତ ପରା ଚାଷର !
ସଜେଇ ବସିଛି
କୃଷକ ଘରଣୀ
ଅକ୍ଷୀ ମୁଠି ଧାନ ତା'ର !
ଲିପାପୋଛା କରି
ଘର ଦ୍ୱାର ନାରୀ
ଚିତା ଲେଖିଛି ସୁନ୍ଦର !!
ଲକ୍ଷ୍ମୀ ପାଦ ତହିଁ
ଲେଖିଛି ଭକ୍ତିରେ
ପ୍ରୀତି ରଖି ଲକ୍ଷ୍ମୀଙ୍କର !
ଶଙ୍ଖ ହୁଳହୁଳି
ପଡୁଛି ଗୃହରେ
ଅକ୍ଷୟ୍ ଏ ତୃତୀୟାର
ନୂଆ ପରିଧାନେ
କୃଷକ ଭାଇରେ
ଜମିକୁ ଯାଉଛି ତା'ର !!
ଶୁଭ ମୁହୂର୍ତ୍ତରେ
ଧାନ ବୁଣି ଦେବ
ହଳ ଲଙ୍ଗଳ ତୈୟାର !
ତିନି ଦିଅଁଙ୍କର
ରଥ ତିନି ତହିଁ
ନିର୍ମାଣ ହୁଏ ରଥର !
ଉତ୍ସବ ମୁଖର
କୃଷକର ଘର
ବର୍ଣ୍ଣିବାର ଶକ୍ତି କାର !!

ISSN NO.
2582-208X

ଜନ୍ମ ଦିନ ପରା
ପର୍ଶୁରାମଙ୍କର
ଏହୁ ଶୁଭ ଦିନେ ଯାର !
ଏହୁ ଦିନ ପରା
ଗଙ୍ଗା ମର୍ତ୍ତ୍ୟ ପୁର
ଅମୃତ ମୁକ୍ତିର ଧାର !
ରାବଣର ପୁତ୍ର
ଅକ୍ଷୟ ସଂହାର
କରିଥିଲେ ହନୁ ବୀର !!

(((-)))

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ଲଳିତ ନିବନ୍ଧ

# ଯମ ସହ ହାତାହାତି



ବଦ୍ରୀ ମହାନ୍ତ

ଭୟ ଏକ ସହଜାତ ପ୍ରବୃତ୍ତି। ସାରା ଜୀବନ ଅସଂଖ୍ୟ ଭୟର ସାମ୍ନାକରେ ମଣିଷ। କେହି କେହି ଏହାକୁ ଅତି ଗୁରୁତ୍ୱ ଦଅନ୍ତି, କେହି କେହି ସହଜ ଭାବରେ ଗ୍ରହଣ କରି ଫୁତକାରରେ ଉଡ଼ାଇ ଦେବାକୁ ଚେଷ୍ଟା କରନ୍ତି। ଭୟଶୂନ୍ୟ ଜୀବନ ପ୍ରବାହ, ଆଶଙ୍କାରହିତ ଚଲାପଥ ଓ ସୁରକ୍ଷିତ ଆସନ୍ତାକାଲି ସନ୍ଧାନରେ ସମୟ ସବୁ କେମିତି କାହିଁକି ଅନ୍ତର୍ହିତ ହୋଇଯାଏ ଜଣା ପଡ଼େନା। ଆନନ୍ଦମୟ ପରିବେଶ, ସୁଖର ପର୍ଯ୍ୟାପ୍ତ ଆତଯାତ ଓ ସରଳ ଘଟଣା ପ୍ରବାହ ମଧ୍ୟରେ ଅବଚେତନକୁ ରହି ରହ ପ୍ରବେଶ କରେ ଭୟ। ପରାଜୟର ଭୟ,ପଛେଇ ଯିବାର ଭୟ, ଅପାରଗତାର ଭୟ ଓ ଶୂନ୍ୟତାର ଭୟ ପରି ମୃତ୍ୟୁ ଭୟ ଆବାଲ୍ୟରୁ ପଚାଶ ବର୍ଷ ପର୍ଯ୍ୟନ୍ତ ମଣିଷକୁ ଚିନ୍ତିତ କରେନାହିଁ ସତ, କିନ୍ତୁ ବୟସର ଅପରାହ୍ଣରେ ହଠାତ ଆସି ପହଞ୍ଚିଯାଇ ଆତଙ୍କିତ କରେ ।

ମୃତ୍ୟୁ ଏକ ଅନିବାର୍ଯ୍ୟ ସତ୍ୟ ଓ ଏହା କୌଣସି ଏକ ସମୟରେ କାହାକୁ ନଜଣାଇ ନଶୁଣାଇ ଆସିବ ଏକଥା ଜ୍ଞାତ ଥିବା ପରେ ସୁଦ୍ଧା ତା ପାଇଁ ଚିନ୍ତିତ ହେବା ଏକ ସ୍ୱାଭାବିକ ମନସ୍ଥିତି। ବୃତ୍ତିର ତାଡ଼ନାରେ ପ୍ରବୃତ୍ତିକୁ ସତେଜ ରଖିବା ପାଇଁ ଅହରହ ସଂଘର୍ଷ କରୁଥିବା ମଣିଷ ନାନାଦି ବନ୍ଧନ ଭିତରେ ପେଶି ହୋଇ ଭାବି ପାରେନା ଏକଦା ଏ ବିଶାଳ ସଂସାର, ଧନ ସଂପତ୍ତି, ଆତ୍ମୀୟ ସ୍ୱଜନ,ଭାବ ଅନୁଭବ ସବୁ କିଛିକୁ ପଛ କରି ତାକୁ ବିଦାୟ ନେବାକୁ ହେବ। ତେଣୁ ପରିଣତି ବୟସରେ ପାଇବା ହଜାଇବା, କୃତକର୍ମ, ନିରାଶା ଓ ସ୍ୱପ୍ନମାନେ ଅର୍ଥହୀନ ହୋଇଉଠିଲା ବେଳେ ମନକୁ ସ୍ପର୍ଶ କରେ, 'ଜାତସ୍ୟ ହି ଧ୍ରୁବ ମୃତ୍ୟୁ' ଏବଂ ଏହା ହିଁ ସର୍ବଶ୍ରେଷ୍ଠ ଏକମାତ୍ର ସତ୍ୟ, ଅନ୍ୟ ସମସ୍ତ ନିରୋଳା ସତ୍ୟ ଠାରୁ ବହୁ

ISSN NO.
2582-208X

ଉର୍ଦ୍ଧ୍ୱରେ। ସ୍ୱୟଂ ଭଗବାନ ମଧ୍ୟ ମନୁଷ୍ୟ ରୂପେ ଧରାଧାମରେ ଜନ୍ମ ନେଲେ ତାଙ୍କୁ ନିଜ ନିର୍ଦ୍ଧାରିତ କର୍ମ ଶେଷରେ ଶରୀରକୁ ପରିତ୍ୟାଗ କରି ଯିବାକୁ ପଡ଼େ।

ଶରୀରରୁ ପ୍ରାଣବାୟୁ ଚାଲିଯିବା ପାଇଁ ରହିଛି ଅନେକ ରାସ୍ତା। ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ,ଶୀତଳ ମୃତ୍ୟୁ,ଆତ୍ମହତ୍ୟା, ହତ୍ୟା, ଅପମୃତ୍ୟୁ, ଦୁସାଧ୍ୟ ରୋଗ ଜନିତ ବା ଦୁର୍ଘଟଣାରେ ପ୍ରାଣ ହରାଇବା ଲକ୍ଷ୍ୟ କଲେ ମନେ ହେଉଥାଏ ପ୍ରତିଟି କ୍ଷେତ୍ରରେ କେହି ଜଣେ ଏହାର ହିସାବ କିତାବ କରୁଛି। ନିର୍ଦ୍ଦିଷ୍ଟ ସମୟ ଆସିଯିବା ମାତ୍ରେ କାଳ କ୍ଷେପଣ ନକରି ସେ ପିଣ୍ଡରୁ ପ୍ରାଣକୁ ଅଲଗା କରି ଦେଇ ଚାଲିଯାଉଛି। ସେ ମହାନ ବ୍ୟକ୍ତି ଜଣକ ହେଉଛି ଯମ, ହୋଇପାରେ କାଳ୍ପନିକ ବା ପ୍ରତୀକାତ୍ମକ, ମାତ୍ର ସେ ହିଁ ଜନ୍ମ ମୃତ୍ୟୁର ହିସାବ ରକ୍ଷକ। ତାଙ୍କ ହାତରୁ ମୁକୁଳିବା କଣ ସହଜ ! କେତେ ଜଣ ସାବିତ୍ରୀ ଅଛନ୍ତି ନିଜ ପତି ସତ୍ୟବାନଙ୍କୁ ଫେରାଇ ଆଣିପାରିବେ ? ଏ କାହାଣୀ କାଳ କାଳ ବ୍ୟାପୀ ମନରେ ବିଶ୍ୱାସ ଜଗାଇଛି ଅସମୟର କୌଣସି ଅଯୌକ୍ତିକ ଯାତ୍ରାକୁ ବାଧା ଦିଆଯାଇ ପାରିବାର ସମ୍ଭାବନା ସୃଷ୍ଟି କରି। ଯମ ଦରବାରରୁ ଫେରି ଆସିବାର କ୍ଷୀଣ ରେଖାଟିଏ ଥିବାରୁ ଖଞ୍ଜା ହୋଇଛି ବହୁବିଧ ବ୍ୟବସ୍ଥା ଓ ଫଳପ୍ରଦ ଉପାୟ ।

ପ୍ରକୃତରେ ଯମ କିଏ, କେଉଁଠି ତା'ର ନିବାସ ଓ କାହିଁକି ଏ ଅଲୌକିକ ଦାୟିତ୍ୱକୁ ସେ ଯୁଗ ଯୁଗ ଧରି ମୁଣ୍ଡ ଉପରକୁ ନେଇଛନ୍ତି ? କୌଣସି ନିନ୍ଦା, ଅପବାଦ, ତିରସ୍କାର ବା ଅସମ୍ମାନ ତାଙ୍କୁ ପ୍ରଭାବିତ କରୁନାହିଁ! ନିରବଚ୍ଛିନ୍ନ ଭାବେ ନିଜ କର୍ତ୍ତବ୍ୟ କରି ଏକ ଅଦ୍ଭୁତ ସନ୍ତୁଳନ ରକ୍ଷା କରୁଛନ୍ତି ଭୂପୃଷ୍ଠରେ। ଯମର ଅନୁପସ୍ଥିତି କଣ ଜୀବନ ଉପରେ ପ୍ରଭାବ ପକାଇ ପାରନ୍ତା, ଏ ବିଷୟରେ କେହି କେବେ ଚିନ୍ତା କରି ନଥିଲେ ସୁଦ୍ଧା ବିଭିନ୍ନ ଉପାୟରେ ତା ସହିତ ସଂଘର୍ଷ କରୁଛି। କାରଣ ଯମ ଏକ ବିଚାର ଭାବନାର ସୂକ୍ଷ୍ମ ସ୍ୱରୂପ ଯାହାକୁ ନିତି ପ୍ରତିଦିନ ସାମ୍ନା କରୁଛି ମଣିଷ। କଳ୍ପନାରେ ଭୟାବହ ପରିଣତିର ଆଶଙ୍କା କରି ସୃଷ୍ଟି ହେଉଥିବା ମାନସିକ ବିକାର ଶରୀର ମନ ଓ ହୃଦୟକୁ ସଂକ୍ରମିତହୋଇ ଯାଉଥିବାରୁ ଏଥିରୁ ଦୂରେଇ ରହିବା ପାଇଁ ନାନା ଉପାୟ ଖୋଜୁଛି ଏବଂ ତାକୁ ଧରାବତରଣ କରୁଛି ।

ସଂସାରର ସମସ୍ତଙ୍କ ଜ୍ଞାତସାରରେ ରହିଛି, ସମୟ ଉପନୀତ ହେବା ମାତ୍ରେ ଶରୀର ପରିତ୍ୟାଗ କରି ପ୍ରାଣ ପ୍ରତ୍ୟାବର୍ତ୍ତନ କରିବ। ମାତ୍ର କେତେବେଳେ କେଉଁ ସ୍ଥାନକୁ ଯିବ ଏହା ଅଜ୍ଞାତ। ହଜାର ହଜାର ବର୍ଷ ବ୍ୟାପୀ ଏହାର ସତ୍ୟତା ଜାଣିବା ପାଇଁ ଅସୁମାରି ଉଦ୍ୟମ ସତ୍ତ୍ୱେ କୌଣସି ନିସ୍କର୍ଷରେ ଉପନୀତ ହେବା ସମ୍ଭବ ହେଉନାହିଁ। ସେ କେଉଁଠି କେମିତି

ISSN NO.
2582-208X

ଅବସ୍ଥାନ କରେ, ଅଶରିରୀ ଘୂରି ବୁଲେ ଅଥବା କେଉଁ ଏକ ବୃହତ ସ୍ରୋତ ସହିତ ଏକାକାର ହୋଇଯାଏ, ତାର ନିର୍ଦ୍ଦିଷ୍ଟ ଅବଧାରଣା ନାହିଁ। ଯଦିଓ ଅନେକ ବିଦ୍ୱାନ ଓ ଦିବ୍ୟ ଜୀବନର ମାର୍ଗଦର୍ଶକ ଏ ବାବଦରେ ନିଜର ବଳିଷ୍ଠ ଦର୍ଶନକୁ ବିଶ୍ୱାସ କରିବାକୁ ଅନୁପ୍ରେରିତ କରନ୍ତି। ମାତ୍ର 'ପୁନର୍ଜନ୍ମ', 'ମୁଁ' କିଏ କେଉଁଠୁ କାହିଁକି ସଦୃଶ ପ୍ରାଣବାୟୁର ସ୍ଥିତି ମଧ୍ୟ କୁହେଳିକାଚ୍ଛନ୍ନ। କିନ୍ତୁ ସମସ୍ତେ ଅନୁଭବ କରନ୍ତି ଶରୀର ଓ ପ୍ରାଣର ଏକ ବାସ୍ତବ ସ୍ୱର୍ଗୀୟ ସମ୍ପର୍କ ରହିଛି। ଅଦ୍ଭୁତ ସମନ୍ୱୟରେ ଏହା ଗତିଶୀଳ। ଏହାର ଧାରା ଅବ୍ୟାହତ ନହେବା ଓ ସଳଖ ସୁନ୍ଦର ରାସ୍ତାରେ ଚାଲିବା ହିଁ ଯମ ସହ ହାତହାତି ହେବା।

ଆମ ସାମ୍ନାରେ ଯେଉଁ ସବୁ ଉପାୟ ବିଧି ଉପଚାର ପ୍ରତିବିଧାନ ସବୁ ରହିଛି ତାହା ଶରୀରକୁ ନେଇ। ମାନସିକ ଓ ଭୌତିକ ଉଭୟଙ୍କୁ ଗୋଟିଏ ସରଳରେଖାରେ ରଖି ଜୀବନ ଶୈଳୀକୁ ଶରୀର ଓ ମନକୁ ସୁରକ୍ଷିତ ସୁସ୍ଥ ସୁଠାମ ରଖିବା ଯମକୁ ପରାଜିତ କରିବା ସଦୃଶ। ଏଥିପାଇଁ ଜୀବନ ଶୈଳୀ, ଆହରଣ, ବିଚରଣ ଓ ସନ୍ତୁଳନ ରକ୍ଷା କରିବା ହତିଆର ସଦୃଶ କାମ କରେ। ଦୈନିକ ଜୀବନ ଚର୍ଯ୍ୟା ବ୍ୟାୟାମ ପ୍ରାଣୟମ ସହିତ ଖାଦ୍ୟପେୟ ସକରାତ୍ମକ ଚିନ୍ତନ ଯମ ଦ୍ୱାରା ଆୟୋଜିତ ରଣ କ୍ଷେତ୍ରକୁ ଓହ୍ଲେଇ ଆସନ୍ତି। ଏହା ବ୍ୟତୀତ ଆଧୁନିକ ଚିକିତ୍ସା ବିଜ୍ଞାନ ଆଜି ବାଧ୍ୟ କରିଛି ଯମ ମହାରାଜାଙ୍କୁ ଆୟୁସର ପୁନର୍ବିଚାର କରିବା ପାଇଁ। ସେଥିପାଇଁ ବଢିଛି ଜନ୍ମ ମୃତ୍ୟୁର ବ୍ୟବଧାନ କମିଛି ମୃତ୍ୟୁହାର ଓ ବଢିଛି ସମ୍ଭାବିତ ଜୀବନ ଅବଧି। ଏହା କୌଣସି ଚମତ୍କାର ବା କାହାର ଦାନ ନୁହେଁ, ବରଂ ଦିନ ଦିନ ମାସ ମାସ ବର୍ଷ ବର୍ଷ ବ୍ୟାପୀ ଲଢେଇରେ ଫଳଶ୍ରୁତି। ଯମ ରୂପକ ଆଶଙ୍କାକୁ କେବଳ ପରାଜିତ କରିବା ପାଇଁ ମଣିଷ ନିଜର ଜ୍ଞାନ ବିଜ୍ଞାନ ବୁଦ୍ଧି ବିବେକ ଶ୍ରମ ସାଧନା ସବୁ ବ୍ୟୟ କରିଛି। ମାତ୍ର ଯମ କେବେ ପରାସ୍ତ ହୁଏନା, ପ୍ରତି ଆକ୍ରମଣ କରେନା, ସେ କେବଳ ହିସାବ କରି କହିଦିଏ କିଏ କେତେ ସମୟ ଲୀଳାଖେଳା କରିବ। ଅତଏବ ଆମର ଦାୟିତ୍ୱ, ଜୀବନର ଚଲାପଥରେ ଖୋଜି ବାହାର କରିବା ଭୟ କେଉଁଠି କେମିତି ଆସ୍ଥାନ ଜମାଇ ବସି ରହିଛି।

((( - )))

ବି-10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ସ୍ୱାର୍ଥ



ଅଲେଖ ମେହେର (ଯାଯାବର)

ଇଚ୍ଛା ଥିଲେ ସିନା ଲୋଡନ୍ତି ମାନବ ଇପ୍ସିତ ଦରବ ମାନ,
ଇତର ଜନରୁ ସ୍ୱାର୍ଥ ସିଦ୍ଧ ହେଲେ ଇତି କରି ଭାବ ମାନ।
ଶୟଳେ।କାଳକୁଟର ଗରଳ ଖେଳେ।ଏ।
ବାହ୍ୟ ଚାକଚକ୍ୟ ସିନା ଝଳେ।ଏ।
ହୃଦ ଗହନ ଦଗ୍ଧ ଅନଳେ।ଏ।
ଅଚିହ୍ନା ପରାଏ ବକ୍ତ୍ର ମୋଡି ଦେଇ ସରଣୀ ଭାଙ୍ଗନ୍ତି ଖରେ,
କାଲି ଯିଏ ବସ୍ତ୍ର ମାଳା ସାଜି ଥିଲା ଆଜି ନାହିଁ ସପନରେ।
ଏ ମନ।କ୍ଷଣ କ୍ଷଣକେ ପରିବର୍ତ୍ତନ ।ଏ।
ସଦା ଖୋଜେ କୋଜାଗର ଜହ୍ନ ।ଏ।
ଧୋକାବାଜିରେ କନ୍ଦାଏ ଜନ।ଏ।
ବିଶ୍ୱାସ ସହରେ ଗଣିକାର ବାସ ନିଶି ଅନ୍ତେ ହୁଏ ଶେଷ,
ନବ ଉନ୍ମାଦରେ ନବ ଗରାଖଟି ଯେବେ ହୁଏ ପରବେଶ ।
ଏ ରୀତି ।ପରିବ୍ୟାପ୍ତ ହୋଇଲାଣି କ୍ଷିତି ।ଏ।
ଋତୁ ବଦଳିବା ପରାଏ ପ୍ରକୃତି ବଦଳୁଛି ଚିନ୍ତାଧାରା,
କୁସୁମାକରରୁ ନିଦାଘ ଗ୍ରୀଷମ ପରେ ଶ୍ରାବଣର ଧାର।
ଏ ନର।ସଦା ଉଚ୍ଚାରେ କିଏ କାହାର।ଏ।
ଆପଣା ମୋଦେ ଏହି ସଂସାର ।ଏ।
ଅନ୍ୟ ସମସ୍ତେ ଅଟନ୍ତି ପର ।ଏ।
ଅଲେଖ ମେହେର ଝର ସୋହେଲା ।

ବରପଦର, ଗୋବିନ୍ଦପୁର, ବରଗଡ଼/୭୩୭୦୨୨୦୫୫

ISSN NO.
2582-208X

# ଏମିତିକା ଓଡ଼ିଆ ପୁଅ



ରାଜକିଶୋର ସ୍ୱାଇଁ

ଏମିତିକା ଓଡ଼ିଆ ପୁଅ
ଅଛି ଆଉ ତାଙ୍କ ପରି କେ କୁହ
ଓଡ଼ିଆ ଜାତିର ଗର୍ବ ଗଉରବ
ଜାତି ପ୍ରୀତି ତାଙ୍କ ଅତୁଳନୀୟ ।।1।।
ମଧୁବାବୁ ନାଆଁ ତାଙ୍କର
ସତ୍ୟଭାମାପୁର ଗାଆଁରେ ଘର
ଦେବୀ ପାରବତୀ ଦାଶ ରଘୁନାଥ
ଥିଲେ ତାଙ୍କ ପୂଜ୍ୟ ମାତା ପିୟର ।।2।।
ଦେଖି ଓଡ଼ିଆଙ୍କ ଦୁର୍ଦ୍ଦଶା
ବୁଡିଯାଉଥିଲା ତାଙ୍କରି ହଂସା
ନୂତନ ଓଡିଶା ଗଠନ ଆଶାର
ବିହଗ ବାନ୍ଧିଲା ମନରେ ବସା ।।3।।
ଗଢି ଉତ୍କଳ ସମ୍ମିଳନୀ
କୋଟି ଓଡ଼ିଆଙ୍କ ମଉଡମଣୀ
କରିବାକୁ ନିଜ ସପନ ସାକାର
ଲାଗିପଡ଼ିଥିଲେ ଦିବା ରଜନୀ ।।4।।
ଗଢ଼ାହେଲା ପ୍ରଥମ କରି
ଭାଷା ଭିତ୍ତିରେ ରାଇଜ ଆମରି

ISSN NO.
2582-208X

ଇତିହାସେ ନୂଆ ଫରଦ ଯୋଡ଼ିଲେ
ଅପାସୋରା ଅବଦାନ ତାଙ୍କରି ।।5 ।।
ଦୂରପାଇଁ ବେରୋଜଗାରୀ
ଗଢ଼ିଥିଲେ ସେ ଉତ୍କଳ ଟ୍ୟାନେରୀ
ବରଜନ ପାଇଁ ବିଦେଶୀ ଦରବ
କରିଥିଲେ ଯୋଜନା ସେ ଏପରି ।।6 ।।
ସର୍ବେ ହେଉଥିଲେ ଚକିତ
ଶୁଣି ତାଙ୍କ ଯୁକ୍ତି ଆଉ ତରକ
ଆଇନି ଜ୍ଞାନରେ ଥିବାରୁ ପ୍ରବୀଣ
ଆମ ଜାତିକୁ ଜାଣିଲା ଜଗତ ।।7 ।।
ଦାନକଲେ ସବୁ ସମ୍ପତି
ସମାଜ ସେବାରେ ହୋଇସେ ବ୍ରତୀ
କରିଥିଲେ ଇହଲୀଳା ସମ୍ବରଣ
ଅଭାବ କଷଣ ଭୋଗୀ ସେ ଅତି ।।8 ।।
ନବ ଉତ୍କଳର ଜନକ
ଜଣାଉ ପ୍ରଣତି ପାତି ମସ୍ତକ
ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି
କଥା କାମ ଯେବେ ହୋଇବ ଏକ ।।9 ।।

(((-)))

ଶାନ୍ତନଗର, ନୂଆପଡା,
ପୋ -ନୂଆବଜ଼ାର ଜିଲ୍ଲା-କଟକ,
ପିନ -753004
ମୋବାଇଲ -9437442041

ISSN NO.
2582-208X

# ଜନ୍ମଦିନ



ଡ଼କ୍ଟର ବିଜ୍ଞାନୀ ଦାସ

ଜୀବନରେ ଜନ୍ମଦିନ ସମସ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ଦିନ । ପୃଥିବୀ ପୃଷ୍ଠରେ ଜନ୍ମଦିନ ପାଳନ କରୁଥିବା ବ୍ୟକ୍ତି ଜଣକ ସେଇଦିନ ଆବିର୍ଭୂତ ହୋଇଥାଏ । ଅନେକ ସାଧୁପୁରୁଷମାନଙ୍କର ଜୀବନ ବର୍ଣ୍ଣନାରେ ସେ ଦିନର ସମସ୍ତ ଗ୍ରହ, ଉପଗ୍ରହ ଓ ନକ୍ଷତ୍ର ମାନଙ୍କର କକ୍ଷ, ଆସ୍ଥାନ ଓ ଗତିବିଧିର ଅବତାରଣା କରାଯାଇଥାଏ, ଯାହାକି ସେମାନଙ୍କର ଭବିଷ୍ୟତରେ ମହାନ ବ୍ୟକ୍ତି ହେବାର ସୂଚନା ଦେଇଥାଏ । ଏମିତି ଅନେକ ମହାନ ବ୍ୟକ୍ତିଙ୍କର ଜନ୍ମକୁଣ୍ଡଳୀ ବହି ମାନଙ୍କରେ ପଢିଛି ମେନକା । ଏମିତିକି ପୁରାଣ ଯୁଗର ମୁନିଋଷି ମାନଙ୍କର ବି ଜନ୍ମକୁଣ୍ଡଳୀ ପଢିଛି । କିନ୍ତୁ ନିଜ ଜନ୍ମକୁଣ୍ଡଳୀ କେବେ ସଠିକ୍ ଭାବେ ପଢି ବୁଝିବାର ଅବକାଶ ହିଁ ଆସିନି । ଏମିତିରେ ସିଏ ତ ସେମିତି କିଛି ପ୍ରସିଦ୍ଧ ବ୍ୟକ୍ତି ନୁହେଁ କି କରିତ୍କର୍ମା ମଣିଷ ନୁହେଁ । ତେଣୁ ନିଜ ଜନ୍ମକୁଣ୍ଡଳୀ ଏତେ ମହତ୍ୱପୂର୍ଣ୍ଣ ନୁହେଁ । ତାକୁ ବୁଝିବାର ଆବଶ୍ୟକତା କଣ ? ନା, ନା, ସେ କାରଣ ପାଇଁ ନୁହେଁ । ସେସବୁ ଅନ୍ୟ କାରଣ ପାଇଁ । ଯଥା, ମେନକାର ମନଟା ଏତେ ଅଦ୍ଭୁତ କଣ ପାଇଁ ? କଣ ପାଇଁ ନିଜ ବିଷୟରେ ନ ଭାବି ସିଏ ଅନ୍ୟ ମାନଙ୍କ ବିଷୟରେ ଅଧିକ ଭାବେ ? ମେନକା କଣପାଇଁ ଅନ୍ୟମାନଙ୍କ ଉପରେ ଆସୁଥିବା ବିପଦକୁ ନିଜ ମୁଣ୍ଡର ନେଇଯାଏ ? ମେନକାର କିଛି ଖରାପ ଅଭ୍ୟାସ ନାହିଁ, ମଦ, ଅନ୍ୟାନ୍ୟ ନିଶାଦ୍ରବ୍ୟ ବ୍ୟବହାର, ଓ ଧୂମ୍ରପାନ ଠାରୁ ଦୂରରେ ରହି ମଧ୍ୟ ତାର ଶରୀରରେ ଶର୍କରା କାହିଁକି ବଢିଗଲା ? ନିଜ ଶରୀର ଓ ମନର ସ୍ୱାସ୍ଥ୍ୟକୁ ନେଇ ଏମିତି ସବୁ ଅନେକ ପ୍ରଶ୍ନ ତା ମସ୍ତିଷ୍କ ଭିତରକୁ ଆସେ । କିନ୍ତୁ ତା ଜନ୍ମ

ISSN NO.
2582-208X

ତାରିଖର, ତିଥିର କି କୁଣ୍ଡଳୀର ତ କିଛି ଠିକ୍ ଠିକଣା ନାହିଁ । ସିଏ ଯେ ଏକଥା ସଠିକ୍ ଜାଣିବ ତାର ପ୍ରମାଣ କଣ ?

ମେ ମାସ ସତର ତାରିଖ । ଏଇ ତାରିଖଟି ମେନକା କଟକର ଜଣେ ଜ୍ୟୋତିଷଙ୍କୁ ଦେଖାଇ ବାହାର କରିଥିଲା । କାରଣ, ନିଜ ଜନ୍ମଦିନକୁ ନେଇ ମେନକାର ଅନେକ ସନ୍ଦେହ ଥିଲା । ତା ଜନ୍ମଦିନ ଏପ୍ରିଲ ୫ ତାରିଖ ବୋଲି ହାଇସ୍କୁଲ୍ ସାର୍ଟିଫିକେଟରେ ଥିଲା । ହେଲେ, ଜେଜେମା ଓ ଗ୍ରାମର ଅନ୍ୟ ପୁରୁଖାମାନେ କହୁଥିବା କଥା ସେସବୁ ସହିତ ଖାପ ଖାଉ ନଥିଲା । ଜେଜେମା କହେ, "ମେନକାଟି ମୋର ଉଠା ସଂକ୍ରାନ୍ତିରେ ଜନ୍ମ । ତା ଜୀବନରେ ସିଏ ବହୁତ ମେଧାବୀ ହେବ ।' ମାମୁଁ ମେନକାକୁ ଗୁରୁବାରୀ ବୋଲି ଡାକନ୍ତି । କୁହନ୍ତି, ମେନକା ଗୁରୁବାର ଦିନ ଜନ୍ମ ହୋଇଥିଲା । ଆଉ ତାର ଜନ୍ମ ହୋଇଥିବା ବାପାଙ୍କ ଗ୍ରାମରେ ଥିବା ବଡବୋଉ, ବଡବାପା କୁହନ୍ତି, "ମେନକା ଅଧ ରାତିରେ ଜନ୍ମ ହୋଇଥିଲା । ତା' ବୋଉ ବିଚାରି ଅନେକ କଷ୍ଟ ସହିଥିଲା ।' ଏମିତିକି ସେ ଗ୍ରାମରେ ମେନକାର ଷଠିଘର ଥିଲା । ହେଲେ କେହି ସଠିକ୍ ଭାବେ ଠିକ୍ ଜିନିଷଟି କହିପାରୁନଥିଲେ । ସେ ତାରିଖଟା କଣ ଥିଲା । କିନ୍ତୁ ମେନକାର ଜାତକଟିଏ ତିଆରି ହୋଇଥିଲା । ସେଇଟା ହେଲା ତା' ଜନ୍ମ ହୋଇଥିବା ତିଥିର ଏକ ପ୍ରମାଣ ପତ୍ର । ସେଥିପାଇଁ କଟକରେ କଲେଜରେ ପଠିବା ବେଳେ ହଷ୍ଟେଲର ମାଉସୀଙ୍କ ପରାମର୍ଶରେ ସିଏ ନିଜ ଜାତକ ଜଣେ ଜ୍ୟୋତିଷଙ୍କୁ ନେଇ ଦେଖାଇଥିଲା । ସିଏ ଜାତକର ଶକାବ୍ଦ, ଗ୍ରହ, ନକ୍ଷତ୍ର ଇତ୍ୟାଦିକୁ ସଂଯୋଗ କରି ଜଣାଇଥିଲେ ଯେ ମେ ମାସ ୧୭ ତାରିଖ ହିଁ ତାର ଜନ୍ମଦିନ । ସେଇଦିନରୁ ମେ ମାସ ୧୭ ତାରିଖକୁ ମେନକା ନିଜ ଜନ୍ମଦିନ ବୋଲି ମାନେ । ଯଦିଓ, ସେଇଟା ତିଥି ନିହେଁ, ତଥାପି ସେଦିନ ସିଏ ଦେହରେ ଟିକେ ହଳଦୀ ଛୁଆଁଇଦିଏ, ମୁଣ୍ଡ ଧୋଇ ଗାଧାଏ, ଠାକୁର ମନ୍ଦିରରେ ଦୀପ ଜାଳେ ଓ ନିଜେ ନିଜପାଇଁ କିଛି ନୂଆ କିଣି ପିନ୍ଧେ ।

୨୦୨୬ରେ ମେ ୧୭ ତାରିଖ ରବିବାର ଦିନ ପଡିଲା । ପ୍ରତି ରବିବାର ଦିନ ଜଗନ୍ନାଥ ମନ୍ଦିରରେ ଦିନ ୧୧ଟାରୁ ଭଜନ ହୁଏ, ଲୋକ ସମାଗମ ହୁଏ ଓ ପ୍ରୀତି ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଏ । ତେଣୁ ମେନକାର ସ୍ୱାମୀ ପ୍ରକାଶ ଗୋଟିଏ ମାସ ଆଗରୁ ପ୍ରସ୍ତାବ ଦେଲେ କି ସେଦିନ ମେନକା ମନ୍ଦିରର ପ୍ରୀତିଭୋଜନ ପାଇଁ ରାନ୍ଧିବ । ଏଇଟା ସିଏ ଲୋକ ଗହଳି ମଧ୍ୟରେ କହିଦେଲେ । ମେନକା କାଟି ପାରିଲାନାହିଁ । ଯଦିଓ ପ୍ରତି ରବିବାର ଦିନ ସିଏ

ISSN NO.
2582-208X

ଓଡିଆ ସ୍କୁଲରେ ପଢାଏ ଓ ଅପରାହ୍ନରେ ତାର ବି ନାଚ କ୍ଲାସ ଓ ଓଡିଆ ସ୍କୁଲ ପଢା ଦାୟିତ୍ଵ ଥାଏ, ତେବେ ସେସବୁର ବ୍ୟବସ୍ଥା କରିହେବ । ହେଲେ ତା ଜନ୍ମଦିନର ପୂର୍ବଦିନ ମେ ୧୬ ତାରିଖରେ ସାବିତ୍ରୀ ବ୍ରତ ଥିବ ଓ ସେଦିନ ଉପାସ କରି ତା ପରଦିନ ମେନକାର ଶରୀରରେ ରୋଷେଇ କରିବାର ଶକ୍ତି ଥିବ କି ନାହିଁ ସେଇଟା ତା' ଅନୁମାନର ବାହାରେ ଥିଲା । ତଥାପି ସିଏ ହଁ କଲା । ସେଦିନ ଆଉ ଜଣେ ସାଙ୍ଗ ସୁମିତ୍ରାର ମଧ୍ୟ ଜନ୍ମଦିନ ଥିଲା ଓ ଉଭୟ ମିଶି ମନ୍ଦିରର ଭକ୍ତଙ୍କ ପାଇଁ ରାନ୍ଧିବେ ବୋଲି ପ୍ରସ୍ତାବ ରହିଲା ।

ଏତେଦିନ ପର୍ଯ୍ୟନ୍ତ ମେନକା ନିଜର ଜନ୍ମଦିନ କେବଳ ଏକାକୀ ନହେଲେ ନିଜ ପରିବାର ମଧ୍ୟରେ ପାଳନ କରି ଆସୁଥିଲା । କିନ୍ତୁ ଏବେ ଏତେ ଲୋକଙ୍କ ଗହଳିରେ ନିଜ ଜନ୍ମଦିନ ପାଳନ କରିବ, ଏ ବିଷୟ ତାକୁ ମାଡି ପଡୁଥିଲା । ପୁଣି ଏ ବୟସରେ ଜନ୍ମଦିନ ? ପୂର୍ବରୁ ନିଜ ଜନ୍ମଦିନ ପାଳନ କରିବାର ଅବକାଶ ଆସିଥିଲା, ୫୦ ବର୍ଷର ଜନ୍ମଦିନ, ୬୦ ବର୍ଷର ଜନ୍ମଦିନ । ସେସବୁ ସମୟ ସହିତ ହଜିଗଲା । ନିଜ ପରିବାର ଛଡା, ସେସବୁ ବିଷୟରେ କେହି ଜାଣିଲେନି । ମେନକା ଯେବେ ନାସାରେ କାମ କରୁଥିଲା, ସେତେବେଳେ ଶିବ ବିଷ୍ଣୁ ମନ୍ଦିର ପାଖରେ ଥିଲା । ଯଦି ଜନ୍ମଦିନ ସପ୍ତାହର କାମ ଦିନମାନଙ୍କରେ, ଅର୍ଥାତ୍ ସୋମବାରରୁ ଶୁକ୍ରବାର ଦିନରେ ପଡେ, ସିଏ ମଧ୍ୟାହ୍ନ ଭୋଜନ ବିରତି ସମୟରେ ମନ୍ଦିର ଚାଲିଯାଏ, ସେଇଠି ନିଜ ପାଇଁ ମହାଲକ୍ଷ୍ମୀଙ୍କ ପାଖରେ ଅର୍ଚ୍ଚନା କରିଦିଏ ଓ ଜନ୍ମଦିନର ପାଳନ ସେଇଠି ଶେଷ ହୁଏ । ଯଦି ଜନ୍ମଦିନ ସପ୍ତାହ ଶେଷ ଦିନମାନଙ୍କରେ ପଡେ, ତେବେ ସିଏ ପ୍ରକାଶଙ୍କ ସହିତ ମନ୍ଦିର ଯାଏ ।ପିଲାମାନେ ଛୋଟ ଥିବା ସମୟରେ ସେମାନେ ମଧ୍ୟ ସାଙ୍ଗରେ ଯାଆନ୍ତି ।

କିନ୍ତୁ ଏ ବର୍ଷର ଜନ୍ମଦିନ ନିଆରା ରହିଲା । ମେନକା ଗୋଟିଏ ହ୍ଵାଟସଆପ ଗୋଷ୍ଠୀ କରି କିଛି ପୁରୁଣା ସାଙ୍ଗମାନଙ୍କୁ ସେ ଗୋଷ୍ଠୀରେ ରଖିଲା ଓ କିଛି ନୁଆ ସାଙ୍ଗମାନଙ୍କୁ ମଧ୍ୟ ସାମିଲ କଲା । ସେଦିନ ଓଡିଶା ସୋସାଇଟିର ଗୋଟିଏ ସଙ୍ଗୀତ କାର୍ଯ୍ୟକ୍ରମ ରହିଥିଲା । ତେଣୁ ଜାଣିଶୁଣି ଅନେକ ସାଙ୍ଗଙ୍କୁ ସିଏ ଡାକିଲାନି । ନହେଲେ ଅଯଥାରେ ସେମାନଙ୍କୁ ଦୋଷୀଦୋଷୀ ଲାଗିବ । ଯାହା ହେଉ କିଛି ସାଙ୍ଗ ଆସିପାରିବେ ବୋଲି ଜଣେଇଲେ ।

ISSN NO.
2582-208X

ସେଦିନ ମେନକା ଶୀଘ୍ର ସକାଳ ୬ଟାରେ ଉଠିପଡିଲା । ପ୍ରକାଶ ଆଶ୍ଚର୍ଯ୍ୟ ହୋଇଗଲେ । "ତୁ କଣ ଏତେ ଶୀଘ୍ର ଉଠିଗଲୁଣି ?'

"ତମର କଣ ମନେ ନାହିଁ । ଆଜି ପରା ମୋର ଜନ୍ମଦିନ ।'

"ଆରେ ବାଃ । ବଢିଆ ହେଲା । ଆଜି ତାହେଲେ ମତେ ସକାଳୁ ସକାଳୁ ଭଲ ଖାଇବାକୁ ମିଳିବ ।'

"ତମେ କଣ ଜାଣିନ ? ଆଜି ମତେ ଠାକୁରଙ୍କ ପାଇଁ ରୋଷେଇ କରିବାକୁ ପଡିବ । ତେଣୁ ଆଜି ଯାହା ତିଆରି ହୋଇ ଅଛି, ସେସବୁ ସକାଳ ଖାଦ୍ୟରେ ଖାଇବ ।'

ପ୍ରକାଶ କହିଲେ, "ଆଜି ଜନ୍ମଦିନରେ ପ୍ରଥମେ ସିନା ସ୍ୱାମୀ ସେବା କରନ୍ତୁ ।'

"ତମକୁ ଖାଲି ଜୁହାରଟିଏ ହେଉଛି । ସେତିକିରେ ଯେତିକି ଆଶୀର୍ବାଦ ତମ ମନକୁ ଆସୁଛି ଦିଅ । ଆଜି ଠାକୁରଙ୍କ ଆଶୀର୍ବାଦ ବେଶି ଲୋଡା ।'

ଏମିତି କହି ମେନକା ଠାକୁରଙ୍କ ପାଇଁ ପ୍ରସାଦ ତିଆରି କରିବାରେ ମନଯୋଗୀ ହେଲା । ମନକୁ ଆସୁଥିଲା ସିଏ ଜାଣିଥିବା ସମସ୍ତ ଭଲଭଲ ଖାଦ୍ୟ ଆଜି ତିଆରି କରନ୍ତା । ତେବେ ମଧ୍ୟାହ୍ନ ଭୋଜନ ପାଇଁ ପାଖରେ ଅଧିକ ସମୟ ନଥିଲା । ଦୁଇ ଘଣ୍ଟା ଭିତରେ ତାର ଚାରି ରକମର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇଗଲା ।

ସିଏ ସବୁ ଖାଦ୍ୟକୁ ଉପଯୁକ୍ତ ପାତ୍ର ମାନଙ୍କରେ ଭର୍ତ୍ତି କରି ଗାଡି ଭିତରେ ରଖିଲା । ତାପରେ ପ୍ରସ୍ତୁତ ହୋଇ ନୂଆଶାଢୀ ପିନ୍ଧି ସାଢେ ଏଗାରଟା ବେଳକୁ ମନ୍ଦିର ପାଇଁ ଘରୁ ବାହାରିଗଲା ।

ରକ୍ଷା ଆଜି ଓଡିଆ ସ୍କୁଲରେ ପଢେଇବା ପାଇଁ ଦୁଇଟି ସହକାରୀ ଝିଅ ରାଜି ହୋଇଗଲେ । ନହେଲେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସମୟଟା ମେନକାକୁ ମିଳିପାରିନଥାନ୍ତା ।

ISSN NO.
2582-208X

ମେନକା ମନ୍ଦିରରେ ପହଞ୍ଚିବା କ୍ଷଣି, ସାଙ୍ଗ କେତେଜଣ ଆସି "ଶୁଭ ଜନ୍ମଦିନ' କହି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣେଇଲେ । ମେନକାକୁ ଭଲ ଲାଗିଲା । ତାପରେ ମନ୍ଦିର ଭିତରେ ଯାଇ ସିଏ ଭଜନରେ ଯୋଗଦାନ କଲା । ଭଜନ ପରେ ପ୍ରସାଦ ଅର୍ପଣ ହେଲା ଓ ଆରତୀ ହେଲା । ମେନକା ଓ ସାଙ୍ଗ ସୁମିତ୍ରାଙ୍କୁ ବିଶେଷ ଭାବେ ଜନ୍ମଦିନ ପାଇଁ ଶୁଭେଚ୍ଛା ମିଳିଲା । ଅନେକ ଅଭିବାଦନ ସହିତ ପୁଷ୍ପଗୁଚ୍ଛର ଉପହାର ମିଳିଲା । ମନ୍ଦିର ପୂଜାରୀଙ୍କର ଆଶୀର୍ବାଦ ମିଳିଲା । ଅନେକ ଫଟୋ ଉଠିଲା ।

ଆରତୀ ଓ ଭୋଗ ଅର୍ପଣ ପରେ ସମସ୍ତେ ପୂଜାରୀଙ୍କ ଗୃହକୁ ପ୍ରସାଦ ସେବନ କରିବା ପାଇଁ ଗଲେ । ପ୍ରସାଦ ପାଇଁ ଅନେକ କିଛି ରହିଥିଲା । ମେନକା ତ ୪ ପ୍ରକାର ଘରୁ ତିଆରି କରି ଆଣିଥିଲା । ମନ୍ଦିରରେ ସୁମିତ୍ରା ଅନ୍ୟ କେତେଜଣଙ୍କ ସାହାଯ୍ୟ ନେଇ ୪ ପ୍ରକାର ରାନ୍ଧିଥିଲା। ତା ସହିତ ଆଉ ଜଣେ ସାଙ୍ଗ ଆଶୁତୋଷର ମାଆଙ୍କର ଜନ୍ମଦିନ ବି ଥିଲା । ସିଏ ତେଣୁ ଅନେକ ରକମର ମିଠାର ବ୍ୟବସ୍ଥା କରିଥିଲା । ଏଣୁ ଉପସ୍ଥିତ ସମସ୍ତେ ବହୁତ ଭଲ ଭାବେ ସୁସ୍ୱାଦୁ ଖାଦ୍ୟ ଆହରଣ କରି ଖୁସି ହେଲେ । ମୋଟାମୋଟି ଭାବେ ଜନ୍ମଦିନଟି ଖୁବ୍ ଭଲଭାବେ ମନ୍ଦିରରେ ପାଳିତ ହେଲା ।

ମନେ ପଡିଯାଉଥିଲା ୧୯ ବର୍ଷ ତଳର ଜନ୍ମଦିନର ଦୃଶ୍ୟ । ସେଇଟା ଥିଲା ୨୦୦୭ ମସିହା। ସେଦିନ ଅପରାହ୍ନରେ ପ୍ରକାଶ ଲନରେ ଘାସ କାଟୁଥିଲେ । ସନ୍ଧ୍ୟାରେ ଗୋଟିଏ ଭାରତୀୟ ଭୋଜନାଳୟ ଯିବାକୁ ଯୋଜନା କରିଥିଲେ । ମେନକା ଘର ଭିତରେ ଥିଲା । ଏହି ସମୟରେ କବାଟରେ ଶବ୍ଦ ହେଲା । ମେନକା କବାଟ ଖୋଲିଲା । ଫେଡେରାଲ ଏକ୍ସପ୍ରେସର କର୍ମୀ ଜଣେ ଏକ ରେଜିଷ୍ଟର୍ଡ ପୋଷ୍ଟ ଦେଲା ଓ ଏକ କାଗଜରେ ଦସ୍ତଖତ କରିବାକୁ କହିଲା । ମେନକା ପଚାରିଲା, “ଦସ୍ତଖତ କରିବା ଦରକାର ?' ସେ କର୍ମୀ ଜଣକ କହିଲା, "ହଁ, ଏଇଟା ଅତ୍ୟନ୍ତ ଜରୁରୀ ପୋଷ୍ଟ । ସେଥିପାଇଁ ।'

ପ୍ରକାଶ ଲନରେ ଘାସକଟା ବନ୍ଦ କରି ପାଖକୁ ଆସି ପଚାରିଲେ, "କଣ ପିଲାମାନେ କିଛି ଉପହାର ପଠେଇଛନ୍ତି ନା କଣ ?'

ISSN NO.
2582-208X

ମେନକା ହସିହସି ଉତ୍ତର ଦେଇଥିଲା, "ଇଏ ତ ଏତେ ହାଲୁକା । ଚିଠି ବୋଲି ଜଣା ପଡୁଚି। ଉପହାର ଆଉ କଣ ହେଇଥିବ ? ହୁଏତ ଗିଫ୍ଟ୍ ଚେକ୍ ।'

ପ୍ୟାକେଟ୍ ଖୋଲି ଦେଖିବା ବେଳକୁ ସେଥିରେ ଅପର ପକ୍ଷ ଓକିଲର ସମନ ଥିଲା । ମେନକାକୁ ଆଉ ଗୋଟିଏ ସପ୍ତାହ ପରେ ଅପର ପକ୍ଷ ଓକିଲର ଅଫିସରେ ଜେରା ପାଇଁ ଯିବାକୁ ସମନ ଆସିଥିଲା । ସେ ସମନ ଯୁକ୍ତରାଷ୍ଟ୍ର ଓ କାନାଡାର ମିଶ୍ରଣରେ ଗଢା ଓଡିଆ ସମାଜ ଓସା ପାଇଁ ଥିଲା । ମେନକା, ଯିଏ କୋର୍ଟ କଚେରିର "କ" ଅକ୍ଷର ସୁଦ୍ଧା ବୁଝିନଥିଲା, ଏବେ ଏତେବଡ ଦାୟିତ୍ୱର କାମ ତୁଲେଇବ, ନିଜ ପାଇଁ ନୁହେଁ, ଏକ ବିରାଟ ଅନୁଷ୍ଠାନ ପାଇଁ । ମେନକା ଘର ଭିତରକୁ ଯାଇ କାନ୍ଦିଥିଲା । ସେଦିନ ଆଉ ସେମାନେ ଖାଇବାକୁ ଭୋଜନାଳୟ ଯାଇନଥିଲେ । ତା' ଜୀବନ ସହିତ ଇଏ କି ପରୀକ୍ଷା ଚାଲିଛି, ବୁଝିବାକୁ ସିଏ ସକ୍ଷମ ହୋଇନଥିଲା । ଓସା ନିର୍ବାଚନରେ ଲଢୁଥିବା ଅପରପକ୍ଷର ପ୍ରାର୍ଥୀମାନେ ଓସା ବିରୁଦ୍ଧରେ କୋର୍ଟ କେଶ୍ କରିଥିଲେ । ପଚିଶି, ତିରିଶି ବର୍ଷ ତଳେ ଘଟିଥିବା ଓସାର ବିଭିନ୍ନ ଘଟଣାକୁ ଏକତ୍ରୀକରଣ କରି ଗୋଟିଏ ଚାଲ୍ ଚଲେଇଥିଲେ ଅପରପକ୍ଷ । ଆଉ ସ୍ୱେଚ୍ଛାସେବୀ ହୋଇ ଓସାରେ ରହିଥିବା ସମସ୍ତ ଅବ୍ୟବସ୍ଥାର ସୁବ୍ୟବସ୍ଥା କରାଇବାର ମନସ୍ତତ୍ୱ ନେଇ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ମେନକା ସେବର୍ଷ ଓସାର କିଛି କୁଚକ୍ରୀ ମାନଙ୍କର ଚକ୍ରବ୍ୟୂହରେ ପଡି ଛଟପଟ ହେଉଥିଲା ।

ସେଦିନ ଓ ଆଜିର ଦିନ ଭିତରେ ୧୯ ବର୍ଷ ବିତିଗଲାଣି । କିନ୍ତୁ ସେ ସ୍ମୃତି ସେମିତି ତାଜା ହୋଇ ଅଛି ।

ଏବେ ଏ ବୟସରେ ଶରୀରକୁ ସୁସ୍ଥ ରଖିବାକୁ ମେନକା ନିୟମିତ ଭାବେ ବଲିଉଡ୍ ନାଚ କ୍ଲାସ ଯାଏ । ତେଣୁ ସିଏ ମନ୍ଦିରରୁ ନାଚ କ୍ଲାସ ପାଇଁ ୨ଟା ୪୦ ବେଳକୁ ବାହାରିଗଲା । ନାଚକ୍ଲାସକୁ ଯିବା ପାଇଁ ୨୦ ମିନିଟ୍ ଲାଗେ । ସେଠାରେ ପହଞ୍ଚି ସିଏ ବାଥ୍ରୁମ ଯାଇ ଶାଢୀ ବଦଳାଇଲା ଓ ଲେଗିଙ୍ଗ୍ ଏବଂ ଟି-ସାର୍ଟ ପିନ୍ଧି କ୍ଲାସରେ ଯୋଗ ଦେଲା । ଆଗାମୀ ଜୁନ୍ ୭ ତାରିଖର ପ୍ରୋଗ୍ରାମ ପାଇଁ ଏବେ କ୍ଲାସରେ ଅଭ୍ୟାସ କରିବାକୁ ପଡୁଥିଲା । ଏତେ ଅଧିକ ବ୍ୟାୟାମ ହେଉଥିଲା ଯେ, ଦେହରୁ, ମୁଠରୁ ଝାଳ ବାହାରି ମୁଠ ଓଦା ହୋଇଯାଉଥିଲା ।

ISSN NO.
2582-208X

ନାଚକ୍ଲାସରେ ଘଣ୍ଟାଏ ଅଭ୍ୟାସ କରିବା ପରେ ମେନକା ଘରକୁ ଫେରିଲା । ଦୁଇଝିଅ ଆଜି ତାର ଜନ୍ମଦିନ ପାଇଁ ମେକ୍ସିକାନ ଭୋଜନାଳୟରେ ରାତ୍ରଭୋଜନର ବ୍ୟବସ୍ଥା କରିଥିଲେ । ସେ ଭୋଜନାଳୟର ନାମ ଥିଲା "ସୋଲୁନା' । କିନ୍ତୁ ମଝିଆଁ ଝିଅ ମୋନାକୁ ସାଢେ ୭ଟା ବେଳକୁ ଅନ୍ୟ ଏକ ପ୍ରୋଗ୍ରାମ୍ ପାଇଁ ଯିବାର ଥିଲା । ସେଥିପାଇଁ ଯୋଜନା ହୋଇଥିଲା ସମସ୍ତେ ସେ ଭୋଜନାଳୟରେ ୫ଟାରେ ଭେଟିବାକୁ ।

ଏବେ ପୁଣି ମେନକାର ପୋଷାକ ପରିବର୍ତ୍ତନ ହେଲା । ସାନଝିଅ ଗତ ମାସରେ ଆସିଥିବା ସମୟରେ ଲଫ୍‌ଟସ ଦୋକାନରୁ ମେନକାର ଜନ୍ମଦିନ ପାଇଁ ଗୋଟିଏ ଡ୍ରେସ କିଣିଦେଇଥିଲା। ସେଇ ଡ୍ରେସଟିକୁ ପିନ୍ଧିଲା ମେନକା । ପ୍ରକାଶଙ୍କୁ ଜୁହାର ହେଲା । ସେମାନେ ୪ଟା ୪୦ ବେଳକୁ ଏଲ୍‌କ୍‌ରିଜ୍‌ର ସେ ମେକ୍ସିକାନ୍ ଭୋଜନାଳୟ ପାଇଁ ଘରୁ ବାହାରିଗଲେ ।

ବଡ ଝିଅ ସୋନା ୫-୭ ମିନିଟ୍ ଡେରିରେ ପହଞ୍ଚିବ ବୋଲି ଖବର ଦେଇଥିଲା । ପ୍ରକାଶ ଓ ମେନକା ୫ ମିନିଟ୍ ଆଗରୁ ପହଞ୍ଚିଗଲେ ଓ ଭୋଜନାଳୟ ବାହାରେ ବଡଝିଅକୁ ଅପେକ୍ଷା କଲେ । ପ୍ରକାଶ ପାର୍କ ହୋଇଥିବା ସମସ୍ତ ଗାଡି ଉପରେ ଆଖି ବୁଲେଇ ଆଣି କହିଲେ, "ମୋନାର ଗାଡି ବି ତ ଏଠି ଦେଖାହେଉନି । ତାମାନେ ସିଏ ବି ପହଞ୍ଚିନି ବୋଧହୁଏ ।' ଏହି ସମୟରେ ମଝିଆଁ ଝିଅ ମୋନା ଭୋଜନାଳୟ ଭିତରୁ କବାଟ ଖୋଲି ବାହାରି ଆସି ମେନକାକୁ "ଶୁଭ ଜନ୍ମଦିନ' ଜଣେଇଲା ଓ କହିଲା, "ମୁଁ ଭିତରେ ଥିଲି ପାପା । ତମେ ଦୁଇଜଣ ଭିତରକୁ ଆସ ।'

ପ୍ରକାଶ ପଚାରିଲେ, "ତୋ ଗାଡି ତ କେଉଁଠି ଦେଖିଲିନି ।'

ମୋନା - "ମୁଁ ସେ ସାଇଡରେ ପାର୍କ କରିଛି ।'

ସେମାନେ ଭିତରକୁ ଗଲେ । ବହୁତ ସୁନ୍ଦର ଭୋଜନାଳୟ । ବଡ ସୁନ୍ଦର କଳାକୃତିରେ ସଜ୍ଜିତ । ବାତାବରଣରେ ସୁନ୍ଦର ମେକ୍ସିକାନ୍ ସଙ୍ଗୀତର ଲହରୀ । ମେନକା କହିଲା, "ବହୁତ ସୁନ୍ଦର ହୋଇଛି । ପୂରା ଫଟୋ ସୁଟ୍ କରିବା ଭଳି ସ୍ଥାନଟି ଏକା ।'

ISSN NO.
2582-208X

ପାଞ୍ଚମିନିଟ୍ ପରେ ବଡ ଝିଅ ମୋନା, ତା ସ୍ୱାମୀ ଓ ୩ ବର୍ଷର ପୁଅ ନିୟମକୁ ନେଇ ପହଞ୍ଚିଲା ।

ସେମାନେ ସାନ ଝିଅକୁ ଭିଡିଓ କଲ୍ କଲେ । ସୁସ୍ୱାଦୁ ଖାଦ୍ୟ ଓ କଥୋପକୋଥନ ମଧ୍ୟରେ ସମୟ କେମିତି ବିତିଗଲା, ଜଣାପଡିଲାନି । ଏବେ ଆସିଲା ବିଶିଷ୍ଟ ମୁହୂର୍ତ୍ତ । ସେ ଭୋଜନାଳୟ ତରଫରୁ ଏକ ଜନ୍ମଦିନର କେକ୍ ଓ ମହମବତୀ ଜଳେଇ ଜନ୍ମଦିନ ପାଇଁ ଶୁଭେଚ୍ଛା ଜ୍ଞାପନ କରିବାର ପ୍ରୟାସ ।

ମହମବତୀ ଜଳିଲା । "ଶୁଭ ଜନ୍ମଦିନ' ଗୁଞ୍ଜିତ ହେଲା । ନାତି ନିୟମ ମଧ୍ୟ "ହାପି ବାର୍ଥ ଡେ' ଗୀତ ଗାଇବାରେ ଯୋଗଦେଲା ।

ଜନ୍ମଦିନ ଶୁଭରେ ଶୁଭରେ କଟିଗଲା । ଇଏ ଥିଲା ଏକ ଶୁଭ ମୁହୂର୍ତ୍ତ । ଉଣେଇଶି ବର୍ଷ ତଳର ସେ ଅଶୁଭ ମୁହୂର୍ତ୍ତର ସଂପୂର୍ଣ୍ଣ ବିପରୀତ ।

ଏମିତି ହିଁ ଜୀବନ । ଋତୁଚକ୍ର ଭଳି ଜୀବନର ଚକ୍ର କେତେବେଳେ କଣ ଘେନି ଆସେ, ସେସବୁକୁ ସହଜରେ ଅନୁମାନ କରିହୁଏନି । ଭୋଜନାଳୟ ଛାଡିବା ପୂର୍ବରୁ ସେ ଭୋଜନାଳୟର ଜଣେ ପରିଚାରିକା ସମସ୍ତଙ୍କର ଏକ ସୁନ୍ଦର ଫଟୋ ଉଠାଇଦେଲେ ।

(((-)))

୪୫୨୫ ରଦରଫୋର୍ଡ ୱେ
ଡେଟନ୍, ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
Contact Email: bigyanidas.osa@gmail.com

ISSN NO.
2582-208X

# ଚାଲଯିବା ସେହି ତାରେଁ କି ସହର୍....



ଇଂ. ସୁଶାନ୍ତ କଶୋର ବଳ

ରାତିରେ ମୁଁ ଶୋଇଥିଲି ମୋ ବିସ୍ତରେ !
କିଛି ମିଠା ସ୍ୱପ୍ନ ଆସିଥିଲା ନୟନେ !
କେହିଜଣେ ଝୀପସା ଅଂଧାରେ ଆସି,
ମତେ ମୁଂଣ୍ଡ ଆଉଂସି କହିଥିଲା -
ହେ ହେ କଣ ଶୋଇ ପଡୁଛ ?
ଆଖି ଖାଲି ଦେଖ, ସାମନାରେ କିଏ ?
......
ତମେ କିଏ....କିଏ... ?
କଣପାଇଂ ମୋ ସମୀପେ ଆସିଛ ପ୍ରୀୟେ ?
ପୁଣି ଏତେ ନୀଶବ୍ଦ ଶୂନଶାନ ରାତିରେ ?
ସିଏ ପୁଣି ଏକଲା ,ଡର ଲାଗିଲାନି ?
............
ହା ଡର....?
କଇଂଫୁଲ କଣ ତପନକୁ ଡରେ ?
ଚକୋରୀ କଣ ଚଂଦ୍ରକୁ ଡରେ ?
କାଦମ୍ବିନୀ କଣ ସାଗରକୁ ଡରେ ?
ତୃଷ୍ଣା କଣ ତଟିନୀକୁ ଡରେ ?
ବିହଂଗ କଣ ଆକାଶକୁ ଡରେ ?

ISSN NO.
2582-208X

ମୟୂରୀ କଣ ବନସ୍ତକୁ ଡରେ ?
ଗୋଲାପ କଣ ଉଦ୍ୟାନକୁ ଡରେ ?
ଲହରିଆ ଧାନଗଛ କଣ ଖେତକୁ ଡରେ ?
ଡରେକି ?
କୁହନା ଡରେକି ?
..........
ନାଁ...ତ !
.........
ତେବେ ମୁଂ କାହିଁକି ଡରିବି ?
ତମେ ପରା ଅଛ !
ମୁଂପରା ତମ ପାଖକୁ ଆସିଛି ଧାଇଁ !
ମୋ ଡର ମାରିବା ପାଇଁ !
ମୋ ନୀଃସଂଗତା ଦୂରେଇବା ପାଇଁ !
ମୋ ଅକେଲାପଣ ଛଡେଇବା ପାଇଁ !
ମୋଲକ୍ଷ୍ୟେ ଶ୍ରାବଣକୁ 'ମାନେ' ଦେବାପାଇଁ !
ମୋ ଉତ୍ତାଳ ପୀନପୟୋଧାରକୁ
ତମ ହାତର ପରସ ପାଇଁ !
ମୋତେ ଶକ୍ତ ଆଲିଂଗନ ପାଇଁ !
ମୋ ଦେହକୁ ଚୁପୁଡି ନୀର୍ଯ୍ୟାସ ବାହାର କରିଦେବା ପାଇଁ !
କଣ ରାଜି ତ ?
ହଂ ରାଜି ଯେ, ହେଲେ...
.............
କିଛି ଶୁଣିବାକୁ ମୁଂ ପ୍ରସ୍ତୁତ ନୁହେଂ,
ଡେରି କାହିଁକି ?
ଚ୍ୱାଲ...ମୋ ହାତକୁ ଶକ୍ତେ ଧର...ଆଉ ଚାଲ !
...........
ହେଲେ କେଉଂଆଡେ ଆଉ କେମିତି ଯିବା ?

ISSN NO.
2582-208X

..............
ଉଡିଉଡି ଯିବା ତାରେଁ କି ସହର୍ !
ପବନହଂସୀ ବ୍ୟୋମଜାନେ! !
.................
ବାଃ ଖୁବ୍ ମଜ୍ଜା ଆସିବ ନାଁ ?
.......
ବହୁତ ମଜା ,ବାସ୍ ମଜା ହି ମଜା !
..........
ଆମେ ଯିବା ସେହି ତାରେଁକା ସହର !
ଯେଉଁଠି ମିଳିବ ବହୁତ ଖାତିର !
ମିଂଜିମିଂଜି ତାରା ଖଂଜା ଆକାଶସାରା !
ଚାଁଦବି ଥିବ ମେଲେଇ ଚାଁଦିନୀପସରା !
ରମ୍ଭା, ଉର୍ବଶୀଂ ଡଂକା ବାଜୁଥିବ !
ତିଲୋତ୍ତମା,ମେନକା ନୃତ୍ୟ କରୁଥିବେ
ଅଂଗଭଂଗୀ ତାଁକ ଚିତ୍ତ ମୋହୁଥିବ !
ସ୍ୱଳ୍ପବସ୍ତ୍ରା କୁମାରୀ ଆସେପାସେ ଘୁରି
ଗୋଲାପି ଓଠେ ମହୁଆ ହସି ,
ନେଇଯିବେ ପାରିଧି ରଥରେ ବସି !
ଯେଉଂ ତାରା ଆମେ ଦେଖୁଛୁ ଦୂରୁ
ତାକୁ ଦେଖିବା ଥାଇ ବହୁ ପାଶରୁ !
ପରି ମାନଂକ ଆତିଥ୍ୟ ଖୁବ୍ ମନଲୋଭା
ବାରେ ଲାଭକଲେ ରହେସେ ଅଲିଭା !
ଖ୍ୟୁଧାନାହି ସେଠି ତୃଷାନାହିଂ ସେଠି
ଦରକାର ନାହିଂ ପୋଷାକ ପରିଧାନ !
ସେଠି ଅନ୍ତଃଯୁଧ୍ୟ ଅନ୍ତଃକଳହ ନାହିଂ,

ISSN NO.
2582-208X

ନାହିଁ ସେଠି ଘୃଣ୍ୟ ପରଶ୍ରୀକାତରତା
ଅନାବିଳ ଆନ୍ତରିକତା ନିବିଡ ବଂଧୁତା
ପରସ୍ପର ସ୍ନେହ, ପ୍ରେମେ ବିତଇ ଦିନ ,
ସେହି ତ 'ତାରୋଂକା ସହର୍' କା
ବୈଶିଷ୍ଟ୍ୟତା, ଅନୁପମତା, ବୈଚିତ୍ର୍ୟତା !

(((-)))

କଟକ

ISSN NO.
2582-208X

# ପ୍ରାର୍ଥନା



ଅଳକା ମହାନ୍ତ

ତୁମେ ତ ଦେଇଛ ସ୍ନେହ ଧାରା ପ୍ରଭୁ,
ବାଣ୍ଟିବାକୁ ଜଗତ ରେ !
ତୁମରି ଚରଣେ ଅଳି କରେ ପ୍ରଭୁ,
ଶକ୍ତି ଦିଅ ମୋ ମନ ରେ !!

ତୁମେ ପ୍ରଭୁ ଅଟ ସୁଖର ସାଗର
ଅଣୁ ଏ ଦେଇଛ ମୋତେ,
ବାଣ୍ଟୁ ଥିବି ସୁଖ ପ୍ରସାଦ ସମାନ
ଦୁଃଖ ବି ଆସିଲେ କେତେ ।

ସନ୍ତୁଷ୍ଟତା ହେଉ ମୋ ଗଳାର ମାଳି
ମୁକୁଟ ହେଉ ସାହସ,
କ୍ଷମା ଦେଉଥାଏ ଦୟାବାନ୍ ହୋଇ
ଦେଇ ସ୍ନେହର ପରଶ ।

ପରବଶେ ରହି ପର ଚିନ୍ତନରେ
ମନ ମୋ ନ ଲାଗୁ କେବେ,
କାମନା, ବାସନା ମୋହଗ୍ରସ୍ତ ହୋଇ
ଶାନ୍ତି ନ ମିଳୁ ଏ ଭବେ ।

ISSN NO.
2582-208X

ସଭିଙ୍କୁ ସମ୍ମାନ, ସଭିଙ୍କୁ ଆଦର
କରୁଥାଏ ହୃଦୟରୁ,
ସଭିଙ୍କ ସୁଖରେ ସୁଖୀ ହେଉଥାଏ
ସ୍ନେହ ବାରି ସଦା ଝରୁ।

(((-)))

ଭୁବନେଶ୍ୱର

ISSN NO.
2582-208X

# ବିରହିଣୀ ପ୍ରିୟମ୍ବଦା



ଡ଼ଃ ମନ୍ଦାକିନୀ ପାଢ଼ୀ

ଶରଧା ଅଛି ରାଧା ନାମରେ
ଭୁଲି ପାରେନାହିଁ କାହ୍ନା
ବିରହ ବେଦନା ଆହୁରି ଅଧିକ
ସହିପାରନ୍ତି ନାହିଁ କୁଞ୍ଜବନ
ଯମୁନା……।।

ବଇଁଶୀ ବାଜିଲେ ଯମୁନା କାନ୍ଦି ଉଠଇ
ସମର୍ପଣ ଭାବ ପ୍ରେମରେ ସିନା
ରାଧା ହିଁ କୃଷ୍ଣ କୃଷ୍ଣ ହିଁ ରାଧା
ଦୁହେଁ ଦୁହିଁଙ୍କ ଅଧା……।।

ତୁମ ପ୍ରେମେ ଯିଏ ପଡ଼ିଯାଏ କାହ୍ନା
ପ୍ରେମ ବିରହିଣୀ ହୁଏ
ଚୋରି କଲ ଗୋପୀମନ ଯେତେ ଥିଲା
ବିରହିଣୀ ଗୋପପୁରେ ……।।

ପ୍ରେମ ତୁମ ସାଥିରେ ଯାହାର ହୁଏ
ସିଏ ହୁଏ ବିରହିଣୀ

ISSN NO.
2582-208X

ଏରୁଣ୍ଡି ବନ୍ଧ ଡେଇଁ ନାହିଁ କେବେ
ତଥାପି ମୁଁ କଳଙ୍କିନୀ ।।

ମୀରା ତୁମ ପାଇଁ ତ୍ୟାଗ କଲା ସବୁ
ହେଲା ପ୍ରେମ ପୂଜାରିଣୀ
ତ୍ୟାଗର ମହିମା ଦୁନିଆଁ ବୁଝେନା
ତୁମ ପାଇଁ ସେ ବିରହିଣୀ ।।

ତୁମ ବିନା ତ କାହ୍ନା ହେବା ଏକାକିନୀ
ଅଟଇ ଯେ ଅସମ୍ଭବ
ଶୟନେ ସପନେ ଅବା ଜାଗରଣେ
ମନେ ପଡ଼ ହେ କେଶବ ।।

ନାଁ ଯମୁନା ଅଛି ନାଁ କଦମ୍ବ ବନ
କିଏ ଝରାଇବ ଲୁହ
ନିଜ ଲୁହ ନିଜେ ପାନ କରିବାକୁ ହୁଏ
ଭୁଲି ସବୁ ମାୟା ମୋହ ।।

(((–)))

ରାଜନୀତି ବିଜ୍ଞାନ ବିଭାଗ
ପଦ୍ମପୁର, ବରଗଡ଼
ଦୋଳ ସାହି, ଭଦ୍ରକ

ISSN NO.
2582-208X

ବେଦାନ୍ତୀ

# ଓଡ଼ିଆ ପରମ୍ପରାରେ ସାବିତ୍ରୀ ବ୍ରତ



ବାସନ୍ତୀ ଲତା ଜେନା

ଓଡ଼ିଆ ସଂସ୍କୃତି ଓଡ଼ିଆ ପରମ୍ପରା ବହୁ ପ୍ରାଚୀନ । ଜଗତର ନାଥ ଜଗନ୍ନାଥ ଉତ୍କଳୀୟ ମାନଙ୍କର ଆରାଧ୍ୟ ଦେବତା । ତାଙ୍କର ପୂଜା ପାଠି ରୀତି ନୀତି ଅନୁଯାୟୀ ସଂସ୍କୃତି ଓ ପରମ୍ପରା ପ୍ରଚଳିତ । ହିନ୍ଦୁ ରମଣୀ ନିଜ ଘର ପରିବାର, ନିଜ ସନ୍ତାନ ପାଇଁ ବିଭିନ୍ନ ଉଷା ବ୍ରତ ପାଳନ କରି ଥାନ୍ତି । ବିଭିନ୍ନ ଦେବା ଦେବୀଙ୍କୁ ମାନସିକ କରି ଥାନ୍ତି । ସେହିପରି ଓଡ଼ିଶାର ସଧବା ନାରୀ ମାନେ ନିଜ ଶଙ୍ଖା, ସିନ୍ଦୁର ବଜ୍ର ହେଉ, ସ୍ଵାମୀଙ୍କର ଆୟୁଷ ଦୀର୍ଘାୟୁ ହେଉ କାମନା କରି ଜ୍ୟେଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ପାଳନ କରି ଥାନ୍ତି । ଅପରାହ୍ନରେ ଲକ୍ଷ୍ମୀ ନାରାୟଣଙ୍କୁ ପୂଜା କରାଯାଏ । ପୂଜାରେ ନୂଆ ଲୁଗା, ନାଲି ଶଙ୍ଖା, ସିନ୍ଦୂର, ଅଳତା, କଜ୍ଜଳ, ପାଣିଆ, ଆଇନା, ନଡ଼ିଆ, କଦଳୀ, ଆମ୍ବ, ପଣସ, ଗଜାମୁଗ, ତାଳସଜ, ସପୁରି, ଖଜୁରୀକୋଳି, ଜାମୁ କୋଳି, ଫୁଲ, ଚନ୍ଦନ, ଦୁବ, ବରକୋଳି ପତ୍ର, ଆମ୍ବ ଡାଳ, ହଳଦୀ, ସାବିତ୍ରୀ ବ୍ରତ ବହି ଇତ୍ୟାଦି ଆବଶ୍ୟକ ହୋଇଥାଏ । ପୂଜା ସରିଲା ପରେ ଗୁରୁଜନ ମାନଙ୍କୁ ଓ ସ୍ଵାମୀଙ୍କୁ ପ୍ରଣାମ କରାଯାଏ । ସେଦିନ ଫଳ ଆହାର କରି ଦିନ କାଟନ୍ତି ।

କିମ୍ବଦନ୍ତୀ କହେ, ମଦ୍ର ଦେଶର ରାଜା ଅଶ୍ଵପତି ନିସନ୍ତାନ ଥିଲେ । ସେ ବ୍ରହ୍ମାଙ୍କର ପତ୍ନୀ ସାବିତ୍ରୀଙ୍କୁ ସନ୍ତୋଷ୍ଟ କରିବା ପାଇଁ ଯଜ୍ଞ କଲେ । ସାବିତ୍ରୀ ଦେବୀ ପୂଜାରେ ସନ୍ତୋଷ୍ଟ ହୋଇ ପୁତ୍ର ବଦଳରେ ଆଦର୍ଶ କନ୍ୟା ରତ୍ନର ପିତା ହେବା ପାଇଁ ଆଶୀର୍ବାଦ ଦେଲେ । ନିର୍ଦ୍ଦିଷ୍ଟ ସମୟରେ କନ୍ୟା ରତ୍ନ ଜନ୍ମ ହେଲା । ରାଜା ରାଣୀ ଝିଅଟିର ନାମ ରଖିଲେ ସାବିତ୍ରୀ । ସେ ଯେତେ ବେଳେ ବିବାହ ଯୋଗ୍ୟ ହେଲେ ନିଜ ଇଛାରେ ସତ୍ୟବାନଙ୍କୁ ସ୍ଵାମୀ

ISSN NO.
2582-208X

ରୂପେ ପାଇବା ପାଇଁ କାମନା କଲେ । ନିଜ ପିତାଙ୍କୁ ଏ କଥା ଜଣାଇଲେ । ସେତେବେଳେ ନାରଦ ମୁନି କହି ଥିଲେ ସତ୍ୟବାନଙ୍କର ମାତ୍ର ଏକ ବର୍ଷ ଆୟୁଷ ଅଛି । ତୁମେ ତାଙ୍କୁ ବିବାହ କର ନାହିଁ । ସାବତ୍ରୀ କହିଲେ "ମୁଁ ତ ତାଙ୍କୁ ମନେ ମନେ ପତି ରୂପେ ସ୍ଥିର କରି ସାରିଛି । ତାଙ୍କୁ ହିଁ ବିବାହ କରିବି । ତାପରେ ସତ୍ୟବାନଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ଏକ ବର୍ଷ ପୂର୍ଣ୍ଣ ହୋଇଥିଲା ଜ୍ୟେଷ୍ଠ ଅମାବାସ୍ୟା ଦିନ । ସାବିତ୍ରୀ ଜାଣିଲେ ଆଜି ତାଙ୍କ ସ୍ୱାମୀଙ୍କର ଅନ୍ତିମ ଦିବସ । ସେ ନିଷ୍ଠାର ସହିତ ପୂଜା ସାରି ଦେଇ ସ୍ୱାମୀଙ୍କ ସହିତ ବଣକୁ ଗଲେ କାଠ ଆଣିବା ପାଇଁ । ସତ୍ୟବାନ ଗୋଟିଏ ଗଛରେ ଚଢ଼ି ଡାଳ ହାଣିବା ସମୟରେ ତା ମୁଣ୍ଡ ଘୁରାଇ ଦେଲା । ସେ ତଳେ କଚାଡି ହୋଇ ପଡି ମୃତ୍ୟୁ ବରଣ କଲେ । ସାବିତ୍ରୀ ମୃତ ସ୍ୱାମୀଙ୍କୁ କୋଳରେ ଧରି ବସି ଥାନ୍ତି । ଯମ ଦୂତ ମାନେ ସତ୍ୟବାନଙ୍କର ପ୍ରାଣ ନେବା ପାଇଁ ଆସି ପହଞ୍ଚି ଗଲେ । ସତୀ ସାବିତ୍ରୀଙ୍କ ତେଜରେ ଯମ ଦୂତ ମାନେ ପାଖରେ ପହଞ୍ଚି ନ ପାରି ଫେରି ଯାଇ ଯମ ରାଜାଙ୍କୁ ସବୁ କଥା କହିଲେ । ଯମ ରାଜା ନିଜେ କାଳ ଫାସ ଧରି ସାବିତ୍ରୀଙ୍କ ପାଖରେ ପହଞ୍ଚି ସତ୍ୟବାନଙ୍କ ପ୍ରାଣ ନେବାକୁ କହିଲେ । ସାବିତ୍ରୀ ସତ୍ୟବାନଙ୍କ ପ୍ରାଣ ଛାଡିଦେଲେ । ଯମ ରାଜ ସତ୍ୟବାନଙ୍କ ପ୍ରାଣ ନେଇ ଚାଲି ଗଲେ । ସାବିତ୍ରୀ ତାଙ୍କ ପଛେ ପଛେ ଗଲେ । କିଛି ଦୂର ଅତିକ୍ରମ କଲା ପରେ ଯମରାଜ ସାବିତ୍ରୀଙ୍କୁ ଦେଖି କହିଲେ ସତ୍ୟବାନଙ୍କ ପ୍ରାଣ ବ୍ୟତୀତ ଯେଉଁ ବର ମାଗୁଛ ମାଗ । ସାବିତ୍ରୀ ପ୍ରଥମ ବରରେ ଅନ୍ଧ ଶାଶୁରଙ୍କର ଚକ୍ଷୁ ଓ ହରାଇଥିବା ରାଜ୍ୟ ଫେରି ପାଇବାକୁ ବର ମାଗିଲେ । ଦ୍ୱିତୀୟ ବରରେ ନିସନ୍ତାନ ପିତାଙ୍କର ପୁତ୍ର କାମନା କଲେ । ତୃତୀୟ ବରରେ ସେ ନିଜେ ଶତ ପୁତ୍ରର ଜନନୀ ହେବା ପାଇଁ ବର ମାଗିଲେ । ଯମ ରାଜ ତଥାସ୍ତୁ ବୋଲି କହିଲେ ।

ସେତେବେଳେ ସାବିତ୍ରୀ କହିଲେ ମୋ ସ୍ୱାମୀଙ୍କୁ ମୋତେ ଫେରାଇ ଦିଅ । ନ ହେଲେ ତୁମ ବର ଅକାରଣ ହୋଇ ଯିବ । ଏ କଥା ଶୁଣି ଯମ ରାଜ ନିରୁପାୟ ହୋଇ ଥିଲେ ଓ ସେ ସତ୍ୟବାନଙ୍କର ପ୍ରାଣ ଫେରାଇ ଦେଇ ଥିଲେ । ଦ୍ୱାପର ଯୁଗରେ ଧର୍ମ ରାଜ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ପଚାରି ଥିଲେ ନାରୀ ମାନେ କିପରି ସୁଭାଗ୍ୟବତୀ ହୋଇ ପାରିବେ ? ଶ୍ରୀକୃଷ୍ଣ ତାଙ୍କୁ ସାବିତ୍ରୀ ବ୍ରତ କଥା କହି ଥିଲେ ।

ପୁରାତନ ହେଉ ଅବା ଆଧୁନିକ । ପଡିଆ ରମଣୀ ସବୁବେଳେ ଚାହେଁ ସେ ସୌଭାଗ୍ୟବତୀ ହେଉ । ତା ସ୍ୱାମୀଙ୍କର ଜୀବନ ଦୀର୍ଘଜୀବି ହେଉ । ସେ ସୁଖରେ ଘର ସଂସାର କରୁ ।

ISSN NO.
2582-208X

ସ୍ୱାମୀଙ୍କ ପାଖରେ ତା ଜୀବନ ଶେଷ ହେଉ । ସ୍ୱାମୀଙ୍କ କାନ୍ଧରେ ସେ ମଶାଣି ମା କୋଳକୁ ଯାଉ । ଏ ବ୍ରତ ହେଉଛି ଆସ୍ଥା, ଭରସା, ବିଶ୍ୱାସର କଥା । ଓଡ଼ିଆ ପରମ୍ପରାରେ ସାବିତ୍ରୀ ବ୍ରତ ପିଢ଼ି ପରେ ପିଢ଼ି ପାଳିତ ହୋଇ ଆସିଛି । ଏହି ବ୍ରତ କରି ଓଡ଼ିଆ ରମଣୀ ଖୁସି ଅନୁଭବ କରେ । ଶାନ୍ତି ପାଏ ।

(((-)))

କବର, କୁପାରୀ, ବାଲେଶ୍ୱର
ଦୂରଭାଷ ନଂ : ୫୬୫୫୫୬୫୫୯୭୯

ISSN NO.
2582-208X

# ଲେଖୁଛି ଅଳପ ଭାବୁଛି ବେଶି



ବେଣୁଧର ସୂତାର

କେତେ ଭାବ କେତେ ଭାବନା ଲହରି
ମନତଳେ ତୋଳେ ଚିତ୍ର ମଧୁର
ମୁଗ୍ଧ ଆବେଗରେ ଶବ୍ଦର ଝଙ୍କାରେ
ହୃଦ ତୀରେ ଝରେ କବିତା ସୁର
ମଧୁ ମାଦକତା ଏମନେ ଜାଗେ
ବାଣୀ ବିନୋଦିନୀ ପ୍ରଜ୍ଞାମୟୀ ପାଦେ
ମମତାର ମଧୁ ଆଶିଷ ମାଗେ ॥

ଶବ୍ଦ ବାଟିକାର ପାରିଜାତ କୁଞ୍ଜେ
ମଞ୍ଜୁଳ ସ୍ୱପ୍ନରେ ଭିଜାଏ ଆଶା
ସୁଷମା ପୂରିତ ଚାରୁ ରୂପ କଳ୍ପ
ମାଧୁର୍ଯ୍ୟ ବୋଳା ଏ ଲଳିତ ଭାଷା
ଭାବ ଉନ୍ମାଦର ମୂର୍ଚ୍ଛନାତୋଳେ
ଭାସିଯାଏ ମନ ଭାବର ସ୍ରୋତରେ
ଶବ୍ଦ ପୀୟୂଷର ତରଙ୍ଗ ମାଳେ ॥

ଅନୁଭବରଏ ମୁଗ୍ଧ ସମ୍ମୋହନେ
ଉଚ୍ଛୁଳି ଉଠଇ ହୃଦ ସରସୀ
ସପନ ପଖଳା କଳ୍ପନା ନୟନେ
ଭାବ ସୁଧା ମଧୁ ଦିଏ ପରଶି

ISSN NO.
2582-208X

ଭବନାରେ ଭିଜେ ଦିବସ ନିଶି
ଅଭାବ ବୋଧରେ ଅମାନିଆ ମନ
ଲେଖୁଛି ଅଳପ ଭାବୁଛି ବେଶି ॥

ହୃଦୟ ତନ୍ତ୍ରୀର ପ୍ରତି ସ୍ପନ୍ଦନରେ
ନବ ଉନ୍ମେଷର ଭାବ ହିଁ ତୁମେ
ତୁମେ ଅନ୍ତଃସ୍ୱର ତନ୍ମୟ ଝଙ୍କାର
ବିଦଗ୍ଧ ଏ ମୋର ଅନ୍ତର ଭୂମେ
ଚିର ଉଦ୍ଭାସିତ କାବ୍ୟ ନାୟିକା
ସାରସ୍ୱତ ତୀରେ ମଗ୍ନ ତପସ୍ୱୀ ମୁଁ
ତୁମେ ମନ ମରୁଦ୍ୟାନ ମଲ୍ଲୀକା ॥

ଆତ୍ମୀୟତା ପଣେ ତୁମେ ଆସୁଅଛ
ଭାବ ଅନ୍ତରାଳେ ଲେଖନୀ ଧାରେ
ଭିଜା ଅନୁରାଗେ ପ୍ରଜ୍ଞାର ଆବେଗେ
ମୂର୍ଚ୍ଛନା ତୋଳୁଛ ହୃଦୟ ତୀରେ
ଆତ୍ମ ବିଭୋରେ ମୁଁ ଚଳାଏ ମସୀ
ଶବ୍ଦର କଲ୍ଲୋଳେ ଭାଷା ଶତଦଳେ
ଲେଖୁଛି ଅଳପ ଭାବୁଛି ବେଶି ॥

(((-)))

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

ISSN NO.
2582-208X

# ଭୁଲ କଲେ ଭୟ ଲାଗେ

ଧ୍ରୁବ ଚରଣ ଘିବେଲା

ଭୁଲ ଭଲ ନୁହେଁ ନିର୍ଭୁଲ ହିଁ ଭଲ
ଭୁଲ କଲେ ଭୟ ଲାଗେ
ଭୁଲଠୁ ଦୂରେଇ ଭଲ ଆପଣେଇ
ନେଲେ କେତେ ଭଲ ଲାଗେ ।
ଭୁଲ ଅନୁଚିତ ନୁହଁଇ ଉଚିତ
ଭୁଲ କଥା କାମ କେବେ
ଭୁଲ କରଣୀୟ ନୁହେଁ କେତେବେଳେ
ଭୁଲ ବର୍ଜନୀୟ ତେବେ ।
ଗୋଟେ ମିଛ ପାଇଁ କେତେ ମିଛ କହି
ଭୁଲ କାମ କରାଯାଏ
ମିଛ କହିବାନି ଭୁଲ କରିବାନି
ମିଛରେ ହିଁ ଭୁଲ ଥାଏ ।
ମିଛ ଯେଉଁଠେଇ ଭୁଲ ସେଇଠେଇ
ମିଛ ଯୋଗୁଁ ଭୁଲ ହୁଏ
ମିଛରେ ଦୁର୍ନାମ ନ ଥାଏ ସୁନାମ
ମିଛ ସହ ଭୁଲ ଥାଏ ।
ପୁଣି ଜାଣିଶୁଣି ଭୁଲ କରିବାନି
ସେଇ ଭୁଲ ଅପରାଧ
ଅଜାଣତେ ଯଦି ଭୁଲ ହୋଇଯାଏ
ସେଥିପାଇଁ ରହୁ ଖେଦ ।

ISSN NO.
2582-208X

ଭୁଲ ହୁଏ ବୋଲି ଭୁଲ କରିବା ବି
କେବେ ନୁହେଁ ଭଲ କଥା
କୃତ ଭୁଲ ପାଇଁ କ୍ଷମାପ୍ରାର୍ଥୀ ହେବା
ଅଧିକ ସୁନ୍ଦର କଥା ।
କାମ କଲା ବେଳେ ସତର୍କ ହୋଇକି
କାମ କରିବା ଉଚିତ
ଭାରି ଭଲ ଲାଗେ ସୁନ୍ଦର ବି ଲାଗେ
ନ ଥିଲେ ଭୁଲ ସହିତ ।
ଭୁଲ ନ କରିକି ନିର୍ଭୟ ରହିବା
ସବୁଠୁ ବଢ଼ିଆ କଥା
ଭୁଲ କଲେ ସିନା ରହିଥାଏ ଭୟ
ନିର୍ଭୁଲ ସୁନ୍ଦର ଯଥା ।

(((-)))

ବଉଦରାଜ –762014, ଜି. ବୌଦ୍ଧ
ମୋ. 9437478466

ISSN NO.
2582-208X



# ଭାରତୀୟ ଆଧାତ୍ମିକ ସାହିତ୍ୟର ନାୟକ- ସନ୍ଥକବି ଭୀମଭୋଇ



ମନୀଷା ରାୟ

"ରୂପରେଖ ନାହିଁ ହେ ଶୂନ୍ୟଦେହୀ"- ଉତ୍କଳ ମାଟିର ପାଣି ପବନରେ ଯେତେବେଳେ ଏହି ଭଜନଟି କୀର୍ତ୍ତନ ଓ ଖଞ୍ଜଣି ନାଦରେ ପ୍ରକମ୍ପିତ ହୋଇଯାଏ । ସେତେବେଳେ ସ୍ୱତଃପ୍ରବୃତ ଭାବେ ଉତ୍କଳବାସୀଙ୍କ ମନ ଆଇନାରେ ଉଙ୍କିମାରେ ଜଣେ ମହାନ୍ ସନ୍ଥଙ୍କ ଛବି । ଯିଏ ଉତ୍କଳର ପୁରପଲ୍ଲୀରେ ଅଲେଖ ଧର୍ମର କବି ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ କବିତ୍ୱର ପରାକାଷ୍ଠା ଥିଲା ଅତ୍ୟନ୍ତ ଦିବ୍ୟ ଓ ଅନନ୍ୟ । ତାଙ୍କ ରଚିତ ରଚନାବଳୀର ପ୍ରତ୍ୟେକ ଶବ୍ଦର ଛନ୍ଦେ ଛନ୍ଦେ ପ୍ରସ୍ଫୁଟିତ ହେଉଥିଲା ନୈସର୍ଗିକ ଧାର୍ମିକତା । ଅଲେଖ ଧର୍ମର ପ୍ରସାର ପ୍ରଚାର ମାଧ୍ୟମରେ ସେ ମାନବବାଦର ଗୁଢ଼ତତ୍ତ୍ୱକୁ ଅତି ସରଳ ଓ ସୁନ୍ଦର ଭାବରେ ପରିପ୍ରକାଶ କରୁଥିଲେ । ତତ୍‌ସହିତ ମହିମା ଧର୍ମର ତତ୍ତ୍ୱ ଓ ଦର୍ଶନର ପ୍ରତିଫଳନ ଘଟିଥିଲା ।

ଊନବିଂଶ ଶତାବ୍ଦୀରେ, ପବିତ୍ର ଭାରତବର୍ଷର ଓଡ଼ିଶା ରାଜ୍ୟରେ ଜଣେ ମହାନ୍ ସନ୍ଥ କବିଙ୍କର ଆବିର୍ଭାବ ହୋଇଥିଲା । ତାଙ୍କ ନାମ ଭୀମଭୋଇ । ଉତ୍କଳ ମାଟିର କନ୍ଧ ଜନଜାତି ସମ୍ପ୍ରଦାୟରେ ସେ ଜନ୍ମଗ୍ରହଣ କରିଥିଲେ । ଐତିହାସିକ ମାନ୍ୟତା ଅନୁଯାୟୀ ୧୮୫୦ ଖ୍ରୀଷ୍ଟାବ୍ଦରେ ପବିତ୍ର ବୈଶାଖ ପୂର୍ଣ୍ଣିମା ଦିନ ସେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲସ୍ଥିତ ଗୋଡ଼ିଡିହରେ ଜନ୍ମଗ୍ରହଣ କରିଥିଲେ ବୋଲି ପ୍ରମାଣ ମିଳେ । ଯଦିଓ ତାଙ୍କ ଜନ୍ମର ସଠିକ୍ ପ୍ରମାଣ ମିଳୁନାହିଁ । କିନ୍ତୁ ଆନୁମାନିକ ଭାବେ ଖ୍ରୀଷ୍ଟପୂର୍ବ ୧୮୫୦ରୁ ୧୮୫୫ ଭିତରେ ତାଙ୍କର ଜନ୍ମ ବୋଲି ଐତିହାସିକ ବ୍ୟକ୍ତ କରିଛନ୍ତି । ତେଣୁ ବିଭିନ୍ନ ସମୟରେ ସେମାନେ ଭିନ୍ନ ଭିନ୍ନ ସ୍ଥାନ ଓ କାଳକୁ ତାଙ୍କ ଜନ୍ମବୃତ୍ତାନ୍ତ ସହ ଯୋଡ଼ି ଦେଇଛନ୍ତି ।

ISSN NO.
2582-208X

ଭୀମଭୋଇ ଏକାଧାରରେ ଥିଲେ ଜଣେ ସନ୍ଥ, ବିଶିଷ୍ଟ ଦାର୍ଶନିକ, କବି, ଦିବ୍ୟଦ୍ରଷ୍ଟା ସୁପୁରୁଷ ତଥା ମହିମା ଧର୍ମର ପ୍ରଚାରକ । ପ୍ରାୟତଃ ତାଙ୍କ ବ୍ୟକ୍ତିତ୍ୱ ଶୂନ୍ୟ ସମ୍ପ୍ରଦାୟ ବା ଅନଦେଖା ସମ୍ପ୍ରଦାୟରେ ମହିମାନ୍ୱିତ ଥିଲା । ଆହୁରି ମଧ୍ୟ ମହିମା ଧର୍ମର ଦାର୍ଶନିକ ଦୃଷ୍ଟିକୋଣ ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ସେ ମହିମା ଧର୍ମ ଉପରେ ଅନେକ କାଳଜୟୀ ରଚନାବଳୀ ସୃଷ୍ଟି କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଇଥିଲେ । ତାଙ୍କର ପ୍ରତ୍ୟେକଟି ରଚନାବଳୀରେ ମାନବ ସମାଜକୁ ପ୍ରବର୍ତ୍ତାଇବା ଭଳି ଦିବ୍ୟବାଣୀ ଓ ଦିଗ୍‌ଦର୍ଶନ ଭରି ରହିଥିଲା । ପ୍ରକୃତରେ କହିବାକୁ ଗଲେ ଭୀମଭୋଇ ସତ୍ୟ ମହିମା ଧର୍ମର ସଂସ୍ଥାପକ ମହିମା ଗୋସାଇଁଙ୍କ ଜଣେ ପରମ ଭକ୍ତ ଥିଲେ । ଯାହାଙ୍କୁ ଭାରତୀୟ ଧାର୍ମିକ ପରମ୍ପରାର କର୍ଣ୍ଣଧାର କହିଲେ ଅତ୍ୟୁକ୍ତି ହେବନାହିଁ । ଏଇ ମହାନ୍ ସନ୍ଥଙ୍କ ଦ୍ୱାରା ଉଦ୍‌ଘୋଷିତ ପ୍ରତ୍ୟେକ ଦିବ୍ୟବାଣୀରେ ବିଭିନ୍ନ ପ୍ରକାର ସାମାଜିକ ସମ୍ପର୍କର ଗୁଢ଼ତତ୍ୱରେ ଲୁଚି ରହିଥିବା ସମ୍ମାନସୂଚକ ମହତ୍ୱ ସେ ପରିପ୍ରକାଶ କରୁଥିଲେ । ଯଥା– ଗୁରୁଶିଷ୍ୟର ସମ୍ପର୍କ, ସ୍ୱାମୀ ତଥା ସ୍ତ୍ରୀର ସମ୍ପର୍କ । ସେ ସମୟରେ ଭୀମଭୋଇଙ୍କ ଦ୍ୱାରା ରଚିତ ଭଜନ, କୀର୍ତ୍ତନ ଓ ଗୀତର ବୋଲି ଉତ୍କଳର ଅଗଣିତ ଜନମାନସ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । ଯେତେବେଳେ ସେ ଭଜନ, କୀର୍ତ୍ତନର ତାଳେ ତାଳେ ଖଞ୍ଜଣୀ ବାଦନ କରୁଥିଲେ ସେତେବେଳେ ଲୋକମାନଙ୍କର କରତାଳିରେ ଓ ବୋଲିରେ ପରିବେଶ ମୁଖରୀତ ହୋଇଉଠିଥିଲା ।

ଭୀମଭୋଇଙ୍କ ପରିବାର ଉତ୍କଳର କନ୍ଧ ଆଦିବାସୀ ଜନଜାତି ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ବାଲ୍ୟବସ୍ଥା ଖୁବ୍ ନୈରାଶ୍ୟଜନକ ପରିସ୍ଥିତିରେ ଅତିବାହିତ ହୋଇଥିଲା। ପିତାଙ୍କର ସ୍ୱଚ୍ଛଳତାହୀନ ଗୃହସ୍ଥ ଅବସ୍ଥା ଜୀବନରେ । ପ୍ରାୟତଃ ସେମାନେ କ୍ଷେତବାଡ଼ି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିଲେ । ସୁତରାଂ ଭୀମଭୋଇଙ୍କ ପ୍ରାରମ୍ଭିକ ଜୀବନର ଅୟମାରମ୍ଭ ଚାଷବାସ ସହିତ ହିଁ ଜଡ଼ିତ ଥିଲା । ଜନ୍ମରୁ ଅନ୍ଧ ଥିବା ଭୀମଭୋଇ ଯେତେବେଳେ ଖୁବ୍ ଛୋଟ ଥିଲେ ସେତେବେଳେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଯାଇଥିଲା। ପିତାଙ୍କ ମୃତ୍ୟୁ ପରେ ତାଙ୍କ ମାଆ ଅନ୍ନପୂର୍ଣ୍ଣା ଦେବୀ ପୁନର୍ବିବାହ କରିଥିଲେ ଏବଂ ଖୁବ୍ ଶୀଘ୍ର ସେ ଦ୍ୱିତୀୟ ସ୍ୱାମୀଙ୍କର ସନ୍ତାନର ମାଆ ହୋଇଥିଲେ ।

କହିବା ବାହୁଲ୍ୟ ଯେ, "ଭୀମଭୋଇ ଜଣେ ସନ୍ଥ ଥିବା ସହ ଜଣେ ଜନପ୍ରିୟ କବି, ସଙ୍ଗୀତକାର ଓ ବିଶିଷ୍ଟ ଗାୟକ ମଧ୍ୟ ଥିଲେ । ମହିମା ଧର୍ମ ଦର୍ଶନ ଉପରେ ଆଧାରିତ

ISSN NO.
2582-208X

ମାନବବାଦର ପରିଭାଷା ଏବଂ ବିଶ୍ୱର ମୁକ୍ତି ବା ମୋକ୍ଷ ପ୍ରାପ୍ତି ତାଙ୍କ କାବ୍ୟ କବିତାର ପ୍ରମୁଖ ବିଷୟବସ୍ତୁ ଥିଲା । ତେଣୁ ସେ ଜୀବାତ୍ମାର ମୋକ୍ଷପ୍ରାପ୍ତିର ବନ୍ଦନା କରିବାକୁ ଯାଇ ଗାଇ ଉଠିଥିଲେ–

"ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।"

ତାଙ୍କର ଏହି ଉକ୍ତି ଅଜ୍ଞାନରୁ ଜ୍ଞାନକୁ, ଅନ୍ଧକାରରୁ ଆଲୋକକୁ ଏବଂ ମୃତ୍ୟୁରୁ ଅମରତ୍ୱ ପ୍ରାପ୍ତି ପର୍ଯ୍ୟନ୍ତ ପଥପ୍ରଦର୍ଶନ କରିବାର ଆସ୍ପର୍ଦ୍ଧା ରଖିଥିଲା । ତାଙ୍କ ସମୟରେ ସାମାଜିକ, ଆର୍ଥିକ, ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ପାଇଁ ଏହି ସବୁ ଦିବ୍ୟ ବାଣୀ ଥିଲା ବାସ୍ତବ ପ୍ରତିବିମ୍ବ । ତତ୍ ସହିତ ସାମାଜିକ ଜୀବନରୁ ବଞ୍ଚିତ ଥିବା ବ୍ୟକ୍ତିବିଶେଷଙ୍କର ଉତ୍ଥାନ ପ୍ରାପ୍ତି ପାଇଁ ଥିଲା ତାଙ୍କ ଆତ୍ମ ସମର୍ପଣର ଭାବ । ଏହି ମାର୍ମିକ ମାନବବାଦୀ ଉକ୍ତିଟିର ଇଂରାଜୀ ଅନୁବାଦ କରି ବିଶିଷ୍ଟ ସାହିତ୍ୟିକ ସୀତାକାନ୍ତ ମହାପାତ୍ର ଲେଖିଥିଲେ–

"Boundless in the anguish and Trisery of the living. Who can see it and tolerate. Let my soul be condemned to hell. But let the universe be redeened."

ଯଦିଓ ଭୀମଭୋଇ ଗୃହସ୍ଥର ସବୁ ଧର୍ମ ସୁଚାରୁରୂପେ ପାଳନ କରୁଥିଲେ, ଯାହା ତାଙ୍କ ଜୀବନର ପରମ ଉପଲବ୍ଧି ଥିଲା, ତଥାପି ଗୃହସ୍ଥ ଧର୍ମକୁ ତ୍ୟାଗ ନକରି ସେ ନିଜ ଜୀବନରେ ଏକନିଷ୍ଠ ସାଧନାରେ ବ୍ରତୀ ହୋଇ ସିଦ୍ଧି ପ୍ରାପ୍ତି କରିଥିଲେ । ନିଜ ସିଦ୍ଧିପ୍ରାପ୍ତି ସମ୍ପର୍କରେ ଜଗତବାସୀଙ୍କୁ ଅବଗତ କରାଇବା ପାଇଁ ସେ ଅମୂଲ୍ୟ ଦିବ୍ୟବାଣୀ ଓ ଜ୍ଞାନ ବିତରଣ କରିଥିଲେ । ଯାହାକୁ ସାଧାରଣ ଜନତା ହେଜ କରିବା ତ ଦୂରର କଥା କିନ୍ତୁ ଅଜ୍ଞାନତା ବଶତଃ ଏହାକୁ ସମାଲୋଚନା କରିବାକୁ କୁଣ୍ଠିତ ମଧ୍ୟ ହେଉନଥିଲେ । ସେମାନଙ୍କ ନୈତିକ ଭାବନା ଓ ଦୃଷ୍ଟିକୋଣ ଥିଲା ଅତ୍ୟନ୍ତ ନ୍ୟୁନ ଧରଣର । ମାତ୍ର ଭୀମଭୋଇଙ୍କ ଅନ୍ତର୍ଦୃଷ୍ଟିର ତର୍ଜମା କଲେ ବହୁବାର ଦେଖିବାକୁ ମିଳେ ଅସରନ୍ତି ଦିବ୍ୟଦୃଷ୍ଟିର ଜ୍ଞାନବୋଧକ ସମ୍ଭାର । ମାନବ ସମାଜକୁ ସେ ଯେଉଁ ଗୃହସ୍ଥ ଧର୍ମର ଶିକ୍ଷା ପ୍ରଦାନ କରିଯାଇଛନ୍ତି ତାହା ହେଉଛି ଏକ ପ୍ରଶସ୍ତ ଆଧ୍ୟାତ୍ମିକ ସାଧନାର ମାର୍ଗ । ଯାହା ସେ ଜଣେ ଦିବ୍ୟଦ୍ରଷ୍ଟା ଭାବେ ସ୍ୱଚକ୍ଷୁରେ ଦେଖିଥିଲେ କହିଲେ ଶ୍ରେୟ ହେବ ।

ISSN NO.
2582-208X

ସାଂସାରିକ ବନ୍ଧନରୁ ମୁକ୍ତି ହେବାର ଯେଉଁ ମହାର୍ଘ ପଥ ସେ ପ୍ରଦର୍ଶନ କରିଯାଇଛନ୍ତି । ବାସ୍ତବିକ ତାହା ଅତ୍ୟନ୍ତ ଦୁର୍ଲଭ ଓ ବିରଳ । କାରଣ ଗୃହସ୍ଥ ମାନଙ୍କ ମୁକ୍ତିର ପ୍ରଦର୍ଶକ ସେ ଥିଲେ । ନିଜେ ଭୀମଭୋଇ ମହିମା ଧର୍ମ ଦୀକ୍ଷା ନେଇ ବନ୍ଦ ଥିବା ମୁକ୍ତିର ପଥକୁ ଖୋଲି ଦେଇଥିଲେ । ସୁତରାଂ ଏଥିରୁ ଅନୁମେୟ ଯେ, କେତେ ବୃହତ୍ ଥିଲା ତାଙ୍କ ଜ୍ଞାନର ପରିଧି ଏବଂ ଆତ୍ମା ପରମାତ୍ମାର ନିବିଡ଼ ସମ୍ପର୍କ ? ମୋଟ ଉପରେ କହିବାକୁ ଗଲେ ଭୀମଭୋଇଙ୍କ ଜୀବନ ଦର୍ଶନ ଥିଲା ସମ୍ପୂର୍ଣ୍ଣ ଭିନ୍ନ । ତତ୍ ସହିତ ଜଣେ ସନ୍ଥକବି ହିସାବରେ ସେ ଥିଲେ ଭିନ୍ନରେ ଭିନ୍ନ ଜଣେ ଦିବ୍ୟ ସନ୍ଥ ଓ ସୁପୁରୁଷ । ଯାହାର ଜ୍ୱଳନ୍ତ ଉଲ୍ଲେଖ ତାଙ୍କ ରଚିତ 'ସ୍ତୁତିଚିନ୍ତାମଣି'ରେ ଦେଖିବାକୁ ମିଳେ । ଭୀମଭୋଇଙ୍କ ଉକ୍ତି ହେଲା–

"ଗୁରୁ ସୁମରି ରତି ସୁଖେ କରିବ ଭାରିଜାକୁ କୋଳେ ଘେନି
ସେତେବେଳେ ରେ ବିରୁଦ୍ଧ ନକରିବ ଜପୁଥିବ ନାମଧ୍ୱନି ।"

ଅର୍ଥାତ୍ ତାଙ୍କ କହିବାନୁସାରେ ସ୍ତ୍ରୀ ସହିତ ରତିସୁଖ ସମ୍ଭୋଗ ସମୟରେ ମଧ୍ୟ ପରଂବ୍ରହ୍ମଙ୍କ ନାମ ଜପୁଥିବ ବା ସ୍ମରଣ କରୁଥିବ । ଏତଦ୍‌ବ୍ୟତୀତ ଯେଉଁ ସାଧକ ଇନ୍ଦ୍ରିୟ ସୁଖ ପାଇଁ ଆଗ୍ରହୀ ଥିବ, ସେତେବେଳେ ସେ ନାମ ଜପକୁ ନଭୁଲି ଗୁରୁ ପରଂବ୍ରହ୍ମଙ୍କ ନାମ ମୁକ୍ତକଣ୍ଠରେ ଜପ କରିବା ସହିତ ଭୀମଭୋଇଙ୍କ ମତରେ ଗୋଟିଏ ମୁହୂର୍ତ୍ତ ମଧ୍ୟ ବିଭୁ ନାମ ସ୍ମରଣରୁ ସାଧକ ଓ ସାଧିକା ନିବୃତ୍ତ ହେବା ଆଦୌ ଗ୍ରହଣୀୟ ନୁହେଁ । କାରଣ କିଏ ଜାଣେ ସମୟର କରାଳ ରୂପ କାହାକୁ କେତେବେଳେ ଗ୍ରାସ କରିବ ? ଏଇ ଥିଲା ସନ୍ଥକବି ଭୀମଭୋଇଙ୍କ ଆଧ୍ୟାତ୍ମିକ ଧର୍ମ ଦର୍ଶନର ପ୍ରତିଛବି । ତାଙ୍କର ଏପରି ଭାବୁକପୂର୍ଣ୍ଣ ବାଖ୍ୟାର ରହସ୍ୟ ହେଲା, ଅନ୍ତିମ ସମୟରେ ପରଂବ୍ରହ୍ମଙ୍କୁ ସ୍ମରଣ କଲେ ଅତି ସହଜରେ ମନୁଷ୍ୟ ମୋକ୍ଷପ୍ରାପ୍ତି କରି ବୈକୁଣ୍ଠପୁରକୁ ଗମନ କରେ ।

ଭୀମଭୋଇଙ୍କ କହିବାନୁସାରେ ପ୍ରତ୍ୟେକ ଜୀବ ଭିତରେ ବ୍ରହ୍ମ ସ୍ଥିତ ଏବଂ ଅନିତ୍ୟ ବ୍ରହ୍ମକୁ ଖୋଜିବାର ଆଦୌ ପ୍ରୟୋଜନ ନାହିଁ । ସେ ସର୍ବଦା ସତ୍ୟନିଷ୍ଠ ଥିବାବେଳେ ମିଥ୍ୟାକୁ ଘୃଣିତ କାର୍ଯ୍ୟ ବୋଲି ମତ ପ୍ରକାଶ କରୁଥିଲେ । ସେ କହୁଥିଲେ କର୍ମନିଷ୍ଠ ଓ ସତ୍ୟନିଷ୍ଠ ହେଉଛି ଅସତ୍ କର୍ମକୁ ଦୃଢ଼ ବିରୋଧ କରିବାର କଳା । ଯଦ୍ୱାରା କୁପଥଗାମୀ ଆତ୍ମାର ସୁପଥରେ ପରିଚାଳିତ ହେବାର ଆଗ୍ରହ ଜନ୍ମିବ । ଶାନ୍ତି, ଦୟା ଓ କ୍ଷମାର ମୂରତ ଭୀମଭୋଇ ସର୍ବଦା ଅହିଂସାର ବାର୍ତ୍ତା ସମାଜରେ ପ୍ରଚାର କରିଆସୁଥିଲେ । ବାସ୍ତବରେ ଯେଉଁମାନେ ପ୍ରକୃତ ସନ୍ଥ ସେମାନେ ସର୍ବଦା ସହିଷ୍ଣୁ, ବିନୟୀ ଓ କରୁଣାବତାର । ସତ

ISSN NO.
2582-208X

କହିବାକୁ ଗଲେ ଏହି ତିନି ପ୍ରକାର ଦୁର୍ଲଭ ଗୁଣରୁ ସେ ଆଦୌ ବାଦ୍ ପଡ଼ିନଥିଲେ । ପ୍ରକୃତ ସନ୍ଥ ହିସାବରେ ସେ ଥିଲେ ଗର୍ବଶୂନ୍ୟ, ଅହଙ୍କାରଶୂନ୍ୟ । ତାଙ୍କ ଉକ୍ତି ହେଲା, "ଅଣାକାରକୁ କର ଲକ୍ଷ୍ୟ/ଘୁଞ୍ଚିବ କାଳ ମୃତ୍ୟୁ ଭୟ ।" ସେ ଜାତି ଗୋତ୍ରରେ ଥିବା ଭିନ୍ନତାକୁ ଆଦୌ ପସନ୍ଦ କରୁନଥିଲେ । ତାଙ୍କ ମତରେ କୌଣସି ଜାତି ଉଚ୍ଚ କିମ୍ବା ନିଚ୍ଚ ନୁହେଁ । ସବୁଠାରୁ ବଡ଼ ହେଲା ମାନବ ଜନ୍ମ । ଜଣେ ଭକ୍ତପ୍ରଣତା ହିସାବରେ ସେ ମୂର୍ତ୍ତି ପୂଜାର ଘୋର ବିରୋଧ ଥିଲେ । ସୁତରାଂ ତାଙ୍କର ଜୀବନ ଦର୍ଶନ ହେଲା, "ଜାତି ଖୋଜିଲେ କିମ୍ବା ମୂର୍ତ୍ତି ପୂଜିଲେ ମୋକ୍ଷ ପ୍ରାପ୍ତି ନାହିଁ ବା ମୁକ୍ତି ନାହିଁ କିମ୍ବା ମୁକ୍ତି ଖୋଜିଲେ ଜାତି ନାହିଁ ।"

ଯଦିଓ ଈଶ୍ୱରଙ୍କ ସ୍ଥିତି ତାଙ୍କ ଦୃଷ୍ଟିକୋଣରେ ଶୂନ୍ୟ ତଥା ସତ୍ୟବ୍ରହ୍ମ ଥିଲା । ତଥାପି ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ସଜୀବ ଓ ନିର୍ଜିବ ଶରୀରରେ ବ୍ରହ୍ମରୂପୀ ଦେବତା ବାସ କରନ୍ତି ବୋଲି ତାଙ୍କର ଅଟଳ ବିଶ୍ୱାସ ଥିଲା । ତେଣୁ ସେ ସଂସାରୀ ମଣିଷଙ୍କ ଜୀବନକୁ ସୁଧାରିବା ପାଇଁ ସତତ ଚେଷ୍ଟିତ ରହୁଥିଲେ । ମହିମା ଧର୍ମର ଆଦର୍ଶରେ ସର୍ବଦା ଅନୁପ୍ରାଣିତ ଭୀମଭୋଇ ପାର୍ଥିବ ସଂସାର ଜଞ୍ଜାଳରେ ସଂଶ୍ଳିଷ୍ଟ ମୂଢ଼ ଜନତାଙ୍କୁ ସଂସାର ରୂପୀ ଅନ୍ଧକାରରୁ ଧର୍ମର ଦ୍ୱାହିଦେଇ ଆଲୋକର ପଥ ଦେଖାଇବା ନିଜ ଜୀବନର ଶ୍ରେୟ ବୋଲି ଭାବି ନେଇଥିଲେ । କାରଣ ତାଙ୍କ କହିବା ହେଲା, "ଧର୍ମ ହିଁ ଏକ ମାତ୍ର ଆଲୋକ । ଯାହାର ପ୍ରଖର ଦୀପ୍ତିରେ ସମାଜରେ ଥିବା କୁସଂସ୍କାର, ଅନ୍ଧବିଶ୍ୱାସ, ସାମାଜିକ ପ୍ରଥା ଭଳି ବ୍ୟାଧିର ଚିର ଅବସାନ ଘଟିବ ଏବଂ ନବସୂର୍ଯ୍ୟ ଅଭ୍ୟୁଦୟର ଆଲୋକ ବର୍ତ୍ତିକା ସାଜିବ ।

ପ୍ରାୟତଃ ତାଙ୍କ ରଚିତ ଅନେକ ଗୁଡ଼ିଏ କାବ୍ୟ, କବିତା, ଗ୍ରନ୍ଥ ଗୁରୁଶିଷ୍ୟ ସମ୍ପର୍କକୁ ନେଇ ଆଧାରିତ ଥିଲା । ଏହା ଉପରେ ଏତେଟା ଗୁରୁତ୍ୱ ଦେବାର ଯଥେଷ୍ଟ କାରଣ ଥିଲା । କାରଣ ତାଙ୍କ ଉକ୍ତିରେ "ସଦ୍‌ଗୁରୁଙ୍କ ସେବା ହିଁ ଈଶ୍ୱର ପ୍ରାପ୍ତିର ଏକମାତ୍ର ବିକଳ୍ପ ପଥ । ତେଣୁ ମୋହମାୟା ଭରା ସାଂସାରିକ ଜୀବନରୁ ମୋକ୍ଷ ପ୍ରାପ୍ତି ଚାହିଁଥିଲେ ସଦ୍‌ଗୁରୁ ସେବା ଅପରିହାର୍ଯ୍ୟ । ଭୀମଭୋଇଙ୍କ ଦୃଷ୍ଟିରେ ଶିଷ୍ୟମାନଙ୍କୁ ମୁକ୍ତିର ମାର୍ଗ ବତାଇ ଦେଉଥିବା ସୁପୁରୁଷ ହିଁ ପ୍ରକୃତ ଗୁରୁ । ଯିଏ ଶିଷ୍ୟ ଓ ଭଗବାନଙ୍କ ମଧ୍ୟରେ ଉତ୍ତମ ଯୋଗସୂତ୍ର ସ୍ଥାପନକାରୀ ଅଟେ । ତତ୍ ସହିତ ଶିଷ୍ୟକୁ ଅଜ୍ଞାନରୁ ଜ୍ଞାନକୁ ପ୍ରଭାବିତ କରିବା ସହ ଅନ୍ଧକାରରୁ ଆଲୋକକୁ ବାଟ କଢ଼ାଇ ନେଇଯାଏ । ଭୀମଭୋଇ ଆହୁରି ମଧ୍ୟ କହୁଥିଲେ,

ISSN NO.
2582-208X

"ସଂସାରରେ ସମସ୍ତଙ୍କୁ ସଦ୍‌ଗୁରୁ ପ୍ରାପ୍ତ ହୁଏନା । ପ୍ରାରବ୍ଧ ଜନ୍ମଫଳ ଓ ଇହକାଳର ଜନ୍ମଫଳର ଶାଶ୍ୱତ ସଂଯୋଗରୁ ସଦ୍‌ଗୁରୁ ପ୍ରାପ୍ତ ହୋଇଥାଏ ।

ଭୀମଭୋଇ ପ୍ରକୃତପକ୍ଷେ ଥିଲେ ମହିମା ଧର୍ମର ଗୀତି ସୃଜନକାର । ତାଙ୍କ ଦିବ୍ୟବାଣୀରେ ଉନ୍ମେଷ ହେଉଥିଲା ସାମ୍ୟବାଦର ବାର୍ତ୍ତା । ବିଶ୍ୱବାସୀଙ୍କ ଏକତା ରଜ୍ଜୁରେ ବାନ୍ଧି ରଖିବାର ବ୍ୟାଖ୍ୟାନ ତାଙ୍କର ଅଦ୍ଭୁତ ଓ ଚମତ୍କାର ଥିଲା । ସାମାନ୍ୟ ଚକ୍ଷୁହୀନ ଜନ୍ମାନ୍ଧ କନ୍ଧ ଜନଜାତି ମଣିଷଟି ହୋଇ ମଧ୍ୟ ସମାଜ ଓ ବିଶ୍ୱକୁ ଏକତା ମହାମନ୍ତ୍ରରେ ଦୀକ୍ଷିତ କରିବା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା । ଏହି ମହାର୍ଘ ମହାମନ୍ତ୍ର ସେ ସମୟରେ ଅଗଣିତ ଜନଗଣଙ୍କ ହୃଦୟରେ ନିରନ୍ତର ଗଭୀର ରେଖାପାତ କରୁଥିଲା । ସର୍ବସାଧାରଣରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଖୋଲମଖୋଲା ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ କରି ଏହି ମହାନ୍ ସନ୍ଥ ଏବେବି ଓଡ଼ିଶାର ମାଟି, ପାଣି, ପବନରେ ଅମର ହୋଇ ରହିଛନ୍ତି । କାରଣ ଏଇ ନିଆରା ସନ୍ଥଙ୍କ ନିକଟରେ ଦୁର୍ଲ୍ଲଭ ମାନବିକ ମୂଲ୍ୟବୋଧତା ତଥା ସତ୍ୟକୁ ସାମନା କରିବାର ପ୍ରଚଣ୍ଡ ଶକ୍ତି ଥିଲା । ଫଳ ସ୍ୱରୂପ ଓଡ଼ିଶା ମାଟିରେ ସାମାଜିକ ପ୍ରାଣୀ ମାନଙ୍କୁ ବିରଳ ମାନବିକତା ଓ ସତ୍ୟ ପ୍ରତି ଅନୁରାଗୀ କରିବା ପାଇଁ ଧର୍ମ ରୂପରେ ଏକ ଆନ୍ଦୋଳନ ମୁଣ୍ଡଟେକି ଥିଲା । ଯେଉଁ ଧର୍ମର ନାମ ହେଉଛି 'ମହିମାଧର୍ମ' । ଏହି ଧର୍ମର ମହାନ୍ ଉଦ୍ଦେଶ୍ୟ ଥିଲା ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିବା ।

ସେ ଯାହାବି ହେଉ, ଏହି ଧର୍ମର ଆଦିପୀଠ ହେଉଛି ଢେଙ୍କାନାଳ ସ୍ଥିତ ଯୋରନ୍ଦା ମହିମାଗାଦୀ । ଯେଉଁଠି ଏବେବି ସାମ୍ୟବାଦର ମନ୍ତ୍ରିତ ଧ୍ୱନି ସାରା ବିଶ୍ୱର କୋଣ ଅନୁକୋଣରେ ସୁଦୂର ଓଡ଼ିଶାରୁ ପ୍ରତିଧ୍ୱନିତ ହେଉଛି । ତତ୍ ସହିତ ସନ୍ଥକବି ଭୀମଭୋଇଙ୍କ ପବିତ୍ର ଦିବ୍ୟବାଣୀର ଝଲକ "ବିଶ୍ୱ ଜାତିସଂଘ" ରେ ମଧ୍ୟ ଦେଖିବାକୁ ମିଳେ । କେବଳ ଏତିକିରେ ସୀମିତ ନଥିଲା ତାଙ୍କ ମହାନ୍ ଭକ୍ତିର ପରିଭାଷା । ଅନ୍ଧ କବି ଭାବରେ ଜଗତ ଓ ମୃତ୍ୟୁକୁ ସ୍ୱଚକ୍ଷୁରେ ଦେଖିନଥିବା ଏଇ ସନ୍ଥଙ୍କର ଦିବ୍ୟବାଣୀ ଥିଲା– "ଜଗତ ମିଥ୍ୟା, ମୃତ୍ୟୁ ହିଁ ପରମ ସତ୍ୟ ।" ସୁତରାଂ ତାଙ୍କ ବିଷୟରେ କେବଳ ଏତିକି କୁହାଯାଇପାରେ ଯେ, "ଭୀମଭୋଇଙ୍କ ସାରସ୍ୱତ କୃତୀରେ ବ୍ୟବହୃତ ହୋଇଥିବା ପ୍ରତ୍ୟେକଟି ଶବ୍ଦାବଳୀରେ ବିଶ୍ୱବାସୀଙ୍କୁ ମାନବିକ ତଥା ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେବାର ସମସ୍ତ କଳା ସମାହିତ ହୋଇ ରହିଛି । ଯଦ୍ୱାରା ଜ୍ୱଳନ୍ତ ଉଦାହରଣ ଓଡ଼ିଶାର

ISSN NO.
2582-208X

ପୁରପଲ୍ଲୀରେ ଗୁଞ୍ଜରିତ ହେଉଥିବା ପବିତ୍ର ତଥା ହୃଦୟଗ୍ରାହୀ ଭଜନ କୀର୍ତ୍ତନ ଦୃଶ୍ୟପଟ । "ରୂପରେଖ ନାହିଁ ହେ ଶୂନ୍ୟଦେହୀ ।"

ଯେହେତୁ ଭୀମଭୋଇ ଅଲେଖ ଧର୍ମର କବି ଚୂଡ଼ାମଣୀ ଥିଲେ ତଥା ମାନବବାଦର ଜଣେ ଜିଜ୍ଞାସୁ ପୁରୁଷ । ଯାହାଙ୍କର ବିଶ୍ୱବାସୀଙ୍କ ପ୍ରତି ଉପଦେଶ ଥିଲା, "ନର୍କଗାମୀ ନହେବାପାଇଁ ।" ତତ୍‌ସହିତ ମହିମାତତ୍ୱ ଓ ଧର୍ମଦର୍ଶନର ପ୍ରସାର ପ୍ରଚାର ପାଇଁ ତାଙ୍କ ପ୍ରତ୍ୟେକଟି ସାହିତ୍ୟ ସର୍ଜନାରେ ଥିଲା ମହିମା ଧର୍ମଦର୍ଶନର ସରଳ, ସହଜ ଓ ସାବଲୀଳ ବୋଲି । ଯାହା ପ୍ରତିଫଳିତ ହେଉଥିଲା ତାଙ୍କ ସାରସ୍ୱତ ଜୀବନଦର୍ଶନରେ । ସୁତରାଂ ଏହାବି କୁହାଯାଇପାରେ ଯେ, ତାଙ୍କ  ସରଳ, ସହଜ ଓ ସୁନ୍ଦର ବୋଲିରେ ବିଭୁଙ୍କ ପ୍ରତି ଅଭିମାନର ଲେସ ମାତ୍ର ଚିହ୍ନ ନଥିଲା । ନିଜ ଜନ୍ମ ବୃତ୍ତାନ୍ତକୁ ପ୍ରସଙ୍ଗ କରି ସେ କହିଛନ୍ତି, "ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦି ଶକ୍ତି ନାରୀ/ ଦ୍ୱତୀ ଯୁଗଳରୁ ଜନମ ଲଭିଛି କବିକୃତ୍ୟ କଳା ଧରି ।"

ତାହାହେଲେ ଏଥିରୁ ସ୍ୱଷ୍ଟ ଅନୁମେୟ ହୁଏ ଯେ ତାଙ୍କ କବିତ୍ୱ ଓ ପାଣ୍ଡିତ୍ୟ ଥିଲା ଅନନ୍ୟ ଓ ଚମତ୍କାର । ଯଦିଓ ଭୀମଭୋଇ ଜଣେ ପ୍ରବୀଣ ଆଧ୍ୟାତ୍ମିକବାଦୀର ଧର୍ମାତ୍ମା ପୁରୁଷ ଥିଲେ। ମାତ୍ର ଧର୍ମ ଆଧ୍ୟାତ୍ମିକତା ଅପେକ୍ଷା ସେ ମାନବବୋଧ ଉପରେ ଯଥେଷ୍ଟ ଗୁରୁତ୍ୱ ବ୍ୟକ୍ତ କରୁଥିଲେ ।

"ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା" ରେ ଅଭିମନ୍ତ୍ରିତ ଥିବା ଭୀମଭୋଇଙ୍କର ଦିବ୍ୟ ବ୍ୟକ୍ତିତ୍ୱ ଶିକ୍ଷଣୀୟ ଥିଲା । ଯେଉଁଥିପାଇଁ ତାଙ୍କୁ "ଊନବିଂଶ ଶତାବ୍ଦୀର ଭାରତୀୟ ଆଧ୍ୟାତ୍ମିକ ସାହିତ୍ୟର ନାୟକ" ବୋଲି ଅଭିହିତ କରାଯାଏ । ପ୍ରକୃତରେ କହିବାକୁ ଗଲେ, ଭୀମଭୋଇ ଜଣେ ସନ୍ଥ ଥିଲେ । ସନ୍ଥମାନେ ଯେପରି ଈଶ୍ୱର ସମର୍ପିତ, ଠିକ୍ ସେହିପରି । କାରଣ ତାଙ୍କ ବ୍ୟକ୍ତିତ୍ୱରେ ପ୍ରସ୍ଫୁଟିତ ହେଉଥିଲା ଋଷିସୁଲଭ ଚିନ୍ତନ ଓ ଚେତନା । ଯେହେତୁ ସେ ଛୋଟବେଳୁ ଶିଶୁସୁଲଭ ଚପଳତାକୁ ହରାଇ ବସିଥିଲେ । ସୁତରାଂ ସୃଷ୍ଟିକର୍ତ୍ତାଙ୍କର ଷଡ଼ବିଧ ସୃଷ୍ଟି ମଧ୍ୟରେ ୮୪ ଲକ୍ଷ ଯୋନି ସମ୍ଭୂତ ଥିବାବେଳେ ସଂସ୍କାରବାଦୀ ସନ୍ଥ ଶ୍ରେଷ୍ଠ ମାନବ ଭୀମଭୋଇ ତନ୍ମଧ୍ୟରୁ ସର୍ବଶ୍ରେଷ୍ଠ ସୃଷ୍ଟି ।

ISSN NO.
2582-208X

ତେଣୁ ଶ୍ରେଷ୍ଠ ମାନବର ବର୍ଣ୍ଣନା କରି ବେଦାନ୍ତ କହିଛି, "ଅମୃତସ୍ୟ ବୈପୁତ୍ରାଃ । ଅର୍ଥାତ ମାନବ ଅମୃତର ସନ୍ତାନ । ଯାହା ନିକଟରେ କିଛି ନୂଆ ନୁହେଁ ଓ ସବୁ ସମ୍ଭବ ସେହିଁ ପ୍ରକୃତ ମାନବ । ଠିକ୍ ଯାହା ସନ୍ଥକବି ଭୀମଭୋଇଙ୍କ ନିମିତ୍ତ ପ୍ରଜୁଜ୍ୟ । ଯିଏ ଉତ୍କଳ ମାତାର ସବୁ ସନ୍ତାନ ମଧ୍ୟରୁ ଅନ୍ୟତମ ଓ ପରମ ପୂଜ୍ୟନୀୟ ସନ୍ଥ ଥିଲେ ।

(((-)))

ଶେଖବଜାର (ନ୍ୟୁ କଲୋନୀ), କଟକ
ମୋବାଇଲ୍ : ୮୮୯୫୫୯୩୮୭୫

ISSN NO.
2582-208X

# ମହାଯୋଗୀ
# ମହାତପୀ



ଜୟଶ୍ରୀ ପଟ୍ଟନାୟକ

ମହାଯୋଗୀ ମହା ତପୀ ପ୍ରଭୁ ମହେଶ୍ୱର
ତୁମେ ସତ୍ୟ ତୁମେ ଶିବ ତୁମେ ହି ସୁନ୍ଦର
ସାଗର ମନ୍ଥନ ବେଳେ ପିଇଲ ଜହର
ବିଷ ପିଇ ବୋଲାଇଲ ନୀଳକଣ୍ଠେଶ୍ୱର.. 1
କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଫାଲ୍ଗୁନ ମାସର
ମହାଦୀପ ଜାଳି ଭକ୍ତ ପାଳିଲେ ଜାଗର
କ୍ଷୀର ନୀର ତ୍ରିଶାଖା କୁ ଥୋଇ ଲିଙ୍ଗ ପରେ
ସାରାରାତି ଉଜାଗରେ କାଟିଲେ ମନ୍ଦିରେ.. 2

ଧୂପ ଦୀପ ନଇବେଦ୍ୟ ସମର୍ପଣ କରି
ଉତ୍ସୁ ଙ୍କ ମନ ପ୍ରାଣ ସଂଯତ କରି
ଅଖଣ୍ଡ ବର ଦାୟକ ପାପ ବିନାଶକ
ତୁମ ବିନା ଗତି ମୁକ୍ତି ନ ପାଏ ପଥିକ.. 3
କଣ୍ଠରେ ଗରଳ, ଜଟାରେ ଗଙ୍ଗା ଧାର
କଟିରେ ବ୍ୟାଘ୍ର ଚର୍ମ ଶକ୍ତି ବାମାଙ୍ଗୀ ର
ବାହାନ ବୃଷଭ ଅଟେ ଧର୍ମର ପ୍ରତୀକ
ରୁଦ୍ରାଣୀ ପାର୍ବତୀ ମା ଶକ୍ତିର ପ୍ରତୀକ.. 4

ISSN NO.
2582-208X

ଆଶୁତୋଷ ଲିଙ୍ଗରାଜ ଚନ୍ଦ୍ରଶେଖର
ଲୋକନାଥ ଲଡୁବାବା ଧବଳେଶ୍ୱର
ସ୍ୱୟଂମ୍ଭୁ ରୁଦ୍ର ତୁମେ ପ୍ରଭୁ ଗୁପ୍ତେଶ୍ୱର
ଭକ୍ତ ମନୋକାମନାକୁ ତୁମେ ପୂର୍ଣ୍ଣ କର.. 5
ବସନ୍ତରେ କାମନାକୁ କରି ପରିହାର
ଶିଖାଇଛ ସଂଯମ ରେ ଜୀବନ ସୁନ୍ଦର
ଦେବ ଦେବ ମହାଦେବ କପାଳ ମୋଚନ
ଚତୁର୍ଦ୍ଦଶ ଯାତ୍ରା ମଧ୍ୟେ ପ୍ରିୟ ଫାଲଗୁନ.. 6

(((-)))

ଗଙ୍ଗନଗର, ଭୁବନେଶ୍ୱର-7
ମୋ: 7978110474

ISSN NO.
2582-208X

# ଲୀନ



ଦୀପାଳି ଦାସ

ଅନବରତ ସେ ପହଁରୁଥିଲା
ମୋ ଭିତରେ କେତେବେଳେ ଶାନ୍ତ
ପୁଣି କେବେ ଉଗ୍ର ରୂପରେ,
ଭିନ୍ନ ଭିନ୍ନ ଢାଞ୍ଚାରେ ତାର ଢଳି ଢାଳି
ରଖି ନଥିଲା ଯାର କିଛି ଅବଧି...
ସେତେବେଳକୁ ହୋଇ ସାରିଥିଲି ବ୍ୟଗ୍ର
ପାତାଳ କୋଳର ଅସ୍ଥିରତା ଆଉ
ବେଢ଼ା ଆରପଟର ସଂଯମତାରେ
ବ୍ୟାଧିତ ମୁଁ.. ଦିନେ ଆଗେଇଲି
ଶୁଝିଦେଇ ଆସିବାକୁ ତାର ପ୍ରତ୍ୟେକଟି ପାଉଣା
ମୂଳ ସୁଧ ଆକାରରେ ସବୁ ଦେଇ
ମୁକ୍ତି ପାଇଯିବି ସେ ମୃଦୁ ଯନ୍ତ୍ରଣାରୁ
ଯେମିତି କିଛି ଅବଶୋଷ ନରଖି ପଛକୁ...

ପ୍ରଥମ କିସ୍ତିରେ ଦେଲି ତାକୁ
ମୋର ନିଷ୍କାମ ସମୟ ତକ;
ଦ୍ୱିତୀୟ କିସ୍ତିରେ ଇରୀ ଦେଇଗଲି
ସମସ୍ତ ଭାବନା ଏ ମୁଣ୍ଡରୁ ସେମୁଣ୍ଡ ଯାଏଁ..
ତୃତୀୟ କିସ୍ତିରେ ହାରି ଆସିଥିଲି
ମନଟାକୁ ମୋର ହିସାବ ଚୁକ୍ତାକରି,

ISSN NO.
2582-208X

ଚତୁର୍ଥ କିସ୍ତିର ଅବକାଶରେ
ଚିନ୍ତାରେ ଭଣଭଣ ହେଲା ବେଳକୁ ମୁଣ୍ଡ
ସେ ଧରି ସାରିଥିଲା ଆସି
ମୋ ହାତଟାକୁ ତା କରରେ ଜାବୁଡ଼ି...
ପଞ୍ଚମ କିସ୍ତିରେ ପହଞ୍ଚିକି ଦେଖିଲି
ମୁଁ ଆଉ ନଥିଲି ମୋର ହୋଇ...
ମିଶି ଯାଇଥିଲି –
ସେ ପଞ୍ଚତତ୍ତ୍ୱରେ ହୋଇ ଲୀନ... ।

(((–)))

ଏନ୍. ଆର୍. ଆଇ. କମ୍ପ୍ଲେକ୍ସ,
ନାଭି ମୁମ୍ବାଇ, ମହାରାଷ୍ଟ୍ର
dipalidass19@gmail.com
7044207357, 9136424755

ISSN NO.
2582-208X

# ଅପେକ୍ଷାର ଅନ୍ତରାଳେ



ଅରୁଣ କୁମାର ମହାପାତ୍ର

ସେଇ ଏକା ପଥ ସେଇ ଏକା ସଞ୍ଜ
କେବଳ ହିଁ ନାହଁ ତୁମେ
ନିଶବ୍ଦରେ ଆଜି ସେହି ସୂର୍ଯ୍ୟାସ୍ତକୁ
ପଚାରେ ମୁଁ କାହିଁ ଭ୍ରମେ ?
ଦେଇଥିବା ସେହି ମିଛ ପ୍ରତିଶୃତି
ସାଇତା ଅଛି ମୋ ପାଶେ
ତୁମ ଅନୁଭବ ସେ କୋମଳ ଛୁଆଁ
ଏବେ ବି ମୋ ମନେ ଆସେ ।

ଭୁଲିଗଲ ସିନା ସେଦିନର କଥା
ନୂଆ ସାଥୀ ଜଣେ ପାଇ
ମୁଁ ସ୍ମୃତି ପସରା ମେଲାଇ ବସିଛି
ତୁମରି ବାଟକୁ ଚାହିଁ ।
ଚପଳ ସେ ହସ ଆଜି ବି ମୋ କାନେ
ରୁଣୁଝୁଣୁ ହୋଇ ବାଜେ
ଲାଗଇ ଯେମିତି କେଉଁ ଏକ କୋଣେ
ଲୁଚିଛ ତୁମେ କି ଲାଜେ ।

ଫେରିବ କି ନାହିଁ ଜାଣେନାହିଁ ମୁଁ ତ
ହେଲେ ମୋର ଏହି ଛାତି

ISSN NO.
2582-208X

ତୁମରି ସେ ମିଛ ପ୍ରେମର ନିଆଁରେ
ଜଳୁଥିବ ପ୍ରତି ନିତି ।
ଫେରିବାର ଆଶା ନାହିଁ ଜାଣି ମଧ୍ୟ
ଏ ମନ ହୁଅଇ ବଣା
କାହିଁକି କେଜାଣି ଲାଗେ ପ୍ରତିକ୍ଷଣ
ସବୁ ଅଧା ତୁମ ବିନା ।

ସମୟର ସ୍ରୋତେ ବଦଳିଛି ସବୁ
ବଦଳିଛି ଏଇ ଧରା,
କେବଳ ବଦଳି ନାହିଁ ମୋ ଆଖିର
ସେଇ ଅପେକ୍ଷାର ଧାରା ।
ତୁମେ ତ ବାଛିଛ ନୂଆ ଏକ ପଥ
ନୂଆ ସପନର ବାସ,
ମୋ ପାଇଁ କିନ୍ତୁ ସେ ଅତୀତ ହିଁ ଆଜି
ଜୀବନର ଇତିହାସ ।

ହୁଏତ କେବେ ସେ ପୁରୁଣା ମୋଡ଼ରେ
ପଡ଼ିଯିବ ମନେ ଥରେ,
ଯେଉଁଠାରେ ଦିନେ ଆମେ ଗପୁଥିଲେ
ଦୁଇ ଜଣ ଗୋପନରେ ।
ସେଇ ଗଛ ଛାଇ, ସେଇ ଭଙ୍ଗା ମେଜ
ଆଜି ବି ମତେ ପଚାରେ,
କିଏ ସେ ଗଲା ଯେ ଆଉ ଫେରିଲାନି
ଛାଡ଼ି ଏ ଅଧା ବାଟରେ ?

ତୁମରି ବିନା ଏ ବସନ୍ତ ବି ଆଜି
ବଇଶାଖ ପରି ଲାଗେ,

ISSN NO.
2582-208X

ସବୁ ସୁଖ ରଙ୍ଗ ଫିକା ପଡ଼ିଯାଏ
ତୁମରି ସ୍ମୃତିର ଆଗୋ।
ହେଉ କି ନହେଉ ଅନ୍ତ ଅପେକ୍ଷାର
ମୁଁ କିନ୍ତୁ ରହିବି ଚାହିଁ,
ଶେଷ ନିଶ୍ୱାସ ବି ଭାବୁଛି ଫେରିବ
ତୁମରି ନାଆଁକୁ ନେଇ ।

(((-)))

E 23, ଗୌତମୀ ନଗର
ଅଶ୍ୱପୁରମ, ତେଲେଙ୍ଗାନା-507116
୯୪୪୧୫୦୭୫୧୮

ISSN NO.
2582-208X

# ଅଦଭୁତ ମନ



ଦେବଦତ୍ତା ଦେବୀ

ମେରୁ ଶବ୍ଦ ଟି ପିଲା ଦିନ ର ଅତି ପରିଚିତି ଶବ୍ଦ, ପିଲାଦିନେ ପଣା ସଂକ୍ରାନ୍ତିର ଆଗମନ ରେ ଗାଁ ଦାଣ୍ଡ ଟା ଗହଳଚହଳ ହୋଇଉଠୁଥିଲା। ଝାମୁ ଯାତ୍ରା ର ଆଗମନ ଓ ପାଳନ ପାଇଁ ଅନେକ ଭକ୍ତ ଗ୍ରାମବାସୀ ନିଜର ମନସ୍କାମନା ପୂରଣ କରିବା ପାଇଁ ମେରୁ ଉପବାସ ରଖି ନିଜ କୁ ଝାମୁ ଯାତ୍ରା ପାଇଁ ଶୁଦ୍ଧ କାୟ ମନ ବାକ୍ୟ ରେ ପ୍ରସ୍ତୁତ କରି ଠାକୁର ଙ୍କ ଉପରେ ଭରସା ରଖି ଝାମୁ ନିଆଁ ରେ ଖାଲି ପାଦ ରେ ଚାଲୁଥିଲେ । ସୂର୍ଯ୍ୟ ଙ୍କ ର ଗତି ପଥ କୁ ନେଇ ଏଇ ପର୍ବଟି ପାଳନ କରାଯାଏ ଯେଉଁଥିରେ କି ମେରୁ ଉପବାସ ଟି ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଲୀନା ବି ସମସ୍ତ ଙ୍କ ଭଳି ଆସ୍ତେ ଆସ୍ତେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ବିଜ୍ଞାନ ଓ ଭୂଗୋଳ ମଧ୍ୟ ରେ ପୃଥିବୀ ର ଅବସ୍ଥିତି, ପାଣିପାଗ ତଥା ସୂର୍ଯ୍ୟ ଙ୍କର ଗତିବିଧି ଉପରେ ଅବଲୋକନ କରୁ କରୁ, ଉତ୍ତର ମେରୁ ଦକ୍ଷିଣ ମେରୁ କୁ ନିରୀକ୍ଷଣ କରିବାବେଳେ, ବରଫାବୃତ ଉତ୍ତର ମେରୁ ଓ ତା ଉପରେ ଥିବା ବରଫାବୃତ ପୋଲାର୍ ବିଅର ର କଳ୍ପନା କରୁ କରୁ ଲୀନା ମନ ଭିତରେ ତାର ସୁନ୍ଦର ଚିତ୍ର ଆଙ୍କି ହୋଇଯାଏ, କଳ୍ପନା ରେ ସେ ରାଜ୍ୟ ଟି ସ୍ୱର୍ଗ ସମ ଲାଗେ ।

ଆଜି ଏଇ ବିବାହିତ ଜୀବନ ର ପ୍ରାରମ୍ଭ ରେ ସୁମନ୍ତ ଯେତେବେଳେ ମଧ୍ୟ ରାତ୍ରୀ ର ସୂର୍ଯ୍ୟ କୁ ଆରଟିକ ପୋଲ ରେ ଦେଖିଯିବାକୁ ପ୍ରସ୍ତାବ ଦେଲେ ନିଜ କାନ କୁ ବିଶ୍ୱାସ କରି ପାରିଲାନି ଲୀନା। ପିଲା ଦିନର ବହିରେ ପଢି ଥିବା ସ୍ୱପ୍ନ ରାଜ୍ୟକୁ ସତରେ ସେମାନେ ସଶରୀରେ ରେ ବୁଲିଯିବେ ସେଥିପାଇଁ ଖୁସିରେ ସୁମନ୍ତ ଙ୍କୁ କୁଣ୍ଢେଇ ଧରି ନିଜର ସ୍ୱୀକୃତି ପ୍ରଦାନ କଲା। ଅନେକ ବିଚାର ବିମର୍ଷ ପରେ ଆସନ୍ତା ଜୁନ୍ ବାଇଶି କୁ ଦିନ ଧାର୍ଯ୍ୟ କଲେ ଉତ୍ତର ମେରୁ ବୁଲିଯିବା ପାଇଁ । ସୁମନ୍ତ ର କାର୍ଯ୍ୟ ସ୍ଥଳିରୁ ସେମାନେ ତାଙ୍କ ଭ୍ରମଣ ଆରମ୍ଭ

ISSN NO.
2582-208X

କରିବେ, ତେଣୁ ଲୀନା ସେଇ ସମୟରେ ତା କାର୍ଯ୍ୟ ସ୍ଥଳି ଜର୍ମାନ୍ ରୁ ଛୁଟି ନେଇ ଆସିବ ସୁମନ୍ତ ପାଖକୁ. ଏକାଠି ବସି ସବୁ ପ୍ଲାନ୍ ପ୍ରୋଗ୍ରାମ ଠିକ୍ କରିନେଲେ । ବାହାଘର ର ଦୁଇ ବର୍ଷ ପରେ ପ୍ରଥମ ଥର ବୁଲି ବାହାରିଛନ୍ତି ତାହା ପୁଣି ବରଫାବୃତ ଅଞ୍ଚଳକୁ । ଧାର୍ଯ୍ୟ ଦିନ ଟି ଆସି ପହଞ୍ଚିଲା, ସେମାନେ ସ୍ୱିଡେନ୍ ର ସେଇ ଛୋଟ ସହର ରୁ ସ୍ୱିଡେନ୍ ନରୱେ ର ବର୍ଡର ଦେଇ ଟ୍ରେନ୍ ରେ ବସିଗଲେ ନିଜର ଗନ୍ତବ୍ୟ ସ୍ଥଳ ମଧ୍ୟରାତ୍ରି ର ସୂର୍ଯ୍ୟ କୁ ଅବିସ୍କୋ ଆରୋରା ସ୍କାଇ ରେ ଠିକ୍ ରାତି ବାରଟା ରେ ସୂର୍ଯ୍ୟ ଦେବ ଙ୍କ ର ମନୋରମ ଦୃଶ୍ୟ କୁ ଉପୋଭୋଗ କରିବା ପାଇଁ ପ୍ରାୟ ସାତଶହ କିଲୋମିଟର ପରେ ଅବିସ୍କୋ ଠାରେ ଦୁଇ ଜଣ ଯାକ ପହଞ୍ଚିଲେ ସେମାନେ ସେଠାରେ ପହଞ୍ଚିଲା ବେଳକୁ କିଛିଟା ସହଯାତ୍ରୀ ଙ୍କୁ ବି ଦେଖିବାକୁ ପାଇଲେ ଯେଉଁ ମାନେ ବି ତାଙ୍କ ଭଳି ପର୍ଯ୍ୟଟକ ଏବଂ ଦିଗବଳୟ ର ସୂର୍ଯ୍ୟ କୁ ଉତ୍ତର ମେରୁ ନିକଟରେ ଅର୍ଟିକ ପୋଲ୍ ଠାରେ ଉପଭୋଗ କରିବାର ସୁଯୋଗ ନେବା ପାଇଁ ଆସିଛନ୍ତି । ବରଫାବୃତ ୟୁ ଆକାର ର ବିରାଟ ଏକ ପର୍ବତ ଆଖି ପାଇ ନଥାଏ, ଠାଏ ଠାଏ ଥଣ୍ଡା ପାଣି ର ବରଫାବୃତ ପାଣିର ଖଣ୍ଡ ପୋଖରୀ, ତାପରେ ଚଲାପଥ ଚାରିପଟେ ଧଳା ଧଳା ବରଫ ଆବରଣ ରେ ଆଚ୍ଛାଦିତ ବିରାଟ ପଡ଼ିଆ ର ଦୃଶ୍ୟ ଉପରେ ସୁନ୍ଦର ନୀଳ ରଙ୍ଗର ଅକାଶ ପ୍ରକୃତରେ ସ୍ୱର୍ଗ ର ଦୃଶ୍ୟ ଉପଭୋଗ କଲା ଭଳି ଲାଗୁଥାଏ ।

ଦୀର୍ଘ ସାତଶହ କିଲୋ ମିଟର ଟ୍ରେନ୍ ଯାତ୍ରା ର ପୀଡା କି ଶୁନଶାନ୍ ରାସ୍ତା ନିସ୍ତବ୍ଧ ପରିବେଶ ର ଭୟ କିଛି ବି ମନକୁ ଛୁଇଁ ପାରୁନଥାଏ। ଅପୂର୍ବ ସୌନ୍ଦର୍ଯ୍ୟ, ବରଫ ଆବରଣ ଧରିତ୍ରୀ ଉପରେ ପରିଷ୍କାର ନୀଳ ଅକାଶ ତଳେ ଏ ବିରାଟ ୟୁ ଆକାର ର ପର୍ବତ ମାଳା ସତେ ଯେପରି ଉଡ଼ି ଉଡ଼ି ଆସି ସ୍ୱର୍ଗ ରାଇଜ ରେ ପହଞ୍ଚିଲା ଭଳି ଲାଗୁଥାଏ। ପିଲା ଦିନେ ପଢ଼ିଥିବା ପରି ରାଇଜ କୁ ସଶରୀରେ ରେ ଅନୁଭବ କରିହେଉଥାଏ। ଆରୋରା ସ୍କାଏ ଷ୍ଟେସନ ରୁ ପ୍ରାୟ ଚାରି କିଲୋମିଟର ପାହାଡ ଚଢିବା ବେଳେ ସୁମନ୍ତ ଆଉ ଲୀନା ଦୁଇଁ ହେ ଦୁହିଁଙ୍କ ହାତ ଧରା ଧରି ହୋଇ ଚାଲିଥାନ୍ତି । ମନରେ ବାଟରେ ପଡ଼ିଯିବା କି ବାଟ ହଜିଯିବା ର ଆଶଙ୍କା କୁ ଏଡ଼େଇ ଯିବା ପାଇଁ କେହି କାହା ହାତ ଛାଡିବାକୁ ପ୍ରସ୍ତୁତ ନୁହଁନ୍ତି। ଏ ଭିତରେ ରାଜା ଙ୍କ ସହ ସ୍କାଏ ଆରୋରା ଜଡ଼ିତ କଥା କହୁଥିବା ଲୋକ ମୁଁହ ରୁ ଶୁଣି ଶୁଣି ଆବିସ୍କୋ ଟ୍ରୋଲ ଲେକ ର ଦୃଶ୍ୟ କୁ ଉପଭୋଗ କରିକରି ସେ ଟଣା ଗାଡ଼ିରେ ରାସ୍ତା କୁ ଅତିକ୍ରମ କରିବାର ଅନୁଭୂତି ଅତି ନିଆରା ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

ISSN NO.
2582-208X

ପ୍ରାୟ ଦୁଇ ଘଣ୍ଟା ର ପାହାଡ ଚଢା ଆରୋରା ସ୍କାଏ ଷ୍ଟେସନ ରୁ ଆରମ୍ଭ କରି ମଧ୍ୟ ରାତ୍ରି ର ସୂର୍ଯ୍ୟ କୁ ଅବଲୋକନ କରିବା ସ୍ଥଳ ରେ ପହଞ୍ଚିଲା ବେଳ କୁ ଦମ୍ପତି ଦୁହିଁ ଙ୍କ ର ମନରେ ଅପୂର୍ବ ଆନନ୍ଦ। କି ଅପୂର୍ବ ଦୃଶ୍ୟ, ଦମ୍ପତି ଦୁଇଁହି ଙ୍କୁ ମନେ ହେଉଥିଲା, ସତେ ଯେପରି ସାକ୍ଷାତ ସୂର୍ଯ୍ୟ ଦେବ ଙ୍କୁ ଅବଲୋକନ କରୁଛନ୍ତି । ଯଦିଓ ମଧ୍ୟ ରାତ୍ରୀ ର ସୂର୍ଯ୍ୟ ମାତ୍ର ରାତ୍ରୀ ର ଅନ୍ଧକାର ର ତିଳେ ମାତ୍ର ଆଭାସ ନାହିଁ। ଦିଗବଳୟ ରେ ଖାଲି ଆଲୋକ ହିଁ ଆଲୋକ, ଅନ୍ଧକାର ର ପ୍ରବେଶ ସେଠି ନିଷିଧ। ଦୂର ଦିଗବଳୟ ରେ ସୂର୍ଯ୍ୟଦେବଙ୍କର ଏ ଅଲୌକିକ ଦୃଶ୍ୟ, ଉଜ୍ଜ୍ୱଳ ଆଲୋକ ରେ ଆଲୋକିତ ସମ୍ପୂର୍ଣ୍ଣ ଅକାଶ ସତେ ଯେପରି ସାରା ସଂସାର ରେ ଅନ୍ଧକାର କୁ ନିଶ୍ଚିହ୍ନ କରି ଲୀନା ଆଉ ସୁମନ୍ତ ଙ୍କର ଛାତି ର ସ୍ପନ୍ଦନ କୁ ଦ୍ରୁତ ଗତି ରେ ବଢେଇବାରେ ଲାଗିଛି କହିବାକୁ ଗଲେ ଉତ୍ତର ମେରୁରେ ପୃଥିବୀ ର ଗୋଲାକାର ଆବୃତ୍ତ ଉପରେ ଛିଡ଼ା ହୋଇ ସେମାନେ ଖାଲି ଆଲୋକ ହିଁ ଆଲୋକ ଭିତରେ ଭାସୁଛନ୍ତି ।

ଏହି ଚିର ଇପ୍‌ସିତ ଦୃଶ୍ୟ କୁ ମନଭରି ଉପଭୋଗ କଲାପରେ ଦୁଏଁ ହେ ଫେରିବାକୁ ବାହାରିଲେ, ଦୁଇ ଜଣ ଯାକ ଏ ଅଜଣା ଜାଗା ରେ ହାତ ଧରା ଧରି ହେଇ ପାଖାପାଖି ହୋଇ ଚାଲୁଥିଲେ ହଜିଯିବାର ଆଶଙ୍କା କୁ ଏଡ଼ାଇ ଯିବାକୁ କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। କିନ୍ତୁ ଫେରିଲାବେଲକୁ ବାଟ ଭୁଲିଗଲେ, ଦୂର ଦୂରାନ୍ତ ରେ କେହି ବି ବାଟୋଇ ଦିଶୁନାହାନ୍ତି। ଯେଉଁ ବାଟ ଟା ଠିକ୍ ବୋଲି ଅଗଉଥାନ୍ତି, ଦେଖିଲା ବେଳକୁ ସେଇଟି ହଠାତ୍ ଗୋଟେ ଜାଗା ରେ ଶେଷ ହୋଇଯାଉଥାଏ, ଆଗକୁ ରାସ୍ତା ନ ଥାଏ, ଅନେକ ସମୟ ଏହିପରି ଭ୍ରମରେ ପଡିଲା ପରେ ସୁମନ୍ତଙ୍କ ନିଷ୍ପତ୍ତି ଅନୁସାରେ ଦୁହେଁ ବିପରିତ ରାସ୍ତା ରେ ଅଲଗା ଅଲଗା ହୋଇ ବାହାରିଲେ ଦୁଇଁ ହେ ଆଗରେ ରାସ୍ତା ଖୋଜି ଗୋଟାଏ ବିନ୍ଦୁ ରେ ଏକାଠି ହେବା ର ଆଶାରେ ।

ଲୀନା ଆଗଉ ଆଗଉ ଦେଖିଲା ବାଟ ସରୁନାହିଁ, ପ୍ରାୟ ସବୁଠି ବରଫ ଆବୃତ୍ତ ଗଛ ପତ୍ର, ଉପରେ ସୁନ୍ଦର ଅକାଶ ମାତ୍ର ପାଖରେ କୌଣସି ଜନବସତି ର ଚିହ୍ନ ବର୍ଣ୍ଣ ନାହିଁ କିମ୍ବା ଆଖିର ଦୃଷ୍ଟି ପହଞ୍ଚିବା ଯାଏ ଗୋଟିଏ ବି ବାଟୋଇ ର ଚିହ୍ନବର୍ଣ୍ଣ ନାହିଁ। ମାନସିକ ସ୍ତରରେ ଲୀନା ଦୁର୍ବଳ ହୋଇଉଠିଲା ଅନାବନା ବିଚିତ୍ର ବିଚିତ୍ର ଚିନ୍ତା ସବୁ ମୁଣ୍ଡ କୁ ପଶିଆସିଲା। ଇଚ୍ଛା ନ କଲେ ବି ମୁଣ୍ଡ କୁ ଦୁଶ୍ଚିନ୍ତା ଧସେଇ ପଶିଆସିଲା, ମନେ ମନେ ଭାବିନେଲା ମୁଁ ଯଦି ମରିଯାଏ କେହି ବି ମୋତେ ଖୋଜି ବାହାର କରି ପାରିବେନି । ଆଉ ସତରେ କଣ ସୁମନ୍ତ

ISSN NO.
2582-208X

ମୋତେ ଖୋଜି ବାହାର କରି ପାରିବେ। ଏମତି କେତେ କଣ ଭାବୁ ଭାବୁ ଲୀନା ମନ ଭିତରେ ପ୍ରତିଜ୍ଞା କଲା ଆଉ କେବେ ବି ଏମିତି ଶୁନଶାନ୍ ଜାଗା ଯେଉଁଠି କିଜନମାନବ ଚଳାଚଳ ଏତେ କମ୍ ଯେ ପ୍ରାୟ ଶୂନ୍ୟ କହିଲେ ବି ଚଳିବ, ସେଠି କୁ ବୁଲିଯିବା କୁ ମନ କରିବନି। ଲୀନା ବଡ଼ ପାଟିରେ ସୁମନ୍ତ ସୁମନ୍ତ ଡାକିଲେ ସେ ଶୁଣିପାରୁ ନାହାଁନ୍ତି ବୋଧେ ବରଂ ତା ଡାକ ପ୍ରତିଧ୍ୱନିତ ହେଇ ଲୀନା କାନରେ ସୁମନ୍ତ ଶବ୍ଦ ଟି ବାଡେଇ ହେଉଛି। ଲୀନା ର ଡାକ ଏ ମହାଶୂନ୍ୟ ରେ ଲୀନ ହେଇ ଯାଉଛି, ତରଙ୍ଗାୟିତ ହେଇ ପାଖରେ ଥିବା କୌଣସି ମଣିଷ ର କର୍ଣ୍ଣ ଗହ୍ୱରରେ ପ୍ରବେଶ କରିପାରୁନାହିଁ।

ସମସ୍ତ ଚେଷ୍ଟା ସତ୍ତ୍ୱେ ନା ରାସ୍ତା ପାଉଛି ନା ସୁମନ୍ତ ଦିଶୁଛନ୍ତି। ଏହି ସମୟ ରେ ବାପା ବୋଉ ପୁରୀ ର ଘର ପରିଷ୍କାର ଭାବରେ ଆଖି ଆଗରେ ନାଚି ଉଠୁଛି, ଲାଗୁଛି ସତେ ଯେପରି ଜୀବନ ରେ ଆଉ ସୁଯୋଗ ମିଳିବନି ଏ ସବୁ ଆଉ ଦେଖିବାକୁ। ବିକଳରେ ଯେଉଁ ଲୀନା ନିଜ ଛଡା ଦିନେ କି କାଳେ ଜଗନ୍ନାଥ ଙ୍କୁ ମାନେନି କି ବିଶ୍ୱାସ କରେ ନାହିଁ ଆଜି ବିକଳ ରେ ଉପର କୁ ହାତ ଟେକି ଉଦ୍ଧାରିବା ପାଇଁ ପ୍ରଣାମ କଲା, ସୁମନ୍ତ କୁ ଡାକି ଡାକି ଥକି ପଡ଼ିଲାଣି ଆଖିରୁ ଧାର ଧାର ଲୁହ ଗଡି ପଡୁଛି, କେଉଁ ଜାଗା ରେ ସେ ଅଛି ମନେ ପଡୁନାହିଁ। ପାଖରେ ଆଇ ଫୋନ୍ ଥାଇ ବି ବିନା ନେଟୱ଼ର୍କ ରେ କିଛି କାମର ନୁହେଁ, ପାଟିରୁ ଖାଲି ବହାରି ଆସୁଛି ହେ ଜଗନ୍ନାଥ ମୋତେ ବାଟ ଦେଖାଅ।

ହଠାତ୍ ମୁଣ୍ଡ ଭିତରକୁ ଦୂର୍ଭାବନା ଧସେଇ ପଶି ଆସିଲା, ଆଉ ସୁମନ୍ତ ମୋତେ ମାରିବାର ଯୋଜନା କରି ଏମିତି ଏକୁଟିଆ ଛାଡି ଦେଇ ଯାଇନାହାନ୍ତି ତ । ନିର୍ଜନତା ର ଭୟ ରେ ଭୟଭୀତ ହେଇ ହୃତ୍ ଘାତ ରେ ଲୀନା ର ପ୍ରାଣ ଛାଡିଗଲେ ସେ ନିଶ୍ଚିନ୍ତ ରେ ତାଙ୍କର ଲୁକ୍କାୟିତ ପ୍ରେମିକା କୁ ନିଜର କରିନେବେ। ପୁଣି ଏଇ ଦୁଇ ବର୍ଷ ଭିତରେ ସୁମନ୍ତ ଜୀବନ ର ଏକ ଅଭିନ୍ନ ଅଙ୍ଗ ହେଇ ଗଲେଣି ଯେ ତାଙ୍କୁ ଭିଲିଏନ କରି ଏଆଡୁ ସିଆଡୁ ଭାବୁଛି ବୋଲି ନିଜ କୁ ଧିକାରୁଛି ଲୀନା। ମନ ବି ବଡ଼ ବିଚିତ୍ର, ଟିକିଏ ପରିସ୍ଥିତି ବିଗିଡି ଗଲେ ନକାରାତ୍ମକ ଭାବନା ସବୁ ମୁଣ୍ଡ କୁ ମାଡି ବସେ, ପୁଣି ଭାବୁଛି କହିଦେଇଥିଲେ ତ ସେ ସୁମନ୍ତ ଙ୍କ ଜୀବନ ରୁ ଓହରି ଯାଇଥାନ୍ତା, ଏମିତି ଅପରନ୍ତା ଜାଗା ରେ ଅଦ୍ଭୁତ ବାହାନା କରି ଆଣି ଏକୁଟିଆ ଛାଡ଼ି ଯିବା ର ମାନେ କଣ । ଫେରିବା ବେଳେ ପୋଲାର୍ ବିଅର ଦେଖିବାର ନିଶା ଟି ବି ଛାଡିଗଲାନି। ବର୍ତ୍ତମାନ କେବଳ କିମିତି ରାସ୍ତା ପାଇ ବୋଉ

ISSN NO.
2582-208X

ପାଖରେ ପହଞ୍ଚିବ ସେଇ ଏକମାତ୍ର ଚିନ୍ତା। ମନ ଭିତରୁ ସୁକାନ୍ତ କୁଆଡେ ଉଭେଇ ଗଲେଣି, ଏବେ ଖାଲି ଅଭୟ ଆଶ୍ରୟ ସ୍ଥଳ ମା କୋଳ ।

ଏମିତି ଭାବି ଭାବି ଭିତତସ୍ତ ଲୀନା କାନ୍ଦୁରା ମୁହଁ ରେ ହଠାତ୍ ଅତି ପରିଚିତ ଲିନୁ ଲିନୁ ଡାକ ଟି କାନ ଭିତରେ ଧସେଇ ପଶିଆସି ହୃଦୟ କୁ ଥରେଇ ଦେଲା। ଏତ ସୁମନ୍ତ ଙ୍କ ସ୍ୱର, ଦେହ ରେ ଜୀବନ ପଶିଲା, ମନ ସାଙ୍ଗେ ସାଙ୍ଗେ ବଦଳିଗଲା। ସୁମନ୍ତ ହିଁ ଏକା ତାର ନିଜର ମନେ ହେଲେ, କିଛି ବାଟ ଆଗେଇଲା ପରେ ମୋଡ଼ ଉପରେ ସୁମନ୍ତ ଙ୍କୁଦେଖି ଦୌଡ଼ିଯାଇ କୁଣ୍ଢେଇ ପକେଇ ଭୋ ଭୋ କରି କାନ୍ଦି ଉଠିଲା। ସେଇ କାନ୍ଦୁରା ସ୍ୱର ରେ ପଚାରିଲା ମୋତେ ଏକୁଟିଆ ଛାଡି ଆଉ କୁଆଡେ ଯିବନିତ। ଉତ୍ତରରେ ସୁମନ୍ତ କହିଉଠିଲା ଆରେ ପାଗଳ ନା କଣ ତୁମଙ୍କୁ କେତେବେଳେ ଛାଡିଦେଲି, ଦୁଏହେଁ ପରା ବାଟ ଖୋଜୁଥିଲେ। ହଉ ଯା ବି ହେଉ ବାଟ ତ ପାଇଗଲି । ଆସ ଆସ ଏଇ ପଟେ ଆସ ସୁମନ୍ତ ହାତ କୁ ଜାବୁଡ଼ି ଧରି ଆଗେଇଲା ଲୀନା। ବାଟରେ ଆଉ କିଛି ଯାତ୍ରୀ ଙ୍କୁ ଦେଖି ଦୀର୍ଘ ନିଶ୍ୱାସ ନେଲା ଲୀନା। ହାତ ଟେକି ନମସ୍କାର କରି ଧନ୍ୟବାଦ ଦେବା ସଙ୍ଗେ ସାଙ୍ଗେ ସୁମନ୍ତ ଙ୍କ ପ୍ରତି ଆଣିଥିବା ବିପରୀତ ଭାବନାରୁ କ୍ଷମା ମାଗିଦେଲା । ନିଜ ହାତରେ ମୁଣ୍ଡ କୁ ଦୁଇ ଥର ବାଡ଼େଇ ତାଗିଦ୍ କଲା ସୁମନ୍ତ ପାଇଁ ଏପରି ଭାବନା ଆଉ କେବେ ବି ଆଣିବ ନାହିଁ। ପ୍ରକୃତ ରେ ମନ ବି ଅଦ୍ଭୁତ।

((( - )))

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର – ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ବାଟରେ ଚାଲୁ ଚାଲୁ



ବିନୋଦିନୀ ଦାଶ

ବାଟରେ ଚାଲୁ ଚାଲୁ
ପାଦ ପଡେ ସମତଳରେ ତ ଆବଡାଖାବଡାରେ
କେତେବେଳେ ବି ଗୋଡ଼ି ବାଜି
ପାଦ ହୁଏ କ୍ଷତାକ୍ତ
ଝରିପଡେ ଯନ୍ତ୍ରଣାସିକ୍ତ ବୁନ୍ଦା ବୁନ୍ଦା ରକ୍ତ ।

ଏ ତ ଦୋଷ ନୁହେଁ ପଥର
ଦୋଷ ଥାଏ ପଦଚାରୀର
ପାଦ ସିନା ବାଟରେ
ମନ ଥାଏ ଅନ୍ୟଠାରେ ।

ବାଟରେ ଚାଲୁ ଚାଲୁ
ଭେଟ ହୁଅନ୍ତି ଅନେକ ସାଥୀ
କିଏ ପଦେ ବାକ୍ୟାଳାପରେ ସମାପ୍ତି
କିଏ ଗପିଚାଲେ ପ୍ରଗଲ୍ଭତାରେ ଅନେକ
ପାଦଟା ଉଠୁଥିଲେ ବି ଉଠି ପାରେନା
ବାଧା ଦିଅଇ ବିବେକ ।

ଅନ୍ତରଙ୍ଗ କେହି ଜୁଟିଗଲେ କଥା ସରିଲା ।
ରହେ ନାହିଁ ସମୟର ଜ୍ଞାନ

ISSN NO.
2582-208X

କିଏ କେଉଁ କାମରେ ଯାଉଛି
ରଖିପାରେନି ଧ୍ୟାନ
ସୁଖଦୁଃଖ ବଣ୍ଟାବଣ୍ଟିରେ
ହସ ଅବା ଲୁହ ଦି'ଟୋପାରେ
ତୃପ୍ତ ହୁଏ ପ୍ରାଣ ।

ପ୍ରାତଃ ହେଉ କି ସାନ୍ଧ୍ୟ ଭ୍ରମଣ
ବାଟରେ ଚାଲନ୍ତି ଅନେକ
କିଏ କ୍ଷିପ୍ର ଗତିରେ ତ କିଏ ଧିମେଇଁ ଧିମେଇଁ
ବୟସାଧିକ ହେତୁ କେବଳ ଶରୀର ରକ୍ଷାର୍ଥେ
କିଏ ବି ନିସଙ୍ଗତାର ଦୂରୀକରଣ ଅର୍ଥେ ।
ଏଇତ ଜୀବନ ।

ସମ୍ପର୍କ ଡୋରିରେ ସରବେ ଅନୁବନ୍ଧିତ
ଏମିତି ଚାଲି ଆସିଛନ୍ତି
ଚାଲୁଥିବା ମଧ୍ୟ
ଯେତେ ଦିନ ଯାଏ ଅଛନ୍ତି ଚଳନଶୀଳ
ନାହିଁ ବିଶ୍ରାମ
ଭେଟାଭେଟିରେ ସମୟ ଅତିକ୍ରାନ୍ତ ।

(((-)))

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ରଖ ଭାଷାରେ ପ୍ରୀତି



ଯଜ୍ଞଦତ୍ତ ସାମନ୍ତରାୟ

କାଉଟି କଳା
କୋଇଲି କଳା
କଳା କଜଳପାତି,
ପାଠରେ ପିଲେ
କରନି ହେଳା
ପଢାରେ ଦିଅ ମତି ।
କାଉଟି କଳା
କୋଇଲି କଳା
କଳା କଜଳପାତି,
ଭଲ କାମରେ
ରଖିଲେ ଯଶ
ଫୁଲି ଉଠଇ ଛାତି ।
କାଉଟି କଳା
କୋଇଲି କଳା
କଳା କଜଳପାତି,
କାମ ନ କରି
ବସିଲେ ଖାଲି
ସମୟ ଯାଏ ବିତି ।
କାଉଟି କଳା
କୋଇଲି କଳା

ISSN NO.
2582-208X

କଳା କଜଳପାତି,
ମହାନ୍ ଅଟେ
ଆମ ରାଇଜ
ଆମେ ଓଡିଆ ଜାତି ।
କାଉଟି କଳା
କୋଇଲି କଳା
କଳା କଜଳପାତି,
ପଢ ଓଡ଼ିଆ
ଲେଖ ଓଡ଼ିଆ
ରଖ ଭାଷାରେ ପ୍ରୀତି ।

(((-)))

ସଂପାଦକ, ଅନୁର୍‌ଗର ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ:-୯୩୩୭୪୪୯୨୪

ISSN NO.
2582-208X

# ଦୂର ଦିଗ୍‌ବଳୟ



ଡ. ହେମନ୍ତ କୁମାର ଦାଶ

ତୁମେ ଥିଲ
ସନ୍ଧ୍ୟାର ଶେଷ ରଙ୍ଗ ପରି—
ଛୁଇଁ ପାରିନଥିବା,
କିନ୍ତୁ ଆଖିରେ ଲାଗି ରହିଥିବା ଏକ ମାୟା।

ଆମ ମଧ୍ୟରେ
କେତେ ସହର, କେତେ ସମୟ,
କେତେ ଅକୁହା ଅଭିମାନ
ରେଳ ଲାଇନ ପରି ଲମ୍ବା ହୋଇ ପଡ଼ିଥିଲା...
ତଥାପି
ପ୍ରତି ରାତିରେ
ମୋ ଇଲାକାରେ ଚାନ୍ଦ ଆସି
ତୁମ ନାମର ଆଲୋକ ଛିଟାଇ ଯାଉଥିଲା।

ତୁମେ କହୁଥିଲ—
"ପ୍ରେମ କେବେ ସାନିଧ୍ୟରେ ନୁହେଁ,
ଅପେକ୍ଷାରେ ବଞ୍ଚିଥାଏ..."
ସେଥିପାଇଁ ହୁଏତ
ମୁଁ ଏବେବି
ତୁମ ଅନଲାଇନ୍ ଆସିବାର ସବୁଜ ବିନ୍ଦୁକୁ
ଗୋଟିଏ ପୂର୍ଣ୍ଣିମା ପରି ଦେଖେ।

ISSN NO.
2582-208X

ଦୂର ଦିଗ୍‌ବଳୟରେ
ସୂର୍ଯ୍ୟ ଓ ଆକାଶ ମିଶି ଯାଉଥିବା ପରି
ତୁମେ ଓ ମୁଁ-
ସଶରୀରେ ମିଶି ପାରୁନଥିଲା ସିନା
ତଥାପି ଅଲଗା ମଧ୍ୟ ନୁହେଁ,
ତୁ ତମ ଓ ମୋର ମନ ତ ମିଶି ଯାଉଥିଲା ।

ତୁମ ନୀରବତାରେ
ମୁଁ ପ୍ରେମର ସବୁଠୁ ଗଭୀର ଶବ୍ଦ ଶୁଣିଛି,
ଆଉ ତୁମ ଦୂରତାରେ
ସବୁଠୁ ନିକଟ ସ୍ପର୍ଶ।

କେବେ କେବେ ଲାଗେ -
ଆମେ ଦୁହେଁ
ଏକ କବିତାର ଦୁଇଟି ଅଧା ଲାଇନ,
ଯାହାକୁ ସମୟ
ଏକାସାଙ୍ଗେ ପଢ଼ି ପାରିଲା ନାହିଁ...
ତଥାପି
ପ୍ରତ୍ୟେକ ପ୍ରଭାତରେ
ଦୂର ଦିଗ୍‌ବଳୟକୁ ଦେଖି
ମୁଁ ଏବେବି ଭାବେ—
ସେଠି ଯେଉଁଠି,
ତୁମେ ମୋ ପାଇଁ
ଆଜିବି ଟିକେ ଅପେକ୍ଷା କରୁଛ।

(((-)))

"ସୃଜନ ନିକେତନ"
ତୁଷୁରା, ବଲାଙ୍ଗିର
ମୋ: ୯୯୩୭୬୮୮୫୫୧

ISSN NO.
2582-208X

# ଅସାଧାରଣ କବିତ୍ୱ ଏବଂ ପାଣ୍ଡିତ୍ୟର ଅଭିନବତ୍ୱ ସୃଷ୍ଟି – କବିସୂର୍ଯ୍ୟ ବଳଦେବ ରଥ



ସୁଷମା ପାଢୀ

ମଧ୍ୟଯୁଗୀୟ ଓଡିଆ କବିମାନଙ୍କ ମଧ୍ୟରେ କବିସୂର୍ଯ୍ୟ ବଳଦେବ ରଥ ହେଉଛନ୍ତି ଅନନ୍ୟ ପ୍ରତିଭାର ଅଧିକାରୀ । ସେ କବିତ୍ୱ ଓ ପାଣ୍ଡିତ୍ୟରେ ଜଣେ କାଳଜୟୀ ଅଧିକାରି ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ମଧ୍ୟଯୁଗୀୟ ଓଡିଆ ଗୀତି କବିତାର ଧାରାରେ ସେ ହେଉଛନ୍ତି ଜଣେ ଶ୍ରେଷ୍ଠ ବିନ୍ଧାଣି । ତାଙ୍କର କବିତା, କାବ୍ୟ, ଛାନ୍ଦ, ଚଉପଦୀ, ସଙ୍ଗୀତ ଭଳି ବହୁବିଧ ରଚନା ରହିଛି । ଏହି ବରେଣ୍ୟ କାବ୍ୟକାର ଗଞ୍ଜାମ ଜିଲ୍ଲାର ବଡଖେମୁଣ୍ଡିଠାରେ ପଣ୍ଡିତ ଉଜ୍ଜ୍ୱଳ ରଥ ଓ ମାତା ରତନୀ ଦେବୀଙ୍କ ପୁତ୍ର ରୂପେ ସେ ୧୭୭୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । କବିସୂର୍ଯ୍ୟ ଗ୍ରନ୍ଥାବଳୀର ବିଜ୍ଞ ସମ୍ପାଦକ ପଣ୍ଡିତ କୁଳମଣି ଦାସ ବଳଦେବଙ୍କ କାଳ ୧୭୮୯-୧୮୪୫ ମସିହା ବୋଲି କହିଥିବା ବେଳେ ଗବେଷକ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର ତାହାକୁ ୧୭୭୯-୧୮୪୦ ମସିହା ବୋଲି କହିଥିବାର ଜଣାଯାଏ । ତାଙ୍କର ପିତା ଉଜ୍ଜ୍ୱଳ ରଥ ଥିଲେ ଜଣେ ସଂସ୍କୃତଜ୍ଞ ପଣ୍ଡିତ କବି । ଓଡ଼ିଶାରେ ସେହି ସମୟରେ ରାଜଦରବାର ଗୁଡିକରେ କବି ଓ ପଣ୍ଡିତମାନଙ୍କର ସମ୍ମେଳନରେ 'ବୁଧକେଳି ହଂସ-ସର' ଥିଲା । ଉଜ୍ଜ୍ୱଳ ରଥ ବଡଖେମୁଣ୍ଡି ରାଜଦରବାରରେ ସଭାପଣ୍ଡିତ ଭାବରେ ସ୍ଥାନ ପାଇଥିଲେ । ସେ 'ସଜ୍ଜନାନନ୍ଦ ଚମ୍ପୂ' ଏବଂ 'ରାମଚମ୍ପୂ' ନାମରେ ଦୁଇଗୋଟି ଚମ୍ପୂକାବ୍ୟ ରଚନା କରିଥିଲେ । ପିତାଙ୍କଠାରୁ ସେ ଏହିଭଳି କାବ୍ୟିତ୍ୱଶକ୍ତି ପ୍ରାପ୍ତ ହୋଇଥିଲେ । ତାଙ୍କ କବିତ୍ୱ ପ୍ରାପ୍ତି ଆଠଗଡ଼ରେ ହିଁ ସମ୍ପନ୍ନ ହୋଇଥିଲା ।

କବିସୂର୍ଯ୍ୟ ବଳଦେବ ରଥ ଜଣେ ଦକ୍ଷ ପ୍ରଶାସକ, କବି ଏବଂ ସଙ୍ଗୀତଜ୍ଞ ଭାବରେ ପ୍ରତିଷ୍ଠିତ। ସେ ବିଭିନ୍ନ ରାଜଦରବାରରେ ପ୍ରଶାସକ ଭାବରେ କାର୍ଯ୍ୟ କରି ପ୍ରସିଦ୍ଧି ଲାଭ

ISSN NO.
2582-208X

କରିଥିଲେ । ସେ ଜଳନ୍ତରର ରାଜା ଛୋଟରାୟ, ବଳଦେବଙ୍କୁ 'କବିସୂର୍ଯ୍ୟ' ଉପାଧିରେ ଭୂଷିତ କରିଥିଲେ ଏବଂ ପରେ ତାଙ୍କୁ ରାଜ୍ୟର ଦେବାନ୍ ରୂପେ ନିଯୁକ୍ତି କରିଥିଲେ । ଦେବାନ୍ ଭାବରେ କବିସୂର୍ଯ୍ୟ ପ୍ରଶାସନିକ ଦକ୍ଷତା ଦେଖାଇ ଜଳନ୍ତରରେ ସୁଶାସନ ପ୍ରତିଷ୍ଠା କରିଥିଲେ ଏବଂ ଭୁ ପ୍ରଜାହିତକର କାର୍ଯ୍ୟ କରିଥିଲେ । ରାଜ୍ୟରେ କୃଷିର ଉନ୍ନତି, ରାଜା ଛୋଟରାୟଙ୍କ ସଭାପତିତ୍ୱର 'ଉତ୍କଳାଚାର' ସଭାସ୍ଥାପନ ଏବଂ ମଞ୍ଜୁଷା-ଜଳନ୍ତର ମଧ୍ୟରେ ଥିବା ବିବାଦ ଭଞ୍ଜନ କରି ଦୁଇ ରାଜାଙ୍କ ମଧ୍ୟରେ ମୈତ୍ରୀ ପ୍ରତିଷ୍ଠା ପ୍ରଭୃତି ତାହାର ପ୍ରମାଣ। ତାହା ସଙ୍ଗେ ସଙ୍ଗେ 'କବିସୂର୍ଯ୍ୟ' ଉପାଧି ଲାଗି ନିଜକୁ ଯୋଗ୍ୟ କରିବା ଉଦ୍ଦେଶ୍ୟରେ ବଳଦେବ ନିଷ୍ଠାପର ଭାବରେ ସାହିତ୍ୟ-ସାଧନା ମଧ୍ୟ ଚଳାଇଥିଲେ । ତାଙ୍କର ଶ୍ରେଷ୍ଠ କୃତି ମଧ୍ୟରେ ସ୍ଥାନ ପାଇଛି- 'ଚନ୍ଦ୍ରକଳା', 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ', 'ରତ୍ନାକର ଚୌପଦୀ ଚନ୍ଦ୍ରୋଦୟ', 'କବିତା କଲ୍ଲୋଳିନୀ', 'ହାସ୍ୟକଲ୍ଲୋଳ' ଇତ୍ୟାଦି ।

'ଚନ୍ଦ୍ରକଳା' କାବ୍ୟଟି କବିସୂର୍ଯ୍ୟ ବଳଦେବ ରଥଙ୍କ କାଳ୍ପନିକ କାବ୍ୟ । ଏହି କାବ୍ୟଟି ଏକବିଂଶ ଛାନ୍ଦ ବିଶିଷ୍ଟ ଅସମ୍ପୂର୍ଣ୍ଣ ଅଟେ । କବିସୂର୍ଯ୍ୟ ଜଳନ୍ତରଠାରେ ଅବସ୍ଥାନ କରୁଥିବା ସମୟରେ ଏହି କାବ୍ୟଟିକୁ ରଚନା କରିଥିଲେ । ଏହି କାବ୍ୟଟି ଜଳନ୍ତରରେ ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନାମରେ ଏହି କାବ୍ୟଟିକୁ ଭଣିତା କରାଯାଇଛି । ଚନ୍ଦ୍ରକଳା କାବ୍ୟଟିର କଥାବସ୍ତୁ ହେଉଛି ପାରମ୍ପରିକ । ଲାବଣ୍ୟଧ୍ୱଜ ଗନ୍ଧର୍ବ ଓ ଅପ୍ସରୀ କେଳିମଞ୍ଜୁଳ ଦେବପୁରରେ ସଙ୍ଗୀତ ଗାନରେ ପ୍ରମତ୍ତ ଥିଲେ । ଏହି ଗନ୍ଧର୍ବ ଦମ୍ପତିଙ୍କ ପ୍ରତି ଦେବତାମାନେ ଆକୃଷ୍ଟ ହୋଇ ତାଙ୍କୁ ରୂପ ଭିକ୍ଷା କଲେ । ମାତ୍ର ସେମାନେ ମନା କରିବାରୁ ଦେବତାମାନେ ମର୍ତ୍ତ୍ୟରେ ସେମାନେ ଜନ୍ମଗ୍ରହଣ କରିବାକୁ ଅଭିଶାପ ପାଇଲେ । ମର୍ତ୍ତ୍ୟରେ ଲାବଣ୍ୟଧ୍ୱଜ ହେଲେ ଅନଙ୍ଗସୁନ୍ଦର ଓ କେଳିମଞ୍ଜୁଳ ହେଲେ ଚନ୍ଦ୍ରକଳା ଉଭୟଙ୍କର ପ୍ରେମ ଓ ପ୍ରଣୟ ଏହି କାବ୍ୟଟିର ଉପଜୀବ୍ୟ ବିଷୟ। କାବ୍ୟଟିର ପ୍ରଥମ ଛାନ୍ଦର ମଙ୍ଗଳା ଚରଣରେ କବି ଗାଇଛନ୍ତି-

"ଜୟ ଲବଣ ଜଳଧି ତୀର ଅଳଙ୍କାର
ଜୟ ଜମ୍ବୁଦୀପ କମ୍ବୁମଧ୍ୟ କ୍ଷେତ୍ରବର ହେ ।
କଷ୍ଟଧ୍ୱଂସୀ ଅଷ୍ଟ ଅଷ୍ଟମୂର୍ତ୍ତି ଜୟ ଜୟ
ବସୁସଖ୍ୟ ଭବାନୀ କର ମୋ ଭୟ କ୍ଷୟ ହେ ।
ମାର୍କଣ୍ଡେୟ ସିତଗଙ୍ଗା ଶ୍ରୀରୋହିଣୀ କୁଣ୍ଡ
ତୀର୍ଥରାଜ ଇନ୍ଦ୍ରଦ୍ୟୁମ୍ନ କଳିତାପ ଖଣ୍ଡ ହେ ।

ISSN NO.
2582-208X

x xxxx
ସରସ ଶ୍ରୀ ହରଷାଦି ମହାକବିମାନେ
ବିହରିଲେ ମହୋନ୍ନତ କବିନବିମାନେ ଯେ ।
ସେବି, ମାଁ ତେଜି, ସେ ବିମାନ ଅନାତପ
କଲି ଚନ୍ଦ୍ରକଳା ଗ୍ରନ୍ଥାରମ୍ଭ ସଂକଳ୍ପ ହେ ।"

ପ୍ରଥମ ଛାନ୍ଦଟିରେ ଜଗନ୍ନାଥ ମନ୍ଦିର ଅନ୍ତର୍ଗତ ଦେବଦେବୀମାନଙ୍କ ବର୍ଣ୍ଣନା, ଦ୍ୱିତୀୟ ଛାନ୍ଦଠାରୁ କାବ୍ୟନାୟିକା ଚନ୍ଦ୍ରକଳାର ଜନ୍ମ, ପୂର୍ବ ଜନ୍ମ ବୃତ୍ତାନ୍ତ, ବାଲ୍ୟଲୀଳା, କଳା ବିଦ୍ୟାରେ ଅନୁଶୀଳନ, ଉଦ୍ୟାନ ବିହାର, ଜଳକେଳି, କେଶ ବିନ୍ୟାସ, ଯୌବନାରମ୍ଭ, ସ୍ୱପ୍ନଦର୍ଶନ ଇତ୍ୟାଦି ଏହି କାବ୍ୟରେ ବର୍ଣ୍ଣିତ ହୋଇଛି । ଉପେନ୍ଦ୍ର ଭଞ୍ଜଙ୍କ ପ୍ରସିଦ୍ଧ କାବ୍ୟ 'ଲାବଣ୍ୟବତୀ'ର ଅନୁସରଣରେ ଏହି କାବ୍ୟଟି ପରିକଳ୍ପିତ ହୋଇଛି । କବିସୂର୍ଯ୍ୟ ଏଥିରେ ଅଲୌକିକ ରଚନାଚାତୁରୀ, ବିଚିତ୍ର ଅଳଙ୍କାର ସୃଷ୍ଟି ଓ ଯଥୋପଯୋଗୀ ଶବ୍ଦ ବ୍ୟବହାର କରି ନିଜର ପାଣ୍ଡିତ୍ୟର ପରକଷ୍ଠା ପଦର୍ଶନ କରିଛନ୍ତି ।

କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାବଳୀକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି ଯଥା– (କ) କାଳ୍ପନିକ, (ଖ) ଭକ୍ତିଗୀତିକା, (ଗ) ଚଉପଦୀ, (ଘ) ଚଉତିଶା, (ଙ) ହାସ୍ୟ ବ୍ୟଙ୍ଗମୂଳକ ରଚନା ଇତ୍ୟାଦି । କବି ବହୁ ଚଉପଦୀର ରଚୟିତା । ଚଉପଦୀ ହେଉଛି ସଙ୍ଗୀତଧର୍ମୀ ଓ ଚଉପଦୀଗୁଡ଼ିକ ରସପୂର୍ଣ୍ଣ, ବୈଚିତ୍ର୍ୟ ଓ ହୃଦୟସ୍ପର୍ଶୀ । ଏଠି କବିଙ୍କର କବିତ୍ୱ ଓ ପାଣ୍ଡିତ୍ୟର ସ୍ୱାକ୍ଷର ବହନ କରେ । ବଳଦେବଙ୍କ 'ଆହେ ନୀଳାଦ୍ରି କେଶରୀ ଶ୍ରୀହରି', 'ତୁହି ପରା ମୋ ହୃଦୟ ମଣିମୟ ହାରାରେ', 'କେହି ସରକି ପ୍ରଭୁ ପଣେ ନୀଳାଦ୍ରି କେଶରୀକି', 'କେଳି ପ୍ରବୀଣା କେବଳ ତୋତେ ସିନା ଜଣାରେ' ଇତ୍ୟାଦି ତାଙ୍କର ଚଉପଦୀ ଆତ୍ମପ୍ରକାଶ ପାଇଛି ।

କବିଙ୍କର 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ରଚିତ ହୋଇଥିଲା ଆଠଗଡ଼ରେ ଅବସ୍ଥାନ କରୁଥିବା ସମୟରେ । ଏହାକୁ ସେ ପୃଷ୍ଠପୋଷକତା କରିଥିଲେ ଆଠଗଡ଼ର ରାଜା ହରିଚନ୍ଦନ ଜଗଦ୍ଦେବ ନାମରେ ଭଣିତି କରିଛନ୍ତି । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣକୁ ଆଦ୍ୟରେ ରଖି ଗୋଟିଏ ଗୋଟିଏ ସଙ୍ଗୀତ ରଚିତ ହୋଇଛି । ଶ୍ରୀକୃଷ୍ଣ ଏହାର ନାୟକ, ରାଧା ନାୟିକା ଓ ଲଳିତା ଦୂତୀ । ଏମାନଙ୍କ ଉକ୍ତି–ପ୍ରତ୍ୟୁକ୍ତିରେ ହିଁ ସମଗ୍ର ବିଷୟବସ୍ତୁ ଉପସ୍ଥାପିତ ଘଟିଛି । ଶୃଙ୍ଗାର ରସ ଏହାର ମୁଖ୍ୟରସ । କରୁଣରସ ସାମୟିକ ପ୍ରବାହ ମଧ୍ୟ ଏଥିରେ ଲକ୍ଷ୍ୟ

ISSN NO.
2582-208X

କରାଯାଇଥାଏ । କିଶୋରଚନ୍ଦ୍ର ଶ୍ରୀକୃଷ୍ଣ ଏବଂ ଶ୍ରୀ ରାଧାଙ୍କର ପରସ୍ପର ପ୍ରତି ଆକର୍ଷଣ ପ୍ରେମ ଭାବନାରେ ଅଧୀର ହେବା ଏବଂ ସୁଚତୁରା ଲଳିତାର ମଧ୍ୟସ୍ଥତା ଦ୍ୱାରା ସୁନ୍ଦର ଏବଂ ନାଟକୀୟ ହୋଇପାରିଛି । ଶ୍ରୀକୃଷ୍ଣଙ୍କ ସହ ପ୍ରଥମ ଦେଖାରେ ଅପ୍ରତ୍ୟାଶିତ ପ୍ରଶ୍ନ–

"ନୂଆନଟପଟଳୀ ମୁକୁଟ ହେ କାହିଁକି ଶ୍ରୀଅଙ୍ଗ ସୁଖ
ନିପଟ ନିସ୍ତେଜ ଦିଶୁଛି ତ ଆଜି ନିରଳସ ଚନ୍ଦ୍ରମୁଖ ।"

ଲଳିତା ଚମ୍ପୂରେ ନିଜର କର୍ତ୍ତବ୍ୟକୁ ସୂଚାରୁ ରୂପେ କରିଛି । ସେ କାହା କଥାରେ ଭାସିନଯାଇ ନିଜର ବିଚାରଶୀଳା ହୃଦୟର ପରିଚୟ ଦେଇଛି । ପରବର୍ତ୍ତୀ ସମୟରେ ବିଶିଷ୍ଟ କାବ୍ୟକାର ରାଧାନାଥ ରାୟ କହିଛନ୍ତି –

"ଭାବାନ୍ତର ପୁଣି କ୍ଷଣେ କରେ ଜାତ
ଗଲାଣି ତ ଗଲା କଥାରେ ସଙ୍ଗୀତ ।
ସଙ୍ଗୀତ ଆବେଗେ ପୁଣିକରେ ମନ
ଅତୀନ୍ଦ୍ରିୟ ଦେଶେ କରେ ବିଚରଣ ।"

ପୁଣି ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ମୂଲ୍ୟବାନ୍ ମତଟିକୁ ଗ୍ରହଣ କରାଯାଇପାରେ। ସେ ଲେଖିଛନ୍ତି– "Baladev's model was Gita Govind. But at the same time the differences can also be noted. First of all, it is better framed, better organised and the sequences are more logical. Secondly, Gita Govind's emphasis on love and physical union is more controlled in Kavisurya and more tastefully presented . Thirdly, it steers clear of Gita-Govind's Vaishnavite motivations and tries to present a devotion free environment. Lastly, its actionand characters involved, have greater clarity, greater relevance and larger humanness than would be seen in Gita-Govinda a closer approach to reality and Naturalness." ବାସ୍ତବିକ ଗୀତଗୋବିନ୍ଦ ଅପେକ୍ଷା 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ରେ ବିରହ ଓ ମିଳନ ବର୍ଣ୍ଣନାରେ ଚମ୍ପୂଟିର ପରିସମାପ୍ତି ଘଟିଛି ।

କବିସୂର୍ଯ୍ୟଙ୍କ 'ଭକ୍ତିଗୀତିକା' ଏକ ପକ୍ଷରେ ଯେପରି ଭଗବାନଙ୍କ ସ୍ତବଯୁକ୍ତ ଓ ମହିମାଜ୍ଞାପକ ଠିକ୍ ସେହିପରି ଅନ୍ୟ ପକ୍ଷରେ କବିଙ୍କ ବ୍ୟକ୍ତିଗତ ଜୀବନର ଦୈନ୍ୟ, ନୈରାଶ୍ୟବେଦନା ଓ ମୁକ୍ତି ବ୍ୟାକୁଳିତ ଭଜନ ଓ ଜଣାଣ ସେଥିରେ ବଡ଼ ଅନ୍ତରଙ୍ଗ ଭାବରେ ଜଡ଼ିତ । ଭଜନ

ISSN NO.
2582-208X

ବିଭାଗରେ ରହିଛି ତାଙ୍କର ସ୍ତବସ୍ତୁତି ଓ ମନଃଶିକ୍ଷାର ଚଉପଦୀ ଏବଂ ଜଣାଣ ବିଭାଗରେ ସର୍ପଜଣାଣ, ଜଗନ୍ନାଥ ଜଣାଣ ଓ ମହାବାହୁ ଜଣାଣ,ମାନସ ଭଜରେ ଘନନୀଳମ୍, ବନ୍ଦେ ସୁବ୍ରଜସୁନ୍ଦରୀ ବୃନ୍ଦମଦନମ୍, ନୌମି କିଶୋରଂ ହୃତଭୂଭାରଂ ତ୍ରିଜଗତି ସାରସୁନ୍ଦରମ୍ ଓ ରାଜୀବ ନେତ୍ରାଷ୍ଟକ ଆଦି ସଂସ୍କୃତ ରଚନା ମଧ୍ୟ ପ୍ରଥମ ଭାଗରେ ସେ ରଖିଛନ୍ତି । ଏହାଛଡ଼ା କବିସୂର୍ଯ୍ୟଙ୍କ ଦେବୀବନ୍ଦନା 'ମାଳଶ୍ରୀ' ମଧ୍ୟ ରଚନା କରିଛନ୍ତି ।

କବିସୂର୍ଯ୍ୟଙ୍କ ଦ୍ୱାରା ରଚିତ ଭକ୍ତିମୂଳକ ଗୀତର ସଂଖ୍ୟା ତାହାଙ୍କ କୃଷ୍ଣଲୀଳାତ୍ମକ ତଥା ଲୌକିକ ଚୌପଦୀ ତୁଳନାରେ ନଗଣ୍ୟ । କବି ବୈଷ୍ଣବ ଦିକ୍ଷା ଗ୍ରହଣ କରିନଥିଲେ । ଆଚାର ଅନୁଷ୍ଠାନରେ ସେ ଥିଲେ ସ୍ମାର୍ତ୍ତ, ସବୁ ଦେବଦେବୀଙ୍କ ପ୍ରତି ତାଙ୍କର ଭକ୍ତି । 'ଚନ୍ଦ୍ରକଳା'ର ପ୍ରଥମ ଛାନ୍ଦରେ ବିଭିନ୍ନ ଦେବଦେବୀଙ୍କ ପ୍ରଶଂସାରୁ ତାହା ଦେଖିବାକୁମିଳେ । ତଥାପି ଜଗନ୍ନାଥ ଉଦ୍ଦେଶ୍ୟରେ ସେ ଅଧିକ ସଂଖ୍ୟକ ଭକ୍ତିଗୀତ ରଚନା କରିଯାଇଛନ୍ତି । ଜଗନ୍ନାଥ ଜଣାଣ, ସର୍ପ ଜଣାଣ, ମହାବାହୁ ଜଣାଣ, ଭଣିତାରେ କବିଙ୍କ ନାମ ନିର୍ଦ୍ଦିଷ୍ଟ ଓ ଏଥିରେ କବିଙ୍କ ଜଗନ୍ନାଥୈକ ପ୍ରାଣତା ପ୍ରକାଶିତ । ଏତଦ୍ ବ୍ୟତୀତ 'ଆହେ ନୀଳାଦ୍ରି କେଶରୀ ଶ୍ରୀହରି', 'ଦେଖ ଦେଖ ସଙ୍ଗାତ', 'ଗୋ ରସନାଟି', 'ଘେନ ଘେନ ମନ ଘନ', 'ଜଗତ କରତା ନାଥ','ମନଜମିଯା', 'ମାନସ ପ୍ରପଞ୍ଚରୁ ବଞ୍ଚି', 'ମିତ କିଏ ସେ ଲୋ', 'ଶ୍ରୀ ନୀଳ ଶିଖରୀ', 'ହେ ତମାଳ ଅତସି କୁସୁମ' ପଭୃତି ଆଦ୍ୟଛତ୍ର ବିଶିଷ୍ଟ ଏଗାର ଗୋଟି ଭକ୍ତି ସଙ୍ଗୀତରୁ କବିଙ୍କ ଭକ୍ତି ଭାବନାର ପରିଚୟ ମିଳିଥାଏ । 'କବି ରବି ଗୀତି ଗଙ୍ଗାମ୍ବୁ' ସଂକଳନରେ ପ୍ରଦତ୍ତ 'ଭଜ ଭଜ ମନ ରାଜ' ଗୀତଟି କବିଙ୍କ ଭକ୍ତିମତ୍ତାର ଉତ୍କୃଷ୍ଟ ଉଦାହରଣ । 'ଘେନ ଘେନ ମନ ଘନ' ଗୀତଟିକୁ ବିଚାରକୁ ନେଲେ ଜଣାଯାଏ ଯେ,

'ଭଜ ଭଜ ମନ ବ୍ରଜ-ମହିଳା ମୋହନକୁ
ଶକୁନ୍ତ ସନ୍ତତି ମହୀ-ମହେନ୍ଦ୍ର-ବାହନକୁ ।
ତାପ ଭୟ ତୃଣଚୟ ପ୍ରଳୟ ଦହନକୁ
ମୁନିଜନ ମନ ମୃଗ ତମାଳ ଗହନକୁ ।
ସେହି ପ୍ରଭୁ କୃପାରୂଟି ଧରି ସ୍ୱର୍ଗେ ସ୍ଥାନକୁ
ରାମଚନ୍ଦ୍ର ଦେବ ବୋଲେ ନ ଭଜରେ ଆନକୁ ।'

ପୁନଶ୍ଚ କବିଙ୍କ ଭକ୍ତିକବିତା ପାଣ୍ଡିତ୍ୟ ଓ ଅଳଙ୍କାର ଭାରରେ ଭାରାକ୍ରାନ୍ତ । ସେ ଗୁଡ଼ିକରେ ଭକ୍ତ ସୁଲଭ ସାରଲ୍ୟର ପ୍ରକାଶ ଅପେକ୍ଷା କାବ୍ୟ ସ୍ରଷ୍ଟାର ଅହଂକାର ଅଧିକ ଦେଖିବାକୁ ମିଳେ । 'ସର୍ପଜଣାଣ' କବିତାରେ କବି ଭଗବାନଙ୍କ ସହ 'ଭୁଜଙ୍ଗ ସାମ୍ୟ' ପ୍ରଦର୍ଶନ ପାଇଁ

ISSN NO.
2582-208X

ଯେପରି ଆତ୍ମଶ୍ଲାଘା ବୋଧ କରିଛନ୍ତି । ଭୁଜଙ୍ଗକୁ ଧରିଲେ ତାକୁ ପେଡ଼ିରେ ବନ୍ଦ କରି ରଖାଯାଏ । ସେହିପରି କବି ଭଗବାନଙ୍କୁ ଆପଣାର ହୃଦୟ ରୂପକ ପେଡ଼ିରେ ବନ୍ଦ କରି ରଖିଛନ୍ତି, ଭଗବାନ ବନ୍ଦୀ, ଆଉ ତାଙ୍କର ଖସିଯିବାର ଉପାୟ ନାହିଁ ।

"ଜଗତେ ଧରି ଯେବେ ଅହି
ଘଟ ଗୋଟିକେ ନେଇ ଥୋଇ
ଅଛ ଯାବତ ଘଟେ, ବଞ୍ଚାଅ ଯେ କପଟେ
ମୋର ହାବୁଡୁ ଯିବ କାହିଁ ହେ ।"

ଭକ୍ତ ଭଗବାନଙ୍କୁ ଆପଣାର ଆୟତ୍ତାଧିନ କରିପାରିଛି ବୋଲି ଭାବିବା ଅହଂକାର ନୁହେଁ ତ ଆଉ କଣ ? ଅଥଚ କବି ତାହାଙ୍କ ମନ ଭାଗବତ ଭାବରେ ଅନାନୁଗତ ବୋଲି 'ଜଗନ୍ନାଥ ଜଣାଣରେ' ସ୍ୱୀକାର କରିଛନ୍ତି । ଏହି କବିତାଟିରେ ଭକ୍ତ ହୃଦୟର ବିନୟ ଝରିଯାଇଛି । ସେ ନିମିତ୍ତ ମାତ୍ର । ଭଗବାନହିଁ ତାଙ୍କୁ ଭଲମନ୍ଦ ପ୍ରଭୃତି ବିବିଧକାର୍ଯ୍ୟରେ ନିୟୋଜିତ କରିଛନ୍ତି । ଏଣୁ କବି ଭଗବାନଙ୍କ ନିକଟରେ ପୂର୍ଣ୍ଣ ଆତ୍ମସମର୍ପଣ କରି ଗାଇଛନ୍ତି-

'କବି ରବି ରାଇଗୁରୁ ଯୋଡିକର-
ଯୁଗକୁ ଛାମୁରେ କହେ
ଭଲ ଅବା ମନ୍ଦ କରିବାକୁ ତ ମୁଁ
ମୋହର ଆୟତ୍ତ ନୁହେଁ
ହେ ମହାପ୍ରଭୁ, ସବୁ ତୁମ୍ଭ ଇଚ୍ଛା ସିନା
ରଖବା ନରଖ ମୋହର ଗତିତ
ପତିତପାବନ ବାନା ।'

(ଜଗନ୍ନାଥ ଜଣାଣ)

ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ମହାବାହୁ ଜଣାଣଟି ଚଉତିଶା ରୀତିରେ ଲିଖିତ ! ପୂର୍ବରୁ ଏହିଭଳି ଭାବବା ପ୍ରତିଧ୍ୱନି ହୋଇଥିବାର ଏଥିରେ ମଧ୍ୟ ଶୁଣିବାକୁ ମିଳିଥାଏ ।

'ମହାବାହୁ ଅଣୁଏ ଆୟତ୍ତ ନାହିଁ ମୋର
ଆଚରୁଛି ପାତକ ପ୍ରକର
ଆପଣ ହୃଦେ ନିବାସ, କରି ଯେଉଁ ଫରମାସ-

ISSN NO.
2582-208X

କରୁଛ ମୁଁ କରୁଛି କିଙ୍କର ହେ ।'

କବିଙ୍କର ସ୍ୱାଭାବିକ ଶବ୍ଦାଡ଼ମ୍ବର ପ୍ରିୟତା କବିତ୍ୱ ଓ ପାଣ୍ଡିତ୍ୟର ପ୍ରକାଶ ସର୍ବତ୍ର ପ୍ରକଟିତ ।

କବି ହେଉଛନ୍ତି ଜଗନ୍ନାଥଙ୍କ ଭକ୍ତ । ତାଙ୍କ ପାଇଁ ଶ୍ରୀକୃଷ୍ଣ ଓ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ କୌଣସି ପ୍ରକାର ତାରତମ୍ୟ ନାହିଁ । ଯେ ଶ୍ରୀଜଗନ୍ନାଥ ସେହି ଶ୍ରୀକୃଷ୍ଣ, ଯିଏ ବୃନ୍ଦାବନ ବ୍ୟୋମକାଳକାର ସେହିଁ ବ୍ରଜ ମହିଳା ନାଥ । ମହାବାହୁ ଜଣାଣରେ କବି ଶ୍ରୀଜଗନ୍ନାଥଙ୍କୁ ବାସୁଦେବ କୃଷ୍ଣ ଓ ଦାଶରଥି ରାମ ରୂପେ ଲକ୍ଷ୍ୟ କରିଛନ୍ତି । ତାଙ୍କପାଇଁ ଜଗନ୍ନାଥ, ବଂଶୀଧାରୀ, ରାଧାମୋହନ, ଲକ୍ଷ୍ମୀପତି, ଗରୁଡ଼-ଧ୍ୱଜ, ଚକ୍ରଧର, ସୀତାପତି, ଗୋପୀନାଥ ଓ ବୈକୁଣ୍ଠାଧିପତି ଆଦି ସେହି ସର୍ବେଶ୍ୱର ପରମବ୍ରହ୍ମ ଭଗବାନଙ୍କର ଏକ ଏକ ନାମାନ୍ତର ମାତ୍ର ।

କବିସୂର୍ଯ୍ୟ ବଳଦେବ ରଥଙ୍କ ଆଧ୍ୟାତ୍ମିକ ଭାବଚେତନା ତାଙ୍କର ଭଜନ ଓ ଜଣାଣ ଗୁଡ଼ିକରେ ଦେଖିବାକୁ ମିଳେ । 'ଜଗନ୍ନାଥ ଜଣାଣ', 'ସର୍ପ ଜଣାଣ' ପରି ଭକ୍ତି ଭାବନା ରସାଣିତ ରଚନା ଓଡ଼ିଆ ସାହିତ୍ୟରେ ଦେଖିବା ଏତେ ସହଜ ନୁହେଁ କିନ୍ତୁ 'ହାସ୍ୟକଲ୍ଲୋଳ' ରେ ପ୍ରତୀକ । ଭଜନ ଓ ଜଣାଣ ସେଥିରେ ବଡ଼ ଅନ୍ତରଙ୍ଗ ଭାବରେ ଜଡ଼ିତ । କବିଙ୍କ ପରିହାସବୋଧ, ବିଦ୍ରୂପ ସଫଳ ଭାବେ ରସାୟିତ ହୋଇଛି । 'କବିତା କଲ୍ଲୋଳିନୀ'ରେ କବିଙ୍କ ଦ୍ୱାରା ରଚିତ ଚଉତିଶା, ଜଣାଣ ଇତ୍ୟାଦି ଦୀର୍ଘ କବିତାକୁ ସ୍ଥାନିତ କରାଯାଇଛି । 'ଚଉପଦୀ ରତ୍ନାକର'ତିରିଶଟି ଚଉପଦୀର ସମାହାର । ଏହା ରାଧା-କୃଷ୍ଣ-ଲଳିତାଙ୍କ ଉକ୍ତି-ପ୍ରତ୍ୟୁକ୍ତି ସମ୍ବଳିତ ଏକ ଲୀଳାକାବ୍ୟ । 'କବିସୂର୍ଯ୍ୟ ଗୀତାବଳୀ' ଓ 'ଚୌପଦୀ ଚନ୍ଦ୍ରୋଦୟ' ନାମରେ ଦୁଇଟି ଗ୍ରନ୍ଥ ସଂଗ୍ରହ କରି ପ୍ରକାଶ କରିଛନ୍ତି କାଳିଚରଣ ପଟ୍ଟନାୟକ। କବିଙ୍କ କେତେକ କାବ୍ୟ ଗଦ୍ୟ-ପଦ୍ୟ ଓ ଓଡ଼ିଆ-ସଂସ୍କୃତ ମିଶ୍ରିତ ଭାଷାରେ ରଚିତ ।

ସର୍ପଜଣାଣ ଓ ଜଗନ୍ନାଥ ଜଣାଣ ଏକ ଭିନ୍ନସ୍ୱାଦର ଭକ୍ତି ସଙ୍ଗୀତ । 'କେହି ସରିକି ପ୍ରଭୁ ପଣେ ନୀଳାଦ୍ରି କେଶରୀ କି' ଗୋଟିଏ ସ୍ତୁତି । ଜଣାଣ ଦୁଇଟି କିନ୍ତୁ ବ୍ୟାଜସ୍ତୁତି ଅଳଙ୍କାର ହୁଏ । 'ଟେକି ସମଦୃଷ୍ଟି ପତକାକୁ ପୁଣି ଏ କି ପକ୍ଷପାତରୀତି'ର ଅଭିଯୋଗ 'କଥା ନ କହନ୍ତି ଜଗତ ମୋହନ୍ତି ସବୁଠାରେ ସମଚାହାଁ'ଙ୍କ ପ୍ରତୀତ ଜନ୍ମାଏ । 'ଜଗନ୍ନାଥ ଜଣାଣ'ର ଭକ୍ତିଭାବ ବିଚାର କଲେ ପ୍ରଥମେ ଗୌଡ଼ିୟ ବୈଷ୍ଣବ ଭକ୍ତସମାଜରେ ପ୍ରଚଳିତ ସଂସ୍କୃତ ଶ୍ଳୋକଟିକୁ ଉଧାର କରାଯାଇପାରିବ-

ISSN NO.
2582-208X

ବ୍ୟାଧସ୍ୟା ଚରଣଂ ଧ୍ରୁବସ୍ୟ ଓ ବୟୋବିଦ୍ୟା ଗଜେନ୍ଦ୍ରସ୍ୟକା
କୁବ୍ ଜାୟାଃ କିମ୍ନାମ୍ବରୀମଧିକମ୍ ।
କିଂ ତତ୍ ସୁଦାମ୍ନୋଧନଂ ବଂଶଃ କଃ ବିଦୂରସ୍ୟ
ଯାଦବପତିରୁ ଗ୍ରସ୍ୟ କିଂ ପୌରୁଷମ୍ ।
ଭକ୍ତ୍ୟା ତୁଷ୍ୟାତି କେବଳଂ ନଚ ଗୁଣୈଃ ଭକ୍ତିପ୍ରିୟୋ ମାଧବଃ ।

ମାଧବ ହେଉଛନ୍ତି ଭକ୍ତିପ୍ରିୟ । କ'ଣ ଥିଲା ବ୍ୟାଧର ଆଚରଣ ? କେତେ ବା ଥିଲା ଧ୍ରୁବର ବୟସ ? ଗଜେନ୍ଦ୍ରର ବିଦ୍ୟା କାହିଁ ? କାହିଁ ବା କୁବ୍ଜାର ରୂପ ଲାବଣ୍ୟ ? ସୁଦାମାର ଧନ ଥିଲା କି ? ଥିଲା ବିଦୁରର ବଂଶ ମହିମା ? ଉଗ୍ରେସନର ପୌରୁଷ ବାଥିଲା କାହିଁ ?ତଥାପି ଏମାନଙ୍କ ମଧ୍ୟରୁ କିଏ ପୁଣି ମାଧବଙ୍କ ଅହେତୁକ ଅନୁଗ୍ରହରେ କୃତାର୍ଥ ନହୋଇଛି ? ପ୍ରକୃତରେ ଭଗବାନଙ୍କ ପ୍ରୀତି ପାଇଁ ବହୁଜ୍ଞତା ଇତ୍ୟାଦିର କୌଣସି ପ୍ରୟୋଜନ ନାହିଁ । ଭକ୍ତି ହିଁ ଯଥେଷ୍ଟ ।

ଏହାଛଡ଼ା କବିଙ୍କର କେତେକ ସଙ୍ଗୀତ ମଧ୍ୟ ଭକ୍ତିସ୍ୱର ଉଚ୍ଚାରଣରେ ମଧୁର । ଗୋରସନାଟି । କୃଷ୍ଣ ନାମ ଛାଡ଼ି ଆନେ ରସନା ଟି । ଘେନ ଘେନ ମନ ଘନସମ ଶ୍ୟାମଳିଆକୁ କିମ୍ବା ଧନ୍ୟ ହେ ନବ କିଶୋର, ସତୀ ଧୃତି ଧନ ଚୋର ଇତ୍ୟାଦି ସଙ୍ଗୀତରେ ଏବଂ ଚଉପଦୀ ଚମ୍ପୂ ପ୍ରଭୃତିରେ ଭକ୍ତିରସ ପ୍ରଚ୍ଛନ୍ନ; ମାତ୍ର ଆଦିରସ ଦେଖିବାକୁମିଳେ । ତେଣୁ ଏଗୁଡିକ ପ୍ରଣୟ ପ୍ରବାହ ପ୍ରଧାନ କିନ୍ତୁ ଭକ୍ତିସ୍ୱର ସ୍ପନ୍ଦନରେ ଗୌଣ, କବିତା ରୂପେ ଏହାକୁ ଗ୍ରହଣ କରାଯାଇପାରେ ।

ଶାସ୍ତ୍ର ଅନୁସାରେ ଭକ୍ତିପଥର ସୋପାନ ନଅଟି-ଶ୍ରବଣ, କୀର୍ତ୍ତନ, ସ୍ମରଣ, ସେବନ, ଅର୍ଚ୍ଚନ, ବନ୍ଦନ, ସଖ୍ୟ, ଦାସ୍ୟ, ଆତ୍ମନିବେଦନ କବିସୂର୍ଯ୍ୟ ଏହି ପଥ ଅନୁସରଣ କରିଛନ୍ତି। 'ଶ୍ରୀଜଗନ୍ନାଥ ଜଣାଣ' କବିତାଟିକୁ ଏଥିରେ ଉଦାହରଣ ରୂପେ ନିଆଯାଇପାରିବ। ବିବିଧ ଭକ୍ତିପଥ ଅନୁସରଣ କରି ଭକ୍ତ ଅଭିଳଷିତ ଭୋଗ କରିଥିବା ଉପକଥାର ଦୃଷ୍ଟାନ୍ତ କବି ଏଠାରେ ଦେଇଛନ୍ତି, ତହିଁରେ ନିଜ ଆତ୍ମାକୁ ମଧ୍ୟ ସାମିଲ କରିଦେଇଛନ୍ତି । ଦ୍ରୌପଦୀ ଓ ମୃଗୁଣୀ ଉଦ୍ଧାର ପ୍ରସଙ୍ଗରେ 'ସ୍ମରଣ'ର ପଥ, ରଜନୀ କ୍ଷେତ୍ରରେ ବାଦନ, ନଳକୁବେର ଓ ମଣିଗ୍ରୀବ ପ୍ରସଙ୍ଗରେ ଶ୍ରବଣ, ଅଜାମିଳଠାରେ କୀର୍ତ୍ତନ, ସୁଦାମାଠାରେ ସଖ୍ୟ, କୁବଜାର ଅର୍ଚ୍ଚନ, ସେବକ ଇତ୍ୟାଦି ପଥର ସଙ୍କେତ ଦେଇ ପରିଶେଷରେ ଆପଣା କ୍ଷେତ୍ରରେ ଆତ୍ମନିବେଦନର ଭାବକୁ ପ୍ରତିଫଳିତ କରିଛନ୍ତି । ଭକ୍ତି-

ISSN NO.
2582-208X

ବିଳାସର କବିମନ ଉଦାସୀନ ନୁହେଁ କିମ୍ବା ଭକ୍ତି ଭାବନା ଯେ କବିପ୍ରାଣର ଏକ ସାମୟିକ ଉଦ୍ ବେଳନ ଏହା ମଧ୍ୟ ସତ ନୁହେଁ । କବିସୂର୍ଯ୍ୟଙ୍କର ଅନ୍ତରେ ଅନ୍ତରେ ଏଇ ଭକ୍ତି ସଚେତନତାର ମୃଦୁଧାରା ପ୍ରବାହିତ; ଏହାର ପ୍ରକାଶ ଯୋଗୀ–ଜନ ସୁଲଭ ନହୋଇ କବି–ସୁଲଭ ହୋଇଛି ।

ଉପସଂହାର :

ଏହି ମହାନ୍ କବି କବିସୂର୍ଯ୍ୟ ବଳଦେବ ଦେଶ ଓ ଜାତିର ଏକ ଅମୂଲ୍ୟ ରତ୍ନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦେଶ ଓ ଜାତି ପାଇଁ ସେ ଯେଉଁ ଆଧ୍ୟାତ୍ମିକ କବିତାର ଅର୍ଘ୍ୟ ବାଢି ଦେଇଛନ୍ତି ତାହା କାଳଜୟୀ ହୋଇ ରହିବ । ତାଙ୍କର ଜଗନ୍ନାଥଙ୍କୁ ନେଇ  କୃଷ୍ଣଙ୍କୁ ନେଇ ଯେଉଁ କବିତା ରଚନା କରିଛନ୍ତି ତାହା ଅନ୍ୟ ମାନଙ୍କଠାରୁ ବେଶ୍ ବଳିଷ୍ଠ । ବଳଦେବ ଯେଉଁ ଆଧ୍ୟାତ୍ମିକର ବୀଜ ସାରା ଜଗତରେ ବୁଣି ଦେଇଛନ୍ତି ତାକୁ ସମାଜର ସାନ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଗ୍ରହଣ କରିବାର ଆବଶ୍ୟକତା ରହିଛି । ତେଣୁ ଏହି କାଳଜୟୀ ବ୍ୟକ୍ତିତ୍ୱ ସମସ୍ତଙ୍କ ହୃଦୟରେ ନିଶ୍ଚୟ ଏକ ସ୍ଥାନ ଅଧିକାର କରିବ ଏଥିରେ ସନ୍ଦେହ ନାହିଁ ।

ସହାୟକ ଗ୍ରନ୍ଥସୂଚୀ :

୧. କାବ୍ୟତୀର୍ଥ, କୁଳମଣି ଦାଶ : କବିସୂର୍ଯ୍ୟ–ଗ୍ରନ୍ଥାବଳୀ ଓ ଜୀବନଚରିତ, କଟକ ପବ୍ଲିସିଙ୍ଗ ହାଉସ, ବାଲୁବାଜର, କଟକ, ଅଷ୍ଟମ ମୁଦ୍ରଣ, ୧୯୭୨ ।

୨. ବେହେରା, ଡ଼. କୃଷ୍ଣ ଚରଣ : କବିସୂର୍ଯ୍ୟ ଗ୍ରନ୍ଥାବଳୀ, (ସଂକଳନ ଓ ସଂପାଦାନ), ଫ୍ରେଣ୍ଡ୍ ସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମସଂସ୍କରଣ, ୧୯୯୮ ।

୩. ମହାରଣା .ଡ ,ସୁରେନ୍ଦ୍ର କୁମାର :ଓଡିଆ ସାହିତ୍ୟର ଇତିହାସ ,ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୦୫ ।

(((–)))

ଗବେଷିକା, ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଦୂରାଭାଷ – 9438449120

ISSN NO.
2582-208X

# ନିରାକାର



ଡ଼. ପ୍ରିୟମ୍ବଦା ସାମଲ

ଟୋପାଏ ଲୁହକୁ ପୋଛି ଦେବା ପାଇଁ
ହାତ ପାପୁଲି ତ ନାହିଁ
ଦୁଃଖ ସାଗରରେ ଉବୁଟୁବୁ ହୋଇ
କାତରେ ରହିଛି ଚାହିଁ ।
ସଂସାର ଫାସରେ ମାୟା ବନ୍ଧନରେ
ସନ୍ତୁଳିତ ପ୍ରାଣ ଡୋର
ଏ ଭବ ସାଗରେ ତୁମେ ଏକା ସାହା
ଆହେ ପ୍ରଭୁ ନିରାକାର ।
ଜୀବନ ଯନ୍ତ୍ରଣା ଦିଅଇ ଯାତନା
କର ପ୍ରଭୁ ପରିତ୍ରାଣ
ନୟନର ଲୁହ ବରଫ ପାଲଟି
ହୃଦୟେ ରଚେ କମ୍ପନ ।
ଏକି ତୁମ ଲୀଳା ଆହେ ଚକାଡୋଳା
ହସୁଅଛ ମୃଦୁ ମୃଦୁ
କିମ୍ପାଇ ପଥର ହେ ଶ୍ୟାମସୁନ୍ଦର
ତୁମେ ପରା ଦୀନବନ୍ଧୁ ।
ଭକତ ବତ୍ସଳ ହେ ନନ୍ଦ ଦୁଲାଳ
କିଅବା ଦୋଷ କରିଲି
ଦୁଃଖ ଦରିଆରେ ଭାସଇ ଆତୁରେ

ISSN NO.
2582-208X

ଚାହିଁଅଛ ଚକ୍ଷୁଖୋଲି ।
କ୍ଷମା କର ଦୋଷ ଆହେ ପୀତବାସ
ମୂଢ଼ମତି ମୁଁ ଅଜ୍ଞାନ
କଞ୍ଜ ଚରଣରେ ମାଗଇ ଶରଣ
ତ୍ରାହି କର ନାରାୟଣ ।

(((-)))

ଛତିଶଗଡ / ଭୁବନେଶ୍ୱର

ISSN NO.
2582-208X

# "ପଥ"



ବିନୟ ମହାପାତ୍ର

ପଥ ମୁଁ ଖୋଜୁଛି ଅନେକ ଦିନରୁ
ଯିବି କେଉଁଠିକୁ ଜାଣେନା ନିଜେ,
ବାଉଳା ହୁଏ ମୁଁ ଦିନ ଦି'ପହରେ
ସକାଳ ସଞ୍ଜେ,
ଅଜଣା ରାଇଜେ ଯିବା ପାଇଁ ମୁହିଁ,
ପଥ ଯେ ଖୋଜେ ।
ଚଉଛକି ପରେ ଠିଆ ହୋଇ ମୁହିଁ
ପଥ ପଚାରେ,
ଯାହାକୁ ପଚାରେ ପଥ କାହିଁ ବୋଲି,
ଓଲଟାଇ ସିଏ ମୋତେ ପଚାରେ,
ଯିବ କେଉଁଠିକୁ କୁହ ତ ଥରେ ?
ପଥ ମେଲି ଅଛି ଅଗକୁ ପଛକୁ
ବାମେ ଓ ଡାହାଣେ,
ତଳେ ଏ ପୃଥିବୀ ଉପରେ ଆକାଶ,
ଦଶ ଦିଗେ ପଥ, ଯିବି କେଉଁ ଦିଗ
କହି ଦେବ କିଏ, ମୁଁ ତ ନ ଜାଣେ ?
ପଚାରେ ନିଜକୁ ଥକି ହାରି ମୁହିଁ
କାହିଁକି ଖୋଜୁଛି ପଥ ମୁଁ ଏଠି ?

ISSN NO.
2582-208X

କେଉଁ କାମ ପାଇଁ କାହାକୁ ଖୋଜୁଛି
କି ନାମ ତାହାର, କିଏ ଅବା ସିଏ,
କେଉଁଠି ରହେ ?
ନା' ମୋତେ କିଛି ଜାଣିବାକୁ ଅଛି
ନା' ଅଛି କିଛି ପଚାରିବାକୁ,
ନା' ଅବା କିଛି ଶୁଣିବାକୁ ଅଛି,
ନା' ଅଛି କିଛି ମାଗିବାକୁ
ନା' କିଛି ଅଛି ଦେଇ ଦେବାକୁ ?
କିଛି ବି ତ ନାହିଁ କାମ ମୋହର,
ଖାଲି ମୋର ଥରେ ଦେଖିବାର ଇଚ୍ଛା,
ସତରେ କେମିତି ଦିଶଇ ସିଏ,
ଜାଣିବାର ଇଚ୍ଛା କେଉଁଠି ରହେ ସେ,
କି ନାମ ତାହାର, କିଏ ବା ସିଏ ??
ଦୁନିଆର ଏଇ କୋଳାହଳ ମେଳେ
ଶହେ ଆଠ ଅବା ସହସ୍ର ନାମ,
ହେ ପରମେଶ୍ୱର,
ତୁମ ନାମ ବିଷ୍ଣୁ ଅବା ମହେଶ୍ୱର,
ରାମ ଅବା କୃଷ୍ଣ, ଆଲ୍ଲା ଅବା ଖ୍ରୀଷ୍ଟ
ବୁଦ୍ଧ ଅବା ଜୈନ ମହାବୀର ?
ତୁମକୁ ଖୋଜିବି କେଉଁଠି ଇଶ୍ୱର
ମସଜିଦ, ପଗୋଡା ଅବା ମନ୍ଦିର
ଗିର୍ଜା କିମ୍ବା କେଉଁ ଗୁରୁଦ୍ୱାର ?
ଆଗକୁ ଦେଖିଲି, ପଛକୁ ଦେଖିଲି,
ବାମକୁ ଚାହିଁଲି, ଡାହାଣେ ଚାହିଁଲି,
ଦେଖିଲିନି କିଛି ପଥ,
ତଳକୁ ଦେଖିଲି ରୁକ୍ଷ ଧରଣୀ,

ISSN NO.
2582-208X

ଆକାଶେ ବତାସେ ପଞ୍ଚଭୂତ ।
ଆଖି ଦୁଇ ମୋର ବୁଜି ହୋଇ ଗଲା
ଅନ୍ତରୁ ଡାକିଲା କିଏ,
ଚୁପି ଚୁପି ମୋର କାନେ କହି ଗଲା,
କାହାକୁ ଖୋଜୁଛୁ ପାଗଳଙ୍କ ପରି,
ଅନ୍ତରେ ତୋର ରହିଛି ସିଏ ।
ରଙ୍ଗ ରୁପ ନାହିଁ, ନାହିଁ ଗନ୍ଧ, ବାସ
ସର୍ବ ବ୍ୟାପି ସନାତନ,
ନାହିଁ ତାର ନାମ, ସିଏ ଯେ ସର୍ବନାମ ।
ତୁ ତାକୁ ଖୋଜୁଛୁ,
ସେ ତୋତେ ଖୋଜୁଛି,
ଏଇ ତ ଅଜବ ଖେଳ,
ତୁ ତା ଭିତରେ ସେ ତୋ ଭିତରେ,
କେମିତି ହେବରେ ମେଳ ?
ହଜି ଯାଇନି ସେ ଖୋଜୁଛୁ କାହିଁକି ?
ଭୁଲି ଯାଇଛୁ ତୁ ଠିକଣା ତାର,
କାଲି ଥିଲା ଏଠି, ଆଜି ବି ରହିଛି,
ରହିଥିବ ସବୁ ଦିନ,
ଏଇଠି ପରା ତା ଘର।
ଆଖିର ପରଦା ଖୋଲିଲେ ଦେଖିବୁ
ଅନ୍ତରେ ତୋର ଭଲରେ ଖୋଜିବୁ
ମିଳି ଯିବ ତୋତେ ସବୁ ଉତ୍ତର ।

(((–)))

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ମୋ ହୃଦୟରେ ତୁମେ



ପ୍ରତିଭା ଦାଶ

ମୋ ହୃଦୟରେ ତୁମେ ରୁହ ପ୍ରଭୁ
ସୁଖ ଦୁଃଖର ସାଥୀ ତୁମେ
ବିପଦର ଡଙ୍ଗାକୁ ନିଅ କାତ ମାରି
ଯେବେ ଥିଲେ ପ୍ରତିକୂଳେ ।
ହସି ହସି ତୁମ ନାମ ଧରି ନାଥ
ସହିଯାଏ ସବୁ କଷ୍ଟ
ପାପୀଙ୍କୁ ଶାସ୍ତି ଦେବା ପାଇଁ
କରିଥାଅ ତାଙ୍କୁ ନଷ୍ଟ ।
ତୁମ ନାମ ଗାଇ ଗାଇ ସ୍ୱାମୀ
ବର୍ଷ ବର୍ଷ ଯାଏ କଟି
ଯନ୍ତ୍ରଣା ବାଧେନି କାୟାକୁ
ତୁମ ନାମ ଉଚ୍ଚାରିଲେ ନିତି ।
ତୁମକୁ ଦର୍ଶନ କରିଲେ ପ୍ରଭୁ
ଆଖି ଯାଏ ମୋର ଲାଖି
ଏକ ଲୟରେ ଚାହିଁଥାଏ ମୁହିଁ
ତୋ କଳାବଦନକୁ ଅନାଇ ।
ତୁମ ପାଦ ପଦ୍ମେ ମାରିଲେ ମୁଣ୍ଡିଆ
ଲାଗେ ସ୍ୱର୍ଗ ପରି ଅନୁଭୂତି
ସେ ସୁଖ ଆଉ କେଉଁଠୁ ମିଳିବ
ପୃଥିବୀ ସାରା ଖୋଜିଲେ ବି ।

ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ,
ତୁମେରପାଣି, ନୂଆପଡ଼ା/ମୋ:-୭୮୯୪୫୨୮୪୯୩

ISSN NO.
2582-208X

# ଏମ୍.ଡି.ଙ୍କ ପିଅନ



ବିଜୟକେତନ ମହାନ୍ତି

ସରକାରୀ କମ୍ପାନୀ ହେଉ ବା ପ୍ରାଇଭେଟ୍ । ଏମ୍.ଡି.ଙ୍କ ପିଅନ୍ ମାନଙ୍କର ପାୱାର୍ ବି କିଛି କମ୍ ନଥାଏ । ଏମ୍.ଡି.ଙ୍କଠୁଁ ଖାଲି ଗୋଟିଏ ପଦ ତଳକୁ ବୋଲି, ସେମାନେ ଭାବନ୍ତି । ପ୍ରାୟ ସମସ୍ତ ତଳ ପଦବୀରେ ଥିବା, ଅଫିସ୍ କର୍ମଚାରୀମାନେ, ହୃଦୟରୁ ଇଜ୍ଜତ୍ ନ ଦେଲେ ବି, କେହି ପଙ୍ଗା ନିଅନ୍ତିନି ସେମାନଙ୍କ ସହିତ । କାହିଁକି, ଆପଣଙ୍କର ସେମାନେ କିଛି ଭଲ ନ କରି ପାରିଲେ ବି, ବେଳେ ବେଳେ ଏମିତି ଅସୁବିଧାରେ ପକାଇ ଦେବେ, ତାହା ତୁଳନା ବାହାରେ । ଠିକ୍ ସମୟରେ, ତାଙ୍କର ଚୁଗୁଲୀ ଯଦି କାମ କରିଗଲା, ସବୁ ଖେଳ ବିଗିଡି ଯାଏ । ଏଇଥି ପାଇଁ ମନରେ ଡର ଥାଏ ସମସ୍ତଙ୍କର ।

ପ୍ରାୟତଃ ଏମ୍.ଡି.ଙ୍କ ପିଅନ୍ ମାନଙ୍କର ଭୂମିକା ଅଫିସ୍ ରେ ସବୁଠାରୁ ଅଧିକ । କିଏ କେତେବେଳେ ଭିତରକୁ ଯିବ, କେତେ ସମୟ ରହିବ, ତାହା ଅଧିକାଂଶ ସମୟରେ ପିଅନ୍ ହିଁ ଠିକ୍ କରନ୍ତି। ଏମ୍.ଡି. ବ୍ୟସ୍ତ ଥିଲେ "ସାର୍ ମିଟିଂରେ ଅଛନ୍ତି" କହି ଲୋକଙ୍କୁ ଅପେକ୍ଷା କରାନ୍ତି। ଗୋଟେ ଦୃଷ୍ଟିରୁ ସେମାନେ ଅଫିସ୍ ର ଆଖି ଏବଂ କାନ । ସେମାନେ ଦେଖନ୍ତି, କିଏ ଡେରିରେ ଆସନ୍ତି, କିଏ ଡେରି ଯାଏଁ ରୁହନ୍ତି ଏବଂ କେଉଁ ବିଷୟ ସବୁ ଅଫିସ୍ ରେ ଆଲୋଚନା ଚାଲିଛି । କିଛି ସେମାନଙ୍କ ନଜରରୁ ଖସିଯାଏ ନାହିଁ। ଗୋଟିଏ ମିନିଟ୍ ରେ ସେମାନେ ଚା' କପ୍ ରଖୁ ରଖୁ, ପରବର୍ତ୍ତୀ ମିନିଟ୍ ରେ ଗୋପନୀୟ ଫାଇଲ୍ କାଢି ଆଣି ଦେଇଥାଆନ୍ତି । ସେମାନେ ଆପଣଙ୍କ ଫାଇଲ୍ ବା ନୋଟ୍ କୁ କାଢି, ସବୁଠୁଁ ଉପରେ ରଖି ଦେଇ ପାରିନ୍ତି । ସେମାନେ ଠିକ୍ ଭାବରେ ଜାଣନ୍ତି ଯେ, ଏମ୍.ଡି. କେତେବେଳେ ଏବଂ କେମିତିକା ଚା' ପସନ୍ଦ କରନ୍ତି, ଅତିଥିମାନେ କେଉଁ ଚେୟାର ବ୍ୟବହାର କରିବା ଉଚିତ ଏବଂ ବୈଠକ ପୂର୍ବରୁ ଫାଇଲ୍ ସଜାଡ଼ିବାର ସଠିକ୍ ଉପାୟ।

ISSN NO.
2582-208X

ଅନେକ ପିଅନ୍ ଅଧିକ ସମୟ ଧରି ଗୋଟିଏ ସଂଗଠନରେ ପ୍ରାୟ କାମ କରିଥାଆନ୍ତି । ସେମାନେ ପୁରୁଣା କ୍ଲାଏଣ୍ଟ୍ ମାନଙ୍କର ଏବଂ କେଉଁ ବର୍ଷର ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଟି, କେଉଁଠି ରଖାଯାଇଛି, ତାହା ମନେ ରଖିଥାଆନ୍ତି। ଡିଫଲ୍ଟ ଭାବରେ ବିଶ୍ୱସ୍ତ । ଏମ୍.ଡି.ମାନେ ପ୍ରାୟତଃ ସେମାନଙ୍କ ସହିତ ଛୋଟ ଛୋଟ ବ୍ୟକ୍ତିଗତ କାମ ସେୟାର କରନ୍ତି । ଯେମିତି ବ୍ୟାଙ୍କ୍ କାମ, ଔଷଧ ଓ ପରିବାରର ଫୋନ୍ କଲ୍। ବିଶ୍ୱସ୍ତତା ଉଭୟ ପଟୁ ଥାଏ। ଏମ୍.ଡି.ଙ୍କ, ପିଅନ୍ ଙ୍କ ସହିତ ବନ୍ଧୁତା କରିବା ହେଉଛି, ସବୁଠାରୁ ପୁରୁଣା କର୍ପୋରେଟ୍ ହ୍ୟାକ୍।

ଏହିପରି ଏକ ଅନୁରୂପ ବ୍ୟକ୍ତିତ୍ୱ, ଆମ ଅଫିସ୍ ରେ ବି ନିଯୁକ୍ତିପ୍ରାପ୍ତ । ନାଁ ତା'ର ଲଚ୍ଛୁ । ଏମ୍.ଡି.ଙ୍କ ପିଅନ୍ ହିସାବରେ, ଉପରେ ଆଲୋଚନା କରିଯାଇଥିବା, ସମସ୍ତ ଗୁଣର ଅଧିକାରୀ ସିଏ । ଏତଦ୍ ବ୍ୟତୀତ, ଲଚ୍ଛୁର ଅନନ୍ୟ ଗୁଣ ସବୁ ମଧ୍ୟ ଅଛି । ଏମ୍.ଡି.ଙ୍କ ମୁଡ୍ ସହିତ ସମାନ୍ତର ଭାବେ ତା' ମୁଡ୍ ରେ ପରିବର୍ତ୍ତନ ଦେଖିବାକୁ ମିଳେ । ସମସ୍ତେ ଲଚ୍ଛୁକୁ ଦେଖି, ମାଲିକଙ୍କର ମୁଡ୍ ବିଷୟରେ ଧାରଣା ନେଇଥାଆନ୍ତି । ଏମ୍.ଡି.ଙ୍କ ଚେମ୍ବର୍ କୁ ଯିବା ଆଗରୁ, କେହି କେହି ଲଚ୍ଛୁକୁ ପଚାରି ଥାଆନ୍ତି, 'ସାହେବ୍ ଙ୍କ ମୁଡ୍ କେମିତି ଅଛି?' । ଯଦି ଖରାପ ଥାଏ, ଲଚ୍ଛୁ ବିନା ଡାଇଲଗ୍ ରେ, ଆଖି ପତାକୁ ଉପରକୁ ଟେକି, ମୁଣ୍ଡକୁ ହରିଜଣ୍ଟାଲି ହଲାଇ ଥାଏ । ମାନେ, ଚେମ୍ବର୍ ବାହାରେ, ନାଲି ବତି ଜଳିଲା ଭଳିଆ ପରିସ୍ଥିତି । ଏବେ ମୋଟେ ଯାଆନି ମିଳିବାକୁ । ଯଦି ଏମ୍.ଡି.ଙ୍କ ମୁଡ୍ ଭଲ ଥାଏ, ଲଚ୍ଛୁ ମୁଚୁକୁନ୍ଦିଆ ହସଟେ ଦେଇ, ମୁଣ୍ଡକୁ ଭର୍ଟିକାଲି ହଲାଇ ଥାଏ ।

ମୋଟା ମୋଟି କହିବାକୁ ଗଲେ, ଏମ୍.ଡି. କେତେବେଳେ ଘରୁ ବାହାରିଲେ, ବାଟରେ କୁଆଡେ ଯିବାର ଅଛି କି ନାହିଁ, କି ସିଧା ଅଫିସ୍ ଆସିବେ, କେତେବେଳେ ଅଫିସ୍ ରୁ ବାହାରିବେ, କେବେ ବିଦେଶ ଟୁର୍ ରେ ଯିବେ, ଆଜି କିଏ, କେତେବେଳେ ମିଶିବାକୁ ଆସିବେ, ଇନ୍କ୍ରିମେଣ୍ଟ୍ ଫାଇଲ୍ ରେ ସାଇନ୍ ହେଲା କି ନାହିଁ, ଲଚ୍ଛୁକୁ ପଟେଇ ପାରିଲେ, ଏ ସବୁ ଖବର ଆଗରୁ ମିଳେ ।

ହାଉସ୍ କିପିଙ୍ଗ୍ ଷ୍ଟାଫ୍ ମାନଙ୍କ ପାଇଁ, ଲଚ୍ଛୁ ଫୁଲ୍ ଫ୍ଲେଜ୍ଡ୍ ଏମ୍.ଡି. । ସେମାନଙ୍କ ସେବାରେ ଟିକେ ଏପଟ ସେପଟ ହେଲେ, ଲଚ୍ଛୁ ତାଙ୍କର ରୀତିମତ କ୍ଲାସ୍ ନିଏ । ଏମିତି କି ପର୍ସନାଲ୍ ଡିପାର୍ଟମେଣ୍ଟ୍ ରୁ, ତାଙ୍କ ଫାଇଲ୍ ମଗାଇ, ଆକ୍ସନ୍ ନବ ବୋଲି ଧମକାଇଥାଏ ।

କମ୍ପ୍ୟୁଟର୍ ଆସିବା ଆଗରୁ, ମାନୁଆଲ୍ ଲେଜର୍, କ୍ୟାସ୍ ବୁକ୍ ବ୍ୟବହାର ହେଉଥିଲା । ଯଦି କେହି ଆକାଉଣ୍ଟସ୍ ଡିପାର୍ଟମେଣ୍ଟ୍ ସହିତ ସମ୍ପର୍କିତ ନଥିବେ, ପୁରୁଣା ସମୟରେ, ବ୍ୟାଙ୍କ୍

ISSN NO.
2582-208X

ମାନଙ୍କରେ ମୋଟା ମୋଟା କ୍ୟାସ୍ ବୁକ୍, ଲେଜର୍ ଦେଖିଥିବେ ‌। ବେଶ୍ ମୋଟା ଓ ଓଜନିଆ ଏଗୁଡିକ । ଚାବିରେ ଢିଲା କରି, ପେଜ୍ ଯୋଡ଼ାଯାଏ ବା କଢ଼ାଯାଏ । ପୁରୁଣା ବର୍ଷର ଲେଜର୍ ଓ କ୍ୟାସ୍ ବୁକ୍ ସବୁ ରେକର୍ଡ ରୁମ୍ ରେ ରଖାଯାଏ । ଲଚ୍ଛୁ ରେକର୍ଡ ରୁମ୍ କୁ ଜିମ୍ ଭାବରେ ବ୍ୟବହାର କରୁଥିଲା । ତା'କୁ ମନା କରିବ ବା କିଏ ? ଗୋଟେ ପଟେ ୪/୫ ଲେଜର୍, ଅନ୍ୟ ପଟେ ବି ସେମିତି ୪/୫ ଲେଜର୍ କୁ ବାନ୍ଧି, ମଝିରେ ମୋଟା ବାଡ଼ିକୁ ଫାସେଇ, ୱେଟ୍ ଲିଫ୍ଟିଂ ର ଯୋଗାଡ ବନେଇ ଥାଏ ଲଚ୍ଛୁ । ଅବଶ୍ୟ ଏକଥା ଟପ୍ ମ୍ୟାନେଜମେଣ୍ଟ୍ କୁ ଜଣା ନଥାଏ ।

ବହୁତ୍ ଜରୁରୀ କାମ ଥିଲେ, ବେଳେ ବେଳେ ସଣ୍ଡେରେ, ଷ୍ଟାଫ୍ ବି ଅଫିସ୍ ଆସିଥାଆନ୍ତି । ଲଚ୍ଛୁ ବି ଆସିଯାଏ । ସମସ୍ତେ ଆସିବା ଆଗରୁ, ଲଚ୍ଛୁ ଏମ୍.ଡି. ଙ୍କ ବାଥରୁମ୍, ସଫା କରେଇବା ବାହାନାରେ, ନିଜେ ଗୋଟିଏ ଦିବ୍ୟ ସ୍ନାନ କରି, ଟିଚ୍ ହୋଇ, ବସିଥିବ । ବାସ୍ନା ହେବ ବୋଲି, ରୁମ୍ ପ୍ରେସ୍ନର, ନିଜ ୟୁନିଫର୍ମରେ ମାରି ଦେଇଥିବ । ତାକୁ କିଏ ବା କଣ କହି ପାରିବ! ଅଲ୍ ରୁଟ୍ ପାସ୍ ତା ପାଖରେ ଯେ ।

ଫାଷ୍ଟ୍ ଫ୍ଲୋର୍ ରେ ଏମ୍.ଡି. ଙ୍କ ଚେମ୍ବର୍ । ଏମ୍.ଡି. ଙ୍କ ଚେମ୍ବର୍ ର ସାଇଡ୍ ରେ ଜି.ଏମ୍. ଙ୍କ କେବିନ୍ । ବାକି ଅଫିସ୍ ଷ୍ଟାଫ୍ ଗ୍ରାଉଣ୍ଡ୍ ଫ୍ଲୋର୍ ରେ ବସନ୍ତି । ଯାହାକୁ ଡାକିବାର ଥାଏ, ଏମ୍.ଡି. ଇଣ୍ଟରକମ୍ ରେ ଡାକିଥାଆନ୍ତି । ବେଳେବେଳେ ଲଚ୍ଛୁ ମାଧ୍ୟମରେ, ଏମ୍.ଡି. କାହା କାହାକୁ ଡକେଇ ପଠେଇ ଥାଆନ୍ତି । ଲଚ୍ଛୁ ସେହି ଷ୍ଟାଫ୍ ଙ୍କ ପାଖରେ ଆସି, କିଛି ନକହି, କ୍ରିକେଟ୍ ମ୍ୟାଚ୍ ର ଅମ୍ପାୟାର୍ ଙ୍କ ଆଉଟ୍ ସିଗ୍ନାଲ୍ ଭଳି, ଗୋଟିଏ ଆଙ୍ଗୁଠି ଟେକିକି ଦେଖାଏ । ତା ମାନେ ଏମ୍.ଡି. ଡକେଇଛନ୍ତି । ଲଚ୍ଛୁ ଯଦି ଦୁଇଟି ଆଙ୍ଗୁଠି 'ଭି' ସେପ୍ ରେ ଦେଖାଏ, ମାନେ ଜି.ଏମ୍. ଡାକୁଛନ୍ତି । ଲଚ୍ଛୁ କଥା କମ୍, ଇଶାରାରେ ବେଶୀ କାମ କରେ । ଯେମିତି ଲଚ୍ଛୁ, କମଲ୍ ହାସନ୍ ଙ୍କ ଡାଇଲଗ୍ ନଥିବା ଚଳଚ୍ଚିତ୍ର, "ପୁଷ୍ପକ୍" ର ଏକ ଚରିତ୍ର ।

ପ୍ରଥମେ ବେଶ୍ କିଛି ଦିନ ମୁଁ ଲଚ୍ଛୁର ଇଶାରା ସବୁ ବୁଝି ପାରୁନଥିଲି । ପରେ ଧୀରେ ଧୀରେ ସବୁ ବୁଝା ପଡିଥିଲା ।

(((-)))

ଜନକପୁରୀ, ଦିଲ୍ଲୀ
ମୋ: ୯୮୭୧୯୯୭୪୪୯
Email: mohantybijay65@gmail.com

ISSN NO.
2582-208X

# ଟୋପାଏ ସିନ୍ଦୂର......



ରାମଚନ୍ଦ୍ର ବେହେରା

ନାରୀ ମଥା ପର ଟୋପାଏ ସିନ୍ଦୂର
କେହି ନୁହେଁ ତା'ର ସରି
ନାରୀ ସ୍ୱାଭିମାନ ସୂଚେଇ ଦିଏ ସେ
ପ୍ରେମଭାବ ହୃଦେ ଭରି
ସମ୍ପର୍କର ମୂକ ସାକ୍ଷୀ
ପ୍ରୀତିର ସ୍ୱାକ୍ଷର ଅତି ମନୋହର
ଦେଖି ଲାଗିଯାଏ ଆଖି ।
ମଥାର ମହାର୍ଘ୍ୟ ପବିତ୍ର ସିନ୍ଦୂର
ସଧବାର ଆଭୂଷଣ
ତା'ପାଇଁ ସାଜଇ ନାରୀ ସୁହାଗିନୀ
ହୋଇ ସେ ଭାବପ୍ରବଣ
ସିନ୍ଦୂରର ରକ୍ଷା ପାଇଁ
ତୁଳସୀ ମୂଳରେ ନିତି ସଂଜ ଜାଳେ
ସୁଖ ଦୁଃଖ ଆପଣାଇ ।
ସିନ୍ଦୂରକୁ ନାଇ ଭୁଲିଯାଏ ନାରୀ
ବାପଘର ସ୍ନେହ ଶ୍ରଦ୍ଧା
ସ୍ୱାମୀର ଗୃହକୁ ସ୍ୱର୍ଗପୁର ଭାବେ
ଭୁଲି ବାଧା ଅସୁବିଧା

ISSN NO.
2582-208X

ରଖେ ପରିବାର ମାନ
ସିନ୍ଦୂର ବଢାଏ ନାରୀର ମର୍ଯ୍ୟାଦା
ଦେଇ ମାନ ସନମାନ ।
ସିନ୍ଦୂର ନୁହଁଇ ରଂଗଟିଏ ମାତ୍ର
ସେ'ତ ନାରୀ ଅଭିମାନ
ସାଜିଥାଏ ସିଏ ସୁରକ୍ଷା କବଚ
ଦୂର ହୋଇଯାଏ ବିଘ୍ନ
ପ୍ରଣୟର ପୂଣ୍ୟ ଚିହ୍ନ
ପବିତ୍ର ବନ୍ଧନ ଦୁଇଟି ଆତ୍ମାର
ହସୁଥାଏ ରାତି ଦିନ ।

(((-)))

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

ISSN NO.
2582-208X

# ସ୍ୱପ୍ନ



ମୋହନ କୁମାର ସ୍ୱାଇଁ

ଇମିତି ଗୋଟେ
ସ୍ୱପ୍ନର ଦୁନିଆଁରେ
ଥିଲାବେଳେ ମୁଁ ହାତ
ଟେକି ନିଜକୁ ସମର୍ପଣ
କରୁକରୁ ଗୋଡବି ଟେକିଦେଲି
ଆକାଶ କୁସୁମକୁ ଛୁଇଁବା ଆଳରେ ।
ତଳେ କଚାଡ଼ି ହୋଇ ପଡିବା ପରେ
ଜାଣିଲି ଏ ସ୍ୱପ୍ନ କେତେ ମାରାତ୍ମକ ।
ସ୍ୱର୍ଗ ଅନେକ ଦୂରରେ ଥିଲେବି
ଜଲଦି ପହଁଚିଗଲି କପାଳଟା
ମୋର ଫାଟିଗଲା ପରେ ।
ସ୍ୱପ୍ନ ଦେଖିବାର ଗୋଟେ
ସୀମା ଥିଲା ବୋଧେ
ମନ ଅଗଣାରେ ।

(((–)))

ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର

ISSN NO.
2582-208X

# ରଙ୍ଗୀନ ଅତରଲଗା ଚିଠି



ଆଶୁତୋଷ ମେହେର

ମଧୁବନ ଗୋଟାଏ ପୁରୁଣା ଗାଁ, ଓ ତା' ଡାକଘରଟି ବି ସେମିତି ପୁରୁଣା ଯଦିଛ ଆକାରରେ ଛୋଟ। ରମା, ସେଇ ଛୋଟ ଅଫିସରେ ଏକମାତ୍ର ଡାକବାଲି, ପ୍ରତିଦିନ ସକାଳେ ପାଖଆଖ ପାଞ୍ଚଖଣ୍ଡ ଗାଁରେ ଚିଠି ବାଣ୍ଟିବା ତା କାମ । ସାଇକେଲରେ ବୁଲିବୁଲି ସେ ଏ କାମ କରେ । ତା'ର କାନ୍ଧରେ ଝୁଲୁଥିବା ମୁଣାରେ ଭରିଥାଏ ସବୁ ଚିଠି । ଏବେ ମୋବାଇଲ ବେଳରେ ଆଉ ବେଶୀ ଚିଠି ଆସୁନି, ତଥାପି ଯେହେତୁ ଗାଉଁଲି ଯାଗା କିଛି ଚିଠି ପତ୍ର ଦିଆନିଆ ହେଉଛି। ତେଣୁ ସପ୍ତାହକ ଥରେ କି ଦୁଇଥର, ଗାଁ ସବୁରେ ଚକ୍କର କାଟେ ଚିଠି ସବୁ ବାଣ୍ଟିବା ପାଇଁ ।

ରମା ଡାକବାଲି ଚାକିରି ପଛରେ ଛୋଟ ଏକ କାହାଣୀ ଅଛି । ରମାର ବାପା ଥିଲା ଏ ଗାଁ ପୋଷ୍ଟ ଅଫିସରେ ପୋଷ୍ଟମେନ୍। ହେଲେ ଗୋଟାଏ ସଡକ ଦୁର୍ଘଟଣାରେ ତାଙ୍କର ଦେହାନ୍ତ ହେଲା । ସରକାରଙ୍କର ଅନୁକମ୍ପାମୂଳକ ଯୋଜନାରେ, ମେଟ୍ରିକ ପାସ କରିଥିବା ଏକମାତ୍ର ଝିଅ ହିସାବରେ ରମା ଏ ଚାକିରି ପାଇଁ ହକଦାର ହେଲା।

ପ୍ରତିଦିନ ଅନେକ ପ୍ରକାରର ଚିଠି ଆସେ । କେବେ ପୋଷ୍ଟକାର୍ଡରେ ତ କେବେ ନାଲି ନେଳି ରଙ୍ଗ ଲଫାପାରେ। କିଛି ଲଫାପା ତ ଅତର ବାସ୍ନା ଯୁକ୍ତ ଥାଏ । ବିଶେଷକରି ତା ଗାଁର ପାଞ୍ଚ ଛଅ ଜଣ ଯୁବକ ସେନାରେ ଚିକିରୀ କରନ୍ତି ସୀମାନ୍ତ ରାଜ୍ୟରେ । ତାଙ୍କର ସ୍ତ୍ରୀଙ୍କ ପାଖକୁ ଆସୁଥିବା ଚିଠି ସବୁ ବେଶୀ ଅତର ଅତର ବାସିବା ସେ ଅନୁଭବ କରେ।

ISSN NO.
2582-208X

ଏଇ କିଛି ଦିନ ତଳେ, ସକାଳବେଳା ଚିଠିପତ୍ର ଛାଣ୍ଟିଲା ବେଳକୁ, ରମା ଆଖିରେ ପଡିଲାଏକ ଅଜଣା ଚିଠି । ଲଫାପାଟି ହଳଦିଆ ରଙ୍ଗର, ଉପରେ ଠିକଣା ଅସ୍ପଷ୍ଟ,ଲେଖିଥିଲା " ପ୍ରିୟତମ, ମଧୁବନ" । ପ୍ରେରକ ସ୍ଥାନରେ ଲେଖାଥିଲା, "ପ୍ରିୟା"। ସେ ଆହୁରି ଚକିତ ହେଲା, ଲଫାପାରୁ ଆସୁଥିଲା ଏକ ଅଜଣା ମହମହ ଅତରର ବାସ୍ନାରେ । ବଡ ଆକର୍ଷଣ ଲାଗିଲା ତାକୁ ।

ରମାର ର ମନ ଅସ୍ଥିର ହେଲା। ଏ ଚିଠି କାହା ପାଇଁ? ସେ ଏ ଚିଠି ଦେବ କାହାକୁ? କିଏ ସେହି "ପ୍ରିୟତମ" ? ଗାଁ ସାରା ସବୁ ଘର ବୁଲିବୁଲି ପଚାରିଲା, କିନ୍ତୁ କେହି ଲଫାପା ଚିଠିକୁ ଦାବି କଲେ ନାହିଁ। ଉପରବେଳା ପୋଷ୍ଟମାଷ୍ଟର ଙ୍କୁ ଏଇ କଥା କହିଲା । ସେ କହିଲେ, ଆସନ୍ତା କାଲି ଗାଁ ର ବୟସ୍କ ଲୋକଙ୍କୁ ପଚାରି ବୁଝିବାକୁ ।

ପର ଦିନ ପୁଣି ଗାଁର ସମସ୍ତ ବୟସ୍କ ଲୋକଙ୍କୁ ପଠାରିଲା, ହେଲେ କେହି କିଛି କହିପାରିଲେନି । ଥକିଯାଇ ସେ ଗାଁର ମଝିରେ ଥିବା ପୁରୁଣା ବଉଳ ଗଛତଳ ପିଣ୍ଡି ଛାଇରେ ବସି ଚିଠିଟିକୁ ପୁଣି ଦେଖିଲା। ସେ ଅତରର ଗନ୍ଧ ତା ମନରେ ଭାବନା ଭରିଲା ଓ ଏକ ଅଜଣା ଅତୀତର ସ୍ମୃତିକୁନେଇଗଲା। ତା'ର ମନେ ପଡିଲା ବାପାଙ୍କୁ, ଯିଏ ଏଇ ଗାଁ ର ଡାକବାଲା ଥିଲେ। ବାପା ଥରେ କୁହିଥିଲେ, ଲଫାପା ଭିତରେ ଥିବା ଚିଠି କେବଳ କିଛି ଧାଡିର ଶବ୍ଦ ନୁହେଁ, ଏଥିରେ ପ୍ରେମିକ ହୃଦୟର ବସ୍ନା ଭରିରହିଥାଏ।"

ରମା ନିଷ୍ପତ୍ତି ନେଲା ଚିଠିର ମାଲିକଙ୍କୁ ଯେମିତି ହେଲେ ଖୋଜିବ । ସେ ନିଶ୍ଚିତ ଜଣେ ପୁରୁଣା ପ୍ରେମିକ ଓ ଏ ଚିଠି ତାଙ୍କ ପ୍ରେମିକା ହିଁ ଲେଖିଛି। ସେ ଗାଁର ପୁରୁଣା ବୟସ୍କ ଲୋକଙ୍କ ସହ କଥା ହେଲା, ଗାଁ ର ପୁରୁଣା ପ୍ରେମ ଘଟଣା କଥା ମନେ କରିବାକୁ ଅନୁରୋଧ କଲା। କେହି ଜଣେ କହିଲା ଏମିତି କିଛି ଘଟିଥିଲା ଗାଁ ର ଟୋକା କୃଷ୍ଣ ସାଥିରେ ପ୍ରାୟ କୋଡିଏ ବର୍ଷ ତଳେ। ସେ ଦିନଠୁଁ କୃଷ୍ଣ ଗାଁ ଲୋକଙ୍କ ସହ ମିଶିବା ବନ୍ଦ କରିଦେଲା ଓ ଏକାକୀ ଗାଁ ମୁଣ୍ଡ ନଈକୂଳରେ ଘରକରି ରହୁଛି ।

ISSN NO.
2582-208X

ରମା ଶେଷରେ ପହଞ୍ଚିଲା ସେ ନଈ କୂଳରେ । ଦେଖିଲା ସେ ଲୋକଟି ତା କାକାଙ୍କ ବୟସର ହେବେ । ରମା କହିଲା, "କୃଷ୍ଣ କାକା, ଦେଖିଲେ ଏ ଚିଠିଟି ଆପଣଙ୍କର ହେବ କି?"

ଚିଠିଟି ଦେଖି କୃଷ୍ଣ ଚମକି ପଡିଲେ । ସେଇ ହଳଦିଆ ରଙ୍ଗର ଲଫାପା ଦେଖି ଓ ସେଇ ମହମହ ଅତର ବାସ୍ନା ଶୁଙ୍ଘି, ତାଙ୍କ ଆଖିରେ ପାଣି ଝରିଗଲା। ସେ କହିଲେ, “ଏ ମୋ ପ୍ରିୟାର ହାତ ଲେଖା। ଏ ହଳଦି ରଙ୍ଗ ଓ ଏ ଅତର ବାସ୍ନା ତା'ରି ଥିଲା ଅତି ପ୍ରିୟ। କୋଡିଏ ବର୍ଷ ତଳେ ସେ ଏମିତି ଗୋଟାଏ ଚିଠି ଲେଖିଥିଲା ଓ ମତେ ପରକରି ଚାଲିଯାଇଥିଲା । ତା ପରଠୁଁ ତା'ର ଆଉକିଛି ଖୋଜଖବର ନ ଥିଲା।”

କୃଷ୍ଣ ଚାଚା କହିଲେ, ତାଙ୍କ ପ୍ରିୟା ଗାଁ ଛାଡ଼ି ଚାଲିଗଲା ପରେ ସେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ, ହେଲେ ତାର କିଛି ସନ୍ଧାନ ପାଇ ପାରି ନ ଥିଲେ। ପୁରୁଣା ଚିଠିଟି ଆଣି ସେ ରମାକୁ ଦେଖାଇଲେ । ଅବିକଳ ସେଇ ସମାନ ରଙ୍ଗର ଲଫାପା, ସେଇ ସମାନ ବାସ୍ନା କିନ୍ତୁ ରଙ୍ଗ ଓ ବସ୍ନା ଲାଗୁଥିଲା ଫିକାଫିକା। ସେଇଟା ସେ ଶେଷ ସ୍ମୃତି ଭାବରେ ଏ ଯାଏଁ ସେ ସେମିତି ସାଇତି ରଖିଛନ୍ତି ।

ରମା ତାଙ୍କୁ ଏବେ ଆସିଥିବା ଚିଠିଟି ଦେଇ କହିଲା, “କୃଷ୍ଣ କାକା,ଏଥିରେ ତୁମରର ହୃଦୟ ଅଛି, ପ୍ରେମ ଅଛି ଓ ଜୀବନ ଅଛି।” କୃଷ୍ଣ ଚାଚା ନୂଆଁ ଚିଠିଟିକୁ ଛାତିରେ ଧରି ଭୋଭୋ କାନ୍ଦି ପକାଇଲେ ଓ କହିଲେ, "ଏ ଚିଠି ହିଁ ମତେ ମୋ ପ୍ରିୟା ଙ୍କୁ ଖୋଜି ଦେବ ଓ ନେଇଯିବ। ସେ କେଉଁଠି ନା କେଉଁଠି ମୋ ପାଇଁ ଅପେକ୍ଷା କରିଛି ନିଶ୍ଚିତ।"

ରମା ବୁଝିଗଲା, ରଙ୍ଗଭରା ଓ ଅତରବାସ୍ନା ଲଗା ଚିଠି କେବଳ କାଗଜ ନୁହେଁ, ଏଥିରେ ଲୁଚି ରହିଥାଏ ପ୍ରେମ ଅନୁଭବର ଏକ ଅଜଣା କାହାଣୀ ।

(((-)))

54 ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର 751024 / ଦୂରଭାଷ 9437085396

ISSN NO.
2582-208X

# ବର୍ଷା



ବାସନ୍ତୀ ଦାସ

ଆରେ କୁନା ଚାରା ଉପାଡି
ନଇ କୂଳେ ପୋତିବା
ବରଷା ଆସି ଝରିପଡିବ
ଗୋବର ଖତଦେବା
ଯତନ କରିବାଡବାନ୍ଧିବା
ଗାଇସେଠି ନ ବାନ୍ଧିବା
ରଜନି ବୋଉ ଖୁଡିକୁ ଯାଇଁ
ଆମେ କହି ଆସିବା
ଗଛବଢିଲେ ଫଳପଳିବ
ବଜାରେ ବିକିଦେବା
ପଇସା ପାଇ ଗଛ କିଣିବା
ଗାଆଁ ଗାଆଁବାଣ୍ଟିବା
କହିବା ତାଙ୍କୁ ବୁଝାଇଆମେ
ସମସ୍ତେ ଗଛପୋତିବା
ଆଗକୁ ଆମେ ଗ୍ରୀଷ୍ମ ତାତିରୁ
ସମସ୍ତେ ରକ୍ଷା ହେବା

(((–)))

କେନ୍ଦ୍ରାପଡ଼ା

ISSN NO.
2582-208X

# ଶାଢ଼ୀ ଗୀତ



ସୁଜିତ କୁମାର ମିଶ୍ର

ଆକାଶୀ କନିଆ ରୂପସୀର ଛୁଆଁ
ମେଘବର୍ଣ୍ଣା ଶାଢ଼ୀ ପିନ୍ଧି,
ଭାବରେ ନାଚୁଛି ପ୍ରିୟ ପ୍ରତୀକ୍ଷାରେ
ପ୍ରୀତିରେ ଯେ ଦେବ ଛନ୍ଦି ।

ଶାଢ଼ୀ ସୂତା ହେଉ ଅବା ବ୍ରହ୍ମପୁର
ଅଥବା ସମ୍ବଲପୁର,
ପିନ୍ଧିଲେ ହୃଦରୁ ପ୍ରେମରେ ଗାଧୋଇ
ଆକର୍ଷଣ ନିରନ୍ତର ।

ଓଡିଆ ଜାତିର ସ୍ନିଗ୍ଧ ପରିଚୟ
ନୁହଁଇ କି ଆମ ଶାଢ଼ୀ ?
କୁହ କେଇଜଣ ପିନ୍ଧୁଛନ୍ତି ତାକୁ
ହୃଦେ ଆଭୂଷଣ କରି ?

ଶଙ୍ଖା, ସିନ୍ଦୂର ଓ ଚୁଡି ସହ ଶାଢ଼ୀ
ଥିଲେ ଓଡିଆଣି ବୋହୂ,
ନହେଲେ କୁହ ତ କେମିତି ଝରିବ
ଆପଣାପଣର ମହୁ ?

ISSN NO.
2582-208X

ଶାଢ଼ୀ ପିନ୍ଧେ ଯିଏ ପରିଚୟ ପାଏ
ମାନ୍ଧାତା ଅମଳ ଲୋକ,
କିନ୍ତୁ ଶାଢ଼ୀ ଚିର ସରାଗର ଧାର
ମାଟିର ଅସ୍ମିତା ଭୋକ ।

(((-)))

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୭୭୭୪୨

ISSN NO.
2582-208X

# ସାନ୍ତାଳ ସାମାଜିକ ପରମ୍ପରା: ଏକ ଅନୁଧ୍ୟାନ

ଡ. ସସ୍ମିତା ଜେନା

ସମାଜ କେବଳ ମଣିଷର ଅଛି । କେବଳ ମଣିଷ ହିଁ ଜଣେ ବ୍ୟକ୍ତି ହିସାବରେ ଆପଣା ବିଷୟରେ ସଚେତନ ହୋଇପାରେ । ମନୁଷ୍ୟର ସାମାଜ ବହୁ ହଜାର ବର୍ଷର ପୁରୁଣା । ମନୁଷ୍ୟ ହିଁ ତା ସମାଜକୁ ଗଢି ଥାଏ । ଏହି ଗଢ଼ା ଆଦୌ କେଇଟା ଦିନରେ ହୋଇ ନାହିଁ । ସମାଜ ଏବେ ମଧ୍ୟ ଗଢ଼ା ହେଉଛି । ଆବାହମାନ କାଳ ଲାଗି ଯାହା ଏହି ମଣିଷ ଦ୍ୱାରା ଗଢ଼ା ହେଉଥିବ । ଯେହେତୁ ମଣିଷ ଏକ ସାମାଜିକ ପ୍ରାଣୀ ସେ ଏକାକୀ ହୋଇ ରହିବାକୁ ଚାହେଁ ନାହିଁ । ଦଳବଦ୍ଧ ହୋଇ ରହିବାକୁ ପସନ୍ଦ କରେ । ଦଳବଦ୍ଧ ଜୀବନରେ ନିଜର ସାତନ୍ତ୍ର ବଜାୟ ରଖିବା ପାଇଁ ସେ ସବୁବେଳେ ତତ୍ପର ଥାଏ । ତେଣୁ ନିଜର ବ୍ୟକ୍ତିତ୍ୱ ସହିତ ନିଜ ସମାଜର ଏକ ସୁଦୃଶ୍ୟ ଛବିର ପରିପ୍ରକାଶ ପାଇ ଅନେକ ଗୁଡ଼ିଏ ଶୃଙ୍ଖଳାର ପରିକଳ୍ପନା କରେ । ଏହି ଶୃଙ୍ଖଳା ଗୋଟିଏ ସମାଜକୁ ଅନ୍ୟ ସମାଜ ଠାରୁ ପୃଥକ୍ ରଖେ ।

ସାଂସ୍କୃତିକ ଓଡ଼ିଶା ଅତୀତର ଯେଉଁ ଯୁଗରେ ଯେତେ ଖଣ୍ଡ ହୋଇ ରହିଥାଉ ପଛକେ ତାହା ଯେ ସର୍ବଦା ବୃହତ୍ତମର ଭାରତ ଭୂଖଣ୍ଡର ଅନ୍ତର୍ଗତ ହୋଇ ରହିଥିଲା ସେଥିରେ ସନ୍ଦେହ କରିବାର କୌଣସି ଅବକାଶ ନାହିଁ । ଇତିହାସ କହୁଛି ଯେ ଆର୍ଯ୍ୟମାନଙ୍କ ପୂର୍ବରୁ ମଧ୍ୟ ଭାରତବର୍ଷରେ ମଣିଷମାନେ ଥିଲେ । ସେମାନଙ୍କର ସଭ୍ୟତା ଥିଲା, ସଂସ୍କୃତି ଥିଲା । ଆର୍ଯ୍ୟମାନେ ବାହାରୁ ଭାରତବର୍ଷକୁ ଆସିଥିଲେ ସେମାନେ ଭାତରକୁ ଆସିବା ପୂର୍ବରୁ ଭାରତ ବର୍ଷରେ ଦ୍ରାବିଡ ସଭ୍ୟତା ଥିଲା, ଅଷ୍ଟ୍ରିକ୍ ଅର୍ଥାତ୍ ଆଗ୍ନେୟ ଅର୍ଥାତ୍ ଆଦିବାସୀମାନଙ୍କର ସଭ୍ୟତା ଥିଲା । ସେହି ଅଷ୍ଟ୍ରିକ ବା ନିଶାଦମାନାଙ୍କର ଶ୍ରେଣୀରେ ଆମେ କୋହ୍ଲ, ମର୍ଣ୍ଡା, ଭୂମିଜ, ସାନ୍ତାଳ ହୋ, ଶବର ଓ ଗଦବା ପ୍ରଭୃତି ସୁମାରି କରିପାରିବା । ଆର୍ଯ୍ୟମାନଙ୍କର ଯାବତୀୟ ଧର୍ମାଚାର, ଶ୍ରାଦ୍ଧ ବିବାହ, ଜନ୍ମ ଓ ମୃତ୍ୟୁ ସହିତ ସମ୍ବନ୍ଧିତ ସକଳ ବିଶ୍ୱାସ, ସଂସ୍କାର ଓ ଆଚାର ବିଭିନ୍ନ ଦେବାଦେବୀଙ୍କର ରୂପ ଓ କଳନା ତଥା ଆହାର ଓ ଆଚରଣ ବିଷୟରେ ବହୁବିଧି ନିଷିଦ୍ଧ ଓ ବାରଣକୁ ଆର୍ଯ୍ୟମାନେ ଆଦିବାସୀମାନଙ୍କ ଠାରୁ ଆହରଣ

ISSN NO.
2582-208X

କରିଛନ୍ତି । ଭାରତୀୟ ସମାଜ ଓ ସଂସ୍କୃତିରେ ଏକ ନିର୍ଦ୍ଦିଷ୍ଟ ଆକାର ଦେବାରେ ଆଦିବାସୀମାନଙ୍କର ମଧ୍ୟ ପ୍ରଭୂତ ଅବଦାନ ରହିଛି ।

ଆମ ଭାରତରେ ତଥା ଓଡ଼ିଶାରେ ୬୨ ପ୍ରକାର ଆଦିବାସୀ ବା ଗିରିଜନ ସମ୍ପ୍ରଦାୟ ବାସ କରନ୍ତି । ଭାରତୀୟ ସମ୍ବିଧାନର ଧାରା ୩୪୨ ଅନୁସାରେ ଆଦିବାସୀ ସମାଜଗୁଡ଼ିକ ସଂରକ୍ଷଣ ଦିଆ ହୋଇଥିଲେ ମଧ୍ୟ ଯେଉଁ କେତୋଟି ସମାଜ ବଳିଷ୍ଠ ହୋଇ ମୁଣ୍ଡ ଟେକିଛି ସେମାନଙ୍କ ମଧ୍ୟରୁ ସାନ୍ତାଳ ସମାଜ ଅନ୍ୟତମ । ଅନୁବଂଶିକ ରୂପରେଖ କିମ୍ବା ଲକ୍ଷଣ, ଶିକ୍ଷା ତଥା ସଭ୍ୟତାର ପ୍ରଭାବ ସାଙ୍ଗକୁ ସଂସ୍କୃତିର ପରିବର୍ତ୍ତନ ଫଳରେ ଅନେକ କିଛି ବଦଳି ଯାଏ । କିନ୍ତୁ ସଭ୍ୟତାର ଆହୁଆଳରେ ଥାଇ ମଧ୍ୟ ନିଜର ସ୍ୱାତନ୍ତ୍ର ବଜାୟ ରଖିବା ପାଇଁ ସୃଷ୍ଟିର ଆବହମାନ କାଳରୁ କେତେକ ସଙ୍କେତକୁ ସେମାନେ ବହନ କରି ଆସୁଛନ୍ତି । ଏହି କ୍ରମରେ ସାନ୍ତାଳିମାନଙ୍କ ଗୋତ୍ରମାନଙ୍କର ସାଙ୍କେତିକ ପ୍ରତୀକ ସବୁ ପରିଲକ୍ଷିତ ହୁଏ ।

ହାଁସଦାଃ (ହ୍ରାସ ) - ରାଜ ହଂସ
ମୁର୍ମୁ (ମୁରୁମ୍) - ନୀଳ ଗାଈ
କିସ୍କୁ (କିକି ) - ମାଛରଙ୍କା
ହେମ୍ବ୍ରମ୍ (ହେନ୍ଦେ ମେରମ୍) - କଳା ଛେଳି
ମାର୍ଣ୍ଡି (ତାସାଦ୍ ) - ଏକ ପ୍ରକାର ଘାସ
ସରେନ୍ (ଇପିଲ ) - ତାରକା ପୁଞ୍ଜ
ଟୁଡୁ (ଗୁଡୁ) - ମୂଷା
ବାସ୍କେ (ବାସ୍କେଦାକା) - ବାସୀ ଭାତ
ବେଶ୍ରା (ବାୟାର ) - ଷଣ୍ଢ
ପାଉରିଆ (ପାରୁଆ ) - ମଦ
ଚଣେ (ଚେଣେ ) - ଚଢେଇ
ବେଡେୟା - ବିଲୁପ୍ତ

ଏହି ଗୋତ୍ରଗୁଡ଼ିକ ସମାଜର ଜୀବନଯାପନ ପ୍ରଣାଳୀକୁ ସୁନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ବିଭାଗ ଦତ୍ତ କରାଯାଇଥିଲା । ଯେପରି -

ହଁସଦାଃ - 'ପୁରୁଧୁରୁ' । ଅର୍ଥାତ୍ ଉପଦେଷ୍ଟା ଭାବରେ ସମାଜର ସେବା କରୁଥିଲେ ।

ISSN NO.
2582-208X

ମୁର୍ମୁ – 'ଠାକୁର' । ପୂଜକ ଭାବେ ସମାଜ ଦ୍ୱାରା ପୂଜିତ ଦେବଦେବୀମାନଙ୍କୁ ସେବା କରୁଥିଲେ ।

କିସ୍କୁ – 'ରାପାଜ୍' । ଅର୍ଥାତ୍ ରାଜବଂଶ । ରାଜା ଭାବରେ ଆସନୀ ଥିଲେ ।

ହେମ୍ବ୍ରମ୍ – 'କାର୍ଜି' । ବିଚାରକ ଭାବରେ ସମାଜକୁ ନ୍ୟାୟ ପ୍ରଦାନ କରୁଥିଲେ ।

ମାର୍ଣ୍ଡି – କିଷାଣ' । ମହାନ ରୂପେ ଧନରତ୍ନର ରକ୍ଷଣାବେକ୍ଷଣ କରୁଥିଲେ ।

ସରେନ୍ – 'ସିପାହୀ' । ଧନୁର୍ଦ୍ଧର ରୂପରେ ଶତ୍ରୁ କବଳରୁ ସମାଜକୁ ରକ୍ଷା କରୁଥିଲେ ।

ଟୁଡୁ – 'ମାଁଦାଳିଆ' । ମାଦଳି÷ଆ ଭାବରେ ଆମୋଦ ପ୍ରମୋଦ ଦାନରେ ନିଜକୁ ନିଜେ ରଖିଥିଲେ ।

ବାସ୍କେ – 'ବେପାର' । ବାଣିଜ୍ୟ କରି ସ୍ୱଦେଶୀ ଦ୍ରବ୍ୟକୁ ବିକ୍ରୟ କରି ବିଦେଶୀ ବସ୍ତୁକୁ ଆଣି ରଖୁଥିଲେ ।

ବେଶ୍ରା – 'ବାୟାର' । ରସିକ ଚାଟିକାର ଭାବରେ ନିଜକୁ ଅନ୍ୟମାନଙ୍କର ଆମୋଦ ପ୍ରମୋଦ ବଜାଇ ରଖିଥିଲେ ।

ରାଜା ଶାସନ ଅମଳରେ କୌଳିକ ପ୍ରଥା ମାନି ଚଳୁଥିବା ପରି ସାନ୍ତାଳ ସମାଜରେ ଗୋତ୍ରା ଉପରୋକ୍ତ ବିଭାଗ ବଣ୍ଟନ କରାଯାଇଥିଲା । ଏହା ସତ୍ତାନୁପେକ୍ଷି ମନୋଭାବକୁ ଅବଦମିତ କରି ରଖି ପରସ୍ପର ମଧ୍ୟରେ ଅଯଥା ପ୍ରତିଯୋଗିତାକୁ ମଧ୍ୟ ବିରତ ରଖିବାରେ ଏହା ସମର୍ଥ ଥିଲା । ସାନ୍ତାଳ ସମାଜ ନୂତନତ୍ୱକୁ ଆପଣାର ନକରି ପ୍ରଚଳିତ ପ୍ରଥାରେ ଆବଦ୍ଧ ହୋଇ ପରିବାର ଭାବରେ ବହୁକାଳ ପର୍ଯ୍ୟନ୍ତ ରହିଥିଲା ।

### ବାସସ୍ଥାନ :

ସାନ୍ତାଳମାନଙ୍କ ବାସସ୍ଥାନ ଗ୍ରାମପଞ୍ଚାୟତ ଭାଇଙ୍କ ଦ୍ୱାରା ନିର୍ମିତ ହୋଇଥିବା ସ୍ଥାନ ଏମାନଙ୍କରେ ହିଁ ହୋଇଥାଏ । ଘର ଡିହ ପାଇଁ ଯେଉଁ ସବୁ ସ୍ଥାନଗୁଡ଼ିକ ଉଦ୍ଦିଷ୍ଟ ଥାଏ ଏହାବ୍ୟତୀତ ଅନ୍ୟ କୌଣସି ଠାରେ ଘର କରିବା ପାଇଁ ସମାଜ ସହଜରେ ତାଙ୍କୁ ସ୍ୱୀକୃତି ଦିଏ ନାହିଁ । ସାଧାରଣତଃ ବାସସ୍ଥାନ ପାଇଁ ନିର୍ବାଚିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରାକୃତିକ

ISSN NO.
2582-208X

ପରିବେଷରେ ଭରପୂର ଥାଏ । ଏହାକୁ ଆଖି ଆଗରେ ରଖି ସାନ୍ତାଳମାନେ ପ୍ରଥମେ ଗାଆଁ ପାଇଁ ସ୍ଥାନ ଖୋଜୁଥିଲେ । ୧୭୯୩ ମସିହାରେ ସ୍ଥାୟୀ ଜମିଜମା ବନ୍ଦୋବସ୍ତ ହେବା ପରେ ତାଙ୍କର ଏହି ପଦ୍ଧତିରେ କିଛିଟା ପରିବର୍ତ୍ତନ ଆସୁଛି । ଅନ୍ୟଥା ତାଙ୍କର ପାରମ୍ପରିକ ଶୈଳୀ ଅନୁସାରେ ହିଁ ସେମାନେ ଗ୍ରାମ ତଥା ଗୃହ ନିର୍ମାଣ କରୁଥିଲେ । ଗାଁ ନିର୍ବାଚନ ବେଳେ ସେମାନେ ସମସ୍ତେ ମିଶି ଜଙ୍ଗଲ, ଜଳ ଓ ସମତଳ ଜମିକୁ ବିଚାରକୁ ନେଉଥିଲେ । ଜମିଜମାର ଯଥେଷ୍ଟତା ସହିତ ସମସ୍ତ ସୁବିଧା ସୁଯୋଗର ପ୍ରାଚୁର୍ଯ୍ୟ ଥିଲେ ସେମାନେ ନିଜ ପୁରାତନ ପ୍ରଥା ଅନୁସାରେ ମଙ୍ଗଳ ଅମଙ୍ଗଳ ବିଚାର କରୁଥିଲେ । ଆଧୁନିକ ସ୍ଥାପତ୍ୟ ଯଦିବା ମଙ୍ଗଳ ଅମଙ୍ଗଳର ଧାର୍ ଧାରେ ନାହିଁ ତଥାପି ପୁରାତନ ବାସ୍ତୁଶାସ୍ତ୍ର ପରି ଦେବଦେବୀ କିମ୍ବା ଗ୍ରହ ନକ୍ଷତ୍ରର ପ୍ରଭାବକୁ ବି ସେମାନେ ଗୋଟେ, କେନ୍ଦ୍ର ମୂଳରେ 'ମାରାଂବୁରୁ', 'ଜାହେରଏରା', 'ଧରମ' ଓ 'ଗରାମ' ଦେବତା ନାମରେ ପ୍ରଥମ ଚାରୋଟି ସ୍ଥାନ ସଫା କରି ସେଠାରେ ଘଟ, ଧାନ ଓ ନାଲି କୁକୁଡ଼ା ଗଞ୍ଜା ବାନ୍ଧି ଦେଉଥିଲେ । ସେ ସବୁକୁ ଗୋଟାଏ ରାତି ପାଇଁ ସେହିଠାରେ ହିଁ ଛାଡି ଦେଇ ତା'ର ଅନତି ଦୂରରେ ରାତ୍ରି ଯାପନ କରୁଥିଲେ । ଅଧିକାଂଶ କ୍ଷେତ୍ରରେ ଘରଗୁଡ଼ିକ ଦୁଇ ବଖରା ବିଶିଷ୍ଟ ହୋଇଥାଏ । ଗୋଟାଏ ବଖରାକୁ ସେମାନେ, ରୋଷେଇ ଏବଂ ରହିବା ପାଇଁ ବ୍ୟବହାର କରନ୍ତି । ଅନ୍ୟଟିରେ ତାଙ୍କର ପିତୃପୁରୁଷ ଓ ଇଷ୍ଟ ଦେବତା ପୂଜା ପାଆନ୍ତି ।

ସାନ୍ତାଳମାନେ ଝାଟି ମାଟି ବା ମାଟି କାନ୍ଥରେ ଘରସବୁ କରିଥାଆନ୍ତି । ଅବଶ୍ୟ ବର୍ତ୍ତମାନ ଘର ନିର୍ମାଣ କୌଶଳ ଜାଣିଲେଣି । ଝାଟି ମାଟି ପରିବର୍ତ୍ତେ ସାମର୍ଥ୍ୟ ଥିବା ଲୋକମାନେ ଇଟାରେ କାନ୍ଥ କରିବାକୁ ଭଲ ପାଉଛନ୍ତି । ତଥାପି ଘରର ବାହାର କାନ୍ଥକୁ ପାରମ୍ପରିକ ଶୈଳୀରେ ସୁନ୍ଦର ଭାବରେ ଚିକ୍କଣ କରି ନାଲି, ଧଳା, କଳା, ଅଥବା ହଳଦିଆ ରଙ୍ଗରେ ରଙ୍ଗ ଦିଅନ୍ତି । ନାଲି ଏବଂ ଧଳା ରଙ୍ଗ କାନ୍ଥ କଳେବରରେ ଲେପନ କରାଯାଉଥିବା ବେଳେ କଳା ଏବଂ ହଳଦିଆ ରଙ୍ଗ କଳେବରର ଧଡ଼ି ରୂପରେ ଶୋଭା ପାଏ ।

### ଖାଦ୍ୟ :

ଓଡ଼ିଶାର ସାଧାରଣ ପରିବାର ପରି ସାନ୍ତାଳମାନଙ୍କ ପ୍ରିୟ ଖାଦ୍ୟ ହେଲା ପଖାଳ ଭାତ ଓ ସାଗ ଖରଡ଼ା । ବିଶେଷ ଅବସର କାଳରେ କେତେବେଳେ ପଶୁପକ୍ଷୀ କିମ୍ବା ମତ୍ସ୍ୟାଦି ଶିକାର କରି ଆଣିଲେ ସେମାନେ ଶବଲା ଭାତ ଖାଇ ଥାଆନ୍ତି ନଚେତ୍ ପଖାଳ ଭାତ, ଶାଗ ଖରଡା ବର୍ଷସାରା ଖାଆନ୍ତି । ମକା ହେଉଥିବା ସ୍ଥାନମାନଙ୍କରେ ଆଶ୍ୱିନ ଓ କାର୍ତ୍ତିକ ମାସରେ

ISSN NO.
2582-208X

ମକାଭାତ ଖାଇବା ପରିଲକ୍ଷିତ ହୁଏ । ଏତଦ୍‌ବ୍ୟତୀତ ଗୁଲ୍‌ଦିକୁ କ୍ଷିରୀ କରି ଖାଆନ୍ତି । ସାନ୍ତାଳମାନଙ୍କ 'ସଳେଦାକା' (ଖେଚୁଡ଼ି) ପ୍ରିୟ । ସମୟ ସମୟରେ 'ଜିଲ୍‌ସଳେ' (ମାଂସ ଖେଚୁଡ଼ି),ଚଦ୍‌ସଳେ' (ଛତୁ ଖେଚୁଡ଼ି), 'ବ୍ୟାକ୍‌ସଳେ' (ଡାଲି ଖେଚୁଡ଼ି) ବୋଇତାଲୁ ଖେଚୁଡ଼ି, ଶାଗ ଖେଚୁଡ଼ି, ପରିବା ଖେଚୁଡ଼ି ଆଦି କରିଥାଆନ୍ତି । ମାଛ, ମାଂସ ଛତୁକୁ ପତ୍ରପୋଡା ବା ପତୁଆ କରି ଖାଇବାରେ ମଧ୍ୟ ରୁଚି ରଖନ୍ତି । ପର୍ବପର୍ବାଣୀରେ ସେମାନେ ପୃଥକ ଧରଣର ପିଠାସବୁ କରିଥାଆନ୍ତି । 'ଡୁମ୍ବପିଠା', 'ପାତ୍‌ଲାପିଠା', 'ଖାପ୍‌ରାପିଠା', 'ସାକାମ୍ ପିଠା', 'ରାପା ପିଠା' ଆଦି ସାନ୍ତାଳମାନଙ୍କ ପିଠାର ପ୍ରକାର ଅଟେ । 'ଡୁମ୍ବପିଠା' ମଣ୍ଡା ପିଠା ପରି । ଖେତ ଉଠାଇ ଆଣିଲା ପରେ ଅର୍ଥାତ୍ ଧାନକଟା ଶେଷ ହେଲେ ଏହି ପିଠା କରାଯାଏ । କିନ୍ତୁ ମୟୂରଭଞ୍ଜ ସଦର ମହକୁମା ବାରିପଦା ଅଞ୍ଚଳର ସାନ୍ତାଳମାନେ ପ୍ରଥମାଷ୍ଟମୀରେ ଏହି 'ଡୁମ୍ବଃପିଠା' କରି ଥାଆନ୍ତି । 'ପାତ୍‌ଲା ପିଠା' ଅର୍ଥାତ୍ ଖଲିପିଠା (ପତ୍ର ଖଲିରେ ପୋଡ଼ପିଠା କରିବା) ରଜ ସଂକ୍ରାନ୍ତି, ଗହ୍ମା ପୂର୍ଣ୍ଣିମା, ଚିତର ଅମାବାସ୍ୟା ବେଳେ ହୁଏ । ଖଲି ପିଠା ସାଧାରଣତଃ ମାଂସ, ଛତୁ ଅଥବା ଗେଣ୍ଡାକୁ ମିଶାଇ ଲୁଣ, ହଳଦୀ ଦେଇ କରାଯାଇଥାଏ । ବର୍ତ୍ତମାନ ଖାଇବା ରୁଚି ବଦଳିବା ସହିତ ରନ୍ଧନ ପ୍ରକ୍ରିୟା ମଧ୍ୟ ଉନ୍ନତ ହେଲାଣି ।

ସାନ୍ତାଳ ରମଣୀମାନେ ବିଭିନ୍ନ ଋତୁ ଅନୁରୂପେ ଖାଦ୍ୟପେୟ ଯୋଗାଡ଼ କରି ଥାଆନ୍ତି । ବୈଶାଖର ପ୍ରଚଣ୍ଡ ରୌଦ୍ର ପରେ ପ୍ରଥମ ବର୍ଷା ସ୍ପର୍ଶରେ ଥୁଣ୍ଟା ବୃକ୍ଷମାନଙ୍କରେ ନବପତ୍ର ପଲ୍ଲବିତ ହେଲେ ସେମାନେ କେତେକ ଜଙ୍ଗଲୀ କଅଁଳ ପତ୍ରକୁ ଶାଗ ଭାବରେ ତୋଳି ଆଣନ୍ତି । ମିଠା, କଲିୟାରି, ଜାହୁର, ଅଶ୍ୱତଥ୍, କିନୁ ଆଦି ଶାଗ ଜଙ୍ଗଲୀ ଶାଗ ଭିତରେ ପ୍ରମୁଖ । ଏଗୁଡ଼ିକ ସାଙ୍ଗେ ସାଙ୍ଗେ ଖାଇବା ସହିତ ଶୁଖାଇ ସାଇତି ମଧ୍ୟ ରଖାଯାଏ । ମାଟି କଳସୀ କିମ୍ବା ହାଣ୍ଡିରେ ଶୁଖିଲା ଶାଗ ରଖି ତା'ର ମୁହଁକୁ ଖୁବ୍ ଜୋର୍‌ରେ କନା ସାହାଯ୍ୟରେ ବନ୍ଦ କରିଦିଆଯାଏ । ଏହା ଫଳରେ ଶାଗ ହେଉ କିମ୍ବା ପିରା ହେଉ ତା'ର ସ୍ୱାଦ ଏବଂ ସୁଗନ୍ଧ ସୁରକ୍ଷିତ ହୋଇ ରହେ । ଏହି ଋତୁରେ ହିଁ ବିଲମାନଙ୍କରେ ଥିବା 'ମୁଜଆଳା' (ପିମ୍ପୁଡି ଶାଗ), 'ଗାରୁଣ୍ଡି ଆଳା' (ମଦରଙ୍ଗା ଶାଗ), 'ଉଲିଜ୍ ଆଲାଃ', 'ହାସା ଆଲା' ଆଦି ସଂଗ୍ରହ କରି ଖାଇ ଥାଆନ୍ତି । 'ବୀରକହଁଣ୍ଡା' ବା ବିଶଲ୍ୟକରଣୀକୁ ମଧ୍ୟ ଜଙ୍ଗଲୀ କଖାରୁପତ୍ର ଭାବରେ ଖାଇ ଥାଆନ୍ତି । ଏହି ସମୟରେ ତେନ୍ତୁଳି ଗଛର କଅଁଳ ପତ୍ରକୁ ଶୁଖାଇ ଢିଙ୍କିରେ ଗୁଣ୍ଡ କରି'ପାଲଓ୍ୱା' କରି ରଖନ୍ତି । ଏହାକୁ ମାଛ ପତୁଆ ସହ ଖାଇ ଥାଆନ୍ତି ।

ISSN NO.
2582-208X

ଜ୍ୟେଷ୍ଠ ମାସର ଏକ ରୁଚିକର ପଉଲ ହେଲା ଗିଲିର (ହୁଣ୍ଟାଣ) ଓ ନେସ୍ଲା । ତାହାକୁ ସାମାନ୍ୟ ସିଝାଇ ପାଣି ନିଗାଡ଼ି ରନ୍ଧା ଯାଇଥାଏ । ଆଷାଢ଼ ମାସରେ ଅଳସା, ମାଦ୍, ସାରୁ, କଖାରୁ ପ୍ରଭୃତି ସାନ୍ତାଳମାନେ ରାନ୍ଧି ଥାଆନ୍ତି । ସଜନା ଶାଗ ତାଙ୍କର ନିତିଦିନର ସାଥୀ । ସାନ୍ତାଳ ନାରୀମାନେ ଶାଗ ଖରଡିବାରେ ପ୍ରବୀଣା ଅଟନ୍ତି । ତାଙ୍କ ମତରେ ଯେଉଁ ଝିଅ ଶାଗ ଖରଡ଼ି ନାହିଁ ସେ ଶାଶୁ ଘରକୁ ଯିବା ପାଇଁ ଯୋଗ୍ୟ ନୁହେଁ । ଆଷାଢ଼ ମାସରେ ହିଁ ଜଙ୍ଗଲରେ କଅଁଳ ବାଉଁଶ (ଯାହାରପତ୍ର ବାହାରି ନଥାଏ) କୁ ଆଣି ସେଥିରୁ 'ହେଲ୍ତା', 'ହାଣ୍ଡୁଆ' (କରଡ଼ି) ପ୍ରସ୍ତୁତ କରିଥାଆନ୍ତି । 'ହାଣ୍ଡୁଆ'କୁ ମାଛପତ୍ର ପୋଡା ସହ ଚକଟି ଖିଆଯାଏ । ସାନ୍ତାଳମାନଙ୍କ ଖାଦ୍ୟଦ୍ରବ୍ୟର ଶୁଖିଲା ଖାଦ୍ୟର ବହୁଳ ପ୍ରୟୋଗ ହୋଇଥାଏ । ପନିପରିବାକୁ ଶୁଖାଇ ପରିବା ନ ମିଳିବା ସମୟରେ ସେମାନେ ତାକୁ ତରକାରୀ କରି ଖାଆନ୍ତି ।

## ପର୍ବପର୍ବାଣୀ – ବେଶ ପୋଷାକ :

ପର୍ବର୍ବାଣୀରେ ବ୍ୟବହାର ପାଇଁ ସାନ୍ତାଳ ଯୁବକ 'ଫୁଟାକାନା' ପରିଧାନ କରେ । 'ଫୁଟାକାନା' ସାତ ହାତ ବିଶିଷ୍ଟ । ଏହାର ଦୁଇ କାନିକୁ ବିଶେଷ ଭାବରେ ଚିତ୍ରିତ କରାଯାଇଥାଏ । 'ଫୁଟାକାନା'ର କାନିରେ ଠିକିରି, ମାଛ, କୁମ୍ଭ, ଫୁଲ ଇତ୍ୟାଦି ପଟଳ ଦିଆଯାଇଥାଏ । ସେହିପରି ନାରୀମାନେ 'ଜା, ଲା' ବା ଶାଢ଼ୀ ବିଶିଷ୍ଟ ଅବସରମାନଙ୍କରେ ପିନ୍ଧୁ ଥାଆନ୍ତି । ଏହା ଚେକ ଦିଆ ତଥା ଧଡ଼ିରେ ଫୁଲ ପକା ହୋଇଥାଏ । 'ଫୁଟା କାନା'ର କାନି ପରି 'ଝାଲା' କାନିରେ ମଧ୍ୟ ବିଭିନ୍ନ ଚିତ୍ର ଅଙ୍କା ଯାଇ ବୁଣା ହୋଇଥାଏ । ଛୋଟ ଝିଅ ପିଲାମାନେ ଠିକ୍ ସେହିଭଳି ଗୋଟିଏ ଗାମୁଛାକୁ ପିନ୍ଧି ଆଉ ଗୋଟିଏ ଦେହରେ ପକାଇ ପିନ୍ଧନ୍ତି । ବର୍ତ୍ତମାନ ସାନ୍ତାଳ ବେଶପୋଷାକ ପାଇଁ ଏସବୁ ବସ୍ତ୍ରର ବ୍ୟବହାର ନାହିଁ କିମ୍ବା ଆଦର ମଧ୍ୟ ନାହିଁ । ସମସ୍ତେ କିଣି ସାଇତି ରଖୁଛନ୍ତି ଓ ବିଶେଷ ଅବସରାରେ ତାକୁ କାଢ଼ି ପିନ୍ଧୁଛନ୍ତି । ନଚେତ୍, ବଜାରର ଆଧୁନିକ ପୋଷାକରେ ସମସ୍ତ ବିଧିମାନ ଚଳାଇ ନେଉଛନ୍ତି। ପାରମ୍ପରିକ ବେଶ ପୋଷାକ ବ୍ୟତିରେକେ ସାନ୍ତାଳ ଯୁବକମାନେ 'ଦାସାଲ' ପାରାବ୍ ଅବସରରେ ନାରୀମାନଙ୍କର ବସ୍ତ୍ରଧାରଣ କରି ଗାଁ ଗଣ୍ଡାରେ ବୁଲୁଥିବା ଦେଖାଯାଆନ୍ତି । ନାରୀର ଦୀର୍ଘ ବସ୍ତ୍ରକୁ ଧୋତି ଭାବରେ ପିନ୍ଧୁ ଏବଂ ପଗଡି ଭିଡି ଘଣ୍ଟା, କରତାଳ ଓ 'କୁଓ୍ୱାଙ୍ଗ'ର ତାଳେ ତାଳେ ନୃତ୍ୟ କରି ଉତ୍ସବକୁ ସେମାନେ ମନଲୋଭୀ କରି ଥାଆନ୍ତି । ଏହି ନର ବସ୍ତ୍ରଧାରଣ କେତକେ ମତରେ ନିଜକୁ ସଜାଇବା ପାଇଁ ଉଦ୍ଦିଷ୍ଟ ଥିବା

ISSN NO.
2582-208X

ସ୍ଥଳେ କେତେକ ମତ ଦିଅନ୍ତି 'ଦାସାଏଁ ପାରାବ୍' ଦେବୀ ଦୁର୍ଗାଙ୍କର ଏକ ପର୍ବ । ତାଙ୍କର ଏହି ମହାନ୍ ପର୍ବକୁ ପାଳନ କରିବାରେ କିଟା ସ୍ତ୍ରୈଣୀ ବିଚାର ଧାରା ଓ ସ୍ତ୍ରୈଣ ବେଶ ପୋଷାକ ଆପଣାଇ ନ କଲେ ନାରୀ ଶକ୍ତିକୁ ଉଚିତ୍ ସମ୍ମାନ ଦେବା ସମ୍ଭବ ହୋଇପାରିବ ନାହିଁ । ତେଣୁ ଏହି ପର୍ବକୁ ରଙ୍ଗୀନ ତଥା ଯଥାର୍ଥତା କରିବା ନିମନ୍ତେ ତାଙ୍କର ଏହି ପୋଷାକ ପ୍ରଶଂସନୀୟ ।

ସାନ୍ତାଳ ନାରୀ ଅତିରିକ୍ତ ଭାବରେ ଯାନଯାତ୍ରାମାନଙ୍କରେ 'କୁମାଙ୍ଗ୍‌ଶାଳୀ' ବା ରେଶମ ଶାଢ଼ୀ, ସୁନା ଓ ରୂପାର କେତେକ ଅଳଙ୍କାର ପିନ୍ଧିଥାଏ । ସୁନାକୁ କାନ, ନାକ ଓ ବେକରେ ପିନ୍ଧିଥାଏ । କାନରେ 'ରକଜ୍, ପାଗ୍ରା' ରିଙ୍ଗ, କାପ, ବାଲିଗୁଣା ପିନ୍ଧିଥାଏ । 'ରଜକ୍‌ପାଘ୍ରା' ଗେଣ୍ଡାକୃତିର । ନାକରେ ବିଭିନ୍ନ ପ୍ରକାର ନାକଫୁଲି ଯଥା – ଡୁମ୍ପ ଫୁଲି, କାରଳାଫୁଲି ଝରାଫୁଲ ଇତ୍ୟାଦି । ନାକରେ ପୁଣି 'ଲୁଲୁକ୍' ବା ନୋଲକ ପିନ୍ଧେ । ବେକରେ 'ଟୀକାମାନ' ବା ରୂପା ଟଙ୍କାର ମାଳି, 'ପଦକ' ବା ଲକେଟ୍ । ଯାହାର ସୁନା ପିନ୍ଧିବାର ସାମର୍ଥ୍ୟ ମଧ୍ୟ ସେମାନେ ପ୍ରାୟ ରୂପା ଅଳଙ୍କାର ପିନ୍ଧନ୍ତି । ରୂପାକୁ ବିଶେଷତଃ ବାହୁରେ 'ବାଜୁ' ଭାବରେ ହାତରେ 'ବାଲା', 'ଚୁଡ', 'ଫରାସାକମ୍', ରୂପା ଚୁଡ଼ି ଭାବରେ ଏବଂ ଆଙ୍ଗୁଳିରେ ପଟି ନ ହୋଇ ମଧ୍ୟ ପୁରୁଷ ଓ ନାରୀ ଦାମ୍ପତ୍ୟ ଜୀନ କଟାଇଥାନ୍ତି । ଏ ସମ୍ପର୍କରେ ପରବର୍ତ୍ତୀ ଅଧ୍ୟାୟରେ ବିଶ୍ଳେଷଣ କରାଯିବ ।

## ପୂଜା :

ସାନ୍ତାଳମାନଙ୍କ ମଧ୍ୟରେ ଅନ୍ୟାନ୍ୟ ହିନ୍ଦୁଙ୍କ ପରି ମଧ୍ୟ ପୂର୍ବପୁରୁଷମାନଙ୍କର ପୂଜା ପ୍ରଚଳିତ ରହିଛି । ପ୍ରତିବର୍ଷ ଏହି ପିତୃପୁରୁଷ ପୂଜା 'ସୋହରାଇ' ନାମରେ ପ୍ରତିପାଳିତ ହୋଇଥାଏ । ପ୍ରତ୍ୟେକ ସାନ୍ତାଳ ଘର ଏହି ପୂଜା କରିଥାଆନ୍ତି । ଆମ ସମାଜରେ 'ବଡବଡୁଆ' ପୂଜା ପରି ସାନ୍ତାଳମାନଙ୍କର ହେଉଛି 'ସୋହରାଇ' ପୂଜା । ଅନେକ କ୍ଷେତ୍ରରେ ସାନ୍ତାଳମାନେ ମଧ୍ୟ ହିନ୍ଦୁ ଧର୍ମରେ ପ୍ରଭାବିତ ହୋଇ ଦୁର୍ଗାପୂଜା, ଦୋଳ ଓ ଅନ୍ୟାନ୍ୟ ଅନେକ ଉତ୍ସବ ପ୍ରତିପାଳନ କରୁଅଛନ୍ତି ।

## ନୃତ୍ୟ :

ସାନ୍ତାଳମାନଙ୍କ ମଧ୍ୟରେ 'କାଳିସୀ' ନୃତ୍ୟ ପରି ନୃତ୍ୟର ପ୍ରଚଳନ ରହିଛି । ବେଳେ ବେଳେ ବାଜା ବାଜିବା ସାଙ୍ଗରେ ସେମାନଙ୍କର ପୁରୋହିତ ଦେବ ବା ଦେବୀଙ୍କର ବଶୀଭୂତ

ISSN NO.
2582-208X

ହୋଇଥାଆନ୍ତି । ପରେ ସେମାନଙ୍କୁ ବିଭିନ୍ନ ସନ୍ଦେହଜନକ ଭବିଷ୍ୟତ ପ୍ରଶ୍ନ ପଚରା ଯାଇଥାଏ ଓ ତାହାର ଉତ୍ତର ସେମାନେ ଦେଇଥାଆନ୍ତି ।

ଦେବାଦେବୀ :

ସାନ୍ତାଳମାନଙ୍କ ମଧ୍ୟରେ ଅନ୍ୟାନ୍ୟ ଅନେକ ଦେବାଦେବୀଙ୍କର ପୂଜା ମଧ୍ୟ ରହିଅଛି । ଜାହିର ଏତ, ମୋନିକ ଓ ମାରଙ୍ଗବୁଡ ହେଉଛନ୍ତ ଅତି ଭୟଙ୍କର ଓ ଅନିଷ୍ଟକାରୀ ଦେବତା। ବେଳେ ବେଳେ ସାନ୍ତାଳମାନେ ବାଘକୁ ମଧ୍ୟ ପୂଜା କରିଥାଆନ୍ତି । ଅନେକ ସ୍ଥାନରେ ଯେଉଁ ପରିବାରର ଲୋକଙ୍କୁ ବାଘ ବଳିପ୍ରଥା ପରିବାରର ଲୋକେ ବାଘକୁ ଦେବାତା ରୂପରେ ପୂଜା କରିଥିବାର ଦେଖାଯାଏ ।

ଏମାନଙ୍କ ମଧ୍ୟରେ ବଳି ପ୍ରଥା ମଧ୍ୟ ପ୍ରଚଳିତ ରହିଛି । ସେମାନେ ମାରୁଙ୍ଗବୁରଙ୍କ ନିକଟରେ ବେଳେ ବେଳେ ମହିଁଷି ପ୍ରଭୃତି ବଳି ଦେଇଥାନ୍ତି । ଏହି ମାରୁଙ୍ଗବୁରୁଙ୍କୁ ସେମାନେ ବଣଦେବତା ଭାରେ ପୂଜା କରନ୍ତି ।

ଠାକୁର ନିକଟରେ ସାନ୍ତାଳମାନେ ବଳି ଦେବା ବେଳେ ସାଧାଣରଣତଃ ସ୍ତ୍ରୀଲୋକମାନେ ସେଠାରେ ରହନ୍ତି ନାହିଁ । ନିର୍ଜନ ଓ ପବିତ୍ର ବଣରେ ସେମାନେ ସାଧାରଣତଃ ବଳି ଦିଅନ୍ତି। ଅତୀତରେ ସାନ୍ତାଳମାନଙ୍କ ମଧ୍ୟରେ ମଧ୍ୟ ନରବଳି ପ୍ରଚଳିତ ଥିଲା । ସେମାନେ ବୁରୁ ବେଙ୍ଗଙ୍କ ନିକଟରେ ସମୟ ବିଶେଷରେ ନରବଳି ଦେଉଥିଲେ ଓ ତାହା ଠିକ୍ କନ୍ଧମାନଙ୍କର ନରବଳି ପରି ।

ବିଶ୍ୱାସବୋଧ :

ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଭୂତ, ପ୍ରେତ ଓ ଡାଆଣୀର ବିଶ୍ୱାସ ରହିଛି ତାହା ଆଦିବାସୀମାନଙ୍କର ଧର୍ମ ପରି ଅତି ପ୍ରାଚୀନ ଲୋକବିଶ୍ୱାସ । ଅଧିକାଂଶ ସାନ୍ତାଳ ଡାଆଣୀକୁ ଭକ୍ତି କରନ୍ତି । ସେମାନଙ୍କର ବିଶ୍ୱାସରେ ସାନ୍ତାଳୀ ସ୍ତ୍ରୀଲୋକମାନଙ୍କ ଭିତରେ କେତେକ ଡାଆଣୀ ଅଛନ୍ତି ଯେଉଁମାନେ କି ରାତି ଅଧରେ ଏକୁଟିଆ ନିର୍ଜନ ସ୍ଥାନକୁ ଯାଇ ପୂଜା କରନ୍ତି ଓ ବଳି ଦିଅନ୍ତି । ସେମାନେ କୁହୁକ ଦ୍ୱାରା ବେଳେ ବେଳେ ମନୁଷ୍ୟମାନଙ୍କୁ ମାରି ଦିଅନ୍ତି । ଏ ପ୍ରକାର ବିଶ୍ୱାସ ମଧ୍ୟ ଆମ ସମାଜରେ ରହିଛି ଯେ, ଡାହାଣୀ ରାତିରେ ଚରି ବୁଲେ ଓ ଯେଉଁ ଲୋକ ତାହାର ହାବୁଡରେ ପଡେ ସେ ସେଇଠାରେ ମରିଯାଏ । ସେ

ISSN NO.
2582-208X

ଡାଆଣୀକୁ କଞ୍ଚାଖାଇ ଡାହାଣୀ ବା ଜୀଅନ୍ତାଖାଇ ଡାଆଣୀ ବୋଲି କହିଥାଆନ୍ତି । ବେଳେ ବେଳେ ସେହି ଡାଆଣୀମାନେ ଅନ୍ୟ ଲୋକର ଚିତ୍ର କରି ଓ ମନ୍ତ୍ର କରି ଲୋକକୁ ମାରିଥିବାର ବିଶ୍ୱାସ ସେମାନଙ୍କର ରହିଛି ।

ସାନ୍ତାଳମାନେ ଆଦିବାସୀ ହେଲେ ହେଁ ହିନ୍ଦୁ ଧର୍ମର ରୀତିନୀତିରେ ଜୀବନ ନିର୍ବାହ କରନ୍ତି। ଏହି ଆଦିମ ଜନଗୋଷ୍ଠୀର ଗୌରବ ଦୀପ୍ତ କାହାଣୀ ଓ କିମ୍ବଦନ୍ତୀ ପାରମ୍ପରିକ ସାଂସ୍କୃତିକ ସମ୍ପଦ, ଶୃଙ୍ଖଳିତ ସାମାଜିକ ଜୀବନଚର୍ଯ୍ୟା, ଏହି ସୁପ୍ରାଚୀନ ଜନଗୋଷ୍ଠୀର ସୁସ୍ଥ ସବଳ ଜୀବନୀ ଶକ୍ତିର ପରିଚାୟକ । ଜନଜାତିଙ୍କର ଜୀବନ ପ୍ରତି ଥିବା ଅଖଣ୍ଡ ଅବିଚ୍ଛିନ୍ନ ପ୍ରତିଶ୍ରୁତି ସାଂସ୍କୃତିକ ସମନ୍ୱୟତା ଜାରି ରହୁ ଯାହା ଭବିଷ୍ୟତରେ ଏକ ଗଭୀର ନିବିଡ ଗୋଷ୍ଠୀ ଶକ୍ତି ଭାବରେ ଉଭା ହେବ ଏବଂ ତାଙ୍କ ସଂସ୍କୃତିକୁ ମିଳିବ ଅଜସ୍ର ଶ୍ରଦ୍ଧା ଓ ସମ୍ମାନ।

ସହାୟକ ଗ୍ରନ୍ଥସୂଚୀ :

(୧) ବେଶ୍ରା, ଦମୟନ୍ତୀ - ସମାଜ ଓ ସଂସ୍କୃତି ପୃଷ୍ଠପଟ୍ଟରେ ମୟୂରଭଞ୍ଜର ସାନ୍ତାଳ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ - ଭୁବନେଶ୍ୱର - ୨୦୦୮ ।

(୨) ଡ. ହେମ୍ବ୍ରମ୍, ଲିପି - ଆଦିବାସୀ ସାହିତ୍ୟ ଓ ସଂସ୍କୃତି : ଏକ ସମାଜ ତାତ୍ୱିକ ବିଶ୍ଳେଷଣ - ବିଶ୍ୱବିଦ୍ୟାଳୟ ଆୟୋଗ ସ୍ୱତନ୍ତ୍ର ଅନୁଦାନ ପ୍ରବନ୍ଧ - ଉତ୍କଳ ବିଶ୍ୱବିଦ୍ୟାଳୟ -ବାଣୀବିହାର - ୨୦୦୫ ।

(((-)))

ଅଧ୍ୟାପିକା
ଓଡ଼ିଆ ବିଶ୍ୱବିଦ୍ୟାଳୟ, ପୁରୀ
Email : lumi.jena@gmail.com

ISSN NO.
2582-208X

# କେହି ଜଣେ ନିଜର



ରେଣୁବାଳା ମହାପାତ୍ର

କେହି ଜଣେ ନିଜର
ପ୍ରଶ୍ନ କଲେ... ତୁମେ କିଏ ?
ମୁଁ କହିଲି... ମୁଁ ଜଣେ ସାଧିକା
ସେ ପୁଣି ପ୍ରଶ୍ନ କଲେ... କଣ ସାଧନା କରୁଛ ?
ମୁଁ କହିଲି... ସାହିତ୍ୟ, ଜୀବନ ତତ୍ତ୍ୱ ।
ସେ... ଭୋକ ଅଛି ?
ମୁଁ... ବହୁତ୍
ସେ... ଚାଷ ନିଜେ କରିବାକୁ ପଡିବ
ମୁଁ... ପ୍ରସ୍ତୁତ ଅଛି
ସେ... କଷ୍ଟ ବି ହେବ
ମୁଁ... ନିଜ ଉପରେ ଭରସା ଅଛି
ସେ... ବହୁ ଭିତରକୁ ଯିବାକୁ ପଡିବ
ମୁଁ... ଯିବି
ସେ... ଶବ୍ଦର ଶିଳ୍ପରେ ରହି ତପସ୍ୟା କରିବାକୁ ପଡିବ
ମୁଁ... ଶବ୍ଦର ମର୍ଯ୍ୟାଦା ରଖି ତପସ୍ୟା କରିବି
ସେ... ତେବେ, ଆସ ମୋ ସାଥିରେ
ମୁଁ... କିଛି ବାଟ ଯିବା ପରେ ପ୍ରଶ୍ନ କଲି–ୟେ କେଉଁ ଅଞ୍ଚଳ ?

ISSN NO.
2582-208X

ସେ... ସାହିତ୍ୟର ଖଳା ।

ସେ... ଇତିହାସ, ଜୀବନୀ, ବିଜ୍ଞାନ, ଭୌଗୋଳିକ ସ୍ଥିତି, ରାମାୟଣ, ମହାଭାରତ, ପୁରାଣ, ପୋଥି, ସଭ୍ୟତା, ସଂସ୍କୃତି, ଧର୍ମ, ଲୋକବ୍ୟବହାର, କାହାଣୀ, କିଂବଦନ୍ତୀ, ସବୁକୁ ତର୍ଜମା କଲେ ଯାଇ ସାହିତ୍ୟକୁ ପାଇବ ।

ମୁଁ... ସତରେ ! ଏତେ ସୁନ୍ଦର ମରୁଭୂମି ମୁଁ ପୂର୍ବରୁ ଦେଖିନି,

ସେ... ଏଠାରେ ସବୁଜ ବନାନୀ ତିଆରି କରିବା ଦାୟିତ୍ୱ ତୁମର, ନିଜକୁ ଗଢ, ଶବ୍ଦକୋଷରୁ ଶବ୍ଦ ଖୁଣ୍ଟିବାକୁ ଚେଷ୍ଟା କର ।କିନ୍ତୁ କଣ୍ଟା ଥିଲେ ଡରିବନି ।

ମୁଁ... ଝୁଣ୍ଟି, ପଡି, ଉଠିକି ଆସିଛି, ଆଉ କଣ ଡରିବି ?

ମୁଁ ଡରି ଡରି ପ୍ରଶ୍ନ କଲି, ମୁଁ ପାରିବି ତ ?

ସେ... ନିଶ୍ଚୟ

ମୁଁ ... ମୋ ହାତ ଥରୁଛି

ସେ... ବୋଧେ ତୁମେ ଲେଖନୀ କୁ ଟାଣ କରି ଧରିନ

ସେ... ଲେଖନୀ ମୁନରେ ଅକ୍ଷର ଯେମିତି ହେଲେ ବି ଚଳିବ ।

ଶୁଣ... ନଦୀ, ପର୍ବତ, ଝରଣା, ସମୁଦ୍ର ଓ ପ୍ରକୃତିକୁ ନେଇ

ଅସଂଖ୍ୟ ସ୍ୱପ୍ନ, ଆବେଗ, କଳ୍ପନା ଏବଂ ଭାବନାକୁ

ପ୍ରେମର ରୂପ ଦିଅ ।

ଦେଖିବ, ସୁନ୍ଦର ସାହିତ୍ୟର ନିର୍ମାଣ ହେବ ।

ମୁଁ... ଧନ୍ୟବାଦ

ସେ... ହସିଦେଇ କହିଲେ–ନିୟମାବଳୀ ପଚାରିବ ନାହିଁ?

ମୁଁ... ନିୟମାବଳୀ ?

ସେ... ହଁ, ଭାଷା, ଭାବ, ସନ୍ଧି, ବ୍ୟାକରଣ କୁ ନେଇ କେବଳ ସରଳ, ସଂଯତ, ମିଠା, ସମ୍ମାନ ବୋଧ, ଶବ୍ଦର ବ୍ୟବହାର କରିବ ।

ମୁଁ... ହସିଲି, କହିଲି ହଁ,

ସୀମାରେଖା ଡେଇଁବାର ସାହସ ବି ମୋର ନାହିଁ ।

ସେ... ବୁଲିପଡି କହିଲେ, ପାରିଶ୍ରମିକ ନାହିଁ,

ମୁଁ... ଆତ୍ମ ଶାନ୍ତି ହିଁ ଲୋଡା

ସେ... ହସିଦେଇ କହିଲେ–

ISSN NO.
2582-208X

ଜୀବନ ତତ୍ତ୍ୱର ପ୍ରଥମ ସୋପାନ ପାଇଗଲ ବୋଧହୁଏ
ମୁଁ... ଜାଣିନି, ଇନ୍ଦ୍ରୁ ନିଜକୁ ଶକ୍ତ କରି, ମନକୁ ଶାନ୍ତ କରି
ଖୁସି ରହିବାର କଳା ଶିଖିଗଲି ବୋଲି ଭାବୁଛି ।
ସେ... ପ୍ରଭୁଙ୍କର ଆଶୀର୍ବାଦ ରହୁ ।
ମୁଁ ତାଙ୍କରି ପାଦ ଦଳେ ନିଜକୁ ସମର୍ପଣ କରି କହିଲି
ପ୍ରଭୁ! ଆପଣଙ୍କ ପାଖରେ ଥାଇ ବି ପରିସୀମା ବାହାରେ ଥିଲି ।
ସେ...ହସିଦେଇ କହିଲେ,
ମୁଁ ଅଛି,
ତଥାସ୍ତୁ...

(((-)))

ଅନୁଗୁଳ

ISSN NO.
2582-208X

# କୃଷ୍ଣଚୂଡ଼ା



ଡ. ଶୁଭେନ୍ଦୁ ମେହେର

ପଥପ୍ରାନ୍ତ ଧାରେ ପ୍ରୀତି ମଧୁଝରା କୃଷ୍ଣଚୂଡ଼ାର ବେଶ
ବୈଶାଖ ତାତିରେ ଫୁଲାଇ ଛାତି ସେ' ହସେ ଖିଲିଖିଲି ହସ।
ରୂପ ଲାବଣ୍ୟ ତା' ଅତି ମନଲୋଭା ରକ୍ତ ମନ୍ଦାକିନୀ ଜ୍ୟୋତି
ମନ ଉପବନେ ଥାଏ ସଙ୍ଗୋପନେ ଝରାଇ ନ ପାରେ କାନ୍ତି।।

କହ କୃଷ୍ଣଚୂଡ଼ା କା' ଲାଗି ଅଧୁରା କିଏ ସେ' ରସ ନାଗର
କୃଷ୍ଣଚୂଡ଼ା ନାମ ହେଲେ ବି କୃଷ୍ଣଙ୍କ ନୁହେଁ ତୁ ଅତି ନିଜର।
କେଉଁ ଚିତ୍ରକର ଚିତ୍ରିତ କରିଛି ଏତେ ଲାଳିମାକୁ ଗୁନ୍ଥି
କେଉଁ କୁଞ୍ଜବନୁ କେ' ବାଇଲା ବଂଶୀ ତୋତେ ଦେଖି ଲଜ୍ୟାବତୀ।।

ରକ୍ତିମ କ୍ଲେଶରେ କମନୀୟ କାନ୍ତି ଯୌବନ ମାଧୁର୍ଯ୍ୟ ବହି
ନବବଧୂ ପରି ନାଲି ଓଢ଼ଣୀରେ ନାଲିଟୋପା ଥାଉ ନାଇ।
ତାରାଫୁଲ ଭଳି ଖେଳୁଥାଉ ଦୋଳି ମଧୁର ମଳୟ ସାଥେ
ନିଦାଘର jwAଳା ସହିଛୁ ଅବଳା ମୋହିଛୁ ମୋହିନୀ ମନ୍ତ୍ରେ।।

ଲାଜ ଲାଜ ଓଠେ ଶତ ଶୃଙ୍ଗାର ମେଲାଇ ପ୍ରୀତି ପାଖୁଡ଼ା।
ଚାରୁ ହାସିନୀ ଗୋ ଅନିନ୍ଦ୍ୟା ସୁନ୍ଦରୀ କୁଆଁରୀ କୃଷ୍ଣଚୂଡ଼ା।।

(((-)))

ଯାଲେ୍ଏ, ସୁବର୍ଣ୍ଣପୁର
ମୋ –9938433664

ISSN NO.
2582-208X

# ୩ଟି ମିନି ଗପ



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ଏଣ୍ଟିକ୍ ।।

ପୁଅ-ବୋହୂଙ୍କର ଆଜି ଅଫିସ୍ ଛୁଟି ଥାଏ। ପ୍ରାୟତଃ ୪ ଘଂଟା ପରେ ଦୁହେଁ ବଜାରରୁ ଫେରିଲେ।ଅନେକ ଗୁଡ଼ିଏ ଜିନିଷ ସାଙ୍ଗ ରେ ଆଣିଥାନ୍ତି। ସେସବୁ ଜିନିଷ ଗୁଡ଼ିକ ଲିଭିଂ ରୁମ୍ ଓ ଡାଇନିଂ ରୁମ୍ ରେ ସଜେଇବାକୁ ଚର୍ଚ୍ଚା କରୁଥାନ୍ତି।ଜିନିଷ ଗୁଡ଼ିକ ଭିତରେ ପୁରୁଣା ଘଡି, ଟେବୁଲ୍ ଲ୍ୟାମ୍ପ୍ ଓ ଅନ୍ୟ କେତେକ କଳାଚିତ୍ର ଥାଏ । ଧାତୁରେ ତିଆରି କିଛି ମୂର୍ତ୍ତି ଏବଂ କାଠ ଓ କାଚର କିଛି ଆକୃତି ମଧ୍ୟ ଥାଏ।ବହୁ ପୁରାତନ ରଙ୍ଗରେ ଚିତ୍ରିତ ଏକ ଡେସ୍କ ବି ଥାଏ। ଦୁହେଁ ପୁରା ଧ୍ୟାନରେ ସେସବୁ ଜିନିଷକୁ ସଜାଉଥାନ୍ତି ।

ସୋମଦତ୍ତ ଆଶ୍ଚର୍ଯ୍ୟଚକିତ ଭାବେ ଘର କୋଣରେ ବସି ଏକ ଲୟରେ ପୁଅ-ବୋହୂଙ୍କର ସ୍ଥିତିକୁ ଦେଖୁଥାନ୍ତି। ହଠାତ୍ ପୁଅ ମୁହଁ ଖୋଲିଲା-ବାପା! ଆଜି ରାତିସାରା କାଶିବାର ଅଭିପ୍ରାୟ ଅଛି କି ? କାଲି ଅଫିସ୍ ଯିବି ନିଶ୍ଚୟ ନିଦ ଖରାପ କରିବ ।

ବୋହୂ କହିଲା-ବର୍ଷା ଦିନରେ ତାଙ୍କୁ ଦହି ଖାଇବା ପାଇଁ କେତେଥର ମନା କରିଛି। ସେ ମୋ କଥା ଶୁଣୁଛନ୍ତି କୋଉଠି ?

ସୋମଦତ୍ତ ନିଜର ଅସମର୍ଥତାକୁ ଉପଲବ୍ଧି କରି କହିଲେ-ବୋହୂ! ତୁମେ କହିବା ଦିନରୁ ମୁଁ ଦହିଖିଆ ଛାଡିଦେଇଛି। କେବେ କେମିତି କଫ ଜମି କାଶ ହେଇଯାଉଛି। ଚାହା କପେ

ISSN NO.
2582-208X

ପିଇବା ପାଇଁ କେତେବେଳୁ ମନ ଉଚ୍ଚାଟ ହେଲାଣି। ତୁମେ ଦୁହେଁ ପିଇବ ତ ମୋ ପାଇଁ ଗୋଟେ କପ ବନେଇବ ।

ବାପା!ପ୍ର ଥମେ ଏ ଜିନିଷ ସବୁ ନିର୍ଦ୍ଦିଷ୍ଟ ସ୍ଥାନରେ ସଜା ହେଇ ଯାଉ ତାପରେ ଚାହା ତିଆରି ହେବ।ହଁ ତୁମକୁ ଆଜି ରୁମ୍ ସିଫ୍ଟ କରିବାକୁ ହେବ।ତୁମ ବେଡ୍ ଷ୍ଟଡି ରୁମ୍ ରେ ଲଗେଇଦେଉଛୁ।

ସୋମଦତ୍ତ ପୁରୁଣା ଜିନିଷ ଭଳି ପୁଅ ବୋହୂଙ୍କ ପାଇଁ ଏଣ୍ଟିକ୍ ହୋଇ ସାରିଥାନ୍ତି। ସପ୍ତାଶ୍ଚର୍ଯ୍ୟକୁ ଦେଖିବା ମୁଦ୍ରାରେ କେବେ ପଡିଥିବା ଜିନିଷକୁ ଦେଖୁଥାନ୍ତି କେବେ ନିଜ ପୁଅ-ବୋହୁଙ୍କୁ ତ କେବେ ନିଜ ବୃଦ୍ଧାବସ୍ଥାକୁ.......।

## ।। ବନ୍ଦୀ ।।

କୁନ୍ଦନ ବାବୁ ଗୁପ୍ତା ବାବୁଙ୍କଠାରେ ଅଭିଯୋଗ କଲେ-ଆରେ ଭାଇ, ତୁମେମାନେ ଆମ ଘରକୁ ଆସିବା ଭୁଲିଗଲ ନା କଣ ?

ଗୁପ୍ତା ବାବୁ ମୋବାଇଲ୍ ରୁ ଦୃଷ୍ଟି ଫେରାଇ କହିଲେ-ବ୍ୟସ୍ତତା ଏତେ ବଢି ଯାଇଛି ଯେ ସମୟ କାହିଁ ତୁମ ଘରକୁ ଯିବି!

ଆଉ ଭାଉଜ ପିଲାମାନେ କୁଆଡେ ଗଲେ ? ନିଜ ନିଜ ରୁମ୍ ରେ ଥିବେ।

କୁନ୍ଦନ ବାବୁ ଭାଉଜଙ୍କ ରୁମ୍ କୁ ଗଲେ।ସେ ବି ମୋବାଇଲ୍ ରେ ମଗ୍ନ ଥାଆନ୍ତି। ନମସ୍କାର ପ୍ରତି ନମସ୍କାର ପରେ ପୁଣିଥରେ ସେ ପୂର୍ବସ୍ଥିତିରେ ବ୍ୟସ୍ତ ହୋଇଗଲେ। ତାପରେ କୁନ୍ଦନ ବାବୁ ପିଲାଙ୍କ ରୁମ୍ କୁ ଗଲେ।ସେଠି ବି ଏକାପରି ସ୍ଥିତି।ପିଲା ଦୁହେଁ ମୋବାଇଲ୍ ଧରି ମାୟାବୀ ଦୁନିଆକୁ ଆବୋରି ଥାଆନ୍ତି।

ISSN NO.
2582-208X

କୁନ୍ଦନ ବାବୁ ଜୟ ଜଗନ୍ନାଥ ଶବ୍ଦରେ ଦୁହିଁଙ୍କୁ ଚମକାଇଦେଲେ। ପିଲା ଦୁହେଁ ମୋବାଇଲ୍ ରୁ ଧ୍ୟାନ ହଟେଇ କହିଲେ-ଅଙ୍କଲ! ପାପାଙ୍କ ସହିତ କଥା ହୁଅନ୍ତୁ। ମୋବାଇଲ୍ ରେ ଇଣ୍ଟରେଷ୍ଟିଙ୍ଗ୍ ଚେପ୍ଟର ଚାଲିଛି।

ତୁମେ ଦୁହେଁ କଣ ସବୁବେଳେ ଏଇ ରୁମ୍ ଭିତରେ ମୋବାଇଲ୍ ଦେଖୁଥାଅ ? କେବେ ପରିବାରରେ ସାଥୀହୋଇ ବସୁନାହିଁ ?

ସମୟ କାହିଁ ଅଙ୍କଲ! କେବେ କେବେ ଡାଇନିଂ ଟେବୁଲ୍ ରେ ଖାଇବା ପାଇଁ ସାଥୀହୋଇ ବସୁ।

ସହସା କୁନ୍ଦନ ବାବୁ ଗୁପ୍ତା ବାବୁଙ୍କ ନିକଟରେ ପହଞ୍ଚି କହିଲେ-ଭାଇ ମୁଁ ମୋ ଅଭିଯୋଗ ଫେରସ୍ତ ନେଉଛି।

ଗୁପ୍ତା ବାବୁ ଆଶ୍ଚର୍ଯ୍ୟ ମୁଦ୍ରାରେ ପଚାରିଲେ-ହଠାତ୍ ଏମିତି କଣ ହେଲା ଯେ ଅଭିଯୋଗ ଫେରସ୍ତ ନେବାକୁ କହୁଛ।

ଏଥର କୁନ୍ଦନ ବାବୁ ସରଳ ଭାଷାରେ କହିଲେ-ତୁମେ କେବେ ଜଣେ ବନ୍ଦୀ ଦଣ୍ଡ ଭୋଗୁଥିବା ଅବସ୍ଥାରେ ନିଜ ଘରକୁ ଫେରି ଯିବା ଜାଣିଛ ?

ନା- କିନ୍ତୁ ଏମିତି ପ୍ରଶ୍ନ କଣପାଇଁ ?

ଏଠି ଆଜି ସମସ୍ତେ ବନ୍ଦୀ। ଯେଉଁମାନେ ନିଜ ପରିବାର ସହିତ ହସ-ଖୁସି, କଥାବାର୍ତ୍ତା, ଆଳାପ-ମେଳାପ ନାହିଁ ସେମାନଙ୍କୁ ମୋ ଘରକୁ ଯିବାପାଇଁ କେମିତି ଆମନ୍ତ୍ରିତ କରିବି ? ଏହାପରେ ସେ ଦ୍ରୁତ ପଦପାଦରେ ଶିଢି ଓହ୍ଲେଇ ଘରକୁ ଫେରିବାଲାଗି ପ୍ରସ୍ତୁତ ହେଲେ।

ISSN NO.
2582-208X

## ।। ଅବିଶ୍ୱାସ ।।

ଗୋଟେ ଆଦିବାସୀ ଗାଁ। ଏସ ଡି ଓ ନିଜ ଟିମ୍ ଓ ସାମାଜିକ କାର୍ଯ୍ୟକାର୍ତ୍ତାଙ୍କ ସହିତ ସେଠି ପହଞ୍ଚିଲେ। ସେ ଗ୍ରାମ ଲୋକଙ୍କୁ ଦେଖି ମୃଦୁ କଣ୍ଠରେ କହିଲେ-ତୁମ୍ଭମାନଙ୍କୁ ସାକ୍ଷରତା ଅଭିଯାନ ରେ ଲେଖା ପଢ଼ା କରାହୋଇଛି ତ?

ସାମାଜିକ କାର୍ଯ୍ୟକାର୍ତ୍ତା ଆତ୍ମବିଶ୍ୱାସରେ କହିଲେ-ହଁ ସାର, ଆମେ ଏଠାକାର କେତେକ ଆଦିବାସୀ ଭାଇ ଭଉଣୀଙ୍କୁ ଅକ୍ଷର ଜ୍ଞାନ ଦେଇଛୁ।

ଏସ ଡି ଓ ସମ୍ମତିରେ ମୁଣ୍ଡ ହଲେଇ କହିଲେ-ଭଲ କଥା, ତେବେ ତା'ର ଏକ ସମର୍ଥନ ପ୍ରମାଣ ନେବା। ସରକାରୀ କର୍ମଚାରୀ ଆଦିବାସୀଙ୍କ ହାତରେ କାଗଜ କଲମ ଧରେଇ ଦେଲେ।କିଛିକ୍ଷଣ ବିତିଗଲା।ଆହୁରି କିଛିକ୍ଷଣ ବିତିଲା। ତଥାପି ସେମାନେ କିଛି ଲେଖୁ ନଥାନ୍ତି।

ଏସ ଡି ଓ ଚିନ୍ତିତ ଦୃଷ୍ଟିରେ ଗ୍ରାମଲୋକଙ୍କୁ ଦେଖୁଥାନ୍ତି। ଜଣେ ସାମାଜିକ କର୍ମକର୍ତ୍ତା କହିଲେ-ଯଦି ତୁମେମାନେ କାଗଜରେ ଲେଖିବ ନାହିଁ ତାହେଲେ ଏଇ କାଠି ନିଅ ଭୂମିରେ ନିଜ ନାଁ ଓ ଠିକଣା ଲେଖ।

ଏଥର କେହି ବି ସଙ୍କୋଚ କଲେ ନାହିଁ। ସମସ୍ତେ ଖଣ୍ଡେ ଖଣ୍ଡେ କାଠି ଧରି ଭୂମି ଉପରେ ନିଜ ନାଁ ଓ ଠିକଣା ଲେଖିଦେଲେ।

ଏସ ଡି ଓ ଆଶ୍ଚର୍ଯ୍ୟଚକିତ ହୋଇ କହିଲେ-ଆରେ ତୁମେମାନେ ତ ଲେଖା ଲେଖି ଜାଣିଛ। କାଗଜରେ କଣପାଇଁ ଲେଖିଲ ନାହିଁ?

ଭିଡ଼ ଭିତରୁ ଜଣେ ବୁଢା ଲୋକ ଆଗକୁ ଆସି କହିଲା-କାରଣ ଆପଣଙ୍କ ପ୍ରତି ଆମର ବିଶ୍ୱାସ ନାହିଁ।

ISSN NO.
2582-208X

ଏସ ଡି ଓ ବୁଢ଼ାର ମୁହଁକୁ ଚାହିଁ କହିଲେ-ମାନେ ?

ବୁଢା ଆଖି ଛଳ ଛଳ କରି କହିଲା-ଆପଣମାନେ ସାଧା କାଗଜରେ ଆମମାନଙ୍କ ନାଁ ଠିକଣା ଲେଖିନିଅନ୍ତି। ପୁଣି ସେଇ କାଗଜ ଜରିଆରେ ଆମ ଜଙ୍ଗଲ, ଆମ ଘର ଡ଼ିହ ଛଡେଇ ନିଅନ୍ତି। ଆଉ ସେ ଭୁଲ କରିବୁ ନାହିଁ।

ଏସ ଡି ଓ ଙ୍କ ନିକଟରେ କିଛି ବି ଉତ୍ତର ନଥିଲା।

(((-)))

ବିସି-୭୪,ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

ISSN NO.
2582-208X

# ମା



ଡ. ସଦା ବିହାରୀ ସାହୁ

ଗୋଟିଏ ଅକ୍ଷର ରେ ସମାହିତ
ସମଗ୍ର ବିଶ୍ୱ
ସେ ହେଉଛି ମା
ସୁଖ ଓ ଦୁଃଖ ରେ ମନ ମଧ୍ୟରେ
ଆପେ ଆପେ ବାହାରି ଆସେ ଏକ ନାଁ,
ସେ ହେଉଛି ଚିର ନମନ୍ୟ ମା

ଯିଏ ଭଲ ପାଏ ନିକଠୁ ବଳି ନିଜ ସନ୍ତାନଙ୍କୁ
ଭୋକରେ ରହି, ପେଟକୁ କାଟି ଅନ୍ନ ବଢାଇ ଦିଏ ନିଜ ପିଲାଙ୍କୁ
ସେ ହେଉଛି କରୁଣାମୟୀ ମା

ଭଗବାନଙ୍କ ଦ୍ୱିତୀୟ ରୂପ
ସ୍ନେହ ଓ ମମତାର ମୂର୍ତ୍ତିମୟୀ
ଯାହାକୁ ଅନୁଭବ କରିବା ପାଇଁ
ଭଗବାନ ଭି ନିଅନ୍ତି ଧରା ପୃଷ୍ଠରେ ଆବିର୍ଭାବ
ସେ ହେଉଛି ଜନ୍ମଦାତା ମା

ସମସ୍ତ ଦୁଃଖ, ରୋଗ ଓ ଶୋକକୁ
ଘୋଡାଇ ରଖେ ନିଜ ପଣତ କାନି ରେ

ISSN NO.
2582-208X

ଯାର ଆଶିର୍ବାଦ ରେ ସଫଳତା ପାଦ ଛୁଏଁ
ସେ ହେଉଛି ଚିର ବନ୍ଦନୀୟ ମା

ଜ୍ଞାନର ଶବ୍ଦକୋଷ, ଜୀବନର ପ୍ରଥମ ଗୁରୁ
ଜୀବନ ଓ ମୃତ୍ୟୁ ପର୍ଯ୍ୟନ୍ତ ଯେ ଥାଏ ପାଖେ ପାଖେ
ନିଃସ୍ୱାର୍ଥର ଜୀବନର କିର୍ତ୍ତିମୟୀ
ସେ ହେଉଛି ପୂଜନୀୟ ମା

ମା ର ଶୂନ୍ୟତାକୁ ପୂରଣ କରିବାକୁ କେହି ନାହିଁ
ସ୍ରଷ୍ଟା ର ଏକ ଅନନ୍ୟ ରୂପ ସେ
ସବୁଠୁ ଧନବାନ୍ ଓ ଭାଗ୍ୟବାନ ସେ
ଯା ଉପରେ ଥାଏ ମା ର ଆଶିର୍ବାଦ ସବୁବେଳେ

ଚିର ଦିନ ଋଣୀ ଆମେ ତା ପାସେ
ହେ ଜନ୍ମଦାତ୍ରୀ ମା, ଏ ଧରିତ୍ରୀ ମା
ଧନ୍ୟ ହେଲା ଏ ଜୀବନ
ଜନ୍ମିଲି ତୁମ ଗର୍ଭରୁ
ପାଣି, ପବନ, ଖାଦ୍ୟ ପାଇ ବଢିଲି ଏ ଧରା ପୃଷ୍ଠେ
ତୁମେ ଚୀର ବନ୍ଦନୀୟ, ତୁମେ ସଦା ନମସ୍ୟ, ସଦା ପୂଜନୀୟ
ହେ ମୋ ଯନ୍ମଦାତ୍ରୀ ମା, ଏ ଧରିତ୍ରୀ ମା
ତୁମ ଆଶିଷ ଥାଉ ମୋ ପାସେ
ଯେତେ ଦିନ ଏ ଜୀବନ ଅଛି ଏ ଧରା ପୃଷ୍ଠେ

(((-)))

ସହାୟକ ମହାପ୍ରବନ୍ଧକ
ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ
ଇ-ମେଲ: sadabihari@rediffmail.com

ISSN NO.
2582-208X

# ଦଇବ ଦଉଡି ମଣିଷ ଗାଈ



ଡା. ପ୍ରସନ୍ନ କୁମାର ବଳ

ପ୍ରାଣୀ ସ୍ୱାଧୀନତା ରହିଥାଏ ଯେବେ ମୁକ୍ତ ସିଏ ରହି ଥାଏ,
ଦଉଡିରେ ବନ୍ଧା ପ୍ରାଣୀଟିର ପୁଣି ସ୍ୱାଧୀନତା କ'ଣ ଥାଏ ।୧।
ସ୍ୱାଧୀନ ଭାବରେ ରହିଥିଲେ ମନ କେତେ ଫୁର୍ତୀ ଲାଗୁଥାଏ,
ଲଗାମ ଭିଡା ସେ ମନଟିଏ ପୁଣି ଦୁ ଖୀ ହୋଇ ରହିଥାଏ ।୨।
ମଣିଷ ଜୀବନେ ଆସିଥାଏ ପୁଣି କେତେ ଅବା ସୁଖ ଦୁଃଖ,
ଏଇ ତ ଜୀବନ ଚକ୍ର ପୁଣି ଆମ ପାସୋରିବା ସବୁ କଷ୍ଟ ।୩।
ମଣିଷ ମନରେ କେତେ ସ୍ୱପ୍ନ ଆସେ ସାକାର କରିବା ପାଇଁ,
ସବୁ ସ୍ୱପ୍ନ କେବେ ସାକାର ହୁଏନା ଦୁଃଖ ଲାଗେ ତାହା ପାଇଁ ।୪।
ପରିକ୍ଷାର୍ଥୀ ପୁଣି କେତେ ଚେଷ୍ଟା କରି ଦିଏ ତାର ତ ପରୀକ୍ଷା,
ଫଳାଫଳ ଆଶା କରିପରିକ୍ଷାର୍ଥୀ କରିଥାଏ ତା ପ୍ରତିକ୍ଷା ।୫।
ବୟସର ଅପରାହ୍ନେ ପୁଣି ଲୋକ ଜପୁଥାଏ ହରିନାମ,
ନାମ ଜପୁ ଜପୁ ଦିନ ଚାଲିଯାଏ କଷ୍ଟ ଭୋଗେନାହିଁ ମନ ।୬।
ଜୀବନର ଚଲାପଥରେ ତ ପୁଣି କେତେ ଖାଲଢିପ ଅଛି,
ସବୁକୁ ପାସୋରି ଚାଲିଥାଏ ମନ କର୍ତବ୍ୟକୁ କରୁ ଅଛି ।୭।
ଯିଏ ଯାହା ଚାହେଁ ପାଏ ନାହିଁ ତାହା ଇଏ ବିଧିର ବିଧାନ,
ନିଜ କର୍ମ କରି ମନକୁ ବୁଝାଇ କାଟିବା ଆମର ଦିନ ।୮।

ISSN NO.
2582-208X

ସାରା ବିଶ୍ୱ ପୁଣି ତା'ଙ୍କର ହିଁ ସୃଷ୍ଟି ଆମେ ତ ନିମିତ୍ତ ମାତ୍ର,
ତାଙ୍କର ଇସାରେ ଏହି ସୃଷ୍ଟି ଚାଲେ, ଜପିବା ତା ନାମ ସୂତ୍ର ।୯।
ବୈଜ୍ଞାନିକ ଟିଏ ଆବିଷ୍କାର କରେ, ଆକାଶେ ଉଡେ ମହାକାଶଚାରୀ,
ଭୁଲିବାନୀ ଆମେ ଜଗତ ନାଥଙ୍କୁ, ଦଇବ ଦଉଡି ମଣିଷ ଗାଇ ।୧୦।
ମଣିଷର କିଛି ଚାରା ନାହିଁ ସତେ ଅସହାୟ ତାକୁ ଲାଗେ,
ଦଇବର ସାହା ବିନା ଏ ଜୀବନ ଅବଶ୍ୟ ତିଷ୍ଠି ନ ପାରେ ।୧୧।

(((-)))

ଏଚଆଇଜି/୨/୭୪,ଲେନ ୪,
ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# "ଇତରୀୟ ଉପନଷଦ"ରେ ମାନବେତର ଚରିତ୍ର : ଏକ ବିଶ୍ଳେଷଣ



କାଜଲ ପୃଷ୍ଟି

**ସଂକ୍ଷିପ୍ତସାର :**

'ମାନବେତର' ଶବ୍ଦଟି ଦୁଇଟି ଶବ୍ଦର ମିଶ୍ରଣରୁ ସୃଷ୍ଟି : ମାନବ+ଇତର । ଏହାର ସରଳ ଅର୍ଥ ହେଉଛି –"ମଣିଷ ବ୍ୟତୀତ ଅନ୍ୟ ସମସ୍ତ" ବା "ଯାହା ମାନବ ଜାତିର ଅନ୍ତର୍ଭୁକ୍ତ ନୁହେଁ ।" ସାହିତ୍ୟରେ ମାନବ ଛଡା ଅନ୍ୟ ସତ୍ତାମାନେ ଯେତେବେଳେ ମାନବୀୟ ଗୁଣ ଓ ଆଚରଣ ସହ ପ୍ରଦର୍ଶିତ ହୁଅନ୍ତି ସେମାନଙ୍କୁ ମାନବେତର ଚରିତ୍ର କୁହାଯାଏ । ଏପରି ଚରିତ୍ର ସାଧାରଣତଃ ମଣିଷଙ୍କର ବୃତ୍ତି, ଚିନ୍ତା ଭାବନାକୁ ଅନୁକରଣ କରନ୍ତି କିମ୍ବା ତାହାର ବିପରୀତ ରୂପରେ ଉପସ୍ଥାପିତ ହୁଅନ୍ତି । ଏପରିକି ପଶୁପକ୍ଷୀ, ଦେବଦେବୀ, ଅସୁର ମଧ୍ୟ ଏହାର ଶ୍ରେଣୀଭୁକ୍ତ ହୋଇପାରନ୍ତି । ଅନେକ ସମୟରେ ମାନବେତର ଚରିତ୍ରମାନେ ମଣିଷ ଅପେକ୍ଷା ଅଧିକ ବିଶ୍ୱସ୍ତ ଓ ସ୍ୱଷ୍ଟବାଦୀ ଭାବେ ଚିତ୍ରିତ ହୁଅନ୍ତି । ମାନବ ନୁହେଁ, କିନ୍ତୁ ସାହିତ୍ୟିକ ଆଲୋଚନାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ।

"କେବଳ ଓଡିଆ ସାହିତ୍ୟରେ ନୁହେଁ – ସମଗ୍ର ବିଶ୍ୱସାହିତ୍ୟରେ ମାନବେତର ଚରିତ୍ରମାନଙ୍କୁ ନେଇ କାହାଣୀ ଓ କ୍ଷୁଦ୍ରଗଳ୍ପ ରଚନା କରାଯାଇଛି । ମାନବେତର ଚରିତ୍ରମାନଙ୍କ ମଧ୍ୟ ଦେଇ ଶିଳ୍ପୀ ଚେଷ୍ଟା କରିଛି ସମଗ୍ର ବିଶ୍ୱର ରହସ୍ୟକୁ ଉଦଘାଟନ କରିବାପାଇଁ । କେତେବେଳେ ସେହି ଦରଦୀ ଶିଳ୍ପୀର ହୃଦୟ ପ୍ରାଣୀ ଜଗତର ଦୁଃଖ ଯନ୍ତ୍ରଣାରେ ବିଗଳିତ ହୋଇପଡିଛି ତ ପୁଣି କେତେବେଳେ ସେହି ସୂକ୍ଷ୍ମତତ୍ତ୍ୱ ଅନ୍ୱେଷୀ ଶିଳ୍ପୀର ସୃଷ୍ଟି-ମାନସ ପ୍ରାଣୀଜଗତ ମଧ୍ୟଦେଇ ମାନବିକ ସତ୍ୟକୁ ଆବିଷ୍କାର କରିଛି । ପଶୁପକ୍ଷୀ ଇତ୍ୟାଦି ପ୍ରାଣୀମାନଙ୍କ ସହିତ ମଣିଷର ସ୍ଥାପନ କରେ ତାହା ନୁହେଁ, ତତ ସଙ୍ଗେ

ISSN NO.
2582-208X

ସଙ୍ଗେ ଏକ ସମ୍ବେଦନଶୀଳ ମାନବିକ ଦୃଷ୍ଟିକୋଣ ନେଇ ମଣିଷ ପଶୁପକ୍ଷୀଙ୍କ ସହ ସମ୍ପର୍କ ମଧ୍ୟ ପ୍ରତିଷ୍ଠା କରେ । ପଶୁପକ୍ଷୀମାନଙ୍କ ସହିତ ମଣିଷ ସ୍ଥାପନ କରେ କୌଟୁମ୍ବିକ ସମ୍ପର୍କ। ଏ ସମ୍ପର୍କ କେତେ ନିବିଡ ! ମଣିଷ ମଣିଷ ଭିତରେ ସମ୍ପର୍କ ଯେତେବେଳେ ବିଡମ୍ବିତ -ସନ୍ଦେହାକ୍ଲିଷ୍ଟ, ସେତିକିବେଳେ ପଶୁପକ୍ଷୀମାନଙ୍କ ସହିତ ମଣିଷର ସମ୍ପର୍କ କେତେ ଗଭୀର ! ଏ କଥା ଭାବିଲେ ବିସ୍ମୟ ସୃଷ୍ଟି ହୋଇଥାଏ । ବିଶ୍ୱର ପ୍ରତ୍ୟେକ ଲୋକଗଳ୍ପରେ ପଶୁପକ୍ଷୀମାନଙ୍କ ସହିତ ମଣିଷର କୌଟୁମ୍ବିକ ସମ୍ପର୍କକୁ ସୁନ୍ଦର ଭାବରେ ବିଶ୍ଲେଷଣ କରାଯାଇଛି ।"(୧)

## ପ୍ରମୁଖ ଶବ୍ଦାବଳୀ:

ମାନବେତର, ଆଚରଣ, ଅନୁକରଣ, ସ୍ୱଷ୍ଟବାଦୀ, ସୂକ୍ଷ୍ମତତ୍ତ୍ୱ, ଅନ୍ୱେଷୀ, ମାନବିକ, କୌଟୁମ୍ବିକ, ବିଡମ୍ବିତ, ସନ୍ଦେହାକ୍ଲିଷ୍ଟ, ବିଶ୍ଳେଷଣ

## ଉପକ୍ରମ:

ଓଡିଆ କଥାସାହିତ୍ୟ ଜଗତରେ କୃପାସାଗର ସାହୁ ଜଣେ ବିଶିଷ୍ଟ କଥାକାର। ସେ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବଡିଭିଜନରେ ଅବସ୍ଥିତ ରାଜ୍ୟର ବୃହତ୍ତମ ଗାଁ 'ଭୁବନ' ଏବଂ ସେହି ଗାଁର ଅନତିଦୂରରେ 'ମଠକରଗୋଳା'ଏକ ମଫସଲ ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଶିଶୁ ସାହିତ୍ୟିକ ମଧ୍ୟ ଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଲାଭକରି ମୟୂରଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ମହଲରେ ବେଶ ଚର୍ଚ୍ଚିତ ଏବଂ ଲୋକପ୍ରିୟ ଥିବା ଏହି ଅଧ୍ୟାପକ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଗଳ୍ପ, କବିତା, ଶିଶୁସାହିତ୍ୟ ତଥା ଉପନ୍ୟାସ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି। ତାଙ୍କର ରଚନାବଳୀ ମଧ୍ୟରେ କବିତା (ଉପରେ ଫର୍ଚ୍ଚା ଆକାଶ, ତଳେ ବସୁମାତା), ଗଳ୍ପ ସଂକଳନ ମଧ୍ୟରେ ଜ୍ୟୋତି ଓ ତାମସା, କାହାଣୀ ୧୯୯୮, ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ, ହଂସଧ୍ୱନି, କାହାଣୀ ୨୦୦୫, ଶୁଆ କହେ ଶାରୀଲୋ, ଗଡ଼ଜାତ ଗଳ୍ପ, କଇଁ ପୋଖରୀରେ ପ୍ରେମ, ଇତରୀୟ ଉପନିଷଦ, କୃପାସାଗର କ୍ଲାସିକ, ଶ୍ୟାମଳ ସାୟାହ୍ନ, ରେଳଗଳ୍ପ, ବ୍ୟଙ୍ଗ

ISSN NO.
2582-208X

ଗଳ୍ପ,ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ,ପକ୍ଷୀଜନ୍ମରୁ ପାରିକର, ଲୌକିକ ଓ ଅଲୌକିକ, ରାଗମାଳଶ୍ରୀ, ଯାତ୍ରୀଗଣ ଦୟାକରି ଧ୍ୟାନ ଦିଅନ୍ତୁ, ଗାଆଁ, ଶ୍ରୀକୃଷ୍ଣ, ରେଳପଞ୍ଜାଶିକା, ଶ୍ରୀରାଧା, ଶ୍ରୀରାମ ଉପନ୍ୟାସ ସଙ୍କଳନ ମଧ୍ୟରେ ଶେଷ ଶରତ, ଶ୍ରାବଣର ସକାଳ, ଝରାପତ୍ରରେ ଝଡ଼, କରମଣ୍ଡଳ ଏକ୍ସପ୍ରେସ, ଷ୍ଟେସନର ନାଁ ଲିଲିଗୁମ୍ପା, ନାନୀ ନୁହେଁ ମୁଁ ନକ୍ସଲ, ମହାମୋକ୍ଷ, ଉର୍ମିଳା ଏକ ଜୀବନ, ଚମ୍ପାଫୁଲ ପ୍ରଭୃତି ।

"କୃପାସାଗର ସାହୁଙ୍କ ଚକ୍ଷୁରେ ପଶୁପକ୍ଷୀଙ୍କ ମଧ୍ୟରେ ରହିଛି ଦେବତ୍ୱ । କାରଣ ଛଳନା, ପ୍ରବଞ୍ଚନା, ପ୍ରହେଳିକା ଭିତରେ ବଞ୍ଚୁଥିବା ମଣିଷମାନଙ୍କ ଅପେକ୍ଷା ପଶୁପକ୍ଷୀମାନେ ବେଶୀ ସତ୍ୟନିଷ୍ଠ, ବିଚାରବନ୍ତ । ସେମାନେ କାହାର ଦୁଃଖ ଦେଖିଲେ କାନ୍ଦ କାନ୍ଦ ହୋଇଯାନ୍ତି । ମଣିଷ ସେମାନଙ୍କ ପାଇଁ ଅନେକ ସମୟରେ ନିଷ୍ଠୁର ବ୍ୟାଧ ପାଲଟି ତାଙ୍କ ପାଇଁ ନଳୀ ସଜାଏ, ଫାଶ ବସାଏ, ଅଠାକାଠି ଖଞ୍ଜେ । କୃପାସାଗର ସାହୁଙ୍କ 'ଇତରୀୟ ଉପନିଷଦ' ସଙ୍କଳନ ପଢିଲେ ପାଠକେ ତାଙ୍କ ସୃଷ୍ଟିର ଏ ବର୍ଣ୍ଣାଢ୍ୟ ଦିଗନ୍ତ ସହ ପରିଚିତି ହେବେ ।"(୨)

ଗାଳ୍ପିକଙ୍କର "ଇତରୀୟ ଉପନିଷଦ" ଏକ ଶ୍ରେଷ୍ଠ ମାନବେତରଭିତ୍ତିକ ଗଳ୍ପସଂକଳନ । ଏହି ଗଳ୍ପ ସଙ୍କଳନରେ ଷୋହଳଟି ଗଳ୍ପ ରହିଛି । ସେଗୁଡିକ ମଧ୍ୟରେ କଇଁ ପୋଖରୀରେ ରୋମିଓ, ଅଭିମାନିନୀ, ମର୍କଟ ଓ ମାଜିଷ୍ଟ୍ରେଟ, ନୀଡହରା, ଆଃସରଣ୍ଡା, ବିଲାତି କୁତ୍ତା, ଅରଣ୍ୟର ଅଜଗର, ମୟୂରୀ ଓ ନାଗକନ୍ୟା, ଚିକେନ ଫ୍ଲୁ, କାଳୀୟ, ଅହି-ନକୁଳ ଉପାଖ୍ୟାନ, ନଇ ଆରପାରି, ଭାଲୁ ବାହାଦୂର, ସାପ ସହ ସାରା ରାତି, ଯୁଦ୍ଧ ଓ ଶାନ୍ତି, ଭଅଁର ପ୍ରଭୃତି । ଏହି ଗଳ୍ପଗୁଡିକରେ ଚରିତ୍ରମାନଙ୍କ ମାଧ୍ୟମରେ ମାନବୀୟ ଗୁଣ, ଭାବନା ଏବଂ ଆବେଗକୁ ରୂପାୟନ କରାଯାଇଛି । ସେହିପରି ଗଳ୍ପରେ ସେମାନେ ମଣିଷ ଭଳି କଥା ହୋଇଛନ୍ତି ଏବଂ ବିଭିନ୍ନ ସମସ୍ୟାର ସମାଧାନ ମଧ୍ୟ କରିପାରିଛନ୍ତି । ଏହି ସବୁ ଗଳ୍ପରେ ମାନବେତର ଚରିତ୍ରମାନେ ମଧ୍ୟ ମଣିଷ ଅପେକ୍ଷା ଅଧିକ ବିଶ୍ୱସ୍ତ ଓ ସ୍ୱଷ୍ଟବାଦୀ ଭାବେ ଚିତ୍ରିତ ହୋଇଛନ୍ତି । ତେଣୁ ଗାଳ୍ପିକ ନିଜର ଭାବନାକୁ ଅଧିକ ପ୍ରଭାବଶାଳୀ କରିବାପାଇଁ ଏହି ଚରିତ୍ରମାନଙ୍କର ସାହାଯ୍ୟ ନେଇଛନ୍ତି ।

"କଇଁ ପୋଖରୀରେ ରୋମିଓ" ଗଳ୍ପଟି ଗାଳ୍ପିକଙ୍କର ପ୍ରଥମ ଗଳ୍ପ । ଏହି ଗଳ୍ପରେ ଏକ କଙ୍କଡା ଓ କିଶୋରୀ ବେଙ୍ଗୁଲୀ ମଧ୍ୟରେ ଥିବା ଏକ ନିଷ୍କପଟ ତଥା କରୁଣ ପ୍ରେମ କାହାଣୀ ଉପରେ ଆଧାରିତ । ଗାଳ୍ପିକ ବୃଦ୍ଧ ଶୁକପକ୍ଷୀଙ୍କ ଜରିଆରେ ଦର୍ଶାଇଛନ୍ତି ଯେ, ପ୍ରେମ

ISSN NO.
2582-208X

କେବଳ ଶାରୀରିକ ସୁନ୍ଦରତା ଉପରେ ନୁହେଁ, ବରଂ ହୃଦୟର ଗଭୀରତା ଉପରେ ନିର୍ଭର କରେ । ପ୍ରେମରେ ସମର୍ପଣ ହିଁ ଶ୍ରେଷ୍ଠ ପୂଜା । କାହାଣୀର ଶେଷରେ କୁହାଯାଇଛି ଯେ, ଆଜି ମଧ୍ୟ ପୂର୍ଣ୍ଣମୀ ରାତିରେ କଇଁ ପୋଖରୀ କୂଳରେ କଙ୍କଡାର ସେହି ଅତୃପ୍ତ ପ୍ରେମର ଛାୟାମୂର୍ତ୍ତି ଓ ସଙ୍ଗୀତ ଅନୁଭବ କରାଯାଇପାରେ, ଯଦିଓ ତାହା ସମସ୍ତଙ୍କୁ ଦୃଶ୍ୟ ହୁଏନାହିଁ ।

ସେହିପରି "ଅଭିମାନିନୀ" ଗଳ୍ପରେ ମଣିଷ ଓ ପଶୁ ମଧ୍ୟରେ ଥିବା ନିବିଡ଼ ଆତ୍ମୀୟତା, ପଶୁର ସ୍ୱାଭିମାନ ଏବଂ ମଣିଷର ଅନୁଶୋଚନା ଉପରେ ପର୍ଯ୍ୟବସିତ। ଏହି ଗଳ୍ପଟିରେ ଗାଳ୍ପିକ ଦର୍ଶାଇଛନ୍ତି ପଶୁମାନେ କେବଳ ଖାଦ୍ୟ ଲୋଭୀ ନୁହନ୍ତି, ସେମାନେ ମଧ୍ୟ ଆତ୍ମସମ୍ମାନ ଓ ସ୍ନେହର ଭୋକିଲା। ମଣିଷର କ୍ଷଣିକ କ୍ରୋଧ ଏକ ନିଷ୍ପାପ ଜୀବର ଜୀବନ ନେଇପାରେ ଏବଂ ଶେଷରେ କେବଳ ଅନୁଶୋଚନା ହିଁ ବାକି ରହିଥାଏ ।

"ମର୍କଟ ଓ ମାଜିଷ୍ଟ୍ରେଟ" ଗଳ୍ପଟି ଗାଳ୍ପିକଙ୍କ ଅନ୍ୟ ଏକ ଗଳ୍ପ । ଏହି ଗଳ୍ପଟିରେ ଜଣେ ଅହଂକାରୀ ତରୁଣ ମାଜିଷ୍ଟ୍ରେଟ୍ ଏବଂ ଦଳେ ମାଙ୍କଡ଼ଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ । ମାଜିଷ୍ଟ୍ରେଟ୍‌ଙ୍କ ସରକାରୀ ବାସଭବନ 'ଲାଲକୋଠି'ରେ ମାଙ୍କଡ଼ମାନେ ପଶି ବଗିଚା ନଷ୍ଟ କରିବାରୁ ସେ କ୍ରୋଧିତ ହୋଇ ପୋଲିସ ଓ ଆର୍ମଡ ଫୋର୍ସ ମୁତୟନ କରିଥିଲେ । ମାଜିଷ୍ଟ୍ରେଟ୍‌ଙ୍କ ଆଦେଶରେ ହୋଇଥିବା ଗୁଳିମାଡ଼ରେ ମର୍କଟ ଯୂଥପତିର ମୃତ୍ୟୁ ହୋଇଥିଲା । ଏହି ଗଳ୍ପଟିରେ ଗାଳ୍ପିକ ଦର୍ଶାଇଛନ୍ତି କ୍ଷମତାର ଅହଂକାର ମଣିଷକୁ କିପରି ଅନ୍ଧ କରିଦିଏ ଏବଂ ଜୀବଜନ୍ତୁଙ୍କ ପ୍ରତି ଅସମ୍ବେଦନଶୀଳ ଆଚରଣ ଶେଷରେ ନିଜ ପାଇଁ କିପରି ବିପଦ ସୃଷ୍ଟି କରେ ତାହା ବର୍ଣ୍ଣିତ ।

ସେହିପରି ଗାଳ୍ପିକଙ୍କ "ନୀଡହରା" ଗଳ୍ପରେ ମଣିଷର ଅବୁଝାପଣ ଏବଂ ସମାଜର ନିମ୍ନବର୍ଗର ଲୋକଙ୍କ ପ୍ରତି ଥିବା ନିଷ୍ଠୁରତାକୁ ଦର୍ଶାଇଛନ୍ତି । ଏକ ଟିକି ଶୁଆ ଛୁଆ ନିଜ ମା'ର ବାରଣ ସତ୍ତ୍ୱେ ବାହାର ଦୁନିଆ ଦେଖିବା ପାଇଁ ବରଗଛର କୋରଡ଼ରୁ ବାହାରି ଆସିଥାଏ । ସେ ଉଡ଼ିବାକୁ ଚେଷ୍ଟା କରୁଥିବା ବେଳେ ସହରର ବ୍ୟସ୍ତବହୁଳ ରାସ୍ତା ଉପରେ ପଡ଼ିଯାଏ ଏବଂ କାଉମାନଙ୍କ ଆକ୍ରମଣର ଶିକାର ହୁଏ । ଶେଷରେ ପକ୍ଷୀପ୍ରେମୀମାନେ ଶୁଆଟିକୁ ଉଦ୍ଧାର କରି ବରଗଛ ମୂଳେ ଛାଡ଼ି ଦିଅନ୍ତି, ଯେଉଁଠି ସେ ନିଜ ପରିବାର ସହ ମିଶିଯାଏ । କିନ୍ତୁ ଅନ୍ୟପଟେ, ନିରୀହ କାଶିଆ ବିନା ଦୋଷରେ ଥାନା ହାଜତରେ ଅନ୍ଧାରରେ ପଡ଼ିରହେ । ଦୀପାବଳିର ଉତ୍ସବ ଏବଂ ବାଣ ଶବ୍ଦ ଭିତରେ କାଶିଆର ମା'ର କାନ୍ଦ ବା ପୁଅକୁ ଖୋଜିବା ପାଇଁ ଦେଉଥିବା ଡାକ କାହାରିକୁ ଶୁଭେ ନାହିଁ । ଏହି ଗଳ୍ପଟିରେ

ISSN NO.
2582-208X

ସମାଜର ତଥାକଥିତ 'ସଭ୍ୟ' ଓ 'ପକ୍ଷୀପ୍ରେମୀ' ମଣିଷଙ୍କର ଅସଲ ମୁଖା ଖୋଲିଦେଇଛି, ଯେଉଁମାନେ ପଶୁପକ୍ଷୀଙ୍କ ପ୍ରତି ଦୟା ଦେଖାଇବା ବେଳେ ଜଣେ ଅସହାୟ, ଗରିବ ଓ ଭିନ୍ନକ୍ଷମ ମଣିଷର ବେଦନାକୁ ବୁଝିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ।

"ଆଃ ସରଣ୍ଡା" ଗାଲ୍ପିକଙ୍କର ଅନ୍ୟ ଏକ ଗଳ୍ପ । ଏହି ଗଳ୍ପଟିରେ ମୁକ୍ତିର ଅଭିଳାଷ, ନିଜ ଜନ୍ମଭୂମି ପ୍ରତି ମମତା ଏବଂ ସାହସିକତାର ଏକ ମାର୍ମିକ କାହାଣୀ ବର୍ଣ୍ଣିତ ହୋଇଛି । ଜଣେ ବୃଦ୍ଧ ଶୂକର, ଯିଏ ଦିନେ ସରଣ୍ଡା ଜଙ୍ଗଲର ଜଣେ ସ୍ୱାଧୀନ ବାସିନ୍ଦା ଥିଲା, ତାକୁ ଶିକାରୀମାନେ ଧରିନେଇ ଏକ ଫାର୍ମରେ ବନ୍ଦୀ କରି ରଖିଥିଲେ । ସେହି ପୂତିଗନ୍ଧମୟ ଫାର୍ମର ନର୍କକଷ୍ଟ ଭିତରେ ସେ ସବୁବେଳେ ନିଜର ପ୍ରିୟ ଜନ୍ମଭୂମି ସରଣ୍ଡାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମୁକ୍ତ ଜୀବନକୁ ମନେ ପକାଉଥିଲା । ଗଳ୍ପର ଶେଷରେ, ବୃଦ୍ଧ ଶୂକରଟି ଆହତ ଅବସ୍ଥାରେ ନିଜ ଜନ୍ମମାଟି ସରଣ୍ଡାକୁ ଚୁମ୍ବନ ଦେଇ ଓ ନଦୀର ପାଣି ପିଇ ଶେଷ ନିଶ୍ୱାସ ତ୍ୟାଗ କରିଛି । ଅନ୍ୟ ଶୂକରମାନେ ନିଜର ପୁରୁଣା ସ୍ୱାଧୀନତା ଫେରିପାଇ ଉଲ୍ଲାସରେ ନୃତ୍ୟ କରିଛନ୍ତି । ଏହି ଗଳ୍ପରେ ପରାଧୀନତାର ଶୃଙ୍ଖଳ ଭାଙ୍ଗି ସ୍ୱାଧୀନତା ଆଡ଼କୁ ଏବଂ ନର୍କତୁଲ୍ୟ ଜୀବନରୁ ନିଜର ଜନ୍ମଭୂମି ସ୍ୱର୍ଗକୁ ଫେରିବାର ଏକ ସଂଘର୍ଷମୟ ଗାଥା ରହିଛି ।

ସେହିପରି ଗାଲ୍ପିକଙ୍କ "ବିଲାତିକୁତ୍ତା" ଅନ୍ୟ ଏକ ଗଳ୍ପ । ଏହି ଗଳ୍ପଟି ଏକ ଟ୍ରେନ୍ ଯାତ୍ରା ସମୟରେ ଘଟିଥିବା ଏକ କୌତୁକିଆ ତଥା ବ୍ୟଙ୍ଗାତ୍ମକ ଘଟଣା ଉପରେ ଆଧାରିତ । ଗାଲ୍ପିକ ଏହି ଗଳ୍ପଟିରେ ସମାଜର ଦୁଇଟି ଦିଗକୁ ଦର୍ଶାଇଛନ୍ତି । ଗୋଟିଏ ପଟେ ଧନୀ ଲୋକଙ୍କର ଅହଂକାର ଏବଂ ଅନ୍ୟପଟେ ଜଣେ ସାଧାରଣ କର୍ମଚାରୀର ଚତୁରତା ବର୍ଣ୍ଣିତ କରାଯାଇଛି । ଏହା ସହ ରେଳବାଇ ନିୟମ ଓ ସାଧାରଣ ଜୀବନର କିଛି କଟୁ ସତ୍ୟକୁ ମଧ୍ୟ ହାସ୍ୟରସ ମାଧ୍ୟମରେ ଉପସ୍ଥାପନ କରାଯାଇଛି ।

ଗାଲ୍ପିକଙ୍କର "ଅରଣ୍ୟର ଅଜଗର" ଗଳ୍ପର ପ୍ରାରମ୍ଭରେ ଅଜଗରକୁ ଅରଣ୍ୟର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ ଭାବେ ଚିତ୍ରଣ କରାଯାଇଛି । ଲେଖକଙ୍କ ଭାଷାରେ, "ତାକୁ ଦେଖିଲେ ମହାବଳ ବାଘ ଡରେ । ହାତୀ ତାର ହାବୁଡରେ ପଡିଲେ ବାଟ ଭାଙ୍ଗି ଚାଲିଯାଏ । ତାର ଦର୍ଶନରେ ଇତର ପଶୁକୁଳ ଭୟରେ ଜଡ ପାଲଟି ଯାଆନ୍ତି । ବିହଙ୍ଗ କୁଳର କଳରବ ନିସ୍ତବ୍ଧ ହୋଇଯାଏ ... ସେ ଅରଣ୍ୟର ଅଜଗର .... ଅରଣ୍ୟର ରାଜା.... ଅରଣ୍ୟର ହର୍ତ୍ତାକର୍ତ୍ତା, ଭାଗ୍ୟ ବିଧାତା ।"(୩) ହଠାତ୍ ଏକ ନଈବଢ଼ିରେ ଭାସିଆସି ଅଜଗରଟି

ISSN NO.
2582-208X

ନନ୍ଦନକାନନ ଅଭୟାରଣ୍ୟର ଏକ ପଞ୍ଜୁରି (ଖୁଆଡ଼) ଭିତରେ ବନ୍ଦୀ ହୋଇଯାଏ । ଯେଉଁ ଅଜଗର ଦିନେ ଅରଣ୍ୟର ରାଜା ଥିଲା, ସେ ଏବେ ଅସହାୟ ହୋଇପଡ଼େ । ଖୁଆଡ଼ ଭିତରେ ତାକୁ ଖାଇବାକୁ ପଚାମାଂସ ଦିଆଯାଏ, ଯାହା ତା'ର ଆତ୍ମସମ୍ମାନ ବା ଅଭିମାନରେ ଶକ୍ତ ଆଘାତ ଦିଏ । ସେ ଜଣେ ଭିକାରି ନୁହେଁ କି ପଚାମାଂସ ପାଇଁ ଜନ୍ମ ହୋଇନାହିଁ । ଏହି ପରାଧୀନତା ତାକୁ ମାନସିକ ଯନ୍ତ୍ରଣା ଦିଏ । ଲେଖକ ଏଠାରେ ଏକ ଅଜଗର ମାଧ୍ୟମରେ ମାନବୀୟ ସ୍ୱାଭିମାନ, ପ୍ରେମ ଏବଂ ପରାଧୀନତାର କାରୁଣ୍ୟକୁ ସୁନ୍ଦର ଭାବେ ଫୁଟାଇଛନ୍ତି । ଶେଷରେ ମୃତ୍ୟୁର ଶୀତଳତା ଓ ଏକ ଅକୁହା ଯନ୍ତ୍ରଣା ଭିତରେ ଗଳ୍ପଟି ସମାପ୍ତ ହୁଏ । ଏହି ଗଳ୍ପରେ ଗୋଟିଏ ମାନବେତର ପ୍ରାଣୀ ଭିତରେ ଦେବତ୍ୱର ମହତ୍ତ୍ୱ ରହିଛି ।

"ମୟୂରୀ ଓ ନାଗକନ୍ୟା" ଗଳ୍ପଟି ଜଣେ ଗାଳ୍ପିକଙ୍କ ଭ୍ରମଣ ଅନୁଭୂତିରୁ ସୃଷ୍ଟି ହୋଇଥିବା ଏକ ଜାଙ୍ଗଲିକ ତଥା ସର୍ପ-କେନ୍ଦ୍ରିକ କାହାଣୀ । ମଧ୍ୟପ୍ରଦେଶର ପଚମଢି ହିଲ ଷ୍ଟେସନରେ ଡଚେସଫଲ ଅଭିମୁଖେ ଲେଖକ ଯାତ୍ରା କରନ୍ତି । ଲେଖକ ଏକ ନାଗୁଣୀକୁ ଦେଖି ପ୍ରଥମେ ଭୟଭୀତ ହେଲେ ମଧ୍ୟ ପରେ ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ନାଗକନ୍ୟାର ପ୍ରେମରେ ପଡିଛନ୍ତି । କ୍ରମେ ଭୟ ଅପସରି ଯାଇଛି – ନାଗୁଣୀ ଦିଶୁଛି ଐଶ୍ୱର୍ଯ୍ୟା ରାୟ ପରି ସୁନ୍ଦର – ନାଗକନ୍ୟାର ପ୍ରେମରେ ବାନ୍ଧି ହୋଇଯାନ୍ତି ଗାଳ୍ପିକ – ତା'ପରେ 'ହାତ ଧରାଧରି ହୋଇ, ଦେହକୁ ଦେହ ଛନ୍ଦି, ନାଚି ନାଚି ଆମେ ଯାଉଥିଲୁ ଝରଣାକୁ । ଝରଣାରୁ ନଦୀକୁ । ନଦୀରୁ ସମୁଦ୍ରକୁ । ସମୁଦ୍ରରୁ ନାଗକନ୍ୟାର ପିତ୍ରାଳୟ ଐଶ୍ୱର୍ଯ୍ୟମୟ ନାଗଲୋକକୁ । "ତା'ପରେ ହଠାତ ମୟୂରୀର ଆବିର୍ଭାବ ଘଟେ । ପ୍ରକୃତିର ନିୟମ ଅନୁସାରେ ମୟୂରୀ ଓ ନାଗକନ୍ୟା ମଧ୍ୟରେ 'ଖାଦ୍ୟ ଓ ଖାଦକ'ର ଏକ ଯୁଦ୍ଧକାଳୀନ ପରିସ୍ଥିତି ସୃଷ୍ଟି ହୁଏ । ଜଣେ ଜଙ୍ଗଲର ରାଣୀ ହେଲେ ଅନ୍ୟଜଣକ ନାଗଲୋକର ରାଜକୁମାରୀ । ସ୍ୱପ୍ନଭରା ବର୍ଣ୍ଣନାରେ ନାଗକନ୍ୟା, ମୟୂରୀ ଉପରେ ବିଜୟ ଲାଭ କରେ । ଏହି ଗଳ୍ପଟିରେ ଅରଣ୍ୟର ଗଭୀର ଅନୁଭୂତି, ସ୍ୱପ୍ନ ପ୍ରବଣତା ଏବଂ କୁହୁକ ବାସ୍ତବତାର ଏକ ନିଖୁଣ ସମନ୍ୱୟ ଦେଖିବାକୁ ମିଳିଛି ।

"ଚିକେନ ଫ୍ଲୁ" ଗାଳ୍ପିକଙ୍କର ଅନ୍ୟ ଏକ ଗଳ୍ପ । ଏହା ଏକ ମର୍ମସ୍ପର୍ଶୀ କାହାଣୀ, ଯେଉଁଥିରେ ମଣିଷର ଅବିଶ୍ୱାସ, ପ୍ରକୃତି ସହ ତାର ସମ୍ପର୍କ ଏବଂ ଏକ ମହାମାରୀର ଭୟାବହ ପରିଣତିକୁ ଦର୍ଶାଯାଇଛି । ହଂକଂ ସହରରେ 'ଚିକେନ ଫ୍ଲୁ' ନାମକ ଏକ ଭୟଙ୍କର ମହାମାରୀ ବ୍ୟାପିଥିଲା, ଯାହା କୁକୁଡ଼ାମାନଙ୍କଠାରୁ ମଣିଷକୁ ସଂକ୍ରମିତ ହେଉଥିବା ସନ୍ଦେହ

ISSN NO.
2582-208X

କରାଯାଉଥିଲା। ଏହି ଗଳ୍ପରେ ଗାଳ୍ପିକ କହିଛନ୍ତି ସମୟ ସମୟରେ ମଣିଷର ଅତ୍ୟଧିକ ଆବେଗ ଓ ବୈଜ୍ଞାନିକ ସତର୍କତାକୁ ଅବହେଳା କରିବା କିପରି ଏକ ହସଖୁସିର ପରିବାରକୁ ଧ୍ୱଂସ କରିଦିଏ ଏବଂ ମହାମାରୀ ସମୟରେ ଅଜ୍ଞତା ଓ ସନ୍ଦେହ କେବଳ ବ୍ୟକ୍ତିକୁ ନୁହେଁ, ବରଂ ସମଗ୍ର ପରିବାରକୁ ମୃତ୍ୟୁ ମୁଖକୁ ଠେଲି ଦେଇଥାଏ ।

"କାଳୀୟ"ଗଳ୍ପରେ ପୁରାଣର ପ୍ରସିଦ୍ଧ 'କାଳୀୟ ଦଳନ' ବୃତ୍ତାନ୍ତକୁ ଏକ ଆଧୁନିକ ଓ ପରିବେଶଭିତ୍ତିକ ଦୃଷ୍ଟିକୋଣରୁ ଉପସ୍ଥାପନ କରାଯାଇଛି । ଗଳ୍ପର ପ୍ରଥମ ଭାଗରେ ଶ୍ରୀକୃଷ୍ଣ କିପରି କାଳିନ୍ଦୀ ହ୍ରଦରେ କାଳୀୟ ନାଗର ଗର୍ବ ଗଞ୍ଜନ କରିଥିଲେ, ତାହାର ବର୍ଣ୍ଣନା ରହିଛି । କିନ୍ତୁ ଏଠାରେ କୃଷ୍ଣ କାଳୀୟକୁ ଜଣେ ଶତ୍ରୁ ନୁହେଁ, ବରଂ ଜଣେ 'ପରମ ଭକ୍ତ' ଭାବେ ଗ୍ରହଣ କରିଛନ୍ତି । ଗୋପବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବା ପାଇଁ ସେ କେବଳ ଏକ 'ମାୟା ନାଟକ' ରଚନା କରିଥିଲେ । ଏହି ଗଳ୍ପରେ ପରିବେଶ ପ୍ରଦୂଷଣ ଏବଂ ମାନବୀୟ ସ୍ୱାର୍ଥପରତା ବିରୁଦ୍ଧରେ ଏକ ଶାଣିତ ସାହିତ୍ୟିକ ସ୍ୱର ବର୍ଣ୍ଣିତ ହୋଇଛି ।

"ଅହି-ନକୁଳ ଉପାଖ୍ୟାନ" ଗଳ୍ପରେ ହିତୋପଦେଶର ସେହି ପ୍ରସିଦ୍ଧ କାହାଣୀ ଯେଉଁଠି ବ୍ରାହ୍ମଣର ଅବିମୃଶ୍ୟକାରିତା ଯୋଗୁଁ ନିଷ୍ପାପ ନେଉଳର ମୃତ୍ୟୁ ହୋଇଥିଲା, ଏହି ଗଳ୍ପଟି ତାର ଏକ ପରବର୍ତ୍ତୀ କାଳ୍ପନିକ ରୂପାନ୍ତର । ଏହି ଗଳ୍ପରେ ଗାଳ୍ପିକ ଦର୍ଶାଇଛନ୍ତି କ୍ଷମା, ଭକ୍ତି ଓ ସାଧୁତା ସବୁଠାରୁ ବଡ଼ ଶକ୍ତି । ଶୟତାନର କୁଟବୁଦ୍ଧି ଓ ପ୍ରତିଶୋଧର ଭାବନା ଈଶ୍ୱରଙ୍କ ଆଶୀର୍ବାଦ ଏବଂ ଜଣେ ସଚ୍ଚୋଟ ବ୍ୟକ୍ତିର ଶାନ୍ତ ସ୍ୱଭାବ ଆଗରେ ସର୍ବଦା ପରାଜିତ ହୁଏ ।

"ନଈ ଆରପାରି" ଗାଳ୍ପିକଙ୍କ ଅନ୍ୟ ଏକ ଗଳ୍ପ । ଏହି ଗଳ୍ପଟି ମଣିଷର ଯାନ୍ତ୍ରିକ ଜୀବନ, ବ୍ୟୁରୋକ୍ରାସିର କଠୋରତା ଏବଂ ନିଜର ପ୍ରକୃତିକୁ ଫେରିଯିବାର ଆବଶ୍ୟକତାକୁ ସୁନ୍ଦର ଭାବେ ଦର୍ଶାଇଛି । ସହରର କପଟତା ଅପେକ୍ଷା ଗାଁର ସରଳତା ଓ ପ୍ରାକୃତିକ ଶାନ୍ତି ମଣିଷକୁ କିପରି ପ୍ରକୃତ ସୁଖ ଦେଇଥାଏ, ଏହା ଗଳ୍ପର ମୂଳ ବାର୍ତ୍ତା। ଗଳ୍ପର ମୁଖ୍ୟ ଚରିତ୍ର ସନାତନ ଜଣେ ସରକାରୀ କର୍ମଚାରୀ, ଯିଏ ନିଜ ଚାକିରି ଜୀବନର ଶେଷ ସମୟରେ ନିଜ ଗାଁ ପାଖକୁ ବଦଳି ହେବା ପାଇଁ ଚେଷ୍ଟା କରୁଛନ୍ତି । ସେ ନିଜ ଝିଅର ବିବାହ ଏବଂ ଭବିଷ୍ୟତ ପାଇଁ ଚିନ୍ତିତ ଥିବାବେଳେ ତାଙ୍କର ଉପରିସ୍ଥ ଅଧିକାରୀ ତାଙ୍କ ପ୍ରତି ଅତ୍ୟନ୍ତ କଠୋର ଓ ଅପମାନଜନକ ବ୍ୟବହାର କରନ୍ତି ।

ISSN NO.
2582-208X

"ଭାଲୁ ବାହାଦୂର" ଗଳ୍ପରେ ମଣିଷ ଓ ପ୍ରାଣୀ ଜଗତ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ, ବିଶ୍ୱସ୍ତତା ଏବଂ ପ୍ରାଣୀମାନଙ୍କର ସହଜାତ ଗୁଣାବଳୀକୁ ନେଇ ରଚିତ । ଗଳ୍ପର ପ୍ରାରମ୍ଭରେ ଲେଖକ ନିଜ ଘରର ପୋଷା କୁକୁର ମରିଯିବା ପରେ ତାର ଦୁଇଟି ଛୁଆ 'ବଳିଆ' (ପରବର୍ତ୍ତୀ ସମୟରେ ଝିଅ ଦ୍ୱାରା ନାମିତ 'ଭାଲୁ') ଏବଂ 'କାଳିଆ' (କାଲୁ) ର ଲାଳନପାଳନ ଭାର ଗ୍ରହଣ କରିଛନ୍ତି। ଦୁଇ ଭାଇଙ୍କ ମଧ୍ୟରେ ବର୍ଣ୍ଣ ଏବଂ ସ୍ୱଭାବରେ ଅନେକ ପାର୍ଥକ୍ୟ ଥିଲା। ଭାଲୁ ବଳୁଆ ଓ ସାହସୀ ଥିବାବେଳେ କାଲୁ ଟିକେ ଦୁର୍ବଳ ଓ ଭୀରୁ ପ୍ରକୃତିର ଥିଲା। ଏହି ଗଳ୍ପଟିରେ ଗାଳ୍ପିକ ଶିକ୍ଷା ଦେଇଛନ୍ତି ଯେ ପ୍ରାଣୀମାନେ ମଣିଷ ଭଳି କପଟୀ ନୁହନ୍ତି; ସେମାନେ ସ୍ନେହ ଓ ବିଶ୍ୱସ୍ତତାର ମୂଲ୍ୟ ବୁଝନ୍ତି ।

"ସାପ ସହ ସାରା ରାତି" ଗଳ୍ପଟି ଗାଳ୍ପିକଙ୍କ ଅନ୍ୟ ଏକ ଗଳ୍ପ । ଏହି ଗଳ୍ପଟି ଏକ ଜାଙ୍ଗଲିକ ଗଳ୍ପ । ଏହି ଗଳ୍ପଟି ମୁଖ୍ୟତଃ ଗ୍ରାମୀଣ ଜୀବନର ଅନ୍ଧବିଶ୍ୱାସ, ମଣିଷର ପ୍ରତାରଣା ଏବଂ ପ୍ରକୃତି (ସରୀସୃପ) ସହ ମଣିଷର ଏକ ଅଦ୍ଭୁତ ସଂଘର୍ଷ ଉପରେ ଆଧାରିତ । ଭୋଳାନାଥଙ୍କ ଘରେ ସାପ ବାହାରିବା ଯୋଗୁଁ ତାଙ୍କ ସ୍ତ୍ରୀ 'ଶୁକୁଟୀ ମା' ଭୟ ଓ କ୍ରୋଧରେ ବାପଘରକୁ ଚାଲିଯିବାକୁ ବସିଛନ୍ତି । ଏହି ପରିସ୍ଥିତିର ସୁଯୋଗ ନେଇ ଗାଁର ରାଧୁ ମିଶ୍ର ଓ ସତିଆ କେଳା ଭୋଳାନାଥଙ୍କୁ ଠକିବାକୁ ଚେଷ୍ଟା କରୁଛନ୍ତି । ସକାଳୁ ଦେଖାଯାଏ ଯେ ଏକ ମାଟିଆ ଢାମଣା ସାପ ଭୋଳାନାଥଙ୍କ ଛାତି ଉପରେ ପଡ଼ିରହିଛି । ମଣିଷ ଓ ସରୀସୃପର ଏହି ଅପୂର୍ବ ଓ ଭୟଙ୍କର ମିଳନ ଦେଖି ଗ୍ରାମବାସୀ ଭୋଳାନାଥଙ୍କୁ ଡାକ୍ତରଖାନା ନେଇଯାଆନ୍ତି । ମଣିଷର ସରଳତା ଏବଂ ସମାଜରେ ଥିବା ଠକାମିକୁ ଦର୍ଶାଇବା ସହ ଜୀବଜନ୍ତୁଙ୍କ ସହ ମଣିଷର ସମ୍ପର୍କକୁ ଏକ ନିଆରା ଢଙ୍ଗରେ ଉପସ୍ଥାପନ କରିଛି ।

"ଯୁଦ୍ଧ ଓ ଶାନ୍ତି" ଗଳ୍ପରେ ଏକ ରେଳ କଲୋନୀର ପରିବେଶରେ ଦୁଇଟି କୁକୁର, କାଳିଆ ଏବଂ କଷରାଙ୍କ ମଧ୍ୟରେ ଲାଗିରହିଥିବା ଦ୍ୱନ୍ଦ୍ୱ ଓ ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ଶାନ୍ତି ଉପରେ ଆଧାରିତ । କାଳିଆ ଏକ ବଳୁଆ ବୁଲା କୁକୁର ହୋଇଥିବା ବେଳେ କଷରା ଲେଖକଙ୍କ ଘର ଭିତରେ ରହୁଥିବା ଏକ କିଶୋର କୁକୁର । ସେମାନଙ୍କ ମଧ୍ୟରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଭୁକାଭୁକି ଓ ଝଗଡ଼ା ହୁଏ, ଯାହା ଲେଖକଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରେ । ଅହଂକାର ଓ ଶକ୍ତିର ଲଢ଼େଇ ଅପେକ୍ଷା ଅସହାୟ ସମୟରେ ଦୟା ଓ ସହାନୁଭୂତି ହିଁ ପ୍ରକୃତ ଶାନ୍ତି ପ୍ରତିଷ୍ଠା କରିପାରେ ବୋଲି ଗାଳ୍ପିକ ଦର୍ଶାଇଛନ୍ତି ।

ISSN NO.
2582-208X

ସାହିତ୍ୟରେ 'ମାନବେତର ଚରିତ୍ର' ର ଉପଯୋଗ କେବଳ ଏକ କଳ୍ପନା ନୁହେଁ, ବରଂ ଏହା ମାନବ ଜୀବନର ଦର୍ଶନକୁ ଗଭୀର ଭାବେ ବୁଝିବାର ଏକ ମାଧ୍ୟମ । ମାନବେତର ଚରିତ୍ରଗୁଡ଼ିକ ସାହିତ୍ୟକୁ କେବଳ ରସାଣିତ କରନ୍ତି ନାହିଁ, ବରଂ ଏହାକୁ ଏକ ସାର୍ବଜନୀନ ରୂପ ପ୍ରଦାନ କରନ୍ତି। ସେମାନେ ମଣିଷକୁ ନିଜ ଭିତରେ ଥିବା ପଶୁତ୍ୱ ଓ ଦେବତ୍ୱକୁ ଚିହ୍ନିବାରେ ସାହାଯ୍ୟ କରନ୍ତି । ତେଣୁ ସାହିତ୍ୟର ବିକାଶ ଓ ମାନବୀୟ ମୂଲ୍ୟବୋଧର ରକ୍ଷା ପାଇଁ ମାନବେତର ଚରିତ୍ରର ଭୂମିକା ଅତୁଳନୀୟ। ଏହି ଚରିତ୍ରମାନେ ସାଧାରଣତଃ ନିଷ୍କପଟ ଓ ସରଳ ହୋଇଥାନ୍ତି । ସେମାନଙ୍କ ମାଧ୍ୟମରେ ଲେଖକ ସମାଜର ଜଟିଳତା, ସ୍ୱାର୍ଥପରତା ଏବଂ ଛଳନାକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରିପାରନ୍ତି। ଅନେକ ସମୟରେ ମଣିଷ ଯେଉଁ ସତ୍ୟ କହିବାକୁ ସଂକୋଚ କରେ, ଲେଖକ ମାନବେତର ଚରିତ୍ର ମାଧ୍ୟମରେ ସେହି କଥାକୁ ଖୁବ୍ ନିର୍ଭୀକ ଭାବେ ଉପସ୍ଥାପନ କରନ୍ତି ।

ପାଦଟୀକା:-

(୧) ସାମଲ ପ୍ରଫେସର ବୈଷ୍ଣବ ଚରଣ, ଓଡିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ, ପୃଷ୍ଠା - ୧୮୨

(୨) ମହାନ୍ତି ଡ଼ ଅଶୋକ, ଷାଠିଏରୁ ସତୁରୀ, ପୃଷ୍ଠା -୬

(୩) ସାହୁ କୃପାସାଗର, ଇତରୀୟ ଉପନିଷଦ , ପୃଷ୍ଠା – ୬୦

ସହାୟକ ଗ୍ରନ୍ଥସୂଚୀ :-

(୧)ସାମଲ ପ୍ରଫେସର ବୈଷ୍ଣବ ଚରଣ, ଓଡିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ, ଫେଣ୍ଡସ ପବ୍ଲିଶର୍ସ , ବିନୋଦବିହାରୀ, କଟକ -୭୫୩୦୦୨ , ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ୨୦୧୫

(୩) ରାଉତ ଡ଼ ଅନାଦି ଚରଣ, ସ୍ୱାଧୀନତା ପରବର୍ତ୍ତୀ ଓଡିଆ କ୍ଷୁଦ୍ରଗଳ୍ପର ମାନବେତର ଚରିତ୍ର – ଏକ ଅନୁଶୀଳନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱର, ପ୍ରଥମ ସଂସ୍କରଣ – ୨୦୧୩

(୪) ସାମଲ ଡ଼ ବୈଷ୍ଣବ ଚରଣ, ଓଡିଆ କ୍ଷୁଦ୍ରଗଳ୍ପର ଇତିହାସ, ବୁକ୍ସ ଏଣ୍ଡ ବୁକ୍ସ, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ ୧୯୯୦

ISSN NO.
2582-208X

(୫) ସାହୁ କୃପାସାଗର, ଷଠୀଘରରୁ ଷାଠିଏ, କୁସୁମିତା ପବ୍ଲିକେସନଶ, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ ୨୦୨୨
(୬) ସାହୁ କୃପାସାଗର, ଷାଠିଏରୁ ସତୁରୀ, କୁସୁମିତା ପବ୍ଲିକେସନଶ, ଲକ୍ଷ୍ମୀସାଗର ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ ୨୦୨୩
(୭) ସାହୁ କୃପାସାଗର, ଇତରୀୟ ଉପନିଷଦ, କୁସୁମିତା ପବ୍ଲିକେସନଶ, ଲକ୍ଷ୍ମୀସାଗର, ଭୁବନେଶ୍ୱର, ପ୍ରଥମ ସଂସ୍କରଣ ମାର୍ଚ୍ଚ ୨୦୧୨
(୮) ପ୍ରଧାନ ଡ଼ କୃଷ୍ଣଚନ୍ଦ୍ର, ଓଡିଆ କଥା କଳ୍ପନାର ଦିଗ ଓ ଦିଗନ୍ତ ସତ୍ୟନାରାୟଣ ବୁକ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ ୨୦୧୦
(୯) ବାରିକ ଡ଼ କବିତା, ଶହେ ବର୍ଷର ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଲେଷଣ, ବିଦ୍ୟାପୁରୀ, କଟକ, ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ଜୁନ୍ ୨୦୧୪
(୧୦) ସାମଲ, ପ୍ର. ବୈଷ୍ଣବ ଚରଣ, ଓଡିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ଫ୍ରେଣ୍ଡସ ପବ୍ଲିଶସ, କଟକ, ପ୍ରଥମ ସଂସ୍କରଣ ୨୦୧୯

((( - )))

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ତକତପୁର, ବାରିପଦା
ମୋବାଇଲ ନମ୍ବର -୭୬୦୮୯୪୧୩୧୧

ISSN NO.
2582-208X

# ଦୁଇଟି କବିତା



ହର ପ୍ରସାଦ ସୁଆର

## ପାଠାଗାର ଆନ୍ଦୋଳନ

ପାଠାଗାର ଆନ୍ଦୋଳନରେ ବଳାଇଥିଲେ ମନ
ପଢ଼ିବା ମାଧ୍ୟମରେ ସମସ୍ତଙ୍କ ଚେତନା ବଢୁ ଏହାଥିଲା ତାଙ୍କ ଚିନ୍ତନ
ନିଜେ ବହି ପଢ଼ ଓ ପଢ଼ାଅ ଥିଲା ତାଙ୍କ ଚେତନାର ପ୍ରତୀକ
ବୃନ୍ଦାବନ ସୁଆର ଥିଲେ ନଅଖଣ୍ଡ ପୁସ୍ତକର ରଚକ ।
ନିଜ ଉଦ୍ୟୋଗରେ ଚଣ୍ଡିପ୍ରସାଦ ପାଠାଗାରର ସ୍ଥାପକ
କବିଚନ୍ଦ୍ର ପାଠାଗାର ଗଢ଼ିବାରେ ଥିଲେ ମୁଖ୍ୟ ପୃଷ୍ଠପୋଷକ
ନିରନ୍ତର ସମାଜସେବା କରିବାରେ ଥିଲା ତାଙ୍କ ମନ
ଉତ୍କଳ ଗୌରବ କବିତାରେ ବଢ଼ାଇଥିଲେ ରାଜ୍ୟର ମାନ ।
ବର୍ଣ୍ଣକ୍ରମରେ ରଚିଲେ ରୀତିକାବ୍ୟ ପତିତପାବନ ଜଣାଣ
ସରଳ ଓ ସଚ୍ଚୋଟପଣିଆ ଥିଲା ତାଙ୍କ ମହାନ ଗୁଣ
ଗୀତିକାବ୍ୟ ଉତ୍କଳ ସମ୍ପଦ ଓ ଗାନ୍ଧୀ କୋଇଲି ଥିଲା ତାଙ୍କ ମହିମ୍ନ
ପାରଳାର କବିଚନ୍ଦ୍ର ସାହିରେ ହୋଇଥିଲା ତାଙ୍କ ଜନ୍ମ ।

## ପାରଳାର ବରପୁତ୍ର ବୃନ୍ଦାବନ ସୁଆର

ଚାନ୍ଦ୍ରମାସ ଊଣେଶିଶହ ପନ୍ଦରରେ
ତୁମେ ଜନମିଥିଲ ପାରଳାରେ,
ଗୋପାଳ ଓ କୃଷ୍ଣବେଣୀଙ୍କ କୋଳରେ

ISSN NO.
2582-208X

ସମସ୍ତଙ୍କ ମନଛୁଆଁ କବି ସୁଆରେ ।
ସବୁଜଯୁଗର କବିଙ୍କ ମଧ୍ୟେ ସ୍ଥାନ
ସତରେ ତୁମରି କୀର୍ତ୍ତି ଆଜି ଅମ୍ଳାନ
ରୀତିକାବ୍ୟ ପତିତପାବନ ଜଣାଣର ରଚକ
ଗୀତିକାବ୍ୟ ଉତ୍କଳ ଗୌରବ ବଡ଼ ମହକ ।
ପାଠାଗାର ଆନ୍ଦୋଳନର କାରୀଗର
ସମାଜସେବାରେ ତୁମ ମନ ନିରନ୍ତର
ପ୍ରଶଂସା, ପୁରସ୍କାରେ ନରଖିଲ ପ୍ରତ୍ୟାଶା
ସତତା ଓ ସତ୍ୟବାଦୀତା ଥିଲା ତୁମ ଭରସା ।
ବନପାଳ ଚାକିରୀରେ ମନ ମଜାଇଲ
ନିଜ ଅଭିଜ୍ଞତା ଉତ୍କଳ ସମ୍ପଦେ ବଖାଣିଲ
ଉତ୍କଳର ମହିମ୍ନ ବର୍ଣ୍ଣନରେ ଆଖି ଖୋଲିଦେଲ
ଜାତୀୟତାବୋଧର ଧ୍ଵଜା ଉଡ଼ାଇଲ ।
ବରପୁତ୍ର ବୃନ୍ଦାବନଙ୍କ ପ୍ରତିମୂର୍ତ୍ତି ଗଢ଼ିବା
ତାଙ୍କରି କବିତ୍ଵର ଧାରାକୁ ଆଗେଇ ନେବା
ଏହାହେବ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧା ସୁମନ
ଯୁବପିଢ଼ି ପ୍ରଭାବିତ ହୋଇ ହେଉଥିବେ ଧନ୍ୟ ।

(((-)))

ଚଳଭାଷ - ୭୫୦୧୭୫୨୪୨୮

ISSN NO.
2582-208X

# ମୋ ଗାଁ



ଡକ୍ଟର ସଂଯୁକ୍ତା ଦାସ

ବିଶାଳ ଏଇ ପୃଥିବୀର
କେଉଁ ଏକ କ୍ଷୁଦ୍ର ଧୂଳିକଣା ପରି
ରହିଛି ମୋହରି ଗାଁ
ଅପରିଚିତ ସିଏ ଭୂଗୋଳ ପୃଷ୍ଠାରେ
ପାଇନାହିଁ ସ୍ଥାନ ଜାତି, ଇତିହାସେ
ଭଗତ ଜନର ସମାହାର ବୋଲି
ଭଗତପୁର - ତାର ନାଁ ।

ମୋ ଗାଁ ରେ ଅଛି କେତେ ଦେବାଳୟ
ଘଣ୍ଟ, କରତାଳ, ଝାଞ୍ଜ, ମୃଦଙ୍ଗ ସମ୍ଭାର
ଶନି, ଶିବ, ପ୍ରଭୁ ଶ୍ରୀଜଗନ୍ନାଥ...
ପାଞ୍ଚଭାଇଆର ପାହାଡ଼ରୁ ଶୁଭେ
ହନୁମାନର ଚାଳିଶା
ଆଧ୍ୟାତ୍ମିକ ଜୀବନର
ସତେ ଅବା ଅଟୁ ତୁହି ପହିଲି ଉଷା ।

ମା କନକଦୁର୍ଗା ବିଜେ ଏଠି, କନକ ଗିରୀରେ
ତାରିଣୀ, ବ୍ରାହ୍ମଣୀ, ମଙ୍ଗଳା, ମାଉସୀ ମା

ISSN NO.
2582-208X

ବୃନ୍ଦାବତୀ ଦେବୀ ଅଛନ୍ତି ଆମ, ଗ୍ରାମ ପରିସରେ ।

ଆମ ଗାଁ ମସଜିଦ ରୁ ଶୁଭେ
"ଆଲ୍ଲା ହୋ ଆକବର ଡାକ"
ଚର୍ଚ୍ଚରେ ନୀରବ ପାର୍ଥନା
ପ୍ରଭୁ ଯୀଶୁଙ୍କ କରୁଣାର କଥା
ସର୍ବ ଧର୍ମ ସମନ୍ୱୟ ଅଟେ, ଆମ ଗ୍ରାମ ପ୍ରଥା ।

ଦୁର୍ଗାପୂଜା, ହୋଲି, ରଜ
ଇଦ, ମୋହରମ, ଅବା ବଡଦିନ
ଉତ୍ସବ ମୁଖର ହୋଇଯାଏ ଆମ ଗ୍ରାମ
ସଭିଏଁ ପାଳନ୍ତି ନିଜ ପର୍ବ ମହା ଆନନ୍ଦରେ
ଭୁଲି ଭେଦ ଭାବ, ମନ ମନାନ୍ତର
ଗାଁ ର ବିପଦେ ଆପଦେ...
ସଭିଏଁ କିନ୍ତୁ ହୁଅନ୍ତି ଠୁଳ , ଲାଗେ ମୋତେ
'ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ପରା ଗୋଟା' ।

କାର୍ତ୍ତିକଶ୍ୱର ମେଳଣରେ ଆମ ଗାଁ ଅମାନିଆଁ ଦଳ
ପାଦ ଟଳମଳ ହୁଏ ସିନା, ନାଚନ୍ତି ସମସ୍ତେ
ବାଦ୍ୟ ସଙ୍ଗେ ରଖି ସମତାଳ ।

ଘୋଡା ନାଚ ଅତିପ୍ରିୟ କୈବର୍ତ୍ତ ମାନଙ୍କ
ଫଗୁ ଖେଳରେ ସାଜନ୍ତି ଗୋପାଳ,
ରାଧା-କୃଷ୍ଣ ବେଶ ।
ମୋ ଗାଁ ରେ ଏବେ ଶୁଭୁନାହିଁ ଶଗଡ଼ର ଘଡ ଘଡ ଶବ୍ଦ
କୃଷକ ସଙ୍ଗୀତ ନାହିଁ, ଆଗଭଳି ସବୁଜିମା ଧାନକ୍ଷେତ
ଚାଳଘର ସବୁ ଗଲାଣି ଉଜୁଡି,

ISSN NO.
2582-208X

ଧାନବେଣୀର ନିଘଞ୍ଚ ଜଙ୍ଗଲରେ
ଶୁଭୁନାହିଁ କପୋତ, ମୟୁର ର ରଡି,
କଳ କାରଖାନା ତାକୁ ନେଇଛି ଆବୋରି
ଆଧୁନିକତାର ମୋହ ରେ
ଆଜି ମୋର ଗାଁ, ଲାଗେ ମୋତେ, ବେଳେବେଳେ
ସକାଳର  ଧବଳ ଟଗର ।

ଆମ ଗାଁ ସୂତାକଳ ଦିନେ ଥିଲା,
ବଞ୍ଚିବାର ରାହା, ଆଶା ଓ ଭରସାର ସାହା,
ହର୍ଷ ଆଉ ଆନନ୍ଦର ମୂଳ,
ଯଉବନରେ କ୍ଷୀର
ଦେଇ-ଦେଇ ଥକିଗଲା ପରେ
ଗାଁ ସୂତାକଳ ଟି ଆଜି ଶୋଇପଡିଛି
କଣଠେସା ହୋଇ, ଗାଁ କଡେ
ଚିରା,ଫଟା, ମଇଳା କମଳଟେ ଘୋଡି
ସତେଅବା, କାଳୀ ବୁଢ଼ୀ ଗାଇଟିଏ ପରି
ଆସନ୍ନ ମୃତ୍ୟୁ ପ୍ରତୀକ୍ଷା ରେ ।

ଶୁଣି ମୁଁ ପାରୁନି ଆଜି ଆଉ,
ଆମ ଗାଁ ଜମିଦାର,
ମଣ୍ଡଳ ବାବୁର  କାହାଣୀ
ଟପ ଟପ ଘୋଡା ଶବ୍ଦ, ଚାକର ବାକର...
ସବୁତ ଯାଇଛି ହଜି ସମୟ ସୁଅରେ
ମୁକସାକ୍ଷୀ ରୂପେ ଦେଖେ
ପୁରୁଣା, ପରିତ୍ୟକ୍ତ ସେଇ କୋଠାଘର ।

ISSN NO.
2582-208X

ଆମ୍ବତୋଟା ଆଜି ଆଉ ନାହିଁ
ଶୁଭୁନାହିଁ କୋଇଲି ସଙ୍ଗୀତ
ଘରଚଟିଆର ଚୁଁ, ଚାଁ ଶବ୍ଦ
ତାଳ ଗଛ ଏଠି ଆଉ ଆଗଭଳି ନାହିଁ
ନାହିଁ, ବାଇଆ ବସାର ଦୋଳି ଖେଳ
ନାହିଁ ପୁଣି ଝଙ୍କାଳିଆ ବରଗଛେ, ବଣି ଚଡେଇର ରାବ
ଆଗଭଳି ଆଜି ଆଉ ନାହିଁ ଖୁଦୁରୁକୁଣୀ,
ଜହ୍ନି ଓଷାର ଚହଳ
ନାହିଁ ପୁଚି, ବୋହୁଚୋରି ଖେଳ
ଗୁଚି, ନଟୁ, ବାଟି ସବୁତ ଯାଇଛି ହଜି
ଦୂରଦର୍ଶନ ପାଖରେ ସମସ୍ତଙ୍କ ଭିଡ଼ ।
ମୋବାଇଲ ମାନିଆଁରେ , ଏବେ ସମସ୍ତେ ମସଗୁଲ
ଆମ ଗାଁର - ଯୁବଦଳ ।

ତଥାପି ଲୋ ଗାଁ, ମୁଁ ତୋତେ ଭାରି ଭଲପାଏ
ଶଙ୍ଖା, ଚୁଡ଼ି, ସିନ୍ଦୁରକୁ ପିନ୍ଧି, ବାପ ଘର ଛାଡ଼ି
ପାଦ ଯେବେ ଥାପିଥିଲି ତୋ ବକ୍ଷରେ
ଠିକଣା ମୋର ବଦଳି ଗଲା,
ତୁ ହେଲୁ ନିଜର ।
ଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହୋଇ
କର୍ମମୟ ଜଞ୍ଜାଳରେ ଅସ୍ତବ୍ୟସ୍ତ ରହି
ତୋ ପାଖକୁ ସଦାବେଳେ ଆସି ପାରେ ନାହିଁ ।
କର୍ମ କ୍ଲାନ୍ତ ଜୀବନକୁ ଛାଡି
ଯେବେ ବି ଆସିଛି, ତୋ ପାଖକୁ
କିଛି କ୍ଷଣ ବିତାଇବା ପାଇଁ...
ଶିହରଣ ଖେଳିଯାଏ, ମନେ ମୋର
ମୋତେ ଉଛନ କରେ,

ISSN NO.
2582-208X

ଏକ ଅବ୍ୟକ୍ତ ଭାବ, ସେତେବେଳେ
ମୁଁ ଆଉ ମୁଁ ହୋଇ ରହେନାହିଁ
ତୁ ପାଲଟି ଯାଉ ଅବିଳମ୍ବେ ମୋର - ଗୋପପୁର ।

ସମସ୍ତଙ୍କ ପରି ମୁଁ ବି ଦିନେ ତୋତେ ଛାଡ଼ି
ଚାଲିଯିବି ଚିର ନିଦ୍ରାକୁ ସାଥେ ନେଇ
ଡୁଗୁରି ପାହାଡ଼ ତଳ ସମସାନ ଘାଟେ
ଖଇ, କଉଡ଼ି ବିଞ୍ଚିହୋଇ ପଡ଼ିଥିବ ଆମ ଗ୍ରାମ ପଥେ
ପବନ ଉଡେଇନେବ, ସମସ୍ତେ ଭୁଲିଯିବେ ମୋତେ ।
ରହିଯିବ କିନ୍ତୁ ଚିରସ୍ଥାୟୀ ହୋଇ ...
ଅଙ୍କିଥିବା ଛବି ତୋର,
ସାଧା କାଗଜରେ, ରଙ୍ଗ ମାରି କଲମ ମୁନରେ
ମୋ ଗାଁର ମହକ, ଗାଁ ମାଟିର ସ୍ୱର,
ତାର ସରଳତା, ଜୀବନ ସମସ୍ୟା
ହସ, କାନ୍ଦ ବ୍ୟଥା,
ସବୁକଥା...
ହେ ପ୍ରିୟ ଗାଁ ମୋର, ତୋ ପାଇଁ
ଏଇ ମୋର ଅଟେ, ଶେଷ ଅଭିଳାଷା ।

(((-)))

ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରଘୁନାଥ ସମବାୟ ମହାବିଦ୍ୟାଳୟ
ଓଡଗାଁ, ନୟାଗଡ଼

ISSN NO.
2582-208X

# ପୁଣି ଥରେ ତମେ ଆସିବା ବେଳକୁ



ବିଶ୍ୱନାଥ କର

ପୁଣି ଥରେ ତମେ ଆସିବା ବେଳକୁ
ଋତୁ କିନ୍ତୁ ବଦଳି ସାରିଥିବ
ପ୍ରେମ ଆଉ ପ୍ରଜାପତି ପଛରେ ଦୌଡି ଦୌଡି
ତମ କ୍ଳାନ୍ତ ସମୟର କୁଢ କୁଢ ଦୁଃଖ
ଅତୀତର ଛାଇରେ ବତୁରି ଯାଇଥିବ ।

ଅତୀତର ଛାଇରେ ହୁଏତ ସନ୍ତୁଳି ହେଉଥିବ
ତମ ମଧୁର ପ୍ରେମିକାପଣ
ଶତ ସୁନାମି କୁ ଛାତିରେ ଯାକି
ପୁଣି ଥରେ ତମେ ଆସିବା ବେଳକୁ
କେତେ ଫୁଲ ଫୁଟି ଝଡି ସାରିଥିବ ।

ଆଜିକାଲି ଜହ୍ନର ଗଜଲ୍ କଥା ଅଲଗା
ଋତୁ ପରିବର୍ତ୍ତନ କଥା ଅଲଗା
ନଈ କୂଳଲଙ୍ଘି ଦୌଡିବା କଥା ଅଲଗା
ମୋ କବିତାରେ ତମେ ନାୟିକା ହେବା କଥା ଅଲଗା ।

ତମେ ଆସିବା ବେଳକୁ
ଜହ୍ନ ହୁଏତ ଆଉ ଗାଉନଥିବ ଗଜଲ୍

ISSN NO.
2582-208X

ନଈ ପାଣିରେ ସୁଅ ନଥିବ
ମୋ କବିତାର ନାୟିକା ହେବା ବେଳକୁ
ମୋ ମୋବାଇଲ୍ ର ନେଟ୍ ପ୍ୟାକ କିନ୍ତୁ ସରିଯାଇଥିବ ।

ଯେଉଁଠି ଦିନେ ଅଳସ ଭାଙ୍ଗୁଥିଲା ଆକାଶ
ଝୁଲନ୍ତା ମଧୁ ମାଳତୀର ପେନ୍ଥା
ତମକୁ ଛୁଇଁବ ଛୁଇଁବ ହେଉଥିଲା
ଲିଭି ଯାଇଥିବ ସେଠାରୁ ଝରା ଋତୁର ପଦଚିହ୍ନ
ବଦଳି ଯାଇଥିବ ଋତୁର ଠିକଣା କିନ୍ତୁ
ପୁଣି ଥରେ ତମେ ଆସିବା ବେଳକୁ ।

(((-)))

ସାଇ କଲୋନୀ, ଦେଉଳ ସାହି,
ତୁଳସୀ ପୁର, କଟକ -୮
ସମ୍ପର୍କ 9776332639

ISSN NO.
2582-208X

# ମାଣ୍ଡବୀ



ଆରତୀ ସାହୁ (ଆଶା)

( ଭାଗ – ୮ )

ନାନୀ ଭୋରରୁ ସମସ୍ତଙ୍କୁ ଉଠେଇ ଦିଏ । ଆଖିରୁ ନିଦ ଛାଡ଼ି ନଥାଏ ଭଲକରି। ମନ ବି ହେଉ ନଥାଏ । ମୁଁ ଓ ଶ୍ରୁତି ସେମିତି ପରସ୍ପର ଜଡ଼େଇ ହେଇ ଶୋଇଥାଉ, ଘାଲେଇ କି । ଉଃ, କି ଶୀତ ଲୋ ମା, ଏମିତି ରେ ବି ନାନୀଟାକୁ ନିଦ ନାହିଁ। କି ସମୟାନୁବର୍ତ୍ତିତା ଓ ନିୟମାନୁବର୍ତ୍ତିତା କିଲୋ ? ମଣିଷ ଶାନ୍ତିରେ ଟିକେ ଶୋଇ ପାରୁ ନାହିଁ ଯା ଦାଉରୁ। ନିଜେ ଶୋଇବନି କି ଆଉ କାହାକୁ ଶୋଇ ଦେବନି । ଛେଃ ..

ଉଠିବାକୁ ପଡ଼ିବ, ନହେଲେ ନାନୀ କୋଉ ଛାଡ଼ିବାର ଜନ୍ତୁ ? ନରମେଇକି ଏମିତି ଶୀତଳ ଦୃଷ୍ଟିରେ ଅନେଇବ ଯେ ....।

ବ୍ରାହ୍ମ ମୁହୂର୍ତ୍ତ ସତରେ ଗଡ଼ି ଗଲାଣି। ବଡ଼ଭାଇ ସୁଲଳିତ ସ୍ୱରରେ ପ୍ରଭାତୀ ଭୈରବୀ ରାଗରେ ସାମଗାନ ଗାଉଛନ୍ତି । କି କୋମଳ ସ୍ୱର। ପାଳିଆ ଧରୁଛନ୍ତି ଅନ୍ୟମାନେ । ତା ଅର୍ଥ – ସେମାନଙ୍କର ସବୁ ନିତ୍ୟକର୍ମ ସରିଲାଣି। ଅଳ୍ପ ସମୟ ପରେ ଯଜ୍ଞାହୂତି ଦେଇ ପ୍ରସ୍ତୁତ ହେବାକୁ ପଡ଼ିବ ଯାତ୍ରା ନିମନ୍ତେ।

ଉଠି ଭୂମି ପୂଜନ ଓ କର ଦର୍ଶନ ପରେ ବାହାରକୁ ଆସିଲି । ଶୀତର ପରାକ୍ରମ ସରି ନଥାଏ । ଗଛ ପତ୍ର ବି କୁଙ୍କୁରି କାଙ୍କୁରି ହେଉଥାନ୍ତି। ଆକୁଳ ହେଇ ପ୍ରାଚୀ ଆକାଶକୁ ଆଶାୟୀ ଆଖିରେ ଅନେଇ ରହିଛନ୍ତି ସମସ୍ତେ। ସୂର୍ଯ୍ୟଙ୍କ ଆଗମନୀର ପସରା ମେଲି ଶିଶିର ମୁକ୍ତା ଗୁନ୍ଥୁଛନ୍ତି । କେତେବେଳେ ସୂର୍ଯ୍ୟ ଦେବ ତାଙ୍କର ସାତରଙ୍ଗୀ ସପ୍ତାଶ୍ୱ ବାହିନୀ ରଥରେ

ISSN NO.
2582-208X

ବିଜେ ହେବେ, ସୁନେଲୀ କିରଣ ରୂପୀ ଜୀବନ ବିଞ୍ଚି ଦେବେ ଶୀତଳି ଯାଇଥିବା ଧରଣୀ ରାଣୀର ଛାତି ଉପରେ। ଜୀବନ ପାଇବ ଜୀବ ଜଗତ, ଆହାର ପାଇବ ପାଦପ ଜଗତ।

କୁଡ଼ିଆ ମାନଙ୍କୁ ଘେରି ଠାଁକୁ ଠାଁ ନିଆଁ ଜଳୁଛି ଉଷ୍ଣୁମ ପାଇଁ ଓ ହିଂସ୍ର ଜୀବଜନ୍ତୁଙ୍କୁ ଦୂରେଇ ରଖିବା ପାଇଁ।

ମୋତେ ଆଶ୍ଚର୍ଯ୍ୟ ଲାଗିଲା, ଅନେକ ଜୀବଜନ୍ତୁ ଆସି ମେଳି କରିଛନ୍ତି ନିଆଁ ଠାରୁ ସୁରକ୍ଷିତ ଦୂରତା ରଖି । କାନେଇ ଶୁଣୁଛନ୍ତି ମଧୁର ସାମ ଗାୟନ। ହଜି ଯାଇଛନ୍ତି, ମଜ୍ଜି ଯାଇଛନ୍ତି। ସତରେ ସଙ୍ଗୀତ ଦ୍ୱାରା ବନ୍ୟ ପ୍ରାଣୀ ମାନେ ମଧ୍ୟ ବଶ ହୁଅନ୍ତି, ସେ ପୁଣି ପୁରୁଷ ଶ୍ରେଷ୍ଠ ଶ୍ରୀରାମଙ୍କ କଣ୍ଠରୁ।

ହଁ ଏଇଥିରୁ ମନେ ପଡ଼ିଲା । ଦିନେ ଆମେ ଚାରି ଭଉଣୀ ଓ ସଖିମାନେ ମିଶି ନଈକୂଳର ଏକ ମସୃଣ ଶୀଳା ଉପରେ ବସି ଦିପହର ନୁଆଁଣିଆ ଖରା ଖାଇ ଖାଇ ଖୁସିଗପ କରୁଥାଉ। ନିରାପଦ ସ୍ଥାନ ଜାଣି କୌଣସି ପୁରୁଷ ଲୋକ ପାଖରେ ନ ଥାନ୍ତି । ଏମିତି ମଧ୍ୟ ଜାଗାଟା ଜନ ବସତି ଠାରୁ ଅନତି ଦୂରରେ ଥିଲା। ଆଖପାଖରେ ସ୍ଥାନୀୟ ସ୍ତ୍ରୀ ଲୋକ, ପୁରୁଷ ଲୋକ, ପିଲା ପିଚିକା ଚଳ ପ୍ରଚଳ ହେଉଥିଲେ।

- ଆଲୋ, ବଡ଼ ନାନୀ କୁଆଡ଼େ ଗଲା? ନିଦରୁ ଉଠିଲା ପରି ଚମକି ଉର୍ମିଳା କହିଲା।

- ହେସ୍, ଦିନ ଦିପହରଟାରେ ଭି ସପନଉଛୁ କିଲୋ ? ହେଇ ସେ ଲତା ଉହାଡ଼କୁ ଯାଇଥିବ କଣ ପାଇଁ। ମଣିଷ କଣ ସବୁକଥା କହିକି କରିବ ?

ନାନୀ କିନ୍ତୁ ସତରେ ନଥିଲା । ବହୁତ ସମୟ ହେଇଗଲା ସେ ଯିବାର । ଆମକୁ କୋକୁଆ ଭୟ ଖାଇଲା। ଡରରେ ଛାତି ଧଡ଼ ଧଡ଼ ହେଲା । ବେଳ ଗଡ଼ିଲାଣି । ଗଲା କୁଆଡ଼େ ନାନୀଟା । ସେ ତ ଏମିତି ଓଲଟା କାମ କେବେ କରେ ନାହିଁ ।

ଏମାନଙ୍କୁ( ପୁରୁଷ ଲୋକଙ୍କୁ ) ସବୁ କହିବାକୁ ଡର ଲାଗୁଛି । ଶଙ୍ଖି ମାଉସୀ ପାଖରେ ଥିଲେ ଏମିତି ବିପଦ ଜମା ଆସି ନଥାନ୍ତା । ସେ ତ ଗୋଡ଼େ ଗୋଡ଼େ ଜଗିବା

ISSN NO.
2582-208X

ଲୋକ। ବିଚାରୀର ଅଣ୍ଟାରେ ରକ୍ତ ପଶି ଯାଇଛି ଯେ , ଔଷଧର ଉଷୁମ ଲେପ ନେଇ କୁଡ଼ିଆ ଭିତରେ ପଡ଼ିଛି। ଆଗକୁ ଲମ୍ବା ଏକଲାଗ ଯାତ୍ରା।

ଶେଷରେ ମୁଁ ହିଁ ଗଲି ଭରତଙ୍କ ପାଖକୁ । ଡରିହରି ସବୁ କଥା କହିଲି । କ୍ଷଣକ ଭିତରେ ଚାରିଭାଇ ଓ କିଛି ସୈନିକ ବାହାରି ପଡ଼ିଲେ, ଦୁଇ ଚାରି ପାଦ ଯାଇଛନ୍ତି କି ନାହିଁ, ନାନୀ ଗୋଟେ ସୁନା ରଙ୍ଗର ଓଦା ଜୁଡୁବୁଡୁ ହରିଣ ଛୁଆ ଧରି ହାଜର। ସେ ନିଜେ ବି ଓଦା ହେଇ ଛିଙ୍କୁଥାଏ ।

ବଡ଼ ଭାଇ କିଛି କହିବା ପୂର୍ବରୁ ଲକ୍ଷ୍ମଣଙ୍କ ତୀକ୍ଷ୍ଣ ବ୍ୟଙ୍ଗାତ୍ମକ ସ୍ୱର ଶୁଭିଲା।

- ଭାଉଜ, ତୁମର ଏଇ ପଶୁପକ୍ଷୀ ପ୍ରେମଟା ଦେଖୁଛି, ଆମକୁ ଦିନେ ବଡ଼ ଅସୁବିଧାରେ ପକେଇବ ।

କେତେ ସତକଥାଟା ତାଙ୍କ ପାଟିରୁ ବାହାରି ଯାଇଥିଲା। ନାନୀର ପଶୁପକ୍ଷୀ ପ୍ରେମ ଓ ତାର ବିଷମ ଫଳାଫଳ ବିଷୟରେ ତ ଜନ ଜଗତ୍ର ବିଦିତ। ପଶୁ ପକ୍ଷୀ ମାନେ ନାନୀର ବଡ଼ ଦୁର୍ବଳତା ଥିଲେ। ବଡ଼ ବାପା ଖାସ୍ ତା ପାଇଁ ଛୋଟ ଅଭୟାରଣ୍ୟଟିଏ କରେଇଥିଲେ, ଆମର ପୁଷ୍ପ ବାଟିକା ପାଖରେ।

- ଆଉ ? ନିରୀହ ହରିଣୀ ଛୁଆଟା ଭାସି ଯାଉଥିଲା ଯେ ନଈରେ । ତା ମାଆ କେତେ ବିକଳ ହେଇ କାନ୍ଦୁଥିଲା । ନିରୀହ ଭାବରେ ଉତ୍ତର ଦେଲା ସେ।

ହରିଣ ଛୁଆର ପ୍ରାଥମିକ ଚିକିତ୍ସା କରିସାରି ତା ମାଆ ପାଖରେ ଛାଡ଼ି ଦିଆଗଲା । ସେ ବି ନାନୀକୁ ବୁଲି ବୁଲି ଅନେଇ ତା ମାଆ ପାଖକୁ ଡିଆଁ ମାରି ଚାଲିଗଲା।

ଆମେ ସମସ୍ତେ ନିତ୍ୟକର୍ମ ସାରି ପ୍ରସ୍ତୁତ ହେଇଗଲୁ। ଏଇଟା ବୋଧେ ଅନ୍ତିମ ଠାବ। ଆଜି ବେଳବୁଡ଼ ପର୍ଯ୍ୟନ୍ତ ଅଯୋଧ୍ୟା ପହଞ୍ଚିଯିବାର ଅନୁମାନ କରା ଯାଇଥିଲା। ତେଣୁ ଶୀଘ୍ର ବାହାରି ବାକୁ ପଡ଼ିବ।

ପାଲିଙ୍କି ସବୁ ଉଠିଲା। ଘୋଡ଼ା ସବୁ ଟପ୍ ଟପ୍ ଓ ରଥ ସବୁ ଗଡ଼ ଗଡ଼ ଘର୍ଘର ଶବ୍ଦ କରି ଆଗେଇ ଚାଲିଲେ। ଯେତେଦୂର ସମ୍ଭବ ପାଲିଙ୍କି ଆଉ ନ ରଖିବାକୁ ଆଦେଶ ଦିଆ ଯାଇଥିଲା। ଆବଶ୍ୟକୀୟ ଖାଦ୍ୟ ପାନୀୟ ଯଥେଷ୍ଟ ପରିମାଣରେ ପାଲିଙ୍କି ଭିତରେ ରଖା

ISSN NO.
2582-208X

ହେଇଥିଲା। କେବଳ ଅତ୍ୟାବଶ୍ୟକ କ୍ଷେତ୍ରରେ ପାଲିଙ୍କି ରହିବ। ମୁଁ ଆଉ ଶ୍ରୁତି ଏଥର ଗୋଟିଏ ପାଲିଙ୍କି ଭିତରେ ବସିଥିଲୁ। ନହେଲେ, କଥାବାର୍ତ୍ତା ନ ହେଇ ମଣିଷ ମରିବ ନା କ'ଣ। କେତେ ପୁସ୍ତକ ପଢ଼ିବ ଯେ ? ପୁଣି ପୁସ୍ତକରେ ମୋର ଯେଉଁ ରୁଚି ।

ଅଯୋଧ୍ୟା ନଗରୀ ପହଞ୍ଚିଲା ବେଳକୁ ସଞ୍ଜ ଗଡ଼ି ଗଲାଣି। ଦୂରରୁ ମୋ ସ୍ୱପ୍ନର ନଗରୀ ଖୁବ୍ ସୁନ୍ଦର ଦେଖା ଯାଉଥାଏ। ବେଶ୍ ଯୋଜନାବଦ୍ଧ ଆଉ ସୁସଜ୍ଜିତ ନଗରୀ, ସାକେତ ନଗରୀ। ସରଜୁ ନଦୀ କୂଳରେ ପ୍ରଥମେ ଆମର ପଟୁଆର ରହିଲା। ଅଯୋଧ୍ୟାର ଜୀବନ ରେଖା, ଖାଦ୍ୟ ପାନୀୟ ଦାୟିନୀ ପୁଣ୍ୟତୋୟା ସରଜୁ ନଦୀ। ଆମକୁ ସ୍ୱାଗତ ଜଣେଇବା ପାଇଁ ଅତ୍ୟନ୍ତ ସୁବ୍ୟବସ୍ଥା ହେଇଥାଏ। ଆମେ ଆସିବା ପୂର୍ବରୁ ଚର ଆସି ଆମ ଆଗମନର ସୂଚନା ଦେଇଥାଏ ଆଗତୁରା।

ସୁନ୍ଦରୀ ମାନେ ବସ୍ତ୍ର ଆଭୁଷଣରେ ସୁସଜ୍ଜିତା ହେଇ ମଙ୍ଗଳଗାନ କରୁଥାନ୍ତି । ଭେରୀ, ତୁରୀ, ମହୁରୀ, ଢୋଲ, ମୃଦଙ୍ଗ, ଶଙ୍ଖ, ହୁଳହୁଳିରେ ସ୍ଥାନଟା ପ୍ରକମ୍ପିତ ହେଉଥାଏ। ସୁଗନ୍ଧଯୁକ୍ତ ପୁଷ୍ପ ବର୍ଷା ହେଉଥାଏ ଆମ ଉପରେ। ଦୀପ ମାଳାରେ ରାସ୍ତାଘାଟ, ମହଲ ,ଅଟ୍ଟାଳିକା ସବୁ ଝଲସୁ ଥାନ୍ତି। ଦୀପ ମାନଙ୍କ ପ୍ରତିଫଳନରେ ସରଜୁର ପବିତ୍ର ଜଳ ଭେଳେକା କରୁଥାଏ ଆମକୁ ।

ଆମେ ବର୍ତ୍ତମାନ ବରକନ୍ୟା ଯୋଡ଼ି ହେଇ ଆଗକୁ ଯାତ୍ରା କରିବୁ। ପ୍ରଥମେ ସରଜୁ ନଦୀର ପବିତ୍ର ଜଳକୁ ପ୍ରଣାମ କରି ଆଚମନ କଲୁ । ପ୍ରଥମେ ନାନୀ ଓ ଭାଇ, ତାପରେ ମୁଁ ଓ ଭରତ, ତାପରେ ଯଥାକ୍ରମେ ଲକ୍ଷ୍ମଣ ଓ ଉର୍ମି ଏବଂ ଶତ୍ରୁଘ୍ନ ଓ ଶ୍ରୁତି। ଏଠାରେ ବି ମୋର ରସିକ ପ୍ରବର ବାଦ୍ ଗଲେ ନାହିଁ। ମୋ ବାହୁକୁ କେହି ନ ଦେଖିଲା ପରି ଏମିତି ଯୋରରେ ଚିମୁଟି ଦେଲେ ଯେ । ଆଉ ମୁଁ କି ଛାଡ଼ିବା ପିଲା, ତାଙ୍କର ବାମ ପଟ ପେଟରେ ଦେଲି ମୋର ଡାମ୍ପଣ ପରି ନଖ ଖେଞ୍ଚି ଯେ ଉଃ ଆଃ କରି ଉଠିଲେ ସେ।

- କଣ ହେଲା କି ଭରତ ଭାଇ ? ପଛରେ ଥିବା ଲକ୍ଷ୍ମଣ କହି ଉଠିଲେ।

- ନା ମ , ଜନ୍ଦା କି ପିମ୍ପୁଡ଼ିଟେ କାମୁଡ଼ି ଦେଲା।

- ଭାଇ, ତମକୁ ଆଜିକାଲି ବହୁତ ଜନ୍ଦା ପିମ୍ପୁଡ଼ି କାମୁଡୁଛନ୍ତି ହେ। ମିଥିଳା ରେ ଅଧିକ ମିଠା ଖାଇ ଦେଇଛ ବୋଧେ।

ISSN NO.
2582-208X

ଇଆଡ଼େ ସରଜୁର ନିର୍ମଳ ଜଳ ତ ସିଆଡ଼େ ଭାଇ ମାନଙ୍କର ଓ ଆମ ଭଉଣୀ ମାନଙ୍କର ନିଶ୍ଚଳ ପ୍ରେମ ବହି ଯାଉଥିଲା, କଳକଳ ଛଳଛଳ, ଅବିରତ। ଆମର ରଥ ଧିରେ ଧିରେ ଗଡ଼ି ଚାଲିଥିଲା ଅଯୋଧ୍ୟାର ସୁସଜ୍ଜିତ, ଆଲୋକିତ ମୁଖ୍ୟ ରାଜପଥରେ। ବାଟ ସାରା ଫୁଲ ବିଛୁଡ଼ି ହେଇ ପଡ଼ି ଥାଏ।

ତିନି ସୁନ୍ଦରୀ ଶାଶୁ ମାଆ ମାନେ ସିଂହଦ୍ୱାର ପାଖରେ ଆମର ବନ୍ଦାପନା ନିମନ୍ତେ ବନ୍ଦାଣ ଥାଳି ଧରି ଠିଆ ହେଇଥାନ୍ତି। ମୁଁ ଆଶ୍ଚର୍ଯ୍ୟ ହେଇ ଯାଉଥାଏ, ଏମାନେ ସବୁ କି ଅମୃତ ପ୍ରଲେପ ଲଗାଉଛନ୍ତି ଯେ ଏପର୍ଯ୍ୟନ୍ତ ତାଙ୍କୁ ବୟସ ଛୁଇଁ ଯାଇନାହିଁ ଯେମିତି।

ମୋର୍ ଛାତି ଥରୁଥିଲା, ନୂଆ ଘର, ନୂଆ ପରିବେଶ, ନୂଆ ଲୋକ । ମୁଁ ସେଥିପାଇଁ ଯୋଗ୍ୟ ବିବେଚିତ ହେଇ ପାରିବି ତ ?

ହେ ମାଆ ଜଗଜ୍ଜନନୀ, ମୋତେ ଏଥିରେ ଉତ୍ତିର୍ଣ୍ଣ କରିବୁ ମାଆ। ମୁଁ ସମସ୍ତଙ୍କ ତୁଳନାରେ ଟିକେ ଓଲେଇ ବାଉଳି ପରି ଓ ଫୁଲାଫାଙ୍କିଆ ସ୍ୱଭାବର ଥିଲି। କୌଣସି ଦାୟିତ୍ୱ କେବେ ନେଇ ନାହିଁ। କୋଉଥିରେ ମୁଁ ସେତେଟା ସଜାଗ ନଥିଲି। ହଅ, ମୋ ମୁଣ୍ଡ ଏତେ କାହିଁକି ବଥଉଛି ଯେ, ନାନୀ ତ ଏଠି ବି ବଡ଼ । ସେ ସମ୍ଭାଳି ନେବନି ନା । ତାର ଛତ୍ରଛାୟା ତଳେ ସେଠାରେ ଯେମିତି ରହୁଥିଲି ଏଠାରେ ବି ତ ସେମିତି। ସେଇ ସବୁ ବୁଝିବ ବଳେ।

ମନଟା ହାଲକେଇ ଯାଉଥିଲା। ଅଦୃଷ୍ଟ କିନ୍ତୁ ଉପରେ ଥାଇ ହସୁଥିଲା ବିକଟାଳ ହସ......

କ୍ରମଶଃ ......

(((-)))

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସତ୍ୟ ସନାତନ
# ଗରୁଡ଼ାସନ



ଡ. ଅର୍ଜୁନ ଚରଣ ବାରିକ୍

ସତ୍ୟ ସନାତନ ଗରୁଡାସନ ।
ରବି ସୂତ ଦଣ୍ଡ କରେ ଖଣ୍ଡନ ।।
ବନମାଳି ହରି ଯଦୁ ନନ୍ଦନ ।
ସକଳ ପ୍ରାଣୀର ହୃଦେ ଜୀବନ ।।
ନମାମି ଗୋବିନ୍ଦ ହେ ନାରାୟଣ ।
ମନ ଜପ ହରେ ରାମ ଶ୍ରୀକୃଷ୍ଣ ।।
ତରକକୁ ଦୂର ମଧୁସୂଦନ ।
ବକାରି କଂସାରି କଳା ବାମନ ।।
ରୁଦ୍ର ଯାଙ୍କୁ କରୁଛନ୍ତି ଭଜନ ।
ଥିଲେ ରହି ସଦା ତା ସନ୍ନିଧାନ ।।
ନୀଳମଣି କରୁଥାନ୍ତି କଲ୍ୟାଣ ।
ଏମନ୍ତ ଦେବ ନାହିଁ ତ୍ରିଭୁବନ ।।
କାଳ ପରେ ମହାକାଳ ମୋହନ ।
ଦୟଣା ମାଳିଆ ନନ୍ଦ ନନ୍ଦନ ।।
ଶିରେ ମୟୂର ଚୂଳ ଶୋଭାବନ ।
ରମଣୀ ରସିଆ ଯଶୋଦା ନାନ ।।
ଉପେନ୍ଦ୍ର ଇନ୍ଦ୍ରାବରଜ ଶ୍ରୀକୃଷ୍ଣ ।
ପତିତ ପାବନ ଜଗ ମୋହନ। ।।
ବାଳ ମୁକୁନ୍ଦ ଙ୍କୁ କର ଭାବନ ।
ସରିତ କରୁଣାର ସ୍ମର ମନ ।।

ISSN NO.
2582-208X

ଏତ ପରଂ ବ୍ରହ୍ମ ଗରୁଡାସନ ।
ପିବ ନାମାମୃତ କରି ଯତନ ।।
ରିଷ୍ଟ ହେବ ନାଶ ସତ୍ୟ ବଚନ ।
ଲୟ ଲଗା ମନ କଞ୍ଜ ଚରଣ ।।
ତେପନ ତିନି ଭୋଗୀ ସେ ଶ୍ରୀକୃଷ୍ଣ
ରମା ରମଣ କରିବେ କାରଣ ।।

(((-)))

ଗ୍ରାମ ମହୁ, ଡାକ ମହୁ, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# କଟକ ସହର



ସନାତନ ମହାକୁଡ଼

ମହାନଦୀ କୂଳେ ବିରାଜିତ,
ଇତିହାସର ଗରବ ଧରି,
କଟକ ନାମରେ ଚମକୁଛି
ଆମ ପୁରୁଣା ସହର ଭାରି।

ରୂପା ତାରକସୀ କଳା କାମ
ସଭିଙ୍କୁ କରଇ ଆକର୍ଷିତ,
ବାରବାଟୀର ଗାରିମା ମଧ୍ୟ
ଇତିହାସକୁ କରେ ସ୍ମରିତ।

ଦୁର୍ଗା ପୂଜା ଆଲୋକ ମାଳାରେ
ସହର ହୁଏ  ଖୁବ୍ ରଙ୍ଗିନ,
ଚଉଦିଗର ଖୁସିର ଧାରା
ମନକୁ କରେ ମଧୁରେ ଲୀନ।

ମହାନଦୀ ଆଉ କାଠଯୋଡ଼ି
ଜଳ ତରଙ୍ଗ ନାଚେ ମଧୁର,

ISSN NO.
2582-208X

ବାଇମୁଣ୍ଡିଙ୍କ ସେନେହ ଗନ୍ଧ
ହୃଦୟକୁ କରେ ଭରପୂର ।

ଏହି ସହର ଗର୍ବ ଆମର
ସଂସ୍କୃତିର ଏକ ଅଳଙ୍କାର,
କଟକ ନାମ ଶୁଣିଲେ ମନେ
ମନେ ଜାଗଇ ଗର୍ବ ଅପାର।

(((-)))

ଗ୍ରାମ /ପୋ ଅ-ବେରୁଆଁବାରୀ ୭୫୨୦୮୨
ଜିଲ୍ଲା- ନୟାଗଡ଼ , ଓଡିଶା
ଦୂରଭାଷ- ୯୩୩୯୭୧୦୧୬୮
ଇମେଲ- sanmahakud@gmail.com

ISSN NO.
2582-208X

# ସୁଖ ମିଳେ କଲେ ଚାକିରୀ ?



କାର୍ତ୍ତିକେଶ୍ୱର ନାୟକ

ଚାକିରି ର ଅର୍ଥ
ନୌକରୀ ...
ବେତନ ଭୋଗୀ ସେ ସରକାରୀ
ପ୍ରତିମାସ ଖର୍ଚ୍ଚ ନ ବଳିଲେ ନାହିଁ
ଭାବ ମୂର୍ତ୍ତି ସଦା ଶାନ୍ତି ଭାରି ।

ଯେ, କରିଛି ବାବୁ ଚାକିରୀ
ଜୀବନ ସାରା ତା, ଉଧାରି
ସବୁଠି ନ ଥାଏ, ଉପୁରି
ବେତନ କୁ ନେଇ ସଂସାର ଚାଲିଛି
ଦୁଃଖ କମ୍ ସୁଖ ସଫାରୀ ।

ବାହାରକୁ ବାବୁ ସଂସ୍କାରୀ
ବଜାରକୁ ଗଲେ ବେପାରୀ
ଶହେ ମୂଲ ଚାଲ ସତୁରୀ
ଛ,ମାସ ପରେ ଥରେ ଟଙ୍କା ଦିଏ
ମନା ହେଲା ତେଣେ ଉଧାରି ।

ISSN NO.
2582-208X

ଶ୍ରୀମତୀ କହିଲେ, ଶୁଣୁଛ
ଛଅ ମାସ ହେଲା ରଙ୍ଗ ଗଲା ଛାଡ଼ି
ଶାଢ଼ୀ ଖଣ୍ଡେ କେବେ କିଣୁଛ ?
ଆଜିକାଲି କହି, ଦିନ ଗଡାଉଛ
ମୋ ମନଟା ଗଲାଣି ବିଗିଡ଼ି ।

ଧନୀ ହେବା ନିଶା, ବେମାରୀ
ମାସ ଶେଷ ବେଳେ, ହାତ ଖାଲି ହୁଏ
କେହି ନୁହେଁ ତା'ର ଭଗାରି
ରାମ ବାବୁଙ୍କର ଚାକିରି ।

ଯେଉଁ ଚାକିରିରେ ଉପୁରି
ଯେତେ ଜମାରାଶି ସଞ୍ଚି ରଖିଥିଲେ
ଭିଜିଲାନ୍ସ ପାଖେ ଧରହୁଏ ଶେଷେ
ମୂଳ ସୁଧ ଯାଏ ବେକାରୀ ।

(((-)))

ବୌଦ୍ଧ/ମୋ: ୭୯୭୮୧୨୮୩୫୩

ISSN NO.
2582-208X

# ଓଡ଼ିଶାରେ ମୁକ୍ତ ସଂଗ୍ରାମ ଓ ମହାନ ବିପ୍ଳବୀ ସରଳା ଦେବୀ



ଡକ୍ଟର ଦୀପ୍ତିମୟୀ ସାହୁ

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସ ପ୍ରସିଦ୍ଧ । ମୁକ୍ତିସଂଗ୍ରାମର ଦୀର୍ଘ କାଳଖଣ୍ଡରେ ଅଗଣିତ ଦେଶପ୍ରେମୀ ନର-ନାରୀ ସ୍ୱ-ସୁଖକୁ ଜଳାଞ୍ଜଳି ଦେଇ, ଜାତୀୟତାର ବହ୍ନିରେ ନିଜକୁ ନିର୍ବାପିତ କରିଦେଇଥିଲେ । ଏହିପରି ଜଣେ ମହିୟସୀ ନାରୀ ସଂଗ୍ରାମୀ ଥିଲେ ଓଡ଼ିଶାର ସରଳାଦେବୀ । ଆଶ୍ଚର୍ଯ୍ୟର କଥା ଯେ, ସରଳା ଦେବୀ ଏମିତି ଜଣେ ସ୍ୱାଧୀନତା ସଂଗ୍ରାମୀ ଭାରତୀୟ ମୁକ୍ତି ଆନ୍ଦୋଳନରେ ବଳିଷ୍ଠ ଭୂମିକା ଗ୍ରହଣ କରି ପ୍ରଥମେ କାରାବରଣ କରିଥିଲେ । ସର୍ବଭାରତୀୟ ସ୍ତରରେ ଗାନ୍ଧୀଜୀଙ୍କ ଆଦର୍ଶ ପଥରେ ପଥୁକିନୀ ସାଜି ତତ୍କାଳୀନ ସମୟରେ ଚର୍ଚ୍ଚିତ ନାରୀ ବିପ୍ଳବିଣୀ ସରଳା ସଂଗ୍ରାମ ଭୂମିରେ ଅବତୀର୍ଣ୍ଣ ହୋଇଥିଲେ । ସହସ୍ରହସ୍ତା ହୋଇ ସମାଜ ସଂସ୍କାରଠାରୁ ନାରୀ ଜାଗରଣ, ବ୍ୟକ୍ତିଗତ ସତ୍ୟାଗ୍ରହ ପର୍ଯ୍ୟନ୍ତ ପ୍ରଚଣ୍ଡ ସଂଗ୍ରାମୀ ବ୍ୟକ୍ତିତ୍ୱର ପରିଚୟ ଦେଇଥିଲେ । ଭାରତମାତାଙ୍କୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ସରଳା ଦେବୀଙ୍କ ବଳିଷ୍ଠ ଅବଦାନ ଅବିସ୍ମରଣୀୟ । ସମଗ୍ର ଜୀବନ ଯାହାର ତ୍ୟାଗ, କରୁଣା, ବିପ୍ଳବ ଓ ସଂଘର୍ଷର ଗାଥା ଶୁଣାଏ, ସେହି ଯଶସ୍ୱିନୀ ମହୀୟସୀ ନାରୀ ସଂଗ୍ରାମୀଙ୍କ ବ୍ୟକ୍ତିତ୍ୱର ଆକଳନର ସାମାନ୍ୟ ପ୍ରୟାସ ମାତ୍ର ଏଥିରେ ହୋଇଛି ।

ଭାରତୀୟ ସଂସ୍କୃତିରେ ନାରୀ ଶକ୍ତି ଓ ଶୌର୍ଯ୍ୟର ପ୍ରତୀକ । ଭାରତମାତାର ପରାଧୀନତା-ଶୃଙ୍ଖଳରେ ବନ୍ଦିନୀ ରୂପକୁ ତା'ର ତନୟା ଅବା ସହ୍ୟ କରିପାରିଥା'ନ୍ତା କିପରି ! ମାତୃଭୂମିକୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଭାରତୀୟ ବୀରାଙ୍ଗନାଙ୍କ ତ୍ୟାଗ, ନିଷ୍ଠା, ଦେଶପ୍ରାଣତାର ପରିଚୟରେ ଇତିହାସ ଆଜିବି ମହିମାମୟ । ଏହି ମହୀୟସୀ ଜନନୀକୁଳଙ୍କ ମଧ୍ୟରେ ଯେ ନିଜ ଜୀବନକୁ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାରେ ତିଳତିଳ

ISSN NO.
2582-208X

କରି ନିର୍ବାପିତ କରିଥିଲେ, ସେ ଥିଲେ ଓଡ଼ିଶାର ବର-ପୁତ୍ରୀ ମାଆ ସରଳା ଦେବୀ । ଗାନ୍ଧୀଙ୍କ ଭାବାଦର୍ଶକୁ ପାଥେୟ କରି ଅଗଣିତ ଅସୂର୍ଯ୍ୟଂପଶ୍ୟା ନାରୀ ଜାତିକୁ ମୁକ୍ତିର ନବ-ରବି-କିରଣରେ ଆଲୋକିତ କରିବାର ସେ ନେଇଥିଲେ ଦୃଢ ସଂକଳ୍ପ । ପାରିବାରିକ ଜୀବନ ଅପେକ୍ଷା ସାମାଜିକ ଜୀବନକୁ ସର୍ବସ୍ୱ ମନେକରି ସଂଘର୍ଷମୟ-ପଥକୁ ଆପଣେଇ ନେଇଥିଲେ ସେ । ରକ୍ଷଣଶୀଳତାର ବେଡିକୁ ଫିଙ୍ଗି ସେ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରକୁ ଅକୁଣ୍ଠରେ ଲମ୍ଫ ପ୍ରଦାନ କରିଥିଲେ । ସକାରାତ୍ମକ ମନୋଭାବସମ୍ପର୍ଣ୍ଣା ଏହି ମହୀୟସୀଙ୍କ ନାରୀଶିକ୍ଷା, ଜାତି-ଭେଦ ନିବାରଣ, ସମାଜସଂସ୍କାର, ମାନବସେବା, କୃଷକ ଆନ୍ଦୋଳନ, ଗାନ୍ଧୀଜୀଙ୍କ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ହରିଜନ ପଦଯାତ୍ରା, ଭାରତଛାଡ ଆନ୍ଦୋଳନ ପ୍ରଭୃତିରେ ଯୋଗଦାନ ଥିଲା ଖୁବ୍ ଅଦ୍ଭୁତ । ଓଡ଼ିଶାର ପ୍ରଥମ ବିଧାୟିକା ଭାବରେ ସେ ଆମର ଗୌରବ ମଧ୍ୟ । ଦୃଢମନା, ସହୃଦୟା, ଉଗ୍ରସ୍ୱଭାବସମ୍ପନ୍ନା ଏହି ମହାମାନବୀ ଜଣକ କର୍ତ୍ତବ୍ୟ ଲକ୍ଷ୍ୟରେ ଥିଲେ ଦୃଢ ସଙ୍କଳ୍ପବଦ୍ଧ ।

ବାସୁଦେବ କାନୁନଗୋଙ୍କ ଔରସରୁ ପଦ୍ମାବତୀ ଦେବୀଙ୍କ ଗର୍ଭରୁ ୧୯୦୪ ଅଗଷ୍ଟ ୧୯ ତାରିଖ ଦିନ ଜଗତସିଂହପୁରର ଏକ ସମ୍ଭ୍ରାନ୍ତ କରଣ ପରିବାରରେ ସରଳା ଦେବୀଙ୍କର ଜନ୍ମ। ତାଙ୍କର ପାଳିତ ପିତାମାତା ଥିଲେ ବାଳମୁକୁନ୍ଦ କାନୁନଗୋ ଓ ହେମନ୍ତ କୁମାରୀ ଦେବୀ । ମାତ୍ର ସପ୍ତମ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ସରଳା ସ୍ୱ-ଉଦ୍ୟମରେ ହିନ୍ଦୀ, ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ପ୍ରଭୃତି ଭାଷାକୁ ଅଦ୍ଭୁତ ପୂର୍ବ ଭାବେ ଆୟତ୍ତ କରିପାରିଥିଲେ। କୈଶୋର କାଳରୁ ହିଁ ବିପ୍ଳବିଣୀ ସରଳା ରକ୍ଷଣଶୀଳ ସମାଜର କୁପ୍ରଥା ତଥା ଜାତି ଭେଦକୁ ଘୋର ବିରୋଧ କରୁଥିଲେ । ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ ଭାଷାରେ "ସେ ଛୁଆଁ ଅଛୁଆଁ ବିରୁଦ୍ଧରେ ମଧ୍ୟ ନିଜର ଆଚରଣରେ ବିଦ୍ରୋହ କରିଥିଲେ । ଯେଉଁ ସମୟରେ ଝିଅଟି ମୁଣ୍ଡ ହଲାଇ ନିଜକୁ ସାବ୍ୟସ୍ତ କରୁଥିଲା, ସବୁ ନିର୍ଯାତନାକୁ ଦେହର ମଳି ମନେକରି ସହିଯାଉଥିଲା, ସେହି ସମୟରେ ସରଳା ଦେବୀ ନିଜର ବ୍ୟକ୍ତିତ୍ୱର ଔଜଲ୍ୟରେ ସମଗ୍ର ପରିବେଶକୁ ସ୍ତବ୍ଧ କରିଦେଇଥିଲେ । ତାଙ୍କର ଆତ୍ମ ବିଶ୍ୱାସ, ମର୍ଯ୍ୟାଦାବୋଧ ତଥା ନିଜର ଦାବି ଜାହିର କରିବାର ଦମ୍ଭ ତାଙ୍କୁ ବିପ୍ଳବିଣୀର ମୁକୁଟ ପିନ୍ଧେଇଦେଇଥିଲା।"

ମାତ୍ର ୧୪ ବର୍ଷ ବୟସରେ ୧୯୧୮ ମସିହାରେ ସେ ଜଗତସିଂହପୁର ଚାଟରା ଗ୍ରାମର ବିଶିଷ୍ଟ ଜମିଦାର ଚୌଧୁରୀ ଦୁର୍ଗାଚରଣ ମହାପାତ୍ରଙ୍କ ପୁତ୍ରବଧୂ ହେଲେ । ତାଙ୍କ ସ୍ୱାମୀ ଭାଗିରଥି

ISSN NO.
2582-208X

ମହାପାତ୍ର ଥିଲେ ଜଣେ ଦେଶପ୍ରେମୀ, ଉଦାରହୃଦୟ ତଥା ସ୍ୱାଧୀନଚେତା ବ୍ୟକ୍ତିତ୍ୱ । ସରଳାଙ୍କ ଚିନ୍ତାଧାରାକୁ ସେ ସର୍ବଦା ସମ୍ମାନ ଦେଉଥିଲେ । ଉଭୟଙ୍କ ମିଳନ ତଥା ଯୋଗଦାନରେ ଓଡ଼ିଶାର ଜାତୀୟ ସଂଗ୍ରାମ ଭୂଇଁ ବେଶ୍ ଉଲ୍ଲସି ଉଠିଥିଲା । ସରଳା ଥିଲେ ଜଣେ ତେଜସ୍ୱିନୀ ନାରୀ । ସମଗ୍ର ଭାରତ ବର୍ଷରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମଧ୍ୟରେ ସେ ଥିଲେ ଅଗ୍ରଗଣ୍ୟା । ପାରିପାର୍ଶ୍ୱିକ ସମାଜର ବେଡ଼ିକୁ ଛିନ୍ନ କରି ମୁକ୍ତି ଅନ୍ୱେଷାର ପଥ ସୃଷ୍ଟି କରିଥିଲେ ସେ । ବାସ୍ତବିକ୍ ସେ ଥିଲେ ନାରୀ ମୁକ୍ତିର ଦୃପ୍ତ ଉଚ୍ଚାରଣ । ନାରୀଟିଏ ହୋଇସୁଦ୍ଧା ନାନା ପ୍ରତିକୂଳ ଅବସ୍ଥାକୁ ଅତିକ୍ରମ କରି ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଦେବାର ଦୁଃସାହସ ପଦକ୍ଷେପ ଥିଲା କହିଲେ ଭୁଲ ହେବନି ।

### ତତ୍କାଳୀନ ପରିବେଶ ଓ ସରଳା :

ତତ୍କାଳୀନ ସମୟ ଜାତିପ୍ରାଣତାର ମନ୍ତ୍ରରେ ପ୍ରତିଧ୍ୱନିତ ହେଉଥିଲା । ହଜାର ହଜାର ମୁକ୍ତି ସଂଗାମୀ ଜାତୀୟତା ସଂଗ୍ରାମର ଯଜ୍ଞକୁଣ୍ଡରେ ଅତ୍ମାହୂତି ପାଇଁ ତତ୍ପରତା ପ୍ରକାଶ କରୁଥିଲେ। ୧୯୧୯ ଏପ୍ରିଲ୍ ୧୩ ତାରିଖ ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ପ୍ରତିବାଦରେ ସମଗ୍ର ଅଞ୍ଚଳରେ ବିଦ୍ରୋହର ଅଗ୍ନି ପ୍ରଜ୍ଜ୍ୱଳିତ ହେଉଥିଲା । ବିପ୍ଳବିଣୀ ସରଳା ଏ ସମୟରେ କଟକରେ ଆୟୋଜିତ ବିରାଟ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ମାତ୍ର ୧୫ ବର୍ଷ ବୟସର ଏ ଓଡ଼ିଆ ରମଣୀଙ୍କ ଓଜସ୍ୱିନୀ ଉଦ୍-ବୋଧନ ମୂଳକ ବକ୍ତବ୍ୟରେ ସମଗ୍ର ପରିବେଶ ଜାତୀୟ ଉନ୍ମାଦନାରେ ପୁଲକିତ ହୋଇଉଠିଥିଲା । ପୁନଶ୍ଚ ଅସହଯୋଗ ଆନ୍ଦୋଳନରେ ଇଂରେଜ ଅନୁଷ୍ଠାନ ଓ ବିଦେଶୀ ଦ୍ରବ୍ୟ ବର୍ଜନ, ଖଦୀର ବ୍ୟବହାର, ଅସ୍ପୃଶ୍ୟତା ନିରାକରଣ, ଜାତୀୟ ଶିକ୍ଷାର ପ୍ରଚଳନ, ଖଦଡ ବସ୍ତ୍ର ପରିଧାନ ଆଦି କ୍ଷେତ୍ରରେ ପ୍ରଚଣ୍ଡ ପ୍ରତିକ୍ରିୟାମାନ ଦୃଷ୍ଟିଗୋଚର ହେଲା । ଲବଣ ସତ୍ୟାଗ୍ରହ, ଭାରତ ଛାଡ ଆନ୍ଦୋଳନ ପ୍ରଭୃତିରେ ସରଳାଙ୍କ ଉଦ୍ଦାମ ରଣନୀତି ଥିଲା ଲୋମହର୍ଷଣକାରୀ । ଦେଶ ଓ ଜାତି ପାଇଁ ପରାଧୀନତାର ଅନ୍ଧକାର ଗହ୍ୱରରୁ ସୂର୍ଯ୍ୟସମ ଉଦିତ ହୋଇଥିଲେ ସରଳା । ବିସର୍ଜି ଦେଇଥିଲେ ଆପଣାକୁ ସମାଜ ଓ ଜାତୀୟ ସେବାରେ । ପ୍ରଥମ ଜେଲ ବରଣ, ଜେଲରେ ଜାତୀୟ ଆନ୍ଦୋଳନକୁ ସେ କରିଥିଲେ ତ୍ୱରାନ୍ୱିତ । ବହୁ ଜାତୀୟ ଅନୁଷ୍ଠାନ ସହ ଜଡ଼ିତ ରହି ସ୍ୱଲକ୍ଷ୍ୟର ପରିପୂର୍ତ୍ତି ପାଇଁ ସେ ସଦା ଥିଲେ ପ୍ରୟାସୀ । ସ୍ୱଳ୍ପ ବୟସରେ ସୁଦ୍ଧା ଇଂରେଜ ସରକାରଙ୍କ ଆଖିରୁ ନିଦ ହଜେଇ ଦେଇଥିଲେ ଏହି ବିପ୍ଳବିଣୀ ଓଡ଼ିଆ ନାରୀ ।

ISSN NO.
2582-208X

### ଜାତୀୟ ଚେତନାରେ ଦୀକ୍ଷିତ ହେବାର ପୃଷ୍ଠପଟ :

କଟକ(ବର୍ତ୍ତମାନର ଜଗତସିଂହପୁର) ଥିଲା ସ୍ୱାଧୀନତା ସଂଗ୍ରାମର ପେଣ୍ଠସ୍ଥଳୀ । ଏହି ଅଞ୍ଚଳର ନାରୀ ସ୍ୱାଧୀନତା ସଂଗ୍ରାମୀ ଥିଲେ ସରଳା । ସମାଜରେ ନାରୀମାନଙ୍କ ପ୍ରତି ରହିଥିବା ଚିରାଚରିତ ପ୍ରଥା ବିରୋଧରେ ବିଦ୍ରୋହର ବହ୍ନି ତାଙ୍କ ମାଧ୍ୟମରେ ପ୍ରଜ୍ୱଳିତ ହୋଇ ଉଠିଥିଲା । ସମାଜରସଂସ୍କାର ଭାବନାରୁ ଜାତିପ୍ରତି ସମର୍ପଣ ଭାବ ତାଙ୍କ ହୃଦୟରେ ଜାତୀୟତାର ସ୍ଫୁରଣ କରିଥିଲା ।

### ଅସହଯୋଗ ଆନ୍ଦୋଳନରେ ସରଳା ଦେବୀଙ୍କ ଭୂମିକା :

ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ପ୍ରଥମ ଓଡିଆ ମହିଳା ଥିଲେ ସରଳା ଦେବୀ । ରମାଦେବୀ, ପଦ୍ମାବତୀ ଦେବୀ, ହାରାମଣୀ ଦେବୀ, ମାଳତି ଚୌଧୁରୀଙ୍କ ପରି ପ୍ରଚଣ୍ଡ ଦେଶପ୍ରେମୀ, ତ୍ୟାଗ, ତିତିକ୍ଷାର ସେ ଥିଲେ ଜ୍ୱଳନ୍ତ ନିଦର୍ଶନ । ନାରୀ ସଶକ୍ତିକରଣର ଆଧାର ବିନ୍ଦୁ ଭାବରେ କେବଳ ନୁହେଁ ଆଜୀବନ ସଂଗ୍ରାମୀ ଜୀବନର ବ୍ରତ ଆଚରଣ କରି ସମାଜର ଉନ୍ନତିକଳ୍ପେ ସେ ସାଜିଥିଲେ ବଳିଷ୍ଠ ପ୍ରତିଭୂ । ସୁଦକ୍ଷା ନାରୀ ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ ଥିଲେ ସମସ୍ତଙ୍କର ପ୍ରେରଣାର ଉତ୍ସ । ନିଃସ୍ୱାର୍ଥପର ଭାବେ ସମାଜର ମଙ୍ଗଳ କାମନା ନିମନ୍ତେ ନିଜକୁ ସେ ଯେଭଳି ଭାବରେ ଉତ୍ସର୍ଗ କରିଦେଇଛନ୍ତି ତହିଁରୁ ତାଙ୍କ ଦେଶାତ୍ମପ୍ରାଣତାର ପରିଚୟ ମିଳେ । ୧୯୨୦ ଡିସେମ୍ବର ମାସରେ କଂଗ୍ରେସର ବାର୍ଷିକ ଅଧିବେଶନରେ ଅସହଯୋଗ ଆନ୍ଦୋଳନ କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ନିଆଗଲା । ଇଂରେଜ ଅନୁଷ୍ଠାନ ତଥା ବିଦେଶୀ ଦ୍ରବ୍ୟ ବର୍ଜନ ନିମିତ୍ତ ଗଠନମୂଳକ କାର୍ଯ୍ୟକ୍ରମଗୁଡିକ ସମଗ୍ର ଭାରତବର୍ଷରେ କାର୍ଯ୍ୟକାରୀ ହୋଇଥଲା । ଅସହଯୋଗ ଆନ୍ଦୋଳନର ମହାସ୍ରୋତରେ ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ଯଦୁମଣୀ ମଙ୍ଗରାଜ, ହରେକୃଷ୍ଣ ମହତାବ ଓ ଭାଗୀରଥି ମହାପାତ୍ର ପ୍ରମୁଖ ଝାସ ଦେଇଥିଲେ । ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ କଟକଠାରେ ବିଶାଳ ଜନସମାବେଶ ମଧ୍ୟରେ ଗାନ୍ଧୀଜୀଙ୍କ ଉଦ୍-ବୋଧନ ଓଡ଼ିଶାବାସୀଙ୍କ ହୃଦୟରେ ଜାତୀୟତାର ଉନ୍ମାଦନା ଖେଳାଇ ଦେଇଥିଲା । ଗୋପବନ୍ଧୁ ଦାସ, ରାମନାରାୟଣ ମିଶ୍ର, ଜଗବନ୍ଧୁ ସିଂହ ଓ ଭାଗୀରଥୀ ମହାପାତ୍ର ପ୍ରମୁଖ ନିଜ ନିଜ ବୃତ୍ତିକୁ ତ୍ୟାଗ କରିଥିଲେ । ଗାନ୍ଧୀଜୀଙ୍କ ଅସହଯୋଗ ରଣନୀତିରେ ରମାଦେବୀ ଚୌଧୁରୀ ଓ ସରଳା ଦେବୀ ପ୍ରମୁଖଙ୍କ ଅବଦାନ ଥିଲା ଅବିସ୍ମରଣୀୟ । ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଓଡିଆରେ ଅନୁବାଦ କରି ଉପସ୍ଥିତ ଅଗଣିତ

ISSN NO.
2582-208X

ଶ୍ରୋତାମାନଙ୍କୁ ସରଳା ଦେବୀ ଆକର୍ଷଣୀୟ ଭାବେ ବୁଝାଇପାରିଥିଲେ । ଗାନ୍ଧୀଜୀଙ୍କ ଓଡ଼ିଶା ଆଗମନ ଏବଂ ତାଙ୍କ ବହୁମୂଲ୍ୟ ବାର୍ତ୍ତାରେ ପ୍ରଭାବିତ ହୋଇ ସରଳା ସମସ୍ତ ଗହଣା ତିଳକ ସ୍ୱରାଜ ପାଣ୍ଠିକୁ ଦାନ କରିଦେଇଥିଲେ । ସେଇଦିନଠାରୁ ଗହଣା ନପିନ୍ଧିବାର ସଂକଳ୍ପ ନେଇଥିଲେ ସେ । କେବଳ ସେତିକି ନୁହେଁ ତାଙ୍କ ବକ୍ତବ୍ୟରେ ପ୍ରଭାବିତ ହୋଇ ଅନେକ ଓଡିଆ ରମଣୀ ଅର୍ଥ, ଅଳଙ୍କାର ସ୍ୱରାଜ ପାଣ୍ଠିକୁ ଦାନ କରିବା ସହ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ ।

ଜାଲିଆନାୱାଲାବାଗ ଘଟଣା :

୧୯୧୯ ମସିହା ଏପ୍ରିଲ ୧୩ ତାରିଖରେ ଜାଲିଆନାବାଲାବାଗଠାରେ ହୋଇଥିବା ଲୋମହର୍ଷଣକାରୀ ଅମାନୁଷିକ ନରହତ୍ୟାର ପ୍ରତିବାଦରେ ସମଗ୍ର ଭାରତରେ ଶୋଭାଯାତ୍ରା ଚାଲିଥିଲା । ନବବଧୂ ସରଳା ରକ୍ଷଣଶୀଳ ସମାଜର ପରିହାସକୁ ତୁଚ୍ଛକରି କଟକର ଶୋଭାଯାତ୍ରାରେ ଯୋଗଦେଇଥିଲେ । ଓଜସ୍ୱିନୀ ଭାଷଣ ଦେବାରେ ସେଦିନ ସେ ଥିଲେ ଏକମାତ୍ର ଦୃଢମନା ବ୍ୟକ୍ତିତ୍ୱ । ତାଙ୍କର ପ୍ରାଣଚ୍ଛ୍ୱାସପୂର୍ଣ୍ଣ ବକ୍ତବ୍ୟରେ ଅଭିଭୂତ ହୋଇପଡ଼ିଥିଲା ସମଗ୍ର ପରିବେଶ । ସ୍ୱାମୀ ଭାଗିରଥି ମହାପାତ୍ରଙ୍କ ପ୍ରେରଣା ଲାଭ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ନିମିତ୍ତ ସଂକଳ୍ପ କରିଥିଲେ ସେ । ଉତ୍କଳ କଂଗ୍ରେସ କମିଟି, ତିଳକ ସ୍ୱରାଜ୍ୟ ପାଣ୍ଠିଠାରୁ ଆରମ୍ଭ କରି ହରିଜନ ଆନ୍ଦୋଳନ, ନାନା ଗଠନ ମୂଳକ କାର୍ଯ୍ୟରେ ସେ ଥିଲେ ଅଗ୍ରଗଣ୍ୟା । ଲବଣ ସତ୍ୟାଗ୍ରହର ଲୁଣମରା ଅଭିଯାନରେ ନେତୃତ୍ୱ ନେଇ ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହୋଇଥିଲେ । ଜେଲରୁ ମୁକୁଳିବା ପରେ କଟକଠାରେ ଓଡ଼ିଶାର ପ୍ରଥମ ରାଜନୀତିକ ବନ୍ଦିନୀ ସରଳା ଦେବୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ତାଙ୍କ ଉଦ୍ଦେଶ୍ୟରେ କୁନ୍ତଳା କୁମାରୀ ସାବତଙ୍କ ଉଦ୍-ବୋଧନମୂଳକ କବିତାଟି ଥିଲା ବେଶ୍ ଆକର୍ଷଣୀୟ । ଯଥା –

"ବୀରବାଳା ମା' ସରଳା, କି ବୋଲି ତୋତେ ବନ୍ଦିବୁ –
ରୁଧିରେ ଅବୀର ଖେଳି ରଣେ ଅଗ୍ରସର ହେବୁ ।"

(ଅଲିଭା ଅନଳ ଶିଖା, ପୃଷ୍ଠା –୨୨)

ISSN NO.
2582-208X

ସ୍ୱାଧୀନତା ଆନ୍ଦୋଳନରେ ସେବା ଓ ତ୍ୟାଗ , ଓଡ଼ିଶାର ନବଜାଗରଣରେ ବଳିଷ୍ଠ ଭୂମିକା, ସମୃଦ୍ଧ ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ସରଳା ଦେବୀ ଓଡ଼ିଶାର ନାରୀ ଜାଗରଣ, ଶାନ୍ତିନିକେତନ ସେବାଗ୍ରାମ, ଅଳକାଶ୍ରମ ପ୍ରତିଷ୍ଠା ତାଙ୍କ ସ୍ୱାଧିନତା ସଂଗ୍ରାମର ପରିଚୟ ଦିଏ। ରକ୍ଷଣଶୀଳ ସମାଜରେ ବାସ କରୁଥିବା ଏହି ସମ୍ଭ୍ରାନ୍ତ ଓଡ଼ିଆଣୀଙ୍କ ବିପ୍ଲବୀ ମନୋଭାବ ସର୍ବୋପରି ଓଜସ୍ୱିନୀ ଅଭିଭାଷଣ ଦ୍ୱାରା ତତ୍କାଳୀନ ଉତ୍କଳୀୟଙ୍କ ପ୍ରାଣରେ ଜାତୀୟତା ପ୍ରୀତି ଯେଭଳି ସୃଷ୍ଟି କରିଥିଲେ ତାହା ଆଜି ବିସ୍ମୟ ମନେ ହୁଏ ।

## ଗାନ୍ଧୀ ଆଦର୍ଶର ଅନୁବର୍ତ୍ତିନୀ ସରଳା :

ମହାତ୍ମା ଗାନ୍ଧୀଙ୍କ ଆଦର୍ଶର ଅନୁବର୍ତ୍ତିନୀ ଥିଲେ ସରଳା । ଏ ସମ୍ପର୍କରେ 'ମୋ ଜୀବନରେ ଗାନ୍ଧୀଜୀଙ୍କ ଅବଦାନ' ପ୍ରବନ୍ଧରେ କହିଛନ୍ତି – "ମହାତ୍ମା ଗାନ୍ଧୀଙ୍କ ସହିତ ମୋର ଓଡ଼ିଶାରେ ଅନେକ ଥର ଏବଂ କଂଗ୍ରେସ ଅଧିବେଶନରେ, ବହୁ ସ୍ଥାନରେ ଦର୍ଶନ ଘଟିଥିଲା । xxx ଗାନ୍ଧୀଜୀ ମୋର କାୟାକଳ୍ପ କରି ନୂଆ ଧାରଣା, ନୂଆ ଜଗତ, ନୂଆ ସମାଜ, ନୂଆ ଚିନ୍ତା ଓ କର୍ମ ମାଧ୍ୟମରେ ମୋର ଜୀବନର କୋରକିତ ଶତଦଳକୁ ଫୁଟାଇଥିଲେ ବିପ୍ଳବର ଅରୁଣ ଶିଖାରେ ।"

ଜାତୀୟତା ସଂଗ୍ରାମର ସଂଗ୍ରାମୀଙ୍କର ଚାରିତ୍ରିକ ସ୍ଖଳନରେ ମର୍ମାହତା ସରଳା ନାରୀ ଜାତିର ସମ୍ମାନ ଉଦ୍ଦେଶ୍ୟରେ ଲେଖିଥିବା ପତ୍ରର ପ୍ରତ୍ୟୁତ୍ତର 'Young India' ପତ୍ରିକାରେ ଲେଖିଥିଲେ। ନାରୀର ପବିତ୍ରତା ପ୍ରତି ପୁରୁଷର ସମ୍ମାନ ପ୍ରଦର୍ଶନରମନ୍ତବ୍ୟରୁ ସରଳାଙ୍କ ଚିନ୍ତାଧାରା ପ୍ରତି ଗାନ୍ଧୀଜୀଙ୍କ ସମ୍ମାନବୋଧକୁ ଲକ୍ଷ୍ୟ କରାଯାଏ ।

## ସଂଗ୍ରାମ ଭୂମି ଗଞ୍ଜାମ :

୧୯୨୪ ମସିହା ଜୁଲାଇ ୩୦ ତାରିଖରେ କଟକର ସ୍ୱରାଜ ଆଶ୍ରମରେ ହୃଦୟସ୍ପର୍ଶୀ ବକ୍ତବ୍ୟ ମାଧ୍ୟମରେ ଶତାଧିକ ମହିଳାଙ୍କୁ ନେଇ ଗଠନ କଲେ ଉତ୍କଳ ମହିଳା ସଂଘ । ନିଖିଳ ଭାରତ ମହିଳା ସଂଘ ସହ ଏହା ସଂଯୋଜିତ ହେଲାପରେ ୧୯୨୮ ଓ ୧୯୨୯ ମସିହା ମଧ୍ୟରେ ଗଞ୍ଜାମର ନାରୀମାନଙ୍କୁ ନେଇ ସଂଗ୍ରାମର ଯୁଦ୍ଧ ଭୂଇଁ ଉଲ୍ଲାଇଥିଲେ ।

## କରାଚୀ କଂଗ୍ରେସ ଅଧିବେଶନ ଓ ସରଳା :

ISSN NO.
2582-208X

୧୯୩୧ ମସିହାର କରାଚୀ କଂଗ୍ରେସ ଅଧିବେଶନରେ ମା' ସରଳା ଦେବୀଙ୍କ ଭୂମିକା ଥିଲା ଅବିସ୍ମରଣୀୟ । ଭଗତ ସିଂହଙ୍କୁ ଫାଶୀ ଦେବା ପ୍ରତିବାଦରେ ଗାନ୍ଧୀଜୀଙ୍କ ସହ ସରଳା ଦେବୀ, ଭାଗୀରଥୀ ମହାପାତ୍ର, ରମାଦେବୀ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ଉପବାସର ସଂକଳ୍ପ ନେଇଥିଲେ ।

### ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ସାରଳାଙ୍କ ସମ୍ପର୍କ :

ପରଦା ତଳର କୁଳବଧୂ ସରଳା ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାପରେ ଅନେକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ସଂସ୍ପର୍ଶରେ ଆସିଥିଲେ । ଅପରିଚିତ ହୋଇ ମଧ୍ୟ ସେମାନଙ୍କ ସହ ସେଥିଲେ ବେଶ ଘନିଷ୍ଠ । ସେମାନଙ୍କ ମଧ୍ୟରେ ଫ୍ରିଡା,ଅନ୍ନଦାଶଙ୍କର ରାୟ, ନବକୃଷ୍ଣ ଚୌଧୁରୀ, ଶ୍ରୀମତୀ ଲାବଣ୍ୟବତୀ ଦେବୀ, ରମାଦେବୀ ଚୌଧୁରୀ ଥିଲେ ପ୍ରଧାନ ।

### ନାରୀ ଜାଗରଣ ଓ ଅନ୍ୟାନ୍ୟ କ୍ଷେତ୍ରରେ ସରଳାଙ୍କ ଅବଦାନ :

ନାରୀ ମୁକ୍ତିର ତୂର୍ଯ୍ୟ ବାଦିକା ଥିଲେ ସରଳା ଦେବୀ । ନାରୀ ଜାତିର ଉନ୍ନତି ନିମନ୍ତେ ତଥା ନାରୀର ବନ୍ଦିନୀ ଦଶାରୁ ମୁକ୍ତି ନିମନ୍ତେ ତାଙ୍କର ଉଦ୍ୟମ ବେଶ ପ୍ରଶଂସନୀୟ । ଓଡ଼ିଶାରେ ନାରୀ ଜାଗରଣର ସେ ଥିଲେ ମୁଖ୍ୟ ପୁରୋଧା । ନାରୀର ସାମର୍ଥ୍ୟ, ନାରୀର ଅଗ୍ରଗତି, ନାରୀର ସମ୍ମାନ, ଏବଂ ନାରୀର ଇଚ୍ଛା ପ୍ରତି ତାଙ୍କର ରହିଥିଲା ଯଥେଷ୍ଟ ଉଦ୍ୟୋଗ । ସେ ବୁଝିଥିଲେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମ୍ୟନ୍ତେ ତତ୍ର ଦେବତାଃ", ଯେଉଁ ସ୍ଥାନରେ ନାରୀ ପୂଜା ପାଏ ସେହି ସ୍ଥାନରେ ଦେବତାମାନେ ପୂଜା ପାଆନ୍ତି । ନାରୀ ଯେ ଏକ କ୍ରିଡା ପୁତ୍ତଳିକା ନୁହେଁ , ସେ ଏକ ଅନୁଷ୍ଠାନ ଏବଂ ତାର ସର୍ବାଙ୍ଗୀନ ଉନ୍ନତି ଦ୍ୱାରା ଦେଶର ଉନ୍ନତି ସମ୍ଭବ । ଏ କଥା ସେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଉଦ୍-ବୋଧ ହୋଇ ଶିକ୍ଷା ଲାଭ କରିଥିଲେ । ନିଖିଳ ଉତ୍କଳ ମହିଳା ସମ୍ମିଳନୀରେ ସରଳା ଦେବୀଙ୍କ ଓଜସ୍ୱିନୀ ଭାଷଣ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ, ଗୋପବନ୍ଧୁ ଦାସ ଓ ମଧୁସୂଦନ ଦାସ ପ୍ରମୁଖ ମହାନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ନାରୀ ଜାଗରଣର ଅଗ୍ର ସାରଥି ଶାରଳା ଦେବୀ ତାମିଲନାଡୁର ପ୍ରାଦେଶିକ ମହିଳା ସମ୍ମିତି, କଟକ ସ୍ୱରାଜ ଆଶ୍ରମର ମହିଳା ସଭା, ବ୍ରହ୍ମପୁରର ଉଦ୍ୟୋଗ ମନ୍ଦିର, ପ୍ରବାସୀ ଉତ୍କଳ ସମ୍ମିଳନୀ ଗଠନ ଏବଂ ଗଞ୍ଜାମ ପ୍ରଭୃତିରେ ତାଙ୍କର ଅସାଧାରଣ କର୍ମଯୋଗିତା ଏବଂ କର୍ମଠ ଜାତିପ୍ରାଣତାକୁ ଯେ କେହିବି ଦେଖି ଆଶ୍ଚର୍ଯ୍ୟ ଚକିତ ହେବେ ।

ISSN NO.
2582-208X

## ସଙ୍ଗଠିକା ଓ ସମାଜସଂସ୍କାରିକା ସରଳା :

ସରଳା ଥିଲେ ଜଣେ ଦକ୍ଷ ସଙ୍ଗଠିକା । ବହୁ ଅନୁଷ୍ଠାନ ତାଙ୍କ ଉଦ୍ୟମ ଦ୍ୱାରା ଗଢ଼ିଉଠିଥିଲା। ତାଙ୍କ ଦ୍ୱାରା ଗଠିତ ଉତ୍କଳ କଂଗ୍ରେସ ସାମ୍ୟବାଦୀ ସଂଘ ତାଙ୍କ ସାମ୍ୟବାଦୀ ଚିନ୍ତାଧାରାର ପରିଚୟ ଦିଏ । କୃଷକ ତଥା ପ୍ରଜାମାନଙ୍କ ହିତ ଉଦ୍ଦେଶ୍ୟରେ 'ହରିଜନ ସେବକ ସଂଘ', କୃଷକମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ 'ସାମ୍ୟବାଦୀ ସଂଘ' ପ୍ରଭୃତି ତାଙ୍କ ବହୁବିଧ ସାଙ୍ଗଠନିକ ଉଦ୍ୟମ ତଥା ଆନ୍ତରିକ ନିଷ୍ଠାର ପରିଚୟ ଦିଏ । ତାଙ୍କ ସ୍ୱାମୀ ଭାଗୀରଥି ମହାପାତ୍ରଙ୍କ ସହ ଅଳକାଶ୍ରମ ପ୍ରତିଷ୍ଠା ନିମନ୍ତେ ବିସ୍ତୃତ ଜମିଦାନତାଙ୍କ ବଦାନ୍ୟପଣକୁ ସୂଚିତ କରାଏ ।

'ଜାତୀୟତାବାଦୀ ଚେତନାରେ ଉଦ୍-ବୁଦ୍ଧ ହୋଇ ନବବଧୂର ସାଜ ଫିଙ୍ଗି ଗୃହାଙ୍ଗନରୁ ରାଜ ରାସ୍ତାକୁ ଓହ୍ଲାଇଆସିଥିଲେ ସରଳା ସ୍ୱାମୀଙ୍କ ସହମତିରେ, ତାଙ୍କ ଆଦର୍ଶର ଅନୁବର୍ତ୍ତିନୀ ହୋଇ ।' ସାମାଜିକ ପ୍ରଥା ପରମ୍ପରାର ସେ କରୁଥିଲେ ଘୋର ବିରୋଧ । ହରିଜନମାନଙ୍କର ଉନ୍ନତି, ଯୌତୁକ ପ୍ରଥା ପ୍ରତି ବିରୋଧ, ବିଧବା ବିବାହ ପ୍ରଭୃତି (ପରବର୍ତ୍ତୀ ସମୟରେ ଆଲୋଚିତ ହେବ )ନାନା ଉନ୍ନତିମୂଳକ କାର୍ଯ୍ୟରେ ତାଙ୍କର ସ୍ୱାକ୍ଷର ଇତିହାସ ପୃଷ୍ଠାରେ ଅଲିଭା ହୋଇ ରହିବ ।

## ବିଧାନ ସଭାର ପ୍ରଥମ ବିଧାୟିକା ସରଳା :

ସାଧାରଣ ମଣିଷର ଉନ୍ନତିକଳ୍ପେ କେବଳ ସଂଗଠନ ଗଠନ ନୁହେଁ ସଦା ସଜାଗ ଓ କର୍ମ ଚଞ୍ଚଳ ରହି ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ପ୍ରତିବାଦ କରିବାର ଦୃଢ ପ୍ରତିଜ୍ଞା ଓ କର୍ମଠ ପଣିଆ ସରଳାଙ୍କୁ ଲୋକଙ୍କ ହୃଦୟର ନିକଟତର କରିପାରୁଥିଲା । ୧୯୩୬ ଖ୍ରୀଷ୍ଟାବ୍ଦରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେ ହିଁ ଓଡ଼ିଶାର ପ୍ରଥମ ମହିଳା ବିଧାୟିକା ହେବାର ଗୌରବ ଅର୍ଜନ କରିଥିଲେ । ଉତ୍କଳ ଜନନୀର ଆଜୀବନ ନିଜକୁ କ୍ଷୁଦ୍ରାତିତମ କ୍ଷୁଦ୍ର ସେବିକା ମନେକରୁଥିବା ସରଳା ଦେଶ ଓ ଜାତି ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ। ୧୯୩୬ ରୁ ୧୯୪୧ ମସିହା ମଧ୍ୟରେ ସେ ବିଧାନ ସଭାର ବିଧାୟିକା ପଦରେ ନିୟୋଜିତ ଥିଲେ । ବିଧାୟିକା ପଦବୀରେଥିବା ସମୟରେ ନିମ୍ନ କାର୍ଯ୍ୟ ଗୁଡ଼ିକୁ ତ୍ୱରାନ୍ୱିତ କରିଥିଲେ, ଯଥାଃ-

ISSN NO.
2582-208X

- ନାରୀ ଶିକ୍ଷା ପ୍ରସାର ନିମନ୍ତେ ଉଦ୍ୟମ
- ନାରୀ ଜାତିର ବିକାଶ ନିମନ୍ତେ ପ୍ରୟାସ
- ବାଲ୍ୟ ବିବାହ ଓ ପୋଇଲି ପ୍ରଥା ଉଚ୍ଛେଦ
- ବାଲ୍ୟ ବିଧବା ବିବାହ ପ୍ରଚଳନ ପାଇଁ ଅନୁମୋଦନ
- ଯୌତୁକ ପ୍ରଥା ପ୍ରତିବାଦରେ ବିଦ୍ରୋହ
- ନାରୀମାନଙ୍କ ସୁରକ୍ଷା ପାଇଁ "Estate Women's Protection Act" ର ପ୍ରଣୟନ ପାଇଁ ଦାବି
- ହରିଜନ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ଆର୍ଥିକ ଉନ୍ନତି ନିମନ୍ତେ ପ୍ରଚେଷ୍ଟା
- ଗରୀବ ଚାଷୀମାନଙ୍କ ସୁବିଧା ନିମନ୍ତେ
- ବାଲ୍ୟ ବିବାହ ବିରୋଧ ଶାରଦା ଆଇନ୍ ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ
- ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ବିଲ୍ ପାସ୍

ପ୍ରଥମ ମହିଳା ବାଚସ୍ପତି ସରଳା :- ୧୯୩୯ ମାର୍ଚ୍ଚ ୨୪ ତାରିଖ ଗୋଟିଏ ଦିନ ପାଇଁ ସରଳା ବାଚସ୍ପତି ପଦବୀ ମଣ୍ଡନ କରିଥିଲେ । ସେହିଦିନ ବିଧାନସଭାର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ପ୍ରଚଳିତ କରି, ସେ ଇତିହାସ ସୃଷ୍ଟି କରିଥିଲେ । ଏଥିରୁ ତାଙ୍କର ପ୍ରଚଣ୍ଡ ମାତୃଭାଷା ପ୍ରୀତିର ପରିଚୟ ମିଳେ ।

ସରଳାଙ୍କ ପରି ପ୍ରଚଣ୍ଡ ତେଜସ୍ୱିନୀ ଓଡ଼ିଆ ରମଣୀ ନାନା ଦୁଃସ୍ଥିତିରେ ସୁଦ୍ଧା ଉଦ୍ଦାମ କର୍ମପ୍ରବଣ ନୀତି ଅବଲମ୍ବନ କରି ଉନ୍ନତ ବିଚାରବୋଧ ଓ ସୁଦକ୍ଷ ପ୍ରଶାସିକାର ପରିଚୟ ଦେଇଛନ୍ତି । ଓଡ଼ିଶାର ଶାସନ ଇତିହାସରେ କେବଳ ନୁହେଁ ସମଗ୍ର ଭାରତବର୍ଷର ଇତିହାସ ପୃଷ୍ଠାରେ ସରଳାଙ୍କ ସାମର୍ଥ୍ୟର କୀର୍ତ୍ତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ନିଶ୍ଚୟ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ

1) ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି-ସଙ୍କଳକ ଓ ସମ୍ପାଦନା : ସରଳା ଦେବୀ (ଲେଖିକା ସଂସ୍କାରିକା, ବିପ୍ଳବିଣୀ , ୧୯୦୪ – ୧୯୮୬ )

2) ମିଶ୍ର ଡଂ ଅଜୟ କୁମାର : ସରଳା ଦେବୀ

3) ମିଶ୍ର ପ୍ରଫେସର ସଙ୍ଘମିତ୍ରା : ଓଡିଆ ଗଦ୍ୟ ସାହିତ୍ୟ : ବିନ୍ଦୁ ଓ ବିସ୍ତାର

4) ଭଞ୍ଜ ଡଂସଙ୍ଘମିତ୍ରା : ଓଡିଆ ଗାନ୍ଧୀ କଥା, କେନ୍ଦ୍ର ସାହିତ୍ୟ ଅକାଡେମି, ୨୦୨୦

5) ସାହୁ ନୃସିଂହ ଚରଣ, ସଙ୍କଳକ, ସମ୍ପାଦନା, ଓ ପ୍ରକାଶନ : ଆମେ ଓଡ଼ିଆ (ପ୍ରଥମ ଭାଗ), ପ୍ରତିଭା ପରିକ୍ରମା ପ୍ରତିଷ୍ଠାନ, ପାଣ୍ଡବ ନଗର, ଆର.ପି -୧୨୫ ,ଟଙ୍କପାଣି ରୋଡ, ଭୁବନେଶ୍ୱର ।

6) ମହାପାତ୍ର ହେମନ୍ତ କୁମାର , ଓଡ଼ିଆ ଜାତିର ଜୀବନ ଗାଥା, ଫ୍ରେଣ୍ଡସ ପବ୍ଲିଶର୍ସ, ପ୍ରଥମ ପ୍ରକାଶ, ୨୦୧୫ ।

(((-)))

ଅଧାପିକା
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ଆସିଲାଣି, ଆସିଲାଣି ରଜ



ପୁଷ୍ପାଞ୍ଜଳି ମିଶ୍ର

ଆସିଲାଣି ଆସିଲାଣି ରଜ
ବରଷକେ ଥରେ ଆସିଛି ରଜ
ଏଇ ରଜ ରେ କେତେ ସଜବାଜ
ସବୁ ପର୍ବ ରୁ ସେ ଗଣ ପର୍ବ
ତିନି ଦିନ ଧରି ଚାଲିଥାଏ
ସବୁ ନୂଆ ନୂଆ କିଣା ହୁଏ
ପିଠା ପଣା ସବୁ କେତେ ହୁଏ
ପୋଡ଼ ପିଠା ତାର ମୁଖ୍ୟ ଥାଏ
ଭାରି ଆକର୍ଷଣ ହୋଇଥାଏ
ଆସିଲା ରେ ଆସିଲା ରେ
ବେଡି ବେଡି ହୁଅ ସଜବାଜ
କୁଆଡେ ଗଲା ସେ ଦିନ ସବୁ
ଆଜିକାଲି ଆଉ ସେ ସମୟ ନାହିଁ
ସହର ଠୁ ବଳି ଗାଁ ଗଲା ବଦଳି
ଦୋଳି ଟେ ହୋଇଲା ସାତ ସପନ
କାହା ମନରେ ସେ ଆବେଗ ନାହିଁ
ଖୁସି ଆଉ ଖୁସି କୁଆଡେ ଗଲା
ସାଙ୍ଗ ସାଥି ସବୁ ହଜିଗଲା
ଘରେ ଘରେ ଆଉ ଦୋଳି ନାହିଁ

ISSN NO.
2582-208X

ସେ ପିଠା ନାହିଁ କି ମିଠା ନାହିଁ
ନାହିଁ ସେ ଆଉ ତାସ ପଶା
ବାଗୁଡ଼ି ବୋହୁ ଚୋରି ଖେଳ
ରଜ ଖିଲି ପାନ ନାହିଁ ସେ ଆଉ
ନାହିଁ ସେ ଆଗ୍ରହ କାର
ଗାଁ ଝିଅ ଙ୍କର ସାଙ୍ଗ ସାଥି ନାହିଁ
ନାହିଁ ସେ ଦିନ ଆଉ
କି ଯୁଗ ଆସି ସତେ ହେଲା
କି ମୋବାଇଲ ବାଇଆ କଲା
ଭୁଲିଗଲେ ସବୁ ପ୍ରଥା ପରମ୍ପରା
ଓଡ଼ିଶା ର ଗଣପର୍ବ ନାମେ ଖ୍ୟାତ
ବିଲୀନ ହେଲା ସବୁ ଆଜି
ହଜିଗଲା ଆମ ପିଲା ଦିନ
ମାସେ ଆଗରୁ କେତେ ଖୁସି
ଆସୁଛି ରଜ ଆସୁଛି ରଜ
ପଡୁଥିଲା ହୁରି
ଗାଁ ଆମ୍ବ ତୋଟା କୋଳା ହଳରେ
ଫାଟି ପଡୁଥିଲା କେତେ ଖୁସିରେ
ନାଁ ଅଛି ସେ ଦୋଳି ନାଁ ଅଛି ସେ ଗଛ
କୁଆଡେ ସବୁ ହଜିଗଲା
ଖାଲି ଅଛି ନାଁ ଆସିଲା ରେ ରଜ

(((-)))

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧

ISSN NO.
2582-208X

# ଆସିବକ ପ୍ରିୟା ମୋର



ପ୍ରଶାନ୍ତ ବ୍ରହ୍ମା

ଝରକା ସେପାଖେ ଅନେଇବସିଛି,
ଆସିବକି ପ୍ରିୟା ମୋର
ଦିନ ଯାଇ ରାତି ହେଲାଣିଯେ ଆସି
ତଥାପି ଆସାଯେ ମୋର
ଝରକା ସେପାଖେ ଅନେଇ ବସିଛି
ଆସିବକି ପ୍ରିୟାମୋର

ବାହାରୁ ଶୁଭୁଛି ଟୁପୁରୁ ଟାପୁରୁ
ସତେ ଆସୁଛି  ସେ ମୋର
ଧାଇଁଯାଇ ଦେଖେ ସେ ନୁହେଁ ପରା
ଆଉଜଣେ ସେ କାହାର
ଝରକା ସେପାଖେ ଅନେଇ ବସିଛି
ଆସିବକି ପ୍ରିୟା ମୋର

ଚେଇଁ ରହିଥାଏ ରାତିସାରା ମୁଁ ଯେ
ପ୍ରିୟାର ବାଟକୁ ଚାହିଁ
ତଥାପି ମନରେ ଜାଗଇ ବିଶ୍ୱାସ
ଆସିବକି ପ୍ରିୟା ମୋର
ଝରକା ସେପାଖେ ଅନେଇ ବସିଛି
ଆସିବକି ପ୍ରିୟା ମୋର

ISSN NO.
2582-208X

ଚାହିଁଚାହିଁ କେତେ ବିତିଲା ବରଷ,
ତଥାପି ଆସାଯେ ମୋର
ସତେ ଫେରିବକି ଆଜି ପ୍ରିୟା ମୋର
ଗଢିବି ବସାଯେ ମୋର
ଝରକା ସେପାଖେ ଅନେଇ ବସିଛି
ଆସିବକି ପ୍ରିୟା ମୋର

(((-)))

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ମୋ ବାପା....ମୋ ଦିଅଁ ଦେବତାଙ୍କ ତୁଲ



ଦିଲ୍ଲୀପ ଶତପଥୀ

ଗେଲ୍ହା ବି କରନ୍ତି ଗାଳିବି ଦିଅନ୍ତି
ଅନ୍ତରେ ପାଆନ୍ତି ଭଲ,
ତାଙ୍କ ସ୍ନେହ ପ୍ରେମ ଶ୍ରଦ୍ଧା ଆଶିର୍ବାଦ
ମୋ ପାଇଁ ଅମୂଲ ମୂଲ ।
ମୋ ବାପା....
ମୋ ଦିଅଁ ଦେବତାଙ୍କ ତୁଲ!

ଝୁଣ୍ଟିଲେ ଉଠେଇ କାନ୍ଦିଲେ କାନ୍ଧେଇ
ଦେଖାଇଲେ ଭଲ ବାଟ,
କେତେବେଳେ ଛାଟ କେତେଯେ ଆକଟ
ମୋ ପାଇଁ ସହି ସେ କଷ୍ଟ ।
ତାଙ୍କ ପାଇଁ ସିନା ମୋ ଜୀବନ ସୁନା
ଚମକଇ ଝଲମଲ ।
ମୋ ବାପା....
ମୋ ଦିଅଁ ଦେବତାଙ୍କ ତୁଲ!

ତାଙ୍କ ପାଦ ଧୂଳି ମଥାରେ ମୁଁ ବୋଳି
ଜଗତ ପାରିଛି ଜିତି,
ବାପା ଥିଲେ ପାଶେ ଜୀବନ ସଂଘର୍ଷେ

ISSN NO.
2582-208X

ନଥାଏ ମୋ ତିଳେ ଭିତି ।
ତାଙ୍କରି ଆଶିଷେ ପଡେ ନାହିଁ ଜଣା
ଚଲାପଥେ ଖମାଖାଲ ।
ମୋ ବାପା.....
ମୋ ଦିଅଁ ଦେବତାଙ୍କ ତୁଲ!

ବାୟୁ ହୋଇ ମୋର ନିଶ୍ୱାସେ ପ୍ରଖର
ବିଶ୍ୱାସ ଦିଅନ୍ତି ଭରି,
ଜଳ ହୋଇ ମୋର ଶିରା ପ୍ରଶିରାରେ
ବୁହନ୍ତି ରକତ ପରି ।
ମୋ ମଥାରେ ବାପା ହାତ ବୋଳିଦେଲେ
କଣ୍ଟା ବି ପାଲଟେ ଫୁଲ
ମୋ ବାପା....
ମୋ ଦିଅଁ ଦେବତାଙ୍କ ତୁଲ!

ବାପା ଗଲେ ଚାଲି ସବୁ କିଛି ଭୁଲି
ରହିଗଲା ସବୁ ଏଠି,
ଦିଶୁନାହିଁ ପଥ ଚାଲିବି କେମନ୍ତ
ଅନ୍ଧ ହାତେ ନାହିଁ ଲାଠି ।
ପଡିଗଲେ ତଳେ ତୋଳି ନେଇ କୋଳେ
ମଥାରେ କରନ୍ତି ଗେଲ ।
ମୋ ବାପା.......
ମୋ ଦିଅଁ ଦେବତାଙ୍କ ତୁଲ!

ପ୍ରଭୁ ଜଗନ୍ନାଥ ଦିଶୁନାହିଁ ପଥ
ଦୁନିଆ ଲାଗେ ଅନ୍ଧାର,

ISSN NO.
2582-208X

ନାହିଁ କେହି ସାହା ପାଉ ନାହିଁ ରାହା
କିଏ ହେବ ମୋ ନିଜର ।
ଯିଏ ଥିଲେ ପାଶେ ଯମ ବି ନ ଆସେ
ତାଙ୍କୁହିଁ ଛଡେଇ ନେଲ ।
ମୋ ବାପା.....
ମୋ ଦିଅଁ ଦେବତାଙ୍କ ତୁଲ!

(((-)))

508, ନୁଆସାହି, ନୂଆପଲ୍ଲୀ,
ଭୁବନେଶ୍ୱର 751012/9437175763

ISSN NO.
2582-208X

# ବୃନ୍ଦାବନ ସୁଆରଙ୍କ କାବ୍ୟଦ୍ୱୟର ମତାମତ

ଡ଼. ଚପଳା ପଣ୍ଡା

ପତିତପାବନ ଜଣାଣ : ଶ୍ରୀମାନ୍ ବୃନ୍ଦାବନ ସୁଆର ସାରସ୍ୱତ ପରିମଣ୍ଡଳର ଜଣେ ଯଶସ୍ୱୀ ସାଧକ । ସୃଜନର ସ୍ୱର୍ଣ୍ଣାଭ ପଥରେ ପଦଚାଳନ କରୁ କରୁ ଉଭୟ ଅନୁଭବ ଓ ଅନ୍ୱେଷଣରେ ସେ ଅନ୍ୟମାନଙ୍କ ଠାରୁ ନିଆରା ଲାଗନ୍ତି। ସାହିତ୍ୟର ବିଭିନ୍ନ ବିଭାଗକୁ ତନ୍ନ ତନ୍ନ କରି ସେ ବ୍ୟକ୍ତ କରିପାରନ୍ତି ବୋଲି କବିତା ତାଙ୍କର ସୃଜନଶୀଳତାର ଏକ ଅପରିହାର୍ଯ୍ୟ ଅଂଶ ପାଲଟି ଯାଇଛି ଯେମିତି ।

କବିତା ରଚନାରେ ଏକ ଆବେଗମୟ ସ୍ୱାକ୍ଷରକୁ ଉପଜୀବ୍ୟ କରି ରଚିତ 'ପତିତପାବନ ଜଣାଣ' ଏକ ଆଧ୍ୟାତ୍ମିକ ପରିପ୍ରକାଶ । କାବ୍ୟମନସ୍କ ଶ୍ରୀଯୁକ୍ତ ସୁଆର ଜଗନ୍ନାଥଙ୍କ ପ୍ରତି ଭାବାବେଗକୁ କବିସୂର୍ଯ୍ୟ ବଳଦେବ ରଥଙ୍କ ଆନୁକୂଲ୍ୟରେ ଯେପରି ଉପସ୍ଥାପିତ କରିଛନ୍ତି ତାହା ଜଗନ୍ନାଥଙ୍କ ଦ୍ୱାରା ପ୍ରେରିତ ଏକ ବଳିଷ୍ଠ ସୃଜନୀ ବୋଲି ଜଣାପଡ଼େ। ଅନନ୍ୟ ଭାଷା, ଭାବ ଓ ଆବେଗର ତ୍ରିଧାରା ସଂଗମରେ ଲେଖକ ସର୍ବଦା ପ୍ରୟାସୀ ଥିବାର ଜଣାପଡ଼େ । ଏକ ଅବଧାରିତ ଭକ୍ତିଭାବର ପୃଷ୍ଠଭୂମିରେ 'ପତିତପାବନ ଜଣାଣ' ରଚନା କରି ନିଜର କାବ୍ୟିକ ଚିନ୍ତାଧାରା ଓ ସମର୍ପଣକୁ ସ୍ପଷ୍ଟ କରିଛନ୍ତି। ସରଳ ଭାଷା ଭାବାବେଗର ସମ୍ମିଳିତ ପଦ ବିନ୍ୟାସରେ ଏମିତି ତୋଳି ଧରିଛନ୍ତି ଯେ, ଯେପରି ପାଠକର ହୃଦୟକୁ ବିଗଳିତ କରିବ ହିଁ କରିବ । ନବରସରୁ ଉଦ୍ଧୃତ ଭକ୍ତିରସର ବିସ୍ତୃତିରେ ନିଜର ସମର୍ପଣ ଭାବକୁ ଏତେ ନିଖୁଣ ଭାବରେ ପରଶି ଦେଇଛନ୍ତି କାବ୍ୟ ସାଧକ ଶ୍ରୀଯୁକ୍ତ ସୁଆର ମହୋଦୟ। ଶବ୍ଦ ଚାତୁରୀ ରାଗର ପ୍ରୟୋଗରେ କାବ୍ୟଦର୍ଶିତାର ପ୍ରମାଣ ତାଙ୍କ ଜଣାଣରୁ ସ୍ପଷ୍ଟ ଜଣାପଡ଼େ । ଭକ୍ତର ଅଭିବ୍ୟକ୍ତି ଅତି ନିଖୁଣ ଭାବରେ କାବ୍ୟକୁ ଶୋଭନୀୟ କରିପାରିଛି । କାବ୍ୟିକ ସ୍ଫୁରଣରେ ଅନନ୍ୟତା ଓ ଲେଖନୀକୁ ସଚଳ କରିଥିବା ସାଧକ ଶ୍ରୀଯୁକ୍ତ ସୁଆର ମହୋଦୟ ଅତି ବିନମ୍ର ଭାବରେ ତୋଳି ଧରି ପାଠକର ହୃଦୟକୁ ଅଭିମନ୍ତ୍ରିତ କରିବାରେ ସଫଳ ହୋଇଛନ୍ତି । ଶବ୍ଦ, ଭାବ ଓ ଆବେଗର ପ୍ରସ୍ଫୁଟନ ଓ ବର୍ଣ୍ଣନା ପରିପ୍ରେକ୍ଷୀରେ

ISSN NO.
2582-208X

'ପତିତପାବନ ଜଣାଣ' ର ସ୍ୱତନ୍ତ୍ରତାକୁ ସ୍ୱଷ୍ଟ କରି ପାଠକ ଆଗରେ ବାଢ଼ି ଦେଇଛନ୍ତି । ପ୍ରଜ୍ଞାଦୀପ୍ତ ଚେତନାର ପରିଚାୟକ ରୂପେ ଓ ଭାବ ଭକ୍ତିର ଐଶୀ କୃପା ବଳରେ ଏହି ଜଣାଣଟି ଏକ ମହନୀୟ ସୃଷ୍ଟି।

ଶ୍ରୀଯୁକ୍ତ ସୁଆର ତାଙ୍କର କ୍ଷୁଦ୍ର ପୁସ୍ତିକାଟିରେ ଭଗବାନଙ୍କ ପ୍ରତି ଭକ୍ତର ଆବାହନୀ ବେଶ୍ ଭାବାତ୍ମକ ଶୈଳୀରେ ପର୍ଯ୍ୟବେଶିତ କରିଛନ୍ତି । ରୀତିଯୁଗୀୟ କାବ୍ୟ ଶୈଳୀକୁ ଅନୁସରଣ କରି ରାଗ କାମୋଦୀରେ ବର୍ଣ୍ଣିତ ହୋଇଥିବା କବିତାରେ ସବୁଠାରୁ ବଡ଼ ଏବଂ ଆଶ୍ଚର୍ଯ୍ୟର କଥା ହେଉଛି ଲେଖକ ବର୍ଣ୍ଣକ୍ରମକୁ ପାଥେୟ କରି 'କ ' ଠାରୁ 'କ୍ଷ ' ଅନୁପ୍ରାସରେ କବିତାକୁ ରଚନା କରିଛନ୍ତି; ଯାହାକି କଷ୍ଟସାଧ୍ୟ ଓ ପୋଖତପଣିଆକୁ ଜାହିର୍ କରେ । ପଦ୍ୟରେ ଥିବା ଭାଷାବିନ୍ୟାସ ଓ ଯତିପାତ ନିମନ୍ତେ ଶବ୍ଦ ଚୟନର ପ୍ରାସଙ୍ଗିକତା କବିତାକୁ ଆହୁରି ରସାଣିତ କରିପାରିଛି । କାଳିଆ ସାଆନ୍ତଙ୍କ ଅପାର କରୁଣାର ସ୍ରୋତସ୍ୱିନୀ ଯାହାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ତାକୁ ମଧ୍ୟ ଲେଖକ ଖୁବ୍ ରୋଚକ ଭଙ୍ଗୀରେ ଉପସ୍ଥାପିତ କରିଛନ୍ତି । ବିଦୁର, ଅଜାମିଳ, ଅହଲ୍ୟା, ଧୀବର, ଗଜ, ଧ୍ରୁବ, ପ୍ରହ୍ଲାଦ, ଗୋପୀ, ବଳି, ଭରତିଆ ପକ୍ଷୀଙ୍କ ଉପକ୍ରମଣିକା ଖୁବ୍ ମାର୍ମିକ ଓ ଆତ୍ମଚିନ୍ତନର ପରିପୋଷକ ଭାବେ ଗୃହୀତ । ସର୍ବୋପରି କବିତା ମଞ୍ଜୁଳରେ ପ୍ରସ୍ଫୁଟିତ ଜଣାଣ ପ୍ରତ୍ୟେକ ପାଠକ ସମାଜକୁ କବିତା ମନସ୍କ କରିବା ସହିତ ହୃଦୟକୁ ଆପ୍ଳୁତ କରିଦେବ ନିଶ୍ଚୟ । ଭଗବାନଙ୍କ ନିକଟରେ ସମର୍ପିତ ଭାବନା ସର୍ବସ୍ୱ କବିତା ବେଶ୍ ପ୍ରଭାବଶାଳୀ ଓ ମୁଗ୍ଧ ମଧୁର ସାରସ୍ୱତ ତଥା ଉପାଦେୟ ବୋଲି ମୋର ମତ ।

*******

ଉତ୍କଳ ସଂପଦ : ଉତ୍କଳ ଭୂଖଣ୍ଡକୁ ପରିବ୍ରାଜକ ରୂପେ ସୃଜନର ସମାହାରରେ ପୁଟ ଦେଇ ଅନୁଶୀଳନ ଓ ଅନ୍ୱେଷଣ ପର୍ଯ୍ୟାୟକୁ ମାଖିମୁଖୀ ଉପସ୍ଥାପିତ କରିବାରେ ଜଣେ ଧୂରୀଣ ପ୍ରତିଭା ହେଉଛନ୍ତି ଶ୍ରୀଯୁକ୍ତ ବୃନ୍ଦାବନ ସୁଆର ମହୋଦୟ । 'ଉତ୍କଳ ସଂପଦ'ର ରୂପ ସନନ୍ଦକୁ ତୋଳିଧରି ଗୀତିକବିତାରେ ସ୍ଥାପିତ କରିବାର ଯେଉଁ ଅଭିନବ ପ୍ରଚେଷ୍ଟା କରିଛନ୍ତି; ତାହା ପଢ଼ିଦେଲେ ବିସ୍ମିତ ହେବାକୁ ପଡେ । ସଂସ୍କୃତି ଐତିହ୍ୟକୁ ନିଜ ତତ୍ତ୍ୱାବଧାନରେ ଉପବିଷ୍ଟ କରାଇବାର ଓ ଭୌଗୋଳିକ ଚିନ୍ତାଧାରାକୁ ପରିପୁଷ୍ଟ କରାଇବାର ମାନସିକତାରେ ଲେଖକଙ୍କ ଆତ୍ମଚିନ୍ତନକୁ ମାନିବାକୁ ହେବ ।

ISSN NO.
2582-208X

ପ୍ରବନ୍ଧ ଲେଖିବା ଓ ପ୍ରବନ୍ଧକୁ ଗୀତିକବିତାରେ ସଜାଇ ଥୋଇବା ଏକାକଥା ନୁହେଁ; ଏଥିପାଇଁ ବୁଦ୍ଧି ଓ ଦୀପ୍ତଜ୍ଞାନର ଆବଶ୍ୟକତା ଲୋଡ଼ା, ଯାହାକି ସୁଆର ମହୋଦୟଙ୍କ ଉତ୍କଳ ସଂପଦର ଅବତରଣିକା । ଏହି ଖଣ୍ଡକାବ୍ୟକୁ ଅନୁଧ୍ୟାନ କଲେ ତାକୁ ଉତ୍କଳର ଅଭିଲେଖାଗାର ହିସାବରେ ନେବାକୁ ମନ କହିବ । ଲେଖାର ଛତ୍ରେ ଛତ୍ରେ ଉତ୍କଳର ପୃଷ୍ଠଭୂମିରେ ଥିବା ଉତ୍କଳୀୟ ସଂପଦର ସଂରଚନା ତାଙ୍କ କବିତାର ପ୍ରତିପୃଷ୍ଠାରେ ଲିପିବଦ୍ଧ। ଉତ୍କଳର ବହୁବିଧ କାରୁକାର୍ଯ୍ୟପୂର୍ଣ୍ଣ ସୁରମ୍ୟ ମନ୍ଦିର, କଳକାରଖାନା, କୋଠା, ବନ୍ଧବାଡ଼, ପୋଲ, ରାଜ୍ୟ ଐତିହ୍ୟ-ସଂସ୍କୃତି ପଦବାଚ୍ୟରେ ଭୂଗୋଳ, ପାହାଡ଼, ପର୍ବତ, ସ୍ୱକଳା ବିଦ୍ୟାରେ ସୃଜନ କାରୁକୀର୍ତ୍ତି, ପ୍ରାକୃତିକ ସାଥେ କୃତ୍ରିମତା କାର୍ଯ୍ୟଧାରା ପ୍ରଭୃତି ବିସ୍ମୟରେ ବିସ୍ମିତ କରିଦିଏ । ଏହି ପୁସ୍ତିକା, ସୌନ୍ଦର୍ଯ୍ୟ ପିପାସୁ ଜନଗଣଙ୍କୁ ପ୍ରୀତିଅର୍ଥେ କ୍ଷେତ୍ରଶ୍ରୀ ପର୍ଯ୍ୟଟନ, ଅଙ୍କ ସ୍ଥଳେ ପ୍ରତ୍ନତାତ୍ତ୍ୱିକ ବୈଭବ ବିରାଜିତ ତାଲିକାର ଏକ ସନ୍ଦର୍ଭ କହିଲେ ଅତ୍ୟୁକ୍ତି ହେବନାହିଁ; ଯାହାକୁ କଲମ ମୁନରେ ତୋଳି ଧରିବାର ଦୁର୍ବାର ପ୍ରୟାସ ସହ ଅଭିନବ ପ୍ରଚେଷ୍ଟା କରିଛନ୍ତି ସୁଆର ମହୋଦୟ ।  ଏହା ତାଙ୍କ ପାରିଲା ପଣିଆକୁ ସ୍ୱାଗତ କରେ ।

ଉକ୍ତ ବିଷୟକୁ ପାଠକଲେ ସେଥିରୁ ତାଙ୍କର ଜାତିପ୍ରେମ, ଦେଶଭକ୍ତି ଓ ଭୌଗୋଳିକ ଗାରିମା ସ୍ପଷ୍ଟ ରୂପେ ବାରି ହୋଇପଡ଼େ । ଜଣେ ଭୂଗୋଳବିତ୍ ହିସାବରେ ନିଜର ସାରସ୍ୱତ ସ୍ୱାଭିମାନର ପୃଷ୍ଠପୋଷକତାରେ 'ଉତ୍କଳ ସଂପଦ' ରଚନା କରି ପାଠକ ହୃଦୟକୁ ବିଗଳିତ କରିଯାଇଛନ୍ତି ।

ଗୀତି କବିତାର ଛାୟାରେ ଉତ୍କଳର ବନ୍ୟସଂପଦ, ଜଳ ସଂପଦ, ମୃତ୍ତିକା ସଂପଦ, ଖଣିଜ ସଂପଦ ଓ ମାନବ ସଂପଦକୁ ଅଭିଧାନ କରି ପ୍ରତିଟି ଉପାଦାନରେ ଥିବା ମୂଲ୍ୟବୋଧକୁ ବାଢ଼ିଦେଇ ଗର୍ବ ଗୌରବର ପରାକାଷ୍ଠାକୁ ଉଜ୍ଜୀବିତ କରିପାରିଛନ୍ତି । ଉତ୍କଳର ବାଲି ଗୋଡ଼ି ମାଟିକୁ ତନ୍ନ ତନ୍ନ କରି ଆବିଷ୍କାର କରି ପ୍ରତିଟି ଜିଲ୍ଲାର ମହନୀୟତାକୁ ପ୍ରସ୍ଫୁଟିତ କରିଯାଇଛନ୍ତି । ଉତ୍କଳର ପ୍ରାଚୁର୍ଯ୍ୟ, ସୁଖ୍ୟାତି ଓ କୀର୍ତ୍ତି ସମୂହକୁ ଜାତୀୟତାଭାବ ଉଦ୍ରେକକାରୀ ମନୋଜ୍ଞ ରଚନାରେ ଉତ୍କଳର ସୂକ୍ଷ୍ମାତିସୂକ୍ଷ୍ମ ଅଧ୍ୟୟନ ସହିତ କୋଣ ଅନୁକୋଣକୁ ସମ୍ପୂର୍ଣ୍ଣ ଭାବେ ଗବେଷଣାଧର୍ମୀ ଯେଉଁ ତଥ୍ୟ ଓ ତତ୍ତ୍ୱ ସେ ପାଠକମାନଙ୍କ ପାଇଁ ଛାଡ଼ି ଯାଇଛନ୍ତି; ତାହା ନପଢ଼ିଲେ କେହି ବିଶ୍ୱାସ କରିପାରିବେ ନାହିଁ ।

ISSN NO.
2582-208X

କହିବାକୁ ଗଲେ ଉକ୍ତ ପୁସ୍ତିକାଟି ଏକ ଗବେଷଣାଧର୍ମୀ ଉପାଦେୟ ଆଧାରଶିଳା ଓ ଆମ ରାଜ୍ୟ ପାଇଁ ଏକ ବୃହତ୍ ପାଠଶାଳା । ଏହାହିଁ ମୋର ମତ ।

(((-)))

ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ
ଇ.- ୪୧ , ବି.ଡି.ଏ କଲୋନୀ ଖୋର୍ଦ୍ଧା
୯୪୩୭୪୨୧୮୧୬

ISSN NO.
2582-208X

# ମୃତ୍ୟୁ



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ଆହେ ଜଗନ୍ନାଥ
କରୁଛି ତୁମକୁ
କୋଟି କୋଟି ଦଣ୍ଡବତ
ଭକ୍ତି ପାଇଁ ଶକ୍ତି
ଦେଇ ନାହଁ ତୁମେ
ହୋଇନାହିଁ ତୁମ ଭକ୍ତ ।

ମଣିଷକୁ ତୁମେ
ମୃତ୍ୟୁ ଦେଇଅଛ
ତେଣୁ ଦିଏ ଧନ୍ୟବାଦ
ନୋହିଲେ ମଣିଷ
ପଡି ରହୁଥାନ୍ତା
ଦୁନିଆଁରେ ମୃତ ବତ ।

ବାଲ୍ୟାବସ୍ଥା ଠାରୁ
ପ୍ରୋଢାବସ୍ଥା ଯାଏ
ଆନନ୍ଦରେ କଟିଯାଏ
ପ୍ରୋଢାବସ୍ଥା ଠାରୁ

ISSN NO.
2582-208X

ବାର୍ଦ୍ଧକ୍ୟ ଜୀବନ
ଦୁର୍ବିସହ ହୋଇଯାଏ ।

ପ୍ରାରବ୍ଧଟା ତା'ର
ଭୋଗିବାକୁ ପ୍ରଭୁ
ବାର୍ଦ୍ଧକ୍ୟ ହିଁ ଦେଇଥାଅ
ଯାହା ରହିଯାଏ
ପର ଜନମକୁ
ଗଛିତ ହିଁ ରଖିଥାଅ ।

ସବୁ ଗୁଡା ଯଦି
ଏହି ଜନମରେ
ଭୋଗିବାକୁ ପଡୁଥାନ୍ତା
ଅଧା ମରା ହୋଇ
ଛଟ ପଟ ହୋଇ
ଜୀଇ ସିଏ ରହୁଥାନ୍ତା ।

ପୁଅ ବୋହୂ ଆଉ
ନାତି ନାତୁଣୀଙ୍କ
ହତାଦର ସହୁଥାନ୍ତା
ଗୋଟିଏ ଜାଗାରେ
ହଗ ମୂତ କରି
ପଡି ସିଏ ରହୁଥାନ୍ତା ।

ଯନ୍ତ୍ରଣାର କଷ୍ଟ
ସହି ସହି ସିଏ

ISSN NO.
2582-208X

ଚିତ୍କାର ବି କରୁଥାନ୍ତା
ନାକେ ହାତ ଦେଇ
ଗେହ୍ଲା ପୁଅ ତା'ର
କବାଟକୁ କିଳୁ ଥାନ୍ତା ।

ଇଏ କ'ଣ ନୁହେଁ
ନରକ ଯନ୍ତ୍ରଣା
କହି ଦିଅ ଭଗବାନ
ମୃତ୍ୟୁ ପରୱାନା
ପଠାଉଛ ତୁମେ
ଇଏ ତୁମ ବରଦାନ ।

(((-)))

ମୋ ନଂ 9937462507

ISSN NO.
2582-208X

# "ସ୍ୱାର୍ଥର ମଣିଷ, ଦେଖ ତାର ବେଶ"



ଜୟ କୁମାର ମିଶ୍ର

ସମ୍ପର୍କଟି ଆସେ, ଧସେଇ ସେ ପଶେ,
ଡେଇଁ ସେ ପାଚେରୀ, ବାଡ଼
ମାରଣା ମଇଁଷି, ପେଲା ଷଣ୍ଢ ଆସି
ଧସେଇ ପଶୁଛି, ଗଡ଼(1)
କରେ ସୁମରଣା, ହଜିବା ଠିକଣା,
ପାଇବାର ଆଶା ନେଇ
ପ୍ରତି କାରବାର, କଥା ଭାଷା ସ୍ୱର
ବିଚିତ୍ରଟି ଲାଗୁ ଥାଇ (2)
ଡେଇଁ ସୀମା ରେଖା, ଅଚାନକ ଦେଖା
କରି ମଉକାକୁ ଆଳ,
ପ୍ରଶଂସାର ସ୍ତୁତି, କହି, ଗାଇ ନିତି
ଖାଏ ସ୍ରୋତା ମନ ବଳ (3)
ଖୋଜେ ଗୋତ ଗାତ, ଗଢେ ନୁଆଁ ମିତ
କପଟ ଭାବନା ମନେ,
ଛନ୍ଦମନ୍ଦ ମିଶା, ତୋଷମଦ ଭାଷା
କୁଟିଳ, ଜଟିଳ, ଜ୍ଞାନେ (4)
ମାୟାରେ ମମତା,ପ୍ରୀତି, ଆତ୍ମୀୟତା
ଅନୁରାଗ, ସରାଗରେ,
କେତେ କୋଳାପୁଟା ନାଟକୀୟ ଛଟା

ISSN NO.
2582-208X

ବଢାଇବ ବେଗ ବାରେ (3)
ଭରିବେ ଉପାମା, ଡେଇଁ ଯିବ ସୀମା
ନଖରୁ ନାସିକା ଯାଏ,
ଭାଷା ଅଳଙ୍କାର,ହେବ ଭରପୁର
ନିଆରା ମଣିଷ ସିଏ (4)
ରାଣ, ପରମାଣ, ହେବ ପୁଣପୁଣ
ନବ ସମ୍ପର୍କଟି ପାଇଁ,
ଧରି ଲୁହ କୋହ, ନିମନ୍ତ୍ରଣ ସହ,
ପ୍ରେବେଶ, ପ୍ରସ୍ଥାନ ହୋଇ (5)
କାଲିର ଅଯୋଗ୍ୟ, ଆଜି ହେବ ଯୋଗ୍ୟ
ଉତ୍ତମ ଜନରେ ଗଣା
ସମସ୍ତ ଦୁର୍ଗନ୍ଧ, ସୁବାସ ସୁଗନ୍ଧ
ମହକିବ ପୁଣ ପୁଣ (6)
ଅତୀତ କଳଙ୍କ, ଅପକିର୍ତ୍ତୀ, ବାଙ୍କ
ସବୁ ଅତୀତରେ ଗଲା,
ସ୍ୱାର୍ଥ ପାଇଁ ମନ, ବ୍ୟାକୁଳେ ଆଛନ୍ନ
ଶିଳା, ଶାଳଗ୍ରାମ ହେଲା (7)
କ୍ଷମତା, ଦକ୍ଷତା, ବିଭବର ରାସ୍ତା
ମୋହି ନିଏ, କଳେ ବଳେ
ସ୍ୱାର୍ଥ ଏଠି ରଜା, ସବୁ ଆଖି ବୁଜା,
ନବ ସମ୍ପର୍କଟି ତୋଳେ (୫)
ଗଲେ ସ୍ୱାର୍ଥ ସରି, ସେ ପରା ବଇରୀ
ଅଭଦ୍ର ମଣିଷ ପରା
ନଖରୁ ନାସିକା, ସବୁ ଖୁଣ ଦେଖା
ଜିରାରୁ ବୋହିବ ଶିରା (୨)
ଏକ ଏକାନ୍ତରେ ଅସାମାଜିକରେ,
ଅଜଣା, ଅଶୁଣା ଜନ,

ISSN NO.
2582-208X

କିଏ ବା' ପଚାରେ, ରଖ ତାକୁ ଦୂରେ
ନାହିଁ ତାର ପ୍ରୟୋଜନ (10)
ଦେଖି ନଦେଖିବା,ଜାଣି ନ ଜାଣିବା
ନାଟକ ଅଙ୍କର ମେଳ,
ନିକଟଟି ଦୂର, ଆପେ ଆପେ ପର
ହୁଏ ସବୁ ଗୋଳ ମାଳ (11)
ସ୍ୱାର୍ଥର ମଣିଷ, ଦେଖ ତାର ବେଶ
ସୁବିଧା ବାଦୀଟି ସିଏ,
ସଜ ପରିବାରେ, ପୋକ କାଢି ପାରେ
ପଚାଷଢ଼ା ଭଲ ପାଏ (12)

(((-)))

ବୁଦୁର୍, ଗୋରିବନ୍ଧା, ଗଜପତି
ଓଡିଶା, 761206/ 6372127449

ISSN NO.
2582-208X

# ଅଲୋଡ଼ା ଭଗ୍ନଶେଷ



ଡକ୍ଟର ରୀନାରାଣୀ ଜେନା

ଜିତୁ ରାଗିକରି ଘରର ଯାଉଁଳି କବାଟ ଦୁଇଟାକୁ ଧଡକରି ବନ୍ଦ କରିଦେଲା । ସେ ଯେତେବେଳେ ଶୁଣିବ ଖାଲି ବାପା ବୋଉଙ୍କର ତା'ରି ବିଷୟରେ କଳି । ସେ ଯେମିତି ଏ ଘର ଭିତରେ ଗୋଟିଏ ଅଶାନ୍ତ ଧୂମକେତୁ । ଯାର ଆବିର୍ଭାବରେ ସମସ୍ତ ଶାନ୍ତ ସ୍ନିଗଧ ବାତାବରଣଟା ଘାଣ୍ଟି ଚକଟି ହୋଇଯାଉଛି । ଏମିତି ଦୟନୀୟ ଭାବରେ କେତେଦିନ ବାପାଙ୍କଠାରୁ ସେ ଏପରି ସାରଗର୍ଭକ ନିତୀ ବାକ୍ୟଗୁଡା ଶୁଣିବ, ଶୁଣି ଶୁଣି ତ ସେ ଅତିଷ୍ଠ ହୋଇପଡିଲାଣି । ସେ କ'ଣ ଆଉ ଛୋଟ ଛୁଆଟିଏ ହୋଇ ରହିଛିଯେ,ବାପା ତାକୁ ତେନ୍ତୁଳି ଛାଟଟିଏ ଆଣି ଦୁଇପାହାର ପକେଇ, କାନ ନାକ ଧରି ପାଞ୍ଚଥର ଉଠ୍ ବସ କରାଇବେ।

ବାପାଙ୍କର ଅକାଟ୍ୟ ଯୁକ୍ତିରେ ସ୍ନେହମୟୀ ବୋଉର ସ୍ନେହସୁଲଭ ପୁତ୍ର ସପକ୍ଷ କୋମଳ ବାଣୀଗୁଡା ସୁଅ ମୁହଁର ପତର ସଦୃଶ ଭାସି ଯାଉଥିଲେ । ବାପା ସେମିତି ରାଉ ରାଉ ହେଉଥାନ୍ତୁ । କେଉଁଦିନ ସେ ଚୁପ୍ ରହୁଥିଲେ ଯେ ଏଇ ଅନ୍ଧାରିଆ ଘରର ଟେବୁଲ ପାଖରେ ବସି ବ୍ୟାଙ୍କ୍ ଗାଇଡି ଧରି କେତେ ସା,ରେ,ଗା,ମା,ପା,ଧା,ନି,ସା' ସେ ହେଉଥିବେ ? ମଣିଷର ତ ପୁଣି ଜୀବନ ବୋଲି କିଛି ଅଛି,ଫୁର୍ତ୍ତି ବୋଲି ଗୋଟେ ଜିନିଷ ଅଛି।

ମନ ଖୁସିରେ ବୋରିଂରୁ ନିବୃତ ପାଇଁ ସିନେମାଟି ତ ଦେଖି ହେବନି କି ପାଖ ଧୀର ଦୋକାନକୁ ପାନ ଖଣ୍ଡେ ପାଇଁ ଗଲେ, ବାପା ଆରମ୍ଭ କଲେ ତାଙ୍କ ଭାଗବତ । କିଏ ଏତେ ନିୟମ ମାନିବ ହୋ ? ମନଟା ସିନା ଫୁର୍ତ୍ତି ରହିଲେ, ଏ ଗୋଳମାଳିଆ କଡା ପାଠଗୁଡା ମୁଣ୍ଡ ଭିତରେ ଢୁକିବ ? କିଏ ବୁଝିବ ? ସାର୍ଟିଫିକେଟ୍ ରୂପକ ଲିଫଟରେ ଯେଉଁ ମଣିଷ

ISSN NO.
2582-208X

ଶୂନ୍ୟେ ଶୂନ୍ୟେ ଯାଇ ଉପରେ ବସିଯାଇଛି । ସେ ବା ତେରଶ ବାଉନ ପାହାଚ ଚଢ଼ାରେ ଦୁଃଖ ବା କେମିତି ଉପଲବ୍ଧି କରିବ।

ଚାକିରିଟିଏ ମିଳୁନି ବୋଲି, ତାକୁ କ'ଣ ଦୁଃଖ ଲାଗୁନି ?  ସେଇ କଥାକୁ ଯଦି ସମସ୍ତେ ତିକୁ ଛେଉଲେଇ, ଛିଗୁଲେଇ ବାରମ୍ବାର ଆସୁଯାଉଁ ପଚାରିବେ କ'ଣ ହେବ ?  ଏମ.ଏ. ତ ପାସ୍ କଲା ୨୨ ବର୍ଷରେ, ତାପରେ ବି.ଇଡି., ଏମ୍.ଇ.ଡି. ଇତ୍ୟାଦି ଇତ୍ୟାଦି । ଏବେ ତାକୁ ପଚିଶ ବର୍ଷ ପୁରି ଛବିଶ ଚାଲିଲାଣି।

ବଡଭାଇ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଡେପୁଟି ମ୍ୟାନେଜର । ଭାଉଜ ବି ଚାକିରୀ କରିଛନ୍ତି ସେଠି ଗୋଟେ ସ୍କୁଲରେ । କିନ୍ତୁ ତା'ର ତ କିଛି ଲାଭ ହେଉନି, ମନ ଖୁସି କରିବାକୁ ସିନେମା, ଫିଉ, ଜଳଖିଆ, ପାନ ଓ ମାଗାଜିନ୍ କିଣା ଖର୍ଚ ପାଇଁ ପଇସା ମାଗିଲେ, କୁନ୍ଥୁ କୁନ୍ଥୁ ସମସ୍ତେ । ଭଲ ପ୍ୟାଣ୍ଟ ସାର୍ଟ କନା କିଣି ଦବାକୁ କହିଲେ, ନ ଶୁଣିଲା ଭଳି ମୁହଁ ବୁଲେଇ ଦେବେ ସମସ୍ତେ । କି ଘରଟେ କେଜାଣି ସବୁବେଳେ ଖାଲି ଅଭାବ ।

ସାନଭାଇ ଦିପୁ ପାଖକୁ ରୀତିମତ ମାସ ନ ପୁରୁଣୁ ଟଙ୍କା ପଠାଯାଉଛି ।  ତା'ର ସବୁ ଆବଶ୍ୟକତାକୁ ଟିକ୍ ନିଖ୍ ତଦାରଖ କରୁଛନ୍ତି ବାପା, ଭାଇ ଓ ଭାଉଜ । ଘରକୁ ଛୁଟିରେ ଆସିଲେ ଭାରି ଆଦର ତା' ପାଇଁ । ନଅ ଠାଆ ଛଅଭଜା ସହ ତିକୁ ବଳେଇ ବଳେଇ ତଣ୍ଟି ପର୍ଯ୍ୟନ୍ତ ଖାଇବାକୁ ଦିଆଯିବ । ତା'ପାଇଁ ଡ୍ରେସର ଅଭାବ ନାହିଁ । ଯାହା ହେଲେ ସେ ବିତ ଗୋଟେ ଇଂଜିନିୟର ହେବ,ସାର୍ଟିଫିକେଟ୍ ଦେଖେଇ ଚାକିରୀ ପାଇବ । ତା ବିଭାଘର ପାଇଁ ହାତି ନିଅ ଘୋଡା ନିଅ କହି ସମସ୍ତଙ୍କର ତାଙ୍କ ଦୁଆରେ ଭିଡ ଜମିବ ଏଇୟା ନା ?

ସେ ଭଲ ଭାବେ ଉପଲବ୍ଧି କରିପାରୁଥିଲା, ତା ଚାରିପଟେ କେତେଗୁଡିଏ ଆଖି ତାକୁ ତରାଟି ଚାହିଁଛନ୍ତି । ତାକୁ ପ୍ରତି ମୁହୂର୍ତ୍ତରେ ହେୟ ମନେ କରାହେଉଛି, ଅବଜ୍ଞା କରାଯାଉଛି ଇତ୍ୟାଦି ଇତ୍ୟାଦି । ସବୁ ଚିହ୍ନା ଚିହ୍ନା ମୁହଁ ଅଚିହ୍ନା ଅଚିହ୍ନା ହୋଇ ଗୋଡେଇ ଆସୁଥିଲେ ତା'ଆଡେ । ଦୌଡ ପ୍ରତିଯୋଗିତାରେ ସବା ପଛରେ ପଡିଥିବା ପ୍ରତିଯୋଗିଟି ଭଳି ସେ ନିଜକୁ କିଛି ଦୀର୍ଘଶ୍ୱାସରେ ହାଲକା କରିବାକୁ ଚେଷ୍ଟା କରୁଥିଲା।

କ'ଣ ବା ହେବ ? ବାପାଙ୍କର ଆଉ ଦୁଇବର୍ଷ ଚାକିରୀ । ଭାଇଙ୍କର ତ ବ୍ଲାକ୍ ମନି ମଧ୍ୟନାହିଁ,ଆଉ ଯାହାତ ପାଉଛନ୍ତି, ରାଉରକେଲାର ଇସ୍ପାତ ନଗରୀରେ ନିଜର ଷ୍ଟାଟସ୍ ଓ ସାନଭାଇକୁ ପଢ଼ିବା ପାଇଁ ପଇସା ଦେବାରେ ଯାଉଛି । ସେଭିଙ୍ଗସ୍ ଆଦୌ ନାହିଁ କହିଲେ

ISSN NO.
2582-208X

ଚଳେ । ଆଗରେ ସାନଭଉଣୀ ଟୀନୁର ବିଭାଘର । ବାପାଙ୍କ ଜମି ଚାରି ଏକର ଚାଷ, ବନ୍ଧୁବାନ୍ଧବ ଓ ଘରର ଖାଇବା ଖର୍ଚ୍ଚକୁ ନିଅଣ୍ଟ, ତେଣୁ ତାକୁ ଚାକିରୀ କରିବାକୁ ପଡିବ । ଘରର ବୋଝ ମୁଣ୍ଡେଇବାକୁ ପଡିବ । ସମସ୍ତ ଆସନ୍ନ ଆବଶ୍ୟକତାର ପରିପୂରଣ ପାଇଁ ।

ସବୁ ବୁଝିବା ଲୋକଟି କିଛି ନ ପାଇବି, ଅବୁଝା ହୋଇଯାଉଥିଲା ଶେଷରେ । ସପ୍ତାହକୁ ୩/୪ ଟି ସିନେମା ବଦଭ୍ୟାସ ବୋଲି ଜାଣିଲା, ସାତ୍ୱିକ ଖାଦ୍ୟ ଖାଇ, ଏଣୁ ତେଣୁ ସାଧା ସିଧା ଫୁଟ୍ ଫାଥ୍ ପୋଷାକରେ ସେ ନିଜକୁ ଚଳେଇ ନେଲା । ଦିନକୁ ୨୫/୩୦ ଖଣ୍ଡ ପାନ ପରିବର୍ତ୍ତେ ୨/୪ ଟାରେ ଆଡଜଷ୍ଟ କରେଇ ନେଲା । କିନ୍ତୁ ସବୁ ପରେ ପୂର୍ବପରି ସେ ହର୍ଷୋଚ୍ଛଳ ହେଲାନି । ସେ ଏକଦମ୍ ଶୁଷ୍କ ଓ ନୀରସ ହୋଇପଡିଲା ପ୍ରତି ମୁହୂର୍ତ୍ତରେ । ଅନ୍ୟ ସାଙ୍ଗମାନଙ୍କର କୃତିତ୍ୱ କିମ୍ବା ଚାକିରୀରେ ସଫଳତାର ଖବର ପାଇ ସେ ଆଗପରି ଉତ୍ଫୁଲ ହେଲାନି । ରାଜନୀତି ଚାପ ଓ ପ୍ରଚୁର ଲାଞ୍ଚ ଦେଇ କିଛିଟା ପାଇଯାଉଥିବା ପୁରୁଷୋତ୍ତମମାନେ ନିଜର ସଫଳତାର ବୟାନ ଆରମ୍ଭ କରି ଦେଉଥିଲେ ଠିକ୍ ପ୍ରଥମ ମହାକାଶଚାରୀ ମହାକାଶ ଭ୍ରମଣ ସାରି ଫେରିଲା ପରି । ଜିତୁ କିନ୍ତୁ ସେମାନଙ୍କ କଥା ଶୁଣି ନ ଶୁଣିଲା ପରି ବାଟ ଭାଙ୍ଗି ଚାଲି ଯାଉଥିଲା ଉଦାସ ମନରେ ।

କୁଆଡେ ଗଲା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କ୍ରମାଗତ ନଅ ବର୍ଷର ସେ ଉଦ୍ଦାମ ଦିନ ଗୁଡା ? ସେ ଚଳଚଞ୍ଚଳ ଦିନଗୁଡା ଆଜି ଏପରି ନିଶ୍ଚଳ ହୋଇଗଲା କିପରି ? ସେ ତ ବେଶୀ ଖରାପ ଛାତ୍ର ନଥିଲା । କିନ୍ତୁ ଶତକଡ଼ା ଅଣଷଠୀ ନମ୍ବର ସହ ଏମ୍.ଏ. ପାଶ୍ କରି ଲାଗ୍ ଲାଗ୍ କୋଡିଏ /ପଚିଶଟି ପ୍ରତିଯୋଗିତା ମୂଳକ ପରୀକ୍ଷାରେ ମୂଳରୁ ମୂଳରୁ କଟିଗଲା ପରେ, ସେ ଆବିଷ୍କାର କଲା ତା ଭିତରଟା ଯେପରି ଏକଦମ୍ ଅନ୍ତଃସାର ଶୂନ୍ୟ ହୋଇଯାଇଛି, କିଏ ଛଡେଇ ନେଲା ତା ଭିତରର ବୁଦ୍ଧି, ବୃଗି ଓ ଜ୍ଞାନବତ୍ତା ସବୁ ?

ଲିପି ଚିଠିର ଦୁଇଧାଡି ମନେ ପଡୁଥିଲା "ତମେ ତ ପି.ଓ, ଆଇ.ଏ.ଏସ୍ କିମ୍ବା ଓ.ଏ.ଏସ୍. ଟା ଭିତରୁ କିଛି ଗୋଟେ ବି ଲଗେଇ ପାରିଲନି, କେତେଦିନ ଆଉ ବା ତୁମକୁ ଅପେକ୍ଷା କରିଥାଆନ୍ତି ? ବାଧ୍ୟ ହୋଇ ବାପା ବୋଉଙ୍କ ପ୍ରସ୍ତାବରେ ରାଜି ହେଲି । ସେ ଜଣେ ଇଞ୍ଜିନିୟର, ଅନୁଗୁଳସ୍ଥ ନାଲକୋରେ କାମ କରନ୍ତି । ଜମିବାଡି, ଗାଡି, କୋଠା, ଷ୍ଟାଟସ୍ ସବୁ ଭଲ । ଆସନ୍ତା ମାସ ଅଠର ତାରିଖରେ ବିଭାଘର । ମୋ ସୁନାଟା ପରା ମୋତେ ଖରାପ ଭାବିବନି, ବିଭାଘରକୁ ନିଶ୍ଚୟ ଆସିବ, ନଚେତ ତୁମର ମୋର କଟି

ISSN NO.
2582-208X

ହେଲା ବୋଲି ଜାଣିବ । ଜିତୁର ଆଖିରୁ ଅଜଣାତରେ ଲୁହ କେଇ ଟୋପା ଗଡିଗଲା ଅତୀତକୁ ରୋମନ୍ଥନ କରି କିଛିକ୍ଷଣ ।

ଆଗକୁ ଅନେଇଲେ ଅନ୍ଧାର ମାଡ଼ିଯାଏ ଚାରିଆଡେ ସେ କ'ଣ ସବୁଦିନେ ଏମିତି ରହିଯିବ ? ସିନେମାଟା ଦେଖିବା ପାଇଁ କି ପାନଟା ଖାଇବା ପାଇଁ ତା ବାପାଙ୍କୁ ହାତ ପତେଇବ, ନଚେତ୍ ସାନ ଭଉଣୀର ପର୍ସରୁ କିଛି ରେଜା ପଇସା ଚୋରି କରିବ ?

ପଢାସାରି, ଚାକିରୀ ବିଷୟରେ ଚେଷ୍ଟା କରି, ଚାକିରୀ ପାଇବାର ସ୍ୱପ୍ନ ସବୁ ପାଣିଚିଆ ହୋଇଗଲାଣି । ବେଳେବେଳେ ଖବର କାଗଜରେ କ୍ରିକେଟ - ଖେଳରେ ଭାରତର ପରାଜୟ ସାଙ୍ଗକୁ କ୍ରୋଡ଼ ପତ୍ରରେ ନାରୀ ଧର୍ଷଣ, ଲୁଣ୍ଠନ, ଚୋରୀ, ରାସ୍ତା ଦୁର୍ଘଟଣା, ଜାଲ ସାର୍ଟିଫିକେଟ ବିକ୍ରି, ଅଧ୍ୟାପକ ମାନଙ୍କର ୟୁ.ଜି.ସି ବେତନ ପାଇଁ ଧର୍ମଘଟ, ଘେରାଉ, ଲାଠିମାଡ ଓ ପରୀକ୍ଷା ହଲ୍ ମାନଙ୍କରେ ବ୍ୟାପକ କପି ପଢୁ ପଢୁ ସେଥିରେ ସେ ଅଣନିଶ୍ୱାସୀ ହେଇ ଯାଉଛି । ଏସବୁ ପରେ ସେ ଆଗ୍ରହରେ ଆଖି ବୁଲାଏ ସିନେମା ବିଜ୍ଞାପନ ଆଡେ ଏବଂ ଶେଷରେ ଧୀରେ ଧୀରେ ଆଖି ମାଡି ପଡେ ନିଯୁକ୍ତି ବିଜ୍ଞାପନ ସ୍ତମ୍ଭକୁ। ତାପରେ ସେ ହତାଶର ଦୀର୍ଘ ଶ୍ୱାସପକାଇ ପ୍ରତିଦିନ ଏମିତି ଜି. କେ. ଓ ଗାଇଡ ବହି ଖୋଲି ପକାଏ ନୀରବରେ । ଏଇତ ତା ନିତିଦିନିଆ ଅଲୋଡ଼ା ଜୀବନ । ଜିତୁ ଆଉ ଭାବି ପାରିଲାନି ବେଶୀ । ଟେବୁଲ ଉପରୁ ଅମୃତଞ୍ଜନ ଶିଶିଟା ଆଣି କିଛି ମଥାରେ ଘସିବାକୁ ଲାଗିଲା ।

"- ସେ କ'ଣ ଆଉ ଛୁଆଟା ହୋଇ ରହିଛି, ତାକୁ ତମେ ଏମିତି ସବୁବେଳେ ଖୋଳେଇ ତାଡେଇ କହିଲେ ସହିବ ? ସେ କ'ଣ ନିଜେ ନିଜେ ଚାକିରୀ କଥା ଚିନ୍ତା କରୁନି, ଦେଖୁଛ ପରା, ସକାଳୁ ରାତି ଯାଏ ଗୋଟାଏ ଘରେ ସେମିତି ସେ ବହିଗୁଡା ଧରି ପଢୁଛି ।"

ପାଖଘରୁ ବୋଉ ବାପାଙ୍କୁ ତା ସପକ୍ଷରେ କହୁଥିବାର ଶୁଣାଗଲା । ତଥାପି ବାପା ଆହୁରି ବ୍ୟୋଙ୍ଗୋକ୍ତି କରି ଚାଲିଥିଲେ ମୋ ପ୍ରତି ଓ ବୋଉ ପ୍ରତି ।

କଲିଂ ବେଲର କ୍ରିଂକ୍ରିଂ ଶବ୍ଦରେ ଘରଭିତର କବାଟ ଖୋଲି ଦାଣ୍ଡ ଦୁଆରକୁ ବାହାରିଗଲା ଜିତୁ । ପଛେ ପଛେ ବୋଉ ବାପା ଓ ସାନ ଭଉଣୀ ଚିନୁ । ପୋଷ୍ଟମ୍ୟାନ ଚିଠିଟି ବଢେଇ ଦେଲା । ଦିପୁ ଦେଇଛି । ପ୍ରଥମ ଶ୍ରେଣୀରେ ଇଞ୍ଜିନିୟରିଂ ପାଶ୍ କରି, ହଠାତ୍ ସିଆଡେ ଷ୍ଟିଲପ୍ଲାଣ୍ଟରେ ଚାକିରୀ ପାଇ ଯାଇଛି । ବାପାଙ୍କର ଆଶ୍ୱସ୍ତ ଭାର କଣ୍ଠରୁ ମୋତେ ଶୁଣା ଗଲା

ISSN NO.
2582-208X

ଭଳି ବାହାରି ପଡୁଥିଲା, ଏଟା ଭାରି ପାଠପଢ଼ା, ପାଠ ପଢି ପରୀକ୍ଷା ଦେଇ ରେଜଲ୍ଟ ବାହାରୁ ବାହାରୁ କିଏ ଚାକିରୀ ପାଏ । ବାସ୍ତବିକ୍ ଦିପୁ ଭଳି ସ୍କଲାର କେହି ନାହାନ୍ତି । ବାପା ବୋଉ ଓ ଚିନୁ ସମସ୍ତେ ହସର ଜୁଆର ଭିତରେ ବୁଡି ଯାଉଥିଲେ । ଚାରିଆଡର ଖୁସିର ପ୍ରମତ୍ତ ଆନନ୍ଦ ଭିତରେ ତାର ପ୍ରକଳ୍ପ ଦୃଷ୍ଟି ସ୍ଥାଣୁ ପାଲଟି ଯାଉଥିଲା, ନିର୍ବାକ୍ ନିଷ୍ପନ୍ଦ ମୂର୍ତ୍ତିଟି ଭଳି । ସେ କ'ଣ ତା ବାପାଙ୍କର ଏକ ଗରମ ଦୀର୍ଘଶ୍ୱାସ ଓ ମାଆଙ୍କ ଉତପ୍ତ ଲାଭାର ଚେନାଏ ଅଗ୍ନିକଣା ? ସେ କ'ଣ ଏକ ସୁସ୍ଥ ଜରାୟୁର ଏ ଅଲୋଡା ଉପାଦାନ ? ନା ସେ ଏକ ଗୋଳମାଳିଆ ଭାଗକ୍ରିୟାର ଏକ ଅଲୋଡା ଭାଗଶେଷ, ଯାହାର ଅସ୍ତିତ୍ୱ ବିଚାର୍ଯ୍ୟର ବାହାରେ ।

(((-)))

ଅଧ୍ୟାପିକା - ଓଡ଼ିଆ ବିଭାଗ
ବିଜୁ ପଟ୍ଟନାୟକ ସ୍ନାତକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟ
ଭୁବନେଶ୍ୱର / 9348742261

ISSN NO.
2582-208X

# ତୁମରି ଲାଗି ମୁଁ ଗୁନ୍ଥିଛି ହେ ପ୍ରିୟ

ହରିଶ୍ଚନ୍ଦ୍ର ବେହେରା

ତୁମରି ଲାଗି ମୁଁ ଗୁନ୍ଥିଛି ହେ ପ୍ରିୟ
ସଜ ଜୁଥିକାର ମାଳା
ଅନେଇ ରହିଛି ରାତି ଉଜାଗରେ
ଆହା ମୋ ପୀରତି ବୋଳା ।।

କେଉଁ ପାପ କରିଥିଲି ଏ ଜୀବନେ
ତୁମକୁ ବିକିଲି ମନ
ଭୁଲିଲି ସଂସାର ଘରଣୀ ପଣ ମୁଁ
ଭୁଲିଲି ମୋ ଆୟତନ
ସବୁ ଆକଟକୁ ପାଦରେ ଆଡ଼େଇ
ରଖିଲି ହୃଦୟ ଖୋଲା ।।

ତମେ ନୀଳ ବୋଲି ପିନ୍ଧିଲି ନିତି ମୁଁ
ନୀଳ ମେଘାମ୍ବରୀ ପାଟ
ଦଧି ବିକିଗଲେ ନଇ ସେପାରିକୁ
ତମେ ଜଗିଥାଅ ଘାଟ
ଭଲ ମନ୍ଦ କିଛି ନ ବିଚାରି ହେଲି
ତୁମରି ପ୍ରୀତି ବାଉଳା ।।

କେତେ କଳଙ୍କର କଙ୍କଣ ପିନ୍ଧିଲି
ତୁମରି ଲାଗି ହେ ପ୍ରିୟ

ISSN NO.
2582-208X

ପ୍ରେମ ପାଗଳିନୀ ହେଲି ତୁମ ଲାଗି
ଯାହା ନେବ ନେଇ ଯାଅ
ବଇଁଶୀରେ ଯେବେ ନାଆଁ ଧରି ଡାକ
ସତେକି ଚନ୍ଦନ ଗୋଳା ।।

(((-)))

କଲ୍ୟାଣ ନଗର, ବାଲେଶ୍ବର -୧
ମୋ -୯୪୩୭୮୧୩୭୦୮

ISSN NO.
2582-208X

# ଛୋଟି କି ଶ୍ରୀମତୀ କହିବା




ଦୀନବନ୍ଧୁ ପୋଇ

ଛୋଟି କି ଶ୍ରୀମତୀ କହିବା କଳାଟି
ରହିଛି ଯାହାର ପାଖେ
ବିନା ଶ୍ରମରେ ସେ ଜିତିଯିବ ସବୁ
ଏସପନ ସିଏ ଦେଖେ ।
ମଣିଷ ଯେଉଁଠୁ ପାଇଲା ପ୍ରଶଂସା
ସିଆଡ଼େ ତରଳେ ମନ
ବୁଝିକି ନବୁଝି ଏ ପ୍ରଶଂସା ପାଇକି
ଛୋଟି ଶୁଣେ ଡ଼େରି କାନ ।
ଥାଉକି ନଥାଉ ଗୋଡ଼ରେ ତାବଳ
ବଢ଼ଇ ତା ଆତ୍ମବଳ
ସାହାଯ୍ୟ ଆବେଗ  ମାତ୍ରା ବଢିଯାଇ
ହୁଅଇ ତ୍ୱଳ ଚଞ୍ଚଳ ।
ଟେକା ଟେକି ପାଇଁ ରହିଥାଏ ଟାକି
କେବଳ ଦୁର୍ବଳ ଜନ
କ୍ଷଣିକ ପାଇଁ ସେ ହୋଇ ଉତେଜିତ
ସର୍ବସ୍ୱ କରଇ ଦାନ ।
ତୁଛା ଟେକା ଟେକି କରି ଜିତି ଯାଇ
ନେବା ଜନ ଛାଡେ ସ୍ଥାନ

ISSN NO.
2582-208X

ଛୋଟି ଟି ବିଚରା ଖୋଜିଲା ବେଳକୁ
ପାଖେ ନଥାଏ ସେ ଜନ ।
ଶ୍ରୀମତୀ କହିକି ଛାଡ଼ି ଚାଲିଗଲା
ଅନ୍ୟ ବେଦିରେ ବସିଲା
ସୁନ୍ଦରୀ କି ଦେଖି ସେଠି ରହିଗଲା
ଛୋଟି ଟି ଏଣେ ଫଶିଲା ।

(((-)))

ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ,
ମୋ – ୯୯୩୮୮୦୨୪୧୨

ISSN NO.
2582-208X

# ବସନ୍ତର ସଂଳାପ



ପ୍ରତିଭା ଦାସ

ବର୍ଷାମୟ ବସନ୍ତ ଆକାଶରେ
ମେଘ, ଟଳମଳ ହୋଇ ଘୁରିବୁଲେ
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଲୋକରେ
ମାଟିର କାତର ପ୍ରାର୍ଥନା ଶୁଣି
ଓହ୍ଲାଇ ଆସି
ମାଟିକୁ ତୁମେ ଆଶାର କିରଣ ହୋଇ।

ବସନ୍ତ ମୋର ପ୍ରିୟ ଋତୁ!
ତଥାପି ବସନ୍ତ ସାଥେ ଏକାନ୍ତ ଅନୁଗତ ହୋଇ ପାରେନି
କାନ୍ଧରେ ମୁଣ୍ଡ ରଖି ପ୍ରେମର ଦୁଇପଦ ସଂଳାପ ରଚନା କରି ପାରେନି।

ମୂଳରୁ ଶେଷ ଯାଏ
ବସନ୍ତକୁ ଭରଷା କରି
ଚାଲୁଥିବା ବେଳେ
ବସନ୍ତ ଭୁଲିଯାଏ ବୃକ୍ଷକୁ
ଦେଇଥିବା ପ୍ରତିଶ୍ରୁତି
କେବେ ଶୁଖାଇ ମାରେ
କେବେ ପୁଣି କାଢ଼ି ନିଏ ବଞ୍ଚିରହିବାର ଶେଷ ଆଶା !

ISSN NO.
2582-208X

କାତର ହୋଇ ଡାକିଲେ
ଶୁଣେନାହିଁ ଭଗ୍ନସ୍ୱରର ପ୍ରାର୍ଥନା
କଠିନରୁ କଠିନ ହୃଦୟ
ପ୍ରେମ, ବିଷାଦ, କିମ୍ବା, କୌତୂହଳ
କିଛି ବି ବୁଝି ପାରେ ନାହିଁ
ମନେ ହୁଏ ଋତୁ ପରିବର୍ତ୍ତନ ନାଁରେ ବସନ୍ତ ଏକ ବିରହ ବେଦନା
ହୋଇ ପାରେ ପ୍ରକୃତି ପାଇଁ
ସବୁଜ ସୁନ୍ଦର ବର୍ଣ୍ଣନା....

(((-)))

ବିଶ୍ୱନାଥ ଗୁରିଆଲି,ଆସାମ

ISSN NO.
2582-208X

# ଏହା ଦାବି ନୁହେଁ, ଆତ୍ମର ଆହ୍ୱାନ



ବିରଞ୍ଚି ନାରାୟଣ ମିଶ୍ର

ଭୀମ ଭୋଇ : ଓଡ଼ିଆ ଅସ୍ମିତାର ଆଲୋକ ପୁରୁଷ — ଆମର ଚେତନା, ଆମର ଦାୟିତ୍ୱ

ଭାରତ ଭୂମି ଅନେକ ସାଧକ, କବି, ଦାର୍ଶନିକ ଓ ମାନବତାବାଦୀଙ୍କୁ ଜନ୍ମ ଦେଇଛି । କିନ୍ତୁ ଏହି ମହାନ ଭୂମିରେ ଏମିତି ଜଣେ କବି ମଧ୍ୟ ଜନ୍ମ ନେଇଥିଲେ, ଯାହାଙ୍କ କବିତା କେବଳ ସାହିତ୍ୟର ପୃଷ୍ଠାରେ ନୁହେଁ, ସମଗ୍ର ମାନବତାର ଲଲାଟରେ ଖୋଦିତ ହୋଇ ରହିଛି । ସେହି ମହାନ ଆତ୍ମା ହେଲେ ଭୀମ ଭୋଇ — ଜଣେ ଓଡ଼ିଆ, ଜଣେ ସାଧକ, ଜଣେ ସମାଜ ସଂସ୍କାରକ, ଏବଂ ସର୍ବପରି ଜଣେ ମାନବପ୍ରେମୀ କବି । କୁହାଯାଏ, "ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ।" ଏହି ଏକମାତ୍ର ମନ୍ତ୍ର ଭୀମଭୋଇଙ୍କ ଚିନ୍ତାଧାରାକୁ ସମଗ୍ର ମାନବ ସଭ୍ୟତା ସମ୍ମୁଖରେ ପରିଚୟ କରାଇଥାଏ। ଏହା କେବଳ କବିତା ନୁହେଁ; ଏହା ମାନବତାର ସର୍ବୋଚ୍ଚ ଘୋଷଣା । ଏହି ମନ୍ତ୍ର ସ୍ୱରୂପ ବାକ୍ୟ ଜାତିସଂଘ ଭବନରେ ଲେଖା ହୋଇଥିବା କଥା ଆମ ପାଇଁ ଗର୍ବର ବିଷୟ । କିନ୍ତୁ ପ୍ରଶ୍ନ ଉଠେ — କେତେ ଓଡ଼ିଆ ଏହା ଜାଣନ୍ତି ? କେତେ ଓଡ଼ିଆ ଏହା ପାଇଁ ଗର୍ବ କରନ୍ତି ? ଆମେ ଅନେକ ସମୟରେ ବିଦେଶୀ ନାୟକଙ୍କୁ ସ୍ମରଣ କରୁ, ବାହାର ମହାନ ବ୍ୟକ୍ତିଙ୍କୁ ଆଦର କରୁ, କିନ୍ତୁ ନିଜ ମାଟିର ଆଲୋକ ପୁରୁଷଙ୍କୁ ଭୁଲିଯାଉ । ଏହା କେବଳ ଅବହେଳା ନୁହେଁ; ଏହା ଆମ ଆତ୍ମଚେତନାର ଅଭାବର ପ୍ରମାଣ । ଭୀମ ଭୋଇ କେବଳ କବି ନୁହେଁ, ସେ ଥିଲେ ଶୋଷିତ, ଅବହେଳିତ ଓ ପୀଡ଼ିତ ମାନବତାର କଣ୍ଠସ୍ୱର । ଜାତି, ବର୍ଣ୍ଣ, ଧର୍ମ ଓ ସାମାଜିକ ଅସମାନତାର ଅନ୍ଧକାର ସମୟରେ ସେ ମାନବ ସମତାର ଦୀପ ଜଳାଇଥିଲେ । ବୈଶାଖ ପୂର୍ଣ୍ଣିମା କେବଳ ଏକ ତିଥି ନୁହେଁ; ଏହା ମାନବତାର ଏକ ପବିତ୍ର ଦିନ । ଏହି ଦିନରେ ଭୀମ ଭୋଇଙ୍କ ଜନ୍ମ ହୋଇଥିବାରୁ ଏହା ଓଡ଼ିଶା ପାଇଁ ଅଧିକ ପବିତ୍ର ହୋଇଯାଏ। ତାଙ୍କ ଜୀବନ ଦୁଃଖ, ଦାରିଦ୍ର୍ୟ ଓ ସମାଜିକ ଯନ୍ତ୍ରଣାରେ ଭରିଥିଲା, କିନ୍ତୁ ତାଙ୍କ ଚିନ୍ତା ଥିଲା

ISSN NO.
2582-208X

ଅସୀମ ଆଲୋକମୟ । ସେ ନିଜ ପାଇଁ କିଛି ଚାହିଲେ ନାହିଁ; ସମଗ୍ର ମାନବ ସମାଜର ମୁକ୍ତିକୁ ସେ ନିଜ ଜୀବନର ଲକ୍ଷ୍ୟ କରିଥିଲେ ।

ଏଠାରେ ଆସେ ଆମର ସାମ୍ପ୍ରତିକ ଚର୍ଚ୍ଚା — ରାଜ୍ୟର ରାଜଧାନୀର ମୁଖଶାଳା, ଅର୍ଥାତ୍ ବସ୍ ଷ୍ଟାଣ୍ଡର ନାମକରଣ । କୌଣସି ରାଜ୍ୟର ରାଜଧାନୀ ବସ୍ ଷ୍ଟାଣ୍ଡ କେବଳ ଯାତାୟାତର ସ୍ଥାନ ନୁହେଁ; ସେହିଠାରେ ଏକ ରାଜ୍ୟର ପରିଚୟ, ସଂସ୍କୃତି ଓ ଆତ୍ମସମ୍ମାନ ପ୍ରକାଶ ପାଏ । ଦେଶର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକ ପ୍ରଥମେ ସେଠିରେ ରାଜ୍ୟକୁ ଅନୁଭବ କରନ୍ତି । ସେହିଠାରୁ ଏହାକୁ "ମୁଖଶାଳା" କୁହାଯାଏ। ଏପରି ଏକ ପ୍ରତୀକାତ୍ମକ ସ୍ଥାନର ନାମ ଯଦି ରାଜ୍ୟର ମାଟି, ଭାଷା ଓ ସଂସ୍କୃତି ସହ ସମ୍ପର୍କ ନଥିବା ଜଣେ ବ୍ୟକ୍ତିଙ୍କ ନାମରେ ରହେ, ତେବେ ଏହା ସ୍ୱାଭାବିକ ଭାବେ ପ୍ରଶ୍ନ ଉଠାଏ । ଏହା କେବଳ ରାଜନୈତିକ ନିଷ୍ପତ୍ତି ନୁହେଁ; ଏହା ସାମୁହିକ ମନୋଭାବର ପ୍ରତିଫଳନ । ଯେତେବେଳେ ଆମ ମାଟିରେ ଭୀମ ଭୋଇ ପରି ବିଶ୍ୱମାନ୍ୟ ବ୍ୟକ୍ତିତ୍ୱ ଅଛନ୍ତି, ସେତେବେଳେ ତାଙ୍କୁ ଅବହେଳା କରି ଅନ୍ୟ ନାମକୁ ପ୍ରାଧ୍ୟାନ ଦେବା ଆମ ଅସ୍ମିତା ପ୍ରତି ଅନ୍ୟାୟ ଭାବରେ ଦେଖାଯାଏ । ଏଠାରେ ମୁଖ୍ୟ ବିଷୟ କାହାକୁ ଅପମାନ କରିବା ନୁହେଁ । ପ୍ରତ୍ୟେକ ମହାନ ବ୍ୟକ୍ତି ସମ୍ମାନର ଯୋଗ୍ୟ । କିନ୍ତୁ ପ୍ରତ୍ୟେକ ଭୂମିର ନିଜସ୍ୱ ଆତ୍ମା ଥାଏ, ନିଜସ୍ୱ ନାୟକ ଥାନ୍ତି । ଓଡ଼ିଶାର ଆତ୍ମାରେ ଯଦି କାହାର ନାମ ଅଲିଭା ସ୍ମୃତି ଭାବେ ଲେଖା ଅଛି, ସେହି ନାମ ହେଉଛି ଭୀମ ଭୋଇ । ସେ ଜାତିକୁ ମାନବତା ଶିଖାଇଥିଲେ, ସମାଜକୁ କରୁଣାର ମୂଲ୍ୟ ବୁଝାଇଥିଲେ, ଏବଂ ଧର୍ମକୁ ମନୁଷ୍ୟ ସେବା ସହ ଯୋଡ଼ିଥିଲେ । ଏକ ରାଜ୍ୟ ତାହାର ମହାନତାକୁ କେମିତି ପ୍ରକାଶ କରେ? ସ୍ମାରକ, ସ୍ଥାନନାମ ଓ ସାର୍ବଜନିନ ସଂସ୍ଥାମାନଙ୍କ ମାଧ୍ୟମରେ । ଯେତେବେଳେ ଆମେ ଆମ ପ୍ରେରଣାଦାୟୀ ମହାପୁରୁଷଙ୍କ ନାମରେ ସ୍ଥାନଗୁଡ଼ିକୁ ନାମିତ କରୁ, ସେତେବେଳେ ଆଗାମୀ ପିଢ଼ୀ ସେହି ନାମ ପଛରେ ଥିବା ଇତିହାସକୁ ଜାଣିବାକୁ ଆଗ୍ରହୀ ହୁଏ । ଏହା ଏକ ସାମ୍ପ୍ରଦାୟିକ ସ୍ମୃତିର ସୃଷ୍ଟି । ଆଜିର ଯୁବପିଢ଼ୀ ମୋବାଇଲ ଓ ଗ୍ଲୋବାଲ ସଂସ୍କୃତିର ମଧ୍ୟରେ ବଢ଼ୁଛି । ସେମାନଙ୍କୁ ନିଜ ମାଟିର ମୂଳ ସହ ଯୋଡ଼ି ରଖିବା ପାଇଁ ଏପରି ପ୍ରତୀକ ଅତ୍ୟନ୍ତ ଆବଶ୍ୟକ । ଯଦି ରାଜଧାନୀର ପ୍ରବେଶଦ୍ୱାରରେ "ଭୀମଭୋଇ" ନାମ ଥାଏ, ତେବେ ପ୍ରତ୍ୟେକ ଯାତ୍ରୀ ପଚାରିବେ — ଭୀମ ଭୋଇ କିଏ? ଏବଂ ସେଠାରୁ ଆରମ୍ଭ ହେବ ଏକ ନୂତନ ଜ୍ଞାନଯାତ୍ରା । ପୂର୍ବ ସରକାର କାହିଁକି କେମିତି ନିଷ୍ପତ୍ତି ନେଲେ, ତାହା ଇତିହାସ ଓ ସମୟ ନିର୍ଣ୍ଣୟ କରିବ । କିନ୍ତୁ ବର୍ତ୍ତମାନର ସରକାର ପାଖରେ ଏକ

ISSN NO.
2582-208X

ସୁଯୋଗ ଅଛି — ଇତିହାସକୁ ସଠିକ ଦିଗରେ ଘୁଞ୍ଚାଇବାର ସୁଯୋଗ । ମୁଖ୍ୟମନ୍ତ୍ରୀ ମୋହନ ବାବୁଙ୍କ ପାଖରେ ଏହା କେବଳ ଏକ ପ୍ରଶାସନିକ ନିଷ୍ପତ୍ତି ନୁହେଁ; ଏହା ଓଡ଼ିଆ ଅସ୍ମିତାକୁ ସମ୍ମାନ ଦେବାର ଐତିହାସିକ ଅବସର । ଭୀମ ଭୋଇଙ୍କ ନାମରେ ରାଜଧାନୀର ମୁଖଶାଳାକୁ ନାମିତ କରିବା କାହାର ବିରୋଧ ନୁହେଁ; ଏହା ଆମ ଆତ୍ମସମ୍ମାନର ପକ୍ଷରେ ଏକ ସକାରାତ୍ମକ ପଦକ୍ଷେପ । ଏହା ରାଜନୀତି ନୁହେଁ — ଏହା ସଂସ୍କୃତି, ଚେତନା ଓ ଇତିହାସ ପ୍ରତି ଦାୟିତ୍ୱ । ଏକ ଜାତି ତାହାର ମହାନ ମଣିଷଙ୍କୁ ଯେତେ ଆଦର କରେ, ସେତେ ତାହାର ଭବିଷ୍ୟତ ଉଜ୍ଜ୍ୱଳ ହୁଏ । ଯଦି ଆମେ ଭୀମ ଭୋଇଙ୍କୁ ଯଥୋଚିତ ସ୍ଥାନ ଦେଇପାରୁ, ତେବେ ଏହା କେବଳ ଏକ ନାମ ପରିବର୍ତ୍ତନ ନୁହେଁ; ଏହା ଓଡ଼ିଆ ଆତ୍ମାର ପୁନରୁତ୍ଥାନ ହେବ । ଆଜି ବୈଶାଖ ପୂର୍ଣ୍ଣିମାର ପବିତ୍ର ଅବସରରେ ଆମେ ନିଜକୁ ପଚାରିବା ଆବଶ୍ୟକ — ଆମେ କି ଆମ ଆଲୋକ ପୁରୁଷଙ୍କୁ ଯଥାର୍ଥ ସମ୍ମାନ ଦେଇଛୁ? ଯଦି ନୁହେଁ, ତେବେ ସମୟ ଆସିଛି ସେହି ଭୁଲକୁ ସୁଧାରିବାର । ଭୀମ ଭୋଇ କେବଳ ଇତିହାସ ନୁହେଁ; ସେ ଓଡ଼ିଶାର ଆତ୍ମା । ତାଙ୍କ ନାମକୁ ରାଜଧାନୀର ମୁଖଶାଳାରେ ସ୍ଥାନ ଦେବା ମାନେ ମାନବତା, କରୁଣା ଓ ଓଡ଼ିଆ ଗର୍ବକୁ ସମ୍ମାନ ଦେବା । ଏହା ଏକ ଅନୁରୋଧ ନୁହେଁ — ଏହା ଏକ ଐତିହାସିକ ଆବଶ୍ୟକତା । ଏହା ଏକ ଦାବି ନୁହେଁ — ଏହା ଏକ ଆତ୍ମାର ଆହ୍ୱାନ । ଓଡ଼ିଶା ଯେତେବେଳେ ନିଜ ଆଲୋକ ପୁରୁଷଙ୍କୁ ସମ୍ମାନ କରିବ, ସେତେବେଳେ ହିଁ ସତ୍ୟ ଅର୍ଥରେ ଆମେ ଗର୍ବର ସହ କହିପାରିବୁ — ଆମେ ଓଡ଼ିଆ ।

(ଆଜି ମୋର ପ୍ରିୟ ବନ୍ଧୁ ସୁଧୀରାଜ ରାଉତଙ୍କ ଲେଖାଟିକୁ ପଢିବା ପରେ ମୋର ଇଛାହେଲା ତାଙ୍କ ଲେଖାକୁ ଅନୁକରଣ କରି ମୁଁ ଗପଟିଏ ଲେଖିବାକୁ। ଲେଖିଲି ମଧ୍ୟ। ସପୂର୍ଣ୍ଣ ଗପଟିର ଆତ୍ମା ଜୀବନ୍ୟାସ ପାଇଛି ସୁଧୀରାଜ ରାଉତଙ୍କ ଗପ ଛୁଆଁରେ। )

(((-)))

ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା
9439011063

ISSN NO.
2582-208X

# କାଳବୈଶାଖୀ!...



ରଂଜିତ ନାଏକ

ବୈଶାଖ ଜ୍ୟେଷ୍ଠରେ କାଳ ରୂପ ଧରି
ଅସମୟେ ଆସ ଚାଲି,
ତୁମ ନାମଗୋଟି ଜଗତେ ବିଖ୍ୟାତ
ଜୀବପାଇଁ କାଳ ବୋଲି ।।

ପ୍ରଚଣ୍ଡ ନିଦାଘେ ତାପମାତ୍ରା ବଢ଼ି
ସୃଷ୍ଟିହୁଏ ଲଘୁଚାପ
ବାୟୁମଣ୍ଡଳରେ ଭାରସାମ୍ୟେ ତ୍ରୁଟି
ଥିଲା ଯହିଁ ଗୁରୁଚାପ

ଅଣଚାଶ ବାୟୁ ବିଜୁଳି ଆଲୋକେ
ଘନକଳା ରୂପ ଧରି,
ବଜ୍ର ନାଦ କରି ଆକାଶରୁ ଖସି
ଢାଳିଦିଅ କୃପାବାରୀ ।।

ଗ୍ରୀଷ୍ମ ଉତ୍ତାପରେ ବସୁମତୀ ଜଳି
ଜଳିଥାନ୍ତି ଯେବେ ଜୀବ,
ବୋଧେ ଆକ୍ରୋଶରେ ରାଗ ସୁଝିବାକୁ
ଚଣ୍ଡୀ ରୂପେ ଆବିର୍ଭାବ ।।

କିଛି କ୍ଷଣ ପାଇଁ ବସୁଧାରୁ ତାତି
ଦେଇଥାଅ ଦୂରକରି,

ISSN NO.
2582-208X

ତୁମ ଭୀମ ମୂର୍ତ୍ତି କରେ ବହୁ କ୍ଷତି
ଗୃହ ବୃକ୍ଷ ନାଶକରି ।।

ତୁମେ ଗଲା ପରେ ତପନ କ୍ରୋଧରେ
ମୁହଁ କରିଦେଇ ଲାଲି,
ଅସହ୍ୟ ରୌଦ୍ରରେ ପୃଥିବୀ ଉପରେ
ନିଆଁ ଢାଳେ ମନ ଖୋଲି ।।

ତୁମ ବନ୍ଧୁଭାବ ସଂସାରେ ଦୁର୍ଲଭ
କେବେ ଛାଡ଼ ନାହିଁ ହାତ,
ବାରମ୍ବାର ଆସ ଦୁଃଖ ଦୂର ପାଇଁ
ତାତିକୁ କରି ନିପାତ ।।

ଲାଭ କ୍ଷତି ନୀତି ପ୍ରାକୃତିକ ସୃଷ୍ଟି
କିଛି ନେବା କିଛି ଦେବା,
ଦୁଃଖ ସୁଖ ସ୍ଥିତି ମାନସିକ କୃତି
ଆଜି ନାହିଁ କାଲି ଥିବା ।।

ବିଜ୍ଞାନ ବୁଦ୍ଧିରେ ସୃଷ୍ଟି ଯନ୍ତ୍ରପାତି
ତାପମାତ୍ରା କରେ ବୃଦ୍ଧି,
ସନ୍ତୁଳନ ସ୍ଥିତି ହରାଇ ପ୍ରକୃତି
ଦିନୁଦିନ ହୁଏ ରୁନ୍ଧି ।।

ହୋଇ ସଚେତନ ବୃକ୍ଷକୁ ରୋପଣେ
ପ୍ରକୃତିକୁ ରକ୍ଷାକଲେ,
ବଂଶଧର ଭବେ ଖୁସିରେ ବଂଚିବେ
ଯେତେ ଖରା ହେଉଥିଲେ ।।

(((-)))

ଉଦୟପୁର, ବୌଦ୍ଧ
8114852494

ISSN NO.
2582-208X

# ଆଗ ନମନ୍ତ୍ରଣ



ଅମରନାଥ ବାରିକ୍

ଆସ ଆମେ ଦେବା ଆଗ ନିମନ୍ତ୍ରଣ
ବିଘ୍ନରାଜ ଗଣେଶଙ୍କୁ
ନ ଆସିବ ବିଘ୍ନ କାର୍ଯ୍ୟ ହେବ ସିଦ୍ଧି
ଡ଼ାକିଲେ ଆଗ ତାହାଙ୍କୁ ।

ଦ୍ୱିତୀୟରେ ପୁଣି ଦେବା ନିମନ୍ତ୍ରଣ
କମଳା ନାରାୟଣଙ୍କୁ
ମାଙ୍ଗଳିକ କାର୍ଯ୍ୟ ହେବ ଶୁଭଙ୍କର
ଆଶୀର୍ବାଦ ଉଭୟଙ୍କୁ ।

ତୃତୀୟରେ ପତ୍ର ସମର୍ପିତ ଦେବା
ଜୟ ପବନ ପୁତ୍ରଙ୍କୁ
ହେବ ନାହିଁ କେବେ ଅନିଷ୍ଟ ଆଶଙ୍କା
ପୂଜିଲେ ହନୁମାନଙ୍କୁ ।

ଚତୁର୍ଥେ ଭକ୍ତିରେ ଜଣାଇବା ଘର
କୁଳ ଗ୍ରାମଦେବତୀଙ୍କୁ
ରଖିବେ କୁଳକୁ ଘଣ୍ଟ ଘୋଡ଼ାଇ ଯେ
ଭଜିଲେ ଆଦ୍ୟ ଶକ୍ତିଙ୍କୁ ।

ISSN NO.
2582-208X

ପଞ୍ଚମେ ଜଣାଇ ଦେବା ନିମନ୍ତ୍ରଣ
ପିତୃପକ୍ଷ ପୁରୁଷଙ୍କୁ
ଅଶ୍ୱତ୍ଥ ବୃକ୍ଷର ମୂଳେ ବାସ ତାଙ୍କ
ସୁମରିଣ ପୂର୍ବଜଙ୍କୁ ।

ଷଷ୍ଠରେ ସ୍ୱହସ୍ତେ ନିମନ୍ତ୍ରଣ ପତ୍ର
ପଠାଇ ମାମୁଁ ଘରକୁ
ତା'ପରେ ବିବାହ ନିମନ୍ତ୍ରଣ ଯେତେ
ଅନ୍ୟାନ୍ୟ ସମ୍ପର୍କୀୟଙ୍କୁ ।

(((-)))

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ରୂପା ଜହ୍ନ ଓ ରୂପସୀ ରାଜଗିର



ପ୍ରିୟବ୍ରତ ପାତ୍ର

ରାଜଗିରରେ ସେଦିନ ଥିଲା ମୋର ତୃତୀୟ ଦିବସର ରହଣି । ସନ୍ଧ୍ୟା ଯାଇ ଦୁଇଘଣ୍ଟା ବିତି ସାରିଥାଏ । ବୁଦ୍ଧ ପୂର୍ଣ୍ଣିମା ଯୋଗୁଁ ସାରା ରାଜଗିରରେ ପାର୍ବଣ ଚାଲିଛି । ଏକା ଦିନରେ ଏହି ବୈଶାଖ ପୂର୍ଣ୍ଣିମା ଦିନ ବୁଦ୍ଧଙ୍କର ତିନିଟି ସିଦ୍ଧି ହୋଇଥିଲା । ଜନ୍ମ, ନିର୍ବାଣ ଓ ଦେହତ୍ୟାଗ । ତେଣୁକରି ତ ଏହି ସହରଟିରେ ଏତେ ଲିଚୁମାଳ, ଏତେ ମିଠା ଦୋକାନ । ବହୁତ ଲୋକ ନୂଆ ପୋଷାକରେ ପର୍ବ ପାଳୁଥାନ୍ତି । ଆକାଶରେ ଏତେବଡ ଜହ୍ନ । କେବେ ନଦେଖିଲା ଭଳି ଜହ୍ନ । କିଛି ଲୋକ ସାଜ-ସରଞ୍ଜାମ ନେଇ ଗୃଧ୍ରକୁଟ ପର୍ବତର ଶିଖର ଦିଗେ ଚାଲିଚାଲି ବାହାରିଥାନ୍ତି । ସାରା ଜହ୍ନରାତି ସେଇ ଶିଖରରେ କଟେଇଦେବେ ।

ଆଃ, କି ମୁକ୍ତ ମଣିଷ ସତେ ? ଆହା, ମୁଁ ବି ଯାଇପାରନ୍ତି କି ?

ରାଜଗିରରେ ସବୁ ସମୟ ଚା ପିଇବା ସମୟ । ସବୁ ସମୟ ମିଠା ଖାଇବାର ସମୟ । କରେଣ୍ଟ୍ ବାରମ୍ବାର ଚାଲି ଯାଉଥିବା ଯୋଗୁଁ ଆଖପାଖର ଜେନେରେଟର୍ ମାନେ ଦାନବୀୟ ଶବ୍ଦ କରି ମଝିରେ ମଝିରେ ନିଜର ଦୌରାତ୍ମ୍ୟ ଜାରି କରୁଥାନ୍ତି । ମୁଁ ବସିଥିବା ଚା ଦୋକାନରେ ପହଞ୍ଚିଗଲେ ମୋର ଅନୁଜପ୍ରତିମ ଅଫିସ୍ କର୍ମଚାରୀଜଣକ । ସେ ଯେ ଗଲା ଦୁଇଦିନ ଧରି ମତେ ମଟର ସାଇକେଲ୍ ରେ ବୁଲାଇ ଚାଲିଛନ୍ତି ।

ଆଉ କିଛି ବାକି ରହିଗଲା କି ଦାଦା ?

ମୋତେ ନୁହେଁ । ଆପଣଙ୍କ ସାହାଯ୍ୟ ଭୁଲିବାର ନୁହେଁ ।

ତଥାପି ମନେପକାନ୍ତୁ, କାଳେ କିଛି ଛାଡି ହେଇଯାଇଥିବ ?

ISSN NO.
2582-208X

ସେଇଠୁ ମୁଁ ମନେ ପକେଇଲି । ମନକୁ ଆସିଲେ ତଥାଗତଙ୍କ ଆଗସେବକ ସାରିପୁତ । କହିଲି – ସବୁ ଦେଖିଲି ଯେ ସାରିପୁତ୍ତଙ୍କ ନାମ ନିଶାନ କୋଉଠି ଖୋଜି ପାଇଲି ନାହିଁ ।

ବନ୍ଧୁ କହିଲେ – ଏଇ କଥା । ଏବେ ବାହାରନ୍ତୁ । ଦେଖିବା ସାରିପୁତ୍ତ ଓ ମହାମୋଗଲନା ଉଭୟଙ୍କ ମିଳିତ ଦେହାବଶେଷର ସ୍ତୂପ । ଗୋଟିଏ ସ୍ତୂପ ଭିତରେ ଦୁଇ ମହାଭିକ୍ଷୁ । ଏ ଖବର ଶୁଣି ଆଶ୍ଚର୍ଯ୍ୟ ହେଲି ଏବଂ ତୁରନ୍ତ ମଟର ସାଇକେଲ ପଛରେ ବସି ବାହାରିପଡିଲି ।

ଦୂରରୁ ଦେଖିଲୁ, ଚୂନ ଧଉଳା ସ୍ତୂପଟିଏ । ସ୍ତୂପମାନଙ୍କର ଦୁର୍ଭାଗ୍ୟ, ବେଶୀ ପାଖକୁ ଗଲେ ବି ଅଧିକ କିଛି ଦେଖିବାର ଅବକାଶ ନଥାଏ । ଦୂରରୁ ଲାଗୁଥିଲା ରୂପସୀ ରାଜଗିର ନଗରୀକୁ ଆକାହର ପୂରା ଚାଳଟି ଓହ୍ଲେଇ ଆସିଛି । ନୂଆ ଚୂନରେ ଧଉଳା ହୋଉଥିବା ସ୍ତୂପ, ତୋଫାପଣରେ ଜହ୍ନଠୁ ବି କିଛି କମ ? ନୁହେଁ !

ଅପେକ୍ଷାକୃତ ଶୂନଶାନ ଜାଗାଟିରେ ଠିଆ ହୋଇଛି ସ୍ତୂପ । ବନ୍ଧୁଙ୍କୁ କହିଲି – ମତେ ଦଶ ମିନିଟ୍ ଏଇଠି ଠିଆ ହେବାପାଇଁ ଦିଅନ୍ତୁ । ବନ୍ଧୁ ମତେ ଏକା ଛାଡି ସିଗାରେଟ୍ ଟାଣିବାପାଇଁ ଦୂରକୁ ଚାଲିଗଲେ । ଭୂଇଁକୁ ଯେ ଓହ୍ଲେଇ ଆସିଛି ପରା ଜହ୍ନ !

ପୂରା ବୌଦ୍ଧ ପରମ୍ପରାରେ ଏପରି କେବେ ବି ଦେଖାଯାଇନି ଯେ ଗୋଟିଏ ସ୍ତୂପରେ ଦୁଇଜଣଙ୍କର ଦେହାଂଶ । ପୁଣି ଏପରି କରିବାପାଇଁ ଖୋଦ୍ ତଥାଗତ ହିଁ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାର କାରଣ ହେଲା ସାରିପୁତ୍ତ ଓ ମୋଗଲାନା ଭିତରେ ଥିବା କାଳଜୟୀ ଅତୁଟ ବନ୍ଧୁତା । ଏପରି ନିବିଡ ବନ୍ଧୁତା ଇତିହାସରେ ନା କେବେ ଦେଖାଥିଲା ନା ଭବିଷ୍ୟତରେ କେବେ ଦେଖାଯିବ ।

ସଚରାଚର ଆମେ ଦେଖିଥାଉ, ଯଦି କୌଣସି ମଣିଷ କୌଣସି ବିଷୟରେ ବ୍ୟୁତ୍ପତ୍ତି ଲାଭ କରିଥାଏ ସେ ବିଷୟରେ ସେ ସଫଳତାକୁ ଛୁଇଁଥାଏ । କିନ୍ତୁ ହରାଇଥାଏ ଗୋଟିଏ ଚିଜ, ତାହା ହେଲା ନିରୋଳା ବନ୍ଧୁତା । ସେମାନଙ୍କର ଶିଷ୍ୟ ଥାଇପାରନ୍ତି, ପ୍ରଶଂସକ ଥାଇପାରନ୍ତି, ପ୍ରତିଦ୍ୱନ୍ଦ୍ୱୀ ଥାଇପାରନ୍ତି – କିନ୍ତୁ ନିରୋଳା ବନ୍ଧୁ ନଥାନ୍ତି । ପ୍ରଜ୍ଞାର ଚରମ ସୀମାକୁ ଛୁଇଁଥିବା ସାରିପୁତ୍ତ ଓ ମୋଗଲାନା ସାରା ଜୀବନ ଅକ୍ଷୁର୍ଣ୍ଣ ରଖିଥିଲେ ସେମାନଙ୍କ ନିରୁତା ବନ୍ଧୁତ୍ୱକୁ । ଜନ୍ମ ନେଇଥିଲେ ଗୋଟିଏ ଦିନରେ, ଗୋଟିଏ ଗାଁରେ, ଜଣେ ଆଚାର୍ଯ୍ୟଙ୍କ ପାଖରେ ପାଠ ବି ପଢିଥିଲେ । ପରେପରେ ସେଇଠୁ ବିଦାୟ ନେଇ ପୁଣି ଗୋଟିଏ ଧର୍ମରେ ଶରଣ ନେଲେ, ତଥାଗତଙ୍କ ଆଗଧାଡିର ଶିଷ୍ୟ ପାଲଟିଗଲେ । ଅରହନ୍ତ ହୋଇଥିଲେ, ଏବଂ ସେଇ

ISSN NO.
2582-208X

ଗୋଟିଏ ତତ୍ତ୍ୱକୁ ଲୋକଙ୍କ ପାଖରେ ପହଞ୍ଚାଉଥିଲେ । ଦୁହେଁ ଦେହତ୍ୟାଗ ବି କରିଥିଲେ ପାଖାପାଖି ଦିନରେ । ସ୍ୱୟଂ ତଥାଗତ ଏ ବିଷୟରେ ଅବଗତ ଥିଲେ, ତେଣୁ ସିଏ ହିଁ ଗୋଟିଏ ସ୍ତୂପର ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଦୁଇ ବନ୍ଧୁଙ୍କ ଦେହତ୍ୟାଗର ବିଷୟଟି ଥିଲା ସମପରିମାଣରେ ବିସ୍ମୟକର ଓ ବିରଳ ।

ସାରିପୁତ୍ତଙ୍କ ଦେହତ୍ୟାଗର ପରେ ମାତା ସାରି ମୁଣ୍ଡପିଟି କ୍ରନ୍ଦନ କଲେ । ପଛକଥା ମନେପକେଇ ବାହୁନି ହେଲେ । ପୁତ୍ର ଜୀବିତ ଅବସ୍ଥାରେ କେତେଥର ଯେ ଗୋଟିଏ ବୌଦ୍ଧ ବିହାର କରିବାପାଇଁ ଅନୁରୋଧ କରିଥିଲେ! ବିପୁଳ ସମ୍ପତ୍ତିର ମାଲିକାଣୀ ସାରି କିନ୍ତୁ ନିର୍ଦ୍ଦୟ ଭାବେ ସେ ପ୍ରସ୍ତାବକୁ ଏଡାଇ ଦେଇଥିଲେ । କାରଣ ସେ ସମଗ୍ର ବୌଦ୍ଧ ଧର୍ମ ତଥା ତାର ପ୍ରଚାର ପ୍ରସାରକୁ ଘୃଣା କରୁଥିଲେ ।

ସାରିପୁତ୍ତଙ୍କ ଜୀବନହୀନ ଶରୀରଟି ଚୀବର ଘୋଡି ହୋଇ ଘର ଭିତରେ ପଡିଥାଏ । ସ୍ୱର୍ଣ୍ଣକାରକୁ ଡକାଇ ମାତା ଅନ୍ତ୍ୟେଷ୍ଟିକ୍ରିୟାର ଅଳଙ୍କାର କିଣି ଆଣିଲେ । ଗାଁର ମଝି ଜାଗାରେ ମଞ୍ଚ କାଠରେ ତିଆରି ତୋରଣଯୁକ୍ତ ଘର ଥିଲା । ତା ଭିତରେ ତିନିକୋଣିଆ କାଠର ଗମ୍ବୁଜ ତିଆରି ହେଲା । କାଠର ବିମାନରେ ନେଇ ଶରୀରକୁ ଚନ୍ଦନ କାଠରେ ଦାହ କରାଗଲା । ସେଥିରେ ଝୁଣା, ପୁଷ୍ପ, ଧୂପ, ଅଗୁରୁ ଆଦିକୁ ନିକ୍ଷେପ କରାଗଲା । ରାତିସାରା ବରିଷ୍ଠ ଶ୍ରମଣମାନଙ୍କ ଦ୍ୱାରା ଧର୍ମର ଅସରନ୍ତି ସୂକ୍ତର ଆବୃତ୍ତି ଚାଲିଲା । ଗୋଟିଏ ସପ୍ତାହ ଧରି ବୌଦ୍ଧଗାନର ଗମ୍ଭୀର ଆସର । ତାପରେ ବରିଷ୍ଠ ଭିକ୍ଷୁ ଅନିରୁଦ୍ଧ ଜଳ ସିଞ୍ଚନ କରି ଅସ୍ଥି ଶୀତଳ କଲେ । ଅନୁଜ ଚୁଣ୍ଡ ସାରୀପୁତ୍ତଙ୍କ ଦେହାବଶେଷକୁ ଜୁଇରୁ ସଂଗ୍ରହ କରି ସଫା ବସ୍ତ୍ରରେ ବାନ୍ଧି ରଖିଲେ । ଅନ୍ୟ ଏକ ସଫା ବସ୍ତ୍ରର ଝୁଲାରେ ସାରୀପୁତ୍ତଙ୍କ ଚୀବର ଭିକ୍ଷାଥାଳ ତଥା ଦେହାବଶେଷକୁ ରଖି, ତଥାଗତଙ୍କ ପାଖରେ ପହଞ୍ଚିବାକୁ ବାହାରିଲେ । ଏତେବେଳେ ଶ୍ରାବସ୍ତୀର ଜେତବନରେ ଗୌତମବୁଦ୍ଧ ରହୁଥାନ୍ତି ।

ଚୁଣ୍ଡ ଯାଇ ପ୍ରଥମେ "ଆନନ୍ଦ"ଙ୍କୁ ସାକ୍ଷାତ କଲେ । ଅଗ୍ରଜ ଭ୍ରାତାଙ୍କ ନିଧନ କଥା ପ୍ରକାଶ କଲେ । ସାରିପୁତ୍ତଙ୍କ ମହାପ୍ରୟାଣର ଖବର ଶୁଣି ଆନନ୍ଦ ଦୁଃଖରେ ଭାଙ୍ଗିପଡିଲେ ଏବଂ ସମସ୍ତେ ମିଶି ତଥାଗତଙ୍କୁ ସାକ୍ଷାତ କଲେ ।

ଆନନ୍ଦ କହିଲେ - ବରିଷ୍ଠ ଭିକ୍ଷୁ ସାରିପୁତ୍ତ ଥିଲେ ମୋର ଶିକ୍ଷକ, ଉପଦେଷ୍ଟା । ଧମ୍ମର ଉପଦେଶ ଦେଇ ମୋ ଭିତରେ ବିପୁଳ ଆନନ୍ଦର ସଂଚରଣ କରୁଥିଲେ । ବୈରାଗ୍ୟ, ମୁକ୍ତି

ISSN NO.
2582-208X

ଓ ପ୍ରଜ୍ଞାର ସେ ଥିଲେ ସର୍ବକାଳିନ ଉତ୍ସ । ତାଙ୍କରି ଅବର୍ତ୍ତମାନରେ ମୁଁ ଅସହାୟ ।

ଆନନ୍ଦଙ୍କ ଭାବପ୍ରବଣତା ଦେଖି ତଥାଗତ କହିଲେ – ଶୁଣ ଆନନ୍ଦ, ବିଶାଳ ବୃକ୍ଷରୁ ସର୍ବବୃହତ୍ ଶାଖାଟିଏ କଟିଗଲା ପରି, ସାରିପୁତ୍ତ ଆଜି ଆମ ସଂଘରୁ ଅପସରିଗଲେ । ତେବେ ଆମେ କାହିଁକି ଆଶା କରିବା ଯେ ଆମଉ ଛାଡି କେହି କୁଆଡେ ନଯାଆନ୍ତୁ । ତେଣୁ ହେ ଆନନ୍ଦ ! ଦ୍ୱୀପ ପରି ହୁଅ । ନିଜ ଆଶ୍ରୟସ୍ଥଳୀ ନିଜେ ହୁଅ । ଦ୍ୱୀପ ପରି ଅନ୍ୟର ବିନା ସାହାଯ୍ୟରେ ତିଷ୍ଠି ରହିବା ଶିଖ ।

ତଥାଗତ ସାରିପୁତ୍ତଙ୍କ ଦେହାବଶେଷ ସମ୍ବଳିତ କନାର ପୁଟୁଳିଟିକୁ ପାପୁଲିରେ ଧରିଲେ । ଉପସ୍ଥିତ ଭିକ୍ଷୁଙ୍କୁ ସମ୍ବୋଧନ କରି କହିଲେ – ଶୁଣ, ଶୁଣ, ହେ ମୋର ପ୍ରିୟ ଭିକ୍ଷୁଗଣ ! ମୁଁ ହାତରେ ଧରିଛି ଶାମୁକା ରଙ୍ଗର ବିଶିଷ୍ଟ ଭିକ୍ଷୁଙ୍କ ଦେହାବଶେଷ । ସମସ୍ତ ବର୍ଷ ଧରି, ଜନ୍ମ ଜନ୍ମ ଧରି ସେ ଯେଉଁ କୁଚ୍ଛ ସାଧନା କରୁଥିଲେ, ଏବେ ତାହା ପୂରଣ ହୋଇଛି । ମହାନିର୍ବାଣ ପଥରେ ସେ ବର୍ତ୍ତମାନ ଆଗକୁ ଚାଲିଯାଇଛନ୍ତି । ସେ ଥିଲେ ନିର୍ଜନତାରେ ସନ୍ତୁଷ୍ଟ, ସଙ୍ଗହୀନତାରେ ସମଭାବ ପାରଦର୍ଶୀ ।

ସେଇଠୁ ଦେହାବଶେଷକୁ ନେଇ ଆନନ୍ଦ ରାଜଗିର ଚାଲିଆସିଲେ । କାରଣ ତଥାଗତଙ୍କ ନିର୍ଦ୍ଦେଶ ଥିଲା ସେଇଠି ହିଁ ହେବ ଭବ୍ୟସ୍ତୂପ । ଆନନ୍ଦଙ୍କ ପରେପରେ ଅନ୍ୟ ଶିଷ୍ୟମାନଙ୍କୁ ନେଇ ତଥାଗତ ମଧ୍ୟ ରାଜଗିରକୁ ଚାଲିଆସିଲେ ।

ଠିକ୍ ଏତିକିବେଳେ ମହାମୋଗଲନାଙ୍କ ମୃତ୍ୟୁ ଘଟିଲା ଏବଂ ତଥାଗତଙ୍କ ଉପସ୍ଥିତିରେ ତାଙ୍କର ଶବସଂସ୍କାର ହୋଇଗଲା । ପୂରା ସଂଘରେ ଛାଇଗଲା ଦୁଃଖର ଛାୟା । ତଥାଗତଙ୍କ ନିର୍ଦ୍ଦେଶରେ ଦୁଇ ଅଗ୍ରଣୀ ଶିଷ୍ୟଙ୍କୁ ଗୋଟିଏ ସ୍ତୂପ ଭିତରେ ରଖିଦିଆଗଲା । ଇତିହାସରେ ସମ୍ଭବତଃ ଏପରି ଘଟଣା ପ୍ରଥମ ଓ ଶେଷ ହୋଇ ରହିଗଲା ।

ଏହାପରେ ତଥାଗତ ଚାଲିଗଲେ ଗଙ୍ଗାତଟକୁ, ଏକାନ୍ତବାସ ନିମନ୍ତେ । ବରିଷ୍ଠ ଭିକ୍ଷୁ ଅନିରୁଦ୍ଧ ରହିଗଲେ ରାଜଗିରରେ । ଅନ୍ୟ ସାଥି ଭିକ୍ଷୁଙ୍କ ସମସ୍ତ ଜିଜ୍ଞାସାର ଉତ୍ତର ଦେବାପାଇଁ ଅନିରୁଦ୍ଧ ଥିଲେ ଜଣେ ଅନୁଭୂତିସମ୍ପନ୍ନ ପ୍ରାଜ୍ଞ ।

କିଛି ଶ୍ରମଣ ଅନିରୁଦ୍ଧଙ୍କୁ ପଚାରିଲେ – ମହାଭାଗ ଆମେ ଶୁଣୁଛୁ, ମହାମୋଗଲନାଙ୍କ ମୃତ୍ୟୁ ବଡ କରୁଣ ଓ ନାରକୀୟ ଥିଲା । କିଛି ଅପରାଧୀଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣରେ

ISSN NO.
2582-208X

ତାଙ୍କର ଦୟନୀୟ ମୃତ୍ୟୁ ଘଟିଥିଲେ । ଏତେବଡ ପୁଣ୍ୟାତ୍ମାଙ୍କ ଜୀବନରେ ଏପରି ଭିଭୀଷିକା କାହିଁକି ହେଲା।

ପ୍ରାଜ୍ଞ ଅନିରୁଦ୍ଧ ସେଇଠୁ ପୂରା ଘଟଣାଟି ବର୍ଣ୍ଣନା କଲେ ।

ସାରିପୁତ୍ତଙ୍କ ମହାପ୍ରୟାଣ ପରେ ମୋଗଲଆ ବି ଅନୁଭବ କଲେ ଯେ ତାଙ୍କର ବି ଦେହତ୍ୟାଗର ସମୟ ଆସିଯାଉଛି । ଦୁଷ୍ଟ ଶକ୍ତି "ମାର" ସମସ୍ତ କୌଶଳ କରି ତାଙ୍କୁ ବିପଥଗାମୀ କରିବାକୁ ଚେଷ୍ଟିତ ଥିଲା । କିନ୍ତୁ ମୋଗଲନା ସେଥିରେ ମୁକୁଳି ଯାଇଥିଲେ । ଏ ସମୟରେ ଜଣେ ଜୈନଗୁରୁ ନାଥପୁତ୍ତଙ୍କ ମୃତ୍ୟୁ ହୋଇଗଲା । ତାଙ୍କ ପରେ ଉତ୍ତର ଅଧିକାରିତାକୁ ନେଇ ତଥା ସମ୍ପତ୍ତିକୁ ନେଇ ଶିଷ୍ୟମାନଙ୍କ ଭିତରେ ପ୍ରଚଣ୍ଡ କଳହ ଆରମ୍ଭ ହୋଇଗଲା । ଏସବୁ ଦେଖି ମୋଗଲନା ମତ ଦେଲେ ଯେ ତତ୍ୱଭିତ୍ତିକ ଅପୂର୍ଣ୍ଣତା ଓ କାଳିମା ଯୋଗୁଁ ଏପରି ବିଭ୍ରାଟ ଦେଖାଦେଉଛି । ଏହା ସମଗ୍ର ଜୈନଧର୍ମ ପ୍ରତି ଏକ ଆକ୍ଷେପ ପରି ଲାଗୁଥିଲା । ଏଥିରେ ଉତକ୍ଷିପ୍ତ କିଛି ଜୈନଗୁରୁ କିଛି ଗୁଣ୍ଡାଙ୍କୁ ଲଗେଇ ମୋଗଲନାଙ୍କୁ ହତ୍ୟା ଉଦ୍ୟମ କଲେ ।

ଅପରାଧୀମାନେ ଛ ଥର ହତ୍ୟା ଉଦ୍ୟମ କରିଥିଲେ । ପ୍ରତି ଥର ସେମାନଙ୍କ ଆସିବା ଖବର ପାଇ ମୋଗଲନା କେଉଁଠି ଆତ୍ମଗୋପନ କରିନେଉଥିଲେ । ସପ୍ତମ ଥର ବେଳକୁ ମୋଗଲନାଙ୍କ ହତ୍ୟା ହୋଇଗଲା । ଶେଷ ସମୟରେ ମଧ୍ୟ ମୋଗଲନାଙ୍କ ମନପକ୍ଷୀ ତଥାଗତଙ୍କ ପାଖକୁ ଯାଇ ବିଦାୟ ମାଗି ନେଇଥିଲା । ମୋଗଲନାଙ୍କ ମହାପରିନିର୍ବାଣ ହୋଇଗଲା ।

ଏଭଳି ମର୍ମନ୍ତୁଦ ଅପମୃତ୍ୟୁର କାରଣ କହିବାକୁ ଯାଇ ବରିଷ୍ଠ ଭିକ୍ଷୁ ଅନିରୁଦ୍ଧ ପୁନଶ୍ଚ କଥା ଆରମ୍ଭ କଲେ –

ମୋଗଲନା କୌଣସି ଏକ ଜନ୍ମରେ ନିଜର ଅନ୍ଧ ପିତାମାତାଙ୍କ ପ୍ରତି ଅତ୍ୟନ୍ତ କ୍ରୂର ବ୍ୟବହାର କରିଥିଲେ । ନିଜ ସ୍ତ୍ରୀର କୁମନ୍ତ୍ରଣାରେ ପଡି, ନିଜକୁ ଦସ୍ୟୁ ରୂପ ଉପସ୍ଥାପନ କରି ନିଜ ପିତାମାତାଙ୍କୁ ନିସ୍ଠୁର ମାଡ ମାରିଥିଲେ । ପିତାମାତା ଅନ୍ଧ ଥିବାରୁ ତାହା ଜାଣିନପାରି ସାହାଯ୍ୟ ପାଇଁ ବଡ ବିକଳ ହୋଇ ନିଜ ପୁଅକୁ ଡକାଉଥିଲେ । ଅଥଚ ପାଖରେ ଥାଇ ପୁତ୍ର ଦସ୍ୟୁ ରୂପରେ ତାଙ୍କୁ ଆକ୍ରମଣ କରୁଥିଲା । ଏଥିରେ ଅନ୍ଧ ପିତାମାତାଙ୍କ ମୃତ୍ୟୁ ବି ହୋଇଗଲା ।

ISSN NO.
2582-208X

ସେଇ ଘୃଣ୍ୟକର୍ମ ପାଇଁ ମୋଗଲନା ଅନେକ ଜନ୍ମ ଧରି ଶାସ୍ତି ମଧ୍ୟ ପାଇ ଆସୁଥିଲେ । ଏ ଜନ୍ମରେ ତାହା ପୂରା ହୋଇଗଲା । ଏହି ଅପମୃତ୍ୟୁ ପରେ ତାଙ୍କର ସମସ୍ତ ପାପକର୍ମର ପ୍ରଭାବ ଧୋଇ ହୋଇଗଲା। ସେ ପରିନିର୍ବାଣକୁ ଚାଲିଯାଇଥିବା ଯୋଗୁଁ ଏ ଧରାପୃଷ୍ଠରେ ଆଉ ଜନ୍ମ ନେବେ ନାହିଁ ।

କ୍ରମଶଃ.....

(((-)))

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ମୋ ଜେଜିମା ଓ ରଜ ଦୋଳି



କୁଞ୍ଜ ବିହାରୀ ସାହୁ

ମୋ ଜେଜିମା ପୁରୁଣାକାଳିଆ
କାନରେ ନାଇଛି ନୋଳି,
ଥିରି ପାଦେ ସିଏ ଅଗଣାକୁ ଯାଇ
ବାନ୍ଧିଦେଲା ପଟା ଦୋଳି ।
କହିଲା -ନାତୁଣୀ ଆ,
ଚନ୍ଦନ, କୁଙ୍କୁମ, ଅଳତା ଲଗେଇ
ଦୋଳିରେ ତୁ ଝୁଲି ଯା ।

ଜେଜିମା କଥାରେ ହୁଁ ମାରିଦେଇ
ବସିଲି ଦୋଳିରେ ଥିରି,
ଜେଜିମା ପଛରୁ ପହୁଞ୍ଚା କରିଲା
ହସିଲି ମୁଁ କିରିକିରି ।
ଖାଇଲି ରଜର ପାନ,
ଓଠଟି ଦିଶିଲା ନାଲିଆ ନାଲିଆ
ଭାଙ୍ଗିଲା ମୋ ଅଭିମାନ ।

ଜେଜିମା କହିଲା- ରଜ ତିନିଦିନ
ପୁଅଝିଅଙ୍କର ମେଳି,
ପୁଅ ଖେଳୁଥାନ୍ତି ଡୁ..ଡୁ.. ଖୋ..ଖୋ

ISSN NO.
2582-208X

ଝିଅମାନେ ପୁଚି, ଦୋଳି ।
ପିଠା-ମିଠା, ପାନ ଖିଆ,
ହସଖୁସୀ ଚାଲେ ମଜାମଉଜରେ
ଚାଲେ ପୁଣି ଦିଆନିଆ ।

ପାକୋଇ ଜେଜିମା ମୁଣ୍ଡକୁ ଆଉଁଶି
କହିଲା ସୁନ୍ଦର କଥା,
ଜେଜେ ପୋତିଥିଲେ ଚାରାଟିଏ ଦିନେ
ଆଜି ଟେକିଅଛି ମଥା ।
ଦୋଳି ତୁ ଖେଳିଲୁ ଡାଳେ,
ସେଇଥିପାଇଁକି ପୋତିଦେ ଚାରାଟେ
ବସୁମତୀ ସ୍ନାନ କାଳେ ।

(((-)))

ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ତିନୋଟି ସତୀ



ମୀରା ବାଇ ପାଣିଗ୍ରାହୀ

ସତ୍ୟ ତ୍ରେତା ଆଉ ଦ୍ୱାପର ଯୁଗରେ
ଜନ୍ମିଲେ ମହାନ ନାରୀ
ଶୁଦ୍ଧ ବିଚାରରେ ପବିତ୍ର କରନ୍ତି
ସ୍ୱାମୀ ଙ୍କୁ ପାରନ୍ତି ତାରି ।
ପତିଙ୍କ ସେବାରେ ନିଷ୍ଠା ପୂର୍ବକ ସେ
ପତ୍ନୀ ଧର୍ମ ପାଳୁଥିଲେ
ଯେତେ ବାଧାବିଘ୍ନ ଆସୁଥିଲେ ମଧ୍ୟ
ତପସ୍ୟା ଛାଡୁନଥିଲେ ।
ଏହିଭଳି କେତେ ମହିୟସୀ ନାରୀ
ଜନ୍ମିଥିଲେ ଭୂ ମଣ୍ଡଳେ
ପୃଥିବୀ ପୃଷ୍ଠକୁ ପବିତ୍ର କରନ୍ତି
ସାଧନା କରନ୍ତି ଜଳେ ।
ଏହିଭଳି ଥିଲେ ସୀତା ମାତା ସତୀ
ବନବାସ ଗଲେ ପତି
ପତି ଙ୍କ ସହିତ ନିଜ ସୁଖ ଭୁଲି
ଗମନ କରିଲେ ସତୀ ।
ସତୀତ୍ୱ ବଳରେ ରାବଣ ରାକ୍ଷସ
ପାଖ ସୁଦ୍ଧା ମାଡ଼େ ନାହିଁ

ISSN NO.
2582-208X

ଅର୍ଦ୍ଧ ରାତ୍ରେ ଲୁଚି ମାତା ବୋଲି କହି
ଅଭ୍ୟର୍ଥନା କରେ ସେହି ।
ସତୀତ୍ୱ ବଳରେ ଦହନ କରିଲେ
ସୀତା ମାତା ସୁନା ଲଙ୍କା
ଅଗ୍ନିରେ ପ୍ରବେଶି ପ୍ରମାଣ କରିଲେ
କଲେ ନାହି ତିଳେ ଶଙ୍କା ।
ଏହି ଭଳି ଥିଲେ ସାବିତ୍ରୀ ସୁହାଗୀ
ସତ୍ୟବାନ ପତି ବରି
ଅଳ୍ପ ଆୟୁ ବୋଲି ଜାଣି ମଧ୍ୟ ସିଏ
ବାହା ହେଲେ ସତୀ ନାରୀ ।
ସାବିତ୍ରୀ କୋଳରୁ ଯମ ଦେବତା ଯେ
ପ୍ରାଣ ନେଲେ ପତିଙ୍କର
ସତୀତ୍ୱ ବଳରେ ପଛେ ପଛେ ଯାଇ
ମାଗିନେଲେ ତିନିବର ।
ନିତି ଦେଖୁଥିବି ସ୍ୱାମୀ ଙ୍କୁ ମୋହର
ମନରେ କରିଲେ ରାଣ
ଯମ ଦେବତା ଯେ ହାର ମାନିଗଲେ
ଭୁଲିଗଲେ ନିଜ ପଣ ।
ଅନୁସୂୟା ଥିଲେ ମହାସତୀ ସାଧ୍ୱୀ
ଅତ୍ରି ଋଷି ଥିଲେ ପତି
ଦେବୀ ମାନେ ତାଙ୍କ ସତୀତ୍ୱ ଭାଙ୍ଗିବେ
ବୋଲି ମୂଢାଇଲେ ମତି ।
ସତୀତ୍ୱ ଭାଙ୍ଗିବା ପାଇଁ କି ଚିନ୍ତିଲେ
ପଠାଇଲେ ତାଙ୍କ ପତି
ସତୀତ୍ୱ ବଳରେ ଶିଶୁ ରୂପ କଲେ
ଜାଣିଗଲେ ତାଙ୍କ ଗତି ।

ISSN NO.
2582-208X

ସେହିଦିନ ଠାରୁ ପ୍ରଭୂ ମାତା ହେଲେ
ଲାଳନ ପାଳନ କଲେ
ଦେବୀ ମାନେ ହାରି ନିଜ ଗର୍ବ ବୁଝି
ପଡ଼ିଗଲେ ପାଦତଳେ ।
ଆଜିକାଲି ନାରୀ ଏହି ସବୁ କଥା
ବିଶ୍ୱାସ କରନ୍ତି ନାହିଁ
ଆଧୁନିକା ହୋଇ ଚରିତ୍ର ଗଢନ୍ତି
ଅପବିତ୍ର କରି ମହୀ ।

(((-)))

କୋମନା, ନୂଆପଡା

ISSN NO.
2582-208X

# ଗ୍ରନ୍ଥି ର ଯନ୍ତ୍ରଣା



ନମିତା ଦାଶ

ଗଭୀର ରାତ୍ରି ର ମଧ୍ୟ ପ୍ରହରେ
ସେ ଆସେ ନାହିଁ ରଥରେ,
ସେ ଆସେଏକ ଅଦୃଶ୍ୟ ଅନୁଭୂତି ହୋଇ
ଯେପରି ଦିର୍ଘ ସ୍ନେହର ପଶରାରେ
ମୋ ମା ର ନିରବ ସ୍ପର୍ଶ।
ତାର ପରଶ ଲକ୍ଷ୍ମୀ ପ୍ରତିମା ମୁହଁ
ମୋ ଆଖିରୁ ଝରିଯାଏ ଅମାନିଆ ଲୁହ ।
ତାର ଗୋଲାପି ରଙ୍ଗ ଓଠରୁ ଝରୁଥାଏ
ମଧୁର ସ୍ନେହ ର ସ୍ୱର .....
ମୋତେ କୋଳାଇନିଏ ତାର ଆବେଗ।
ରାତି ପହିଯାଏ....
କୋଇଲି ର କଣ୍ଠ ରୁ ଝରେ
ଅଦୃଶ୍ୟ ସମୟ ର ସଙ୍ଗୀତ,
ସେ ସୁରରେ ମିଶିଥାଏ
ଅନେକ ଅପୂର୍ଣ୍ଣ ପ୍ରେମ ର ସ୍ମୃତି..
ଅନେକ ଅଜଣା ଜନ୍ମ ର ଅଭିଳାଷା।
ପବନ ଏବେ କେବଳ ଗତିନୁହେଁ,
ସେ ଏକ ଅଦୃଶ୍ୟ ଦୂତ ।

ISSN NO.
2582-208X

ପ୍ରତ୍ୟେକ ଘର ଦ୍ୱାରେ ଛାଡିଯାଏ
ନୂଆ ଆଶା ର ଗୁପ୍ତ ଆମନ୍ତ୍ରଣ।
ଫଗୁଣ ଏକ ଉତ୍ସବ ନୁହେଁ
ଏକ ଆସ୍ତିତ୍ୱର ଘୋଷଣା।
ମୃତ୍ୟୁ ର ଅସ୍ୱୀକାର ଓ ନିରାଶ ର
ବିରୁଦ୍ଧ ରେ ଜୀବନ ର ସଙ୍ଘର୍ଷ।

(((-)))

ନବି ମୁମ୍ବଇ

ISSN NO.
2582-208X

ବେଦାନ୍ତି

# ଜୀବନ ର ଅନୁପ୍ରାସ



ଡକ୍ଟର ସୁଶ୍ରୀସଂଗୀତା ସ୍ୱାଇଁ

କାନ୍ଥଘଣ୍ଟା ରାତି ବାରଟା ବାଜିବାର ସଂକେତ ଦେଲାଣି । ଧରିତ୍ରୀ ଙ୍କ ଆଖିରେ କିନ୍ତୁ ନିଦନାହିଁ । ସୁଖରେ ନା ଆଶଙ୍କା ରେ ନିଦମାନେ ବିଦ୍ରୋହୀ ସାଜିଛନ୍ତି, ସେ କଥା ସେ ଜାଣନ୍ତି ନାହିଁ । 'ଶାନ୍ତିନିଳୟ 'ନାମଧାରୀ ଦ୍ୱିତଳ ପ୍ରାସାଦ ଟି ଝକମକ ଆଲୋକମାଳା ସଜ୍ଜା ରେ ନବବଧୂ ସମ ପ୍ରତୀୟମାନ ହେଉଛି । ଧରିତ୍ରୀ ଏବଂ ଯଶୋବନ୍ତଙ୍କ ଏକମାତ୍ର ପୁଅ ଅନିକେତର ରାତି ପାହିଲେ ବାହାଘର । ବନ୍ଧୁବାନ୍ଧବ ଦିନତମାମ ଗହଳିକରି ଶାନ୍ତିନିଳୟ କୁ ଚଳଚଞ୍ଚଳ କରି ରଖିଛନ୍ତି । ଆସନ୍ତାକାଲି ଏହି ସମୟ କୁ ପୁଅ ତାଙ୍କର ପରିବାରକୁ ନୂଆ ସଦସ୍ୟ ଟିଏ ଆଣିବାର ସବୁ ବିଧି କୁ ସମ୍ପାଦନ କରୁଥିବ । ବହୁ ପ୍ରତୀକ୍ଷିତ ଅନିକେତର ବାହାଘର । ଧରିତ୍ରୀ ଅନତି ଦୂରରେ ଶୋଇଥିବା ସ୍ୱାମୀ ଯଶୋବନ୍ତଙ୍କୁ ଅନାଇଲେ । ନିଷ୍ପାପ କୋମଳ ଶିଶୁ ପରି ଶୋଇଛନ୍ତି ସେ । ଦିନତମାମ ବନ୍ଧୁଚର୍ଚ୍ଚା, ବାହାଘର ର ଅନ୍ୟ ବାହାର ଆୟୋଜନ କଥା ବୁଝୁବୁଝୁ ଯଶୋବନ୍ତ ଥକି ପଡିଛନ୍ତି । ଧରିତ୍ରୀ ଗଭୀର ଦୃଷ୍ଟିରେ ଯଶୋବନ୍ତଙ୍କୁ ଅନାଇଲେ । ତାଙ୍କ ମୁଖମଣ୍ଡଳ ରେ ଏକ ପ୍ରସନ୍ନତା ସେ ଦେଖିପାରିଲେ । ସେ ପ୍ରସନ୍ନତା ସଚ୍ଚୋଟ ତଥା ନିଷ୍ଠାପର ଭାବରେ ଚାକିରୀ ଜୀବନରୁ ସମ୍ମାନ ର ସହ ଅବସର ନେଇଥିବା ଜଣେ ପଦସ୍ଥଅଫିସର ର । ଝିଅ ଅଲିଭା ଓ ପୁଅ ଅନିକେତ ପରି ସୁଯୋଗ୍ୟ ଦାୟାଦ ର ପିତାଙ୍କର । ପୁରୁଣା ଦିନର ସ୍ମୃତିସବୁ ଆପଣଛାଏଁ ଧରତ୍ରୀଙ୍କ ମନଭିତରକୁ ପଶିଆସିଲା । ଏଇତ କାଲି ପରି ଲାଗୁଚି । ନବବଧୂ ସାଜି ନିମ୍ନ ମଧ୍ୟବିତ୍ତ ପରିବାର କୁ ଆସିଥିଲେ ଧରିତ୍ରୀ ଯଶୋବନ୍ତଙ୍କ ହାତଧରି । ଏହାଭିତରେ ଦୀର୍ଘ ପଇଁତିରିଶ ବର୍ଷ ବିତିଗଲାଣି । ସେଦିନ ବିବାହର ୩୫ତମ ବାର୍ଷିକୀରେ ଆତ୍ମୀୟସ୍ୱଜନ ଆଉ ପିଲାମାନଙ୍କ ଦ୍ୱାରା ଆୟୋଜିତ ଉତ୍ସବ ରେ ଷ୍ଟେଜ ଉପରେ

ISSN NO.
2582-208X

ଯଶୋବନ୍ତଙ୍କ ଅଭିବ୍ୟକ୍ତି ଭାବବିହ୍ୱଳ କରିଥିଲା ଧରିତ୍ରୀଙ୍କୁ । ଯଶୋବନ୍ତ ମାଇକ୍ରୋଫୋନଟିକୁ ନେଇ ନିଜ ବକ୍ତବ୍ୟ ରଖିଥିଲେ ।

ଧରା,

ତୁମ ନାମ ପରି ତୁମେ ସର୍ବଂସହା । 35 ବର୍ଷ ର ଦାମ୍ପତ୍ୟଜୀବନ ର ଉତ୍ଥାନ-ପତନ ଦେଇ ଦୁଇ ପରିବାର ମଧ୍ୟରେ ସମନ୍ୱୟ ରଖି ମୋ ପରିବାରର ପ୍ରତିଟି ଦାୟିତ୍ୱ ତୁମେ ଯେପରି ନିଷ୍ଠାର ସହ ତୁଲାଇଛ ସେଥିପାଇଁ ମୁଁ ତୁମନିକଟ ରେ କୃତଜ୍ଞ। ଏତେ ଘାତପ୍ରତିଘାତ କୁ ସାମ୍ନା କରିମଧ୍ୟ ଅଭିମାନ କି ଅଭିଯୋଗର 'ଅ' ଅକ୍ଷର ମଧ୍ୟ ତୁମ ମୁହଁ ରେ ପ୍ରକାଶପାଇନି । ତୁମ ସସ୍ନେହ ଅନୁଶାସନ ଅଲିଭା ଆଉ ଅନିତେଂଶୁଙ୍କୁ ସୁଯୋଗ୍ୟ କରି ଦୁନିଆ ରେ ପ୍ରତିଷ୍ଠାକରି ପାରିଛି । ସବୁ କିଛି ସ୍ୱପ୍ନପରି ଲାଗୁଛି ମୁଁ ଜାଣିନି ଆରଜନ୍ମରେ ତୁମେ ମୋପରି ସ୍ୱାମୀପାଇବାକୁ ଇଛାକରକି ନାହିଁ, କିନ୍ତୁ ପ୍ରତିଜନ୍ମ ରେ ତୁମପରି ସ୍ତ୍ରୀ ପାଇବାକୁ ମୋର ଇଶ୍ୱରଙ୍କ ପାଖରେ ପ୍ରାର୍ଥନା ।

ସମଗ୍ର କୋଠରୀ କରତାଳି ରେ ଫାଟିପଡୁ ଥାଏ । ଆଉ ସେ ସ୍ମୃତି ରୋମନ୍ଥନ କରିନିଜ ଆଖିକୋଢ଼ ରେ ଦୁଇଟୋପା ଲୁହ ଅନୁଭବ କରିପାରିଲେ ଧରିତ୍ରୀ । ଝିଅ ଅଲିଭା ତ ବାପାଙ୍କୁ ଚିଡାଇ କହେ... ବାପା, ଆମକୁ ଲାଗୁଚି ତୁମେ ଜାଗର ଜାଳି ଶିବଙ୍କୁ ସନ୍ତୁଷ୍ଟ କରି ଏହିପରି ପାର୍ବତୀ ଏବଂ ଲକ୍ଷ୍ମୀଙ୍କ ମିଳିତ ପ୍ରତିମୂର୍ତ୍ତି ପାଇଛ। ଆଉ ଝିଅ କଥା ରେ ସମ୍ମତି ଜଣାଇ ଯଶୋବନ୍ତ କହନ୍ତି ହଁ ରେ ମା, ତୁ ଠିକ କହିଚୁ ସେ ଭଡାଘରୁ ଦ୍ୱିତଳ ପ୍ରାସାଦର କାୟାପଲଟ ପ୍ରଚ୍ଛଦପଟ ପଛରେ ତୋର ମାର ପ୍ରଚ୍ଛନ୍ନ ଅବଦାନ ରହିଛି । ସବୁ ଠିକ ଭିତରେ ଲୋକମାନଙ୍କ ଭାଷାରେ ଗୋଟିଏ ଭୁଲ ହେଉଛି ଧରିତ୍ରୀଙ୍କ ଆବଶ୍ୟକତାରୁ ଅଧିକ ସେବା ପରାୟଣତା, ଆତିଥେୟତା, ଉଦାରତା, ନୀତିନିୟମ, ଧର୍ମକାର୍ଯ୍ୟ, ଆଉ ପୂଜାର୍ଚ୍ଚନା ର ଅଭ୍ୟାସ । ଧରିତ୍ରୀଙ୍କୁ ତାଙ୍କ ଭାଉଜମାନେ, ସାହିପଡିଶା, ଜ୍ଞାତିକୁଟୁମ୍ବ ମାନେ ସତର୍କବାଣୀ ଶୁଣାନ୍ତି । ଯୁଗ ବଦଳୁଛି ଧରା, ନିଜକୁ ପରିବର୍ତନ କର । ଏତେନୀତି, ନିୟମ, ବ୍ରତ, ପୂଜା....ଆଧୁନିକା ବୋହୁ ମାନିବ ତ?

ଧରିତ୍ରୀ ସେମାନଙ୍କୁ ସ୍ମିତହସଟିଏ ଦେଇ ଉତ୍ତର ଫେରାନ୍ତି, "ମୁଁ କାହିଁକି ବାଧ୍ୟକରିବି ବୋହୁ କୁ? ବଳବୟସ ଥିବା ଯାଏ ନିଜେ କରୁଥିବି । ମୋ ଅନ୍ତେ ତା ଘର ସେ କଲେ କରିବ ନ ହେଲେ ନାହିଁ । ତୁମେ ମାନେ ଚିନ୍ତାକର ନାହିଁ । ସେପରି କିଛି ଅନର୍ଥହେବ

ISSN NO.
2582-208X

ନାହିଁ ।” ଭାରି ଅଜବ ଲାଗେ ଧରିତ୍ରୀ ଙ୍କୁ ଲୋକଙ୍କ ଏହିପରି ଆଚରଣ । କାହିଁକି କେଜାଣି ନିଜଘର ପୋଡିଯାଉଥିବା ବେଳେ ଲୋକମାନଙ୍କର ଅନ୍ୟଘର ନିଆଁ ଲିଭାଇବାପାଇଁ ଏତେ ଆଗ୍ରହ ?

ତେବେ ଯାହେଉ ଈଶ୍ୱରଙ୍କ କୃପାରୁ ଝିଅ ଅଲିଭାକୁ ବିବାହ ଦେଇ ଜ୍ୱାଇଁ ନୁହେଁ ପରୋକ୍ଷରେ ପୁଅଟିଏ ପାଇଛନ୍ତି ଧରିତ୍ରୀ । ଧରିତ୍ରୀ ଆଉ ଯଶୋବନ୍ତଙ୍କର ଏକମାତ୍ର ଚିନ୍ତାଥିଲା ଅନିକେତ ର ଜୀବନସାଥୀ ନିର୍ବାଚନ । ନିଜ ପସନ୍ଦର ଝିଅ ଖୋଜିବାର ସ୍ୱାଧୀନତା ଦେଇଥିଲେ ମଧ୍ୟ ଅନିକେତର ଏକାଜିଦ ବାପା ମାଙ୍କର ନିର୍ବାଚିତ ଝିଅକୁ ହିଁ ସେ ବିବାହକରିବ । ଆଉ ସେହିଦିନଠାରୁ ବହୁତ ଖୋଜାଖୋଜି ପରେ ତାଙ୍କ ପରିବାରକୁ ସମ୍ପୂର୍ଣ କରିବାପଇଁ କିଛିସମୟ ପରେ ଅନିକେତର ଭାବି ସ୍ତ୍ରୀ ସୁଶୀଳାର ଆଗମନହେବ ।

ତେବେ କେଉଁଠି ନା କେଉଁଠି ହୃଦୟର ନିଭୃତକୋଣ ରେ ଅବଚେତନମନ ରେ ସେଇ ଅଜଣାଭୟ ଧରିତ୍ରୀଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି । ଆଉ ତାର ପରିଣାମ ଆଜିର ଏ ବିନିଦ୍ରରଜନୀ । ସତରେ କଣ ଆଧୁନିକା ବୋହୁ ସହ ସାମଞ୍ଜସ୍ୟ ରଖି ସେ ଚଳିପାରିବେ ? ଏତେ ବର୍ଷଧରି ନୀତି, ନିୟମ, ଶୃଙ୍ଖଳା ରେ ଗଢ଼ିଥିବା ‘ଶାନ୍ତିନିଳୟ‘ ର ଶାନ୍ତି ଅତୁଟ ରହିବ ? ଏମିତି ସବୁ ଅବାନ୍ତର ଭାବନାଗୁଡିକ ତାଙ୍କୁ ବ୍ୟତିବ୍ୟସ୍ତ କରିତୋଳିଲା । କାନ୍ଥଘଣ୍ଟା ରାତି 2 ଟା ବାଜିବାର ସୂଚନାଦେଲା । ପ୍ରକୃତିସ୍ଥ ହେଲେ ଧରିତ୍ରୀ । ଏକ ଦୃଢ଼ ଆତ୍ମପ୍ରତ୍ୟୟର ଅଭୟବାଣୀ ମନକୁ ଶୁଣାଇଲେ । ସେ ଶାଶୁନୁହେଁ ମା ଭୂମିକା ରେ ଚିରଦିନ ରହିବାକୁ ଚେଷ୍ଟାକରିବେ । ବାକିସବୁ ଈଶ୍ୱରଙ୍କ ଇଚ୍ଛା । ଧରିତ୍ରୀଙ୍କ ମୁଖଉଜ୍ଜ୍ୱଳ ଦିଶିଲା । ପୁଣିଥରେ ସ୍ୱାମୀଙ୍କୁ ଅନାଇଲେ । ସବୁଚିନ୍ତାରୁ ଦୂରରେ ପ୍ରଶାନ୍ତଭାବରେ ସେ ଶୋଇଥିବାର ଦେଖି ଧରିତ୍ରୀଙ୍କ ଅଧରରେ ଏକ ସ୍ମିତହାସ ଖେଳିଗଲା ।

(((–)))

ସହକାରୀ ପ୍ରାଧାପିକା, ଦୂର ଆଭ୍ୟସୀ ଶିକ୍ଷା
ଫକୀର ମୋହନ ବିଶ୍ୱବିଦ୍ୟାଳୟ
ବାଲେଶ୍ୱର, ଓଡିଶା
ମୋ· 7873771026

ISSN NO.
2582-208X

# ଆଜି ପଣାସଂକ୍ରାନ୍ତ

ସତ୍ୟନାରାୟଣ ପ୍ରଧାନ

ଆଜି ପଣା ସଂକ୍ରାନ୍ତି ଉଛେ କହିଲା ନାତି
କାହିଁକି ପାଳନ୍ତି ପଚାରୁ,
ବସାଇ ତାକୁ ପାଶେ ମନ ମଣ୍ଡାଇ ହର୍ଷେ
କହିଲି ନିଷ୍ଟେ ପଞ୍ଜିକାରୁ,
ମୋ ପ୍ରିୟ ନାତି,
ଜାଣିଗଲୁ ଏ ତଥ୍ୟ ସିନା।
ମୋତେ ଯେତିକି ଅଛି ଜଣା
କହିବି ଆଜି ତୋତେ ଅଧିକ ଜ୍ଞାନ ଯେତେ
ଶିକ୍ଷକ କରିବେ ବର୍ଣ୍ଣନା ।

ସୂର୍ଯ୍ୟ ଚତୁର୍ପାଶ୍ୱରେ ପୃଥ୍ୱୀ ସର୍ବଦା ଘୂରେ
ପଢିଛୁ ବିଜ୍ଞାନରେ ଏହା,
ରବି ଜ୍ୟୋତିଷ ମତେ ନିତ୍ୟ ଗତି କରନ୍ତେ
ପ୍ରତି ମାସରେ ଏକ ଠାଆ,
ମୋ ପ୍ରିୟ ନାତି,
କରୁ ଥାଆନ୍ତି ଅଧିଷ୍ଠାନ
ତାକୁ ରାଶି ନାମରେ ଗଣ
ଆଜି ମେଷ ରାଶିରେ ବିଷୁବ- ବୃତ୍ତ ପରେ
କରିଅଛନ୍ତି ଅବସ୍ଥାନ ।

ସିଧାସଳଖ କର ଆମ ପରେ ତାଙ୍କର
ପଡୁଛି ଅନୁଭବ କର,
ତେଣୁ ଧରା ଉତ୍ତପ୍ତ ହେବ ଅଧିକ ମତ

ISSN NO.
2582-208X

ଗ୍ରୀଷ୍ମ ଋତୁ ନାମିତ ତା'ର
ମୋ ପ୍ରିୟ ନାତି,
ବର୍ଷ ଆରମ୍ଭ ଆଜିଠାରୁ
ବାର ମାସ ଗଣତି କରୁ
ପ୍ରତ୍ୟେକ ସଂକ୍ରାନ୍ତିରେ ରବି ଏକ ରାଶିରେ
ରହନ୍ତି ପଞ୍ଜିକା ଲେଖାରୁ ।

ଆଜି ଶ୍ରୀହନୁମାନ ଜନ୍ମ ତିଥି ପାଳନ
ପୂଜାପାର୍ବଣ କରାଯାଏ,
ସମ୍ବିଧାନ ପ୍ରଣେତା ଆମ୍ବେଦକର
ମାତା ଗର୍ଭରୁ ହେବାରୁ ଉଦୟେ
ମୋ ପ୍ରିୟ ନାତି,
ପାଳିତ ତାଙ୍କରି ଜୟନ୍ତୀ
ଶିବ ପାର୍ବତୀ ସେବା ବ୍ରତୀ
ଦଣ୍ଡଯାତ୍ରା ବିଧାନ ହୋଇବ ଉଦ୍ୟାପନ
ମେରୁଯାତ ନାମରେ ଖ୍ୟାତି ।

ଲୋକେ ଗ୍ରୀଷମ ତାତି ସହିବେ ଦିନରାତି
ପୂର୍ବ ପ୍ରସ୍ତୁତି ଆଜି ତା'ର,
ଗ୍ରାମଦେବତୀ ସହ ସର୍ବ ଦେବ ସମୂହ
ପଣା ଭୋଗରେ ପ୍ରୀତ କର,
ମୋ ପ୍ରିୟନାତି,
ପଣ୍ଡିତଗଣ କହିଛନ୍ତି
ସଭିଏଁ ପାନ କରି ମତି
ହୋଇବେ ଅତି ତୋଷ ମେଣ୍ଟାଇବାକୁ ଶୋଷ
ଋତୁସାରା ପିଇ ପାରନ୍ତି ।

ବୃନ୍ଦାବତୀ କଷଣ କଲାରୁ ଅନୁଧ୍ୟାନ
ତା'ଉପରେ ଛାୟାପ୍ରଦାନ,

ISSN NO.
2582-208X

କରିବେ ଜଳଘଟ ରଖି ଝୁଲାଇ ସୂତ୍ର
ଜଳ ଢାଳିବେ ଅନୁକ୍ଷଣ,
ମୋ ପ୍ରିୟ ନାତି,
ଜଳ ପଡିବ ଦିନ ରାତି
ବୃକ୍ଷର ହେବନାହିଁ କ୍ଷତି
ପଥପ୍ରାନ୍ତେ ସଲିଳଛତ୍ର ହୋଇବ ଠୁଳ
ତୃଷ୍ଣାରୁ ମିଳିବାକୁ ମୁକ୍ତି ।

ଦେଖ ହିନ୍ଦୁ ସଂସ୍କୃତି ଆମ ଓଡ଼ିଆ ଜାତି
କେତେ ମତେ ଧର୍ମ ପାଳନ୍ତି
ଅତିଥିପରାୟଣ ଦେବା ଦେବୀ ପୂଜନ
ଗୋରୁ ବ୍ରାହ୍ମଣ ସେବାବ୍ରତୀ
ମୋ ପ୍ରିୟନାତି,
ଦୟାରେ ବିଗଳିତ ମତି
ଝାମୁଯାତ୍ରାରେ ଅଗ୍ନିତାତି
ସହି କରନ୍ତି ଯାତ୍ରା କଷ୍ଟରେ ଅତିମାତ୍ରା
ବିଚଳିତ କେବେ ନୁହନ୍ତି ।

ଇଂରାଜୀ ନବବର୍ଷ ଛାଡନ୍ତୁ ପ୍ରତିବର୍ଷ ଆଜି ମନ ହରଷ କର,
ପିନ୍ଧି ନୂତନ ବାସ ପିଠାପଣା ବିଶେଷ କରନ୍ତୁ ଯତ୍ନ ସହକାର
ମୋ ପ୍ରିୟ ନାତି,
କହିବୁ ଛାଡିବେ ମଦିରା
ଆମିଷ ଖାଦ୍ୟ ପତିଆରା
ମନରୁ ଦେବେ ବର୍ଜ ସଂକୀର୍ତ୍ତନରେ ମଜ୍ଜି
ନୃତ୍ୟ କରନ୍ତୁ ରାତିସାରା ।

(((-)))

ଆଠମଲ୍ଲିକ, ଅନଗୁଳ

ISSN NO.
2582-208X

ବେଦାନ୍ତି

# ଶୋଇ ଯା'ରେ ଧନ



ଶିବ ପ୍ରସାଦ ଗୁନ୍ଦ

ଶୋଇ ଯା 'ରେ ଧନ  ମାଆ କୋଳେ ତୋ'ର
ଯେଉଁଠି ମିଳଇ ସରଗ ସୁଖ,
ତୁ କାହୁଁ ଜାଣିବୁ ନିଷ୍ଠୁର ଏ କାଳ
ତୋ ଭାଗ୍ୟେ ଲେଖିଛି ଦାରୁଣ ଦୁଃଖ ।
ଅକାଳେ ଲିଭିଲା  ଜୀବନ ଦୀପ ତୋ
ଦେଖି ଦେଲେ ତୋତେ ହୃଦୟ ଥରେ,
କିଏ ଜାଣିଥିଲା ମାଆ କୋଳେ ଦିନେ
ଶୋଇ ଯିବୁ ଧନ ଚିର ନିଦ୍ରାରେ ।
ମାଆ ର ମମତା ସବୁଠାରୁ ବଡ଼
ବାତ୍ସଲ୍ୟ ସ୍ନେହ ତା ଅମୂଲ ମୂଲ,
ହାରିବା ଆଗରୁ ଜୀବନ ଯୁଦ୍ଧରେ
ଅକାଳେ ଝଡିଲା କଅଁଳ ଫୁଲ ।
ମରଣ ଦେଇଛି ବିଜୟ ର ଟୀକା
ଲଲାଟେ ବିଧାତା ଲେଖିଛି ଗାର,
ନିଷ୍ଠୁର ନିୟତି  ପାରିନି ତୁଟାଇ
ବାତ୍ସଲ୍ୟ ମମତା ସେନେହ ଡୋର ।
ନଶ୍ୱର ଶରୀର ପଞ୍ଚ ଭୂତେ ଲୀନ
ଇଏତ ବିଧିର ନିତ୍ୟ ବିଧାନ,
ଜୀବନେ ମରଣେ  ମାଆ ପରା ସାହା
ମାଆ ର ମମତା ନ ହୁଏ ଛିନ୍ନ ।

ISSN NO.
2582-208X

ନାରୀ ରୂପେ ସିଏ  ନାରାୟଣୀ ସିନା
ପୃଥିବୀ ପୃଷ୍ଠରେ ଅବତରଣ
ସନ୍ତାନ ର ସୁଖେ ହସି ହସି ପରା
କରି ପାରେ ସିଏ ମୃତ୍ୟୁ ବରଣ ।
କିଏ ତଉଲିବ ମାଆର ମମତା
କେଉଁ ତରାଜୁରେ ସଂସାରେ କହ
ମାଟିରୁ ଆକାଶ  ଯା ' ପଣତ ଛୁଏଁ
ସେନେହେ , ବାରିଧି ତା' ସରି ନୁହଁ ।

(((-)))

ପୁରୁଣିଆଁ , କେନ୍ଦୁଝର
ଦୂରଭାଷ: ୯୪୩୮୧୬୦୫୪୫

ISSN NO.
2582-208X

# 'ତୃତୀୟ ପାଦ' କବିତା ସଂକଳନ : କେତୋଟି ପୌରାଣିକ ପ୍ରସଙ୍ଗର ରୋମନ୍ଥନ

ମମତା ରାଣୀ ବାରିକ୍

ଜୀବନ ଓ ଯନ୍ତ୍ରଣାକୁ ସାଦରେ ଗ୍ରହଣ କରି ନିଜର କଳ୍ପନାର ପୁଟ ଦେଇ ଆପଣାର ଜଗତକୁ ଏକ ନୂତନ ରୂପ ପ୍ରଦାନ କରେ କବି। ସେ ଦେଖେ ଅତି ପ୍ରାଚୀନତା ମଧ୍ୟରେ ନୂତନତାର ସୁନେଲୀ ଆଭା। ସାଧାରଣ ମଧ୍ୟରେ ଖୋଜିବୁଲେ ସେ ଏକ ଅସାଧାରଣ ସୂକ୍ଷ୍ମସତ୍ତା। ଅପହଞ୍ଚ ଇଲାକାରେ ସେ ପହଞ୍ଚି ତା'ର ବାର୍ତ୍ତାକୁ ଆଣି ପରଶିଦିଏ ପାଠକସାମ୍ନାରେ। ତାର ସ୍ପର୍ଶରେ ସତେ ଯେପରି ଚିନ୍ତା ଓ ଚେତନାରେ ଆସେ ବିବର୍ତ୍ତନର ଧାରା। ଏହିପରି ଏକ ନୂତନ ଜୀବନଧାରା ସହ ପରିଚିତ କରାଇ ଚିନ୍ତନକୁ ଜୀବନମୁଖୀ କରିବାରେ ସଫଳ ହୋଇଥିବା ଜଣେ ସାମ୍ପ୍ରତିକ କାଳର ନିଆରା ସ୍ୱର ହେଉଛନ୍ତି ବ୍ରହ୍ମାନନ୍ଦ ବେହେରା। " ମାଟିରୁ ଆକାଶ', 'ଅନ୍ଧାରର ଆଖି"ଆଦି ଜୀବନଧର୍ମୀ କବିତା ସଂକଳନ ମଧ୍ୟରେ ଥାଏ ତାଙ୍କର ମାଟିମନସ୍କତା,ଅତୀନ୍ଦ୍ରିୟ ମାନସିକତା, ସାମ୍ପ୍ରତିକ ଜଗତ, ଜୀବନ ଓ ସମସ୍ୟା ତଥା ଅତୀତର କୀର୍ତ୍ତି ଓ ଅତି ପରିଚିତ ଗ୍ରାମ୍ୟ ସ୍ମୃତି। ଆଲୋଚ୍ୟ 'ତୃତୀୟ ପାଦ'କବିତା ସଂକଳନ ମଧ୍ୟରେ ସେ ମଧ୍ୟ ପ୍ରୟାସ କରି ଛନ୍ତି ସେହି ସ୍ୱରକୁ ସ୍ପର୍ଶକରିବାପାଇଁ। ଏତଦଭିନ୍ନ ସମୁଦାୟ ୪୧ ଗୋଟି କବିତାର ସମାହାର ଥିବା ଏହି ସଂକଳନଟିରେ କେତେକ ପୁରାଣ ଆଶ୍ରିତ କଥାକୁ ଆପଣା ଦୃଷ୍ଟିକୋଣରେ ରୂପଦେଇ କେତୋଟି ଭିନ୍ନଧର୍ମୀ କବିତା ରଚିତ ହୋଇଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି। ତାହା ଉକ୍ତପ୍ରବନ୍ଧର ଆଲୋଚନାର ବିଷୟ।

ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ ଘାଟ ନିକଟରେ ଅଟକାଇ ପ୍ରଭୁଙ୍କ ପାଦ ଧୋଇବାର ସୁଯୋଗପ୍ରାପ୍ତିର କଥାକୁ 'କୈବର୍ତ୍ତ' କବିତାରେ ଉପସ୍ଥାପନ କରାଯାଇଛି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଚରଣ ସ୍ପର୍ଶ କରିବା କେତେ ଜଣଙ୍କ ଭାଗ୍ୟରେ ଅବା

ISSN NO.
2582-208X

ଜୁଟେ? କିନ୍ତୁ ଜାଣତରେ ହେଉ ଅବା ଅଜାଣତରେ କୈବର୍ତ୍ତ ତାହା ପ୍ରାପ୍ତ କରିଛି। ଭବସାଗରର ଜଗୁଆଳି ଭାବଗ୍ରାହୀଙ୍କୁ ଗଙ୍ଗାକୂଳର ଘାଟ ଜଗୁଆଳିର ସର୍ତ୍ତ ରେ ରାଜିହେବାକୁ ପଡିଛି। ନିଜର ବୃତ୍ତି ହଜିଯିବାର ଭୟ ଦେଖାଇ ପ୍ରଭୁଙ୍କ ପାଦ କୁ ସ୍ୱହସ୍ତରେ ଭଲକରି ଧୋଇବାର ଆଜ୍ଞା ସେ ପାଇଛି। ଯାହାଙ୍କ ଚରଣ ସ୍ପର୍ଶରେ ପଥରଟା ପାଲଟି ଯାଇଥିଲା ନାରୀ, ତାଙ୍କ ପଦରେଣୁ ପଡିଲେ ତା'ର ନୌକା ମଧ୍ୟ ହଜିଯିବ ଏଭୟ ତାକୁ ଘାରିଥିଲା। ତେଣୁ ବୃତ୍ତିହରା ନହେବା ପାଇଁ ପ୍ରଭୁଙ୍କ ନିକଟରେ ସେ ରଖିଛି ସର୍ତ୍ତଟିଏ ସେପାରିକୁ ନେବାପାଇଁ ଏବଂ ସ୍ୱୟଂ ଭବସାଗର ତାରକ ଏଥିରେ ସ୍ୱୀକୃତି ଦେଇଛନ୍ତି।

"ଏତିକି ଅନୁମତି ମିଳୁ ସେପାରିକୁ ପାରି କରିବାକୁ
ଭଲକରି ପାଦ ଧୋଇ ଦେଲାପରେ ମୋ ହାତରେ। " (୧)

ଗୋବିନ୍ଦ ଚନ୍ଦ୍ର ଉପାଖ୍ୟାନର ରାମନାମ ଭଜିବା ଏବଂ ସମୟକୁ ଜିତିବାର ପ୍ରସଙ୍ଗକୁ ଆଧାର କରି ରଚିତ ହୋଇଛି 'ତେଣୁ ଯାଆ ଯୋଗୀ ହୋଇ' କବିତା। ସଂସାରର ନଶ୍ୱରତା, ଐଶ୍ୱର୍ଯ୍ୟର କ୍ଷଣସ୍ଥାୟୀତ୍ୱ ଓ ମାୟା ମୋହର ପରିଣତିକୁ ବୁଝାଇ ହାଡ଼ିପା ଙ୍କ ଲାଉତୁମ୍ବା ଓ କେନ୍ଦରାଗୀତ ମାଧ୍ୟମରେ ଡହଡହ ଖରାରେ କଷ୍ଟକୁ ବରଣ କରି ସମୟକୁ ଜିତିବାର ପନ୍ଥା ଦେଖାଇଛନ୍ତି କବି।

"ଡ଼ହଡହ ଖରାବେଳେ
ହାଡ଼ିପାଙ୍କ ଲାଉତୁମ୍ବା କେନ୍ଦରା ଗୀତରେ,
ସମୟକୁ ଜିଣିଯିବୁ
ରାମନାମ ଭଜୁକିରେ ସ୍ୱରେ। "(୨)

ଭୋଗ, ଐଶ୍ୱର୍ଯ୍ୟ, ପ୍ରତିପତ୍ତି, ଜନ୍ମ, ମରଣ ନିରନ୍ତର ଆସେ ଏବଂ ଯାଏ। ମୃତ୍ୟୁ ପରେ ସମୟ ଧୀରେଧୀରେ ପୋଛିନିଏ ସେହି ସ୍ମୃତିକୁ ଏବଂ ଜୀବନର ସ୍ରୋତ ଚାଲେ ପୁଣି ପୂର୍ବପରି। ତେଣୁ ଜନ୍ମମୃତ୍ୟୁର ଚକ୍ର ତଥା ନଶ୍ୱର ବନ୍ଧନରୁ ଚିରନ୍ତନ ମୁକ୍ତି ପାଇଁ କେବଳ ରାମନାମ ଉଚ୍ଚାରଣକୁ ଶେଷ ନିଦର୍ଶନ ରୂପେ ଗ୍ରହଣ କରାଯାଇଛି ଉକ୍ତ କବିତାରେ।

ISSN NO.
2582-208X

ଅନେକ ପ୍ରତିକୂଳ ପରିସ୍ଥିତି ଅବା ଘଟଣାକୁ ସାମ୍ନା କରିବାକୁ ଓ ଅସୁମାରୀ ଦୁଃଖର ବୋଝ ଓହ୍ଲାଇବାକୁ ବ୍ୟତିବ୍ୟସ୍ତ ହୋଇପଡେ ସମଗ୍ର ଜଗତ। ସେଥିପାଇଁ ଅନେକଙ୍କ ଆଖିରୁ ଗଡ଼ିଯାଏ ଲୁହରବନ୍ୟା। ହେଲେ ବୁନ୍ଦାଏ ଲୁହର କ୍ଷମତାକୁ ଦର୍ଶାଇବା ପାଇଁ ମୃଗୁଣୀ ଉପାଖ୍ୟାନର ପ୍ରୟୋଗ ହୋଇଛି 'ଲୁହ' କବିତାରେ। ଜୀବନରେ ଯେବେ ଜଟିଳ ପରିସ୍ଥିତି ଆସେ ମନୁଷ୍ୟ ଅଥୟ ହୋଇ ନିଜର ସମଗ୍ର ଲୁହକୁ ଏକାଠି ନିଗାଡ଼ି ଦେଇ ଅସହାୟ ବୋଧ ମନେକରେ। କିନ୍ତୁ ସେଦିନ ନିଘଞ୍ଚ ବନରେ ମୃଗୁଣୀର ଦୁଇଟୋପା ଲୁହହିଁ ବ୍ୟାଧର ପ୍ରଚଣ୍ଡ ଅଗ୍ନିକୁ ନିର୍ବାପିତକରିବାରେ ହୋଇଥିଲା ସକ୍ଷମ। ଚତୁଃପାର୍ଶ୍ୱର ସମସ୍ତ ରୁଦ୍ଧଦ୍ୱାର ତା'ପାଇଁ ହୋଇଯାଇଥିଲା ମୁକ୍ତ। କୁହାଯାଏ ମୃଗୁଣୀ ର ସେ ଦୁଇଟୋପା ଲୁହ ଥିଲା ବିଶ୍ୱନିୟନ୍ତାଙ୍କ ପାଇଁ ସମର୍ପିତ। ସେ ସମର୍ପଣ ଭାବ ଥିଲା ହୃଦୟରୁ ପ୍ରେରିତ। ସମ୍ପୂର୍ଣ୍ଣ ଏକାଗ୍ର ଓ ପୂର୍ଣ୍ଣ ସମର୍ପିତ ହୋଇ ଯେଉଁ ଲୁହ ବୁନ୍ଦା ତା'ର ଝରି ଆସିଥିଲା ତାହାହିଁ ଥିଲା ତାକୁ ସମଗ୍ର ବନ୍ଧନକୁ ମୁକ୍ତ କରିବାପାଇଁ ଯଥେଷ୍ଟ। ତେଣୁ ପୂର୍ଣ୍ଣ ସମର୍ପଣର ସହ ଏକନିଷ୍ଠ ହୋଇ କରାଯାଇଥିବା ପ୍ରତ୍ୟେକ କାର୍ଯ୍ୟ ପରିମାଣାତ୍ମକ ଦୃଷ୍ଟିରୁ କମ ହୋଇପାରେ, ମାତ୍ର ତା'ର ଗୁଣାତ୍ମକ ମୂଲ୍ୟ ଥାଏ ସୁଦୂର ପ୍ରସାରୀ ଠିକ ମୃଗୁଣୀର ଦୁଇଟୋପା ଲୁହ ପରି। ତେଣୁ କୁହାଯାଇଛି,

"ଘୋର ବନେ ବର୍ଷା ହେବା ଆର୍ତ୍ତ ମୃଗୁଣୀର
ହୁ.... ହୁ... ଜଳୁଥିବା ସେ ବ୍ୟାଧର ସର୍ବଗ୍ରାସି ନିଆଁ
ଦି 'ଟୋପା ଲୁହ ବର୍ଷନ୍ତେ ଲିଭିଯିବା,
ଦିଗଭାଗ ସବୁ ହଜାଇବା
ଚାରିପଟ ରୁନ୍ଧାବାଟ ମୃଗୁଣୀର ଆପେ ଖୋଲି
ମହଣ ମହଣ ବୋଝ ମୁଣ୍ଡୁ ଓହ୍ଲାଇବା। "(୩)

ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କ ସମଗ୍ର ଜୀବନର ଧାରାକୁ ରୂପାୟିତ କରି ମହାକାଳ ସ୍ରୋତର ମହନୀୟତାକୁ ସ୍ୱୀକାର କରାଯାଇଛି "କେବେ ଦ୍ୱାରକାରୁ" କବିତାରେ। ମଥୁରାରେ ସୃଷ୍ଟିହୋଇ ପ୍ରଭାସତୀର୍ଥରେ ଏକ ଧାରାର ଅବସାନ ହେବା ପର୍ଯ୍ୟନ୍ତ ସମସ୍ତ ଘଟଣାବଳୀର ପ୍ରବହମାନତା, ଆବଶ୍ୟକତା ଏବଂ ଯଥା

ISSN NO.
2582-208X

ଯୋଗ୍ୟତାକୁ ହୃଦୟଙ୍ଗମ କରାଯାଇଛି ଆଲୋଚ୍ୟ କବିତାରେ। ମଥୁରାରେ ଭୂମିଷ୍ଠ ହୋଇ ଗୋପରେ ପାଳିତ ହେବାକୁ ଯାତ୍ରା, ସେଠାରେ ପୁଣି ମଥୁରାକୁ ଆସି ଦ୍ୱାରକାରେ ପୁନଃ ପ୍ରତିଷ୍ଠା ଓ ଶେଷରେ ଜାରା ଶବରର ତୀରରେ ପ୍ରଭାସତୀର୍ଥରେ ଦେହ ତ୍ୟାଗର ଘଟଣାବଳୀ ମଧ୍ୟରେ ଘଟିଯାଇଛି ଅନେକ କାହାଣୀ। କାଳୀୟ ଦଳନ, ଅଘାସୁର, ବକାସୁର ଓ ପୁତନା ଆଦିଙ୍କର ନିଧନ, କୁବୁଜାର ପୁନଃ ଯୌବନ ତଥା ଜରାସନ୍ଧର ମୃତ୍ୟୁ ଓ ଗୋପପୁରରେ ପୁଣି ସୁଦାମାର ଅନ୍ୱେଷଣର ଗାଥା ଆଦି ସତେ ଯେପରି ଅତି ଆବଶ୍ୟକ ଥିଲା ପ୍ରସଙ୍ଗାନୁଯାୟୀ। ତେଣୁ ତାହାହିଁ ଘଟିଛି ନିୟତିର ନିର୍ଦ୍ଦେଶରେ। ତେଣୁ ପ୍ରତି ଦୃଶ୍ୟର ପଶ୍ଚାତରେ ଥିବା ଅଦୃଶ୍ୟକୁ ସ୍ୱୀକାର କରି କବି କହିଛନ୍ତି,

"ନାଗେଶ୍ୱର, ସୋମନାଥ ଦ୍ୱାରାବତୀପୁର
ଖୋଜାଖୋଜି ଗୋପପୁରୀ ଅନେକ ଦିନର
ସୁଦାମର ଘର, ଯେତେବେଳେ ଯାହା
ତା ' ଘଟିବା ସାର। "(୪)

ଫଗୁଣର ଆଗମନରେ ପ୍ରକୃତିର ଅପରୂପ ଲାବଣ୍ୟ ଦ୍ୱିଗୁଣିତ ହେବା ଏବଂ ଅବିରର ରଙ୍ଗରେସାରାପୃଥିବୀ ରଙ୍ଗୀନ ହୋଇ ପ୍ରାକୃତିକ ସଂଗୀତର କୁହୁତାନରେ ମାତିଉଠି ବିମାନଧରି ଦୋଳ ମେଳଣ ଓ ଫଗୁ ଖେଳକୁ ପ୍ରୋତ୍ସାହିତ କରିବାର ପ୍ରସଙ୍ଗ ରୂପ ପାଇଛି 'ଫଗୁଣ' କବିତାରେ। ଏହି ପର୍ଯ୍ୟାୟରେ ଶ୍ରୀକୃଷ୍ଣଙ୍କ ଜୀବନଯାତ୍ରାର ଗତଦିନ ଗୁଡିକୁ ଆଜିକା ଦିନ ମଧ୍ୟରେ ତଉଲିବାର ପ୍ରୟାସ କରାଯାଇ କୃଷ୍ଣଙ୍କ ବୃତ୍ତାନ୍ତକୁ ମନେପକାଯାଇଛି। ଯମୁନା ନଦୀର ଏକ ପାର୍ଶ୍ୱରେ ଜନ୍ମହୋଇ ଅନ୍ୟପାର୍ଶ୍ୱକୁ ଯିବା ଏବଂ କୂଳ ଲଂଘୁଥିବା ନଦୀ ଆପଣାପଣରେ ଶୁଖିଯାଇ ରାସ୍ତା ଗଢ଼ିଦେବାଠାରୁ ପ୍ରଭାସ ତୀର୍ଥର ଶିଆଳୀ ଲତାରେ ଲୁହଭରାବୃତ୍ତାନ୍ତ ପର୍ଯ୍ୟନ୍ତ ଜୀବନରେ ଲାଗିଛି ବିବିଧ ରଙ୍ଗ ସମୟର ସ୍ରୋତରେ ପରିବର୍ତ୍ତିତ ହୋଇ। ବିବିଧ ସ୍ଥାନ ଓ ବିବିଧ ବ୍ୟକ୍ତିଙ୍କ ବୃତ୍ତାନ୍ତ ପରି ରଙ୍ଗର ସ୍ୱରୂପ ମଧ୍ୟ ଭିନ୍ନଥିଲା। ଆଜିବି ତାଙ୍କର ପ୍ରତିରୂପ ଦୋଳ ବିମାନରେ ଚାଲିଛି ବିବିଧ ମେଳଣରେ ଅନେକ ଭୋଗ, ଭକ୍ତି, ରଙ୍ଗ ଓ ଅନୁଭୂତିକୁ ସାଉଁଟି ସାଉଁଟି। ସେହି ବୃତ୍ତାନ୍ତକୁ କବି ପ୍ରକାଶ କରନ୍ତି ଏହିପରି,

ISSN NO.
2582-208X

"ଭରାନଇ ଶୁଖିଯାଏ, ଶୁଖାନଇ କୂଳ ଖାଉଥାଏ,
ଏପାରିରୁ ସେପାରିକୁ ପାରିହେଲା ପରି
ଯମୁନାରୁ ଦ୍ୱାରାବତୀ,
ପ୍ରଭାସରୁ ହିରଣ୍ୟକୁ ଶିଆଳୀର ଲୁହଭରା ଛାତି
ଧରାଧରି ହୋଇ, ଚାଲୁଥାଏ ରଙ୍ଗ ବଦଳାଇ। "(୫)

କର୍ଣ୍ଣଙ୍କର ଜୀବନର କ୍ଷୋଭ ତଥା ନିଜପାଇଁ ନିଜେ ବଞ୍ଚିବାର ପ୍ରୟାସକୁ ଅତି ଆକର୍ଷଣୀୟ ଶୈଳୀରେ'କର୍ଣ୍ଣ' କବିତାରେ ରୂପ ଦେଇଛନ୍ତି କବି। କୁମାରୀ ମାତୃତ୍ୱକୁ ଲୁଚାଇବାପାଇଁ ପରିତ୍ୟକ୍ତ ହୋଇଥିବା ରାଜପୁତ୍ର 'ସୁତପୁତ୍ର' ର ସମ୍ବୋଧନରେ ରକ୍ତାକ୍ତ ହୁଏ। ସମୟର ସୁଅ ତାକୁ ରାଜ ଉଆସରୁ ଆଣି ଅଧିରଥ ଓ ରାଧାଙ୍କର ସ୍ନେହ ବାଟିକାରେ ଛାଡ଼ିଯାଏ। ବାଲ୍ୟକାଳ ରେ ବିଦ୍ୟାଲାଭପାଇଁ ଜାଣତରେ ବା ଅଜାଣତେ ସେ ଯେଉଁ ମିଥ୍ୟାର ଆଶ୍ରୟ ନେଇ ଥିଲେ ତାହା ସମଗ୍ର ଜୀବନର ଅର୍ଜିତ ସୌର୍ଯ୍ୟ ଓ ସମ୍ପତ୍ତିକୁ ବାରମ୍ବାର କୁଠାରଘାତ କରେ। ସମଗ୍ର ଜଗତ ପାଇଁ ଥିବା ଅନୁକମ୍ପା ତାଙ୍କ ନିକଟରେ ଅର୍ଥହୀନ ହୋଇପଡେ। ତେଣୁ ଯେବେ ପ୍ରଶ୍ନ ଉଠେ ଜନ୍ମ, ଜାତକ, ଶିକ୍ଷା, ଦୀକ୍ଷା ତଥା ଆଚାର୍ଯ୍ୟଙ୍କ ପ୍ରସଙ୍ଗରେ, ସେ ହୋଇପଡନ୍ତି ସଂପୂର୍ଣ୍ଣ ନିସ୍ୱ ଏବଂ ବଞ୍ଚିବାକୁ ପ୍ରୟାସ କରନ୍ତି ଆପଣାର ଭରସାରେ ଆପଣା ପାଇଁ। ତେଣୁ ସେ କହନ୍ତି,

"ହେଲେ ମୋତେ ବଞ୍ଚିବାକୁ ହେଉଥାଏ
ମୋ ଉପରେ ରଖିଥିବା ମୁଁ ଭରସାରେ।"(୬)

ଅହଲ୍ୟାଙ୍କ ମନରେ ଆସୁଥିବା ସଂଶୟ ଓ ସାମ୍ପ୍ରତିକ ସମୟର ନାରୀର ଜୀବନ ଧାରା ସହ ତାହାର ସଂଯୋଗ କରି ରଚିତ ହୋଇଛି 'ଅହଲ୍ୟା' କବିତା। ସମ୍ପର୍କ ଦୃଢ଼ୀଭୂତ ହୁଏ ବିଶ୍ୱାସର ଭିତ୍ତିଭୂମି ଉପରେ। ହେଲେ ସେହି ବିଶ୍ୱାସର ଅଭାବହିଁ ଅହଲ୍ୟାଙ୍କ ସମଗ୍ର ଜୀବନକୁ ଲୁହର ସାଗରରେ ଯାତ୍ରୀ କରିବାକୁ ବାଧ୍ୟ କଲା। ହେଲେ ଅବୁଝା ରହିଥିଲା କେବଳ ଏତିକି ଯେ, ଦୋଷୀ ମୁକ୍ତ ବିଚରଣ କଲା ଓ ନିର୍ଦ୍ଦୋଷି ଶାସ୍ତି ପାଇଲା। କବିଙ୍କ ଭାଷାରେ,

ISSN NO.
2582-208X

"ପଥର ଭାଷଇ ସୋଲ କାହିଁକି ବୁଡ଼ଇ? "(୭)

ସାମ୍ପ୍ରତିକ ସମୟରେ ମଧ୍ୟ ସେହି ଧାରା ଅବ୍ୟାହତ ରହିଛି କେଉଁଠି ନା କେଉଁଠି। ପଥରରୁ ନାରୀ ହେବାପରି କାର୍ଯ୍ୟ ଏବେ ଏକ ପ୍ରକାର ଅସମ୍ଭବ କିମ୍ବଦନ୍ତୀ ଭଳି ମନେ ହେଉଛି।ହେଲେ ନାରୀରୁ ପଥର ହେବାର ଅନେକ ଦୃଷ୍ଟାନ୍ତ ପରିଲକ୍ଷିତ ହେଉଛି। ସେଦିନ ପରି ଆଜିବି ନିରୀହ ମାନେ ନିଷ୍ପେସିତ ହୋଇ ଚାଲିଛନ୍ତି ସମୟ ଚକ୍ରରେ। ତେଣୁ ଆଜି ଓ ସେଦିନ ସତେ ଯେପରି ଖୁବ ନିକଟତର ମନେ ହେଉଛି ଯଦ୍ୟପି ସମୟର ପରିମାଣ ଏହା ମଧ୍ୟରେ ବିତିଯାଇଛି ଅନେକ ଯୁଗ। କବିଙ୍କ ଭାଷାରେ,

"ଆଜି ଓ କାଲି ପଥର
ପଥର ପରି ଦେହ ମନ ସବୁତକ ଅବିକଳ
ନାରୀ ପରି ହେବା
ସତ୍ୟ, ତ୍ରେତା, କଳି ଓ ଦ୍ୱାପର ଯାହା ପରେ ଯିଏ
କ୍ରମନିୟମରେ ପୃଥ୍ୱୀକୁ ଆସିବା। " (୮)

ବାସ୍ତବିକ ଆଲୋଚ୍ୟ ସଂକଳନଟିରେ ବିବିଧ ପ୍ରସଙ୍ଗକୁ ନେଇ ଅନେକ ପ୍ରଶଂସା ଯୋଗ୍ୟ କବିତା ରଚିତ ହୋଇଥିଲେ ମଧ୍ୟପୁରାଣର କଥାକୁ ଆଧାର କରି ଅଥବା ତତ ସମ୍ପର୍କୀୟ ପ୍ରସଙ୍ଗକୁ ଅବତାରଣା କରି ଯେଉଁ କବିତା ଗୁଡିକ ରଚିତ ହୋଇଛି ତାହା ଖୁବହୃଦୟଗ୍ରାହୀ ହୋଇପାରିଛି। ତତ୍କାଳୀନ ପ୍ରସଙ୍ଗକୁ ସମକାଳୀନ ଧାରାସହ ତୁଳନା କରିବା ଏବଂ ପ୍ରାଚୀନ କଥାକୁ ଆଧୁନିକ ଶୈଳୀରେ ସରଳ ରୂପରେ ଉପସ୍ଥାପନା କରିବା ମଧ୍ୟରେ ଏକ ସ୍ୱତନ୍ତ୍ରତା ବାରିହୋଇ ପଡୁଛି। ଆଲୋଚ୍ୟ କବିତାଗୁଡିକର କ୍ଷୁଦ୍ର କଳେବର ମଧ୍ୟରେ ଚରିତ୍ରମାନଙ୍କର ମୁଖ୍ୟ ପ୍ରଶ୍ନ ଓ ପ୍ରସଙ୍ଗର ସଫଳ ଉତ୍ଥାପନ ହୋଇ, ବିସ୍ତୀର୍ଣ୍ଣ କଥାବସ୍ତୁକୁ ସରଳ ଓ ସଂକ୍ଷିପ୍ତ ଶବ୍ଦ ମଧ୍ୟରେ ରୂପାୟିତ କରାଯାଇ ସାମ୍ପ୍ରତିକ ସମୟ ଉପଯୋଗୀ ରୂପ ପ୍ରଦାନକରିବା ଉଭୟ କବିତା ପୁସ୍ତକ ଓ କବିଙ୍କୁ ଏକ ଅନନ୍ୟ ପରିଚୟ ପ୍ରଦାନ କରିଛି, ଏହା କହିଲେ ଅତ୍ୟୁକ୍ତି ହେବନାହିଁ। ସର୍ବୋପରି ପୁରାଣର ପ୍ରସଙ୍ଗକୁ

ISSN NO.
2582-208X

ଆଧୁନିକ ଶୈଳୀରେ ସୂକ୍ଷ୍ମରୂପରେ ଉପସ୍ଥାପନ କରିବା ଆଲୋଚ୍ୟ କବିତା ସଂକଳନଟିକୁ ଏକ ସ୍ୱତନ୍ତ୍ର ମାନ୍ୟତା ଦେବାରେ ନିଶ୍ଚୟ ସଫଳ ହୋଇଛି।

ସଂକେତ ସୂଚୀ :
୧. ବେହେରା ବ୍ରହ୍ମାନନ୍ଦ, ତୃତୀୟପାଦ, ଗ୍ରାଫିକ୍ସ ୱାଲର୍ଡ, ବାଦାମବାଡ଼ି, କଟକ, ପ୍ରଥମ ସଂସ୍କରଣ - ୨୦୧୧, ପୃ -୨୬।
୨. ତତ୍ରଇବ - ୩୮।
୩. ତତ୍ରଇବ - ୪୨।
୪. ତତ୍ରଇବ - ୫୦।
୫. ତତ୍ରଇବ - ୭୧।
୬. ତତ୍ରଇବ - ୭୬।
୭. ତତ୍ରଇବ -୮୧।
୮. ତତ୍ରଇବ - ୮୨।

(((-)))

ଗବେଷିକା, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ISSN NO.
2582-208X

# ବୃଦ୍ଧାଶ୍ରମ



ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ

ଲୁପ୍ତପ୍ରାୟ ମାନବିକତା ।
ମଣିଷର ଏଇ ଭିଡ ଭିତରେ
ଲୁଚିଯାଏ ଆଜି ମାନବିକତା
ସ୍ୱାର୍ଥର ଗୀତ ଗାଏ ମଣିଷ
ମନରେ ଭରି ଅସହିଷ୍ଣୁତା। ୧ ।

ହାତକୁ ହାତ ଧରୁନି କେହି
ନାହିଁରେ ଆଉ ସେ ସ୍ନେହ ଭାବ
ସଂପର୍କ ସାଜେ ରଣଭୂମି ଏଠି
ଭୁଲିଯାଇ ସବୁ ଭ୍ରାତୃଭାବ। ୨ ।

ସମାଧିରୁ ଉଠି କଙ୍କାଳକୁ ଏଠି
ଦେବାକୁ ବି ହୁଏ ପରିଚୟ
ମଣିଷ କି ହେଲା ପଥର ହୃଦୟ
ମାନବିକତାର ଅବକ୍ଷୟ। ୩ ।

ଗରୀବ ଗୁରୁବା ପାଏ ନାହିଁ ନ୍ୟାୟ
କଳୁଷିତ ଆଜି ଏ କଳତନ୍ତ୍ର

ISSN NO.
2582-208X

ଧନୀଙ୍କୁ ଆଦରି ଗରୀବ ଉପେକ୍ଷି
ତିଷ୍ଠି ନାହିଁ କେବେ ଏ ଗଣତନ୍ତ୍ର। ୪ ।

ଜିତୁ ମୁଣ୍ଡା ଆଉ ଦାନ ମାଝୀ ପାଇଁ
ହଜିଗଲା କ'ଣ ମାନବପଣ
ତେଲିଆ ମୁଣ୍ଡରେ ତେଲ ଢଳାନୀତି
ଧନୀ ପାଇଁ ନ୍ୟାୟ କି ଦୃଷ୍ଟିହୀନ। ୫ ।

(((-)))

ବିଭାଗୀୟ ମୁଖ୍ୟ, ଅର୍ଥନୀତି
ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ, ଭବାନୀପାଟଣା
ଦୂରଭାଷ- ୭୦୦୮୮୪୮୬୭୫

ISSN NO.
2582-208X

# ନୟନଜୋରି



ରଘୁନାଥ ତ୍ରିପାଠୀ

ଆମେ ରହୁଥିବା ଦୁନିଆଟା ଲାଗେ ଅଦଭୁତ ଆମପାଇଁ
ସଂଗ୍ରାମ କରୁଛି ଦରିଦ୍ରଟି ଏଠି ଦାନା କନା ତାର ନାହିଁ ।
ଗରିବର ସାଥେ ଧନୀ ବି ରହିଛି କରୁଛନ୍ତି ଶତ ଚେଷ୍ଟା
ସବୁ ଘଟଣାକୁ ଦେଖି ସମାଜରେ ସାଜିଛୁ ନିରବଦ୍ରଷ୍ଟା ।
ପେଟ ପାଇଁ ନିତି ଦୂରେ ଚାଲେ ଦୀନ ଜୁଟାଇବା ପାଇଁ ଦାନା
ଖଟିଖିଆ ପାଇଁ ମିଳେନାହିଁ କାମ ସ୍ୱାଚ୍ଛନ୍ଦ୍ୟ ତା ପାଇଁ ମନା ।
ଆଉଜଣେ ଅଛି ଆମ ସମାଜରେ ମଣନ୍ତି ତାହାକୁ ଧନୀ
ଅଭାବ କଷଣ ନାହିଁ ପାଶେ ତାର ସିଏ କାଳେ ଭାରି ମାନୀ ।
ଅଭାବ ନଥାଏ ଖାଇବା ପିନ୍ଧିବା ଘରେ ବସି କିଣେ ରୋଗ
ପ୍ରଭାତରୁ କରେ ପ୍ରାତଃ ବିହାର ସେ କରିବାକୁ ଉପଭୋଗ ।
କାମରୁ ଫେରିକି ଗରିବ ଶୋଉଛି ତାହାର ଅଚିନ୍ତା ନିଦ
ଧନାଢ୍ୟ ଜନଟି ଉପଭୋଗ କରି ଗଣୁଥାଏ ପରମାଦ ।
ଜଣକ ଝାଳରେ ବଡ଼ ହୋଇ ଆନ ଖୁସି ଖୁସି କାଟେ ଦିନ
ରାଜପଥ ପାଇଁ ନୟନଜୋରିଟା ସଦାକାଳେ ପ୍ରୟୋଜନ ।

(((–)))

ବାଲିସାହି, ମଧୁପାଟଣା
କଟକ ୯୪୩୭୩୧୭୫୫୮

ISSN NO.
2582-208X

# "ସେପିଏନ୍ସ": ମାନବ ଜାତିର ସଂକ୍ଷିପ୍ତ ଇତିହାସ



ଅସିତ ମହାନ୍ତ

ୟୁବାଲ ନୋଆ ହାରାରୀଙ୍କ "ସେପିଏନ୍ସ: ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ହ୍ୟୁମାନ୍ କାଇଣ୍ଡ" କେବଳ ଇତିହାସର ଏକ ପୁସ୍ତକ ନୁହେଁ – ଏହା ଆମ ପ୍ରଜାତି ପାଇଁ ଏକ ଦର୍ପଣ, ଯାହା ଆମକୁ ସମୟ ମଧ୍ୟରେ ନିଜକୁ ଦେଖିବାକୁ, ଭ୍ରମରୁ ମୁକ୍ତ ହେବାକୁ ଏବଂ ଆମକୁ ଏଠାରେ ଆଣିଥିବା ଆଶ୍ଚର୍ଯ୍ୟଜନକ ଯାତ୍ରାର ସମ୍ମୁଖୀନ ହେବାକୁ ବାଧ୍ୟ କରେ। ସ୍ୱଷ୍ଟତା ଏବଂ ବର୍ଣ୍ଣନାତ୍ମକ ଶକ୍ତି ସହିତ ଲିଖିତ, ଏହା ଲକ୍ଷ ଲକ୍ଷ ବର୍ଷର ମାନବ ବିବର୍ତ୍ତନକୁ ଏକ ବ୍ୟାପକ କାହାଣୀରେ ସଙ୍କୁଚିତ କରେ ଯାହା ସୁଗମ ଏବଂ ଗଭୀର। ଆମେ କେଉଁଠାରୁ ଆସିଛୁ ତାହା ନୁହେଁ ବରଂ ଆମେ କେଉଁଠାକୁ ଯାଇପାରୁଛୁ ତାହା ମଧ୍ୟ ବୁଝିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ, ସେପିଏନ୍ସ ପାଠ୍ୟ ଅତ୍ୟାବଶ୍ୟକ।

ହରାରି ଜ୍ଞାନାତ୍ମକ ବିପ୍ଳବ ସହିତ ଆରମ୍ଭ କରନ୍ତି, ସେହି ମୁହୂର୍ତ୍ତ ଯେତେବେଳେ ହୋମୋ ସେପିଏନ୍ସ କଳ୍ପନା, ଭାଷା ଏବଂ ସାମୂହିକ ପୌରାଣିକ କାହାଣୀର ଶକ୍ତି ମାଧ୍ୟମରେ ନିଜକୁ ଅନ୍ୟ ମାନବ ପ୍ରଜାତିଠାରୁ ଭିନ୍ନ କରିଥିଲେ। ଅଂଶୀଦାର କାଳ୍ପନିକ ବିଷୟ – ଧର୍ମ, ଜାତି, ଟଙ୍କା – ସୃଷ୍ଟି କରିବାର ଏହି କ୍ଷମତା ମଣିଷକୁ ବଡ଼ ଗୋଷ୍ଠୀରେ ସହଯୋଗ କରିବାକୁ ଅନୁମତି ଦେଇଥିଲା, ଯାହା ଏପରି ସ୍ତରରେ ଅନ୍ୟ କୌଣସି ପ୍ରଜାତି ହାସଲ କରିପାରିନଥିଲା। ପୁସ୍ତକଟି ଜୋର ଦେଇ କହିଛି ଯେ ଏହି ପୌରାଣିକ କଥାଗୁଡ଼ିକ ସାମାନ୍ୟ ଭ୍ରମ ନୁହେଁ ବରଂ ସଭ୍ୟତାର ମୂଳଦୁଆ। ସେମାନଙ୍କ ବିନା, କୌଣସି ସହର, କୌଣସି ସାମ୍ରାଜ୍ୟ, କୌଣସି ବିଶ୍ୱ ଅର୍ଥନୀତି ନଥାନ୍ତା। ଏହିପରି ଭାବରେ, ହରାରି ଇତିହାସକୁ ରାଜା ଏବଂ ଯୁଦ୍ଧର କ୍ରମ ଭାବରେ ନୁହେଁ ବରଂ ଚିନ୍ତାଧାରା ଏବଂ ସାଧାରଣ

ISSN NO.
2582-208X

ବିଶ୍ୱାସର ପ୍ରକାଶ ଭାବରେ ପୁନଃପ୍ରକାଶ କରନ୍ତି ଯାହା ମଣିଷକୁ ଅସାଧାରଣ ଶକ୍ତି ପ୍ରଦାନ କରିଥିଲା।

କୃଷି ବିପ୍ଳବ, ଯାହାକୁ ହରାରି ଉତ୍ତେଜିତ ଭାବରେ "ଇତିହାସର ସବୁଠାରୁ ବଡ଼ ଠକେଇ" ବୋଲି କୁହନ୍ତି, ଏହା ଆଉ ଏକ ମୋଡ଼। ସେ ଯୁକ୍ତି କରନ୍ତି ଯେ ଚାଷ ଜନସଂଖ୍ୟା ବୃଦ୍ଧି କରିବାକୁ ଅନୁମତି ଦେଇଥିଲା, ଏହା ମଣିଷକୁ ଶ୍ରମ, ପଦାନୁକ୍ରମ ଏବଂ ରୋଗର ଚକ୍ରରେ ମଧ୍ୟ ଫସାଇ ଦେଇଥିଲା। ଶିକାରୀ-ସଂଗ୍ରହକ ଜୀବନ ହୁଏତ ମୁକ୍ତ ଏବଂ ସୁସ୍ଥ ହୋଇଥାଇପାରେ, କିନ୍ତୁ କୃଷି ଅଧିକ ସୃଷ୍ଟି କରିଥିଲା ଯାହା ରାଜ୍ୟ, ଲେଖା ଏବଂ ଶେଷରେ ବିଜ୍ଞାନକୁ ସକ୍ଷମ କରିଥିଲା। ଏହି ବିରୋଧାଭାସ - ପ୍ରଗତି ଯାହା ସଶକ୍ତିକରଣ ଏବଂ ଦୁଃଖ ଉଭୟ ଆଣିଥାଏ - ସମଗ୍ର ପୁସ୍ତକରେ ପ୍ରଚଳିତ, ଆମକୁ ମନେ ପକାଇ ଦିଏ ଯେ ମାନବ ଉନ୍ନତି କେବେବି ସରଳ କିମ୍ବା ସମ୍ପୂର୍ଣ୍ଣ ଭାବରେ ଲାଭଦାୟକ ନୁହେଁ।

ହରାରି ତା'ପରେ ସାମ୍ରାଜ୍ୟ, ବାଣିଜ୍ୟ ଏବଂ ବିଶ୍ୱ ଧର୍ମ ମାଧ୍ୟମରେ ମାନବଜାତିର ଏକୀକରଣ ପାଇଁ ଗତି କରନ୍ତି। ସେ ଦେଖାନ୍ତି ଯେ ସଂସ୍କୃତି କିପରି ମିଶ୍ରିତ ହୋଇଥିଲା, ଟଙ୍କା କିପରି ସବୁଠାରୁ ବିଶ୍ୱବ୍ୟାପୀ ଭାଷା ହୋଇଗଲା, ଏବଂ ବିଜ୍ଞାନ ଏବଂ ପୁଞ୍ଜିବାଦ କିପରି ଏକାଠି ବିଶ୍ୱକୁ ପୁନଃଆକୃତି ଦେଇଥିଲା। ବୈଜ୍ଞାନିକ ବିପ୍ଳବ, କେବଳ କିଛି ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇଥିଲା, ଏକ ଶକ୍ତି ପ୍ରକାଶ କରିଥିଲା ଯାହା ମାନବ ଜୀବନର ପ୍ରତ୍ୟେକ ଦିଗକୁ ପରିବର୍ତ୍ତନ କରିଥିଲା। ହରାରି ଜୋର ଦିଅନ୍ତି ଯେ ବିଜ୍ଞାନ ପୃଥକ ଭାବରେ ଅଗ୍ରଗତି କରିନଥିଲା; ଏହା ସାମ୍ରାଜ୍ୟବାଦୀ ମହତ୍ୱାକାଂକ୍ଷା ଏବଂ ନବସୃଜନ ଦାବି କରୁଥିବା ପୁଞ୍ଜିବାଦୀ ବ୍ୟବସ୍ଥା ଦ୍ୱାରା ପ୍ରୋତ୍ସାହିତ ହୋଇଥିଲା। ଜ୍ଞାନ, ଶକ୍ତି ଏବଂ ଲାଭ ମଧ୍ୟରେ ଏହି ଆନ୍ତଃସଂଯୋଗ ହେଉଛି ପୁସ୍ତକର ସବୁଠାରୁ ଆକର୍ଷଣୀୟ ଅନ୍ତର୍ଦୃଷ୍ଟି।

ସେପିଏନ୍ସ ସମସ୍ତଙ୍କ ପାଇଁ ଆବଶ୍ୟକ କରୁଥିବା ବିଷୟ କେବଳ ଏହାର ଐତିହାସିକ ପରିସ୍କାର ନୁହେଁ ବରଂ ଆମର ବର୍ତ୍ତମାନର ଦ୍ୱନ୍ଦ୍ୱ ପାଇଁ ଏହାର ପ୍ରାସଙ୍ଗିକତା। ହରାରି ଅତୀତକୁ ବର୍ଣ୍ଣନା କରି ବନ୍ଦ କରନ୍ତି ନାହିଁ; ସେ ଭବିଷ୍ୟତ ବିଷୟରେ ଅସ୍ଥିର ପ୍ରଶ୍ନ ପଚାରନ୍ତି। ଯଦି ମଣିଷ ଏପରି ପ୍ରାଣୀ ଯେଉଁମାନେ କାହାଣୀ କହିବା ଶିଖିଛନ୍ତି, ତେବେ କ'ଣ ହୁଏ ଯେତେବେଳେ ବାୟୋଟେକ୍ନୋଲୋଜି ଏବଂ କୃତ୍ରିମ ବୁଦ୍ଧିମତ୍ତା ଆମକୁ ଆମର ଜୀବବିଜ୍ଞାନର ସ୍ତରରେ ସେହି କାହାଣୀଗୁଡ଼ିକୁ ପୁନଃଲିଖନ କରିବାକୁ ଅନୁମତି ଦିଏ? ହୋମୋ ସାପିଏନ୍ସ କ'ଣ ଏକ ନୂତନ ପ୍ରଜାତିକୁ ସ୍ଥାନ ଦେବେ, ଯାହା ଆମ ନିଜ ହାତରେ

ISSN NO.
2582-208X

ଇଞ୍ଜିନିୟର କରାଯାଇଛି? ପୁସ୍ତକଟି ଜୋର ଦେଇ କହିଛି ଯେ ଇତିହାସ ସମାପ୍ତ ହୋଇନାହିଁ – ଏହା ତ୍ୱରାନ୍ୱିତ ହେଉଛି, ଏବଂ ଆମର ବର୍ତ୍ତମାନର ପସନ୍ଦଗୁଡ଼ିକ ଭବିଷ୍ୟତ ମୁକ୍ତି କିମ୍ବା ପ୍ରଭୁତ୍ୱର କି ନାହିଁ ତାହା ନିର୍ଣ୍ଣୟ କରିବ।

ଏହି ପୁସ୍ତକଟି ଗୁରୁତ୍ୱପୂର୍ଣ୍ଣ ହେବାର ଆଉ ଏକ କାରଣ ହେଉଛି ଏହାର ସୁଗମତା। ହରାରି ଜଟିଳ ଐତିହାସିକ ଏବଂ ବୈଜ୍ଞାନିକ ବିତର୍କକୁ ସ୍ପଷ୍ଟ କାହାଣୀରେ ଅନୁବାଦ କରନ୍ତି ଯାହାକୁ ଯେକେହି ବୁଝିପାରିବେ। ସେ ପାଠକଙ୍କ ଉପରେ ଶବ୍ଦକୋଷର ଭାର ଦିଅନ୍ତି ନାହିଁ ବରଂ ରୂପକ, ଉପାଖ୍ୟାନ ଏବଂ ତୀକ୍ଷ୍ଣ ଉତ୍ତେଜନା ବ୍ୟବହାର କରନ୍ତି। ଉଦାହରଣ ସ୍ୱରୂପ, ତାଙ୍କ ଦାବି ଯେ ଟଙ୍କା ହେଉଛି ଏପର୍ଯ୍ୟନ୍ତ ଉଦ୍ଭାବିତ ସବୁଠାରୁ ସଫଳ କାଳ୍ପନିକ କଥା, ତାହା ଆମକୁ ଦୈନନ୍ଦିନ ବାସ୍ତବତାକୁ ପୁନର୍ବିଚାର କରିବାକୁ ବାଧ୍ୟ କରେ। ଧର୍ମର ବର୍ଣ୍ଣନା ଏକ ସାଧାରଣ ପୌରାଣିକ ପ୍ରଣାଳୀ ଭାବରେ ବିଶ୍ୱାସକୁ ଏକ ବ୍ୟାପକ ମାନବୀୟ ପ୍ରସଙ୍ଗରେ ସ୍ଥାନିତ କରେ, ଏହାର ଶକ୍ତିକୁ ଖାରଜ ନକରି। ଏହି ଶୈଳୀ ସାପିଏନ୍ସ କୁ  କେବଳ ସୂଚନାପ୍ରଦ ନୁହେଁ ବରଂ ପରିବର୍ତ୍ତନଶୀଳ କରିଥାଏ – ଏହା ଆମେ ବିଶ୍ୱକୁ କିପରି ଦେଖୁ ତାହା ପରିବର୍ତ୍ତନ କରେ।

ଏହି ପୁସ୍ତକ ଆତ୍ମସନ୍ତୋଷକୁ ମଧ୍ୟ ଚ୍ୟାଲେଞ୍ଜ କରେ। ମାନବ ଇତିହାସ ଅନିଚ୍ଛାକୃତ ପରିଣାମରେ ପରିପୂର୍ଣ୍ଣ ବୋଲି ଦର୍ଶାଇ, ହରାରି ଆମକୁ ପ୍ରଗତି ଅନିବାର୍ଯ୍ୟ କିମ୍ବା ସର୍ବଦା ଲାଭଦାୟକ ବୋଲି ଧରିବା ବିରୁଦ୍ଧରେ ଚେତାବନୀ ଦିଅନ୍ତି। କୃଷି ବିପ୍ଳବ ଅଧିକ ଖାଦ୍ୟ ଆଣିଥିଲା କିନ୍ତୁ ଅଧିକ ଅସମାନତା ମଧ୍ୟ ଆଣିଥିଲା। ଶିଳ୍ପ ବିପ୍ଳବ ଧନ ସୃଷ୍ଟି କରିଥିଲା କିନ୍ତୁ ପରିବେଶଗତ ବିନାଶ ମଧ୍ୟ କରିଥିଲା। ଆଜିର ପ୍ରଯୁକ୍ତିବିଦ୍ୟା ବିପ୍ଳବ ଆଶ୍ଚର୍ଯ୍ୟଜନକ କଥା ପ୍ରତିଶ୍ରୁତି ଦିଏ କିନ୍ତୁ ଗୋପନୀୟତା, ସ୍ୱାଧୀନତା ଏବଂ ମଣିଷ ହେବାର ଅର୍ଥକୁ ମଧ୍ୟ ନଷ୍ଟ କରିବାକୁ ଧମକ ଦିଏ। ତେଣୁ ସାପିଏନ୍ସ ପଢିବା ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ: ଏହା ଆମକୁ ଆମ ଜୀବନକୁ ପ୍ରଭାବିତ କରୁଥିବା କାହାଣୀଗୁଡ଼ିକୁ ପ୍ରଶ୍ନ କରିବାକୁ ଏବଂ ବିକଳ୍ପ କଳ୍ପନା କରିବାକୁ ସଜ୍ଜିତ କରେ।

ଯୁବ ପାଠକ, କର୍ମୀ, ନୀତି ନିର୍ଦ୍ଧାରକ ଏବଂ ସାଧାରଣ ନାଗରିକଙ୍କ ପାଇଁ, ସାପିଏନ୍ସ ଅପରିହାର୍ଯ୍ୟ କାରଣ ଏହା ଅତୀତ ଏବଂ ଭବିଷ୍ୟତ, ବିଜ୍ଞାନ ଏବଂ ଦର୍ଶନ, ବ୍ୟକ୍ତିଗତ ଏବଂ ସାମୂହିକ ମଧ୍ୟରେ ସେତୁ ସ୍ଥାପନ କରେ। ଏହା ଆମକୁ ମନେ ପକାଇ ଦିଏ ଯେ ଇତିହାସ କେବଳ କ'ଣ ଘଟିଥିଲା ତାହା ନୁହେଁ ବରଂ ଆମେ କ'ଣ ବିଶ୍ୱାସ କରୁ, କ'ଣ

ISSN NO.
2582-208X

ବାନ୍ଧୁ, ଏବଂ କ'ଣ ବିପଦରେ ପକାଉଛୁ ତାହା ବିଷୟରେ। ସଂଘର୍ଷ, ଅସମାନତା ଏବଂ ପରିବେଶଗତ ସଙ୍କଟ ଦ୍ୱାରା ଭାଙ୍ଗିଯାଇଥିବା ଏକ ବିଶ୍ୱରେ, ହାରାରୀଙ୍କ ସହଭାଗୀ ପୌରାଣିକ କାହାଣୀର ଶକ୍ତି ଉପରେ ଜିଦ୍ ଉଭୟ ଗୁରୁତର ଏବଂ ଆଶାଜନକ। ଯଦି ପୌରାଣିକ କାହାଣୀଗୁଡ଼ିକ ସାମ୍ରାଜ୍ୟ ନିର୍ମାଣ କରିଥାଏ, ତେବେ ହୁଏତ ନୂତନ ପୌରାଣିକ କାହାଣୀ – ସ୍ଥାୟୀତ୍ୱ, ସମାନତା ଏବଂ ସହଯୋଗ – ଆମକୁ ବଞ୍ଚିବା ପାଇଁ ମାର୍ଗଦର୍ଶନ କରିପାରିବ।

ସେପିଏନ୍ସ ସମସ୍ତଙ୍କ ପାଇଁ ଆବଶ୍ୟକ କାରଣ ଏହା ଇତିହାସକୁ ଗଣତାନ୍ତ୍ରିକ କରିଥାଏ। ଏହା ମାନବଜାତିର କାହାଣୀକୁ ବିଦ୍ୱାନଙ୍କ ସମ୍ପତ୍ତି ଭାବରେ ନୁହେଁ ବରଂ ସମସ୍ତ ଲୋକଙ୍କ ଉତ୍ତରାଧିକାର ଭାବରେ କହେ। ଏହା ଆମକୁ ନିଜକୁ ବିଚ୍ଛିନ୍ନ ବ୍ୟକ୍ତି ଭାବରେ ନୁହେଁ ବରଂ ଏକ ବିଶାଳ, ଚାଲୁଥିବା ପରୀକ୍ଷଣରେ ଅଂଶଗ୍ରହଣକାରୀ ଭାବରେ ଦେଖିବାକୁ ଅନୁରୋଧ କରେ। ଏହାକୁ ପଢ଼ି ଆମେ ଦୃଷ୍ଟିକୋଣ ପାଇଥାଉ: ଆମର ସଂଘର୍ଷ, ମହତ୍ୱାକାଂକ୍ଷା ଏବଂ ଚିନ୍ତା ଏକ ବହୁତ ବଡ଼ ଚାପର ଅଂଶ। ସେହି ଦୃଷ୍ଟିକୋଣ ମୁକ୍ତିଦାୟକ। ଏହା ଆମକୁ ନମ୍ରତା, ସାହସ ଏବଂ କଳ୍ପନା ସହିତ କାର୍ଯ୍ୟ କରିବାକୁ ଅନୁମତି ଦିଏ।କିଛି ଶବ୍ଦରେ, କେହି ହାରାରୀଙ୍କ କାର୍ଯ୍ୟର ସମୃଦ୍ଧିକୁ ସମାପ୍ତ କରିପାରିବେ ନାହିଁ, କିନ୍ତୁ ସାର ସ୍ପଷ୍ଟ: ସାପିଏନ୍ସ କେବଳ ଏକ ଇତିହାସ ପୁସ୍ତକ ନୁହେଁ; ଏହା ଆତ୍ମ-ବୁଝିବା ପାଇଁ ଏକ ମାର୍ଗଦର୍ଶିକା।

(((–)))

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର/୯୪୩୭୨୮୦୨୮

ISSN NO.
2582-208X

# ବିପଦ ସତର୍କ ଘଣ୍ଟି



ଆକୁଳାନନ୍ଦ ପୃଷ୍ଟି

ଋତୁ ବଦଳୁଛି ସଂଖ୍ୟା ବଦଳୁଛି
ବଦଳୁଛି ଦିନ ବାର
ପଚିଶ ଫେରିଲା ଛବିଶ ଆସିଲା
ବିଦାୟ ଓ ସ୍ୱାଗତର ।

ଦିନ ଚାଲିଯାଏ ଚିହ୍ନ ଛାଡ଼ିଯାଏ
ରହିଯାଏ କିଛି ସ୍ମୃତି
ନବ ପ୍ରଭାତରୁ ଅୟମାରମ୍ଭ
ଭରଣା ହେଉ ସେ କ୍ଷତି ।

କେତେ ଯେ ଘଟଣା କେତେ ଦୁର୍ଘଟଣା
ସୁଖ ଦୁଃଖ ହସ କାନ୍ଦ
ବାଜିରେ ଲାଗିଛି ମଣିଷ ଜୀବନ
ଆଖି ଥାଇ ଆମେ ଅନ୍ଧ ।

ଦୁଃଖ ଆମ ଗୁରୁ କାନ ମୋଡ଼ି କହେ
ଅମାନିଆ ହୁଅ ନାହିଁ
ସଚେତନ ହୁଅ ନିଜକୁ ବଞ୍ଚାଅ
ବଞ୍ଚ ଦେଶ ଜାତି ପାଇଁ ।

ISSN NO.
2582-208X

ଦୁଃଖର କାରଣ ଖୋଜରେ ମଣିଷ
ବୁଝ ନିଜ ଦୋଷ ତ୍ରୁଟି
ଭାଙ୍ଗି ପଡ଼ନା କି ଭାଗ୍ୟକୁ ନିନ୍ଦନା
ବିପଦ ସତର୍କ ଘଣ୍ଟି ।

(((-)))

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ - ୯୪୩୭୮୬୪୫୬୨

ISSN NO.
2582-208X

# ଫେରିଆସ ବୁଦ୍ଧ ତୁମେ



କାଳ ପ୍ରସାଦ ମହାପାତ୍ର

ଗୌତମ  ସେ ରାଜକୁମାର
ଚିନ୍ତିତ ଥିଲ ସବୁବେଳ
ସଂସାରର ଜୀବନକୁ ନେଇ
ମୁକ୍ତିଲାଭର ବାଟ ପାଇଁ ।।

ଏବେ କଣ ଦେଖୁ ନାହାଁନ୍ତି
ରୁଗ୍ଣ ଏକ ଜୀର୍ଣ୍ଣ ଶରୀର
ଚିନ୍ତିତ ହୁଅନ୍ତି କେବେ
ଏ ଯୁଗର ଗୌତମ। ।

ଏବେ ବୃଦ୍ଧ ଜଣେ କିଏ
ଦେଖାଯାଏ ଦୃଷ୍ଟିପଥରେ
ବଦଳାଇବାକୁ ଗୌତମଙ୍କ
ଅସ୍ଥିର ମନକୁ । ।

ଶବଟିଏ ଶବଯାତ୍ରାରେ ଯାଏ
ନାହିଁ ଜୀବନର ଶେଷଯାତ୍ରା
ସାରି ବୈରାଗ ଜାତ ହୁଏ ନାହିଁ
କିବା ତାଙ୍କର ମନରେ।।

ISSN NO.
2582-208X

ସଂସାର ଜଂଜାଳ ତ୍ୟାଗୀ
ସନ୍ୟାସୀର ଦେଖା ନାହିଁ
ସଂସାରରୁ ମୁକ୍ତିଲାଭ ପାଇଁ
ଏଯୁଗର ଗୌତମଙ୍କୁ।।

କରୋନାର କରାଳ ରୂପ
ଶିକ୍ଷା ଦେଇ ଯାଇଅଛି
ରୋଗ, ଶୋକ, ବୃଦ୍ଧ, ଶବ ଦେଖିଛ
ହେ ଗୌତମମାନେ।।

ହେ ବୁଦ୍ଧ ଦେବ ତୁମେ
ପୁନର୍ବାର ଆସ ଧରାପୃଷ୍ଠେ
ଶିକ୍ଷା ଦେଉ ଯାଅ ଧର୍ମ, ଶାନ୍ତି,
ଅହିଂସାର ସର୍ବୋତ୍ତମ ଶିକ୍ଷା।।

ରକ୍ଷା ପାଉ ଏ ସମାଜ
ଯୁଦ୍ଧ, ରୋଗ, ଶୋକ, ଅଶାନ୍ତିରୁ
ଏ ମାନବ ଜାତିକୁ ରଖ ତୁମ
କରୁଣାର ମୁଦ୍ରା ତଳେ।।

(((-)))

ଶିକ୍ଷକ
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ସିଏ ମୋର କିଏ



ତାରିପ୍ରସାଦ ଜେନା

ସିଏ ମୋର କିଏ କହିବାକୁ ଆଉ
ମୁହଁକୁ ଖୋଲୁନି ଏତେ
ତାର ହାବ ଭାବ ଦେଖିଦେଲା ପରେ
ନିଜର ଲାଗୁଛି ସତେ
ସିଏ ମୋର କିଏ କହିବାକୁ ଆଉ..... ।୦।

ଦୁଷ୍ଟାମିର ହସେ ଆଘାତ କରୁଛି
ଅଳପ ମିଛକୁ ଚିଡ଼ି
ଆଗକୁ ପଛକୁ ମୁହଁକୁ ବୁଲାଇ
ଦେଖୁଛି ଅଠର ଘଡ଼ି,
ତାର ମନ କଥା ବୁଝିବାକୁ ମୋର
ଗରଜ ପଡ଼ିଛି କେତେ
ସିଏ ମୋର କିଏ କହିବାକୁ ଆଉ..... ।୧।

ଖୁସି ମୋର ସିଏ ନାଚ କରୁଅଛି
ବଜାଏ ମୁଁ କାଳେ ବାଜା।

ISSN NO.
2582-208X

ଦୁଃଖ ମୋର ସବୁ ହରି ନେଉଥାଏ
ସିଏ ମୋ ସପନ ତାଜା ,
ତାକୁ ଛାଡ଼ିଦେଇ ଏକୁଟିଆ ହେବି
ଭାବନା ଆସୁନି ମୋତେ
ସିଏ ମୋର କିଏ କହିବାକୁ ଆଉ..... । ୨ ।

(((-)))

ରାଜ ରଣପୁର,
ଜିଲ୍ଲା-ନୟାଗଡ଼
ମୋ- ୯୩୪୮୦୫୪୩୦୦

ISSN NO.
2582-208X

# ଜନଜାତି ଓଡ଼ିଆ ସାହିତ୍ୟ



ଡକ୍ଟର ବିକ୍ରମ ବେହେରା

'ଆଦିବାସୀ' ଶବ୍ଦଟି ପ୍ରଥମେ ଇଂରେଜମାନଙ୍କ ଦ୍ୱାରା ବ୍ୟବହୃତ କରାଗଲା । ଇଂରାଜୀ ଭାଷାରେ 'Tribe' ରୂପରେ । ଇଂରାଜୀ ଶବ୍ଦ 'Tribe' ର ସୃଷ୍ଟି ଦ୍ୱାଦଶ ଶତାବ୍ଦୀ । ଯାହା ପ୍ରାଚୀନ ଫ୍ରେଞ୍ଚ ଭାଷାର ଟ୍ରିବୁ ଏବଂ ଲାଟିନ 'Tribe' ଶବ୍ଦରୁ ସୃଷ୍ଟି । ଯାହାର ଅର୍ଥ 'ଫ୍ରମ ଦି ଥ୍ରୀ' । ଏହି ଶବ୍ଦ ଲାଟିନ୍ ଭାଷାରେ ମୂଳ ତିନି ସମ୍ପ୍ରଦାୟର ଉଦ୍ଦେଶ୍ୟରେ ପ୍ରଯୁଜ୍ୟ ଥିଲା । ତେବେ ଭାରତରେ ବ୍ରିଟିଶ ଉପନିବେଶ ସମୟରେ ଏହି ଶବ୍ଦର ପ୍ରୟୋଗ ଜନଜାତିଙ୍କ ଉଦ୍ଦେଶ୍ୟରେ କରାଯାଇ ଥିଲା ।

ଆଦିବାସୀ ଏକ ନୃତତ୍ୱ ବିଜ୍ଞାନଭିତ୍ତିକ ଶବ୍ଦ । ନୃତାତ୍ୱିକ ଭାଷାକୋଷ ଅନୁଯାୟୀ, ଆଦିବାସୀ ଯେକୌଣସି ଭୂଖଣ୍ଡର ମୂଳବାସିନ୍ଦା ଭାବରେ ପରିଚିତ । 'ଜନଜାତି' ଶବ୍ଦଟି ଅପେକ୍ଷା, 'ଆଦିବାସୀ' ଶବ୍ଦଟି ମୂଳବାସିନ୍ଦା ଭାବରେ ସର୍ବତ୍ର ପରିଚିତ । 'ଆଦିବାସୀ' ଶବ୍ଦର ଅର୍ଥ ହେଲା, ଏକାଦି କ୍ରମେ ଏକ ଭାଷା, ଏକ ସଂସ୍କୃତି ଓ ଏକ ସାମାଜିକ ଜୀବନର ମୂଳଦୂଆ ଉପରେ ପ୍ରତିଷ୍ଠିତ ସାମାଜିକ ଗୋଷ୍ଠିକୁ ବୁଝାଏ । ପୂର୍ବରୁ ଏକ ଜନଜାତି ଗୋଷ୍ଠୀକୁ 'ଡ଼ଙ୍ଗର ଅଧିବାସୀ' ଭାବରେ ଗ୍ରହଣ କରାଯାଉଥିଲା । କାରଣ ଅଭିବକ୍ତ କୋରାପୁଟ ଅଞ୍ଚଳର ମୂଳ ଅଧିବାସୀମାନେ କୋରାପୁଟକୁ 'ଡ଼ଙ୍ଗର' କହୁଥିଲେ, ଆଉ ନିଜକୁ ଡଙ୍ଗର ଅଧିବାସୀ ଭାବରେ ପରିଚିତ କରାଉଥିଲେ । ଅନ୍ୟ ପାଖରେ, ଘଞ୍ଚ ଅରଣ୍ୟ ଓ ପାର୍ବତ୍ୟାଞ୍ଚଳରେ ଆଦିବାସୀ ବସବାସ ଥିବା ଯୋଗୁଁ ସେମାନେ ଆଦିବାସୀ ଶବ୍ଦ ବ୍ୟତୀତ 'ଜନଜାତି', 'ଆଦିମଜାତି', 'ଗିରିଜନ', 'ବନବାସୀ', ପ୍ରଭୃତି ଶବ୍ଦ ଦ୍ୱାରା ଚିହ୍ନିତ ହୋଇଥାଏ । ଉଭୟ ନୃତତ୍ୱବିତ୍ ଓ ଐତିହାସିକମାନେ ଏମାନଙ୍କୁ ଆଦିମ ଆଦିବାସୀ

ISSN NO.
2582-208X

ବୋଲି କହିଥାନ୍ତି । ଭାରତରେ ଆର୍ଯ୍ୟ ଓ ଦ୍ରାବିଡ଼ମାନଙ୍କ ବହୁପୂର୍ବରୁ ଏମାନଙ୍କ ସ୍ଥିତି ରହିଥିବା ଜଣାଯାଏ । ସେହି ଆଦିମ କାଳରୁ ଏମାନଙ୍କ ନିଜସ୍ୱ ସଂସ୍କୃତି ଓ ପରମ୍ପରା ମଧ୍ୟ ରହିଛି ।

ଜନଜାତି ଗୋଷ୍ଠୀଙ୍କ ସଂଜ୍ଞା ନିରୂପଣ କରିବାକୁ ଯାଇ ଡି.ଏନ୍.ମଜୁମ୍ଦାର କହିଛନ୍ତି : ଏହା ଏକ ସାମାଜିକ ଗୋଷ୍ଠୀ ଯିଏ ସମଜାତୀୟ ବିବହାରେ ବିଶ୍ୱାସୀ, ନିର୍ଦ୍ଦିଷ୍ଟ ଭାଷା ଗୋଷ୍ଠୀରେ ବନ୍ଧା ଅନଗ୍ରସର ଜାତି । ଯେଉଁମାନେ ପୁରୁଣା ପ୍ରଥା, ପରମ୍ପରା, ବିଶ୍ୱାସ ସହିତ ପ୍ରକୃତିର ଅପରିଚିତ ଉତ୍ସକୁ ନିଜର ଜୀବନ ଧାରଣର ମାଧ୍ୟମ ଖୋଜିବା ସହିତ ଆଞ୍ଚଳିକ ଏକତ୍ୱର ବୃଦ୍ଧି କରଣ ଉପରେ ଆସ୍ଥା ସ୍ଥାପନ କରିଥାନ୍ତି । ଭାରତ ସରକାରଙ୍କ ଅନୁସୂଚତି ଜନଜାତି କମିଶନ, ଜନଜାତିଙ୍କ ସଂଜ୍ଞା ନିରୂପଣ କରି କହିଛନ୍ତି – 'ଯେଉଁମାନେ ମୂଳ ଆଦିବାସୀ ଯେଉଁମାନେ ଆଦିମ, ଯେଉଁମାନେ ଅନୁନ୍ନତ ଅଞ୍ଚଳରେ ବସବାସ କରିବା ସହିତ ସମସ୍ତ କ୍ଷେତ୍ରରେ ପଛୁଆ ବା ଅନଗ୍ରସର ସେମାନେ ଅନୁସୂଚିତ ଜନଜାତି ।'

ସମସ୍ତ ଜନଜାତିଗୋଷ୍ଠୀଙ୍କ ମଧ୍ୟରୁ କିଛି ଗୋଷ୍ଠୀଙ୍କୁ ଆମେ ଓଡ଼ିଆ ଜନଜାତି ଭାବରେ ଗ୍ରହଣ କରିଛେ । ମାଲକାନିଗିରି ଜିଲ୍ଲାରେ ରହୁଥିବା 'ବଣ୍ଡା' ଜନଜାତି ସବୁଠାରୁ ଆଦିମ ଜନଜାତିବୋଲି ଗ୍ରହଣ କରାଯାଏ । ଡାରଓ୍ୱିନଙ୍କ 'ବିବର୍ତ୍ତନ ତତ୍ୱ' କହେ ସେହିମାନେ ହିଁ ବିଶ୍ୱର ଆଦିମାନବ । 'ଡିଡ଼ାୟୀ' ଅନ୍ୟଏକ ଆଦିମ ଜନଜାତି ଗୋଷ୍ଠୀ, 'ବଣ୍ଡା' ପରି ମାଲକାନିଗିରିର ଗୌରବ ବୃଦ୍ଧି କରିଛି । ମାଲକାନିଗିରି ଜିଲ୍ଲାର ଏହି ଦୁଇ ଆଦିମ ଜନଜାତି ଗୋଷ୍ଠୀକୁ ଓଡ଼ିଆ ଜନଜାତି ଭାବରେ ଗ୍ରହଣ କରାଯାଇଛି । କାରଣ, ଏହି ଦୁଇ ଜନଜାତି ଗୋଷ୍ଠୀ ଅନ୍ୟ କେଉଁଠି ଦେଖାଯାଆନ୍ତି ନାହିଁ । ପୁଣି ମାଲକାନିଗିରି ଓ କୋରାପୁଟ ଉଭୟ ଜିଲ୍ଲାରେ ବସବାସ କରୁଥିବା ବିପୁଳକାୟ ଜନସଂଖ୍ୟା ଥିବା ଜନଜାତି କୋୟା, ପରଜା ଓ କନ୍ଧ, ଯେଉଁମାନେ ଦୁଇଟି ଜିଲ୍ଲାର ସଂସ୍କୃତି ଓ ପରମ୍ପରା ମୂଳ ପ୍ରାଣକେନ୍ଦ୍ର । ନିମ୍ନରେ ଜନଜାତିଙ୍କ ସଂକ୍ଷିପ୍ତ ସୂଚନା ଦିଆଗଲା –

| କ୍ର.ନଂ | ଆଦିବାସୀ/ଜନଜାତିମାନଙ୍କ ନାମ | ବସବାସ କରୁଥିବା ଅଞ୍ଚଳ |
| --- | --- | --- |
| ୧. | ଓମାନାତ୍ୟ | କୋରାପୁଟ, ନବରଙ୍ଗପୁର, ଗଞ୍ଜାମ |

ISSN NO.
2582-208X

୨. ଓରାଓଁ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୋନପୁର
୩. କନ୍ଧ କୋରାପୁଟ, କନ୍ଧମାଳ, ବଲାଙ୍ଗୀର, ସମ୍ବଲପୁର
୪. କନ୍ଧଗଉଡ଼ କନ୍ଧମାଳ, ପୁରୀ
୫. କନ୍ଧ ଡୋରା କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି
୬. କୋଲି, ମହ୍ଲାର ଅନୁଗୁଳ, ସମ୍ବଲପୁର
୭. କଓ୍ୱାର ସୁନ୍ଦରଗଡ଼, ସମ୍ବଲପୁର, କଳାହାଣ୍ଡି
୮. କିସାନ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା
୯. କୁଟିଆ କୋରାପୁଟ, କନ୍ଧମାଳ, କଳାହାଣ୍ଡି
୧୦. କୁଲିସ ସମ୍ବଲପୁର, ବଲାଙ୍ଗିର, ବରଗଡ଼
୧୧. କୋଡ଼ା ଅନୁଗୁଳ, କେନ୍ଦୁଝର
୧୨. କୋରୁଆ ସମ୍ବଲପୁର, କୋରାପୁଟ
୧୩. କୋଲ କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ମୟୁରଭଞ୍ଜ
୧୪. କୋହ୍ଲ-ଲୋହରା ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ
୧୫. କୋହ୍ଲ ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼
୧୬. କୋୟା ମାଲକାନିଗିରି
୧୭. ଖଡ଼ିଆ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ମୟୁରଭଞ୍ଜ
୧୮. ଖରଓ୍ୱାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର
୧୯. ଗଦବା କୋରାପୁଟ, ମାଲକାନଗିରି
୨୦. ଗଣ୍ଡ କଳାହାଣ୍ଡି, ସମ୍ବଲପୁର, ବରଗଡ଼
୨୧. ଗଣ୍ଡିଆ କୋରାପୁଟ, ଢେଙ୍କାନାଳ, ଅନୁଗଳ, ମାଲକାନଗିରି
୨୨. ଘରା କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼, କୋରାପୁଟ
୨୩. ଚେଞ୍ଚୁ କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ଼
୨୪. ଜୁଆଙ୍ଗ କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ
୨୫. ଜାତପୁ ନବରଙ୍ଗପୁର, କୋରାପୁଟ, ଗଜପତି, ରାୟଗଡ଼ା
୨୬. ଥୁରୁଆ ମୟୁରଭଞ୍ଜ, ଗଞ୍ଜାମ, ବାଲେଶ୍ୱର
୨୭. ଦାଳ/ଦଳ ବଲାଙ୍ଗିର, କଳାହାଣ୍ଡି

ISSN NO.
2582-208X

୨୮· ଡିଡ଼ାୟୀ ମାଲ୍‌କାନିଗିରି
୨୯· ଦେଶୁଆଭୂମିଜ ପୁରୀ, ମୟୁରଭଞ୍ଜ, କୋରାପୁଟ, ମାଲକାନଗିରି
୩୦· ଦୁରୁଆ କୋରାପୁଟ, ମାଲ୍‌କାନିଗିରି, ମୟୁରଭଞ୍ଜ, ସମ୍ବଲପୁର
୩୧· ପରଜା କୋରାପୁଟ, ମାଲ୍‌କାନିଗିରି
୩୨· ପାରେଙ୍ଗା କୋରାପୁଟ, ମାଲକାନଗିରି
୩୩· ପେଣ୍ଟିଆ କଳାହାଣ୍ଡି, ସମ୍ବଲପୁର, କୋରାପୁଟ
୩୪· ବନ୍‌ଜରା କୋରାପୁଟ, ମୟୁରଭଞ୍ଜ, ନୂଆପଡ଼ା, କଳାହାଣ୍ଡି
୩୫· ବାଇଗା କଳାହାଣ୍ଡି, ସୁନ୍ଦରଗଡ଼, ବାଲେଶ୍ୱର, ମୟୁରଭଞ୍ଜ
୩୬· ବାଗ୍‌ତା କଟକ, ବାଲେଶ୍ୱର, କୋରାପୁଟ, ସମ୍ବଲପୁର
୩୭· ବାଥୁଡ଼ି ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର
୩୮· ବଣ୍ଡାପରଜା ମାଲ୍‌କାନିଗିରି
୩୯· ବିନ୍‌ଝାଲ ସମ୍ବଲପୁର, ବଲାଙ୍ଗିର, ବରଗଡ଼
୪୦· ବନ୍‌ଝିଆ ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼
୪୧· ବିରହୋର ସୁନ୍ଦରଗଡ଼, ସମ୍ବଲପୁର, ମୟୁରଭଞ୍ଜ
୪୨· ଭତରା ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି
୪୩· ଭୂମିଆ ମାଲ୍‌କାନିଗିରି, କୋରାପୁଟ, ସୁନ୍ଦରଗଡ଼
୪୪· ଭୂଞ୍ଜିଆ ନୂଆପଡ଼ା, କଳାହାଣ୍ଡି, କୋରାପୁଟ
୪୫· ଭୂମିଜ ମୟୁରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼
୪୬· ଭୂୟାଁ କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼
୪୭· ମାଙ୍କଡ଼ି କଳାହାଣ୍ଡି, ସୁନ୍ଦରଗଡ଼, ମୟୁରଭଞ୍ଜ, ସମ୍ବଲପୁର
୪୮· ମାଙ୍କଡ଼ିଆ ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି
୪୯· ମାଟିଆ କୋରାପୁଟ, ନବରଙ୍ଗପୁର, ଢେଙ୍କାନାଳ
୫୦· ମାଡ଼ିଆ ମାଲ୍‌କାନିଗିରି, ଅନୁଗୁଳ, ମୟୁରଭଞ୍ଜ, ସୁନ୍ଦରଗଡ଼
୫୧· ମାହାଲି ମୟୁରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର
୫୨· ମିର୍ଦ୍ଧା ସମ୍ବଲପୁର, ବଲାଙ୍ଗୀର, ଝାରସୁଗଡ଼ା
୫୩· ମୁଣ୍ଡା ସୁନ୍ଦରଗଡ଼, ସମ୍ବଲପୁର, ରାୟଗଡ଼ା, କଳାହାଣ୍ଡି
୫୪· ମୁଣ୍ଡାରି ସୁନ୍ଦରଗଡ଼, ମୟୁରଭଞ୍ଜ, କେନ୍ଦୁଝର

ISSN NO.
2582-208X

୫୫. ରାଜୁଆର ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର
୫୬. ଶବରଲୋଧା ମୟୁରଭଞ୍ଜ
୫୭. ସଉରା ଗଜପତି, ସମ୍ବଲପୁର, ବରଗଡ଼
୫୮. ସାଉଁଟି କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା
୫୯. ସାନ୍ତାଳ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର
୬୦. ଶବର ମୟୂରଭଞ୍ଜ, ବାଲେଶ୍ୱର, ରାୟଗଡ଼ା, ଢେଙ୍କାନାଳ
୬୧. ହଲବା ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ନୂଆପଡ଼ା
୬୨. ହୋ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ
୬୩. ନୋକାଡ଼ୋରା/ନୁକାଡ଼ୋରା ମାଲକାନିଗିରି, କୋରାପୁଟ
୬୪. କୋଣ୍ଡାରେଡ୍ଡୀ ମାଲକାନିଗିରି, କୋରାପୁଟ

ଏହି ସାରଣୀରୁ ଓଡ଼ିଶାରେ ବସବାସ କରୁଥିବା ଜନଜାତିମାନଙ୍କ ବାସଭୂମି ସମ୍ପର୍କରେ ସୂଚନା ମିଳିଥାଏ । ଏମାନେ ସବୁଜ ଅରଣ୍ୟ, ପାହାଡ଼ ଓ ମାଳ ଅଞ୍ଚଳ ଗୁଡ଼ିକରେ ବସବାସ କରିଆସୁଛନ୍ତି । ଏମାନଙ୍କର ଭାଷା, ଚାଲିଚଳଣି, ରୀତିନୀତି, ପର୍ବପର୍ବାଣୀ, ଖାଦ୍ୟପେୟ, ବେଶ ପୋଷାକ, ସର୍ବୋପରି ଜୀବନ ଧାରଣର ଭିନ୍ନତା ପରିଲିକ୍ଷିତ ହୋଇଥାଏ । ସ୍ୱାଧିନତା ପୂର୍ବରୁ ହଜାର ହଜାର ବର୍ଷ ଧରି ସେମାନେ ସେମାନଙ୍କ ନିର୍ଦ୍ଧିଷ୍ଟ ଅଞ୍ଚଳ ଗୁଡ଼ିକରେ ଜୀବନଯାପନ କରୁଥିଲେ । ସେମାନେ ବିଭିନ୍ନ ସମୟରେ ରାଜା, ମହାରାଜା, ସାହୁକାର ପ୍ରଭୃତିଙ୍କ ଦ୍ୱାରା ଉପେକ୍ଷିତ, ଶୋଷିତ ହୋଇ ଦୀନ ହୀନ ଭାବରେ ଜୀବନ ଯାପନ କରୁଥିଲେ । ଅଶିକ୍ଷା, ଦାରିଦ୍ର୍ୟ, କୁସଂସ୍କାର, ଅନ୍ଧବିଶ୍ୱାସ ଯୋଗୁ ସେମାନେ ସଭ୍ୟତା ଠାରୁ ବହୁ ଦୂରରେ ଥିଲେ । ଜାତୀୟ ପ୍ରଗତି ସହିତ ସେମାନଙ୍କର କୌଣସି ସମ୍ପର୍କ ନ ଥିଲା । ଜ୍ଞାନ, ବିଜ୍ଞାନର ବିକାଶ ସେମାନଙ୍କ ନିକଟରେ ପହଞ୍ଚିନଥିଲା। ଇଂରେଜ ଶାସନ କାଳରେ, ମିସନାରୀମାନେ ବାଇବେଲ୍‌କୁ ପ୍ରଚାର ପ୍ରସାର କରିବା ପାଇଁ ସେମାନଙ୍କୁ କିଛି କିଛି ଶିକ୍ଷା ଦେବାର ପ୍ରଚେଷ୍ଟା କରିଥିଲେ । ହଜାର ହଜାର ବର୍ଷ ଭିତରେ ସେମାନଙ୍କ ଜୀବନ ଧାରରେ ସେପରି କିଛି ଉଲ୍ଲେଖ ଯୋଗ୍ୟ ପରିବର୍ତ୍ତନ ହୋଇନଥିଲା । ସ୍ୱାଧୀନତା ପ୍ରାପ୍ତିପରେ ସେମାନଙ୍କୁ ଆଧୁନିକ ଜୀବନ ସ୍ରୋତରେ ସାମିଲ କରିବାକୁ ପ୍ରୟାସ କରାଗଲା ।

ISSN NO.
2582-208X

### ଜନଜାତି ଓଡ଼ିଆ ସାହିତ୍ୟ :

ଓଡ଼ିଶାର ଜନଜୀବନରେ ଜନଜାତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଓଡ଼ିଆ ସାହିତ୍ୟର ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳେ । ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟ ସାହିତ୍ୟ ତଥା ମହାଭାରତ ଓ ରାମାୟଣ ଆଦି ଗ୍ରନ୍ଥଗୁଡ଼ିକରେ ଏମାନଙ୍କ ଆଦର୍ଶ, ନୀତିବନ୍ତ ଜୀବନଯାପନ ପ୍ରଣାଳୀକୁ ଗୁରୁତ୍ୱ ଦିଆଯାଇଛି । ଜାରାଶବର, ଏକଲବ୍ୟ, ଶବରୀ ଆଦିଙ୍କ ଆଦର୍ଶ ଚରିତ୍ର ଭାବରେ ବର୍ଣ୍ଣନା କରାଯାଇଛି । ବୌଦ୍ଧ ସାହିତ୍ୟରେ ଜନଜାତି ନାରୀ ଚରିତ୍ରମାନଙ୍କୁ ସାଧନା ସଙ୍ଗିନୀର ମର୍ଯ୍ୟାଦା ପ୍ରଦାନ କରାଯାଇଛି । ଆଧୁନିକ ଓଡ଼ିଆ ସାହିତ୍ୟରେ ଏମାନଙ୍କ ସାମାଜିକ ଚଳଣିରେ ଆସୁଥିବା ପରିବର୍ତ୍ତନର ଚିତ୍ର ଚିତ୍ରିତ ହୋଇଛି । ଲେଖକମାନେ ବାସ୍ତବବାଦୀ ଦୃଷ୍ଟିକୋଣ ନେଇ ଏମାନଙ୍କ ସଂଗ୍ରାମର ଚିତ୍ର ଚିତ୍ରତ କରିଛନ୍ତି ।

### ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟସାହିତ୍ୟରେ ଜନଜାତିର ଚିତ୍ର :

୧. ଚର୍ଯ୍ୟାପଦ ଗୁଡ଼ିକ ଓଡ଼ିଆ ଲିଖିତ ସାହିତ୍ୟର ପ୍ରାଚୀନତମ ନିଦର୍ଶନ । ଏଗୁଡ଼ିକ ୮୪ ଶିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ । ଏମାନେ ମୁଖ୍ୟତଃ ଥିଲେ ତାନ୍ତ୍ରିକ-ବୌଦ୍ଧ-ସହଜିୟା ସାଧକ । ଏମାନଙ୍କ ମଧ୍ୟରୁ ଅନେକ ଥିଲେ କବି । ଚର୍ଯ୍ୟାପଦଗୁଡ଼ିକ ବୌଦ୍ଧଧର୍ମର ପରବର୍ତ୍ତୀ ସଂସ୍କରଣ ସହଜଯାନର ସାଧନା ପ୍ରଣାଳୀ ପ୍ରଖାପନ କରୁଥିଲେ ମଧ୍ୟ, ଏଗୁଡ଼ିକର ସାହିତ୍ୟିକ ମୂଲ୍ୟ ଅନନ୍ୟ ।

ସହଜଯାନର ଧର୍ମ ଦର୍ଶନ ଅନୁସାରେ ସାଧନାର ସିଦ୍ଧିଲାଭ ପାଇଁ ନାରୀର ସାହଚର୍ଯ୍ୟ ଆବଶ୍ୟକ ହୋଇଥାଏ । ସହଜଯାନର ମୂଳତତ୍ୱ, ବୋଧିଚିତ୍ତ ସହ ବନ୍ଧୁତା । ବୋଧିଚିତ୍ତ ସହ ବନ୍ଧୁତା ନିମିତ୍ତଗୁରୁ, ମଣ୍ଡଳ ଓ ମୁଦ୍ରାର ଏକାନ୍ତ ଆବଶ୍ୟକ । ସହଜଯାନ ସାହିତ୍ୟରେ ମୁଦ୍ରା, ଡୋମ୍ବି, ଶବରୀ, ନୈରାତ୍ମା, ଯୋଗିନୀ, ସହଯସୁନ୍ଦରୀ ଆଦି ନାରୀମାନେ ଅଭିହିତ। ଏମାନେ ସମସ୍ତେ ସମାଜର ନିମ୍ନବର୍ଗୀୟ, ସହଜସୁନ୍ଦରୀ ଆଦି ନାରୀମାନେ ଅଭିହିତ । ସହଜ ସିଦ୍ଧିଲାଭ ପାଇଁ ସମାଜର ନିମ୍ନ ବର୍ଗର ନାରୀକୁ ମୁଦ୍ରାରୂପରେ ସାଧକମାନେ ଗ୍ରହଣ କରିଥାନ୍ତି । ଯାହାର ତାତ୍ତ୍ୱିକ ବର୍ଣ୍ଣନା ଶବରୀପା, କାହ୍ନୁପା ପ୍ରଭୃତିଙ୍କ ଚର୍ଯ୍ୟାପଦ ଗୁଡ଼ିକରେ ଦେଖିବାକୁ ମିଳେ ।

ISSN NO.
2582-208X

ଶବରୀପାଙ୍କ ‘ଶବର ଶବରୀ – ପ୍ରେମଚର୍ଯ୍ୟା’, ଗୀତିକା ନଂ – ୨୮ ଓ ‘ମତ୍ତ ଶବର – ମୃତ୍ୟୁଚର୍ଯ୍ୟା’ ଗୀତିକା ନଂ – ୫୦ ଏ ଦୃଷ୍ଟିରୁ ଉଲ୍ଲେଖ ଯୋଗ୍ୟ । ଏଠାରେ ଶବର ପରିବାରର ଦୈନନ୍ଦିନ ଜୀବନଧାରାର ରୂପକ ଛଳରେ ସହଜଯାନର ସାଧନାତତ୍ୱ ବର୍ଣ୍ଣିତ । ପାହାଡ଼ ଉପରେ ଥିବା ଭୂଇଁରେ ଶବର ଚାଷ କରୁଛି । ଶବରୁଣୀ ଘାସ ବାଛୁଚି । କାଳକ୍ରମେ କପା ଗଛ ଗୁଡ଼ିକ ବଢ଼ିହେଲା ଓ ସେଥିରେ ଫୁଲ ଫୁଟିଲା । ଶସ୍ୟ ପାକଳ ହେଲା । ତାହା ସଂଗ୍ରହ କରି ସେମାନେ ଆନନ୍ଦରେ ନୃତ୍ୟ କରନ୍ତି । ଏପରି ଭାବରେ ଜୀବନଯାପନ କଲା ପରେ ଶବର ମୃତ୍ୟୁ ବରଣ କରେ । ଶବରୁଣୀ ଚାରିଖଣ୍ଡ ବାଉଁଶରେ ମୃତ୍ୟୁଶର୍ଯ୍ୟା ତିଆରି କରେ । ଶବଦାହ ପରେ ଶବରୁଣୀ ଦଶଦିନରେ ପିଣ୍ଡଦାନ କରେ । ତା’ର ସ୍ୱାମୀ ଶବର ଜନ୍ମରୁ ଉଦ୍ଧାର ପାଇଁ ପରଲୋକରେ ପ୍ରବେଶ କରେ । କବି ବର୍ଣ୍ଣନା କରିଛନ୍ତି :–

‘ଚାରିବା ସେଁ ଭାଇଲାରେ ଦିଆ ଚଞ୍ଚାଳୀ
ତହିଁ ତୋଳି ଶବରୋ ଡାହ କଏଲା କାନ୍ଦଇ ସଗୁଣ ଶିଆଳୀ ।
ମାରିଲ ଉବମତ୍ତାରେ ଦହ ଦିହେ ଦଧିଲି ବଳୀ
ହେର ସେ ଶବର ନିରେବଣ ଭଇଲା ଫିଟିଲା ସବରାଳୀ ।’

ଏଠାରେ ଶବର ମୃତ୍ୟୁପରେ ଶବରୀ ଶବଶର୍ଯ୍ୟା ତିଆରି କରିବା, ଶବଦାହ କରିବା, ପିଣ୍ଡଦାନ କରିବା ଓ ଶବର ମୁକ୍ତି ପାଇବା ସହିତ ଶବର ସଂସ୍କୃତିର ଚିତ୍ର ରୂପାୟିତ କରିଛନ୍ତି ।

୨. ସାରଳା ମହାଭାରତ ଓଡ଼ିଆ ଜୀବନ ଓ ସଂସ୍କୃତିର ମହାକାବ୍ୟ । ଏଥିରେ ଓଡ଼ିଶାର ଲୋକାଚାର, ଧର୍ମଦର୍ଶନ, ପର୍ବପର୍ବାଣି ଓ ଦୈନନ୍ଦିନ ଜୀବନର ବିଶଦ ଚିତ୍ର ରୂପାୟିତ । ଏ ଚିତ୍ର ଉପସ୍ଥାପନରେ କବି ସାରଳା ଦାସ ନିଜ ଅନୁଭୂତି, ଲୋକକଥା, ପୁରାଣ, କିମ୍ବଦନ୍ତୀ ଆଦିକୁ ଆଶ୍ରୟ କରିଛନ୍ତି । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି କାହାଣି ଅବଲମ୍ବନରେ ସମସ୍ତ ଘଟଣାର ବିଶ୍ୱସ୍ତ, କାବ୍ୟିକ ଓ ବାସ୍ତବ ଭାବରେ ରୂପାୟନ କରିଛନ୍ତି ।

ସାରଳା ମହାଭାରତ ‘ଆଦିପର୍ବ’ରେ ଜାରାଶବର ଉପାଖ୍ୟାନ ବର୍ଣ୍ଣିତ । ଜାରାଶବର ଜଣେ ବୀର ଓ ନୀତିବନ୍ତ ପୁରୁଷ । ସେ ଦ୍ରୋଣଙ୍କଠାରୁ ଅସ୍ତ୍ରଶିକ୍ଷା ଲାଭ କରିବା ନିମିତ୍ତ ଅନୁମତି ଭିକ୍ଷା କରିଛି ଗୁରୁ ଦ୍ରୋଣ ସନ୍ତୁଷ୍ଟ ହୋଇ ତାକୁ ସ୍ୱୀକୃତି ଦେଉଛନ୍ତି । ମାତ୍ର ଦୁର୍ଯ୍ୟୋଧନ ଓ

ISSN NO.
2582-208X

ଦୁଃଶାସନ ଏଥିରେ ବାଧା ଦେଇଛନ୍ତି । କାରଣ ଜାରା ଶବର ନିମ୍ନଗର୍ବର ବ୍ୟକ୍ତି । ଜାରାକୁ ଅସ୍ପୃଶ୍ୟ ଶବର ଭାବେ ଅପମାନିତ କରି ଦୁଃଶାସନ ତଡ଼ି ଦେଇଛି ।

'ଅଗସ୍ତି ବୋଇଲେ ଶୁଣ ବଇବସ୍ଵନ ମନୁ
ଜରା ନାମେ କିରାତ ଯେ ଅଜିପତିର ତନୁ'
(ଶାରଳା ମହାଭାରତ, ପୃଷ୍ଠା - ୩୦୮)

'ଥାଉ ବୋଲୋକରି ଆଗ୍ୟାଂ ଦେଲେ ଗୁରୁ ଦ୍ରୋଣେ
ଦ୍ରିଯୋଧନ ବୋଇଲେ କିଂପା ଭଣ୍ଡାଅ ଅକାରଣେ ।
ଧୁଶାସନକୁ ବୋଇଲା ୟେହାକୁ ନିଅ ବାଳଧରି
ବନସ୍ତେ ଛାଡ଼ି ଆସ ଅନେକ ଅବସ୍ଥା କରି ।'
(ଶାରଳା ମହାଭାରତ, ପୃଷ୍ଠା - ୩୦୯)

ଏ ଅପମାନରେ ଜାରା ଦ୍ଵାଦଶ ଯୋଜନାରେ ଥାଇ ଏକ ଆଖଡ଼ା ତିଆରି କରିଛି । ସେହି ଆଖଡ଼ାରୁ ଦ୍ରୋଣଙ୍କ ଅସ୍ତ୍ରଚାଳନା ଲକ୍ଷ୍ୟକରି ନିଜେ ଅସ୍ତ୍ରଶିକ୍ଷା ଲାଭ କରିଛି । ଏ ଉପାଖ୍ୟାନରେ ଜାରା ଶବରର ପାରିବାରିକ ଚିତ୍ର ମଧ୍ୟ ମନୋଜ୍ଞ ଭାବେ ପ୍ରଦର୍ଶିତ । ଜାରାର ଅସ୍ତ୍ର ଚାଳନା ଶିକ୍ଷା ପ୍ରତି ଆଗ୍ରହ ଦେଖି ସ୍ତ୍ରୀ ତାକୁ ବ୍ୟଙ୍ଗ କରି ନିଜ ସମ୍ପ୍ରଦାୟକୁ ଦୋଷ ଦେଇଛି । କାରଣ ଜାରା ନିମ୍ନ ବର୍ଗରେ ଜନ୍ମଗ୍ରହଣ କରିଛି । ଏଣୁ ରାଜଗୁରୁଠାରୁ ଅସ୍ତ୍ର ଶିକ୍ଷା ଲାଭ କରିପାରିବେ ନାହିଁ ।

'ଅକାରଣେ ପାମରରେ କିପାଂ ଧାଇଁ ଧାଇଁ ମରୁ
ୟେହା ଯେ ସାଧୁଅଛୁ ହୋ କେ ତୋହର ଗୁରୁ
ଅଣ ଗୁରୁରେ ବିଦ୍ୟା ଯେ ନହୋଇ ପରାପତ
ମୁର୍ଖ ପାମର ହୋ ତୁ ବନଚରେ ଜାତ ।'
(ଶାରଳା ମହାଭାରତ, ପୃଷ୍ଠା - ୩୧୦)

ଏହି ବର୍ଣ୍ଣନା ମଧ୍ୟରେ ଜାରା ଶବରର ଶାରୀରିକ ବେଶଭୂଷାର ବର୍ଣ୍ଣନା ମଧ୍ୟ ରହିଛି । ଏ ବେଶଭୂଷା ଦ୍ଵାରା ଜାରାଶବର ସୁନ୍ଦର ବଳିଷ୍ଠ ଓ ବ୍ୟକ୍ତିତ୍ଵ ସଂପନ୍ନ ଯୁବକ ଭାବେ ରୂପାୟିତ ହୋଇଛି । ଶାରିରୀକ ବର୍ଣ୍ଣନାରୁ ସ୍ପଷ୍ଟ ଉପଲବ୍ଧ ହେଉଛି ଯେ ଜାରାଶବର ବନ୍ୟ ଅଧିବାସୀ ହେଲେ ମଧ୍ୟ ସେ ଜ୍ଞାନୀ ଓ ପ୍ରତିଭାର ଅଧିକାରୀ । ହାତରେ ତାହାର ଧାମଣା କାଠର

ISSN NO.
2582-208X

ଧନୁ, ଧନୁରେ କଣ୍ଟା ବାଉଁଶର ଗୁଣ । ମୁଣ୍ଡରେ ମୟୂର ଚୂଳ ଓ କଣ୍ଠରେ ଫୁଲର ମାଳି ଆଦି ଦେଖିବାକୁ ମିଳେ ।

ନୀଳଗିରି ପ୍ରସଙ୍ଗରେ ଶବର ଜୀବନର ଚିତ୍ର ଅଧିକ ବିଶଦ ଓ ବାସ୍ତବ । ଏହି ଉପାଖ୍ୟାନରେ ଏକ ଶବର ଗ୍ରାମର ଚିତ୍ର ବର୍ଣ୍ଣିତ । କିମ୍ବଦନ୍ତୀରେ ଅଛି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆଦେଶରେ ମନ୍ତ୍ରୀ ବିଦ୍ୟାପିତ ବିଶ୍ୱାବସୁ ଶବର ପାଖକୁ ଯାଇ ଜଗନ୍ନାଥଙ୍କୁ ଠାବ କରିଥିଲେ। କବି ଏଠାରେ ବିଶ୍ୱାବସୁକୁ ଜାରା ନାମରେ ଓ ମନ୍ତ୍ରୀକୁ ବସୁକର ନାମରେ ଚିତ୍ରିତ କରିଛନ୍ତି । ଉପାଖ୍ୟାନରେ ଶବରୁଣୀର ଅତିଥି ସତ୍କାର ଉଲ୍ଲେଖ ଯୋଗ୍ୟ । ଯେତେବେଳେ ବସୁକର ଶବର ଗ୍ରାମରେ ପ୍ରବେଶ କରିଛନ୍ତି, ସେତେବେଳେ ଶବର ଘରେ ନଥିଲା । ମାତ୍ର ଶବରୁଣୀ ତାଙ୍କୁ ଗୃହକୁ ନେଇ ଚାଉଳ, ପରିବା, ଖାଦ୍ୟଦ୍ରବ୍ୟ ଦେଇ ଅତିଥି ସତ୍କାର କରିଛନ୍ତି । ବସୁକର ଏ ସତ୍କାରରେ ଆନନ୍ଦିତ ହୋଇ ସ୍ନାନ ସାରି ଭୋଜନ କରିଛନ୍ତି। କବିଙ୍କ ଭାଷାରେ –

'ଶବରୁଣୀ ଲଗାଇ ସେହି ଯେ ବ୍ରାହ୍ମଣ
ହାଣ୍ଡି ତଣ୍ଡୁଳ ଦିଲା ପାକ ଯେ ବିଧାନ
ଶବରୀ ରାଂଧାଣୀ ବିଧି ବ୍ରାହ୍ମଣ କଲାକ ଭିଆଣ
ପାତିତ ବ୍ରାହ୍ମଣ କଲା ସ୍ୱାହତ ଭୋଜନ ।'
(ମୂଷଳି ପର୍ବ, ପୃଷ୍ଠା – ୭୬)

ଶବର ଗୁପ୍ତ ଭାବରେ ନୀଳ ମାଧବଂକ ପୂଜା କରୁଥାଏ । ବାସୁକର ସେ ମୂର୍ତ୍ତିକୁ ଦେଖିବାକୁ ଆଗ୍ରହ ପ୍ରକାଶ କରିବାରୁ ଜାରା ଶବର ମନା କରୁଛି । ମାତ୍ର ତାର ସ୍ତ୍ରୀ ଏଥିରେ ବାଧା ଦେଇଛି । ସ୍ୱାମୀକୁ ଯୁକ୍ତି କରି ବସିଛି –

'ବିଶ୍ୱାସଘାତକ ହୋୟେ ଆବର ମଇତ୍ର ଦ୍ରୋହୀ
ଆରେକ ବେଳେ ମିତ୍ର ୟେ କଥା ନ କହି
ଶବରୁଣୀ ବୋଇଲା ମିତ କଠୋର ନକର
ପ୍ରାଣହୁଂ ଅଧିକ ସେ ଅଟନ୍ତି ଆମ୍ଭର ।'
(ମୂଷଳି ପର୍ବ, ପୃଷ୍ଠା – ୭୭୧

ଶବର ଶବରୁଣୀ ବନ୍ୟ ଓ ଅଶିକ୍ଷିତ ହେଲେ ହେଁ ଅସଭ୍ୟ ନୁହନ୍ତି । ସ୍ତ୍ରୀର ଅନୁରୋଧରେ ସେ ବସୁକରଙ୍କୁ ନିଳମାଧବଙ୍କ ପାଖକୁ ନେଇଛି ।

ISSN NO.
2582-208X

ପ୍ରସଙ୍ଗ କ୍ରମେ ରାଜା ଇନ୍ଦ୍ରଦ୍ୟୁମ୍ନ ଜାରାକୁ ଲାଂଛିତ କରିଛନ୍ତି । ରାତ୍ରରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନ ହେଉଛି ଜାରା ନିର୍ଦ୍ଦୋଷ ଓ ସେ ଜଗନ୍ନାଥଙ୍କ ଜଣେ ଭକ୍ତ । ଏହାପରେ ଇନ୍ଦ୍ରଦ୍ୟୁମ୍ନ ଜାରାକୁ ନିଜର ସଖା ଭାବରେ ପରିଚୟ କରାଇଥାନ୍ତି । ଯେତେବେଳେ ଦାରୁବ୍ରହ୍ମ ସମୁଦ୍ରକୂଳରେ ଲାଗିଛି, ତାକୁ କେହି ଉଠାଇ ପାରି ନାହାନ୍ତି । ଜାରା ଶବର ତାକୁ ଅକ୍ଲେଶରେ ଟେକି ନେଇଛି । ଗୋଟାଏ ପାର୍ଶ୍ୱରେ ବ୍ରାହ୍ମଣ ଓ ଅନ୍ୟ ପାର୍ଶ୍ୱରେ ଶବର । ସେ ଦାରୁ ପିଣ୍ଡକୁ ଧରୀ ନୀଳ ସୁନ୍ଦର ଗିରିରେ ପୂଜା ଆରମ୍ଭ କରିଛନ୍ତି । ଜଗନ୍ନାଥ ମୂର୍ତ୍ତି ନିର୍ମାଣ ନିମିତ୍ତ ବିଶ୍ୱକର୍ମାଙ୍କୁ ଜାରାଶବର ମନ୍ଦିର ମଧ୍ୟକୁ ନେଇଛନ୍ତି । ଇନ୍ଦ୍ରଦ୍ୟୁମ୍ନ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ମନ୍ଦିର ଦ୍ୱାର ଉନ୍ମୁକ୍ତ କରିଛନ୍ତି, ଜାରା କହିଛି -

'ଜାରା ଶବର ବୋଇଲା ହୋ ମଂଦକୃତ୍ୟ କଲୁ ଭାୟେ
ଆବଦ୍ଧ ଥିଲେ ଦେଖନ୍ତୁ ଜଗନ୍ନାଥଙ୍କ ସବୁ ପାୟେ ।'
(ସାରଳା ମହାଭାରତ, ପୃଷ୍ଠା ୩୩୧)

୩. କବି ବଳରାମ ଦାସ ତାଙ୍କ ଜଗମୋହନ ରାମାୟଣରେ ପ୍ରସଙ୍ଗକ୍ରମେ ଆଦିବାସୀ ଜୀବନର ଚିତ୍ର ଦେଇଛନ୍ତି । ଜଗମୋହନ ରାମାୟଣରେ ଗୁହକ ଶବର ପ୍ରସଙ୍ଗ ଆଲୋଚନାଯୋଗ୍ୟ । ରାମଚନ୍ଦ୍ର ଅରଣ୍ୟବାସ ସମୟରେ ଗୁହକଙ୍କ ଆତିଥ୍ୟ ସ୍ୱୀକାର କରିଥିଲେ । ଗୁହକ ଥିଲେ ରାଜା । ସେ ଏକା ଧାରାରେ ଜ୍ଞାନୀ ଓ ବଳବନ୍ତ ପୁରୁଷ । ଏଣୁ ରାଜା ରାମଚନ୍ଦ୍ର ତାଙ୍କୁ ଅଶ୍ୱମେଧ ଯଜ୍ଞ ସଭାରେ ସମ୍ମାନନୀୟ ଅତିଥି ଭାବେ ସ୍ଥାନ ଦେଇଛନ୍ତି । ଏହା ବ୍ୟତୀତ ରାମଚନ୍ଦ୍ର ବନବାସ ସମୟରେ ଶବରି ଉଚ୍ଛିଷ୍ଟ ଫଳ ଭକ୍ଷଣ କରି ଥିବାର ଲୋକ ବିଶ୍ୱାସ  କଥା ସମାଜରେ ପ୍ରଚଳିତ ।

'ଗଙ୍ଗାର ଆରକୂଳେ ସମସ୍ତେ ଉତ୍ତରି
ଶବର ମନତୋଷି ବନକୁ ବିଜେ କଲେ
ଗୁହନାମେ ଶବର ସିଙ୍ଗ ନାମେପୁର
ଶତ୍ରୁଘନକୁ ବୋଇଲେ ଚଳିଲେ ତୁରିତ ।'
(ଆରଣ୍ୟକ କାଣ୍ଡ, ପୃଷ୍ଠା - ୦୯)

୪. ସେହିପରି ବିଭିନ୍ନ ପୁରାଣ ପ୍ରାଚୀନ ସାହିତ୍ୟର ଜନଜାତିଙ୍କ ଚିତ୍ର ଦେଖିବାକୁ ମିଳେ। ସ୍କନ୍ଦ ପୁରାଣରେ ମଧ୍ୟ ଶବର ଚରିତ୍ରକୁ ଦେଖିବାକୁ ମିଳେ । ଶବର ଓ ଶବରୁଣୀଙ୍କ ଅତିଥି ହୋଇଛନ୍ତି ବିଦ୍ୟାପତି ।

ISSN NO.
2582-208X

'ଶବର ନିକଟେ ଆଉ ଶବର ଗୃହରେ
ଯାହା ଅସମ୍ଭବ ତାହା ଦେଖିଲେ ଏଠାରେ ।
ନିତି ପ୍ରତି ରାଜାମାନେ ଯେ ଦ୍ରବ୍ୟ ଭୁଞ୍ଜନ୍ତି
ସେ ଦ୍ରବ୍ୟ ଦେଖି ବିସ୍ମୟ ହେଲେ ବିଦ୍ୟାପତି ।'
(ସ୍କନ୍ଦ ପୁରାଣ - ଉତ୍କଳଖଣ୍ଡ, ପୃଷ୍ଠା - ୨୫)

୫. କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କବିତାରେ ମଧ୍ୟ ଆଦିବାସୀ ସଂପ୍ରଦାୟର ଉଲ୍ଲେଖ ରହିଛି । କାବ୍ୟରେ ଆଦିବାସୀ ଜୀବନର ବିଭିନ୍ନ ଘଟଣାକୁ ଉପମା, ରୂପକ ଭାବେ ବ୍ୟବହାର କରି ସେ କାବ୍ୟକୁ ରସସିକ୍ତ କରିଛନ୍ତି । ଲାବଣ୍ୟବତୀ ଦ୍ୱିତୀୟ ଛାନ୍ଦରେ ବନ୍ୟ ଜୀବନର ଆମୋଦମୟ ଚିତ୍ର ବର୍ଣ୍ଣନା କରିଛନ୍ତି । ସିଂହଳଦ୍ୱୀପର ଶୋଭା ବର୍ଣ୍ଣନା କରିବାକୁ ଯାଇ ସେଠାରେ ଧନର ପ୍ରାଚୁର୍ଯ୍ୟ କଥା ଉଲ୍ଲେଖ କରିଛନ୍ତି । ପ୍ରାଚୁର୍ଯ୍ୟରେ ସେଠାରେ ଲୋକମାନେ ବିଳାସମୟ ଜୀବନ ଯାପନ କରନ୍ତି । ଏପରିକି ବନ୍ୟ ଆଦିବାସୀ ବ୍ୟକ୍ତିମାନେ ମଧ୍ୟ ଆନନ୍ଦରେ କାଳାତିପାତ କରନ୍ତି । ଏପରିକି ସେମାନେ ପ୍ରତ୍ୟେକ ଦିନ ନୂତନ ବସ୍ତ୍ର ପରିଧାନ କରି ପୂରାତନ ବସ୍ତ୍ରକୁ ଫୋପାଡ଼ି ଦେବାର କଥା ବର୍ଣ୍ଣନା କରିଛନ୍ତି । ଏହା ବ୍ୟତୀତ ଶବରୀମାନେ ଜଙ୍ଗଲକୁ ଯାଇ ବରକୋଳି ସଂଗ୍ରହ କରନ୍ତି । ସେଠାରେ ସିଂହ ହାତୀକୁ ମାରିଦେଇଥିବାରୁ ଗଜମୁକ୍ତା ସବୁ ବିଂଚି ହୋଇ ପଡ଼ିଥାଏ । ମାତ୍ର ବଜାରରେ ଲୋକ ଗଜମୁକ୍ତା କିଣନ୍ତି ନାହିଁ । ଏଣୁ ସେମାନେ କେବଳ ବରକୋଳି ବିକ୍ରି କରିବା ପାଇଁ ନେଇଥାନ୍ତି । ଗଜମୁକ୍ତା ମୂଲ୍ୟହୀନ ହୋଇଥିବାରୁ ତାହାକୁ ଜଙ୍ଗଲରେ ଫୋପାଡ଼ି ଦେଇ ଆସନ୍ତି ।
'ଶର୍ବରୀ ଶର୍ବରୀ ଶେଷୁ ଅରଣ୍ୟକୁ ଯାଇ
ହରି-ବିଦାରିତ-କରି-ମୋତି ପଡ଼ିଥାଇ
ବଦରୀ ଆଦରେ ନେଇ ସରୋବରେ ଧୋଇ
ବିକା ତ ନ ଯିବ ବୋଲି ଆସନ୍ତି ପକାଇ ।'
(ଲାବଣ୍ୟବତୀ ଦ୍ୱିତୀୟ ଛାନ୍ଦ, ପୃଷ୍ଠା - ୧୦)

ଲାବଣ୍ୟବତୀର ୨୪ଶ ଛାନ୍ଦରେ ଚନ୍ଦଭାନୁଙ୍କ ଶିକାର ଯାତ୍ରା ବର୍ଣ୍ଣନା ପ୍ରସଙ୍ଗରେ ଶବର ସଂପ୍ରଦାୟର ଉଲ୍ଲେଖ ରହିଛି । ଚନ୍ଦଭାନୁ ସୈନ୍ୟ ସମାନ୍ତ ଗହଣରେ ଶିକାର ଉଦ୍ଦେଶ୍ୟରେ ବାହାରିଛନ୍ତି । ସେହି ସୈନ୍ୟ ଗହଣରେ ଶବରମାନେ ମଧ୍ୟ ଅଛନ୍ତି । ଏମାନେ ସମସ୍ତେ

ISSN NO.
2582-208X

ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇ ଧ୍ୱନୀ ଦେଇ ବୁଲିଛନ୍ତି । ବିଭିନ୍ନ ଧନୁ ଦ୍ୱାରା ସେମାନେ ଶିକାର କରୁଛନ୍ତି । କବି ଶବରଙ୍କ ବୀରତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱର ଚିତ୍ର ବର୍ଣ୍ଣନା କରିଛନ୍ତି ।

ବୈଦେହିଶ ବିଳାସରେ ମଧ୍ୟ ପ୍ରସଙ୍ଗକ୍ରମେ ଜନଜାତିର ଉଲ୍ଲେଖ ରହିଛଇ । ଯେତେବେଳେ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତାଙ୍କ ସହ ଜଙ୍ଗଲରେ ଗମନ କରୁଛନ୍ତ ସେତେବେଳେ ବନ୍ୟ ନାରୀମାନେ ତାଙ୍କର ସୌନ୍ଦର୍ଯ୍ୟରେ ଅଭିଭୁତ ହୋଇପଡ଼ିଛନ୍ତି । ସୀତା, ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ମଧ୍ୟ ଭାଗରେ ଚାଲିଥିବାରୁ ପ୍ରକୃତରେ ସୀତାଙ୍କ ସ୍ୱାମୀ କିଏ ? ଏ ବିଷୟରେ ଦ୍ୱନ୍ଦରେ ପଡ଼ିଛନ୍ତି । ଏ ଦୁହିଁଙ୍କ ମଧ୍ୟରେ ତୁମ ବର କିଏ ? ନା, ଏମାନେ ତୁମର ଭାଇ ? ଉପଯୁକ୍ତ ବର ନ ପାଇ ଜଙ୍ଗଲରେ ଭ୍ରମଣ କରୁଛନ୍ତି । ପ୍ରକୃତରେ କିଏ ତୁମ ବର ଓ ଦେବର, ଆମକୁ କହିଦିଅ ଆଦି ବର୍ଣ୍ଣନା ମଧ୍ୟରେ ତତ୍କାଳିନ ସମାଜରେ ଜନଜାତିର ସାମାଜିକ ସ୍ଥିତି ସଂପର୍କରେ ଜାଣିହୁଏ । ଏହିପରି ପ୍ରାଚୀନ ସାହିତ୍ୟରେ ଜନଜାତିମାନଙ୍କୁ ନେଇ ଅନେକ କାବ୍ୟ ରଚନା କରାଯାଇଛି ।

### ଓଡ଼ିଆ କାବ୍ୟ ସାହିତ୍ୟରେ ଜନଜାତିର ଚିତ୍ର :

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟରେ ଆଦିବାସୀ ସମାଜର ଚିତ୍ର ଚିତ୍ରିତ ହୋଇଥିଲେ ମଧ୍ୟ ଆଧୁନିକ ଓଡ଼ିଆ କବିତାରେ ଏହି ସଂପ୍ରଦାୟର ଚିତ୍ର ଏତେ ବର୍ଣ୍ଣିତ ହୋଇପାରିନାହିଁ । ଆଧୁନିକ ଓଡ଼ିଆ ଗଳ୍ପ ଓ ଉପନ୍ୟାସରେ ଏହି ସଂପ୍ରଦାୟ ବିଶେଷ ସ୍ଥାନ ପାଇଥିବା ବେଳେ ଆଧୁନିକ ଓଡ଼ିଆ କବିତାରେ ଏମାନଙ୍କ ରୂପାୟନ ନିରୁତ୍ସାହଜନକ । କେତେଜଣ ପ୍ରତିନିଧି ସ୍ଥାନୀୟ କବି ଏ ଧରଣର କିବତା ରଚନା କରନ୍ତି ।

ରାଧାନାଥ ରାୟ ତାଙ୍କ କାବ୍ୟ ଗୁଡ଼ିକରେ ଓଡ଼ିଶାର ପ୍ରାକୃତିକ ଚିତ୍ର ବହୁଳଭାବେ ଚିତ୍ରିତ କରିଛନ୍ତି । ପ୍ରାକୃତିକ ଦୃଶ୍ୟାବଳୀର ବର୍ଣ୍ଣନାରେ ଜନଜାତି ସଂପ୍ରଦାୟର ଚିତ୍ର ଉପସ୍ଥାପନ କରିବାର ଯଥେଷ୍ଟ ପରିସର ଥିଲେ ମଧ୍ୟ, କବି ପ୍ରାଣ କେବଳ ପ୍ରକୃତି ମଧ୍ୟରେ ସୀମିତ ହୋଇରହିଛି । କିଛି ସ୍ଥାନରେ ସେ ଏହାର ଉଲ୍ଲେଖ କରିଛନ୍ତି । ନନ୍ଦିକେଶ୍ୱରୀ କାବ୍ୟରେ ଶିମିଳିପାଳର ବର୍ଣ୍ଣନା ପ୍ରସଙ୍ଗରେ ସେଠାରେ ବାସ କରୁଥିବା ଆଦିବାସୀ ଶବରମାନଙ୍କ ଚିତ୍ର ପ୍ରଦାନ କରିଛନ୍ତି । ନନ୍ଦିକେଶ୍ୱରୀ କାବ୍ୟରେ ଶବର କନ୍ଧ, ଜୁଆଙ୍ଗ ସଂପ୍ରଦାୟର ଯୁବକମାନେ ସୁବର୍ଣ୍ଣ କେଶରୀ ଓ ଚୋଳଗଙ୍ଗଙ୍କ ଯୁଦ୍ଧରେ ମଧ୍ୟ ସାମିଲ ହୋଇଥିବାର କଥା ଉଲ୍ଲେଖ ରହିଛି ।

ISSN NO.
2582-208X

'ଉତ୍କଳର ହେମ-ସୀମାନ୍ତ ରୂପିଣୀ
ଦେଖ, ବତ୍ସ ଏହି ସୁବର୍ଣ୍ଣ ତଟନୀ,
ସୁବର୍ଣ୍ଣ ପରାଗ ଯହୁଁ ଅହରହ
ଶବର-ଯୁବତୀ କରନ୍ତି ସଂଗ୍ରହ ।'
(ନନ୍ଦିକେଶ୍ୱରୀ, ପୃଷ୍ଠା - ୮୩)

ଏଠାରେ ରାଧାନାଥ ଶବର ସଂପ୍ରଦାୟର ଆର୍ଥିକ ସ୍ଥିତି ପରୋକ୍ଷ ଭାବେ ସୂଚିତ କରିଛନ୍ତି । ଶିମିଳିପାଳ ଅରଣ୍ୟରେ ବାସକରୁଥିବା ଶବରମାନେ ନିକଟସ୍ଥ ବୁଢ଼ାବାଳଙ୍ଗ ନଦୀରୁ ସୁବର୍ଣ୍ଣ ରେଣୁ ସଂଗ୍ରହ କରିଥିବାର ଉଲ୍ଲେଖ କରିଛନ୍ତି । ଏହି ଅଞ୍ଚଳର କନ୍ଧମାନେ ରାଜାଙ୍କ ବ୍ୟବହାର ନିମିତ୍ତ ହରିଦା ଯୋଗେଇ ଦେଇଥିବାର ଦୃଶ୍ୟ ବର୍ଣ୍ଣନା କରାଯାଇଛି ।

କବି ହରିହର ମହାପାତ୍ର ତାଙ୍କ 'ଖଣ୍ଡାଧାରା' ଖଣ୍ଡ କାବ୍ୟରେ ଭୂୟାଁ ଓ ଶବର ସଂପ୍ରଦାୟର ସାମାଜିକ ଚିତ୍ର ପ୍ରଦାନ କରିଛନ୍ତି । ଖଣ୍ଡାଧାରାରେ ପ୍ରାକୃତିକ ବର୍ଣ୍ଣନା ପ୍ରସଙ୍ଗରେ ନିକଟସ୍ଥ ଭୂୟାଁ ଓ ଶବରମାନଙ୍କ ବର୍ଣ୍ଣନା କାବ୍ୟଟିରେ ବହୁଳଭାବେ ବର୍ଣ୍ଣିତ ହୋଇଛି । ତାଙ୍କ ସାମାଜିକ ରିତିନୀତି, ପର୍ବପର୍ବାଣୀ, ନୃତ୍ୟଗୀତ ଓ ସମାଜ ବ୍ୟବସ୍ଥା ଚିତ୍ର ବହୂଳ ଭାବେ ବର୍ଣ୍ଣିତ ହୋଇଛି । ଭୂୟାଁ ସମଜାର ପରିସୁଦ୍ଧ ଜୀବନଯାପନ କବିଙ୍କୁ ଆକୃଷ୍ଟ କରିଛି ।
'ଶୁଦ୍ଧ ଚରିତ୍ରର ବିମଳ ମାଧୁରୀ
ଭୂୟାଁ ସମାଜରେ ଥାଏ ସଦା ପୁରି' (ଖଣ୍ଡାଧାର)

ସେହିପରି କୁଞ୍ଜବିହାରୀ ଦାଶଙ୍କ ଢୁଡୁମା, ରାଧାମୋହନ ଗଡ଼ନାୟକଙ୍କ 'ଶ୍ରବଣାର ଅତିଥି ଚର୍ଚ୍ଚା', ଅନନ୍ତ ପଟ୍ଟନାୟକ 'କିଏ ଏଇ ଚାହେଁରେ', ଆଦି ଜନଜାତିର ଚିତ୍ର ବିଭିନ୍ନ କବିତାରେ ବହୁ ପରିମାଣ ଦେଖିବାକୁ ମିଳେ ।

### ଓଡ଼ିଆ ନାଟକ ସାହିତ୍ୟରେ ଜନଜାତିର ଚିତ୍ର :

ଓଡ଼ିଆ ନାଟକର ପ୍ରଥମ ପର୍ଯ୍ୟାୟରେ ଆଦିବାସୀ ସମାଜର ଚିତ୍ର ନାହିଁ କହିଲେ ଚଳେ । କାରଣ ପ୍ରଥମ ପର୍ଯ୍ୟାୟର ନାଟକଗୁଡ଼ିକର କଥାବସ୍ତୁ ଧର୍ମଭିତ୍ତିକ । ପାରଂପରିକ କାହାଣୀ ନେଇ ନାଟ୍ୟକାରମାନେ ନାଟ୍ୟ ରଚନା କରୁଥିଲେ । ଦ୍ୱିତୀୟ ପ୍ରର୍ଯ୍ୟାୟରେ ନାଟ୍ୟକାର ମାନଙ୍କ ବଳିଷ୍ଠ ସାମାଜିକ ଅଙ୍ଗିକାର ଉପଲବ୍ଧ ହେଲା । ସେମାନେ ସଚେତନ ହୋଇ ସମାଜର ବାସ୍ତବ ଚିତ୍ର ନାଟକରେ ରୂପାୟିତ କଲେ । ଏହି ପରିପ୍ରେକ୍ଷୀରେ ସଚେତନ

ISSN NO.
2582-208X

ଭାବେ ସେମାନେ ଆଦିବାସୀ ସମାଜର ଚିତ୍ର ନାଟକରେ ପ୍ରଦାନ କରିଛନ୍ତି । କେତେଜଣ ନାଟ୍ୟକାର ଆଦିବାସୀ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇ ସଂପୂର୍ଣ୍ଣ ନାଟକ ମଧ୍ୟ ରଚନା କରିଛନ୍ତି । ଏହି ପ୍ରସଙ୍ଗରେ ପ୍ରଖ୍ୟାତ ନାଟ୍ୟକାର କାର୍ତ୍ତିକ କୁମାର ଘୋଷଙ୍କ ନାମ ଉଲ୍ଲେଖଯୋଗ୍ୟ । ତାଙ୍କର ଗୁରୁଦକ୍ଷୀଣା ନାଟକ ସଂପୂର୍ଣ୍ଣ ଭାବେ ଆଦିବାସୀ ସମାଜ ଓ ଚରିତ୍ର ଭିତ୍ତିକ ।

'ଗୁରୁଦକ୍ଷୀଣା' ନାଟକର କଥାବସ୍ତୁ ମହାଭାରତରୁ ଗୃହିତ ହୋଇଥିଲେ ମଧ୍ୟ ନାଟକଟି ନାଟ୍ୟକାରଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗିରେ ପ୍ରତିପାଦିତ । ନାଟକଟିର ନାୟକ ଏକଲବ୍ୟ । ଏକଲବ୍ୟ ବ୍ୟତୀତ ନାଟକରେ ତାର ଭାଇ ଉପଲବ୍ୟ, ମାତା, ଝିଅ ଝିମାନ ଆଦି ବହୁ ଆଦିବାସୀ ଚରିତ୍ରର ଉପସ୍ଥାପନ କରାଯାଇଛି । ନାଟକରେ ନାଟ୍ୟକାର ଶବରଙ୍କୁ ଏକ ଦୁର୍ଦ୍ଧର୍ଷ ଯୋଦ୍ଧା ଜାତି ରୂପେ ବର୍ଣ୍ଣିତ କରିଛନ୍ତି । ଘଞ୍ଚ ଜଙ୍ଗଲ ମଧ୍ୟରେ ବାସ କରୁଥିବା ଆଦିବାସୀ ଶବରମାନେ ଅନ୍ୟ ସଭ୍ୟବର୍ଗ ଠାରୁ କୌଣସି ଗୁଣରେ ନ୍ୟୁନ ନୁହନ୍ତି । ତାହାହିଁ ନାଟକର ମୁଖ୍ୟ ବିଷୟ । ନାଟକଟିରେ ଆଦିବାସୀଙ୍କ ବୀରତ୍ୱ, ଉଦାରତା, ଆଦର୍ଶ ଜୀବନ ଯାପନ, ଆତିଥ୍ୟ ପରାୟଣତାର ବିଶଦ ଚିତ୍ର ବର୍ଣ୍ଣନା କରାଯାଇଛି ।

ନାଟ୍ୟକାର ଏକଲବ୍ୟ ମଧ୍ୟରେ ଆଦର୍ଶ ବ୍ୟକ୍ତିତ୍ୱର ସଂଧାନ ପାଇଛନ୍ତି । ଧନୁର୍ବିଦ୍ୟା ଶିକ୍ଷା ପ୍ରତି ଆନ୍ତରିକ ଆଗ୍ରହ, ଦ୍ରୋଣଙ୍କୁ ଗୁରୁଭାବେ ପାଇବା ନିମିତ୍ତ ଉତ୍ସୁକତା, ନିଜ ମଧ୍ୟରେ ଥିବା ଶକ୍ତିର ଗଭୀର ବିଶ୍ୱାସ, ଶର ଚାଳନାରେ ଲକ୍ଷ ଭେଦ ଆଦି ଉଚ୍ଚ ମାନବୀୟ ଗୁଣ ଦ୍ୱାରା ନାଟ୍ୟକାର ଏକଲବ୍ୟକୁ ମହାନ୍ କରିଦେଇଛନ୍ତି । ଏକଲବ୍ୟର ବଡ଼ ଭାଇ ଉପଲବ୍ୟ, ବାଲ୍ୟ ସାଥି ଓ ଝିମାନ ତଥା ଅନ୍ୟାନ୍ୟ ଚରିତ୍ରର ଅବତାରଣା କରି ନାଟ୍ୟକାର ନାଟକରେ ଏକ ସୁନ୍ଦର ପରିବେଶ ସୃଷ୍ଟି କରିଛନ୍ତି ଶବର ଜୀବନର ନୃତ୍ୟ ଗୀତର ଅବତାରଣା ସହ କୌଳିକ ବୃତ୍ତି ଶିକାର ଏବଂ କାଠ ବିକ୍ରୟର ଚିତ୍ର ମଧ୍ୟ ନାଟକରେ ବର୍ଣ୍ଣିତ । ସଭ୍ୟ ସମାଜର ଜୀବନ ଚିତ୍ର ଏବଂ ଆଦିବାସୀ ପ୍ରତି ଅବହେଳିତ ଦୃଷ୍ଟିକୋଣ ନାଟକରେ ଦେଖିବାକୁ ମିଳେ । ଏକ ଲବ୍ୟର ବୃଦ୍ଧାଆଙ୍ଗୁଠି ଦାନ ପାଶ୍ଚାତରେ ରହିଛି ଶବର ସଂପ୍ରଦାୟର ସଂସ୍କୃତି ଓ ସ୍ୱାଭିମାନ ।

ନାଟ୍ୟକାର ବଳରାମ ମିଶ୍ରଙ୍କ 'ଡୁମା' ନାଟକ ସଂପୂର୍ଣ୍ଣ ଭାବେ କନ୍ଧ ସଂସ୍କୃତି ଉପରେ ଆଧାରିତ । ନାଟକଟିରେ କନ୍ଧ ସମାଜର କୁସଂସ୍କାର, ପରଂପରା, ଧର୍ମବିଶ୍ୱାସ, ସାହୁକାରର ଶୋଷଣରେ କନ୍ଧ ସମାଜର ଅର୍ଥନିତିକ ସ୍ଥିତି ଓ ଗୋତି ଜୀବନର ବାସ୍ତବଚିତ୍ର

ISSN NO.
2582-208X

ଦେଖିବାକୁ ମିଳେ । କନ୍ଧ ଜୀବନର ସାମାଜିକ ସମସ୍ୟା ଓ ସମାଜ ବ୍ୟବସ୍ଥାକୁ ନାଟ୍ୟକାର ନାଟ୍ୟ ରୂପେ ଦେଇଥିଲେ ମଧ୍ୟ ଏହା ମନୋରଂଜନଧର୍ମୀ ନ ହୋଇ ବାସ୍ତବଧର୍ମୀ ହୋଇଛି। ନାଟ୍ୟକାର ଆଦିବାସୀ ସମାଜରେ ବାହ୍ୟ ସାଂସ୍କୃତିକ ଚିତ୍ର ପ୍ରଦାନ ନ କରି ସମସ୍ୟା ଗୁଡ଼ିକର ଗଭୀର ବିଶ୍ଳେଷଣ କରିଛନ୍ତି ।

ନାୟକ ଦାସୁରୁ ଏକ ଗରିବ କନ୍ଧ ଯୁବକ । ନାଟକର ଆରମ୍ଭରେ ତାର ମା'କୁ ବାଘ ଖାଇଯାଉଛି । ତାର ମା' ବାଘ ଡୁମା ହୋଇଯାଇଥିବାରୁ ତାକୁ ଜାତି ଭୋଜୀ ଦେବା ପାଇଁ ପଡ଼େ । ମାତ୍ର ପାଖରେ ଆବଶ୍ୟକୀୟ ଅର୍ଥ ନ ଥିବାରୁ ସେ ସାହୁକାର ନିକଟରେ ନିଜକୁ ଗୋତି କରିଛି । ତା' ଭଉଣୀ ଖ୍ରୀଷ୍ଟିଆନ୍ ହୋଇଛି । ସେ ମଧ୍ୟ ଭାଇ ସହ ସାହୁକାର ନିକଟରେ ନିଜକୁ ଗୋତି କରିଛି । ଏକଦା ସୁଯୋଗ ପାଇ ସାହୁକାର ତାକୁ ଧର୍ଷଣ କରିବାର ପ୍ରଚେଷ୍ଟା କରିଛି । ଦାସରୁ ତାକୁ ରକ୍ଷା କରିଛି । ସାହୁକାରକୁ ମାରିବାକୁ ଯାଇ ଥିବାର ମିଥ୍ୟା ଅଭିଯୋଗରେ ଦାସୁରୁ ଜେଲ୍ ଯାଇଛି । ଦାସୁରୁର ଭଉଣୀ ଶୀକ୍ଷୀତା ହୋଇଥିବାରୁ ନିଜ ପ୍ରଚେଷ୍ଟାରେ ସେହି କଂଧ ଗ୍ରାମରେ ସ୍କୁଲଟିଏ ପ୍ରତିଷ୍ଠା କରି ଗ୍ରାମର କୁସଂସ୍କାର ଗୁଡ଼ିକ ଦୂର କରିଛି । ନାଟକଟିକରେ କନ୍ଧ ସମାଜର ସାଂସ୍କୃତିକ, ଅର୍ଥନୀତିକ ଓ ଧାର୍ମୀକ ଭାବନାର ଚିତ୍ର ଦେଖିବାକୁ ମିଳେ । ଏ ଦୃଷ୍ଟିରୁ ନାଟ୍ୟକାର ବଳରାମ ମିଶ୍ରଙ୍କ ଜନଜାତି ସଂସ୍କୃତି ରୂପାୟନର ଚିତ୍ର ଅବିସ୍ମରଣୀୟ ।

କବି ଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ 'ଅଭିଯାନ' ଓ 'ମାଳତି' ନାଟକରେ ଆଦିବାସୀ ସମାଜର ଚିତ୍ର ଦେଖିବାକୁ ମିଳେ । ଅଭିଯାନ ନାଟକଟିର କାହାଣୀ ଉତ୍କଳର ଗଜପତି ପୁରୁଷୋତ୍ତମଙ୍କ କାଞ୍ଚି ଅଭିଯାନ ପ୍ରସଙ୍ଗ ଉପରେ ଆଧାରିତ । ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ସମୟରେ ସେ ବିଭିନ୍ନ ସ୍ଥାନରେ ଛାଉଣୀ ପକାଇ ଅବସ୍ଥାନ କରୁଥିଲେ । ରାମଗିରି ପାହାଡ଼ର ପାଦଦେଶରେ ଥିବା ନନ୍ଦପୁର ରାଜ୍ୟରେ ସେମାନେ ଅବସ୍ଥାନ କରୁଥିବା ସମୟ ନନ୍ଦପୁର ରାଜକୁମାର ବିଜୟଚନ୍ଦ୍ର ସହ ତାଙ୍କର ପରିଚୟ ହୁଏ । ପରିଚୟ ପରେ ବିଜୟ ଗଜପତିଙ୍କୁ ସମ୍ବର୍ଦ୍ଧନା କରିଛି । ସେଥିରେ ସରଳତା, ସ୍ନେହ, ଭକ୍ତି ରହିଛି । ଆଦିବାସୀ ଜୀବନର ସଂକ୍ଷୀପ୍ତ ରୂପାୟନ ସହ ରାମଗିରି ନିବାସୀ ଆଦିବାସୀ ସଂପ୍ରଦାୟର ଅତିଥି ସତ୍କାରର ଦୃଶ୍ୟ ବର୍ଣ୍ଣିତ ହୋଇଛି ।

'ମାଳତି' ନାଟକରେ ମଧ୍ୟ କବିଚନ୍ଦ୍ର ଜନଜାତି ଜୀବନର ସଂକ୍ଷୀପ୍ତ ଚିତ୍ର ପ୍ରଦାନ କରିଛନ୍ତି। ସପ୍ତଦଶ ଶତାବ୍ଦୀର ଘଟଣାକୁ ନେଇ ନାଟକଟି ରଚିତ । ବର୍ଗୀମାନଙ୍କ ଅତ୍ୟାଚାରରେ

ISSN NO.
2582-208X

ତତ୍କାଳିନ ସମାଜରେ ଉତ୍ପୀଡ଼ନ ପ୍ରସଙ୍ଗ ନାଟକରେ ଦେଖାଯାଏ । ଜମିଦାର ଓ ଗଜପତିମାନେ ମଧ୍ୟ ବର୍ଗୀମାନଙ୍କୁ ବିରୋଧ କରି ଯେଉଁ ଆନ୍ଦୋଳନ ହୋଇଥିଲା ସେଥିରେ କନ୍ଧ ଜାତି ନେତୃତ୍ୱ ନେଇଛି । ଏହି ପ୍ରସଙ୍ଗରେ କନ୍ଧମାନଙ୍କ ଦେଶପ୍ରେମ ଓ ସଂଗଠନ ଶକ୍ତିର ପରିଚୟ ମିଳେ ।

ଅକ୍ଷୟକୁମାର ମହାନ୍ତିଙ୍କ 'ସଙ୍ଗିତ' ନାଟକରେ ମଧ୍ୟ ଆଦିବାସୀ ଜୀବନର ଚିତ୍ର ଦେଖିବାକୁ ମିଳେ । ଏ ନାଟକରେ ନାଟ୍ୟକାର ମିଟ୍‌କା ଓ ଜଙ୍ଗଲି ନାମକ ଦୁଇଟି ଆଦିବାସୀ ଯୁବକ ଓ ଯୁବତୀକୁ ଚିତ୍ରିତ କରିଛନ୍ତି । ସହରି ସଭ୍ୟତା ଆଦିବାସୀ ଜୀବନକୁ କିପରି କଳଙ୍କିତ ଓ ବିଡ଼ମ୍ବିତ କରିଛି ତାହାର ସଂକ୍ଷିପ୍ତ ରୂପ ନାଟକଟିରେ ପ୍ରଦତ୍ତ ହୋଇଛି । ଅଧ୍ୟାପକ ସଂଜୟ ହାତୀଙ୍କ ଘିନୁଆ ନାଟକରେ ମଧ୍ୟ ଜନଜାତି ସମାଜର ଚିତ୍ର ଦେଖିବାକୁ ମିଳିଥାଏ ।

ଏହିପରି ଧନେଶ୍ୱର ପଟ୍ଟନାୟକଙ୍କ ଆଦିବାସୀ, ବୀରକିଶୋର ରାୟଙ୍କ ଜଙ୍ଗଲିବାଘ, ବଳରାମ ମିଶ୍ରଙ୍କ ଡୁମା, ନିଳାଦ୍ରୀ ଭୂଷଣ ହରିଚନ୍ଦନଙ୍କ ମୁଣ୍ଡ ଉପରେ ଛାତ, ସୁବୋଧ ପଟ୍ଟନାୟକଙ୍କ ନାଟୁଆଙ୍କ ନାଟ, ବଳି, କାଠ, ଧୂଆଁ, ଫୁଲ, ମାଟି, ବିଶ୍ୱଜିତ୍ ଦାସଙ୍କ ନୂଆ ଜହ୍ନ, ମନ୍ମଥ ଶତପଥୀଙ୍କ ଚକରା କହୁଛି, ଆଜିର ମଣିଷ, କାହାଣୀ ନୁହେଁ ନାଟକ, ହୃଷିକେଶ ପଣ୍ଡାଙ୍କ ଭାଙ୍ଗୋଡ଼ାଗାମା, ଚନ୍ଦ୍ରଶେଖର ନନ୍ଦଙ୍କ ଅଭିମାନ, ନାରାୟଣ ସାହୁଙ୍କ କ୍ରାନ୍ତି, ପୁରୁଷୋତ୍ତମ ମିଶ୍ରଙ୍କ କୁଆଁରୀ, ରତ୍ନାକର ଚଇନିଙ୍କ ମୁଖା, ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ କଣ୍ଢେଇ, ରମାରମଣ ପଟ୍ଟନାୟକଙ୍କ ପାଲଟା ବାଘ, ବିଜୟ ଶତପଥୀଙ୍କ କୋକୁଆ ଆଦି ଅନେକ ନାଟକରେ ଜନଜାତିର ଚିତ୍ର ଦେଖିବାକୁ ମିଳେ ।

### ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଜନଜାତିଙ୍କ ଚିତ୍ର :

ଓଡ଼ିଶାର ଭାଷା, ସଂସ୍କୃତି ଓ ସାହିତ୍ୟ ଦୃଷ୍ଟିରୁ ଜନଜାତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଶାରେ ଜନଜାତି ସଂପ୍ରଦାୟ ମାଧ୍ୟମରେ ହିଁ ମାନବ ସଭ୍ୟତାର ବିକାଶ ଘଟିଛି । ବହୁ ଆଦିମ ଜନଜାତି ସଂପ୍ରଦାୟ ପ୍ରାଗ୍ - ଐତିହାସିକ କାଳରୁ ଏଠାରେ ବସବାସ କରି ଓଡ଼ିଶାର ସଂସ୍କୃତିକୁ ବିକଶିତ ଓ ସମୃଦ୍ଧ କରିଛନ୍ତି । ପ୍ରଥମେ ଗୋପାଳ ବଲ୍ଲଭ ଦାସ ୧୯୦୮ ମସିହାରେ କେନ୍ଦୁଝର ଜିଲ୍ଲାରେ ବାସ କରୁଥିବା ଭୂୟାଁ ଜନଜାତିକୁ ନେଇ ଭୀମାଭୂୟାଁ ଉପନ୍ୟାସ ରଚନା କରିଛନ୍ତି । ପରବର୍ତ୍ତୀ ସମୟରେ କାହ୍ନୁ ଚରଣ ମହାନ୍ତି 'ବନ ଗହନର ତଳେ' ଓ 'କାଙ୍କ୍ରାକାଲେଲି' ନାମରେ ଦୁଇଟି ଉପନ୍ୟାସ ରଚନା କରିଥିଲେ ।

ISSN NO.
2582-208X

କାହ୍ନୁଚରଣ ଉଭୟ ଉପନ୍ୟାସରେ କନ୍ଧ ଜନଜାତି ଚିତ୍ର ଉପସ୍ଥାପନ କରିଛନ୍ତି । ପ୍ରେମ ଓ ପ୍ରଣୟକୁ ନେଇ ଉପନ୍ୟାସର କାହାଣୀ ଗତିଶୀଳ ହୋଇଥିଲେ ମଧ୍ୟ ଏଥିରେ କନ୍ଧ ଜନଜାତିର ସାଂସ୍କୃତିକ ବୈଶିଷ୍ଟ୍ୟର ଚିତ୍ର ଚିତ୍ରିତ ହୋଇଛି ।

ଅନାଦି ସାହୁଙ୍କ – 'ମୁଣ୍ଡମେଖଳା' ଉପନ୍ୟାସଟିରେ ଔପନ୍ୟାସିକ କୋରାପୁଟ୍ ଜିଲ୍ଲାର ଚନ୍ଦ୍ରପୁର ଓ ଗୁଣୁପୁର ଅଞ୍ଚଳରେ ଆରମ୍ଭ କରିଥିବା ମାଓବାଦୀ ଆନ୍ଦୋଳନ ଚିତ୍ର ବର୍ଣ୍ଣନା କରାଯାଇଛି । ଲେଖକ ନିଜେ ଜଣେ ପୋଲିସ୍ ଅଧିକାରୀ ହୋଇଥିବାରୁ ଅତି ସାବଲୀଳ ଭାବରେ ମାଓବାଦୀ ଆନ୍ଦୋଳନ, ପୋଲିସ୍ କାର୍ଯ୍ୟାନୁଷ୍ଠାନ ତଥା ପାହାଡ଼ ପର୍ବତ ମଧ୍ୟରେ ଆଦିବାସୀଙ୍କ ସଂଗ୍ରାମର ଚିତ୍ର ଉପସ୍ଥାପନ କରିବାରେ ସମର୍ଥ ହୋଇଛନ୍ତି । ଅନ୍ୟାୟ ଅତ୍ୟାଚାର ଓ ମାଓବାଦୀ ଆନ୍ଦୋଳନର ଚିତ୍ର ଉପନ୍ୟାସରେ ମୁଖ୍ୟ ବିଷୟ । କନ୍ଧ ସଂସ୍କୃତି ଓ ସମାଜ ବ୍ୟବସ୍ଥା ସମ୍ପର୍କରେ ଉପନ୍ୟାସରେ ବିଶେଷ ଉପସ୍ଥାପନା କରାଯାଇନାହିଁ । ସେହିପରି ହୃଷିକେଶ ପଣ୍ଡା 'ସୁନାପୁଟର ଲୋକେ' ଏବଂ 'ସୁବର୍ଣ୍ଣଦ୍ୱୀପ' ଉପନ୍ୟାସରେ ସ୍ୱାଧିନତା ଓ ସ୍ୱାଧିନତା ପରବର୍ତ୍ତୀ ସମାଜ ବ୍ୟବସ୍ଥା କୋରାପୁଟ୍ ପରି ଅଭ୍ୟନ୍ତରରେ ବାସ କରୁଥିବା ଆଦିବାସୀ ସମାଜ ଓ ଗ୍ରାମଗୁଡ଼ିକୁ କିପରି ଧ୍ୱଂସ କରିଦେଇଛି; ତାହାର ଚିତ୍ର ଦେଖିବାକୁ ମିଳେ । ଭାରତୀୟ ସ୍ୱାଧୀନତା ଅସରନ୍ତି ସମ୍ଭାବନା ନେଇ ଆସିଥିବା ସମୟରେ ଏହା ଆଦିବାସୀ ସମାଜ ସଂସ୍କୃତିକୁ କିପରି ମୂଳୋତ୍ପାଟନ କରିଦେଇଛି ତାହା ଉପନ୍ୟାସରେ ଦର୍ଶାଇଛନ୍ତି । ମିଥ୍ୟା ମକଦ୍ଦମାରେ କନ୍ଧମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି । ସାହୁକାରମାନଙ୍କ ପାଦୁର୍ଭାବ, ନୂତନ ପ୍ରକଳ୍ପ ଦ୍ୱାରା ଆଦିବାସୀ ଗ୍ରାମଗୁଡ଼ିକର ବିସ୍ଥାପନ ଆଦି ତୃଣମୂଳ ସମସ୍ୟା ଗୁଡ଼ିକୁ ଉପନ୍ୟାସରେ ଉପସ୍ଥାପିତ କରାଯାଇଛି । ସ୍ୱାଧିନତା ପରବର୍ତ୍ତୀ ଭାରତୀୟ ଗ୍ରାମ୍ୟବସ୍ଥାରେ ନବନିର୍ମାଣ ପ୍ରକ୍ରିୟାରେ ଯେଉଁ ପରିବର୍ତ୍ତନର ସ୍ରୋତ ସୃଷ୍ଟି ହୋଇଛି, ତାହା ଆଦିବାସୀ ସମାଜ ବ୍ୟବସ୍ଥା ସେହି ପ୍ରକ୍ରିୟା ଦ୍ୱାରା କିପରି ଭାବରେ ଭାଙ୍ଗି ଚୁରମାର୍ ହୋଇଯାଇଛି – ତାହା ମୁଣ୍ଡମେଖଳା, ସ୍ୱବର୍ଣ୍ଣଦ୍ୱୀପ ଓ ସୁନାପୁଟର ଲୋକେ ଉପନ୍ୟାସରେ ଚିତ୍ରିତ ହୋଇଛି ।

ଔପନ୍ୟାସିକ ଶଶୀଭୂଷଣ ମହାପାତ୍ରଙ୍କ 'ଲୁହ ଓ ଲହୁ', 'ପାହାଡ଼ୀ କନ୍ୟା', 'ଆୟାମାର୍ଗାରେଟ' ଏବଂ 'କ୍ରାନ୍ତିର ଅବବାହିକା ଉପନ୍ୟାସ' ଚାରୋଟିରେ ଆଦିବାସୀଙ୍କ ସମସ୍ୟା ଉପସ୍ଥାପିତ କରିଛନ୍ତି । ସେ ସୁନ୍ଦରଗଡ଼, ରାଉରକେଲାର ଗଣ୍ଡ, ଭୂୟାଁ ଓ ଓରାଓଁ ସଂପ୍ରଦାୟର ଆଦିବାସୀମାନଙ୍କୁ ନେଇ ଏହି ଉପନ୍ୟାସ ଗୁଡ଼ିକ ରଚନା କରିଛନ୍ତି । 'ଲହୁ ଓ

ISSN NO.
2582-208X

ଲହୁ' ଉପନ୍ୟାସର ନାୟକ ଜଟିଆ ଖଣି ଅଞ୍ଚଳରେ ଶ୍ରମିକ, 'ଆୟାମାର୍ଗାରେଟ'ର ନାୟିକା ମାର୍ଗାରେଟ ଶିଳ୍ପ ନଗରୀ ରାଉରକେଲାରେ ବାସଚ୍ୟୁତ ଆଦିବାସୀ ଏବଂ କ୍ରାନ୍ତିର ଅବବାହିକା ଉପନ୍ୟାସର ମେର୍ଧା ରାଉରକେଲାରେ ଶ୍ରମିକ ଭାବରେ ଶଶୀଭୂଷଣ ଉପନ୍ୟାସରେ ଚିତ୍ରିତ କରିଛନ୍ତି । ଉପନ୍ୟାସଗୁଡ଼ିକର ଉଜ୍ଜ୍ୱଳ ଦିଗଟି ହେଲା ଶିଳ୍ପାୟନ ଦ୍ୱାରା ଯଦିଓ ଆଦିବାସୀମାନେ ବାସଚ୍ୟୁତ ହୋଇଛନ୍ତି । ମାତ୍ର ସେମାନେ ଶିକ୍ଷିତ ବର୍ଗ ସଂସ୍ପର୍ଶରେ ଆସି ନିଜର ମୌଳିକ ଦାବି ସମ୍ପର୍କରେ ସଚେତନ ହୋଇଛନ୍ତି । ଅନ୍ୟ ଆଦିବାସୀ ସମ୍ପର୍କୀତ ଉପନ୍ୟାସ ପରି ଏଠାରେ ଆଦିବାସୀମାନେ ସବୁକିଛି ଅନ୍ୟାୟ ଅତ୍ୟାଚାରକୁ ସହ୍ୟ କରିନାହାନ୍ତି । ଚାରୋଟିଯାକ ଉପନ୍ୟାସରେ ମୁଖ୍ୟ ଚରିତ୍ରମାନେ ନିଜର ସାମର୍ଥ୍ୟ ଅନୁସାରେ ବିଦ୍ରୋହ କରିବା ନିମିତ୍ତ ଚେଷ୍ଟା କରିଛନ୍ତି । ସାମନ୍ତବାଦୀ ବ୍ୟବସ୍ଥା ଓ ଶିଳ୍ପାୟନ ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ସମାଜରେ ଯେଉଁ ବିଦ୍ରୋହ ଓ ପରିବର୍ତ୍ତନ ଆସିଛି ଔପନ୍ୟାସିକ ନିରପେକ୍ଷ ଭାବରେ ତାହାର ରୂପାୟନ କରିଛନ୍ତି ।

ଗୋପୀନାଥ ମହାନ୍ତିଙ୍କ ଶିବଭାଇ, ପରଜା, ଅମୃତର ସନ୍ତାନ, ଦାଦିବୁଢ଼ା ପ୍ରଭୃତି ଉପନ୍ୟାସରେ ଜନଜାତିଙ୍କ ବିସ୍ତୃତ ଚିତ୍ର ପ୍ରଦାନ କରିଛନ୍ତି । ଗୋପୀନାଥ ମହାନ୍ତିଙ୍କ 'ପରଜା' ଉପନ୍ୟାସ ଓଡ଼ିଶାର ଆଦିବାସୀ ସମାଜର ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିବା ଦେଖାଯାଏ । ବନଭୂମିରେ ନିଜର ଅଖଣ୍ଡ ସାର୍ବଭୌମତ୍ୱ ସତ୍ତ୍ୱେ ସାହୁକାର, ଫରେଷ୍ଟ ଅଫିସର ଓ କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା ଅଧିକ ଶୋଷଣ ଓ ଅତ୍ୟାଚାରର କଥା ଏହି ଉପନ୍ୟାସରେ ପ୍ରତିପାଦିତ କରାଯାଇଛି । ଜନଜାତିଙ୍କ ସରଳତା ସେମାନଙ୍କୁ ପୀଢ଼ି ପୀଢ଼ି ଧରି ଗୋତି ଶ୍ରମିକ ପ୍ରଥାରେ ଦାସତ୍ୱର ବନ୍ଧନରେ ବାନ୍ଧି ରଖେ । ଉପନ୍ୟାସରେ ଲେଖକ ମାଣ୍ଡିଆ, ଟିକ୍ରା ଓ ଶୁକୁଜାନି ଦ୍ୱାରା ସାହୁକାରର ମୁଣ୍ଡକାଟ ପୂର୍ବରୁ ଯେଉଁ ଦୃଶ୍ୟର ଅବତାରଣା କରିଛନ୍ତି ତାହା ମାର୍କସୀୟ ଶ୍ରେଣୀ ସଂଗ୍ରାମ ଅପେକ୍ଷା ଆଦିବାସୀ ସଂସ୍କୃତିର ସହଜାତ ପ୍ରବୃତି ଭାବରେ ଉପନ୍ୟାସରେ ପ୍ରାଧାନ୍ୟ ବିସ୍ତାର କରିଥାଏ । ସାହୁକାରର ଯେଉଁ ସଂଳାପଟି ତାକୁ ହତ୍ୟା କରିବାରେ ଶୁକ୍ରୁ, ଟିକ୍ରା ଓ ମାଣ୍ଡିଆ ଜାନିକୁ ପ୍ରୋତ୍ସାହିତ କରିଛି ତାହା ଏପରି; ବଙ୍କା ହସଟାଏ ହସି ସାହୁକାର କହିଲା ହିଁ ଜିଲି ଆଉ ଗୋଟାଏ ବିଲି ଅଛି ପରା ? ତାକୁ ବି ଆଣି ମତେ ଦେଇଯାଅ । ଜମି ନେଲି, ଗୋଟାଏ ଭଉଣୀକୁ ନେଲି । ଆହୁରି ଗୋଟାଏ ଭଉଣୀକୁ ନେବି, ଆଉ ଯେତେ ବିଭା ହେବ ସମସ୍ତଙ୍କୁ ନେବି, ଦାବା ଲଗେଇ ଦେଇ କୋର୍ଟରୁ କୋର୍ଟ ରାଜ୍ୟଜାକ ବୁଲେଇବି, ଗୋତି ଖଟେଇ ଜୀବନଯାକ ନାକକୁ ତଳେ ଘୋଷାରୁଥିବି, ତେବେ ଯାଇ ମୋ ନାଁ ରାମଚନ୍ଦ୍ର ସାହୁକାର ।' ଏହି ସଂଳାପଟି ମଧ୍ୟରେ

ISSN NO.
2582-208X

ଗୋପୀନାଥ ମହାନ୍ତି କନ୍ଧ ପରଜାଙ୍କ ଯୁଗ ଯୁଗର ଅତ୍ୟାଚାରର କାହାଣୀକୁ ଲିପିବଦ୍ଧ କରିଛନ୍ତି । ସେମାନଙ୍କ ଅତୀତ, ବର୍ତ୍ତମାନ ଓ ଭିବଷ୍ୟତର ସମସ୍ତ ଉପାଖ୍ୟାନ ଏହି ସଂଳାପଟି ମଧ୍ୟରେ କୁହାଯାଉଛି । ସେହିପରି ଅନ୍ୟ ଦୁଇଟି ଉପନ୍ୟାସ 'ଦାଦିବୁଢ଼ା', 'ମାଟିମଟାଳ', 'ଅମୃତ ସନ୍ତାନ' ଓ 'ଅପହଞ୍ଚ'ରେ କନ୍ଧ ସମାଜ ଓ ସଂସ୍କୃତିର ଚିତ୍ର, ପ୍ରଦାନ କରିଛନ୍ତି । ଏ ସମସ୍ତ ଉପନ୍ୟାସରେ କନ୍ଧ ସମାଜ ଓ ସଂସ୍କୃତିର ଚିତ୍ର ଆଧୁନିକ ଶିକ୍ଷା ଓ ସଭ୍ୟତାର ସଂସ୍ପର୍ଶରେ କିପରି ସମସ୍ୟାର ସମ୍ମୁଖୀନ ହୋଇଛି ତାହାରି ଚିତ୍ର ପ୍ରଦାନ କରାଯାଇଛି ।

ଗୋବିନ୍ଦ ଦାସଙ୍କ 'ଲାସୁ' ଉପନ୍ୟାସଟିରେ କନ୍ଧ ସଂପ୍ରଦାୟର ଚିତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଏଥିରେ ସଂସ୍କୃତି ଅପେକ୍ଷା ରୋମାଞ୍ଚକୁ ଅଧିକ ପ୍ରଧାନ୍ୟ ଦିଆଯାଇଛି । ସେହିପରି ସାତକଡ଼ି ହୋତା 'ଅଶାନ୍ତ ଅରଣ୍ୟ' ଉପନ୍ୟାସରେ ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରୀପୋଷି ଅଞ୍ଚଳରେ ବାସକରୁଥିବା ସାନ୍ତାଳ, ଭୂମିଜ ଓ ବାଥୁଡ଼ି ସମ୍ପ୍ରଦାୟର ଚିତ୍ର ପ୍ରଦାନ କରାଯାଇଛି । ଉପନ୍ୟାସରେ ଆଦିବାସୀ ସମାଜରେ ଘଟୁଥିବା ଅନ୍ୟାୟ, ଅତ୍ୟାଚାର ଓ ଶୋଷଣର ଚିତ୍ର ପ୍ରଦର୍ଶନ କରି ସବର୍ଣ୍ଣ ଯୁବକ ଓ ଯବୁତୀଙ୍କ ତତ୍ତ୍ୱାବଧାନରେ ଆଦିବାସୀଙ୍କ ହୃଦୟରେ ପ୍ରତିରୋଧର ବହ୍ନି ଉଦ୍ରେକ କରାଇଛନ୍ତି । ଆଧୁନିକ ଶିକ୍ଷା ଓ ସଭ୍ୟତାର ପ୍ରଶାର ଦ୍ୱାରା ମାନବବାଦର ଯେଉଁ ପ୍ରଶାର ହେଉଛି, ତାହାର ବାସ୍ତବ ଚିତ୍ର ଉପରୋକ୍ତ ସମସ୍ତ ଉପନ୍ୟାସ ଗୁଡ଼ିକରେ ଦେଖିବାକୁ ମିଳିଥାଏ ।

ଓଡ଼ିଆ ଉପନ୍ୟାସ ସାହିତ୍ୟର ପରମ୍ପରାରେ ଗୋପୀନାଥଙ୍କ 'ଅମୃତର ସନ୍ତାନ' ଏବଂ ପ୍ରତିଭା ରାୟଙ୍କ 'ଆଦିଭୂମି' ଦୁଇଟି ଉପନ୍ୟାସ ଉଜ୍ଜ୍ୱଳ ମଣି ପରି ଭାରତ ବର୍ଷର ଦୁଇଟି ଆଦିମ ଅଧିବାସୀଙ୍କ ଜୀବନବୃତ୍ତକୁ ସମଗ୍ର ବିଶ୍ୱ ପାଠକ ନିକଟରେ ଉଦ୍‌ଭାସିତ କରିଛନ୍ତି । ପ୍ରତିଭା ରାୟ ଆଦିଭୂମି ଉପନ୍ୟାସରେ ବଣ୍ଡା ସମ୍ପ୍ରଦାୟର ଚିତ୍ର ଚିତ୍ରିତ କରିଛନ୍ତି । ଏହି ଆଦିମ ସମ୍ପ୍ରଦାୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହି ପ୍ରାଚୀନ ସଂସ୍କାରରେ ଜୀବନ ଯାପନ କରନ୍ତି । ସେମାନଙ୍କ ପାରିବାରିକ, ସାମାଜିକ ଜୀବନ ଯାପନ ଶୈଳୀ ସହ ବଣ୍ଡା ସମ୍ପ୍ରଦାୟର ସଂସ୍କୃତିକୁ ମଧ୍ୟ ବିଶଦ ଭାବରେ ଉପସ୍ଥାପିତ କରିଛନ୍ତି । ପ୍ରଶାନ୍ତନନ୍ଦଙ୍କ ପଲସା ଆଦି ବିଭିନ୍ନ ଉପନ୍ୟାସରେ ଜନଜାତିଙ୍କ ଚିତ୍ର ଦେଖିବାମୁ କିଳେ ।

ISSN NO.
2582-208X

ଜନଜାତିମାନେ ସମାଜର ଶୋଷଣ, ନିର୍ଯ୍ୟାତନା, ଦାରିଦ୍ର୍ୟ ଓ ଅନ୍ଧବିଶ୍ୱାସ ମଧ୍ୟରେ ଦୟନୀୟ ଜୀବନ ଯାପନ କରୁଥିଲେ ମଧ୍ୟ ଏ ଜାତିର ସଂସ୍କୃତି ଓ ଆଦର୍ଶ ଯେ ମରଣଶୀଳ ନୁହେଁ, ତାହାହିଁ ଏ ଉପନ୍ୟାସର କଥାବସ୍ତୁ । ବ୍ୟକ୍ତି ଜୀବନର ସୁଖଦୁଃଖ, ଆଶା ନିରାଶା, ହସକାନ୍ଦ ଉପରେ ଅଧିକ ଦୃଷ୍ଟି ପ୍ରଦାନ କରିଛନ୍ତି ଏବଂ ବ୍ୟକ୍ତି ଜୀବନର ଚିତ୍ରକୁ ଅଧିକ ଜୀବନ ଓ ରସଯୁକ୍ତ କରିବାକୁ ଯାଇ ବସ୍ତୁ ଜଗତର ଦୃଶ୍ୟ ସହ ମନୋଜଗତର ବ୍ୟାପାରକୁ ସମନ୍ୱୟ କରିବାର ପରିକଳ୍ପନା କରିଛନ୍ତି । ଏପରି ଅନେକ ଉପନ୍ୟାସରେ ଜନଜାତିର ଚିତ୍ର ଦେଖିବାକୁ ମିଳେ ।

### ଓଡ଼ିଆ ଗଳ୍ପ ସାହିତ୍ୟରେ ଜନଜାତିର ଚିତ୍ର :

ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଗଳ୍ପ ସାହିତ୍ୟରେ ଆଦିବାସୀ ସମାଜର ବିଶଦ ଚିତ୍ର ରୂପାୟିତ ହୋଇଛି । ଆଦିବାସୀ ସମାଜର ଚିତ୍ର କେବଳ ନୁହେଁ, ବ୍ୟକ୍ତି ଜୀବନର କ୍ରିୟା ପ୍ରତିକ୍ରିୟାର ଚିତ୍ର ଗଳ୍ପ ସାହିତ୍ୟରେ ଦେଖିବାକୁ ମିଳେ । ଗାଳ୍ପିକଗଣ ଆଦିବାସୀ ଜୀବନକୁ ଅତି ନିକଟରୁ ଦେଖିଛନ୍ତି ତାଙ୍କ ଦୈନନ୍ଦିନ ଜୀବନ ପ୍ରଣାଳୀ, ଆଚାର ବିଚାର ମଧ୍ୟରୁ ଯେଉଁ ନିରନ୍ତନ ସତ୍ୟ ଉଦ୍‌ଘାଟନ କରିଛନ୍ତି ତାର କଳାତ୍ମକ ପ୍ରକାଶ ଗଳ୍ପ ସାହିତ୍ୟରେ ଘଟିଛି । ଗଳ୍ପରେ କେତୋଟି ନିର୍ଦ୍ଦିଷ୍ଟ ଚରିତ୍ର ଓ ସମସ୍ୟା ରୂପାୟିତ ହୋଇଥିଲେ ମଧ୍ୟ ସେଗୁଡ଼ିକ ସମସ୍ତ ବର୍ଗର ପ୍ରତିନିଧିତ?ବ କରିଥାନ୍ତି । ଜନଜାତିଙ୍କୁ ନେଇ ପ୍ରଥମେ ରାଜା ଜଳନ୍ଧର ଦେବଙ୍କ ଗୌରୀ ଓ କାହ୍ନୁ, ଅତିଥି ସତ୍କାର, ପ୍ରକୃତିର ପ୍ରତିଶୋଧ ଓ ବିବାହ ଭୋଜି ଆଦିଗଳ୍ପ ରଚିତ ହୋଇଥିଲା ।

ଆଦିବାସୀ ଜୀବନର ସର୍ବୋତ୍କୃଷ୍ଟ ପରିପ୍ରକାଶ ଭଗବତୀଚରଣ ପାଣିଗ୍ରାହୀଙ୍କ 'ଶିକାର' ଗଳ୍ପ। ଶିକାର ଗଳ୍ପରେ ନାୟକ ଘିନୁଆ । ସେ ନିଷ୍ପାପ ଓ ସରଳ । ଏହି ଗଳ୍ପରେ ଗାଳ୍ପିକ ଘିନୁଆର ଅର୍ଥ ପ୍ରତି ରହିଥିବା ଦୁର୍ବଳତାକୁ ଉଲ୍ଲେଖ କରିଛନ୍ତି । ଗୋବିନ୍ଦ ସର୍ଦ୍ଦାର ତା' ସ୍ତ୍ରୀର ଇଜ୍ଜତ ନେବା ବେଳକୁ ସେ ତାକୁ ହତ୍ୟା କରିଛି । ବକ୍ସିସ୍ ଲୋଭରେ ଗୋବିନ୍ଦ ସର୍ଦ୍ଦାରର କଟା ମୁଣ୍ଡ ଧରି ସେ ଡେପୁଟି କମିସନରଙ୍କ ପାଖକୁ ଆସିଛି । ସାନ୍ତାଳ ଘିନୁଆ ମନରେ ସାଧାରଣ ଯୁକ୍ତିଟିଏ ଗୋବିନ୍ଦ ସର୍ଦ୍ଦାର ସାମାନ୍ୟ ଲୋକ ନୁହେଁ । ହାତରେ ତାର ଥାଏ ସବୁବେଳେ ବନ୍ଧୁକ, ବାଘ ଭାଲୁଙ୍କ ଅପେକ୍ଷା ସେ ଲୋକଙ୍କର କ୍ଷତି କରେ ଢ଼େର ବେଶୀ । ତାକୁ ମାରିବା ପାଇଁ ଘିନୁଆ କମ୍ ସାହସ ଓ ବିଚକ୍ଷଣତା ଖର୍ଚ୍ଚ କରିନାହିଁ । କିଛି ବର୍ଷ ତଳେ ମେଳିଆ ଝପଟ ସିଂର ମୁଣ୍ଡ କାଟିଥିବାରୁ ସାହେବ ଡୋରାକୁ ପାଞ୍ଚଶତ ଟଙ୍କା ବକ୍‌ସିସ୍

ISSN NO.
2582-208X

ଦେଇଥିଲେ । ଝପଟ ସିଂ ତ ଏକରକମ୍ ଭଲଲୋକ ଥିଲେ । ସେ ସ୍ତ୍ରୀଲୋକଙ୍କ ଇଜ୍ଜତ ନେଇ ନାହିଁ, କି କାହାର ଜମିବାଡ଼ି ଦଖଲ କରିନାହିଁ । ସେ କେବଳ ଖଜଣା ଖାନା ଲୁଟ୍ କରିଥିଲା । ଆଉ କେତେଜଣ ସିପାହୀଙ୍କୁ ମାରିଥିଲା । ଗୋବିନ୍ଦ ସର୍ଦ୍ଦାର କିନ୍ତୁ ବଡ଼ ଭୟଙ୍କର ଲୋକ । ତାକୁ ମାରିଥିବାରୁ ଘିନୁଆକୁ ଅଧିକ ବକ୍ସିସ୍ ମିଳିବା ଉଚିତ୍ ।

ଏଣୁ ଯେତେବେଳେ ଘିନୁଆ ଜମିଦାରର ଅତ୍ୟାଚାରରେ ଅସହାୟ ହୋଇପଡ଼ିଛି ସେତେବେଳେ ସେ ବିଦ୍ରୋହ କରିଉଠିଛି । ଆଦିବାସୀ ସମାଜରେ ଏକ ମାତ୍ର ପ୍ରତିଶୋଧ ମୁଣ୍ଡକାଟ । ଏଣୁ ସେ ଗୋବିନ୍ଦ ସର୍ଦ୍ଦାର ମୁଣ୍ଡ କାଟିଛି । ଏହା ପୂର୍ବରୁ ମୁଣ୍ଡକାଟ ଯେ ଅପରାଧ ନୁହେଁ ଏବଂ ଏଥିପାଇଁ ବକ୍ସିସ ମଧ୍ୟ ମିଳେ । ଏହା ସେ ଝପଟ ସିଂ ହତ୍ୟା ଘଟଣାରୁ ଜାଣିଛି । ଗାଳ୍ପିକ ଏଠାରେ ଜନଜାତିଙ୍କ ସରଳପଣକୁ ପାଠକ ନିକଟରେ ଉପସ୍ଥାପନ କରିଛନ୍ତି । ଏହା ବ୍ୟତିତ କାଳନ୍ଦୀ ଚରଣ ପାଣିଗ୍ରାହିଙ୍କ 'ସାଗୁଆ' କାହ୍ନୁଚରଣ ମହାନ୍ତିଙ୍କ ପ୍ରାନ୍ଜୁ, ବିଳାପ, ପାରିଧି ଆଦି ଅନ୍ୟତମ ।

ସ୍ୱାଧିନତା ପରବର୍ତ୍ତୀ ସମୟରେ ଭାରତୀୟ ସମାଜ ବ୍ୟବସ୍ଥାର ପରିବର୍ତ୍ତନ ଆଦବିାସୀ ସଂସ୍କୃତିର ବ୍ୟାପକ ପରିବର୍ତ୍ତନ ଆଣିଥିଲା । ସ୍ୱାଧିନତା ପୂର୍ବରୁ ଖ୍ରୀଷ୍ଟଧର୍ମର ପ୍ରସାର, ଦ୍ୱିତୀୟ ବିଶ୍ୱଯୁଦ୍ଧ, ରେଳ ଯୋଗାଯୋଗ ଓ ଖଣିଜ ଉତ୍ପାଦନ ଓଡ଼ିଶାରେ ବାସ କରୁଥିବା ଆଦିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନରେ ପରିବର୍ତ୍ତନ ଆଣିଥିଲା । ଓଡ଼ିଶାରେ ବାସ କରୁଥିବା ୬୪ ପ୍ରକାର ଜନଜାତି ଏବଂ ସେମାନଙ୍କ ଅବସ୍ଥିତି ସାଂସ୍କୃତିକ ପରିବର୍ତ୍ତନର ରୂପରେଖ ଭିନ୍ନ ଭିନ୍ନ ଭାବରେ ପ୍ରକାଶିତ ହୋଇଥାଏ । ମାଲ୍କାନାଗିରିଠାରୁ ମୟୁରଭଞ୍ଜ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ଏହି ସାଂସ୍କୃତିକ ପୁନର୍ବିନ୍ୟାସର ଚିତ୍ର ଅତି ଜଟିଳ । ଓଡ଼ିଶାର ପ୍ରମୁଖ କଥାଶିଳ୍ପୀମାନେ ଏମାନଙ୍କ ସାମାଜିକ ସ୍ଥିତି ଓ ସାଂସ୍କୃତି ପୁନଃର୍ବିନ୍ୟାସକୁ ଅତି ଅନ୍ତରଙ୍ଗ ଭାବେ ଅନୁଧ୍ୟାନ କରି ତାହାର ରୂପାୟନ କରିଛନ୍ତି ।

ସ୍ୱାଧିନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଶିଳ୍ପର ବିକାଶ, ଖଜିଣ ଦ୍ରବ୍ୟ ଉତ୍ପାଦନ ଓ ପରିବହନକୁ ଆଦିବାସୀ ସାଂସ୍କୃତିକ ଜୀବନର ପୁନଃର୍ବିନ୍ୟାସର ପ୍ରାଥମିକ କାରଣ ଭାବରେ ଅଧିକାଂଶ କଥାଶିଳ୍ପୀ ଦର୍ଶାଇଛନ୍ତି । ଓଡ଼ିଶାରେ ଥିବା ଖଣିଜ ପାହାଡ଼ ଗୁଡ଼ିକରେ ଆଦିବାସୀ ସମ୍ପ୍ରଦାୟ ବାସ କରନ୍ତି । ଯେଉଁ ପାହାଡ଼କୁ ସେମାନେ ଦେବତା ଭାବରେ ପୂଜା କରୁଥିଲେ ସେହି ପାହାଡ଼ର ପଥର ଖଣିଜ ଦ୍ରବ୍ୟ ଭାବରେ ଟ୍ରକ ଏବଂ ଟ୍ରେନ୍ ଦ୍ୱାରା ରପ୍ତାନୀ ହେବା ଆଦିବାସୀ ସାଂସ୍କୃତିକ ଓ ଧାର୍ମିକ ଭାବନାକୁ ଆଘାତ କରିଛି । ହଜାର ହଜାର

ISSN NO.
2582-208X

ବର୍ଷର ବିଶ୍ୱାସ ଓ ମୂଲ୍ୟବୋଧ ଧ୍ୱଂସ ପାଇଯାଇ ତା’ ସ୍ଥାନରେ ଏକ ନୂତନ ସଂସ୍କୃତି ଜନ୍ମ ନେଇଛି । ପ୍ରଥମ ଦଳଟି ଜନ୍ମମାଟି ସହ ଗଭିର ଆବେଗଗତ ସମ୍ପର୍କ ଯୋଗୁଁ ଓ ପରିବର୍ତ୍ତନକୁ ମାନସିକ ସ୍ତରରେ ଗ୍ରହଣ କରିନପାରି ଅଧିକ ଗଭୀର ଜଙ୍ଗଲକୁ ଚାଲିଯାଇ ନୂତନ ବାସସ୍ଥଳୀ ନିର୍ମାଣ କରିଛନ୍ତି । ଏମାନେ ମୁଖ୍ୟତଃ ବୟସ୍କ ଆଦିବାସୀ । ଦ୍ୱିତୀୟ ଗୋଷ୍ଠୀରେ ଥିବା ଆଦିବାସୀ ଯୁବକମାନେ କୁଲୀ ଓ ଯୁବତୀମାନେ ଦିନ ମଜୁରିଆ ଭାବରେ ଖଣି, ଶିଳ୍ପସଂସ୍ଥା ଏବଂ ପରିବହନ କମ୍ପାନୀରେ କାମ କରି ସହରୀ ସଂସ୍କୃତିକୁ ଗ୍ରହଣ କରି ନେଇଛି । ଶିଳ୍ପର ବିକାଶ, ଖଣିଜ ଦ୍ରବ୍ୟ ରପ୍ତାନୀ ଏବଂ ସହରୀକରଣ ଆଦିବାସୀ ସମାଜ ଓ ସଂସ୍କୃତିର ଗୁଣାତ୍ମକ ବିକାଶରେ ସହାୟକ ହୋଇନାହିଁ । ମଦ୍ୟପାନ, ଋଣବୋଝ, ବହୁନାରୀ ସମ୍ପର୍କ, ଦୁରାରୋଗ, ଯୌନବ୍ୟାଧି ଆଦିବାସୀ ଯୁବକ ମାନଙ୍କୁ ସର୍ବସାନ୍ତ କରିଛି। ଯୁବତୀମାନେ ଅର୍ଥ ଲୋଭରେ ଦେହ ବ୍ୟବସାୟ କରି ବିଭିନ୍ନ ଯୌନରୋଗ ସଂକ୍ରମଣର ପରିବାହକ ହୋଇଥାନ୍ତି ।

ସୁରେନ୍ଦ୍ର ମହାନ୍ତିଙ୍କ ‘ଖାଦାନୀ’ ଓ ‘ସଭ୍ୟତାର ଗ୍ରାସ’, ଗୋପୀନାଥ ମହାନ୍ତିଙ୍କ ‘ପିମ୍ପୁଡ଼ି’ ପ୍ରାଣବନ୍ଧୁ କରଙ୍କ ‘ହିରୋ’, ସାତକଡ଼ି ହୋତାଙ୍କ ‘କିରିବୁରୁର କନ୍ୟା’, ଉମାଶଙ୍କର ପଣ୍ଡାଙ୍କ ‘ଦାରିଙ୍ଗିବାଡ଼ିର ଫୁଲମତି’ ବାମାଚରଣ ମିତ୍ରଙ୍କ ଅପରାଧି, ରାମଚନ୍ଦ୍ର ବେହେରାଙ୍କ ଶିକାର, ସଦାନନ୍ଦ ତ୍ରିପାଠୀଙ୍କ ଯେଝାବାଟରେ ଯିଏ’ ଭୀମ ପୃଷ୍ଟିଙ୍କ ଟାକୁଆ, ପାର୍ଟିର ପାର୍ଟି, ରଞ୍ଜନ ପ୍ରଧାନଙ୍କ ଡୁମା, ଲକ୍ଷ୍ମୀ ପଙ୍ଗୁଣି, ଏଥର କଭର ଷ୍ଟୋରୀ, ଦେବାଶିତା ପାତ୍ରଙ୍କ – ଅଫେରା, ଲାଲଟଣ୍ଡା, ଭାଲୁ, ଚିଠି, ନିଃଶକ, ଦିବାକର ମାନସିଂହଙ୍କ – ପାହାଡ଼ ତଳି ଗାଁ, ବଣ ମଲ୍ଲୀ, ଭୁବନେଶ୍ୱର ବେହେରାଙ୍କ ଡୁକାକନ୍ଧ, ପ୍ରତିଭା ରାୟାଙ୍କ ଏକଲବ୍ୟର ଗୁରୁଦୀକ୍ଷା, ବସନ୍ତ ମହାନ୍ତିଙ୍କ ନିରୁଦ୍ଦିଷ୍ଟ, ଉତ୍ତମ କୁମାର ପ୍ରଧାନଙ୍କ ଖଗଲା, କୃଷ୍ଣ ଚରଣ ବେହେରାଙ୍କ ଝିଅ ହଜିଛି, ବିପିନ୍ ବିହାରି ମିଶ୍ରଙ୍କ ମାଟି ଓ ମଣିଷ, ଯଶୋବନ୍ତ ସାମଲଙ୍କ ସଭ୍ୟତାର ସୁଅରେ ଗାରୁ ମାଝି, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ହିନ୍ଦୁଥିଲି ହିନ୍ଦୁ ହେଲି, ଯୋଗୀମଠର ଦୃଷ୍ଟ ମହାଦେବ, ହୃଷିକେଶ ପଣ୍ଡାଙ୍କ ରାଜପୁତ୍ର, ବାଘ, ସାହବଦେବତା, ଛଞ୍ଚାଣ, କୋରସ, ଛତିଶତମ ସାଧାରଣତନ୍ତ୍ର ଦିବସରେ ଜାତି ଉଦ୍ଦେଶ୍ୟରେ ଧାନଫୁଲ, ପରଜା ପ୍ରଦତ୍ତ ମର୍ମାନୁବାଦ, ଅନାହାର କମିଶନଙ୍କ ଏକ ରିପୋର୍ଟ ଆଦି ଗଳ୍ପଗୁଡ଼ିକରେ ଜନଜାତିଙ୍କ ଚିତ୍ର ଦେଖିବାକୁ ମିଳେ ।

ISSN NO.
2582-208X

**ଓଡ଼ିଆ ପ୍ରବନ୍ଧ ଓ ଜୀବନୀ ସାହିତ୍ୟରେ ଜନଜାତିର ଚିତ୍ର :**

ସ୍ୱାଧୀନତା ପରବର୍ତ୍ତୀ ସମୟଠାରୁ ସରକାରୀ ଓ ବିଶ୍ୱବିଦ୍ୟାଳୟ ପ୍ରୋତ୍ସାହନ ଯୋଗୁ ଜନଜାତି ସମାଜ ସମ୍ପର୍କରେ ବହୁ ଗବେଷଣା କାର୍ଯ୍ୟ ଚାଲୁ ରହିଛି । ତେଣୁକରି ସାହିତ୍ୟ ପତ୍ରପତ୍ରିକାମାନଙ୍କରେ ଜନଜାତି ଚରିତ୍ର, ଧର୍ମ, ଭାଷା, ସଂସ୍କୃତି ସମ୍ପର୍କରେ ବହୁ ପ୍ରବନ୍ଧ ପ୍ରକାଶିତ ହେଉଛି । ଓଡ଼ିଆ ସାହିତ୍ୟରେ ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କ ଲିଖିତ 'ବୀରଚକରା' ଓ 'ମହାବୀର ଦୋହରା ବିଷୋଇ' ଦୁଇଟି ଉଲ୍ଲେଖଯୋଗ୍ୟ ରଚନା । ଭାରତର ମୁକ୍ତି ସଂଗ୍ରାମ (ସିପାହୀ ବିଦ୍ରୋହ) ଓ ଓଡ଼ିଶାର ଘୁମୁସର ଅଞ୍ଚଳରେ କନ୍ଧ ସମାଜର ମହାବୀର ଦୋହରା ବିଷୋଇଙ୍କ ବିଷୟରେ ବହୁ ଗୌରବମୟ ଅଧ୍ୟାୟକୁ ଲୋକ ଲୋଚନକୁ ଆଣିଥିଲା ଆଲୋଚ୍ୟ ପୁସ୍ତକ । ଜନଜାତିଙ୍କ ମଧ୍ୟରେ ଏପରି ଦେଶପ୍ରେମ, ଜାତିପ୍ରେମ ଓ ଉଜ୍ଜ୍ୱଳ ଆତ୍ମତ୍ୟାଗ ରହିଛି ତାହା ଆଲୋଚ୍ୟ ବିଷୟ । ସେହିପରି 'ବୀରଚକରା' ପୁସ୍ତକରେ ଲେଖକ ଜଣେ ବୀରର ଉପଯୁକ୍ତ ପୂଜା କରିଥିବା ଘଟଣା ବର୍ଣ୍ଣନା କରାଯାଇଛି ।

ଏତଦ୍ ବ୍ୟତୀତ ଶ୍ରୀ ଅନିରୁଦ୍ଧ ଦାସଙ୍କ 'ଶବର' ଭାଗୀରଥି ନେପାକଙ୍କ ଓଡ଼ିଶାର ଆଦିବାସୀ, ଡ.ବଂଶୀଧର ମହାନ୍ତିଙ୍କ ଆଦିବାସୀ ସଂସ୍କୃତି, ଓଡ଼ିଆ ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ – ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ଡକ୍ଟର ଦେବାଶିଷ ପାତ୍ରଙ୍କ 'ମୁଦୁଲିପଡ଼ାର ଲୋକେ', 'ରେମୋ', ଓଡ଼ିଶାର ଜନଜାତି ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ, ନୃସିଂହ ପ୍ରସାଦ ମିଶ୍ରଙ୍କ ଆଦିବାସୀ ସମାଜ ଓ ସଂସ୍କୃତି, ରଞ୍ଜନ ପ୍ରଧାନଙ୍କ ଜୁଆଙ୍ଗ ପର୍ବପର୍ବାଣୀ, ପରଜା ଜୀବନ ଓ ସଂସ୍କୃତି, ହରେକୃଷ୍ଣ ମହତାବଙ୍କ ସେହି ସ୍ମରଣୀୟ ଦିବସ, କୃଷ୍ଣଚନ୍ଦ୍ର ପାଣିଗ୍ରାହିଙ୍କ ପୁଷ୍କରରେ ବର୍ଷାବରଣ ପ୍ରଭୃତି ଉଲ୍ଲେଖଯୋଗ୍ୟ ।

(((–)))

ଅଧ୍ୟାପକ ଓଡ଼ିଆ ବିଭାଗ
ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ନାଉଗାଁ, ଜଗତ୍‌ସିଂହପୁର

ISSN NO. 2582-208X



# ଝଡ ପୂର୍ବର ଶାନ୍ତି ବନାମ ଝାଡା ପୂର୍ବ ବିସ୍ଫୋରଣ



ଅମୃତନାରାୟଣ ଶତପଥୀ

ଝଡ ପୂର୍ବର ଶାନ୍ତି ବନାମ ଝାଡା ପୂର୍ବ ବିସ୍ଫୋରଣ,
ଦୁଇଟି ଯାକ ସମୟ ସମୟରେ ହୁଏ ବିପତ୍ତି କାରଣ।(୧)
ଝଡ ପୂର୍ବର ଶାନ୍ତି ଆଗାମୀ ଅଶାନ୍ତ ପରିସ୍ଥିତି ସ୍ପଷ୍ଟ କରାଏ,
ଝାଡା ପୂର୍ବର ବିସ୍ଫୋରଣ ଯେ ପେଟ ଖରାପ ଦର୍ଶାଏ।(୨)
ଝଡ ଝାଡା ଦୁଇ ସମୋଚ୍ଚାରିତ ଶବ୍ଦ ଆ କାରରେ କେବଳ ଭିନ୍ନ,
ଯାହାର ଫରକ ହୋଇଯାଏ ବାହାର ଭିତରର କାର୍ଯ୍ୟକ୍ରମ।(୩)
ବାହାର ପରିସ୍ଥିତି ଖରାପ ହେଲେ ସୃଷ୍ଟି ହୁଏ ଝଡ ସ୍ଥିତି,
ପେଟ ଭିତର ଗୋଳମାଳ ହେଲେ ବିସ୍ଫୋରଣ ପରିସ୍ଥିତି।(୪)
କେତେ ବ୍ୟଙ୍ଗ କଥା କେତେ ଯେ କବିତା ଝଡ ଝାଡା ନେଇ ପୁଣି,
ପ୍ରଶଂସିତ ସୃଜନଶୀଳତା ଗୋପାଳ ଭାଣ୍ଡ ଆକବର ବୀରବଲ୍ କାହାଣୀ।(୫)
ବାହ୍ୟ ଆଭ୍ୟନ୍ତରୀଣ ପରିସ୍ଥିତିରୁ ଶିଖିବା ଏହି କଥା,
ମନୁଷ୍ୟ ପରିସ୍ଥିତିର ଦାସ ନ୍ୱୀନ ତାହାର କ୍ଷମତା।(୬)
କ୍ଷମତାସୀନ କ୍ଷମତା ଲୋଭ ଆଚରଣ ଉଚ୍ଚାରଣ,
ପରିସ୍ଥିତି କେବେ ଶାନ୍ତ ହୋଇପାରେ ଅବା ପୁଣି ବିସ୍ଫୋରଣ।(୭)
କାରଣ ଆଉ ଅକାରଣ ମଧ୍ୟରେ ଘାଣ୍ଟି ଚକଟି ନ ହୋଇ,
ମନୁଷ୍ୟ ଜୀବନ ଜୀଇଁବା ଆବଶ୍ୟକ ମଧ୍ୟମ ମାର୍ଗ ନେଇ।(୮)

ISSN NO.
2582-208X

ଜୋର ଜବରଦସ୍ତ ପରିସ୍ଥିତି ପରିବେଶକୁ କରିବାକୁ ଚାହିଁଲେ ଦାସ,
ଜୀବନ ସାରା ଦଉଡି ଦଉଡି ହେବାକୁ ପଡିବ ଅବଶ।(୯)
ଉଚ୍ଚାରଣ ଛାଡି ନିଜ ଆଚରଣରେ ଯିଏ ଶୁଦ୍ଧି ଆଣି ଥାଏ,
ସ୍ୱତ ମଥା ନଇଁ ଯାଏ ତା ସମ୍ମୁଖରେ ସମ୍ମାନ ପାଇଥାଏ।(୧୦)

(((-)))

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ସ୍ମୃତି ସେତ ନୁହେଁ ଫିଙ୍ଗିବାର



ଛବିରାଣୀ ପତି

ଅଜ୍ଞାତବାସର ସେ ଦିଗହରା ସମ୍ପର୍କଟା
ସ୍ମୃତିର କାୟା ନେଇ
ଜୀବନ ପରିଧିକୁ ଯେବେ ଛାଇ ହୋଇ ଫେରେ
ମୋର ଏ ମାନସ ପଟରେ
ଦଲକାଏ ମଳୟ ପରି ମାଡଖାଏ ଆସି
ମୋ ଦେହରେ
ଏ ଛାତିର ନିବୃତ୍ତ କୋଣରେ
କାହିଁ କେଜାଣି ମନରେ ଉଙ୍କିମାରେ
ଗୋଟେ ସମ୍ଭାବନାର
ପୁନଶ୍ଚ ପ୍ରଥିବୀଟେ ।

ସେ ମାନେ ନାହିଁ
ସ୍ଥାନ - କାଳ - ପତ୍ର
ହେଉ ପଛେ ସୂତା କ୍ଷିଏ ...
ଅତି ସନ୍ତର୍ପଣରେ ନିଜ ପାଇଁ
ସ୍ୱତନ୍ତ୍ର ଜାଗାଟିଏ ଖୋଜେ
ପୁଣି ଥରେ ଚକା ପାରି ବସିବାକୁ ।

ISSN NO.
2582-208X

ହୃଦୟଟା ମୋର ରାଜଧାନୀର ଓଲ୍ଡଟାଉନ ଭଳି
ନା ଟି ଯେମିତି ଓଲ୍ଡ
ଖାଣ୍ଟି ଗିନିସୁନା ପରି
ସେମିତି ଏଇ ସ୍ପନ୍ଦନ ଆଉ
ତାର ମାଟି , ପାଣି , ପବନ
ଦିନେ ନା ଦିନେ ବନ୍ଦ ତ ନିଶ୍ଚିତ ହେଇଯିବ
ହେଲେ ସେ ବଦଳେଇ ପାରିବନି
ତାର ପାର୍ଟକୁ ଅବା ପାର୍ଟନରକୁ ।

ନିର୍ମୂଳି ଅବା ଶିଆଳି ଲତା ପରି
ସ୍ମୃତି ଆବର୍ଜନା ନ'ହେଉ
ବରଂ ସଜେଇ ହୋଇ ରହିଥାଉ
ଠିକ୍ ମନିପ୍ଲାଣ୍ଟ ପରି
ଆଉ ...
ଶୀତ ସକାଳର କଅଁଳ ଖରାର ତାତି ହୋଇ
ରହୁଥାଉ ସବୁଦିନ ଆଉ ସବୁବେଳେ
ସେଇଥିପାଇଁ ତ କହେ
ସ୍ମୃତି ....
ସେ ତ ନୁହେଁ କେବେ ଫିଙ୍ଗିବାର ।।

((( - )))

ମଧ୍ୟଶାସନ, ବିରିଡ଼ି
ଜଗତସିଂହପୁର-୭୫୪୧୧୧
ଦୂରଭାଷ : ୯୩୩୭୯୬୦୦୬୦

ISSN NO.
2582-208X

# ନାଲି ରଙ୍ଗ



ପ୍ରଭାତ କୁମାର ଆଗ୍ରୱାଲ

ଗୋଲାପର ସହରରେ ଘର କରି
ଏତେ ଡର କାହିଁକି ପଳାଶକୁ ?
ନାଲ ତ ରକ୍ତର ରଙ୍ଗ
ଯେଉଁ ନାଲିମାରେ ଏ ଜୀବନ ଗଢ଼ା ।
ଦେଖୁନ କି ଆମ କଳା ସାଆନ୍ତଙ୍କୁ
ନାଲି ଅଧରରେ କେମିତି ହସୁଛନ୍ତି ?
ତୁମେ କ'ଣ ଭୁଲିଗଲ ମୋ ଗୋଲାପି ଓଠକୁ ?
ଏବେବି ତୁମ ଗାଲରେ ଲାଗିଥିବ
ମୋ ଲିପଷ୍ଟିକର ନାଲିରଙ୍ଗ ।
ନାଲି ତ ପ୍ରେମର ରଙ୍ଗ
ନାଲି ତ ବୀରତ୍ୱର ରଙ୍ଗ
ବୀରତ୍ୱର ନାଲି ରଙ୍ଗ ଢାଳି
ଆମ ଯବାନମାନେ ଜଗିଥାନ୍ତି ସରହଦ୍ ।
ଯେଉଁଠି କ୍ଷତାକ୍ତ ପାଖୁଡ଼ା
ସେଇଠି ତ ଥାଏ ନାଲି ରଙ୍ଗ
ତେବେ ଡର କାହିଁକି ?
ଜୀବନ ତ କ୍ଷତାକ୍ତ ହୁଏ ସବୁବେଳେ
ଯେମିତି ଅଳସୁଆ ନାଲି ଚା ପାଇଁ ଦରକାର ହୁଏ

ISSN NO.
2582-208X

ପ୍ରତିଟି ସିନ୍ଦୂରିତ ନାଲି ସକାଳ ।
କିଛି ନାଲ ଝାଳ ବୁହାଇ ଶ୍ରମିକଟେ
ଗଢିତୋଳେ ସ୍ୱପ୍ନର ତାଜ ମାଲିକର ।
ଆଚ୍ଛା, କହିଲ, ମୋ ଛବି ଯେତେବେଳେ
ବିଜୁଳିପରି ତୁମ ଆଖି ପଲକରେ ପଶିଯାଏ
ସେତେବେଳେ ତୁମ ଆଖିର ରଙ୍ଗ
ଗୋଲାପ ପରି ହୁଏ ନା ହ୍ୱିସ୍କି ପରି ?
ପ୍ରେମ ହେଉ ବା ଯୁଦ୍ଧ ହେଉ
ସବୁଠି ତ ନାଲିରଙ୍ଗ
ସେ ସୃଷ୍ଟିର, ସର୍ଜନାର, ବିନାଶର ।

(((-)))

ଭୋଗରାଇ,
ସିଦ୍ଧେଶ୍ୱର କଲୋନୀ, ଗଣେଶ୍ୱରପୁର,
ରେମୁଣା ଗୋଲେଇ, ବାଲେଶ୍ୱର

ISSN NO.
2582-208X

# ବଡ ଦେଉଳର ମାଲିକ



ସରସ୍ୱତୀ ମେହେର

ନୀଳାଚଳ ଧାମେ ବଡଦେଉଳ ଲୋ
ବସିଛି କାଳିଆ ରଜା
ସୁନା କଳସ ଚମକେ ଆକାଶେ
ଉଡେ ନୀଳଚକ୍ର ଧ୍ୱଜା ।
ସିଂହ ଦୁଆରେ ଭକତଙ୍କ ଭିଡ
ଶୁଭେ ଜୟ ଜଗନ୍ନାଥ
ବାଇଶି ପାହାଚ ଚଢି ଯାଏ ମନ
ତବ ଦରଶନ ରେ ଲାଲାୟତ ।
ଆନନ୍ଦ ବଜାରେ ମହାପ୍ରସାଦ
ସମସ୍ତ ଙ୍କୁ ମିଳି ଥାଏ
ଧନୀ, ଦରିଦ୍ର ସମାନ ସେଇଠି
ପ୍ରଭୁଙ୍କର ଲୀଳା ଇଏ ।
ରଥ ଯାତରା ରେ ବଡ ଦେଉଳରୁ
ରଥାରୂଢ଼ ହୋଇ ଯାଆନ୍ତି
ନଅ ଦିନ ପାଇଁ ମାଉସୀ ଘରକୁ
ଭକତ ଟାଣି ଟାଣି ନିଅନ୍ତି ।
ହେ ଜଗନ୍ନାଥ ବଡ଼ ଦେଉଳ ମାଲିକ
ରଖ ମତେ ତୁମ ଚରଣେ
ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଥିବ ଇଚ୍ଛା
ଦେଖିବାକୁ ତୁମକୁ ନୟନେ ।

ସିନାପାଲି, ନୂଆପଡ଼ା

ISSN NO.
2582-208X



# ଦସ୍ତାବିଜ୍



ଡାଃ. ଅନିତା ପଣ୍ଡା

## ଦସ୍ତାବିଜ

ଇଞ୍ଜେକ୍ସନ ଭାଏଲଟିକୁ ଦୁଇ ହାତରେ ଏପଟ ସେପଟ ବୁଲାଇ ଦେଖୁ ଦେଖୁ ନିଜକୁ ନିଜେ କହୁଥିଲା ବନ୍ଦିତା, 'ଈଶ୍ୱର ଯାହା କରନ୍ତି ପ୍ରାଣୀର ହିତ ପାଇଁ ' ଲୋକ କଥାଟି ବାସ୍ତବରେ ଶତ ପ୍ରତିଶତ ସତ୍ୟ । ତା ନ ହୋଇଥିଲେ ସେ ଆଜି ହୀରା ଦିଦିଙ୍କର ଅର୍ନ୍ତଃଜ୍ୱାଳାର ସଂପୂର୍ଣ୍ଣ ଲାଘବ ପାଇଁ ଏଇ ଇଞ୍ଜେକ୍ସନ୍‌ଟି ଲଗାଇବାର ସାହସ କରି ନ ଥାନ୍ତା । କାଲି ପରି ମନେ ଅଛି । ରାଘବ ମଉସା । କୌଣସି ଏକ ରୋଗରେ ପୀଡ଼ିତ ହୋଇ ବର୍ଷ ବର୍ଷ ଧରି ଶଯ୍ୟାଶାୟୀ ଥିଲେ । ତାଙ୍କର ସେବା ଶୁଶ୍ରୁଷା କରିବା ପାଇଁ ପାଖରେ ତାଙ୍କର ଏକମାତ୍ର ବୋହୂ ରଞ୍ଜିତା । ରଞ୍ଜିତା ଶାଶୁଘରେ ପାଦ ରଖିବାର ମାତ୍ର କେଇଟା ମାସ ପରେ ଶାଶୁ ଇହଧାମ ତ୍ୟାଗ କରିଥିଲେ । ମାତ୍ର ଊଣେଇଶ ବର୍ଷୀୟା ଝିଅଟି ରଞ୍ଜିତା । ଅଣ୍ଟାରେ ଲୁଗା ଭିଡ଼ି ସାରା ପରିବାରକୁ ସମ୍ଭାଳି ନେଇଥିଲା । ଅଳ୍ପଦିନ ପୂର୍ବରୁ କଲେଜରେ ପାଦ ରଖିଥିବା ରଞ୍ଜିତା ପରିବାରର ହିତ ପାଇଁ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥିଲା । ଡାକ୍ତର ସୌଭାଗ୍ୟ ବାରଂବାର ତାକୁ ବାଣୀ ଶୁଣାଉଥିଲେ । କଲେଜ ପାଠ ବନ୍ଦ କରି ତୁମେ ଗୋଟାଏ ମସ୍ତ ବଡ଼ ଭୁଲ୍ କରିବାକୁ ଯାଉଛ ରଞ୍ଜୁ । ଆଜିକାଲିକା ଦୁନିଆରେ ଶିକ୍ଷା ବିନା ନାରୀର ସ୍ଥାନ ବହୁ ନିମ୍ନରେ । ଦୁନିଆ ଦୁଆରେ ସଳଖି ଛିଡ଼ା ହେବାକୁ ହେଲେ ନାରୀ ପାଇଁ ଶିକ୍ଷାର ସ୍ଥାନ ବହୁ ଉର୍ଦ୍ଧରେ । ଏ କଥା ମୁଁ କହୁନି । ଆମ ସବୁରିଙ୍କର ପ୍ରିୟ ବାପୁଙ୍କ କଥାକୁ ଦୋହରାଉଛି ମାତ୍ର । ହସ ହସ ମୁହଁରେ ରଞ୍ଜିତା ଉତ୍ତର ଦେଉଥିଲା, ମାନୁଛି, "ବାପୁଙ୍କ ବାଣୀକୁ ଅବମାନନା କରିବାମୋ ସାମର୍ଥ୍ୟର ବାହାରେ । ହେଲେ ମାତା ପିତାଙ୍କର ସ୍ଥାନ ସବୁଠାରୁ ଉର୍ଦ୍ଧରେ । ମାତା ପିତା ସନ୍ତାନ ସନ୍ତତି ମାନଙ୍କୁ ଜନ୍ମ ଦେଇଥାନ୍ତି । ସେଇମାନଙ୍କୁ ଲାଳନ ପାଳନ କରିବା, ତାଙ୍କର ଭବିଷ୍ୟତ ଗଢ଼ିବା ପାଇଁ ତ ସେମାନେ ନିଜ ନିଜର

ISSN NO.
2582-208X

ଜୀବନ ଉତ୍ସର୍ଗ କରି ଦେଇଥାନ୍ତି । ଦେବତୁଲ୍ୟ ସେଇ ପିତାଙ୍କୁ ଏମିତି ଅପଙ୍ଗ ଅବସ୍ଥାରେ ଏକଲା ଛାଡ଼ି ଦେଇ ମୋର ଘର ବାହାରକୁ ପାଦ ରଖିବା ଅର୍ଥାତ୍ ଇଶ୍ୱରଙ୍କୁ ଅବମାନନା ।"

ଦିନ ପରେ ଦିନ ଗଡ଼ି ଯାଇଥିଲା । ପରିବାରର ଖୁସିରେ ଚମକ ଲଗାଇ ରଞ୍ଜିତା ସୌଭାଗ୍ୟଙ୍କର କୋଳ ମଣ୍ଡନ କରିଥିଲା ଜିତୁ । ଶୁକ୍ଲପକ୍ଷ ଚନ୍ଦ୍ରମା ସଦୃଶ ବଢ଼ି ଚାଲିଥିଲା ନବଜାତ ଶିଶୁଟି । ସତେ ଯେମିତି ସବୁରି ମନକୁ ଜିତି ନେଇଥିଲା ଜିତୁ । ଇଶାରାରେ ବାପା କହୁଥିଲେ ବର୍ଷ ବର୍ଷର ଦୁଃଖକୁ ମୋର ଲାଘବ କରିଦେଇଛି ଆମର ଏଇ କୁଳଚନ୍ଦ୍ରମା।

ଆଉ ସେଇଥିପାଇଁ ମୁଁ ଇଶ୍ୱରଙ୍କ ନିକଟରେ ମୋର ଚିର କୃତଜ୍ଞତା ପ୍ରକାଶ କରିବା ସମୟରେ ଦୃଢ଼ କଣ୍ଠରେ କହିବି ହୀରାର ଦାନକୁ ମୁଁ ଜନ୍ମ ଜନ୍ମାନ୍ତରେ ଭୁଲି ପାରିବିନି । କହିବା ବାହୁଲ୍ୟ, ଯା ଭିତରେ ରାଘବ ମଉସା ରଞ୍ଜିତା ନାମଟିକୁ ରଞ୍ଜିତାରୁ ହୀରାରେ ପରିବର୍ତ୍ତନ କରିଦେଇଥିଲେ । ନିଜକୁ ନିଜେ ଯୁକ୍ତି ବାଢ଼ିଥାନ୍ତି ଝିଅଟା ଖୁସିହୋଇ ରଂଗ ବେରଙ୍ଗରେ ସଜାଇ ହୋଇନି, ସେ ନିଜେ ହୀରା ଖଣ୍ଡେ । ମୋ ହୀରା ଗୋଲକୁଣ୍ଡାରୁ ପ୍ରାପ୍ତ ବ୍ରିଟେନ ମହାରାଣୀଙ୍କ ମୁକୁଟରେ ଜଡ଼ିତ କୋହିନୂର ହୀରା ଠାରୁ ଶହେ ଗୁଣେ ଅଧିକ । ବିଦ୍ୟୁତ ହୀରା ମଧ୍ୟକୁ ପ୍ରବେଶ ନ କରିପାରିବା ଭଳି ବିଦ୍ୟୁତ ଠାରୁ ବହୁ ତୀବ୍ର ନକାରାତ୍ମକ ଚିନ୍ତାଧାରା ମୋ ହୀରାକୁ ସ୍ପର୍ଶ କରି ପାରେନା । ଖଣିଜ ଦ୍ରବ୍ୟର ସବୁଠାରୁ ଶ୍ରେଷ୍ଠ ହୀରା ସଦୃଶ ମୋ ହୀରା ସମସ୍ତ ନାରୀ ଜାତିର ଶ୍ରେଷ୍ଠା ନାରୀ ଯାହା ନିକଟରେ ନବ ଭକ୍ତି ଯେମିତିକି ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ଦାସ୍ୟ, ସକ୍ଷମ, ନମସ୍କାର ସହ ଆତ୍ମ ନିବେଦନରେ ଭରପୂର ।

ଜିତୁ ତା କ୍ଲାସରେ ସବୁଠାରୁ ଭଲ ଛାତ୍ର ରୂପେ ଗଣା ଯାଉଥିଲା । ଆସନ୍ତା ସୋମବାର ପାଇଁ ସ୍କୁଲ ତରଫରୁ ତା'ର 'ହୋମ ୱାର୍କ' ଥିଲା ତାଜମହଲ । ପ୍ରାର୍ଥନା ପରେ ତା'କୁ ପାଞ୍ଚ ମିନିଟ୍ ପାଇଁ ତାଜମହଲ ଉପରେ ଭାଷଣ ଦେବାକୁ ହେବ । ଜିତୁ ବାପା ପଛରେ ଲାଗି ଯାଇଥିଲା । "ମୋ ସାଙ୍ଗମାନେ ପ୍ରାୟ ସଭେ ତାଜମହଲ ଦେଖିଛନ୍ତି । ନିଶ୍ଚିତ ଭାବେ ସେମାନେ ତାଜମହଲ ଉପରେ ସୁନ୍ଦର ବିବରଣୀ ଉପସ୍ଥାପନା କରିବେ ।" କଥା ପଦଟା ସତେ ଯେମିତି ସୌଭାଗ୍ୟଙ୍କ ମୁଣ୍ଡରେ ବିଦ୍ୟୁତ ଚଡ଼କ ପକାଇଥିଲା । ଶନିବାର, ରବିବାର ତାଜମହଲ ବୁଲିବା ପାଇଁ ଯୋଜନା କରିଥିଲେ । ଆନନ୍ଦରେ ବିଭୋର ହୋଇ ଉଠିଥିଲା ଜିତୁ । ସତରେ ବାପା ! ତୁମେ ମତେ ତାଜମହଲ ଦେଖାଇବାକୁ ନେବ ! ଏତେ ବଡ଼ ଖୁସି

ISSN NO.
2582-208X

ଖବରଟା ମୁଁ ଜେଜେଙ୍କୁ ସର୍ବ ପ୍ରଥମେ ଶୁଣାଇବି । ପିଲା ଆନନ୍ଦର ସ୍ଫୁର୍ତ୍ତୀରେ କିମ୍ବା ଈଶ୍ୱରଙ୍କର କରୁଣା ରାଘବବାବୁଙ୍କର ଦୁଇ ହାତ, ପାଟି କାମ କରିବା ଆରମ୍ଭ ହୋଇଯାଇଥିଲା । ଦୁଇହାତ ତୋଳି ଜିତୁକୁ କୋଳକୁ ନେଲେ ଜେଜେ । କହିଲେ, ମା'କୁ ବି ସାଂଗରେ ନେଇଯିବୁ । ଜେଜେଙ୍କର କଥା ପଦକ ଉପରେ ଗୁରୁତ୍ୱ ଦେଇ ନ ଥିଲା ଜିତୁ । ଆନନ୍ଦରେ ଗଦ୍ ଗଦ୍ ହୋଇ ଚିତ୍କାର କରିଉଠିଥିଲା । ବାପା, ମା, ଜଲ୍ଦି ଦଉଡ଼ି ଆସ । ଜେଜେ ଆଉ ମୋ ଉପରେ ରାଗି ନାହାନ୍ତି । ମତେ କୋଳକୁ ନେଇ ମୋ ସଂଗେ କଥାବାର୍ତ୍ତା ବି କରୁଛନ୍ତି । ପାଟି ଶୁଣି ସୌଭାଗ୍ୟ, ରଞ୍ଜିତା ଦୁହେଁ ଦଉଡ଼ି ଆସିଥିଲେ । ଜେଜେଙ୍କ କୋଳରେ ବସି ଆଦରରେ ତାର ଦୁଇ କୁନି କୁନି ହାତରେ ଜେଜେଙ୍କ ଗାଲ ଆଉଁସୁ ଥିଲା ଜିତୁ । ରଞ୍ଜିତାର ଦୁଇ ଆଖିରୁ ଆନନ୍ଦ ଅଶ୍ରୁ ଧାର ବାହିଥିଲା । ଏତେ ବର୍ଷ ପରେ ସେ ବାପାଙ୍କୁ ପ୍ରଥମ ଥର କଥା କହିବା ଶୁଣିଲା, ସଂଗେ ସଂଗେ ହାତ ମଧ୍ୟ ଚାଲୁଛି ।

ଜିତୁ କହୁଛି ସେ ସୌଭାଗ୍ୟ ସଂଗେ ତାଜମହଲ ବୁଲିବାକୁ ଯାଉଛି ! ତୁ ବି ସେମାନଙ୍କ ସଂଗେ ଯାଇ ଦୁଇଦିନ ବୁଲିଆ । ଏ ଘରକୁ ଆସିବା ଦିନଠୁ ତୁ ଦିନେ ବି କୁଆଡେ ଯାଇନୁ। ଭଗବାନ ଆମର ଡାକ ଶୁଣିଛନ୍ତି । ମୁଁ ତ ଭଲ ହେଲିଣି । ତୁ ଯାଆ । ଜିତୁ ଖୁସି ହେବ, କହିଲେ ବାପା । ଡାକ୍ତର ସୌଭାଗ୍ୟ, ରଞ୍ଜିତା, ବନ୍ଦିତା କେବଳ ହତବମ୍ବ ହୋଇ ଛିଡ଼ା ହୋଇଥିଲେ । ମଝିରେ ମଝିରେ ରଞ୍ଜିତାର ହାତ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉପରକୁ ଉଠୁଥିଲା । ପରିସରଟି ଆନନ୍ଦମୟ ।

ମୋ ପାଇଁ ଏଇ ଉଜ୍ଜ୍ୱଳିତ ପ୍ରଦୀପଟି ନିଜର ପ୍ରକାଶ ଜାଜ୍ଜ୍ୱଳିତ କରି ପାରୁନି । ମୁଁ ତା'କୁ ନିଜ ସ୍ୱାର୍ଥ ପାଇଁ ଗୋଟିଏ କୂପ ମଣ୍ଡୁକରେ ପରିବର୍ତ୍ତିତ କରିଦେଇଛି । ଅନେକ ପୂର୍ବରୁ ଆମରି ପୂର୍ବଜମାନେ ଆମକୁ ସମୁଦ୍ର ଡେଇଁ ଯିବା ପାଇଁ ବାରଣ କରି ଆମକୁ କୂପ ମଣ୍ଡୁକ କରି ରଖିଲା ଭଳି ଆମ ସମାଜ ମଧ୍ୟ ପରମ୍ପରା ତଥା ରୀତି ରିବାଜର ଦ୍ୱାହି ଦେଇ ଝିଅ ମାନଙ୍କୁ କୂପ ମଣ୍ଡୁକ କରି ରଖିଛନ୍ତି । ମୋର ସ୍ଥାନ ତ ଆହୁରି ଆଗକୁ । ମୋର ସେବା କରିବା ପାଇଁ ମୁଁ ତତେ କୂପ ମଣ୍ଡୁକ କରି ଦେଇଛି । ଯାଆ, ଭାରତର ଗୌରବ ଏଇ ପ୍ରସିଦ୍ଧ ସ୍ମାରକ ତାଜମହଲକୁ ଦେଖି ଆସିବୁ, ଯାହା ପ୍ରେମର ପ୍ରତୀକ, ପରିଦର୍ଶନ କରିବା ସଂଗେ ସଂଗେ ଆଜିର ବିସ୍ତାରିତ ସମାଜ ଉପରେ ମଧ୍ୟ ନଜର ପକାଇ ଆସିବୁ ।

ବାପାଙ୍କୁ ଏକା ଛାଡ଼ି ଯିବା ପାଇଁ ଇଚ୍ଛା ନ ଥିଲେ ମଧ୍ୟ ବାପ, ପୁଅ, ନାତି ତିନିଙ୍କ କଥାରୁ ବାହାରି ପାରି ନ ଥିଲା ରଞ୍ଜିତା । ହେଲେ ବାପାଙ୍କ ଇଞ୍ଜେକସନ !!! ଡାକ୍ତର ସୌଭାଗ୍ୟ

ISSN NO.
2582-208X

ସ୍ଥିର କରିଥିଲେ, ସେମାନେ ବଡ଼ି ଭୋରୁ ଯାଇ ସଂଧ୍ୟା ସୁଦ୍ଧା ଫେରି ଆସିବେ । ଇଞ୍ଜେକସନ୍ ଦେବାପାଇଁ ଦୁଇଘଣ୍ଟା ବିଳମ୍ବ ହୋଇଗଲେ ଚଳିଯିବ । ବାପାଙ୍କୁ ଏକଲା ନ ଛାଡ଼ିବା ପାଇଁ ବନ୍ଦିତାକୁ ସେ ଦିନଟା ଘରେ ରହିବା ପାଇଁ ତାକୁ ଦିବ୍ୟାଙ୍ଗ ସଂସ୍ଥାରୁ ଘରକୁ ଦୁଇଦିନ ପାଇଁ ନେଇ ଆସିଥିଲେ ।

ରାଘବ ମଉସା ମୁହଁ ଖୋଲିଥିଲେ । କେତେଟା ବାଜିଲାରେ ମା' ! ଦେଖିଲୁ ଟି.ଭି ରେ କ'ଣ ଚାଲିଛି । ଏତେ ସମୟ ଜିତୁକୁ ଛାଡ଼ି ରହିବା ପାଇଁ ଅଭ୍ୟାସ ନାହିଁ ତ । କାହିଁକି କେଜାଣି ପାଗଳ ପରି ଲାଗୁଛି । ରାଘବ ମଉସାଙ୍କ ପାଖରେ ଭାତ ଥାଳିଟା ରଖିଦେଇ ଟିଭି ଚଳାଇଲା ବନ୍ଦିତା ।

ଦିଲ୍ଲୀ ଆଗ୍ରା ହାଇୱେରେ କାର୍ ଦୁର୍ଘଟଣା । ଏକ ଭାର ବାହୀ ଟ୍ରକ୍ ଚାପରେ ଗାଡ଼ିଟି ଭାଂଗି ଚୁରମାର ହୋଇଯାଇଛି । କାର୍ ଭିତରର ଯାତ୍ରୀ ମାନଙ୍କର ମୃତ୍ୟୁ । ପୋଲିସ ତଦନ୍ତ ଏକତ୍ର କରୁଛି ।

ଚମକି ପଡ଼ି ଭାତ ଥାଳି ଉପରୁ ହାତ ଉଠାଇନେଲେ ରାଘବ ମଉସା । ଥର ଥର ଗଳାରେ କହିଲେ ଗାଡ଼ି ନମ୍ବରଟା ପଢ଼ିଲୁରେ ମା' । ଗାଡ଼ିର ରଙ୍ଗଟା କଳା ନୁହେଁ ତ ! ମନକୁ ମନ କହି ଯାଉଥିଲେ, ଆଜି କାଲିକା ପିଲାଙ୍କୁ କିଏ ବୁଝାଇବ । ଶୁଭ ଅଶୁଭର ମାନେ ବୁଝନ୍ତିନି। ସୌଭାଗ୍ୟର ମା' ଥିବା ଯାକେ ଦିନରାତି ତାକୁ ଏଇ କଥା ବୁଝାଉଥିଲେ । କଳା ରଙ୍ଗଟା ଅଶୁଭରେ ବାପା । ଜାଣି ଜାଣି କାହିଁକି ଆମେ ସେ ଅଶୁଭ ରଙ୍ଗଟିକୁ ଆବୁରେଇବା । ରାଘବ ବାବୁଙ୍କର ଠିକ୍ ମନେ ଅଛି । ଗାଡ଼ି ମାଲିକ ମାନଙ୍କର ହଡ଼ତାଳ ଯୋଗୁ ବର ଯିବାପାଇଁ ଗୋଟିଏ କଳା ଗାଡ଼ି ଚଳାଉଥିବା ଡ୍ରାଇଭରଟି ରାଜି ହୋଇଥିଲା ମାତ୍ର । ହେଲେ ସୌଭାଗ୍ୟର ମା' ଅଡ଼ି ବସିଲେ, ଯେମିତି ହେଲେ ତୁମକୁ ଗୋଟିଏ ଧଳା ଗାଡ଼ିର ବ୍ୟବସ୍ଥା କରିବାକୁ ହେବ । କେବଳ ସେତିକି ନୁହେଁ, ଘରେ କାହାକୁ ବି କଳା ପରିଧାନରେ ଦେଖିଲେ ତାଙ୍କର ରକ୍ତ ଚାପ ବଢ଼ି ଯାଇଥାଏ । ସୌଭାଗ୍ୟ ତାଙ୍କୁ ବୁଝାଇଥାଏ । ତୁମକୁ ଥରେ ଆମେରିକା ନେଇ ଆମେରିକାନ୍ ପାର୍ଟି ଦେଖାଇ ଆଣିବି ମା । ଦେଖିବ ସେଠାରେ କଳା ରଙ୍ଗର କେଡ଼େ ମର୍ଯ୍ୟାଦା । ବାସ୍ତବକୁ ଆସିଲେ ରାଘବ ବାବୁ ।

ଭଲ ଭାବେ ଗାଡ଼ି ନମ୍ବରଟି ପଢ଼ି ନେଇଥିଲେ ମଧ୍ୟ ଉତ୍ତର ଦେଇଥିଲା ବନ୍ଦିତା, "ଗାଡ଼ି ନମ୍ବରଟି ଦେଖା ଯାଉନି ମଉସା । ଗାଡ଼ିଟି ଯାହାର ହେଉ ପଛକେ ଆମେ ସେମାନଙ୍କ ପାଇଁ

ISSN NO.
2582-208X

ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା । ଆସ, ମୁଁ ତୁମକୁ ଶୀଘ୍ର ଖୁଆଇ ଦେଉଛି । ତୁମର ଇଞ୍ଜେକସନ୍ ନେବା ବିଳମ୍ବ ହେଉଛି । ଆଠଟା ପୂର୍ବରୁ ଇଞ୍ଜେକସନ୍ ଲଗାଇଦେବା ପାଇଁ ଡାକ୍ତର ବାବୁ କହି ଯାଇଥିଲେ ।”

ତୁ ଇଞ୍ଜେକସନ ଲଗାଇବୁରେ ମା’ । ଏଇଟା ଇଣ୍ଟ୍ରାଭେନସ ।

ମୋ କୁନି ଭାଇକୁ ଡାକ୍ତର ବାବୁ ଲଗାଉଥିବା ଇଞ୍ଜେକସନ ଦେଖି ଦେଖି ମୁଁ ଶିଖି ଯାଇଛି ମଉସା । ଡାକ୍ତର ବାବୁ କହୁଥିଲେ ଏଇ ଇଞ୍ଜେକସନ ଦ୍ୱାରା ହିଁ ତୁମର ଯଥେଷ୍ଟ ଉପକାର ହେଉଛି । ତେଣୁ ତାହା ପ୍ରତି ବିଶେଷ ଧ୍ୟାନ ଦେବା କଥା । ବେଟାଇମ କରିବାଟା ଉଚିତ୍ ହେବନି ।

ରାତି ଦଶଟା ବାଜିଲା । ଚତୁର୍ଥୀ ଚାନ୍ଦ କେବେଠୁ ଡୁବି ଗଲାଣି । ବାହାରଟା ଅନ୍ଧାର ଆଉ ଖୁବ୍ ଅନ୍ଧାର । କାଠଟାଏ ଭଳି ବନ୍ଦିତା ରାଘବ ମଉସାଙ୍କ ପାଖରେ ବସିଥିଲା । ଆଖି ଦିଟା ସାମ୍ନା ଝରକା ଦେଇ ଲମ୍ବି ଯାଇଥିଲା ଗେଟ୍ ବାହାର ରାସ୍ତା ଆଡ଼କୁ । କେଉଁ ମୁହୂର୍ତ୍ତରେ ପୋଲିସ ଆସିପାରେ । ଅପଙ୍ଗ ରାଘବ ମଉସା । ଏଇ କେତେଦିନ ହେବ ଇଶ୍ୱରଙ୍କ ଦାନ ଭଳି ହାତ ଦୁଇଟା ଚାଲିବା ଆରମ୍ଭ କରିଦେଇଛି । ବୟସ ହେଲାଣି । ସେଦିନ ଡାକ୍ତର ବାବୁ କହୁଥିଲେ ମଉସାଙ୍କର ଛାତିରେ ବି କ’ଣ ଅସୁବିଧା ଅଛି । ଏମିତି ଏକ ଛାତିଫଟା ଖବର ଶୁଣି ତାଙ୍କର ନିଃଶ୍ୱାସ ବନ୍ଦ ନ ହୋଇଯାଉ । ଇଶ୍ୱରଙ୍କୁ ମନେ ମନେ ବହୁ ପ୍ରାର୍ଥନା କରୁଥିଲା ବନ୍ଦିତା । ରାଘବ ମଉସାଙ୍କ ଡାକରେ ସଂବିତ ଫେରି ପାଇଲା । କେତେଟା ବାଜିଲାରେ ମା ? ବାହାରେ ଟିକିଏ ଆଖି ପକାଇ ଦେଇ ଆସିଲୁ । ସୌଭାଗ୍ୟ କହିଥିଲା ଆଠଟା ଭିତରେ ଫେରି ଆସିବେ । ସବୁ କିଛି ଜଣା ଥିଲେ ମଧ୍ୟ ମଉସାଙ୍କର ହୁକୁମ ଅନୁସାରେ ଯନ୍ତ୍ରବତ୍ ବସିବା ସ୍ଥାନରୁ ଉଠି ବାହାର ଆଡ଼କୁ ଗଲା ବନ୍ଦିତା । ଛାତିରେ ଜମିଥିବା ସବୁତକ କୋହକୁ ଲୁହ ଆକାରରେ ବୁହାଇ ଦେଇ ଝରକା ପାଖରେ ସ୍ଥାଣୁବତ୍ ଛିଡ଼ା ହୋଇ ରହିଲା । ମାତ୍ର ବାର ତେର ବର୍ଷର ଝିଅଟି ବନ୍ଦିତା । ପିଲାଟି ଦିନରୁ ମାତା ପିତାଙ୍କୁ ହରାଇଥିବା ବନ୍ଦିତା । ଏଇ ରାଘବ ମଉସାଙ୍କର ପୁଅ ଡାକ୍ତର ବାବୁ ତା’ ପାଇଁ ଗୋଟିଏ ଦିବ୍ୟାଙ୍ଗ ସେବାଶ୍ରମରେ ବ୍ୟବସ୍ଥା କରି ଦେଇଥିଲେ । ସେଇ ଡାକ୍ତର ବାବୁ ତା’କୁ ଦୁଇଦିନ ପାଇଁ ବାପାଙ୍କ ପାଖରେ ରହିବା ପାଇଁ ଆଶ୍ରମରୁ ନେଇ ଆସିଛନ୍ତି । ନିଜେ ପଚାରି ଉଚାରି ତ ଆଶ୍ରମକୁ ଚାଲିଯିବ । ହେଲେ ଏତେବଡ଼ ସହରଟାରେ ଜଣେ ଅପାହିଜ ମଣିଷକୁ ଛାଡ଼ି କୁଆଡ଼େ ଯିବ ? ଏ ସହରରେ ତାକୁ କିଏ ବା ଜାଣିଛି ! ଗାଁ ହୋଇଥିଲେ

ISSN NO.
2582-208X

କଥା ନିଆରା ଥାନ୍ତା । ପୁଣି ଚମକି ଉଠିଲା ବନ୍ଦିତା । ଯୋଉ ଝିଅଟାକୁ ଛୋଟୀ ବୋଲି କହି ଘରେ ବାହାରେ ଗାଁରେ ତାର ଥଟ୍ଟା ତାମସା କରୁଥିଲେ, ସେମାନେ କ'ଣ ଗୋଟାଏ ସଂପୂର୍ଣ୍ଣ ଅପାହିଜ ମଣିଷଟିକୁ ଜୀଇଁବାକୁ ଦେବେ ! ରାଘବ ମଉସାଙ୍କୁ ଜୀଅନ୍ତା ମାରି ଦେବେନି ତ ! ତେବେ କ'ଣ ମଉସା ସିଏ ରହୁଥିବା ସେବାଶ୍ରମରେ ରହିବେ ! ହେଲେ ତା ପାଇଁ ସିନା ଡାକ୍ତର ବାବୁ ବ୍ୟବସ୍ଥା କରି ଦେଇଥିଲେ । ମଉସାଙ୍କ ପାଇଁ କିଏ କରିବ ?

ହେ ଭଗବାନ ମତେ ବୁଦ୍ଧି ଦିଅ ।

କ'ଣ ହେଲାରେ ମା ? ଭଗବାନଙ୍କୁ କାହିଁକି ନିଦରୁ ଉଠାଉଛୁ ! ଡର ଲାଗୁଛି କି ? ଆ, ଏଇଠିକି । ମୋ ପାଖରେ ବସ । ସୌଭାଗ୍ୟର ଫୋନ୍ ଆସିଲା କି ! ରାସ୍ତାରୁ ଭିଡ଼ ଭାଂଗିଲାଣି ?? ସବୁତକ ଛାତିର କୋହକୁ ଲୁହ ରୂପେ ନିଗାଡ଼ି ଦେଇ ଗୋଟାଏ ଶୂନ୍ୟ ମସ୍ତିଷ୍କ ନେଇ ରାଘବ ମଉସାଙ୍କ ପାଖକୁ ଆସିଲା ବନ୍ଦିତା ।

କ'ଣ ହେଲାରେ ମା', ଏମିତି ମୁହଁଟା ଶୁଖାଇଛୁ ଯେ ।

ମତେ ବଡ଼ ଜୋରରେ ନିଦ ଆସିଲାଣି ମଉସା । ଡାକ୍ତରବାବୁଙ୍କ ଫୋନ୍ ଆସିଥିଲା । ଦିଲ୍ଲୀ ଆଗ୍ରା ରୋଡ଼ରେ ସଡକ ଦୁର୍ଘଟଣାକୁ ନେଇ ଜାମ୍ ଲାଗିଛି । ଘରେ ପହଞ୍ଚିବା ବେଳକୁ ବହୁ ରାତି ହୋଇପାରେ । ତୁମକୁ ଗରମ କ୍ଷୀର କପେ ପିଆଇ ଦେଇ ଶୁଆଇ ଦେବା ପାଇଁ କହିଲେ ।

ହଉରେ ମା, ଆଣି ଦେ । ତୁ ବି କ'ଣ ଗଣ୍ଡାଏ ଖାଇ ଶୋଇପଡ଼ ।

ଦାଣ୍ଡ ବାରଣ୍ଡାକୁ ଲାଗିଥିବା କୋଠରିଟିରେ ଥିବା ଦିବାନ୍ ଖଣ୍ଡିକ ଉପରେ ନିଜକୁ ଲୋଟାଇ ଦେଇଥିଲା ବନ୍ଦିତା । ଆଖି ବନ୍ଦ କରି ଶୋଇବା ପାଇଁ ପ୍ରଚେଷ୍ଟା କରୁଥିଲେ ମଧ୍ୟ ହାର ମାନୁଥିଲା । ରାତି ଦୁଇଟା । ଟେଲିଫୋନ ବାଜିବା ଶବ୍ଦରେ ରିସିଭର ଉଠାଇବାକୁ ଗଲା । ଫୋନ୍ ଶବ୍ଦଟା ମଧ୍ୟ କେମିତି ଏକ ଅବାଗିଆ ଶୁଣା ଯାଉଥିଲା । ପିଲାଳିଆ ମନ ନେଇ କହି ଉଠିଲା, "ଦୁଃଖରେ ଜର୍ଜରିତ ହୋଇ ଫୋନ୍ ଖଣ୍ଡିକ ମଧ୍ୟ ବୁକୁ ଫଟାଇ କାନ୍ଦୁଛି ।" ରିସିଭର ଉଠାଇଲା । ଅପର ପଟୁ ଶୁଣା ଯାଉଥିଲା, "ତେଜ ରଫ୍‌ତାର ଟ୍ରକ୍ ନେ କାର୍‌କୋ ମାରୀ ଟକ୍- କର, ତିନ୍ କୀ ମୌତ । ଏକ୍ ମହିଳା ଯାତ୍ରୀ ଘାୟଲ ।"

ISSN NO.
2582-208X

ନିଜ ଅଜାଣତରେ ବନ୍ଦିତା ମୁହଁରୁ ବାହାରିଗଲା, "ଦିଦି" । ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ପ୍ରାର୍ଥନା କଲା । ଯାହା ଅଘଟଣ ଘଟାଇଲ ତାକୁ ତ ଆଉ ଲେଉଟାଇ ପାରିବାନି। ଦିଦିଙ୍କୁ ସୁସ୍ଥ ରଖ ।

ହ୍ୟାଲୋ....... ହ୍ୟାଲୋ....... ଶୁନାଇ ଦେ ରହା ହୈ । ମୈ ସୁଭାରତୀ ହସ୍ପାତାଲ, ମେରଟ୍ ସେ ବୋଲ୍ ରହା ହୁଁ । ରଞ୍ଜିତା ଦେବୀ ଅବ୍ ଠିକ୍ ହୈ । ଆପ୍ ଆ କର ଉନ୍ହେ ଘର ଲେ ସକତେ ହୈ ।

ମୁଁ ତାଙ୍କ ଝିଅ ବନ୍ଦିତା କହୁଛି । ଭାଇର କ'ଣ ଜରୁରୀ କାମ ଥିଲା ବୋଲି ବାପା ମା' ତାକୁ ଆଗ୍ରା ନେଇ ଯାଇଥିଲେ । ମୋର ବୟସ ମାତ୍ର ବାର ବର୍ଷ । ଘରେ ଆଉ କେହି ନାହାଁନ୍ତି । ମା'କୁ ଆଣି ଘରେ ଛାଡ଼ି ଯାଅ । ତୁମୁକୁ ହାତ ଯୋଡୁଛି । ତୁମ ପାଦ ଧରୁଛି । ଏତେ ବଡ଼ ଘରଟାରେ ମତେ ବଡ଼ ଡର ଲାଗୁଛି । ବଡ଼ ବାପାଙ୍କ ପାଖରେ ଖୁବ୍ ପଇସା ଅଛି । ବଡ଼ ବାପା ବହୁତ ଭଲ । ତୁମ, ଭଡ଼ା ନିଶ୍ଚେ ଛିଡ଼ାଇ ଦେବେ । ଏବେ ମୋ ମା'କୁ ଆଣି ଘରେ ଛାଡ଼ିଦିଅ । ଫୋନ୍ କରିଥିବା ମଣିଷଟି ଝିଅଟିର କଥା କିଛି ଭଲରେ ବୁଝି ପାରିଲାନି ସତ ମାତ୍ର ତା ଭିତରର ମନୁଷ୍ୟତା ଜାଗି ଉଠିଥିଲା । ରାତା ରାତି ରଞ୍ଜିତାକୁ ଗାଡ଼ିରେ ଆଣି ତା ଘର ଫାଟକ ପାଖରେ ପହଞ୍ଚିଲା । ଆମ୍ବୁଲାନ୍ସଟି ପାଖରେ ନାହିଁ ନ ଥିବା ଭିଡ଼ । ଘର ଦୁଆର ଖୋଲି ଦଉଡ଼ି ଗଲା ବନ୍ଦିତା । ରଞ୍ଜିତାକୁ କୁଣ୍ଢାଇ ଧରି ଭୋ ଭୋ ହୋଇ କାନ୍ଦି ଉଠିଲା । ବନ୍ଦିତାର ହାତ ଧରି ଘର ଭିତରକୁ ପଶିଲା ରଞ୍ଜିତା ।

(((-)))

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# କୋଠ ଭୋଗ ଖିଆ



ସିନ୍ଧୁ ନନ୍ଦିନୀ

କୋଠ ଭୋଗଖିଆ ହେ ଚକାଆଖିଆ
ହେ ପ୍ରଭୁ କଳାଗୋସାଇଁ
ଛାଇ ପରି ସଦା ପାଖେ ରହି ଥାଅ
ଏତିକି ମାଗୁଛି ମୁହିଁ

ତୁମ ଇଶାରାରେ ସବୁ କିଛି ହୁଏ
ହେ ଜଗତ ଗୋସାଇଁ
କୃପା କର ପ୍ରଭୁ ତବ ଦରଶନ
ନିତି ପାଉଥାଏ ମୁହିଁ

ଲୋଭ ମୋହମାୟା ଫାଶରେ ମୁଁ ବନ୍ଧା
ଆଖି ଥାଇ ଅନ୍ଧ ମୁହିଁ
ଅତି ଅସହ୍ୟ ଏହି ସଂସାରେ କଠିନ
ଜୀବନ ବଞ୍ଚିବା ପାଇଁ

ସିନ୍ଧୁ ସୁତା ପତି ମୋହନ ମୁରତି
ସାଥେ ସଦା ଥାଅ ରହି
ତବ ବନ୍ଧନରେ ବାନ୍ଧି ଦିଅ ମତେ
ଗୁହାରି କରୁଛି ମୁହିଁ

ISSN NO.
2582-208X

କ୍ଷୁଦ୍ର ଏ ଜୀବନ ହୋଇଯାଉ ଲୀନ
ତୁମ ନାମ ଗାଇ ଗାଇ
ସଂସାର କଷଣ ଅସହ୍ୟ ଭୀଷଣ
ତୁମେ ସବୁ ଜାଣ ସାଇଁ

ସଂସାର ସାଗରେ ଭାସୁଅଛି ମୁହିଁ
ନିନ୍ଦା ଅପବାଦ ପାଇ
ତୁମେ ନ ଶୁଣିଲେ ଆଉ କାହା ଆଗେ
ଗୁହାରି କରିବି ମୁହିଁ

ଆଶା ଓ ଭରଷା ପ୍ରଭୁ ତୁମେ ଏକା
ଅପଣାର କେହି ନାହିଁ
ସବୁ ଦୁଃଖ ଶୋକ ପୋଛି ଦେବ ବୋଲି
ଆଶାରେ ବସିଛି ମୁହିଁ

ଚଉବାହା ସଦା ଖୋଲା ରଖିଥାଅ
ଦୁଃଖ ମୋ ରହିବ ନାହିଁ
ଭାବର ଡୋରିରେ ବାନ୍ଧି ରଖିଥାଅ
ଧନ୍ୟ ହେବି ଭାବଗ୍ରାହୀ

(((–)))

ଭୁବନେଶ୍ୱର

ISSN NO.
2582-208X

# ଗୁଲ ଫେରିଯିବା



ପୂଜାରାଣୀ ସେଠୀ

ଚାଲ ଭାଗ କରିଦେବା ଏ ବିସ୍ତୀର୍ଣ୍ଣ ପୃଥିବୀକୁ
ଅଲଗା ହେଇଯିବ ତୁମେ ଆଉ ତୁମ ଦୁନିଆ
ତୁମେ ଭୁଲିଯିବ ସେ ଶେଷ ସୂର୍ଯ୍ୟାସ୍ତ ଆଉ ନୂଆ ସନ୍ଧ୍ୟା ମାନଙ୍କୁ...
ହେଲେ ମତେ ମନେ ରଖିବାକୁ ଦେବ
ତୁମ ବିଶ୍ୱାସ, ପ୍ରେମରେ ମିଠା ଯନ୍ତ୍ରଣା ମାନଙ୍କୁ ।....

କିଛି ଗୋଟେ ମନଛୁଆଁ କରିବାକୁ ହେଲେ
ଏ ଦୁଃଖ ମାନେ ଅଳି ବସନ୍ତି
ଚାଲ ଭାଗ କରିଦେବା ଏ ଦୁଃଖ ଆଉ ସୁଖ ମାନଙ୍କୁ
ତୁମେ ସବୁ ସୁଖ ନେଇ ହସୁଥିବ ମୋ କାହାଣୀରେ
ମୁଁ ସବୁ ଦୁଃଖ ନେଇ ଅଧା କବିତାଟେ ହେଉଥିବି ତୁମ ଜୀବନରେ। ...

ଚାଲ ଭାଗ କରିଦେବା ସେ ବିଶ୍ୱାସ ମାନଙ୍କୁ
ତୁମକୁ ବିଶ୍ୱାସ କରିବା ପରେ ଯନ୍ତ୍ରଣା ସବୁ ମୋର ହେବେ
ବିଶ୍ୱାସକୁ ନେଇ ତୁମେ ପ୍ରେମର ସାନିଧ୍ୟ ଗଢ଼ିବ
ଗଢ଼ିବ ତୁମର ଉଆସ ଆଉ ଅଟ୍ଟାଳିକାମାନ ।...

ସକାଳ ହେବା ଆଗରୁ ଧୀରେ ଧୀରେ ସ୍ୱପ୍ନ ସବୁ ଭାଙ୍ଗି ଯିବେ
ସ୍ୱପ୍ନ ସହ ମତେ ବି ଭାଙ୍ଗିଯିବାକୁ ଦେବ

ISSN NO.
2582-208X

ତୁମେ କିନ୍ତୁ ନୂଆ ସ୍ୱପ୍ନ ନେଇ ସହରରେ ନୂଆ ଠିକଣା ଖୋଜିବ
ଆଖିରେ ଥିବା ସେ ଅତୀତକୁ ମାରି ଦେଇ
ନିଜର କରିନବ ବର୍ତ୍ତମାନ ଆଉ ଭବିଷ୍ୟତ ଗୁଡ଼ାକୁ ।...

ଚାଲ ଆଉଥରେ ଅଜଣା ହୋଇ ଆଙ୍କି ହେବା ସେ ଗଳ୍ପ ଗୁଡିକରେ
ହେଲେ ଗଳ୍ପ ଉପନ୍ୟାସରେ ଚରିତ୍ରକୁ ରୂପ ଦେଉଥିବା ସେ କଲମ
କଣ ଲେଖିପାରିବ ଭାଗ୍ୟ ଆଉ ଭବିଷ୍ୟ
ତଥାପି ମୁଁ ଭରସା ରଖିବି ସେ କଲମ ଉପରେ
ଭାଗ୍ୟ ନହେଲା ନାହିଁ ତୁମ ସହ ସେ ଭାବିଷ୍ୟତକୁ ରଙ୍ଗ ଭରିବାରେ ।...

ଚାଲ ଆଉଥରେ ବୁଣି ହୋଇଯିବା କାକର ବୁନ୍ଦା ହୋଇ
ସେ କଅଁଳ ଘାସରେ ।..
ରାତିରେ ଫୁଟି ସକାଳେ ଝଡ଼ିବାକୁ ହେଲେ ବି
ମହକୁ ଥିବା ସେ ଗଙ୍ଗ ସିଉଳିର ବାସ୍ନାରେ
ଫେରି ଆସୁଥିବା ପ୍ରତ୍ୟେକ ଚିନ୍ତା ଆଉ ଚେତନାରେ ।...

(((-)))

ଅନ୍ଧାରୀ, ଆବୁଲପୁରା, ଯାଜପୁର

ISSN NO.
2582-208X

# ଭାରତୀୟ ସଂସ୍କୃତିରେ ଓଡ଼ିଆ ଭାଗବତର ମୂଲ୍ୟବୋଧ



ଡ଼. ଗୁରୁପ୍ରଭା ନାୟକ

ସଂକ୍ଷିପ୍ତ ସାର:

ଭାରତ ବର୍ଷ ହେଉଛି ମୁନିଋଷି, ସାଧୁ ସନ୍ଥ ମାନଙ୍କ ଦେଶ । ଭାରତୀୟ ସଂସ୍କୃତି ହୋଉଛି ଏକାଧାରରେ ପ୍ରାଚୀନ ଓ ମହାନ ନୈତିକତା, ଧାର୍ମିକତା ସର୍ବୋପରି ଆଧ୍ୟାତ୍ମିକତାରେ ଏହାର ପରିପ୍ରକାଶ । ଆମର ପ୍ରାଚୀନ ସଂସ୍କୃତି ଥିଲା ମାନବିକ ସଂସ୍କୃତି (Humanistic culture) । ବର୍ତ୍ତମାନର ସଂସ୍କୃତି ହୋଉଛି ବ୍ୟକ୍ତି ସ୍ୱାତନ୍ତ୍ର୍ୟ ମୂଳକ ସଂସ୍କୃତି । ଯାହାକୁ ସବୁବେଳେ ଦାର୍ଶନିକମାନେ ଅସ୍ତିତ୍ୱବାଦ କହିଛନ୍ତି । କିନ୍ତୁ ଭାରତବର୍ଷରେ ମଣିଷ ଜୀବନ ଅତି ପ୍ରାଚୀନ କାଳରୁ ଅମରତ୍ୱ ସନ୍ଧାନରେ ଗତିଶୀଳ । ଭାରତୀୟ ସଂସ୍କୃତି ଆଧ୍ୟାତ୍ମିକତାର ନିତ୍ୟ ସମ୍ପର୍କ ରହିଛି । ଏହି ସଂସ୍କୃତିର ସବୁଠାରୁ ବଡ଼ କଥା ହୋଉଛି ଧର୍ମୀୟ ଜୀବନଧାରଣ, ଧର୍ମ ସେବା ପୂଜାକୁ ପ୍ରତ୍ୟେକ ଭାରତୀୟ ମର୍ଯ୍ୟାଦା ଦେଉଛନ୍ତି । ଧର୍ମ ଭିତରେ ଜୀବନକୁ ଦେଖିବା ଓ ଜୀବନକୁ ବିଶ୍ୱର ସେବାରେ ସମର୍ପଣ କରିବା ହୋଉଛି ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ । ଭାଗବତ ଅତ୍ୟନ୍ତ ଲୋକପ୍ରିୟ ମହାପୁରାଣ ଏଥିରେ ସନ୍ଦେହ ନାହିଁ । ସମସ୍ୟା ବହୁଳ ସମାଜରେ ଯେତେବେଳେ ନୈତିକତା ଓ ଆଧ୍ୟାତ୍ମିକତାର ପତନ ଘଟିଛି ସେତେବେଳେ ଭାଗବତ ଅଧ୍ୟୟନ ଓ ପ୍ରଚାରର ଯଥେଷ୍ଟ ଆବଶ୍ୟକତା ରହିଛି । ଭାରତୀୟ ଧର୍ମ ଆନ୍ଦୋଳନରେ ଷୋଡଶ ଖ୍ରୀଷ୍ଟାବ୍ଦ ଅତ୍ୟନ୍ତ ମୂଲ୍ୟବାନ ମନେ ହୋଇଥାଏ । ଭାରତୀୟ ସାହିତ୍ୟ ସଂସାରରେ ଭାଗବତ ଏକ ଦୁର୍ଲଭ ଗ୍ରନ୍ଥ । ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ଜାତିର ଜୀବନ ବେଦ । ଏହାକୁ ଓଡିଶାର ଲୋକେ ସ୍ୱୟଂ ଜଗନ୍ନାଥ ଓ ବାସୁଦେବ ରୂପେ ଉପାସନା କରନ୍ତି । ପୃଥିବୀ ସାହିତ୍ୟରେ

ISSN NO.
2582-208X

ମଧ୍ୟ ଏପରି ଗ୍ରନ୍ଥର ତୁଳନା ନାହିଁ । ଏକା ଧାରାରେ ଏହା ଧର୍ମ ଗ୍ରନ୍ଥ, ସାହିତ୍ୟ ଗ୍ରନ୍ଥ ଓ ଜୀବନ ଗ୍ରନ୍ଥ ରୂପେ ପ୍ରତିଷ୍ଠା ଲାଭ କରିଛି । ଜ୍ଞାନ ଭକ୍ତି ଓ କର୍ମର ଏହା ଏକ ଅପୂର୍ବ ଗ୍ରନ୍ଥ ।

ଜୀବନ ପ୍ରତି ଏହାର ଅଛି ଶାଶ୍ୱତ ନୀତି ଓ ଉପଦେଶ ଆଲୋଚ୍ୟ ପ୍ରସଙ୍ଗରେ ଆମେ ଆମର ସଂସ୍କୃତି ସହ ଭାଗବତର ସମ୍ପର୍କ କଣ ଏବଂ ଏଥିରେ ଥିବା ନୀତିବାଣୀ ସହ ନିତ୍ୟ ଜୀବନରେ ଏହାର କାହିଁକି ଆବଶ୍ୟକତା ଉପରେ ଅଲୋଚନା କରାଯିବ ।

ଭାଗବତ ହେଉଛି ଏକ ଆଧ୍ୟାତ୍ମିକ ଓ ଦାର୍ଶନିକ ଭାବ ସମ୍ବଳିତ କାବ୍ୟଗ୍ରନ୍ଥ ଏବଂ ଏକ ଶ୍ରେଷ୍ଠ ପୁରାଣ । ଅଷ୍ଟାଦଶ ପୁରାଣ ମଧ୍ୟରୁ ଏହା ଅନ୍ୟତମ । ସଂଜ୍ଞା ଓ ସ୍ୱରୂପ ଭିତ୍ତିରେ ଏହାମଧ୍ୟ ଏକ ଶ୍ରେଷ୍ଠ ମହାକାବ୍ୟ । ପ୍ରାଚ୍ୟ ଓ ପଶ୍ଚାତ୍ୟ ଆଲୋଚକ ଗଣ ମହାକାବ୍ୟର ଯେଉଁ ସଂଜ୍ଞା ନିର୍ଦ୍ଦେଶ କରିଛନ୍ତି ସେ ଅନୁଯାୟୀ ଜଗନ୍ନାଥ ଦାସଙ୍କ ଭାଗବତରେ ସେ ସବୁ ଲକ୍ଷଣ ଦେଖାଯାଇଛି। ସର୍ଗଷ୍ଟ ପ୍ରତିସର୍ଗଷ୍ଟ, ସୃଷ୍ଟିର ପ୍ରକ୍ରିୟା ବିଲୟ, ବିଭିନ୍ନ ରାଜବଂଶର ବର୍ଣ୍ଣନା । ସନ୍ଧ୍ୟା ପ୍ରଭାତ, ସୂର୍ଯ୍ୟ ଚନ୍ଦ୍ରର ବର୍ଣ୍ଣନା। ସାଧୁ ସ୍ତୁତି, ଖଳନିନ୍ଦା ଏବଂ ଧର୍ମ, ଅର୍ଥ, କାମ, ପାଇଁ ଏହା ଅଭିପ୍ରେତ । ଏଣୁ ଏହାକୁ ମହାକାବ୍ୟର ମାନ୍ୟତା ଦିଆ ଯାଇଛି । ଭାରତୀୟ ପୁରାଣ ସଂସ୍କୃତି ହଉ କିମ୍ବା ଓଡ଼ିଆ ସାହିତ୍ୟର ଇତିହାସ ଭାଗବତ ହୋଉଛି ଜ୍ଞାନ, ଭକ୍ତି, ଓ କର୍ମର ମଧୁର ମିଳନ । ଯାହାକୁ ଆମ ଓଡ଼ିଆ ସଂସ୍କୃତିରେ ଲୋକମାନେ ଦେବତା ରୂପେ ଏହି ମହାଗ୍ରନ୍ଥ କୁ ପୂଜା କରୁଛନ୍ତି । ଜନସାଧାରଣଙ୍କ ଜୀବନଧାରାରେ ମଧ୍ୟ ଏହାର ପ୍ରଭାବ ପଡିଛି ମୃତ୍ୟୁଶଯ୍ୟା ସମୟରେ ୟାକୁ ପଢିକି ଶୁଣାଇ ଦିଆଯାଉଥିଲା। ପିଲାଟେ ଜନ୍ମ ହେଲେ ଦ୍ୱାଦଶ ରାତ୍ର ଯାଏଁ ଭାଗବତ ପଠନ କରାଯାଏ । ଆଧ୍ୟାତ୍ମିକ ଜୀବନର ଗଠନ ଓ ନିୟନ୍ତ୍ରଣରେ ଭାଗବତ ଏକ ମୁଖ୍ୟ ଭୂମିକା ଥିଲା ।

ଗ୍ରାମ୍ୟ ବିବାଦ ଓ କଳିକନ୍ଦଳ ବେଳେ ଭାଗବତକୁ ହିଁ ସାକ୍ଷୀ ରଖାଯାଉଥିଲା । ସେଭଳି ଭାଗବତ ପାଠ ବା ଶ୍ରବଣ ପାଇଁ କିଛି ପ୍ରତିବନ୍ଧକ ନଥିଲା । ଜାତି ଧର୍ମ ନିର୍ବିଶେଷରେ ବ୍ରାହ୍ମଣ ଠାରୁ ଚଣ୍ଡାଳ ଯାଏଁ ସମସ୍ତେ ଏହା ଶୁଣୁଥିଲେ । ଭାଗବତର ପ୍ରତି କ୍ଷେତ୍ରରେ ରହିଛି ନୀତିବାଣୀ ଓ ଉପଦେଶ, ଯଦ୍ୱାରା ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚତୁର୍ବର୍ଗ ଫଳ ପ୍ରାପ୍ତି ଭାଗବତ ରୁ ହିଁ ମିଳେ । ସାମାଜିକ ଜୀବନର ସଫଳତା ପାଇଁ ଦୟା କ୍ଷମା ଶାନ୍ତି ଦାନଶୀଳ ସବୁ ଉପରେ ଗୁରୁତ୍ୱ ଦେଇଛନ୍ତି।

ଭାଗବତ ଏକ ବିଲକ୍ଷଣ ଗ୍ରନ୍ଥ । ରାମାୟଣ, ମହାଭାରତ, ବେଦବେଦାନ୍ତ ଆଦିର ପ୍ରଭାବ ଲକ୍ଷ କରାଯାଏ । ବର୍ତ୍ତମାନ ଭାଗବତର ସେହି ପଦାବଳି, ନୀତିବାଣୀ । ବର୍ତ୍ତମାନ ସେହି

ISSN NO.
2582-208X

ଭାଗବତର କିଛି ଅମୃତ ପଦାବଳୀ, ନୀତି ଉପଦେଶର କିଛି ଦୃଷ୍ଟାନ୍ତ ଅଲୋଚନା କରାଗଲା।

ଯାହାକୁ ରଖିବେ ଅନନ୍ତ, କେ କରି ପାରେ ବଳବନ୍ତ ।
ମଣିଷର ଭଲମନ୍ଦ ବାଣୀ, ମରଣ କାଳେ ତା ଜାଣି ।
ଦଣ୍ଡିବା ଶକ୍ତି ଯାର ଥାଇ, ସେ ପୁଣି କ୍ଷମା ଆଚରଇ ।
ଅମୃତ ବିନୟ ବଚନ, କହି ତୋଷିବ ପ୍ରାଣୀମନ।
ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।
ଆପଣା ହସ୍ତେ ଜିହ୍ୱା ଛେଦି, କେ ତାର ଅଛି ପ୍ରତିବାଦୀ ।
ଧନ୍ୟ ଜୀବନ ଯେ ଜଗତେ, ଯେ ପ୍ରାଣଧରେ ପରହିତେ ।
ଯହିଁ ଅନେକ ସଙ୍ଗ ମିଳି, ଅବଶ୍ୟ ଉପୁଜଇ କଳି ।
ଦୁର୍ଲ୍ଲଭ ମଣିଷ ଶରୀର, ସ୍ୱଭାବେ ଅନିତ୍ୟ ସଂସାର ।
ସତ୍ୟ ଉପରେ ଧର୍ମ ନାହିଁ, ଏ କଥା ଶାସ୍ତ୍ର ଅଛି କହି ।

## ଉପସଂହାର :

ଲାଗବତ ସତ୍ୟକୁ ହିଁ ବ୍ରହ୍ମ ଭାବରେ ପରିକଳ୍ପନା କରାଯାଇ ପ୍ରଥମେ ଏହାର ବର୍ଣ୍ଣନା କରାଯାଇଛି ଯେ ବିଶ୍ୱରେ ଯେପର୍ଯ୍ୟନ୍ତ ସତ୍ୟର ଅସ୍ତିତ୍ୱ ଥିବ, ସେପର୍ଯ୍ୟନ୍ତ ଭାଗବତ ର ପ୍ରଚାର ଅବ୍ୟାହତ ରହିବ। ଏବଂ ସତ୍ୟ ହୋଉଛି ନିତ୍ୟବିରାଜମାନ ଚିରନ୍ତନ ତତ୍ତ୍ୱ । ଭାଗବତ ପୁରାଣ ହୋଉଛି ମହାପୁରାଣ । ବେଦବେଦାନ୍ତର ସମସ୍ତ ନିର୍ଯ୍ୟାସ ଏହି ଗ୍ରନ୍ଥରେ ରହିଥିବାରୁ ଏହାକୁ ଆଧ୍ୟାତ୍ମିକ ଗ୍ରନ୍ଥ ବୋଲି କୁହାଯାଏ । ବିଦ୍ୱାନମାନଙ୍କର ବାସ୍ତବ ଜ୍ଞାନ ପରୀକ୍ଷା କରିବା ନିମନ୍ତେ ଶ୍ରୀମଦଭାଗବତ ହିଁ ଏକ କଷଟିପଥର । ଏଥିରେ ବୈଷ୍ଣବ ଦର୍ଶନ ଓ ତତ୍ତ୍ୱ ବିଷଦ ଭାବରେ ଅଲୋଚିତ ହୋଇଛି ଯାହା ଆଗାମୀ ପିଢି ପାଇଁ ମଧ୍ୟ ଉପାଦେୟ ହୋଇପାରିବ।

ଯୁଗ ଯୁଗ ଧରି ଏହା ଆବାଳ ବୃଦ୍ଧ ବନିତାଙ୍କ ହୃଦୟକୁ ଦିବ୍ୟ ଆଧ୍ୟାତ୍ମଚେତନାର ଅମୃତମୟ ରସରେ ବାନ୍ଧିରଖିପାରିବ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ :

ପଟ୍ଟନାୟକ ପଠାଣି, ଓଡ଼ିଆ ସାହିତ୍ୟର ଇତିହାସ, ବିନୋଦ ବିହାରୀ କଟକ ।

ଶତପଥୀ ହରେକୃଷ୍ଣ, ସଂସ୍କୃତ ସାହିତ୍ୟର ଇତିହାସ, କିତାବ ମହଲ, କଟକ ।

ମହାରଣା ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ, ଓଡିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ ।

କର ବାଉରୀବନ୍ଧୁ, ଓଡ଼ିଆ ସାହିତ୍ୟର ଇତିହାସ, ଫ୍ରେଣ୍ଡସ ପବ୍ଲିକେସନ ।

ପାଣିଗ୍ରାହୀ ସୁରେଶ ଚନ୍ଦ୍ର ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ଇତିହାସ, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର ।

(((-)))

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ,
ପାରଳାଖେମୁଣ୍ଡି, ଗଜପତି
Mob – ୭୬୮୨୮୩୯୦୦୮
E-Mail-drcharuprabha@gmail.com

ISSN NO.
2582-208X

# ସ୍ମାର୍ଟ ଫୋନ୍



ଚିତ୍ତରଞ୍ଜନ ବେହେରା

ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ପୋଷ୍ଟ କାର୍ଡ ଏନଭୋଲପ୍ ଚିଠି ଯୁଗ ଶେଷ ହେଲାରେ ?
ଇନଷ୍ଟାଗ୍ରାମ, ଫେସବୁକ୍ ରେ ଚାର୍ଟ ଚାଲେରେ ।
ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ଇଂରାଜୀ ରେ ବାର ବାର ଫେଲ ପିଲା ଏଠି
ଇଂରାଜୀ ଅବଧାନ ଦେଖି କହେ ମୋତେ ସବୁ ଶବ୍ଦ ଅର୍ଥ ଜଣାରେ ।
ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ଟିଭି ଦୋକାନରେ ବିକ୍ରି କମି ଗଲାରେ
ରେଡିଓ କଥା ନ କହିବା ଭଲରେ !
ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ଅନ୍ଧାରରେ ଆଲୁଅ ବ ଦିଏରେ
ମହମବତୀ, ଲଣ୍ଠନ କାମ ବି କଲାରେ
ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
କାଗଜ କଲମ କାମ ବି କଲାରେ
ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ପିଲାମାନେ ଶାରୀରିକ ଖେଳ କୁଦ ଭୁଲି ଗଲେରେ
ଅନଲାଇନ ଗମେ ଫି ଫାୟାର, ପବ୍ ଜୀ
ଖେଳି ପାଗଳ ଏଠି ସଭିଏରେ ।

ISSN NO.
2582-208X

ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ମାଆ ଡାକେ ପୁଅ ଖାଇଦେ ଖାଇଦେ
ଦେହ ଖରାପ ହେବାରେ
ପୁଅ ତ ଏଠି ସୋସିଆଲ ମିଡିଆ ରେ ବେସ୍ତରେ ।
ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ଗୁରୁମା ଗୁରୁଜୀ ଶିକ୍ଷା ଦାନ କାମ କଲାରେ
ୟୁଟ୍ୟୁବରେ ପାଠ ପଢା ହେଲାରେ ।
ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ସାଙ୍ଗସାଥୀ ଗୁଲିଖଟି ବନ୍ଦ କଲାରେ

ଏ କି ସ୍ମାର୍ଟ୍ ଫୋନ୍ ଯୁଗ ହେଲାରେ
ସକାଳୁ ସଞ୍ଜ ସଞ୍ଜ ରୁ ସକାଳ
ଆମେ ତା ସାଥେ ।

(((-)))

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟ

ISSN NO.
2582-208X



# ଯୁଦ୍ଧ ପରେ ମଧ୍ୟ ଯୁଦ୍ଧ



ରବି ବଗର୍ତ୍ତୀ

ଆଜି ମଧ୍ୟ ଖୁସି ସେହି ଚିଠିଟିକୁ ହାତରେ ଧରି ବସିଛି। ପତ୍ରଟି ପୁରୁଣା ହୋଇଯାଇଛି, କାଗଜର କୋଣଗୁଡ଼ିକ ଛିନ୍ନଭିନ୍ନ, ଏବଂ ସେଥିରେ ପଡ଼ିଥିବା ଲୁହର ଦାଗଗୁଡ଼ିକ ଶୁଖିଯାଇଥିଲେ ମଧ୍ୟ ମନେପକେଇ ଦିଏ ୧୦ବର୍ଷ ତଳର କଥା ।

"ଖୁସି, ଯଦି ମୁଁ ନ ଫେରେ ଗାଁ କୁ ..."ଏହି ଏକ ଲାଇନ୍‌ରେ ସେ ଅଟକିଯାଏ। ଆଖି ଧୁସରିଯାଏ ଆଖିଆଗରେ ନାଚିଉଠେ ଏବଂ ସେଠାରୁ ଆରମ୍ଭ ହୁଏ ତା'ର ହଜେଇ ଥିବା ଅଫେରା ମଣିଷର ସ୍ମୃତି...।

ସେହି ଦିନଟି ନୁଆଁଖାଇ ସରି ନୁଆଁଖାଇ ବାସି ମନାଯାଉଥାଏ ହେଲେ ଖୁସିର ମୁହଁରେ ଟିକିଏବି ହସ ନ ଥାଏ, ପଛରୁ ଆସି ଅରୁଣ ଆଉଜିଧରୀ ସ୍ନେହ ପୂର୍ଣ୍ଣ ଭାବେ ପଚାରିଲା "ତୁମେ ଏମିତି କାହିଁକି ଚୁପ୍ ଅଛ ଯେ ? ଖୁସି ହସିବାକୁ ଚେଷ୍ଟା କରିଥିଲା, କିନ୍ତୁ ତା'ର ଆଖିରେ ଭୟ ଲୁଚିଥିଲା। ହସିବାକୁ ଚେଷ୍ଟା କରି ମଧ୍ୟ ହସିପାରିଲାଣି ଅସ୍ପଷ୍ଟ କଣ୍ଠରେ କହିଲା – "ଯୁଦ୍ଧକୁ ଯାଉଛ ତୁମେ ମୁଁ କେମିତି ଖୁସିହେବି ପେଟରେଥିବା ଏଇ ଛୁଆଟିର କଥା ଟିକିଏ ତ ଚିନ୍ତାକର?" ଅରୁଣ ହାତରେ ହାତକୁ ଛନ୍ଦି କହିଥିଲେ "ମୁଁ ଫେରିବି...ନିଶ୍ଚୟ ଶୀଘ୍ର ଫେରିବି ଖୁସି ତୁମକୁ ଛାଡି ରହିକି ପାରିବି।" ଏବେତ ଟିକିଏ ହସିଦିଅ ....।

ସେହି ଦିପଦ କଥାଗୁଡ଼ିକ ଆଜି ମଧ୍ୟ ଖୁସିର କାନରେ ଗୁଞ୍ଜୁଛି ହୃଦୟକୁ ବାରମ୍ବାର ଆଘାତ କରୁଛି କିନ୍ତୁ ସେହି ଦିନ... ସେ ଶେଷ ଦିନ ଥିଲା, ସେଇ ଦେଖା ବୋଧେ ଶେଷ ଦେଖା ଥିଲା, ସେଇ ସ୍ପର୍ଶ ମଧ୍ୟ ଶେଷ ଥିଲା। ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମେ ପ୍ରଥମେ ଚିଠି ଆସୁଥିଲା "ମୁଁ ଭଲଅଛି..." "ତୁମେ ନିଜର ଯତ୍ନନିଅ ଯେମିତି ପେଟରେ ଥିବା ଆମ ଛୁଆ

ISSN NO.
2582-208X

ଖୁବଶୀଘ୍ର ଦୁନିଆ ଦେଖିବ ତୁମେ ମାଁ ଏବଂ ମୁଁ ବାପା ହେବି ଏହାଛଡା ଆମପାଇଁ ଅନ୍ୟ ଖୁସି କଣଅଛି।

କିନ୍ତୁ ଏହି ଚିଠି ପରେ... ଆଉ ଚିଠି ଆସିଲାନାହିଁ, ଡାକ ମାଷ୍ଟର କୁ ଯାଇ ଅନେକ ଥର ପଚାରି ଆସିଲାଣି ଅରୁଣଙ୍କ ଚିଠି ଆସିଛିକି ଏମିତି ଦିନପରେ ଦୀନ ବିତିଚାଲିଛି ହେଲେ ଚିଠି ନାହିଁ କି ଅରୁଣ ମଧ୍ୟ ଆସୁନାହିଁ। ଏହିଭିତରେ ଅନେକ ପର୍ବ ପର୍ବାଣୀ ସରିଲାଣି କିନ୍ତୁ ଖୁସିର ମୁହଁରେ କଳାବାଦଲ ଛାଇଯାଇଛି, ନଖାଇ ନପିଇ ଦେହର ସବୁ ହାଡ ବାରିହେଲାଣି। ଚାତକ ପକ୍ଷୀଟିଏ ପରି ଘର ବାହାରେ ଥିବା କବାଟ କୋଣରେ ବସି ଅପେକ୍ଷା କରିଛି ଆଖିର ଲୁହକୁ ଆଖିରେ ପିଇ ।

ଦିନେ ସେଇ ଗାଁ କୁ ସେନା ମାନଙ୍କ ଆସିବାର ଖବର ପାଇଲା ଗାଧୋଉ ଥିବା ସମୟରେ, ଖୁସି ସେପରି ଅବସ୍ଥାରେ ଗାଁ ଦାଣ୍ଡକୁ ଧାଇଁ ଗଲା ଅସ୍ପଷ୍ଟ ସ୍ୱରରେ ଅରୁଣ... ଅରୁଣ... ଡ଼ାକଛାଡି, ହୃଦୟ କୋହରେ ଧଡ଼କୁ ଥାଏ। ଝୁଣ୍ଟି ପଡିଲାତଳେ ହାତରୁ ରକ୍ତ ଆଣ୍ଠୁରୁ ମଧ୍ୟ ଝରୁଛି ସେଥିପ୍ରତି ଆଉ ଧ୍ୟାନ ନାହିଁ, ରକ୍ତ ସବୁ ପଦାକୁ ଓହଳି ରାସ୍ତାରେ ରକ୍ତରଂଜିତ ପଦାଚିହ୍ନ ଏବଂ ପାଉଁଝିର ସେଇ ସ୍ୱର ହୃଦୟର ବେଦନାକୁ ଦ୍ୱିଗୁଣିତ କରିଦେଉଥାଏ। ସେନା ମାନଙ୍କୁ ଦେଖି ଅଟକି ଟିକିଏ ନିଶ୍ୱାସ ମାରି ଅରୁଣ..ମୋ ଅରୁଣ କୋଉଠି? ସେନାଙ୍କ ଆଖି ତଳକୁ ହୋଇଯାଇଥିଲା। ସେମାନେ କିଛି କହିପାରୁନଥିଲେ। କିଛି ସମୟ ପରେ ଏକ ଅସ୍ପଷ୍ଟ ଭାବେ ଏକ ଶବ୍ଦ ଶୁଣାଗଲା "ସେ ଆଉ...ଫେରିବେ ନାହିଁ...ଏହି ମୁହୂର୍ତ୍ତରେ ଖୁସିଙ୍କ ଜଗତ ଭାଙ୍ଗିଗଲା। ସେ ଚିତ୍କାର କରିବାକୁ ଚାହିଁଥିଲେ...କିନ୍ତୁ ଶବ୍ଦ ବାହାରିଲାନାହିଁ। ଆଚେତ ହୋଇପଡିଲେ କିଛିକ୍ଷଣ ଚେତା ଫେରିପାଇବା ପରେ ହାତର ଶଙ୍ଖା ନାହିଁ ମୁଣ୍ଡରେ ସିନ୍ଦୁର ପୋଛି ହୋଇଛି। ଲୁହ ବହୁଥିଲା, କିନ୍ତୁ ହୃଦୟ ଶୂନ୍ୟ ହୋଇଯାଇଥିଲା। ସେନା ମାନେ ଖୁସି ହାତରେ ବଢ଼ାଇ ଦେଲେ ଏକ ଛୋଟ ବକ୍ସ ସେଥିରେ ଥିଲା ଅରୁଣଙ୍କ ପୁରୁଣା ଘଡି, ଖୁସିର ପାସପୋର୍ଟ ଫଟୋ ଏବଂ ସେହି ଅଧୁରା ଚିଠି ଖଣ୍ଡକ।

ବାହାରେ ବର୍ଷା ହେଉଥିବା ବିଜୁଳିର ଚମକରେ ଚମକି ଉଠି ପୁଣି ଖୁସି ବର୍ତ୍ତମାନକୁ ଫେରିଲା...ତା'ର ଆଖିର ରକ୍ତାକ୍ତ ଲୁହ ଚିଠିଟିକୁ ଭିଜେଇ ଦେଉଛି। ସେ ଚିଠିର ଶେଷ ଲାଇନ୍‌ଟି ପଢୁଛି "ଖୁସି, ଯଦି ମୁଁ ନ ଫେରେ ଗାଁକୁ ତୁମେ କାନ୍ଦିବନି।କିନ୍ତୁ ମୁଁ ଜାଣେ... ତୁମେ କାନ୍ଦିବ...ଖୁସି ହସିବାକୁ ଚେଷ୍ଟା କରେ କିନ୍ତୁ ସେହି ହସ

ISSN NO.
2582-208X

ଲୁହରେ ଗଳିଯାଏ। ଘରର ଦିଆଲରେ ଅରୁଣଙ୍କ ଫଟୋ ଝୁଲିରହିଛି। ସେ ତା'କୁ ଦେଖି ଧୀରେ କହେ ତୁମେ ମିଛ କହିଥିଲ ... ତୁମେ ଫେରିଲନି ଏବେ ମୁଁ ଅସହାୟ ନାଁ ତୁମେ ଅଛ ନାଁ ସେଇ ଆମର ଶିଶୁ ତାକୁବି ତୁମସାଥିରେ ନେଇଗଲ, ସେଇଦିନ ଦୌଡୁଥିବା ସମୟରେ ଝୁଣ୍ଟିପଡ଼ିଥିବା ବେଳେ ପେଟରେ ଆଘାତ ହୋଇ ଛୁଆଟି ଆରପାରିକୁ ଚାଲିଯାଇଥିଲା। କେଉଁ ଜନମରେ କିପାପ କରିଥିଲି କେଜାଣେ ଏତେ ଦୁଃଖ କଷ୍ଟ ଅନାଥ ହୋଇ ବଞ୍ଚୁଛି। ବାହାରେ ହାଲୁକା ପବନ ବହୁଛି କିନ୍ତୁ ସେହି ପବନ ମଧ୍ୟ ଆଜି ହୃଦୟକୁ ଦୁଃଖରେ ଭସାଇ ଦେଉଛି। ଯୁଦ୍ଧ ଶେଷ ହୋଇଯାଇଛି କିନ୍ତୁ ଖୁସିର ଜୀବନରେ ଯୁଦ୍ଧ ଆଜି ମଧ୍ୟ ଚାଲିଛି ପ୍ରତ୍ୟେକ ମୁହୂର୍ତ୍ତରେ ସ୍ମୃତି ସହ, ଶୂନ୍ୟତା ସହ, ଏବଂ ନ ଫେରିଥିବା ଲୋକଙ୍କ ସହ, ହରାଇଥିବା ପୁତ୍ର ସହ । କିଛି ଯୁଦ୍ଧ ଇତିହାସରେ ଲେଖାଯାଏ କିନ୍ତୁ କିଛି ଯୁଦ୍ଧ ନାରୀମାନଙ୍କ ହୃଦୟରେ ଚିରକାଳ ପାଇଁ ଜୀବନ୍ତ ରହିଯାଏ ଏକ କଳଙ୍କିତ ସ୍ମୃତି ହୋଇ ଖୁସି ସେହି ଯୁଦ୍ଧର ଜୀବନ୍ତ ପ୍ରମାଣ।

(((-)))

ବରଗଡ଼, ବିଜେପୁର, ସାଧୁପାଲି
ମୋ: 8260904451

ISSN NO.
2582-208X

# ବୃକ୍ଷ ହିଁ ଜୀବନ



ନରେନ୍ଦ୍ର ପ୍ରସାଦ ବେହେରା

ବୃକ୍ଷ ହିଁ ଜୀବନ ଆମ ସଭିଙ୍କର
ଅଟେ ଚିର ସହଚର
ତା' ବିନା ଆମେରେ ବଞ୍ଚି ପାରିବାନି
କରିବା ଯଦିରେ ପର ।୧।

ଦୈନ୍ୟଦିନେ କାର୍ଯ୍ୟେ କେତେ ଉପକାରେ
ଆସୁଥାଏ ବୃକ୍ଷ ଜାଣ
ନଦେଇ ସେ କଷ୍ଟ ଛାଇ ଦେଇଥାଏ
ମନରେ ନଥାଏ ଟାଣ ।୨।

କେତେ ଉପକାରେ ଆସିବା ପାଇଁ କି
ଠିଆ ହୋଇ ରହିଥାଏ
ତଥାପି ମଣିଷ ବୁଝେନି ତା' ମୂଲ୍ୟ
ନିର୍ବିଘ୍ନେ ହାଣି ପକାଏ ।୩।

ନଷ୍ଟ କରିବାକୁ ହୁଏ ଆଗଭର
କରେନି ମନେ ବିଚାର
ବୃକ୍ଷ ଥିଲେ ସିନା ମଣିଷ ସମାଜ
ବଞ୍ଚିବ ଏ ଜଗତର ।୪।

ବୃକ୍ଷ ନ ରହିଲେ ଏ ଜୀବ ଜଗତ
ଅକାଳେ ଧ୍ୱଂସ ହୋଇବ

ISSN NO.
2582-208X

ନ ବଞ୍ଚିବେ କେହି ଏ ଧରା ଧାମରେ
କିଏ ତା' ଉତ୍ତର ଦେବ ।୫।

ହାଣିବାନି ବୃକ୍ଷ କରିବା ରୋପଣ
ଆସ ଆମ୍ଭେ ମିଳିମିଶି
ନିଜ ହାତେ ନିଜେ ରୋପୀଣ ବୃକ୍ଷ
ଜଗତକୁ ଦେବା ଖୁସି ।୬।

ଜୀବନେ ମରଣେ ବୃକ୍ଷ ସାଥୀ ହୁଏ
ଜାଣିଛି ସାରା ଜଗତ
ତା' ଦେହରୁ କେତେ ଔଷଧ ନିର୍ମାଣେ
ମଣିଷ ପାଇଁ କି ହିତ ।୭।

ଆଜି ମିଳୁ ନାହିଁ ଔଷଧୀୟ ବୃକ୍ଷ
ମଣିଷ ପାଇଁ କେବଳ
ଏ ମୂର୍ଖ ମଣିଷ ମୂଲ୍ୟ ବୁଝୁ ନାହିଁ
ହାଣିବାକୁ କରେ ଗୋଳ ।୮।

ଆସ ଆଜି ଆମେ କରିବା ଶପଥ
ହାଣିବା ନାହିଁ ବୃକ୍ଷକୁ
ବୃକ୍ଷଟିଏ ରୋପି ହୋଇବା ଆଦର୍ଶ
ଆଗେଇ ଯିବା ଆଗକୁ ।୯।

ବୃକ୍ଷ ଥିଲେ ସିନା ହସିବ ଜଗତ
ବଞ୍ଚିବା ହେବ ସମ୍ଭବ
ତେଣୁ ଆମେ ଆଜି ଲଗାଇବା ବୃକ୍ଷ
ଏକଥା ଚିନ୍ତା କରିବ ।୧୦।

(((-)))

ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା,
ଖଇରା, ବାଲେଶ୍ୱର/ମୋ-୯୮୫୩୧୪୨୫୧୦

ISSN NO.
2582-208X

# କୋଟିଆ ଅଞ୍ଚଳର : ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ



ପ୍ରିୟଙ୍କା ମହାନ୍ତ

ମୁଖ୍ୟଶବ୍ଦ - କୋଟିଆ, କୋରାପୁଟ, ପ୍ରାକୃତିକ ସୌନ୍ଦର୍ଯ୍ୟ, ସାଂସ୍କୃତିକ ପରିଚୟ, ସାମାଜିକ ସଚେତନତା, ଓଡ଼ିଶା, ଅଧ୍ୟୟନ, ଅଞ୍ଚଳ ଅନୁଭୂତି ।

## ସାରାଂଶ

ଏହି ପ୍ରବନ୍ଧରେ କୋରାପୁଟ ଜିଲ୍ଲା, କୋଟିଆ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ, ସାମାଜିକ-ସାଂସ୍କୃତିକ ଜୀବନ, ସାମ୍ପ୍ରତିକ ସ୍ଥିତିକୁ ଅନୁଭୂତିମୂଳକ ବିଶ୍ଳେଷଣ କରାଯାଇଛି। ଏହି ଅଧ୍ୟୟନ ଗୁଣତ୍ମକ ଓ ବର୍ଣ୍ଣନାତ୍ମକ ଅଟେ। ତଥ୍ୟ ସଂଗ୍ରହ ପାଇଁ ପର୍ଯ୍ୟବେକ୍ଷଣ ଓ ଅନୁଭୂତିମୂଳକ ତଥ୍ୟକୁ ଗ୍ରହଣ କରାଯାଇଛି। ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା ଓ ସ୍ଥଳ ପରିଦର୍ଶନ ଏହି ଅଧ୍ୟୟନର ମୂଳ ଆଧାର। କୋଟିଆ କେବଳ ଏକ ଭୌଗୋଳିକ ଅଞ୍ଚଳ ନୁହେଁ, ଏହା ଓଡ଼ିଶାର ଜନଜାତିମାନଙ୍କର ସାମୂହିକ ପରିଚୟର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ଏଠାକାର ପ୍ରାକୃତିକ ପରିବେଶ, ଲୋକଜୀବନ ଓ ଧାର୍ମିକ ଆସ୍ଥା ଏହାକୁ ଏକ ବିଶିଷ୍ଟ ସ୍ଥାନ ଦେଇଛି। ସେଠାକାର ସମ୍ପ୍ରତିକ ସ୍ଥିତି, ସମସ୍ୟା, ସମାଧାନର ସମ୍ଭାବ୍ୟ ପରିକଳ୍ପନା, ସ୍ୱର୍ଣ୍ଣିମ ଭବିଷ୍ୟତ ନିମନ୍ତେ ବିଭିନ୍ନ ପ୍ରସ୍ତାବଗୁଡ଼ିକୁ ଉକ୍ତ ନିବନ୍ଧରେ ଆଲୋଚନା କରାଯାଇଛି ।

କୋଟିଆ ହେଉଛି ଓଡ଼ିଶାର କୋରାପୁଟ ଜିଲ୍ଲାରେ ଅବସ୍ଥିତ ଏକ ଗ୍ରାମ ପଞ୍ଚାୟତ, ଯାହା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମା ବିବାଦ ପାଇଁ ଚର୍ଚ୍ଚାରେ ରହିଆସିଛି । କୋଟିଆ ପଞ୍ଚାୟତରେ ମୋଟ ୨୮ଟି ଗ୍ରାମ ରହିଛି ଯଥା - କୋଟିଆ, ଫାଗୁଣୀ ସେନେରୀ, ତଳ ଗଞ୍ଜେଇପଦର, ଉପର ଗଞ୍ଜେଇପଦର, ଫାଟୁସେନେରୀ, ତଳ କୋନ୍ଧାରଙ୍ଗୀ, ଉପର

ISSN NO.
2582-208X

କୋନ୍ଦାରଙ୍ଗୀ, ତଳ ପୋନକୋସେଲା, ଉପର ପୋନକୋସେଲା, ପେନୁଭାଲସା, କଲ୍ୟାମାଳି, ବିଜାଘାଟି, ମାଇନ୍ତୋକା, ମାଥାଲମ୍ବୋ, ମେଟାଗୁଡ଼ା, ମୁଲାଗୁଡ଼ା, ମାହିପାଣି, ସୋଲିଆମାରି, ତାଡ଼ିଭାଲସା, ତାଳକାନ୍ତି, ସର୍ଗିଗୁଡ଼ା, କେଦାର ଗୁଡ଼ା, ପାଣିଗୁଡ଼ା, ନେରେଡ଼ିଭାଲସା, ଧୋମାଣ୍ଡି, ଖାବାଳପଦର, ଉପର ସେନେରୀ, ତଳ ସେନେରୀ । ଏଥିରୁ ୨୧ଟି ଗ୍ରାମ ବିବାଦୀୟ ଅଞ୍ଚଳ ଭାବରେ ପରିଗଣିତ ଅବସ୍ଥାରେ ରହିଛି । ଏଠାରେ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ଏହା ଏକ ପାହାଡ଼ିଆ ଅଞ୍ଚଳ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ୧୯୬୮ ମସିହାରୁ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏହି ଅଞ୍ଚଳର ମାଲିକାନାକୁ ନେଇ ବିବାଦ ଲାଗି ରହିଛି। ଓଡ଼ିଶାର ଏହା କୋରାପୁଟ ଜିଲ୍ଲାର ଅବିଚ୍ଛେଦ୍ୟ ଅଂଶ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶ ସରକାର ମଧ୍ୟ ଏହି ଗ୍ରାମଗୁଡ଼ିକୁ ନିଜର ବିଜୟନଗରମ୍ ଜିଲ୍ଲାର ଅଂଶ ବୋଲି ଦର୍ଶାଇଥାନ୍ତି। ଏହି ମାମଲା ବର୍ତ୍ତମାନ ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି ଏବଂ କୋର୍ଟ ଉଭୟ ରାଜ୍ୟକୁ "ଯଥାସ୍ଥିତି" ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦିଓ ମୂଳତଃ ଏହା ଓଡ଼ିଶାର ବୋଲି ବିଭିନ୍ନ ତଥ୍ୟାବଳୀରୁ ଜଣାଯାଏ। ତେଣୁ ନିକଟ ଅତୀତରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ କୋଟିଆ ଗସ୍ତ କରି ସେଠାକାର ସ୍ଥିତି ଓ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଓଡ଼ିଶା ସରକାର କୋଟିଆ ବିବାଦର ସମାଧାନ ପାଇଁ ଏକ ୧୬ ଜଣିଆ ରାଜ୍ୟସ୍ତରୀୟ କମିଟି ମଧ୍ୟ ଗଠନ କରିଛନ୍ତି। ଓଡ଼ିଶା ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ ଆଦିର ବ୍ୟବସ୍ଥା କରିଛନ୍ତି । ଏତଦବ୍ୟତୀତ ବିକାଶମୂଳକ ପଦକ୍ଷେପ, ୨୦୨୪-୨୬ରେ ଓଡ଼ିଶା ସରକାର କୋଟିଆକୁ ଏକ "ଆଦର୍ଶ ପଞ୍ଚାୟତ" ଭାବେ ଗଢ଼ିବା ପାଇଁ ବିଭିନ୍ନ ପ୍ରକଳ୍ପ କରିଛନ୍ତି। ତାଡ଼ିବାଲସାରେ ୧୦୦ ଶଯ୍ୟା ବିଶିଷ୍ଟ ଆବାସିକ ବିଦ୍ୟାଳୟ ଏବଂ ଏକ ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନା କରାଯାଇଛି। କୋଟିଆରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ରହିଛି। ଗମନାଗମନ ନିମନ୍ତେ କୋଟିଆରୁ ଦେଓମାଳି ପାହାଡ଼ ପର୍ଯ୍ୟନ୍ତ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଏଠାରୁ ସେମିଳିଗୁଡ଼ା ପର୍ଯ୍ୟନ୍ତ ବସ୍ ସେବା ମଧ୍ୟ ଉପଲବ୍ଧ। ଜୀବିକା ନିମନ୍ତେ ଗ୍ରାମବାସୀମାନେ କଫି ଚାଷ, ଛତୁ ଚାଷ, ଏବଂ ଫୁଲଝାଡୁ ବନ୍ଧେଇ ଭଳି ଜୀବିକା ଉପରେ ନିର୍ଭରଶୀଳ। ଏହି ଅଞ୍ଚଳରେ ସୁନା, ପ୍ଲାଟିନମ୍, ବକ୍ସାଇଟ୍, ଗ୍ରାଫାଇଟ୍ ଏବଂ ମାଙ୍ଗାନିଜ୍ ଭଳି ମୂଲ୍ୟବାନ ଖଣିଜ ସମ୍ପଦ ରହିଛି। ଦେଓମାଳି ପାହାଡ଼ ଓଡ଼ିଶାର ସର୍ବୋଚ୍ଚ ଶୃଙ୍ଗ ଏହାର ନିକଟବର୍ତ୍ତୀ ହୋଇଥିବାରୁ ପର୍ଯ୍ୟଟନ ନିମନ୍ତେ ବହୁତ ସୁବିଧା

ISSN NO.
2582-208X

ସୁଯୋଗ ମଧ୍ୟ ରହିଛି । ନିକଟ ଅତୀତ ଓଡ଼ିଆ ନବବର୍ଷରେ 'ମାତୃଭୂମି ଓ ମାତୃଭାଷା' ସାହିତ୍ୟ ପରିଷଦ କୋଟିଆ ଗ୍ରାମକୁ ପୋଷ୍ୟ ଗ୍ରାମ ରୂପେ ଘୋଷଣା କରିଛନ୍ତି ।

## ପ୍ରାକୃତିକ ପରିବେଶ

ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ ଅବସ୍ଥିତ କୋରାପୁଟ ଜିଲ୍ଲା ତାହାର ପ୍ରାକୃତିକ ଶୋଭା ଓ ଆଦିବାସୀ ସଂସ୍କୃତି ପାଇଁ ପ୍ରସିଦ୍ଧ। କୋଟିଆ ଅଞ୍ଚଳ ପାହାଡ଼, ଘନ ବନାନୀ ଓ ଶସ୍ୟଶ୍ୟାମଳ ଭୂମିରେ ଆବୃତ। ଆକାଶଛୁଆ ପାହାଡ଼ ଓ ସବୁଜ ପରିବେଶ ଏଠାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅଲୌକିକ ରୂପ ଦେଇଥାଏ। ପ୍ରକୃତିର ଏହି ଅଲୌକିକ ଶୋଭା ମନକୁ ଶାନ୍ତି ଓ ଆନନ୍ଦ ଦେଇଥାଏ। ଏହି ଅଞ୍ଚଳକୁ ଯିବା ସମୟରେ ମନେ ହୁଏ ଯେପରି ମଣିଷ ପ୍ରକୃତିର କୋଳରେ ଧୀରେ ଧୀରେ ଉର୍ଦ୍ଧ୍ୱଗାମୀ ହେଉଛି।

## ସାମାଜିକ ଓ ସାଂସ୍କୃତିକ ଜୀବନ

କୋଟିଆରେ ସହଜ, ସରଳ ଓ ଆମାୟିକ ସ୍ୱଭାବର ମଣିଷମାନେ ବାସ କରନ୍ତି । ସେମାନଙ୍କର ଜୀବନ ଶୈଳୀ ପ୍ରକୃତି ସହ ଘନିଷ୍ଠ ଭାବେ ଜଡିତ। ପର୍ବପର୍ବାଣୀ, ନୃତ୍ୟ, ସଙ୍ଗୀତ ଓ ଲୋକପରମ୍ପରା ଏଠାର ସାଂସ୍କୃତିକ ଜୀବନକୁ ସମୃଦ୍ଧ କରିଥାଏ। ସେଠାକାର ଜନସମାଜରେ ଏକତା ଓ ସହଯୋଗର ଭାବନା ଦୃଢ଼ ଭାବେ ପ୍ରତିଷ୍ଠିତ। ସେମାନଙ୍କର ଆତିଥ୍ୟ ଓ ଆପଣାପଣିଆ ଭାବ ସମାଜିକ ସମ୍ପର୍କକୁ ଦୃଢ଼ କରିପାରିଛି । ଧାର୍ମିକ ଭାବନାରେ, ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଗଭୀର ଆସ୍ଥା ଓ ପାହାଡ଼ ଶିଖରରେ ଅବସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏଠାର ଆଧ୍ୟାତ୍ମିକ ପରିବେଶକୁ ଉଜାଗର କରିରଖିଛି ।

## ପର୍ଯ୍ୟଟନର ବିକାଶ

କୋଟିଆର ପ୍ରାକୃତିକ ସୌନ୍ଦର୍ଯ୍ୟ ସୁଇଜରଲ୍ୟାଣ୍ଡ ଭଳି। ଏଠାରେ ହୋମ-ଷ୍ଟେ ଅର୍ଥାତ ପର୍ଯ୍ୟଟକଙ୍କ ପାଇଁ ସ୍ଥାନୀୟ ଲୋକଙ୍କ ଘରେ ରହିବାର ସୁବିଧା କଲେ ସ୍ଥାନୀୟ ଅର୍ଥନୀତି ମଜବୁତ ହୋଇପାରିବ । ଆଡଭେଞ୍ଚର ସ୍ପୋର୍ଟସ୍, ପାରାଗ୍ଲାଇଡିଂ ଏବଂ ପର୍ବତାରୋହଣ ପାଇଁ ଭିତ୍ତିଭୂମି ତିଆରି କରାଯାଇପାରିବ। କୋ-ରିସର୍ଟ ଅର୍ଥାତ ପରିବେଶ ଅନୁକୂଳ ରିସର୍ଟ ନିର୍ମାଣ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇପାରିବ।

ISSN NO.
2582-208X

- ଦେଓମାଳି ପାହାଡ଼ ହେଉଛି ଓଡ଼ିଶାର ସର୍ବୋଚ୍ଚ ଶୃଙ୍ଗ ଯାହା ୧୬୭୨ ମିଟର ପର୍ଯ୍ୟନ୍ତ ବ୍ୟାପ୍ତ । ଏଠାର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତର ଦୃଶ୍ୟ ଅତ୍ୟନ୍ତ ମନୋରମ। କୋଟିଆରୁ ଏହା ଅତି ନିକଟତର।
- ଫାଟୁସେନେରୀ ଓ ଗଞ୍ଜେଇପଦର ଗ୍ରାମ ଉଚ୍ଚ ପାହାଡ଼ ଉପରେ ଅବସ୍ଥିତ।ଶୀତ ଦିନେ ଏଠାରେ ମେଘମାଳା ପାହାଡ଼ ତଳେ ଭାସୁଥିବାର ଦେଖାଯାଏ, ଯାହା ପର୍ଯ୍ୟଟକଙ୍କୁ ଏକ ଅଲୌକିକ ଅନୁଭୂତି ଦେଇପାରିବ ।
- ଶାଲପଦର ଜଳପ୍ରପାତ ହେଉଛି କୋଟିଆ ପଞ୍ଚାୟତ ମଧ୍ୟରେ ଥିବା ଏକ ଛୋଟ କିନ୍ତୁ ସୁନ୍ଦର ଜଳପ୍ରପାତ। ଯାହା ଖୁବ ମନୋହର
- କୋଟିଆ କଫି ବଗିଚା, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ କଫି ଚାଷ କରାଯାଉଛି ।
- କୋଟିଆର ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯିବା ସହିତ ଅତିଥି ଭବନ ନିର୍ମାଣ କରାଗଲେ ପର୍ଯ୍ୟଟନମାନଙ୍କ ନିମନ୍ତେ ଆକର୍ଷଣର କେନ୍ଦ୍ର ପାଲଟିବ

## କୃଷି ଓ ଉଦ୍ୟାନ କୃଷି

କୋଟିଆର ଜଳବାୟୁ ଥଣ୍ଡା ହୋଇଥିବାରୁ ଏଠାରେ ମୁଖ୍ୟତଃ –
* କଫି ଚାଷ: କୋରାପୁଟ କଫି ଭଳି କୋଟିଆରେ ମଧ୍ୟ ବୃହତ ସ୍ତରରେ କଫି ଚାଷ କରାଯାଇ ବ୍ରାଣ୍ଡିଂ କରାଯାଇପାରିବ।
* ଔଷଧୀୟ ବୃକ୍ଷ ରୋପଣ: ଏହି ପାହାଡ଼ିଆ ଅଞ୍ଚଳରେ ଦୁର୍ଲଭ ଔଷଧୀୟ ଗଛ ଚାଷ କରାଯାଇ ଆୟୁର୍ବେଦିକ ଶିଳ୍ପ ସହ ଯୋଡ଼ାଯାଇପାରିବ।
* ଶୀତଳ ଭଣ୍ଡାର (Cold Storage): ସ୍ଥାନୀୟ ଚାଷୀଙ୍କ ପନିପରିବା ସାଇତି ରଖିବା ପାଇଁ ସୌରଶକ୍ତି ଚାଳିତ କୋଲ୍ଡ ଷ୍ଟୋରେଜ୍ ନିର୍ମାଣ କରାଯାଇପାରିବ । କୋଟିଆର ଜଳବାୟୁ ଷ୍ଟ୍ରବେରୀ ଏବଂ ବିଦେଶୀ ଫୁଲ ଚାଷ ପାଇଁ ଅତ୍ୟନ୍ତ ଅନୁକୂଳ।
* ଷ୍ଟ୍ରବେରୀ ହବ୍: ମହାବଳେଶ୍ୱର ଭଳି କୋଟିଆକୁ ଓଡ଼ିଶାର ଷ୍ଟ୍ରବେରୀ ହବ୍ ଭାବେ ଗଢ଼ାଯାଇପାରିବ।

ISSN NO.
2582-208X

* ଫୁଲ ରପ୍ତାନି: ଗୋଲାପ ଭଳି ଦାମୀ ଫୁଲ ଚାଷ କରି ବିଶାଖାପାଟଣା ଓ ଭୁବନେଶ୍ୱର ବଜାରକୁ ପଠାଯାଇପାରିବ।

## ଖଣିଜ ଓ ଶିଳ୍ପ ଭିତ୍ତିଭୂମି”

* କୋଟିଆରେ ପ୍ରଚୁର ପରିମାଣରେ ବକ୍ସାଇଟ୍, ଗ୍ରାଫାଇଟ୍,ଗ୍ରାନାଇଟ୍ ଓ କ୍ୱାର୍ଟଜ୍, ସୁନା ଓ ପ୍ଲାଟିନମ୍ ଖଣିଜ ଥିବା ସୂଚନା ମିଳିଛି ।ତେଣୁ ଭବିଷ୍ୟତରେ:

* ପରିବେଶ ଅନୁକୂଳ ଖନନ: ସ୍ଥାନୀୟ ପରିବେଶକୁ କ୍ଷତି ନପହଞ୍ଚାଇ ଆଧୁନିକ ଜ୍ଞାନକୌଶଳରେ ଖଣିଜ ଉତ୍ତୋଳନ କରାଯାଇପାରିବ।

* ମୂଲ୍ୟ ବୃଦ୍ଧି: ଖଣିଜ ପଦାର୍ଥକୁ ବାହାରକୁ ନପଠାଇ ସେଠାରେ ଛୋଟ ଛୋଟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କଲେ ନିଯୁକ୍ତି ସୃଷ୍ଟି କରାଯାଇପାରିବ ।

## ଶିକ୍ଷା ଓ ଦକ୍ଷତା ବିକାଶ

* ଆଧୁନିକ ତାଲିମ କେନ୍ଦ୍ର: ସ୍ଥାନୀୟ ଯୁବକଯୁବତୀଙ୍କୁ ହସ୍ତଶିଳ୍ପ, କମ୍ପ୍ୟୁଟର ଶିକ୍ଷା ଏବଂ ପର୍ଯ୍ୟଟନ ପରିଚାଳନା ବିଷୟରେ ତାଲିମ ଦିଆଯାଇପାରିବ।

* ସ୍ମାର୍ଟ କ୍ଲାସରୁମ୍: ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଇଣ୍ଟରନେଟ୍ ସଂଯୋଗ ଜରିଆରେ ସବୁ ସ୍କୁଲରେ ଡିଜିଟାଲ୍ ଶିକ୍ଷା ପ୍ରଦାନ କରାଯାଇପାରିବ।

## ଅକ୍ଷୟ ଶକ୍ତିର ବ୍ୟବହାର

* ସୌର ଶକ୍ତି ପଞ୍ଚାୟତ: କୋଟିଆର ପ୍ରତିଟି ଘର ଏବଂ ରାସ୍ତା ଆଲୁଅକୁ ସୌର ଶକ୍ତିରେ ଚଳାଇ ଏହାକୁ ଓଡ଼ିଶାର ପ୍ରଥମ “ସୌର ପଞ୍ଚାୟତ” ଭାବେ ଗଢ଼ିହେବ।

* ମାଇକ୍ରୋ-ହାଇଡ୍ରେଲ ପ୍ରକଳ୍ପ: ପାହାଡ଼ିଆ ଝରଣାଗୁଡ଼ିକର ବ୍ୟବହାର କରି ଛୋଟ ଛୋଟ ଜଳବିଦ୍ୟୁତ୍ ପ୍ରକଳ୍ପ କରାଯାଇପାରିବ।

## ଟେଲି-ମେଡିସିନ୍ ସେବା

ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଏଠାରେ ବଡ଼ ଡାକ୍ତରଖାନା ପହଞ୍ଚିବା କଷ୍ଟକର। ତେଣୁ ଡିଜିଟାଲ୍ ହେଲଥ୍ ସେଣ୍ଟର: ଟେଲି-ମେଡିସିନ୍ ଜରିଆରେ କୋଟିଆର ଲୋକମାନେ କୋରାପୁଟ କିମ୍ବା ଭୁବନେଶ୍ୱରର ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ପାଇପାରିବେ।

ISSN NO.
2582-208X

### ଡିଜିଟାଲ୍ କନେକ୍ଟିଭିଟି

କୋଟିଆ ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଏଠାରେ ମୋବାଇଲ୍ ନେଟୱାର୍କ ଏକ ବଡ଼ ସମସ୍ୟା। ତେଣୁ:

* 5G ସଂଯୋଗୀକରଣ: ସମସ୍ତ ୨୮ଟି ଗ୍ରାମରେ ହାଇ-ସ୍ପିଡ୍ ଇଣ୍ଟରନେଟ୍ ପହଞ୍ଚାଇଲେ "ୱର୍କ ଫ୍ରମ୍ ଏନିହୋୟାର" ସଂସ୍କୃତି ବିକଶିତ ହେବ, ଯାହା ଆଇଟି ପ୍ରଫେସନାଲମାନଙ୍କୁ ଏଠାକୁ ଆକୃଷ୍ଟ କରିବ।

* ଡିଜିଟାଲ୍ ସେବା କେନ୍ଦ୍ର: ପ୍ରତି ଗ୍ରାମରେ ବ୍ୟାଙ୍କିଙ୍ଗ୍ ଏବଂ ସରକାରୀ ସେବା ପାଇଁ ଡିଜିଟାଲ୍ କିଓସ୍କ ସ୍ଥାପନ ମଧ୍ୟ କରିହେବ ।

### ଆନ୍ତଃ-ରାଜ୍ୟ ବାଣିଜ୍ୟ

କୋଟିଆ ଓଡ଼ିଶା ଓ ଆନ୍ଧ୍ର ସୀମାରେ ଥିବାରୁ ଏହା ଏକ ବାଣିଜ୍ୟିକ କେନ୍ଦ୍ର ହୋଇପାରିବ।

* ଲଜିଷ୍ଟିକ୍ ପାର୍କ: କୋଟିଆ ନିକଟରେ ଏକ ଛୋଟ ଲଜିଷ୍ଟିକ୍ ପାର୍କ ନିର୍ମାଣ କଲେ ଉଭୟ ରାଜ୍ୟର ସାମଗ୍ରୀ ପରିବହନ ସହଜ ହେବ।

* ସାପ୍ତାହିକ ଆଦର୍ଶ ହାଟ: ଏକ ଆଧୁନିକ ବଜାର କେନ୍ଦ୍ର ଯେଉଁଠାରେ ଆଦିବାସୀମାନେ ସେମାନଙ୍କର ହସ୍ତଶିଳ୍ପ ଓ ଜଙ୍ଗଲଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇପାରିବେ।

### ଜୈବ ବିବିଧତା ଗବେଷଣା କେନ୍ଦ୍ର

କୋଟିଆର ଜଙ୍ଗଲରେ ଅନେକ ଦୁର୍ଲଭ ବନ୍ୟଜନ୍ତୁ ଏବଂ ଉଦ୍ଭିଦ ଅଛନ୍ତି।

* ଏଠାରେ ଏକ ଗବେଷଣା କେନ୍ଦ୍ର ସ୍ଥାପନ କଲେ ପରିବେଶବିତ୍ ଏବଂ ଛାତ୍ରଛାତ୍ରୀମାନେ ଗବେଷଣା ପାଇଁ ଆସିବେ।

* ଜଳସଂରକ୍ଷଣ ପ୍ରକଳ୍ପ: ଚେକ୍ ଡ୍ୟାମ୍ ନିର୍ମାଣ କରି ପାହାଡ଼ିଆ ଝରଣା ଜଳକୁ ଚାଷ କାର୍ଯ୍ୟରେ ବ୍ୟବହାର କରିବା। ଭବିଷ୍ୟତରେ ଏହି ସବୁ ପ୍ରକଳ୍ପଗୁଡିକ କୋଟିଆକୁ କେବଳ ବିବାଦୀୟ ଅଞ୍ଚଳ ନୁହେଁ, ବରଂ ଓଡ଼ିଶାର ଏକ ଆଦର୍ଶ ବିକାଶ କେନ୍ଦ୍ର ଭାବେ ପରିଚୟ ଦେବା ସହ ବିଶ୍ୱସ୍ତରରେ ଭାରତର ପର୍ଯ୍ୟଟନ ପ୍ରତି ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିବ ।

ISSN NO.
2582-208X

## ସମକାଳୀନ ସମସ୍ୟା ଓ ସଚେତନତା

* ଜଙ୍ଗଲ ନଷ୍ଟ: ଖଣି ପାଇଁ ବ୍ୟାପକ ଜଙ୍ଗଲ କଟାଯିବା ଫଳରେ ସେଠାରେ ରହୁଥିବା ବିରଳ ପଶୁପକ୍ଷୀ ବାସହୀନ ହୋଇପାରନ୍ତି।
* ଔଷଧୀୟ ଗଛ: କୋଟିଆର ପାହାଡ଼ରେ ମିଳୁଥିବା ଅନେକ ଦୁର୍ଲଭ ଔଷଧୀୟ ଉଦ୍ଭିଦ ଚିରଦିନ ପାଇଁ ଲୋପ ପାଇଯାଇପାରେ।
* ଖଣିରୁ ବାହାରୁଥିବା ଧୂଳିକଣା ଯୋଗୁଁ ସ୍ଥାନୀୟ ଲୋକଙ୍କୁ ଶ୍ୱାସକ୍ରିୟା ଜନିତ ରୋଗ ହୋଇପାରେ।
* ଭାରୀ ଯାନବାହାନ ଚଳାଚଳ ଓ ବ୍ଲାଷ୍ଟିଂ ଯୋଗୁଁ ଶବ୍ଦ ପ୍ରଦୂଷଣ ବଢ଼ିପାରେ ।

ରାଜସ୍ୱ ଓ ପରିବେଶ ମଧ୍ୟରେ ସନ୍ତୁଳନ ପାଇଁ ପଦକ୍ଷେପ :
* ନିୟନ୍ତ୍ରିତ ଖନନ: ସମ୍ପୂର୍ଣ୍ଣ ପାହାଡ଼ ନଖୋଳି କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଖନନ କରିବା।
* ବ୍ୟାପକ ବୃକ୍ଷରୋପଣ: ଖଣି କାର୍ଯ୍ୟ ଶେଷ ହେବା ପରେ ସେହି ସ୍ଥାନରେ ପୁଣି ଜଙ୍ଗଲ ସୃଷ୍ଟି କରିବା।
* ଜନଜାତିଙ୍କ ଅଧିକାର: ଖଣିରୁ ମିଳୁଥିବା ଲାଭର ଏକ ଅଂଶ ସ୍ଥାନୀୟ ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ କରିବା। କୋଟିଆ ଅଞ୍ଚଳ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ, ପାହାଡ଼ିଆ ପରିବେଶ ଏବଂ ମେଘାଛନ୍ନ ଆକାଶ ପାଇଁ "ଓଡ଼ିଶାର ସୁଇଜରଲ୍ୟାଣ୍ଡ" ଭାବେ ପରିଚିତ। ଏହା ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଗାଡ଼ି ଚଲାଇବା ସମୟରେ ସତର୍କତା ସହିତ ସ୍ଥାନୀୟ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ, ସେଠାକାର ପରିବେଶକୁ ସ୍ୱଚ୍ଛ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ପରିହାର କରାଗଲେ କୋଟିଆ ଦିନେ ଭୂସ୍ୱର୍ଗ ପାଲଟିବ।

## ନିଷ୍କର୍ଷ

କୋଟିଆ ଅଞ୍ଚଳ ବିଭିନ୍ନ ପ୍ରଶାସନିକ ଓ ସାମାଜିକ ସମସ୍ୟାରେ ସମ୍ପ୍ରତି ସମ୍ମୁଖୀନ ହେଉଛି। ରାସ୍ତା, ଶିକ୍ଷା, ଓ ସ୍ୱାସ୍ଥ୍ୟ ସୁବିଧାର ଅଭାବ ଏଠାର ମୁଖ୍ୟ ସମସ୍ୟା। ଆଧୁନିକ ସମୟରେ ସାମାଜିକ ଗଣମାଧ୍ୟମ ଓ ବିଭିନ୍ନ ସାହିତ୍ୟିକ ମଞ୍ଚ ମାଧ୍ୟମରେ କୋଟିଆ ଅଞ୍ଚଳ ପ୍ରତି ସଚେତନତା ବଢ଼ୁଛି। କବି, ଲେଖକ ଓ ସଚେତନ ନାଗରିକମାନେ ମାତୃଭୂମି ଓ ମାତୃଭାଷା ପ୍ରତି ସମ୍ମାନ ଜଣାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୁକ୍ତ ହେଉଛନ୍ତି। ସାମାଜିକ ଗଣମାଧ୍ୟମ ଓ ସଚେତନ ନାଗରିକମାନଙ୍କ ଉଦ୍ୟମରେ ଏହି ଅଞ୍ଚଳ ପ୍ରତି ଲୋକଙ୍କ ଦୃଷ୍ଟିଆକର୍ଷଣ ବଢ଼ୁଛି।

ISSN NO.
2582-208X

କୋଟିଆ ଅଞ୍ଚଳ କେବଳ ଏକ ସୀମାଞ୍ଚଳ ଭାବରେ ନୁହେଁ, ବରଂ ସମଗ୍ର ଓଡ଼ିଶାର ଗର୍ବ ଓ ପରିଚୟର ପ୍ରତୀକ। ଏହାକୁ ସଂବେଦନଶୀଳ, ସଂସ୍କୃତିସମୃଦ୍ଧ ଅଞ୍ଚଳ ଓ ସାମାଜିକ ଚେତନାର ରୂପେ ପରିଗଣନା କରାଯିବା ଆବଶ୍ୟକ। ଏହାର ସୁରକ୍ଷା, ଉନ୍ନତି ଓ ସଂସ୍କୃତିର ସଂରକ୍ଷଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ। ଓଡ଼ିଆ ଭାଷା ଓ ପରମ୍ପରାର ପ୍ରଚାର ଏହି ଅଞ୍ଚଳର ଉନ୍ନତି ଦିଗରେ ମଧ୍ୟ ସହାୟକ ସିଦ୍ଧ ହୋଇପାରିବ।

ସହାୟକ ସୂଚୀ :-
୧. ଓଡିଶା ସରକାର। (୨୦୨୧)। କୋରାପୁଟ ଜିଲ୍ଲା ପରିସଂଖ୍ୟାନ ପୁସ୍ତିକା। ଭୁବନେଶ୍ୱର: ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ।
୨. ପରିଡା, ଗଦାଧର। ଓଡ଼ିଶାର କୋଟିଆ ଗ୍ରାମପୁଞ୍ଜ ।
୩. ନାୟକ, ପି. (୨୦୧୯)। କୋରାପୁଟରେ ଆଦିବାସୀ ସମ୍ପ୍ରଦାୟର ସାମାଜିକ-ସାଂସ୍କୃତିକ ଜୀବନ। ପୂର୍ବ ଭାରତୀୟ ଅଧ୍ୟୟନ ପତ୍ରିକା।

(((-)))

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ,ପୁରୀ
mohantypriyanka064@gmail.com

ISSN NO.
2582-208X

# ଜୀବନ ଗପ


ନରଞ୍ଜନ ସାହୁ

ଜୀବନକୁ ବୁଝି ବୁଝି ହୁଏନାହିଁ
ଏମିତି ଜୀବନ ଗପ
ଅବୁଝା ଗପର ଆଗପଛ ନାହିଁ
ଯେତେ ହୁଅ ଗପସପ ।

ବେଳେବେଳେ ପ୍ରଶ୍ନ ମନକୁ ଆସଇ
କାହିଁକି ଏମିତି ହେଲା
କିଏସେ କରିଲା, କାହିଁକି କରିଲା
କ'ଣ ସେ ସୁବିଧା ଦେଲା
ତିଳ ତିଳ କରି ଜୀବନ ଜାଳିଲା
ଲୁହ ଝରେ ଥପଥପ ।

ଗପର ଆରମ୍ଭ ଗପ ଯେବେ ଶେଷ
ତାଳମେଳ ରହେନାହିଁ
ନିଶ୍ଚୟ ମନକୁ ପ୍ରଶ୍ନଟେ ଆସିବ
ସମାଧାନ ତା'ର କାହିଁ
ଜୀବନ ଦୀପରୁ ତେଲ ତ ସରିଲା
ଦୀପ ଜଳେ ଧପଧପ ।

ISSN NO.
2582-208X

କାହିଁକି କରିଲୁ, କିଏ କହୁଥିଲା
ଏମିତି ବି ପ୍ରଶ୍ନ ଆସେ
ସତରେ ଏହାର ସରଳ ଉତ୍ତର
ରହିଛି କି କାହା ପାଶେ
ଜୀବନକୁ ଥରେ ବୁଝିବା ପାଇଁକି
କରିବାକୁ ପଡ଼େ ତପ ।

ଜୀବନ ଗପର ଆରମ୍ଭ ଓ ଶେଷ
ଯେତିକି ରୋମାଞ୍ଚକର
ତାହାଠାରୁ ତାହା ଭିତର ଘଟଣା
ମନ ଧରିଯାଏ ଘର
ଜୀବନ ଗପକୁ ପଢ଼ି ପଢ଼ି କହେ
ପ୍ରଭୁ ନାମ କିମ୍ବା ଜପ ?

(((-)))

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :୯୯୩୮୭୪୧୫୮୩

ISSN NO.
2582-208X

# ଭାବର ଭାବଙ୍ଗ ପୁଷ୍କରିଣୀରେ ମଧୁସୂଦନ



ଅରୁଣ କୁମାର ଦାସ

ଦୋଳେ ତ ଦୋଳ ଗୋବିନ୍ଦ,ଚାପେ ତ ମଧୁସୂଦନମ୍
ରଥେ ତୁ ବାମନ ଦୃଷ୍ଟ୍ୱଆ ପୁନର୍ଜନ୍ମ ନ ବିଦ୍ୟତେ ।

ଉତ୍କଳର ବିଭିନ୍ନ ଶାକ୍ତ ପୀଠ ର ମହିମା ନିଜସ୍ୱ ଗୁଣ ରେ ବଳୀୟାନ । ତନ୍ମଧ୍ୟରୁ ଯାଜପୁର ଜିଲ୍ଲାର ମା ବିରଜା ଅନ୍ୟତମ। ସେହି ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁର ବେଢ଼ା ଆଶ୍ରମ ର ପ୍ରାଣ ପ୍ରତିଷ୍ଠାତା ବ୍ରହ୍ମଲୀନ ଶ୍ରୀ ଶ୍ରୀ ମୈନାନନ୍ଦ ସରସ୍ୱତୀ । ଭାବଙ୍ଗ ପୁଷ୍କରିଣୀରେ ଶ୍ରୀ ମଦନମୋହନ ଙ୍କ ଚାପ ଖେଳ, ଦିବଂଗତ ତପସ୍ୱୀ ଙ୍କ ସ୍ୱପ୍ନ ଥିଲା । ସେହି ସ୍ୱପ୍ନ କୁ ସାକାର କରିବାକୁ ଚାହିଁଛନ୍ତି ବର୍ତ୍ତମାନର ପୀଠାଧୀଶ ଶ୍ରୀ ଶ୍ରୀ ଜ୍ଞାନାନନ୍ଦ ସରସ୍ୱତୀ ଜୀ ।

ପୁରୁଣା ବଉଳମାଳ ଗ୍ରାମ ପଞ୍ଚାୟତର ଭାବଙ୍ଗ ପୁଷ୍କରିଣୀରେ ଶ୍ରୀ ଶ୍ରୀ ମଦନମୋହନ ଙ୍କ ଚାପ ଖେଳ ଅଷ୍ଟମ ବର୍ଷରେ ପଦାର୍ପଣ । ଏହା ମଧ୍ୟରେ ଅନେକ ଅନୁଭବ, ଅନୁଭୂତି, ଲୋକପ୍ରିୟତା ଅର୍ଜନ ହୋଇଛି। ଏହାର ପରିସର ମଧ୍ୟ ବୃଦ୍ଧି ପାଇବାରେ ସକ୍ଷମ ହୋଇଛି।

ସଂଲଗ୍ନ ଗ୍ରାମ ବୃନ୍ଦ ଯଥା ଦକ୍ଷିଣ ପଶି, ଉତ୍ତର ପଶି, ସୁକୁଟିଝର, ଖଜୁରୀ ବାଟି, ସାତମାଣ, ବରମୁଣ୍ଡୁଳୀ, ଇଚ୍ଛାପୁର, ପୁରୁଣା ବଉଳମାଳ, ବାଉଁଶ ତୂଳୀ, ରଗଡ଼ି ପଶି, ଚଢ଼େଇ ଧରା, ଠାକୁରା, କୃଷ୍ଣ ପଶି,ଗେଙ୍ଗୁଟିଆ, ଭରତପୁର, କମାଗଡ, ବେତମାଳୀ, ଅଣ୍ଟିଆ, ଶ୍ରୀ ଚନ୍ଦନପୁର, ଖରିଲୋ, ବାଉଁଶ ଅଣ୍ଟା, କୁସ୍ତିରା, ଆଦି ଗ୍ରାମ ବାସୀଙ୍କ ଅକୁଣ୍ଠ ସାହାଯ୍ୟ, ସହଯୋଗ ରେ ଏହି ଅନୁଷ୍ଠାନ ଗୋଟିଏ ପରେ ଗୋଟିଏ ସଫଳତାର ସିଡି ଚଢି ଚାଲିଛି।

ISSN NO.
2582-208X

ଚନ୍ଦନ ପୂର୍ଣ୍ଣିମାର ତିନି ଦିନ ପୂର୍ବରୁ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିନ ଅପରାହ୍ନରେ ଏକ ସୁସଜ୍ଜିତ ବିମାନରେ ଶ୍ରୀ ଶ୍ରୀ ମଦନମୋହନ ସଙ୍କୀର୍ତନ ମଣ୍ଡଳୀ, ବାଦ୍ୟ, ହରିବୋଲ ହୁଳହୁଳି ଧ୍ୱନିରେ, ଶଙ୍ଖ, ଘଣ୍ଟ ସହିତ, ଲଉଡ଼ି ଖେଳ, ଏକ ବର୍ନନାଢ୍ୟ ଶୋଭାଯାତ୍ରାରେ ବାହାରି ଭାବଙ୍ଗ ପୁଷ୍କରିଣୀକୁ ଆଗମନ କରିଥାଆନ୍ତି। ମଠସାହି, ଦକ୍ଷିଣ ପଶି ର ମା ମାନେ ମୂରୁଜ, ଚିତା ପକାଇ, ପୂର୍ଣ୍ଣ କଳସ ସ୍ଥାପନ କରି, ଦୀପ ଥାଳି ଧରି ବନ୍ଦାପନା କରନ୍ତି। ଏକ ସୁସଜ୍ଜିତ ନୌକାରେ କୀର୍ତ୍ତନ ମଣ୍ଡଳୀ, ଭକ୍ତ ଜନ ହରିବୋଲ ହୁଳହୁଳି ଧ୍ୱନୀରେ ଶ୍ରୀ ଶ୍ରୀ ମଦମୋହନ ଚାପ ଖେଳନ୍ତି।

ପ୍ରତ୍ୟହ ମଧ୍ୟାହ୍ନରେ ପ୍ରସାଦ ସେବନ କରି ଭକ୍ତ ଗଣ ଆପ୍ୟାୟିତ ହୋଇ ଥାଆନ୍ତି । ଶେଷ ଦିନ ସନ୍ଧ୍ୟାରେ ଉପସ୍ଥତି ସମସ୍ତ ଭକ୍ତଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରା ଯାଇଥାଏ ।

ଏହି ନିକଟରେ ଏକ ଭୋଗ ମଣ୍ଡପ ନିର୍ମାଣ ହୋଇଛି। ସରକାରୀ ପୃଷ୍ଠ ପୋଷାକ ସହାୟତାରେ ଏହି ଅନୁଷ୍ଠାନର ଉତ୍ତରୋତ୍ତର ବିକାଶ ସମସ୍ତ ଭକ୍ତଗଣ ଆଶା ବାନ୍ଧିଛନ୍ତି।

(((-)))

ଠାକୁର୍, ପୁରୁଣା ବଉଳମାଳ,
ଧର୍ମଶାଳା ଯାଜପୁର

ISSN NO.
2582-208X

# ନୀଳକଣ୍ଠେଶ୍ୱର



ତ୍ରିପତି ପ୍ରଧାନ

ଭୈରବୀ ଚାଞ୍ଚଡା ନୀଳକଣ୍ଠେଶ୍ୱର
ଆସ ସର୍ବେ ଯିବା ଜାଳି ଜାଗର(୧)
ବୁରୁପଡ଼ା ଜିଲ୍ଲା ଭଇରପୁର
ତିନି ଗ୍ରାମ ମଧ୍ୟେ ବିଜେ ତାଙ୍କର(୨)
କାହିଁ କେଉଁ କାଳୁ ପୂଜା ପାଆନ୍ତି
ଭକତ ଜନକଙ୍କ ମନ ତୋଷନ୍ତି (୩)
ବିଶାଳ ପଥରେ ଉଭା ଯେ ସେହି
ମାତା ଭଇରବୀ ମା ମହାମାୟୀ (୪)
ଗମନ ସହଜ ନାହିଁ ବିପଦ
ପାବସ୍ଥ ରୋଅଡ ଉଭୟ ପଥ(୫)
କେତେ କେତେ ଦୂରୁ ଭକତ ଗଣ
ଆସିଣ ଭକ୍ତିରେ କରନ୍ତି ଧ୍ୟାନ(୬)
ପଞ୍ଚାକ୍ଷର ଜପି ଦୀପ ଜାଳିବା
ନୀଳକଣ୍ଠେଶ୍ୱର ସୁମରୁ ଥିବା(୭)
ମହାଦୀପ ଯେବେ ଉଠେ ମନ୍ଦିର
ହୁଳହୁଳି ସହ ଡାକି ଶଙ୍କର(୮)
ହଜାର ହଜାର ଭକତ ଜନ
ଦୀପ ଜାଳି ବେଢ଼ା ଭ୍ରମନ୍ତି ପୁଣ (୯)

ISSN NO.
2582-208X

ନିଜେ ନିଜ ପାଇଁ ଜାଗ୍ରତ ହେବା
ମହାଦେବ ଠାରେ ଭରସି ଥିବା (୧୦)
ପଟାନ୍ତର ନାହିଁ ସୁନ୍ଦରତାର
ଆଲୋକ ସଜିତ ତଳ ଉପର(୧୧)
ପୂଜି ମହାଦେବ ଦେବୀ ଭୈରବୀ
ମହାମାୟୀ ସହ ଆନନ୍ଦ ଲଭି(୧୨)
ପ୍ରସନ୍ନ ଚିତ୍ତରେ ହୋଇ ସରସ
ମନବାଞ୍ଛା ସର୍ବେ ଲଭିବା ଆସ(୧୩)
ଉଜାଗର ପାଇଁ ନୃତ୍ୟ ସଂଗୀତ
ଗ୍ରାମ୍ୟ କମିଟିଙ୍କ କାର୍ଯ୍ୟ ମହତ(୧୪)
ତିନି ଦିନ ଯାଏ ଯାତରା ହୁଏ
ନାନା ପସରାରେ ମହକୁ ଥାଏ(୧୫)
ସହଯୋଗୀ ହୋଇ ହାତ ବଢ଼ାଇ
ପ୍ରଭୁ କୃପା ବାରି ଲଭିବା ତହିଁ (୧୬)

(((-)))

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ଡକ୍ଟର ରାମଚନ୍ଦ୍ର ନାୟକଙ୍କ ‘ଟିକିକୁ ନକର ହେଳା’ କବିତା ସଙ୍କଳନରେ ମାନବୀୟ ଓ ନୈତିକ ଭାବଧାରା : ଏକ ପର୍ଯ୍ୟାଲୋଚନା



ନଶିକାନ୍ତ ବଳ

ଓଡ଼ିଆ ଶିଶୁ ସାହିତ୍ୟର ସମୃଦ୍ଧ ପରମ୍ପରାରେ ଡକ୍ଟର ରାମଚନ୍ଦ୍ର ନାୟକଙ୍କ କବିତା ସଂକଳନ ‘ଟିକୁକୁ ନ କର ହେଳା’ ଏକ ମନୋଜ୍ଞ ତଥା ଉଲ୍ଲେଖନୀୟ କୃତି। ୨୦୧୩ ମସିହାରେ ପ୍ରକାଶିତ ଏହି ସଂକଳନଟି ୩୫ଟି ଅର୍ଥପୂର୍ଣ୍ଣ କବିତାର ଏକ ସୁନ୍ଦର ସମାହାର, ଯାହା ଶିଶୁ ଓ କିଶୋର ମନସ୍ତତ୍ତ୍ୱକୁ ଆଖି ଆଗରେ ରଖି ବିଭିନ୍ନ ଭାବଧାରା ଓ ଶିକ୍ଷାମୂଳକ ଆଦର୍ଶରେ ରଚିତ। ସଂକଳନର ପ୍ରାରମ୍ଭିକ କବିତା ‘ଟିକିକୁ ନକର ହେଳା’ ରୁ ଆରମ୍ଭ କରି ଶେଷ କବିତା ‘ସୁଖକୁ ଖୋଜିବା ଭଉଣୀ ଭାଇ’ ପର୍ଯ୍ୟନ୍ତ, ପ୍ରତିଟି ରଚନାର ଭାଷା ଅତ୍ୟନ୍ତ ସରଳ, ପ୍ରାଞ୍ଜଳ, ବୋଧଗମ୍ୟ ଏବଂ ହୃଦୟସ୍ପର୍ଶୀ। ପୃଥିବୀର ଯେ କୌଣସି ସାହିତ୍ୟିକ ପୃଷ୍ଠଭୂମିରେ ଶିଶୁ ସାହିତ୍ୟ ଯେତେ ବଳିଷ୍ଠ ଓ ଋଦ୍ଧିମନ୍ତ, ସେହି ଦେଶର ନାଗରିକ ସେତେ ସଚେତନ ଏବଂ ସମୃଦ୍ଧ। ଜଣେ ସୁନାଗରିକର ଗଠନ ପ୍ରକ୍ରିୟା ଶୈଶବର ପ୍ରାଥମିକ ଅବସ୍ଥାରୁ ହିଁ ଆରମ୍ଭ ହୋଇଥାଏ; ତେଣୁ ଏକ ସୁସ୍ଥ ସମାଜ ନିର୍ମାଣରେ ଶିଶୁ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ, ଶିଶୁ ସାହିତ୍ୟର ସମସ୍ତ ଗୁଣଧର୍ମକୁ ବହନ କରି ‘ଟିକିକୁ ନକର ହେଳା’ ସଂକଳନଟି ରଚିତ। ଏଥିରେ ଥିବା ବିଭିନ୍ନ ଭାବଧାରା ନିମ୍ନରେ ଆଲୋଚନା କରାଗଲା।

## ବିଭୁ ଚେତନା :-

ଶିଶୁମାନଙ୍କ ମନରେ ଐଶ୍ୱରିକ ବିଶ୍ୱାସ ଓ ସଦ୍‌ଭାବନା ସୃଷ୍ଟି କରିବା ଆବଶ୍ୟକ। ଏହା ହିଁ ଶିଶୁ ମାନଙ୍କର ଉତ୍ତମ ଚରିତ୍ର ଗଠିତ ହୋଇଥାଏ। ଶିଶୁ କାଳରୁ ହିଁ ସେମାନଙ୍କ ମନରେ

ISSN NO.
2582-208X

ଈଶ୍ୱର ପ୍ରତି ବିଶ୍ୱାସ ନ ଜନ୍ମେଥିଲେ ବଡ଼ କାଳରେ ତାହା ଆଉ ସମ୍ଭବ ହୋଇନଥାଏ। ବିଭୁଚେତନା ହିଁ ଗୋଟିଏ ଶିଶୁର ବିଚାରଧାରା ନିର୍ଦ୍ଧାରଣ କରେ। ଶିଶୁ କିଶୋରଙ୍କ ମନରେ ବିଭୁଚେତନା ସୃଷ୍ଟି କରିବା ପାଇଁ ଡକ୍ଟର ନାୟକ ଉକ୍ତ ସଙ୍କଳନରେ 'ତୋ ଭଳି ଠାକୁର ଥାଉ', 'ଦେହ ପାଆ ତୋର ଭଲରେ ଥାଉ', ଓ 'ମାଣିକ ଝରା' କବିତା ସ୍ଥାନିତ କରିଛନ୍ତି। 'ତୋ'ଭଳି ଠାକୁର ଥାଉ' କବିତାରେ ଜଗନ୍ନାଥଙ୍କ ପ୍ରତି ଭକ୍ତି ଅର୍ପଣ କରାଯାଇଛି। ଜଗନ୍ନାଥଙ୍କ ହାତ ଗୋଡ଼ ସିନା ଖଣ୍ଡିଆ ହେଲେ ମନ ଖଣ୍ଡିଆ ନୁହେଁ। ମୁହଁରେ କିଛି ନ କହିଲେ ମଧ୍ୟ ତା କାମରେ କିଛି ଊଣା ନାହିଁ । ସବୁ ଲୋକ କହନ୍ତି ଯେ, ସେ ଷାଠିଏ ପାଉଟି ଖାଏ, ମାତ୍ର ସେ ଖାଇବା କେହି ଦେଖିନାହିଁ। କାରଣ ସେ ଖାଇବା ସବୁ ଭକ୍ତକୁ ଦେଇଥାଏ। ଜଗନ୍ନାଥଙ୍କୁ ସ୍ମରଣକରି ଏଜଗତରେ କେହି ଭୋକରେ ରହି ନାହାଁନ୍ତି । ଶେଷରେ ଭକ୍ତଭାବରେ ନିଜର ଉଦାରତା ପଣ ପ୍ରଦର୍ଶନ କରିଛନ୍ତି। 'ଦେହ ପାଆ ତୋର ଭଲରେ ଥାଉ' କବିତାରେ ଜଗନ୍ନାଥଙ୍କୁ ଦୁଃଖ ଜଣେଇବା ପାଇଁ କିଏ ବା କେତେ ଦୂରରୁ ଆସିଥାଏ। ଭିଡ଼ ମଧ୍ୟରେ କିଏ ବା ପାଖକୁ ନ ଆସିପାରି ଦୂରରେ ରହି ନିଜ ଦୁଃଖ ଜାଣାଏ। ଜଗନ୍ନାଥଙ୍କ ନୀତି କାନ୍ତି ସରିଲା ପରେ ପ୍ରଭୁଙ୍କୁ ବିଶ୍ରାମ ଦେବା ପାଇଁ ପଣ୍ଡା ପଢ଼ିଆରୀ ମାନେ ଘରକୁ ଚାଲିଯାନ୍ତି। ମାତ୍ର ଭକ୍ତ ସବୁବେଳେ ବିକଳ ହୋଇ ଜଗନ୍ନାଥଙ୍କୁ ଡାକନ୍ତି। ଫଳରେ ସେ ନିଜ ବିଶ୍ରାମକୁ ଭୁଲି ଭକ୍ତଙ୍କ କଷଣ ଦୂର କରିବା ପାଇଁ ପହଞ୍ଚିଥାନ୍ତି। ଏହିପରି ଭାବରେ ଜଗତକୁ ରକ୍ଷା କରିବା ପାଇଁ ପ୍ରଭୁ ଜଗନ୍ନାଥ କେତେ କଷଣ ସହିଛନ୍ତି। ନିଜ ପଛେ ଦୁଃଖ ପଆ ହେଲେ ଦୁଃଖୀମାନଙ୍କୁ କେବେ ପର ନ କର। ସେଥିପାଇଁ ତୋର ଦେହ ପାଅ ସବୁବେଳେ ଭଲରେ ରହୁ ବୋଲି କବି କହିଛନ୍ତି। କବିଙ୍କ ଭାଷାରେ –

"ପାଆ ଦୁଃଖ ପଛେ କାଳିଆ ଧନରେ
ଦୁଃଖିଙ୍କି ନମଣ ପର
ଦେହ ପାଆ ତୋର ଭଲରେ ଥାଉରେ
ଅନ୍ତର ଖୋଜଇ ମୋର।"(୧)

'ମାଣିକ ଝରା' କବିତାରେ କବି ଦେବୀ ଦୁର୍ଗାଙ୍କ ଶୋଭା ଓ ମହିମାର ଗୁଣଗାନ କହିଛନ୍ତି । ଦେବୀ ମଣ୍ଡପ ମେଢ଼ରେ ବସିଲା ପରେ ସୁନ୍ଦର ଦେଖାଯାନ୍ତି। ଦେବୀଙ୍କ ଗାଢ଼ ରଙ୍ଗର ଶାଢ଼ୀ ଓ ମୁଣ୍ଡରେ ପଡ଼ିଥିବା ଭାଙ୍ଗ ଅତି ମନୋରମା। ପୁଣି ମୁଣ୍ଡରେ ମୁକୁଟ ଥିବାରୁ ମୁହଁର ଆଭା

ISSN NO.
2582-208X

ଦ୍ୱିଗୁଣିତ ହେଉଛି । ଦେବୀ ସରଳ ଲୋକଙ୍କ ପାଇଁ କରୁଣାମୟୀ ହେଉଥିବା ବେଳେ କପଟୀ ମାନଙ୍କ ପାଇଁ ବଜ୍ର ସଦୃଶ କବି ଏହି କବିତାରେ କହିଛନ୍ତି ।

### ପରୋପକାର :-

ଏକ ଉତ୍ତମ ମାନବିକ ଗୁଣ ହେଉଛି ପରୋପକାର । ପରର ଉପକାର କରିବା ମନବୃତ୍ତି ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ହେବା ଉଚିତ୍ । ଆମ ଭାରତୀୟ ସଂସ୍କୃତିରେ ମଧ୍ୟ ପରୋପକାର ବୃହତ୍ ନିଦର୍ଶନମାନ ରହିଛି । ପୁନଶ୍ଚ ହିତୋପଦେଶ ଗ୍ରନ୍ଥରେ କୁହାଯାଇଛି ପରର ଉପକାର ପାଇଁ ବୃକ୍ଷମାନେ ଫଳ ଧାରଣ କରନ୍ତି, ପରର ଉପକାର ପାଇଁ ନଦୀମାନେ ପ୍ରବାହମାନ ହୁଅନ୍ତି,ପରର ଉପକାର ପାଇଁ ଗାଇ ଦୁଗ୍ଧ ଦେଇଥାଏ । ତେଣୁ ପରର ଉପକାର ପାଇଁ ଏହି ଶରୀର ନିୟୋଜିତ ।ଏହି ମହତ୍ ଗୁଣକୁ ଶିଶୁ ନିକଟରେ ରୋପଣ କରିବା ପାଇଁ କବି ଏ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି 'କଥାମୁଁ କହିବି କଥାଟିଏ' ଓ 'ମେଣ୍ଢା' କବିତାରେ ।

'କଥାମୁଁ କହିବି କଥାଟିଏ' କବିତାରେ ଏକ ସୁନ୍ଦର କଥା ମାଧ୍ୟମରେ କବି ପରୋପକାରର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ଗଛକୁ ଲତାଟିଏ ମାଡ଼ିକି ରହିଛି । ଲତାରେ ଫୁଲ ଓ ଗଛରେ ଫଳ ପରିପୂର୍ଣ୍ଣ ହୋଇ ରହିଛି । ସେ ସବୁ ତୋଳିବା ପାଇଁ ମଣିଷ ବତା ଟିଏ ଧରି ଠିଆ ହୋଇଛି । ସେ ମଣିଷକୁ ଦେଖି ଲତାଟି କହିଲା, ମୁଁ ତତେ ଚାହିଁ ବସିଥିଲି । କହ ଫୁଲ ନବୁନା ଫଳ ନେବୁ । ସେଠାରେ ଲତା କହିଛି, ଶୁଣ ଭାଇ! ମୁଁ ଖରା ବରଷାକୁ ସହି ଫୁଲ ଫଳ ସବୁ ଧରିଛି । କିନ୍ତୁ ମୋ ପାଇଁ ନୁହେଁ ସବୁ ପର ମାନଙ୍କ ପାଇଁ। ତୁ ବତା ଧରି ମତେ ଆଉ ଆକ୍ରମଣ କରିବା ଆଖିରେ ଚାହାଁନା। ଧର୍ମ ସବୁ ଦେଖୁଛି । ତୁ ମଧ୍ୟ ଜଗତ ହିତରେ କାମ କରି ଚାଲ୍ । ପୁନଶ୍ଚ ସେ ଲତା କହିଛି ହାତରୁ ସେ ବତା ପକେଇ ଦେ । ତୋର ଝାଡ଼ିବା କିଛି ଦରକାର ନାହିଁ। ଆମେ ଗଛଲତା ନିଜେ ନଇଁ ପଡୁଛୁ ।ତୁ ଫୁଲଫଳ ସବୁ ନେଇଯା। କବିଙ୍କ ଭାଷାରେ:

"ହାତରୁ ପକାଇ ଦେଏବତା
ହସିକି ପଦିଏ କହ କଥା
ଝାଡ଼ିବା ତୋହର ଦରକାର ନାହିଁ
ନଇଁ ପଡ଼ିବୁରେ ଗଛଲତା ।"(୨)

ISSN NO.
2582-208X

'ମେଣ୍ଢା' କବିତାରେ ମେଣ୍ଢାର ବୁଦ୍ଧି ନାହିଁ ବୋଲି ତାକୁ ସମସ୍ତେ ହୁଣ୍ଡା କହୁଥାନ୍ତି। ତା ମୁଣ୍ଡରେ ମଗଜ ଥାଇ ନ ପାରେ କିନ୍ତୁ ସେ କେବେ ନିଜର ବଡ଼ାଇ କରେ ନାହିଁ। ସେ କେବେ ଆପଣାପର ଭାବ ରଖେନାହିଁ। ଅକାରଣେ କେବେ ଦୋଷ କରେନାହିଁ। ମାତ୍ର ମଣିମାନେ ତା'କୁ ନାକ ଟେକିଥାନ୍ତି। ଯେତେବେଳ ଅଧିକ ଶୀତ ପଡ଼େ ସେତେବେଳ ମେଣ୍ଢା ପାଖକୁ ଆସି ତାର ସମସ୍ତ ଲୋମ କାଟି ଦିଅନ୍ତି। ନିଜେ ପଛେ ବିପଦରେ ପଡୁ ସେ ମଣିଷ ମାନଙ୍କୁ କେବେ ମନା କରେ ନାହିଁ। ପରକୁ ଶୀତକନା ଦେଇଥାଏ। ନିଜେ ପଛେ ଶୀତରେ କଲବଲ ହୁଏ ହେଲେ ପରମାନଙ୍କୁ ଶୀତରୁ ରକ୍ଷା କରିଛି। ଏପରି ଭାବେ ମେଣ୍ଢା ପରର ଉପକାର କରିଛି।

### ପରିବେଶ ସୁରକ୍ଷା : -

ମାନବ ସମାଜ ତିଷ୍ଠି ରହିବାକୁ ହେଲେ ପରିବେଶ ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ। ବର୍ତ୍ତମାନ ସମୟରେ ପରିବେଶର ବିପୁଳ ମାତ୍ରାରେ ଅବକ୍ଷୟ ହେବାକୁ ଲାଗିଛି। ତେଣୁ କୁହାଯାଇଛି ଗଛ ବଞ୍ଚିଲେ ଆମେ ବଞ୍ଚିବା। ପରିବେଶ ନଷ୍ଟ ହେବା ଦ୍ୱାରା ମଣିଷ ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକର ସମ୍ମୁଖିନ ହେଉଛି। ଋତୁ ଚକ୍ରରେ ମଧ୍ୟ ବହୁ ପରିବର୍ତ୍ତନ ଦେଖିବାକୁ ମିଳୁଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ପରିବେଶ ପ୍ରତି ସଚେତନ ହୋଇ ତାର ସୁରକ୍ଷା କରିବା ଆବଶ୍ୟକ। ନହେଲେ ଦିନେ ନା ଦିନେ ପୃଥିବୀରୁ ଧ୍ୱଂସ ମୁଖରୁ କେହି ଉଦ୍ଧାର କରି ପାରିବ ନାହିଁ । ତେଣୁ ଛୋଟ ପିଲାଙ୍କୁ ଏହି ଶିକ୍ଷା ଦେବା ପାଇଁ କବି ସଂକଳନର 'ପାହାଡ଼ି ଝରଣା ସାକ୍ଷୀ','ଗଛ ହଣା ଦେଲା ଛାଡ଼ି', 'ଏଣିକି ଟିକିଏ ଭାଳ' କବିତା ସ୍ଥାନିତ କରିଛନ୍ତି। 'ପାହାଡ଼ି ଝରଣା ସାକ୍ଷୀ' କବିତାରେ କୁହାଯାଇଛି ମଣିଷ ବଣ ରାଜ୍ୟର ପାହାଡ଼ ତଳେ ଘରକରି ରହିଛି। ଗଛ, ପତ୍ର,ଲତାରେ ତାର ଶ୍ରଦ୍ଧା। ବଣୁଆ ଜୀବକୁ ଡାକି ଆଦର କରେ। ଏ କଥା କେହି ନ ଜାଣିଲେ ମଧ୍ୟ ପାହାଡ଼ି ଝରଣା ଜାଣିଛି। ପତ୍ର ଛାଉଣୀ କୁଡ଼ିଆ ହିଁ ତା ପାଇଁ ସ୍ୱର୍ଗପୁର। କାରଣ ସେଠାରେ ନିଜ ଘରଣୀ ଓ ପିଲାମାନଙ୍କ ସହ କଥା ହୁଏ। ବଣର ଫଳ ମୂଳ ଖାଇ ଝରଣା ପାଣି ପିଇ ସେ ବଞ୍ଚେ ଓ ସେଇ ମାଟିରେ ଫସଲ କରେ। ନିଜ ମନକୁ କଅଁଳ କରିଲେ ସବୁ ଦୁଃଖ ସୁଖରେ ପରିଣତ ହୋଇଯାଏ। ଶେଷରେ କବି କହିଛନ୍ତି ଆଜି ଆମେ ସବୁ ମଣିଷ ଏକାଠି ହୋଇ ବଣର ଯତ୍ନ ପାଇଁ ପ୍ରତିଜ୍ଞା ନେବା । ବଣଦେବ ସୁଖୀ ହେଲେ ଆମେବି ସୁଖୀ ହେବ ଦେବତା ସାହା ହେଲେ ପରିବେଶ ପାଇଁ

ISSN NO.
2582-208X

ଯେଉଁ ଦୂରି ପଡ଼ିଛି ତାହା ଟଳିଯିବ ଓ ଧୂଆଁ ଧୂଳି ସବୁ ଶୋଷି ହୋଇଯାଇ ନିର୍ମଳ ବାୟୁ ପ୍ରବାହିତ ହେବ। କବିଙ୍କ ଭାଷାରେ –

"ଆସ ଆଜି ସବୁ ମଣିଷ ଆମେରେ
ଏକାଠି ହୋଇବା ଯାଇ
କୁହା କୁହି ହେବା ଏକକୁ ଆରେକ
ବନର ଯତନ ପାଇଁ
ବନଦେବ ହେଲେ ସୁଖୀ
ନ ହୋଇବା କେହି ଦୁଃଖୀ
ବୁଝୁକି ନ ବୁଝୁ କିଏ ସେ କଥାରେ
ପାହାଡି ଝରଣା ସାକ୍ଷୀ।"(୩)

ପରିବେଶ ସୁରକ୍ଷା ସମ୍ବଳିତ ଅନ୍ୟ ଏକ କବିତା ହେଉଛି 'ଗଛ ହଣା ଦେଲା ଛାଡ଼ି' । ଏହି କବିତାରେ ବାଙ୍କୁର ଭାଇ ଝିଲିମିଲି ଜଙ୍ଗିଆ ପିନ୍ଧି ହାତରେ ଟାଙ୍ଗିଆଟିଏ ଧରିଛି ଆଉ ଏକ ବାଗିଲା ହୋଇ ବଣକୁ ଯାଇ ଗଛ ହାଣିବାରେ ଲାଗିଛି। ସେ ଗଛ ହାଣିବା ସମୟରେ ହଠାତ୍ ଥରେ ବାଘ ହାବୁଡ଼ରେ ପଡ଼ିଛି। ସେହି ବାଘଟି ତାକୁ ଉଚିତ୍ ଶିକ୍ଷା ଦେଇଛି। ସେଠାରେ ଅନ୍ୟ ପଶୁ ମାନେ ଆସି କିଏ ତାର ହାତ କିଏ ତାର ଗୋଡ଼କୁ ଧରି ପାନେ ଦେଇଛନ୍ତି। ସେହିଦିନ ଠାରୁ ସେ ଗଛକଟା ଓ କାଠବୁହା ଛାଡ଼ିଦେଇଛି।

## କ୍ଷୁଦ୍ରରେ ବୃହତ୍‌ର ସମ୍ଭାବନା :-

ଛୋଟଠାରେ ହିଁ ସବୁବେଳେ ବୃହତ୍ ହେବାର ସମ୍ଭାବନା ଲୁଚି ରହିଥାଏ। ସବୁ ବଡ଼ର ଆରମ୍ଭ ଛୋଟରୁ ହିଁ ଆରମ୍ଭ। ଛୋଟ ଶିଶୁ ମାନଙ୍କ ଠାରେ କବି ବହୁ ଆଶା ରଖିଛନ୍ତି। କାରଣ –"କ୍ଷୁଦ୍ରେପି ନିହିତା ଶକ୍ତି ସମ୍ଭାବନା ମହିୟଶୀ, କ୍ଷୁଦ୍ର ବିଜାତ୍ମହାକାୟ ବଟବୃକ୍ଷସ୍ୟ ସମ୍ଭବଃ।" କ୍ଷୁଦ୍ର ମଞ୍ଜିରୁ ହିଁ ମହାକାବ୍ୟ ବରଗଛର ସୃଷ୍ଟି ହୋଇଥାଏ। ତେଣୁ ଛୋଟକୁ କେବେହେଲେ ଅବହେଳା କରିବାକଥା ନୁହେଁ। ଛୋଟଛୋଟ ପରିବର୍ତ୍ତନ ହିଁ ଜୀବନରେ ସଫଳତା ଆଣିଥାଏ। କବି କ୍ଷୁଦ୍ରଠାରେ ବୃହତ୍‌ର ସମ୍ଭାବନା ଦେଖିଛନ୍ତି 'ଟେକିକୁ ନକର ହେଳା', 'ପରମବାନ୍ଧବ' ଓ 'ଟିକିକନିଆ' କବିତାରେ। ଟିକି ଲୁହା ବିରାଟ କାଠକୁ

ISSN NO.
2582-208X

କାଟିପାରେ। ଟିକି ପିଲାଟିର କଥା ସବୁଠୁ ମଧୁର ଲାଗେ। ଆର୍ଯ୍ୟ ଋଷି ମାନେ ମଧ୍ୟ ଛୋଟ କୁଡ଼ିଆରେ ବସି ନିଜର ଛୋଟ ଦେହରେ ଧ୍ୟାନ କରୁଥିଲେ। ଛୋଟ ସଳିତା ଦ୍ୱାରା ହିଁ ଦୀପ ଜଳିଥାଏ ଓ ସେଇ ଛୋଟ ଦୀପ ନିଆଁ ହିଁ ଉତ୍ତାପ ଦେଇଥାଏ। କ୍ଷୁଦ୍ର କଲମଟିଏ ହିଁ ବୃହତ ପରିବର୍ତ୍ତନ କରିବା ପାଇଁ ସକ୍ଷମ । ଛୋଟ ସାପର ହିଁ ଅଧିକ ବିଷ ହୋଇଥାଏ । ସେହି ଛୋଟ କଳି ହିଁ ସର୍ବନାଶ କରେ। ଛୋଟ ତାର ହିଁ ଆକାଶକୁ ଉଜ୍ଜ୍ୱଳ କରିଥାଏ। ବାଳକ ପ୍ରହ୍ଲାଦର ଡାକ ଶୁଣି ହରି ଆସିଥିଲେ। ସେହି ଛୋଟ ପିଲାହିଁ ଘର କୁ ସ୍ୱର୍ଗ ପୁରରେ ପରିଣତ କରିଦେଇ ଥାଏ ବୋଲି କବି 'ଟିକିକୁ ନକର ହେଳା' କବିତାରେ ଉଲ୍ଲେଖ କରିଛନ୍ତି।

'ପରମ ବାନ୍ଧବ'କବିତାକୁ କଲମକୁ ହିଁ ପରମ ବାନ୍ଧବ ବୋଲି କବି ସମ୍ବୋଧନ କରିଛନ୍ତି। କଲମଟି ଛୋଟ ହେଲେ ମଧ୍ୟ ତାର ମହତ୍ତ୍ୱ ଅଧିକ। ସେହି କ୍ଷୁଦ୍ର କଲମ ମଧ୍ୟରେ ବୃହତ୍ର ସମ୍ଭାବନା ରହିଛି। କଲମଟି ତଳକୁ ଅନେଇ ଚାଲୁଥାଏ। କଲମର ଦୟାରେ ଭାଷା, ସାହିତ୍ୟ, ଗଣିତ , ବିଜ୍ଞାନ ସବୁ ବଞ୍ଚି ରହିଛି। ତେଣୁ ସେହି କଲମର ସେବା କରିବା ଆବଶ୍ୟକ। ସେହି କଲମର ଅଭାବରେ ଜଗତରେ କେହି ବଡ଼ ହୋଇନାହିଁ। କଲମ ବିନା କେତେ ଭାବନା ଉଭେଇ ଯାଇଛି। କଲମ କରୁଣା ନକଲେ ସମଗ୍ର ପୁର ବିଷମୟ ହୋଇଯାଏ। କବି ଶେଷରେ ସେହି କଲମର ସେବା କରିବାକୁ କହିଛନ୍ତି ।

"ଜନମ କାଳରୁ-ତଳକୁ ଅନାଇ
କରମ କରୁଛୁ ତୁହି
ଶୋଚନା ନ କରି-ଆଗେଇ ଚାଲିଛୁ
'କଲମ' ନାମକୁ ବହି ।
ତୋହରି ଦୟାରେ-ଭାଷାତ ବଂଚିଛି
ବଂଚିଛି ସାହିତ୍ୟ ପାଠ,
ଗଣିତ, ବିଜ୍ଞାନ-ସକଳ ବିଦ୍ୟାର
ଫିଟାଇ ଦେଇଛୁ ବାଟ।"(୪)

ISSN NO.
2582-208X

'ଟିକି କନିଆ' କବିତାରେ ସେପରି ଟିକି ଝିଅଟିର ବୃହତ୍ କାର୍ଯ୍ୟ ସମ୍ପର୍କରେ କୁହାଯାଇଛି। ସେ ଛୋଟ ଝିଅଟି ସନ୍ଧ୍ୟାବେଳେ ନିଜ ସାଙ୍ଗମାନଙ୍କ ସହ ମିଶି କାଗଜ କଲମଧରି କବିତା ଗଳ୍ପ ସବୁ ଲେଖି ଯାଇଛି।

ମାତୃଭୂମି ପ୍ରତି ଅନୁରାଗ :-

ଗଙ୍ଗାଧର ମେହେରଙ୍କ "ମାତୃଭୂମି ମାତୃ ଭାଷାରେ ମମତା, ଯାହୃଦେ ଜନମି ନାହିଁ। ତାକୁ ଯଦି ଜ୍ଞାନୀଗଣରେ ଗଣିବା, ଅଜ୍ଞାନ ରହିବେ କାହିଁ।" ଏହି ଉକ୍ତିରୁ ହିଁ ମାତୃଭୂମି ପ୍ରତି ମଣିଷର ଅନୁରାଗ ରହିବା କେତେ ଆବଶ୍ୟକ ତାହା ଜଣାଯାଇଥାଏ। ପୁରାଣରେ ରାମଚନ୍ଦ୍ର ମଧ୍ୟ ନିଜ ମାତୃଭୂମିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ଜନ୍ମମାଟି ପ୍ରତି ଶ୍ରଦ୍ଧା ସଦ୍‌ଭାବନା ନଆସିଲେ ଜଣେ ବ୍ୟକ୍ତିର ସାମଗ୍ରିକ ବିକାଶ ଘଟିପାରିବ ନାହିଁ। ଏହି ଶିକ୍ଷା ପ୍ରତ୍ୟେକଙ୍କୁ ଶିଶୁବେଳରୁ ହିଁ ଦେବା ଆବଶ୍ୟକ। ମଣିଷ କେବେହେଲେ ବି ନିଜ ଜନ୍ମଭୂମିର ଋଣ ସୁଝିପାରିନଥାଏ। ନିଜର ଜନ୍ମଭୂମି ସ୍ୱର୍ଗପୂରଠାରୁ ମଧ୍ୟ ବଡ଼ ହୋଇଥାଏ।ତେଣୁ ଶିଶୁ ମାନଙ୍କ ଠାରେ ଜନ୍ମଭୂମିର ମହତ୍ତ୍ୱ ପ୍ରଦର୍ଶନ ପାଇଁ କବି ଉକ୍ତ ସଙ୍କଳନରେ କିଛି କବିତା ରଚନା କରିଛନ୍ତି। ସେଗୁଡ଼ିକ ହେଲା 'ଶପଥ ନେବା', 'ବେଳ ଯାଉଛି ନଇଁ', 'ଗାଁର ମୁଣ୍ଡ' ଆଦି କବିତା। 'ଶପଥ ନେବା' କବିତାରେ ମାଟି ମାଆଁ ର ଟେକ ରଖିବା ପାଇଁ ଜୀବନ ବଳି ଦେବା କଥା କୁହାଯାଇଛି। ସେହି ମାଆର ଶତ୍ରୁ ଛାତିରେ ମୁଁ ଖଣ୍ଡା ରଖିବି।ସେହି ମାଆର କୋଳେ ଜନ୍ମ ନେଇ ମୁଁ ବଢ଼ିଛି। ସେହି ମାଆର ସୁଖ ଲାଗି ସବୁବେଳେ ଖଟିବି। ନିଜ ମାଆ ଠାରୁ ମଧ୍ୟ ଆହୁରି ଅଧିକ ସେନେହ କରେ ମାଟିମାଆ ସେହି ମାଟିରୁ ହିଁ ପାଣି, ପବନ, ଆହାର ସବୁ ମିଳିଥାଏ।ସେହି ମାଟିମାଆ ଆମର ଖେଳିବା ବୁଲିବା ପାଇଁ ସ୍ଥାନ ରଖିଛି। ଶେଷରେ କବି ସେହି ମାଟି ମାଆର ସେବା କରିବା ପାଇଁ କହିଛନ୍ତି। କବିଙ୍କ ଭାଷାରେ –

"କରିଛି ପଣ କରିବି ରଣ
ଆଗକୁ ଯିବି ମାଡ଼ି
ମାଆର ଟେକ ରଖିବା ପାଇଁ
ଜୀବନ ଦେବି ବାଢ଼ି ।"(୫)

ISSN NO.
2582-208X

'ବେଳ ଯାଉଛି ନଇଁ' କବିତାରେ କବି ଓଡ଼ିଶା ଭୂଇଁର ଉନ୍ନତି ଚିନ୍ତା କରିଛନ୍ତି। ଏହି ଓଡ଼ିଶାରେ ପଠାଣି ସାମନ୍ତ ସିଦ୍ଧାନ୍ତ ଦର୍ପଣ ଓ ସାରଳା ଦାସ ମହାଭାରତ ରଚନା କରିଛନ୍ତି। ପୁଣି ଏହି ଓଡ଼ିଶା ମାଟିରେ ପଞ୍ଚସଖା ଓ ଉପେନ୍ଦ୍ର ଭଞ୍ଜ ଭଳି ମନୀଷ ମାନଙ୍କର ଜନ୍ମ ହୋଇଛି। ତେଣୁ ଓଡ଼ିଶା ମାଟିର ଜୟଗାନ କରିବା ଆବଶ୍ୟକ।  କବିଙ୍କ ଭାଷାରେ –

"କେତେ ଧରମ ବାଣୀ
ପଞ୍ଚସଖା ବଖାଣି
କବି ଉପେନ୍ଦ୍ର ସିଦ୍ଧ
ତାରକ ପାଇଁ।"(୬)

'ଗାଆଁ ମୁଣ୍ଡ' କବିତାରେ ବର୍ତ୍ତମାନ ଗ୍ରାମର ପରିବର୍ତ୍ତିତ ରୂପ ସମ୍ପର୍କରେ କୁହାଯାଇଛି। ପୂର୍ବରୁ ଗାଁ'ରେ ଯାହା ଥିଲା ଏବେ ତାହା ନାହିଁ । ପୂର୍ବରୁ ଗାଁ' ମୁଣ୍ଡରେ ପିଲାମାନେ ବରଗଛ ଚଢ଼ି କାଠି ଖେଳ ଖେଳୁଥିଲେ। କଦମ୍ବ ଫୁଲ ଫୁଟୁଥିଲା। ଗୋରୁଗୋଠ ଗାଁ' ବରଗଛ ଛାଇରେ ଚରୁଥିଲେ । କିନ୍ତୁ ଏବେ ଛୋଟ ପିଲାମାନେ ଗାଁ'ରେ ଖେଳିବା ପାଇଁ ଧୂଳି ପାଉନାହାଁନ୍ତି। କାରଣ ଗାଁ' ରାସ୍ତା ସବୁ କଂକ୍ରିଟ ହେଇ ଯାଇଛି। ଏହି ପରି ଭାବରେ କବି ନିଜର ମାତୃଭୂମି ଗାଁ' କୁ ମନେ ପାକାଇଛନ୍ତି ।

## ସତ୍ୟ ଓ ଧର୍ମର ଜୟଗାନ :-

ସବୁ ପରିସ୍ଥିତିରେ ସତ୍ୟ ଓ ଧର୍ମ ପଥର ପଥିକ ହେବା ଶିଶୁ ମାନଙ୍କୁ ଏହି ନୀତି ଶିକ୍ଷା ଦେବା ପାଇଁ କବି ଚେଷ୍ଟା କରିଛନ୍ତି। ତେଣୁ ସେ 'ନରହିବ କିଛି ବାକି', 'ସୁଖକୁ ଖୋଜିବା ଭଉଣୀ ଭାଇ', 'ଢେଉ' ଆଦି କବିତା ଗୁଡ଼ିକ ରଚନା କରିଛନ୍ତି। ନରହିବ କିଛି ବାକି କବିତାରେ ଅନ୍ୟକୁ କୌଣସି ପ୍ରକାର ଟାଣ କଥା ନ କହିବା ପାଇଁ କୁହାଯାଇଛି। ସେହିପରି କଥା କହିଲେ ଅନ୍ୟର ଅନ୍ତର ବ୍ୟଥା ହୋଇଥାଏ । ଅନ୍ୟର ଅନ୍ତର ବ୍ୟଥା ହେଲେ ନିଜ ଉପରକୁ କୁ ହିଁ ବିପଦ ଆସିବ। ଏହା ଦ୍ୱାରା ଧର୍ମ ଦଣ୍ଡ ଦେବ। ତେଣୁ କବି ଲେଖିଛନ୍ତି –

"ଜାଣିବ ବିପଦ ଅଇଲେ
ଆଉ ଦଣ୍ଡ କେହୁ ଦେଉ ବା ନଦେଉ
ଧରମ ଦଣ୍ଡିବ ପହିଲେ।"(୭)

ISSN NO.
2582-208X

ଧର୍ମ ଦଣ୍ଡକୁ ଆଖି ଆଗରେ ରଖି କର୍ମ କରିବା ଆବଶ୍ୟକ ସବୁବେଳେ ମହତ୍ ଉଦ୍ଦେଶ୍ୟରେ ମନ ରଖିବା ଉଚିତ୍। ଶେଷରେ କବି କହିଛନ୍ତି ସତ୍ୟକୁ ଧରିଲେ ହିଁ ସବୁ କିଛି ସଫଳତା ପ୍ରାପ୍ତ ହୋଇଥାଏ। 'ସୁଖକୁ ଖୋଜିବା ଭଉଣୀ ଭାଇ' କବିତାରେ ଗୁରୁଜୀ କହନ୍ତି ସମସ୍ତେ ସୁଖ ଖୋଜିବାକୁ ବିକଳ। ସବୁ ପରିସ୍ଥିତିରେ ସୁଖ ନିଜ ପାଖରେ ଥାଉ ବୋଲି ଖୋଜନ୍ତି ହେଲେ ପ୍ରକୃତରେ ସୁଖ ଶୁନ୍ୟରେ ରହିଛି। ତା'କୁ କେହି ବିକଳ ହୋଇ ଖୋଜୁଛି। କିଏ କେବେ ସୁଖକୁ ଦେଖିଛକି । ସୁଖର ଶରୀର ଓ ରଙ୍ଗ କିଛି ନାହିଁ। ଯାହାର ସତ୍ ଆଚାର ସୁଖ ତାହାର। ଯିଏ ସମୟ ମୂଲ୍ୟକୁ ବୁଝି ଧର୍ମ ଅନୁସାରେ କର୍ମ କରିଚାଲେ ସୁଖ ତାହାରି ହୋଇଥାଏ। ଯାହାର ମନ ସରଳ, ଯିଏ ପର ଆପଣା ଭେଦଭାବ କରେ ନାହିଁ ସୁଖ ତାର। ଯିଏ ନିଜର କର୍ମ ଉପରେ ଗୁରୁତ୍ୱ ଦେଇଥାଏ ସୁଖ ତାର ହୋଇଥାଏ। ବୋଲି କବି କହିଛନ୍ତି।

'ଢେଉ' କବିତା ଟି ଢେଉ ଓ ପାଣି କଥପ କଥନ ଛଳରେ ରଚିତ। ପାଣି ପଚାରିଛି ଢେଉ ତୁ କେଉଁଠାରେ ରହୁ? ଢେଉ କହିଛି ମୁଁ ତୋହରି ଦେହରୁ ଜନ୍ମ ନେଇ ତୋହରି କୋଳରେ ଖେଳେ। ମୁଁ ବିନା କାରଣରେ ବାଲି ପଥରରେ ମୁଣ୍ଡ ପିଟୁ ଥାଏ। ପଡ଼ିବା ଉଠିବାକୁ ମୁଁ ଦୁଃଖ ସୁଖ ସହ ଗଣେ। ସୁଖ ଓ ଦୁଃଖକୁ କବି  ଫେଣ ସଦୃଶ ଗଣନା କରିଛନ୍ତି। ଯାହା ଏବେ ଅଛି ଏବେ ନାହିଁ। ଧର୍ମ ଅନୁସାରେ କର୍ମ ହିଁ ସବୁ କିଛି। ସୁକର୍ମ କଲେ ସୁଫଳ ମିଳେ କୁକର୍ମ କଲେ ନିନ୍ଦା ଅପମାନ ମିଳେ। ସତ୍ୟ, ଧର୍ମ ଓ କର୍ମ ଉପରେ ବିଶ୍ୱାସ ରଖି କାର୍ଯ୍ୟ କରିବା ପାଇଁ କବି ଶିଶୁ ମାନଙ୍କୁ ପରାମର୍ଶ ଦେଇଛନ୍ତି ଏହି କବିତା ମାଧ୍ୟମରେ।

### ଦୁର୍ବଳ ପ୍ରତି ସହାନୁଭୂତି :-

ବର୍ତ୍ତମାନ ସମାଜ ବହୁ କଳୁଷିତ ଆଡ଼କୁ ଗତି କରୁଛି। ସମାଜରେ ଦୁର୍ବଳ ମାନଙ୍କ ପ୍ରତି ଅତ୍ୟାଚାର କରାଯାଉଛି। ଦୁର୍ବଳମାନେ ସମାଜର ବହୁ କ୍ଷେତ୍ରରେ ଶୋଷିତ ହେଉଛନ୍ତି। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉ ନାହିଁ । ଦୁର୍ବଳ ମାନଙ୍କ ପ୍ରତି ହେଉଥିବା ଆତ୍ୟଚାର ପ୍ରତିବାଦରେ ସେମାନଙ୍କ ପ୍ରତି  କବି ସହାନୁଭୂତି ଦେଖାଇବା ପାଇଁ ଉପଦେଶ ଦେଇଛନ୍ତି 'ଗଛରେ ବସିଛି ଟିକି ଚଢ଼େଇ', 'ତୋହରି ପାଇଁ', 'ଗଧ', ଆଦି କବିତା ମାଧ୍ୟମରେ । 'ଗଛରେ ବସିଛି ଟିକି ଚଢ଼େଇ' କବିତାରେ ଦୁର୍ବଳ ପକ୍ଷୀଟି ଅସହାୟ ଭାବରେ ଗଛରେ ବସି ରହିଛି। ମଣିଷ ଜାତି ଯେ ପକ୍ଷୀକୁ ଯାହା ଖାଇବାକୁ ଦଉଛି ସେ ଖାଉଛି। ହେଲେ ସେ

ISSN NO.
2582-208X

ଯେଉଁ ଗଛରେ ବସିଛି ଏ ଭଗାରୀ ମଣିଷ ଜାତି ସେହି ଗଛଟିକୁ ହାଣିବାରେ ଲାଗିଛି। ହେଲେ ଏ ମଣିଷ ଜାତି ନିଜେ ନିଜେ ଯେ ଦୁଃଖକୁ କିଣୁଛି ତାହା ଜାଣିପାରୁ ନାହିଁ। ଟିକି ଚଢ଼େଇଟି ବୋଲି ସେ ଏସବୁ ସହୁଛି।ହେଲେ ଧର୍ମ ଦେବତା ଏ ଦୁର୍ବଳ ପ୍ରତି ଅତ୍ୟାଚାରକୁ କେବେ ସହ୍ୟ କରିବ ନାହିଁ। ସେହିପରି 'ତୋହରି ପାଇଁ' କବିତାରେ ଗଛ ମାନେ ମଣିଷର ନିର୍ମମ କାର୍ଯ୍ୟକୁ ନିନ୍ଦା କରିଛନ୍ତି ଏଠାରେ ଜଡ଼ବସ୍ତୁ ଗଛ ହିଁ ଦୁର୍ବଳ। ସେ କାକର,ବରଷା ଓ ଖରା ସହି ଆଦିମ କାଳରୁ ମଣିଷ ମାନଙ୍କୁ ଚାହିଁ ରହିଛି। ଗଛ ମଣିଷ ମାନଙ୍କ ହିତରେ ଫଳ,ଫୁଲ, ଓ ପତ୍ର ଆଦି ଧାରଣ କରିଛି। ହେଲେ ସେହି ମଣିଷ ନିର୍ମମ ଭାବରେ ସେହି ଗଛକୁ କଟିବାରେ ଲାଗିଛି। ଟାଙ୍ଗିଆ ଯୋଖି ଦେଇ ସବୁ ଗଛ କାଟି ସଫା କରି ଦେଉଛି। ଧର୍ମ ହିଁ କେବଳ ଏହାର ସାକ୍ଷୀ ରହିବ। ଆଜି ସିନା ଜାଣିପାରୁନି ହେଲେ କାଲି ମଣିଷ ଏହାର ପରିଣାମ ବିଷୟରେ ଜାଣି ପାରିବା। କବିଙ୍କ ଭାଷାରେ–

"ଟାଙ୍ଗିଆ ଦେଲୁଣି ଯୋଖିରେ
ଆଉ ନ ରହିବ ବାକିରେ
ଧରମ ଏଣିକି ସାକ୍ଷୀରେ
ଆଜିତ ଜାଣୁନୁ କାଲିକି ଜାଣିବୁ
ହୋଇଗଲେ ନିରିମାଖୀ ।"(୮)

'ଗଧ' କବିତାରେ ମଧ୍ୟ ଗଧକୁ ସମସ୍ତେ ହୀନ ଦୃଷ୍ଟିରେ ଦେଖିଛନ୍ତି। ତାର ଖାଇବା ପିଇବା ସବୁ ଘୋଡ଼ା ପରି ହେଲେ ମଧ୍ୟ ବୃଦ୍ଧି ଊଣା ଥିବାରୁ ତାକୁ ସମସ୍ତେ ଗଧ ବୋଲି କହିଛନ୍ତି। ଘୋଡ଼ା ପିଠିରେ ସୈନ୍ୟ ବସିଥିବାରୁ ସେ ଦିନମାନ ଆରାମ କରିଥାଏ। ହେଲେ ଗଧ ଜୀବନ ସାରା ମଇଳା ଲୁଗାରେ ଗଣ୍ଠିଲି ବୋହିଛି। ପୁଣି ଓଜନ ହେତୁ ଧିରେ ଚାଲିଲେ ମାଡ଼ ମଧ୍ୟ ଖାଇଛି। ଘର ଭିତରେ ତାର ସ୍ଥାନ ନାହିଁ ସେ ନଇକୂଳରେ ହିଁ ଠିଆ ହୁଏ। ପୁଣି ମାଲିକାଣୀ ତା' ପାଇଁ ପଚାସଢ଼ା ଜିନିଷ ସବୁ ଖାଇବା ପାଇଁ ରଖିଥାନ୍ତି। ଗଧ ବୁଦ୍ଧିହୀନ ହେଲେ ହେ ସେ ଆମର ଉପକାରରେ ଆସୁଛି। ତା' ପ୍ରତି ଏପରି ଅତ୍ୟାଚାର ଅସହ୍ୟ। ଏହି ପରି ଭାବରେ କବି ଦୁର୍ବଳ ମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିଛନ୍ତି।

### ହିତୋପଦେଶ :–

ଶିଶୁ ମାନଙ୍କ ଆଚାର ବ୍ୟବହାର ଚିନ୍ତା ଓ ଚେତନାଗତ ଶୁଦ୍ଧତା ଆଣିବା ପାଇଁ ହିତୋପଦେଶର ଆବଶ୍ୟକ ରହିଛି। ଏହା ମାଧ୍ୟମରେ ଶିଶୁର ଚାରିତ୍ରିକ ବିକାଶ ମଧ୍ୟ

ISSN NO.
2582-208X

ହୋଇଥାଏ। ଏହି ହିତୋପଦେଶକୁ କେନ୍ଦ୍ର କରି କବି 'ଅଳପ ନମଣ କାହାକୁ' କବିତାରେ ହିତୋପଦେଶ ସ୍ୱରୂପ କହିଛନ୍ତି ଯେ ଅଳପ ଭୋଜନରେ ତୋଷ ହେବୁ, ଅଳପ କଥାରେ ରାଗ କରିବ ନାହିଁ। ପରର ଦୋଷକୁ ସବୁ ଛୋଟ ବୋଲି ମନେ କରିବ। ସେପରି ଅଳ୍ପ ଅଳ୍ପ ପାଠ ଘୋଷିଲେ ତା'ହା ଦିନେ ଅମୃତ ସଦୃଶ ହେବ।ରୋଗକୁ ଛୋଟିଆ ନ ଭାବି ଅଳ୍ପରୁ ହିଁ ତାର ପ୍ରତିକାର କରିବା ଆବଶ୍ୟକ। ଅଳ୍ପ ବର୍ଷା, ଅଳ୍ପ ଶୀତ ଖରା ଦେହ ପାଇଁ ହିତ କର ହୋଇଥାଏ। ମଣିଷ ଆୟୁଷ ଦିନକୁ ଦିନ ଅଳ୍ପ ହେବାକୁ ଲାଗିଛି। ତେଣୁ ଅଳ୍ପ ବୟସରୁ ହିଁ ଭକ୍ତି ସହିତ ଭଗବାନଙ୍କୁ ଡାକିଲେ ଭଗବାନ ଅଳ୍ପରେ ତୋ ଡାକ ଶୁଣିନେବେ। ଏହି ସବୁ ଛୋଟ ଛୋଟ ଉପଦେଶ କବି ଦେଇଛନ୍ତି ଏହି କବିତାରେ। 'ଖାଉଥିବା ଦୁଧ ସରକୁ' କବିତାରେ ମଧ୍ୟ କବି ଶିଶୁ ମାନଙ୍କ ଉଦ୍ଦେଶ୍ୟରେ କିଛି ଉପଦେଶ ଦେଇଛନ୍ତି। କେବେବି ଘରକୁ କଳି ଆଣିବ ନାହିଁ କି ପରକୁ ବୁଦ୍ଧି ଦେବ ନାହିଁ। କର କେବେ ବାକି ରଖିବା କଥା ନୁହେଁ। ଜରକୁ ହେଳା କଲେ ଚୋରକୁ ନିଜର ଭାବିଲେ, ଝରଣାକୁ ଦୂଷିତ କଲେ ମରଣକୁ ଜାଣି ଜାଣି ବରଣ କରିବା ସହ ସମାନ। ଲୋକଙ୍କୁ ଆଦର କରି ପରମେଶ୍ୱରକୁ ଚିନ୍ତା କଲେ ଓ ନିଜ କାମ ନିଜେ ଆଦର ସହକାର କରିଲେ, ତାହା ଦୁଧସର ଖାଇବ ସହ ସମାନ ହେବ ବୋଲି କବି କହିଛନ୍ତି । କବିଙ୍କ ଭାଷାରେ –

"ଆଦର କରିଲେ ନରଙ୍କୁ
ଚିନ୍ତିଲେ ପରମେଶ୍ୱରଙ୍କୁ
ଶକତ କରିଲେ କରକୁ
ଯୋଖିଥିଲେ ଆଣ୍ଠେ ଶରକୁ
ନିଜ କାମ ନିଜେ ଆଦରେ କରିଲେ
ଖାଉଥିବ ଦୁଧ ସରକୁ।"(୯)

## ଶିଶୁ ଶିକ୍ଷା :-

ଗୋଟିଏ ଶିଶୁର ଭବିଷ୍ୟତ ନିର୍ଭର କରେ ତାର ଶିକ୍ଷା ବା ପାଠ ଉପରେ। ଶିଶୁଟି ବିଦ୍ୟାଳୟ ପ୍ରତି ବିମୁଖ ହେଲେ ବହୁ ପ୍ରକାର ଢଙ୍ଗରେ ତାକୁ ବୁଝାଇ ବିଦ୍ୟାଳୟକୁ ପଠାଇବା ଦରକାର। କାରଣ ଶିଶୁ ଶିକ୍ଷିତ ହେଲେ ଗୋଟିଏ ଦେଶ ଉନ୍ନତ ହେବ। ତେଣୁ ଶିକ୍ଷା ଛୋଟ ବେଳରୁ ହିଁ ଆବଶ୍ୟକ। ଛୋଟ ପିଲାର ପାଠ ଠାରୁ ଖେଳ କୁଦରେ ଅଧିକ ମନ ଥାଏ। କିନ୍ତୁ ତା ସହ ଶିକ୍ଷା ମଧ୍ୟ ସମ ପରିମାଣରେ ଦେବା ଦରକାର। ତେଣୁ ଶିଶୁ ମାନଙ୍କ ଶିକ୍ଷା

ISSN NO.
2582-208X

କୁ ଧ୍ୟାନ ଦେଇ କବି 'ନାଆଁଟି ମୋହର ସର' ଓ 'ସାଲ୍ୟୁଟ ମାଇକେ ଗାଆଁର ପିଲା' କବିତା ରଚନା କରିଛନ୍ତି। ପ୍ରଥମ କବିତାରେ ସରକୁ ପାଠ ପଢିବା ପାଇଁ ମାଆ ଡାକିଲେ ତାକୁ ଜର ଆସେ। ମାଆ ତାକୁ କହିଲେ ବସ୍ତାନି ଧଇଲେ ସବୁ ଜର ଭଲ ହୋଇଯିବ। ସତରେ ମଧ୍ୟ ଗୁରୁଜୀ, ଗୁରୁମା , ସାଙ୍ଗସାଥୀ ଦେଖି ତାର ଜର କୁଆଡ଼େ ଗଲା। ତା'ପରେ ତା'ଆଖି ବହିରେ ହିଁ ଲାଖି ରହିଲା ବହିରେ ଏତେ ଭଲ କଥା ଅଛି ବୋଲି ସର ଜାଣିଲା । ସେହିଦିନ ଠାରୁ ରାତିଦିନ ସେ ମନ ଲଗେଇ ପାଠ ପଢୁଛି। ପାଠରୁ ଜ୍ଞାନ ଓ ଜ୍ଞାନରୁ ଧନ ଅର୍ଜନ କରିଛି। କବିଙ୍କ ଭାଷାରେ –

"ସେହି ଦିନଠାରୁ ରାତିଦିନ
ପଢ଼ିଲି ଲଗାଇ ମନ
ପାଠପଢ଼ି ଆଜି ମଣିଷ ହୋଇଛି
ଅରଜିଛି ଜ୍ଞାନ ଧନ।"(୧୦)

ଶେଷରେ ସର ପାଠ ଦେବତା ଠାରୁ ଦୂରେଇ ନ ଯିବା ପାଇଁ କହିଛି। ସାଲ୍ୟୁଟ୍ ମାଇଲେ ଗାଁର ପିକ କବିତାରେ ଅପା ଛେନାରୁ ଚୋପା ଛଡେଇବା କଥା କହୁଥିଲା, ସେ ସମୟରେ ଦାଣ୍ଡରୁ ବାପା ଆସିଛନ୍ତି । ତାକୁ ବସି ବହି ଧରି ପାଠ ପଚାରିବାରୁ ସେ ଖାଲି ପାଟି ପାକୁ ପାକୁ କରୁଛି ।ବାପା କହିଲେ ରେ ଝିଅ ! ତୁ ଘିଅ ଲହୁଣୀ ଖାଇଲୁ ଅଥଚ ପାଠ ପଢ଼ାରେ ମନଦେଲୁ ନାହିଁ । ଏବେକା ସମୟର ଝିଅକୁ ଦେଖ । ସେମାନେ ପୁଅ ସହ ତାଳ ମିଳେଇ କେତେ ଆଗକୁ ଗଲେଣି । ତୁ ଇଚ୍ଛା କରିଥିଲେ ମୁ ସବୁ ଟଙ୍କା ତ ପାଠପଢ଼ାରେ ଖର୍ଚ୍ଚ କରନ୍ତି । ବାପାଙ୍କର ଏହି ଭତ୍ସନା ବାଣିରେ ଅପାର ପରିବର୍ତ୍ତନ ହୋଇଛି ।ସେ ଉଚିତ୍ ପାଠପଢି ହାକିମ ହୋଇଛି । ମଟର ଗାଡ଼ି ଚଢ଼ି ଅପା ଗାଁ କୁ ମାଡ଼ି ଆସିଛି । ଗାଁ ଲୋକ ଧାଡ଼ି ଧାଡ଼ି ହୋଇ ତାକୁ ସାଲ୍ୟୁଟ ମାରିଛନ୍ତି । କବି ଶିଶୁ ମାନଙ୍କୁ ଏହିପରି ଭାବରେ ପାଠପଢ଼ା ଦିଗରେ ଉତ୍ସାହିତ କରିଛନ୍ତି ।

### କିଶୋର କୌତୁକ :-

ଶିଶୁ ତଥା କିଶୋର କିଶୋରୀ ମାନଙ୍କ କୌତୁକ ଓ ମନରଞ୍ଜନ ପାଇଁ କବି କେତେକ କବିତା ରଚନା କରିଛନ୍ତି । ତା' ମଧ୍ୟରୁ 'ଗେଡ଼ୀନାନୀ', 'ଗଣିଆ ଘରର ବୁଢ଼ୀ', 'ପରସମଣୀ', 'ଗଡ଼ରେ ଜୀବନ ଭଉଣୀ ଭାଇ', 'ବଡ଼ ବରଗଛ ଛାଇ', 'ନୂଆ ଡାକ ତାର

ISSN NO.
2582-208X

କଅଁଳ କେଡେ ? ଅନ୍ୟତମ । ଏସବୁ କବିତା ମାନଙ୍କରେ ସହ ମଜା କଥା ହିଁ ଦେଖିବାକୁ ମିଳେ । ଫଳରେ ଛୋଟ ପିଲା ହସି ହସି ଏହା ଶୁଣିବାକୁ ଇଚ୍ଛା କରିବେ ।ଏ ଧରଣର କବିତା ପିଲାଙ୍କ ମନୋରଞ୍ଜନ ପାଇଁ ଉଦିଷ୍ଟ ।

'ଗେଡ଼ୀ ନାନୀ' କବିତାରେ ଗେଡ଼ୀକୁ ଭଜାବଡ଼ି ଖାଇବାକୁ ଦିଆଯାଇଛି । ଗେଡ଼ୀ ଭଜା ବଡ଼ି ଖାଇ ଶିଡ଼ିରୁ ଖସି ପଡ଼ିଛି । ତା ଆଣ୍ଠୁ ଛିଡ଼ି ଯିବାରୁ ସେ ଭେଏଁ ଭେଏଁ ହୋଇ କାନ୍ଦିଛି। ତା' ବୁଢ଼ିମା ଆସି ତା'ଦେହ ମୁଣ୍ଡ ଝାଡ଼ି ଦେଇଛି । ଶେଷରେ ଗେଡ଼ୀ ସବୁ କାମ ଛାଡ଼ି ସିଲଟ ଖଡ଼ି ଧରି ପାଠ ପଢ଼ି ଯାଇଛି । ତା' ମାନ ବଢ଼ିବାରୁ ସେ ନୂଆ ଘଡ଼ି ଚୁଡ଼ି ପିନ୍ଧି ସଭାରେ ଭାଷଣ ଦେଇଛନ୍ତି । ତା ଭାଷଣ ଶୁଣି ସମସ୍ତେ ହସି ହସି ଗଡ଼ି ଯାଉଛି । କବିଙ୍କ ଭାଷାରେ –

"ମାନ ଗଲା ତା'ର ବଢ଼ିକି
ପିନ୍ଧି ନୂଆ ଘଡ଼ି ଚୁଡ଼ିକି
ଭାଷଣ ଦେବାରୁ ପିଲାଏ ଶୁଣିକି
ହସି ହସି ଗଲେ ଗଡ଼ିକି ।"(୧୧)

'ପରସମଣୀ' କବିତାରେ ବଣୀଟିଏ ଥଣ୍ଟରେ ପରସମଣି କୁ ଧରିଲା । ସେ ବଣୀ ପାଖରେ ଶୁଆ ମିଳିଲା ।ଶୁଆଟି ମୁଁହରେ ଟାଣୁଆ ଲୁହା ଧରି ଥିଲା । ସେ ଲୁହାରେ ପରଶମଣି ଲଗେଇ ଦେବାରୁ ତାହା ସୁନାରେ ପରିଣତ ହୋଇଗଲା । ସେ ସୁନାକୁ କଣ୍ଠିଆ ନାନା ଧରିଲା । ସେ ସୁନାରେ ହାର ତିଆରି କରି ତା ବୁଢ଼ୀକୁ ପିନ୍ଧିବାକୁ ଦେଲା । 'ଗଢ଼ରେ ଜୀବନ ଭଉଣୀ ଭାଇ' କବିତାରେ କବି କହିଛନ୍ତି – କଦଳୀ ଗଛର ପତ୍ର ବଡ଼ ହୋଇଥାଏ। ସେପରି ବଡ଼ ମନ ଦେଇ ଜୀବନ ଗଢ଼ିବା ଆବଶ୍ୟକ ।ଗୁରୁଙ୍କୁ ମାନି ପାଠପଢ଼ିଲେ ଉତ୍ତମ ଚାଟ ହୋଇପାରିବ । ଫଳରେ ଗାଁ ମୂଳକ ସବୁ ଉଲ୍ଲସି ଉଠିବ । କବି ଏପରି ଭାବେ ଶିଶୁ ଓ କିଶୋର ମାନଙ୍କ କୌତୁକ ଉଦ୍ଦେଶ୍ୟରେ କେତେକ କବିତା ରଚନା କରିଛନ୍ତି ।

ISSN NO.
2582-208X

ସାମ୍ପ୍ରତିକ ସମୟରେ ଯେତେବେଳେ ଶିଶୁମାନେ ନୈତିକ ଶିକ୍ଷା ଓ ପ୍ରକୃତିଠାରୁ ଦୂରେଇ ଯାଉଛନ୍ତି, ସେହି ସମୟରେ ଡକ୍ଟର ରାମଚନ୍ଦ୍ର ନାୟକଙ୍କ 'ଟିକୁକୁ ନ କର ହେଳା' କବିତା ସଂକଳନଟି ଏକ ଆଲୋକ ବର୍ତ୍ତିକା ସଦୃଶ। ଏହି ପୁସ୍ତକର ପ୍ରତିଟି କବିତା ଶିଶୁ ମନସ୍ତତ୍ତ୍ୱକୁ ଗଭୀର ଭାବେ ସ୍ପର୍ଶ କରିବା ସହିତ ସେମାନଙ୍କୁ ଏକ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିତୋଳିବାକୁ ପ୍ରେରଣା ଦିଏ। କ୍ଷୁଦ୍ର ଭିତରେ ବୃହତ୍ର ସମ୍ଭାବନାକୁ ଖୋଜିବା, ପରିବେଶକୁ ଭଲ ପାଇବା ଏବଂ ପରୋପକାରକୁ ଜୀବନର ବ୍ରତ କରିବା ପାଇଁ କବିଙ୍କର ଏହି ଆହ୍ୱାନ ଓଡ଼ିଆ ଶିଶୁ ସାହିତ୍ୟକୁ ରୁଦ୍ଧିମନ୍ତ କରିଛି। ସର୍ବୋପରି, ଶିଶୁମାନଙ୍କ ମନରେ ସଂସ୍କାର ଓ ସଂସ୍କୃତିର ବୀଜ ରୋପଣ  କରିବାରେ ଏହି ସଂକଳନଟି ଏକ ଯୁଗାନ୍ତକାରୀ ପଦକ୍ଷେପ।

ସଙ୍କେତ ସୂଚୀ :
୧–ନାୟକ, ଡ.ରାମଚନ୍ଦ୍ର : ଟିକିକୁ ନକର ହେଳା,ପ୍ରଥମ ସଂସ୍କରଣ,୨୦୧୩,ପୃଷ୍ଠା– ୩୨
୨–ସେହିଠାରେ,ପୃଷ୍ଠା –୧୯
୩–ସେହିଠାରେ,ପୃଷ୍ଠା –୫
୪– ସେହିଠାରେ,ପୃଷ୍ଠା –୩୪
୫– ସେହିଠାରେ,ପୃଷ୍ଠା –୨୨
୬– ସେହିଠାରେ,ପୃଷ୍ଠା –୨୬
୭– ସେହିଠାରେ,ପୃଷ୍ଠା –୨୯
୮– ସେହିଠାରେ,ପୃଷ୍ଠା –୧୬
୯– ସେହିଠାରେ,ପୃଷ୍ଠା –୬୩
୧୦– ସେହିଠାରେ,ପୃଷ୍ଠା –୫୩
୧୧– ସେହିଠାରେ,ପୃଷ୍ଠା –୫୧

(((–)))

ହରିଡ଼ାପାଳ,ଆନନ୍ଦପୁର,କେନ୍ଦୁଝର
nishikantabal8@gmail.com

ISSN NO.
2582-208X

# ମୁଁ ବନ୍ଦିନୀ ......

ପ୍ରଜ୍ଞା ପାରମିତା ପଣ୍ଡା

ମୁଁ ବନ୍ଦିନୀ କାହା ପାଖରେ
ସ୍ୱପ୍ନ 'ନା' ବାସ୍ତବତା ପାଖରେ ?

'ସ୍ୱପ୍ନ' ଯିଏ 'ବାସ୍ତବତା'ରେ
ବଂଚିବା ପାଇଁ ଉନ୍ମାଦନା ଭରେ
'ବାସ୍ତବତା ' ଯିଏ ସବୁ ସ୍ୱପ୍ନକୁ
ଜୀବନ୍ତ କରିପାରେ......

ନିରୀହ ସ୍ୱପ୍ନ ଛଳନା ଜାଣେନା
ଅନାୟାସରେ ବାସ୍ତବତା ପାଇଁ ଆଶା ଭରେ
ହେଲେ ନିଷ୍ଠୁର ବାସ୍ତବତା କାହିଁକି କେଜାଣେ କାହିଁକି ବେଳେ ବେଳେ
ଭୁଲ ବୋଲି ପ୍ରମାଣିତ କରେ....

ହେଲେ କୁହ ସତେ
ମୁଁ ବନ୍ଦିନୀ କାହା ପାଖରେ ?
'ସ୍ୱପ୍ନ'ରେ ସଂଜୀବନୀ ଭରୁଥିବା
'ବାସ୍ତବତା' ପାଖରେ ?
ନା
'ବାସ୍ତବତା'ର ଅନଳରେ
ଅର୍ଦ୍ଧଦଗ୍ଧ ହେଉଥିବା 'ସ୍ୱପ୍ନ' ପାଖରେ ?

ଶିକ୍ଷୟିତ୍ରୀ, ସରକାରୀ ଟେକ୍ନିକାଲ ଉଚ୍ଚ ବିଦ୍ୟାଳୟ,
ଆସିକା, ଗଞ୍ଜାମ/ମୋବାଇଲ ନଂ - 9040619553

ISSN NO.
2582-208X

# ପ୍ରତିଭା ଶତପଥୀଙ୍କ କବିତା-ଏକ ଅନୁଶୀଳନ



ଡ. ପୂର୍ଣ୍ଣଚନ୍ଦ୍ର ସାହୁ

ଆଧୁନିକ ଓଡିଆ ସାହିତ୍ୟର ବହୁ ପରିଚିତ ନାମ କବି ପ୍ରତିଭା ଶତପଥୀ । ସେ ୧୯୪୫ ମସିହାରେ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ପିତାଥିଲେ ଚକ୍ରଧର ଶତପଥୀ, ମାତା ଥିଲେ ହରିପ୍ରିୟା ଦେବୀ, ପିଲାଦିନେ ସେ ତାଙ୍କ ମାଆଙ୍କ ଠାରୁ ବହୁ କବିତା ଶୁଣିଛନ୍ତି । ରାମାୟଣ, ପୁରାଣ, କମଳକୁମାରୀ, ଦୁଃଖିନୀ ଗୋବର ଗୋଟେଇ ଇତ୍ୟାଦି ଉପନ୍ୟାସ ପଢିବାର ସୁଯୋଗ ପାଇଛନ୍ତି । ସାତ ବର୍ଷ ବୟସରେ ଗାଁର ମାତୃମଙ୍ଗଳ କେନ୍ଦ୍ରରେ ପ୍ରାର୍ଥନା ସଭାରେ ରାମଧୁନ୍ ଗାଇଛନ୍ତି । ପରେ ବିବେକାନନ୍ଦ ବିଦ୍ୟାପୀଠରୁ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ରେଭେନ୍ସା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଅଧ୍ୟୟନ କରୁଥିଲେ । ୧୯୬୨ ମସିହା ଜୁନ୍ ୨୪ ତାରିଖରେ ନିତ୍ୟାନନ୍ଦ ଶତପଥୀଙ୍କ ସହିତ ହାତଗଣ୍ଠି ପଡିଥିଲା । ପରେ ସ୍ୱାମୀଙ୍କ ପ୍ରେରଣାରେ ସ୍ନାତକୋତର ପାଶ୍ କରିଛନ୍ତି ।

## ସାହିତ୍ୟ କୃତି -

ତାଙ୍କର ପ୍ରକାଶିତ ସଂକଳନ ହେଉଛି ଆମ କବିତା (୧୯୬୨), ଅସ୍ତ ଜହ୍ନର ଏଲିଜ୍ (୧୯୬୯), ଗ୍ରସ୍ତ ସମୟ (୧୯୭୪) ସାହାଡା ସୁନ୍ଦରୀ (୧୯୭୮), ନିୟତ ବସୁଧା (୧୯୮୦) ନିମିଷେ ଅକ୍ଷର (୧୯୮୫), ମହାମେଘ (୧୯୮୮), ଶବରୀ (୧୯୯୧), ତନ୍ମୟଧୂଳୀ (୧୯୯୬), ଅଧାଅଧା ନକ୍ଷେତ୍ର (୨୦୦୧), କହି ନ ହେଲେ (୨୦୦୬) ଏବଂ ତୁମ ପାଇଁ ଥରେ ସବୁଥର (୨୦୧୧), କବିତା ବ୍ୟତିରେକ ନିବନ୍ଧ, ପ୍ରବନ୍ଧ ଓ ଆଲୋଚନା ବର୍ଗରେ ସେ କଳ୍ପନାର ଅଭିଷେକ (୧୯୮୦), ସ୍ୱନ୍ଦରନ ଭୂମି (୧୯୯୩), ପ୍ରତିଫଳନ

ISSN NO.
2582-208X

(୧୯୯୩) ଭାରତ ମାତାର ଲୁହ (୨୦୦୨), ସ୍ୱର୍ଗତ ସରଳାଦେବୀ (୨୦୦୮), ଶୈଶବରୁ ସଂସାର (ଆତ୍ମକଥା), ନାରୀ ଅସ୍ତିତ୍ୱର ବାସ୍ତବତା – ବିବର୍ତ୍ତିତ ଓଡିଆ କବିତା– ଆଦି ବହୁ ଗ୍ରନ୍ଥ ରଚନା କରି ଓଡିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ଅସ୍ତଜହ୍ନର ଏଲିଜ୍ –

'ଅସ୍ତଜହ୍ନର ଏଲିଜ୍' ର କବିତା ବିଷାଦବୋଧ, ବ୍ୟର୍ଥତା, ବିରହ ଓ ଦହନର ଏକ ସମନ୍ୱିତ ରୂପ । ନାରୀ ତା ଅସ୍ମିତା ଉଚ୍ଚାରଣ । ଶତାବ୍ଦୀର କନ୍ୟା, ଯୁଗନାରୀ, ଶିରୋନାମାରେ ଅହଲ୍ୟା ସୀତା ପ୍ରମୁଖ ଚରିତ୍ରଙ୍କ ମାଧ୍ୟମରେ ନୀଳଶୈଳର 'ସରଦେଈ' ଚରିତ୍ରର ବିଶେଷତ୍ୱ ଖୋଜିଛନ୍ତି । ହରଶ୍ଚନ୍ଦ୍ର, ଶିଖଣ୍ଡୀ, ଶକୁନି ଆଦି କବିତା ମିଥ୍ ଆଧାରିତ ।

"ମୁଁ ଭାଭୁଛି କିଛି ଜ୍ୟୋସ୍ନା ପିଇଯିବି ଆଞ୍ଜୁଳାରେ ଭରି
ପିଇଯିବି ଆକାଶର ଏ ଶୂନ୍ୟତା।
ମୁଁ ଉଡିବି ମହାଶୂନ୍ୟେ ଜ୍ୟୋସ୍ନାରେ ମୋ ଶରୀର ପଖାଳି
ବହୁଦିନ ଏ ଶରୀର ଆବର୍ଜନା ଭିତରେ ବୁଡିଛି ।"
(ଲାଙ୍ଗୁଳାର ସଂଗୀତ)

ଗ୍ରସ୍ତ ସମୟ –

ପ୍ରତିଭାଙ୍କ ଦ୍ୱିତୀୟ ସଂକଳନ, ଜୀବନର ଅସାରତା, ବିଭଙ୍ଗତା, ବିଡମ୍ବନାକୁ ଖୋଜିଛନ୍ତି । ସେ ତାଙ୍କ କବିତା ଭିତରେ । ନିମ୍ନ ମଧ୍ୟବିତ ପରିବାରରେ ଝିଅଟିଏ ଜୀଇଁବା ପାଇଁ କିପରି ନାରୀତ୍ୱର ଐଶ୍ୱର୍ଯ୍ୟକୁ ବଳିଦିଏ, ତାହାର ଜ୍ୱଳନ୍ତ ଉଦାହରଣ କବିତା "ସାବିତ୍ରୀ ଉବାଚ" ରେ :–

"ସତୀତ୍ୱର ସଂଜ୍ଞା କ'ଣ
ବଂଚିବା ଓ ବଂଚାଇବା
ଶତାବ୍ଦୀର ମହାସଂକଟରେ
ସାବିତ୍ରୀ ମୋର ଶ୍ରଦ୍ଧାନାମ
ଘୃଣାର ଶାଣିତ ଛୁରୀ

ISSN NO.
2582-208X

ଆତତାତୀ ନୂତନ ସମୟ ।”
(ସାବିତ୍ରୀ ଉବାଚ)

### ସାହାଡା ସୁନ୍ଦରୀ –

କବିଙ୍କ ଚତୁର୍ଥ ସଂକଳନ । ୩୬ ଟି କବିତାର ସମାହାର, ପ୍ରତିଭା ପ୍ରବାହର ଭିନ୍ନ ମୋଡ ଲୋକ କଥାରେ 'ସାହାଡା ସୁନ୍ଦରୀ' ଏକ ଚରିତ୍ର । ଜୀବନର ସକଳ ଅସମାର୍ଥ ଓ କୁତ୍ସିତପଣ ଭିତରେ ସୌନ୍ଦର୍ଯ୍ୟରେ ଦିବ୍ୟ ଚେତନାର ଇଚ୍ଛା ଏହାର ମୂଳସୂତ୍ର । ଇଶ୍ୱରୀୟ ସତାକୁ ଦେଖିଛନ୍ତି ଏହି କବିତା ସଂକଳନରେ । ଏକ ଦିଗରେ ମାଟିର କୁତ୍ସିକତା, ବିଡମ୍ବନା ପ୍ରତି ଆତ୍ମୀୟତା ଓ ଅନ୍ୟ ଦିଗରେ ସ୍ଥିତିର ପରମ ସତା ପ୍ରତି ସମର୍ପିତ ଭାବନା ।

“ମୁଁ ସିନା ଖରାରେ ପୋଡେ, ବର୍ଷା ଖାଏ, ଶୀତ ସହେ
ସାହାଡ ଗଛର ଅପରିଚ୍ଛନ୍ନ, ଗଣ୍ଠି ଭିତରେ
ଲୁଚିଥିବା ହେ ସୁନ୍ଦରୀ
ତୋର ଅସ୍ଥିରତାରେ ମୋତେ ଦୋହଲାଇ ଦେନା
କେତେ ପାର୍ବଣର ମୁଖର ତିଥି
ତୋର ଅବସର୍ଣ୍ଣ ବିଷର୍ଣ୍ଣତା ତଳେ ହଜିଯାଇଛି
ତୁ କେମିତି ବୁଝି ପାରୁନୁ ଯେ
ଆମ ପାଇଁ ଆଉ ଅଧିକ କିଛି ନାହିଁ ।”
(ସାହାଡା ସୁନ୍ଦରୀ)

### ନିୟତ ବସୁଧା

୩୭ ଟି କବିତାର ସମାହାର । କବିଙ୍କ ସ୍ୱର ଅଧିକତର ସ୍ୱଷ୍ଟ । କବିସତା ଏହାର ଉତମ ସମାହିତ ବ୍ୟକ୍ତିତ୍ୱ । ଜାଗତିକାରୁ ମହାଜଗତିକ ଆଡକୁ ଯାତ୍ରା ହେଉଛି ନିୟ ବସୁଧା । ଗୋଠ ସତ୍ୟ, ବଇଁଶୀ ବି ସତ୍ୟ । କବି ଜାଣନ୍ତି ନିଜର ଅପାରଗତା ଏହି ଅନୁଭବକୁ ଖୋଜିଛନ୍ତି । ଖୋଲା ଝର୍କା, ଗୋଠ ଜଗୁଆଳ, ସବାସାନ ପୁଅ, ମୃଗୁଣୀ ସ୍ମୃତି, ଦେବକୀ ଓ ଶ୍ରମଣା ଆଦି ଏହି ପର୍ଯ୍ୟାୟର ।

“ସାର ଖାଲି ଅଶ୍ରୁ ଆଉ ଦୀର୍ଘଶ୍ୱାସ

ISSN NO.
2582-208X

ଆଖି ଆଗେ ଘନ ଅନ୍ଧାରରେ
କଳା କଳା ମଇଁଷିର ଶିଙ୍ଘ ଆଉ ମାଳ ମାଳ
ରକ୍ତାକ୍ତ ମନ୍ଦିର ।"
(ଦିବା ଆଉ ରାତ୍ରୀ)

ତନ୍ମୟ ଧୂଳି

'ତନ୍ମୟ ଧୂଳି' ସଂକଳନ ୩୬ଟି କବିତାର ସମାହାର, ନିଜକୁ ତନ୍ମୟ ଧୂଳି କଣାଟିଏ ମନେ କରି ପ୍ରଖର ସୂର୍ଯ୍ୟ ରଶ୍ମୀରେ ନାଚି ଉଠିବାର ପ୍ରୟାସ । କିମ୍ବା ରାତିର ଶେଷ ତାରାଟି ପାଖରେ ନିଜ ମନର ଦୁଃଖ ବାଢି ଦେବାର ଆକୁତି  କିମ୍ବା ପରମ ପ୍ରିୟତମଙ୍କ ପାଖରେ ନିଜ ଅସାମାର୍ଥ୍ୟ ପ୍ରକାଶ ଓ ତହିଁରୁ ଟେକି ନେବା ପାଇଁ ପ୍ରାର୍ଥନା ସତେ ଯେପରି ତାଙ୍କ କାବ୍ୟ ମନନ । ଏହିପରି ଏକ ପାର୍ଥିବ– ଆପାର୍ଥିବ ସଂପର୍କର ଦୋଳିରେ ଦୋଳାୟିତ ହେଉଛି ଜୀବନ ।

"ମୁଁ ତେବେ କି
ବାଲିର ରଙ୍ଗ
ବାଲିରେ ଗଢା ମୋ ବାହୁରେ
ନିରାଧାର ପ୍ରିୟତମ
ତୁମକୁ ହିଁ ଭିଡି ଧରି ରଖିବାକୁ ପ୍ରାଣପଣ କରେ ।"
(ଅନଧିକାର ପୃ–୪୮ ତନ୍ମୟ ଧୂଳି)

ଅଧା ଅଧା ନକ୍ଷତ୍ର  –

ଅଧା ଅଧା ନକ୍ଷତ୍ର– କବିତା ସଂକଳନକୁ ପ୍ରତିଭା ଶତପଥୀ ତାଙ୍କ ବୋଉଙ୍କ ପୁଣ୍ୟ ସ୍ମୃତିରେ ଅର୍ପଣ କରିଛନ୍ତି । ଦୁନିଆର ସବୁ ବୋଉ ମାନେ ବୋଧ ହୁଏ ଏକୁଟିଆ ହୋଇଯାଆନ୍ତି । ଏହି କବିତା ସଂକଳନଟି ୨୦୦୧ ମସିହାରେ ଆତ୍ମ ପ୍ରକାଶ କରିଥିଲା । ଏହି କବିତାରେ ମାତୃତ୍ୱର ସଫଳ ମୂଲ୍ୟାୟନ କରାଯାଇଛି ।

"ଖୁବ୍ ଦୂରରୁ ଲମ୍ବି ଆସୁଛି
ଯେଉଁ ଅନୁଚ୍ଚସ୍ୱର

ISSN NO.
2582-208X

ସେ ଆଉ କାହାର ନୁହେଁ
ତୁମର, ତୁମର ମାନେ
ମୋ ହୃତପିଣ୍ଡରୁ କଟାଯାଇଥିବା
ଏକ ଜୀବନ୍ତ ଅଂଶ
ଅବଶ୍ୟ ଦୂରର ।"
(ସ୍ୱର ପୃ-୨୧ ଅଧା ଅଧା ନକ୍ଷତ୍ର )

କହି ନ ହେଲେ -

ଏହି କବିତା ସଂକଳନଟି ପ୍ରତିଭା ଶତପଥୀଙ୍କ ଏକାଦଶ ତମ କବିତା ସଂକଳନ । ଏହା ୪୭ ଟି କବିତାର ସମାହାର । ଏହି ସଂକଳନ ସଂପର୍କରେ ଶତପଥୀ କୁହନ୍ତି - ଅନେକ ସୂକ୍ଷ୍ମ ଜଟିଳ ତଥା ଚିରନ୍ତନ ଉପଲବ୍ଧି ଏଥିରେ ପ୍ରକାଶିତ ହୋଇଛି । 'ପ୍ରସ୍ଥାନ ନାହିଁ'- କବିତାଟି ଏହି କବିତା ଗ୍ରନ୍ଥର ପ୍ରଥମ କବିତା । ସେ କୁହନ୍ତି- ଯିବା ବେଳକୁ / କେଡେ ସୁନ୍ଦର ଦିଶୁଛ ତୁମେ ଏହି କବିତାରେ ବିଷାଦ ବୋଧର କଥା କୁହାଯାଇଛି ।

"ରହ ଗୋଟେଇ ପକାଏଁ
ହୃଦୟର ଟୁକୁରା ସବୁକୁ
କ୍ଷୟ କ୍ଷତିରେ ଯନ୍ତ୍ରି ହେଉଥିବା
ପୃଥ୍ୱୀକୁ ଆଉଁସି ଦିଏ ଟିକିଏ
ଏ ଡାଳରୁ ସେ ଡାଳ
ଜାଲ ବୁଣିବାରେ ବ୍ୟସ୍ତ
ନିରାସକ୍ତ ବୁଢିଆଣୀ ସାମ୍ନାରେ
ଯୋଡ ହାତ ହୁଏ
ସଫଳତାକୁ ମୋର ।"

ନିମିଷେ ଅକ୍ଷର -

ଏହି କବିତା ସଂଳନଟି ୩୩ କବିତାରେ ସମାହାର । ନିମିଷେ ଅକ୍ଷର ରେ ପ୍ରତିଫଳିତ ସମୟ ଚେତନା ପ୍ରାୟ କୌଣସି ସମକାଳୀନ ନୁହେଁ - ଅତୀତ, ବର୍ତମାନ, ଭବିଷ୍ୟତ- ଏ ତିନିକାଳ ଗୋଟିଏ ସୂତ୍ରରେ ବନ୍ଧା, ନିଜେ ଆକାଶମୟ ହୋଇଯିବା ଏବଂ ଆକାଶକୁ ନିଜ ଭିତରେ ଧରି ରଖିବାର ପରିକଳ୍ପନା ନିଶ୍ଚିତ ଭାବରେ ଏକ ଉଚ୍ଚତର ଅସାଧାରଣ

ISSN NO.
2582-208X

ମାନସିକତା, ଜାଗତିକ କଷ୍ଟକୁ ଆପଣାର ଭିତରେ ଭୋଗି, ଗ୍ରହଣ କରି କବିସତା ମାଟି ମନସ୍କ, ଦୃଶ୍ୟର ମୋହ କମ୍ ନୁହେଁ । ମାଟିର ଦାବି ଓ ଆକର୍ଷଣ ଅଳ୍ପ ନୁହେଁ । ବ୍ୟକ୍ତି ବା କବି ସତା ସାଧାରଣ ଜୀବନ ବିତାଇବା ଏକ ଅବଧାରିତ ନିୟତି ।

"ପୃଥିବୀ ସ୍ପନ୍ଦିତ ହୁଏ ହୃତପିଣ୍ଡରେ ମୋର
ସାମାନ୍ୟ ଛାତି ଭିତରେ ଆଶ୍ଚର୍ଯ୍ୟ ଦର୍ପଣ ହୁଏ
ଲକ୍ଷ ଲକ୍ଷ ପ୍ରାଣୀଙ୍କର ଭାବମୟ ମୁହଁ ଛାଇପଡେ ।"
(ଜଡ ଭରତ)

ପ୍ରତିଭା ଶତପଥୀଙ୍କ କବିତା ସୁଖ ଦୁଃଖର ମର୍ମଗାଥା । ଜୀବନ କହିଲେ ଅଭିପ୍ସାର ଅପହଂଚ ଶିଖର, ଚିରନ୍ତନ ଅତୃପ୍ତି ବୋଧର ସ୍ୱର । ବୁଢିଆଣି ଜାଲପରି ଜୀବନର ଯାବତୀୟ ବନ୍ଧନରେ ଆକ୍ରାମାକ୍ରା ହେଉଥିବା କବିତାର ଅନ୍ୟ ନାଁ ପ୍ରତିଭା ଶତପଥୀ, ଜୀବନ ସୁଖ ଓ ଦୁଃଖର ମିଶ୍ରରାଗ । ଦୁଃଖ ଏତେ ଅନ୍ତରଙ୍ଗ ଯେ, ଲୁହ ଭାଷାରେ ତାହାକୁ ଆଉ କାହା ପାଖରେ କହି ହୁଏ ନାହିଁ , ଦେଖାଇ ହୁଏ ନାହିଁ । ଦୁଃଖର ଲୁହ ନିରୁପାୟ । ସେ ଲୁହରେ ପ୍ରତିବିମ୍ବିତ ହୁଏ ପ୍ରେମର ଏକାଗ୍ର ସତା ଖାସ ତୁମ ପାଇଁ । ତାଙ୍କ କବିତାର ପ୍ରତ୍ୟେକ ଟି ଚରିତ୍ରର ଜୀବନ ଏକ ଖୋଲା ବହି । ଯାତ୍ରାର ପ୍ରଥମ ପାଦଚିହ୍ନ । ଜୀବନକୁ ଚିହ୍ନୁଥିବା ଦୁଇଟି ପ୍ରାଣର ପ୍ରଣୟ, ଜଣେ ଜଣେ ସାଲିସ୍‌ହୀନ ବ୍ୟକ୍ତିସତା, ସମୟର ଅନନ୍ତ ପ୍ରବାହ ଡେଇଁ, ଜୀବାତ୍ମା ପରମାତ୍ମା ସହ ମିଳିତ ହେବାର ଉନ୍ମୁଖତା ପ୍ରକାଶ ପାଇଛି ।

### ଶବରୀ

'ଶବରୀ' ବାରମ୍ବାର ଏ ପୃଥିବୀରେ ଜନ୍ମ ହୁଏ । ଦୁଃଖ ଜଞ୍ଜାଳ ଭୋଗେ, ଝାଡ ଜଙ୍ଗଲରେ ହାତଗୋଡ ବନ୍ଧା ପଶୁ ପରି ଘୂରିବୁଲେ ବିଷାକ୍ତ ଚୋଟରେ ସେ ଲହୁଲୁହାଣ ହୁଏ । ଏବଂ ଜନ୍ମ ପରେ ଜନ୍ମ ଅପେକ୍ଷା କରିଥାଏ ତା' ପ୍ରିୟତମଙ୍କ ଦର୍ଶନ ପାଇଁ ସେ ସ୍ୱପ୍ନ ଦେଖେ ଅପୂର୍ବ ରାଜକୁମାରଙ୍କୁ ପାଇବା ପାଇଁ ବ୍ୟାକୁଳତା ତା ମନରେ ଉଁଇକି ମାରିଛି ।

ନିଦକୁ, ରାତିକୁ
ମୋର ଦେହକୁ ଦୁଃଖକୁ

ISSN NO.
2582-208X

ସବୁକୁ ଫିଙ୍ଗିଦେଇ ସୁଦୂରକୁ
ଆକାଶ ମଝିକୁ ।

ଶବରୀ ଜୀବନରେ ସ୍ୱପ୍ନ ସତ ହୋଇଛି, ଇନ୍ଦ୍ରଧନୁ ଉଇଁଛନ୍ତି । ରାତିରେ ମହୁରିର ସ୍ୱରରେ ହୃଦୟ ଦୋହଲି ଯାଇଛି । ତାଙ୍କ ସଂସାର ଉଜୁଳି ଉଠିଛି । ନୂଆ ସଂପର୍କଟି ତାଙ୍କ ତୁଚ୍ଛ ଜୀବନକୁ ଅର୍ଥ ପୂର୍ଣ୍ଣ କରି ଗଢି ତୋଳିବ । ସାଧାରଣ ମୁହୂର୍ତଟି ଅସାଧାରଣ ପରି ମନେହେବ ।

"ସେଠାରେ ମୁଁ ନିଜେ ପବନ ତାଡିତ ଧୂଳିକଣା
ମରୁଭୂମି ଉପରେ ଦେଇ ଯେ
ଉଡି ଯାଉ ଯାଉ
ଖୋଜି ବୁଲେ ନିଜର ଠିକଣା ।"
(ଶବରୀ)

ନିମିଷେ ଅକ୍ଷର -
ଏହି କବିତା ସଂକଳନଟି ୩୩ କବିତାରେ ସମାହାର । ନିମିଷେ ଅକ୍ଷରରେ ପ୍ରତିଫଳିତ ସମୟ ଚେତନା ପ୍ରାୟ କୌଣସି ସମକାଳୀନ ନୁହେଁ - ଅତୀତ, ବର୍ତମାନ, ଭବିଷ୍ୟତ - ଏ ତିନିକାଳ ଗୋଟିଏ ସୂତ୍ରରେ ବନ୍ଧା । ନିଜେ ଆକାଶମୟ ହୋଇଯିବା ଏବଂ ଆକାଶକୁ ନିଜ ଭିତରେ ଧରି ରଖିବାର ପରିକଳ୍ପନା ନିଶ୍ଚିତ ଭାବରେ ଏକ ଉଚ୍ଚତର ଅସାଧାରଣ ମାନସିକତା, ଜାଗତିକ କଷ୍ଟକୁ ଆପାଣାର ଭିତରେ, ଭୋଗି, ଗ୍ରହଣ କରି କବି ସତା ମାଟି ମନସ୍କ । ଦୃଶ୍ୟର ମୋହ କମ୍ ନୁହେଁ । ମାଟି ଦାବି ଓ ଆକର୍ଷଣ ଅଳ୍ପ ନୁହେଁ । ବ୍ୟକ୍ତି ବା କବି ସତା ସାଧାରଣ ଜୀବନ ବିତାଇବା ଏକ ଅବଧାରିତ ନିୟତି ।

ପ୍ରାନ୍ତଟୀକା -

ISSN NO.
2582-208X

୧.	ପ୍ରତିଭା ଶତପଥୀ - ଶୈଶବରୁ ସଂସାର, ଅପୂର୍ବା, ଭୁବନେଶ୍ୱର ।
୨.	ପ୍ରତିଭା ଶତପଥୀ - ପ୍ରତିଭା କବିତା ଉତ୍ସବ, ୧ମ ଭାଗ ପୃ-୧୧୨
୩.	ପ୍ରତିଭା ଶତପଥୀ - ଶବରୀ, ମିତା ବୁକ୍ସ, ପୃ-୧୩୦
୪.	ପ୍ରତିଭା ଶତପଥୀ - ପ୍ରତିଭା କବିତା ଉତ୍ସବ, ପ୍ରଥମ ଭାଗ, ଅଧା ଅଧା ନକ୍ଷତ୍ର, ପୃ-୩୬୦
୫.	ଶତ୍ରୁଘ୍ନ ପାଣ୍ଡବ - ପ୍ରତିଭା ଶତପଥୀଙ୍କ ନିର୍ବାଚିତ କବିତା - ଅଗ୍ରଦୂତ, କଟକ

(((-)))

ଅଧ୍ୟାପକ, ଓଡିଆ ବିଭାଗ
ରାଜସୁନାଖଳା ମହାବିଦ୍ୟାଳୟ, ରାଜସୁନାଖଳା, ନୟାଗଡ
ମୋ-୮୮୪୭୮୬୬୭୨୦

ISSN NO.
2582-208X

# ତୁମ ସ୍ମୃତିର ସିହରଣ



ସୁଜାତା ଦାଶ

ପ୍ରେମର ଦଲକାଏ ପବନେ ଯେବେ
ତୁମ ସ୍ପର୍ଶର ସୁଗନ୍ଧ ଆସେ,
ମୋ ନିରବ ମନର ପ୍ରତିଟି କୋଣେ
ଅଜଣା ଏକ ଭାବ ହସେ ।
ଶାନ୍ତ ସରଳ ଏଇ ହୃଦୟଟା
ତୁମ ଭାବନାରେ ହରାଏ,
ନିଜକୁ ତୁମ ବାହୁରେ ବନ୍ଧି
ସ୍ୱପ୍ନରେ ନିତ୍ୟ ଖୋଜାଏ ।
ଅନ୍ତର ଆତ୍ମାର ଗହୀର ତଳୁ
ଏକ ନାମ ଓଠକୁ ଆସେ,
ନିରବ ରାତିର ନିଶ୍ୱାସ ଭିତରେ
ତୁମ ନାମଟି ମୋତେ ଡାକେ ।
ଦୂର ଦିଗନ୍ତର ସେଇ ପଥରେ
ଦୁଇଟି ଛାୟା ମିଳେ ଆଜି,
ହାତେ ହାତ ଧରି ନିରବ ସପଥ—
ସାରା ଜୀବନ ତୁମେ ସାଥି ।
ସମୟର ପ୍ରତିଟି ପଦକ୍ଷେପେ
ଏକାସଙ୍ଗେ ଚାଲିବାର ଆଶା,
ତୁମେ ମୋର ପ୍ରେମର କାହାଣୀ
ମୁଁ ତୁମ ମନର ଭାଷା ।

(((–)))

ଭୁବନେଶ୍ୱର

ISSN NO.
2582-208X

# ଜୀବନ



ଡଃ. ସୁଚନ୍ଦ୍ରା ମହାନ୍ତ

ଜୀବନ ଏକ ସମ୍ଭାବନା
ଜୀବନ ଏକ ଆଶ୍ୱାସନା
ଜୀବନ ଏକ ଆଶାର ଆଲୋକ
ଜୀବନ ଏକ ସୁନ୍ଦର ଆଶ୍ଳେଷ
ଜୀବନ ଏକ ସୁଖ ଦୁଃଖର ସମୋଜ୍ଜ୍ୱଳ

ଜୀବନ ଏକ ପ୍ରତିଜ୍ଞା
ଜୀବନ ଏକ ସଂଘର୍ଷ
ଜୀବନ ଏକ ପ୍ରତିଶ୍ରୁତି
ଜୀବନ ଏକ ଆଦର୍ଶ
ଜୀବନ ଏକ ଆନ୍ଦୋଳନ

ଜୀବନ ଏକ ଶିକ୍ଷା
ଜୀବନ ଏକ ସଂସ୍କାର
ଜୀବନ ଏକ ବିଶ୍ଳେଷଣ
ଜୀବନ ଏକ ଅନୁଶୀଳନ
ଜୀବନ ଏକ ଜ୍ଞାନର ଭଣ୍ଡାର

ଜୀବନ ଏକ ଶୃଙ୍ଖଳା
ଜୀବନ ଏକ ଆତ୍ମବିଶ୍ୱାସ

ISSN NO.
2582-208X

ଜୀବନ ଏକ ବାସ୍ତବତା
ଜୀବନ ଏକ ପରିପକ୍ୱତା
ଜୀବନ ଏକ ସହନଶୀଳତା

ଜୀବନ ଏକ ପରିଚୟ
ଜୀବନ ଏକ ମାନବିକତା
ଜୀବନ ଏକ ନୈତିକତା
ଜୀବନ ଏକ ସମନ୍ୱୟତା
ଜୀବନ ଏକ ସମଧର୍ମୀତା ।

ଜୀବନ ଏକ ମହାସ୍ରୋତ
ଜୀବନ ଏକ କଳ୍ପବୃକ୍ଷ
ଜୀବନ ଏକ ଭାଗବତ
ଜୀବନ ଏକ ବାର୍ତ୍ତାବହ
ଜୀବନ ଏକ ଆହ୍ୱାନ ।

(((-)))

ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ରାଉରକେଲା -୪
ମୋ :୯୩୪୮୫୫୭୧୧୭

ISSN NO.
2582-208X

# ସମାଜର ଅନ୍ଧାର ମୁହଁ: ରାଜନୀତିର ଛାୟା ତଳେ



କବିତା ବେହେରା

ସମାଜ ଏକ ଏମିତି ଅଦୃଶ୍ୟ ସଂରଚନା, ଯାହାର ଉପରେ ଆମର ଜୀବନର ପ୍ରତ୍ୟେକ ଅଧ୍ୟାୟ ଲେଖାଯାଏ। ଏହା କେବଳ ଲୋକ ମାନଙ୍କର ଏକ ଭିଡ଼ ନୁହେଁ, ବରଂ ଏହା ଏକ ସଂଘଟିତ ଚେତନା, ଏକ ସାମୂହିକ ମନୋବୃତ୍ତି, ଏକ ଅନ୍ତଦ୍ୱନ୍ଦ୍ୱର ଅନନ୍ତ କାହାଣୀ। ଏହି ସମାଜ ଆମକୁ ଜୀବନ ଦେଖାଏ, ଆମକୁ ଆଦର୍ଶ ଶିଖାଏ, ଆମକୁ ମଣିଷ କରେ କିନ୍ତୁ ଏହି ସମାଜର ହୃଦୟର ଗଭୀରତାରେ ଏକ ଅନ୍ଧକାର ଲୁଚି ରହିଛି, ଯାହା ନିର୍ବାକ ଭାବେ ଆମର ଆତ୍ମାକୁ କ୍ଷତବିକ୍ଷତ କରୁଛି। ଆମେ ସମାଜକୁ ସର୍ବଦା ଏକ ଉଜ୍ଜ୍ୱଳ ଆଇନାରେ ଦେଖୁଛୁ, ଯେଉଁଠାରେ ସଭ୍ୟତାର ଚମକ ଓ ସଂସ୍କୃତିର ଗର୍ବ ଦେଖାଯାଏ।

କିନ୍ତୁ ସେହି ଆଇନାର ପଛ ପଟରେ ଏକ ଗଭୀର ଫାଟ ଅଛି ଏକ ଏମିତି ଫାଟ ଯାହାର ମଧ୍ୟରେ ଲୁଚି ରହିଛି ଅନ୍ୟାୟର ଅନେକ କାହାଣୀ, ନିର୍ମମତାର ଅନେକ ଅନୁଭୂତି, ଓ ମଣିଷତ୍ୱର ଧୀରେ ଧୀରେ ହ୍ରାସ ପାଉଥିବା ଶବ୍ଦହୀନ ଆକୁଳତା।

ସମାଜ ଏକ ଜୀବନ୍ତ ସଂଗଠନ ଯେଉଥିରେ ଚଳିତ ହୁଏ ଲୋକଙ୍କର ଆଶା, ସ୍ୱପ୍ନ, ଓ ଅସ୍ତିତ୍ୱର ଅନନ୍ତ ସଂଘର୍ଷ। ଏହି ସମାଜକୁ ଗଢ଼ିବା ଓ ଚଲାଇବାରେ ରାଜନୀତି ଏକ ମୂଳ ଶକ୍ତି। ରାଜନୀତି ହେଉଛି ନୀତିର ନିର୍ମାଣ, ନ୍ୟାୟର ପ୍ରତିଷ୍ଠା, ଓ ସମାଜର ସମତାର ରକ୍ଷାକର୍ତ୍ତା। କିନ୍ତୁ ଯେତେବେଳେ ଏହି ରାଜନୀତି ନୀତିର ପଥ ଛାଡ଼ି ସ୍ୱାର୍ଥ, ଲୋଭ ଓ ଶକ୍ତିର ଅନ୍ଧ ଦୌଡ଼ିରେ ପଡ଼ିଯାଏ, ସେତେବେଳେ ଏହା ସମାଜର ଅନ୍ଧାର ମୁହଁର ସବୁଠୁ ଗଭୀର ଛାୟା ହୋଇଯାଏ।

ଆଜିର ସମୟରେ ରାଜନୀତି କେବଳ ସେବାର ମାଧ୍ୟମ ନୁହେଁ ଏହା ଶକ୍ତି ଓ ସ୍ୱାର୍ଥର ଏକ ଜଟିଳ ଖେଳରେ ପରିଣତ ହୋଇଯାଇଛି। ଯେଉଁଠାରେ ଲୋକଙ୍କର ଆଶା ନେଇ

ISSN NO.
2582-208X

ନେତାମାନେ ଶକ୍ତିର ସିଢ଼ି ଚଢ଼ନ୍ତି, ସେଠାରେ ସେହି ଆଶାମାନଙ୍କୁ ପରେ ଅଣଦେଖା କରାଯାଏ। ଏହି ଧୋକା କେବଳ ବ୍ୟକ୍ତିଗତ ନୁହେଁ ଏହା ସମଗ୍ର ସମାଜର ଆତ୍ମାକୁ ଆଘାତ କରେ।

ମଣିଷ ଆଜି ସଭ୍ୟତାର ଶିଖରରେ ପହଞ୍ଚିଛି ବୋଲି ଗର୍ବ କରୁଛି, କିନ୍ତୁ ତାହାର ମନରେ ଥିବା ମଣିଷତ୍ୱ ଦିନକୁ ଦିନ କ୍ଷୀଣ ହେଉଛି। ଆମେ ଟେକ୍ନୋଲୋଜିରେ ଆଗକୁ ବଢ଼ୁଛୁ, କିନ୍ତୁ ମୂଲ୍ୟବୋଧରେ ପଛକୁ ଖସୁଛୁ। ଆମେ ଉନ୍ନତିର କଥା କହୁଛୁ, କିନ୍ତୁ ଆମର ଆତ୍ମାର ଅବନତିକୁ ଅଣଦେଖା କରୁଛୁ। ଏହି ବିରୋଧାଭାସ ହେଉଛି ସମାଜର ଅନ୍ଧାର ମୁହଁର ସବୁଠୁ ଭୟଙ୍କର ଦୃଶ୍ୟ।

ସମ୍ପର୍କଗୁଡ଼ିକ ଆଜି ହୃଦୟର ସ୍ପନ୍ଦନ ନୁହେଁ, ବରଂ ଲାଭ-ହାନିର ଗଣିତରେ ପରିଣତ ହୋଇଯାଇଛି। ପ୍ରେମ ଆଜି ଏକ ଭାବନା ନୁହେଁ—ଏକ ଚୁକ୍ତି। ବିଶ୍ୱାସ ଆଜି ଏକ ଆଧାର ନୁହେଁ ଏକ ସନ୍ଦେହର ଛାୟା। ଏହା ଏକ ଏମିତି ଯୁଗ, ଯେଉଁଠାରେ ମଣିଷ ମଣିଷକୁ ବ୍ୟବହାର କରୁଛି ଭଲପାଉନାହିଁ। ଏହା ଏକ ଏମିତି ଅବସ୍ଥା, ଯେଉଁଠାରେ ହୃଦୟ ଶୂନ୍ୟ, ଓ ମନ ସ୍ୱାର୍ଥରେ ପୂର୍ଣ୍ଣ।

ନାରୀଙ୍କ ସ୍ଥିତି ଏହି ଅନ୍ଧକାରକୁ ଆହୁରି ଗଭୀର କରିଦେଉଛି। ସେ ଜୀବନର ଜନନୀ, ସେ ସଂସ୍କୃତିର ବାହକ, କିନ୍ତୁ ସେହି ନାରୀ ଅନେକ ସମୟରେ ଅବହେଳାର ପାତ୍ର। ତାଙ୍କର ସ୍ୱପ୍ନକୁ ଚାପି ଦିଆଯାଏ, ତାଙ୍କର ସ୍ୱରକୁ ନିର୍ବାକ କରାଯାଏ। ଏହା ଏକ ଏମିତି ବିରୋଧାଭାସ, ଯାହା ସମାଜର ନୀତିକ ମୂଲ୍ୟକୁ ପ୍ରଶ୍ନ କରେ।

ଦୁର୍ନୀତି ଏହି ସମାଜର ଆତ୍ମାକୁ ଧୀରେ ଧୀରେ ଖାଇଦେଉଛି। ଏହା ଏକ ନିରବ ବିଷ, ଯାହା ନ୍ୟାୟକୁ ଦୂଷିତ କରେ, ସତ୍ୟକୁ ଦମନ କରେ, ଓ ମଣିଷତ୍ୱକୁ ନିର୍ଜୀବ କରେ। ଯେଉଁଠାରେ ନ୍ୟାୟ ବିକ୍ରି ହୁଏ, ସେଠାରେ ଆଶା ମୃତ୍ୟୁବରଣ କରେ।

ରାଜନୀତିର ଏହି ଅନ୍ଧକାର ରୂପରେ ଦୁର୍ନୀତି ଏକ ମୂଳ ଅଂଶ। ଦୁର୍ନୀତିଏକ ନିରବ ବିଷ, ଯାହା ନ୍ୟାୟକୁ ଧ୍ୱଂସ କରେ, ସତ୍ୟକୁ ଅବମାନିତ କରେ, ଓ ମଣିଷତ୍ୱକୁ ଅନ୍ଧକାରରେ ଠେଲିଦେଉଛି। ଯେଉଁଠାରେ ନୀତି ବିକ୍ରି ହୁଏ, ସେଠାରେ ଲୋକତନ୍ତ୍ର କେବଳ ଏକ ଶବ୍ଦରେ ସୀମିତ ହୋଇଯାଏ। ଏହା ସମାଜର ଅନ୍ଧାର ମୁହଁର ସବୁଠୁ ଭୟଙ୍କର ପ୍ରତିଛବି।

ISSN NO.
2582-208X

ଏହା ସହିତ, ରାଜନୀତିରେ ଭିନ୍ନତାର ରାଜନୀତି ମଧ୍ୟ ଏକ ଗଭୀର ଅନ୍ଧକାର ସୃଷ୍ଟି କରିଛି। ଜାତି, ଧର୍ମ, ଭାଷା ଓ ଅଞ୍ଚଳର ନାମରେ ମଣିଷକୁ ଭାଗ କରାଯାଉଛି। ଏହି ବିଭେଦ କେବଳ ସମାଜକୁ ଭାଗ କରୁନାହିଁ, ଏହା ମଣିଷଙ୍କ ମନରେ ଘୃଣା ଓ ଅବିଶ୍ୱାସର ବୀଜ ବୋଣୁଛି। ଯେଉଁଠାରେ ଏକତା ଥିବା ଦରକାର, ସେଠାରେ ଭିନ୍ନତାର ଦିୱାର ତିଆରି ହେଉଛି।

ଲୋକତନ୍ତ୍ରର ମୂଳ ଶକ୍ତି ହେଉଛି ଜନତା, କିନ୍ତୁ ଆଜି ଜନତା ନିଜେ ରାଜନୀତିର ଖେଳରେ ଏକ ମାତ୍ର ଉପକରଣ ହୋଇପଡ଼ିଛି। ଭୋଟ ଦିନରେ ମଣିଷ ମୂଲ୍ୟବାନ, କିନ୍ତୁ ତାହା ପରେ ସେ ଭୁଲିଯାଏ। ଏହା ଏକ ଏମିତି ବ୍ୟବସ୍ଥା, ଯେଉଁଠାରେ ଶକ୍ତି ଲୋକଙ୍କର ନାମରେ ରହିଥାଏ, କିନ୍ତୁ ବ୍ୟବହାର କରାଯାଏ କିଛି ଲୋକଙ୍କ ଲାଭ ପାଇଁ।

ରାଜନୀତିର ଏହି ଅନ୍ଧକାର ମୁହଁ କେବଳ ନେତାମାନଙ୍କର ନୁହେଁ—ଏହା ଆମ ସମସ୍ତଙ୍କର ମଧ୍ୟ ଏକ ପ୍ରତିବିମ୍ବ। କାରଣ ଯେତେବେଳେ ଆମେ ଭୋଟକୁ ବିକ୍ରି କରୁଛୁ, ଯେତେବେଳେ ଆମେ ନୀତିକୁ ଅଣଦେଖା କରୁଛୁ, ସେତେବେଳେ ଆମେ ମଧ୍ୟ ଏହି ଅନ୍ଧକାରକୁ ଶକ୍ତି ଦେଉଛୁ।

ନିର୍ବାକତା ଏଠାରେ ମଧ୍ୟ ସବୁଠୁ ବଡ ଅପରାଧ। ଅନ୍ୟାୟ ଦେଖିବା ସତ୍ୱେ ଚୁପ୍ ରହିବା, ଦୁର୍ନୀତିକୁ ଦେଖି ଅଣଦେଖା କରିବା ଏହା ସମାଜର ଅନ୍ଧକାରକୁ ଆଉ ଗାଢ଼ କରେ। ଯେତେବେଳେ ଜନତା ନିର୍ବାକ ହୁଏ, ସେତେବେଳେ ଅନ୍ୟାୟ ଶକ୍ତିଶାଳୀ ହୁଏ।

ତଥାପି ଏହି ଅନ୍ଧକାରର ମଧ୍ୟରେ ଏକ ଆଶା ରହିଛି। ଯେତେବେଳେ ଜନତା ସଚେତନ ହୁଏ, ଯେତେବେଳେ ସତ୍ୟ ପାଇଁ ଦଣ୍ଡାୟମାନ ହୁଏ, ସେତେବେଳେ ରାଜନୀତିର ଦିଗ ପରିବର୍ତ୍ତିତ ହୋଇପାରେ। ରାଜନୀତି ଖରାପ ନୁହେଁ ତାହାର ବ୍ୟବହାର ତାହାକୁ ଭଲ କିମ୍ବା ଖରାପ କରେ। ସମାଜର ଅନ୍ଧାର ମୁହଁ ଆମକୁ ଏକ ଗଭୀର ପ୍ରଶ୍ନ କରେ ଆମେ କି ଏହି ଅନ୍ଧକାରକୁ ଦେଖି ମଧ୍ୟ ଚୁପ୍ ରହିବୁ, ନା ଏହା ବିରୁଦ୍ଧରେ ପାଟି ଫିଟେଇବୁ ? ଏହା କେବଳ ରାଜନୀତିର ପ୍ରଶ୍ନ ନୁହେଁ ଏହା ଆମର ମଣିଷତ୍ୱର ପରୀକ୍ଷା।

ଅନ୍ଧକାର କେବଳ ଆଲୋକର ଅଭାବ। ଯଦି ଜନତା ସଚେତନ ହୁଏ, ଯଦି ସତ୍ୟର ପକ୍ଷରେ ଠିଆ ହୁଏ, ତେବେ ଏହି ଅନ୍ଧକାର ଦୀର୍ଘ ସମୟ ରହିପାରିବ ନାହିଁ। ସେହିପାଇଁ

ISSN NO.
2582-208X

ସମୟ ଆସିଛି ଆମେ ନିଜକୁ ପଚାରିବା ଆମେ କି ରାଜନୀତିର ଖେଳର ଏକ ଅଂଶ ହେବୁ, ନା ଏହାକୁ ସଠିକ୍ ପଥରେ ନେବାର ଏକ ଶକ୍ତି ହେବୁ ?

ଶେଷରେ ପ୍ରଶ୍ନ କେବଳ ରାଜନୀତିର ନୁହେଁ... ପ୍ରଶ୍ନ ଆମର ନିଜ ସଚେତନତାର।

ସମାଜର ଏହି ଅନ୍ଧାର ମୁହଁ କେବଳ କୌଣସି ନେତା, କୌଣସି ପ୍ରଣାଳୀ, କିମ୍ବା କୌଣସି ବ୍ୟବସ୍ଥାର ତ୍ରୁଟି ନୁହେଁ ଏହା ଆମ ସମସ୍ତଙ୍କ ନିର୍ବାକ ସମ୍ମତିର ଏକ ଜୀବନ୍ତ ପ୍ରତିଛବି। ଯେତେବେଳେ ଅନ୍ୟାୟ ଘଟେ ଓ ଆମେ ଚୁପ୍ ରହୁ, ସେତେବେଳେ ଆମେ ମଧ୍ୟ ସେହି ଅନ୍ଧକାରର ଅଂଶ ହୋଇଯାଉଛୁ। ଯେତେବେଳେ ସତ୍ୟ ଥମିଯାଏ ଓ ଆମେ ଦେଖି ମଧ୍ୟ ଅଣଦେଖା କରୁ, ସେତେବେଳେ ଆମେ ନିଜେ ଆଲୋକକୁ ନିର୍ବାପିତ କରୁଛୁ। କିନ୍ତୁ ଇତିହାସ କେବେ ନିର୍ବାକତାକୁ ସ୍ମରଣ କରେନାହିଁ ସେ ସଦା ସ୍ମରଣ କରେ ସେମାନଙ୍କୁ, ଯେମାନେ ଅନ୍ଧକାର ବିରୁଦ୍ଧରେ ଠିଆ ହୋଇଥିଲେ।

ପରିବର୍ତ୍ତନ କୌଣସି ବଡ଼ ଆନ୍ଦୋଳନରୁ ନୁହେଁ ଏହା ଆରମ୍ଭ ହୁଏ ଏକ ସଚେତନ ମନରୁ, ଏକ ସତ୍ୟବାଦୀ ନିଷ୍ପତ୍ତିରୁ, ଓ ଏକ ଛୋଟ ସାହସୀ ପଦକ୍ଷେପରୁ। ଯେତେବେଳେ ଜନତା ନିଜ ଶକ୍ତିକୁ ଅନୁଭବ କରେ, ସେତେବେଳେ ସିଂହାସନ ନୁହେଁ ସମଗ୍ର ବ୍ୟବସ୍ଥା କମ୍ପିତ ହୋଇଯାଏ। ଆଜି ସମୟ ଆସିଛି ଆମେ କେବଳ ପ୍ରଶ୍ନ କରିବା ନୁହେଁ... ଉତ୍ତର ହେବାକୁ। କେବଳ ଦର୍ଶକ ହେବା ନୁହେଁ... ପରିବର୍ତ୍ତନର ନିର୍ମାତା ହେବାକୁ।

କାରଣ ସତ୍ୟ ଏହା—

ସମାଜ କେବଳ ରାଜନୀତି ଦ୍ୱାରା ଚାଲେନି...
ସମାଜ ଚାଲେ ଜନତାର ସଚେତନତା, ସାହସ ଓ ନୀତିର ଆଲୋକରେ।
ଏବଂ ଯେତେବେଳେ ଏହି ଆଲୋକ ଜଳିଉଠେ -
ସେତେବେଳେ ଅନ୍ଧକାର କେବଳ ଏକ ଛାୟା ହୋଇ ରହିଯାଏ। ଅନ୍ଧକାର କେବେ ଆଲୋକକୁ ଜିତିପାରେନି... ଯଦି ଆଲୋକ ଜଳିବାକୁ ସାହସ କରେ।

(((-)))

ବାଲେଶ୍ୱର, ସୋର

ISSN NO.
2582-208X

# ପର୍ବତ ର ଅଭିଳାଷ



ସୁନିଲ କୁମାର ନାୟକ

ଯେବେ ଦୃଷ୍ଟି ପଡେ ପର୍ବତ ସୃଷ୍ଟିରେ
ମନ ବିଚଳିତ ହୁଏ ପ୍ରଶ୍ନ ବାଣରେ ।
ପ୍ରତି ମୁହୂର୍ତ୍ତ ବିତେ ଅନୁସନ୍ଧିତ୍ସାରେ
ନୀରବ ଦ୍ରଷ୍ଟା ଭାବେ ନିରୀକ୍ଷଣ କରେ
ଏସବୁ ର ସ୍ରଷ୍ଟା କିଏ ଓ ତାଙ୍କ ନିବାସ କେଉଁଠାରେ ।।୧।।
ହୁଅନ୍ତାକି ମିଳନ ଥରେ ତାଙ୍କ ସାଥିରେ
ଯବନିକା ପଡନ୍ତା ଯୁଗ ଯୁଗ ର ଜିଜ୍ଞାସା ରେ ।
ତଥାପି ଲାଗୁଚି ଏସବୁ କେବଳ ମରୀଚିକା ମରୁଭୂମି ରେ
କେବଳ ପ୍ରଶ୍ନ ହିଁ ପ୍ରଶ୍ନ ଉତ୍ତର ରହିଛି ମହାଶୂନ୍ୟରେ
ସତେ ଯେପରି ଆକାଶ କୁସୁମ ପରିକଳ୍ପନାରେ ।।୨।।
ହେ ମହୀଧର ! କୁହ ଥରେ ତୁମ୍ଭ ସୃଷ୍ଟି ର ବୃତ୍ତାନ୍ତ
ତୁମ୍ଭ ପାଦ ଦେଶରେ ଅନେକ ଥର ହୋଇଛି ଉପଗତ ।
ଥରେ ମୋତେ ଦେଖ ତୁମ୍ଭ ଚକ୍ଷୁ କରି ଉଦିତ
କେଉଁ ପୌରାଣିକ ଯୁଗରୁ ତୁମ୍ଭେ ହୋଇଛ ବିଦିତ ?
ଇପ୍ ସିତ ତନୁ ଉତ୍ସର୍ଗୀକୃତ ମନ ଖୋଜୁଛି ତୁମ୍ଭ ଅତୀତ ।।୩।।
ମନ୍ଦରାଚଳ ପର୍ବତ ରୂପେ କ୍ଷୀର ସାଗର ମନ୍ଥନ
ଅମୃତ ପ୍ରାପ୍ତି ପାଇଁ ହୋଇଥିଲା କେତେ ଯେ ଆଲୋଡନ
ସତ୍ୟଯୁଗର ଏ ଦୃଷ୍ଟାନ୍ତ ଦିଏ ଅପୂର୍ବ ଦର୍ଶନ ।।
ତ୍ରେତାଯୁଗ ର କି ଅବା କରିବି ଗାଥା ବର୍ଣ୍ଣନ

ISSN NO.
2582-208X

ସଞ୍ଜିବନୀ ମହୌଷଧିରେ ହୋଇଥିଲ ପରିପୂର୍ଣ୍ଣ
କରିଥିଲ ପ୍ରାଣ ସ୍ଥାପନ ନାମ ଥିଲା ଗନ୍ଧମାର୍ଦ୍ଧନ ।।୪।।
ମନେ ଥିବ ତୁମ୍ଭ ଦ୍ୱାର ଯୁଗର ବୃନ୍ଦାବନ
ସ୍ୱୟଂ ଭଗବାନ କରିଥିଲେ ତୁମ୍ଭଙ୍କୁ ଧାରଣ
ତୁମ୍ଭ ଆଶୀର୍ବାଦେ ହୋଇଥିଲା ଇନ୍ଦ୍ରର ଗର୍ବ ଦମନ ।।
କୈଳାଶ , ହିମାଳୟ ରୂପେ କଳିଯୁଗେ ଦଣ୍ଡାୟମାନ
ପ୍ରଭୁ ଶିବଙ୍କର ସ୍ୱତନ୍ତ୍ର ଆସ୍ଥାନ
ପୁଣି ମାତା ଗଙ୍ଗାଙ୍କର ଉତ୍ପତ୍ତି ସ୍ଥାନ ।।୫।।
ହେ ଶୈଳଶିଖର ! ଚାରୁ ସୁଷମ ସୁନ୍ଦର
କାନ୍ତ କମନୀୟ ମନୋରମ ରୁଚିର ।
ଅପରୂପ ଠାଣି ଲାବଣ୍ୟ ଶୋଭାର
ଅଳଙ୍କାର ବିଭୂଷିତ ରତ୍ନ ଭଣ୍ଡାର
ବହୁ ଦୂରୁ ଲାଗଇ ଏ ବେଶ କନ୍ଦର୍ପରାଜର ।।୬।।
ହେ ଗିରୀଶ ! ତୁମେ ଚାହଁକି ଆକାଶକୁ ସ୍ପର୍ଶ
ନା ଚାହଁ ଚନ୍ଦ୍ର ସହ ମିଳନର ହର୍ଷ
ନା ହେବା ପାଇଁ ବିହାୟସରେ ବିହଙ୍ଗମ ସଦୃଶ ।।
ଯଦି ମନରେ ଥାଏ ଏସବୁ ଅଭିଳାଷ
ବୁଝିବାକୁ ହେବ ଏ ବିଚିତ୍ର ସୃଷ୍ଟି ରହସ୍ୟ
ସବୁ ତ୍ୟାଗ କରି ଥରେ ଦୃଷ୍ଟି ଦିଅ ମୋର କଣ୍ଠ ଦେଶ ।।୭।।
ନା ହେଉଛି ଆକାଂକ୍ଷାର ଅନ୍ତ
ନା ହେଉଛି ପ୍ରତୀକ୍ଷାର ପରିସମାପ୍ତ
ଏ ଅକିଞ୍ଚନର ବିନମ୍ର ପ୍ରଣିପାତ ।।
ଥରେ ତୁମ୍ଭେ ବାର୍ତ୍ତାଳାପ ପାଇଁ ଦିଅ ଯେ ଇଙ୍ଗିତ
ସବୁ ଯୁଗରେ ରଖିଛ ତୁମ୍ଭର ଶ୍ରେଷ୍ଠତ୍ୱ
ତଥାପି ନୀରବ କାହିଁକି ? ଜଣାଅ ଥରେ ତୁମ୍ଭ ନିଶ୍ଚଳ ତତ୍ୱ ।।୮।।

(((-)))

ISSN NO.
2582-208X

# ଅକ୍ଷୟ ତୃତୀୟା



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ଆଜି ଅକ୍ଷିମୁଠି ଅନୁକୂଳ
ପବିତ୍ର ଦିବସ ଅକ୍ଷୟ ତୃତୀୟା ନାମ ଯାର,
ଘଡି ପତୁଲି ରେ ଭୋଗ ପୁଜା ହୁଏ
ଘରେ ଘରେ ଷଠୀଦେବୀ ଙ୍କର, ଆଜି ଅକ୍ଷିମୁଠି ଅନୁକୂଳ ।।

ଆଜି ଭଗୀରଥ ସଗର ବଂଶଜ ତପସ୍ୟା ହୋଇଲା ପୂର୍ଣ୍ଣ,
ବିଷ୍ଣୁ ନଖକୋଣୁ କରିଥିଲେ ଆଜି ଦେବୀ ଧରାବତରଣ,
ହୋଇ ଛଳଛଳ ପୂଣ୍ୟ ଜଳଧାର ହେଉଛି ପ୍ରବାହମାନ;
ସ୍ଵର୍ଗୀୟ ଶୋଭା ଆହା କି ରଚିର; ଆଜି ଅକ୍ଷିମୁଠି ଅନୁକୂଳ... ।।

ଜମଦଗ୍ନି ପୁତ୍ର ରେଣୁକା ସମ୍ଭୁତ ପର୍ଶୁରାମ ଅବତାର,
ସତ୍ୟ ତ୍ରେତୟା ର ମଧ୍ୟଭାଗେ ଜନ୍ମ ପବିତ୍ର ଦିନ ତାଙ୍କର,
ବ୍ରାହ୍ମଣ କୁଳରେ ବୀର ପୁଙ୍ଗବ ସେ ସର୍ବ ଶ୍ରେଷ୍ଠ ଧନୁର୍ଦ୍ଧର;
ପର୍ଶୁରାମ ଚିରଞ୍ଜିବୀ ସେ ଅମର; ଆଜି ଅକ୍ଷିମୁଠି ଅନୁକୂଳ...।।

ବେଦବ୍ୟାସ ମହାଭାରତ ରଚିଲେ ଆଜିତ ପ୍ରଥମ ଦିନ,
ବୁଦ୍ଧି ତଥା ଜ୍ଞାନ ଦେବତା ପ୍ରଶନ୍ନ ହୋଇଲେ ଗଜାନନ,
ଆଜି ଦିନ ସେହି ପବିତ୍ର ଲଗନ ଅନୁକୂଳେ ମିଳେ ପୁଣ୍ୟ;
ଅନନ୍ୟ ପାର୍ବଣ ଓଡିଆ ଜାତିର; ଆଜି ଅକ୍ଷିମୁଠି ଅନୁକୂଳ...।।

ISSN NO.
2582-208X

ପୁରସ୍ତମେ ଚାପ ଚନ୍ଦନ ଯାତ୍ରାକୁ ମଣି ବିମାନରେ ବସି,
ବିଜୟ କରନ୍ତି ଜଗତର ନାଥ ମନ ପ୍ରାଣ ଯାଏ ଭାସି,
ରଥ ଅନୁକୂଳ ରଥଖଳା ପରେ ବଡ ଦାଣ୍ଡ ଉଠେ ହସି;
କାହିଁ ଅନୁରୂପ ତାର ପଟାନ୍ତର; ଆଜି ଅକ୍ଷିମୁଠି ଅନୁକୂଳ...।।

(((-)))

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ପ୍ରତ୍ୟାବର୍ତ୍ତନ ହିଁ ମାର୍ଗ



ନନ୍ଦି କିଶୋର ଷାଣ୍ଢ

## (ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ପ୍ରତ୍ୟାବର୍ତ୍ତନର ଆବଶ୍ୟକତା ରହିଛି )

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଆଉ ଏକ ଦୂରବର୍ତ୍ତୀ  ସମସ୍ୟା ହୋଇ ରହିନାହିଁ ବରଂ ଏହା ଲୋକମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ଅନୁଭବ କରୁଥିବା ଏକ ସଂବେଦନଶୀଳ ପ୍ରସଙ୍ଗ ଭାବେ ଛିଡା ହୋଇଛି । ଅସ୍ୱାଭାବିକ ଗରମ ଗ୍ରୀଷ୍ମ ଠାରୁ ଆରମ୍ଭ କରି ହଠାତ୍ ବନ୍ୟା, ଅନିଶ୍ଚିତ ବର୍ଷା ଏବଂ ଅତ୍ୟଧିକ ଶୀତ ଲହରୀ ପର୍ଯ୍ୟନ୍ତ, ଏହାର ପ୍ରଭାବକୁ ଅଣଦେଖା କରିବା କଷ୍ଟକର ହୋଇପଡୁଛି । ଯାହାକୁ ପୂର୍ବରୁ ଭବିଷ୍ୟତର ସମସ୍ୟା ଭାବରେ ବିବେଚନା କରାଯାଉଥିଲା  ତାହା ଏବେ ଏକ ବର୍ତ୍ତମାନର ବାସ୍ତବତାରେ ପରିଣତ ହୋଇଛି । ଜଳବାୟୁ ପରିବର୍ତ୍ତନ ଆମର ବଞ୍ଚିବା, କାମ କରିବା  ଏବଂ ଭବିଷ୍ୟତରେ କିପରି ବଞ୍ଚିବା ତାହା ଉପରେ ପ୍ରଭାବ ପକାଇଛି ।

ସରଳ ଭାଷାରେ କହିବାକୁ ଗଲେ, ଜଳବାୟୁ ପରିବର୍ତ୍ତନ ପୃଥିବୀର ଥର୍ମୋଷ୍ଟାଟକୁ ବହୁତ ଶୀଘ୍ର ବଦଳାଇ ଦେବା ଭଳି ଘଟଣା । ତାପମାତ୍ରାରେ ହଠାତ୍ ବୃଦ୍ଧି ପ୍ରାକୃତିକ ସନ୍ତୁଳନକୁ ବିପର୍ଯ୍ୟସ୍ତ କରିଥାଏ, ଯାହା ସମସ୍ତଙ୍କ ପ୍ରାଣୀ ଜୀବନକୁ ଅଧିକ ଅନିଶ୍ଚିତ କରିଥାଏ । ଅତୀତରେ, ଲୋକମାନେ ପ୍ରକୃତି ସହିତ ଅଧିକ ଘନିଷ୍ଠ ଭାବରେ ଜଡିତ ରହୁଥିଲେ, ଏକ ସନ୍ତୁଳନ ବଜାୟ ରଖିଥିଲେ ଯାହାକୁ ଆମେ ବର୍ତ୍ତମାନ ପୁନରୁଦ୍ଧାର କରିବା ପାଇଁ ସଂଘର୍ଷ କରୁଛୁ ।

ମୂଳତଃ, ଜଳବାୟୁ ପରିବର୍ତ୍ତନ ହେଉଛି ବର୍ଷ ବର୍ଷ ଧରି ପ୍ରକୃତି ବିରୋଧୀ ମାନବ କାର୍ଯ୍ୟକଳାପର ଫଳାଫଳ ଯାହା ପୃଥିବୀର ପ୍ରାକୃତିକ ସନ୍ତୁଳନକୁ ବିପର୍ଯ୍ୟସ୍ତ କରିଛି ।

ISSN NO.
2582-208X

ବିଦ୍ୟୁତ୍ ଏବଂ ପରିବହନ ପାଇଁ କୋଇଲା, ପେଟ୍ରୋଲ ଏବଂ ଡିଜେଲ ଭଳି ଜୀବାଶ୍ମ ଇନ୍ଧନ ଉପରେ ଆମର ବଢ଼ୁଥିବା ନିର୍ଭରଶୀଳତା ବାୟୁମଣ୍ଡଳରେ ବହୁ ପରିମାଣରେ କ୍ଷତିକାରକ ଗ୍ୟାସ୍ ଛାଡିଥାଏ । ଦ୍ରୁତ ସହରାଞ୍ଚଳ ବିକାଶ, ମାତ୍ରାଧିକ ଶକ୍ତି ବ୍ୟବହାର, ପ୍ରଦୂଷଣ ଏବଂ ନିର୍ମାଣ ବୃଦ୍ଧି ପାଇଛି । ମାତ୍ରାଧିକ ଜଙ୍ଗଲ ନଷ୍ଟ ପ୍ରକୃତିର କାର୍ବନ ଡାଇଅକ୍ସାଇଡ୍ ଶୋଷଣ କରିବାର କ୍ଷମତାକୁ ହ୍ରାସ କରୁଛି । କୃଷି ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ ଭଳି ଦୈନନ୍ଦିନ କାର୍ଯ୍ୟକଳାପ ମଧ୍ୟ ଗ୍ରୀନହାଉସ୍ ଗ୍ୟାସ୍ ମୁକ୍ତ କରି ସମସ୍ୟାର ବୃଦ୍ଧିରେ ଯୋଗଦାନ କରୁଛି। ଧାନ ଚାଷ ଏବଂ ବର୍ଜ୍ୟବସ୍ତୁ ନିଷ୍କାସନ କାର୍ଯ୍ୟ ଅଭ୍ୟାସଗୁଡ଼ିକ ମୁଖ୍ୟତଃ ସେମାନଙ୍କର ପାରମ୍ପରିକ ଅସ୍ତିତ୍ୱ ଅପେକ୍ଷା ସେମାନଙ୍କର ବର୍ଦ୍ଧିତ ପରିମାଣ ଏବଂ ଆଧୁନିକ ପରିଚାଳନା ପଦ୍ଧତି ଯୋଗୁଁ ପ୍ରତିକୂଳ ଜଳବାୟୁ ପରିବର୍ତ୍ତନରେ ଯୋଗଦାନ କରେ। ସମୟ ସହିତ ବୃଦ୍ଧି ପାଉଥିବା ଏହି କାର୍ଯ୍ୟ ଗୁଡିକ ନୀରବରେ ଓ ସ୍ଥିର ଭାବରେ ଗ୍ରହକୁ ଉଷ୍ମ କରୁଛି ।

ଏହି ପରିବର୍ତ୍ତନଗୁଡ଼ିକର ପ୍ରଭାବ ଏବେ ଆମ ଚାରିପାଖରେ ଦୃଶ୍ୟମାନ ହେଉଛି । ଗ୍ରୀଷ୍ମ ଋତୁ ଅଧିକ ଲମ୍ବା ଏବଂ ଅଧିକ କ୍ଳାନ୍ତିକର ଅନୁଭବ ହେଉଛି, ଏବଂ ତାପ ଲହରୀ ଅଧିକ ଘନୀଭୂତ ହେଉଛି । ପୂର୍ବରୁ ଅନୁମାନ କରାଯାଇପାରୁଥିବା ମୌସୁମୀ ବିଳମ୍ବରେ ପହଞ୍ଚିବା, ଅଳ୍ପ ସମୟ ପାଇଁ ପ୍ରବଳ ବର୍ଷା ହେବା କିମ୍ବା ସମ୍ପୂର୍ଣ୍ଣ ବିଫଳ ହେବା ଭଳି ଅନିଶ୍ଚିତ ଘଟଣା। ହୋଇଯାଇଛି । ଚାଷୀଙ୍କ ପାଇଁ, ଏହି ଅନିଶ୍ଚିତତା ଫସଲ ଏବଂ ଆୟରେ କ୍ଷତି ପହଞ୍ଚାଏ । ସହରଗୁଡ଼ିକରେ, ପ୍ରବଳ ବର୍ଷା ପ୍ରାୟତଃ ବନ୍ୟା ସୃଷ୍ଟି କରେ, ଦୈନନ୍ଦିନ ଜୀବନକୁ ବାଧାପ୍ରାପ୍ତ କରେ ଏବଂ ଘର ତଥା ଭିତ୍ତିଭୂମିକୁ କ୍ଷତି ପହଞ୍ଚାଏ । ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସମୁଦ୍ର ସ୍ତର ବୃଦ୍ଧିର ବିପଦର ସମ୍ମୁଖୀନ ହେଉଛନ୍ତି । କିଛି ଅଞ୍ଚଳ ଜଳ ଅଭାବ ସହିତ ମଧ୍ୟ ସଂଘର୍ଷ କରୁଛନ୍ତି । ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ଏବଂ ଅତି ପ୍ରବଳ ପାଗ ଘଟଣାଗୁଡ଼ିକ ସାଧାରଣ ହେବାରେ ଲାଗିଛି, ଯାହା ଲୋକ ଏବଂ ପ୍ରକୃତି ଉଭୟକୁ ଗଭୀର ଭାବରେ ପ୍ରଭାବିତ କରୁଛି ।

ଚିନ୍ତା ଉଦ୍ରେକକାରୀ ବିଷୟ ହେଉଛି ଏଭଳି ପରିସ୍ଥିତିର ଦ୍ରୁତ ସଂଘଠନ । ଅତୀତରେ, ହଜାର ହଜାର ବର୍ଷ ବ୍ୟବଧାନରେ  ଜଳବାୟୁରେ ପରିବର୍ତ୍ତନ ଘଟୁଥିଲା, ଯାହା ପ୍ରକୃତିକୁ ଅନୁକୂଳ କରିବା ପାଇଁ ସମୟ ବି ଦେଉଥିଲା । ଆଜି, ସମାନ ପରିବର୍ତ୍ତନ କମ ଅବଧିର

ISSN NO.
2582-208X

ପ୍ରାୟ ଗୋଟିଏ ଶତାବ୍ଦୀ ମଧ୍ୟରେ ଘଟୁଛି, ଯାହା ଫଳରେ ପରିସଂସ୍ଥା ଏବଂ ସମାଜ ପାଇଁ ମୁକାବିଲା କରିବା ପାଇଁ ବହୁତ କମ୍ ସମୟ ରହିଛି ।

ଏହି ସମସ୍ୟାର ଗମ୍ଭୀରତାକୁ ସ୍ୱୀକାର କରି, ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ପ୍ରୟାସ କରାଯାଉଛି । ପ୍ୟାରିସ୍ ଚୁକ୍ତିନାମା ଭଳି ଚୁକ୍ତିନାମା ବିଶ୍ୱ ଉଷ୍ମତାକୁ ସୀମିତ କରିବା ପାଇଁ ଦେଶଗୁଡ଼ିକୁ ଏକାଠି କରିବାର ଏକ ବଳିଷ୍ଠ ପ୍ରୟାସ । ଭାରତ ସମେତ ଅନେକ ରାଷ୍ଟ୍ର ସୌର ଏବଂ ବାୟୁ ପରି ସ୍ୱଚ୍ଛ ଶକ୍ତିରେ ନିବେଶ କରୁଛନ୍ତି, ବୈଦ୍ୟୁତିକ ଯାନବାହନକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ଜଙ୍ଗଲ ସୁରକ୍ଷା ପାଇଁ କାମ କରୁଛନ୍ତି। ସହରଗୁଡ଼ିକ ଜଳ ନିଷ୍କାସନ ବ୍ୟବସ୍ଥାକୁ ଉନ୍ନତ କରୁଛନ୍ତି, ମାଙ୍ଗ୍ରୋଭ୍ ଭଳି ପ୍ରାକୃତିକ ପ୍ରତିବନ୍ଧକକୁ ପୁନରୁଦ୍ଧାର କରୁଛନ୍ତି ଏବଂ ସାର୍ବଜନୀନ ପରିବହନର ବ୍ୟବହାରକୁ ଉତ୍ସାହିତ କରୁଛନ୍ତି । ଏହି ପଦକ୍ଷେପଗୁଡ଼ିକ ଛୋଟ ଏବଂ ମନ୍ଥର ଭଳି ମନେହୁଏ, କିନ୍ତୁ ଦୀର୍ଘକାଳୀନ କ୍ଷତି ହ୍ରାସ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

ବର୍ତ୍ତମାନ ସମୟରେ, ବ୍ୟକ୍ତିବିଶେଷଙ୍କର ମଧ୍ୟ ଏକ ଭୂମିକା ରହିଛି । ଛୋଟ ଛୋଟ ବିକଳ୍ପ ଯେପରିକି ବିଦ୍ୟୁତ୍ ସଞ୍ଚୟ କରିବା, ଅପଚୟ ହ୍ରାସ କରିବା, ସାର୍ବଜନୀନ ପରିବହନ ବ୍ୟବହାର କରିବା କିମ୍ବା ପରିବେଶ ଅନୁକୂଳ ଉତ୍ପାଦଗୁଡ଼ିକୁ ସମର୍ଥନ କରିବା ପଦକ୍ଷେପ ଗୁଡ଼ିକ ସାମୂହିକ ଭାବରେ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିପାରିବ । ଜଳବାୟୁ ପରିବର୍ତ୍ତନ ଏକ ବିଶ୍ୱବ୍ୟାପୀ ସମସ୍ୟା, କିନ୍ତୁ ଏହାର ସମାଧାନ ସ୍ଥାନୀୟ ଏବଂ ବ୍ୟକ୍ତିଗତ କାର୍ଯ୍ୟ ସହିତ ଆରମ୍ଭ ହେବା ଆବଶ୍ୟକ ।

ଆମେ ଜଳବାୟୁ ପରିବର୍ତ୍ତନକୁ କିପରି ମୁକାବିଲା କରୁ ତାହା ଭଲ ଭାବରେ ବୁଝିବା ପାଇଁ, ତିନୋଟି ଧାରଣା ଗୁରୁତ୍ୱପୂର୍ଣ୍ଣ । ପ୍ରଦୂଷଣ ହ୍ରାସ କରିବା ଠାରୁ ଆରମ୍ଭ କରି ପ୍ରକୃତିକୁ ସୁରକ୍ଷା ଦେବା ପର୍ଯ୍ୟନ୍ତ ସମସ୍ୟା ସହିତ ଲଢ଼ିବା ପାଇଁ ଆମେ ଯାହା କରୁ, ତାହା "ଜଳବାୟୁ ପଦକ୍ଷେପ" ରେ ଅନ୍ତର୍ଭୁକ୍ତ। "ଅନୁକୂଳନ" ଅର୍ଥ ହେଉଛି ପରିବର୍ତ୍ତନର ମୁକାବିଲା କରିବା ପାଇଁ ଆମର ଜୀବନ ଏବଂ ବ୍ୟବସ୍ଥାକୁ ସଜାଡ଼ିବା, ଯେପରିକି ବନ୍ୟା-ପ୍ରତିରୋଧୀ ଘର ନିର୍ମାଣ କରିବା କିମ୍ବା ମରୁଡ଼ିରୁ ବଞ୍ଚିପାରୁଥିବା ଫସଲ ବ୍ୟବହାର କରିବା । "ସ୍ଥିରତା" ହେଉଛି ଶକ୍ତି – ଜଳବାୟୁ ସମ୍ବନ୍ଧୀୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପରେ ସମ୍ପ୍ରଦାୟ ଏବଂ

ISSN NO.
2582-208X

ପରିବେଶର ପୁନରୁଦ୍ଧାର କ୍ଷମତା । ଏହି ଉପାୟଗୁଡ଼ିକ ଆମକୁ ଅଧିକ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବାରେ ସାହାଯ୍ୟ କରିଥାନ୍ତି ।

ଯଦିଓ ଏଭଳି ଅନେକ ପଦକ୍ଷେପ ନିଆଯାଉଛି, କେବଳ ସେଗୁଡ଼ିକ ଯଥେଷ୍ଟ ନୁହେଁ । ଅଧିକ ଦାୟିତ୍ୱପୂର୍ଣ୍ଣ ଭାବରେ ବଞ୍ଚିବା, ସମ୍ବଳଗୁଡ଼ିକୁ ବିବେକ ସମ୍ପନ୍ନ ହୋଇ ବୁଦ୍ଧିମାନ ଭାବରେ ବ୍ୟବହାର କରିବା ଏବଂ ଭବିଷ୍ୟତ ବିଷୟରେ ଚିନ୍ତା କରିବା ଭଳି ପ୍ରକୃତି ସହିତ ଆମର ସମ୍ପର୍କକୁ ପୁନଃନିର୍ମାଣ କରିବାରେ ଏକ ସ୍ଥାୟୀ ସମାଧାନ ରହିଛି । କେବଳ ମିଳିତ ପ୍ରୟାସ, ସଚେତନତା ଓ ଅନୁପାଳନ ମାଧ୍ୟମରେ ଆମେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ଏବଂ ଏକ ଅଧିକ ସ୍ଥିର ଏବଂ ସ୍ଥାୟୀ ବିଶ୍ୱ ସୃଷ୍ଟି କରିବାର ଆଶାକୁ ଉଜ୍ଜ୍ୱଳ କରିପାରିବା । ଜଳବାୟୁ ପରିବର୍ତ୍ତନର ସ୍ଥିତିକୁ ପୁନଃ-ପରିବର୍ତ୍ତନ କରିପାରିଲେ ହିଁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ । ଏଥିପାଇଁ ଆମର ପୂର୍ବଜ ଯାହା କରୁଥିଲେ ସେହି ମାର୍ଗ ଅନୁସରଣ କରିବା ଆବଶ୍ୟକ ତଥା ସମୟର ଆହ୍ୱାନ ।

(((-)))

ବରିଷ୍ଠ ଉନ୍ନୟନ ପରାମର୍ଶଦାତା
ସାଲେପାଲି, ଜି:-ବଲାଙ୍ଗିର (ଓଡିଶା)
ପିନ:- ୭୬୭୦୬୭
ଯୋଗାଯୋଗ: ୯୬୬୮୭୩୨୨୦୦

ISSN NO.
2582-208X

# ମାଆର ଶେଷ ସ୍ପର୍ଶ



ପବିତ୍ର ନାରାୟଣ ବେହେରା

ସେଦିନ ସମୟ ସ୍ଥିର ହୋଇ ଯାଇଥିଲା,
ଆଉ ନିଶ୍ଚଳ ହୋଇପଡ଼ିଥିଲା ସେଇ ଆଶୀର୍ବାଦର ହାତ..
ଯେଉଁ ହାତ ଦିନେ ମୋ କପାଳରୁ ଦୁଃଖର ଝାଳ ପୋଛି ଦେଉଥିଲା,
ସେ ନିଜେ ଶୀତଳ ହୋଇ, ଏକ ଜଡ଼ ପଥର ପାଲଟିଗଲା ।

ମୁଁ ଯେତେବେଳେ ସେଇ ହାତ ଦୁଇଟିକୁ ଧରିଲି,
ସେଥିରେ ନଥିଲା ସେଇ ଚିର ପରିଚିତ ଉଷ୍ମତା,
କିନ୍ତୁ ଥିଲା ଏକ ନିଶବ୍ଦ ଆଶୀର୍ବାଦର ମହାସମୁଦ୍ର।
ତୁମ ଆଙ୍ଗୁଠିର ସେଇ ଶେଷ ସ୍ପର୍ଶରେ
ମୁଁ ଶୁଣିପାରୁଥିଲି ଜନ୍ମ ଜନ୍ମାନ୍ତରର ସେଇ ଅକୁହା କାହାଣୀ,
ଯାହା କେବଳ ଏକ ସନ୍ତାନ ହିଁ ବୁଝିପାରେ।
ସେ ସ୍ପର୍ଶରେ କୌଣସି ଶବ୍ଦ ନଥିଲା,
ନଥିଲା କୌଣସି ଶେଷ ଉପଦେଶ କି ଅଭିଯୋଗ,
ଥିଲା କେବଳ ଏକ ଅଦୃଶ୍ୟ ବନ୍ଧନର ଶେଷ ସଂଳାପ—
ଯେମିତି ତୁମେ କହୁଥିଲ... "ଯାଉଛିରେ ପୁଅ...ତୁ ଭଲରେ ଥା।"
ସେଇ ଶେଷଥରପାଇଁ ତୁମ କପାଳକୁ ଛୁଇଁଲା ବେଳେ
ଲାଗୁଥିଲା ସତେ ଯେମିତି ସବୁ ସୁଖର ସୀମା ଶେଷ ହୋଇଗଲା।

ISSN NO.
2582-208X

ଆଜି ବି ସେଇ ସ୍ପର୍ଶର ଶିହରଣ ମୋ ଦେହରେ ଅଛି,
ହେଲେ ସେ ହାତ ଆଜି ମହାଶୂନ୍ୟରେ ବିଲୀନ...
କେବଳ ରହିଯାଇଛି ଏକ ଅସମାପ୍ତ ଅନୁଭୂତି,
ଆଉ ମୋ ଆଖିପତାରେ ସେଇ ଶେଷ ସ୍ପର୍ଶର ଏକ ଓଦାଳିଆ ସ୍ମୃତି।

(((-)))

ସ୍ନାତକୋତ୍ତର ଶିକ୍ଷକ(ଓଡ଼ିଆ )
ନରଞ୍ଜନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଆସିକା,ଗଞ୍ଜାମ

ISSN NO.
2582-208X

# କାହିଁକି ଗଲୁତୁ ସେକଥା ଭୁଲି



ସତ୍ୟବାନ ମେହେର

ପୁଅ---
ସାଥୀରେ -----------
କାହିଁକି ବୋଲିଲୁ ମୋ ମୁହେଁ କାଳି
କାହିଁକି ଗଲୁତୁ ସେକଥା ଭୁଲି
କଥା ଦେଇ ଥିଲୁ ମୋତେ
ସପଥ କରି
ନରେନ୍ଦ୍ରର ଜଳ ତୁହି
ହାତରେ ଧରି
ଆନନ୍ଦ ବଜାରେ ମହା-
ପ୍ରସାଦ ଧରି
ନୀଳଚକ୍ର ପତାକା କୁ
ସାକ୍ଷୀ ତୁ କରି
କଥା ଦେଲୁ ହାତେ ଧରି
ସରଧା ବାଲି -----
କାହିଁକି ଗଲୁତୁ ସେକଥା ଭୁଲି ----
କଳପବଟ କୁ ଦୁହେଁ
ସାକ୍ଷୀଯେ କରି
ସୁନାର ସଂସାର ଦୁହେଁ
ଗଢ଼ିବା ପାଇଁ
ପ୍ରେମର ତାଜମହଲ

ISSN NO.
2582-208X

ତୋଳିବା ଯାଇ
ସୁନାର ଚଢ଼େଇ ଘରେ
ଦେବା ଉଡ଼ାଇ
ଦୁହିଁଙ୍କ ର ଦୁଇ ହାତେ
ବଜେଇବା ତାଳି -----
କାହିଁକି ଗଲୁତୁ ସେକଥା ଭୁଲି -----
ତୋ ନାମ ଛାତିରେ ଧରି
ଅଗ୍ନି ରେ ଜଳି
ସ୍ମଶାନ ଘାଟରେ ଚିତା
ଥିବରେ ଗଳି
କଥା ଦେବୁ ଅନୁରୋଧ
ଦେବୁରେ ଖାଲି
ମୋ ଚିତା କୁ ଥରେ ମାଥେ
ମାରିବୁ ବୋଲି
ସେପାରି ରେ ଚାହିଁ ଥିବି
ପ୍ରିୟା ଆସିବ ବୋଲି -----
କାହିଁକି ଗଲୁତୁ ସେକଥା ଭୁଲି ----

ଝିଅ---
ଆସୁଛି ଆସୁଛି ସାଥୀ
ଆସୁଛି ଚାଲି
ବାପା ମାଆ ଭାଇ ଭଗ୍ନୀ
ଦେଇଣ ଛାଡି
ତୋପଥେ ପଥୁକୀ ସାଜି
ଯାଉଛି ଚାଲି
ତୁମ ଛାତିରେ ଶୋଇ
ଯିବି ମୁଁ ଜଳି

ISSN NO.
2582-208X

ସେପାରିରେ ଅଧୁରା ସ୍ୱପ୍ନ
ଗଢ଼ିବା ତୋଳି
ଅପେକ୍ଷା କରଗୋ ସାଥୀ
ଆସୁଛି ଚାଲି
ଭୁଲିନି ସେକଥା ସାଥୀ
ଯାଇନି ଭୁଲି
ବୋଲିବିନି ତୁମ ମୁହେଁ
କେବେ ମୁଁ କାଳି

(((-)))

ରାୟପୁର

ISSN NO.
2582-208X

# ଶୀତଳ ଷଷ୍ଠୀ... ସାମାଜିକ ଏକତାର ପରମ୍ପରା...



ଡ଼. ସୁଧାଂଶୁ ମେହେର

"ବାଗର୍ଥାବିବ ସଂପୃକ୍ତୌ ବାଗର୍ଥ ପ୍ରତିପତ୍ତୟେ ।
ଜଗତଃ ପିତରୌ ବନ୍ଦେ ପାର୍ବତୀ ପରମେଶ୍ୱରୌ ।।"

ଶବ୍ଦ ଏବଂ ଅର୍ଥ ଯେପରି ପରସ୍ପର ସହିତ ଜଡ଼ିତ, ସେହିପରି ସାରା ଜଗତର ପିତାମାତା ଭାବେ ପୂଜିତ ମା' ପାର୍ବତୀ ଏବଂ ପ୍ରଭୁ ପରମେଶ୍ୱରଙ୍କୁ ମୁଁ ପ୍ରଣାମ କରୁଛି ।

ଆମର ଶୀତଳ ଷଷ୍ଠୀ ହେଉଛି ଓଡ଼ିଶାର ଏକ ଅନନ୍ୟ ଏବଂ ପବିତ୍ର ପର୍ବ, ଯାହା ମୁଖ୍ୟତଃ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ବିବାହୋତ୍ସବ ଭାବରେ ପାଳନ କରାଯାଏ । ଏହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏହା ସାମାଜିକ ସଦଭାବନା ଏବଂ ସାଂସ୍କୃତିକ ପରମ୍ପରାର ଏକ ଜ୍ୱଳନ୍ତ ଉଦାହରଣ ।

ପୁରାଣ ଅନୁସାରେ, ତାରକାସୁରର ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଶିବ ଓ ଶକ୍ତିଙ୍କ ମିଳନ ଅପରିହାର୍ଯ୍ୟ ଥିଲା । ମାତା ପାର୍ବତୀଙ୍କ କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ତାଙ୍କୁ ବିବାହ କରିବାକୁ ସମ୍ମତି ପ୍ରଦାନ କରିଥିଲେ । ଜ୍ୟେଷ୍ଠ ମାସର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଏହି ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା । ଏହି ସମୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବାରୁ, ବିବାହ ପରେ ଦେବଦମ୍ପତିଙ୍କୁ ଶୀତଳ ଜଳରେ ସ୍ନାନ କରାଯାଇଥାଏ, ସେଥିପାଇଁ ଏହାକୁ ଶୀତଳ ଷଷ୍ଠୀ କୁହାଯାଏ ।

ISSN NO.
2582-208X

ଯଦିଓ ଏହା ସାରା ଓଡ଼ିଶାରେ ପାଳିତ ହୁଏ, କିନ୍ତୁ ସମ୍ବଲପୁରର ଶୀତଳ ଷଷ୍ଠୀ ବିଶ୍ୱପ୍ରସିଦ୍ଧ, ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ପ୍ରାୟ ୪୦୦ ବର୍ଷ ପୂର୍ବେ ସମ୍ବଲପୁରର ତତ୍କାଳୀନ ଚୌହାନ ବଂଶୀୟ ରାଜାଙ୍କ ସମୟରେ ଏହି ପର୍ବ ଆରମ୍ଭ ହୋଇଥିଲା। କୁହାଯାଏ ଯେ ସମ୍ବଲପୁରର ଚୌହାନ ବଂଶୀୟ ରାଜା ଛତ୍ରସାୟ (Raja Chhatra Sai) କିମ୍ବା ତାଙ୍କ ପରବର୍ତ୍ତୀ ଶାସକମାନଙ୍କ ସମୟରେ (ପ୍ରାୟ ୧୭ଶ ଶତାବ୍ଦୀର ଶେଷ ଭାଗରେ) ଏହି ଯାତ୍ରା ପ୍ରଥମେ ଆରମ୍ଭ ହୋଇଥିଲା। ସେହି ସମୟରେ ରାଜାମାନେ ମଧ୍ୟପ୍ରଦେଶ ଏବଂ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରୁ ବ୍ରାହ୍ମଣମାନଙ୍କୁ ଆଣି ସମ୍ବଲପୁରରେ ବସବାସ କରାଇଥିଲେ। ସେହି ବ୍ରାହ୍ମଣମାନେ ଶୈବ ସଂସ୍କୃତିର ପ୍ରସାର ପାଇଁ ଏହି ଶୀତଳ ଷଷ୍ଠୀ ପରମ୍ପରାକୁ ରାଜକୀୟ ସହାୟତାରେ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ନନ୍ଦପଡ଼ାର ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିରରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଝାଡୁଆପଡ଼ା, ମୁଦିପଡ଼ା ଏବଂ ଅନ୍ୟାନ୍ୟ ପଡ଼ାରେ ଏହି ପର୍ବ ବ୍ୟାପକ ରୂପ ନେଇଥିଲା।

ଲୌକିକ ପରମ୍ପରା: ଏଠାରେ ଏକ ନିଆରା ପ୍ରଥା ରହିଛି, ଯେଉଁଠାରେ ସାଧାରଣ ଶ୍ରଦ୍ଧାଳୁମାନେ 'ପିତାମାତା' ସାଜି ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ବିବାହ କରାଇଥାନ୍ତି। କନ୍ୟାପକ୍ଷ ଏବଂ ବରପକ୍ଷ ମଧ୍ୟରେ ଚାଲୁଥିବା ଏହି ପାରମ୍ପରିକ ବିଧି ବେଶ୍ ମନୋରମ।

ଦେବ ବିବାହର ରୀତିନୀତି ପତର ପେଣ୍ଡିରୁ ଆରମ୍ଭ ହୋଇଥାଏ, ବିବାହ ପୂର୍ବରୁ ଏହା ଏକ ପ୍ରକାର ନିର୍ବନ୍ଧ ବା ଶୁଭ ମନାସିବା ପର୍ବ। ତାପରେ ଗୁଆ ଗୁଣ୍ଡା: ଦେବଦମ୍ପତିଙ୍କ ବିବାହ ପାଇଁ ନିମନ୍ତ୍ରଣ ଦେବାକୁ ଭଗବାନ ହନୁମାନଙ୍କୁ ପ୍ରତିନିଧି ଭାବେ ପଠାଯାଏ। ପରିଶେଷରେ ବିବାହ ସମ୍ପନ୍ନ ହେବାପରେ ମହାଦେବ ଓ ମାତା ପାର୍ବତୀ ଏକ ବିରାଟ ଶୋଭାଯାତ୍ରାରେ ନଗର ଭ୍ରମଣ କରନ୍ତି। ଏଥିରେ ସମ୍ବଲପୁରୀ ଲୋକନୃତ୍ୟ (ଡାଲଖାଇ, ରସରକେଲୀ), ଶଙ୍ଖ ବାଦନ ଏବଂ ଘଣ୍ଟ ମୃଦଙ୍ଗର ଏକ ଅପୂର୍ବ ସମାହାର ଦେଖିବାକୁ ମିଳେ।

ଏହି ପର୍ବର ସବୁଠାରୁ ଗୋଟିଏ ବଡ଼ ଦିଗ ହେଉଛି ଜାତି-ଧର୍ମ ନିର୍ବିଶେଷରେ ସମସ୍ତଙ୍କ ଭାଗିଦାରୀ। ମୁସଲମାନ ସମ୍ପ୍ରଦାୟର ଭାଇମାନେ ମଧ୍ୟ ଅନେକ ସ୍ଥାନରେ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଭାଇଚାରାର ବାର୍ତ୍ତା ଦିଅନ୍ତି, ଯାହା ଗଙ୍ଗା ଯମୁନାର ସଙ୍ଗମ

ISSN NO.
2582-208X

କହିଲେ ଅତ୍ୟୁକ୍ତି ହେବନାହିଁ । ତା' ସହିତ ପଶ୍ଚିମ ଓଡ଼ିଶାର ଲୋକକଳା ଓ ସଂସ୍କୃତିର ପ୍ରଦର୍ଶନ ପାଇଁ ଏହା ଏକ ବଡ଼ ମଞ୍ଚ।

ଶୀତଳ ଷଷ୍ଠୀ କେବଳ ଦୁଇ ଦେବତାଙ୍କ ବିବାହୋତ୍ସବ ନୁହେଁ, ବରଂ ଏହା ସାମାଜିକ ଏକତା, ସଂହତି ଏବଂ ସମନ୍ୱୟର ଏକ ମହାନ ପର୍ବ। ପଶ୍ଚିମ ଓଡ଼ିଶାର ସାମାଜିକ ଜୀବନରେ ଏହାର ପ୍ରଭାବ ଅତି ଗଭୀର।

ଏହି ପର୍ବର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ପିତାମାତା ପରମ୍ପରା, ଶିବ ଓ ପାର୍ବତୀଙ୍କ ବିବାହ ପାଇଁ ସାଧାରଣ ଭକ୍ତମାନେ 'ଲୌକିକ ପିତାମାତା' ସାଜନ୍ତି। ଜଣେ ସାଧାରଣ ବ୍ୟକ୍ତି କନ୍ୟାପକ୍ଷ ହୋଇ ମା' ପାର୍ବତୀଙ୍କୁ ନିଜ ଘରୁ ବିଦାୟ ଦିଅନ୍ତି ଏବଂ ଅନ୍ୟ ଜଣେ ବରପକ୍ଷ ହୋଇ ମହାଦେବଙ୍କୁ ପୁଅ ଭାବେ ଗ୍ରହଣ କରନ୍ତି। ଏହା ଦ୍ୱାରା ଭଗବାନ ଏବଂ ମଣିଷ ମଧ୍ୟରେ ଥିବା ଦୂରତା କମିଯାଏ ଏବଂ ଏକ ପାରିବାରିକ ସମ୍ପର୍କ ସୃଷ୍ଟି ହୁଏ। ତା ସହିତ ଶୀତଳ ଷଷ୍ଠୀ ହେଉଛି ଲୋକକଳାର ଏକ ମୁକ୍ତ ମଞ୍ଚ। ନଗର ପରିକ୍ରମା ସମୟରେ ବିଭିନ୍ନ ପାରମ୍ପରିକ କଳାର ପ୍ରଦର୍ଶନ ହୁଏ। ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ସହିତ ନିଶାନ, ତାସା, ମହୁରୀ ଏବଂ ଘଣ୍ଟ ବାଦ୍ୟର ତାଳେ ତାଳେ ସମସ୍ତ ବର୍ଗର ଲୋକ ଏକାଠି ନାଚିଥାନ୍ତି, ଯାହା ସାମାଜିକ ବାଛବିଚାରକୁ ଦୂର କରିଥାଏ।

ପୁଣି ଏହି ସମୟରେ ଶୀତଳ ଭୋଗ ଓ ସେବା ପ୍ରଦାନ କରାଯାଏ, ଗ୍ରୀଷ୍ମ ଋତୁରେ ଏହି ପର୍ବ ହେଉଥିବାରୁ, ସମାଜର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ବ୍ୟକ୍ତିବିଶେଷ ଶ୍ରଦ୍ଧାଳୁମାନଙ୍କ ପାଇଁ ଶୀତଳ ଜଳ, ପଣା ଏବଂ ଭୋଗର ବ୍ୟବସ୍ଥା କରନ୍ତି। ଏହି 'ସେବା ମନୋଭାବ' ଲୋକଙ୍କ ମଧ୍ୟରେ ପରୋପକାର ଗୁଣ ତଥା ଏକତା ଭାବକୁ ଜାଗ୍ରତ କରେ।

ପରମ୍ପରାର ଆଧୁନିକ ପ୍ରାସଙ୍ଗିକତାକୁ ଦେଖିଲେ ଆଜିର ବ୍ୟସ୍ତବହୁଳ ଜୀବନରେ ଏହି ପର୍ବ ଗାଁ ଓ ସହରର ଲୋକଙ୍କୁ ଏକାଠି ଯୋଡ଼ିବାର ଏକ ସେତୁ ସାଜିଛି। ହସ୍ତଶିଳ୍ପ, ପାରମ୍ପରିକ ପୋଷାକ ଏବଂ ଆଞ୍ଚଳିକ ଖାଦ୍ୟର ପ୍ରସାର ପାଇଁ ମଧ୍ୟ ଏହା ଏକ ଉପଯୁକ୍ତ ସମୟ। ଆମର ଏହି ପରମ୍ପରା ସାମାଜିକ ଏକତା ଆଉ ସଙ୍ଘତି ସୃଷ୍ଟି କରିବାରେ ସଦାସର୍ବଦା ଜାଗ୍ରତ ରହୁ ଏ ଅବସରରେ ଏତିକି ପ୍ରାର୍ଥନା କରିବି –

ISSN NO.
2582-208X

"ହେ ମହାଦେବ ,ହେ ଗୌରୀ ମାତା,
ତୁମେ ଜଗତର ଭାଗ୍ୟ ବିଧାତା।
ଶୀତଳ ଜଳରେ ହୁଅହେ ସ୍ନାନ,
ଭକ୍ତ ଜନଙ୍କୁ କର କଲ୍ୟାଣ।
ଜୟ ଶିବ ଶମ୍ଭୋ, ଜୟ ମା' ପାର୍ବତୀ।"

(((-)))

ସାଲେପାଲି, ବଲାଙ୍ଗୀର
ମୋ- 9438449499

ISSN NO.
2582-208X

# ସମର୍ପଣ



ସିଦ୍ଧେଶ୍ୱର ତ୍ରିପାଠୀ

ଜୟ ଜୟ ଗଜାନନ ଜୟ ମାଆ ଭାରତୀ
ଜୟ କାଳିଆ ଠାକୁର ଅଗତିର ଗତି
ଜୟ ଜୟ ସୀତାରାମ ଜୟ ହନୁମାନ
ଜୟ ଗ୍ରାମେଶ୍ୱରୀଶ୍ୱର ଦିଅ ଦିବ୍ୟ ଜ୍ଞାନ ।

ଜୟ ଜୟ ଗୁରୁଦେବ ଜୟ ପିତାମାତା
ତୁମରି କରୁଣା ବିନା ସବୁତ ଅନ୍ୟଥା
ଜୟ ଜୟ ସୂର୍ଯ୍ୟ ଚନ୍ଦ୍ର ଦଶଦିଗପାଳ
ସର୍ବ ମଧ୍ୟେ ସେ ଗୋବିନ୍ଦ ଜଣେ ଆଦିମୂଳ ।

ଆସ ଆସ ଭାବଗ୍ରାହୀ ମାୟା ଯାଉ କଟି
ମିଛମୋହର ବନ୍ଧନ ଯାଉ ସବୁ ତୁଟି
ପ୍ରହେଳିକା କୁହୁଡ଼ିର ବାଟ ଯାଉ ସରି
ମରୀଚିକାକୁ ଦୂରେଇ ଦିଅହେ ମୁରାରୀ ।

କହେ ସିଦ୍ଧେଶ୍ୱର ଦିନ ଯାଏ ସରି ସରି
କରୁଣା ନେତ୍ରରେ ଚାହିଁ ଦିଅ ଚକ୍ରଧାରୀ
ନୋହିଲେ ଜୀବନ ଡଙ୍ଗା ଅବେଳେ ବୁଡିବ
ଭାବଗ୍ରାହୀ ନାମେ ନିଷ୍ଟେ କଳଙ୍କ ଲାଗିବ ।

କେଉଁ ଭାବରେ ଡାକିବି ଜାଣିନି ଅଧମ
ତୁଣ୍ଡେ ଥାଉ ଆଦ୍ୟ ପ୍ରାନ୍ତେ ସେହି ରାମ ନାମ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା/7008315040

ISSN NO.
2582-208X

# କଠୋର ମଣିଷ



ଦୁଷ୍ମନ୍ତ ବେହେରା

ଜ୍ଞାନ ବଳେ ଦୁନିଆ ଜିଣିଲି ନିଜେ
ପ୍ରକୃତି ବଦଳେଇ ପାରେନା
ମଣିଷ ବୋଲି ଶ୍ରେଷ୍ଠ କହେ ଜଗତ
କରି ଆସୁଛି ଦୂଷିତ ଦୁନିଆ !!

ବିବେକ ଥାଇ ଅବିବେକ କାମ କରି
ନିଜ ଭବିଷ୍ୟତ ଦେଖି ଚାଲେ
ଆପଣା ଲକ୍ଷ୍ୟ ପାଇଁ ଦାଉସାଜେ ମୁଁ
ଧରଣୀ ଉପରେ ରଖି ନଜର !!

ବୁଝି ନ ପାରଇ ପ୍ରକୃତି ମୂଲ୍ୟ ମୁଁ
ହାତେ ଧ୍ୱଂସ କରେ କୁଢ଼ାଢ଼ି
ରେ ହାଣି ନିଜ ଗୋଡ ଦୋଷ ଦିଏ
ଏ ଡାକ୍ତର ବାବୁଙ୍କୁ !!

ମୂଲ ଚାଲ କରି ବିକି ଚାଲେ ବଡ
ଲୋକ ହେବା ନିମନ୍ତେ
ବେଳ ବୁଡିଲେ ଚେତା ପଶେ ସମୟ
ଲେଉଟେ ଠିକଣା ଶେଷେ !!

ଦଇବ ଗଢିଛି ମନୁଷ୍ୟ ମୋତେ
ଲାଳସା ଲୋଭେ ଦାଉ

ISSN NO.
2582-208X

ସାଜେ ସୁନ୍ଦର ପ୍ରକୃତିକୁ ଦାଗ ଲଗାଏ
ମନ ଚେହେରା ଲୋଭେ !!

ଅହଙ୍କାର ଗର୍ବ ଦେହ ମୋର ସଂସାର
ପ୍ରେମ ଜାଣିବ କେମନ୍ତ
ଗୁଣ ମୋର ଅନେକ ଚହ୍ନ ନ ପରେ
ଚହ୍ନି ଏ ସାର୍ ଜଗତ ଜନ !!

ରୂପ ଅଛି ବୋଲି ହସେ ଯଉବନ
କର୍ମ କରେ ନଜ ମାନର
ଉପରୁ ଦେଖ୍ ଚହ୍ନି ହୁଏ ସିନା ଭିତର
ଘାତ ନଷ୍ଟୁର ଦାଗ ଘୃତ !!

ଅଭିନୟରେ ବୁଡି ଖେଳେ ଚକା ଭଉଁରି
ମୁଣ୍ଡ କୁ ଟୁଙ୍ଗାରି ରଙ୍ଗ
ବଦଳେଇ ଚତୁର ଠାଣି ରେ ଠକ ଦିଏ
ସଂସାର ଇଲାକା ମଞ୍ଚେ !!

ବିକ୍ଷୁପ୍ତ ଚନ୍ତନେ ବୁଡେ ଅନ୍ଧାର
ସମୟ ଯେ ଲାଜକୁଳା
ମନ ଜାର ଠକାଭ୍ୟସ୍ୟ ସେ କ
ଜାଣେ ଜଗତ ମଙ୍ଗଳ !!

ପଢ଼ିଲୁ ଅକ୍ଷର ପାଇଲୁ ଜ୍ଞାନ
ଚନ୍ତା ଧାର୍ ଏଡେ ଛୋଟ
ଧ୍ୱଂସ କରୁଛୁ ଦିନେ ପାଇବୁ ଦଣ୍ଡ
ଜଗତେ ନଥିବ ପ୍ରାଣ !!

(((-)))

ଗ୍ରସୋଳ (ମୁଣ୍ଡିଆପଷି), ଢେଙ୍କାନାଳ
ମୋ ନଂ-୮୮୯୫୦୯୦୧୬୩

ISSN NO.
2582-208X

# ମହିଳା ସଂରକ୍ଷଣ ବିଲ, ଏକ ଅନୁଶୀଳନ



ଅଳକା ରାୟ

ବହୁ ଚର୍ଚ୍ଚିତ ତଥା ବହୁ ପ୍ରତିକ୍ଷିତ ମହିଳା ସଂରକ୍ଷଣ ବିଲ ସଂସଦରେ ପାରିତ ହୋଇ ପାରିଲା ନାହିଁ। ଦୁଇ ଦିନ ପର୍ଯ୍ୟନ୍ତ ଚର୍ଚ୍ଚା,ତର୍କବିତର୍କ ଓ ସରକାରଙ୍କ ଅପିଲ  ସତ୍ତ୍ୱେଏହା ବହୁମତ ପାଇବାରେ ବିଫଳ ହୋଇଛି। ମହିଳା ସଂରକ୍ଷଣ ସହିତ ସଂବିଧାନ ସଂଶୋଧନ ବିଲ ଯାହା ମାଧ୍ୟମରେ  ଲୋକସଭା ସଦସ୍ୟ  ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବାର ପ୍ରାବଧାନ ଥିଲା ଗୃହିତ ହୋଇ ପାରିଲାନାହି। ମହିଳା ସଂରକ୍ଷଣ ସହ ଜଡିତ ସୀମା ପୁନଃ ନିର୍ଦ୍ଧାରଣ ସଂଶୋଧନ ଅଧିନିୟମ୍ର (୨୦୨୬) ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ଅଧୁନିୟମ(2026 ) ବିଲ ଦ୍ୱୟକୁ  ସରକାର ପ୍ରତ୍ୟାହାର  କରି ନେଇଛନ୍ତି।

ଆଲୋଚନାର ବିଷୟ ଏହି ଯେ ଦିର୍ଘ  ଦଶନ୍ଧୀ କାଳ ସଂଘର୍ଷ ତଥା ଘାତ ପ୍ରତିଘାତ କୁ ଏଡାଇ  ୨୦୨୩ରେ ସଂସଦରେ ସର୍ବସମ୍ମତି କ୍ରମେ ପାରିତ ହୋଇଥିବା ମହିଳା ସଂରକ୍ଷଣ ବିଲ ବର୍ତ୍ତମାନ ସମୟରେ "ବହୁ ଆଡ଼ମ୍ବରେ ଲଘୁକ୍ରିୟା" ସଦୃଶ ଅନୁଭୁତ ହେଉଛି। କିପରି ମହିଳା ସଂରକ୍ଷଣ ଆଳରେ ରାଜନୀତିର ରୁଟି ସେକା ଚାଲିଛି! କିପରି ସରକାର ଓ ବିରୋଧି ଦଳ ଗୁଡିକ ନିଜ ନିଜର ସ୍ୱାର୍ଥକୁ ପ୍ରାବଧାନ ଦେଉଛନ୍ତି! କିପରି ତୁଙ୍ଗ ମହିଳା ନେତ୍ରୀ ଙ୍କ ଭିତରେ ପୁରୁଷ ପଣିଆ ଜାଗ୍ରତ ହୋଇ ଯାଉଛି ଓ ପୁରୁଷଙ୍କ ଭିତରେ ମହିଳା ବିରୋଧି ମନୋଭାବ ପ୍ରକାଶ ପାଇ ସଂରକ୍ଷଣ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ଇତ୍ୟାଦି……

ISSN NO.
2582-208X

୨୦୨୩ ରେ ପାରିତ ହୋଇଥବା ମହିଳା ସଂରକ୍ଷଣ ବିଲ କାର୍ଯ୍ୟକାରି ହୋଇ ପାରିନଥିଲା। ଜନଗଣନା ଓ ସୀମା ପୁନଃନିର୍ଦ୍ଧାରଣ ଅନୁଯାୟୀ କାର୍ଯ୍ୟକାରି ହେବାର ଥିଲା। ଆଗାମି ୨୦୨୯ ନିର୍ବାଚନ ରେ ଏହା କୁ କାର୍ଯ୍ୟରେ ପରିଣତ କରିବା ଲକ୍ଷ ରଖି କେନ୍ଦ୍ର ସରକାର ୨୦୨୬ ଜନଗଣନା ଓ ସୀମା ପୁନଃନିର୍ଦ୍ଧାରଣ ଅନୁଯାୟୀ ସଂବିଧାନ ସଂଶୋଧନ ଅଧିନିୟମ ମାଧ୍ୟମରେ ମହିଳା ସଂଶୋଧନ ବିଲ ପାରିତ କରାଇବାର ପ୍ରଚେଷ୍ଟା ସରକାରଙ୍କୁ ମହଙ୍ଗା ପଡିଲା। ଘୋର ବିରୋଧ ଯୋଗୁଁ ବହୁମତ ନପାଇ ଏହା ସଂସଦରେ ପାରିତ ହୋଇ ପାରିଲା ନାହିଁ।

ସୀମା ପୁନଃନିର୍ଦ୍ଧାରଣ ହେଲେ,ଜନଗଣନା ଅନୁଯାଇ କିଛି ରାଜ୍ୟର ସଂସଦରେ ପ୍ରତିନିଧିତ୍ୱ ସଂଖ୍ୟା କମିଯିବାର ସମ୍ଭାବନା ଅଛି। ଦକ୍ଷିଣ-ଭାରତ ରାଜ୍ୟ ଗୁଡିକ ତୁଳନାରେ ଉତ୍ତର ଭାରତର ରାଜ୍ୟ ଗୁଡିକର ଲୋକସଂଖ୍ୟା ଅଧିକ ଓ ସଂସଦରେ ଏହାର ପ୍ରତିନିଧିତ୍ୱ ସଂଖ୍ୟା ମଧ୍ୟ ଅଧିକ ରହିବ ଯାହାଦ୍ୱାରା ଅପେକ୍ଷାକୃତ କମ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଗୁଡିକ ପ୍ରଭାବିତ ହେବେ। ତେଣୁ ଦକ୍ଷିଣଭାରତ ରାଜ୍ୟ ଗୁଡିକ ଏହାର ଘୋର ବିରୋଧ କରୁଛନ୍ତି। ଦକ୍ଷିଣ ଭଳି ପଶ୍ଚିମବଙ୍ଗ ମଧ୍ୟ ବିରୋଧ କରୁଛି ସମାନ କାରଣ ଦର୍ଶାଇ। ସେମିତି ତ ଆକଳନ କଲେ ଓଡିଶା ମଧ୍ୟ କ୍ଷତିଗ୍ରସ୍ତ ହେବାର ସଂଭାବନା ଅଛି। କିନ୍ତୁ ଯେହେତୁ ଓଡିଶାରେ କେନ୍ଦ୍ରର ବି.ଜେ.ପି ଶାସିତ ସରକାର ରାଜ୍ୟରେ ଶାସନ କରୁଛି ତେଣୁ ରାଜ୍ୟ ସରକାର କେନ୍ଦ୍ର ସରକାରକୁ ସମର୍ଥନ ଜଣାଉଛି।

ସଂସଦରେ ମହିଳା ସଂରକ୍ଷଣ ବିଲ ଉପସ୍ଥାପନ ହେବାର କିଛିଦିନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଏକ ଆଲେଖ୍ୟ ବିଭିନ୍ନ ଖବର କାଗଜରେ ପ୍ରକାଶିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ମହିଳାମାନେ ସଂଗୀତ ଠୁ ଆରମ୍ଭ କରି କ୍ରିଡା ପର୍ଯ୍ୟନ୍ତ ଓ ବିଜ୍ଞାନଠୁ ଆରମ୍ଭ କରି ଉଦ୍ୟୋଗ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଜ ପାରଦର୍ଶିତା ତଥା ଭାଗିଦାରିତା ପ୍ରମାଣ କରି ସାରିଛନ୍ତି। କିନ୍ତୁ ରାଜନୀତି ଏବଂ ବିଧାନପାଳିକା କ୍ଷେତ୍ରରେ ମହିଳାଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ବହୁତ କମ୍। ତେବେ ଆଗାମି ନିର୍ବାଚନରେ ମହିଳା ମାନଙ୍କୁ ସଂସଦରେ ୩୩% ଆରକ୍ଷଣ ଦେବା ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ନାମରେ ମହିଳା ସଂରକ୍ଷଣ ବିଲ ୨୦୨୩ରେ ପାରିତ କରାଯାଇଥିଲା। ମୋଦିଜୀଙ୍କ ଅନୁଯାଇ ଏହା କୌଣସି ଗୋଟିଏ ଦଳ, ସରକାର ଅବା ବ୍ୟକ୍ତିବିଶେଷର କଥା ନୁହେଁ ଅଧିକନ୍ତୁ ସାମୂହିକ ପ୍ରୟାସ ଓ ବ୍ୟାପକ

ISSN NO.
2582-208X

ସହମତି ଦ୍ୱାରା କାର୍ଯ୍ୟରେ ପରିଣତ ହୋଇ  ପାରିବ। ଏହା ଦ୍ୱାରା ମହିଳାମାନେ ନିଜକୁ ସମ୍ମାନୀତ ମନେ କରିପାରିବେ। ମୋଟ ଉପରେ ଦେଶର ଅଧା ଜନସଂଖ୍ୟା ହାତରେ କ୍ଷମତା ପ୍ରଦାନ କରିବା ଏହାର ମୂଳ ଲକ୍ଷ।

ତେବେ ବିରୋଧାଭାସ ର ମୂଳ କାରଣ ସୀମା ପୁନଃନିର୍ଦ୍ଧାରଣ। ସରକାର ହେଉ  ଅବା ବିରୋଧି ଦଳ, ସଂସଦରେ ନିଜର ପ୍ରତିନିଧି କେତେ ଅଧିକ ହୋଇ ପାରିବ, ନିଜ ନିଜର ଦଳକୁ କିପରି ସୁଦୃଢ କରିବେ ସେଥିପାଇଁ ଅଧିକ କାର୍ଯ୍ୟ ରତ।  ୫୪୩ ଆସନ ହେଉ  ଅବା ୮୧୬ ୩୩% ସଂରକ୍ଷଣ ମହିଳା ପାଇବା କଥା କିନ୍ତୁ ଆସନ ସଂଖ୍ୟା ବଢିଲେ ସଂରକ୍ଷଣ ଦିଆଯିବାର ମାନସିକତା ଯେ ସଂରକ୍ଷଣ ଆଳରେ ମହିଳାଙ୍କୁ ଅପମାନିତ ତଥା ପ୍ରତାରଣା କରା ଯାଉଛି ତାହା ସ୍ପଷ୍ଟ ବାରିହୋଇ ପଡୁଛି। 'ବିରୋଧ' ଏବଂ 'ସହମତି' କେବଳ ଆଗାମି ନିର୍ବାଚନ କୁ ଆଖି ଆଗରେ ରଖି କରା ଯାଉଛି। ମହିଳାଙ୍କୁ ସଶକ୍ତ କରିବାର ପ୍ରାବଧାନ ଥାଇ ମଧ୍ୟ ନ କରାଇ ଦେବାର ମାନସିକତା ସ୍ପଷ୍ଟ ବାରିହୋଇ ପଡୁଛି।ତେବେ ଏତେସବୁ ପ୍ରୟାସ ପରେ ବି 'ବିଲ' କାର୍ଯ୍ୟକାରି ନ ହୋଇ ପାରିବା "ବହୁ ଆଡ଼ମ୍ବରେ ଲଘୁ କ୍ରୀୟା ସଦୃଶ।

(((–)))

ମୋ: ୭୯୭୮୩୩୨୦୬୧

ISSN NO.
2582-208X

# ମୁଁ ଉତ୍ତର ଖୁହେଁ....



ଲିପିନା ସାହୁ

ମୁଁ ବୋଧ ହୁଏ...
ହଜି ଯାଇଛି କୋଣାର୍କର ସେହି
ସ୍ଥାପତ୍ୟ କଳାର ଭାବ ଭଙ୍ଗୀରେ ...

ମୁଁ ଫେରିବାକୁ ଚାହେଁ ମୋ...
ଅତୀତ ଅବହେଳିତ ଚାରୁକଳାକୁ..
ସେଠୀ ଖୋଜନ୍ତି ଭବିଷ୍ୟତର ବାସ୍ତବତାକୁ

ମୁଁ ଜାଣିବାକୁ ଚାହାନ୍ତି ମୋ...
ଭବିଷ୍ୟତର ନିନ୍ଦନୀୟ ସମୟକୁ..
ଆଉ ଭାବନ୍ତି ତା ପ୍ରତିକାର ସଂଜୀବନୀକୁ

ମୁଁ ଦେଖିବାକୁ ଚାହେଁ ମୋ..
ଛିଦ୍ର ରନ୍ଧ୍ର ହିନ ଭାବନାକୁ..
ଯେଉଁଠି ନିଜ ଭିତରେ ଖୋଜିବି ନିଜକୁ.

ମୁଁ ପୁଣି ତୁଳନା କରିବାକୁ ଚାହେଁ..
ବାଲ୍ୟାରୁ କୈଶୋର ଅବସ୍ଥାକୁ..
ପଛକୁ କାଇଁ ଫେରୁନି ମୋ ବୟସକୁ...

ISSN NO.
2582-208X

ମୁଁ ପୁଣି ତ୍ୟାଗ କହିବାକୁ ଚାହେଁ..
ମୋ ଉଦାରତା ଗୁଣ ମାନଙ୍କୁ...
ଦୂରେଇ ଯାଆନ୍ତାନି ଏମିତି ମନକୁ...

ମୁଁ ଚାହେଁ ଅନ୍ୟ ପରି ସ୍ୱାର୍ଥବାଦି ହେବାକୁ
ଭାବି ଭାବି କାଇଁ ହୋଇ ପାରେନି..
ନିଜ ଭାବରେ ହିଁ ହଜି ଯାଏ ଏମିତି ମନକୁ। ।

(((-)))

କନ୍ତପହଁର୍, ବାଙ୍କୀ, କଟକ

ISSN NO.
2582-208X

# ଦୁର୍ନୀତି



କୁଞ୍ଜବିହାରୀ ରାଉତ

ବିଦେଶୀ ବେପାରୀ ଚାଲିଯିବା ପରେ
ଦେଶୀ ବେପାରୀ ମୋତେ ଆଦରି ନେଇଛି
ତଳଠୁ ଉପର ସମସ୍ତେ ଏବେ ମୋ କୋଳାଗ୍ରତରେ
ଦୁନିଆ ଏମିତି ଚାଲିଛି, ଆଗକୁ ବି ଚାଲିବ
ମୋ ପାଇଁ ସମସ୍ତେ ହୋଇଛନ୍ତି ଏକାକାର
ଆଖିରେ ଅନ୍ଧପୁଟୁଳି ସମସ୍ତଙ୍କର
ଦୁନିଆକୁ ଦେଖାଉଛି ଭେଳିକି ମୋହର...
ଟ୍ରକ ଡାଲାରେ ବୁହା ଚାଲିଛି ପାହାଡ
ମୋଟା ପାଇପ୍ ରେ ଚୋରିହେଉଛି ନଦୀ
କାହାର ଉଷୁମ ନିଃଶ୍ୱାସରେ ଜଳି ଯାଉଛି ଜଙ୍ଗଲ
ମେହେନତି ମଣିଷର ହାଡ ରକ୍ତ ମାଂସ ଶ୍ରମ ସ୍ୱେଦ
ବଦଳିଯାଉଛି କେତେ ଜଣଙ୍କ ମେଦରେ
ମୃତ୍ୟୁ ଶଯ୍ୟାରେ ଶୋଇଛି ଭାରତର ଭାଗ୍ୟ ଭବିଷ୍ୟତ
ବିଳାସି ବଣିକ ଚିଟଫଣ୍ଡ ନାଁ ରେ ଚିତାକାଟି ଚାଲିଛି
ଲୋଭ ଦେଖାଇ ମଣିଷକୁ
ଦରିଦ୍ରରୁ ଅଧିକ ଦରିଦ୍ର କରିଛି
ସୁଲତାନ ମାମୁଦ ମାନେ ଲୁଟି ଚାଲିଛନ୍ତି
ଜଙ୍ଗଲ ଜମି ଖଣି ପାଣି ସ୍ୱପ୍ନ
ସମ୍ଭାବନା ସହ ଭାଗ୍ୟ ଭବିଷ୍ୟତ

ISSN NO.
2582-208X

ଦୁର୍ନୀତିରେ ଉବୁଟୁବୁ ଭାରତବର୍ଷ
ଜୁ ନାହିଁ ପାଟି ଫିଟାଇବାର
ମାନସିକତା ଯେଉଁଠି ରୋଗଗ୍ରସ୍ତ
ମାନବିକତା ଯେଉଁଠି ମୃତ
ଧର୍ମ ଭୟ ବିଲୁପ୍ତ
ଜାତୀୟ ଜୀବନ କଳୁଷିତ
ସବୁଠାରେ ମୁଁ ମାଡିଚାଲିଛି ,ବୀର ଦର୍ପ ପରି
ମଣିଷ ଲୁଚୁଛି ଆଜି ମଣିଷ ପାଖରେ
ମାନବିକତା ବନ୍ଧା ପଡ଼ିଛି ମୋ' ରି ପାଖରେ ..
ହେ ମାନବ !
ପାରିବକି ରୋକି ମୋତେ ?
ପାରିବ ଯଦି ମାନସିକତା ପରିବର୍ତ୍ତନ କର
ସ୍ନେହ ସଦିଚ୍ଛା ଭାଇଚାରା ମଞ୍ଜି ବୁଣ
ବିଶ୍ୱାସଘାତକତା କୁ ଦୂରକୁ ଫିଙ୍ଗିଦିଅ
ଚେତନା ଆଭ୍ୟନ୍ତରୀଣ ବିକାଶ ହିଁ
ମୋତେ ହଟାଇପାରିବ
ନଚେତ୍ ମୋ ଫାଶରେ ତୁମେ ବାନ୍ଧିହେବ
..... ତୁମେ ବାନ୍ଧିହେବ ....

(((-)))

ପ୍ଲଟ ନଂ ୧୪୮/୫, ହମିରପୁର, ରାଉରକେଲା -୩
ମୋ: ୯୮୬୧୦୩୪୯୪

ISSN NO.
2582-208X

# ଉତ୍କଳ ଅସ୍ମିତା ଓ ଓଡ଼ିଆ ଭାଷା



ଅଭୟ କୁଣ୍ଡ

ବର୍ତ୍ତମାନ ଆମ ରାଜ୍ୟର ନାମ ଓଡ଼ିଶା । ଏହାର ପ୍ରାଚୀନ ନାମ ଉତ୍କଳ କଳିଙ୍ଗ ମଧ୍ୟ ଥିଲା। ପ୍ରଥମେ ବୁଝିବା ଓଡ଼ିଶା, ଉତ୍କଳ ଓ କଳିଙ୍ଗ କହିଲେ କଣ ବୁଝିବା । ଏକ ଭୌଗୋଳିକ ଅଞ୍ଚଳ ଯେଉଁ ଅଞ୍ଚଳର ଲୋକମାନେ ନିଜ ମନୋଭାବକୁ ପ୍ରକାଶ କରନ୍ତି ଏକ ଭାଷା ମାଧ୍ୟମରେ ଅନ୍ୟର ଭାବକୁ ସେହି ଭାଷା ମାଧ୍ୟମରେ ବୁଝିପାରନ୍ତି ସେହି ଭାଷା ଓଡ଼ିଆ ଓ ଓଡ଼ିଆ ଭାଷାଭାଷି  ଅଞ୍ଚଳକୁ ଓଡ଼ିଶା/କଳିଙ୍ଗ/ଉତ୍କଳ କୁହନ୍ତି ।

ଓଡ଼ିଆ ଏକ ପ୍ରାଚୀନ ଭାଷା । ଓଡ଼ିଶା ଶବ୍ଦଟି ଉଡ୍ରୀୟ ଶବ୍ଦର ରୂପାନ୍ତର । ଇତିହାସ କହେ ପ୍ରାୟ ଦୁଇ ହଜାର ବର୍ଷ ତଳେ ଆମ ଅଞ୍ଚଳରେ ଔଡ୍ରୀ ବା ଉଡ୍ରିୟ ନାମକ ଏକ କଥିତ ଭାଷା ଥିଲା । ପର କାଳରେ ଏହା ଓଡ଼ିଆ ଭାଷାରେ ବିବର୍ତ୍ତିତ ହେଲା । ଏହା ପ୍ରାକୃତ ଭାଷା ମଧ୍ୟ କୁହାଯାଉଥିଲା । କାରଣ ଏହା ଜନଗଣ ବା ପ୍ରଜାଗଣଙ୍କ ଭାଷା ମଧ୍ୟ ଥିଲା । ଆମ ମାତୃଭାଷା ଭାରତୀୟ ଆର୍ଯ୍ୟ ଭାଷା ପରିବାର ଭୁକ୍ତ ମଧ୍ୟ । ସଭ୍ୟତାର ବିକାଶ ହେଲା । ବିଶ୍ୱରେ ବିଭିନ୍ନ ଅଞ୍ଚଳରେ ଲୋକମାନେ ଭିନ୍ନ ଭିନ୍ନ ଭାଷାରେ ଭାବ ପ୍ରକାଶ କରୁଥିଲେ । ଲୋକମାନେ ଗ୍ରାମ ଗ୍ରାମ ନୁହେଁ ରାଜ୍ୟ ରାଜ୍ୟ ଦେଶ ଦେଶ ମଧ୍ୟରେ ନାନା କାରଣରୁ ଯିବା ଆସିବା, ଭାବର ଆଦାନପ୍ରଦାନ, ବାଣିଜ୍ୟ ବ୍ୟବସାୟ ପାଇଁ ସମ୍ପର୍କ ସ୍ଥାପନ ହେଲା ।

ସାନ ସାନ ଝରଣା ମିଶି ନଦୀ ସୃଷ୍ଟି ହୁଏ । ସେହିପରି ବିଭିନ୍ନ ଅଞ୍ଚଳ ଲୋକମାନେ ପରସ୍ପର ସହ ମିଶିବା ଫଳରେ ଭାଷା ସହ ଭାଷା, ଶବ୍ଦ ସହ ଶବ୍ଦ ମିଶି ଭାଷା ସମୃଦ୍ଧ ହେଲା । ପରେ ଲିପି ଉଦଭାବନ ହେଲା । ବ୍ୟବହାର ଉପଯୋଗୀ ଅନେକ ଶବ୍ଦ ସୃଷ୍ଟି

ISSN NO.
2582-208X

ହେଲା । ଶବ୍ଦର ଭଣ୍ଡାର ବଢ଼ି ଚାଲିଲା । ଶାରୋଳା ଯୁଗ ଠାରୁ ଓଡ଼ିଆ ଭାଷାରେ ପୁରାଣ ରଚନା ଆରମ୍ଭ ହେଲା । ପରବର୍ତ୍ତୀ କାଳରେ ଓଡ଼ିଶାରେ ପଠାଣ ମୋଗଲ ଇଂରେଜମାନେ ଶାସନ କଲେ । ଆମ ଭାଷାରେ ଅନେକ ପାର୍ସୀ ଓ ଇଂରାଜୀ ଶବ୍ଦ ମିଶିଗଲା । ପଡ଼ୋଶୀ ରାଜ୍ୟ ତେଲଗୁ, ହିନ୍ଦୀ, ବଙ୍ଗଳା ଶବ୍ଦ ସହ ମୁଣ୍ଡାରୀ, ସାନ୍ତାଳୀ ଶବ୍ଦ ମିଶି ଗଲା ଓ ଆମ ଶବ୍ଦ ଭଣ୍ଡାର ବିଶାଳ ଆକାର ଧାରଣ କଲା । ଏବେ ମଧ୍ୟ ନୂଆ ନୂଆ ପ୍ରଯୁକ୍ତିବିଦ୍ୟାର ଶବ୍ଦ ଆମେ ବ୍ୟବହାର କରୁଛୁ ଓ ଏହା ଆଗକୁ ମଧ୍ୟ ଜାରି ରହିବ । କିନ୍ତୁ ଯଦି ଭାଷାର ମୌଳିକତା ନଷ୍ଟ ହେବ ତା ହେଲେ ଭାଷା ସଙ୍କଟରେ ପଡ଼ିବ ଓ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହେବ । ଅସ୍ମିତା କହିଲେ ଅହମିକାକୁ ବୁଝାଏ ।

ଆମେ ଆମର କାବ୍ୟ,ପୁରାଣ, ଗଳ୍ପ,ସଙ୍ଗୀତ, ନାଟକ ଧର୍ମ ଗ୍ରନ୍ଥକୁ ନେଇ ଗର୍ବ କରୁ । ସମୃଦ୍ଧତା ତଥା ପ୍ରାଚୀନତା ପାଇଁ ଆମ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। ଏଣୁ ଆମେ ଗର୍ବିତ ମଧ୍ୟ ।

ଓଡ଼ିଶାର ଧର୍ମ,ପର୍ବପର୍ବାଣୀ, ଓଷା ବ୍ରତ ସହ ଖାଦ୍ୟ, ବସ୍ତ୍ର ବେଶଭୂଷା ସହ ଭାଷାର ଗଭୀର ସମ୍ପର୍କ ଅଛି । ଶିକ୍ଷାର ପ୍ରସାର ଓ ବିଦେଶୀ ଭାଷା ପ୍ରଭାବରେ ଆମ ସମାଜ ଓ ସାମାଜିକ କର୍ମ ପ୍ରଭାବିତ ହୋଇ ଏକ ସଙ୍କଟ ସୃଷ୍ଟି କଲାଣି ।

ମାତୃଭାଷା ଆମ ଭେଜାଲ୍ ହେଲାଣି
ଇଂରାଜୀ ଗଲାଣି ଖାଇ
ଇଂରାଜୀ ମିଶାଇ ଓଡ଼ିଆ କହୁଛୁ
ଭାଷା ଖେଚୁଡ଼ି ବନାଇ ।

ଆମ ରନ୍ଧନଶାଳାରୁ ମନ୍ଦିର ପର୍ଯ୍ୟନ୍ତ ପର୍ବପର୍ବାଣୀ, ବିବାହ ବ୍ରତ, ଖାଦ୍ୟ ପାନୀୟ, ପୋଷାକ ଏମିତିକି କଳିଗୋଳ ଗାଳି ସବୁଥିରେ ଇଂରାଜୀ ଶବ୍ଦ ମିଶିଛି ଓ ଆମ ଖାଦ୍ୟ ମଧ୍ୟ ବଦଳି ଗଲାଣି ।

ଏଇ ଯେମିତି :-

ମଟନ୍ ଚିକେନ ନୁଡଲ୍ସ ଭେଜ୍

ISSN NO.
2582-208X

ବ୍ରେକ ଫାଷ୍ଟ ଲଞ୍ଚ୍ ଡିନର୍
ପିଠା ସ୍ଥାନ ଏବେ କେକ ନେଲାଣି
ନିଶା ବ୍ରାଉନ ସୁଗାର୍ ।

ଆମ ପାରିବାରିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେଲାଣି । ବାପା, ମା, ବୋଉ, ମାମୁ, ଦାଦା, ଅଜା, ଆଇ, ମାଉସୀ ପିଲାମାନେ ଆଉ ଡାକୁନାହାନ୍ତି । ନମସ୍କାର ନ କରି ହାଲୋ ହାଏ ଅପସଂସ୍କୃତି ସମାଜରେ ବ୍ୟାପିଲାଣି । ହାପି ଶବ୍ଦ ବିନା ପର୍ବପର୍ବାଣୀ ନାହିଁ । ମଝିରେ ଭାଷା ବଞ୍ଚାଅ ଆନ୍ଦୋଳନ ହେଲା ମାତ୍ର ଫଳ ଶୂନ । ଆମ ବେପରୁଆ ମନୋଭାବ ଯୋଗୁଁ ମାତୃଭାଷା ସଙ୍କଟରେ ।

କୃଷକ ଶ୍ରମିକ କବି ଓ ଲେଖକ
ସମସ୍ତେ କହିଲେ ମିଶା ଓଡ଼ିଆ
ଗୋଦର ଗୋଡ଼ଟା ହୃଷ୍ଟ ପୁଷ୍ଟ ଦେଖି
କହିବା କି ଆମ ସ୍ୱାସ୍ଥ୍ୟ ବଢ଼ିଆ ?

ଓଡ଼ିଆ ଅସ୍ମିତା ସୁରକ୍ଷିତ ରଖିବା ପାଇଁ ଆସନ୍ତୁନା ଶପଥ ନେବା ଓ ଗର୍ବରେ କହିବା ଆମେ ଓଡ଼ିଆ ଆମ ଭାଷା ବଢ଼ିଆ ।

ବନ୍ଦେ ଉତ୍କଳ ଜନନୀ

(((-)))

ବଳଭଦ୍ରପୁର,
ନିମାପଡ଼ା, ପୁରୀ
ମୋ ୯୫୫୬୯୮୯୭୨୩

ISSN NO.
2582-208X

# ବ୍ୟତିକ୍ରମ



ଅନତା ପ୍ରଧାନ

ଶୁଣ
ଏଇ ଥର କିଛି ବ୍ୟତିକ୍ରମ ଲେଖ;
ପୁରୁଷକୁ ନଇ
ଆଉ ନାରୀକୁ ପଥର କରି ଲେଖ
ପୁରୁଷ ବି ଢ଼ାଳି ପାରେ ଅଦେଖା ଲୁହର
ଶ୍ରାବଣ
ଭିଜେଇ ପାରେ
ଗୋଟା ବାର ଘଣ୍ଟାର ରାତି
ଗୁମୁରି ଗୁମୁରି
ଗୁଞ୍ଜି ପାରେ ମଉଳା ମୁହଁ ଗୋଟାକୁ
ମଇଳା ଚାଦର ତଳେ
ଲେଖି ଦେଇପାରେ
ସମାଜର ପରମ୍ପରାଗତ ଶିକୁଳିର
ତାଡ଼ନା
ମିଛ ନୀତି ନିୟମ ଆଉ
ସେ କାନ୍ଦି ଜାଣି ଜାଣିନି ବୋଲି
ପିଟୁଥିବା ରୂଢ଼ିବାଦୀ ଧାରଣା ବିରୋଧରେ

ISSN NO.
2582-208X

ମାଳ ମାଳ ନୀରବ ଦସ୍ତାବିଜ....!

ସେ ବି ଶିଖି ଯାଏ
ସଉକକୁ ସାତ ସମୁଦ୍ର ଗହୀରକୁ
ଫିଙ୍ଗି
ଭୋକିଲା ପେଟର ଦାଉ
ଖାଲି ହାଣ୍ଡିର ଦରଦ
ପୋଡ଼ା ଚୁଲିର ପାଉଁଶ
କଣା ଚାଳ
ଭୁଶୁଡ଼ା କାନ୍ଥ
ଦର ଉଜୁଡ଼ା ମାଟି ଅଗଣାର
ସୁଖ ଟିକକ
ଗୋଟାଉ ଗୋଟାଉ
କେମିତି ଥମ୍ ହେଇ ଅଟକି ଯାଇ ହୁଏ ଘଡ଼ିଏ....!
ଦୁଇ ମୁଠା ଭାତ ପାଇଁ
କେମିତି ଧାଇଁ ଯାଇ ହୁଏ
ଗାଆଁ ରୁ ସହର
ଚାରି ହାତର ଚିରା ପଣତକୁ କନ୍ଥା କରି
ପୁହେଇ ହୁଏ ରାତି
ଜୀବନଟାକୁ ସର୍କସ ସଜେଇ
ବିଛେଇ
ପରଷି
ବିକି
ମାଗି
ଯାଚି
ନିର୍ଲଜ୍ଜ ଭଳି କେମିତି ଆଦରି
ନେଇ ହୁଏ

ISSN NO.
2582-208X

ନିଜ ଭାଗର ଭାଗ୍ୟ ତକ....!
ସେ ବି ବୁଝେ
ତାକୁ ଅବଳା ଦୁର୍ବଳା କହି
ଉପନ୍ୟାସର ନାୟିକା ସଜାଉଥିବା
ମଣିଷ
ତାକୁ ଖାଲି ବୁହେଇ ଜାଣେ
ନାରୀକୁ ନାରୀ ନୁହେଁ

(((-)))

ବୌଦ୍ଧ, ବନ୍ଧାପଥର

ISSN NO.
2582-208X

# ସୁନ୍ଦର ତୁମରି ରୂପ

ବିଜ୍ଞାନ ମହାନ୍ତି

ସୁନ୍ଦର ତୁମରି ରୂପର ବନ୍ୟାରେ ବୁଡିଗଲି ବୁଡିଗଲି
ସୁନ୍ଦର ତୁମରି ରୂପର ତୀର୍ଥରେ ହଜିଗଲି ହଜିଗଲି
ସୁନ୍ଦର ତୁମରି ରୂପର ଚର୍ଯ୍ୟାରେ ମଜିଗଲି ମଜିଗଲି
ସୁନ୍ଦର ତୁମରି ରୂପର ରଙ୍ଗରେ ଖେଳୁଥିଲି ଖେଳୁଥିଲି ।।

ସୁନ୍ଦର ତୁମରି ରୂପ ସୁଷମାକୁ ଦେଖୁଥିଲି ଦେଖୁଥିଲି
ସୁନ୍ଦର ତୁମରି ରୂପ ତନିମାକୁ ଚାହିଁଥିଲି ଚାହିଁଥିଲି
ସୁନ୍ଦର ତୁମରି ରୂପ ରାଇଜକୁ ଯାଇଥିଲି ଯାଇଥିଲି
ସୁନ୍ଦର ତୁମରି ରୂପ ସହରକୁ ଛୁଇଁଥିଲି ଛୁଇଁଥିଲି ।।

ସୁନ୍ଦର ତୁମରି ରୂପ ମାଧୁର୍ଯ୍ୟରୁ ପାଇଥିଲି ପାଇଥିଲି
ସୁନ୍ଦର ତୁମରି ରୂପ ପ୍ରାଚୁର୍ଯ୍ୟରୁ ଦେଇଥିଲି ଦେଇଥିଲି
ସୁନ୍ଦର ତୁମରି ରୂପ ସାନ୍ନିଧ୍ୟରୁ ନେଇଥିଲି ନେଇଥିଲି
ସୁନ୍ଦର ତୁମରି ରୂପ ବସନ୍ତରୁ ଖୋଜିଥିଲି ଖୋଜିଥିଲି ।।

ତୁମରି ସୁନ୍ଦର ରୂପ ଆକର୍ଷଣେ ବୁଡିଥିଲି ବୁଡିଥିଲି
ତୁମରି ସୁନ୍ଦର ରୂପ ସୁରଭିରେ ଭାସିଗଲି ଭାସିଗଲି ।।

(((-)))

୩୫, ସୂର୍ଯ୍ୟନଗର
ଭୁବନେଶ୍ୱର

ISSN NO.
2582-208X

# ମାମୁଁ ଘର

ଅଧାପକ ସୁଶିଲ କୁମାର ଜେନା

ବଡ଼ଭାଇ ନିର୍ମଳ ବିବାହର ପାଖାପାଖି ଦଶ ବର୍ଷ ପରେ ସାନ ଭଉଣୀ ସୀମା ର ବିବାହ ହୁଏ। ଭଉଣୀ ସୀମା କୁ ଶାଶୁଘର ଦେଇସାରିବା ପରେ ଭାଇ ନିର୍ମଳ ଏବେ ଆପଣା ପରିବାର ନେଇ ଦିନ କାଟନ୍ତି। ଭଉଣୀ କଥା ମନେ ପଡିଲେ ଭାଇ ଗାଁ ର ଶେଷ ମୁଣ୍ଡରେ ଭଉଣୀ ଶାଶୁ ଘର ବୁଲିଆସେ। ଏହିପରି ଭାଇ ଭଉଣୀର ଭଲପାଇବା ଯୁଗଯୁଗ ଧରି ରହିଆସିଛି। ନିର୍ମଳ ଓ ସୀମା ଙ୍କର ପିତା ନିର୍ମଳ ଙ୍କ ବିବାହ ପୂର୍ବରୁ ମୃତ୍ୟୁ ବରଣ କରିସାରିଥିଲେ। ବୃଦ୍ଧା ବିଧବା ବୋଉ ସାବିତ୍ରୀ ଥିଲେ ଦୁଇ ଭାଇ ଭଉଣୀ ଙ୍କର ପ୍ରାଣ ସ୍ପନ୍ଦନ। ବଡ଼ ଭାଇ ନିର୍ମଳ ର ପରିବାର କହିଲେ ଭାଇ (ନିର୍ମଳ), ଭାଉଜ ଙ୍କ ସମେତ ଦୁଇ ପୁଅ ଓ ଗୋଟେ ଝିଅ। ଏହାରି ଭିତରେ ସୀମା ବିବାହ ହେବାର ଦୁଇ ବର୍ଷ ପୁରି ତିନି ବର୍ଷ ଚାଲିଥାଏ। ଜ୍ୟେଷ୍ଠ ମାସ ବସୁମତୀ ସ୍ନାନ ଦିନ ପୁତ୍ର ସନ୍ତାନ ଟିଏ କୋଳକୁ ଆସେ ସୀମାର। ମାମୁଁ ଘରେ ଭଣଜା ଜନ୍ମ ହେବା ଖୁସିର ଅସାର ଖେଳିଯାଏ। ନିର୍ମଳ ମାମୁଁ ହୁଅନ୍ତି ଓ ସାବିତ୍ରୀ ଆଇ ହେବାର ଆନନ୍ଦ କହିଲେ ନ ସରେ.....। ଏବେଠାରୁ ଆଇ ସାବିତ୍ରୀ ଆଉ ମାମୁଁ ନିର୍ମଳ ର ଦିନ ଆରମ୍ଭ ହୁଏ ଭଉଣୀ ର ଶାଶୁ ଘରୁ ଆଉ ଦିନ ଶେଷ ହୁଏ ସେଇଠି। ଭଣଜା କୁ ପାଇ ମାମୁଁ ଖୁସି ନାତି କୁ ପାଇ ଆଇ ମଧ୍ୟ ଆନନ୍ଦିତ। ନାତିର ମଙ୍ଗଳ କାମନା ପାଇଁ ଆଇ ସାବିତ୍ରୀ କେତେ ମାନସିକ ଠାକୁର ଙ୍କ ପାଖରେ କରିପକାନ୍ତି ।

ଖରାବେଳ ସମୟ ହଟାତ ନିର୍ମଳ ର ମୃତ୍ୟୁ ଖବର ସମସ୍ତଙ୍କୁ ସ୍ତବ୍ଧ କରିଦିଏ। ଭେଣ୍ଡିଆ ପୁଅକୁ ହରାଇ ବୋଉ ସାବିତ୍ରୀ ର ପାଦତଳୁ ମାଟି ଖସିଯାଏ ଏବଂ ଭଉଣୀ ତାର ସାହାରା ହରାଇ ବସେ। ସାବିତ୍ରୀ ଭେଣ୍ଡିଆ ପୁଅକୁ ଅକାଳରେ ହରାଇବା କଷ୍ଟରେ ଭାଙ୍ଗିପଡେ। ବଡଭାଇ ଆରପାରିକୁ ଯିବା ଦିନଠାରୁ ଆଜିପର୍ଯ୍ୟନ୍ତ ସୀମା ରାକ୍ଷୀପୂର୍ଣିମା ଦିନ ଆଉ କାହାରି ହାତରେ ରାକ୍ଷୀ ବାନ୍ଧିବାର କେହି ଦେଖିନାହାନ୍ତି। ଏହାରି ଭିତରେ ସାବିତ୍ରୀ ଆରପାରିକୁ ଚାଲିଯାଆନ୍ତି। ବୋଉ ସାବିତ୍ରୀ ମୃତ୍ୟୁ ପରେ ସୀମା ର ଆଉ ଦୁଇ ଗୋଟି ପୁତ୍ର ସନ୍ତାନ ଜନ୍ମ ନିଅନ୍ତି। ସୀମା ର ପରିବାର କହିଲେ ସୀମା ତାର ସ୍ୱାମୀ ଓ ତାଙ୍କର ତିନୋଟି ପୁଅ କୁ

ISSN NO.
2582-208X

ନେଇ। ଭାଇ ନିର୍ମଳ ଆଉ ବୋଉ ସାବିତ୍ରୀ ଆରପାରିକୁ ଚାଲିଯିବା ଦିନଠାରୁ ସୀମା ବାପ ଘର ମୁହଁ ମାଡିନାହିଁ। ଗାଁ ର ପଶ୍ଚିମ ଦିଗରେ ସୀମା ବାପ ଘର ହୋଇଥିବାବେଳେ ଶାଶୁ ଘର ଗାଁ ର ଉତ୍ତର ଦିଗରେ। ଆଜିକାର ରାସ୍ତାର ଦୂରତା କଥା କହିଲେ ମାତ୍ର ୩୦୦ ଶହ ମିଟର ସୀମା ର ବାପ ଘର ଠାରୁ ଶାଶୁ ଘର। ଭାଇ ଓ ବୋଉ ଚାଲିଯିବା ଦିନଠାରୁ ସୀମା ଜୀବନରେ ବାପ ଘର ଯିବାର ପୂର୍ଣ୍ଣଛେଦ ପଡିଗଲା। ଆରପାରିକୁ ଚାଲିଯାଇଥିବା ବାପା, ବୋଉ ଓ ପ୍ରିୟର ଭାଇ କୁ ମନେ ପକାଇ ଶାଶୁ ଘରେ ଦିନ କାଟେ ସୀମା । ଏହାରି ଭିତରେ ସୀମାର ତିନୋଟି ପୁଅ ନିଜ ନିଜ ବୟସ ଅନୁପାତରେ ଜ୍ଞାନ ଉଦୟ ହେବାର ଦେଖାଦିଏ ।

ପିଲାମାନେ ବଡ଼ ହେଲାପରେ ଦିନେ ସୀମା କୁ ପଚାରିଲେ ଆମ ମାମୁଁ ଘର କୋଉଠି ଆଉ ଆମ ମାମୁଁ କିଏ। ସୀମା ର ପିଲାଙ୍କ ଭାଗ୍ୟରେ କାହିଁ କେବେଠାରୁ ମାମୁଁ ଘର ଆଶା ସବୁଦିନ ପାଇଁ ମରିସାରିଛି, ସେମାନଙ୍କୁ ଅଜଣା। ସେମାନେ ଛୋଟପିଲା କେମେତି ଜାଣିବେ ତାଙ୍କ ମାଆ ସୀମା ତାର ବାପା, ବୋଉ ଆଉ ପ୍ରିୟର ଭାଇ କୁ ସବୁଦିନ ପାଇଁ ହରେଇ ଦେଇଛି ବୋଲି। ସୀମା ପିଲାଙ୍କୁ ମନେଇବା ପାଇଁ ସମ୍ପର୍କୀୟ ଙ୍କୁ ଦେଖାଇ କହିଦିଏ ଇଏ ହେଲା ତୋ ମାମୁଁ, ଇଏ ହେଲା ତୋ ଅଜା ଆଉ ଇଏ ହେଲା ତୋ ଆଇ। ସୀମା ପିଲାମାନଙ୍କୁ ଯେଉଁ ଲୋକମାନଙ୍କୁ ଅଜା, ଆଇ ଆଉ ମାମୁଁ ର ପରିଚୟ କରାଇଦିଏ ପ୍ରକୃତରେ ସେମାନେ ରକ୍ତର ଅଜା, ଆଇ ଆଉ ମାମୁଁ ନୁହଁନ୍ତି। ସୀମାର ପିଲାମାନେ ଯେତେବେଳେ ସ୍କୁଲ ପଢା ସାରି କଲେଜ ଯାଆନ୍ତି ସେତେବେଳେ ବାସ୍ତବ ଘଟଣା ଉପଲବ୍ଧ କରନ୍ତି କିନ୍ତୁ କାହାକୁ କହିବେ ଯେ ଆମର ମାମୁଁ ଘର ଆଉ ମାମୁଁ ନାହିଁ ବୋଲି। କୌଣସି ଦିନ ତିନୋଟି ପିଲାଙ୍କ ଭିତରୁ କାହାର ମାନସିକ ଭୋଗ ନିମନ୍ତେ ମନ୍ଦିର ବେଢାରେ ସୀମା ଶାଶୁ ଘର ପକ୍ଷରୁ ସମସ୍ତଙ୍କୁ ଦେଖେ କିନ୍ତୁ ଦୁଃଖର କଥା ବାପ ଘର ଲୋକଙ୍କୁ ଦେଖେ ନାହିଁ। ସୀମା ର ପିଲାମାନେ କେବେ ଦେଖିନାହାନ୍ତି ମାମୁଁ ଘର ଲୋକଙ୍କୁ ତାଙ୍କର କୌଣସି ଶୁଭ କାର୍ଯ୍ୟରେ। ପିଲାବେଳୁ ମାମୁଁ ଛେଉଣ୍ଡ ତିନୋଟି ଭଣଜା ଆଜିପର୍ଯ୍ୟନ୍ତ ମାମୁଁ ଘର ମାଡି ନାହାନ୍ତି । ସବୁ ଭଣଜା ମାନଙ୍କର ଗୋଟେ ଇଛା ଥାଏ ଯେ ମାମୁଁ ଘରେ ରହି ଦିନ କାଟିବା ପାଇଁ ସୀମା ର ପିଲାମାନଙ୍କ ଭାଗ୍ୟରେ ତ ବିଧାତା କିଛି ଅଲଗା ଲେଖିଛି ।

ଖରାଛୁଟିରେ ସବୁପିଲା ମାମୁଁ ଘରକୁ ଯାଆନ୍ତି କିନ୍ତୁ ସୀମା ର ପିଲାମାନେ ନିଜ ଘର ଭିତରେ ମାମୁଁ ଘରକୁ ଆବିଷ୍କାର କରିବା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହୁଅନ୍ତି। ଓଡ଼ିଆ ମାନଙ୍କର

ISSN NO.
2582-208X

ବାର ମାସରେ ତେରେ ଯାତ ଭଳି ସୁନ୍ଦର ପରମ୍ପରା ଯୁଗଯୁଗ ଧରି ରହିଆସିଛି। ଏହି ପରମ୍ପରା ଭିତରୁ ରଜ, ଦୋଳ, ହୋଲି, ବୁଢ଼, କାର୍ତ୍ତିକ ପୂର୍ଣମୀ, ଦଶହରା ଓ ଦୀପାବଳି ଦିନରେ ମାମୁଁ ଘରୁ ସାଇପଡିଶାରେ ସମସ୍ତଙ୍କ ପାଇଁ ନୂଆ ଡ୍ରେସ ଠାରୁ ଆରମ୍ଭ କରି ପିଠା ପଣାରେ ଘର ଖୁସିରେ ହସୁଥିବାବେଳେ। ସୀମା ର ଘରେ ପିଲାମାନଙ୍କ ପାଇଁ ଏସବୁ ଯେମିତି ମରୀଚିକା ଭଳି। ପ୍ରଥମାଷ୍ଟମୀ ଭଳି ପବିତ୍ର ଦିନରେ ମଧ୍ୟ ମାମୁଁ ଘରୁ ନୂଆ ଡ୍ରେସ ଖଣ୍ଡେ ଆଜିପର୍ଯ୍ୟନ୍ତ ଦେବକୀର ପିଲାଙ୍କ ପାଇଁ ଆସିନାହିଁ। ସୀମାର ପିଲାମାନେ ଆଜି ଉଚ୍ଚଶିକ୍ଷିତ ହେଲେ ମଧ୍ୟ ମାମୁଁ ଘର, ମାମୁଁ, ଅଜା ଓ ଆଇ ଭଳି ପବିତ୍ର ସମ୍ପର୍କ ବିଧାତା ସେମାନଙ୍କୁ କପାଳରେ ଲେଖିନାହିଁ। ଅନ୍ୟ ପିଲାଙ୍କ ପରି ବଡ଼ ହେଲାପରେ ଏମାନେ କେବେ ସୀମା ପାଖରେ ମାମୁଁ ଘର ପାଇଁ ଅଳି କରନ୍ତି ନାହିଁ କାରଣ ପିଲାମାନେ ବୁଝି ଯାଆନ୍ତି ତାଙ୍କଠାରୁ ବେସି କଷ୍ଟରେ ତାଙ୍କ ମାଆ ଅଛି ବୋଲି। ଆଜିବି ସୀମା ଠାକୁର ଘର ଭିତରେ ଗୁମୁରି ଗୁମୁରି କାନ୍ଦି କୁହେ ହେ..... ଠାକୁର ଏ ଜନ୍ମରେ ମୋ ପିଲାଙ୍କୁ ତାଙ୍କର ମାମୁଁ ଘର ନଦେଲ ନାହିଁ, ଆର ଜନ୍ମରେ ସେମାନଙ୍କୁ ମାମୁଁ ଘର, ମାମୁଁ, ଅଜା, ଆଇ ଭଳି ପବିତ୍ର ସମ୍ପର୍କ ମୁଁ ଦେଖିବାକୁ ଚାହେଁ।

(((–)))

ଗାଦିବ୍ରହ୍ମ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
କାଦୁଅପଡା,ଜଗତସିଂହପୁର
(8249779905)

ISSN NO.
2582-208X

# ତୁମେ ମୋ ଶ୍ରେଷ୍ଠ ସମୟର ଉପହାର



ମାନସୀ ବେହେରା

ତୁମେ ମୋର ସେଇ ସମୟର ଉପହାର
ମୋ ଅସହ୍ୟ ଯନ୍ତ୍ରଣାର ଉପଚାର
ମୋ ସ୍ୱପ୍ନ - ଲାବଣ୍ୟ ଦ୍ୱୀପର ରାଜକୁମାର ।

ମୋ ମନେ ସାଇତା ତୁମ ପାଇଁ
ପ୍ରେମ ବନ୍ୟାର ଭରପୁର ଆଞ୍ଜୁଳାଏ ମୁକ୍ତା...
ହସ୍ତକୁ ହସ୍ତରେ ଛନ୍ଦି ହୋଇଯିବା ଅନେକ ଦୂର,
ସେଥିରେ ନେବା ସୀମାହୀନ ପଥ ଚାଲିବାକୁ ଅସରନ୍ତି ଇଚ୍ଛା...।

ଆଗରୁ ସମୟ ଗଢି ଦେଇଛି ଆମ ପାଇଁ ନିଡ ଟିଏ,
ଝରଣା କୂଳରେ ମଜ୍ଜି ଯିବାକୁ,
ଜହ୍ନ ଆଲୁଅରେ ନାଚି ଯିବାକୁ,
ଅଜଣା ଗାଁ ରେ
ପୁଷ୍ପର ଶେଯରେ
ଦିନ ରାତି ଆମେ ଏକ ହେବାକୁ ।

ଜୀବନର ଉତ୍ତପ୍ତ ମଧ୍ୟାହ୍ନରେ ତୁମେ
ସହଚର୍ଯ୍ୟ ଦେଇ ଭରିଦେଲା ଶିତଳତା
ବୟସର ଅପରାହ୍ନରେ ତୁମ ସ୍ନିଗ୍ଧ ଛାୟା ତଳେ

ISSN NO.
2582-208X

ବୁଝେଇଲ ସମ୍ପର୍କର ଅନାବିଳ ପରିଭାଷା ,
ମୋ ଜୀବନରେ ଆଜି ତୁହା କୁ ତୁହା
ଫାଲ୍ଗୁନର ରଙ୍ଗୋଲି ବର୍ଷା,
ଫାଲ୍ଗୁନ ର ରଙ୍ଗୋଲି ବର୍ଷା ।।

(((-)))

ସୋର, ବାଲେଶ୍ୱର

ISSN NO.
2582-208X

# ତରୁଣକାନ୍ତଙ୍କ ଗଳ୍ପସଂକଳନ "ନୀଡ଼, ନଦୀ ଓ ତମାଳ" : ଏକ ପାଠକୀୟ ସମୀକ୍ଷଣ

ଡକ୍ଟର ରୁଦ୍ରନାରାୟଣ ସାହୁ

ଆମ ସମକାଳର ଜଣେ ସୁନାମଧନ୍ୟ ଗାଳ୍ପିକ ହେଉଛନ୍ତି ତରୁଣକାନ୍ତି ମିଶ୍ର । ଅଶୀ ଦଶକରେ ଓଡ଼ିଆ ଗଳ୍ପ ଜଗତରେ ପାଦ ଥାପିଥିବା ଏହି ଗାଳ୍ପିକ ଏଯାବତ ଅନେକ ଗଳ୍ପ ରଚନା କରି ପାଠକୀୟ ଆଦୃତି ଲାଭ କରିପାରିଛନ୍ତି । ତାଙ୍କର ଗଳ୍ପ ସଂକଳନ ମଧ୍ୟରେ ରହିଛି - ଭାସ୍ୱତୀ, ବିତଂଶ, ଆକାଶ ସେତୁ, କୋମଳ ଗାନ୍ଧାର, କେହି ଜଣେ ଏକା ଏକା, ଅଜଣା ତିଥିର ଜହ୍ନ, ଲୁବ୍ଧକର ରାତି, ନିଃସଙ୍ଗତାର ସ୍ୱର, ଆଜି ରାତିର ଗଳ୍ପ, ଆବର୍ତ୍ତର ଦୁଇଟି ସ୍ୱର, ପାରାଡ଼ାଇଜ ପକ୍ଷୀ ଓ ଜଣେ ନିରସ୍ତ୍ର ଆତତାୟୀ, ପ୍ରଜାପତିର ଡେଣା ନାହିଁ, ରଜନୀ ଗନ୍ଧା, ସକାଳର ମାନଚିତ୍ର, ସଂବହନ, ବହୁବ୍ରିହି ପ୍ରଭୃତି ଅନ୍ୟତମ। ତାଙ୍କର ପ୍ରତିଟି ଗଳ୍ପସଂକଳନ ଭିନ୍ନ ସ୍ୱାଦର । ତଳିଆ ମଣିଷର ଜୀବନ ଠାରୁ ଆରମ୍ଭ କରି ଉଚ୍ଚ ମଧ୍ୟବିତ୍ତ ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କର ଜୀବନ ଗାଥା ତାଙ୍କ ଗଳ୍ପର ପ୍ରମୁଖ କାହାଣୀ। ନଷ୍ଟାଲଜିଆ ଚେତନା, ମନସ୍ତତ୍ୱ, ରୋମାଣ୍ଟିକ ଅବବୋଧ, ଐନ୍ଦ୍ରିଜାଲିକ ବାସ୍ତବତା, ଗଭୀର ଜୀବନବୋଧ ଓ ଅନ୍ତରଙ୍ଗ ଜୀବନାନୁଭୂତି ତାଙ୍କ ଗଳ୍ପର ପ୍ରମୁଖ ସ୍ୱର । ଉତ୍ତର ଅଶୀ ଦଶକର ପରିବର୍ତ୍ତିତ ଜୀବନଧାରାକୁ ଗାଳ୍ପିକ ଅତି ପାଖରୁ ଦେଖିଛନ୍ତି ଓ ସେଇଭଳି ଗଳ୍ପରେ ସ୍ଥାନ ଦେଇଛନ୍ତି । ତାଙ୍କର ଗଳ୍ପଗୁଡ଼ିକ ସଫଳତାର ଶୀର୍ଷ ସ୍ଥାନକୁ ଯିବାର ପ୍ରମୁଖ କାରଣ ହେଉଛି ସେ ତାଙ୍କର ଚରିତ୍ର ଉପରେ ଦେଇଛନ୍ତି ଅଧିକ ଗୁରୁତ୍ୱ । ସେସମ୍ପର୍କରେ ବିଶିଷ୍ଟ ଗାଳ୍ପିକ ରାମଚନ୍ଦ୍ର ବେହେରା କୁହନ୍ତି - ତରୁଣକାନ୍ତି ମିଶ୍ରଙ୍କର ଗଳ୍ପଗୁଡ଼ିକର ଯେଉଁ ଦିଗଟି ପାଠକକୁ ବେଶୀ ସ୍ପର୍ଶ କରେ, ତାହା ହେଉଛି ଚରିତ୍ର ମାନଙ୍କର ଅନ୍ତର୍ମୁଖୀ (interiority ) ଉଦଘାଟନ । ସମୁଦାୟ ବର୍ଣ୍ଣନା, ରୂପକଳ୍ପ, ପରିବେଶ, ଏପରିକି ଆକାଶ-ପୃଥିବୀର ଜବକାଚ ଗୋଟିଏ ଜିନିଷ କୁ ଲକ୍ଷ୍ୟ କରିଥାନ୍ତି... ଏଇ ଅନ୍ତର୍ମୁଖୀତାକୁ ।

ISSN NO.
2582-208X

ଗାଳ୍ପିକ ତରୁଣକାନ୍ତି ମିଶ୍ର ଅବହେଳିତ ନାରୀ ଜାତି ପ୍ରତି ସତତ ସମ୍ବେଦନଶୀଳ ଏହା ପ୍ରତିଟି ପାଠକ ନିବିଡ଼ ଭାବରେ ଅନୁଭବ କରିପାରିବେ । ଅହଲ୍ୟା’ ଗଳ୍ପର ଅହଲ୍ୟାର ଅସହାୟତା ଓ ଯନ୍ତ୍ରଣାଦାୟକ ଜୀବନ ଗାଳ୍ପିକଙ୍କ ପକ୍ଷରେ ହୋଇଛି ଅସହ୍ୟ । ତେଣୁ ତାଙ୍କ ହୃଦୟରୁ ଅହଲ୍ୟା ପ୍ରତି ଭାସି ଆସିଛି ସମ୍ବେଦନଶୀଳତାର ଜଳାଧାର । ଅହଲ୍ୟା ଭଳି ନାରୀମାନେ ସବୁବେଳେ ଅଭିଶପ୍ତ । ପୁରାଣର ଅହଲ୍ୟା ଓ “ନୀଡ଼, ନଦୀ ଓ ତମାଳ” ଗଳ୍ପର ଅହଲ୍ୟା ଭିତରେ ଏତିକି ପାର୍ଥକ୍ୟ ଯେ ପୁରାଣର ଅହଲ୍ୟା ସ୍ୱାମୀଙ୍କ ଦ୍ୱାରା ତିରସ୍କୃତ ଓ ପଠିତ ଗଳ୍ପର ଅହଲ୍ୟା ସ୍ୱାମୀ, ସମାଜ, ପ୍ରଶାସନ ବ୍ୟବସ୍ଥା ଦ୍ୱାରା ଅବହେଳିତ । କିନ୍ତୁ ଯୁଗେଯୁଗେ ସେଇ ଅହଲ୍ୟାମାନଙ୍କୁ ମୁକ୍ତି ଦେବା ପାଇଁ ରାମଙ୍କ ପରି ପୁରୁଷ ମାନେ ଆବିର୍ଭୂତ ହୁଅନ୍ତି । ଯେମିତି ଅହଲ୍ୟା ଗଳ୍ପରେ ରଘୁପତି ଚରିତ୍ର । ଗାଳ୍ପିକ ତରୁଣକାନ୍ତି ମିଶ୍ର ଏ ଗଳ୍ପରେ ପୁରାଣର ଅହଲ୍ୟା ସମ୍ପର୍କରେ କୌଣସି ସୂଚନା ଦେଇନଥିଲେ ହିଁ ଆଜିର ଅହଲ୍ୟା ଭିତରେ ପାଠକ ପୁରାଣର ଅହଲ୍ୟାକୁ ସଂଦର୍ଶନ କରିପାରିବେ - ତାର ରାସ୍ତା ଦେଖାଇଦେଇଛନ୍ତି । ଯୁଗେ ଯୁଗେ ନାରୀ ସବୁପ୍ରକାର ମାନ ଅପମାନକୁ ସହ୍ୟ କରେ କିନ୍ତୁ ପରିସ୍ଥିତି ପ୍ରତିକୂଳ ହେଲେ ସେ ହୁଏ ପଥ ହରା । ଯାହା ଏ ଗଳ୍ପରେ ପାଠକ ଲକ୍ଷ୍ୟ କରିପାରିବେ । ସ୍ୱାମୀହନ୍ତା କାରଣରୁ ଅହଲ୍ୟାକୁ ଜେଲ ଓ ଫାଶୀ ଦଣ୍ଡାଦେଶ ହେବାର ସମ୍ଭାବନା ରହିଛି । ପୁରାଣର ଅହଲ୍ୟା ନିଜ ଅଜ୍ଞାତ କୃତକର୍ମ ପାଇଁ ଅଭିଶପ୍ତ ହୋଇ ପଥର ପାଲଟିଯିବା ଓ “ଅହଲ୍ୟା’ ଗଳ୍ପର ଅହଲ୍ୟା ନିଜର ଅଜ୍ଞାତ କୃତକାର୍ଯ୍ୟ ପାଇଁ ପଥର ପାଲଟି ଯିବାରେ ପାଠକ ଅଧିକ ସମ୍ବେଦନଶୀଳ ହେବେ ଅହଲ୍ୟା ଗଳ୍ପର ଅହଲ୍ୟା ଚରିତ୍ର ପ୍ରତି । ବାରମ୍ବାର ନିଜ ମଦ୍ୟପ ସ୍ୱାମୀଠାରୁ ସପୁତ୍ର ପ୍ରହାରିତ ହେବା, ଗାଳି ଓ ଭର୍ତ୍ସନା ଶୁଣିବା ଯେତେବେଳେ ଅତ୍ୟଧିକ ହୋଇଯାଏ ସେତେବେଳେ ଅହଲ୍ୟା ମାନେ ହୋଇଯାନ୍ତି ଦେବୀ ଦୁର୍ଗା । କିନ୍ତୁ ଏଠି ଗାଳ୍ପିକ ଅହଲ୍ୟାକୁ ଦୂର୍ଗାକୁ ରୂପାନ୍ତରିତ କରିନାହାନ୍ତି । ସେଦିନ ଅହଲ୍ୟାର ଅଜ୍ଞାତରେ ଏତେ ବଡ ଅଘଟଣ ଘଟିଗଲା ଯାହା ଅହଲ୍ୟାକୁ ସ୍ଥାଣୁ ଓ ପଥରରେ ପରିଣତ କରିଦେଲା । ପୋଲିସ ଇନ୍ସପେକ୍ଟର ସାହେବଙ୍କୁ ବୟାନ ଦେଲାବେଳେ ସେ କହୁଥିଲା – “ସବୁଦିନ ମାଡ଼ ଦେଉଥିଲେ, ମତେ, ମୋ ଛୁଆକୁ । ଯାହା ହାତରେ ପଡିଲା ସେଥିରେ । ମଦ ପିଇ ଆସନ୍ତି, ମାଡ଼ ମାରନ୍ତି । ତା ପରେ ମୋ ଉପରେ ପାଶବିକ ଅତ୍ୟାଚାର କରନ୍ତି, ଅମଣିଷ ପରି, ସବୁଦିନ, ମୋ ଛୁଆଟା ସାମନାରେ । × × × । ନିଜକୁ ରକ୍ଷା କରିବାକୁ ସେ ସଂଜ୍ଞୁଆସିରେ ପ୍ରଥମେ ଗୋଟିଏ ପ୍ରହାର ଦେଇଥିଲା, ତାପରେ ସ୍ୱାମୀ ହାତରୁ କାଠ ପିଢ଼ା ଛଡେଇ ନେଇ ଆଘାତ କରିଥିଲା କେତେ ଥର, କହିଥିଲା,

ISSN NO.
2582-208X

ସବୁଦିନ ପିଟୁଛ ଏଇଥିରେ, ସବୁଦିନ ! ଆଜି ଦେଖ କେମିତି କାଟେ ! ଦେଖ ଆଜି କେମିତି କାଟେ ମୋ ଦେହକୁ ।" ( ପୃ-୬ )

ପାଠକ ଭାବୁଥିବେ ଯେ ଅହଲ୍ୟାର କାଠ ପିଢ଼ା ଓ ସଂଭୁଆସି ପ୍ରହାରରେ ତାର ସ୍ୱାମୀ ଦଣ୍ଡେଶ୍ୱରର ମୃତ୍ୟୁ ହୋଇଗଲା ? ନା ତାହା ନୁହେଁ । ଗାଳ୍ପିକ ଦେଇଛନ୍ତି ଏ ଶାସ୍ତି ଅହଲ୍ୟାର ସ୍ୱାମୀକୁ । ତାଙ୍କର ସମ୍ବେଦନଶୀଳତା ଅହଲ୍ୟା ପ୍ରତି ଆରମ୍ଭରୁ ଥିଲା ଯାହା ପ୍ରତିଟି ପାଠକ ସଚେତନ ଭାବରେ ଅନୁଭବ କରିପାରିବେ । ତେଣୁ ଅହଲ୍ୟା ହାତରେ ମୃତ୍ୟୁ ଦଣ୍ଡ ନଦେଇ ସମୟ ବା କାଳକୁ ତା ମୃତ୍ୟୁର ଦୋଷୀ ଭାବେ ଚିହ୍ନଟ କରିଦେଲେ । ନିଶାରେ ଟୁଳୁଟୁଳୁ ହେଉଥିବା ଦଣ୍ଡେଶ୍ୱର ପିଣ୍ଡାରୁ ଖସିପଡି ପଥର ପାହାଚରେ ମୁଣ୍ଡ ଛେଚି ହୋଇ ମୃତ୍ୟୁ ବରଣ କରିବା ଥିଲା ସମୟର କରାମତି । କିନ୍ତୁ ଦୋଷୀ ସାବସ୍ତ୍ୟ ହେଲା ଅହଲ୍ୟା । ସମାଜ ଆଖିରେ ସେ ହେଲା ସ୍ୱାମୀ ହନ୍ତା । କାରାବାସ ବରଣ ଅପେକ୍ଷା ମୃତ୍ୟୁ ଯେ ଅଧିକ ଶ୍ରେୟସ୍କର ଏହା ମନେକରୁଥିଲା ଅହଲ୍ୟା । କାରଣ ଯେଉଁଟି ଭବିଷ୍ୟତ ଅନ୍ଧକାର, ସେଠି ଜୀବନ ବଂଚିବା ବୃଥା । ସେହି ଦାୟରେ ସେ ପରିଣତିରେ ରଘୁପତି ପାଖରେ ବିନମ୍ର ନିବେଦନ କରିଥିଲା – ଭାଇ ତୁମେ ମୋତେ ମାରିଦିଅ । ଗାଳ୍ପିକଙ୍କ ସମ୍ବେଦନଶୀଳତା ସେତିକିରେ ସରିଯାଇ ନଥିଲା । ରଘୁପତି ଭିତରେ ଗାଳ୍ପିକ ସ୍ୱୟଂ ଆତ୍ମପ୍ରକାଶ କରି ଅହଲ୍ୟାକୁ ଶିକୁଳି ବନ୍ଧନରୁ ମୁକ୍ତି କରି ମୁକ୍ତ ଆକାଶର ମୁକ୍ତ ବିହଙ୍ଗ ହୋଇ ଉଡିଯିବାକୁ କହିବା ଏ ଗଳ୍ପର ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ । ଗାଳ୍ପିକଙ୍କ ଭାଷାରେ – ତୁ ଯା, ନିଖୋଜ ହୋଇ ଯାଆ କୁଆଡେ ଯାଇ । ଏଡ଼େ ବଡ଼ ସଂସାର ! ଯାଆ କଉଠି ଯାଇ ଲୁଚିପଡ଼, ନିଶ୍ଚିହ୍ନ ହେଇ ଯା' !"

ଅହଲ୍ୟାକୁ ମୁକ୍ତ କରିଦେବାରେ ରଘୁପତି ମନରେ ତିଳେ ହେଲେ ଭୟ ନାହିଁ । ଏଥିପାଇଁ ଅନୁଶୋଚନା ମଧ୍ୟ ନାହିଁ । ପୋଲିସ ସାହେବ, କୋର୍ଟ କାହାରିକୁ ତାର ଭୟ ନାହିଁ, ତାର ନିଜର ଚାକିରୀକୁ ମଧ୍ୟ ଭୟ ନାହିଁ । ନହେଲେ ଏ ପ୍ରକାର ଅଭୟ ବାଣୀ ସେ କଣ କହିପରିଥାନ୍ତା ଅହଲ୍ୟାକୁ ? ତ୍ରେତୟା ଯୁଗରେ ରାମଚନ୍ଦ୍ର ଅହଲ୍ୟାକୁ ପାଷାଣରୁ ମୁକ୍ତି ଦେଇ ମନୁଷ୍ୟକୁ ରୂପାନ୍ତରିତ କରିଥିଲେ ଆଉ ଏ ଗଳ୍ପର ରଘୁପତି ଅହଲ୍ୟାକୁ କାରାବାସକୁ ନ ପଠେଇ କେଉଁ ଆଡେ ହଜି ଯିବାକୁ ବାଟ ବତାଇ ଦେଇଥିଲେ । ରଘୁପତି ଚରିତ୍ରଟି ହେଉଛି ରାମଚନ୍ଦ୍ରଙ୍କ ଆଧୁନିକ ରୂପାନ୍ତର ।

ISSN NO.
2582-208X

"ବାସୁ" ଏହି ଗଳ୍ପପୁସ୍ତକର ଏକ ଭିନ୍ନ ସ୍ୱାଦର ଗଳ୍ପ । କିଶୋର ମନସ୍ତତ୍ୱର ପ୍ରୟୋଗ ଗଳ୍ପକୁ ଅଧିକ ସ୍ୱାଦ୍ୟ କରିପାରିଛି । ମୋଟାମୋଟି ଦୁଇ ଚାରୋଟି ଚରିତ୍ର ଓ କିଛି ମାନବେତର ଚରିତ୍ର ସାପକୁ ନେଇ ଗାଳ୍ପିକ ଏକ ହୃଦୟ ଛୁଆଁ ଗଳ୍ପ ପାଠକକୁ ଭେଟି ଦେଇଛନ୍ତି । ସାପୁଆ କେଳା ଓ ତାଙ୍କ ଜୀବନ ବେଉସାର ଚିତ୍ର ଏ ଗଳ୍ପର ପ୍ରମୁଖ ଅଂଶ । ଏଥିରେ ଗାଳ୍ପିକ ୧୩ ବର୍ଷର ବାଳକ ବାସୁକୁ ଗଳ୍ପର ନାୟକ ଭାବରେ ଚିତ୍ରଣ କରିଛନ୍ତି । ୧୩ ବର୍ଷରେ ପଦାର୍ପଣକୁ ଏକ ବିପଦପୂର୍ଣ୍ଣ ବୟସ ଭାବରେ ପ୍ରତିପାଦିତ କରିବାକୁ ଚେଷ୍ଟା କଲେ ହିଁ  ବାସୁ ତାହାର ବ୍ୟତିକ୍ରମ । ବାସୁର ପାଦ ଖସି ନାହିଁ । କିଶୋର ମନରେ ଯଦିଓ ପ୍ରେମର ମଞ୍ଜି ଅଙ୍କୁରିତ ହୋଇଛି କିନ୍ତୁ ତାହା ଶାଖା ପ୍ରଶାଖା ମେଲିବାରେ ବିଫଳ ହୋଇଛି ଏବଂ ପରିଶେଷରେ ସଫଳ ହୋଇଛି । କିନ୍ତୁ ପାଦ ଖସିବାର ପ୍ରଶ୍ନ ଉଠି ନାହିଁ । ବାପାଙ୍କ ଅକାଳ ମୃତ୍ୟୁରେ ଦୁଃଖରେ ମ୍ରିୟମାଣ ହୋଇ ଭାଙ୍ଗି ପଡିଛି ବାସୁ । ସୁଲତାନ ନାମ୍ନୀ ସାପକୁ ତା ବାପା ମୃତ୍ୟୁର କାରଣ ପାଇଁ ଦାୟୀ କରିଛି । ବାପାଙ୍କ ଦ୍ୱାରା ପ୍ରତିପାଳିତ ପୋଷା ସାପଗୁଡିକୁ ପିଞ୍ଜରାରୁ ମୁକ୍ତ କରିଦେବା ପାଇଁ ବାସୁ ଜଙ୍ଗଲକୁ ଯାଇଛି ଓ ପୁନଶ୍ଚ ସାପ ଖେଳେଇବା ବେଉସାକୁ ସେ ଆପଣେଇ ନେବା ପାଇଁ ଶପଥ ନେଇଛି ।

"ଆବଦ୍ଧ" ଏକ ବାସ୍ତବ ଧର୍ମୀ ଗଳ୍ପ । ଗଳ୍ପଟି ପାଠ କଲାବେଳେ  ଏକ ଅବ୍ୟକ୍ତ ଯନ୍ତ୍ରଣା ପାଠକ ଅନୁଭବ କରେ । ସମାଜର ନିଛକ ଘଟଣାକୁ ସାଉଁଟି ଆଣି ଗାଳ୍ପିକ ପାଠକର ହୃଦୟକୁ  କରୁଣା ବିଗଳିତ କରିଦେଇଛନ୍ତି । ସାତ ବର୍ଷର ବାଳକ ବରଜୁର ବନ୍ଦ କୋଠରୀରେ ମୃତ୍ୟୁ ପ୍ରତିଟି ପାଠକକୁ ଶୋକାତୁର କରିଦିଏ । ବରଜୁର ମୃତ୍ୟୁରେ ଯଦି କିଏ ଅଧିକ କଷ୍ଟ ପାଇଥାଏ ସେ ହେଉଛନ୍ତି ତାଙ୍କର ଶିକ୍ଷକ ସାଧୁ ପଣ୍ଡିତ । ବରଜୁ ଓ ତାର ବିଧବା ମାର ମୃତ୍ୟୁ ର କାରଣ ଭାବେ ସେ ନିଜକୁ ଦାୟୀ କରିଛନ୍ତି । ଯେଉଁ ଦିନଠାରୁ ସ୍କୁଲ ଦୀର୍ଘ ଦୁଇ ମାସ ପର୍ଯ୍ୟନ୍ତ ଛୁଟି ହେବାର ଘୋଷଣା ହେଲା ତା ପୂର୍ବ ଦିନ ସାଧୁ ପଣ୍ଡିତ କହିଥିଲେ – ବରଜୁ ଆଜି ସ୍କୁଲରେ ଡିଟେନ ରହିବ । ତିନିରୁ ସାତକ ଯାଏ ପଣ କିଆ ଦଶ ଥର ଲେଖିବ । କିନ୍ତୁ ସାଧୁ ପଣ୍ଡିତଙ୍କ ସାମାନ୍ୟ ଅବହେଳା ପାଇଁ କୁନି ନିଷ୍ପାପ ଶିଶୁଟି କିପରି ବନ୍ଦ ଘରେ ଆବଦ୍ଧ ହୋଇ ମୃତ୍ୟୁ ସହ ସଂଗ୍ରାମ କରି ଜୀବନ ଚାଲିଗଲା ସେଭଳି ଦୃଶ୍ୟ ଅନୁଭବ କଲାବେଳେ ଯେକେହି ନିଜର କୋହ କୁ ଅଟକାଇ ପାରିବ ନାହିଁ ।

"ନୀଡ଼, ନଦୀ ଓ ତମାଳ" ଗଳ୍ପର ନାମ ଅନୁଯାୟୀ ଗଳ୍ପପୁସ୍ତକର ନାମକରଣ । କଳେବର ଦୀର୍ଘ ହେଲେ ହିଁ ତାହା ପାଠକକୁ ଭାରାକ୍ରାନ୍ତ କରିବ ନାହିଁ ସେ ଭଳି ପ୍ରୟାସ କରିଛନ୍ତି

ISSN NO.
2582-208X

ଗାଳ୍ପିକ । ଗଳ୍ପ ଆରମ୍ଭରୁ ପରିଣତି ପର୍ଯ୍ୟନ୍ତ ଉତ୍କଣ୍ଠା ଗଳ୍ପକୁ ଅଧିକ କଳାସୌଷ୍ଠବ କରିଛି । କାହାଣିରେ ସେମିତି ବିଶେଷ ନୂତନତା ନଥିଲେ ବି ସେହି ଗତାନୁଗତିକ ଗଳ୍ପକୁ ନେଇ ଗାଳ୍ପିକ ତାଙ୍କର ପରିପକ୍ୱତାର ପରିଚୟ ଦେଇଛନ୍ତି । ଗଳ୍ପ ନାୟକ ମୋହାଛନ୍ନ ଅତୀତ ଚେତନା ଭିତରେ ନିଜକୁ ହଜେଇ ଦେଇଛି ଗଳ୍ପ ନାୟିକାର ସ୍ମୃତି ଶକ୍ତି ହ୍ରାସ ପାଇଁ । ନୀଡ଼ ନଦୀ ଓ ତମାଳ ପରିଶେଷରେ  ନାୟିକାର ସ୍ମୃତି ଶକ୍ତିକୁ ଉଜ୍ଜୀବିତ କରୁଛି । ତେଣୁ ନୀଡ଼, ନଦୀ ଓ ତମାଳ ସହିତ ନାୟକ ନାୟିକାଙ୍କ ଅବିଚ୍ଛେଦ୍ୟ ସମ୍ପର୍କକୁ ଗାଳ୍ପିକ ଅତି ସୁନ୍ଦର ଭାବରେ ଆଙ୍କିଛନ୍ତି ।

"ନଇ ଆରପାରି" ତରୁଣକାନ୍ତିଙ୍କ ଆତ୍ମାନୁଭୂତିମୂଳକ ଗଳ୍ପ ଭାବରେ ଅନନ୍ୟ ପରିଚୟ ପ୍ରଦାନ କରେ । ଗାଳ୍ପିକ ଗଳ୍ପ ମଧ୍ୟରେ ସ୍ୱୟଂ ଆତ୍ମପ୍ରକାଶ କରି  ନିଜର ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀକୁ ପରିପ୍ରକାଶ କରିଛନ୍ତି । ବାଲ୍ୟକାଳର ପାରଳାଖେମୁଣ୍ଡି ଓ ସହପାଠୀ ହରିପ୍ରସାଦର ସ୍ମୃତି ଗାଳ୍ପିକଙ୍କ ମସ୍ତିଷ୍କରେ ତାଜା ହୋଇ ରହିଛି । ଅଭାବୀ ପରିବାରର ସନ୍ତାନ ହେଲେ ବି ସେ ପାଠ ପଢ଼ିବା ପାଇଁ ଆନ୍ଧ୍ର ଉପାନ୍ତ ଚାଙ୍ଗୁଡ଼ି ଶାସନରୁ ପାରଳାଖେମୁଣ୍ଡି ଆସିବା, ପ୍ରତ୍ୟହ ବିଳମ୍ବରେ ପଂହଁଚି ଆଣ୍ଠୁ ମାଡି ନିଲ ଡାଉନ ହେବା, ଗଣିତ ବିଷୟରେ ଫେଲ, ଗଣିତ ଶିକ୍ଷକଙ୍କଠାରୁ ଗାଳି ଖାଇବା ଥିଲା ହରିପ୍ରସାଦର ନିତିଦିନିଆ କଥା । ହରିପ୍ରସାଦର ଅନ୍ତରର କଥାକୁ ଯଦି କିଏ ପ୍ରକୃତରେ ଉପଲବ୍ଧି କରିପାରିଥିଲା ସେ ହେଉଛନ୍ତି ତାଙ୍କର ସହପାଠୀ ଗାଳ୍ପିକ ତରୁଣକାନ୍ତି ।  ସେଥିପାଇଁ ତ ଅତି ଅନ୍ତରଙ୍ଗ ଭାବେ ବଖାଣି ଦେଇପାରିଲେ  ନିଜର ଜୀବନାଭୁତିକୁ । ଯେଉଁଠି ନିନାଦିତ ହେଉଥାଏ ସହାନୁଭୂତି ସମବେଦନାର ସ୍ୱର ଝଙ୍କାର । ମଣିଷ ପ୍ରତି ଭଲ ପାଇବାର ଚିତ୍ର ତାଙ୍କର ଅଧିକାଂଶ ଗଳ୍ପରେ ପ୍ରତିଫଳିତ ,ଏହା ତାଙ୍କର ପାଠକ ପାଠିକା ସଚେତନ ଭାବରେ ଉପଲବ୍ଧି କରିପାରିବେ ।

"ଆଶ୍ରା" ଆଲୋଚ୍ୟ ଗଳ୍ପପୁସ୍ତକର ଅନ୍ୟ ଏକ ଚମତ୍କାର ଗଳ୍ପ । ସୁନ୍ଦର ବାର୍ତ୍ତା ପ୍ରଦାନ କରିଛନ୍ତି ଗାଳ୍ପିକ ଗଳ୍ପ ଶେଷରେ । ଶର୍ମିଷ୍ଠା ପ୍ରଶ୍ନର ଉତ୍ତରରେ ବିକ୍ରମ କହିଛି – "ଠକାମି ସେମାନେ କରୁଛନ୍ତି, ସେଇ କମ୍ପାନୀ ବାଲାଏ । ଯେଉଁ ଜିନିଷ ଦଶ ହଜାର ଟଙ୍କାରେ ତିଆରି ହେଇପାରୁଛି, ସେମାନେ ତାକୁ ବିକୁଛନ୍ତି ଛତିଶ ହଜାର ଟଙ୍କାରେ । ଠକ କିଏ ? ଚୋର କିଏ ?" ( ପୃଷ୍ଠା-୧୦୪ ) । ଯଦି ସମାନ ବ୍ରାଣ୍ଡର ଜିନିଷ ଅଳ୍ପ ଟଙ୍କାରେ ମିଳିପାରୁଛି ଓ ଲୋକେ ଉପକୃତ ହେଇପାରୁଛନ୍ତି, ତାହା ଏତେବଡ଼ ଅପରାଧ ଭାବରେ

ISSN NO.
2582-208X

ବିବେଚିତ ହେବ ନାହିଁ । ଗଳ୍ପ ନାୟକ ବିକ୍ରମ ଦରିଦ୍ରରୁ ଧନୀ ହେବା ପଛରେ ଯେଉଁ ରହସ୍ୟ ରହିଛି – ତାହା ହେଉଛି ନକଲି ବ୍ରାଣ୍ଡ ଫୋନ ତିଆରି । ସେଇ ଅସାଧୁତା କାର୍ଯ୍ୟ ପାଇଁ ସ୍ତ୍ରୀ ଛାଡି ଚାଲିଯାଇଛି ଆଉ ଫେରି ନାହିଁ । ନିଃସଙ୍ଗତା ଓ ଏକଲାପଣ ପ୍ରତି ମୁହୂର୍ତ୍ତରେ ତାକୁ ତିଳ ତିଳ କରି ମାରିଛି । ତଥାପି ଗଳ୍ପ ନାୟକ ବିକ୍ରମ ଆଶା ରଖିଛି ଶର୍ମିଷ୍ଠା ଫେରି ଆସିବ ତାର ହାତ ଗଢ଼ା ଆଶ୍ରା ଭବନକୁ । ଦୁଇ ତିନୋଟି ଚରିତ୍ରଙ୍କୁ ନେଇ ଗଳ୍ପର କଥା ଭାଗ ଗଠିତ । ପତ୍ନୀଙ୍କ ଅନୁପସ୍ଥିତି କେତେ ଦୁଃଖ ଦାୟକ ତାହା ବିକ୍ରମ ଭିତରେ ପାଠକ ଲକ୍ଷ୍ୟ କରିପାରିବେ ।

ତରୁଣ କାନ୍ତଙ୍କ ପ୍ରତିଟି ଗଳ୍ପ ପରସ୍ପର ଠାରୁ ସ୍ୱତନ୍ତ୍ର ।ସରଳ ଓ ତରଳ ଭାଷା ସାଙ୍ଗକୁ ସମାଜର ପ୍ରତିଟି ସ୍ତରରୁ ଚରିତ୍ର ଚୟନ ତାଙ୍କର ଗଳ୍ପକୁ କରିଥାଏ ଅଧିକ ଜୀବନ୍ତ । ଚରିତ୍ର ମାନଙ୍କ ର ଅନ୍ତରଦହନର ଚିତ୍ର ପାଠକକୁ କରିଦିଏ କାରୁଣ୍ୟ ବିଗଳିତ । ତାଙ୍କ ଗଳ୍ପରେ ପ୍ରେମ ରହିଛି କାରୁଣ୍ୟ ବି ରହିଛି । ହସ ରହିଛି କାନ୍ଦ ବି ରହିଛି । ସର୍ବୋପରି ଆଶା ନିରାଶାର ଢେଉବି ପାଠକର ହୃଦୟକୁ ସ୍ପର୍ଶ କରି ଚାଲି ଯାଉଛି ।

(((-)))

ସହକାରୀ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ , ଅନୁଗୋଳ

ISSN NO.
2582-208X

# ଜାଗରଣର ଶଙ୍ଖ



ଶିବଦୂତୀ ପାଣିଗ୍ରାହୀ

ଅନ୍ଧାର ରଜନୀ ଶେଷ ହେବା ପାଇଁ, ଢାଳିବାକୁ ହେବ ପ୍ରୀତି,
ସ୍ୱାର୍ଥର ଶିକୁଳି ଛିଣ୍ଡାଇବା ଆସ, ବଦଳିବ ଏହି ରୀତି ।
ପର ପାଇଁ ଯିଏ ଜୀଇଁ ଶିଖିଅଛି, ସିଏ ତ ପୁଣ୍ୟବାନ,
ଭେଦଭାବ ଭୁଲି ଗଢ଼ିବା ଆସୁରେ, ନୂତନ ଏକ ସୋପାନ ।।
କାହିଁକି କାନ୍ଦୁଛି ନିଷ୍ପେସିତ ଜନ, କାହିଁକି ଶୁଖୁଛି ଆଖି ?
ସମାଜର କ୍ଷତ ଶୁଖାଇବା ପାଇଁ, ଆମେ କି ରହିବା ସାକ୍ଷୀ ?
କଲମ ମୁନରେ ବିପ୍ଳବ ଆଣି, ଜାଳିବା ଜ୍ଞାନର ଦୀପ,
ଦୂରେଇ ଯିବ ଯେ ଅନ୍ୟାୟ, ଅଧର୍ମ, ଅମାନବିକତା ପାପ ।।
ସମୟ ଚକ୍ରରେ ପରିବର୍ତ୍ତନ ହେ, ସୃଷ୍ଟିର ଏକ ନିୟମ,
ଆସ ଆଜି ଶପଥ ନେବା କରୁଣାରେ, ହେବା ସଭିଏଁ ସଂଯମ ।
ଗୋଟିଏ ଶବ୍ଦରେ, ଗୋଟିଏ ସ୍ୱରରେ, ଗାଇବା ଏଇ ଗାନ,
ସମତା ସ୍ଥାପନେ ଧନ୍ୟ ହେଉ ଆମ, ଏଇ ତ ମାନବ ପ୍ରାଣ ।।
ସମାଜର ଚିତ୍ର ବଦଳାଇବାକୁ, କଲମ ହେଉ ତୁମ ଅସ୍ତ୍ର,
ସମତା ସୂତାରେ ବୁଣିବା ଆସୁରେ, ପ୍ରେମର ନୂତନ ବସ୍ତ୍ର ।
କୁସଂସ୍କାରର ଶିକୁଳି କାଟିବା, ଜାଳିବା ଜ୍ଞାନର ଆଲୋକ,
ତେବେ ଯାଇ ହେବ ସୁସ୍ଥ ସମାଜ, ଦୂର ହେବ ସବୁ ଶୋକ ।।

(((-)))

ରସୁଲପୁର, ଯାଜପୁର

ISSN NO.
2582-208X

# ଓଡ଼ିଆ ସାହିତ୍ୟର ବିକାଶରେ କୋଶଲୀ ଭାଷା



ବ୍ରଜମୋହନ ମେହେର

ମନୁଷ୍ୟ ଜାତିର ସର୍ବଶ୍ରେଷ୍ଠ ଉଦ୍ଭାବନ ହେଉଛି ଭାଷା । ମନୁଷ୍ୟ ତାର ସମସ୍ତ ଚିନ୍ତା ଓ ଚେତନାକୁ ଭାଷା ମାଧ୍ୟମରେ ହିଁ ପ୍ରକାଶ କରିପାରେ । ସ୍ଥାନ, କାଳ, ପାତ୍ର ଭେଦରେ ଭାଷାଗୁଡ଼ିକ ଭିନ୍ନ ଭିନ୍ନ ରୂପରେ ପ୍ରକାଶିତ ହୋଇଥାଏ । ସେହିଭଳି ଜାତି, ମାଟି, ପ୍ରକୃତି ଭେଦରେ ଭାଷାଗୁଡ଼ିକର ଭିନ୍ନ ଭିନ୍ନ ନାମ ହୋଇଥାଏ । ଭାଷାବିଜ୍ଞାନୀମାନେ ଭାଷାଗୁଡ଼ିକର ବିଭିନ୍ନ ସ୍ୱରୂପ ବା ଲକ୍ଷଣ ଗୁଡ଼ିକୁ ଅଧ୍ୟୟନ କରି ଭିନ୍ନ ଭିନ୍ନ ବର୍ଗରେ ରଖି ଭିନ୍ନ ଭିନ୍ନ ନାମରେ ମଧ୍ୟ ନାମିତ କରିଥାନ୍ତି । ସେହିପରି ମହାଦେଶାଧାର, ଦେଶାଧାର, ଧର୍ମାଧାର, କାଳାଧାର, ପ୍ରଭାବାଧାର, ଆକୃତି-ଆଧାର, ପାରିବାରିକ-ଆଧାର ପ୍ରଭୃତିରେ ପୃଥିବୀର ଭାଷାଗୁଡ଼ିକୁ ବର୍ଗୀକରଣ କରି ଭାଷା ଅଧ୍ୟୟନ ପରିସରକୁ ବିସ୍ତୃତ କରିଥାଆନ୍ତି ।

ଭାଷାର ବିଭିନ୍ନ ସ୍ତର ଓ ପ୍ରୟୋଗ ଦୃଷ୍ଟିରୁ ମଧ୍ୟ ମୂଳଭାଷା, ମାନକ ବା ଶିଷ୍ଟଭାଷା, ରାଜଭାଷା ବା ସରକାରୀ ଭାଷା, ଲିଖିତ ଭାଷା ବା ସାହିତ୍ୟିକ ଭାଷା, କଥିତ ଭାଷା ବା ଉପଭାଷା, ଗ୍ରାମ୍ୟ ଭାଷା ବା ଗାଉଁଲୀ ଭାଷା, ଅପଭାଷା ବା ଅଶ୍ଳୀଳ ଭାଷା, କୃତ୍ରିମ ଭାଷା, ବୈଷୟିକ ଭାଷା, ସଙ୍କର ଭାଷା, ତାଲିକା ଭୁକ୍ତ ଭାଷା ଆଦି ଭାବରେ ଭାଷାଗୁଡ଼ିକର ପରିଚୟ ରହିଅଛି ।

ପଶ୍ଚିମ ଓଡ଼ିଶାରେ ଭାଷାକୁ ନେଇ ଗୋଟିଏ ଢଗ ପ୍ରଚଳିତ; ଯାହାକି, "ଦେଶ୍ ଜାନି ଭାଷା/ -ରେ'ଜ୍ ଜାନି ଖୁସା ।" ସେହିଭାବରେ ଓଡ଼ିଶାର ମାନକ ବା ପ୍ରାମାଣିକ ଭାଷା ଭାବରେ ଓଡ଼ିଆ ଭାଷା ପ୍ରସିଦ୍ଧି ହାସଲ କରିଥିଲେ ମଧ୍ୟ ସ୍ଥାନ ଭେଦରେ ଏହାର ଅନେକ ଆଂଚଳିକ ରୂପ ପ୍ରଚଳିତ । ଏହି ଆଂଚଳିକ ରୂପ ବ୍ୟତୀତ ବିଭିନ୍ନ ଜାତି, ଉପଜାତି ତଥା ଜନଜାତି ମଧ୍ୟରେ ଅନେକ ସ୍ୱତନ୍ତ୍ର କଥିତ ଭାଷା ରହିଥିବା ଜଣାଯାଏ । ପଶ୍ଚିମ ଓଡ଼ିଶାର ଭାଷାକୁ

ISSN NO.
2582-208X

ଓଡ଼ିଆ ଭାଷାବିଦ୍‌ମାନେ କେବଳ 'ସମ୍ବଲପୁରୀ' ନାମରେ ନାମିତ କରିଥିଲେ ମଧ୍ୟ ସମ୍ବଲପୁର ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳ ଭେଦରେ ବିଭିନ୍ନ ରୂପ ରହିଥିବାର ଜଣାଯାଏ । ପ୍ରାଚୀନ କଳାହାଣ୍ଡି ରାଜ୍ୟ ବା ବର୍ତ୍ତମାନର କଳାହାଣ୍ଡି ଜିଲ୍ଲା ଭାବରେ ପରିଚିତ ଅଂଚଳର ପ୍ରଚଳିତ ଭାଷାର ସ୍ୱତନ୍ତ୍ର ରୂପ ହେଉଛି କଳାହାଣ୍ଡିଆ (କଲାହାଁଡ଼ିଆ ); ପ୍ରାଚୀନ ପାଟଣାରାଜ୍ୟ ବା ଆଧୁନିକ ବଲାଙ୍ଗିର ଜିଲ୍ଲାର ଭାଷା ହେଉଛି 'ପଟ୍‌ନିଆ', ସେହିପରି ପ୍ରାଚୀନ ଖଡ଼ିଆଳ ରାଜ୍ୟ ବା ବର୍ତ୍ତମାନର ନୂଆପଡ଼ା ଜିଲ୍ଲାର ଭାଷା ହେଉଛି 'ଖର୍‌ଡିଆ', ସମଗ୍ର କଂଧାନ ଅଂଚଳର ନାମ ହେଉଛି 'କଂଧ୍‌ରିଆ' । ପଶ୍ଚିମ ଓଡ଼ିଶାର ଭାଷା ସଂପର୍କରେ କୋଶଲୀ ଭାଷାର ବିଶିଷ୍ଟ ଗବେଷକ ଡ. ଦୋଳ ଗୋବିନ୍ଦ ବିଶି ଲେଖନ୍ତି—

"ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବୌଦ୍ଧ, ସୋନପୁର, ପାଟଣା(ବଲାଙ୍ଗିର) ଓ କଳାହାଣ୍ଡି ପ୍ରଭୃତି ପୁରାତନ ଗଡ଼ଜାତ ରାଜ୍ୟ ଗୁଡ଼ିକରେ ଭାଷା, ଲୋକାଚାର ଓ ଚାଲିଚଳଣି କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ବହୁ ପୂର୍ବରୁ ରହିଆସିଥିଲା ଓ ରହିଛି । ସ୍ଥାନ ଭେଦରେ ଏ ସମସ୍ତ ଅଞ୍ଚଳର ଭାଷାକୁ ବଉଦିଆ ଭାଷା, ସନପୁରିଆ ଭାଷା, କଳାହାଣ୍ଡିଆ ଭାଷା ଓ ପାଟନିଆ ଭାଷା ବା ବଲାଙ୍ଗିରିଆ ଭାଷା ବୋଲି ବହୁ ଅତୀତ କାଳରୁ ନାମିତ କରାଯାଇଛି । ××× କେବଳ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳର ଭାଷାକୁ ସଦରିଆ, ଝାରଖଣିଆଁ, ପୋଏଲପାରିଆ, ଡଙ୍ଗର୍ଲିଆ ଆଦି ନାମରେ ନାମିତ କରାଯାଇଥାଏ । କଳାହାଣ୍ଡି ଓ ବଲାଙ୍ଗିରର ୪୨ଟି କନ୍ଧାନ ପ୍ରଗଣା ମଧ୍ୟରେ କନ୍ଧାନ ନାମରେ ଏକ ପ୍ରଜାତିକ ଭାଷା ରହିଛି । ଖଡ଼ିଆଳ ଅଞ୍ଚଳର ଭାଷାକୁ 'ଖର୍ଡିଆ'(ଖଡିଆଲୀ) ବୋଲି ସମସ୍ତେ ଜାଣନ୍ତି ।" (ମୁଖବନ୍ଧ, କଳାହାଣ୍ଡିଆ ଶବ୍ଦକୋଷ, ପୃ-୧୭)

ପଶ୍ଚିମ ଓଡ଼ିଶାର ସ୍ଥାନ ଭେଦରେ ଏହିସବୁ ଭିନ୍ନତା ସତ୍ୱେ ଏହାର ରୂପ ଓ ଲହରରେ ଯେଉଁ ଏକତା ଅଛି, ତାହାକୁ ଭିତ୍ତିକରି ଗୋଟିଏ ନାମରେ ନାମିତ କରିବାକୁ ଆଲୋଚକମାନେ ତତ୍ପରତା ଦେଖାଇଛନ୍ତି । ପଣ୍ଡିତ ପ୍ରୟାଗଦତ୍ତ ଜୋଷୀଙ୍କ ଭଳି ବିଦ୍ୱାନ ଏହାର ଗଭୀର ଅଧ୍ୟୟନ ପୂର୍ବକ ଏହାକୁ ସ୍ୱତନ୍ତ୍ର 'କୋଶଲୀ' ଭାଷା ଭାବରେ ପ୍ରମାଣିତ କରିଯାଇଛନ୍ତି । ଏକଦା ସମ୍ବଲପୁରର ଭାଷାବିଦ୍ ତଥା ସାହିତ୍ୟିକ ସତ୍ୟନାରାୟଣ ବହିଦାର ଏହି ଅଂଚଳର ଭାଷାରେ ସାହିତ୍ୟ ରଚନା କରିବା ନିମନ୍ତେ ଏହି ଭାଷାଭାଷୀଙ୍କୁ ଆହ୍ୱାନ କରନ୍ତି—

ISSN NO.
2582-208X

"ସମଲ୍‌ପୁରର୍ ତମ୍ଭେ ବାବୁ ତମ୍ଭର ସମଲ୍‌ପୁର୍
ଅବ୍‌ବଲ୍ ସମଲ୍‌ପୁରୀ ଲେଖ ସମଲ୍‌ପୁରୀ ସୁର୍"

ସେହିଭଳି ପଣ୍ଡିତ ପ୍ରୟାଗଦତ୍ତ ଜୋଷୀ ଏହି ଭାଷା ଯେ ଓଡ଼ିଆ ଭାଷାର ଉପଭାଷା ନୁହେଁ, ଏହା ସ୍ୱତନ୍ତ୍ର କୋଶଲୀ ଭାଷା ଭାବରେ ଅଭିହିତ କରି ନିମ୍ନୋକ୍ତ ଶ୍ଳୋକ ରଚନା କରନ୍ତି—

"ପୁନଃ ପୁନର୍ଘୋଷୟାମି ପ୍ରଶୃଣ୍ୱନ୍ତୁ ମନୀଷିଣଃ
ସ୍ୱତନ୍ତ୍ରା କୋଶଲୀ ଭାଷା ନୋପଭାଷା କଦାଚନ ।"

ଏହି କୋଶଲୀ ଭାଷା ଯେ ଗ୍ରାମ୍ୟ ବା ଗାଉଁଲୀ ଭାଷା ନୁହେଁ; ଏହା ସମ୍ବଲପୁର, ବଲାଙ୍ଗିର, ବରଗଡ଼, ଭବାନୀପାଟଣା ଭଳି ସହରର ଲୋକ ତଥା ଶିକ୍ଷିତ ବ୍ୟକ୍ତିମାନଙ୍କ ଦ୍ୱାରା ମଧ୍ୟ କଥିତ ହୁଏ । ଏହା ଆଉ କଥିତ ଭାଷା ହୋଇ ରହି ନାହିଁ; କାବ୍ୟ, କବିତା, ମହାକାବ୍ୟ, ରାମାୟଣ, ମହାଭାରତ, ଭାଗବତ, ଗଳ୍ପ, ଉପନ୍ୟାସ, ନାଟକ, ଭ୍ରମଣକାହାଣୀ, ପ୍ରବନ୍ଧ, ସମାଲୋଚନା, ଶିଶୁ ସାହିତ୍ୟ ମଧ୍ୟ ରଚିତ ହୋଇ ଲିଖିତ ବା ସାହିତ୍ୟିକ ଭାଷା ଭାବରେ ପରିଚିତ ହେବାର ସମସ୍ତ ସାମର୍ଥ୍ୟ ହାସଲ କରିଛି । ଏହି ଭାଷାର ଶବ୍ଦଭଣ୍ଡାରକୁ ସଂକଳନ କରି ତିନିଟି ଅଭିଧାନ ବା ଶବ୍ଦକୋଷ ପ୍ରକାଶିତ ହୋଇସାରିଛି; ଯଥା—

୧-ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ଦ୍ୱାରା ସଂକଳିତ 'ସମଲ୍‌ପୁରି-ଓଡ଼ିଆ ଶବ୍ଦକୋଷ',
୨-ଶ୍ରୀ ନରସିଂହ ଗୁରୁଙ୍କ 'କୋଶଲି-ଓଡ଼ିଆ ଅଭିଧାନ' ଓ
୩- ଅଧ୍ୟାପକ ପରମେଶ୍ୱର ମୁଣ୍ଡଙ୍କ ଦ୍ୱାରା ସଂକଳିତ 'କଳାହାଣ୍ଡିଆ ଶବ୍ଦକୋଷ' ।

ସେହିଭଳି ଭିନ୍ନଭିନ୍ନ ସମୟରେ ଏହି ଭାଷାର ବିଭିନ୍ନ ବ୍ୟାକରଣ ମଧ୍ୟ ଲେଖାଯାଇଛି । ସେଗୁଡ଼ିକ ହେଲା—

୧-କୋଶଲୀ ଭାଷା ସୁନ୍ଦରୀ—ଡ. ଦୋଳଗୋବିନ୍ଦ ବିଶି,
୨-କୋଶଲୀ ବ୍ୟାକରଣ- କୋକିଳ ମେହେର,
୩-ସମଲ୍‌ପୁରି ବ୍ୟାକରଣ-ହୃଦମଣି ପ୍ରଧାନ,
୪-ସମଲପୁରି-କୋସଲି ବ୍ୟାକରଣ-ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ନୀଳମାଧବ ପାଣିଗ୍ରାହୀ; ତଥା
୫-ସମଲ୍‌ପୁରୀ ବ୍ୟାକରଣ ଚର୍ଚ୍ଚା- ମୁକ୍ତକଂଠ ପ୍ରଧାନ

ISSN NO.
2582-208X

ଅଥଚ, ଏହିଭାଷା ଅଦ୍ୟାବଧି ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ ହୋଇନାହିଁ ବା ସାମ୍ବିଧାନିକ ସ୍ୱୀକୃତି ପାଇନାହିଁ । ଅତଏବ ଓଡ଼ିଶାର ଅଣସାମ୍ବିଧାନିକ ଭାଷା ଭାବରେ କୋଶଲୀ ଭାଷା ସର୍ବାଗ୍ରରେ ରହିଅଛି ।।

ଭାରତୀୟ ସମ୍ବିଧାନର ଅଷ୍ଟମ ପରିଚ୍ଛେଦ ଯେଉଁ ଭାଷା ଗୁଡ଼ିକ ସ୍ଥାନିତ ହୁଅନ୍ତି ସେଗୁଡ଼ିକ ଯଥେଷ୍ଟ ସମ୍ମାନ ହାସଲ କରନ୍ତି; ଅନ୍ୟଥା ଉପଭାଷା ଭାବରେ ଅବହେଳିତ ହେବାର ବିଡମ୍ବନା ଏହିଭାଷାର କପାଳରେ ଲେଖାହୋଇଥାଏ । ବର୍ତ୍ତମାନର ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ୨୨ ଗୋଟି ଭାଷା ଅନ୍ତର୍ଭୁକ୍ତ । ପ୍ରଥମେ ଏଥିରେ ୧୪ ଗୋଟି ଭାଷା ସ୍ଥାନିତ ହୋଇଥିଲା । ୧୯୬୭ ମସିହାର ସମ୍ବିଧାନର ୨୧ତମ ସଂଶୋଧନରେ ସିନ୍ଧିଭାଷା, ୧୯୯୨ ମସିହାର ୭୧ ସଂଶୋଧନରେ କୋଙ୍କଣୀ, ମଣିପୁରୀ ଓ ନେପାଳୀ ଭାଷା ତଥା ୨୦୦୩ ମସିହାର ୯୨ ତମ ସଂଶୋଧନରେ ବୋଡ଼ୋ, ଡୋଗ୍ରୀ, ମୈଥିଳୀ ଓ ସାନ୍ତାଳୀ ଭାଷା ସାମ୍ବିଧାନିକ ମାନ୍ୟତା ହାସଲ କରିଥିଲା । ଏହିପରି ଭାବରେ ସାମ୍ବିଧାନିକ ସ୍ୱୀକୃତି ପାଇଥିବା ଭାଷାଗୁଡ଼ିକ ହେଲା–

ଅହମିୟା, ବଙ୍ଗଳା, ଗୁଜରାତୀ, ହିନ୍ଦୀ, କନ୍ନଡ଼ା, କାଶ୍ମୀରୀ, କୋଙ୍କଣୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସିନ୍ଧୀ, ତାମିଲ୍, ତେଲୁଗୁ, ଉର୍ଦ୍ଦୁ, ବୋଡ଼ୋ, ସାନ୍ତାଳୀ, ମୈଥିଳୀ ଓ ଡୋଗ୍ରୀ ।

ଏଗୁଡ଼ିକ ବ୍ୟତୀତ ଯେଉଁ ଭାଷାଗୁଡ଼ିକୁ ସାମ୍ବିଧାନିକ ସ୍ୱୀକୃତି ପାଇବା ପାଇଁ ବିଭିନ୍ନ ଅଞ୍ଚଳର ଭାଷାଭାଷୀମାନେ ଦାବୀ ଜଣାଇ ଆସୁଛନ୍ତି, ସେହି ଭାଷାଗୁଡ଼ିକ ହେଲା– ଅଙ୍ଗିକା, ବଞ୍ଜାରା, ବାଜିକା, ଭୋଜପୁରୀ, ଭୋଟୀ, ଭୋଟିଆ, ବୁନ୍ଦେଲଖଣ୍ଡୀ, ଛତିଶଗଡ଼ୀ, ଧତକୀ, ଗଡଓ୍ୱାଲୀ, ଗୋଣ୍ଡୀ, ଗୁଜ୍ଜର, ହୋ, କଚାଛୀ, କମତାପୁରୀ, କରବୀ, ଖାସୀ, କୋଡ଼ଓ୍ୱା, କୋକ ବାରକ, କୁମାଓନି, କୁରକ, କୁରମାଲୀ, ଲେପଚା, ଲିମ୍ବୁ, ମିଜୋ, ମାଗଧୀ, ମୁଣ୍ଡାରୀ, ନାଗପୁରୀ, ନିକୋବରୀ, ପାହାଡ଼ୀ(ହିମାଚଳୀ), ପାଲୀ, ରାଜସ୍ଥାନୀ, ଶୌରସେନୀ, ସିରାଇକୀ, ତେନ୍ୱିଦୀ, ଟୁଲୁ ତଥା ଆମର ସମ୍ବଲପୁରୀ/କୋଶଲୀ । ଇଂରାଜୀ ସମେତ ୩୮ ଗୋଟି ଭାଷା ଭାରତୀୟ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ ହେବାପାଇଁ ଦାବୀ ଜଣାଇ ଆସୁଛନ୍ତି ।

ISSN NO.
2582-208X

ସାମ୍ବିଧାନିକ ସ୍ୱୀକୃତି ପାଇ ନଥିବା ଯୋଗୁଁ ବିପୁଳ ପରିମାଣରେ ସ୍ୱକୀୟ ସାହିତ୍ୟର ଅଧିକାରୀ ହୋଇଥିଲେ ମଧ୍ୟ କୋଶଲୀ ଭାଷା ଓଡ଼ିଆ ଭାଷାର ଉପଭାଷା ଭାବରେ ପରିଗଣିତ ହୋଇ ଆସୁଅଛି ।

ଅନ୍ୟ ପକ୍ଷରେ ଓଡ଼ିଆ ଭାଷା ଆଦ୍ୟରୁ ସାମ୍ବିଧାନିକ ସ୍ୱୀକୃତି ଲାଭ କରିବା ସହିତ ଶାସ୍ତ୍ରୀୟ ଭାଷା ଭାବରେ ସମ୍ମାନିତ ହେବାରେ ଆଧୁନିକ ଆର୍ଯ୍ୟଭାଷା ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଗ୍ରହଣ କରିଛି । ଏହା ସହିତ ଏହାର ସୁବିପୁଳ ସାହିତ୍ୟ ଯୋଗୁଁ ଭାରତୀୟ ସାହିତ୍ୟ ଜଗତରେ ମଧ୍ୟ ଓଡ଼ିଆ ଭାଷା ବେଶ୍ ପରିଚିତ । ପ୍ରାଚୀନ କାଳରୁ ଏହା ଶିଷ୍ଟ ବା ସାହିତ୍ୟିକ ଭାଷା ଭାବରେ କେବଳ ଉପକୂଳବର୍ତ୍ତୀ ଓଡ଼ିଶାରେ ନୁହେଁ, କୋଶଳାଞ୍ଚଳ-ପଶ୍ଚିମ ଓଡ଼ିଶା ସମେତ ସମଗ୍ର ଓଡ଼ିଶାରେ ମଧ୍ୟ ଅତି ଆଦର ପାଇ ସର୍ବତ୍ର ଲିଖନ, ପଠନ ଅଧ୍ୟୟନର ମାଧ୍ୟମ ହୋଇ ଆସିଛି ।

କୋଶଲୀ ଭାଷାର ଅନ୍ୟତମ ଆଲୋଚକ ଡ. ସନ୍ତୋଷ ରଥଙ୍କ ଭାଷାରେ "ଯେଉଁଭାଷା ସ୍ୱୀକୃତି ପାଏ, ସ୍ୱୀକୃତି ଦିନରୁ କେତୋଟି ଭାଷାକୁ ଆହରଣ ଆକର୍ଷଣ ମାଧ୍ୟମରେ ଅକ୍ତିଆର କରିବାର ଆରମ୍ଭ କରିଦିଏ । ଅପର ଭାଷାକୁ ଆକର୍ଷଣ କରେ ତାର ସାମାଜିକ ଓ ସାଂସ୍କୃତିକ ଉଛପଣ ମାଧ୍ୟମରେ ଏବଂ ଆହରଣ ମାଧ୍ୟମରେ ସ୍ୱୀକୃତ ଭାଷା ଚତୁରତାର ସହ ଅସ୍ୱୀକୃତ ଭାଷାର ନୂଆ ସଂରଚନାମାନଙ୍କୁ ନିଜର କରିକରି ପୁରା ଭାଷାଟିକୁ ହିଁ ଅକ୍ତିଆର କରିନିଏ ।" (କୋଶଲୀ ଭାଷାର ସ୍ୱୀକୃତି ପ୍ରସଙ୍ଗ, ଅସ୍ୱୀସ୍ୱୀକୃତ ପରମ୍ପରା, ପୃ-୫୫ ) ଏହିଭଳି ଘଟିଛି ଓଡ଼ିଆ ଭାଷା କ୍ଷେତ୍ରରେ ।

ଏକଦା ଐତିହାସିକ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଲେଖିଥିଲେ, "The people of Koshala tract originally spoke a language which was akin to bhojpuri prakrita, while the language of the costal strip had family affinity with Magadhi. These two branches of prachya prakrita met and mingled in Orissa and formed a new language which came to be known as Oriya." (History of Orissa, Page-284 )

ଅବଶ୍ୟ ଏହିକଥା ସଂପୂର୍ଣ୍ଣ ଭାବରେ ସତ୍ୟ ନୁହେଁ । ଆଜି ମଧ୍ୟ କୋଶଲୀ ଭାଷା ଓଡ଼ିଆ ଭାଷାଠୁ ସ୍ୱତନ୍ତ୍ର ଭାବରେ ରହିଅଛି ଓ ଓଡ଼ିଆ ଭାଷା ଏକ ସମୃଦ୍ଧ ସାହିତ୍ୟିକ ଓ ମାନକ

ISSN NO.
2582-208X

ଭାଷା ଭାବରେ ସୁପରିଚିତ ହୋଇପାରିଛି । କିନ୍ତୁ ଏହା ସତ୍ୟ ଯେ ଓଡ଼ିଆ ସାହିତ୍ୟର ବିକାଶ ମୂଳରେ କୋଶଲୀ ଭାଷାର ଅବଦାନ ଯଥେଷ୍ଟ ସହଯୋଗିତା ରହିଅଛି ।

କୋଶଲୀ ଭାଷାର ଲୋକସାହିତ୍ୟ ସୁସମୃଦ୍ଧ ତଥା ସୁବିପୁଳ । ଏହି ଲୋକସାହିତ୍ୟର ଅସୀମ ଭଣ୍ଡାରକୁ ଗବେଷଣା କରିବାକୁ ଯାଇ ଅନେକ ଗବେଷକ ବିଭିନ୍ନ ଗବେଷଣାତ୍ମକ ଗ୍ରନ୍ଥ ରଚନା କରିଯାଇଛନ୍ତି । ସେଗୁଡ଼ିକ ମଧ୍ୟରେ ହୋଇପାରେ, ଡ.ନିମାଇଁ ଚରଣ ପଣ୍ଡାଙ୍କ ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟର ସ୍ୱରୂପ, ଡ. କୁମୁଦରଞ୍ଜନ ପାଣିଗ୍ରାହୀ ଓ ଡ. ନିମାଇଁ ଚରଣ ପାଣିଗ୍ରାହୀଙ୍କ ସଂପାଦିତ 'ପଶ୍ଚିମ ଓଡ଼ିଶାର ଲୋକଗୀତ' ଓ 'ପଶ୍ଚିମ ଓଡ଼ିଶାର ଲୋକକଥାଃ ବ୍ରତକଥା', ଡ. ଦ୍ୱାରିକା ନାଥ ନାୟକଙ୍କ 'ସମ୍ବଲପୁରୀ ଲୋକଗୀତର ସମାଜ ଜୀବନର ସ୍ୱରୂପ', ଡ. ଚିତ୍ରସେନ ପଶାୟତଙ୍କର 'ପଶ୍ଚିମ ଓଡ଼ିଶାର ଲୋକଗୀତ', ଡ. ମହେନ୍ଦ୍ର କୁମାର ମିଶ୍ରଙ୍କ 'କଳାହାଣ୍ଡିର ଲୋକ ସଂସ୍କୃତି' ଓ 'ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି' ପ୍ରଭୃତି ଅନେକ । ଏହିସବୁ ଓଡ଼ିଆ ସାହିତ୍ୟର ଗବେଷଣାତ୍ମକ ଦିଗକୁ କରିଛି ସୁପ୍ରତୁଳ ।

ଓଡ଼ିଆ ଭାଷାର ଲିଖିତ ସାହିତ୍ୟ ପର୍ଯ୍ୟାୟରେ ପ୍ରଥମରେ ଦୃଷ୍ଟି ପଥାରୂଢ଼ ହୋଇଥାଏ ଚର୍ଯ୍ୟା ସାହିତ୍ୟ । ଏହି ଚର୍ଯ୍ୟାସାହିତ୍ୟରେ ଯେ ଅନେକ କୋଶଲୀ ଭାଷାର ଶବ୍ଦ ରହିଅଛି, ଯେକୌଣସି ସଚେତନ ପାଠକ ମଧ୍ୟ ଠାବ କରିପାରେ । ଚର୍ଯ୍ୟାସାହିତ୍ୟର ଭାଷାରେ ଅନେକ ପରିମାଣରେ କୋଶଳାଂଚଳୀୟ ଶୈଳୀ ମଧ୍ୟ ସ୍ପଷ୍ଟ ହୋଇଯାଏ । ଶବରୀପାଙ୍କ 'ଶବର ଶବରୀ-ପ୍ରେମଚର୍ଯ୍ୟାରେ ଦେଖିବା,

"ଊଁଚା ଊଁଚା ପାବତ ତହିଁ ବସଇ ସବରୀ ବାଳୀ"

ଏଥିରେ ବ୍ୟବହୃତ 'ଊଁଚା ଊଁଚା' ଶବ୍ଦ ଅଦ୍ୟାବଧି କୋଶଳାଂଚଳରେ ପ୍ରଚଳିତ । ସେହିଭଳି କାହ୍ନୁପାଙ୍କ ବାଟ-ଓଗାଳ ଚର୍ଯ୍ୟାରେ ରହିଛି, "ଆଳିଏଁ କାଳିଏଁ ବାଟ ରୁନ୍ଧେଲା/ ତା ଦେଖି କାହ୍ନୁ ବିମନ ଭଇଲା ।" ଡୋମ୍ବୀ ଚର୍ଯ୍ୟାରେ ରହିଛି, "ହାଲୋ ଡୋମ୍ବୀ ତୋ ପୁଚ୍ଛମି ସଦଭାବେ ।" ପଶ୍ଚିମ ଓଡ଼ିଶାରେ ଯିମି, ପଚାରମି, ଖାଏମି ପ୍ରଭୃତି ବ୍ୟବହାର 'ପୁଚ୍ଛମି' ଭିତରେ ଅନୁସନ୍ଧାନ କରାଯାଇପାରେ । ସଦ୍‌ଭାବେ ବା ସୁଦ୍‌ଭାବେ'ର ବ୍ୟବହାର କୋଶଲୀ ସମାଜର ନିତିଦିନିଆ ପ୍ରଚଳିତ ଶବ୍ଦ ।

ISSN NO.
2582-208X

ପଶ୍ଚିମ ଓଡ଼ିଶାର କନ୍ଧାନ ଅଂଚଳରେ କନ୍ଧଜାତିର ଢାବ୍ ଗୀତ ଏକ ବିଶେଷ ଗୁରୁତ୍ୱ ରଖେ। ଢାବ୍ ଗୀତର ଗୋଟିଏ ପଦ ହେଉଛି, "ମାଁ'କେ ମାର ଶାଶ୍‌କେ ଧର/ ଭାଏବ ସଂଗେ ପୀର୍‌ତି କର ।" ଏହିଭାବ ଏବଂ ଗୂହ୍ୟାର୍ଥ ମଧ୍ୟ ପ୍ରତିଫଳିତ ହୋଇଛି ଚର୍ଯ୍ୟା ସାହିତ୍ୟରେ। କାହ୍ନୁପାଙ୍କ ଡୋମ୍ବୀ ହେରୁକ ଚର୍ଯ୍ୟାରେ, "ମାରିଅ ସାସୁ ନଣନ୍ଦ ଘରେ ଶାଳୀ/ମାଆ ମାରିଆ କାହ୍ନୁ ଭଇଲ କବାଳୀ ।" ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା କନ୍ଧ ତଥା ଡମ୍ ଜାତିର ଲୋକେ ଯେଉଁ ଭାଷା ବ୍ୟବହାର କରନ୍ତି, ତାହା ପ୍ରକୃତରେ କୋଶଲୀ ଭାଷାର ପ୍ରାଚୀନତା ପରିବହନ କରିଥାଏ । ଏହି ଭାଷାର ବୈଭବ ବିଶେଷ ପରିମାଣରେ ଚର୍ଯ୍ୟା ସାହିତ୍ୟ ପ୍ରତିଫଳିତ ହୋଇଥିବାର ଅସ୍ୱୀକାର କରାଯାଇ ନ ପାରେ ।

ଓଡ଼ିଆ ସାହିତ୍ୟର ପ୍ରଥମ ମହାକାବ୍ୟ ହେଉଛି ଅଷ୍ଟାଦଶ ପର୍ବ ବିଶିଷ୍ଟ ବିଶାଳକାୟ ସାରଳା ମହାଭାରତ । ମାଟିର ମହାକବିଙ୍କ ମହାଭାରତର କଥାବସ୍ତୁ ବହୁପରିମାଣରେ କୋଶଳାଂଚଳରୁ ସଂଗୃହୀତ ପରି ମନେହୁଏ; କାରଣ ଏହି ଅଞ୍ଚଳର ବୃଦ୍ଧ ବୃଦ୍ଧାଙ୍କ ନିକଟରେ ଏଥିର ବିଭିନ୍ନ ଉପାଖ୍ୟାନ ଜୀବନ୍ତ ଭାବରେ କଥିତ ହୋଇଥାଏ । କେତେକ ଗବେଷକ ଚଣ୍ଡୀପୁରାଣରେ ବର୍ଣ୍ଣିତ ଜେନାବଳୀପୁରକୁ ଆଧୁନିକ କଳାହାଣ୍ଡିର ଜୁନାଗଡ଼ ବୋଲି କହିଥାନ୍ତି; ଏପରିକି ଏଥିରେ ଘୁମୁରା ବାଦ୍ୟର ନାମ ମଧ୍ୟ ରହିଅଛି; ଯାହାକି କଳାହାଣ୍ଡିର ବୀରବାଦ୍ୟ ଭାବରେ ସୁପରିଚିତ । ମହାଭାରତର ଭାଷାଗତ ଶୈଳୀ ଓ ଶବ୍ଦରୂପରେ ମଧ୍ୟ ଓଡ଼ିଶାର ପଶ୍ଚିମାଂଚଳର ଅବିକଳ ଶବ୍ଦରୂପ ଭଳି ମନେହୋଇଥାଏ। ଆଧୁନିକ ଓଡ଼ିଆ ଭାଷାର ପ୍ରଥମ ଓ ଦ୍ୱିତୀୟ ପୁରୁଷର ସର୍ବନାମରେ ଯଥାକ୍ରମେ 'ମୋତେ' ଓ 'ତୋତେ' ରହିଥିଲାବେଳେ କଳାହାଣ୍ଡିର ଭାଷାରେ ରହିଛି 'ମୋକେ'(ମକେ) ଓ ତୋକେ(ତକେ); ଯାହା ସାରଳା ସାହିତ୍ୟର 'ତକୁ' 'ମକୁ' ସହିତ ସମାନତା ରକ୍ଷା କରିଥାଏ । ପିଲାଙ୍କ ପାଠ୍ୟକ୍ରମରେ ରହିଥିବା ଆଦିପର୍ବର ଅଂଶବିଶେଷ 'ସାହାଡ଼ା ବୃକ୍ଷ' କବିତା ମଧ୍ୟରେ ଥିବା ଦୁଇଟି ଶବ୍ଦକୁ ଅନୁଧ୍ୟାନ କରାଯାଇପାରେ, ତାହା ହେଲା 'ବୟର' ଓ 'ବଇଲ' । 'ବୟର' ଶବ୍ଦଟି କୋଶଲୀ ଭାଷାର 'ବୁଏର୍'(ବରୋ) ଓ 'ବଇଲ' ଶବ୍ଦଟି 'ବୁଇଲ୍' ଭାବରେ ଅଧୁନା ମଧ୍ୟ ଏ ଅଂଚଳରେ ପ୍ରଚଳିତ ହୋଇଥାଏ । ସାରଳା ମହାଭାରତରେ ଦ୍ରୌପଦୀଙ୍କୁ 'ଦ୍ରୋପତୀ' ଭାବରେ ଉପସ୍ଥାପନା କରାଯାଇଥିବାବେଳେ କୋଶଲୀ ଭାଷାରେ 'ଦୁର୍‌ପତୀ' ସହିତ ଅଧିକ ସମାନତା ରକ୍ଷା କରିଥାଏ । ଏହିଭଳିଭାବରେ ବହୁ ପରିମାଣରେ କୋଶଲୀ ଶବ୍ଦସଂଭାରେ ସାରଳା ମହାଭାରତ ସମୃଦ୍ଧ ହୋଇଥିବା ଦେଖାଯାଏ । ସେଥିପାଇଁ ନାଟ୍ୟକାର ଅଟଳ

ISSN NO.
2582-208X

ବିହାରୀ ପଣ୍ଡାଙ୍କର 'ଉଆଁସି ଜନ୍' ନାଟକର ପ୍ରକାଶକୀୟ 'ଉସତ ଉସନାକ ସମିଆ..' ଲେଖିବାକୁ ଯାଇ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା କହନ୍ତି, "ଉତ୍‌କଲର ପହେଲା କାବ୍ୟ ଶୂଦ୍ରମୁନି ଶାରଳାଦାସଙ୍କର ମହାଭାରତନୁ କୋସଲି ଶବଦ ନୁରୁଖୁଜି କରି ତାର ବ୍ୟାକରଣ ସୂତ୍ର ସାଁଗେ ଗୁଟେ ଶବ୍ଦକୋଶ କରୁଛୁଁ ।"

ପଶ୍ଚିମ ଓଡ଼ିଶାର ପ୍ରାଚୀନ କବିମାନଙ୍କ ମଧ୍ୟରେ  କନ୍ଧକବି ଯୁଗଦାସ, ସନ୍ଥ କବି ଚୈତନ୍ୟ ଦାସ ଓ  ବୈଷ୍ଣବ କବି ରତ୍ନଦାସଙ୍କ ନାମ ଦୃଷ୍ଟି ଗୋଚର ହୋଇଥାଏ । କବି  ଯୁଗଦାସଙ୍କ ବିଶିଷ୍ଟ କୃତି ହେଉଛି 'ଶ୍ରୀ ନୃସିଂହ ଚରିତ' ଯେଉଁଥିରେ ନୃସିଂହନାଥଙ୍କ ଚରିତ ବର୍ଣ୍ଣିତ ହୋଇଅଛି । ଏହିଗ୍ରନ୍ଥ  ଏହିଭଳି ଭାଷାରେ ରଚିତ ହୋଇଛି ଯେ, ପଶ୍ଚିମାଂଚଳର କେତେ ଗବେଷକ ଏହାକୁ କୋଶଲୀ ବୋଲି ଦାବୀ କରିଥାଆନ୍ତି । କିନ୍ତୁ ବାସ୍ତବରେ ଏହା ଓଡ଼ିଆ ଭାଷାରେ ରଚିତ ଏବଂ ଭାଷା ଶୈଳୀରେ କୋଶଲୀ ଶୈଳୀ ସ୍ପଷ୍ଟ ରୂପରେ ବାରିହୋଇଯାଏ। ଏହା ସହିତ ଏଥିରେ ନୁନି, ମରୁଡ଼ି, ଧୁନି, ଗହଗହ, ଖେଦି, ନିସତ, ଛିନୁ, ମଡ଼ିଆ, ହଁସାହଁସି, ଖୁନ୍ଦାମାରି, ହାଦେ, ଖଲଖଲ, ଅଲାଉଧଲ, ଲୁଟିଚୁରି ପ୍ରଭୃତି ବହୁପରିମାଣରେ କୋଶଲୀ ଶବ୍ଦ ରହିଅଛି ।  ସବୁଠାରୁ ଉଲ୍ଲେଖଯୋଗ୍ୟ ଯେ ଏହିଗ୍ରନ୍ଥରେ 'ନ' ସ୍ଥାନରେ 'ଲ'ର ବ୍ୟବହାର ରହିଅଛି, ଯାହାକି ପଶ୍ଚିମ ଓଡ଼ିଶାର ଭାଷାର ପ୍ରଧାନ ଲକ୍ଷଣ ବୋଲି କହାଯାଇପାରେ । ଏହିଗ୍ରନ୍ଥର ସଂପାଦକ ଶ୍ରୀ ନାରାୟଣ ପୃଷ୍ଟେ  ଏହାର ଭାଷା ସଂପର୍କରେ ଲେଖନ୍ତି, —

"ଗ୍ରନ୍ଥରେ ବ୍ୟବହୃତ ହୋଇଥିବା କେତେକ ଶବ୍ଦ ମଧ୍ୟ ଏହାର ପ୍ରାଚୀନତାର ସ୍ମାରକୀ ହୋଇ ରହିଛି । ××× ପୁନଶ୍ଚ  ଏଠାରେ କହିବା ବାହୁଲ୍ୟ ଯେ ଏହି ଗ୍ରନ୍ଥର ଆକର୍ଷଣ ହେଉଛି  କେତେ ଗୁଡ଼ିଏ କଞ୍ଚା ସମ୍ବଲପୁରୀ ଶବ୍ଦର ବ୍ୟବହାର ।××× ସମ୍ଭବତଃ ଗ୍ରନ୍ଥଟି ସାଧାରଣ  ଆଦିବାସୀ ଓ ଅଶିକ୍ଷିତ ଜନ ପାଇଁ ଲେଖା ଯାଇଥିବାରୁ ସେମାନଙ୍କ ବୋଧଗମ୍ୟ ହେବାଭଳି ଏ ଶବ୍ଦ ଗୁଡ଼ିକର ବ୍ୟବହାର ହୋଇଅଛି ଏବଂ ଏଥି ସଙ୍ଗେ ସଙ୍ଗେ ବହୁ ସ୍ଥାନରେ 'ନ' ସ୍ଥାନରେ 'ଲ'(ଯଥା ବଲ-ବନ, ପତଲ-ପତନ, କଲା-କନା, ଲେଇଁପଡ଼ି-ନଇପଡ଼ି) ବ୍ୟବହାର କରିଛନ୍ତି କବି ନିଜେ ।"(ପୃ-୨୧/୨୨) ଏହି ଗ୍ରନ୍ଥର ଗୋଟିଏ ଯୋଡ଼ିଏ ପଦକୁ ଏଠାରେ ଉପସ୍ଥାପନା କରାଯାଇପାରେ—

ISSN NO.
2582-208X

"ତିରି ହତ୍ୟା ପାତକ କଲେ୍ୟେ ଯାଏ ଥାଇ
ବାଲୁତ ହତ୍ୟାକଲେ  ଯେ ନର୍କଗତି ପାଇ ।"

"ଗଙ୍ଗା ଗୟା ନର୍ବଦା ସଙ୍ଗମ ଭାଗିରଥି
କାଞ୍ଚି ତୀର୍ଥ ବାରାଣସୀ ଆବର ସ୍ରସତୀ।" (ପୃ-୭୯)

ସନ୍ଥ ଚୈତନ୍ୟ ଦାସ ତିନିଗୋଟି ଗ୍ରନ୍ଥ ଲେଖିଥିବା ଜଣାଯାଏ । ସେ ଗୁଡ଼ିକ ହେଉଛି, ନିର୍ଗୁଣ ମାହାତ୍ମ୍ୟ, ଦେବଦର୍ଶନ ପୁରାଣ ଓ ବିଷ୍ଣୁଗର୍ଭ ପୁରାଣ । ଓଡ଼ିଆ ଭାଷାରେ ରଚିତ ହୋଇଥିବା ଏହି ତିନୋଟି ଗ୍ରନ୍ଥରେ ସେ ବହୁତ କୋଶଲୀ ଶବ୍ଦ ବ୍ୟବହାର କରିଥିବା ଦେଖାଯାଏ । ଦେବଦର୍ଶନ ପୁରାଣରେ ଧାପ, ଧୁବଲା, ଉତୁରୀ, ବିଶୋର, ଫେର, ତୁନ, ଯୋର, ଉବୁରି, ନିଶାନି, ବିଷାନ, ଉଲାର, କବରା, ଖେଟେ, ବକା, କାଯେ, ଉବୁରି, ଦେଢ଼ ଭିତା, ଆପଘର, କେହେନିଠାନେ, ଯୋଖାତୋଲା, ହେଜା ଲେଖା, ପ୍ରଭୃତି କୋଶଲୀ ଶବ୍ଦ ବ୍ୟବହୃତ ହୋଇ ଏହିଗ୍ରନ୍ଥକୁ ପୁଷ୍ଟ କରିଅଛି । ଏହି ଗ୍ରନ୍ଥର ଦୁଇତିନି ପଦକୁ ଏଠାରେ ଉପସ୍ଥାପନ କରାଯାଇପାରେ—

"ସପତ ସିନ୍ଧୁ ଯେହ୍ନେ ବେଢ଼ିଛି ସଂସାର
ସେହି ଆକାରେ ତହିଁ ଅଛଇ ନଇ ଜୋର ।"(୩ୟ ଅଧ୍ୟାୟ)

"ଯେଉଁରୂପେ ବୃକ୍ଷରୁ ଫଳ ବଢ଼େ ତାର ଖାନି
ଅଙ୍କରେ ଶୂନ୍ୟ ଯେହ୍ନେ ବଢ଼ାଏ ପରିମାଣି ।"(୧୩ଶ ଅଧ୍ୟାୟ)

"କାଳସର୍ପ ଯେସନେକ ଜନ୍ତୁ ଡଁସି ଥାଇ,
ଗାରେଡ଼ି ଔଷଧ କଲେ ଯେହ୍ନେ ଉତୁରଇ ।"(୧୬ଶ ଅଧ୍ୟାୟ)

କୋଶଳାଂଚଳର ଆଉଜଣେ ପ୍ରାଚୀନ ବୈଷ୍ଣବ କବି ହେଉଛନ୍ତି ଭୁଲିଆ କବି ରତ୍ନ ଦାସ। ଏହାଙ୍କ ଉଲ୍ଲେଖଯୋଗ୍ୟ କୃତି ହେଉଛି 'ସାରସ୍ୱତ ଗୀତା' ଓ 'ଗୁରୁ ଭଣ୍ଡାର ଜ୍ଞାନ' ଏବଂ ଯାହାକି ଓଡ଼ିଆ ଭାଷାରେ ରଚିତ । ସେ ଭୁଲିଆ ଜାତିରେ ଜନ୍ମ ହୋଇଥିବାରୁ ତାଙ୍କର ମାତୃଭାଷା ଥିଲା ଭୁଲିଆ । ଏଣୁ ସେ ସାରସ୍ୱତ ଗୀତାରେ ଲେ ଖିଛନ୍ତି,

"ମୁଁ ଛାର ଜାତିରେ ଭୁଲିଆ । ବଚନ ବାକ୍ୟ ମୋ ଗୋଳିଆ ।୧୮୧।" (୨୩ଶ ଅଧ୍ୟାୟ)

ISSN NO.
2582-208X

କବି  ଓଡ଼ିଆ ଭାଷାରେ ଏହି ଗ୍ରନ୍ଥ ରଚନା କରିଥିଲେ ମଧ୍ୟ ଏଥିରେ ଭୁଲିଆ ଭାଷାର ଶବ୍ଦ ତଥା ଅନେକ ପଶ୍ଚିମାଂଚଳୀୟ କୋଶଲୀ ଭାଷାର ଶବ୍ଦରେ ଏହି ଗ୍ରନ୍ଥକୁ ପରିପୁଷ୍ଟ କରିଛନ୍ତି। ଯେମିତିକି ଗୋଟିଏ ପଦରେ ଦେଖିବା—

"ମୁଁ ଛାର ଜାତି ଲୁଗାବୁଣା । ସୂତା ଗୁଫାରେ ତନାମନା ।୧୪୪।" (୧୪ଶ ଅଧ୍ୟାୟ )

କବିଙ୍କ  ଏହି ଗ୍ରନ୍ଥରେ ବ୍ୟବହୃତ କେତେକ କୋଶଲୀ ଶବ୍ଦ ହେଲା, ମକୁଟ, ବକାଦେବା, ପୁଡୁଗ, ଭୁତିଆର, ଘିଚିବା, ଝରା, ପଶାରି, ଜଞ୍ଜଲା, ଝୁଡୁଗା ବା ଝୁନଗା, ଦୁଡୁକା, ନଙ୍ଗଳ, ବୁଝ, ରେନ୍ତିବା, ବେଦନ, ସିଧ୍ୟ, କିଛୁ, ଫେପୋଲା, ରାଣ୍ଡିଆ, କନ୍ଦା, ଥୋତରା, ଥେତା, ମୁଟା, ହୁଙ୍ଗୁଥାନ୍ତି, ମାୟେସ, ମନିସ, ମୁନୁଷ, ଡାଏଣି, ଜିଭ୍ୟା ଇତ୍ୟାଦି  ।

ଏହି କବିଙ୍କ କୃତି ଯେ ସମଗ୍ର ଓଡ଼ିଶାରେ ଆଦର ଲାଭ କରିଥିଲା; ଏହି ବିଷୟ ଆଲୋଚକ ଭାଗିରଥି ନେପାକ ତାଙ୍କର ଭୁଲିଆ କବି ରତ୍ନଦାସ ଗ୍ରନ୍ଥରେ ଉଲ୍ଲେଖ କରିଯାଇଛନ୍ତି ।(ପୃ-୧୦)

ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଯାଇଥିବା ଆଉଜଣେ କୋଶଳାଂଚଳୀୟ କବି ହେଉଛନ୍ତି ସନ୍ଥକବି ଭୀମଭୋଇ । କବି ଭୀମଭୋଇ କୋଶଲୀ ଭାଷାର ଶତାଧିକ ଶବ୍ଦ ବ୍ୟବହାର କରି ତାଙ୍କ ରଚନାବଳୀକୁ ପୁଷ୍ଟ କରିବା ସହିତ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ସେ ସ୍ୱ ମାଟିର ଶବ୍ଦାବଳୀକୁ ପୁଞ୍ଜିକରି ସାହିତ୍ୟ ଜୟଯାତ୍ରାରେ ଆଗେଇ ଯାଇଛନ୍ତି । ଭୀମଭୋଇଙ୍କ ଗୋଟିଏ ପ୍ରସିଦ୍ଧ ପଦ ହେଲା—

"ଏକ ଖଣ୍ଡ ହାଡ଼ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ
ତେଣୁକରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ ।୮।

(୨୭ଶ ବୋଲି, ସ୍ତୁତି ଚିନ୍ତାମଣି )

ଏହି ପଦରେ ଥିବା 'ଫୁଟେ' ଶବ୍ଦକୁ ଅନୁଧ୍ୟାନ କରାଯାଇପାରେ । ଏହା ସମ୍ବଲପୁର ଅଂଚଳରେ ପ୍ରଚଳିତ ଏକ ଶବ୍ଦ ଯାହା ଟିକିଏ ଖଣ୍ଡକୁ ବୁଝାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ କଳାହାଣ୍ଡି-ଖଡ଼ିଆଳ ଅଂଚଳରେ ତରଳ ଦ୍ରବ୍ୟ ନିମନ୍ତେ 'ଫୁଟେ' ବ୍ୟବହୃତ ହେଉଥିଲାବେଳେ କଠିନ ଦ୍ରବ୍ୟ ନିକଟରେ 'ଫୁଡ଼େ' ଶବ୍ଦର ବ୍ୟବହାର ଦେଖାଯାଏ । ଯେମିତିକି, -ପେ'ନ୍ ଫୁଟେ, ଚା' ଫୁଟେ, ମୁ'ସ୍(ମାଂସ) ଫୁଡ଼େ । ଜଣେ କଳାହାଣ୍ଡିଆ କବି

ISSN NO.
2582-208X

ଲେଖିଥିଲେ ଭୀମଭୋଇଙ୍କ 'ଫୁଟେ ମାଉଁସ' ପାଖରେ 'ଫୁଢ଼େ ମାଉଁସ' ବୋଲି ଲେଖିଥାନ୍ତା । ଭୀମଭୋଇଙ୍କ ଅନେକ କୋଶଲୀ ଶବ୍ଦ ମଧ୍ୟରୁ ଅଳ୍ପ କେତୋଟି ହେଉଛି,—

ମିଟକା, ଉଲଟା, ଝୋଲା, ରସାନ୍ତାଲ, ଅପାଣ୍ଡୁକ, ପଝର, ଅଧାଧୁନ୍ଦ, ଖରି, ମାରା, ଘିଞ୍ଚି(ଘିଚି), ଉବୁଡ଼ା ଉବୁଡ଼ି, ସାକୁଲି(ସଁକଲି), କନ୍ଦିବେଢ଼ା, ଉରା, ତୁଲିଆ, ପାଟି, ମୁଚୁଲି, ବାହି, ମଚୁଆ, ରୁଖା, ଉବ୍‌କିବା, ହେମାଲ, ଧୁକନା(ଧୁକଣା), ଉଷୁମ ତପତ, ଉଜାଡ଼, ଉତରି, ମାରମର୍ଦ୍ଦନ, ଲୁଇ, କମାନି(କମାଣି), ଖତମ, ପୁଲା ପ୍ରଭୃତି ।

ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରି ପଶ୍ଚିମାଞ୍ଚଳୀୟ ବହୁତ ଶବ୍ଦକୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ପରିଚିତ କରିଥିବାର କବି ହେଉଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର । କୀଚକ ବଧ କାବ୍ୟର 'ଛିନିବା' ଓ ତପସ୍ୱିନୀ କାବ୍ୟର 'ନିଛିବା' ଶବ୍ଦ ଅବଶ୍ୟ ବହୁତ ଚର୍ଚ୍ଚିତ ହୋଇଛି, କିନ୍ତୁ ଏହା ବ୍ୟତୀତ ବିଭିନ୍ନ କାବ୍ୟରେ ତଥା ବିଶେଷ ଭାବରେ 'କୃଷକ-ସଙ୍ଗୀତ'ରେ କୋଶଲୀ ଶବ୍ଦର ବହୁ ପରିମାଣରେ ବ୍ୟବହୃତ ହୋଇଥିବା ଦେଖାଯାଏ । ସେଥିମଧ୍ୟରୁ କେତେଗୋଟି ଶବ୍ଦ ହେଲା, ଡେବିରି, ଭୁଜନି, ଭୁଗଲି, ଛେରଛେରା, ପୁଷପୁନି, ଉଲି, କାସ, ମୁଗଫଲି(ମୁଗଫଳୀ), କୁସେର(କୁଶାରୀ), କପର, ଦାଏବା(ଦାଇବା), ପହ୍ଲା, ଖରଡି, ବିହିଡ଼ା, କୁମପଟିଆ, ଡୁଲି, ବାହାଲ, ଆଟ, ଡୁହୁରି, ଚାଁଟି(ଚାଣ୍ଟି), ଖାର, ଖରସି, କୁହୁଲା, ଭକୁଆ, ଫୁଲାବା ପ୍ରଭୃତି ।

କନ୍ଧକବି ଯୁଗଦାସଙ୍କ 'ଶ୍ରୀ ନୃସିଂହ ଚରିତ' ଭଳି ବୋଡ଼ାସମ୍ବରର ଜମିଦାର ଲାଲ ରାଜେନ୍ଦ୍ର ସିଂହ ବରିହା ଉକ୍ତ ଗ୍ରନ୍ଥକୁ ଅବଲମ୍ବନ କରି 'ଶ୍ରୀ ନୃସିଂହ ମାହାତ୍ମ୍ୟ' ରଚନା କରିଥିଲେ, ଅବଶ୍ୟ ଏହି ଗ୍ରନ୍ଥରେ ଥିବା ଅନେକ ଆଂଚଳିକ ଶବ୍ଦକୁ ସଂଶୋଧନ କରି ଭାଷାରେ ପରିବର୍ତ୍ତନ କରିଦେଇଥିଲେ ଲକ୍ଷ୍ମଣ ମିଶ୍ର । ଏହିପରି ପରିବର୍ତ୍ତନ ପରେ ମଧ୍ୟ ଏଥିରେ ବହୁ କୋଶଲୀ ଶବ୍ଦ ବ୍ୟବହୃତ ହୋଇ ଓଡ଼ିଆ ଭାଷାରେ ଆଉଏକ ରୂପ ପ୍ରଦାନ କରିଥିଲା ଶ୍ରୀ ନୃସିଂହ ମାହାତ୍ମ୍ୟ ଗ୍ରନ୍ଥ । ଏହି ଗ୍ରନ୍ଥରେ ବ୍ୟବହୃତ ହୋଇଥିବା କେତୋଟି କୋଶଲୀ ଶବ୍ଦ ହେଲା, ପାରି, ବେଲ ବୁଡ଼ି, ଅଚାବୁହା, ଉଲମିଲା, ଛିନୁଛିନୁ, ଉଢୁନା, ତାସ(ଚାଷ), ଉଲଗି, ଖେଦିବା, ଲଟକିବା, ଲେମାଉ(ଲେମ୍ବୁ), ଚିଥଲ, କୁଡ଼ବା, ଜାହିଁ ତାହିଁ, ଅଘରିଆ। ଏଥିର ଗୋଟିଏ ପଦକୁ ଏଠାରେ ଅଣାଯାଇପାରେ—

ISSN NO.
2582-208X

"ତୁମ୍ଭକୁ ଅଘୋରୀ ଜାତି ଯାହା ବୋଲୁଛନ୍ତି
କଳିଯୁଗେ ବୋଲାଇବେ ଅଘୋରିୟା ଜାତି ।"

ଖଡ଼ିଆଳ ଅଂଚଳର ଅନେକ କବି ଲେଖକ ମଧ୍ୟ ନିଜର ଆଂଚଳିକ ଭାଷାକୁ ଓଡ଼ିଆ ସାହିତ୍ୟରେ ସନ୍ନିବିଷ୍ଟ କରି ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି କରିବା ପାଇଁ ବଦ୍ଧ ପରିକର ଥିଲେ। ସେମାନଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି କଳାହାଣ୍ଡିରେ ଜନ୍ମଲାଭ କରି ଖଡ଼ିଆଳରେ ବସବାସ କରୁଥିବା କବି ବୀରବର ସିଂହ ନିନା । ତାଙ୍କର ରଚନାବଳୀ 'ଖଡ଼ିଆଳ କୁସୁମ ବୀରବର ରଚନାବଳୀ' ଭାବରେ ଖଡ଼ିଆଳ ସାହିତ୍ୟ ସମିତି ତରଫରୁ ପ୍ରକାଶିତ । ସେ ବହୁ ପରିମାଣରେ କୋଶଲୀ ଶବ୍ଦ ବ୍ୟବହାର କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ବୀରବର ରଚନାବଳୀରେ ସ୍ଥାନିତ ହୋଇଥିବା 'ସ୍ମୃତିକଥା' କୃତିରେ ବହୁଳ ପରିମାଣରେ କୋଶଲୀ ଶବ୍ଦ ଖଂଜିହୋଇଥିବାର ଦେଖାଯାଏ । ଅଳ୍ପ କେତୋଟି ପଦକୁ ଏଠାରେ ଉପସ୍ଥାପନା କରାଯାଇପାରେ—

"କହେ ବେଢ଼ା ଫିଟାଇ ପାଟି । ଲହଁକେ ଛୋଟା ଉଛ ଘାଁଟି ।"
"ଭୂମିରୁ ଆଦାୟ କିଲସ ।  କରି ପ୍ରଚୁର ପ୍ରତିବର୍ଷ ।"
"ଘେଙ୍ଗଲ ବିଛଲ ପଡ଼ିଲା ।  ବଖରାଯାକ ଗନ୍ଧି ଗଲା ।"
"ଗୁନିଆ ଡକେଇ ପଠେଲେ । ଗୁନିଆମାନେ ଆସିଗଲେ ।"
"ଦରି ପିଛାଟ  ଖଟ ପରେ । ବାନ୍ଧିଲେ ଜୋରେ ଭିନା ଡୋରେ ।"

କୋଶଲୀ ଭାଷାର ଯଥାର୍ଥ ସାରଥି ଥିଲେ ଖଡ଼ିଆଳ ରାଜପରିବାରର କବି ଲାଲ ଶିବନାରାୟଣ ଦେବ । ସେ ଜାତିଜାତି ଫୁଲ ନାମକ କବିତା ଗ୍ରନ୍ଥରେ ଅନେକ କବିତା ଅନ୍ତର୍ଭୁକ୍ତ କରିଥିଲେ, ଯାହା କି ଓଡ଼ିଆ ଭାଷାରେ ରଚିତ ହୋଇଥିଲେ ମଧ୍ୟ ସେଥିରେ ବହୁଳ ପରିମାଣରେ ଖଡ଼ିଆଳ ଅଂଚଳର କଥିତ ଶବ୍ଦ ସାହିତ୍ୟରେ ସ୍ଥାନ ପାଇ ଜୀବନ୍ତ ହୋଇ ଉଠିଥିଲା । ସେ କେବଳ ଓଡ଼ିଆ କବିତାରେ କୋଶଲୀ ଶବ୍ଦର ପ୍ରୟୋଗ କରି ନ ଥିଲେ, କୋଶଲୀ ଭାଷାରେ 'ଚଇତ୍ରା' ଓ 'ଭୋଟର ତାୟା' ନାମକ ଦୁଇଟି କୋଶଲୀ କବିତା ରଚନା କରିଥିଲେ । ଏହାବ୍ୟତୀତ ଏହି ଭାଷାରେ 'ରାବଣାଙ୍ଗଦ ବାଚା' ନାମକ ଗଦ୍ୟ ରଚନା ସୃଷ୍ଟିକରି କୋଶଲୀ ଗଦ୍ୟଧାରାର ସୁଦୃଢ଼ ସ୍ତମ୍ଭ ନିର୍ମାଣ କରିଗଲେ ।

ISSN NO.
2582-208X

ସେ କେବଳ ଓଡ଼ିଆ ଭାଷାକୁ କୋଶଲୀ ଶବ୍ଦ ସମ୍ଭାରରେ ସମୃଦ୍ଧ କରୁ ନ ଥିଲେ, ଖଡ଼ିଆଳ ଅଂଚଳର ଲେଖକମାନଙ୍କୁ ଆଂଚଳିକ ଶବ୍ଦାବଳୀକୁ ସାହିତ୍ୟରେ ସ୍ଥାନିତ କରିବା ପାଇଁ ପରାମର୍ଶ ଓ ପ୍ରେରଣା ଯୋଗାଉଥିଲେ । ରାଧାନାଥ ଗ୍ରନ୍ଥାବଳୀର ପ୍ରଥମ ପ୍ରକାଶକ ଶିବନାରାୟଣ ଦେବ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ନିମନ୍ତେ ଶହ ଶହ ଶବ୍ଦ ଯୋଗାଇ ଦେବା ସହିତ ଏହି ଗ୍ରନ୍ଥର ପ୍ରକାଶ ନିମିତ୍ତ ଆର୍ଥିକ ସାହାଯ୍ୟ କରିଥିଲେ ।

ଶିବନାରାୟଣ ଦେବ ଓଡ଼ିଆ ସାହିତ୍ୟରେ ଯେଉଁଭଳି ଭାବରେ କୋଶଲୀ ଶବ୍ଦ ବ୍ୟବହାର କରୁଥିଲେ ତାହା ତାଙ୍କର 'ଶ୍ରାବଣ ଘନ ଆବାହନ' କବିତାରୁ ଏଠାରେ ସ୍ପଷ୍ଟ ହୋଇପାରେ—

(ଆସ ହେ ଘନ ! ଚାଷୀ ଭରସା । ଆସିଲାଣି ଶରାବନ
ଶ୍ୟାମଳ ତୁମ ଶୀତଳ ସ୍ନେହେ ମାତିଯାଉ ଭୁବନ ।ଘୋଷା।
ରବି ଶଶୀ ତଳେ ଗଗନ ଛାଇ, ଡଙ୍ଗର ଶିଗ ଚୁମି
କେକୀ ନଚାଇ ଭେକେ ଡକାଇ ଛାୟାକର ବନଭୂମି ।
ଗମ୍ଭୀର ଡାକେ ଚାଷୀ ବଧୂକୁ ଦେଇ ଶୁଭ ଆଶ୍ୱାସନ ।୧।
ବହୁ ନଦୀ ନାଳ କଛାର ପିଟି ଟାଲ ମୁଡ଼ା ଯାଉ ଭରି
ବରଗନି ମାଛ ଉଜାଣି ଚଢୁ ଆନନ୍ଦେ ଫରଫରି ।
ବିବିଧ ବକେ ଥପା-ଢବା ଲୋକେ ହୁଅନ୍ତୁ ଧ୍ୟାନ ମଗନ ।୨।
ମୁଚୁକି ହସୁ କେଳିକଦମ ପୁଲକଭରା ଫୁଲ
ଉଛୁଳୁ ବାହାଲ ହୁଲହୁଲି ହାସେ ଦିଗ ହେଉ ପ୍ରଫୁଲ୍ଲ
କାନି କଛା ଭିଡ଼ା ସେଜି ଭୁତି ଦଳୁଁ ଲହଲୁ ଗୀତ ସ୍ୱନ ।୩।
ଗିରିଷମ ତାପ ଧାପ ପାସୋରା ବିଶ୍ୱ ପିପାସାହରା
ଜାତି ଜାତି ଶାଗ ଛତି ଭୁତି ଭାତେ ଗରିବ ପେଟ ପୂରା
ନାକ ଘଡ଼ାଇ ଅଧକ ନିଦେ ରାତି ହେଉ ଯାପନ ।୪।
ରୋପା ବିହିଡ଼ା ଚଟ୍‌ପଟ୍ ସରୁ ବର୍ଷ ଧାନ ନ ମରୁ
ରାଗ ଧରି ଭିଡ଼ା ମାରି ଧାନ ଉଠୁ ଆକୁଳ ଯାଉ ମନରୁ
ସଜଳ ବାଦଲ ! ଓଳଗି ଘେନ ଭଣେ ଶିବନାରାୟଣ।୫।
(ଖଡ଼ିଆଳ କୁସୁମ, ୨ୟ ଭାଗ, ପୃ-୧୩୦/୧୩୧)

ISSN NO.
2582-208X

କବି ଶିବନାରାୟଣଙ୍କ ପରାମର୍ଶରେ କୋମନାର କବି ଗଦାଧର ମିଶ୍ରଶର୍ମା ମଧ୍ୟ ତାଙ୍କର କାବ୍ୟାବଳୀର କେତେକ ସ୍ଥଳରେ କୋଶଲୀ ଶବ୍ଦର ପ୍ରୟୋଗ କରିଥିବାର ଦେଖାଯାଏ ।

ପଏର୍ଛା ସତୀ ଲେଖି କୋଶଲୀ ସାହିତ୍ୟରେ ଇତିହାସ ରଚନା କରିଥିବା ତଥା ଅବିଭକ୍ତ ସମ୍ବଲପୁର ଜିଲ୍ଲାର ସରସରା ଗ୍ରାମରେ ଜନ୍ମଲାଭ କରିଥିବା କବି ଖଗେଶ୍ୱର ଶେଠ୍ ଓଡ଼ିଆ କବିତା ମଧ୍ୟରେ ମଧ୍ୟ ଅନେକ ସ୍ଥଳରେ କୋଶଲୀ ଭାଷାର ଶବ୍ଦ ସଂଯୋଜନା କରି ଓଡ଼ିଆ ଭାଷାକୁ ସୁଦୃଢ଼ ଭାବେ ଉପସ୍ଥାପିତ କରିବାର ପ୍ରୟାସ କରିଯାଇଅଛନ୍ତି । ଉଦାହରଣ ସ୍ୱରୂପ କବିଙ୍କ ଚଉତିଶା ଚନ୍ଦ୍ରକଳା ଗ୍ରନ୍ଥର ଦଶମ ଛାନ୍ଦ(ଚଷା-ମୁଲ୍କି ହସା)ର ଗୋଟିଏ ପଦକୁ ଏଠାରେ ଉପସ୍ଥାପିତ କରାଯାଇପାରେ—

"ଘାଣ୍ଟିବେ ସେ ଗୁରୁ ହୋଇଥିଲେ ହେଁ ବାପର
ଘରାଗୁଡ଼ା ବାହାରିଲେ ଘର କି ରହେ ମୂଷିକର;
ଚଷା-ମୁଲ୍କି ହସା ରେ,
ଘରଧନ ସାରି ଆଉ ନ ହୁଅ ଗୋଡ଼ଘଷା ।"(ଖଗେଶ୍ୱର ଗ୍ରନ୍ଥାବଳୀ, ପୃ-୬୮)

ଏଥିରେ ପ୍ରଯୁକ୍ତ ହୋଇଥିବା କୋଶଲୀ ଶବ୍ଦ ହେଉଛି 'ଘରାଗୁଡ଼ା'; ଯାହା କି ମୂଷା ଶାବକମାନଙ୍କର ରହିବା ସ୍ଥାନକୁ ବୁଝାଇଥାଏ ।

ପଶ୍ଚିମ ଓଡ଼ିଶାର ନାଟ୍ୟକାରମାନେ ଓଡ଼ିଆ ନାଟକମାନଙ୍କରେ ମଧ୍ୟ ବିଭିନ୍ନ ଚରିତ୍ର ମୁହଁରେ କୋଶଲୀ ଭାଷାର ସଂଳାପ ଖଂଜି ଦିଆଯାଇଥିବାର ଦେଖାଯାଏ । ଏହାର ଗୋଟିଏ ଉଦାହରଣ ହେଉଛି ଲାଲ ରୁଦ୍ର ମାଧବ ଦେବଙ୍କର 'କୌତୁକ କୋଳାହଳ' ଗୀତିନାଟ୍ୟ ॥

ଓଡ଼ିଆ ଭାଷାର ଆଧୁନିକ ଯୁଗରେ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଥିବା ସାହିତ୍ୟିକ ମାନଙ୍କ ମଧ୍ୟରେ ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଅବଦାନକୁ କଦାପି ଭୁଲି ହେବ ନାହିଁ। ତାଙ୍କ ରଚିତ ଜୀବନୀ ମୂଳକ ଉପନ୍ୟାସ 'ଗାଁ'ର ଡାକ'ରେ କଳାହାଣ୍ଡିର ଶବ୍ଦ ସବୁ ଯେମିତି ଜୀବନ୍ତାୟିତ ଭାବରେ ଫୁଟି ଉଠିଛି ଏହା ଯେ କୌଣସି ପାଠକ ଉପଲବ୍ଧି କରିପାରିବ । କଳାହାଣ୍ଡିଆ ଶବ୍ଦର ମଧୁର ସମାବେଶ ତାଙ୍କ କୃତିକୁ ଅତୀବ ମଧୁର ଓ ରସାଳ କରିପାରିଛି ।

ISSN NO.
2582-208X

ଓଡ଼ିଆ ସାହିତ୍ୟରେ ଦଳିତ ଚେତନାର ସାହିତ୍ୟର ଅଭ୍ୟୁତ୍ଥାନ ମୂଳରେ କଳାହାଣ୍ଡି ତଥା ପଶ୍ଚିମ ଓଡ଼ିଶାର ଅବଦାନକୁ କସ୍ମିନ୍‌କାଳେ ଅଣଦେଖା କରାଯାଇ ନ ପାରେ । ଏହି ଚେତନାର ଲେଖକମାନେ ସିଧା ସଳଖ ବାସ୍ତବ ଜୀବନରୁ ଭାବ ଓ ଶବ୍ଦପୁଞ୍ଜ କାଢ଼ି ସାହିତ୍ୟ ସର୍ଜନା କରିବାରେ ଲାଗିଛନ୍ତି । ଅଖିଳ ନାୟକ, ବାସୁଦେବ ସୁନାନି, ଜୟଦ୍ରଥ ସୁନା, ଅଜିତ ଭୋଇ ଭଳି କବି ଓ ଲେଖକଙ୍କ ମୁନରେ ଏହି ଅଂଚଳର ଶବ୍ଦ ପ୍ରୟୋଗ ଫଳରେ ଓଡ଼ିଆ ସାହିତ୍ୟ ନୂତନ ରୂପରେଖରେ ଉଦ୍ଭାସିତ ।

ଏହାବ୍ୟତୀତ କ୍ଷେତ୍ରବାସୀ ନାଏକଙ୍କ 'ଦାଦନ' ତଥା ଅନ୍ୟାନ୍ୟ ଲେଖକମାନଙ୍କ କୃତି ସମୂହରେ ଏହିଅଂଚଳର ଭାଷା ସଫଳ ଭାବରେ ସାହିତ୍ୟାୟିତ ହୋଇ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ସହାୟକ ହୋଇଛି ।

କୋଶଲୀ ଭାଷାରେ ସ୍ୱତନ୍ତ୍ର ସାହିତ୍ୟ ସର୍ଜନା ହେବା ସହିତ ଏକପଟରେ ସ୍ୱତନ୍ତ୍ର ଅସ୍ମିତା ପାଇଁ ସଂଗ୍ରାମ ଚାଲୁଥିବାବେଳେ ଅନ୍ୟପଟରେ ଏହିଭଳି ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଲେଖଙ୍କଦ୍ୱାରା କୋଶଲୀ ଭାଷା ଓଡ଼ିଆ ସାହିତ୍ୟର ସମୃଦ୍ଧି ନିମନ୍ତେ ଅଗ୍ରସର ହୋଇ ନିଜର ମୁଖ ପ୍ରସ୍ଫୁଟନ କରିବା ସହିତ ଓଡ଼ିଆ ଅସ୍ମିତାରେ ଏକୀଭୂତ ହୋଇ ଯାଇଅଛି ।

-------------

ସହାୟକ ଗ୍ରନ୍ଥାବଳୀ:

୧-ସାରଳା ମହାଭାରତ( ସାରଳା ସାହିତ୍ୟ ସଂସଦ-୨୦୧୭)

୨-ଭୀମଭୋଇ ଗ୍ରନ୍ଥାବଳୀ(ଧର୍ମଗ୍ରନ୍ଥ ଷ୍ଟୋର)

୩-ଖଡ଼ିଆଳ କୁସୁମ- ପ୍ରଥମଭାଗ(୧୯୫୩), ଦ୍ୱିତୀୟ ଭାଗ(୧୯୫୫), ତୃତୀୟ ଭାଗ(୧୯୮୩)

୪-ଖଗେଶ୍ୱର ଗ୍ରନ୍ଥାବଳୀ(୨୦୧୭)

୫-ଗଙ୍ଗାଧର ଗ୍ରନ୍ଥାବଳୀ,ସଂ-ଡ. ମଣୀନ୍ଦ୍ର କୁମାର ମେହେର (୨୦୧୫)

୬-ଖଡ଼ିଆଳ ପ୍ରଭା(୧୯୯୨)

୭-ଖଡ଼ିଆଳ ସାହିତ୍ୟ ସମିତିର ଇତିହାସ(୨୦୦୨)

ISSN NO.
2582-208X

୮-ଚର୍ଯ୍ୟା ଗୀତିକା-ଡ. ଖଗେଶ୍ବର ମହାପାତ୍ର(୨୦୧୭)

୯-ଦେବଦର୍ଶନ ପୁରାଣ: ଏକ ଅଧ୍ୟୟନ- ଡ. ଗୋବର୍ଦ୍ଧନ ନାୟକ(୨୦୧୭)

୧୦-ପଣ୍ଡିତ ପ୍ରୟାଗଦତ୍ତ ଜୋଷୀ ରଚନା ସମଗ୍ର(୨୦୨୧)

୧୧- ଅସ୍ବୀକୃତ ପରଂପରା-ଡ. ସନ୍ତୋଷ ରଥ(୨୦୦୭)

୧୨-ଭାଷାବିଜ୍ଞାନର ରୂପରେଖ-ଡ.ବାସୁଦେବ ସାହୁ(୧୯୯୪)

୧୩-ପୃଥିବୀର ଭାଷା ଗୋଷ୍ଠୀ ଓ ଭାରତୀୟ ଆର୍ଯ୍ୟଭାଷା-ଡ. ବାସୁଦେବ ସାହୁ(୧୯୮୧)

୧୪-ଶ୍ରୀ ନୃସିଂହ ଚରିତ(୧୯୯୩)

୧୫-ସାରସ୍ବତ ଗୀତା-ରତ୍ନ ଦାସ(୧୯୩୩)

୧୬-ଭୁଲିଆ କବି ରତ୍ନଦାସ- ଭାଗିରଥି ନେପାକ(୨୦୦୦)

୧୭- ଗାଁ'ର ଡାକ-ଭୁବନେଶ୍ବର ବେହେରା(୧୯୯୩)

୧୮-ସମଲପୁରି/କୋସଲି ଭାସାର ବିକାସ ଧାରା-ଡ. ସୁବାସ ମେହେର(୨୦୨୪)

୧୯-ଆମର ସାହିତ୍ୟର ବିକାସ ଧାରା-ଡ.ସୁବାସ ମେହେର-୨୦୨୧

୨୦-ସମଲପୁରି ଓଡ଼ିଆ ଶବ୍ଦକୋଷ(୨୦୧୬)

୨୧-କୋଶଲି-ଓଡ଼ିଆ ଅଭିଧାନ(୨୦୧୬)

୨୨-କଳାହାଣ୍ଡିଆ ଶବ୍ଦକୋଷ(୨୦୨୦)

୨୩-ଉଆଁସି ଜନ-ଅଟଳ ବିହାରୀ ପଣ୍ଡା(୨୦୧୨)

୨୪-HISTORY OF ORISSA-K.C PANIGRAHI(1986)

(((-)))

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବେଲପଡ଼ା
ମୋ-୯୮୬୧୮୬୫୬୦୦

ISSN NO.
2582-208X

# ଜାତିଆଣ ପ୍ରେମ



ସ୍ମିତିପ୍ରଜ୍ଞା ଷଡଙ୍ଗୀ

କରିବିନି ବୋଲି ଭାବିଥିଲି ପ୍ରେମ
ହେଲେ ହେଇଗଲା ଅଜାଣତେ ।
କେମିତି ମୁକୁଳିବି ଏ ପ୍ରେମ ବନ୍ଧନୁ
ଯେତେ ହେଲେ ସେ ରହିଯିବ ମନର କୋଣେ ॥

ଜାତିଭେଦ କଥା ଜାଣିଜାଣି ମୁଁ
ପ୍ରେମ କରି ବସିଲି,
ସମାଜ ଗ୍ରହଣ କରୁନି ମୋ ପ୍ରେମକୁ ।
ସଅ କଥା ହେଲା,
ସମାଜକୁ ପଚାରି ମୁଁ ପ୍ରେମ କରି ନଥିଲି ॥

ଜାତିଆଣ ପ୍ରେମ ଆମ ମହଙ୍ଗା ପଡିଲା
ଦୁଇ ଜୀବନ ଆମ ନଷ୍ଟ ହୋଇଗଲା
ପରିବାରକୁ ମନାଇ ନପାରି
ପରିବାର କଥାରେ ମତେ ରାଜି ହେବାକୁ ପଡିଲା ॥

ମନର କୋହ ଆଖିର ଲୁହକୁ
ଆଉ ଲୁଚାଇ ପାରୁନାହିଁ,
କାହାକୁ କହିବି, କାହାକୁ ପଚାରିତ
ମୁଁ ପ୍ରେମ କରି ନାହିଁ ॥

ISSN NO.
2582-208X

ଆପଣେଇବି ଯଦି ପ୍ରେଅକୁ
ପରିବାର ଠାରୁ ଯିବି ଦୂରେଇ ।
କାହାକୁ ଛାଡିବି, କାହାକୁ ରଖିବି
କେମିତି ବଞ୍ଚିବି କଳଙ୍କିନୀ ହୋଇ ॥

ଶେଷରେ ନେଲି ନିଷ୍ପତ୍ତି
ପ୍ରେମକୁ ଛାଡି ପରିବାରକୁ ନେଲି ଆପଣେଇ
ପରିବାର କଥାରେ ରାଜି ହୋଇ
ସାଜିଲି ଆଉ କାହା ଘରର ସୁନା କଣ୍ଢେଇ ॥

(((–)))

ISSN NO.
2582-208X

# ଉତ୍ତର ଆଧୁନିକ ଅନୂଦିତ ନାଟ



ରଶ୍ମିତା ସାହୁ

ସାହିତ୍ୟ କଳାକାରିଗରୀର ଏକ ବୈଚିତ୍ର୍ୟପୂର୍ଣ୍ଣ ରଙ୍ଗଶାଳା । କବିତା, ଗଳ୍ପ, ଉପନ୍ୟାସ, ନାଟକ, ଅନୁବାଦ, ଭ୍ରମଣ ସାହିତ୍ୟ, ଜୀବନୀ, ଆତ୍ମଜୀବନୀ, ସମାଲୋଚନା ଏହାର କଳାଭୂମି। ଏହି କଳାଭୂମିରେ ବିଚରଣ କରୁଥିବା ଏକ ମହତ୍ୱପୂର୍ଣ୍ଣ ବିଭାଗ ଭାବରେ 'ନାଟକ' ବେଶ୍ ଲୋକପ୍ରିୟ । ଅବସର ବିନୋଦନ ଉଦ୍ଦେଶ୍ୟରେ ହେଉ ଅବା ଅନୁକରଣ ତତ୍ୱ ଆଧାରରେ ସୃଷ୍ଟି ହୋଇଥିବା ନାଟକ ଯେ ସୃଷ୍ଟିର ଏକ ସ୍ୱୟଂସଂପୂର୍ଣ୍ଣ ବିଭବ ଏଥିରେ ଦ୍ୱିମତ ନାହିଁ । ସମାଲୋଚକ ରାମଚରଣଙ୍କ ଭାଷାରେ 'Drama starts where logic ends' ଅର୍ଥାତ୍, ସମସ୍ତ ତର୍କ ବା ଯୁକ୍ତିର ଶେଷ ଯେଉଁଠି, ସେଇଠି ନାଟକର ସୃଷ୍ଟି । ଦର୍ଶକମାନଙ୍କ ରୁଚି, ଗ୍ରହଣ କରିବାର କ୍ଷମତା ଓ ମଞ୍ଚୋପଯୋଗୀ ଅଭିନୟ କଳାକୌଶଳକୁ ଅବଲମ୍ବନ କରି ଶିଳ୍ପୀଟିଏ ନାଟ୍ୟରଚନା ଦିଗରେ ପ୍ରବୃତ୍ତ ହୋଇଥାନ୍ତି । ତେଣୁ ଦେଶ, କାଳ, ପାତ୍ର ଓ ଯୁଗରୁଚି ଅନୁଯାୟୀ ନାଟକକୁ ପରିବର୍ତ୍ତନଶୀଳ କଳା ଭାବରେ ଗ୍ରହଣ କରାଯାଏ । ନାଟ୍ୟକାର ସମସାମୟିକ ପରିବେଶ, ସମୟ, ଯୁଗଚେତନା, ଯୁଗଯନ୍ତ୍ରଣା ତଥା ଯୁଗର ଭାବନାକୁ ନେଇ ନାଟକ ରଚନା ଦିଗରେ ଅନୁବ୍ରତୀ ହୋଇଥା'ନ୍ତି । ବିବର୍ତ୍ତିତ ସମୟଖଣ୍ଡର ଯୁଗଚେତନା ଓ ଯୁଗଯନ୍ତ୍ରଣାର ସ୍ୱର ପରିବର୍ତ୍ତିତ ଓ ପରିମାର୍ଜିତ ହୋଇ ନାଟକରେ ରୂପାୟିତ ହୁଏ । ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ଭୌଗୋଳିକ, ସାହିତ୍ୟିକ ବାତାବରଣକୁ ମାର୍ଜିତ, ସୁସଂହତ, ସୁସଂଗଠିତ କରିବା କ୍ଷେତ୍ରରେ ବହୁ ପରିବର୍ତ୍ତନର ସୂତ୍ରପାତ ହୋଇଥାଏ ।

ଓଡ଼ିଆ ସାହିତ୍ୟର ପ୍ରଥମ ଆଧୁନିକ ନାଟକ 'ବାବାଜୀ' (୧୮୭୭)ଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଦ୍ୱିଦଶନ୍ଧି ଅତିକ୍ରମ କରିବା ବେଳେ ନାଟକର ଆଙ୍ଗିକ ଓ ଆତ୍ମିକ

ISSN NO.
2582-208X

ଗଠନ କଳାରେ ପରିବର୍ତ୍ତନର ସ୍ୱର ଓ ସ୍ୱାକ୍ଷରକୁ ଉପଲବ୍ଧି କରୁ । ଓଡ଼ିଆ ନାଟ୍ୟସାହିତ୍ୟର ବିକାଶଧାରାକୁ ମୁଖ୍ୟତଃ ଚାରିଟି ପର୍ଯ୍ୟାୟର ବିଭାଗରେ ବିଭକ୍ତ କରାଯାଏ। ଓଡ଼ିଆ ନାଟ୍ୟ ରଚନାର ପ୍ରାରମ୍ଭିକ ପର୍ଯ୍ୟାୟ ୧୮୭୭-୧୯୨୦ ପର୍ଯ୍ୟନ୍ତ ବ୍ୟାପ୍ତ । ପ୍ରାୟତଃ ଗୋଟିଏ ଧାରାର ନାଟକ ଏହି କାଳରେ ଦେଖିବାକୁ ମିଳେ । ଏହି ପର୍ଯ୍ୟାୟରେ ନାଟ୍ୟକାରମାନେ ସଂସ୍କୃତ, ଇଂରାଜୀ, ବଙ୍ଗଳା ଓ ପାରମ୍ପରିକ ନାଟ୍ୟଶୈଳୀକୁ ଆପଣେଇ ନେଇଥିଲେ । ୧୯୨୦-୧୯୫୦ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସୀମିତ । ମଞ୍ଚରେ ପ୍ରଥମଥର ପାଇଁ ନାରୀମାନଙ୍କ ଅବତରଣ ଓ କଭରସିନ୍ର ବ୍ୟବହାର କାଳିଚରଣ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇ ଏକ ନୂତନ ଦିଗ ଉନ୍ମୋଚିତ ହେଲା । ୧୯୫୦ ମସିହାରୁ ୧୯୮୦ ପର୍ଯ୍ୟନ୍ତ ନାଟକ ଅନ୍ୟ ଏକ ପଥାରୂଢ଼ ହେଲା । ନବନାଟ୍ୟ ଆନ୍ଦୋଳନର ସୂତ୍ରପାତ ଓ ଅନେକ ନୂତନ ପରୀକ୍ଷାନିରୀକ୍ଷା ଫଳରେ ଦର୍ଶକମାନେ ମଞ୍ଚଠାରୁ ମୁହଁ ଫେରାଇଲେ ।

ଓଡ଼ିଆ ସାହିତ୍ୟର ମୋଡ଼ ପରିବର୍ତ୍ତନରେ ୧୯୮୦ ପରବର୍ତ୍ତୀ ସମୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ସମୟରେ ସାହିତ୍ୟ ଉତ୍ତର ଆଧୁନିକତାର ସ୍ୱାଦ ଚାଖିଲା । ସାହିତ୍ୟର ସମସ୍ତ ବିଭାଗରେ ଆମ୍ଭେ ପରିବର୍ତ୍ତନକୁ ଉପଲବ୍ଧି କରିଥାଉ । ଓଡ଼ିଆ ନାଟକ ଏହି ପରିପ୍ରେକ୍ଷୀରେ ଏକ ପୁରାତନ ପରମ୍ପରାକୁ ଛିନ୍ନ କରି ନୂତନ ଦିଗ୍ୱଳୟର ସନ୍ଧାନ କରିଛି । ଦର୍ଶକମାନେ ରଙ୍ଗମଞ୍ଚଠାରୁ ଦୂରେଇ ଆସିବା ଫଳରେ ବ୍ୟବସାୟିକ ରଙ୍ଗମଞ୍ଚଗୁଡ଼ିକର ବିଲୟ ଘଟିଲା । ଏହିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଦର୍ଶକମାନଙ୍କ ରୁଚି ଅନୁଯାୟୀ ନାଟ୍ୟ ରଚନା ଦିଗରେ ପ୍ରବୃତ୍ତ ହେଲେ ନାଟ୍ୟକାରବୃନ୍ଦ । ନାଟକ ମଞ୍ଚାୟନ ପାଇଁ ପ୍ରୋସେନିୟମ୍ ମଞ୍ଚ ବଦଳରେ ମୁକ୍ତମଞ୍ଚ total theater ବା street theatre କୁ ଆପଣାଇଲା । ନାଟକକୁ ଜନାଦୃତ କରିବା ପାଇଁ ପାରମ୍ପରିକ ମାଧ୍ୟମ (folk media) ବା ଲୋକ ଉପାଦାନର ପ୍ରୟୋଗ କରାଗଲା । ବିଶେଷକରି ଏଥିରେ ପାଲା, ଦାସକାଠିଆ, ରାସ, ତାମସା, ଗୀତିନାଟ୍ୟ ଆଦି ଲୋକକଳା ବ୍ୟବହୃତ ହେଲା । ଏହି ସମୟରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଗଲା କୋଶଳୀନାଟକ କ୍ଷେତ୍ରରେ । ଏଥିରେ ଥିମ୍ ଓ ଫର୍ମ ଦୃଷ୍ଟିରୁ ନୂଆ ପାଣିପାଗ ସୃଷ୍ଟି ହେଲା । ଦର୍ଶକମାନଙ୍କୁଆକୃଷ୍ଟ କରିବା ନିମନ୍ତେ ପ୍ରଦର୍ଶନ କରାଗଲା ମନଛୁଆଁ ସଂଗୀତ, ଉତ୍କୃଷ୍ଟମାନର ନୃତ୍ୟ, ବାସ୍ତବଧର୍ମୀ ଅଭିନୟ ପ୍ରଭୃତି । ଏହି କାଳରେ ସାରା ବିଶ୍ୱସ୍ତରରେ ହେଉ ବା ଭାରତବର୍ଷରେ ହେଉ ଯେଉଁ ନାଟକ ରଚିତ ହୋଇଛି ସେସବୁ ନିଜର ଲୋକକଳା ପାଇଁ ହିଁ ପ୍ରସିଦ୍ଧି ଅର୍ଜନ କରିପାରିଛି ।

ISSN NO.
2582-208X

ଅନୁବାଦ ସମଗ୍ର ବିଶ୍ୱଜଗତକୁ ଦର୍ଶନାନ୍ମୁଖୀ କରାଏ ଏବଂ ବିଶ୍ୱମାନବର ଚିନ୍ତାଚେତନାକୁ ସୁଦୂରପ୍ରସାରୀ କରାଏ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା କବିତା, ନାଟକ ଓ କଥାସାହିତ୍ୟରେ ହିଁ ଅନୁବାଦ କର୍ମ କରାଯାଏ । ନାଟକ ଅନୁବାଦ କ୍ଷେତ୍ରରେ ବୈଷୟିକ ସମସ୍ୟା (technical problem) ମୁଖ୍ୟ ବାଧକ ଭାବେ ଦଣ୍ଡାୟମାନ ହୋଇଥିବାରୁ କଥାସାହିତ୍ୟ ଅପେକ୍ଷା ଏହାର ସଂଖ୍ୟା ସ୍ୱଳ୍ପ । ବିଶ୍ୱନାଟକର ଧାରା ସହିତ ଓଡ଼ିଆ ନାଟକକୁ ସାମିଲ କରିବାର ପ୍ରୟାସରେ ଏହି ବାଧାବିଘ୍ନକୁ ଏଡ଼ାଇ ଅନେକ ନାଟ୍ୟକାର ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ପ୍ରଚେଷ୍ଟା କରିଆସୁଛନ୍ତି ।

ଆଦ୍ୟ ପର୍ଯ୍ୟାୟର ନାଟ୍ୟକାରମାନେ ମୁଖ୍ୟତଃ ପାରମ୍ପରିକ ଲୋକନାଟକ, ସଂସ୍କୃତ, ଇଂରାଜୀ, ବଙ୍ଗଳା ନାଟକ ଓ ତା'ର ଶୈଳୀକୁ ଅନୁସରଣ କରୁଥିଲେ । ଏତଦ୍ବ୍ୟତୀତ ଏହି ସମୟରେ ନାଟକରେ ଗ୍ରୀକ୍ ନାଟକର ମଧ୍ୟ ପ୍ରଭାବ ଦେଖିବାକୁ ମିଳୁଥିଲା । ନାଟକର ସଂଳାପରେ ସ୍ୱଗତୋକ୍ତି ଓ ଜନାନ୍ତିକ ନାଟକ ଓ ଭରତବାକ୍ୟ ପ୍ରୟୋଗ ସଂସ୍କୃତ ନାଟକରୁ ଗ୍ରହଣ କରାଗଲା ଏବଂ ସଂସ୍କୃତ ନାଟକର ଆଦର୍ଶରେ ସୂତ୍ରଧର, ନଟନଟୀ, ସାଧୁସ୍ତୁତି, ଖଳନିନ୍ଦା କରିବା ସହିତ ନାଟକ ଓ ନାଟ୍ୟକାରଙ୍କ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା । ସଂସ୍କୃତ ନାଟକର ଶୈଳୀକୁ ଅନୁସରଣ କରି ଅନେକ ସଂସ୍କୃତ ନାଟକ ଓଡ଼ିଆରେ ଅନୂଦିତ କରାଗଲା । ଏହି ପରିପ୍ରେକ୍ଷୀରେ ହେମନ୍ତ କୁମାର ଦାସଙ୍କ ଉକ୍ତି ଉଲ୍ଲେଖଯୋଗ୍ୟ– "ବଙ୍ଗଳା ନାଟକର ପ୍ରଭାବ ଓଡ଼ିଆ ନାଟକରେ ସେତେ ଦେଖାଯାଏ ନାହିଁ । କାରଣ ଆଲୋଚ୍ୟ କାଳ ମଧ୍ୟରେ ଯେଉଁ କେତେକ ନାଟକ ଓଡ଼ିଆ ଭାଷାରେ ରଚିତ ହୋଇଛି, ସେଗୁଡ଼ିକ ହୁଏତ ସଂସ୍କୃତ ନାଟ୍ୟାଦର୍ଶ କିମ୍ବା ସେକ୍ସପିୟର ନାଟ୍ୟାଦର୍ଶପୁଷ୍ଟ ।"(୧)

ଅନୁବାଦ ପରମ୍ପରାରେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ନାମ ଉଲ୍ଲେଖଯୋଗ୍ୟ । ପାରଳାଖେମୁଣ୍ଡି ରାଜା ପଦ୍ମନାଭ ନାରାୟଣ ଦେବଙ୍କ ଉତ୍ସାହରେ ପଣ୍ଡିତ ନନ୍ଦ ସଂସ୍କୃତର ଅନେକ ନାଟକ ଓଡ଼ିଆରେ ଅନୂଦିତ କରି ପଦ୍ମନାଭ ରଙ୍ଗମଞ୍ଚରେ ଅଭିନୀତ କରାଇଥିଲେ । ଶକୁନ୍ତଳା, ସୀତା ବନବାସ (୧୯୦୧), ବିକ୍ରମୋର୍ବଶୀ (୧୯୦୮), ଦ୍ରୌପଦୀ ବସ୍ତ୍ରହରଣ (୧୯୦୮), ରାମାଶ୍ୱମେଧ (୧୯୧୩), ଉନ୍ମତ୍ତ ରାଘବ (୧୯୧୪. ଜାନକୀ ପରିଣୟ (୧୦୧୫) ପ୍ରଭୃତି ନାଟକ ମାଧ୍ୟମରେ ଓଡ଼ିଆ ନାଟ୍ୟ ଅନୁବାଦ ପରମ୍ପରାର ପଥପ୍ରଦର୍ଶକ ସାଜିଥିଲେ । ଶ୍ରୀ ନନ୍ଦ ଯେଉଁ ଅନୁବାଦ କରିଛନ୍ତି, ସେଥିରେ କୌଣସି ମୌଳିକତା କିମ୍ବା

ISSN NO.
2582-208X

ନାଟକୀୟ ଚମତ୍କାରିତା ପରିଲକ୍ଷିତ ହେଉ ନ ଥିଲେ ହେଁ ଓଡ଼ିଆ ନାଟ୍ୟ ଅନୁବାଦ ପରମ୍ପରାର ଉଦ୍ ଘୋଷକ ଭାବରେ ତାଙ୍କର ସ୍ୱାତନ୍ତ୍ର୍ୟକୁ ଏଡ଼ାଇ ପାରିବା ନାହିଁ । ଗୋପୀନାଥ ନନ୍ଦଙ୍କ ସମସାମୟିକ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଅବଦାନ ଅନୁବାଦ କ୍ଷେତ୍ରରେ ଅତୁଳନୀୟ । ବିକ୍ରମୋର୍ବଶୀ (୧୯୩୯), ମୁଦ୍ରାରାକ୍ଷସ (୧୯୧୦), ନାଗାନନ୍ଦ (୧୯୨୦), ମାଳତୀ ମାଧବ (୧୯୧୭), ବେଣୀସଂହାର (୧୯୨୦) ତାଙ୍କ ଦ୍ୱାରା ଅନୂଦିତ ନାଟକ । ପଣ୍ଡିତ ରଥଙ୍କର ନାଟକର ଭାଷା ଏବଂ ସଂଗୀତ ସଂଯୋଜନାରେ ମୌଳିକତା ପରିଦୃଷ୍ଟ ହେବା ସହ ସରଳ ସ୍ୱଚ୍ଛନ୍ଦ ସଂଳାପ ସାଙ୍ଗକୁ ଓଡ଼ିଆ ରାଗରାଗିଣୀଯୁକ୍ତ ସଂଗୀତର ପ୍ରୟୋଗ ଦେଖିବାକୁ ମିଳିଥାଏ ।

ସୋନ୍ପୁର ରାଜା ବୀରମିତ୍ରୋଦୟ ସିଂହଙ୍କ 'ରତ୍ନାବଳୀ' (୧୮୯୪), ଅଭିଜ୍ଞାନ ଶାକୁନ୍ତଳ (୧୯୦୦), ବିକ୍ରମୋର୍ବଶୀ (୧୯୧୨) ସଂସ୍କୃତରୁ ଅନୂଦିତ ହୋଇ ପ୍ରକାଶିତ ହୋଇଛି । 'ରତ୍ନାବଳୀ' ନାଟକର ସଂଳାପ ଓ ସଂଗୀତଗୁଡ଼ିକ ସଂସ୍କୃତ ଅନୁସରଣରେ ରଚିତ ହୋଇଛି। ଏହାର ଶୈଳିକମାନରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ସ୍ୱତନ୍ତ୍ରତା ଦେଖିବାକୁ ମିଳେ ନାହିଁ । ଅନ୍ୟ ଦୁଇଟି ନାଟକରେ ଅନୁବାଦର ସଂଳାପ ଗଦ୍ୟାତ୍ମକ ଏବଂ ସୀମିତ ସଂଗୀତ ପ୍ରୟୋଗରେ ସଂସ୍କୃତ ନାଟକର ପ୍ରଭାବ ରହିଛି ।

ଅନୁବାଦକ ହରିହର ରଥ 'ବେଣୀସଂହାର', 'ରାମଜନ୍ମ' (୧୯୦୦), 'ରାବଣ ବଧ', 'ଶକୁନ୍ତଳା' (୧୮୯୮), 'ସାବିତ୍ରୀ ପରିଣୟ', 'ରାମାଭିଷେକ' (୧୯୧୨), 'ରାମାୟଣ', 'ପର୍ଶୁରାମ ବିଜୟ', 'ରାମନିର୍ବାସ' (୧୯୦୯), 'ସେତୁବନ୍ଧ' ଓ 'ମହାପ୍ରସ୍ଥାନ' ପ୍ରଭୃତି ନାଟକ ସଂସ୍କୃତରୁ ଓଡ଼ିଆକୁ ଅନୁବାଦ କରିଥିଲେ । 'ବେଣୀସଂହାର' ନାଟକରେ ସଂଗୀତର ବ୍ୟବହାର ହୋଇନାହିଁ । ଶ୍ରୀରୂପ ଗୋସ୍ୱାମୀକୃତ 'ବିଦଗ୍ଧମାଧବ ନାଟକ'କୁ ଚିକିଟି ରାଜା କିଶୋର ରାଜେନ୍ଦ୍ର ୧୯୧୦ ମସିହାରେ ଅନୁବାଦ କରି ପ୍ରକାଶ କରିଛନ୍ତି । କବି ମଧୁସୂଦନ ଦାସଙ୍କ ଦ୍ୱାରା'ଉତ୍ତର ରାମଚରିତ' ଅନୂଦିତ ନାଟକଟିର ସଂଳାପଗୁଡ଼ିକ ସଂସ୍କୃତ ପ୍ରଭାବରୁ ମୁକ୍ତ ହୋଇଛି । ଏଥିରେ ନବାକ୍ଷରୀ ବୃତ୍ତର ପ୍ରୟୋଗ ଦେଖିବାକୁ ମିଳେ । ଖଡ଼ିଆଡ଼ର ରାଜପୁତ୍ର ବୀର ବିକ୍ରମଦେବଙ୍କ 'ଉତ୍କଳ ଦୁର୍ଦ୍ଦଶା' ଓ 'ହରିଶ୍ଚନ୍ଦ୍ର' ଦୁଇଟି ଅନୁବାଦ ନାଟକ । ଏହି ଅବଧିରେ ଯେଉଁମାନେ ନାଟ୍ୟ ଅନୁବାଦ ଦିଗରେ ଅଗ୍ରସର ହୋଇଛନ୍ତି ସେମାନେ ପ୍ରାୟତଃ ଗୋଟିଏ ନାଟକକୁ ବାରମ୍ବାର ଅନୁବାଦ କରିଛନ୍ତି । କେବଳ ମଧୁସୂଦନ ଓ

ISSN NO.
2582-208X

ମୃତ୍ୟୁଞ୍ଜୟ ରଥଙ୍କ ଅନୁବାଦ ଛାଡ଼ିଦେଲେ ଅନ୍ୟ ଅନୁବାଦଗୁଡ଼ିକର କେବଳ ସଂସ୍କୃତ ଭାଷାରୁ ଅନୁସରଣ କରାଯାଇଛି । ଏହିଠାରେ ହେମନ୍ତ କୁମାର ଦାସଙ୍କ ମନ୍ତବ୍ୟ ଉଲ୍ଲେଖନୀୟ- "ମୂଳଗ୍ରନ୍ଥର ସ୍ୱାଭାବିକ ସ୍ୱଚ୍ଛନ୍ଦତା ରକ୍ଷାକରି ଅନୁବାଦ କରିବା ଖୁବ୍ ସହଜ କାମ ନୁହେଁ । ଯେଉଁ କେତେଜଣ ପଣ୍ଡିତ ଆଲୋଚ୍ୟ ସମୟ ମଧ୍ୟରେ ଅନୁବାଦରେ ହାତ ଦେଇଛନ୍ତି ସେମାନେ ପ୍ରାୟ ଏବେ ନାଟକକୁ ବାରମ୍ବାର ଅନୁବାଦ କରିଛନ୍ତି । କହିବା ବାହୁଲ୍ୟ ଯେ, କେବଳ ମଧୁସୂଦନ ଏବଂ ମୃତ୍ୟୁଞ୍ଜୟ ରଥଙ୍କ ଅନୁବାଦକୁ ଛାଡ଼ିଦେଲେ, ଅନ୍ୟ ଅନୁବାଦଗୁଡ଼ିକର ସଂସ୍କୃତ ଭାଷାର ବିଶ୍ୱସ୍ତ ଅନୁସରଣ କରିବା ନିମନ୍ତେ ଚେଷ୍ଟା କରାଯାଇଛି ।"(୨)

ଆଲୋଚ୍ୟ କାଳରେ ଇଂରାଜୀ ନାଟକଗୁଡ଼ିକୁ ମଧ୍ୟ କେତେଜଣ ନାଟ୍ୟକାର ଅନୁବାଦ କରିଛନ୍ତି । ଇଂରାଜୀ ଅନୂଦିତ ନାଟକ ମଧ୍ୟରେ ମୂଳତଃ ସେକ୍ସପିୟରଙ୍କ କେତୋଟି ନାଟକ ହିଁ ଉଲ୍ଲେଖନୀୟ । ରାମଶଙ୍କର ରାୟଙ୍କ 'ବନମାଳା' (୧୮୮୨) ନାଟକରେ ସେକ୍ସପିୟରଙ୍କ 'The tempest' ନାଟକ ଅନୁକରଣରେ ରଚିତ । ସିଧାସଳଖ ପାଶ୍ଚାତ୍ୟ ନାଟକର ବିଷୟବସ୍ତୁକୁ ଓଡ଼ିଆ ନାଟକରେ ଉପସ୍ଥାପନ କରିବାରେ ରାମଶଙ୍କର ପ୍ରଥମ । ଏହାର ଉପସ୍ଥାପନା ଓଡ଼ିଆ ନାଟକ କ୍ଷେତ୍ରରେ ସଂପୂର୍ଣ୍ଣ ନୂତନ ଥିଲା । ସେକ୍ସପିୟରଙ୍କ ଅନ୍ୟାନ୍ୟ କେତେକ ନାଟକ ଶ୍ରୀ ଜଗତ୍ ବଲ୍ଲଭ ଘୋଷଙ୍କ ନେତୃତ୍ୱରେ 'ମୁକୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେଗୁଡ଼ିକ 'ପ୍ରେମିକ ପ୍ରେମିକା' (Romeo and Juliet), 'ଭ୍ରାନ୍ତି ବିଳାସ' (Comedy of Erros), 'ସାଗରବାଳା' (pericles of Tyre ), 'ବିମାତା- ନିଶୀଥ ସପ୍ନ' (Mid-summer Nights Dream), 'ଅଦୃଷ୍ଟ' (All Well that Ends Well), 'ଦୁଇ ଭଗ୍ନି' (Asyoulike) ପ୍ରଭୃତି ନାଟକ ।

ଆଦ୍ୟ ପର୍ଯ୍ୟାୟରେ ଯେଉଁସବୁ ସଂସ୍କୃତ ନାଟକର ଅନୁବାଦ ହୋଇଛି ସେଗୁଡ଼ିକ ନିର୍ଦ୍ଦିଷ୍ଟ ଭାବରେ ଶୈଳ୍ପିକ ମୂଲ୍ୟ କିଛି ନାହିଁ । ଗୋଟିଏ ନାଟକ ଏକାଧିକଥର ଅନୂଦିତ ହୋଇଛି ମାତ୍ର ସେଥିରେ କୌଣସି ନୂତନତା ପରିଲକ୍ଷିତ ହୁଏ ନାହିଁ । ଏହି ସମୟର ଅନୂଦିତ ନାଟକଗୁଡ଼ିକ ସଂପର୍କରେ ହେମନ୍ତ କୁମାର ଦାସ କହିଛନ୍ତି- "ଅନ୍ୟାନ୍ୟ ସମସ୍ତ ଅନୁବାଦ 'ପାଠ୍ୟନାଟକ' ରୂପେ ଯାହା ଆଦୃତ ହୋଇପାରେ । ଅବଶ୍ୟ 'ଲୀଳା ଯାତ୍ରାପ୍ରେମୀ' ଦର୍ଶକମଣ୍ଡଳୀକୁ ମଞ୍ଚାଭିମୁଖୀ କରାଇବାରେ ଏଗୁଡ଼ିକର ଯେ କିଛି ଅବଦାନ ନାହିଁ ।

ISSN NO.
2582-208X

ଏଗୁଡ଼ିକ କିନ୍ତୁ ଦରବାରୀ ଦର୍ଶକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ସାଧାରଣ ଦର୍ଶକ ସେଠାରେ ବଣୁଆ ଏବଂ କୃଷିଜୀବୀ ତୁଲ୍ୟ ଉପେକ୍ଷିତ ।"

ଓଡ଼ିଆ ନାଟକର ଦ୍ୱିତୀୟ ପର୍ଯ୍ୟାୟ ୧୯୨୦ରୁ ୧୯୫୦ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ପର୍ଯ୍ୟାୟରେ ଅଶ୍ୱିନୀ କୁମାର ଓ କାଳୀଚରଣ ଥିଲେ ମୁଖ୍ୟ ପୁରୋଧା । ନାଟ୍ୟକାରମାନେ ସ୍ୱାଧୀନତା ଆନ୍ଦୋଦାଳନ, ଅସହଯୋଗ ଆନ୍ଦୋଳନ, ଅଗଷ୍ଟ ବିପ୍ଳବ, ଯୁବବିରୋଧୀ ମନୋଭାବ, ଶାନ୍ତି ପାଇଁ ପ୍ରୟାସ, ବିଶ୍ୱଯୁଦ୍ଧର ପ୍ରଭାବ, ସାମାଜିକତାର ନୂତନ ଗପ, ଅର୍ଥନୈତିକ ସମସ୍ୟା, ସାମାଜିକତାର ନୂତନ ଗପ, ଅସ୍ପୃଶ୍ୟତା ବିରୋଧରେ ବିଦ୍ରୋହ, ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ଆଦିକୁ ନାଟକର ବାର୍ତ୍ତା ଭାବରେ ଗ୍ରହଣ କରାଗଲା । ସାମାଜିକ କଥାବସ୍ତୁର ମାର୍କ୍ସଙ୍କ ପ୍ରଭାବ ମଧ୍ୟ ଦେଖିବାକୁ ମିଳିଲା । ଏହି ସମୟରେ ଓଡ଼ିଆ ନାଟ୍ୟ ସାହିତ୍ୟରେ ବିଶେଷ କିଛି ଅନୁବାଦ ପରିଲକ୍ଷିତ ହୋଇ ନ ଥାଏ । ରାମଶଙ୍କରଙ୍କ ବନମାଳାର ମଞ୍ଚ ଅସଫଳତାକୁ ଏହାର କାରଣ ଭାବରେ ଗ୍ରହଣ କରାଯାଇପାରେ । ଯେଉଁ କିଛିଟା ନାଟକ ଅନୂଦିତ ହୋଇଛି ସେଗୁଡ଼ିକ ମଧ୍ୟରେ ସେକ୍ସପିୟରଙ୍କ 'ଅଥେଲୋ' ନାଟକକୁ ଓଡ଼ିଆରେ ମାୟାଧର ମାନସିଂହ ଅନୁବାଦ କରିଥିଲେ । କାଳିନ୍ଦୀଚରଣ ପାଣିଗ୍ରାହୀ ରୁଷୀୟ ନାଟ୍ୟକାର ଆଲେକଜାଣ୍ଡର ଏଫିନୋଜେନଭ ରେଳଷ୍ଟେସନ୍ କୁ ଘଟଣା ସ୍ଥାନ ରୂପରେ କଳ୍ପନା କରି ଯେଉଁ ନାଟକ ରଚନା କରିଥିଲେ ତାହାକୁ 'ସୁଦୂର ସଂକେତ' (୧୯୬୫) ନାମରେ ଅନୂଦିତ । ବାଳକୃଷ୍ଣ କରଙ୍କ 'ଶିବଦାସ'କୁ ସେକ୍ସପିୟରଙ୍କ ନାଟକ King Lear ର ଅନୁବାଦ ଭାବରେ ଗ୍ରହଣ କରାଯାଏ ।

ଓଡ଼ିଆ ନାଟକର ଆଧୁନିକ ପର୍ବ ୧୯୫୦ରୁ ୧୯୮୦ ପର୍ଯ୍ୟନ୍ତ ବ୍ୟାପ୍ତ । ୧୯୫୦ ପରବର୍ତ୍ତୀ ସମୟକୁ ଆଲୋଚକ ରମାକାନ୍ତ ସାମନ୍ତରାୟ ମୁଖ୍ୟତଃ ଦୁଇଟି ନାଟ୍ୟଶୈଳୀକୁ ଗ୍ରହଣ କରିଛନ୍ତି । (୧) ପାରମ୍ପରିକ ଶୈଳୀ, (୨) ବୌଦ୍ଧିକ ଶୈଳୀ । ପାରମ୍ପରିକ ଶୈଳୀ, ଅର୍ଥାତ୍ କାଳୀଚରଣ ପଟ୍ଟନାୟକ ଓ ଅଶ୍ୱିନୀ କୁମାର ଘୋଷଙ୍କ ନାଟ୍ୟଶୈଳୀର ଅନୁସରଣ କରି ତାଙ୍କ ଶୈଳୀରେ ନାଟକ ରଚନା କରୁଥିଲେ । ବିଶ୍ୱ ନାଟ୍ୟସାହିତ୍ୟ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପର୍କ ସ୍ଥାପନ କରି ନୂତନ ଭାବ ଓ ଶୈଳୀର ପରୀକ୍ଷାନିରୀକ୍ଷା ଥିଲା ବୌଦ୍ଧିକ ଶୈଳୀର ନାଟ୍ୟକାରମାନଙ୍କ ଲକ୍ଷ୍ୟ । ପାରମ୍ପରିକ ଶୈଳୀରେ ନାଟ୍ୟକାରମାନେ ନାଟକ ରଚନା ଦିଗରେ ଅନୁବାଦକୁ ଗ୍ରହଣ କରୁ ନ ଥିଲେ । ବିଶେଷ ଭାବରେ ସାମାଜିକ ନାଟକ

ISSN NO.
2582-208X

ରଚନା ଦିଗରେ ଅନୁବ୍ରତୀ ହୋଇଥିଲେ । ବୌଦ୍ଧିକ ଶୈଳୀ ମନୋରଞ୍ଜନଙ୍କ ଆଗାମୀଠାରୁ ଆରମ୍ଭ ହୋଇଥିଲା । ପାରମ୍ପରିକ ଶୈଳୀକୁ ଅନୁସରଣ କରୁଥିବା ନାଟ୍ୟକାର ନରସିଂହ ମହାପାତ୍ର ମନିପ୍ଲାଣ୍ଟ, ଘରଠାକୁର, ଅକ୍ଷିତୃତୀୟ, ଇନ୍କିଲାବ୍ ଚିରକୁମାର ସଭା ଆଦି କେତୋଟି ଅନୁବାଦ ନାଟକ ରଚନା କରିଥିଲେ । HG Well 'Invisable man'କୁ ଭୁବନେଶ୍ୱର ମହାପାତ୍ର 'ଜମାନବନ୍ଦୀ' (୧୯୬୧) ନାମରେ ଅନୂଦିତ କରିଥିଲେ । ନାଟ୍ୟକାର ବ୍ୟୋମକେଶ ତ୍ରିପାଠୀଙ୍କ 'ଗୋପନକଥା' 'Prisnor of Renda'ର ନାଟ୍ୟରୂପ ତାଙ୍କର 'ସିଂହଦ୍ୱାର' (୧୯୬୪) ମଧ୍ୟ 'The more I see man,The more I likes dogs' କୁ ଭିତ୍ତି କରି ରଚିତ । ବୌଦ୍ଧିକ ଶୈଳୀକୁ ଗ୍ରହଣ କରିଥିବା ନାଟ୍ୟକାରମାନେ ନାଟକ କ୍ଷେତ୍ରରେ ଅନେକ ପରୀକ୍ଷାନିରୀକ୍ଷାର ପ୍ରୟୋଗ କଲେ । ନବନାଟ୍ୟଧାରାର ସୂତ୍ରପାତ ଘଟିଲା । ଏହି ସମୟରେ ନାଟ୍ୟକାରମାନେ ସେକ୍ସପିୟରଙ୍କୁ ଛାଡ଼ି ଟି.ଏସ୍. ଇଲିଅଟ୍ ଙ୍କ ଅନୁଗାମୀ ହେଲେ। କାମୁ୍ୟ, ସାର୍ତ୍ରେ, ଆୟେନେସ୍କୋ, ଓନିଲ. ଆଡାମୋଭ୍, ଏଲ୍ବୀ, ବ୍ରେଚ୍, ମିଲର୍, ସେଫାର୍ଡ ପ୍ରଭୃତି ପାଶ୍ଚାତ୍ୟ ନାଟ୍ୟକାରଙ୍କ ଦ୍ୱାରା ପ୍ରଭାବିତ ହେଲେ । ବିଶ୍ୱନାଟକର ସ୍ରୋତରେ ଓଡ଼ିଆ ନାଟକକୁ ସାମିଲ କରିବା ପାଇଁ ମନୋରଞ୍ଜନଙ୍କ ସହ ଅନ୍ୟ ନାଟ୍ୟକାରମାନେ ଏହି ଧାରାରେ ଯୋଡ଼ିହେଲେ । Pristley'ଙ୍କ 'An inspector call'ର ଛାୟାନୁବାଦରେ 'ସାଗରମନ୍ଥନ' (୧୯୬୪) ଏବଂ gogol ଙ୍କ'The government inspector'ର ଛାୟାନୁସରଣରେ ବିଶ୍ୱଜିତ୍ ଦାସଙ୍କ 'ପ୍ରତାପଗଡ଼ରେ ଦି'ଦିନ' ମଞ୍ଚସ୍ଥ ହୋଇଥିଲା । ବିଜୟ ମିଶ୍ରଙ୍କ ଅମର କବି, ଲଗ୍ନ, ନରଓ୍ୱେ ନାଟ୍ୟକାର ହେନେରିକ୍ ଇବସନ୍ ଙ୍କ 'The ghost'ରୁ 'ତିମିର ତୀର୍ଥ' (୧୯୬୪), ଜର୍ମାନୀ ଲେଖକ ବରଟୋଲ୍ଟ ବ୍ରେସଟ୍ ଙ୍କ ନାଟକରୁ 'କଥାଟିଏ କହୁ' (୧୯୭୦) ଅନୂଦିତ ହୋଇଛି ।

ପଞ୍ଚମ ଦଶକରୁ ବିଦେଶୀ ନାଟକ ସହିତ ଓଡ଼ିଆ ନାଟକ ସମ୍ପର୍କ ସ୍ଥାପନ କରିଥିଲା । ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଏହା ପ୍ରଭାବ ବିସ୍ତାର କଲା । ସେକ୍ସପିୟର, ବର୍ଣ୍ଣାଡ୍ ଶ', ଇବ୍ସନ୍, ଚେକଭ୍ ପ୍ରମୁଖ ନାଟ୍ୟକାରମାନଙ୍କ ପ୍ରତି ଓଡ଼ିଆ ନାଟ୍ୟକାରମାନେ ଆକୃଷ୍ଟ ହେଲେ । ଆଦ୍ୟ ପର୍ଯ୍ୟାୟରେ ଅବଶ୍ୟ ବିଦେଶୀ ନାଟକ ଓଡ଼ିଆ ନାଟକର ଆଦର୍ଶ ଥିଲା ମାତ୍ର ସେକାଳର ନାଟ୍ୟକାରମାନେ କେବଳ ଅଙ୍ଗଟିକୁ ଗ୍ରହଣ କରିଥିଲେ । ଷଷ୍ଠ ଦଶକରୁ ଓଡ଼ିଶାରେ ପରମ୍ପରାକୁ ବାଦ୍ ଦିଆଯାଇ ଓଡ଼ିଆ ନାଟ୍ୟଶୈଳୀର ପ୍ରଗତିକଳ୍ପେ ବିଦେଶୀ ଶୈଳୀର ଅନୁସରଣ କରାଗଲା । 'ବନବାଳା' ନାଟକ ଦର୍ଶକମାନଙ୍କ ପାଇଁ ଯେପରି ଦୁର୍ବୋଧ୍ୟ ଏବଂ

ISSN NO.
2582-208X

ଅପରିଚିତ ମନେ ହେଉଥିଲା । 'ଆଗାମୀ' ନାଟକ ସେ ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିଲା ।

୧୯୮୦ ପରବର୍ତ୍ତୀ ସମୟରେ ନାଟ୍ୟରଚନା ଦିଗରେ ଯେଉଁ ପରିବର୍ତ୍ତନର ସ୍ୱର ଓ ସ୍ୱାକ୍ଷର ଦେଖିବାକୁ ମିଳିଲା ସେଥିରେ ଅନେକ ନାଟ୍ୟକାର ନାଟକ ରଚନା କ୍ଷେତ୍ରରେ ଅନୁବାଦକୁ ଗ୍ରହଣ କଲେ । ଏହି ସମୟରେ ପାଶ୍ଚାତ୍ୟ ଓ ପ୍ରାନ୍ତୀୟ ଭାଷାର ଅନେକ ନାଟକ ଓଡ଼ିଆ ଭାଷାରେ ଅନୂଦିତ ହୋଇ ମଞ୍ଚସ୍ଥ ହେଲା ଏବଂ ଓଡ଼ିଆ ଭାଷାର ନାଟକ ମଧ୍ୟ ଭାରତୀୟ ପ୍ରାନ୍ତୀୟ ଭାଷାରେ ତା'ର କାୟାବିସ୍ତାର କଲା । ଏହି ପର୍ଯ୍ୟାୟରେ ଯେଉଁ ପ୍ରବୀଣ ନାଟ୍ୟକାରମାନେ ନାଟକ ଅନୁବାଦର ମାଧ୍ୟମ ହୋଇଥିଲେ ସେମାନଙ୍କ ମଧ୍ୟରେ ବିଜୟ ମିଶ୍ର, ରତିରଞ୍ଜନ ମିଶ୍ର, ପଞ୍ଚାନନ ପାତ୍ର, ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ, କୁଞ୍ଜ ରାୟ, ବିଜୟ କୁମାର ଶତପଥୀ, ହରିହର ମିଶ୍ର, ନୀଳାଦ୍ରିଭୂଷଣ ହରିଚନ୍ଦନ, ସୁବୋଧ ପଟ୍ଟନାୟକ, ନାରାୟଣ ସାହୁ, ରମାକାନ୍ତ ମିଶ୍ର ଆଦି ନାଟ୍ୟକାରଙ୍କ ନାମ ଉଲ୍ଲେଖଯୋଗ୍ୟ । ପ୍ରଥିତଯଶା ନାଟ୍ୟକାର ବିଜୟ କୁମାର ମିଶ୍ର ୧୯୬୦ ମସିହାରେ ନିଜକୁ ନାଟକ ରଚନା ଦିଗରେ ବ୍ରତୀ କରିଥିଲେ । ଓଡ଼ିଆ ନାଟ୍ୟଜଗତକୁ ସେ ଷାଠିଏରୁ ଉର୍ଦ୍ଧ୍ୱ ନାଟକ ଉପହାର ସ୍ୱରୂପ ଦେଇଛନ୍ତି । ତାଙ୍କର ପ୍ରଥମ ନାଟକ 'ଜନନୀ'ରୁ ନିହାର ରଞ୍ଜନ ଗୁପ୍ତଙ୍କ 'ମାୟାମୃଗ' ଉପନ୍ୟାସର ପ୍ରଭାବ ପରିଦୃଷ୍ଟ । ଉତ୍ତର ଆଧୁନିକତାର ପୂର୍ବରୁ ହିଁ ଅନେକ ନାଟକ ଓଡ଼ିଆରେ ଅନୁବାଦ କରିଛନ୍ତି । ୧୯୮୦ ପରବର୍ତ୍ତୀ କାଳରେ ଚାର୍ଲସ୍ ଡିକେନ୍ସଙ୍କ 'ଟେଲ ଅଫ୍ ଟୁ ସିଟିଜ୍' ଓ ଗୋଦାବରୀଶ ମିଶ୍ରଙ୍କ ଉପନ୍ୟାସ '୧୮୧୭'କୁ 'ସାକ୍ଷୀ ଇତିହାସ' (୧୯୮୦), ଜର୍ମାନ୍ ନାଟ୍ୟକାର ବରଟୋଲ୍ଟ ବ୍ରେସଟ୍ ଙ୍କ 'ଥ୍ରୀ'କୁ 'ଚୋରପୁଲିସ ଖେଳ', ଡୁରେନ୍ ମଟିସ୍ ଙ୍କ ଗଳ୍ପ 'ଦ ଟ୍ରାପ୍'କୁ 'ଧର୍ମାବତାର' (୧୯୮୮), ଆନ୍ଥୋନୀ ହୋପ୍ ଙ୍କ 'ପ୍ରୀଜନର୍ ଓଜେଣ୍ଡା'କୁ 'ବନ୍ଦୀ' (୧୯୮୫), ରୁଷୀୟ ଲେଖକ ଫିଏଜର ଦସ୍ତୋଭସ୍କିଙ୍କ 'ଇଡିଅଟ୍'କୁ 'ଫେରିବାର ସମୟ' (୨୦୧୧), ଭିକ୍ଟୋର ହ୍ୟୁଗୋଙ୍କ 'ଲା ମିଜରେବଲ୍' ଓ ଗୋଦାବରୀଶ ମିଶ୍ରଙ୍କ 'ଅଭାଗିନୀ'କୁ 'ପାଣୁନାୟକଙ୍କର ଜମାନବନ୍ଦୀ' (୧୯୯୧/୯୨), ଅଗାଥେ ଖ୍ରୀଷ୍ଟଙ୍କ 'ମାଉସ୍ ଟ୍ରାପ୍'କୁ 'ଯନ୍ତା', ଜର୍ଜ ବର୍ଣ୍ଣାଡ ଶ'ଙ୍କ 'ପିଗମିଲନ୍'କୁ 'ତା'ପରେ ଯମୁନାରେ କ'ଣ ହେଲା', ଟେନିସ୍ ଉଇଲିଅମ୍ ଙ୍କର 'ସଡନଲି ଲାଷ୍ଟ ସମର'କୁ 'ଭୋକ' (୧୯୯୪) ନାମରେ ଅନୂଦିତ କରି ଓଡ଼ିଆ ନାଟ୍ୟ ସାହିତ୍ୟକୁ ଗୌରବମୟ କରିଛନ୍ତି । ପାଶ୍ଚାତ୍ୟର ଫ୍ରଏଡୀୟ ଯୌନତତ୍ତ୍ୱ, ମାର୍କ୍ସୀୟ ଅର୍ଥକୈନ୍ଦ୍ରିକ ଚେତନା, ଉତ୍ତର ପୁଞ୍ଜିବାଦୀ

ISSN NO.
2582-208X

ସଭ୍ୟତାର ବିକାଶ, ଦୁର୍ନୀତି ଓ ଅର୍ଥଲିପ୍ସା, ଅନ୍ତଃ ଓ ବହିଃ ସଂଘର୍ଷ ଆଦି ଶ୍ରୀ ମିଶ୍ରଙ୍କ ପ୍ରଥମ-ଦ୍ୱିତୀୟ ପର୍ଯ୍ୟାୟର ନାଟ୍ୟଜୀବନର ଚେତନା କେନ୍ଦ୍ର ।

୧୯୫୦ ମସିହା ବେଳକୁ ନାଟକରେ ପରୀକ୍ଷାନିରୀକ୍ଷା ଫଳରେ ଯେଉଁ ସାମୂହିକ କ୍ଷତି ସାଧନ ହୋଇଥିଲା ତାହାର ପରିପୂର୍ତ୍ତି ପାଇଁ ଯେଉଁ କେତେଜଣ ଯୁବନାଟ୍ୟକାର ଦାୟିତ୍ୱ ବହନ କରିଥିଲେ ସେମାନଙ୍କ ମଧ୍ୟରେ ରତିରଞ୍ଜନ ମିଶ୍ର ଥିଲେ ଅନ୍ୟତମ । ନାଟ୍ୟକାର ଗିରୀଶ କନ୍ନଡଙ୍କର ବହୁର୍ଚ୍ଚିତ ନାଟକ 'ହୟବଦନ' ଛାୟାନୁସରଣରେ ୧୯୮୦ ମସିହାର 'ପଦ୍ମିନୀ ପଦାବଳୀ' ରଚନା କଲେ । ନାରୀ ମନର ଅପୂର୍ଣ୍ଣ ଇଚ୍ଛା ବା ବହୁକାମୁକତା ସମାଜ ପାଇଁ କିଭଳି ବିପର୍ଯ୍ୟୟର କାରଣ ସାଜେ ତାହା ନାଟକଟିରେ ଦର୍ଶାଯାଇଛି । ପ୍ରଭାବଶାଳୀ ସଂଳାପ, ଚମତ୍କାର ଉପସ୍ଥାପନା ରୀତିର ପ୍ରୟୋଗରେ ନାଟକଟି ହୋଇଉଠିଛି ରମଣୀୟ । ଉତ୍ତର ଆଧୁନିକତାର ସୁଯୋଗ୍ୟ ପ୍ରତିନିଧି ପଞ୍ଚାନନ ପାତ୍ରଙ୍କ 'ପ୍ରତିଦ୍ୱନ୍ଦ୍ୱୀ' ଏକ ବିଜ୍ଞାନଭିତ୍ତିକ ନାଟକ । ଚେକ୍ ନାଟ୍ୟକାର କାର୍ଲ କାପେକ୍ ଙ୍କ ନାଟକ 'ରୋଜମସ୍ ୟୁନିଭର୍ସାଲ୍ ରୋଜଟ୍' (RUR- 1921)ର ଅନୁସରଣରେ ରଚନା କରିଛନ୍ତି । ଯନ୍ତ୍ର ମଣିଷର ବ୍ରେନ୍ ସଚଳ ହୋଇଗଲା ପରେ ସେ ବିଦ୍ରୋହୀ ହୋଇ ନିଜର ସ୍ରଷ୍ଟାକୁ ହତ୍ୟା କରିଛି । ମୂଳ ନାଟକ ମଧ୍ୟରେ ପ୍ରାୟ ପଚାଶ ବର୍ଷର ବ୍ୟବଧାନ । ପାଶ୍ଚାତ୍ୟ କାହାଣୀ ଅବଲମ୍ବନରେ ସାଧାରଣ ନାଟକ ଅପେକ୍ଷା ଏହା ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ନାଟକ । ପାଶ୍ଚାତ୍ୟ କାହାଣୀକୁ ସ୍ଥାନୀୟ ରୂପ ଦେବାରେ ନାଟ୍ୟକାର ଖୁବ୍ ସଫଳ ହୋଇଛନ୍ତି ।

ଓଡ଼ିଆ ନାଟ୍ୟ ସାହିତ୍ୟର ସମର୍ପିତ ପ୍ରତିଭା ରୂପରେ ନାଟ୍ୟକାର କୁଞ୍ଜ ରାୟଙ୍କୁ ଗ୍ରହଣ କରାଯାଏ । ୟୁଜିନ୍ ଆୟୋନେସ୍କୋଙ୍କ 'ଏକଜିଟ୍ ଦି କିଙ୍ଗ୍' ଅବଲମ୍ବନରେ 'ବିଦାୟ ବଜ୍ରାଦିତ୍ୟ' ମାଧ୍ୟମରେ ନାଟ୍ୟଜଗତକୁ ପ୍ରବେଶ କରିଥିଲେ । ଶ୍ରୀ ରାୟ ପାଶ୍ଚାତ୍ୟ ନାଟ୍ୟଶୈଳୀକୁ ସ୍ଥାନୀୟ ପାଣିପାଗରେ ଖାପଖୁଆଇ ଦର୍ଶକମାନଙ୍କର ବୌଦ୍ଧିକ ମନକୁ ଉପରକୁ ଉଠାଇବା ପାଇଁ ଅବ୍ୟାହତ ପ୍ରଚେଷ୍ଟା କଲେ । କକ୍ ଫୋରଙ୍କ 'ଇନ୍ ଫର୍ମାଲ୍ ମେସିନ୍' ଅବଲମ୍ବନରେ 'ଯାନ୍ତ୍ରିକ', ଜିନ୍ ଗେରାଡକ୍ସ'ଙ୍କର 'ଜୁଡ଼ିଥ'ରୁ 'ସୁଲକ୍ଷଣା', ବେକେଟ୍ ଙ୍କ 'The good woman of setzuan'ର ଅନୁସରଣରେ 'ମାଳିସାହିର ଲକ୍ଷ୍ମୀ', ପ୍ରେମଚନ୍ଦଙ୍କ ଗଳ୍ପ ଅନୁକରଣରେ ଲେଖକ ଓ କର୍ମଯୋଗୀ (ମରାଠୀ) ସୋଫୋକ୍ଲିସ୍ (ଖ୍ରୀ.ପୂ. ୫ମ ଶତକ)ଙ୍କର ତିନିଟି ନାଟକ 'ରାଜା ଇଡିପ୍ସ', 'କୋଲେନ୍ୟୁସ୍ ରେ ଇଡିପସ୍'

ISSN NO.
2582-208X

ଏବଂ 'ଆଣ୍ଟିଗୋନ୍', 'ସୋଫେକ୍ଲିସଙ୍କ ତ୍ରୟୀ' ନାମରେ ପ୍ରକାଶ ପାଇଛି । ତାଙ୍କର ବଙ୍ଗଳା ନାଟକଗୁଡ଼ିକ 'ଅନୁସୃଜନତ୍ରୟୀ'ରେ ସ୍ଥାନିତ । ନାଟ୍ୟ ରଚନା ତାଙ୍କୁ ଅନନ୍ୟ ସମ୍ମାନର ଅଧିକାରୀ କରାଇପାରିଛି ।

ଉତ୍ତର ଆଧୁନିକ ଗର୍ବର ପ୍ରତିଶ୍ରୁତି ସମ୍ପନ୍ନ ନାଟ୍ୟକାର ହରିହର ମିଶ୍ର ଓଡ଼ିଆ ନାଟ୍ୟ ଜଗତକୁ 'ଗରିଲା' (୧୯୭୯) ନାମକ ଏକ ଅନୁବାଦ ନାଟକ ଉପହାର ଦେଇଛନ୍ତି । ଫରାସୀ ନାଟ୍ୟକାର ସ୍ଥିତିବାଦର ପ୍ରବକ୍ତା ଜାଁ ପଲ୍ ସାର୍ତ୍ରଙ୍କ 'crime paisonel'ର ଓଡ଼ିଆ ଅନୁବାଦ 'ଗରିଲା' । ସନ୍ଦେହ, ଅବିଶ୍ୱାସର ଘେରରେ ମଣିଷର ଜୀବନ କିପରି ବିପର୍ଯ୍ୟସ୍ତ ହୁଏ ତାହା ନାଟକଟିରେ ବର୍ଣ୍ଣିତ । ଏହା ବ୍ୟତୀତ 'ଦାନାପାଣି' ଓ 'ପ୍ରାୟଶ୍ଚିତ୍ତ' ଉପନ୍ୟାସର ନାଟ୍ୟ ରୂପାନ୍ତରୀକରଣ କରିଛନ୍ତି । ଅଷ୍ଟମ ଦଶକର ପ୍ରାରମ୍ଭରେ ନାଟ୍ୟଜଗତରେ ପାଦ ଥାପିଥିବା ନୀଳାଦ୍ରିଭୂଷଣ ହରିଚନ୍ଦନ ମଞ୍ଚ ଅପେକ୍ଷା ବେତାର ପାଇଁ ଅଧିକାଂଶ ନାଟକ ରଚନା କରିଛନ୍ତି । ଆଣ୍ଟନ୍ ଚେକଭ୍ ଙ୍କ ନାଟକ 'ଆଇଭାନର୍'କୁ 'ଅନ୍ଧ ଦ୍ୱିପ୍ରହର' ନାମରେ (୧୯୮୭)ରେ ସେ ରୂପାନ୍ତରିତ କରିଛନ୍ତି । ସମ୍ପର୍କଗତ ଜଟିଳତାରୁ ମଣିଷ ମନରେ ସନ୍ଦେହ ସୃଷ୍ଟି ହୋଇ କିଭଳି ତା'ର ସର୍ବନାଶ ଘଟାଇଥାଏ, ନାଟକଟିରେ ତାହା ବିଶ୍ଳେଷିତ। ନାଟ୍ୟକାର ରମାକାନ୍ତ ମିଶ୍ର ସେକ୍ସପିୟରଙ୍କ 'ମ୍ୟାକ୍ ବେଥ'ର ଓଡ଼ିଆ ଅନୁବାଦ କରିଛନ୍ତି । ଉତ୍ତର ଆଧୁନିକତାର ସମୟରେ କେବଳ ଯେ ପାଶ୍ଚାତ୍ୟ ନାଟ୍ୟ କଥାବସ୍ତୁକୁ ଅନୁକରଣ କରିଥିଲା ତାହା ନୁହେଁ, ବିଦେଶରେ ମଧ୍ୟ ଓଡ଼ିଆ ନାଟକ ବିଜୟ ବୈଜୟନ୍ତୀ ଉଡ଼ାଇବା ଉଦ୍ୟମରେ ଆଗେଇଚାଲିଛି । ଓଡ଼ିଆ ଭାଷାର ଅନେକ ନାଟକ ପ୍ରାନ୍ତୀୟ ସାହିତ୍ୟରେ ଅନୂଦିତ ହୋଇଛି । ଏହି ପର୍ଯ୍ୟାୟରେ ଶ୍ରୀ ଜଗନ୍ନାଥ ପ୍ରସାଦ ଦାସଙ୍କ ନାଟକଗୁଡ଼ିକ ପରିମାଣାତ୍ମକ ଏବଂ ଗୁଣାତ୍ମକ ଉଭୟ ଗୁଣବତ୍ତାରେ ଶ୍ରେଷ୍ଠତ୍ୱ ପ୍ରତିଷ୍ଠା କରିଛି । ତାଙ୍କ ରଚିତ 'ସୂର୍ଯ୍ୟାସ୍ତ ପୂର୍ବରୁ' (୧୯୭୭) ପ୍ରଥମେ 'ସୂର୍ଯ୍ୟାସ୍ତ' ନାମରେ ହିନ୍ଦୀରେ ଅନୂଦିତ ହୋଇ ୧୯୭୬ରେ ଦିଲ୍ଲୀରେ ମଞ୍ଚସ୍ଥ ହୋଇଛି । 'ସବା ଶେଷ ଲୋକ' (ସବ୍ସେ ନୀଚେକା ଆଦ୍ମୀ), 'ଅସଂଗତ ନାଟକ' (୧୯୮୧), 'ସମୟ କି ହତ୍ୟା କିସ୍ନେ କୀ', 'ପୂର୍ବରାଗ' (୧୯୮୫), 'ଏକ୍ ଦୁସ୍ରେ କେ ଲିୟେ' ନାମରେ ହିନ୍ଦୀରେ ଅନୂଦିତ ହୋଇଛି ।

ଓଡ଼ିଆ ନାଟ୍ୟଜଗତର ଅନ୍ୟତମ ପୁରୋଧା ବିଜୟ କୁମାର ଶତପଥୀଙ୍କର ଅନେକ ନାଟକ ପ୍ରାନ୍ତୀୟ ଭାଷାରେ ଅନୂଦିତ ହୋଇଛି । ସେଥିମଧ୍ୟରେ 'ଏଇ ଯେ ସୂର୍ଯ୍ୟ ଉଏଁ',

ISSN NO.
2582-208X

'କାରାଗାର କାହାଣୀ'କୁ ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟୀ ମଞ୍ଜୁ ମୋଦୀ ହିନ୍ଦୀରେ ରୂପାନ୍ତରିତ କରିଛନ୍ତି । 'କାରାଗାରର କାହାଣୀ' 'ସୂର୍ଯ୍ୟୋଦୟ' ନାମରେ 'କଂସର ଆତ୍ମା', 'କୋକୁଆ' ବ୍ଲାକ୍ ଇଗଲ୍ ପ୍ରକାଶନୀ ସଂସ୍ଥା ଦ୍ୱାରା ଇଂରାଜୀରେ ରୂପାନ୍ତରିତ ହୋଇଛି । 'କୋକୁଆ' ନାଟକଟିକୁ ତଥାଗତ ମୌଳିକ୍ ଏବଂ ନିରଞ୍ଜନ ଜେନା ବଙ୍ଗଳା ଭାଷାରେ ଅନୁବାଦ କରିଛନ୍ତି ।

ନାଟ୍ୟକାର ନାରାୟଣ ସାହୁ ଉତ୍ତର ଅଶୀ ଅନ୍ୟ ଜଣେ ବଳିଷ୍ଠ ନାଟ୍ୟ ପ୍ରତିଭା । ମାନବିକତା, ସତ୍ୟନିଷ୍ଠତା, ଦେଶାତ୍ମବୋଧତା, ସାହସ, ସେବା, ଆଧ୍ୟାତ୍ମିକତା ଆଦି ମହନୀୟ ଗୁଣରେ ତାଙ୍କର ନାଟକର ଚରିତ୍ରମାନଙ୍କ ଭିତରେ ଭରିରହିଥାନ୍ତି । ତାଙ୍କ ରଚିତ 'ଆଶ୍ରା ଖୋଜୁଥିବା ଈଶ୍ୱର' ଓ 'ସବା ଶେଷ ଶୋକ' ନାଟକ ଦ୍ୱୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଇଂରାଜୀ ଅଧ୍ୟାପକ ସଂଜିତ୍ କୁମାର ଦାସଙ୍କ ଦ୍ୱାରା ଇଂରାଜୀରେ ଅନୂଦିତ ଏବଂ ବ୍ଲାକ୍ ଇଗଲ୍ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି । ନାଟକରେ ଅନୁବାଦ ଓ ରୂପାନ୍ତର ମାତ୍ର ଅବଲମ୍ବନଟିଏ । ଏହାଦ୍ୱାରା ମୌଳିକତା କ୍ଷୁଣ୍ଣ ହେବାର ପ୍ରଶ୍ନ ସୃଷ୍ଟି ହୁଏ ନାହିଁ । ବର୍ତ୍ତମାନ ଯୁଗରେ ସମୀକ୍ଷା ପାଇଁ ବହିଃଦୃଷ୍ଟି ସମ୍ପନ୍ନ ହେବା ନିତାନ୍ତ ଆବଶ୍ୟକ ଓ ଲୋକରୁଚିର ପରିବର୍ତ୍ତନରେ ପରମ୍ପରାକୁ ଜାବୁଡ଼ି ଧରି ରଖିବାର ବ୍ୟାପାର ଅସମ୍ଭବ । ତେଣୁ ବିଦେଶୀ ନାଟକର ଅନୁକରଣ ଏକ ସ୍ୱାଭାବିକ ବ୍ୟାପାର ।

ବିଦେଶୀ କଥାବସ୍ତୁରେ ଜାତୀୟତାର ଭିତ୍ତି ପ୍ରସ୍ତୁତ କରିବା କ୍ଷେତ୍ରରେ ଓଡ଼ିଆ ନାଟ୍ୟକାରମାନଙ୍କର ପ୍ରଚେଷ୍ଟା ଅନବଦ୍ୟ। ନାଟ୍ୟସାହିତ୍ୟର ଉତ୍ତରୋତ୍ତର ଉନ୍ନତି କାମନା ଦିଗରେ ସେମାନଙ୍କ ଉତ୍ସର୍ଗୀକୃତ ପଦକ୍ଷେପ ଜାତୀୟତା ଓ ସଂସ୍କାର ଚେତନାକୁ ସାହିତ୍ୟ କ୍ଷେତ୍ରକୁ ଅବତରଣରେ ଅନୁବାଦ ନାଟକର ଭୂମିକା ଯେ ଅନନ୍ୟ - ଏହା ନିଃସନ୍ଦେହଜନକ । ଦୁଇଟି ସାହିତ୍ୟର ପରମ୍ପରା, ସଂସ୍କୃତି, ଚିନ୍ତନ, ବିଚାର ଏବଂ ଜୀବନମୂଲ୍ୟକୁ ଶଂଖୋଳି- ସୁରକ୍ଷିତ ରଖିବାରେ ଅନୁବାଦ ନାଟକର ଭୂମିକା ଅନତିକ୍ରମ୍ୟ ଓ ସ୍ୱାଗତଯୋଗ୍ୟ ।

ISSN NO.
2582-208X

ପ୍ରାନ୍ତଟୀକା:

୧. ଦାସ, ହେମନ୍ତ କୁମାର - ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ - ପ୍ରକାଶକ- ଏସ୍.ବି ପବ୍ଲିକେଶନ୍ - ପ୍ରଥମ ପ୍ରକାଶ-୨୦୦୩, ପୃଷ୍ଠା-୩୧୫
୨. ଦାସ, ହେମନ୍ତ କୁମାର - ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ - ପ୍ରକାଶକ- ଏସ୍.ବି ପବ୍ଲିକେଶନ୍ - ପ୍ରଥମ ପ୍ରକାଶ-୨୦୦୩, ପୃଷ୍ଠା-୨୮୭

(((-)))

ଗବେଷିକା, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ମୋ ମା



ମଧୁସ୍ମିତା ମହାନ୍ତ

କେତେ କଷ୍ଟ ସହି ନିଜେ ନଖାଇ ମୋତେ ବଡ କରିଛ ନିରବତାରେ
ନିଜ ଆବଶ୍ୟକତାକୁ ଭୁଲି ମୋ ସୁଖକୁ ରଖିଛ ସବୁବେଳେ ଆଗରେ ।

ମୋ ଭବିଷ୍ୟତ ପାଇଁ ଦିନରାତି ପରିଶ୍ରମ କରିଛ କଷ୍ଟରେ,
ମୋ ହସ ଦେଖି ଥକା ଶରୀରକୁ ମଧ୍ୟ ଭୁଲିଯାଉଛ ଆନନ୍ଦରେ ।

ମୁଁ ଅସୁସ୍ଥ ହେଲେ ରାତି ସାରା ଜାଗି ରହିଛ ଚିନ୍ତାରେ,
ମୋ ଯନ୍ତ୍ରଣା ଦେଖି ନିରବରେ କାନ୍ଦିଛ ମନରେ ।

ମୋ ଭୁଲକୁ ରାଗ ନୁହେଁ ସ୍ନେହରେ ବୁଝାଇଛ ଧୈର୍ଯ୍ୟରେ,
ଭୁଲ ପଥରୁ ଫେରାଇ ଠିକ୍ ଦିଗ ଦେଖାଇଛ ଭଲପାଇବାରେ ।

ମୋ ସ୍ୱପ୍ନକୁ ନିଜ ସ୍ୱପ୍ନ ଭାବି ଆଶା ରଖିଛ ହୃଦୟରେ,
ମୋ ସଫଳତା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଛ ଭକ୍ତିରେ ।

ନିଜ ଦୁଃଖକୁ ଲୁଚାଇ ସବୁବେଳେ ହସ ଦେଖାଇଛ ମୁହଁରେ,
ମୋ ସୁଖ ପାଇଁ ସବୁ କଷ୍ଟ ସହି ରହିଛ ସାହସରେ ।

ISSN NO.
2582-208X

ମୁଁ ଭୟ ପାଇଲେ ହାତ ଧରି ସାହସ ଦେଇଛ ଆଶ୍ୱାସନରେ,
ମୁଁ ଭାଙ୍ଗିପଡିଲେ ଆଶା ଦେଇ ଉଠାଇଛ ଭରସାରେ ।

ତୁମ ସ୍ନେହ ମୋ ଜୀବନର ସବୁଠାରୁ ବଡ ଶକ୍ତି ଏଇ ସଂସାରରେ,
ତୁମ ତ୍ୟାଗର ମୂଲ୍ୟ କେବେ ଶୋଧି ପାରିବିନି ଏଇ ଜୀବନରେ ।

ମୋ ହୃଦୟର ସବୁଠାରୁ ପବିତ୍ର ସ୍ଥାନ ରହିଛ ତୁମ ପାଇଁ ସଦାରେ,
କାରଣ ମୋ ସମସ୍ତ ଜଗତ ଲୁଚି ରହିଛ ତୁମ ଅସୀମ ସ୍ନେହରେ ।

(((-)))

ପଞ୍ଚୁପୁର, ଯାଜପୁର
ମୋ: ୭୩୭୨୬୭୧୪୦୪

ISSN NO.
2582-208X

# ଜୀବନର ସ୍ରୋତ



ଟିନା ଚଲ୍ଲନ

କେତେ ବାଟ ଆଉ ଚାଲିବାକୁ ହେବ
ସମୟର ହାତ ଧରି,
ଚାଲୁଅଛି ଏଠି ଜୀବନ ସଂଗ୍ରାମ
ଜୀବନେ ଜଞ୍ଜାଳ ଭରି ।।

ଚାଲେ ଏଠି ସବୁ ସୂର୍ଯ୍ୟ, ଚନ୍ଦ୍ର, ତାରା
ଦିନ ପରେ ଦିନ ସରି,
ସମୟ ସ୍ରୋତରେ ନିଜକୁ ସମ୍ଭାଳି
ଜୀବନ ଯାଉଛି ଗଡ଼ି ।।

କେବେ ଦୁଃଖ ଏଠି କେବେ ସୁଖ ପୁଣି
ଦୁଇ ଭାଇ ବନ୍ଧୁ ପରି,
କେବେ ଶୀତ କେବେ ବସନ୍ତର ସାଥେ
ଯାଉଅଛି ପତ୍ର ଝଡ଼ି ।।

ଏତେ ଇର୍ଷା, ରାଗ, ଅଭିମାନ କରି
ବଞ୍ଚୁଅଛ କାହିଁ ପାଇଁ?
କେହି ତ ଜାଣିନି ଶେଷ କ୍ଷଣ ପାଇଁ
ବାକି ଅଛି ବେଳ କାହିଁ ।।

(((-)))

ଖଡ଼ିଆଳ, ନୂଆପଡ଼ା

ISSN NO.
2582-208X

# ଡାଏରୀ ସାହିତ୍ୟିକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ହିତେଶ ବେହେରା

ସାହିତ୍ୟର ବିବିଧ ଦିଗ ଭିତରୁ ଡାଏରୀ ସାହିତ୍ୟ ମଧ୍ୟ ବିଶେଷ ସ୍ଥାନ ଅଧିକାର କରି ବସିଛି । ନିତିଦିନିଆ ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭବରୁ ଯେଉଁ ଅବବୋଧ ଟିକକ ନିଗିଡି ଆସେ ତାହା ଡାଏରୀ ସାହିତ୍ୟରେ ରୂପ ପାଇଥାଏ । ଏହି ଡାଏରୀ ଭିତରେ ଦୈନନ୍ଦିନ ଜୀବନରେ ଘଟୁଥିବା କିଛି ସ୍ୱତନ୍ତ୍ର ଘଟଣାବଳୀ, ପରିବେଶ, ବିଶିଷ୍ଟ ବ୍ୟକ୍ତି ବିଶେଷ, ବ୍ୟକ୍ତି ଓ ଭ୍ରମଣ ବୃତ୍ତାନ୍ତ ଆଦି ସ୍ଥାନ ପାଇଥାଏ । ଲେଖକ ପ୍ରତିଦିନର ପୁଞ୍ଜିଭୂତ ହୋଇ ରହିଥିବା ଅନୁଭବ ଓ ଅନୁଭୂତି ଡାଏରୀ ମଧ୍ୟରେ ରୂପ ପାଇଲେ ତାହା ଡାଏରୀ ସାହିତ୍ୟ ଭାବରେ ଅଭିହିତ ହୁଏ । ଆହୁରି ସ୍ମରଣଯୋଗ୍ୟ ଯେ ଡାଏରୀରେ ଲିପିବଦ୍ଧ ହେଉଥିବା ସବୁ ଲେଖା ଡାଏରୀ ସାହିତ୍ୟ ପଦବାଚ୍ୟ ନୁହେଁ; ଡାଏରୀ ମଧ୍ୟରେ ମଣିଷ ଜୀବନର ଗହନ କଥା ଉତ୍କୀର୍ଣ୍ଣ ହୋଇଥିବା ଲେଖା ଏହି ଶ୍ରେଣୀୟ ଅନ୍ତର୍ଭୁକ୍ତ । ପ୍ରଖ୍ୟାତ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ମତରେ – "ଏହି ଡାଏରୀ କେବଳ ଦିନ ଦିନର ବିଚାର ଓ ଭାବନା ନୁହେଁ । ଏଗୁଡିକ ହେଉଛି ଅନୁଭୂତି, ଅନ୍ତର୍ଯାତ୍ରାର ଅନୁଭୂତି । ତେଣୁ ଏହାର ଭାଷା ବୁଦ୍ଧିର ଭାଷା ନୁହେଁ, ଏହା ଅନୁଭୂତିର ଭାଷା । ଆପଣାର ନିଗୂଢତମ ବିକାଶ ବେଦନାଗୁଡିକୁ ଶବ୍ଦଦେଇ ପ୍ରକାଶ କରିବା ଲାଗି ଏ ଯୁଗରେ ଭାଷାର ଶବ୍ଦ ଭଣ୍ଡାର ଆଦୌ ପର୍ଯ୍ୟାପ୍ତ ନୁହେଁ ।" (୧)। ଏହି ଭଳି ଜୀବନର ସୂକ୍ଷ୍ମ ଅନୁଭବ ଓ ଅନ୍ତର୍ଯାତ୍ରାର ଅନୁଭୂତିର ସଦ୍ୟତମ ସଫଳ ଡାଏରୀ ପରିପ୍ରକାଶ ହେଉଛି ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ଧୂଳିକଣାର ଧୂକଧୂକି' (୨୦୨୫) ପୁସ୍ତକ । ଏଥିରେ ଲେଖକଙ୍କ ହୃଦୟର ଭାଷା ସବୁ ପୁସ୍ତକର ପ୍ରତ୍ୟେକ ପୃଷ୍ଠାରେ ମୁଦ୍ରିତ ହୋଇଛି । ଜୀବନର ବାସ୍ତବିକତା ହୃଦୟର ଭାଷାରେ କିପରି ସ୍ପନ୍ଦିତ ହୋଇ ଫୁଟିଉଠିଛି, ତାହା ଏଇ ପୁସ୍ତକରେ ଉଲ୍ଲିଖିତ ।

ISSN NO.
2582-208X

ପ୍ରଫେସର ମଣୀନ୍ଦ୍ର କୁମାର ମେହେର ସାହିତ୍ୟର ସମସ୍ତ ବିଭାଗକୁ ସ୍ପର୍ଶ କରି ସୃଷ୍ଟି କରିଛନ୍ତି ନୂତନ ନୂତନ କାବ୍ୟାଲୋକ, ଯାହାର ଅମୃତ କିରଣରେ ସମସ୍ତ ପାଠକ ଜ୍ୟୋତିର୍ମୁଖର ହୋଇଯାଆନ୍ତି । ଏହି ଧାରାରେ ପ୍ରଫେସର ମେହେର ଡାଏରୀ ସାହିତ୍ୟରେ ମଧ୍ୟ ଧୂରୀଣ । ତାଙ୍କର 'ଧୂଳିକଣା ଧୂକଧୂକି' ପୁସ୍ତକରେ ପ୍ରକାଶ ପାଇଛି ନିଜ ଅନୁଭବର ରୂପ, ଜୀବନ ଦର୍ଶନର ବାସ୍ତବାୟିତ ରୂପ ପ୍ରକଟିତ ହୋଇଛି । କ୍ଷୁଦ୍ର ମଧ୍ୟରେ ବିଶାଳ ପୃଥିବୀର ଧାରଣ କରିବାରେ କିଭଳି ସମର୍ଥ ହୋଇଛି, ତାହା ଅନୁମିତ ହୋଇଅଛି । ପ୍ରଫେସର ମେହେରଙ୍କ ଏଇ ପୁସ୍ତକଟି ମଧ୍ୟରେ ପାଖାପାଖି ସତୁରୀ ଅଶୀଗୋଟି ଛୋଟ ଛୋଟ ଶୀର୍ଷକ ପ୍ରବନ୍ଧ ରହିଛି । ସବୁଯାକ ପ୍ରବନ୍ଧ ଜୀବନ ଦର୍ଶନ ସମ୍ବନ୍ଧୀୟ ଅଟେ । ବାସ୍ତବ ଜୀବନର ନିରୁତା ସତ୍ୟକୁ ଉଦ୍ଘାଟନ କରିବାରେ ଲେଖକଙ୍କ ଏ ପୁସ୍ତକ ସମର୍ଥ ହୋଇପାରିଛି । ଏଇ ସଂକଳନରେ ରହିଥିବା କେତେଗୋଟି ପ୍ରବନ୍ଧକୁ ନିମ୍ନରେ ଆଲୋଚନା କରାଗଲା –

'ଶିଳାତୀର୍ଥରେ ଜୀବନର ସୂତ୍ର ସନ୍ଧାନ' ଶୀର୍ଷକ ପ୍ରବନ୍ଧରେ ସେ କହୁଛନ୍ତି ଦୂରଦର୍ଶନରେ ହିମାଳୟ ଦେଖିସାରିବା ପରେ ଆତ୍ମବିଭୋର ହୋଇ ହିମାଳୟର ସୌନ୍ଦର୍ଯ୍ୟ ଉପଭୋଗ କରିବା ନିମନ୍ତେ ଯାତ୍ରା କରିବାକୁ ଇଚ୍ଛା କରନ୍ତି । ପୁଣି ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ 'ଶିଳାତୀର୍ଥ' ବହିଟି ପାଠ କରି ହିମାଳୟ ପ୍ରତି ଆହୁରି ଅଧିକ ଆକର୍ଷିତ ହୋଇଛନ୍ତି । ଶେଷରେ ସେ ପୁସ୍ତକ ପଠନ ମାଧ୍ୟମରେ ହିଁ ହିମାଳୟ ଥରକୁ ଥର ବୁଲି ଆସିବା ସହିତ ଜୀବନର ଅସଲ ସୂତ୍ର ସନ୍ଧାନ କରିବେ । (୨) । ଏଠାରେ ବିଚାରଯୋଗ୍ୟ ଯେ ସାଧାରଣ ପୁସ୍ତକଟିଏ କିଭଳି ଭାବରେ ମନୁଷ୍ୟକୁ ବଦଳାଇ ଦେଇପାରେ । ମନୁଷ୍ୟର ସବୁ ପ୍ରକାରର ପୈଶାଚିକ ପ୍ରବୃତ୍ତି, ଦୁର୍ଗୁଣକୁ ମଧ୍ୟ ସୁଗୁଣରେ ରୂପାନ୍ତରିତ କରିବାର କ୍ଷମତା ରଖିପାରେ । ବାସ୍ତବ ଜୀବନରେ ଭୋଗୁଥିବା ନାନାବିଧ ପୀଡା, କ୍ଲେଶ ତାକୁ ଆନନ୍ଦମୟ ଜଗତ ଓ ସୁଖମୟ ଜୀବନର ପରିକଳ୍ପନା କରେ । ଗୋଟିଏ ବହି ଭିତରେ ଯେଉଁ ଅମୋଘ ଶକ୍ତି କେନ୍ଦ୍ରିତ ହୋଇରହିଛି, ତାକୁ ଶାନ୍ତ ସ୍ଥିର ଚିତ୍ତରେ ପଠନ କରି ଆତ୍ମସ୍ଥ କଲେ ବ୍ୟକ୍ତିର ଚେତନା ଉର୍ଦ୍ଧ୍ୱମୁଖୀ ହୁଏ । ସମସ୍ତେ ଲେଖକଙ୍କ ଭଳି ଏ ପ୍ରକାରର ଅନୁଭବ କରିପାରନ୍ତି ନାହିଁ । ଜଣେ ଅନୁଭବୀ ପାଠକ ହିଁ ଏହା ଅନୁଭବ କରିପାରିବେ, ଜଣେ ସହୃଦୟ ବ୍ୟକ୍ତିବିଶେଷ ହିଁ ଏହାକୁ ଉପଲବ୍ଧି କରିପାରିବେ ଯେ ପୁସ୍ତକ ପଠନ ଜୀବନରେ କେତେ ଗୁରୁତ୍ୱପୂର୍ଣ୍ଣ ! ଜୀବନକୁ ନିତ୍ୟ ନୂତନ କରି ସଜାଡିବାରେ କେତେ ମହତ୍ତ୍ୱପୂର୍ଣ୍ଣ !

ISSN NO.
2582-208X

'ଜୀବନ ଏକ ନିବେଦନ' ଶୀର୍ଷକ ପ୍ରବନ୍ଧରେ ଲେଖକ କଥାକାର ଚନ୍ଦ୍ରଶେଖର ରଥଙ୍କ ସହ ବିତାଇଛନ୍ତି ବହୁ ମଧୁର ସମୟ । ଶ୍ରୀ ରଥଙ୍କ ବକ୍ତବ୍ୟରୁ ଲେଖକ ଅନୁଭବ କରିଛନ୍ତି ଜୀବନ ଏକ ନିବେଦନ ମାତ୍ର ଅଟେ । ଶ୍ରୀ ରଥଙ୍କ ବକ୍ତବ୍ୟଟି ହେଲା – "ଈଶ୍ୱରଙ୍କ ପ୍ରତି ନିବେଦିତ ହୋଇଯିବା ହିଁ ବଡକଥା । ପଳାଶ ଫୁଲରେ ସୌରଭ ନାହିଁ; କିନ୍ତୁ ତା'ର ରଙ୍ଗ ତାହା ହିଁ ସେ ଈଶ୍ୱରଙ୍କୁ ଦେଇଦିଏ । ଯୂଇଫୁଲର ବର୍ଣ୍ଣ ନାହିଁ; କିନ୍ତୁ ସୌରଭ ଅଛି, ସେ ଈଶ୍ୱରଙ୍କ ପ୍ରତି ସେଇ ସୌରଭ ହିଁ ନିବେଦନ କରିଦିଏ ।" (୩)। ଜୀବନର ଅନ୍ୟ ଏକ ନାମ ହିଁ ସମର୍ପଣ । ଯେକୌଣସି କାର୍ଯ୍ୟ ହେଉ ସେଥିରେ ଯେତେବେଳ ପର୍ଯ୍ୟନ୍ତ ସମର୍ପିତ ଭାବନା ନେଇ ନ କରିଛ, ସେତେବେଳ ଯାଏଁ କାର୍ଯ୍ୟ ଅସଫଳ ହେବା ସୁନିଶ୍ଚିତ । ତେଣୁ ସମର୍ପିତ ମନୋଭାବ ହିଁ ବ୍ୟକ୍ତିକୁ ସଫଳ କରେ, ସୁଦୃଢ କରେ । ପାଠ ପଢିବା ହେଉ କି ପ୍ରେମ କରିବା, ଈଶ୍ୱରଙ୍କୁ ଭକ୍ତି କରିବା ହେଉ କି କାମ କରିବା ସେଥିରେ ସମର୍ପଣର ପ୍ରଗାଢତା ଥିଲେ ସେ ପାଠପଢା, ସେ ପ୍ରେମ, ସେ ଭକ୍ତି ଓ ସେ କାମ ସଫଳ ହୁଏ । ଆମେ ଯାହା କରୁଛେ ତାହା ଯଦି ଈଶ୍ୱରଙ୍କ ପ୍ରତି ନିବେଦିତ ହେବ, ତେବେ ଜୀବନର ଅପୂର୍ଣ୍ଣତା କେବେ ଅନୁଭବ କରିହେବ ନାହିଁ ବରଂ ଆନନ୍ଦିତ ମନ ନେଇ ବାକିତକ ଜୀବନ ବିତାଇଦେବ । ତେଣୁ ପ୍ରତ୍ୟେକଟି କର୍ମରେ ସମର୍ପିତ ଭାବନା ନେଇ ମନୋନିବେଶ କଲେ ଦୁଷ୍କର କାର୍ଯ୍ୟ ମଧ୍ୟ ସହଜ ଓ ସରଳ ହୋଇଯିବ ।

ଆଧୁନିକ ମଣିଷ କ୍ଷଣେ କ୍ଷଣେ କୌଣସି ନା କୌଣସି ଅସହାୟତାର ଶିକାର ହେବାପରେ ଦୁଃଖାଚ୍ଛନ୍ନ ହୋଇ ଯନ୍ତ୍ରଣାପୂର୍ଣ୍ଣ ଜୀବନ ଯାପନ କରୁଛନ୍ତି । ମଣିଷ ପୃଥିବୀରେ ଜନ୍ମ ହେବା ଅର୍ଥ ଦୁଃଖ, ରୋଗ, ଶୋକ, ଈର୍ଷା ଆଦି ଭୋଗିବା ସ୍ୱାଭାବିକ କଥା । ନହେଲେ ସେଇ ବ୍ୟକ୍ତି ଜଣକ ତ ଭଗବାନ ହୋଇଯାଆନ୍ତେ ଜୀବନର ଦୀର୍ଘତମ ଯାତ୍ରାପଥରେ ସୁଖଦୁଃଖ ଆସିବା ତ ନିଶ୍ଚିତ । ଦୁଃଖ ସମୟରେ ଦୁଃଖକୁ ଦୁଃଖ ନଭାବି ତାକୁ ସୁଖ ମନେକରି ବଞ୍ଚିଲେ ଜୀବନ ବଞ୍ଚିବା ସହଜ ହୋଇଯାଏ । କାରଣ ଏହା ବ୍ୟତୀତ ଆମ ପାଖରେ ଅନ୍ୟ ଉପାୟ କିଛି ନାହିଁ । ତେଣୁ ଦୁଃଖକୁ ସୁଖ ମନେ କରିବାରେ କ୍ଷତି କ'ଣ ? ଉଭୟକୁ ସମାନ ମନେକଲେ ଯାଇ ଜୀବନଟା ଆନନ୍ଦମୟ ହେବ । ଲେଖକ 'ବିଷ ଯାହା ପାଇଁ ଅମୃତ' ଶୀର୍ଷକ ପ୍ରବନ୍ଧରେ କହୁଛନ୍ତି – "ଜୀବନର ବିଷକୁ ଯିଏ ନୀଳକଣ୍ଠ ପରି ପାନ କରିଦେଇପାରେ ସିଏ ହିଁ ଅପରର କଲ୍ୟାଣ ପାଇଁ ଆନନ୍ଦର ଗୀତ ଗାନ କରିବାରେ ସକ୍ଷମ ହୁଏ ।" (୪) । ବାସ୍ତବରେ ସୁଖଦୁଃଖକୁ ସମାନ ମନେକରି ବଞ୍ଚୁଥିବା ବ୍ୟକ୍ତି ହିଁ

ISSN NO.
2582-208X


ପ୍ରକୃତରେ ସୁଖୀ । କବି ବ୍ରଜନାଥ ରଥଙ୍କ ଭାଷାରେ – "ପାଚେରି ଏପାଖେ କଣ୍ଟାର ବୁଦା, ପାଚେରି ସେପାଖେ ଫୁଲ / ପାଚେରି ମଝିରେ ଥାଇ ମୁଁ ତଉଲେ, ଜୀବନ ନିକିତିରେ କଣ୍ଟା ଓ ବୁଦା ହୋଇଯାଏ ସମତୁଲ ।" (୫) । ଦୁଃଖ ସମୟରେ ଅଧିକ ବିଚଳିତ ହେବାର କୌଣସି ଆବଶ୍ୟକ ନାହିଁ । କାରଣ ଯାହା ଭବିତବ୍ୟ ତାହାକୁ ତ କେହି ଏଡାଇ ପାରିବେ ନାହିଁ, ତେଣୁ କଷ୍ଟରେ ବଞ୍ଚିବା ଅପେକ୍ଷା ଉଭୟକୁ ସମାନ ମଣି ରହିବାରେ ଅସୁବିଧା କିଛି ନାହିଁ । ସେ ଫୁଲ ହେଉ କି କଣ୍ଟା, ବିଷ ହେଉ କି ଅମୃତ, ସୁଖରେ ଅବା ଦୁଃଖରେ ଓ ହସରେ ଅଥବା ଲୁହରେ ଉଭୟକୁ ସମଜ୍ଞାନ କରୁଥିବା ବ୍ୟକ୍ତି ହିଁ ଆନନ୍ଦ ଲାଭ କରିପାରିଥାଏ ।

ସେହିଭଳି ଆମେ ଅନେକ ସମୟରେ ଲକ୍ଷ୍ୟ କରିଥାଉ କେହି ଜଣେ ଅନ୍ୟ ଜଣକ ଦ୍ୱାରା ପ୍ରତାରିତ ହୋଇଛି ବା ବିଶ୍ୱାସଘାତକତାର ଶିକାର ହୋଇଛି । ପ୍ରତାରିତ କରିଥିବା ବ୍ୟକ୍ତିର ସନ୍ଧାନ କରାଯାଏ, ତେବେ ସନ୍ଧାନ ମିଳିବ ଯେ ବିଶ୍ୱାସରେ ବିଷ ଭରିଥିବା ଲୋକଟି ଆଉ କେହି ନୁହଁ । ଉକ୍ତ ବ୍ୟକ୍ତିଙ୍କ ଅତି ଘନିଷ୍ଠ ବନ୍ଧୁଙ୍କ ଦ୍ୱାରା ଏ କାର୍ଯ୍ୟ ସମ୍ଭବ ହୋଇଛି । ଏପରି ସ୍ଥିତିରେ ମନୁଷ୍ୟ ଭାଙ୍ଗି ପଡ଼ିବା ସୁନିଶ୍ଚିତ । ଏଇ ଭଲ କାମ ଯଦି ଜଣେ କୁମିତ୍ର କରିଥାନ୍ତେ ତେବେ ସେତେଟା ଆଘାତ ଲାଗି ନଥାନ୍ତା କାରଣ ତାଙ୍କର ସ୍ୱଭାବ ହେଉଛି କପଟ ଆଚରଣ କରିବା, ଛଳନା କରିବା । ମାତ୍ର ଯେତେବେଳେ ଜଣେ ଅତି ନିଜର ଆତ୍ମୀୟ ବ୍ୟକ୍ତି ଏ କାର୍ଯ୍ୟ କରୁଛନ୍ତି ସେତେବେଳେ ସହନଶୀଳ ବ୍ୟକ୍ତି ମଧ୍ୟ ଭାଙ୍ଗିପଡନ୍ତି । ସେଥିପାଇଁ ଲେଖକ 'ମିତ୍ରର ଭର୍ତ୍ସନା' ଶୀର୍ଷକରେ କହୁଛନ୍ତି – "ମିତ୍ରର ଭର୍ତ୍ସନା ମଣିଷକୁ ନିଃସହାୟ କରିଦିଏ, ଜୀବନର ସମସ୍ତ ସାରସତାକୁ ନଷ୍ଟ କରିଦିଏ ଆଉ ତାକୁ ମୃତ୍ୟୁମୁଖୀ କରେ ।" ( ୬) । ମଣିଷର ଦୁଇଟି ରୂପ ଥିବା ହେତୁ ଅସଲ ରୂପଟି ଜଣା କେବେ ପଡେ ନାହିଁ, ଯଦି କେହି ଏହାର ସୂଚନା ମିଳୁଛି କି ବନ୍ଧୁ ଜଣକ ପଛରେ ଆପଣଙ୍କ ହାନି କରାଉଛନ୍ତି, ତେବେ ତାହା ତତକ୍ଷଣାତ ତ୍ୟାଗ କରିବା ଉଚିତ । କାରଣ ସେଭଳି ମିତ୍ର ପଣ୍ଡିତ ଚାଣକ୍ୟଙ୍କ ଭାଷାରେ ବିଷକୁମ୍ଭପୟୋମୁଖମ୍ ସଦୃଶ । ସମ୍ମୁଖରେ ମିଠା କଥା କହି ପଛପଟରେ କ୍ଷତି ସାଧନ କରୁଥିବା ବ୍ୟକ୍ତିର ସଙ୍ଗ ବର୍ଜନ କରିବା ଉଚିତ, ନଚେତ ସେ ଆପଣଙ୍କର ସର୍ବନାଶର ମୁଖ୍ୟ କାରଣ ହେବେ । ( ୭) ।

ISSN NO.
2582-208X

ସେହିପରି ଅନ୍ୟ ଏକ ଶୀର୍ଷକ ଲେଖା ହେଉଛି 'ଜୀବନ-ମଧୁମୟ : ମୃତ୍ୟୁ ଅମୃତମୟ' ରେ କହିବାକୁ ଚାହିଁଛନ୍ତି ଯେଉଁ ବ୍ୟକ୍ତି ବିଶେଷ ଜୀବନକୁ ଭଲପାଆନ୍ତି, ସେ ଆସୁଥିବା ମୃତ୍ୟୁକୁ ସ୍ୱାଗତ କରନ୍ତି, ଭୟ କରନ୍ତି ନାହିଁ । ସେ ଲେଖିଛନ୍ତି – "ସେମାନେ ନୀଳ ଆକାଶକୁ ଦେଖିବାରେ ଯେପରି ମୁଗ୍ଧ ହୁଅନ୍ତି, ସହନଶୀଳ ମାଟିର ସ୍ପର୍ଶ ଅନୁଭବ କରି ଯେପରି ଗଭୀର ସ୍ନେହ ଅନୁଭବ କରନ୍ତି, ସୂର୍ଯ୍ୟର ଉଦୟ ଓ ଅସ୍ତ ଦେଖି ଯେପରି ଅଭିଭୂତ ହୁଅନ୍ତି x x x ସେପରି ସେମାନେ ଜୀବନ ପରେ ମୃତ୍ୟୁ ଆସିବ ବୋଲି କେବେ ଆତଙ୍କଗ୍ରସ୍ତ ହୁଅନ୍ତି ନାହିଁ । ମୃତ୍ୟୁର ପ୍ରତୀକ୍ଷାରେ ସେମାନେ ପୁଲକ ଅନୁଭବ କରନ୍ତି ।" (୮) । ବାସ୍ତବରେ ଦିନେ ଧରାବତରଣ କରିବାର ଅର୍ଥ ଦିନେ ମୃତ୍ୟୁକୁ ମଧ୍ୟ ପ୍ରାପ୍ତ ହେବା । ତେଣୁ ଯେଉଁ ନିଷ୍ଚିତ ମରଣ ଦିନେ ଅବଶ୍ୟ ଆସିବ ତାକୁ ଭୟ କଲେ , ବଞ୍ଚୁଥିବା ସୁଖର ମୂହୁର୍ତ୍ତଗୁଡ଼ା ବି ଦୁଃଖରେ, ଭୟରେ କଟିଯିବ । ଆଉ ଗୋଟିଏ କଥା ରମାକାନ୍ତ ରଥଙ୍କ ଭାଷାରେ ଯେଉଁ ଜୀବନଟା ଆମର ନୁହେଁ, ଯେଉଁ ମୃତ୍ୟୁ ଆମର ନୁହଁ ତାକୁ ଭୟ କରିବା କାହିଁକି ? ସବୁକିଛି ଈଶ୍ୱରଙ୍କ ଦାନ । ସବୁକିଛି ଯଦି ଈଶ୍ୱରଙ୍କ ଇସାରାରେ ପରିଚାଳିତ ଆଉ ଆମେ ଜଣେ ଜଣେ ତାଙ୍କ ରଚିତ ରଙ୍ଗମଞ୍ଚର କେବଳ ମାତ୍ର କଳାକାର, ତେବେ ଭୟ କାହିଁକି ? ତେଣୁ ଦୁଃଖ ହେଉ କି ସୁଖ, ଆଶା ହେଉ କି ହତାଶା, ଜନ୍ମ ଅବା ମୃତ୍ୟୁ ଅଥବା ଆଲୋକ କିମ୍ବା ଅନ୍ଧାର ହେଉ ଜୀବନର ଏ ସମସ୍ତ ଦିଗକୁ ଭୟ ପରିବର୍ତ୍ତେ ସାଦରେ ସ୍ୱାଗତ କରିବା ଆବଶ୍ୟକ । ଜୀବନ-ମୃତ୍ୟୁକୁ ଭଲ ପାଇଲେ ବଞ୍ଚିଥିବା ଜୀବନ ଅମୃତମୟ ହୋଇଯାଏ । କାରଣ ଭଗବାନଙ୍କ ସୃଷ୍ଟି ଯଦି ଅମୃତମୟ ବୋଲି ବିଶ୍ୱାସ କରୁଛୁ ତେବେ ତାଙ୍କ ସୃଷ୍ଟ ମୃତ୍ୟୁ ମଧ୍ୟ ଅମୃତମୟ । ତେଣୁ ଜୀବନକୁ ଭଲପାଇବା, ଜୀବନକୁ ଭଲ ପାଇଲେ ମୃତ୍ୟୁ କଥା ଶୁଣି ଆସୁଥିବା ଭୟ ଆପେ ଆପେ ଦୂରୀଭୂତ ହୋଇଯିବ ।

ପ୍ରଫେସର ମେହେରଙ୍କ ଏହି ଡାଏରୀ ସଂକଳନ ମଧ୍ୟରେ ରହିଥିବା ସମସ୍ତ ଲେଖା ଜୀବନଧର୍ମୀ ଲେଖା ଓ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଜୀବନର ଅସଜଡା ଦିଗକୁ ସୁନ୍ଦର ଭାବରେ ସଜାଡି ଦେବାରେ ଲେଖକଙ୍କ ଏ ପୁସ୍ତକ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ । ଏଥିରେ ନିଜ ଅନୁଭବ ଓ ଅନୁଭୂତି ଭିତରେ ମଣିଷ ଜୀବନର ଗହନ କଥା ଏପରି ଭାବରେ ଉତ୍କୀର୍ଣ୍ଣ ହୋଇଛି ଯେ ଜଣେ ପାଠ କଲେ ଉପଲବ୍ଧି କରିପାରିବେ । ଲେଖକ ଲେଖିଦେଇଥିବା ପ୍ରତ୍ୟେକ ବାକ୍ୟ ଜୀବନର ଅନ୍ତର୍ସତ୍ୟକୁ କେବଳ ବର୍ଣ୍ଣନା କରୁ ନାହିଁ ବରଂ ମଣିଷର ଚେତନାକୁ ଉର୍ଦ୍ଧ୍ୱାୟିତ କରିବାରେ ଏ ପୁସ୍ତକର ଶବ୍ଦ ସବୁ ଯେମିତି ବାଟ ଚାହିଁ ବସିରହିଛି ।

ISSN NO.
2582-208X

ସଂକେତ ସୂଚୀ :

୧.୧୯୮୪, ଦାସ , ଚିତ୍ତରଞ୍ଜନ - ରୋହିତର ଡାଏରୀ; ବିଦ୍ୟାପୁରୀ , ପ୍ରଥମ ପ୍ରକାଶ - ମୁଖବନ୍ଧ ।
୨. ୨୦୨୫, ମେହେର , ପ୍ରଫେସର ମଣୀନ୍ଦ୍ର କୁମାର - ଧୂଳିକଣାର ଧୂକଧୂକି; ବନଫୁଲ, ଭୁବନେଶ୍ୱର, ପ୍ରଥମ ପ୍ରକାଶ , ପୃ- ୧୬ ।
୩. ତତ୍ରୈବ, ପୃ- ୨୮ ।
୪. ତତ୍ରୈବ, ପୃ- ୫୬ ।
୫. ରଥ, ବ୍ରଜନାଥ - ଏକ ଏକ ଏକପଦୀ ।
୬. ୨୦୨୫, ମେହେର, ପ୍ରଫେସର ମଣୀନ୍ଦ୍ର କୁମାର - ଧୂଳିକଣାର ଧୂକଧୂକି; ବନଫୁଲ, ଭୁବନେଶ୍ୱର, ପ୍ରଥମ ପ୍ରକାଶ, ପୃ- ୫୯ ।
୭. ଚାଣକ୍ୟ ନୀତି, ଶ୍ଳୋକ - ୧୧ ।
୮. ୨୦୨୫, ମେହେର, ପ୍ରଫେସର ମଣୀନ୍ଦ୍ର କୁମାର - ଧୂଳିକଣାର ଧୂକଧୂକି; ବନଫୁଲ, ଭୁବନେଶ୍ୱର, ପ୍ରଥମ ପ୍ରକାଶ, ପୃ- ୭୫ ।

(((-)))

ଗବେଷକ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ , ବାଲେଶ୍ୱର
ମୋ - ୬୨୦୭୮୨୯୩୮୪

ISSN NO.
2582-208X

# ମା'ର ହସ..



ମନୋଜ କୁମାର ବେହେରା

ବୟସର ସାୟାହ୍ନରେ ପହଞ୍ଚିଲାବେଳକୁ
ମା' ହସୁଥିଲା ସଭିଙ୍କୁ ଦେଖି
କିଛି ବାଛବିଚାର ନଥିଲା ତା'ର..
କିଏ ଚିହ୍ନା କିଏ ଅଚିହ୍ନା ଫରକ ପଡୁନଥିଲା
ହସିହସି ସେ ସ୍ୱାଗତ କରୁଥିଲା ଅତିଥିଙ୍କୁ
ସମସ୍ତଙ୍କୁ ଆଦର କରୁଥିଲା ସ୍ନେହରେ ହସି
ବେଳେବେଳେ ତାକୁ ଦେଖିଲେ ଲାଗୁଥିଲା
ସେ ଯେମିତି ଏକ ନିଷ୍ପାପ ଶିଶୁ..
ନାହିଁ ତା'ର ବାକି ଆଉ ଦୁଃଖ କିଛି ।
ଯିଏ ଗଲା ଅସିଲା ତାକୁ ସ୍ନେହରେ କହେ
ବସ୍! ଟିକିଏ, କିଛି ଖାଇ ଦେଇ ଯା'
ସମସ୍ତେ ପ୍ରାୟ ମନକୁ ତା'ର ରଖିବା ପାଇଁ
ଖାଇବା ଜିନିଷ ଧରି ବସି ପଡନ୍ତି ତା' ପାଖରେ
ଯେମିତି ତାକୁ ଲାଗିବ ସମସ୍ତେ ତାକୁ ମାନନ୍ତି
ଏତିକ ଟିକିଏରେ ସେ ହେଇଯାଏ ଖୁସି
ଆଉ ମୁଚୁମୁଚୁ ହେଇ ହସୁଥାଏ ଚୁପ୍‌ଚାପ୍ ବସି
ଖୁସିମନରେ ମା' ଦେଖେ ସଭିଙ୍କୁ
ହସିହସି ଢାଳି ଦିଏ ସେ ଆଶୀଷ
ସାଉଁଳେଇ ଦେଇ ମୁଣ୍ଡକୁ ଟିକିଏ ସ୍ନେହରେ

ISSN NO.
2582-208X

ମାରି ଦେଇ ତା'ର ଥରୁଥାଏ ଶିରାଳ ହାତ ।
ରାଗେନାହିଁ ଜମା ସେ କେବେ କାହା ଉପରେ
ସବୁବେଳେ ହସୁଥାଏ କେତେ କଟଣ ଭାବି
ବୋଧହୁଏ ହସର ଧାର ଭିତରେ ସେ
ଲୁଚାଇ ରଖିଥାଏ ଛାତିତଳର କୋହକୁ!
ଜାଣେନା ମୁଁ ସେ ସତରେ ଖୁସିଥାଏ
ଅବା ମିଛମିଛିକା ଏମିତି ହସୁଥାଏ
ସେ ସମସ୍ତଙ୍କୁ ସୁଖରେ ରଖିବା ପାଇଁ
ବେଳେବେଳେ ତା'ର କଥା ଶୁଣି
ବହୁତ ଚିଡିମାଡେ, ରାଗ ଲାଗେ..
ହେଲେ ତା'ର ପାକୁଆ ପାଟିର ହସହସ
ମୁହଁରସେଇ ପଦିଏ କଥା..
ବସ୍! ଟିକିଏ, କିଛି ଖାଇଦେଇ ଯା'..
ପୋଛି ଦିଏ ସବୁ ରାଗ କ୍ଷଣିକରେ
କାହିଁକିନା ସେ ତ ମା'..
ଆଉ ଏ ଦୁନିଆରେ କେବଳ ମା'ହିଁ ଚିହ୍ନେ
ତା' ଛୁଆ ପେଟର ଭୋକକୁ ।
ଯେତେବେଳେ ମୃତ୍ୟୁ ଆସିଲା ତା' ପାଖକୁ
ସେତେବେଳେ ସେ ହୁଏତ ଆସିଥିବ
ଏତେ ନିକଟରେ ମୃତ୍ୟୁକୁ ଦେଖି
ଆଉ ନିଜ ଜୀବନକୁ ତାକୁ ଦେଲାବେଳେ
ହୁଏ ନିଶ୍ଚୟ କହୁଥିବ ଯମଦୂତଙ୍କୁ
ବସ୍! ଟିକିଏ, କିଛି ଖାଇ ଦେଇ ଯା' ।

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,
ୟୁନଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୭୧୧

ISSN NO.
2582-208X

# ଡ଼ାକବାଲା



ମାମିଲତା ସାହୁ

ସମ୍ପର୍କର ସେତୁବନ୍ଧ ବାନ୍ଧୁଥିବା
ଖାକି ମାମୁଁଟି କାହିଁ ଗଲେ
ଦ୍ୱିଚକ୍ରି ଯାନେ ଟିନଟିନ ଘଣ୍ଟି ବଜାଇ
ସାଉଁଟି ଆଣୁଥିଲେ
ଦୁଃଖସୁଖ, ଭଲମନ୍ଦ
ଅନନ୍ୟ ଅକୁହା କଥା ।

ଆକୁଳ ଅନ୍ତରେ, ଅନନ୍ତ ଉଚ୍ଛ୍ୱାସରେ
ବୃଦ୍ଧ ପିତାମାତା, ନବବଧୂ
ସଭିଙ୍କର ପ୍ରତୀକ୍ଷା ଥିଲା
ବାର୍ତ୍ତା ନେଇ ଆସିବ
ଅତି ପ୍ରିୟ ମନ ର ମଣିଷ
ଆସ୍ଥା ଆଉ ବିଶ୍ୱାସ ର ଗାଥା ।

ଆସିବ କି ଖବର, ମନି ଅର୍ଡର,ପାର୍ସଲ ଅବା ନବବର୍ଷ
ଗ୍ରିଟିଂସ୍, ପ୍ରେମ ଅବା ବିରହ ର ବାଣୀ
ସ୍ମୃତି ଆଉ ବିସ୍ମୃତି ର ଲେଖା ।

ISSN NO.
2582-208X

ସଭିଙ୍କର ଭାରି ପ୍ରିୟ ଥିଲା ସେଇ ମଣିଷ ଟା
ଆଜି କାକ ମଥାନେ ରାବିଛି
ଆସିବ ସମ୍ଭାବନାର ବାର୍ତ୍ତା
ଚକ୍ଷୁ ଓଦା କରି ଅବା ହର୍ଷ ବିଷାଦ ରେ
ଉଡିଆସି ବାରମାସି ଚଢ଼େଇ ପରି
କହିଯିବ ଅକୁହା ମନ ର ଭାବୁକତା ।

କାହିଁକି ସେ ହଜିଗଲା ଇଣ୍ଟରନେଟ,
ଇ- ମେଲ, ଦୂରଭାଷ ଯନ୍ତ୍ର ପାଇଁ
ହଜିଗଲା ସେ ପ୍ରେମ, ପ୍ରତୀକ୍ଷା
ଅନନ୍ୟ ଅନୁଭୂତି
ଅପାଶୋରା ସମ୍ପର୍କର ଉତ୍ସୁକତା
କାଳ ବୈଶାଖୀରେ ଉଡିଗଲା
ସତରେ ଭାରି ମନେ ପଡ଼େ
ପ୍ରିୟ, ପ୍ରିୟ, ପ୍ରିୟ ଡାକବାଲା....

(((-)))

ଶିକ୍ଷୟିତ୍ରୀ
ନୀଳମାଧବ ନୋଡ଼ାଲ ବିଦ୍ୟାପୀଠ, କଣ୍ଟିଲୋ
ଜିଲ୍ଲା - ନୟାଗଡ଼
ଦୂରଭାଷ ନମ୍ବର - 9853757603

ISSN NO.
2582-208X

# କିଛି ଓଡ଼ିଆ ହାତଲେଖା ପତ୍ରିକା

ସଂଘମିତ୍ରା ବେହେରା

ପତ୍ରିକା ଶବ୍ଦଟି ନବଜାଗରଣ ସମୟରେ ଅନୁବାଦ ଅନୁସରଣରେ ଆରମ୍ଭ ହେଲା। ପୂର୍ବରୁ ଏହା ପତ୍ର ନାମରେ ହିଁ ସୀମିତ ଥିଲା। ଏ ପତ୍ର କାବ୍ୟକବିତାରେ ନାୟକ ନାୟିକାମାନଙ୍କ ପାଇଁ 'ଚିଟାଉ' ଭାବେ ପରିଚିତ। 'ବିଦଗ୍ଧ ଚିନ୍ତାମଣି'ର ପଞ୍ଚଦଶ ଛାନ୍ଦରେ ଚନ୍ଦ୍ରାବଳୀଙ୍କଠାକୁ କୃଷ୍ଣଙ୍କ ପ୍ରସଙ୍ଗ ଚିଟାଉ "ରସାମୃତ କୃଷ୍ଣ ଭାଷ। ରମଣୀ ପଠନେ ଆଶ।/ରସିଣ ଚିଟାଉ ଫିଟାଉ ଫିଟାଉ ଟାଉ ଟାଉ ହେଲା ଦୃଶ। ସେ ସୁମତିର" ପୁନଶ୍ଚ ଏହି ଚିଠିରେ ଭାଷା ଦେଇ ଲେଖିବା କଳାକୌଶଳ ଥିଲା:-

"ରଞ୍ଜନ ଲେଉଟ ଭାଷ। ରସିକା କରି ପ୍ରକାଶ।/
ରସିକେ ବିଚାର ଦେଇ ସଖାଚାର ପେଶିଲା ଗୋବିନ୍ଦ ପାଶ।"

ଜଣାଯାଏ ବ୍ୟକ୍ତିଗତ କ୍ଷେତ୍ରରେ ଏହା ଥିଲା ଚିଟାଉ। ମହିଷାସୁରର ରାଜ୍ୟ ଜୟରେ ମଧ୍ୟ ଏଭଳି ଚିଟାଉ ରହିଛି। ଏହାର ବୈଶିଷ୍ଟ୍ୟ ହେଉଛି ଚର ଗୋଟିଏ ଜାଗାରେ ଛିଡ଼ା ହୋଇ ବା ଢେଙ୍ଗୁରା ବାଡ଼େଇ ପ୍ରଚାର କରୁଥିଲା। ଏଗୁଡ଼ିକ ଲେଖା ପତ୍ର ଉପରେ ରଙ୍ଗ ମାଧ୍ୟମରେ କରାଯାଇଥାଏ। ପରେ କିଛି ଚିତ୍ର ମଧ୍ୟ ସନ୍ନିବିଷ୍ଟ ହୋଇଥିଲା। ତେଣୁ ଆଧାର-ଆଧେୟ ସଂପର୍କରେ ପତ୍ର ହିଁ ପ୍ରଧାନ ଉତ୍ସ। ପତ୍ରିକାଟି ଆଉ ଗୋଟିଏ ଲେଖା ନୁହେଁ, ଏକାଧିକ ଭାବକୁ ନେଇ ସଞ୍ଚାର ହୋଇଥିଲା। ତେଣୁ ନବଜାଗରଣ ସମୟରେ ପତ୍ରପତ୍ରିକା ପ୍ରକାଶକୁ ଗୁରୁତ୍ୱ ଦିଆଗଲା। ଯଦିଓ ଏହା ପୃଷ୍ଠପଟରେ ପ୍ରିଣ୍ଟିଂ ପ୍ରେସ ଓ କାଗଜର ପ୍ରଚଳନ ଆରମ୍ଭ ହୋଇସାରିଥିଲା। ପତ୍ରପତ୍ରିକା ଆଜି ଆଉ ସେହି ଗୋଟିଏ ଅର୍ଥରେ ନାହିଁ। ନବଜାଗରଣ ସମୟରେ ସମ୍ବାଦ ବା ଖବର ସହିତ ସାହିତ୍ୟ ଏକତ୍ର ପ୍ରକାଶ ପାଉଥିଲା। ଆଜି ଧାରା ବଦଳିଛି। ତେଣୁ ଆଉ ପତ୍ରପତ୍ରିକା ଖବରକାଗଜ ଏକ ନୁହେଁ। ଗୋଟିଏ ଆନନ୍ଦ ଦେଉଥିଲା ଏବଂ ଅନ୍ୟଟି ଚାରିଦିଗରୁ ବାର୍ତ୍ତା ପହଞ୍ଚାଇବା ସହ ଜାଗରଣ କରୁଥିଲା। ପୁନଶ୍ଚ ଆଜିକାଲି ଇଂରାଜୀରେ ଏ ସମସ୍ତର ନାମ ଭିନ୍ନଭିନ୍ନ ହୋଇଛି ଯେପରି ନ୍ୟୁଜ ପେପର, ମାଗାଜିନ୍,

ISSN NO.
2582-208X

ଜର୍ଣ୍ଣାଲ ଇତ୍ୟାଦି। ନ୍ୟୁଜ ପେପର ବା ଖବରକାଗଜରେ କେବଳ ଦେଶ ବିଦେଶର ଖବରକୁ ଗୁରୁତ୍ୱ ଦେଇଛି। ମାଗାଜିନ୍‌ରେ ଫିଚର, କବିତା, ଗଳ୍ପ, ନାଟକ ସମୂହର ପ୍ରକାଶ କଲାବେଳେ ଜର୍ଣ୍ଣାଲରେ ଗବେଷଣାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଗ୍ରହଣ କଲାଣି। ମାତ୍ର ଓଡ଼ିଶାରେ ଅଦ୍ୟାବଧି ଜର୍ଣ୍ଣାଲ ଓ ମାଗାଜିନ୍ ଭିତରେ ପ୍ରଭେଦ ଜାଣିବା ଖୁବ୍ ଜଟିଳ ।

ହାତଲେଖା ପତ୍ରିକାର ଆବଶ୍ୟକତା:- ଓଡ଼ିଶାରେ ଜାତୀୟ ଜାଗରଣରେ ହାତଲେଖା ପତ୍ରିକା ନିହାତି ଆବଶ୍ୟକତା ରହିଥିବା ପରି ମନେହୁଏ।ଏହି ପତ୍ରିକାଗୁଡ଼ିକ ନିଜର ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ବଜାୟ ରଖିବା ପାଇଁ ପ୍ରୟାସ କରିଛନ୍ତି। ଏହାଛଡ଼ା ଯେଉଁ ପତ୍ରିକା ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରକାଶ ପାଉଥିଲା ସେମାନଙ୍କୁ କିଛି କଟକଣାକୁ ମାନିବାକୁ ପଡୁଥିଲା। ଯେପରି ଭର୍ଣ୍ଣାକୁଲାର ପ୍ରେସ ଆକ୍ଟ ଅର୍ଥାତ୍ ଏହି ଆକ୍ଟ ଆଧାରରେ ସରକାରଙ୍କ ପ୍ରଣୟନ ଶାସନ ପାଇଁ କେହି କିଛି ପ୍ରକାଶ କରିପାରିବେ ନାହିଁ। ଆଞ୍ଚଳିକ ଭାଷାରେ ପ୍ରକାଶିତ ପତ୍ରିକାମାନଙ୍କ ଉପରେ ଏଭଳି କଟକଣା ବା ଅଙ୍କୁଶ ଲଗାଇବା କଟା ଘା'ରେ ଚୂନ ଦେବା ଭଳି ଥିଲା। ପ୍ରଥମତଃ ଇଂରେଜ ସରକାରଙ୍କ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ନିରବ ରହିବା ପାଇଁ ଲୋକମାନେ ଆଉ ଚାହୁଁ ନଥିଲେ। ଦ୍ୱିତୀୟରେ ସର୍ବସାଧାରଣଙ୍କ ନିକଟରେ ଜାଗରଣ ପାଇଁ ପ୍ରତିବାଦର ସ୍ୱର ଉତ୍ତୋଳନ କରାଇବା ମଧ୍ୟ ସେତିକି ଗୁରୁତ୍ୱ ଥିଲା। ଏଗୁଡ଼ିକ ଜାତୀୟ କାର୍ଯ୍ୟ ଉଦ୍ଦେଶ୍ୟରେ ଅତ୍ୟନ୍ତ ଆବଶ୍ୟକ ବୋଲି ମନେହୁଏ। ତେଣୁ ହାତଲେଖା କରି ବୁଲେଟିନ ବଣ୍ଟା ଯାଉଥିଲା ବୋଲି କୁହାଯାଏ। ଅନ୍ନପୂର୍ଣ୍ଣା ମହାରଣାଙ୍କ 'ଅମୃତ ଅନୁଭବ'ରେ ଏହା ପରୋକ୍ଷରେ ପ୍ରତିଫଳିତ ଅଛି। ଭର୍ଣ୍ଣାକୁଲାର ପ୍ରେସ ଆକ୍ଟ ୧୮୭୮ ମସିହାରେ ଲର୍ଡ ଲିପନଙ୍କ ସମୟରେ ପ୍ରଣୟନ ହେଲା। ଆଞ୍ଚଳିକ ଭାଷାଭାଷୀ ପତ୍ରିକା ପ୍ରତି କଟକଣା ଅତ୍ୟନ୍ତ ଜଟିଳ ଥିଲା। ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ନିକଟରେ ପତ୍ରିକା ହେଉ ବା ଖବର କାଗଜ ହେଉ ପ୍ରକାଶ ପୂର୍ବରୁ ଘୋଷଣାନାମା ଦେବାକୁ ପଡୁଥିଲା। ଇଂରେଜ ସରକାରଙ୍କ ବିରୋଧରେ କୌଣସି ମନ୍ତବ୍ୟ ପ୍ରକାଶ ନ ପାଇଁ ମୁଦ୍ରାକର, ସଂପାଦକ କିମ୍ବା ପ୍ରତିଷ୍ଠାତାଙ୍କୁ ସରକାରଙ୍କ ଘୋଷଣାନାମାରେ ସ୍ୱାକ୍ଷର ଦେବାକୁ ପଡୁଥିଲା। ଏହି ପରିସରକୁ ଜନ୍ମଗ୍ରହଣ କରିଥିଲା କେତେକ ହାତଲେଖା ପତ୍ରିକା। ଏହାର ଚାହିଦା ଶିକ୍ଷାୟତନକୁ ମଧ୍ୟ ପ୍ରଭାବିତ କରିଥିଲା। ଯେଉଁ ଭର୍ଣ୍ଣାକୁଲାର ଶିକ୍ଷାକୁ ପାଇ ଦେଶବାସୀ ଆନନ୍ଦ ଅନୁଭବ କରୁଥିଲେ ଗଣମାଧ୍ୟମରେ ତା'ର ଆଉ ଏକ ପ୍ରଭାବକୁ ବ୍ରିଟିଶ ସରକାର ଭାରତୀୟଙ୍କ ଉପରେ ପକାଇ ଅସହ୍ୟ ଦୁର୍ଦ୍ଦିନରେ ହନ୍ତସନ୍ତ କରିଥିଲା।

ଏଠାରେ କେତେକ ହାତଲେଖା ପତ୍ରିକା ସମ୍ପର୍କରେ ଉଲ୍ଲେଖ କରାଯାଇଛି –

ISSN NO.
2582-208X

୧. 'କୁଜିବର' ହାତଲେଖା ପତ୍ରିକା:- ବର୍ତ୍ତମାନ ଚୌଦ୍ୱାର ନିକଟସ୍ଥ କୁଜିବର ସ୍ଥାନରୁ ମହାତ୍ମା ସାଧୁସୁନ୍ଦର ଦାସଙ୍କ ଉଦ୍ୟମରେ କୁଜୀବର ହାତଲେଖା ପତ୍ରିକା ୧୭୬୯ ମସିହାରେ ପ୍ରକାଶ ପାଇଥିଲା। ଏହା ହରିତାଳି ଉପରେ ଲେଖା ଯାଇଥିଲା। ଏଥିରେ ଆଜିକାଲିର ଖବର ଭଳି ରାଜନୀତି, ଇତିହାସ, ସାମାଜିକ ସମସ୍ତ ଘଟଣା ଲିପିବଦ୍ଧ କରାଯାଉଥିଲା। ନିଜର ଶିଷ୍ୟମାନଙ୍କ ଦ୍ୱାରା ସେଗୁଡ଼ିକୁ ହାଟ ମଧ୍ୟରେ ବଣ୍ଟା ଯାଉଥିଲା। ଏଥିରେ ବ୍ରହ୍ମ ଚେତନା ସଂପର୍କରେ ମଧ୍ୟ ଉଲ୍ଲେଖ ରହିଥିଲା। ସାଧୁସୁନ୍ଦର ଦାସ ଜଣେ ପରମ ସନାତନ ବିଶ୍ୱାସୀ ଥିଲେ। ଯଦି ବିଚାର କରାଯାଏ ଏହା ପୋଥିରେ ଲେଖା ଯାଉଥିବା ପ୍ରଥମ ହାତଲେଖା ପତ୍ରିକା।

୨. 'ଅଳକା' ହାତଲେଖା ପତ୍ରିକା:- ଅଳକା ପତ୍ରିକାର ସମୟ ନିର୍ଦ୍ଦିଷ୍ଟ ଜଣାଯାଏନାହିଁ। ଅଳକା ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା ତତ୍କାଳୀନ ଅବିଭକ୍ତ କଟକ ଜିଲ୍ଲାର ଜଗତସିଂହପୁରଠାରେ ପ୍ରତିଷ୍ଠା ହୋଇଥିଲା। ଅଳକା ନଦୀ କୂଳରେ ଅବସ୍ଥିତ ଥିବାରୁ ଏହାର ନାମକରଣ ଅଳକା ରଖାଯାଇଥିଲା। ଏଠାରୁ ପ୍ରକାଶ ପାଇଥିଲା ହାତଲେଖା ପତ୍ରିକା 'ଅଳକା'। ଗାନ୍ଧୀଙ୍କ ନୀତି, ଦେଶାତ୍ମବୋଧକ ସଙ୍ଗୀତ, ପ୍ରାର୍ଥନା ଆଦି ଏଥିରେ ଉଲ୍ଲେଖ ଥିଲା। ସରଳା ଦେବୀ, ରମାଦେବୀ, ମାଳତୀ ଚୌଧୁରୀ ପ୍ରଭୃତିଙ୍କ ଉଦ୍ୟମରେ ଏହା ପ୍ରକାଶ ପାଇଥିଲା। ହରିଜନ ପିଲାମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନକୁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ଆନୁମାନିକ ଏହା ୧୯୧୯-୨୧ ମଧ୍ୟରେ ପ୍ରକାଶ ପାଇଥିଲା।

୩. 'ମଧୁବାଣୀ' ହାତଲେଖା ପତ୍ରିକା- ରାଜ୍ୟର ପ୍ରଗତି କ୍ଷେତ୍ରରେ ବିଦ୍ୟାଳୟମାନଙ୍କର ଭୂମିକା ଥିଲା। ଊନବିଂଶ ଶତାବ୍ଦୀର ଦ୍ୱିତୀୟ -ତୃତୀୟ ଦଶକରେ ବିଦ୍ୟାଳୟମାନଙ୍କରେ ଜାତୀୟତା ଓ ଭାଷାଭାବାପନ୍ନକୁ ଗୁରୁତ୍ୱ ଦିଆଗଲା। ଏ କ୍ଷେତ୍ରରେ ଭକ୍ତମଧୁ ବିଦ୍ୟାପୀଠର ଅବଦାନ ରହିଥିଲା। ଜଣାଯାଏ ପଲ୍ଲୀକବି ନନ୍ଦକିଶୋର ବଳ ଓ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଏହାର ଶିକ୍ଷକ ଥିବାବେଳେ ମଧୁବାଣୀ ନାମକ ହାତଲେଖା ପତ୍ରିକା ପ୍ରକାଶ କରିଥିଲେ। ୧୯୨୬ ମସିହାରେ ଏହି ପତ୍ରିକା ମୁଦ୍ରିତ ଅବସ୍ଥାରେ ପ୍ରକାଶିତ ହୋଇଥିଲା। ସମଗ୍ର ରାଜ୍ୟରେ ଏହା ସର୍ବପ୍ରଥମ ଛାପା ସ୍କୁଲ ପତ୍ରିକା। ୧୯୨୬ ଅକ୍ଟୋବର ମାସ ୨ତାରିଖରେ ଏହି ଛାପା ପତ୍ରିକାର ପ୍ରଥମ ସଂଖ୍ୟା ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଉନ୍ମୋଚନ ହେବା ସହ ଅନେକଙ୍କୁ ପ୍ରଦାନ କରାଯାଇଥିଲା। ସେ ଏହି ପତ୍ରିକାର ପ୍ରଶଂସା କରିଥିଲେ। ସ୍କୁଲର ପତ୍ରିକାରେ ପିଲାମାନଙ୍କ ରୁଚି ଅନୁସାରେ ସାହିତ୍ୟ ଲେଖିବା, ସମାଜର ରାଜନୀତି, ଶିକ୍ଷା ଓ ଅର୍ଥନୀତିକୁ ଏହି ପତ୍ରିକାରେ ସ୍ଥାନିତ କରାଯାଇଥିଲା।

ISSN NO.
2582-208X

୪. ହାତଲେଖା ପତ୍ରିକା 'ଜାଗରଣ':- ଜାଗରଣ ପତ୍ରିକାଟି ରେଭେନ୍‌ସା ପୂର୍ବ ଛାତ୍ରାବାସରୁ ଆରମ୍ଭ ହୋଇଥିଲା। ଏହାର ଆରମ୍ଭ ୧୯୨୧ ମସିହାରେ ହୋଇଥିବାର ଜଣାଯାଏ। କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ରଚନାରୁ ଜଣାଯାଏ ୧୯୩୧-୩୨ ମସିହାରେ ଏହା ହାତଲେଖାରେ ପ୍ରକାଶ ପାଉଥିଲା। ଏହି ପତ୍ରିକା ସବୁଜ ସାହିତ୍ୟିକଙ୍କ ବଳରେ ଏକଦା ଜାଜ୍ୱଲ୍ୟମାନ ହୋଇଉଠିଥିଲା। ରେଭେନ୍ସା ପୂର୍ବ ଛାତ୍ରାବାସରୁ ପ୍ରକାଶ ଏହି ବାର୍ଷିକ ପତ୍ରିକା କିଛି ସମୟ ଅପ୍ରକାଶିତ ରହି ଏହି ଏକବିଂଶରେ ପୁନଶ୍ଚ ପ୍ରକାଶ ପାଇଆସୁଅଛି ।

୫. 'କୁଙ୍କୁମ' ହାତଲେଖା ପତ୍ରିକା:-୧୯୪୮ ମସିହାରେ 'କୁଙ୍କୁମ' ପତ୍ରିକା ହାତଲେଖାରେ ପ୍ରକାଶ ପାଇଥିଲା। ଏହାର ସମ୍ପାଦକ ଥିଲେ ଦେବ ମହାପାତ୍ର ଏବଂ ସହ ସଂପାଦକ ଧୀରେନ ଦାଶ। ଏହି ପତ୍ରିକା ବମ୍ବେରୁ ପ୍ରକାଶ ପାଉଥିଲା। ସେହି ସମୟରେ ଏଥିରେ ଯତୀନ୍ଦ୍ର କୁମାର ଦାସ, ଜାନକୀ ବଲ୍ଲଭ ମହାନ୍ତି, ଧୀରେନ ଦାଶ, ବିଦ୍ୟୁତ୍‌ପ୍ରଭା ଦେବୀ, ନନ୍ଦିନୀ ପାଣିଗ୍ରାହୀ, ହେମନ୍ତ କୁମାରୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ମନୋଜ ଦାସ, ଅଚ୍ୟୁତାନନ୍ଦ ପତି (କବିତା) ପ୍ରମୁଖଙ୍କ ଲେଖା ଏଥିରେ ବାହାରିଥିବାର ଦେଖିବାକୁ ମିଳିଥାଏ। ଏହି ହାତଲେଖା ପତ୍ରିକାରେ ଗପ, କବିତା, ପ୍ରବନ୍ଧ, ସିନେମା, ମଜାକଥା, ବହିପତ୍ର, ଚିତ୍ର ଆଦି ବିଭାଗମାନ ରହୁଥିଲା।

ଏହି ହାତଲେଖା ପତ୍ରିକାମାନଙ୍କର ଭିତ୍ତିଭୂମି ଅତି ସୁଦୃଢ଼। ଏଗୁଡ଼ିକ ଇତିହାସର ମୂକସାକ୍ଷୀ। ହାତଲେଖା ପତ୍ରିକାଗୁଡ଼ିକର ରୂପରେଖ ଦେଖିବା ଆଜିକାଲି କଷ୍ଟସାଧ୍ୟ ହେଲାଣି। ତଥାପି ଓଡ଼ିଆ ବିଭବରୁ 'କୁଙ୍କୁମ' ହାତଲେଖା ପତ୍ରିକାର ସ୍ୱରୂପ ପାଠକମାନେ ସାଦରର ସହ ଦେଖିପାରିବେ। ଏଗୁଡ଼ିକ ସେହି ସମୟର ଘଟଣା ଓ ଭାବ ପ୍ରକାଶର ଗୋଟିଏଗୋଟିଏ ଯୋଗାଯୋଗର ମାଧ୍ୟମ। କବିତା, ଗପରୁ ମଧ୍ୟ କେତେକ ଘଟଣା ସମ୍ପର୍କରେ ପାଠକ ଅବଗତ ହୋଇପାରିବେ। ସନ୍ଧାନ କଲେ ଆହୁରି ହାତଲେଖା ପତ୍ରିକାର ନାମ ସଂଗ୍ରହ କରାଯାଇପାରିବ। ତେଣୁ ଲୁପ୍ତପ୍ରାୟ ଇତିହାସ କାଳଗର୍ଭରେ ଲୀନ ହେବା ପୂର୍ବରୁ ତାହାର ସନ୍ଧାନ ଓ ସେଥିରୁ ଗବେଷଣାର ଉତ୍ସ ରୂପେ ତଥ୍ୟ ପ୍ରଦାନ କରିବା ଆମ୍ଭମାନଙ୍କର ଗୁରୁଦାୟିତ୍ୱ ରହିଛି ।

(((-)))

ଆସିଷ୍ଟାଣ୍ଟ ପ୍ରଫେସର,ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋବାଇଲ - ୯୯୩୮୬୨୨୦୭୪

ISSN NO.
2582-208X

# ମହାବିଷୁବ ସଂକ୍ରାନ୍ତି



ନିରୁପମା ମିଶ୍ର

ଓଡିଆ ମାନଙ୍କର ବାର ମାସ ତେର ପର୍ବ ପଡିଥାଏ।
ବାରମାସ ରେ ବାର ଟି ସଂକ୍ରାନ୍ତି ହୋଇ ଥାଏ।
ବୈଶାଖ ମାସ ର ସଂକ୍ରାନ୍ତି ଟି ମହା ବିଷୁବ ସଂକ୍ରାନ୍ତି ବୋଲାଯାଏ।
ଏହି ଦିନ ରେ ବୀର ହନୁମାନ ଜୟନ୍ତୀ ପାଳନ କରାଯାଏ।
ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ଜନ୍ମ ଦିନ ରୂପେ ମଧ୍ୟ ଗଣାଯାଏ।
ପାଣି, ପଣା ଦାନ କରିବା ରୁ ପଣାସଂକ୍ରାନ୍ତି ରୂପେ ମନା ଯାଏ।
ଏହି ଦିନ ଠାରୁ ତପନ ଙ୍କର ତେଜ ବଢି ବଢି ଯାଇ ଥାଏ।
ତାହାର ଫଳରେ ଅଂଶୁଘାତ ମାନ ଘଟିଯାଏ।
ଅତି ଦରକାର ଥିଲେ ଭାଇ ।
ସଅଳ ସଅଳ କାମ ସାରି ଘରକୁ ଆସ ପଳାଇ।
ମୁଣ୍ଡ ରେ ଛତା, ହାତରେ ପାଣି ବୋତଲ ଧରି।
ଓଦା ଗାମୁଛା ଟିଏ ପାଶରେ ରଖିବା ହେତୁ କରି।
ଘର ମୁହଁ ରେ ଜଳପାତ୍ର ମାନ ଜଳପୂର୍ଣ୍ଣ କରି ରଖିବା।
ଜୀବଜନ୍ତୁ ମାନଙ୍କର ଶୋଷ ମେଣ୍ଟାଇ ପାରିବା।

(((-)))

ଚନ୍ଦ୍ର ଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ସାଜିଥାଏ ପର୍ଶୁର୍‌ମ



ପ୍ରଶାନ୍ତ କୁମାର ନାଥ

ଜାଗି ଉଠ ସବୁ ସନାତନୀ ହିନ୍ଦୁ
ଜାଗିଉଠ ଜାଗିଉଠ
ବିଧର୍ମୀମାନଙ୍କ ସଂଖ୍ୟା ବଢିଲାଣି
ଭାଙ୍ଗି ଦିଅ ତାଙ୍କ ଗୋଠ।

ବେଳ ଥାଉଁ ଥାଉଁ ସଜାଗ ହୁଅରେ
ବୁଡିଲାଣି ଧର୍ମ ରବି
ଉଠ ଉଠ ଆଜି ହିନ୍ଦୁଙ୍କ ଦାୟାଦ
ବଞ୍ଚାଅ ଭାରତ ଛବି।

ଧର୍ମ ଭୀରୁ ଆମ ପାଉଛି କଷଣ
ସତ କଥା ପଦେ କହି
କୋଟି କୋଟି ହିନ୍ଦୁ ଏକତ୍ର ହୁଅ ହେ
ଚୁପ୍ ରୁହ ନାହିଁ କେହି।

ଆସିବ ପ୍ରଳୟ ହେବ ଭୂମିକମ୍ପ
ଥରିବ ପୁରା ମେଦିନୀ
ଅଗ୍ନି ବରଷିବ ବିଧର୍ମୀ ଦେଖିବ
ତାତିଗଲେ ସନାତନୀ।

ISSN NO.
2582-208X

ସନାତନୀ ହିନ୍ଦୁ ନୁହେଁ ତ କପଟୀ
ନୁହେଁ ତ ଲମ୍ପଟ କାରୀ
ଭାରତକୁ ଯେତେ ଆସିଛ ବିଧର୍ମୀ
ସବୁ ତୁମେ ଅହଂକାରୀ ।

ଅତୀତ ପୃଷ୍ଠାରେ ଯେତେ ଧର୍ମ ଯୁଦ୍ଧ
ହିନ୍ଦୁ ହୋଇଛି ବିଜୟୀ
ଯେତକ ବିଦେଶୀ କାୟା ବିସ୍ତାରିଛ
ସବୁ ଅଟ ଆତତାୟୀ ।

ଅନ୍ତ କରିବାକୁ ବିଧର୍ମୀ ସାମ୍ରାଜ୍ୟ
ଆସିଛି ଗେରୁଆ ଧାରୀ
ବିଧର୍ମୀଙ୍କ ମନେ ଛାନିଆଁ ବଢୁଛି
ଶୁଣି ତାର ଶବ୍ଦ ଭାରି ।

ପାହାଡ଼ ଉପରେ ପଥର ଫିଙ୍ଗିଲେ
ପାହାଡ଼ କି ଭାଙ୍ଗି ଯିବ
ମୋ ଧର୍ମ ଯାଜକ ବିଶାଳ ପର୍ବତ
ହିନ୍ଦୁତ୍ୱକୁ ଧରି ଥିବ ।

ମୋ ଧର୍ମ ନୁହଇଁ ଏତେ ଯେ ହାଲକା
କାଫୁଙ୍କରେ ଉଡ଼ି ଯିବ
ସନାତନୀଙ୍କର ଏକ ହୁଁକାର ରରେ
ବିଧର୍ମୀ ସତ୍ତା ନଥିବ ।

ହିନ୍ଦୁ ରକତରେ ଲେଖା ନାହିଁ କେବେ
ହେବାକୁ ଗୁଲାମ କାରୀ

ISSN NO.
2582-208X

ଆପଣା ଧର୍ମକୁ ରକ୍ଷା କରିବାକୁ
ହୋଇପାରେ ଖଡ୍ଗଧାରୀ ।

ସତ୍ୟ ଅହିଂସାର ପୂଜାରୀ ହୋଇ ସେ
ପାଳୁଥାଏ ନିଜ ଧର୍ମ
ହିନ୍ଦୁ ଧର୍ମ ପାଇଁ ଆସିଲେ ବିପଦ
ସାଜିଥାଏ ପର୍ଶୁରାମ । ।

(((-)))

(ଜୁଣଗଡି) ରାଜନଗର,କେନ୍ଦ୍ରାପଡ଼ା,
ଦୂରଭାଷ -୮୭୫୮୨୫୨୪୨୬

ISSN NO.
2582-208X

# ଓଡ଼ିଆ ଲୋକଧାରା ପରମ୍ପରାରେ ଉଡ଼ାପର୍ବର ଉତ୍ପତ୍ତି ଏବଂ କାଳ ନିରୂପଣ



ସୁନୀଲ କୁମାର ବେହେରା

**ସଂକ୍ଷିପ୍ତ ସାର :**

ଆମ ଓଡ଼ିଆ ଲୋକଧାରାରେ ଏକ ପ୍ରବାଦ ରହିଛି "ବାର ମାସରେ ତେର ପର୍ବ" ଅର୍ଥାତ ବର୍ଷକ ମଧ୍ୟରେ ଗୋଟିଏ ପର୍ବ ଅଧିକ ପାଳିତ ହୋଇଥାଏ । କେଉଁ ଆଦିମ କାଳରୁ ଏହି ପର୍ବପର୍ବାଣୀ ଗୁଡିକ ପାଳିତ ହୋଇ ଆସୁଅଛି ଏବଂ ଏଗୁଡିକ ଆମ ଜନଜୀବନରେ ଓତପ୍ରୋତ ଭାବରେ ଜଡ଼ିତ ହୋଇ ତାର ପ୍ରଭାବ ବିସ୍ତାର କରିଅଛି । ଏସ୍ୱାସବୁ ମୂଳରେ ରହିଛି ତାର ଧାର୍ମିକ ଆବେଦନ । ଧର୍ମ ଭାବକୁ କେନ୍ଦ୍ର କରି ଓଡ଼ିଆର ଲୋକ ବିଶ୍ୱାସ ଗତିଶୀଳ । ଦେବତାଙ୍କୁ ସନ୍ତୁଷ୍ଟ କରି ନିଜକୁ ଅନିଷ୍ଟ ଆକ୍ରମଣରୁ ରକ୍ଷାକରିବାର ଆଗ୍ରହ ଓ ଇଷ୍ଟ ପ୍ରାପ୍ତିର ମାର୍ଗକୁ ଗ୍ରହଣ କରିବା । ଆମ ଓଡ଼ିଶାର ପର୍ବପର୍ବାଣୀ ଗୁଡିକ ସାଧାରଣତଃ କୃଷିଭିତ୍ତିକ ଜୀବନବୋଧ ତଥା ଉପାସନାକୁ ଭିତ୍ତିକରି ପ୍ରତିଷ୍ଠିତ । ଏହି କ୍ରମରେ ଓଡ଼ିଆ ଲୋକ ଜୀବନରେ ଦେଖାଦିଏ ଅକ୍ଷୟତୃତୀୟା, ସୁନିଆ, ପ୍ରଥମାଷ୍ଟମୀ, ଝୁଲଣଯାତ୍ରା, ଦୀପାବଳୀ, କାଳୀପୂଜା, ରାସପୂର୍ଣ୍ଣିମା, ଦୋଳପୂର୍ଣ୍ଣିମା ପ୍ରଭୃତି । ଏସବୁ ବ୍ୟତୀତ ଓଡ଼ିଶାର ସ୍ଥାନୀୟ ଅଞ୍ଚଳଭେଦରେ ସ୍ଥାନୀୟ ରୀତିନୀତି, ଚାଲିଚଳଣି, ଲୋକବିଶ୍ୱାସକୁ ଆଧାର କରି ବହୁ ଆଞ୍ଚଳିକ ପର୍ବପର୍ବାଣୀ ଗୁଡିକ ପାଳିତ ହୋଇ ଆସୁଅଛି । ଏଗୁଡିକ ନିଜନିଜ ଅଞ୍ଚଳର ବିଶେଷତ୍ୱ ବହନ କରିଥାଏ । ଯେପରିକି ପଶ୍ଚିମ ଓଡ଼ିଶାର କରମା, ରସରକେଲୀ, ଦଣ୍ଡନାଟ, ଡାଲଖାଇ, ଉପକୂଳବର୍ତ୍ତୀ ଓଡ଼ିଶାର ନାଗା ନାଚ, ଚଇତିଘୋଡା ନାଟ, ମୋଗଲ ତାମସା ପ୍ରଭୃତି ଏଗୁଡିକର ସ୍ୱାତନ୍ତ୍ରତା ରହିଛି । ତେବେ ଏହି ଧରଣର ଆଞ୍ଚଳିକ ପର୍ବ ହେଉଛି 'ଉଡ଼ାପର୍ବ'। ଏହି ପ୍ରବନ୍ଧରେ ଉଡ଼ାପର୍ବର ଉତ୍ପତ୍ତି ଏବଂ କାଳ ନିରୂପଣ କରାଯାଇ ଅଛି ।

ISSN NO.
2582-208X

ପ୍ରମୁଖ ଶବ୍ଦ: ଉଡ଼ାପର୍ବ, କାଠଦଣ୍ଡା, ତନ୍ତ୍ରଯାନ, କୃଚ୍ଛସାଧନା, ପଣା ସଂକ୍ରାନ୍ତି, ଚଡକ ପୂଜା, ବାଗଡ, ଜୈନ ଚୌମୁଖ ।

ଉପକ୍ରମ :

ଉଡ଼ାପର୍ବ ହେଉଛି କୃଷିଭିତ୍ତିକ ଧାର୍ମିକ ପର୍ବ । ଏହା ତ୍ୟାଗ ଓ ସମର୍ପଣର ପ୍ରତୀକ । ଯେଉଁଠାରେ ଏହାର ଉପାସକଗଣ ବା ଭକ୍ତାଗଣ ନିଜ ଶରୀରକୁ ନାନା ପ୍ରକାର ଯାତନା ଦେଇ ପୂଜାର୍ଚ୍ଚନା କରିଥାନ୍ତି । ଘଟ ଶୋଭାଯାତ୍ରାରୁ ଆରମ୍ଭକରି ତନ୍ତ୍ରଯାନର କୃଚ୍ଛସାଧନା ସ୍ୱରୂପ କଣ୍ଟା ପିଢାରେ ବସିବା, ଶୁଖିଲା ଅଙ୍କରାନ୍ତି କଣ୍ଟାଗଦାରେ ଶୋଇବା, ହାତବାହୁ ମାଂସପେଶୀରେ ଲୁହାକଣ୍ଟା ସାହାଯ୍ୟରେ କଣା କରି ତା’ ଭିତରେ ଦଉଡି ପୂରାଇ ଦଉଡିକୁ ଟଣାଓଟରା କରି ନାଚିବା, ଭକ୍ତାଗଣ ଦିନତମାମ ଉପବାସ ରହି ଦୁଇ ବାହୁରେ କଣ୍ଟାଫୋଡି ଏକ କଥାରେ ଝୁଲି ଆକାଶରେ ଉଡ଼ିଥାନ୍ତି । ଏହାହିଁ ଉଡ଼ାପର୍ବ ।

ଏହି ଉଡ଼ାପର୍ବ ସମ୍ବନ୍ଧରେ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମତବ୍ୟକ୍ତ କରିବାକୁ ଯାଇ ତାଙ୍କ ଆତ୍ମଜୀବନୀରେ କହନ୍ତି – “ଭଗତା ମାନଙ୍କ ମଧ୍ୟରୁ କେତେଜଣ ଯେତେବେଳେ କାଠଦଣ୍ଡାରେ ବନ୍ଧା ହୋଇ ଉଡୁଥିଲେ, ସେତେବେଳେ ଦର୍ଶକ ମାନେ ଚମତ୍କୃତ ହୋଇଯାଉଥିଲେ । ଗୋଟିଏ ବଡ ଶାଳ ସ୍ତମ୍ଭଉପରେ ଘୂରିବାଭଳି ଆଉ ଖଣ୍ଡେ କାଠକୁ ଲଗାଇ ଦିଆଯାଉଥିଲା । ଏବଂ ସେହି କାଠ ସହିତ ଆଉ ଖଣ୍ଡିଏ କାଠ ଦଣ୍ଡାକୁ ବାନ୍ଧି ଦିଆଯାଉଥିଲା । ଭଗତାକୁ ଏହି ଦଣ୍ଡାରେ ଲୁଗାଦ୍ୱାରା ବାନ୍ଧିଦେଲାପରେ ସେ ସ୍ତମ୍ଭର ଚତୁର୍ଦିଗରେ ଚକ୍ରାକାରରେ ଘୂରି ଆସୁଥିଲା । ସେ ଘୂରିବା ବେଳେ ଆକାଶରେ ଉଡିବାପରି ଦେଖା ଯାଉଥିଲା । ଏଣୁ ଏହି ପର୍ବକୁ ଆମ ଅଞ୍ଚଳରେ ଉଡ଼ାପର୍ବ କହୁଥିଲେ”। (ପାଣିଗ୍ରାହୀ, ଡ.କୃଷ୍ଣଚନ୍ଦ୍ର – ମୋ ସମୟର ଓଡ଼ିଶା, କିତାବ ମହଲ, କଟକ-୩, ୨ୟ ମୁଦ୍ରଣ- 1987, ପୃଷ୍ଠା- ୪୨)ଏହି ଉଡ଼ାପର୍ବର ବିଶେଷତ୍ୱ ହେଲା ଚୈତ୍ରମାସର ଶେଷରୁ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ୬ଦିନ ଧରି ବାସୁଳିପଟି ଓ ଘଟ ଶୋଭାଯାତ୍ରା, ତନ୍ତ୍ରଯାନର କୃଚ୍ଛସାଧନା କଣ୍ଟାପିଢାରେ ବସିବା, ଶୁଖିଲା ଅଙ୍କରାନ୍ତି କଣ୍ଟାଗଦା ଉପରେ ଗଡିବା, ହାତ ବାହୁ ମାଂସପେଶୀ ଭିତରେ ବଡ଼ ଲୁହାଡାମ୍ପଣ ସାହାଯ୍ୟରେ କଣାକରି ତା’ଭିତରେ ଦଉଡି ପୂରାଇ ସେ ଦଉଡିକୁ ଟଣାଓଟରା କରି ନାଚିବା, ରାଧାଚକ୍ରରେ ଉଡିବା ଓ ସତୀଭଙ୍ଗ ଦୃଶ୍ୟ ଆଦି ପ୍ରଦର୍ଶିତ ହୁଏ । ଦେହକୁ ଦଣ୍ଡ ଦେଇ ପରମପଦ ଲାଭ ହୁଏ । ଆଦି ବିଚିତ୍ର

ISSN NO.
2582-208X

ତନ୍ତ୍ରାଚାର ଏଥିରେ ପ୍ରତିଫଳିତ ହେବାପରି ମନେହୁଏ । ପୁଣି କେତେଙ୍କ ମତରେ ଉଡ଼ାପର୍ବ ଯୋଗସାଧନାର ମାର୍ଗ ।

ଉଡ଼ାପର୍ବର ପରିଭାଷା :

ଉଡ଼ାପର୍ବ ଶବ୍ଦଟି ସଂସ୍କୃତ 'ଉଡ୍' ଧାତୁରୁ ନିଷ୍ପନ୍ନ । ଯାହାର ଅର୍ଥ ଉଡିବା । ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ 'ଉଡ଼ା' ଶବ୍ଦର ଅର୍ଥ ଉପରେ ଉଡିବା । ପ୍ରମୋଦ ଅଭିଧାନ, ଓଡ଼ିଆ ଭାଷାକୋଷ, ସାରସ୍ୱତ ଓଡ଼ିଆ ଭାଷାକୋଷ ପ୍ରଭୃତିରେ 'ଉଡ଼ା' ଶବ୍ଦର ଅର୍ଥ ହେଲା "ଉପରେ ଉଡିବା"। ଅପର ପକ୍ଷରେ 'ପର୍ବ' ଶବ୍ଦର ମୂଳ ଅର୍ଥ ହେଲା ସଂସ୍କୃତ 'ପବ'। ଯାହାର ଅର୍ଥ ସନ୍ଧିସ୍ଥଳ, ବିଶେଷ ସମୟ, ଗୁରୁତ୍ୱପୂର୍ଣ୍ଣ ଅବସର । ମାତ୍ର ହିନ୍ଦୁ ସଂସ୍କୃତିରେ 'ପର୍ବ' ଶବ୍ଦର ଅର୍ଥ ହେଲା ଧାର୍ମିକ ଓ ସାମାଜିକ ଉତ୍ସବ, ବିଶେଷ ଶୁଭଅବସର । ଏହିଠାରୁ ହିଁ ଓଡ଼ିଆ 'ପର୍ବ' ଶବ୍ଦର ନିଷ୍ପନ୍ନ ହୋଇଅଛି ବୋଲି ଅନୁମାନ କରାଯାଇଥାଏ । ଏହି ଉଡ଼ାପର୍ବକୁ ଗଣ୍ଡଜାତିର ଲୋକମାନେ 'ମେଘନାଦ' ବିହାରର ଛୋଟନାଗପୁର ଅଞ୍ଚଳର ଲୋକମାନେ 'ମାଣ୍ଡା', ତାମିଲନାଡୁରେ 'ଚେଡଡୁଲା' ଦକ୍ଷିଣାତ୍ୟର ଆଉ କେତେକ ଅଞ୍ଚଳରେ 'ବାଗଡ', ବଙ୍ଗଳାରେ 'ଚଡକପୂଜା' ନାମକରଣ କରାଯାଇଥାଏ । (କେଦାରନାଥ ଗବେଷଣା ପ୍ରତିଷ୍ଠାନ (ସମ୍ପାଦନା), ଓଡ଼ିଶାର ତନ୍ତ୍ର ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨ୟ ମୁଦ୍ରଣ-2017, ପୃଷ୍ଠା- ୩୦୭)ଓଡ଼ିଶାରେ ମଧ୍ୟ ବିଭିନ୍ନ ଅଞ୍ଚଳ ଭେଦରେ ଏହିପର୍ବର ବିଭିନ୍ନ ନାମକରଣ କରାଯାଇଥିବାର ଦୃଷ୍ଟାନ୍ତ ମିଳେ । ଉତ୍ତର ଓଡ଼ିଶାର କେତେକ ଅଞ୍ଚଳରେ ଏହାକୁ 'ପାଟୁଆ ଯାତ୍ରା' କୁହାଯାଉଥିଲା ବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏହାକୁ 'ଦଣ୍ଡନାଚ' ବା 'ଝାମୁଯାତ୍ରା' ବୋଲି ନାମକରଣ କରାଯାଇଛି ।

ଉଡ଼ାପର୍ବର ଉତ୍ପତ୍ତି :

ଆମ ଓଡ଼ିଆ ସମାଜରେ ପର୍ବପର୍ବାଣୀ ଗୁଡିକର ପରମ୍ପରା ଅତି ପ୍ରାଚୀନ । ଏଗୁଡିକ ପ୍ରଥମେ ଅଲିଖିତ ଅବସ୍ଥାରେ ଥିଲା । ଶ୍ରୁତିରୁ ଶ୍ରୁତିକୁ ଗତିକରି ସମାଜରେ ପ୍ରଚଳିତ ହୋଇ ଆସୁଥିଲା । ସଭ୍ୟତାର ସୂର୍ଯ୍ୟୋଦୟ କାଳରୁ ଆଜି ପର୍ଯ୍ୟନ୍ତ ଯେତେ ସବୁ ପର୍ବପର୍ବାଣୀ ଗୁଡିକ ମନଷ୍ୟ ପାଳନ କରିଆସୁଛି ସେଗୁଡିକ ସୃଷ୍ଟିରେ ରହିଛି ତାର ଈଶ୍ୱରୀୟ ଧର୍ମବିଶ୍ୱାସ ଓ ନୈତିକତାର ମୂଲ୍ୟବୋଧ । ତେବେ ସେହିଭଳି ଏକ ଈଶ୍ୱରୀୟ ଧର୍ମବିଶ୍ୱାସ ଓ ନୈତିକତାର ମୂଲ୍ୟବୋଧ ସ୍ୱରୂପ ଗଢିଉଠିଥିଲା ଉଡ଼ାପର୍ବ । ଯେଉଁଠାରେ ଭକ୍ତାଗଣ

ISSN NO.
2582-208X

ସମାଜର ତଥା ଲୋକମାନଙ୍କର ମଙ୍ଗଳବିଧାନ ପାଇଁ ଦେହରେ କଣ୍ଟା ଫୋଡିଥାନ୍ତି ଏବଂ ବାସୁଳି ଠାକୁରାଣୀ ପାଖରେ ନିଜର ଭକ୍ତି ଭାବ ଅର୍ପଣ କରିଥାନ୍ତି । ତେବେ ଏହି ଉଡ଼ାପର୍ବର ଉତ୍ପତ୍ତି ସମ୍ବନ୍ଧରେ ଖୋଜି ବସିଲେ ତାର ପ୍ରଚଳିତ ରୀତିନୀତି, ଆଚାର ବ୍ୟବହାର ଏବଂ ଆରାଧ୍ୟ  ଦେବଦେବୀଙ୍କୁ ପାଥେୟ କରି ଜଣାଯାଏ ଯେ ଏହା ସର୍ବଧର୍ମ ସମନ୍ୱିତ ରୂପ ।

ଉଡ଼ାପର୍ବର ପାଳନ ପରମ୍ପରା ଅନୁସାରେ ମହାଦେବ ହେଉଛନ୍ତି ଆରାଧ୍ୟ  ଦେବ ଏବଂ ବାସୁଳି ଠାକୁରାଣୀ ଏହାର ଆରାଧ୍ୟା ଦେବୀ । ଏମାନେ ସମସ୍ତେ ତନ୍ତ୍ରର ଦେବଦେବୀ । ଉଡ଼ାପର୍ବର ଉପାସକଗଣ ଏମାନଙ୍କୁ ତାନ୍ତ୍ରିକ  ରୀତିରେ ପୂଜାର୍ଚ୍ଚନା କରିଥାନ୍ତି । ତନ୍ତ୍ରଶାସ୍ତ୍ର ଅନୁସାରେ ମହାଦେବ ଯେତେବେଳେ ତାନ୍ତ୍ରିକ ରୀତିରେ ପୂଜିତ ହୁଅନ୍ତି ସେ ମହାକାଳ ଭୈରବ ଏବଂ ମହାକାଳୀ ବା ବାସୁଳି ଠାକୁରାଣୀ ସେ ମଧ୍ୟ ଚାମୁଣ୍ଡା ଭାବରେ ପୂଜିତ ହୁଅନ୍ତି । ତେବେ ଆମ ଓଡ଼ିଶାରେ କେବେଠାରୁ ପୂଜିତ ହେଲେ ତାର ଆଦିଉତ୍ସ ଖୋଜି ବସିଲେ ଏଥିରେ ଶୈବସଂସ୍କୃତି ସହ ଶାକ୍ତ, ଜୈନ, ବୌଦ୍ଧ, ଆଦି ସଂସ୍କୃତିର ସମନ୍ୱିତ ରୂପ ଦେଖିବାକୁ ମିଳେ । ନିମ୍ନରେ ଉଡ଼ାପର୍ବର ଆଦିଉତ୍ସକୁ ସପ୍ରମାଣ ସହ ଉପସ୍ଥାପନ କରାଗଲା:–

ଶୈବସଂସ୍କୃତିର ଧର୍ମପରମ୍ପରା ଅନୁସାରେ ଉଡ଼ାପର୍ବକୁ ବିଚାର କଲେ ଜଣାଯେ ଉଡ଼ାପର୍ବରେ ଆରାଧିତ ଦେବଦେବୀ ହେଉଛନ୍ତି ମହାଦେବଏବଂ ମହାକାଳୀ ବା ବସୁଳୀ ଠାକୁରାଣୀ । ଏହିଁ ଶିବଙ୍କର ପତ୍ନୀ ପାର୍ବତୀ । ଶୈବ ପୁରାଣ ଅନୁସାରେ ଉଡ଼ାପର୍ବରେ ପାଳିତ ହେଉଥିବା ତନ୍ତ୍ରର ହଠଯୋଗ, ତପ, ଯଜ୍ଞ ଓ ଅନୁଷ୍ଠାନ  ଗୁଡିକ ପ୍ରଥମେ ଏହିଠାରେ ହିଁ ପରିଦୃଷ୍ଟ ହୋଇଥିଲା ।

ଦକ୍ଷପୁତ୍ରୀ ସତୀ ସ୍ୱାମୀଙ୍କ ନିନ୍ଦା ସହ୍ୟ କରିନପାରି ଦକ୍ଷଯଜ୍ଞରେ ଆତ୍ମାହୁତି ଦେଇଥିଲା । ପୁଣି ସେ ହିମବନ୍ତଙ୍କ ପୁତ୍ରୀ ମେନାଙ୍କ ଗର୍ଭରୁ ଜାତ ହୋଇଥିଲା ପରଜନ୍ମରେ । ପୂର୍ବଜନ୍ମ ସ୍ମୃତି ବସତଃ ହିମବନ୍ତଙ୍କ ଦୁଲଣୀ ପୁଣି ଥରେ ଶିବଙ୍କୁ ପତି ରୂପରେ ପାଇବା ପାଇଁ ତପସ୍ୟା କରିଥିଲା । ଏହି ସମୟରେ କାମଦେବ ପାର୍ବତୀଙ୍କୁ   ସାହାଯ୍ୟ କରିଥିଲା । ଇନ୍ଦ୍ରଙ୍କ ପରାମର୍ଶ କ୍ରମେ କମଦେବ ମହାଦେବଙ୍କୁ ପୁଷ୍ପଶର ନିକ୍ଷେପ କରିଥିଲା । ତାହା ଫଳରେ ମହାଦେବଙ୍କ ମନରେ ବିକାର ଜାତ ହୋଇଥିଲା । କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଯୋଗୀରାଜ ପ୍ରକୃତିସ୍ଥ ହୋଇ କାମଦେବଙ୍କୁ ଭସ୍ମ କରିବା ତତ ସଙ୍ଗେ ସଙ୍ଗେ ସେଠାକାର ତପଭୂମି ତ୍ୟାଗ

ISSN NO.
2582-208X

କରି ଅନ୍ୟତ୍ର ଚାଲିଯିବା ଏହା ତପଷ୍ଚାରିଣୀ ପାର୍ବତୀ ମନରେ ଗଭୀର ଦୁଃଖ ଜାତ ହୋଇଥିଲା । ଏଥି ପାଇଁ ପାର୍ବତୀ ଦୃଢ ପ୍ରତିଜ୍ଞାବଦ୍ଧ ହୋଇଥିଲେ ଶିବଙ୍କୁ ପତି ରୂପରେ ପାଇବା ପାଇଁ । ପିତାମାତାଙ୍କ ଅନୁମତି ନେଇ ହିମାଳୟର ଏକ ନିକାଞ୍ଜନ ସ୍ଥାନରେ ପାର୍ବତୀ କଠିନ ତପସ୍ୟା ଆରମ୍ଭ କରିଥିଲା । ଘୋର ନିଦାଘ କାଳରେ ଚତୁର୍ପାଶ୍ୱରେ ଅଗ୍ନି ପ୍ରଜ୍ୱଳନ ପୂର୍ବକ ମଧ୍ୟାହ୍ନର ଉତ୍ତପ୍ତ ସୂର୍ଯ୍ୟଙ୍କୁ ଅନାଇ ସେ ନିଜର କଠିନ ତପସ୍ୟା ଆରମ୍ଭ କରିଥିଲା । ହଠଯୋଗର ଏହି ପ୍ରକ୍ରିୟା ଫଳରେ ଶିବଙ୍କ ଆସନ ଦୋହଲି ଯାଇଥିଲା । ସେ ପାର୍ବତୀଙ୍କ ସମ୍ମୁଖରେ ବଟୁ ରୂପରେ ଆବିର୍ଭୂତ ହୋଇ ପରିଶେଷରେ ତାଙ୍କୁ ଇପ୍ସିତ ବର ପ୍ରଦାନ କରିଥିଲେ । (କେଦାରନାଥ ଗବେଷଣା ପ୍ରତିଷ୍ଠାନ( ସମ୍ପାଦନା), ଓଡ଼ିଶାର ତନ୍ତ୍ର ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨ୟ ମୁଦ୍ରଣ-2017, ପୃଷ୍ଠା- ୩୦୮) ଖ୍ରୀ. ୬ଷ୍ଠ / ୭ମ ଶତାବ୍ଦୀ ବେଳକୁ ଏହି ଧାରା ବାମପନ୍ଥୀ ତାନ୍ତ୍ରୀକ ମାନଙ୍କ ଠାରେ ବୃଦ୍ଧି ପାଇଥିଲା । (କେଦାରନାଥ ଗବେଷଣା ପ୍ରତିଷ୍ଠାନ(ସମ୍ପାଦନା), ଓଡ଼ିଶାର ତନ୍ତ୍ର ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨ୟ ମୁଦ୍ରଣ-2017, ପୃଷ୍ଠା- ୩୦୮) ଶୈବଧର୍ମ ପରମ୍ପରାରେ ଆଉଏକ ପୌରଣିକ ଉପାଖ୍ୟାନ ଦେଖିବାକୁ ମିଳିଥାଏ । ଦ୍ୱାପର ଯୁଗରେ ବାଣାସୁର ବିଷ୍ଣୁଙ୍କ ସହ ଯୁଦ୍ଧରେ ପରାସ୍ତ ହୋଇ ରକ୍ତାତ କଳେବରରେ ନୃତ୍ୟ କରି ଶିବଙ୍କୁ ସନ୍ତୁଷ୍ଟ କରିଥିଲେ ଏବଂ ଶେଷରେ ଶିବ ତାଙ୍କ ମନବାଞ୍ଛା ପୂରଣ କରିଥିଲେ । ଏବଂ ତାଙ୍କୁ ବର ପ୍ରଦାନ କାଳରେ କହିଥିଲେ – ବତ୍ସ ଯେଉଁ ବ୍ୟକ୍ତି ନିରାହାର, ସତ୍ୟ ପରାୟଣ ଓ ସରଳ ହୋଇ ମୋ ଆଗରେ ଏପରି ନୃତ୍ୟ କରିବ, ସେ ସକଳ ସୁଫଳ ଲାଭ କରିବ । ପଟୁଆମାନଙ୍କର ନିଆରେ ଚାଲିବା, ଖଣ୍ଡାରେ ଚାଲିବା, ଦେହରେ କଣ୍ଟାଫୋଡା ହେବା ପ୍ରଭୃତି ଶିବଙ୍କ କରୁଣା ଉଦ୍ରେକ କରିବା ଲାଗି ଉଦ୍ଦିଷ୍ଟ । ଶିବ ତୁଷ୍ଟହେଲେ ଇହଲୋକରେ ସମସ୍ତ ଐଶର୍ଯ୍ୟ ଲାଭ କରିହେବ ଓ ମୃତ୍ୟୁ ପରେ ଶିବଲୋକରେ ବାସ ହେବ ବୋଲି ପାଟୁଆମାନେ ଦୃଢ ଭାବରେ ବିଶ୍ୱାସ କରନ୍ତି । ଏହି କଷ୍ଟକର ପ୍ରକ୍ରିୟାରେ ଓଡ଼ିଆ ପାଟୁଆ ମାନଙ୍କର ଆଧ୍ୟାତ୍ମିକ ଉନ୍ନତି ପ୍ରୟାସ ସ୍ୱଷ୍ଟ ଭାବରେ ସୂଚିତ ହୁଏ । ( ଦାଶ, କୁଞ୍ଜବିହାରୀ- ଓଡ଼ିଆ ଲୋକଗୀତ ଓ କାହାଣୀ, ଓଡ଼ିଶା ବୁକ ଷ୍ଟୋର, ବିନୋଦ ବିହାରୀ କଟକ, ୧ମ ମୁଦ୍ରଣ-୧୯୫୮,ପୃଷ୍ଠା- ୧୪୯) ଏହି ଉଡ଼ାପର୍ବର ଉତ୍ପତ୍ତି ସମ୍ବନ୍ଧରେ ଶୈବଧର୍ମ ପରମ୍ପରାର ପାଶୁପତ ସମ୍ପ୍ରଦାୟରେ କେତେକ ଲକ୍ଷଣ ଦୃଷ୍ଟି ଗୋଚର ହୋଇଥାଏ । ଯାହାକୁ କେତେକ ଆଲୋଚକ ପାଶୁପତ ସମ୍ପ୍ରଦାୟର ବେଶଭୁଷା ଭାବରେ ଅବିହିତ କରିଥାନ୍ତି । ଦେହରେ ଭସ୍ମବିଲୋପନ ଓ କଣ୍ଟାରେ ଶୟନ ଇତ୍ୟାଦି । (ଦାସ,

ISSN NO.
2582-208X

ଫକୀରମୋହନ-ଓଡ଼ିଆ ସାହିତ୍ୟରେ ବିଭିନ୍ନ ଧର୍ମଧାରା-ଦ୍ୱିତୀୟ ପୁଷ୍ପ, ପୃଷ୍ଠା-୬୧, ଶ୍ରୀହରିସଂକୀର୍ତ୍ତନ ଗ୍ରନ୍ଥମାଳା, ପ୍ରଥମମୁଦ୍ରଣ- ୧୯୮୪) ଜୈନ ଭଗବତୀ ସୂତ୍ର ଅନୁସାରେ ମସ୍କରୀ ଗୋସାଲ ମୃତ୍ୟୁ ପୂର୍ବରୁ 'ହଲାହଲ' ନାମକ ଏକ କୁମ୍ଭାରୁଣୀ ଘରେ ରହି ଉନ୍ମତ୍ତ ପରି ନାଚିବା, ଅଶ୍ଳୀଳ ଉଚ୍ଚାରଣ, ମଦ୍ୟାକ୍ତ ଏବଂ କୁମ୍ଭାରୁଣୀଙ୍କୁ ଲକ୍ଷକରି ଅଶ୍ଳୀଳ ଅଙ୍ଗଭଙ୍ଗୀ ପ୍ରଦର୍ଶନ । ସମାଲୋଚକ ମାନେ ଏହି ଆଚରଣକୁ ପାଶୁପତ ସମ୍ପ୍ରଦାୟର କହି ଶାସ୍ତ୍ରୀୟ ମାନ୍ୟତା ଦେଇ ଅଛନ୍ତି । (ଦାସ, ଫକୀରମୋହନ-ଓଡ଼ିଆ ସାହିତ୍ୟ ରେବିଭିନ୍ନ ଧର୍ମଧାରା-ଦ୍ୱିତୀୟପୁଷ୍ପ, ଶ୍ରୀହରିସଂକୀର୍ତ୍ତନ ଗ୍ରନ୍ଥମାଳା, ପ୍ରଥମମୁଦ୍ରଣ- ୧୯୮୪,ପୃଷ୍ଠା-୬୧)

ଜୈନ ସଂସ୍କୃତିରେ ଉଢ଼ାପର୍ବର ଆଦି ଉତ୍ସ ଖୋଜିବସିଲେ ଜଣାଯାଏ ଯେ, ଜୈନ ଧର୍ମ ହେଉଛି ଭାରତର ପ୍ରାଚୀନତମ ଧର୍ମ । ଏ ଧର୍ମରେ ଆରାଧିତ ଦେବ ଏବଂ ଆଚାର ବିଶ୍ୱାସବୋଧ ସହିତ ଶୈବଧର୍ମର ବହୁ ସାମଞ୍ଜସ୍ୟ ଦେଖାଯାଏ । ଜୈନ ସମ୍ପ୍ରଦାୟର ମୁଖ୍ୟ ଋଷଭନାଥ ଏବଂ ଶୈବ ସମ୍ପ୍ରଦାୟର ମୁଖ୍ୟ ଆଦିନାଥ ବା ଶିବଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ଶୈବ ପୁରାଣ ଅନୁସାରେ ଋଷଭନାଥ ହେଉଛନ୍ତି ଶିବଙ୍କ ଅନ୍ୟତମ ଅବତାର । ଶିବ ଓ ଋଷଭନାଥଙ୍କ ମୂର୍ତ୍ତି ଗଠନରେ ମଧ୍ୟ ଅନେକ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । ଚୈତ୍ର ମାସରେ ଋଷଭନାଥଙ୍କର ଜନ୍ମ ଏବଂ ଦେହାନ୍ତ ହୋଇଥିଲା । ଭାରତ ବର୍ଷରେ ଏହି ଚିତ୍ର ମାସରେ ହିଁ ବହୁ ଶୈବ ପର୍ବ ପାଳିତ ହୁଏ । ଗାଁ ଗହଳିରେ ପାଟୁଆ ନାଚ, ଦଣ୍ଡନାଚ, ଚଡକ ନାଚ ଆଦି ହୁଏ । (ପ୍ରଧାନ, କୃଷ୍ଣଚନ୍ଦ୍ର- ଓଡ଼ିଆ ସାହିତ୍ୟରେ ଶୈବଧର୍ମ, ସୁଧା ପ୍ରକାଶନ, ବାଖରାବାଦ, କଟକ- ୭୫୩୦୦୨, ପ୍ରଥମମୁଦ୍ରଣ- ୧୯୯୯, ପୃଷ୍ଠା- ୪୧)ଜୈନ ସଂସ୍କୃତିର ପରମ୍ପରାରେ ଉଢ଼ାପର୍ବର ପ୍ରମାଣ ସ୍ୱରୂପ ଆଉ ଏକ ଦୃଷ୍ଟାନ୍ତ ନିଆଯାଇ ପାରେ । ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରୁ 30 k.m ଦୂରରେ ଥିବା ବଡ଼ସାହି ଗ୍ରାମଠାରେ ଏକ ମଙ୍ଗଳା ମନ୍ଦିର ଭିତରେ ଏକ ଜୈନ ଚୌମୁଖ ମାଟିତଳୁ ଉଦ୍ଧାର କରାଯାଇଥିଲା । ଚୌମୁଖର ଚତୁରପାର୍ଶ୍ୱରେ କାୟୋତ୍ସର୍ଗ ମୁଦ୍ରାରେ ଋଷଭନାଥ, ଆଦିନାଥ, ଚନ୍ଦ୍ରପ୍ରଭା ଏବଂ ପାର୍ଶ୍ୱନାଥଙ୍କର ମୂର୍ତ୍ତି ଖୋଦିତ ହୋଇଥିବାର ଜଣାଯାଏ । ସେଠାରେ ଥିବା ଚୌମୁଖଟି ଏକ କ୍ଷୁଦ୍ରପିଢା ମନ୍ଦିରର ଆକୃତିର, ସ୍ଥାନୀୟ ଅଧିବାସୀମାନେ ଏହି ଚୌମୁଖକୁ ଚନ୍ଦ୍ରଶେଣା ନାମରେ ବୈଶାଖ ପୂର୍ଣିମା ଦିନ ପୂଜା କରିଥାନ୍ତି । ଏହି ପୂଜାକୁ ସେମାନେ ଉଢ଼ାପର୍ବ କହନ୍ତି । (N. N. Vasu , Archaeological Survey of Mayurbhanj: plate: 20) ।

ISSN NO.
2582-208X




(ଜୈନ ଚୌମୁଖ)　　　　(ଉଡ଼ାପର୍ବ)

ଭାରତର ଅନ୍ୟତମ ପ୍ରାଚୀନ ଧର୍ମ ପରମ୍ପରା ହେଉଛି ବୌଦ୍ଧ ଧର୍ମ । ଏହି ଧର୍ମ ପରମ୍ପରା ସହ ମଧ୍ୟ ଘନିଷ୍ଠ ସମ୍ପର୍କ ରହିଛି । ବୌଦ୍ଧଧର୍ମର ସଂସ୍ଥାପକ ଗୌତମ ବୁଦ୍ଧଙ୍କ ମହାନିର୍ବାଣ ପରେ ଟଙ୍କା ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧଧର୍ମରେ ଶ୍ରମଣ ମାନଙ୍କ ମଧ୍ୟରେ  ମତଭେଦ ଯୋଗୁଁ ଏହି ଧର୍ମରେ ବିଭାଜନ ଦେଖା ଦେଲା ହୀନଯାନ ଓ ମହାଯାନ ଭେଦରେ । ତାହା ପୁଣି ସମୟର ବିବର୍ତ୍ତନରେ ବିଭିନ୍ନ ଧର୍ମ ସମ୍ପ୍ରଦାୟ ସହ ସଂଶ୍ଳେଷଣ ଫଳରେ ବୌଦ୍ଧଧର୍ମରେ ବହୁ ଉପବିଭାଗ ସୃଷ୍ଟି ହୋଇଥିଲା । ପୂର୍ବରୁ ଥିବା ମହାଯାନ ସୂତ୍ରଗୁଡିକ ଧରଣୀ ରୂପରେ ପରିଗଣିତ ହୋଇ ତାହାକ୍ରମେ ମନ୍ତ୍ର ଆକାରରେ ପ୍ରକାଶିତ ହେଲା । ବୌଦ୍ଧ ସାଧନାରେ ମୁଦ୍ରା, ମଣ୍ଡଳ, ଅଭିଷେକ, ସମାଧି, ଆଦି ପ୍ରକ୍ରିୟା ପ୍ରବେଶ କଲା । କେବଳ ସେତିକି ନୁହେଁ ତନ୍ତ୍ର ଜଗତର ମାରଣ, ମୋହନ, ଉଚ୍ଚାଟନ ବଶୀକରଣ ଆଦି ସାଙ୍ଗକୁ ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ ଏହି ପଞ୍ଚ' 'ମ'କାର ସର୍ବତ୍ର ବୌଦ୍ଧ ଧର୍ମରେ ସ୍ଥାନ ପାଇଥିଲା । ଏହାପରେ ବୌଦ୍ଧ ଧର୍ମର ମହାଯାନ କ୍ରମେ ତାନ୍ତ୍ରିକ ବୌଦ୍ଧଧର୍ମରେ ପରିଗଣିତ ହେଲା । ପୁଣି ଏହା ବଜ୍ରଯାନ, କାଳଚକ୍ରଯାନ ଓ ସହଜଯାନ ଭେଦରେ ପରିଣତ ହେଲା । ତେବେ ଏସବୁ ମଧ୍ୟରୁ ଯେଉଁ କାଳଚକ୍ରଯାନ ଉଦ୍ଭବ ହୋଇଥିଲା ତାହା ସୃଷ୍ଟିକୁ ରକ୍ଷାକରିବା ପାଇଁ ରତ୍ନଗିରି ବୌଦ୍ଧପୀଠରେ ଆଚାର୍ଯ୍ୟ ତିଲୋପାଦ ଏହି ଧର୍ମ ସ୍ଥାପନା କରିଥିଲେ ବସ୍ତୁତଃ କାଳଚକ୍ରଯାନ  ହେଉଛି ତାନ୍ତ୍ରିକ  ବୌଦ୍ଧଧର୍ମର ଏକ ଚରମ ପର୍ଯ୍ୟାୟ। ଆଦିବୁଦ୍ଧଓ  ଧ୍ୟାନୀବୁଦ୍ଧଙ୍କ ସହିତ କାଳୀଙ୍କୁ ସଂଯୋଗ କରାଯାଇ ବିକୃତ ତଥା ବିଭତ୍ସ ଓ ଭୟଙ୍କର ବୌଦ୍ଧ ଦେବଦେବୀଗଣଙ୍କର ସର୍ଜନା କରାଯାଇଥିଲା । ନାନା ପ୍ରକାର କଠିନ ଉପାୟରେ ସେମାନଙ୍କର ପୂଜାର୍ଚ୍ଚନା କରାଗଲା । ଏବଂ ସେମାନଙ୍କର  ତୁଷ୍ଟି ବିଧାନ ନିମନ୍ତେ ବଳି ପ୍ରଦାନ କରାଗଲା । ଯେଉଁ ବୌଦ୍ଧଧର୍ମ ବଳିପ୍ରଥାକୁ ବିରୋଧ କରି

ISSN NO.
2582-208X

ଜନମାନସର ନିକଟତର ହୋଇଥିଲା ସେହି ବୌଦ୍ଧଧର୍ମର ଏକ ତାନ୍ତ୍ରିକ ଶାଖା କାଳଚକ୍ରଯାନର ଉପାସକମାନେ ଏହାକୁ ସିଦ୍ଧି ନିମନ୍ତେ ଏକ ଆସୁରିକ ବା ଦାନବୀୟ କାର୍ଯ୍ୟପନ୍ଥାର ପର୍ଯ୍ୟାୟଭୁକ୍ତ କରିଥିଲେ । (ମହାନ୍ତି, ଡ.ବିମ୍ବୁଳେନ୍ଦୁ, ଓଡ଼ିଶାରେ ବୌଦ୍ଧଧର୍ମ ଓ ବୌଦ୍ଧକୀର୍ତ୍ତି, ଆମ ଓଡ଼ିଶା, ୟୁନିଟ୍-୩, ଭୁବନେଶ୍ୱର, ପ୍ରଥମମୁଦ୍ରଣ- ୨୦୧୮, ପୃଷ୍ଠା-୮୭)

ଓଡ଼ିଶାରେ ଉଢ଼ାପର୍ବର ଉତ୍ପତି ବୌଦ୍ଧଧର୍ମରେ ଆଉ କେତେକ ମତ ପରିଦୃଷ୍ଟ ହୋଇଥାଏ । ଡ. କୁଞ୍ଜବିହାରୀ ଦାଶ "ଓଡ଼ିଆ ଲୋକଗୀତ ଓ କାହାଣୀରେ "ମତବ୍ୟକ୍ତ କରି କହନ୍ତି- ମହାରାଜ ହର୍ଷବର୍ଦ୍ଧନଙ୍କ ସମୟରେ ଖ୍ରୀ. (୬୧୦ରୁ ୬୫୦) ମଧ୍ୟରେ ପ୍ରଥମେ ବୌଦ୍ଧତନ୍ତ୍ର ଦେଖା ଦେଇଥିଲା । ନାଗାନନ୍ଦ ନାଟକରୁ ବୌଦ୍ଧଧର୍ମ ଉପରେ ତନ୍ତ୍ର ଏବଂ ବୌଦ୍ଧଧର୍ମର ପ୍ରଭାବ ସୂଚନା ମିଳେ । ଏ ଦିଗରେ ବୌଦ୍ଧଧର୍ମର ସତ୍ୟ, ଅହିଂସା, ସାଧନ ଅନ୍ୟ ଦିଗରେ ମଦ୍ୟପାନ, ନାରୀହରଣ ଓ ନରହତ୍ୟାଦି ପୈଶାଚିକ କାଣ୍ଡ । ଏକ ଦିଗରେ ଦୟାର ଅବତାର ବୌଦ୍ଧ ସନ୍ୟାସୀ, ଅନ୍ୟଦିଗରେ ଶିବସାଧକ । ମହାକବି ଭବଭୂତିଙ୍କ ନାଟକରେ ତନ୍ତ୍ର ସାଧନାର ଚିତ୍ର ଦେଖିବାକୁ ମିଳେ । (ଦାଶ, କୁଞ୍ଜବିହାରୀ- ଓଡ଼ିଆ ଲୋକଗୀତ ଓ କାହାଣୀ, ଓଡ଼ିଶା ବୁକଷ୍ଟୋର, ବିନୋଦବିହାରୀ କଟକ, ୧ମମୁଦ୍ରଣ-୧୯୫୮, ପୃଷ୍ଠା-୧୪୯) ଖ୍ରୀଷ୍ଟୀୟ ନବମ ଶତାବ୍ଦୀବେଳକୁ ଓଡ଼ିଶାର ଧର୍ମାକାଶରେ ଧୂମକେତୁ ଭଳି ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ ହୋଇଥିଲା । ସେ ପୁନର୍ବାର ଶୈବଧର୍ମକୁ ପୁନଃପ୍ରତିଷ୍ଠା କରାଇଥିଲେ । ଏହି ସମୟରେ ବୌଦ୍ଧଧର୍ମବଲମ୍ବୀ ମାନେ ଶୈବଧର୍ମକୁ ଗ୍ରହଣ କରିଥିଲେ। ଫଳରେ ବୌଦ୍ଧଧର୍ମର ତନ୍ତ୍ର ଶୈବଧର୍ମର ପ୍ରବେଶ କରିଥିଲା । ଶୈବ ଧର୍ମର ନାଗାସନ୍ୟାସୀ ମାନେ ଶବକଙ୍କାଳ ଉପରେ ସାଧନା କଲେ, କେତେକ ଉର୍ଦ୍ଧବାହୁ, ଆକାଶମୁଖୀ ହୋଇ, କେତେକ ବା ବୃକ୍ଷଶାଖାରେ ପଦଦୁଇ ବନ୍ଧନ କରି ଯଜ୍ଞକୁଣ୍ଡରେ ମୁଣ୍ଡଝୁଲାଇ ସାଧନା କରିବାକୁ ଲାଗିଲେ । ଶିବଙ୍କ ଅନୁଗ୍ରହ ଲାଭ ଏହି ସାଧନାର ଉଦ୍ଦେଶ୍ୟ। ଏହି ସମ୍ପ୍ରଦାୟରୁ ପାଟୁଆ, ଚଡକ ପୂଜାଓ ଦଣ୍ଡନାଟର ଜନ୍ମ । ଖ୍ରୀ. ଏକାଦଶ ଶତାବ୍ଦୀ ବେଳକୁ ବୌଦ୍ଧତନ୍ତ୍ର ଶୈବତନ୍ତ୍ରରେ ସମ୍ପୂର୍ଣ୍ଣ ରୂପରେ ବିଲୀନ କରିବସିଥିଲା । ଏବଂ ନିଜର ଅସ୍ତିତ୍ୱ ଜାହିର କରିପାରି ନଥିଲା । ସେତେବେଳେ ଚାମୁଣ୍ଡା, କାଳୀ ଓ ବାସୁଳୀର ପୂଜକ ବୌଦ୍ଧ ଓ ଶୈବ ମନ୍ଦିରରେ ଆମୋଦ ପ୍ରମୋଦରେ ଲିପ୍ତ ଥିବାର ଦେଖାଯାଏ । ଏଇ ସମୟରେ ଓଡ଼ିଶାର ସମସ୍ତ ଅଧିବାସୀ ଶୈବ ଧର୍ମରେ ଦୀକ୍ଷିତ ହୋଇଥିଲେ । ମଦନ ମହାଦେବୀଙ୍କ ସମୟରେ ବ୍ରାହ୍ମଣ ମାନଙ୍କ ସହିତ ବୌଦ୍ଧ ମାନଙ୍କର ପ୍ରତିଯୋଗିତା

ISSN NO.
2582-208X

ହୋଇଥିଲା । ଏଥିରେ ବୌଦ୍ଧଗଣ ପରାଜିତ ହୋଇ ଓଡିଶାରୁ ବିତାଡିତ ହୋଇଥିଲେ । ଏହି ଶୈବଧର୍ମ ପରବର୍ତ୍ତୀ କାଳରେ ବଙ୍ଗଦେଶକୁ ମଧ୍ୟ ବ୍ୟାପୀ ଥିଲା ।(ଦାଶ, କୁଞ୍ଜବିହାରୀ- ଓଡ଼ିଆ ଲୋକଗୀତ ଓ କାହାଣୀ , ଓଡ଼ିଶା ବୁକ ଷ୍ଟୋର, ବିନୋଦ ବିହାରୀ କଟକ, ୧ମ ମୁଦ୍ରଣ -୧୯୫୮, ପୃଷ୍ଠା- ୧୪୯)

ଉଡ଼ାପର୍ବର କାଳନିରୂପଣ :

ଓଡ଼ିଶାରେ ଉଡ଼ାପର୍ବର ବିଧିବଦ୍ଧ ଭାବରେ କେବେଠାରୁ ପ୍ରଚଳନ ହେଲା କେଉଁଠାରେ ପ୍ରଥମେ ଏହାର ଅୟଆରମ୍ଭ ହେଲା କୌଣସି ଐତିହସିକ ପ୍ରାମାଣିକ ତଥ୍ୟ ନାହିଁ । ତଥାପି ଏହି ଉଡ଼ାପର୍ବ ସମ୍ବନ୍ଧରେ କେତେକ ଆଲୋଚକଗଣ ମତ ପ୍ରକାଶ କରିଥିବାର ଜଣାଯାଏ। ଏଗୁଡ଼ିକୁ ନିମ୍ନରେ ଉଦ୍ଧାର କରାଗଲା :- ଉଡ଼ାପର୍ବର ପ୍ରଥମ ଆଲୋଚକ ଶ୍ରୀଦେବୀ ପ୍ରସାଦ ସାମଲ 'ଏଷଣା' (1985) ପତ୍ରିକାରେ କହନ୍ତି – "ପ୍ରତିବର୍ଷ ପଣାସଂକ୍ରାନ୍ତି ଦିନ ଠାକୁରମୁଣ୍ଡାର ଅଧିଷ୍ଠାତ୍ରୀ ଦେବୀ ବାସୁଳୀ ନାମରେ ଏହି ଯାତ୍ରା ଆଜକୁ ଅନୁମାନିକ 200 ବର୍ଷ ହେବ ପାଳିତ ହୋଇଆସୁଛି ।×××××××××× ଏହି ଆଞ୍ଚଳିକ ପର୍ବଟି ଆଗରୁ ଏଠାରୁ ଦଶମାଇଲ ପୂର୍ବକୁ ଅବସ୍ଥିତ ମୂଳାପାଳ ଗ୍ରାମରେ ଅନୁଷ୍ଠିତ ହେଉଥିଲା । ପ୍ରାୟ ସପ୍ତଦଶ ଶତାବ୍ଦୀ ବେଳକୁ ଏହି ଠାରେ ରତନପୁରଗଡ଼ ଥିଲା ଏବଂ ମୟୂରଧ୍ୱଜ ନାମକ ଜଣେ ରାଜା ରାଜୁତ୍ୱି କରୁଥିଲେ । ଶ୍ରୀସାମଲଙ୍କର ଏହି ମତକୁ ଆଧାର କରି ଶ୍ରୀ ଶାଙ୍ଖଚରଣ ମାଝୀ "ଓଡ଼ିଶାର ଆଞ୍ଚଳିକ ପର୍ବପର୍ବାଣୀ ଓ ଓଷାବ୍ରତ ଯାନିଯାତ୍ରା" ପୁସ୍ତକରେ "ଠାକୁରମୁଣ୍ଡାର ଉଡ଼ାପର୍ବ" ଶୀର୍ଷକରେ ଉକ୍ତ ପ୍ରବନ୍ଧକୁ ସମର୍ଥନ କରିଅଛନ୍ତି । ତାଙ୍କ ପରେ ଯେତେସବୁ ଗବେଷକ, ଆଲୋଚକ ତଥା ବାଖ୍ୟାକାର ଆସିଛନ୍ତି କେହି ହେଲେ ଉଡ଼ାପର୍ବର ଉତ୍ପତି ତଥା ତା'ର ସଠିକ ସପ୍ରମାଣ କାଳ ନିରୂପଣ କରି ନାହାନ୍ତି । 2024 ମସିହା ବେଳକୁ ଶ୍ରୀ ହୃଷୀକେଶ ମହାନ୍ତ "ମୁଁ ଯିବି ତୁମରି ପରି" ପୁସ୍ତକରେ "ଲୋକ ପରମ୍ପରାରେ ଠାକୁରମୁଣ୍ଡାର ଉଡ଼ାପର୍ବ" ଶୀର୍ଷକରେ ଏକ ପ୍ରବନ୍ଧ ରଚନା କରିଛନ୍ତି । ସେଥିରେ ସେ ଉଡ଼ାପର୍ବର ଉତ୍ପତ୍ତିକାଳ ଏକାଦଶ ଶତାବ୍ଦୀଏବଂ ଠାକୁରମୁଣ୍ଡାକୁ ଏହାର ଆଦି ଉତ୍ସ ବୋଲି କହିଅଛନ୍ତି । ଏବଂ ଶ୍ରୀମହାନ୍ତ ଯେଉଁ ସବୁ ତଥ୍ୟକୁ ଆଧାର କରି ପ୍ରମାଣ କରିବାକୁ ଚେଷ୍ଟା କରିଅଛନ୍ତି ସେସବୁକୁ ତର୍ଜମା କଲେ ଅପ୍ରାସଙ୍ଗିକ ମନେ ହୋଇଥାଏ । ଏହାର କାରଣ ସ୍ୱରୂପ ଏତିକି କୁହାଯାଇ ପାରେ କି ଶ୍ରୀମହାନ୍ତ ଯେଉଁ ସବୁ ତଥ୍ୟକୁ ଆଧାର ଉଡ଼ାପର୍ବର ଆଦି ସମୟ ନିରୂପଣ କଲେ ସେତେବେଳେ ସେ ଶ୍ରୀ ଦେବପ୍ରସାଦ ସାମଲଙ୍କ

ISSN NO.
2582-208X

'ଏଷଣା' ପତ୍ରିକରେ ପ୍ରକାଶିତ 'ଉଡ଼ାପର୍ବ' ଏବଂ ଶାଙ୍ଖ ଚରଣ ମାଝୀଙ୍କ "ଠାକୁରମୁଣ୍ଡାର ଉଡ଼ାପର୍ବ"କୁ ମୁଖ୍ୟ ଆଧାର ଭାବରେ ଗ୍ରହଣ କରି ଅଛନ୍ତି । ଏବଂ ଶ୍ରୀମହାନ୍ତ ଯେତେବେଳେ "ଓଡ଼ିଆ ଲୋକପରମ୍ପରାରେ ଠାକୁରମୁଣ୍ଡାର ଉଡ଼ାପର୍ବ "ଶୀର୍ଷକରେ ଆଲୋଚନା କଲେ ସେତେବେଳେ ମୟୂରଧ୍ଵଜ ନାମକ ଏକ ରାଜା ରତ୍ନପୁର ଦୁର୍ଗରେ ଶାସନ କରୁଥିବା କଥା ଉଲ୍ଲେଖ କରି ଅଛନ୍ତି । ତାଙ୍କ ପୂର୍ବରୁ ଆଲୋଚନା କରିଥିବା ଶ୍ରୀସାମଲ ଓ ଶ୍ରୀମାଝୀ ଏହି ରାଜା କଥା ଉଲ୍ଲେଖ କରିଅଛନ୍ତି ଏହାସହ ମୟୂରଭଞ୍ଜ ରାଜ୍ୟର ନାମକରଣର କାହାଣୀକୁ ମୁଖ୍ୟ ଆଧାର ଭାବରେ ଗ୍ରହଣ କରିଅଛନ୍ତି ଏବଂ ଶ୍ରୀମହାନ୍ତ ଯେତେବେଳେ ଉଡ଼ାପର୍ବର ଉତ୍ପତ୍ତି କାଳ ଏକାଦଶ ଶତାବ୍ଦୀ ବୋଲି ପ୍ରମାଣ କରିବାକୁ ଚେଷ୍ଟା କଲେ ସେ ରାଧାନାଥଙ୍କ ପାର୍ବତୀ କାବ୍ୟରେ ବର୍ଣ୍ଣିତ ଗଙ୍ଗେଶ୍ୱରଦେବ ଏବଂ ତାଙ୍କ ମୟୂରଭଞ୍ଜର ରତ୍ନପୁର ଆକ୍ରମଣ ଘଟଣାକୁ ଭିତ୍ତିକରି ଉଲ୍ଲେଖ୍ୟ କରି ଅଛନ୍ତି । ମାତ୍ର ତାହା ଇତିହାସ ସମ୍ମତ ନୁହେଁ । ମୟୂରଭଞ୍ଜ ଇତିହାସରେ ମୟୂରଧ୍ଵଜ ନାମକ କୌଣସି ରାଜାଙ୍କର ଗଙ୍ଗେଶ୍ୱର ଦେବଙ୍କର ଯୁଦ୍ଧର କୌଣସି ଐତିହାସିକ ପ୍ରମାଣ ନାହିଁ କିମ୍ବା ଉଲ୍ଲେଖ୍ୟ ମଧ୍ୟା ନାହିଁ । ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଜଣାଯାଏ ଯେ ଶ୍ରୀ ମହାନ୍ତ ଯେଉଁ ସମୟ କଥା କହି ଅଛନ୍ତି ତାହା ଚୋଡ଼ଗଙ୍ଗ ଦେବଙ୍କ ସମୟ । ଗଙ୍ଗ ସମ୍ରାଟ ଚୋଡ଼ଗଙ୍ଗ ଦେବ ସୋମବଂଶର ଶେଷ ରାଜା କର୍ଣ୍ଣଦେବଙ୍କୁ ଗାଦିଚ୍ୟୁତ୍ୟ କରି ୧୧୧୦ ଖ୍ରୀ. ରେ ଓଡ଼ିଶା ଅଧିକାର କରିଥିଲେ । ଏହା ପାରେ ଏହାର ସୀମା ଉତ୍ତର ଓ ଦକ୍ଷିଣକୁ ଯଥାକ୍ରମେ ଗଙ୍ଗା ଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଚୋଡ଼ଗଙ୍ଗଦେବ ବହୁ ଉଚ୍ଚାଭିଳାଷୀ ଏବଂ ସାହସୀ ଥିଲେ । ଏଥି ପାଇଁ ରାଷ୍ଟ୍ରର ପରିସୀମା ବୃଦ୍ଧି ପାଇଁ ପଶ୍ଚିମ ଓଡ଼ିଶାର କାଳଚୁରୀ ଆଡେ ଆକ୍ରମଣ କରିଥିଲେ । ଏହାପରେ ଏହାର ସୀମା ଉତ୍ତର ଓ ଦକ୍ଷିଣକୁ ଯଥାକ୍ରମେ ଗଙ୍ଗାଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଚୋଡ଼ଗଙ୍ଗ ଦେବ ବହୁ ଉଚ୍ଚାଭିଳାଷୀ ଏବଂ ସାହସୀ ଥିଲେ । ଏଥି ପାଇଁ ରାଷ୍ଟ୍ରର ପରିସୀମା ବୃଦ୍ଧି ପାଇଁ ପାସଚିମ ଓଡ଼ିଶାର କାଳଛୁରୀ ଆଡେ ଆକ୍ରମଣ କରିଥିଲେ । ଏହି ସମୟରେ ଚୋଡ଼ଗଙ୍ଗ ଦେବ କାଳଛୁରୀ ରାଜା ୨ୟ ରତ୍ନଦେବଙ୍କ ସହ ୧୧୩୧ଖ୍ରୀ. ଯୁଦ୍ଧ କରିଥିଲେ । ବହୁଦିନ ଧରି ଯୁଦ୍ଧ ହୋଇଥିଲା ରାଧାନାଥଙ୍କ ପାର୍ବତୀ କାବ୍ୟରେ ମଧ୍ୟ ଏହି ଯୁଦ୍ଧ ୪ବର୍ଷ ଧରି ସଂଘଟିତ ହୋଇଥିବାର ଜଣାଯାଏ ।

ରାଧାନାଥଙ୍କ ପାର୍ବତୀ କାବ୍ୟ ଅନୁସାରେ କାଳଚୁରୀର ରାଜା୨ୟ ରତ୍ନଦେବ ଏବଂ ଗଙ୍ଗ ସମ୍ରାଟ ଗଙ୍ଗେଶ୍ୱର ବା ଚୋଡ଼ଗଙ୍ଗ ଦେବଙ୍କ ମଧ୍ୟରେ ଯୁଦ୍ଧ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ

ISSN NO.
2582-208X

ଠାକୁରମୁଣ୍ଡା ନିକଟବର୍ତ୍ତୀ ରତ୍ନପୁର ଦୁର୍ଗରେ ସଂଗଠିତ ହୋଇଥିଲା । କାବ୍ୟରେ ରତ୍ନପୁର ଦୁର୍ଗ ଶାଳନ୍ଦୀ ତଟରେ ଅବସ୍ଥିତ । ଅଦ୍ୟାବଧି ଠାକୁରମୁଣ୍ଡା ଅଞ୍ଚଳରେ ରତ୍ନପୁର ପିଢ ନାମରେ ଏକ ଅଞ୍ଚଳ ଥିବାର ଜଣା ଯାଏ । ଡ. ଭାଗବତ ପ୍ରସାଦ ଲେଙ୍କା "ମୟୂରଭଞ୍ଜ ଇତିହାସ ଏକ ଅନୁଧ୍ୟାନ" ରେ ଉଲ୍ଲେଖ କରି ଅଛନ୍ତି ଯେ ମହାରାଜା ଆଦିଭଞ୍ଜଙ୍କ ସମୟରେ ଅର୍ଥାତ ଯେତେବେଳେ ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟ ବିଭାଜିତ ହୋଇଥିଲା ସେହି ସମୟ ବେଳକୁ ଶାସନର ସୁବିଧା ଦୃଷ୍ଟିରୁ ୨୨ ଗୋଟି ପୀଢିରେ ବିଭକ୍ତ କରାଯାଇ ଥିଲା ସେହି ମଧ୍ୟରୁ ରତନପୁର ଅନ୍ୟତମ । ଏଗୁଡିକରେ ବିଭିନ୍ନ ସର୍ଦ୍ଦାର ମାନେ ଶାସନ କରୁଥିଲେ । ଏହି ଦୃଷ୍ଟିରୁ ଶ୍ରୀମହାନ୍ତ ଯେଉଁ ୨ଜଣ ରାଜାଙ୍କ ମଧ୍ୟରେ ଯୁଦ୍ଧ ସଂଘଟିତ ହୋଇଥିଲା ତାହା ଅପ୍ରାମାଣିକ ଅଟେ ।(ଲେଙ୍କା, ଭାଗବତ ପ୍ରସାଦ, ମୟୂରଭଞ୍ଜ ଇତିହାସ : ଏକ ଅନୁଧ୍ୟାନ, ସଂଗୀତା ପ୍ରିଣ୍ଟର୍ସ, ପ୍ରଥମ ମୁଦ୍ରଣ- ୧୯୯୩,ପୃଷ୍ଠା-୨୮) ଐତିହାସିକ ଓ ଗବେଷକ ମାନେ ମଧ୍ୟ ରାଧାନାଥଙ୍କ ଉକ୍ତିକୁ ସ୍ୱୀକାର କରି ନଥାନ୍ତି । କାଳଚୁରୀ ବଂଶର ବିଭିନ୍ନ ଶିଳାଲେଖ, ତାମ୍ରଲେଖ ଗୁଡିକ ଅନୁଶୀଳନ କରି ମତ ପ୍ରକାଶ କରନ୍ତି ଯେ, ୨ୟ ରତ୍ନଦେବ ଓ ଗଙ୍ଗେଶ୍ୱର ବା ଚୋଡ଼ଗଙ୍ଗ ଦେବଙ୍କ ମଧ୍ୟରେ ଯୁଦ୍ଧ ମହାନଦୀର ତଟ ଦେଶରେ ବିଳାସପୁର ଠାରେ ସଂଘଟିତ ହୋଇଥିଲା । ଯାହା ବର୍ତ୍ତମାନ ଛତିଶଗଡ଼ ଠାରେ ଅବସ୍ଥିତ । (Ratnadevall- Military Wikipedia) ଏହି ଠାରୁ ପ୍ରମାଣିତ ହୁଏ ଯେ ଓଡ଼ିଶାରେ ଓଡ଼ିଶାରେ ଉଡ଼ାପର୍ବର ଉତ୍ପତି କାଳ ଏକାଦଶ ଶତାବ୍ଦୀ ନୁହେଁ । ବରଂ ଉଡ଼ାପର୍ବର ଆରାଧିତ ଦେବ ଦେବୀ, ପୂଜା ପଦ୍ଧତି, ରୀତିନୀତି ଏବଂ ବିଭିନ୍ନ ଧର୍ମ ସଂସ୍କୃତି ଅନୁସାରେ ବିଚାର କଲେ ତାହା ଜଣାଯାଏ ଯେ ଉଡ଼ାପର୍ବ ବହୁ ପୂର୍ବରୁ ସୃଷ୍ଟି । ନିମ୍ନରେ ଉଡ଼ାପର୍ବର କେତେକ ପ୍ରାମାଣିକ ତଥ୍ୟକୁ ଆଧାର କରି କାଳ ନିରୂପଣ କରାଗଲା -

ଉଡ଼ାପର୍ବର ଆରାଧିତ ଦେବଦେବୀଙ୍କୁ ଆଧାର କରି
ଉଡ଼ାପର୍ବରେ ପ୍ରଚଳିତ ପୂଜା ପଦ୍ଧତି ଏବଂ ରୀତି ନୀତି ପରମ୍ପରାକୁ ଆଧାର କରି
ସ୍ଥାନୀୟ ଇତିହାସ ଓ ଲୋକ ବିଶ୍ୱାସକୁ ଆଧାର କରି
ସମ ପର୍ଯ୍ୟାୟବାଚୀ ପର୍ବପର୍ବାଣୀକୁ ଆଧାର କରି
ଐତିହାସିକ ତଥ୍ୟକୁ ଆଧାର କରି

ISSN NO.
2582-208X

ଉଡ଼ାପର୍ବର ଆରାଧିତ ଦେବଦେବୀଙ୍କୁ ଆଧାର କରି :-

ଏହି ପ୍ରବନ୍ଧର ପ୍ରାରମ୍ଭରୁ ହିଁ ଉଲ୍ଲେଖ କରାଯାଇ ଅଛିକି ଯେ ଉଡ଼ାପର୍ବ ବସ୍ତୁତଃ ଶୈବତନ୍ତ୍ର ସହ ବୌଦ୍ଧତନ୍ତ୍ର+ ଜୈନତନ୍ତ୍ର ଏବଂ ଶାକ୍ତତନ୍ତ୍ରର ସମ୍ମିଶ୍ରଣରେ ଉଡ଼ାପର୍ବର ସୃଷ୍ଟି । ଏହି ଉଡ଼ାପର୍ବର ଆରାଦ୍ଧ ଦେବ ମହାଦେବ ଏବଂ ଆରାଦ୍ଧା ଦେବୀ ମହାକାଳୀ ବା ବାସୁଳୀ ଏମାନେ ତନ୍ତ୍ରରେ ଭୈରବ ଏବଂ ଚାମୁଣ୍ଡା ଭାବରେ ପୂଜିତ ହୁଅନ୍ତି । ଓଡ଼ିଶାରେ ଏହି ଉଡ଼ାପର୍ବର ମୂଳଭିତ୍ତି ବିଭିନ୍ନ ତନ୍ତ୍ରରେ ଦେଖା ଦେଇଛି । ପ୍ରଥମେ ବୌଦ୍ଧତନ୍ତ୍ର କଥା ଆଲୋଚନା କଲେ ଜଣାଯାଏ ଯେ ଖ୍ରୀ· ଅଷ୍ଟମ ଶତାବ୍ଦୀରୁ ଖ୍ରୀ· ନବମ ଶତାବ୍ଦୀ ବେଳକୁ ଶଙ୍କରାଚାର୍ଯ୍ୟ ଶୈବଧର୍ମର ପୁନଃ ସ୍ଥାପନା କରିଥିଲେ ଏବଂ ଏହି ସମୟରେ ବୌଦ୍ଧଧର୍ମ ଶୈବଧର୍ମରେ ବିଲୟ ଘଟି ମିଶିଯାଇଥିଲା । ଦଣ୍ଡନାଟ, ପାଟୁଆ ଯାତ୍ରା , ଉଡ଼ାପର୍ବ ଏବଂ ଚଡକ ଯାତ୍ରା ଏହି ସମୟର ସୃଷ୍ଟି । (ଦାଶ, କୁଞ୍ଜବିହାରୀ- ଓଡ଼ିଆ ଲୋକଗୀତ ଓ କାହାଣୀ, ଓଡ଼ିଶା ବୁକ ଷ୍ଟୋର, ବିନୋଦ ବିହାରୀ କଟକ, ୧ମ ମୁଦ୍ରଣ-୧୯୫୮, ପୃଷ୍ଠା-୧୪୯)

ଏହି ସମ୍ବନ୍ଧରେ ଆଉ ଏକ ମତ ଦେଖିବାକୁ ମିଳେ ଖ୍ରୀ· ଅଷ୍ଟମ ଶତାବ୍ଦୀରୁ ଖ୍ରୀ· ନବମ ଶତାବ୍ଦୀ ବେଳକୁ ତାନ୍ତ୍ରୀକ ବୌଦ୍ଧଧର୍ମ ବିକଶିତ ହୋଇ କାଳଚକ୍ର ଯାନ ନାମକ ଏକ ନୂତନ ଯାନ ସୃଷ୍ଟି ହୋଇଥିଲା । ଏହି ଯାନର ପ୍ରବର୍ତ୍ତକ ଥିଲେ ଆଚାର୍ଯ୍ୟ-ପିତୋପାଦ । କାଳଚକ୍ର ଯାନ ହେଉଛି ତାନ୍ତ୍ରୀକ ବୌଦ୍ଧଧର୍ମର ଚରମ ପର୍ଯ୍ୟାୟ। ଆଦି ବୁଦ୍ଧ ଓ ଧ୍ୟାନୀ ବୁଦ୍ଧଙ୍କ ସହିତ କାଳୀଙ୍କୁ ସଂଯୋଗ କରାଯାଇଥିଲା । ଏବଂ ଏହା ସହିତ ଏଥିରେ ବିକୃତ ତଥା ବିଭତ୍ସ ଓ ଭୟଙ୍କର ବୌଦ୍ଧ ଦେବଗଣଙ୍କ ସର୍ଜନା କରାଯାଇଥିଲା । ସେମାନେ କାଳଚକ୍ର, ହେରୁକ, ଅଚଳ, ବ୍ରଜ ଭୈରବ ଆଦି ନାମରେ କରାଯାଉଥିଲା । ଏହି ଦେବଦେବୀ ମାନଙ୍କୁ ତୁଷ୍ଟ କରିବାକୁ ନାନା କଠିନ ଉପାୟରେ ପୂଜାର୍ଚ୍ଚନା ତଥା ବଳି ମଧ୍ୟ ପ୍ରଦାନ କରାଗଲା । କାଳଚକ୍ର ଯାନର ଉପାସକ ମାନେ ଏହାକୁ ସିଦ୍ଧି ନିମନ୍ତେ ଏକ ଆସୁରିକ ବା ଦାନବୀୟ ପନ୍ଥାର ପର୍ଯ୍ୟାୟଭୁକ୍ତ କରିଥିଲେ । (ମହାନ୍ତି, ଡ·ବିମେନ୍ଦୁ, ଓଡ଼ିଶାରେ ବୌଦ୍ଧଧର୍ମ ଓ ବୌଦ୍ଧକୀର୍ତ୍ତି, ପୃଷ୍ଠା-୯୦, ଆମ ଓଡ଼ିଶା , ୪ଆର ୧/୨, ଇଉନିଟ- ୩ ଭୁବନେଶ୍ୱର, ୨ୟ ମୁଦ୍ରଣ – ୨୦୧୮)

ISSN NO.
2582-208X

ଉଡ଼ାପର୍ବରେ ପ୍ରଚଳିତ ପୂଜାପଦ୍ଧତି ଏବଂ ରୀତିନୀତି ପରମ୍ପରାକୁ ଆଧାର କରି :-

ଉଡ଼ାପର୍ବରେ ପ୍ରଚଳିତ ପୂଜାପଦ୍ଧତି ଏବଂ ରୀତିନୀତି ପରମ୍ପରାକୁ ଆଧାରକରି ବିଚାର କଲେ ଜଣାଯାଏ ଯେ ତାନ୍ତ୍ରୀକ ବୌଦ୍ଧଧର୍ମରେ ଖ୍ରୀ. ସପ୍ତମ ଶତାବ୍ଦୀରୁ ଅଷ୍ଟମ ଶତାବ୍ଦୀବେଳକୁ ମହାଯାନର ସୂତ୍ର ଗୁଡିକ ଧାରଣୀ ରୂପରେ ପରିଣତ ହୋଇ ତାହା କ୍ରମେ ମନ୍ତ୍ର ଆକାରରେ ପ୍ରକାଶିତ ହେଲା । ବୌଦ୍ଧ ସାଧନାରେ ମୁଦ୍ରା, ମଣ୍ଡଳ, ଅଭିଷେକ, ସମାଧି, ଆଦି ପ୍ରକ୍ରିୟା ପ୍ରବେଶ କଲା । ବୌଦ୍ଧ ସାଧନାରେ ତନ୍ତ୍ର ଜଗତର ମାରଣ, ମୋହନ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ, ବଶୀକରଣ, ସହ ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନର ପ୍ରବେଶ । ଏସବୁ ଉଡ଼ାପର୍ବରେ ଦେଖା ଦେଇଥାଏ । (ମହାନ୍ତି, ଡ.ବିମେଳେନ୍ଦୁ, ଓଡ଼ିଶାରେ ବୌଦ୍ଧଧର୍ମ ଓ ବୌଦ୍ଧକୀର୍ତ୍ତି, ଆମ ଓଡ଼ିଶା, ୪ଆର ୧/୨, ଇଉନିଟ- ୩ ଭୁବନେଶ୍ୱର, ୨ୟ ମୁଦ୍ରଣ - ୨୦୧୮, ପୃଷ୍ଠା- ୮୮)

ସ୍ଥାନୀୟ ଇତିହାସ ଓ ଲୋକବିଶ୍ୱାସକୁ ଆଧାର କରି :-

ଶଂସିତ ପ୍ରବନ୍ଧର ପ୍ରାରମ୍ଭରୁ ହିଁ ଉଲ୍ଲେଖ କରାଯାଇ ଅଛିକି ଯେ ଏହା ଜୈନତନ୍ତ୍ର ଧାରା ସହ ବହୁ କାଳରୁ ସଂଶିଷ୍ଟ । କେତେକ ଆଲୋଚକ ମାନେ ମତ ବ୍ୟକ୍ତ କରନ୍ତି ଜୈନ ଧର୍ମର ଦେବଦେବୀ ଗୁଡିକ ଉଡ଼ାପର୍ବରେ ଆରାଧିତ ହୋଇଥାନ୍ତି । ଖ୍ରୀ. ସପ୍ତମ ଶତାବ୍ଦୀ ବେଳକୁ ଜୈନଧର୍ମ ଓଡ଼ିଶାର ଏକ ପ୍ରଧାନ ଧର୍ମ ଭାବରେ ବିକଶିତ ହୋଇ ସରି ଥିଲା । ଖ୍ରୀ. ଅଷ୍ଟମ ଶତାବ୍ଦୀବେଳକୁ ଜୈନ ଧର୍ମର ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥ ତମଲୁକରୁ ବାଲେଶ୍ୱର ଆସି ଧର୍ମ ପ୍ରଚାର କରିଥିଲେ । ସେ ଧର୍ମ ପ୍ରଚାର ପାଇଁ ଆସି କୋପଟକରେ 'ଧନ' ନାମକ ଜଣେ ଗୃହସ୍ଥ ଘରେ ଆତିଥ୍ୟ ଗ୍ରହଣ କରିଥିଲେ । ନଗେନ୍ଦ୍ର ନାଥ ବସୁଙ୍କ ମତାନୁସାରେ ଏହି କୋପଟକ ବାଲେଶ୍ୱରର କୁପାରି ଗ୍ରାମ । (Vasu, Nagendranath, The Archeological survey of Mayurbhanj Vol.I, page- 43)

ଜୈନ କଳ୍ପସୂତ୍ର ଅନୁସାରେ ପାର୍ଶ୍ୱନାଥ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜୈନଧର୍ମର ପ୍ରଚାର ପ୍ରସାର କରି ଥିଲେ । ଏଥି ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମୂର୍ତ୍ତି ପୂଜାର ପ୍ରଚଳନ ଦେଖିବାକୁ ମିଳେ । ମୟୂରଭଞ୍ଜର ବଡ଼ସାହି ନିକଟରେ ଥିବା କୋଶଳୀ ଶିବ, ସୁନ୍ଦର ସୌମ ଓ ଜୟ ଶିଷ୍ୟ ଚତୁଷ୍ଟୟ ପରିବେଷ୍ଟିତ ପାର୍ଶ୍ୱନାଥ, ନୀଳଗିରିର ପୁଣ୍ଡାଲ ଗ୍ରାମରେ

ISSN NO.
2582-208X

ଥିବା ପାର୍ଶ୍ୱନାଥ ଇତ୍ୟାଦି । (ରଥ, ଅଶୋକ କୁମାର, ଜୈନଧର୍ମଓ ସଂସ୍କୃତି, ତାରାତାରିଣୀ ପୁସ୍ତକାଳୟ, ବାରାକସ, ବ୍ରହ୍ମପୁର- ୧, ପ୍ରଥମ ମୁଦ୍ରଣ -୧୯୯୧, ପୃଷ୍ଠା- ୯୭)

ବାରିପଦା ଠାରୁ 30 km ଦୂରରେ ଅବସ୍ଥିତ ବଡ଼ସାହି ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ କ୍ଷୁଦ୍ରପିଢ ଶୈଳୀରେ ନିର୍ମିତ ଏକ ଜୈନ ଚୌମୁଖ । ଏହାର କିଛି ଅଂଶ ମାଟିତଳେ ପୋତି ହୋଇଥିଲା । ଏହାକୁ ପରେ ଉଦ୍ଧାର କରାଗଲା । ଚୌମୁଖର ଚତୁଃପାର୍ଶ୍ୱ ଠଣାରେ କାୟୋତ୍ସର୍ଗ, ମୁଦ୍ରାରେ ଦଣ୍ଡାୟମାନ ଚନ୍ଦ୍ରପ୍ରଭ, ଋଷଭ ନାଥ, ଅଜିତ ନାଥଏବଂ ପାର୍ଶ୍ୱ ନାଥଙ୍କ ମୂର୍ତ୍ତି ?୍ୱପ୍ନ ଲାଞ୍ଛନ ଏବଂ ଚୌରୀଧରୀନି ସହ ଖୋଦିତ ହୋଇଛନ୍ତି। ସ୍ଥାନୀୟ ଅଧିବାସୀ ମାନେ ଏହାକୁ ଚନ୍ଦ୍ର ସେନା ନାମରେ ପୂଜା କରନ୍ତି। ଏହି ପୂଜା ଉଡ଼ା ପର୍ବ କିମ୍ବା ଚଡ଼କ ପୂଜା (Hook-Swing-Festival) ନାମରେ ପ୍ରସିଦ୍ଧ। N.N vasu ଏହାକୁ ଭୁଲ ବସତଃ ଏକ କ୍ଷୁଦ୍ର ବୌଦ୍ଧ ସ୍ତୂପ ନାମରେ ଚିହ୍ନିତ କରିଥଲେ। (ରଥ, ଅଶୋକ କୁମାର, ଜୈନଧର୍ମଓ ସଂସ୍କୃତି,ତାରାତାରିଣୀ ପୁସ୍ତକାଳୟ, ବାରାକସ, ବ୍ରହ୍ମପୁର- ୧, ପ୍ରଥମ ମୁଦ୍ରଣ-୧୯୯୧,ପୃଷ୍ଠା- ୯୭)

### ସମପର୍ଯ୍ୟାୟବାଚୀ ପର୍ବପର୍ବାଣୀକୁ ଆଧାର କରି :

ଶଂସିତ ପ୍ରବନ୍ଧର ପ୍ରାରମ୍ଭରୁ ଉଲ୍ଲେଖ କରାଯାଇଛି କି ଯେ ଉଡାପର୍ବର ସମପର୍ଯ୍ୟାୟବାଚୀ ପର୍ବପର୍ବାଣି ଗୁଡ଼ିକ ହେଉଛି ଦଣ୍ଡଯାତ୍ରା, ଚଡକ ପୂଜା ଓ ଝାମୁଯାତ୍ରା। ତେବେ ଏହି ପର୍ବପର୍ବାଣି ଗୁଡ଼ିକର କାଳ ଅନୁସାରେ ବିଚାର କଲେ ଏହା ଅଷ୍ଟମରୁ ନବମ ଶତାବ୍ଦୀ ବେଳକୁ ସୃଷ୍ଟି ବୋଲି ଗ୍ରହଣ କରାଯିବ। ଡ଼ କୁଞ୍ଜବିହାରୀ ଦାଶ ଓଡ଼ିଆ ଲୋକଗୀତ ଓ କାହାଣୀରେ ଦଣ୍ଡର ଉତ୍ପତ୍ତି ପର୍ଯ୍ୟାୟରେ କହନ୍ତି-

ଅଷ୍ଟମ ନବମ ଶତାବ୍ଦୀ ବେଳକୁ ଯେତେବେଳେ ଶୈବଧର୍ମ ପରିବ୍ୟାପ୍ତ ହେଲା ସେତେବେଳେ ବହୁ ବୌଦ୍ଧ ଅସ୍ପୃଶ୍ୟ ହୋଇ ରହିଲେ। ଶିବାରାଧନା ମୁକ୍ତିର ଏକମାତ୍ର ପନ୍ଥା ବୋଲି ପ୍ରଚାର କରାଗଲା ଖୁବ୍ ସମ୍ଭବ, ସେହି ସମୟରେ ଅସ୍ପୃଶ୍ୟ ମାନଙ୍କ ଭିତରେ ଦଣ୍ଡନାଟ ପ୍ରବର୍ତ୍ତିତ ହୋଇଥିଲା। (ଦାଶ, କୁଞ୍ଜବିହାରୀ- ଓଡ଼ିଆ ଲୋକଗୀତ ଓ କାହାଣୀ, ଓଡ଼ିଶା ବୁକଷ୍ଟୋର, ବିନୋଦ ବିହାରୀ କଟକ, ୧ମମୁଦ୍ରଣ-୧୯୫୮, ପୃଷ୍ଠା- ୧୪୯)

ଲୋକସାହିତ୍ୟର ବିଶିଷ୍ଟ ଗବେଷକ ଡ ଲକ୍ଷ୍ମୀନାରାୟଣ ସାହୁଙ୍କ ମତରେ -ଓଡିଶାରେ ଦଣ୍ଡନାଟର ଉତ୍ପତ୍ତି ସମୟ ଖ୍ରୀ ଦଶମ ଶତାବ୍ଦୀ। (ସାହୁ, ଲକ୍ଷ୍ମୀନାରାୟଣ, ଦଣ୍ଡନାଟ,

ISSN NO.
2582-208X

ଉତ୍କଳ ସାହିତ୍ୟ ପ୍ରେସ, କଟକ, ୧ମ ସଂସ୍କରଣ- ୧୯୪୭, ପୃଷ୍ଠା- ୧୦୦) ଚିତ୍ରସେନ ପଶାୟତଙ୍କ ମତରେ ମଧ୍ୟ ପଶ୍ଚିମ ଓଡ଼ିଶାରେ ସୋମବଂଶୀ ରାଜତ୍ୱ କାଳରେ ଏବଂ ପୂର୍ବ ଓଡ଼ିଶାରେ କେଶରୀବଂଶ କାଳରେ ଦଣ୍ଡନାଚର ଉତ୍ପତ୍ତି ହୋଇଥିଲା ବୋଲି କହନ୍ତି। (ପଶାୟତ, ଚିତ୍ରସେନ(୨୦୦୮), ଦଂଢ, ଚିତ୍ରସେନ ପସାୟତ(ସମ୍ପାଦନା), ପଶ୍ଚିମ ଓଡ଼ିଶାର ଲୋକଗୀତ, ପୃଷ୍ଠା- ୫୬, ଫୋକଲୋର ଫାଉଣ୍ଡସେନ, ଓଡ଼ିଶା, ଭୁବନେଶ୍ୱର) ଏ ସମସ୍ତ ତଥ୍ୟକୁ ଆଧାର କରି ଦଣ୍ଡନାଟର କାଳବିଚାର କଲେ ଜଣାଯାଏ ଯେ ଏହାର ସମୟ ଖ୍ରୀ ଅଷ୍ଟମ ଶତାବ୍ଦୀରୁ ଦଶମ ଶତାବ୍ଦୀ ମଧ୍ୟରେ ଉତ୍ପତ୍ତି ଲାଭ କରିଥିଲା।

ଐତିହାସିକ ପ୍ରମାଣକୁ ଆଧାର କରି:-

ଓଡ଼ିଶାରେ ଉଡାପର୍ବର ଅୟ ଆରମ୍ଭ କେବେଠାରୁ ହେଲା ତାହାର କୌଣସି ଗବେଷକ ସଠିକ୍ ପ୍ରମାଣ ଦେଇ ନାହାନ୍ତି। ତଥାପି ତାହାର ଆରାଧିତ ଦେବଦେବୀ ଏବଂ ପୂଜା ପଦ୍ଧତିକୁ ଭିତ୍ତି କରି ଯଦି ଇତିହାସ ପୃଷ୍ଠା ଉନ୍ମୋଚନ କରାଯାଏ ତେବେ ଓଡ଼ିଶାରେ ଭୈମକର ରାଜବଂଶର ରାଜତ୍ୱ କାଳରେ ହିଁ ଆରମ୍ଭ ହୋଇ ଥିଲା । ଭୈମକର ରାଜବଂଶର ପ୍ରଥମ ରାଜା ଗଣ ବୌଦ୍ଧ ଥିଲେ ମାତ୍ର ପରବର୍ତ୍ତୀ କାଳରେ ଶୈବ ଏବଂ ବୈଷ୍ଣବ ଧରମ ମଧ୍ୟ ଆପଣେଇ ଥିଲେ । ଭୈମକର ରାଜବଂଶର ରାଜା ଦ୍ୱିତୀୟ ଶିବକର ଦେବଙ୍କ (ଖ୍ରୀ.୮୦୦ରୁ ଖ୍ରୀ. ୮୨୦) ସମୟରେ ବୌଦ୍ଧ ଧର୍ମରେ ତନ୍ତ୍ରଯାନ ଏବଂ ବଜ୍ରଯାନ ନାମକ ନୂତନ ଧାରା ସୃଷ୍ଟି ହୋଇଥିଲା। ଏହି ସମୟରେ ବହୁ ହିନ୍ଦୁ ଦେବ ଦେବୀ ନୂଆ ପଦ୍ଧତିରେ ଆରାଧନା କରାଯାଇଥିଲା। ତାନ୍ତ୍ରିକ ପଦ୍ଧତିରେ ଶିବ, ଶକ୍ତି ଓ ବିଷ୍ଣୁଙ୍କ ଆରାଧନା ସକାଶେ ନୂତନ ଆଗମ ମାନ ଲେଖା ଯାଇଥିଲା। ଏହାସହ ଓଡ଼ିଶାରେ ବିଭିନ୍ନ ସମ୍ପ୍ରଦାୟ ଓ ଶାଖା ସୃଷ୍ଟି ହୋଇଥିଲା। ଯଥା:- ବଜ୍ର ଯାନ, କାଳ ଚକ୍ର ଯାନ ଏବଂ ତନ୍ତ୍ର ଯାନ। ଏହି ସମୟରେ ଓଡ଼ିଶାରେ କାଳଚକ୍ର ଓ ତନ୍ତ୍ରଯାନର ପ୍ରସାର ଅଧିକ ମାତ୍ରାରେ ଅନୁସୃତ ହୋଇଥିବା ଜଣାଯାଏ। ତନ୍ତ୍ରଯାନରେ ଯେଉଁ ପଦ୍ଧତି ଅନୁସୃତ ହେଲା, ସେଥିରୁ ପଞ୍ଚମ କାର ସଂପୃକ୍ତ ମହାକାଳୀ ଓ ମହାକାଳ ଭୈରବ ଉପାସନାର ସୃଷ୍ଟି। ଏହାକୁ ସହଜ ଯାନର ଏକ ଆନୁଷଙ୍ଗିକ ପଦ୍ଧତି ମଧ୍ୟ କୁହ ଯାଏ।(ରାଜଗୁରୁ,ସତ୍ୟନାରାୟଣ, ଓଡ଼ିଶା ଇତିହାସ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶ- ୧୯୮୫, ପୃଷ୍ଠା- ୪୪୫ )

ISSN NO.
2582-208X

ଉପସଂହାର:

ସଂଶିତ ପ୍ରବନ୍ଧର ଉପସଂହାରରେ ଏତିକି କୁହାଯାଇ ପାରିବ କି ଉଡାପର୍ବର ଉତ୍ପତ୍ତି ସମ୍ବନ୍ଧରେ ଯେତେ ସବୁ ତଥ୍ୟ ଓ ପ୍ରମାଣକୁ ଉପସ୍ଥାପନ କରାଗଲା ତାହାକୁ ଆଧାର କରି ଏହି ଉଡାପର୍ବର ଉପତ୍ତି କାଳ ଭୈମକର ରାଜବଂଶର ଦ୍ୱିତୀୟ ଶିବକର ଦେବଙ୍କ (ଖ୍ରୀ.୪୦୦- ଖ୍ରୀ.୪୨୦) ସମୟରେ, ଅର୍ଥାତ୍ ନବମ ରୁ ଦଶମ ଶତାବ୍ଦୀ ମଧ୍ୟରେ ଉପାସନା ଆରମ୍ଭ ହୋଇଥିଲା। ବସ୍ତୁତଃ ଏତିକି କୁହାଯାଇ ପାରେକି ଯେ ଏହା ସବୁ ଜାତି ପାଟକର ଏକ ସମନ୍ୱୟ। ବିବିଧ ଧର୍ମ ବିଶ୍ୱାସର ଏକ ସୂଚୀପତ୍ର। ଏଥିରେ ଆର୍ଯ୍ୟ ଓ ଆନାର୍ଯ୍ୟ ସଂସ୍କୃତିର ସମ୍ମିଳିତ ରୂପ ପରିଦୃଷ୍ଟ ହୋଇଥାଏ। ଏଥିରେ ଭୂୟାଁ କୁଡୁମୀ ଠାରୁ ଆରମ୍ଭ କରି ହାଡ଼ି ପାଣ ପର୍ଯ୍ୟନ୍ତ ସମସ୍ତ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରିଥାନ୍ତି। ଦେଶ କାଳ ପାତ୍ରକୁ ଚାହିଁ ସେମାନେ ଏହି ପର୍ବରେ ଗୃହୀତ ହୋଇ ଅଛନ୍ତି। ତାତିଲା ଭୂଇଁରେ ଚାଲିବା ଓ କଣ୍ଟାରେ ଗଡ଼ିବା ପ୍ରଭୃତି ଶାରୀରିକ କଷ୍ଟ ବରଣ ଦେବତାର ସନ୍ତୋଷ ବିଧାନ କର ଯାଏ। ଉଡ଼ାପର୍ବର ମୂଳରେ ଶୈବତନ୍ତ୍ର, ଜୈନତନ୍ତ୍ର, ବୌଦ୍ଧତନ୍ତ୍ର ଶାକ୍ତତନ୍ତ୍ର ଆଦିର ଅପୂର୍ବ ସମନ୍ୱୟ ଦେଖ ଦେଇ ଥାଏ। ଯଥାର୍ଥରେ ଏହା ତ୍ୟାଗ ଓ ସମର୍ପଣର ପର୍ବ ।

ସହାୟକ ଗ୍ରନ୍ଥସୂଚୀ :

English :

1.N. N. Vasu , Archaeological Survey of Mayurbhanj

2.Ratnadevall– Military Wikipedia

ଓଡ଼ିଆ :

୧ .କେଦାରନାଥ ଗବେଷଣା ପ୍ରତିଷ୍ଠାନ( ସମ୍ପାଦନା), ଓଡ଼ିଶାର ତନ୍ତ୍ର ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨ୟ ମୁଦ୍ରଣ- ୨୦୧୬

୨ .ଦାଶ, କୁଞ୍ଜବିହାରୀ, ଓଡ଼ିଆ ଲୋକଗୀତ ଓ କାହାଣୀ, ଓଡ଼ିଶା ବୁକ ଷ୍ଟୋର, ବିନୋଦ ବିହାରୀ କଟକ, ୧ମ ମୁଦ୍ରଣ–୧୯୫୮

ISSN NO.
2582-208X

୩ .ଦାସ, ଫକୀର ମୋହନ-ଓଡ଼ିଆ ସାହିତ୍ୟରେ ବିଭିନ୍ନ ଧର୍ମ ଧାରା-ଦ୍ୱିତୀୟ ପୁଷ୍ପ, ପୃଷ୍ଠା-୬୧, ଶ୍ରୀହରି ସଂକୀର୍ତ୍ତନ ଗ୍ରନ୍ଥମାଳା, ପ୍ରଥମ ମୁଦ୍ରଣ- ୧୯୮୪)

୪ .ପ୍ରଧାନ, କୃଷ୍ଣଚନ୍ଦ୍ର,ଓଡ଼ିଆ ସାହିତ୍ୟରେ ଶୈବଧର୍ମ, ସୁଧାପ୍ରକାଶନ, ବାଖରାବାଦ, କଟକ- ୭୫୩୦୦୨, ପ୍ରଥମ ମୁଦ୍ରଣ- ୧୯୯୯

୫.ମହାନ୍ତି, ଡ.ବିମ୍ବୁଲେନ୍ଦୁ, ଓଡ଼ିଶାରେ ବୌଦ୍ଧଧର୍ମ ଓ ବୌଦ୍ଧକୀର୍ତ୍ତି, ଆମଓଡ଼ିଶା, ୟୁନିଟ୍-୩, ଭୁବନେଶ୍ୱର, ପ୍ରଥମ ମୁଦ୍ରଣ- ୨୦୧୮

୬. ମହାନ୍ତ, ହୃଷୀକେଶ,(୨୦୨୪)ଲୋକ ପରମ୍ପରାରେ ଠାକୁରମୁଣ୍ଡାର ଉଢ଼ାପର୍ବ, ଡ. ଶିଶିର ବେହେରା(ସମ୍ପାଦନା), ମୁଁ ଯିବି ତୁମରି ପରି, ଫ୍ରେଣ୍ଡସ୍ ପବ୍ଲିଶ, ବିନୋଦ ବିହାରୀ କଟକ-୭୫୩୦୦୨

ପତ୍ରପତ୍ରିକା :

୧.ସାମଲ, ଶ୍ରୀ ଦେବୀ ପ୍ରସାଦ , ଉଢ଼ାପର୍ବ, ଏଷଣା, ୧୯୮୫

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର , ବାରିପଦା- ୭୫୭୦୦୩

(((-)))

ଗବେଷକ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର,
ବାରିପଦା-୭୫୭୦୦୩, ମୋ- 6372249705

ISSN NO.
2582-208X

ବେଦାନ୍ତୀ

# ଜେଜେ ବାପା



ସାନୁରଞ୍ଜନ ସାହୁ

ନିଃସ୍ତବ୍ଧ ରାତିର ଅନ୍ଧାର ଛାତରେ..
ତୁମ ସ୍ନେହ ଯେବେ ଆସେ ମୋ ଅନ୍ତରେ..
କୋହ ଭରିଯାଏ ହୃଦୟ ଭିତରେ..
କାହିଁକି ନା ତୁମେ ଏବେ ବୋହୁ ଦୂରେ
ଜେଜେ ତୁମେ ବହୁ ଦୂରେ..

ମନେ ପଡ଼ ତୁମେ ସବୁ ସମୟରେ
ଖରା, ବର୍ଷା, ଶୀତ ପାହାନ୍ତା ପ୍ରହରେ..
ଶୀତ ରାତି ନିଆଁ ଉଷୁମ ପାଖରେ
ରାଜା ରାଣୀ, ଭୂତ କାହାଣୀ ଭିତରେ..
ଜେଜେ ତୁମେ ବହୁ ଦୂରେ...

ଶୁଣିଥିଲି ଯେବେ ଆସିଲି ସଂସାରେ
କାନ୍ଦିଥିଲ ତୁମେ ଅତି ସେନେହରେ
ମା ପରି ମୋର ମନ ବୁଝି ଥରେ
ଦୁଃଖ ଦେଇନାହଁ ଏ ଛୋଟ ମନରେ
ଜେଜେ ତୁମେ ବହୁ ଦୂରେ...

ISSN NO.
2582-208X

ତୁମ ହସ ମୁହଁ ଦେଖି ମନ ଭରେ
ତୁମ ଡାକ ପଦେ ଅମୃତ ଝରେ
ତୁମ ହାତ ଗୁଞ୍ଜା ପଇସା ପାଖରେ
ମୋ ସମସ୍ତ ସମ୍ବଳ ହୀନ ମନେକରେ.
ଜେଜେ ତୁମେ ବହୁ ଦୂରେ.

ସମୟ ବୟସ କୁଟ ଚକ୍ରାନ୍ତରେ
ରହି ପାରିଲିନ ତୁମରି ପାଖରେ.
ଶେଷ ନଶ୍ୱାସ ଶେଷ ଲୁହ ଧାରେ.
ତୁମ ଛବି ଏ ଅନ୍ତର ଭିତରେ
ଜେଜେ ତୁମେ ବହୁ ଦୂରେ

(((-)))

ନୂଆଗଡ, ଢେଙ୍କାନାଳ-759016
ଯୋଗାଯୋଗ-9124027606

ISSN NO.
2582-208X

# ମହାନୁଭବ



ଖଗେଶ୍ୱର ବାଗ

ହେ ମହାନୁଭବ
ଚର ଦାସତ୍ୱ ବନ୍ଧନରୁ ମୁକ୍ତ
ମହାଜାଗତିକ ପରିବର୍ତ୍ତନ
ରାଷ୍ଟ୍ର ପାଇଁ ତ୍ୟାଗ
ସମ୍ପୂର୍ଣ୍ଣ ସମର୍ପଣ ଆଉ
ସମାଜ ହିତେ କରିଛ କି ସଂଘର୍ଷ ?
କରିଛ କି ଦଳିତ ନିଷ୍ପେସିତ
ଶୋଷିତର ଉଦ୍ଧାର ନିମିତ୍ତ ପ୍ରୟାସ
ଦେଇଛ ପ୍ରେରଣା
ଜୀବିକାର ମାଧ୍ୟମ କି
ସମାନତାର ମନ୍ତ୍ର ଆଉ
ବସୁଧୈବ କୁଟୁମ୍ବକମର ଘୋଷଣା ?
ଭାବ କି ତୁମେ ହିଁ ଶ୍ରେଷ୍ଠ
ଶ୍ରେଷ୍ଠ ତୁମ ସର୍ଜନା
ଅଭିଭାଷଣରେ ତୁମ
ଜଡ ତନେ ଭରେ କି ଚେତନା
କେଇ ଖଣ୍ଡ କୃତି ପାଇଁ
ତୁମେ କି ସର୍ବଜ୍ଞ ସର୍ବବିଦିତ ?
କେଉଁ ଆଧାରରେ ମାପିବାର ଅପଚେଷ୍ଟା
ଅନ୍ୟର ଦକ୍ଷତା ସାମର୍ଥ୍ୟ

ISSN NO.
2582-208X

ଭାବନା ଆଉ ଶବ୍ଦ ସଂଯୋଜନା
କାହିଁକି ଏ ଧୃଷ୍ଟତା ତୁମ
ପ୍ରେରଣା ବଦଳରେ ଦେଇଯାଅ
ହତୋତ୍ସାହର ଅଯାଚିତ ଯାତନା।।
କାହିଁକି ନବ ପ୍ରତିଭା ପ୍ରତି
ହୀନମନ୍ୟତା ବିଦ୍ୱେଷ ଈର୍ଷା
ମତାନ୍ତର ମନାନ୍ତର ଆଉ
ଜାତିଗତ ଭେଦଭାବ
କାହିଁକି ତୁମର ଏତେ ବଡପଣିଆ ?
ହେ ମହାନୁଭବ
ବୟସର ଅପରାହ୍ନରେ
ବାର୍ଦ୍ଧକ୍ୟର ଶେଷ ସୋପାନ କି
ଅଜ୍ଞାନତାର ଅହମିକାରେ
ଚିନ୍ତା ଚେତନା ହଜିଯାଏ ତୁମ
ମତି ଭ୍ରଷ୍ଟ ହୁଏ ଆଉ
ଦେଖାଯାଏ ତୁମ
କୁତ୍ସିତ ଭାବନା ସୀମିତ କୃତି।।

(((-)))

ବୁଦ୍ଧିକୋମନା, ନୂଆପଡା

ISSN NO.
2582-208X

# ରାମାୟଣରେ କର୍ମଫଳ (୨)



ଅଧ୍ୟାପକ ଅଶୋକ ମହାରଣା

କୈକେୟୀ ରାମଙ୍କୁ ବନବାସ ପଠାଇବାର କାରଣ କହୁଥିଲେ:

"ଖରାଦିନ ହୋଇଥାଏ.ପ୍ରଚଣ୍ଡ ଖରାରେ ନଦୀ, ନାଳ, ପୋଖରୀ ଗାଡିଆ ସବୁ ଶୁଷ୍କ । ଅଯୋଧ୍ୟାର ରାଜା ଦଶରଥ ବିନୋଦ ପାଇଁ ବଣକୁ ଯିବାକୁ କହିଲେ, ପ୍ରଚଣ୍ଡ ରୌଦ୍ରତାପରେ ଜଙ୍ଗଲରେ ବୁଲିବୁଲି ଏକ ବଡଗଛ ଛାଇ ତଳେ ବିଶ୍ରାମ ନେଉଥିଲେ । ମହାରାଜ କୈକେୟୀଙ୍କ କୋଳରେ ମଥାରଖି ଶୋଇଗଲେ । ପଥକ୍ଳାନ୍ତ ଯୋଗୁ କୈକେୟୀଙ୍କୁ ବି ନିଦ୍ରା ଆସିଗଲା । ଏହି ସମୟରେ ଗଛ ଉପରେ ଥିବା ଶୁଆଶାରୀଙ୍କର କଥା ତାଙ୍କ କାନରେ ପଡିଲା, ଶୁଆ କହୁଥିଲା "ଦେଖ'ଲୋ ଶାରୀ, ଏ ଯେଉଁ ବ୍ୟକ୍ତ ଶୋଇଛନ୍ତ, ସେ ହେଉଛନ୍ତ ଅଯୋଧ୍ୟାର ନୃପତି, ଆଜି ବିନୋଦ ପାଇଁ ଆସି ଏଠି କେମିତି ଶୋଇଛନ୍ତ, ସେ କଣ ଜାଣିଛନ୍ତ, ଆଜକୁ ସାତ ଦିନପରେ ଅଯୋଧ୍ୟାରେ ଶ୍ୱାତି ମାର୍ତଣ୍ଡଯୋଗ ପଡିବ, ଏହି ଯୋଗରେ ଅଯୋଧ୍ୟାର ସିଂହାସନ ଶ୍ରୀହୀନ ହୋଇ ହୋଇଯିବ, ଏହି ଯୋଗ ୧୪ ବର୍ଷ ପର୍ଯ୍ୟନ୍ତ ରହିବ । ଯିଏ ରାଜ ଗାଦିରେ ବସିବ ସେ ନିଶ୍ଚିତ ମୃତ୍ୟୁ ବରଣ କରିବ" ।

ଶୁଆଶାରୀଙ୍କ କଥାକୁ ବିଶ୍ୱାସ କରି କୈକେୟୀ ଭାବିଲେ – ଯଦି ଏହା ସତ୍ୟ ହୁଏ ତେବେ ରାମ ରାଜା ହେଲେ ମୃତ୍ୟୁ ସୁନିଶ୍ଚିତ, ତେଣୁ ଶପଥ ନେଲେ ରାମଙ୍କୁ ରାଜା କରେଇ ଦେବେ ନାହିଁ । ଅଯୋଧ୍ୟା ସିଂହାସନରେ ନିଜ ପୁଅ ଭରତର ନାଶ ହେଉ କିନ୍ତୁ ରାମ ଭଳି ପୁତ୍ରର କିଛି କ୍ଷତି ନହେଉ । କୈକେୟୀ କହିଲେ କୁହ ପୁତ୍ର ମାତା ହିସାବରେ କଣ ଭୁଲ କଲି ! ଦ୍ୱିତୀୟ କଥା "ଯେଉଁ ଦିନ ତୋର ରାଜ୍ୟାଭିଷେକ ପାଇଁ ରାଜା ଘୋଷଣା କଲେ ତା ପୂର୍ବରୁ ସେ ଗୁରୁବର୍ଗ କିମ୍ବା ମନ୍ତ୍ରୀ ମଣ୍ଡଳଙ୍କ ସହିତ ଆଲୋଚନା କରିନଥିଲେ ଗୁରୁଦେବ ବଶିଷ୍ଠ,

ISSN NO.
2582-208X

ବାମଦେବ, ଜାବାଳ, ମନ୍ତ୍ରୀବର ସୁମନ୍ତ ବସି ବୈଠକ କଲେ । ଗୁରୁଗଣନା କରିଦେଖିଲେ ଆସନ୍ତା କାଲିଠାରୁ ଅଯୋଧ୍ୟାକୁ ଶ୍ୱାତି ମାର୍ତଣ୍ଡ ଯୋଗ ପଡୁଛି । ଯିଏ ରାଜ ସିଂହାସନ ଚଉଦ ବର୍ଷ ପାଇଁ ମୁକୁଟ ବିହୀନ ହେବ । ଯିଏ ସିଂହାସନରେ ବସିବ ତାର ମୃତ୍ୟୁ ଅବଶ୍ୟମ୍ଭାବୀ। ଅଯୋଧ୍ୟା ରାଜସିଂହାସନ ଚଉଦ ବର୍ଷ ପାଇଁ ଶ୍ରୀହୀନ ହୋଇପଡିବ ଏକଥା କିଏ ରାଜାଙ୍କୁ କହିବ? ରାଜାଙ୍କୁ ବୁଝିବା ପାଇଁ କୈକେୟୀଙ୍କୁ ଡକାଗଲା । ରାଜାଙ୍କ ଉପରେ କୈକେୟୀଙ୍କର ଦୁଇଟି ବର ବାକି ଥିଲା । ପ୍ରଥମଟି ହେଲା "ଦେବତାଙ୍କ ପାଇଁ ଯୁଦ୍ଧ ବେଳେ ଦଶରଥଙ୍କର ରଥର ଅନିକଳ ହୁଗୁଳ ପଡିଥିଲା, ଚକ ଖସିପଡିଲେ ରାଜା ଯୁଦ୍ଧ କରିବେ କେମିତି ! ଏହା ଚିନ୍ତା କରି ତାଙ୍କର ସାରଥୀ ହୋଇଥିବା ବୀରାଙ୍ଗନା ରମଣୀ ମହାରାଣୀ କୈକେୟୀ ନିଜ ଆଙ୍ଗୁଠି ଦେଇ ରଥ ଚକର ଅନିକଳ କଲେ । ଯାହା ଦ୍ୱାରା ରାଜାଙ୍କ ଯୁଦ୍ଧରେ ବ୍ୟାହତ ହୋଇନଥିଲା । ରାଜା ଯୁଦ୍ଧରେ ବିଜୟୀ ହୋଇଥିଲେ । ରାଜା ଖୁସିରେ ଗୋଟିଏ ବର ଦେବେ ବୋଲି କହିଥିଲେ । ଦ୍ୱିତୀୟ ବର ହେଉଛି, ରାଜାଙ୍କର ମୁହଁରେ ଏକ ବଥ ହୋଇଥିଲା । ଯାହାର ଯନ୍ତ୍ରଣାରେ ରାଜା ମୃତ୍ୟୁ ବରଣ କରିଥାନ୍ତେ, ରାଜବୈଦ୍ୟଗଣ କହିଲେ ମହାରାଜ ଆପଣଙ୍କ ମୁହଁର ଘାଆ ଶୁଖିବା ପାଇଁ ଗୋଟିଏ ମାତ୍ର ଉପାୟ । ଯଦି କେହି ତା ମୁହଁରେ ଘାଆଟିର ପୂଜ ରକ୍ତକୁ ଶୋଷିଦିଏ, ତେବେ ଆପଣଙ୍କ ଘାଆରୁ ଉପଶମ ମିଳିବ । ଧୀରେ ଧୀରେ ଘାଆ ଭଲ ହୋଇଯିବ । ରାଣୀ ଅନ୍ତପୁରକୁ ରାଜା ଆସିଲେ । ସାତଶହ ପଚାଶ ରାଣୀଙ୍କୁ ପଚାରିଲେ "ମୋତେ ସୁସ୍ଥ କରିବାକୁ ଚାହୁଁଚ କି" ସମସ୍ତେ ହଁ ଭରିଲେ, ସେଇଠୁ ରାଜା କହିଲେ ଆସ ମୋ ବଥରୁ ନିଜ ପାଟିରେ ପୂଜ ରକ୍ତ ଆଦିକୁ ଶୋଷିଦିଅ । ରାଜାଙ୍କ କଥା ଶୁଣି ସମସ୍ତ ରାଣୀ ନାକ ଟେକିଲେ, କହିଲେ କିଏ କଣ ନିଜ ପାଟିରେ ପୂଜ ରକ୍ତ ଭଳି ପୋଚରା ଜିନିଷକୁ ଚାଟି ଚାଟି ସଫା କରିପାରିବ । ମହାରାଣୀ ଭାବରେ କୈକେୟୀ ରାଜାଙ୍କ ବଥରେ ପାଟି ଲଗାଇ ପୂଜରକ୍ତକୁ ଶୋଷି ନେଲେ । ରାଜା ଆରୋଗ୍ୟ ଲାଭ କଲେ । ରାଜା ସେଥି ପାଇଁ ମଧ୍ୟ ଗୋଟିଏ ବର ଦେବେ ବୋଲି ପ୍ରତିଜ୍ଞା କରିଥିଲେ । ସେହି ଦୁଇ ବର ମାଗିବା ପାଇଁ ଗୁରୁଦେବ ବଶିଷ୍ଠ ମୋତେ ଡାକି କହିଲେ – ଏ ଅଯୋଧ୍ୟା ମାଟି ତୁମକୁ କିଛି ମାଗୁଛି ମହାରାଣୀ, ନିଜର ମାନ ସମ୍ମାନ ବଳି ଦେଇ ଏ ରାଜ୍ୟ ଏବଂ ରାଜାଙ୍କୁ ବଂଚେଇବା ପାଇଁ ତୁମେ ଏକ ମାତ୍ର ମହୀୟସୀ ମହନୀୟା ନାରୀ, ଯାହାଙ୍କ ହାତରେ ଆଜି ଅଯୋଧ୍ୟା ରାଜ୍ୟର ଭାଗ୍ୟ ଭବିଷ୍ୟତ । ଏହାକୁ ହୃଦୟଙ୍ଗମ କରି ନିଷ୍ପତି ନେବେ । ସମସ୍ତ କଥାକୁ ଚିନ୍ତା କରି ସିଦ୍ଧାନ୍ତରେ ଉପନୀତ ହେଲି "ମୁଁ ପଛେ କୂଳ କଳଙ୍କିନୀ ହୋଇଯାଏ, ମୋ ହାତର ଶଙ୍ଖା ଓ ମଥାର ସିନ୍ଦୁର ପଛେ ଲିଭିଯାଉ, ମୋ

ISSN NO.
2582-208X

ପୁଅ ଭରତ ପଛେ ମରୁ, କିନ୍ତୁ ମୋ ରାମର କିଛି ନହେଉ” ସେଇଥିପାଇଁ ତୋ ବାପାଙ୍କର ଦୁର୍ବଳତା ଉପରେ କଠୋର କୁଠାରଘାତ କରିଥିଲି । ଜାଣିଥିଲି ତୋ ବାପା ମୋତେ ସମସ୍ତ ରାଣୀଙ୍କ ଠାରୁ ବହୁତ ଭଲ ପାଉଥିଲେ । ମୋ ଠାରେ ତାଙ୍କର ଦୁର୍ବଳତା ଥିଲା, ତେଣୁ ତୋ ରାଜ୍ୟାଭିଷେକ ଦୂରେଇବା ପାଇଁ କେବଳ କୈକେୟୀ ହିଁ ଏକ ମାତ୍ର ବ୍ୟକ୍ତି ଥିଲା, ଯିଏ କି ରାଜ୍ୟାଭିଷେକକୁ ରୋକିପାରିବ ବୋଲି ଅନୁଭବ ହୋଇଥିଲା । ମୁଁ ତାହା ହିଁ କରିଥିଲି । ତାଙ୍କୁ ବାଧ୍ୟକରି ମୋର ଦୁଇଟି ବର ମାଗିଥିଲି । ପ୍ରଥମ ବର “ରାମ ଚଉଦ ବର୍ଷ ବନବାସ,” ଦ୍ୱିତୀୟ ବର “ ମୋ ପୁଅ ଭରତ ରାଜା ହୋଇ ନିଷ୍କଳଙ୍କ ରାଜ୍ୟ ଭୋଗ କରିବ”

ଏବେ କୁହ ରାମ, ମୁଁ ତୋତେ ବନକୁ ପଠାଇ କଣ ଭୁଲ କରିଥିଲି । ଭଗବାନ ରାମ କହିଲେ ମାଆ ଏ କଥା ବି ଜାଣିଛି । କୈକେୟୀ କହିଲେ ଆହୁରୀ ଏକ କଥା ଶୁଣ “ତୁମେ ସୀତାଙ୍କୁ ବିବାହ କରିଛି, ସୀତା ହେଉଛନ୍ତି ଧରଣୀ ରାଣୀଙ୍କର ଝିଅ । ତୁମେ ଯେବେ ରାଜା ହୋଇଥାନ୍ତ ତେବେ ତୁମ ସହ ଧରୀତ୍ରୀଙ୍କର ବିବାହ କରିବାକୁ ପଡିଥାନ୍ତା । ତୁମେ ଜ୍ୱାଇଁ ହୋଇ ଶାଶୁଙ୍କ ସହିତ କିପରି ବିବାହ କରିଥାନ୍ତ । ତେଣୁ ତୁମେ ରାଜା ହେବା ପାଇଁ ଅନୁପଯୁକ୍ତ ଭାବି ଥିଲି । ସେଇଥିପାଇଁ ପଠାଇଥିଲି । ଯଦି ମୁଁ ଭୁଲ କରିଛି ବୋଲି ଅନୁଭବ କରୁଛି, ତେବେ ତୁମେ ମୋତେ ରାଜା ହେବା ପରେ ଫାଶୀ ଦଣ୍ଡ ଦେବ ନହେଲେ ଭରତକୁ କୁହ “ମୋତେ ମାଆ ବୋଲି ଡାକିବ” କାରଣ ଚଉଦ ବର୍ଷ ମୋର ହୃଦୟ କାନ୍ଦୁଛି। ପୁଅ ବଂଚିଛି କିନ୍ତୁ ମାଆକୁ ମାଆ ବୋଲି ଡାକୁ ନଥିବ ଏହା କେତେ ଯନ୍ତ୍ରଣା ଦାୟକ, ଏ କଥା ସେଇ ମାଆ ହିଁ କେବଳ ବୁଝି ପାରିବ । ଏତେ ସମୟ ଯାଏ ଭରତ ନିରବରେ ଶୁଣୁଥିଲେ । କୈକେୟୀଙ୍କ କଥା ସେ କହିଲେ “ ଭାଇ ! ଆପଣଙ୍କ ବନବାସ ସମୟରେ ମୁଁ ଅଯୋଧ୍ୟାରେ ନଥିଲି ନନ୍ଦୀ ଗ୍ରାମରେ ଥିଲି, କିନ୍ତୁ ଦୁନିଆଁ କହୁଛି ଭରତ ପାଇଁ ରାମ ବନବାସ ଗଲେ । ମୋ ନାମରେ ଏ କଳଙ୍କ ଭାର ଲଦି ହୋଇ ରହିଛି । ଯଦି ମୋ ପାଇଁ ଆପଣଙ୍କ ବନବାସ ହୋଇଥାଏ ତେବେ ଏ ଜୀବନ ଯିବ ପଛେ ମୁଁ କୈକେୟୀଙ୍କୁ ମାଆ ବୋଲି ସମ୍ବୋଧନ କରିବି ନାହିଁ ।” ସମସ୍ତ କଥା ସଭାସଦ୍ ଶୁଣିବାପରେ ସମସ୍ତେ ନିରବ ହୋଇଯାଇଥିଲେ । ସମସ୍ତଙ୍କ ମୁହଁରେ ରାମ ବନବାସ ପାଇଁ ଦାୟୀ କିଏ? କୈକେୟୀ ମାତା କହିଲେ “ କହିଦେ ରାମ ! ତୋ ବନବାସ ପାଇଁ ଦାୟୀକିଏ ? ଭରତ ବି ସମାନ ପ୍ରଶ୍ନ କଲେ ।ଆପଣଙ୍କ ବନବାସ ପାଇଁ ଦାୟୀ କିଏ ?

ISSN NO.
2582-208X

ଏ ପ୍ରଶ୍ନର ଉତର ଦେବାକୁ ଯାଇ ରାମଚନ୍ଦ୍ର କହିଲେ "ମୋ ବନବାସ ପାଇଁ କେହି ଦାୟୀ ନୁହଁନ୍ତ, କେବଳ ଦାୟୀ ହେଉଛି  କର୍ମଫଳ"କ ର୍ମ ଫଳ ହିଁ ଭୋଗିବାକୁ ପଡିବ । ଯାହା ସର୍ବବା ସତ୍ୟ ।

(କ୍ରମଶଃ)

(((-)))

ସା/ପୋ:ସିମିନଈ, ଜିଲ୍ଲା:ଢେଙ୍କାନାଳ
ପିନ-୭୫୯୦୨୫
ମୋ:୯୪୩୭୨୯୦୧୮୧

ISSN NO.
2582-208X

# ଅଭିମାନ



ଜନ୍ମଜୟ ନାୟକ

ଯାହାକୁ ନଜର ଭାବିଥାନ୍ତୁ ଆମେ
ସିଏ ବୁଝେ ମନ,
ତା' ଉପରେ ଆମ ଅଧିକାର ଥାଏ
କରୁ ଅଭିମାନ ।୧।
ବାପାମାଆ ପାଶେ ଅଭିମାନ କରେ
ଅବୁଝା ସନ୍ତାନ,
ତା' ମନକୁ ତୋଷି ଦୁରେଇ ଦିଅନ୍ତୁ
ମାନ ଅଭିମାନ ।୨।
ଅଭିମାନ କରେ ଭକତଟି ପୁଣି
ପ୍ରଭୁଙ୍କ ଉପରେ,
ଦୁଃଖୀଜନ ଦୁଃଖ କେମିତି ସହୁଛ
ବୋଲିସେ ପଗ୍ଭରେ ।୩।
ପାଷାଣ ନୁହଁଇ ଭକ୍ତ ଦୁଃଖେ ଦୁଃଖୀ
ସେହି ଭଗବାନ,
ଭକତ କଷଣ ଦୂର କରିଥାନ୍ତୁ
ମାନକରି ଭଞ୍ଜନ ।୪।
ଅଭିମାନ ରୂପ ଅଲଗା ଅଲଗା
ସ୍ଥଳ ବିଶେଷରେ,

ISSN NO.
2582-208X

କଏ କୋପଭରେ  କେତେକଥା କହେ
କଏ ନୀରବରେ ।୫।
ଭାଇର ଥଟ୍ଟାକୁ  ସହିପରେ ନାହିଁ
ତା'ର ଭଉଣୀଟି,
ଅଭିମାନ କରି  ରୁଷି ବସିଥାଏ
କରିଦେଇ କଟି ।୬।
ଭାଇ ତାହାର  ଭାରି ବୁଝିବାର
ଗେହ୍ଲେଇ ସେ କହେ,
ଭଉଣୀର ମାନ  ଯେତେ ଅଭିମାନ
ନିମିଷେ ଦୂରାଏ ।୭।
ସାଙ୍ଗସାଥୀଠାରେ  ଯେତେ ଅଭିମାନ
କ୍ଷଣିକେ ଉଭାଏ,
ଥଟ୍ଟା ମଜା ଗେଲ  ରାଗ ରୁଷା ଯେତେ
ଖାଲି ମନେ ରହେ ।୮।

(((-)))

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ,
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଜୀବନର ଚଲାପଥ



ଗାୟତ୍ରୀ ସାହୁ

ପାଗଳ ତୁ ବିତ୍ତ ମୋହରେ। ଶ୍ରୀବିଷୟ ଭୁଲି ଯାଆରେ।।
ପଡ଼ିଲେ ତୁ ମୃତ୍ୟୁ ମୁଖରେ। ନେବୁନାହିଁ କିଛି ସାଙ୍ଗରେ।।
ଧରାପୃଷ୍ଠେ ଅବତରଣ। ପୂର୍ଣ୍ଣ କର ଜନ୍ମ କାରଣ।।
ଜୀବନେ ଅଛ ଯେତେଦିନେ। ଦୁଃଖ ଦେବନି କାହା ମନେ।।
ମନୁ କ୍ରୋଧ ଦେବ ଦୂରେଇ। ଶାନ୍ତକୁ ନେବ ଆପଣେଇ।।
ଉତ୍ତମ ଭାବେ ବ୍ୟବହାର। ମନ କିଣିବ ସଭିଙ୍କର।।
ସଭିଙ୍କୁ କରିବ ନିଜର। କିଏ ନୁହଁନ୍ତି ଏଠି ପର।।
ହୃଦୟେ ଭରରେ ଅମିୟ। ଧରା ହେବ ଅମୃତମୟ।।
ଧର୍ମବାଡ ଦେବୁ ଦୂରେଇ। ସମସ୍ତେ ଏଠି ଭାଇଭାଇ।।
ରକ୍ତ ସମାନ ସଭିଙ୍କର। ଜାତି ଅଜାତି ନ ବିଚାର।।
ସଭିଙ୍କର କରିବୁ ସେବା। ଏହା ଅଟେ ମାଧବ ସେବା।।
ଯାହା ହେଲେ ବି ଜୀବନରେ। ଆପଣେଇ ତାକୁ ନେବୁରେ।।
ସୁଖ ହେଉ ବା ଦୁଃଖ ହେଉ। ସର୍ବଦା ତାକୁ ଆପଣାଉ।।
ଉଦ୍ୟମ ନ କର ମୃତ୍ୟୁର। ମହାପାପ ଏହା ମହୀର।।
ଅରାତି ହେଲେ ବି ତୁମର। ଉତ୍ତମ ଆଚରଣ କର।।
ଆପଣାଅ ସତ୍ ଅୟନ। ସୁଖମୟ ହେବ ଜୀବନ।।
କର୍ତ୍ତବ୍ୟ ଅଟଇ ତୁମର। ସେବାକର ପିତା ମାତାର।।
ନାରୀଙ୍କୁ ଉଚିତ୍ ସମ୍ମାନ। ଦେଉଥିବ ସାରା ଜୀବନ।।
ସମ୍ପର୍କ ମୋହକୁ ଭୁଲିବୁ । ଏକାକୀ ଜୀବନେ ଚାଲିବୁ।।

(((-)))

ଗୁମାଗଡ, କନ୍ଧମାଳ

ISSN NO.
2582-208X

# ମାଛ



ସୁନନ୍ଦା ମହାନ୍ତ

ସୌମ୍ୟର ସ୍ତ୍ରୀ ନୂଆବୋହୂର ମାଛ ଖୁବ ପସନ୍ଦ । ସବୁଦିନ ଶାଶୁମାଆଙ୍କ ବର୍‌ଦରେ ଘରକୁ ମାଛ ଆସୁଥିଲେ ବି ଶାଶୁମା କେବେ ଖାଆନ୍ତୁ ନାହିଁ । ବୋହୂର ସାହାସ ହୁଏନ ପଗ୍ଭରିବାକୁ କାହିଁକି ବୋଲି କିନ୍ତୁ ସୌମ୍ୟ କହେ ସେ ତୁମ ଭଳି ବିଲେଇ ହୋଇକି ନାହିଁ । ଏ ଉତ୍ତର ଶୁଣି ସ୍ନିଗ୍ଧାକୁ ଲ୍‌ଗେ ତେବେ ଆଗରୁ କଣ ମାଆ ବିଲେଇ ପରି ମାଛ ଖାଉଥିଲେ ? ଏବେ ତେବେ କାହିଁକି ଖାଉନାହାଁନ୍ତୁ ବୋଲି ଭ୍ବେ କିନ୍ତୁ ପଗ୍ଭରିପାରେନା, ଯଦିଓ ମାମୁଁଘର ସମୁଦ୍ରକୂଳଆ ଅଞ୍ଚଳରୁ ଆସୁଥାଏ ଋତୁ ଅନୁଯାଇ ଢେର ମାଛ ତା ପାଇଁ । ମାଆ କହନ୍ତୁ କାହିଁ ଏତେ କଷ୍ଟ କରି ଆସିଲ ଦାମ କକା ? ତ ମାମୁଁଘର ପ୍ରଜା ଦାମକକା କହନ୍ତୁ ତୁମେ ସିନା ଛାଡିଦେଲ ମାଛ ଖାଇବା ଦେଇ ହେଲେ ନୂଆବୋହୂ ମାଆ ପର୍ ମାଛ ପ୍ରିୟ୍ । ଏଥର ସ୍ନିଗ୍ଧା କିନ୍ତୁ ଗୋଟେ କଥାରେ ନିଶ୍ଚିନ୍ତ ହୋଇଗଲେ ଯେ ଆଗରୁ ମାଆ ତେବେ ଖାଉଥିଲେ ମାଛ ।ମାଛତ ମାଛ ର୍‌ୋହି ଭ୍‌କୁର ମୁଣ୍ଡ ।

ସ୍ନିଗ୍ଧା ନୂଆରୁ ପୁରୁଣା ହୋଇ ଦୁଇ ଦୁଇଟା ଛୁଆର ମାଆ ହେଲେଣି । ଲ୍‌ଜ ଭୟ୍ ସଂଭ୍ରମ ବଦଳରେ ସାହାସୀ, ନିର୍ଭୟ୍ା ହେବା ସହ ପରିବାରର କର୍ତ୍ତୀ ନହେଲେ ମଧ୍ୟ ମୁକ୍ତପକ୍ଷୀଟିଏ ହୋଇପାରିଲେଣି । ସେଦିନ ଡ଼ଲଫିନ ଦେଖିବାକୁ ଯାଇ ପିଲ୍‌ଦୁହିଁଙ୍କ ସହ ସ୍ୱାମୀଙ୍କ ସଙ୍ଗେ ଶାଶୁଙ୍କୁ ବାଧ୍ୟ କରି ଜୋର କରି ନେଇଯାଇଥିଲେ । ଆସନ୍ତୁ ମାଆ ସେତେବେଳର ଡଲଫିନ ଓ ଏବେର ଡଲଫିନଙ୍କ ମଧ୍ୟରେ ପ୍ରଭେଦ ଦେଖିବେ. ସତକୁ ସତ କେତେ ସମ୍ବେଦନଶୀଳ ସେମାନେ ! ଗ୍ରୁପ ପରେ ଗ୍ରୁପରେ ଯାଉଥିବା ଦର୍ଶକ ଭିତରେ ଥିବା ସମସ୍ତଙ୍କୁ କଥାରେ ନକହି ଠାରରେ ହାଲୋ୍ ହାଏ କରିବା ଓ ସମସ୍ତଙ୍କୁ ଗେଲ କରିବା ଆଦି ସମ୍ବେଦନଶୀଳ କାର୍ଯ୍ୟକଳାପରେ ଅଭିଭୂତ ହେଉ ହେଉ ଫେରିଲ୍ ବେଳେ ମାଆ କହୁଥିଲେ ଏ ତିମି,

ISSN NO.
2582-208X

ଡଲଫିନମାନଙ୍କ ଭଳି ମାଛମାନେ ମଧ୍ୟ ଖୁବ ସମ୍ବେଦନଶୀଳ । ସ୍ନିଗ୍ଧା କିଛି ବୁଝି ବି ନବୁଝିବା ଆଖିରେ ଶାଶୁଙ୍କୁ ଚାହିଁ ଭାବୁଥିଲା ମାଛ ଖାଇବାକୁ ଡାକ୍ତର ମାଆଙ୍କୁ ପରାମର୍ଶ ଦେଲା ବେଳେ ମାଆଙ୍କର ମାଛମାନଙ୍କ ସମ୍ବେଦନଶୀଳତା ହୁଏତ ଅତୀତରେ କିଛି ଘଟଣା ଘଟିଛି ଯାହାଦ୍ୱାରା ମାଆ ମାଛ ଖାଇବାକୁ ରାଜି ନୁହଁ । ଏଣିକି ଗାଁ ଘରେ ପୋଖରୀ ଗାଧୁଆ ବନ୍ଦ ମାଆଙ୍କର, ନଈତୁଠରେ ବସି ଭାବନା ରାଇଜରେ ବୁଡିଯିବାରେ କଟକଣା ସ୍ନିଗ୍ଧାଙ୍କର, କାରଣ ଛୋଟ ବଡ଼ ମାଛଙ୍କ ସନ୍ତରଣ ଦୃଶ୍ୟ ଭିତରେ ହୁଏତ ଲୁଚିଛି ମାଆଙ୍କର ଏଇ ମାଛ ନଖାଇବାର କାରଣ ବୋଲି ମନେହୁଏ ସ୍ନିଗ୍ଧାଙ୍କୁ । କେମିତି ମନେଇ ମାଆଙ୍କୁ ମାଛ ଖୁଆଇବାକୁ ପଡିବ ବୋଲି ଚିନ୍ତିତ ରହୁଥିଲେ ସ୍ନିଗ୍ଧା । ହେମୋଗ୍ଲୋବିନ ପୁରା କମ, କେତେଥର ଝୁଙ୍କି ପଡିଲେଣି ମାଆ ଘରେ ଏ ଭିତରେ ।

ଲେଖାଲେଖି କରୁଥିବାରୁ କେବେ କେବେ କବି ସମ୍ମିଳନୀ ବା ସାହିତ୍ୟ ଆସରକୁ ଯିବାକୁ ହୁଏ ସ୍ନିଗ୍ଧାଙ୍କୁ ତ ସେଦିନ ଅଟୋରେ ଫେରିବାବେଳେ ସ୍କୁଲ ଫେରନ୍ତା ଛାତ୍ରୀମାନଙ୍କୁ ଦେଖି ବାନ୍ଧବୀ ଜଣେ କହୁଥାନ୍ତି ଆଜିକାଲି ବାଟ, ଘାଟ, ହାଟର ପରିବର୍ତ୍ତନ ଯୋଗୁଁ କେତେ ସୁବିଧା! ଆମ ପିଲାବେଳେ ଏସବୁ ସୁବିଧା କୋଉଠି ଥିଲା! କେତେ କଷ୍ଟରେ ଆମେ ପାଠ ପଢ଼ିବାକୁ ଯାଇ ଆସି କଷ୍ଟ କରି ପାଠ ପଢୁଥିଲୁ ଏ ଗାଁ ଗଣ୍ଡାରେ. ସହରରେ ବଢିଥିବା ସ୍ନିଗ୍ଧା ଏସବୁ ଅସୁବିଧାର ସମ୍ମୁଖୀନ ହୋଇନଥିଲେ ତ ସ୍ୱାମୀଙ୍କୁ ପଚାରିଥିଲେ କି କି ଅସୁବିଧା ଥିଲା ସେତେବେଳେ ଗାଁ ମାନଙ୍କରେ!

ସୌମ୍ୟଙ୍କ ଆଖି ଆଗରେ ଭାସି ଉଠିଲା ନିଜ ପିଲାଦିନକଥା । ବାପା ଥିଲେ ଶିକ୍ଷକ । ଅଳ୍ପ ଦରମାରେ ଜେଜେ ଜେଜେମା ତଥା ଦୁଇପିଇସୀ ଓ ମାଆ ସହ ସେ ଦୁଇ ଭାଇ ଭଉଣୀଙ୍କୁ ଚଳେଇବା ଭିତରେ ବାପା ଖୁବ କଷ୍ଟ କରୁଥିଲେ । ବାରି ବାଇଗଣ ଚକଟା ଲଗେଇ ଭାତ ଖାଇବା ଯେମିତି ଅଭ୍ୟାସ କରି ନେଇଥିଲେ ସେ । ସେଦିନ ଜେଜେ ମାଛଟିକେ ଖାଇବାକୁ ମନ କରିବାରୁ ବାପା ମାଛ ଆଣିଥିଲେ ଓ ବୋଉ ସବୁଥର ପରି ଖୁବ ସୁଆଦିଆ ରାନ୍ଧିବା ଆରମ୍ଭ କରିଦେଇଥିଲା ଭିତରେ ବାପା କହିଲେ ଦେହଟା ଟିକେ ଭଲ ଲାଗୁନ । ସଂସାରର ଦୁଃଖ କଷ୍ଟ କିଛି ବୁଝିବା ବୟସ ପୂର୍ବରୁ ଆମେ ଦୁଇଭାଇଭଉଣୀ ଜାଣିଥିଲୁ ବାପାଙ୍କ ଦେହ ଖରାପ ହେଲେ ଆମେ ଭାଇ ଭଉଣୀ ବାପାଙ୍କ ଉପରେ ଚଢି ଅଣ୍ଟାରୁ ପାଦ ଯାଏଁ ଘଷି ଦେଲେ ବାପା ଉଠି ବସିବେ । ଏଥର ମଧ୍ୟ ସେମିତି କରୁଥିଲୁ ହେଲେ ସବୁଥର ପରି ବାପା ଆମକୁ ଶହେରୁ ମୋର କେତେ ବା ମୋ ଭଉଣୀର କେତେ ନକହି ପଡି ରହିଥାଆନ୍ତି ।

ISSN NO.
2582-208X

ଜେଜେ ଓ ଜେଜେମାଆଙ୍କୁ ଖାଇବାକୁ ଦେଇସାରି ମାଆ ବାପାଙ୍କୁ ଡାକୁଥିଲା ଆଉ ସେ ଉଠୁନଥିଲେ । ମାଆ କହୁଥିଲା ଦୁଇ ଭଉଣୀଙ୍କ ବାହାଘର ପାଇଁ ହୋଇଥିବା କରଜ ଶୁଝିବାକୁ ଜମା ଡର ନାହିଁ ।ମୋ ଭାଇଙ୍କୁ କହିଛି ଏ ସନ ଧାନ ବିକ ଆମକୁ ପଇସା ଦେଲେ ଆମେ ଆଗ କରଜ କରଜ ଶୁଝି ଦେବା. ପରେ ଆସ୍ତେ ସୁସ୍ତେ ତାଙ୍କୁ ଟଙ୍କା ଦେଇଦେବା କହି ଯେତେ ବାପାଙ୍କୁ ଡାକଲେ ବି ସେ ଉଠୁନଥିଲେ । ହଲେଇ ଦେଇ ଛାତିରେ ହାତ ରଖି ମାଆ କଣ ବାରିଲା କେଜାଣି ଭେ ଭୋ କାନ୍ଦି ମୋ ସଂସାର ଭାସିଗଲା କହୁଥିଲା । ରାସ୍ତା ଘାଟ ଭଲ ନଥିବାରୁ ହସ୍ପିଟାଲ ନେଇ ହେଲାନି ବାପାଙ୍କୁ । ସ୍କୁଲ ହେଡ୍‌ମାଷ୍ଟରଙ୍କ ପୁଅ ସହରରେ ଡାକ୍ତରୀ ପଢୁଥାଆନ୍ତି । ଛୁଟିରେ ଗାଁରେ ଥିବାରୁ ସେ ଭାଇନା ବାପାଙ୍କୁ ଦେଖି କହିଲେ ପ୍ରଥମ ଷ୍ଟ୍ରୋକରେ ହାର୍ଟ ଆର୍ଟାକରେ ମଉସା ଆଉ ନାହାଁନ୍ତି । ସେହି ଚିନ୍ତାରେ ଜେଜେ ଓ ଜେଜେମା ଆଗ ପଛ ହୋଇ ଗଲେ । ଆଉ ମାମୁଁଘର ସହାୟତାରେ ଭଉଣୀ ବେବିନାର ପଢ଼ା ବାହାଘର ଇତ୍ୟାଦି ହେବା ସହ ମୁଁ ମଧ୍ୟ ଆଜି ଡାକ୍ତର । ହେଲେ ମାଆ .. କହି ଅଟକି ଯାଉଥିବା ସୌମ୍ୟଙ୍କ କଥା ସମ୍ପୂର୍ଣ୍ଣ କରି ସ୍ନିଗ୍ଧା କହିଲେ ସବୁଦିନ ପାଇଁ ମାଛ ଛାଡିଲେ । ଆଁ କରି ଅନେଇ ଥିଲେ ସୌମ୍ୟ ସ୍ନିଗ୍ଧାଙ୍କ ମୁହଁକୁ ।

ସେଦିନ ହଠାତ ସ୍ନିଗ୍ଧା କହିଲେ ତୁମେ ଡାକ୍ତର ପୁଅ ହୋଇ ମାଆଙ୍କୁ ମାଛ ଖୁଆଇବାକୁ କେତେ ଚେଷ୍ଟା କରିଛ ଶୁଣେ ? ସୌମ୍ୟ ସିନା ଚୁପ ରହିଲେ ହେଲେ ସ୍ନିଗ୍ଧା କିଛି ପରାମର୍ଶ କଲେ କୁଳ ପୁରୋହିତଙ୍କ ସହିତ ଗୁପ୍ତରେ ତ ସେ ଶଶୁରବାପାଙ୍କ ଶ୍ରାଦ୍ଧ ପୂର୍ବରୁ ଘରେ ପହଞ୍ଚି ମାଆଙ୍କ ଆଗେ କିଛି କହିଲେ । ଭିତରେ ଭିତରେ ସ୍ନିଗ୍ଧା ଖୁସି ଥିଲେ ତ ଶ୍ରାଦ୍ଧ ସରି, ପଞ୍ଚୁପତ୍ରରେ ଆମିଷ ବଢ଼ା ଯାଇଥିବା ଗୋଟେ ପତ୍ର ଭିଡ଼ିଆଣି ମାଆ ବସିବା ଦେଖି ସୌମ୍ୟ ବିସ୍ମିତ ହୋଇ ସ୍ନିଗ୍ଧାଙ୍କୁ ଚାହୁଁଥିବା ଦେଖି ପରେ ସ୍ନିଗ୍ଧା କହିଥିଲେ କୁଳ ପୁରୋହିତ କହିଗଲେ କି ଘରେ ଲାଗୁଥିବା ଆମିଷ ପଞ୍ଚୁପତ୍ରରେ ଯଦି ବର୍ତ୍ତମାନର ମୁରବୀ ବସି ମାଛ ନଖାଆନ୍ତି ତେବେ ପୁତ୍ର ଉପରେ ଶନି ଓ ମଙ୍ଗଳଙ୍କ ଅଶୁଭ ଦୃଷ୍ଟି ରହିବ । ହେଲେ ତୁମେ ଏତେ କଥା କେମିତି ଜାଣିଲ! ମାଆ ମତେ ତ ଏ ବିଷୟରେ କିଛି କହିନି । ମତେ କହିଛନ୍ତି ନା କହି ଚୁପି ଚୁପି ହସୁଥିଲେ ସ୍ନିଗ୍ଧା ।

(((-)))

ସାକ୍ଷୀଗୋପାଳ,
ପୁରୀ/9040977327

ISSN NO.
2582-208X

# ମାଁ'ର ସ୍ୱରୂପ



ଭଗତର୍‌ାମ ଶବର

ଧରିତ୍ରୀ ସଦୃଶ ସହନ ଶିଳତା ।
ଆକାଶରୁ ଉଚ୍ଚତା ଶିର୍ଷତା।।୧।।
ଆକାଶ ସ୍ୱରୂପ ଶାନ୍ତ ଓ ମହାନତା ।
ସମୁଦ୍ର ସ୍ୱରୂପ ଦୀର୍ଘତା, ଗଭୀରତା ।।୨।।
ଚନ୍ଦ୍ରାଲୋକ ସମ ଶିତଳତା।
ସୂର୍ଯ୍ୟାଲୋକ ସମ ଉଜ୍ଜ୍ୱଳତା।।୩।।
ପୁତ୍ର କନ୍ୟାର ଢାଲ ସ୍ୱରୂପ ମାଁ'ର କାଣିପନତ ।
ଝଡ଼ ପବନ ଧୂଳି ମଳିରୁ ରକ୍ଷା କରତା ।।୪।।
ସରଗ ସମାନ ମାଁ'ର କୋଳ।
ମାଆର ବାହୁ ଝୁଲଣା ଦୋଳ।।୫।।
ମାଆ ର ଖାକ ଅଭୟ ସ୍ଥଳ ।
ମାଆର କ୍ଷୀର ଅମୃତ ତୁଳ।।୬।।
ମାଆର ସ୍ନେହା ଶୀଷ ,ଆଶୀର୍ବାଦ ଅଜର ଅମର ।
ସେହି ପୁଣ୍ୟମୟୀ ମାଁ'ର ପବିତ୍ର ଚରଣ ତଳେ ଆଶ୍ରିତ ମୂର୍ଖ ଭଗତରାମ ଶବର।।୭।।
ମାତୃ ପିତୃ ସେବା ମୋତେ ଅଜ୍ଞାନ ।
ବୁଦ୍ଧି, ବିବେକ ମୋର ଅଟଇ ଶୂନ୍ୟ ।।୮।।
କ୍ଷୀଣ ବୁଦ୍ଧିରେ ମା'ର ସ୍ୱରୂପ କଲି ବର୍ଣ୍ଣନ ।
ଦୋଷ ଥିଲେ କ୍ଷମିବେ ମୋର ମାତୃ ଶକ୍ତିମାନ।।୯।।

(((-)))

ମହୁଲଭଟା, କୋମନା, ନୂଆପଡ଼ା

ISSN NO.
2582-208X

# ଆଶା ଓ ସ୍ୱପ୍ନ



ଡ. ପଲିମର ଦାଶ

ପ୍ରଭାତରେ ତାରା ମିଶିଗଲା ପରେ
ଆସେ ଏକ ନୂଆଁ ଦିବସ
ପ୍ରତ୍ୟେକ ଦିବସ ଏକ ନୂଆଁ ଆଶା
ଏଇ ଆଶାରେ ହିଁ ତ ମଣିଷ ବଞ୍ଚେ ।
ବଞ୍ଚିବାର ଆଶା ପୁଣି ନୂଆଁ ଭରସା
ଏ ଭରସା ତ ମଣିଷର
ପାଦ ପଦ୍ମକୁ ଚିରିଦେଇ ଯାଏ ।
ଆଶା ଭିତରେ କେତେ ଯେ ଆଶା
ଲୁଚାଇଲେ ବି ବାରି ହୋଇଯାଏ
ଆଖିର ଭାଷାରେ
ସାରା ଦୁନିଆଁ ବୁଝେ ।
ଏ ଦୁନିଆଁ କାହାରି ନୁହେଁ
କେତେ ଆସିବେ କେତେ ଯିବେ
ହେଲେ ସେ କାହାରି ନୁହେଁ ।
ମାୟାରେ ଖେଳାଇବା
ସେ ଖେଳରେ ପୁଣି ଛନ୍ଦି ହେବା
ଅସୀମ ନିରାକାର
ଏ ସବୁ ଶବ୍ଦର ମୂଳରେ ଥିବା
ସେ ପରମ ଦେବତାର
ଲୀଳା ଭୂମିରେ ଆମେ ସବୁ ନର୍ତ୍ତକୀ

(((-)))

ଝାରସୁଗୁଡ଼ା

ISSN NO.
2582-208X

# ସାମାଜିକ ଆବେଦନରେ ପରିପୂର୍ଣ୍ଣ: ସତ୍ୟପ୍ରିୟ ମହାଳକଙ୍କ "ତିନଆଖ୍ୟାନ"



ଦମୟନ୍ତୀ ଜେନା

ସ୍ୱତନ୍ତ୍ର ଦୃଷ୍ଟି, ନିଜସ୍ୱ ଢଙ୍ଗ, ତୀକ୍ଷ୍ଣ ଉକ୍ତି, ନିର୍ଭୀକ ଯୁକ୍ତି, ଲୋକ କଥିତ ଭାଷା ଆଦି ମାଧ୍ୟମରେ ପ୍ରଚଳିତ ସମାଜର ଆବେଗକୁ ଅନୁଭୂତି ପ୍ରସୂତ ଢାଞ୍ଚାରେ ଉପସ୍ଥାପନ କରିବାରେ ଲେଖକ ସତ୍ୟପ୍ରିୟ ମହାଳିକଙ୍କ ଲେଖନୀ ବାରିହୋଇପଡ଼େ । ଚରିତ୍ରର ରୂପାୟନ, ଭାବ ବସ୍ତୁଗତ ପରିକଳ୍ପନା, ଅବଚେତନ ମନର ବିଶ୍ଳେଷଣ ପ୍ରଭୃତିରେ ଲେଖକଙ୍କ ଦୃଷ୍ଟି ନିଆରା । ସମ୍ବାଦପତ୍ରର ସ୍ତମ୍ଭକାର ଭାବରେ ତାଙ୍କର ପରିଚିତି ମଧ୍ୟ ସ୍ୱତନ୍ତ୍ର । ୨୦୧୧ ମସିହାରେ ଉପନ୍ୟାସ 'ଶୂନ୍ୟକାଳ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାର ପ୍ରାପ୍ତ ଲେଖକ ସତ୍ୟପ୍ରିୟ ମହାଳିକ ବୃତ୍ତିରେ ଜଣେ ଅଧ୍ୟାପକ ମଧ୍ୟ । ସେହି ଧୂରୀଣ ସାହିତ୍ୟିକଙ୍କ ଗଳ୍ପ ସଙ୍କଳନ "ତିନି ଆଖ୍ୟାନ" ମୋର ଆଲୋଚ୍ୟ ପ୍ରସଙ୍ଗ। ତିନୋଟି ଭିନ୍ନ ସ୍ୱାଦର ଆଖ୍ୟାନକୁ ନେଇ ରଚିତ ଏହି ଗଳ୍ପ ସଙ୍କଳନଟି ଉଭୟ ଐତିହାସିକ ଓ ସାମାଜିକ ଆବେଦନରେ ପରିପୂର୍ଣ୍ଣତା ଲାଭ କରିଛି। ପ୍ରଚଳିତ ସମାଜରେ ଘଟୁଥିବା ଆଖିଦେଖା ଘଟଣା, ଅଙ୍ଗେଲିଭା ଅନୁଭୂତି ଏବଂ ତା'ର ପୂର୍ବବର୍ତ୍ତୀ ଅବସ୍ଥିତିକୁ ନେଇ ଉକ୍ତ ଆଖ୍ୟାନତ୍ରୟ ବିଶିଷ୍ଟ ରୂପେ ପରିକଳ୍ପିତ ହୋଇଛି । ମଣିଷ ମନର ସମ୍ବେଦନା, କଳ୍ପନା ଓ ମାନବୀୟ ଗୁଣାବଳୀକୁ ଦବେଇ ରଖିବାର ନିଷ୍ଠୁର ଯୋଜନା ବିହିତ ଉଦ୍ଦେଶ୍ୟକୁ ସର୍ବସମ୍ମୁଖରେ ଉପସ୍ଥାପନ କରାଇବାରେ 'ତିନି ଆଖ୍ୟାନ' ର ତିନୋଟି ବିଷୟ (ଉଦୁଉଦୁମା ତାଳଗୋଟମା, ଅର୍ଦ୍ଧକଥା, କ୍ଲୀବଲିଙ୍ଗ) ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ISSN NO.
2582-208X

ଉଦୁଉଦୁମା ତାଳଗୋଟମା (ପକ୍ଷୀଘର ପୂଜାସଂଖ୍ୟା, ୨୦୦୮)

ଗାନ୍ଧିବାଦୀ ଆଦର୍ଶକୁ ଆପଣେଇ ନେଇଥିବା ପ୍ରତ୍ୟେକ ବ୍ୟକ୍ତି ଯୁଗେ ଯୁଗେ କାରାବରଣ କରିଛନ୍ତି । ନିଜର ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି । ଏହାର ପ୍ରମାଣ ଓଡ଼ିଆ ସାହିତ୍ୟ ଜଗତରେ କିଛି ନୂଆ କଥା ନୁହେଁ । ଉଦାହରଣ ରୂପେ ଗୋପୀନାଥ ମହାନ୍ତିଙ୍କ 'ମାଟିର ମଣିଷ' ଓ 'ଲୁହାର ମଣିଷ' ଉପନ୍ୟାସକୁ ମନ୍ଥନ କରିପାରିବା । କେବଳ ଏହି ଦୁଇଟି କାହିଁକି ଆହୁରି ଅନେକ ସାହିତ୍ୟିକ ସେମାନଙ୍କର ଲେଖନୀ ମାଧ୍ୟମରେ ଯୁଗ ଯୁଗ ଧରି ଗାନ୍ଧିଜୀଙ୍କ ଆଦର୍ଶକୁ ଓଡ଼ିଆ ସାହିତ୍ୟ ପୃଷ୍ଠାରେ ଜୀବିତ କରି ରଖିଛନ୍ତି । ଏ ସମ୍ପର୍କିତ ଏକବିଂଶ ଶତାବ୍ଦୀର ଏକ ଆଖ୍ୟାନ ହେଉଛି ସତ୍ୟପ୍ରିୟ ମହାଳିକଙ୍କ 'ଉଦୁଉଦୁମା ତାଳଗୋଟମା' । ଦୁଇଟି ଗାଁ ଉଦୁଉଦୁମା ଓ ତାଳଗୋଟମାର ଚିତ୍ର, ଚରିତ୍ର, ପ୍ରସଙ୍ଗ ଏହି ଆଖ୍ୟାନର କଥାବସ୍ତୁ ରୂପେ ପ୍ରତିଫଳିତ ହୋଇଛି। ତୁଳନାତ୍ମକ ଦୃଷ୍ଟିଭଙ୍ଗୀରୁ ବିଚାରକଲେ ଦୁଇ ଗାଁର କାହାଣୀ ବିପରୀତ ଧାରଣା ସୃଷ୍ଟି କରେ । ଏକ ପଟେ ଯାନ୍ତ୍ରିକ ମଣିଷର ଭୌତିକବାଦୀ, ଦେହାତ୍ମବାଦୀ, ସ୍ୱାର୍ଥପର, ଧନଲୋଭୀ, ବସ୍ତୁବାଦୀ ଭାବଧାରା ଓ ଅନ୍ୟପଟେ ମାଟିର ମଣିଷର ଆଧ୍ୟାତ୍ମିକ, ନିରଳସ, ସାଧୁ, ଭାବବାଦୀ ଓ ନିଃସ୍ୱାର୍ଥପର ଭାବଧାରା । ଉଭୟ ଭାବଧାରାର ବର୍ଣ୍ଣନା, ସଂଯୋଜନା ଖୁବ୍ ଉଚ୍ଚକୋଟୀର ଏବଂ ବିଶେଷ ରୂପେ ଶିକ୍ଷଣୀୟ ମଧ୍ୟ ।

ବାପୁଜୀଙ୍କ ମୃତ୍ୟୁ ଓ ସ୍ୱାଧୀନତା ହାସଲ କରିବାଦିନଠୁ ଉଦୁଉଦୁମା ଗାଁ ଏକ ଦୁର୍ଯୋଗମୟ ପରିସ୍ଥିତିକୁ ସାମ୍ନା କଲା । ଉଦୁଉଦୁମା ଗାଁର ଲୋକେ ନିଜ ନିଜର ଛାଇ ହରାଇ ବସିଲେ । ଲେଖକଙ୍କର ଏପ୍ରକାର ଲେଖନୀରୁ ଛାଇ ହରାଇବା ପ୍ରସଙ୍ଗ ସମ୍ପର୍କରେ ମନରେ ପ୍ରଶ୍ନ ଆସେ। ପ୍ରକୃତରେ ଏ ଛାଇ କଣ ହୋଇଥାଇପାରେ ? ଆଲୋକର ଅବରୋଧ ଯୋଗୁଁ ସୃଷ୍ଟି ହେଉଥିବା ମଣିଷର ପ୍ରତିବିମ୍ବକୁ ଏ ଛାଇ ବୁଝାଏ ନାହିଁ ବରଂ ଏ ଛାଇ ମଣିଷର ଅସ୍ତିତ୍ୱକୁ ବୁଝାଏ। ପ୍ରାଚୀନ ପ୍ରଥା, ପରମ୍ପରା, ଜୀବନ ଶୈଳୀ, ପାଣି-ପବନ-ବଣ-ଜଙ୍ଗଲ, ପଶୁ-ପକ୍ଷୀ, ପ୍ରାକୃତିକ ସଂପଦ, ଖଣିଜ ସଂପଦ, ସତ୍ୟ-ଅହିଂସାର ମାର୍ଗକୁ ବୁଝାଏ । ଯାହାକି ତାଳଗୋଟମା ଗାଁରେ ହିଁ ପ୍ରତିଫଳିତ ହୋଇପାରିଛି । ଏହି 'ଛାଇ' କୁ ଆଗକୁ ପଥ କଢେଇ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ତାରା ଶବରର ପୁଅ ଜାରା ଶବର । ଛେଳି ଦୁଗ୍ଧ, ମୋଟର ଟାୟାରର ଚପଲ ଉତ୍ପାଦନ, କୁଟୀର ଶିଳ୍ପ, ପ୍ରାକୃତିକ ଓ ଜୈବିକ ପ୍ରକ୍ରିୟାରେ ଶକ୍ତି, ଇନ୍ଧନ, କୃଷି, ଚିକିତ୍ସା ଓ ବାଣିଜ୍ୟ, ସମବାୟ ବ୍ୟାଙ୍କ ଆଦି ମାଧ୍ୟମରେ

ISSN NO.
2582-208X

ତାଳଗୋଟମା ଗାଁ ଲୋକମାନଙ୍କୁ ଅଳ୍ପରେ ସନ୍ତୁଷ୍ଟ ହେବାର କଳା ଶିଖାଇଛି । ଆବଶ୍ୟକତାକୁ ନିୟନ୍ତ୍ରଣ କରିବାର କୌଶଳ ଶିଖାଇଛି । ଯନ୍ତ୍ର ଅପେକ୍ଷା ହାତର କାମକୁ ବେଶି ଗୁରୁତ୍ୱ ଦେଇଛି । ଶୋଷଣ, ଅନ୍ୟାୟ, ଘୋଷ୍ ଖୋରୀର ବିରୋଧ କରିଛି । ସ୍ୱଦେଶୀ ବସ୍ତୁର ଉତ୍ପାଦନ ଓ ବ୍ୟବହାରକୁ ସମର୍ଥନ କରିଛି । ତାଳଗୋଟମା ଗାଁରେ ଏକ କ୍ରାନ୍ତି ସୃଷ୍ଟି ହୋଇଛି - "ତାଳଗୋଟମାରେ କିନ୍ତୁ ଗୋଟେ କ୍ରାନ୍ତି ଆସିବାକୁ ଯାଉଥିଲା । ସବୁ ଲୋକ ନିଜ ହାତରେ ନିଜ କାମ କରୁଥିଲେ । ସବୁ ଲୋକ ମୋଟର ଟାୟାର ଚପଲ ତିଆରି କରି ପିନ୍ଧୁଥିଲେ । ପବନ କଳ ଚଳେଇ ପାଣି ସିଞ୍ଚନ କରୁଥିଲେ, ଛେଳି ଦୁଧ ପିଉଥିଲେ ଓ ତା' ସାଙ୍ଗକୁ ମହୁଚାଷ ସମବାୟ, ହସ୍ତଶିଳ୍ପ ଓ ଖଦି ଇତ୍ୟାଦିରେ ମନ ଦେଉଥିଲେ ।" (ତିନିଆଖ୍ୟାନ, ପୃ-୩୫) କିନ୍ତୁ ଅପର ପାର୍ଶ୍ୱରେ ଉଦୁଉଦୁମା ଗାଁ ଗ୍ଲୋବାଲ୍ ଗାଁ ହେବାର ମୋହରେ ଆଚ୍ଛନ୍ନ ହୋଇ ଧୀରେ ଧୀରେ ନିଜର ପ୍ରକୃତ ଅସ୍ତିତ୍ୱ ଓ ଗାରିମାକୁ ହରାଇବାରେ ଲାଗିଲା । ଗାଁର ଲୋକମାନେ ଟଙ୍କା ଗଛରୁ ଟଙ୍କା ତୋଳିବା ଆଶାରେ ନିଜର କ୍ଷେତ, ଖମାରକୁ ବିଦେଶୀ ମାନଙ୍କ ନିକଟରେ ବଳି ପକାଇଦେଲେ । ସରକାର ଓ ସରକାରୀ ଯୋଜନାରେ ପ୍ରଲୋଭିତ ହେଲେ । ସୁଇଡ଼େନ୍, ଜର୍ମାନ, ଜାପାନ, ଆମେରିକା, ବ୍ରିଟେନରୁ କମ୍ପାନୀମାନେ ଆସିଲେ । ମାଟି ତଳୁ ସୁନା, କୋଇଲା, ବକ୍ସାଇଟ୍, ଲୁହା, ତମ୍ବା, ପେଟ୍ରୋଲ୍, ଡିଜେଲ୍ ଖୋଳିନେଲେ । ସାଧାରଣ ଜନତାଙ୍କ ଜମିକୁ କିଣିଲେ, ଲିଜ୍ ନେଲେ ଏବଂ ଜବର୍ ଦଖଲ ମଧ୍ୟ କଲେ । କିନ୍ତୁ ସାଧାରଣ ନିରୀହ ଜନତା ଠକାମୀର ଶିକାର ହୋଇ ସରକାର ଓ କମ୍ପାନୀର ଜାଲରେ ଛନ୍ଦି ହୋଇ ଶେଷରେ କିଛି ପଇସା ପାଇ ଚୁପ୍ ରହିଲେ । ସେମାନଙ୍କର ଜୀବନ ଶୈଳୀ ସମ୍ପୂର୍ଣ୍ଣ ବଦଳିଗଲା - "ଧୀରେ ଧୀରେ ଲୋକ ବି ଭୁଲିବାକୁ ବସିଲେ ଚାଷବାସ କଥା । ଟଙ୍କା ଗଛ କଥା । ବର୍ଷା-ପାଣି, ଜଳ-ଜଙ୍ଗଲ-ଜମି କଥା । ସର୍ବୋପରି ହରାଇ ବସିଥିବା ଛାଇ କଥା ଓ ସେଇ ବୁଢ଼ା ବଇଦର କୁହୁକ ମଞ୍ଜି (ଦିବ୍ୟ ବୀଜ), ସ୍ୱର୍ଗକୁ ନିଶୁଣି ଓ ପୂର୍ବ ଜନ୍ମ - ପରଜନ୍ମର ବିବରଣୀ ଭୁଲିଯିବାକୁ ବସିଲେ ।" (ତିନି ଆଖ୍ୟାନ, ପୃ- ୨୭)

ଧନ, ସମ୍ପତ୍ତି, ଟଙ୍କା, ପଇସା, ଅର୍ଥ ଲାଳସା ଚିରସ୍ଥାୟୀ ନୁହେଁ । କ୍ଷଣିକ ସମୟର ଅବସାନ ପରେ ସେସବୁ ନିରର୍ଥକ, ଅସ୍ୱାସ୍ଥ୍ୟକର ହୋଇପଡ଼େ । ଈଶ୍ୱରଦତ୍ତ ପରିବେଶ ଓ ମନୁଷ୍ୟକୃତ ପରିବେଶ ମଧ୍ୟରେ ଏତିକି ହିଁ ପାର୍ଥକ୍ୟ । ଈଶ୍ୱରଙ୍କର ଅବଦାନ ସର୍ବଦା ସ୍ୱଚ୍ଛ, ନିର୍ମଳ, ପବିତ୍ର ଓ ସୁଖଦାୟକ । ଅନ୍ୟପଟେ ମନୁଷ୍ୟର କୃତ୍ରିମ ସୃଷ୍ଟି ସର୍ବଦା ଭୋଗସର୍ବସ୍ୱ ଓ କ୍ଷଣସ୍ଥାୟୀ -

ISSN NO.
2582-208X

"ଶେଷ ଗଛଟି କଟା ସରିବା ପରେ
ଶେଷ ନଦୀଟି ବିଷାକ୍ତ ହୋଇଯିବା ପରେ
ଶେଷ ମାଛଟି ଧରାସରିବା ପରେ.....
ତା' ପରେ, ଯାଇ ତମେ ଜାଣିପାରିବ ଯେ ଟଙ୍କା ଖାଇ ବଞ୍ଚି ହବନି ।"
(ତିନି ଆଖ୍ୟାନ, ପୃ- ୪୧)

ଉଦୁଉଦୁମା ଗାଁର ରୂପରେଖ ଠିକ୍ କିଛି ଏମିତି ହିଁ ହୋଇଛି । ଗ୍ଲୋବାଲ୍ ଗାଁର ମାନ୍ୟତା ଶେଷରେ ଗାଁକୁ ରଙ୍ଗହୀନ, କଳୁଷିତ, ବିଷମୟ କରିଦେଇଛି – "ସବୁଠି ଗୋଟେ ପ୍ଲାଷ୍ଟିକ୍ ପ୍ଲାଷ୍ଟିକ୍ ଗନ୍ଧ ଓ ଆଇଁଷିଆ ପବନ ଥିଲା । ସବୁଠି ଧୂଳି, ଧୂଆଁ, ପଲିଥିନ, କାଚ ବୋତଲ ଓ କଣ୍ଡୋମର ଖୋଳ, ଅଣ୍ଡା ଚୋପା, ରକ୍ତ, ଗଜ୍ କନା, ତୁଳା, ଓ ବ୍ୟାଣ୍ଡେଜ ପଡ଼ିଥିଲା ବା ଭରି ହୋଇଥିଲା । ସବୁଠି ଉଷୁମାଳିଆ ଗନ୍ଧ ଥିଲା । ପ୍ଲାଷ୍ଟିକ୍ ର ଫୁଲ, କଂକ୍ରିଟର ଜଙ୍ଗଲ, ଯନ୍ତ୍ରଚାଳିତ ମଣିଷ ଓ ଅସହାୟ ଦିଅଁ ଦେବତା ଚାରିଆଡ଼େ ।" (ତିନି ଆଖ୍ୟାନ, ପୃ-୩୧) କମ୍ପାନୀର ଏକଚାଟିଆ ଯୋଜନା ଶେଷରେ ଗାଁର ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କଲା । କମ୍ପାନୀ ଠାରୁ ଋଣନେଇ ଚାଷ କରିବା ଏବଂ ଖୁବ୍ କମ୍ ଦାମ୍ ରେ ବଜାର ଦରଠୁ କିଣିବା ଦ୍ୱାରା ଚାଷୀମାନେ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କଲେ । କେବଳ ଚାଷୀମାନେ ଯେ ନିଜର ସର୍ବସ୍ୱ ହରାଇଲେ ତା'ନୁହେଁ; ଗାଁର ପାଣି, ପବନ, ମୃତ୍ତିକାରେ ମଧ୍ୟ ପ୍ରତିକୂଳ ପରିବର୍ତ୍ତନ ସୃଷ୍ଟି ହେଲା । ବର୍ଷା ନ ହେବା, ମାଟିର ଉର୍ବରତା ନଷ୍ଟ ହେବା ଦ୍ୱାରା ଖର୍ଚ୍ଚ ତୁଳନାରେ ମୂଳ ଧନଠୁ ଅଧିକ ବ୍ୟୟ ହେବା ଭଳି ସମସ୍ୟାମାନ ଦେଖାଦେଲା।

ବିପରୀତଧର୍ମୀ ଚିନ୍ତାଧାରାରେ ଅନୁପ୍ରାଣିତ ତାଳଗୋଟମା ଗ୍ରାମର ଲୋକମାନେ ଆଦି ସମୟ, ଆଦି ମାନବର କାର୍ଯ୍ୟଧାରାକୁ ଆପଣେଇ ନେଇ ସମାଜରେ ଏକ କ୍ରାନ୍ତି ସୃଷ୍ଟି କରିବାରେ ଲାଗିଲେ । ପ୍ରତ୍ୟେକ କୃତ୍ରିମତାକୁ ଆଡ଼େଇ ବିକଳ୍ପ ପନ୍ଥା ରୂପେ ପ୍ରାକୃତିକ ଉତ୍ପାଦନ ଉପରେ ଗୁରୁତ୍ୱ ଦେଲେ । ଯେପରି – ପାଣି ଓ ଖାଦ୍ୟ ବଦଳରେ ଛେଳି ଦୁଗ୍ଧ, ଯନ୍ତ୍ର ବଦଳରେ ହାତ, ପେଟ୍ରୋଲ, ଡିଜେଲ, କୋଇଲା, ଜଳଜ ବା ତାପଜ ବିଦ୍ୟୁତ୍ ବଦଳରେ ଜୈବିକ ଶକ୍ତି ବା ସୌର ଶକ୍ତି ବା ପବନ ଶକ୍ତି ଇତ୍ୟାଦି । ଜାରା ଶବରର ନେତୃତ୍ୱରେ କ୍ରମେ ତାଳଗୋଟମା ଗାଁ ଉନ୍ନତ, ସ୍ୱଚ୍ଛ, ନିର୍ମଳ, ସ୍ୱାବଲମ୍ବୀ ହେବାରେ ଲାଗିଲା । ସରକାର ଏହାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ସତ୍ୟ ଓ ନ୍ୟାୟର ସପକ୍ଷ ନେଇ ସରକାରଙ୍କୁ ବିରୋଧ କରିବା ହେତୁ ଜାରା ଶବରକୁ ଗିରଫ୍ କରାଗଲା ।

ISSN NO.
2582-208X

ବହୁଦିନ ପରେ ଜାରା ଶବର ଜେଲ୍ ରୁ ମୁକୁଳିଲା । । ତା' ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକମାନେ ଚାଷ କରୁଥିବାର, ମେଣ୍ଢା, ମଈଁଷି, ମହୁମାଛି ପାଳୁଥିବାର, ଧାନ, ଗହମ, ମାଣ୍ଡିଆ, ଯଅ ଆଦି ଶସ୍ୟ ଉତ୍ପାଦନ କରୁଥିବାର, ଅରଟ ଓ ତନ୍ତରେ ଖଦି ବୁଣୁଥିବାର ଦେଖି ସେ ଲୋକମାନଙ୍କ ଉଦ୍ଦେଶ୍ୟରେ ଏକ ଭାଷଣ ଦେଲା – "କ୍ଷଣିକ ସୁଖ ଓ ଉତ୍ତେଜନା ପାଇଁ କାଳ କାଳର ସଂସ୍କୃତି, ଜୀବନ ଶୈଳୀ ଓ ପାରମ୍ପରିକ ମୂଲ୍ୟବୋଧ ତଥା ବିଶ୍ୱାସକୁ ଯେପରି ଅନ୍ୟ ଗାଁର ଲୋକମାନେ ବିସର୍ଜନ ଦେଇ ଦେଇଛନ୍ତି ତମେ ସେପରି କରିନାହିଁ । xxx ସତ୍ୟ, ଅହିଂସା ଓ ସ୍ୱାବଲମ୍ବନ ହିଁ ଜୀବନ ବିକାଶର ଅସଲ ମାର୍ଗ । ଏହି ରାସ୍ତାରେ ପରିଚାଳିତ ହେଲେ ଆମେ ଦିନେ ନା ଦିନେ ଲକ୍ଷ୍ୟ ହାସଲ କରିପାରିବା। ଏହାହିଁ ଆମକୁ ଏକ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ ଦୁନିଆ ଗଢ଼ିବାରେ ସାହାଯ୍ୟ କରିବ।" (ତିନି ଆଖ୍ୟାନ, ପୃ – ୪୪) ଏହିପରି ଆହୁରି ଅନେକ ମନ୍ତବ୍ୟ, ବକ୍ତବ୍ୟ, ଆହ୍ୱାନ, ସଚେତନତା ଓ ସର୍ବୋପରି 'ଆମ ଛାଇ' ର ଦୁର୍ଲଭତା ସମ୍ପର୍କରେ ବୁଝାଇଲା । ଆମର ପ୍ରକୃତ ସମ୍ବଳ ହେଉଛି 'ଛାଇ' । ଯାହାକୁ କୌଣସି ମୂଲ୍ୟରେ, କୌଣସି ବିନିମୟରେ ହରାଇବା ଉଚିତ୍ ନୁହେଁ । ନିଜର ଛାଇକୁ ହରାଇଥିବା ମଣିଷ ନିଜର ସବୁକିଛି ହରାଇବା ସହ ସମକକ୍ଷ ।

ନିଜ ବକ୍ତବ୍ୟର ଅନ୍ତିମ ପରିଣତି ଆସିବା ପୂର୍ବରୁ ଜାରା ଶବରର ମୃତ୍ୟୁ ହୋଇଛି । ଆତତାୟୀ ମାନଙ୍କର ତିନୋଟି ଗୁଳି ଚୋଟରେ ଜାରା ଶବର ଟଳି ପଡ଼ିଛି । ଠିକ୍ ଗାନ୍ଧିଜୀଙ୍କ ଭଳି । ଅହିଂସା, ଶାନ୍ତି, ସତ୍ୟାଗ୍ରହ ପାଇଁ ଲଢ଼ୁଥିବା ବ୍ୟକ୍ତି ଯୁଗେ ଯୁଗେ ଏମିତି ମରି ଶୁଅନ୍ତି ଆତତାୟୀର ହିଂସ୍ର ଆକ୍ରମଣରେ ସତ; କିନ୍ତୁ ଅହିଂସା, ସତ୍ୟ ଅମର ଓ ଅଜର ହୋଇ ରହିଯାଏ କାଳ କାଳକୁ–"ହିଂସାର ମୃତ୍ୟୁ ଅଛି । ମାତ୍ର ଅହିଂସାର ମୃତ୍ୟୁ ନାହିଁ ।

ମିଥ୍ୟାର ମୃତ୍ୟୁ ଅଛି । ମାତ୍ର ସତ୍ୟର ମୃତ୍ୟୁ ନାହିଁ ।" (ତିନି ଆଖ୍ୟାନ, ପୃ – ୪୬) ଲୋକମାନେ ଜାରା ଶବରର ପ୍ରତିମୂର୍ତ୍ତି ଗଢ଼ିଲେ । କିନ୍ତୁ ତାହାକୁ ଇତିହାସ ହୋଇ ରଖିବାକୁ ଦେଲେ ନାହିଁ । ଫୁଲମାଳ ଅର୍ପଣ, ସ୍ମୃତିସଭାର ଆୟୋଜନ, ଶହୀଦ ଦିବସ ପାଳନ ମାଧ୍ୟମରେ ଜାରା ଶବରକୁ ଜୀବିତ କରି ରଖିଲେ ନିଜ ଭିତରେ ଏବଂ ସମାଜ ଆଖିରେ । *ଅର୍ଦ୍ଧକଥା (ସାମ୍ନା, ଦେଶକଥା, ଡିସେମ୍ବର ୨୦୦୯) (ସାରସ ପ୍ରକାଶନୀରେ ୨୦୧୦ରେ ପୁସ୍ତକ ରୂପେ ପ୍ରକାଶିତ)*

ISSN NO.
2582-208X

ସାଂପ୍ରତିକ ସମୟର ସାହିତ୍ୟ ଓ ସାହିତ୍ୟିକଙ୍କ ସ୍ଥିତିକୁ ଆଧାର କରି ସତ୍ୟପ୍ରିୟ ମହାଳିକଙ୍କ ଆଖ୍ୟାନ 'ଅର୍ଦ୍ଧକଥା' ର କଳେବର ସୁସଜ୍ଜିତ ହୋଇଛି । ଅନେକ କଠୋର, ଅପ୍ରୀତିକର ବାସ୍ତବତା, ସତ୍ୟତା ଏହାର ଅଙ୍ଗ ପ୍ରତ୍ୟଙ୍ଗ ରୂପେ ପରିକଳ୍ପିତ ହୋଇଛି । ଉକ୍ତ ଆଖ୍ୟାନଟି ପଠନ କରିବା କାଳରେ ପ୍ରତିଟି କଥାବସ୍ତୁ ଅତ୍ୟନ୍ତ ନିଛକ ଏବଂ ପ୍ରଚଳିତ ସମାଜ ବ୍ୟବସ୍ଥାରୁ ସଂଗୃହୀତ ହୋଇଥିବା ଭଳି ହୃଦବୋଧ ହୁଏ । ସେଥିପାଇଁ ତ ଲେଖକ ଏକ ସତ୍ୟ ଘଟଣାକୁ ଆମୂଳଚୂଳ ଦୃଷ୍ଟାନ୍ତ ରୂପେ ଉପସ୍ଥାପନ କରି ସାହିତ୍ୟକୁ ସମାଜର ଏକ ଉପାଦାନ ରୂପେ ପ୍ରତିଫଳିତ କରିଛନ୍ତି । ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା ଓ କମିଟମେଣ୍ଟ ରହିବା ଜରୁରୀ ବୋଲି ଦର୍ଶାଇଛନ୍ତି । ମୋଟାମୋଟି ଭାବରେ ଗୋଟିଏ ସମାଜକୁ ବୁଝିବାକୁ ହେଲେ ତା'ର ସାହିତ୍ୟର ଅଧ୍ୟୟନ ଏକାନ୍ତ ଜରୁରୀ ମନେହୁଏ ।

ପ୍ରଚଳିତ ସମାଜ ବ୍ୟବସ୍ଥାରେ ସାହିତ୍ୟ ଓ ସାହିତ୍ୟିକଙ୍କୁ ରାଜନୀତି, ଉଚ୍ଚପଦସ୍ଥ କ୍ଷମତାସୀନ ଅଫିସର, ସମ୍ବର୍ଦ୍ଧନା-ସମ୍ମାନ-ପ୍ରମୋଶନ-ପୁରସ୍କାର ପ୍ରତି ଲାଳାୟିତ ବ୍ୟକ୍ତିବିଶେଷ, ପକ୍ଷପାତୀ ସମାଲୋଚକବୃନ୍ଦ ଆଦି କବଳିତ କରିରଖିଛନ୍ତି । ତେଣୁ କବି କାଳିଚରଣ ଦାସ ତାଙ୍କର ବକ୍ତବ୍ୟରେ ସମାଜର ଏ ବ୍ୟବସ୍ଥାକୁ ପୋକଖିଆ ସାମାଜିକ ବ୍ୟବସ୍ଥା ବୋଲି ନାମକରଣ କରିଛନ୍ତି – "ଈଶ୍ୱର ବୋଲି କେହି କେଉଁଠି ଜଣେ ଅଛିକି ? ଯଦି ଅଛି ତାର କାମ କ'ଣ ? କୌଣସି ହେତୁ ନଥାଇ ଜଣେ ଭୋକ ଉପାସରେ ମରୁଛି, ଆଉ ଜଣେ ମସ୍ତି କରୁଛି । ଜଣେ ଅନ୍ୟାୟର ଶିକାର ହୋଇ ଜେଲ୍ ଯାଉଛି ତ' ଆଉ ଜଣେ ଅନ୍ୟାୟ କରି ହସୁଛି। ଏ ପୋକଖିଆ ସମାଜ ବ୍ୟବସ୍ଥାର ଅନ୍ତ ହୋଇଯିବା ଦରକାର। ସେଥିପାଇଁ ଯଦି ଆବଶ୍ୟକ ପଡ଼େ ଶ୍ରେଣୀ ସଂଘର୍ଷ ତେବେ ପଛେଇବି ନାହିଁ .......।" (ତିନି ଆଖ୍ୟାନ, ପୃ-୮୬) ଏପରି ନିର୍ଭୀକ ମତାମତ ସାଂପ୍ରତିକ ସମୟରେ କ୍ୱଚିତ୍ ଲେଖକଙ୍କ ନିକଟରେ ପରିଲକ୍ଷିତ ହୁଏ । ସେମାନଙ୍କ ମଧ୍ୟରୁ କବି କାଳିଚରଣ ଦାସ ଜଣେ ଅନନ୍ୟ ମଣିଷ ଓ ସାହିତ୍ୟିକ । ପିଲାଟି ଦିନରୁ ଦରିଦ୍ର ହରିଜନ ବା ଦଳିତ ପରିବାରରେ ବଢ଼ିଥିଲେ ମଧ୍ୟ ଅସାଧାରଣ ପ୍ରତିଭା ସମ୍ପନ୍ନ ଲେଖକ ରୂପେ ତାଙ୍କର ଭିନ୍ନ ଏକ ପରିଚିତି ଥିଲା । ସାହିତ୍ୟିକ ଖ୍ୟାତି ଓ ପ୍ରସିଦ୍ଧି ଥିବା ସତ୍ତ୍ୱେ ଦଳିତ ପରିବାରରେ ଜନ୍ମ ହେଇଥିବା ହେତୁ ଅନେକ ଲାଞ୍ଛନା ଓ ଘୃଣାର ଶିକାର ହୋଇ ବିଭିନ୍ନ ସ୍ୱୀକୃତି ଓ ସମ୍ମାନରୁ ବଞ୍ଚିତ ହୋଇଥିଲେ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ପ୍ରତିଫଳିତ ହୁଏ ଯେ ଜାତି, ବର୍ଗ ଓ ପଦବୀର ଆଧାରରେ ସାହିତ୍ୟିକଙ୍କୁ ମୂଲ୍ୟାୟନ କରିବାର ପ୍ରଥା ବର୍ତ୍ତମାନ ମଧ୍ୟ ପ୍ରଚଳିତ ହେଉଅଛି । ଯାହା ଆମର ସାହିତ୍ୟକୁ ବିକୃତ କରିଦେଉଛି । ଏ ସମ୍ପର୍କରେ କବିଙ୍କର

ISSN NO.
2582-208X

ବାଲ୍ୟ ବନ୍ଧୁ ଗନ୍ଧର୍ବ ଦାସ କହିଛନ୍ତି –"କୌଣସି ବ୍ୟକ୍ତିର ଚରିତ୍ର ଆକଳନ କଲାବେଳେ ଆମେ କଦାପି ତା'ର ବାହ୍ୟ ଆଚରଣ ବା ଅବଧାରଣା ଗୁଡ଼ିକ ଦ୍ୱାରା ପ୍ରଭାବିତ ହେବା ନାହିଁ। ସେପରି କଲେ, ଆମେ କେବଳ ମାଟି ଉପରେ ଠିଆ ହୋଇଥିବା ଗଛଟିକୁ ହିଁ ଦେଖିବା । ମାଟି ତଳେ ଲୁଚି ରହିଥିବା ଗଛର ଅସଲ ଚେର ଗୁଡ଼ିକୁ ଦେଖିପାରିବା ନାହିଁ।" (ତିନି ଆଖ୍ୟାନ, ପୃ-୬୨) ଆମର ଅବଧାରଣାକୁ ସମ୍ପୂର୍ଣ୍ଣ କରିବା ପାଇଁ ଏବଂ ପ୍ରକୃତ ବାସ୍ତବତା ନିକଟରେ ପହଞ୍ଚିବା ପାଇଁ ଏପ୍ରକାର ଚିନ୍ତାଧାରା ମୂଳ ସୂତ୍ରଟିକୁ ଆବିଷ୍କାର କରିବାରେ ସମର୍ଥ ହୋଇଥାଏ ।

ଆମର ସାହିତ୍ୟରେ ଲାଞ୍ଛନା ତୀବ୍ର ରୂପେ ପରିବ୍ୟାପ୍ତ ହେବାରେ ଲାଗିଛି । ବିଭିନ୍ନ ପ୍ରକାରର ପ୍ରଲୋଭନ, ପ୍ରଚୋଦନ, ପୁରସ୍କାର, ମାନପତ୍ର, ଫେଲୋସିପ୍, ଚାକିରି, ପ୍ରମୋସନ ଆଦି କ୍ଷେତ୍ରରେ ଏହି ଲାଞ୍ଛନା ଲୁକ୍କାୟିତ ହୋଇ ରହିଛି । ଏହାକୁ ପ୍ରଶ୍ରୟ ଦେଉଥିବା କେତେକ ଉଚ୍ଚ କୂଳର, ଉଚ୍ଚପଦସ୍ଥ ବ୍ୟକ୍ତିବିଶେଷ ମାନେ ହିଁ ଆମର ସାହିତ୍ୟକୁ ଖୋଳ କରିବାରେ ଲାଗିଛନ୍ତି । ଏମାନଙ୍କ ନିକଟରେ ଦରିଦ୍ର, ଗରିବ, ଅଜାତି କୁଳରେ ଜନ୍ମ ନେଇଥିବା ପ୍ରତିଭା ମାନେ ଅବହେଳିତ ହେଉଛନ୍ତି । ଦୃଷ୍ଟାନ୍ତ ରୂପେ 'ଅର୍ଦ୍ଧକଥା' ଆଖ୍ୟାନରେ ଉଲ୍ଲେଖିତ କବି କାଳିଚରଣ ଦାସ ପ୍ରସଙ୍ଗ । ଜଣେ କବି ହେବାର ସବୁତକ ଲକ୍ଷଣ (ଦୁଃଖୀ, ଅନିୟମିତ, ଉତ୍ତେଜିତ, ପ୍ରତିକ୍ରୀୟାଶୀଳ, ସମ୍ବେଦନଶୀଳ, ଶାନ୍ତ, ନିରୀହ ଇତ୍ୟାଦି) ତାଙ୍କଠାରେ ନିହିତ ଥିଲେ ମଧ୍ୟ ତାଙ୍କର ଏ ଜଟିଳ ବ୍ୟକ୍ତିତ୍ୱକୁ ଗ୍ରହଣ କରି ପାରୁନଥିବା ଅନେକ ପକ୍ଷପାତୀ ସମାଲୋଚକ, ଲେଖକ ତାଙ୍କୁ ଅନମନୀୟ, ଆଡ଼ବାୟା, ଲମ୍ପଟ ଓ ମଦ୍ୟପର ପରିଚୟ ଦେଇଛନ୍ତି । ସେଥିପାଇଁ ତ ଆମର ସମାଲୋଚନା ସାହିତ୍ୟ ଆଜି ବଡ଼ ଦୁର୍ବଳ ହେବାରେ ଲାଗିଛି । ନିରପେକ୍ଷ ଆକଳନ ଓ ମୂଲ୍ୟାୟନର ପରମ୍ପରା ଆଜି ସଂଶୟ ଘେରରେ ରହିଛି। ଆମର ଯୁବ ସାହିତ୍ୟିକ ମାନେ ଏସବୁ ଘଟଣାକୁ ବେଶ୍ ସମର୍ଥନ ମଧ୍ୟ କରୁଛନ୍ତି । ପୁରସ୍କାରର ଲୋଭ, ସମ୍ମାନର ଲାଳସା ସେମାନଙ୍କୁ କାପୁରୁଷ କରି ଦେଉଛି- "ଆମ ଯୁବ ସାହିତ୍ୟିକ ମାନେବି କେମିତି! ଥରୁଟିଏ ବି ମୁହଁ ଖୋଲି ସେମାନଙ୍କ ବୀଟପଣକୁ ପଦାରେ ପକେଇବେନି। ପୁରସ୍କାର ଲୋଭରେ । ମାନପତ୍ର, ସମ୍ବର୍ଦ୍ଧନା କି ପ୍ରମୋଶନ ଲୋଭରେ । ଆହୁରି ଓଲଟି ଯୋଗେଇଦେବେ ଖୋରାକ । xxx । ମୋହିନୀ ବେଶରେ ତୁଷ୍ଟ କରିବେ । ଉଚ୍ଛିଷ୍ଟ ଭୋଗିବେ । ଅମେରୁଦଣ୍ଡୀ ଜିଆ ଭଳି, ଭୀରୁ, ....... ସୁବିଧାବାଦୀ ........।" (ତିନି ଆଖ୍ୟାନ, ପୃ-୭୬) ଏପରି କ୍ଷେତ୍ରରେ କବି କାଳିଚରଣ ଦାସଙ୍କ ନାମ ଓଡ଼ିଆ ସାହିତ୍ୟର ଇତିହାସରେ ରହିବା କାଠିକରପାଠ ।

ISSN NO.
2582-208X

ପ୍ରଗତିଶୀଳ ବା ମାର୍କ୍ସିଷ୍ଟ ସମାଲୋଚକ ତାଙ୍କୁ ଆଦୌ ଉଚ୍ଚକୋଟୀର ଲେଖକ ରୂପେ ଗ୍ରହଣ କରିବାକୁ ଅମଙ୍ଗ । କିନ୍ତୁ ହଁ ପାଠକ ଜଣେ ଲେଖକଙ୍କ ଅସଲ ପ୍ରେରଣା । ପାଠକଙ୍କ ନିରପେକ୍ଷ ମତ ଓ ଚର୍ଚ୍ଚା ଲେଖକଙ୍କୁ ଉତ୍ସାହିତ କରେ ନିଶ୍ଚିତ ।

ପ୍ରିୟାପ୍ରୀତି ପୋଷଣ କରି ଲେଖକର ପରିଚୟ ସୃଷ୍ଟି କରୁଥିବା ଅପରାଧୀ ମାନଙ୍କ ବପକ୍ଷରେ ଯାଇ ନିର୍ଭୀକ କବି କାଳି ଚରଣ ଦାସ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି- "ଆଜି ଅଗଷ୍ଟ ପନ୍ଦର । ଆଜି ଦଳେ ଅପରାଧୀ ଗାନ୍ଧୀ ଟୋପି ନାଇ ତ୍ରୀରଙ୍ଗା ଉଡ଼ାଇଲେ । xxx । ସଞ୍ଜ ବେଳକୁ ସେମାନେ.... ମିଛ କହିବେ, ମଦ ପିଇବେ, ବଳତ୍କାର କରିବେ । ଘୋଷ୍ ଖାଇବେ ଓ ମିଛ ପ୍ରତିଶ୍ରୁତି ବାଣ୍ଟିବେ । ଗାନ୍ଧିଜୀ ! ଦେଶକୁ ଏମାନଙ୍କ ହାତରୁ ଉଦ୍ଧାର କର । ଏମାନେ ଦେଶଟାକୁ ବିକିଦେବେ ।" (ତିନି ଆଖ୍ୟାନ, ପୃ-୮୮) କାଳର ହିସାବ କିତାବ ନିକଟରେ କିନ୍ତୁ ଏ ଅପରାଧ, ଏ ମିଛ, ଏ କଳା ଟଙ୍କା, ଏ ପୁରସ୍କାର, ଏ ପାଟ ପଗଡ଼ି ସବୁ ବିବର୍ଣ୍ଣ ହୋଇଯିବ। ତୁଚ୍ଛ ଓ ମୂଲ୍ୟହୀନ ହୋଇଯିବ । ତେଣୁ ଯୁଗେ ଯୁଗେ ସମାଜ ବକ୍ଷରେ ସାହିତ୍ୟକୁ ତିଷ୍ଠି ରଖିବା ଜଣେ ସାହିତ୍ୟିକର ପ୍ରକୃତ ସାଧନା, ବଞ୍ଚିବାର ଶୈଳୀ ସ୍ୱଚ୍ଛ ଓ ନିର୍ମଳ ହେବା ଉଚିତ୍ । ରାଜନୀତିର ବଳୟରୁ ସାହିତ୍ୟକୁ ମୁକ୍ତ ରଖିବା ଉଚିତ୍ । ଦଳ ଓ ଅଞ୍ଚଳ ଭେଦରେ ସାହିତ୍ୟିକ ଆକଳନ ନକରି ସାମଗ୍ରିକ ମନୋଭାବ ନେଇ ସାହିତ୍ୟର ମୂଲ୍ୟାୟନ କରିବା ଉଚିତ୍ । ଅର୍ଥାତ୍ ସାହିତ୍ୟର ରାଜନୀତିକରଣ ନ କରି ସାହିତ୍ୟର ଅନ୍ତର୍ନିହିତ ସୌନ୍ଦର୍ଯ୍ୟବୋଧକୁ ହୃଦବୋଧ କରିବା ଉଚିତ୍ । ସାହିତ୍ୟ ସମାଜର ମୁଖପତ୍ର ହେଉ ନାକି ରାଜନୀତିର ।

*କ୍ଲୀବଲିଙ୍ଗ (ସମାରୋହ ପୂଜାସଂଖ୍ୟା, ୧୯୮୫) (ମୟୂର ପବ୍ଲିକେଶନ୍ 'ଅଣପୁରୁଷ' ନାଁରେ ୧୯୮୯ ରେ ପୁସ୍ତକ ରୂପେ ପ୍ରକାଶିତ)*

ଅଭାବୀ ଘରର ଦାୟିତ୍ୱ ଓ ଭୋକିଲା ପେଟର ଦାଉ ସବୁଠି ଭୟଙ୍କର । ଜମି ନାହିଁ, ପାଣି ନାହିଁ, ମରୁଡ଼ିର ପ୍ରକୋପ : ସବୁଠି ଖାଲି ଅଭାବ ହିଁ ଅଭାବ । ଦୁଃଖ ହିଁ ଦିଃଖ । ଦି ପଇସା ରୋଜଗାର ଓ ଘରର ଦାୟିତ୍ୱ ତୁଲାଇବାର ବୋଝ ଯୋଗୁଁ ବିଦେଶ ମୁହାଁ ହେବା ଏକମାତ୍ର ରାସ୍ତା । ଦେଶୀ ମଜୁରୀରେ ଏ ଓଳିକୁ ଚଳିଲେ ଆର ଓଳିକୁ ନିଅଣ୍ଟ । ଅର୍ଥ ଉପାର୍ଜନର ମୋହ ବିଦେଶରେ ପାଞ୍ଚଗୁଣା ଅଧିକା । ଦିନ ସାରାର ଅଭାବ, ଅଶାନ୍ତି ଓ ପେଟ ତଳର ତାତି ମେଣ୍ଟାଇବାକୁ ବିଦେଶ ଯାତ୍ରା ହିଁ ଏକମାତ୍ର ମାଧ୍ୟମ । ସେଇଠୁ ଗୋଟେ ନୂଆ ପରିଚୟ ସୃଷ୍ଟି ହୁଏ । ଦାଦନ ଶ୍ରମିକର ପରିଚୟ । ଠିକାଦାର, ଦଲାଲ୍ ମାନଙ୍କର

ISSN NO.
2582-208X

ଲୋଭନୀୟ କଅଁଳିଆ ଭାଷାରେ ମୁଗ୍ଧ ହୋଇ ଦାଦନ ଖଟି ଯା'ନ୍ତି । କିନ୍ତୁ ଠିକଣା ସ୍ଥଳରେ ପହଁଞ୍ଚିଲା ପରେ ଠିକାଦାର ମାନଙ୍କର ସ୍ୱର ବଦଳିଯାଏ । ପଥର ପରି କଠିନ ଓ ପଶୁ ପରି ହିଂସ୍ର, ରକ୍ଷ, ନିର୍ଦ୍ଦୟ ପାଲଟି ଯା'ନ୍ତି ଠିକାଦାରମାନେ । ଏପରି ବିଶ୍ୱାସଘାତକତାକୁ ଅତି ନିକଟରୁ ପରଖି ପାରିଲେ ମଧ୍ୟ ଦାଦନ ଶ୍ରମିକମାନେ ବାଧ୍ୟବାଧକତାରେ କର୍ମସ୍ଥଳୀରେ ପଡ଼ିରହନ୍ତି । ନିଜର ଭାଗ୍ୟ ଓ ଭବିଷ୍ୟତ ସମ୍ପର୍କରେ ସବୁ ଜାଣି ମଧ୍ୟ ଚିରନ୍ତନ ଦୁଃଖକୁ ବରଣ କରନ୍ତି । ଜଣକ ହାତରୁ ଆଉ ଜଣକ ହାତକୁ ବିକ୍ରି ହୋଇ ନିଜର ଭାଗ୍ୟ ଓ ପରିସ୍ଥିତିକୁ କଷୁ ଥା'ନ୍ତି । ଯେପରି ଦାଦନ ଶ୍ରମିକ ମାନେ ପଶୁ ବା ପକ୍ଷୀ ବା ପରିବା ବା ମାଲପତ୍ର ଅଟନ୍ତି । ସ୍ଥାନ – କାଳ – ପାତ୍ର ଭେଦରେ ସେମାନେ ଖେଳଣା ଭଳି, ବସ୍ତୁ ଭଳି ସ୍ଥାନକୁ ସ୍ଥାନ ସ୍ଥାନାନ୍ତରିତ ହୁଅନ୍ତି –"ଦାଦନ ଶ୍ରମିକର ଚିରନ୍ତନ ଦୁଃଖ ଓ ସେଇ ଦୁଃଖୀ କପାଳରେ ଝୁଲୁଥିବା ତାଡ଼ନାର ତରବାରୀ । ଦଳେଇ ଠିକାଦାର ସେମାନଙ୍କୁ ନେଇ ବିକି ଦେଲା ଆଇଦର ସିଂ ବାହାଦୂରକୁ । ଗୋଟିଏ ରାତ୍ରିର ବିଶ୍ରାମ । ସକାଳର ସୂର୍ଯ୍ୟଉଦୟ ବେଳକୁ ସେମାନେ ବିକ୍ରି ହୋଇ ସାରିଛନ୍ତି । ପଶୁ, ପକ୍ଷୀ, ପରିବା ବଜାରରେ ମାଲପତ୍ର ପରି ବିକ୍ରି ହୋଇଗଲେ । ଖେଳନା ପରି ଜଣକ ହାତରୁ ଆଉ ଜଣକ ହାତକୁ ।" (ତିନି ଆଖ୍ୟାନ, ପୃ-୧୧୫) ଦାଦନ ମାନଙ୍କର ଜୀବନ ଯେପରି କେବଳ ସେମାନଙ୍କର ନୁହେଁ; ତା' ଉପରେ ପ୍ରକୃତ ଅଧିକାର ଅଛି କେବଳ ଦଲାଲ୍ ଓ ଠିକାଦାର ମାନଙ୍କର ।

ସମୟର ଅତିକ୍ରାନ୍ତ ସାଙ୍ଗକୁ ଦାଦନମାନଙ୍କ ପ୍ରତି ପ୍ରତାରଣା, ଶୋଷଣ, ତାଡ଼ନା ଦିନକୁଦିନ ବଢ଼ିଚାଲେ। ସେମାନଙ୍କ କଷ୍ଟ ଅର୍ଜିତ ଅର୍ଥକୁ ମଧ୍ୟ ଭାଗ ଭାଗ କରାଯାଏ। କଣ୍ଟ୍ରାକ୍ଟର ମାନଙ୍କ ହାତ ଗରମ ପାଇଁ ଦାଦନ ମାନଙ୍କର ଉପାର୍ଜିତ ଅର୍ଥ ମାଧ୍ୟମ ସାଜେ। ଭୟାକୁଳ ବନ୍ଦୀ ଜୀବନ ନେଇ ଦାଦନ ମାନେ ଏକ ଅନିଶ୍ଚିତ ଭବିଷ୍ୟତର ଅପେକ୍ଷାରେ, ସ୍ୱପ୍ନମୟ ସମ୍ଭାବନାର ଅପେକ୍ଷାରେ ଅସହାୟଭାବେ ଅନିର୍ଦ୍ଦିଷ୍ଟ କାଳପାଇଁ ପଶୁପରି ଅନିଚ୍ଛାକୃତ ଭାବେ ସଂଘର୍ଷ କରି ବଞ୍ଚିରହିବାକୁ ପ୍ରୟାସ କରନ୍ତି। କାରଣ ଥରେ ବିକ୍ରି ହେବା ପରେ ସେମାନଙ୍କ ଜୀବନ ଉପରେ କଣ୍ଟ୍ରାକ୍ଟର ମାନଙ୍କର ରାଜତ୍ୱ ଓ ଜୁଲୁମ, ଧମକ ଓ ନିର୍ଦ୍ଦେଶ ବଢ଼ିଚାଲେ। ଗୁଲାମିର ଜୀବନ, ବନ୍ଦୀର ଜୀବନ ସେମାନଙ୍କର ପରିଚୟ ପାଲଟେ। ସେଥିରୁ ମୁକୁଳିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼େ । ବାଧ୍ୟବାଧକତାରେ ଅସୁସ୍ଥ ଶରୀର ଓ ସନ୍ତାପ ମନ ନେଇ କାମ କରିବାକୁ ପଡ଼େ । ଟିକେ ଥକା ମାରିବା ବା ବସିବା ପାଇଁ ସେମାନଙ୍କୁ ଅନୁମତି ମିଳେ ନାହିଁ। ଅସୁସ୍ଥ ଦେହର ଚିକିତ୍ସା ପାଇଁ ମଧ୍ୟ ଔଷଧ ମିଳେ ନାହିଁ। ଏପରି କ୍ଲୀବ ପାଲଟି ବଞ୍ଚିବାକୁ ପଡ଼େ ସେମାନଙ୍କୁ । କିନ୍ତୁ ଉକ୍ତ ଆଖ୍ୟାନରେ (କ୍ଲୀବଲିଙ୍ଗ) ଲେଖକ

ISSN NO.
2582-208X

ଦାଦନ ଶ୍ରମିକ ମାନଙ୍କୁ ଏକ ବିପ୍ଳବର ଆହ୍ୱାନ ଦେଇଛନ୍ତି। ନିଜ ଜୀବନକୁ, ନିଜ ପରିସ୍ଥିତିକୁ ସୁଧାରିବା ପାଇଁ ପ୍ରେରଣାର ଉତ୍ସ ରୂପେ ଏକ ଚରିତ୍ର ଯୋଗୀ (ଜଣେ ଦାଦନ ଶ୍ରମିକ) ମାଧ୍ୟମରେ ସଚେତନତାର ବାର୍ତ୍ତା, ସାହସର ପନ୍ଥା ଯୋଗାଇଛନ୍ତି- "ଯୋଗୀର ଭାଷଣ ଖୁବ୍ ବଡ଼ ପାଟିରେ ଗୋଟେ ବଡ଼ ପଥର ମୁଣ୍ଡା ଉପରେ ବସି ଖୁବ୍ ବଡ଼ ପଥର ମୁଣ୍ଡାଏକୁ ଗାଳିଦେଲା ଯୋଗୀ । 'ଆମ ଖାଇବା କଥା ଆମେ ବୁଝିବୁ । ତୁ ଶଳା କାଇଁକି ଆମ ଦାନାରେ ଧୂଳି ପକଉଛୁ, xxxx । ଏଇଟା ନେପାଳ, ଭଦ୍ରକ ହୋଇଥିଲେ ତତେ ଦି'ଫାଳ କରି ଫଟେଇ ଦିଅନ୍ତି - xxxx । ସବୁ ଶୁଣ, ଆଜି ତାକୁ କହିବା, ଆମ ଖାଇବା ଜିନିଷ ଆମେ କିଣିମୁ । ସେ ଶଳା କାଇଁକି ଆମ ନହୁ ବୁହା ପଇସାରେ ହାକିମାତି ଦେଖାଇବ ? କ'ଣ କହୁଚ ...? " (ତିନି ଆଖ୍ୟାନ, ପୃ-୧୨୨) ଦାଦନ ଶ୍ରମିକ ଯୋଗୀର ଏପ୍ରକାର ଚିନ୍ତାଧାରା ବାସ୍ତବରେ ଦାଦନ ଶ୍ରମିକ ମାନଙ୍କୁ ଅନ୍ୟାୟ, ଅତ୍ୟାଚାରରୁ ରକ୍ଷାକରିବା ପାଇଁ ଏକ ସାହାସିକ ପଦକ୍ଷେପର ଅୟମାରମ୍ଭ ଅଟେ ।

କମ୍ପାନୀ, କଣ୍ଟ୍ରାକ୍ଟର, ମନ୍ତ୍ରୀ, ଠିକାଦାର, ଦଲାଲ୍, ସରପଞ୍ଚ, ସର୍ଦ୍ଦାର ଆଦି ମାନଙ୍କର ଅନ୍ୟାୟ, ଅତ୍ୟାଚାର, ଶୋଷଣ ଦ୍ୱାରା ଦାଦନ ଶ୍ରମିକମାନେ ଯେତିକି କଷ୍ଟ ଭୋଗ କରନ୍ତି; ପ୍ରାକୃତିକ ପରିବେଶ ମଧ୍ୟ ତଦନୁରୂପ ବହୁଧା ବିଦୀର୍ଣ୍ଣ ହୋଇଯାଏ । ଅରଣ୍ୟ ପରିବେଷ୍ଟିତ ପରିବେଶ ନିଜର ସବୁଜଶ୍ରୀକୁ ହରେଇ ବସେ । ବିଶାଳ ପଥର ଖଣ୍ଡ କ୍ଷୁଦ୍ର କଣିକାରେ ପରିଣତ ହୁଏ । ଜଳବାୟୁରେ ନାନା ପରିବର୍ତ୍ତନ ପରିଲକ୍ଷିତ ହୁଏ । ଦାଦନ ଶ୍ରମିକ, ପ୍ରାକୃତିକ ପରିବେଶ ଅଣମାନବୀୟ ଜୀବଜଗତ, ପ୍ରଚଳିତ ସମାଜର ମଣିଷ ବିବିଧ ସମସ୍ୟାରେ ସମ୍ମୁଖୀନ ହୁଅନ୍ତି। କିନ୍ତୁ ଗତାନୁଗତିକ ଧାରାରେ ସବୁକିଛି ଠିକ୍ ସେମିତି ଚାଲିଥାଏ । ଲୋକ ଦେଖାଣିଆ ସଭା ସମିତିର ଆୟୋଜନ, ଦାଦନ ଶ୍ରମିକ ମାନଙ୍କୁ ନେଇ ନାନା ବିଚାର ଆଲୋଚନା ଜୋର୍ ଧରେ । ରାଜା-ପ୍ରଜା, ସଚିବ-ମନ୍ତ୍ରୀ, ଶ୍ରମ ଓ ଯୁବ କଲ୍ୟାଣ ବିଭାଗ : ସମସ୍ତେ ବ୍ୟଥାତୁର ସମ୍ବେଦନା ଅଜାଡ଼ି ଦିଅନ୍ତି ନିଜର ବକ୍ତବ୍ୟ ମାଧ୍ୟମରେ । ଶ୍ରମିକ ମାନଙ୍କ ନାଁରେ ଜିନ୍ଦାବାଦ୍ ର ନାରାବାଜି ହୁଏ। ଶେଷରେ କିନ୍ତୁ ଦାଦନ ଶ୍ରମିକ ମାନଙ୍କ ଅବସ୍ଥା ଯାହାକୁ ସେଇଆ ହୋଇ ରହିଯାଏ । ଏକ ପ୍ରତାରଣାମୟ ପୃଥିବୀ ଘେରରେ ସେମାନେ ଜୀବନ ଅତିବାହିତ କରନ୍ତି । ସେ ପ୍ରତାରଣାମୟ ପୃଥିବୀ କେବଳ ବୁଦ୍ଧିଜୀବୀମାନଙ୍କର, ପଇସା ଖୋର ସଭ୍ୟତାର, ସୁବିଧାବାଦୀ ଚତୁର ମଣିଷ ମାନଙ୍କର ଏବଂ ନିରୀହ ମୂର୍ଖ ଦାଦନ ଶ୍ରମିକଙ୍କ ଲୁହ ଓ ଲହୁରେ ଗଢ଼ା ପ୍ରକଳ୍ପ ସେମାନଙ୍କର ଓ ସେମାନଙ୍କ ବଂଶଧର ମାନଙ୍କର- "ନିରୀହ ମୂର୍ଖ ମଣିଷର ରକ୍ତ, ମାଂସ

ISSN NO.
2582-208X

ଶକ୍ତିକୁ କୌଶଳ କ୍ରମେ ଜୋର ଜବରଦସ୍ତି କାମରେ ଲଗେଇ ସଡ଼କ ପୋତାଇବେ । ସେ ସଡ଼କରେ ତାଙ୍କ ପିଲା ଛୁଆମାନେ ଗାଡ଼ି ମଟରରେ ଚାଲିଗଲା ବେଳେ ଆମ ଛୁଆମାନେ ମାଆର ଶୁଖିଲା ଥନକୁ ଟାଣିଟାଣି ଧୂଳିରେ ଆଖି ପୋତି ପକାଉଥିବେ । ଆମେ ଗଢ଼ିବୁ କୋଠା, ପୋଲ, ଷ୍ଟେସନ, ଅଫିସ, କଳ କାରଖାନା; ଆଉ ଆମ ରକ୍ତରେ ତମେ ଅଫିସର, ସରଦାର, ସାଇବେ, ମନ୍ତ୍ରୀ, ନେତା, ପ୍ରଧାନମନ୍ତ୍ରୀ ହୋଇ ହୋଲି ଖେଳିବ । ପୁଣି ଆମେ ବଜାରରେ ବିକ୍ରି ହୋଇଯିବୁ । ପଚା ପରିବା କି ଶୁଖୁଆ ମାଛ ପରି ଆମେ ନିଲାମ ହୋଇଯିବୁ । କୋଡ଼ିଏ / ପଚିଶ ଟଙ୍କାରେ କଣ୍ଟ୍ରାକ୍ଟର ଆମକୁ ପେଟି ଦଲାଲଠାରୁ କିଣି ନେବ । ମଣିଷ ଆମେ.... ଆମେ ବିକ୍ରି ହେଉଚୁ ଭାରତବର୍ଷରେ ।” (ତିନି ଆଖ୍ୟାନ, ପୃ-୧୩୯) ଦାଦନ ଶ୍ରମିକ ମାନଙ୍କର କିଛି ସ୍ୱାଧୀନତା ନଥାଏ । ସେମାନେ ନିଜ ଶିରା ପ୍ରଶିରାରେ ଜାନ୍ତବ ରକ୍ତର ସୁଅ ଛୁଟେଇ ପଥର ସାଙ୍ଗରେ ପଥର ହୋଇଯା’ନ୍ତି ।

ଏତେ ଦୁଃଖ, କଷ୍ଟର ଜ୍ୱାଳାଭିତରେ ବି ଦାଦନ ଶ୍ରମିକର ମନରେ ପ୍ରେମଭାବର ଉଦ୍ଦୀପନା ଉଙ୍କିମାରେ । ସୁନେଲି ସ୍ୱପ୍ନର ଅପେକ୍ଷାରେ ଆଚ୍ଛନ୍ନ ହୋଇ ଆକର୍ଷିତ ହୁଏ ତା’ ମନର ନାୟିକାପ୍ରତି । ସେ ଜାଣିଥାଏ ତା’ର ସ୍ୱପ୍ନ ଅପୂରଣୀୟ, କଷ୍ଟସାଧ୍ୟ । ତଥାପି ସ୍ୱପ୍ନ ପଛରେ ଧାଏଁ । ପ୍ରଗଳ୍ଭ ପରି ସେ ସ୍ୱପ୍ନର ନାୟିକା ନିକଟରେ, ତା’ର ଦେଶରେ ବନ୍ଦୀ ହୋଇ ରହିବାକୁ ମନସ୍ଥ କରେ । କିନ୍ତୁ ଅପର ପାର୍ଶ୍ୱରେ ଘରେ ଛାଡ଼ି ଆସିଥିବା ନିଜ ଗାଁ, ପରିଜନ, ମାଆ, ଅତୀତ, ମୁକ୍ତିକୁ ନେଇ ଆବେଗ ଓ ସନ୍ତପ୍ତ ଭାବନାରେ ଅସ୍ଥିର ହୁଏ । ଶେଷରେ ଫେରି ହେଉନଥିବା ଏକ ଅଚଳ ବର୍ତ୍ତମାନରେ ବନ୍ଦୀ ହୋଇଯାଏ – “ଏ ପାଖରେ ପରିଜନ, ଶ୍ରମିକ ବସ୍ତି, ଗାଁ, ମୁକ୍ତି, ମାଆ ଓ ଅତୀତ । ସେପାଖରେ ଚୁରୁମରା, ଯମୁନା, ସ୍ୱପ୍ନ, ଆବେଗ ଓ ଆଲୋକ । ମୁଁ କେଉଁ ପାଖକୁ ଯିବି ? କେଉଁ ପାଖର ଆକର୍ଷଣରେ ବନ୍ଦୀ ହେବି ? ଅତୀତ ନା ଭବିଷ୍ୟତ? କେଉଁଠିକି ଫେରି ହେଉନଥିବା ଏକ ଅଚଳ ବର୍ତ୍ତମାନ.... ଯୋଗୀ । x x x । ସ୍ଥିର.... ଅଚଳ.... ବର୍ତ୍ତମାନ।”(ତିନି ଆଖ୍ୟାନ, ପୃ-୧୪୯) ଶେଷରେ ଦାଦନ ଶ୍ରମିକ ଯୋଗୀ ନିଜକୁ ନିଜର ଜୀବନକୁ ହରେଇ ଦେଇଛି ନିଜେ ଶ୍ରମିକ ହୋଇ ଖୋଳୁଥିବା ଟନେଲ ଭିତରେ ।

ସାମ୍ପ୍ରତିକ ସମୟ ଓ ସମାଜର ଯୁବପିଢ଼ିମାନଙ୍କୁ ଆନ୍ଦୋଳିତ କରିବାରେ ଗାଳ୍ପିକ ସତ୍ୟପ୍ରିୟ ମହାଳିକଙ୍କ “ତିନି ଆଖ୍ୟାନ” ଗଳ୍ପ ପୁସ୍ତକ ନିଜର ସ୍ୱତନ୍ତ୍ର ଛାପ ସୃଷ୍ଟି କରିବାରେ ବେଶ୍ ସମର୍ଥ। ସମସାମୟିକ ସମାଜ ଜୀବନରେ ଘଟୁଥିବା କେତେକ ବୈପ୍ଲବିକ ଘଟଣା ଏହାର

ISSN NO.
2582-208X

ମୂଳକେନ୍ଦ୍ର ରୂପେ ପରିଲକ୍ଷିତ ହୋଇଛି । ଗାନ୍ଧିବାଦୀ ଆଦର୍ଶର କେତେକ ଝଲକ୍ ଉକ୍ତ ଆଖ୍ୟାନ ତ୍ରୟରେ ସୂକ୍ଷ୍ମ ରୂପେ ବର୍ଣ୍ଣିତ ହୋଇଛି । ସ୍ୱାଧୀନ ଭାବେ ଶୃଙ୍ଖଳିତ ଜୀବନ ବଞ୍ଚିବାର ରାହା ମଧ୍ୟ ଏହି ପୁସ୍ତକରୁ ହୃଦବୋଧ ହେବା ନିଶ୍ଚିତ ।

ସହାୟକ ଗ୍ରନ୍ଥସୂଚୀ :

(୧) ମହାଲିକ, ସତ୍ୟପ୍ରିୟ - ତିନି ଆଖ୍ୟାନ, ଏଥେନା ବୁକ୍ସ୍, ଭୁବନେଶ୍ୱର, ପ୍ରଥମ ସଂସ୍କରଣ ୨୦୧୪ ।

(୨) ମହାରଣା, ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍ ଷ୍ଟୋର୍, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ - ସରସ୍ୱତୀ ପୂଜା ୨୦୧୫ ।

(((-)))

ଗବେଷିକା
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ : ୭୭୫୧୦୪୩୫୨୭

ISSN NO.
2582-208X

# କଳା ରାତି



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ଶେଷହୀନ ପ୍ରତୀକ୍ଷା ଥିଲା
ସେଦିନ ମୋ ପାଇଁ
କଳା ଅନ୍ଧାରୁଆ ରାତି
ଟାଣିନେଲା  ତମକୁ
ନିର୍ବାସିତ ସହରରୁ ।

ତମେ ଶୋଇଥିଲ ଶାନ୍ତିରେ
ମୁହଁରେ ଥିଲା ସତେଜତା
ଯେମିତି ଜଣା ଥିଲା
ଆଉ ଜଳିବନି ଆଲୋକ ଟିଏ
ତମରି ଦେହରେ ଚିରଦିନ ପାଇଁ!!
ମୋ ପାଇଁ ରଖି ଦେଇଗଲ
ନିଃସଙ୍ଗ ଆକାଶ ଟିଏ -----

ଭେଟି ଆକାରରେ ଦେଲ
ମୋତେ ମୁଠାଏ ପାଉଁଶ
ଆଉ ସୁପ୍ତ ନିଃଶ୍ୱାସ!!
ତମକୁ ନେଇ ଆସିଲି
ମୋ ପ୍ରତୀକ୍ଷିତ ସହରକୁ
ପାପ ମୁକ୍ତ ହେବା ପାଇଁ ------

ISSN NO.
2582-208X

ଆଉ ଜମା ଦୋଷ ଦେବିନି
କି ରାଗି ବିନି ତମ ଉପରେ
ଅଳି ବି କରିବିନି---
ମୋ  ଅବଶିଷ୍ଟ ଜୀବନର
ଆଗୁଆ ପାହାଚରେ
ପାଦ  ଦେଲା ବେଳେ  !!

(((-)))

ଝାଡ଼ଖଣ୍ଡ

ISSN NO.
2582-208X

# ସମର୍ପିତା ନାରୀ



ଡ. ଯଶୋବନ୍ତ ନାୟକ

ମନ ଗଭୀରେ ଲୁକି ଦ୍ୱନ୍ଦ
କାହାକୁ ନ କହେ ଛନ୍ଦ
ହୃଦୟରେ ଗୁପ୍ତ ବ୍ୟଥା
ଓଠ କିନ୍ତୁ କହେ କଥା ॥

ଛୋଟ ବେଳୁ ବୋହି ଭାର
ଖେଳ ବୟସେ ସଂସାର
ଗୁରୁ ପାଦେ ସେବା କରେ
ଜ୍ଞାନ ଦୀପ ଶିରେ ଧରେ ॥

ବାପା ମୁହେଁ ହସ ପାଇଁ
ମାଆ ଆଖି ଲୁହ ପୋଛି
ନିଜ ଇଛା ପୋତି ଦେଇ
ପର ଆଶା ବୁଣି ଥାଏ ॥

ବଡ ହେଲା ପରେ ବି ସେ
ସଂଘର୍ଷର ପଥେ ଚାଲେ
ରାତି ଜାଗି ସ୍ୱପ୍ନ ଗଢେ
ଦିନେ ପର ଘର ସଜେ ॥

ISSN NO.
2582-208X

ନିଜ ଦେହ କ୍ଷୀଣ କରେ
ପର ପ୍ରାଣେ ଜୀବ ଭରେ
କାହା ଆଗେ ଦୁଃଖ ନାହିଁ
ସବୁ ବେଳେ ହସେ ସେହି ॥

ଜୀବନକୁ ଦେଲା ହୋମ
କର୍ତ୍ତବ୍ୟକୁ କଲା ପ୍ରେମ
ମନତଳେ ଝଡ ବହେ
ମୁହଁ କିନ୍ତୁ ଶାନ୍ତ ରହେ ॥

ଅକୁହା ସେ କାହାଣୀକୁ
କବି ଲେଖେ ଗାଥା ହୋଇ
ତ୍ୟାଗ ନାମେ ସେହି ନାରୀ
ଯୁଗେ ଯୁଗେ ଅଛି ରହି ॥

(((-)))

ମୋତିଗାମ, ପଲଶାପଦ୍ର, ନବରଙ୍ଗପୁର
ମୋ: 7735423033

ISSN NO.
2582-208X

# ରଜସ୍ୱଳା..



ସ୍ୱାଗତିକା ସାହୁ

ହାଡ଼ ଫଟା ଶୀତ ରାତିରେ
ଗୋଡ଼ ହାତ କାଲ ମାରିଯାଉଥାଏ
ଓଠ ଥରହର ହେଉଥାଏ
ପୁରୁଣା ଲୁଗାଟେ ଜାକି
ଚାଲିଯାଏ ବାଡ଼ିପଟକୁ....
ମୁଣ୍ଡ ଧୁଆ ଗାଧୁଆ ସହିତ
ହଳଦୀ ଗୋବରରେ ଛୁଆଁ ଛଡାଉଥିଲା..
ବିକଳ୍ପହୀନ ନାରୀ ସେ..।।

ଅଧା ସିଆଁ ମସିଣାରେ
ଗୋଡ଼ହାତ ଜାକିଜୁକି
ମୁଣ୍ଡରୁ ନିଗିଡି ପଡୁଥିବା
ତତଲା ପାଣିକୁ ପଣତରେ ପୋଛି ବରଡ଼ାପତ୍ର ପରି ଥରୁଥିଲା....
ବିକଳ୍ପହୀନ ନାରୀ ସେ...।।

ସାମାଜିକ ନିୟମରେ ତାକୁ
ଛୁଇଁବା ମନା
ମୁଣ୍ଡ କୁଣ୍ଡାଇବା ମନା
ସିନ୍ଦୁର ନାଇବା ମନା
ରୋଷେଇଶାଳକୁ ମନା

ISSN NO.
2582-208X

ଘର ଭିତର ହେଉ କି ବାହାର
ସବୁ ଶୁଭକାର୍ଯ୍ୟ ମନା...
ଘରକୋଣରେ ଏବେ ସେ ବାସନ୍ଦ ସାଜିଛି,
ହତଭାଗିନୀ ପରି
ଅଛୁଆଁ ବ୍ରତ ପାଳୁଛି..।।

ବ୍ରତ ପାଳନ ଯେ ସାତଦିନ
ତା 'ପରେ ପାଇବ ସାଧା ଜୀବନ
ପରିସୀମା ହେବ ପରିବ୍ୟାପ୍ତ
ସ୍ଵାଧୀନତା ହେବ ତାର ଉନ୍ମୁକ୍ତ
ଏବେ କିନ୍ତୁ ତିନିଦିନ ଯାଏଁ
ମାନିବାକୁ ପଡିବ ସମାଜ ରାୟେ....।।

ସମାଜ ରାୟ ସତେ କି ଏହା
କି ମଣିଷ ତିଆରି ନିୟମ ପରା
ରୀତିନୀତି କିଛି ଅଛି,
କି ଖାଲି ଏକ ପ୍ରଶ୍ନବାଚୀ..?
କିନ୍ତୁ ବ୍ରତ ପାଳନ କରିବା ନାରୀର ଧର୍ମ,
କାରଣ ସେ ଋତୁମତି..
ପ୍ରତି ମାସରେ ତାର ଏ ପ୍ରକ୍ରିୟା
ଆଉ ଏଇ ପ୍ରକ୍ରିୟାରେ
ସେ ହୋଇଯାଏ ଅଛବ....।।

ପ୍ରଶ୍ନ ଉଠେ
ଧରିତ୍ରୀ ମାଆ ବି ଋତୁମତି ହୁଏ,
ପ୍ରତି ଫୁଲରେ ଫଳ ଧରିବା ପୂର୍ବରୁ
ସଙ୍ଗତି ଆବଶ୍ୟକ ହୁଏ..

ISSN NO.
2582-208X

ନାରୀର ଏ ସୁଲଭତା ପାଇଁ
ତ ସୃଷ୍ଟିର ସର୍ଜନା..
ସେ ହିଁ ଜୀବନ ସୃଷ୍ଟିର ମାଧ୍ୟମ ..।।

ବୀଜଟିଏ ଅଙ୍କୁରିତ ହେଲେ,
ତାକୁ ପ୍ରାଥମିକତା ଦେବା ବଦଳରେ
ପ୍ରତିବନ୍ଧକର ଶିକୁଳି ପିନ୍ଧାଇଲେ,
ଫୁଲ ଫଳ ଛାଇର ଆଶା କରିବା
କେତେଦୂର ଠିକ ?
ଯଦି ଭୁଲ ହୁଏ,
ରଜସ୍ୱଳା ନାରୀ ପାଇଁ
ଏ ପ୍ରତିବନ୍ଧକ କଣ ପାଇଁ ?
କ'ଣ ସମାଜର ଆଇନ ପାଇଁ
ନା ମଣିଷଗଢା ନିୟମ ପାଇଁ... ?

(((–)))

କନ୍ଧମାଳ

ISSN NO.
2582-208X

# ଦକ୍ଷିଣ ଉପାନ୍ତ ଅଞ୍ଚଳର ଅବଲୁପ୍ତପ୍ରାୟ ପ୍ରଦର୍ଶନଶୀଳ କଳା: ଏକ ଦୃଷ୍ଟିକୋଣ

କୁରେଶୁ ମହାରଣା

ଲୋକ ସଂସ୍କୃତିର ବିବିଧ ବିଭାଗ ମଧ୍ୟରୁ 'ଲୋକକଳା' ଅନ୍ୟତମ । 'ଲୋକକଳା' କହିଲେ ଆମେ ସାଧାରଣତଃ ବୁଝିଥାଉ ଲୋକସମାଜ ତଥା ଲୋକମାନସରେ ପ୍ରତିଫଳିତ ଲୋକଜୀବନର କଳାତ୍ମକ ଅଭିବ୍ୟକ୍ତିର ମାର୍ମିକ ଆବେଦନକୁ । କିନ୍ତୁ ସଂକ୍ଷିପ୍ତ ଅର୍ଥରେ କହିବାକୁ ଗଲେ ଯେଉଁ କଳା ଲୋକସମାଜରୁ ସୃଷ୍ଟି ଓ ଲୋକମାନସରେ ପ୍ରତିଫଳିତ ତାହା ହିଁ ଲୋକକଳାର ପଦବାଚ୍ୟ । ମାନବ ସଭ୍ୟତା ଭଳି ଲୋକକଳା ମଧ୍ୟ ବହୁ ପ୍ରାଚୀନ । ମାନବ ସଭ୍ୟତାର ଉନ୍ମେଷ କାଳରୁ ଏହାର ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ମାନବ ସମାଜର ଚାଲିଚଳଣି, ଆଚାର ବ୍ୟବହାର, ସଂସ୍କୃତି, ପରମ୍ପରା ଦ୍ୱାରା ହିଁ ବିକାଶ ଲାଭ କରିଛି । ତେଣୁ ଏହା ମାନବ ସମାଜର କଳାତ୍ମକ ଆବେଦନର ପ୍ରତିଶ୍ରୁତିର ଫଳସ୍ୱରୂପ । ଏହି 'ଲୋକକଳା'କୁ ଆମେ ସାଧାରଣତଃ ଦୁଇଗୋଟି ଭାଗରେ ବିଭକ୍ତ କରିପାରିବା । ଯଥା (କ) ପ୍ରଦର୍ଶନଶୀଳ ଲୋକକଳା ଓ (ଖ) ଚିତ୍ରକଳା । ଏହି ଉଭୟ କଳାର ଭିତ୍ତିଭୂମି ହେଉଛି ପୁଣ୍ୟଭୂମି ଉତ୍କଳ ପ୍ରଦେଶ ।

ଉତ୍କଳ ଭୂମିର ପ୍ରତ୍ୟେକ ଅଞ୍ଚଳ କଳା, ସଂସ୍କୃତି, ପରମ୍ପରା ପାଇଁ ପ୍ରସିଦ୍ଧି ଅର୍ଜନ କରିଛି । ଏହି ଦୃଷ୍ଟିରୁ ବିଚାର କଲେ ଉତ୍କଳ ପ୍ରଦେଶର ଦକ୍ଷିଣ ସୀମାନ୍ତ ଅଞ୍ଚଳ କଳା, ସାହିତ୍ୟ, ସଂଗୀତ, ସଂସ୍କୃତି, ପରମ୍ପରା ପାଇଁ ଉତ୍କଳ ପ୍ରଦେଶ କାହିଁକି ସମଗ୍ର ଭାରତରେ ପରିଚିତ ଓ ପ୍ରତିଷ୍ଠିତ । ସାଧାରଣତଃ ଆମେ ଓଡ଼ିଶାର ଦକ୍ଷିଣ ସୀମାନ୍ତ ଅଞ୍ଚଳ କହିଲେ ବୁଝିଥାଉ ଗଂଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କୋରାପୁଟ ଆଦି ସ୍ଥାନମାନଙ୍କୁ । ଏହି ଅଞ୍ଚଳର ସଂସ୍କୃତି, ପରମ୍ପରା ଅନ୍ୟାନ୍ୟ ଅଞ୍ଚଳମାନଙ୍କ ଠାରୁ ନିଆରା । ଏଠାରେ ଆର୍ଯ୍ୟ, ଦ୍ରାବିଡ଼ ଓ ଆଦିବାସୀ ଆଦି ବିଭିନ୍ନ ପ୍ରଜାତିର ଲୋକମାନେ ବସବାସ କରୁଥିବାରୁ ଏମାନଙ୍କ ସଂସ୍କୃତିର ଏକ ମିଶ୍ରିତ ଧାରାକୁ ଆମେ ଦେଖିବାକୁ ପାଇଥାଉ । ସେ ଯାହା ହେଉନା କାହିଁକି ଏହି ଅଞ୍ଚଳର ଅଧିବାସୀମାନଙ୍କ ଜୀବନଚର୍ଯ୍ୟାକୁ ଯଦି ଆମେ ଅନୁଧ୍ୟାନ କରିବା ଏମାନେ ଖୁବ୍ କଳାପ୍ରିୟ । ଏମାନେ ଜୀବନର ବାସ୍ତବତାକୁ ଅନୁଭବ କରୁଥିବାରୁ ସଦା ସଂଗୀତ,

ISSN NO.
2582-208X

ଅଭିନୟ, ନାଟକ ଆଦି କଳା ମାଧ୍ୟମରେ ଆନନ୍ଦମୟ ଜୀବନଯାପନ କରିଥାନ୍ତି । ତେଣୁ ଏମାନଙ୍କର ସଂସ୍କୃତିର ଅନ୍ୟତମ ପରିଚୟ ଏମାନଙ୍କର କଳାତ୍ମକ ଭାବବୋଧ ।

ସାଧାରଣତଃ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ସଂସ୍କୃତିକୁ ଯଦି ଆମେ ଅବଲୋକନ କରିବା, ତେବେ ସେମାନଙ୍କ ସଂସ୍କୃତିର ଅନ୍ୟତମ ପରିଚୟ ପ୍ରଦର୍ଶନଶୀଳ କଳା । ପ୍ରଦର୍ଶନଶୀଳ କଳା କହିଲେ ଆମେ ସାଧାରଣତଃ ବୁଝିଥାଉ ଯେ କୌଣସି ଏକ ବିଷୟକୁ ଆଧାର କରି ଅଙ୍ଗଭଙ୍ଗୀ ମାଧ୍ୟମରେ ଅର୍ଥ ଉପାର୍ଜନ ନିମିତ୍ତ ହେଉ କିମ୍ବା ଚିତ୍ତ ବିନୋଦନ ନିମନ୍ତେ ନାଟ୍ୟାଭିନୟକୁ । ଏହାକୁ ସେମାନେ ପର୍ବପର୍ବାଣି, ଯାନିଯାତ୍ରା, ମେଳା ମହୋତ୍ସବ, ମାଙ୍ଗଳିକ କାର୍ଯ୍ୟକ୍ରମ ଆଦିରେ ପ୍ରଦର୍ଶନ କରିଥାନ୍ତି । ଏଥିରେ ସେମାନଙ୍କ ସଂସ୍କୃତି, ପରମ୍ପରା, ଭାଷା ସାହିତ୍ୟର ପରିଚୟ ମଧ୍ୟ ଆମେ ଦେଖିବାକୁ ପାଇଥାଉ ।

ଏହି ଦୃଷ୍ଟିରୁ ବିଚାର କଲେ ଦକ୍ଷିଣ ଉପାନ୍ତ ଅଞ୍ଚଳରେ ଆମେ ଅନେକ ଲୋକନାଟକ ଦେଖିପାରିବା ଯେପରି- ଦାସକାଠିଆ, ଭାରତଲୀଳା, ପ୍ରହ୍ଲାଦ ନାଟକ, ରାମଲୀଳା, କୃଷ୍ଣ ଲୀଳା, ଦଣ୍ଡନାଚ, ରାଧାପ୍ରେମଲୀଳା ଆଦି ବହୁବିଧ ଲୋକନାଟକ ବା ପ୍ରଦର୍ଶନଧର୍ମୀ କଳାରୂପ, କିନ୍ତୁ ଆଜିର ଏ ଆଧୁନିକ ଯୁଗରେ ଆହୁରି ଅନେକ ପ୍ରଦର୍ଶନଧର୍ମୀ ଲୋକନାଟକଗୁଡ଼ିକ ଲୁପ୍ତ ହେବାରେ ଲାଗିଛି ବା ଲୋପ ହେବାକୁ ବସିଲାଣି । ସେଗୁଡ଼ିକ ସଂପର୍କରେ ସଂକ୍ଷିପ୍ତ ଭାବରେ ଆଲୋଚନା କରିବା ହିଁ ମୋ ପ୍ରବନ୍ଧନର ବିଶେଷତ୍ୱ । ତାହା ସଂପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା ।

### ସଖୀନାଚ:

'ସଖୀନାଚ' ଦକ୍ଷିଣ ଉପାନ୍ତ ଅଞ୍ଚଳର ଏକ ଲୋକପ୍ରିୟ ପ୍ରଦର୍ଶନଧର୍ମୀ ଲୋକକଳା । ଏହି ନାଚ ମାଧ୍ୟମରେ ସାଧାରଣତଃ ବୈଷ୍ଣବଧର୍ମର ପ୍ରଚାର ପ୍ରସାର କରାଯାଇଥିଲା ଅତୀତରେ। ଏଥିରେ ଦୁଇ ଚାରି ଗୋଟି ଛୋଟ ଝିଅ ବା ପୁଅ ସଖୀ ଭୂମିକାରେ ଅଭିନୟ କରି ରାଧାକୃଷ୍ଣଙ୍କ ପ୍ରଣୟ ଆଖ୍ୟାନକୁ ଅଭିନୟ କରୁଥିଲେ । ତତ୍‌ସହିତ ପ୍ରାଚୀନ କବି ଯଥା: କବି ଗୋପାଳକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ ବଳଦେବ ରଥ ଆଦି କବିମାନଙ୍କ ଚଉପଦୀ, ଚଉତିଶା, ଭଜନ, ଜଣାଣ ଆଦିକୁ ଗାନ କରି ନୃତ୍ୟ ପ୍ରଦର୍ଶନ କରୁଥିଲେ । ଆଜିର ଏ ଆଧୁନିକ ସମାଜ, ସଭ୍ୟତା, ବିଜ୍ଞାନର ପ୍ରଭାବରେ ପ୍ରଭାବିତ ହୋଇ ଏ ନାଚ

ISSN NO.
2582-208X

ଧିରେ ଧିରେ ଲୋପ ପାଇବାରେ ଲାଗିଛି । ଯଦି ଏହାର ସୁରକ୍ଷା କରା ନଯାଏ ତେବେ ଆମ ପରବର୍ତ୍ତୀ ବଂଶଧର ଏହି ନାଚ କ'ଣ ଏହାର ଆଭାସ ମଧ୍ୟ ପାଇପାରିବେ ନାହିଁ ।

**କଣ୍ଢେଇନାଚ:**

'କଣ୍ଢେଇନାଚ' ମଧ୍ୟ ଦକ୍ଷିଣ ଉପାନ୍ତ ଅଞ୍ଚଳର ଏକ ଲୋକପ୍ରିୟ ପ୍ରଦର୍ଶନଶୀଳ ଲୋକକଳା। ଏହାର ସୃଷ୍ଟି ସପ୍ତଦଶ ଶତାବ୍ଦୀରେ ବୋଲି ଅନେକ ଆଲୋଚକମାନେ ମତପ୍ରଦାନ କରିଛନ୍ତି । ସାଧାରଣତଃ ଏହି ନାଚରେ କଣ୍ଢେଇ ସ୍ୱରୂପ ବିଭିନ୍ନ ଚିତ୍ରମାନଙ୍କୁ ପ୍ରସ୍ତୁତ କରି ତା'ର ମଧ୍ୟରେ ମଣିଷମାନେ ପଶି ରାମାୟଣ, ମହାଭାରତ ଆଦି ଗୀତିନାଟ୍ୟର ବିଷୟବସ୍ତୁକୁ ଆଧାର କରି ଅଭିନୟ କରାଯାଉଥିଲା । ଗାଁର ଯାତ୍ରା, ପର୍ବପର୍ବାଣି ସମୟରେ କିନ୍ତୁ ଆଜି ଏ ଲୋକନାଚ ଧିରେ ଧିରେ ଲୋପ ପାଇବାରେ ଲାଗିଛି। ଏହା କେବଳ ବର୍ତ୍ତମାନ ଗଂଜାମର ଘୁମୁସର ଅଞ୍ଚଳର ବଡ଼କୋଦଣ୍ଡା, ରାଜକୁଣ୍ଡ, ଦିଗପହଣ୍ଡିର ପଦ୍ମନାଭପୁର ଆଦି ଅଞ୍ଚଳରେ ଆମେ ଦେଖିପାରିବା ।

**ଢୁମ୍ପାନାଚ:**

ଗଂଜାମ ଅଞ୍ଚଳର ଅନ୍ୟତମ ଲୋକକଳା ଭାବରେ ଢୁମ୍ପାନାଚ ପରିଚିତ । ଆଲୋଚକମାନେ ମତପ୍ରଦାନ କରନ୍ତି ଢୁମ୍ପା ବାଦ୍ୟର ତାଳେ ତାଳେ ଯେଉଁ ନୃତ୍ୟ ପରିବେଷଣ କରାଯାଏ ତାହା ଢୁମ୍ପାନାଚ ଏବଂ ଢୁମ୍ପା ବାଦ୍ୟକୁ ଆଧାର କରି ଯେଉଁ ସଂଗୀତ ଗାନ କରାଯାଇଥାଏ ତାହାକୁ 'ଢୁମ୍ପା ସଂଗୀତ' ବୋଲି ଅଭିହିତ କରାଯାଏ । ଏହି ନାଚ ପ୍ରାରମ୍ଭିକ ପର୍ଯ୍ୟାୟରେ ଅରଣ୍ୟାନି ପରିବେଶ ମଧ୍ୟରେ ରହିଥିବା ଆଦିବାସୀ ଯଥା– ଶବର, ସଉରା, କନ୍ଧ, ଆଦି ପ୍ରଜାତିର ବନବାସୀମାନେ ବଜାଉଥିଲେ ଏବଂ ତାହାର ତାଳେ ତାଳେ ନୃତ୍ୟ ମଧ୍ୟ କରୁଥିଲେ । ଏଥିରେ ସାଧାରଣତଃ ପୌରାଣିକ ବିଷୟବସ୍ତୁକୁ ଆଧାର କରି ବାଦ୍ୟର ତାଳେ ତାଳେ ଅଭିନୟ କୌଶଳରେ ନୃତ୍ୟ ପରିବେଷଣ କରାଯାଉଥିଲା । ତତ୍‌ସହିତ ପ୍ରାଚୀନ ସାହିତ୍ୟର ଚଉପଦୀ, ଚଉତିଶା, ଭଜନ, ଜଣାଣକୁ ମଧ୍ୟ ଗାନ କରାଯାଇ ଢୁମ୍ପାବାଦ୍ୟ ମାଧ୍ୟମରେ ନୃତ୍ୟ ପରିବେଷଣ କରାଯାଉଥିଲା । ଆମ ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି କବିସୂର୍ଯ୍ୟ ବଳଦେବ ରଥଙ୍କୁ ଆମେ 'ଢୁମ୍ପା ସଂଗୀତ'ର ଜନକ ଭାବରେ ଗ୍ରହଣ କରିଥାଉ । ଏହି ଲୋକକଳାର ମଧ୍ୟ ପ୍ରଚାର ପ୍ରସାର କମିବାରେ ଲାଗିଛି । ବର୍ତ୍ତମାନ ଆମେ ବଡ଼ଖେମୁଣ୍ଡି ଗଡ଼ ବା ଆଧୁନିକ ଦିଗପହଣ୍ଡି ଅଞ୍ଚଳରେ ଏହାର ପ୍ରଚଳନ ଥିବାର ପ୍ରମାଣ ପାଇଥାଉ ।

ISSN NO.
2582-208X

## ପିଲାଖାଇ ଡାହାଣୀ ନାଚ:

ଦକ୍ଷିଣ ଉପାନ୍ତ ଅଞ୍ଚଳ ଅନ୍ୟତମ ଲୋକକଳାର ନିଦର୍ଶନ ହେଉଛି 'ପିଲାଖାଇ ଡାହାଣୀ ନାଚ' । ଏହି ନାଚ ଅତୀତରେ ଗଂଜାମ, ଗଜପତି, କୋରାପୁଟ, ରାୟଗଡ଼ା ଆଦି ଜିଲ୍ଲାରେ ଠାକୁରାଣୀ ଯାତ୍ରା ସମୟରେ ପ୍ରଦର୍ଶିତ ହେଉଥିଲା । ଚାଙ୍ଗୁ ବାଦ୍ୟର ତାଳେ ତାଳେ ଗ୍ରାମର ଗୋଟିଏ ବ୍ୟକ୍ତି ଡାହାଣୀ ବେଶ ଧାରଣ କରି ଗୋଟିଏ କଣ୍ଢେଇ ଧରି ନୃତ୍ୟ ପରିବେଷଣ କରୁଥିଲା । କିନ୍ତୁ ଆଜି ଏ ନାଚ ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଛି ।

## ଦେଶିଆ ନାଟ:

'ଦେଶିଆ ନାଟ' ଦକ୍ଷିଣ ସୀମାନ୍ତ ଅଞ୍ଚଳର ଅନ୍ୟତମ ଲୋକକଳା । ଏହି ନାଟ ସାଧାରଣତଃ କୋରାପୁଟ ଜିଲ୍ଲାର ଜୟପୁର ଓ ଅନ୍ୟାନ୍ୟ କେତେକ ଅଞ୍ଚଳରେ ଆମେ ଦେଖିବାକୁ ପାଇଥାଉ । କୋରାପୁଟର ଆଦିବାସୀ ତଥା ପରଜା ସଂପ୍ରଦାୟର ଲୋକମାନେ ଏହି ନାଚ କରିଥାନ୍ତି । ଏଥିରେ ସାଧାରଣତଃ ପଶୁ, ପକ୍ଷୀ, ରାକ୍ଷସ, ଦେବତା ଆଦିର ମୁଖାକୁ ଧାରଣା କରାଯାଇଥାଏ । ଢୋଲ, ମହୁରୀ , କାଠତାଳି ଇତ୍ୟାଦି ବ୍ୟବହାର କରି ଗୀତ ଓ ଗଦ୍ୟର ସମାହାରରେ ନୃତ୍ୟ ପରିବେଷଣ କରାଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ପୁରାଣର ଆଖ୍ୟାନ ଯଥା 'କୁମ୍ଭାସୁର ବଧ', 'ସୁଭଦ୍ରା ହରଣ', 'ବାଣାସୁର ବଧ', 'କଂସବଧ', 'ରାବଣ ବଧ' ଆଦି ପ୍ରସଙ୍ଗକୁ ଭିତ୍ତି କରି ଏହି ନାଟ ପରିବେଷଣ କରାଯାଇଥାଏ । କିନ୍ତୁ ଆଜି ସରକାରଙ୍କର ଅନୁନ୍ନତ ଅଞ୍ଚଳ ଓ ବର୍ଗର ଲୋକମାନଙ୍କୁ ସହାୟତା, ଆଧୁନିକ ସହରୀ ସଭ୍ୟତ ପ୍ରତି ସେମାନଙ୍କର ଆସକ୍ତି ଫଳରେ ଏହି ନାଟ ଧୀରେ ଧୀରେ ଲୋପ ପାଇବାକୁ ବସିଛି ।

## ଭୂତକେଳି:

ଦକ୍ଷିଣ ଉପାନ୍ତ ଅଞ୍ଚଳର ଅନ୍ୟତମ ଲୁପ୍ତପ୍ରାୟ ଲୋକକଳା ହେଉଛି ଭୂତକେଳି । ଏହି ନାଚ ସାଧାରଣତଃ ଗଂଜାମ ଓ ରାୟଗଡ଼ା ଜିଲ୍ଲାରେ ବହୁଳ ପ୍ରଚଳନ ଥିଲା । ଏଥିରେ ଶ୍ରୀକୃଷ୍ଣ ଓ ରାଧାଙ୍କ ପ୍ରଣୟମୂଳକ ଆଖ୍ୟାନକୁ କୌତୁହଳ ଭଙ୍ଗୀରେ ଉପସ୍ଥାପନ କରାଯାଇ ନୃତ୍ୟ ପରିବେଷଣ କରାଯାଉଥିଲା । ରାଧା, ଶ୍ରୀକୃଷ୍ଣ, ଦୂତୀ, ଚନ୍ଦ୍ରସେଣା, ଆଦି ମୁଖ୍ୟ ଚରିତ୍ର ଭାବରେ ଉକ୍ତ ନାଟକରେ ଥିବାବେଳେ ଗୌଣ ଚରିତ୍ର ଭାବରେ ସଖୀ ସହଚରୀମାନେ ଥିଲେ । ରାଧା ଓ ଶ୍ରୀକୃଷ୍ଣଙ୍କ ପ୍ରେମର ମିଳନକାରିଣୀ ଭାବରେ 'ଦୂତୀ' ମୁଖ୍ୟ ଭୂମିକା

ISSN NO.
2582-208X

ଗ୍ରହଣ କରି ରାଧା ଓ ଶ୍ରୀକୃଷ୍ଣଙ୍କ ମିଳନ କରାଇଥିଲା । ଚନ୍ଦ୍ରସେଣାକୁ ଏ କଥା ଜ୍ଞାତ ହେବା ପରେ ଶ୍ରୀକୃଷ୍ଣ ଭୂତ ହୋଇ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ଏହିଭଳି ବିଷୟବସ୍ତୁକୁ ଆଧାର କରି ଉକ୍ତ ନାଟକ ଶିବରାତ୍ରି, ଦୋଳଯାତ୍ରା, ଠାକୁରାଣୀ ଯାତ୍ରା, ଗଣେଶ ପୂଜା ଆଦି ପବିତ୍ର ଦିନମାନଙ୍କରେ ପ୍ରଦର୍ଶିତ ହେଉଥିଲା । ଆଜି ଏହାର ପ୍ରଚଳନ ଧୀରେ ଧୀରେ ଲୋପ ପାଇବାକୁ ବସିଛି । ଗଂଜାମ ଓ ରାୟଗଡ଼ା ଜିଲ୍ଲାର ପଦ୍ମପୁର ଠାରେ  ବେଳେବେଳେ ଏହା ଦେଖିବାକୁ ମିଳୁଛି । ଏହି ଲୋକନାଟର ମଧ୍ୟ ଆବେଦନ ଧୀରେ ଧୀରେ ଆମ ସଂସ୍କୃତି ପରମ୍ପରାରୁ ଲୋପ ପାଇବାକୁ ବସିଛି ।

### ଘୁଡୁକି ନାଟ:

ଗଂଜାମ ଜିଲ୍ଲାରେ ପ୍ରସିଦ୍ଧି ଅର୍ଜନ କରିଥିବା ଲୋକନାଟକଗୁଡ଼ିକ ମଧ୍ୟରୁ 'ଘୁଡୁକି ନାଟ' ସ୍ୱତନ୍ତ୍ର ସ୍ଥାନର ଅପେକ୍ଷା ରଖେ । ଅନ୍ୟାନ୍ୟ ଲୋକନାଟକ ଭଳି ଏହାର ମଧ୍ୟ ଏକ ସ୍ୱତନ୍ତ୍ର ଆବେଦନ ରହିଛି । ଯେପରି ଢ଼ୁମ୍ପା ବାଦ୍ୟକୁ ଆଧାର କରି ଢ଼ୁମ୍ପା ନୃତ୍ୟ, ଯୋଡ଼ିଶଙ୍ଖକୁ ଆଧାର କରି ଯୋଡ଼ିଶଙ୍ଖ ନୃତ୍ୟ, ଠିକ୍ ସେହିପରି ଘୁଡୁକି ବାଦ୍ୟକୁ ଆଧାର କରି ଘୁଡୁକି ନାଟ ବିକଶିତ । ସାଧାରଣତଃ ଲାଉତୁମ୍ବା ବା କାଠ ନିର୍ମିତ ଏକ ଖୋଳରେ ତାର ବାନ୍ଧି ଏହି ବାଦ୍ୟ ପ୍ରସ୍ତୁତି କରାଯାଇଥାଏ । ଏଥିରେ ବାଦ୍ୟକାର କୌଶଳ କ୍ରମେ ଘୁଡୁକି ବାଦ୍ୟକୁ ବଜାଇ ସଂଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରିଥାଏ । ଏହି ନାଟରେ ସାଧାରଣତଃ ୨ରୁ ୪ ଜଣ ସଖୀ ପିଲାର ଆବଶ୍ୟକତା ରହିଥାଏ । ଏହି ନାଚର ମୁଖ୍ୟ ଅଭିନେତା ବାଦ୍ୟକାର । ତାଙ୍କୁ ସାହାଯ୍ୟ କରିବା ପାଇଁ କେତେକ ସ୍ଥାନରେ ୨ରୁ ୩ଜଣ ସଖୀ ପିଲା ରହିଥାନ୍ତି । ସେମାନେ ପୁରାଣର ବିଭିନ୍ନ ବିଷୟକୁ ଗୀତିନାଟ୍ୟ ମାଧ୍ୟମରେ ମୁକ୍ତାକାଶ ତଳେ ଗାନ କରିଥାନ୍ତି । ବେଳେବେଳେ ଆମ ପ୍ରାଚୀନ ସାହିତ୍ୟର ବହୁ କବିଙ୍କ ଛାନ୍ଦ, ଚଉପଦୀ, ଚଉତିଶା, ଭଜନ ଆଦିକୁ ପରିବେଷଣ କରି ଲୋକମାନଙ୍କ ମନୋରଞ୍ଜନ କରିଥାନ୍ତି ।

### ବେଜୁ ନାଚ:

ଗଜପତି ଓ ରାୟଗଡ଼ା ଜିଲ୍ଲାର ଅନ୍ୟତମ ଲୋକକଳା ଭାବରେ 'ବେଜୁନାଚ' ପରିଚିତ । ଉଭୟ ଆଦିବାସୀ ଓ ତେଲୁଗୁ ସଂପ୍ରଦାୟର ଲୋକମାନେ ଏହି ନାଚରେ ଅଂଶଗ୍ରହଣ କରିଥାନ୍ତି । ସାଧାରଣତଃ ଗଜପତି ଓ ରାୟଗଡ଼ା ଜିଲ୍ଲାର ଲୋକମାନେ ଗ୍ରାମ୍ୟ ଠାକୁରାଣୀ

ISSN NO.
2582-208X

ପୂଜକମାନଙ୍କୁ 'ବେଜୁ' ଭାବରେ ଅଭିହିତ କରିଥାନ୍ତି । ଏମାନେ ଠାକୁରାଣୀଙ୍କ ପୂଜକ ହେତୁ ତନ୍ତ୍ରସାଧନା, ଗୁଣି, ତାନ୍ତ୍ରିକ ବିଦ୍ୟାରେ ଶିକ୍ଷା ଅର୍ଜନ କରିଥାନ୍ତି । ଠାକୁରାଣୀଙ୍କ ପରେ ଗ୍ରାମ୍ୟ ଲୋକମାନେ ତାଙ୍କୁ ଗ୍ରାମର ବିପଦ ଆପଦ, ସୁବିଧା ଅସୁବିଧାରେ ସାହାଯ୍ୟ ସହଯୋଗ ମାଗିଥାନ୍ତି । ଯେତେବେଳେ ଗ୍ରାମର ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ ସେତେବେଳେ ଠାକୁରାଣୀ ଆଶିଷ ପୁଷ୍ପକୁ ଧରି ଚାଙ୍ଗୁଡ଼ି ମଧ୍ୟରେ ନୃତ୍ୟ ପରିବେଷଣ କରିଥାଏ ବାଦ୍ୟର ତାଳେ ତାଳେ । ଏହି ଲୋକନାଟକର ମଧ୍ୟ ପ୍ରଚଳନ ବର୍ତ୍ତମାନ ସମୟରେ କମିବାରେ ଲାଗିଛି ।

### ଚଢ଼େୟା ନାଟ:

ଦକ୍ଷିଣ ଉପାନ୍ତ ଓଡ଼ିଶାର ଅନ୍ୟତମ ଲୋକନାଟ୍ୟ ହେଲା 'ଚଢ଼େୟା ନାଟ' । ଏହି ନୃତ୍ୟ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, କୋରାପୁଟ ଏବଂ ଗଂଜାମ ଜିଲ୍ଲାର କେତେକ ସ୍ଥାନରେ ଦେଖିବାକୁ ମିଳିଥାଏ । ଶବର, ମୁଣ୍ଡା, ପରଜା, କନ୍ଧ, ଶଉରା ଆଦି ସଂପ୍ରଦାୟର ଆଦିବାସୀ ଜନଜାତିମାନଙ୍କର ଏହା ଏକ ଲୋକପ୍ରିୟ ନାଟକ । ବଣଜଙ୍ଗଲରେ ଏମାନେ ବସବାସ କରି ନିଜର କର୍ମକ୍ଳାନ୍ତ ଜୀବନକୁ ଅଫୁରନ୍ତ ଆନନ୍ଦ ପ୍ରଦାନ କରିବା ନିମନ୍ତେ ଢୋଲ, ତାଳ, କାହାଳୀ ଆଦି ବାଦ୍ୟ ଧ୍ୱନିକୁ ପାଥେୟ କରି ପୁରୁଷ ଓ ନାରୀ ଉକ୍ତ ନୃତ୍ୟ ପରିବେଷଣ କରିଥାନ୍ତି ଶିବ ଓ ପାର୍ବତୀଙ୍କୁ ଆରାଧନା କରି । ଏହି ନାଟର ପ୍ରଭାବ ମଧ୍ୟ ଗଂଜାମ ଜିଲ୍ଲାର ପ୍ରସିଦ୍ଧ ଲୋକନୃତ୍ୟ 'ଦଣ୍ଡନାଚ'ରେ ଆମେ ଦେଖିବାକୁ ପାଇଥାଉ । ଆଧୁନିକ ମନୁଷ୍ୟର ନୂତନ ଚିନ୍ତା ଓ ଚେତନା ଦ୍ୱାରା ଆମେ ଆଉ ଦଣ୍ଡନାଚରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ପାଉନାହୁଁ ।

ପରିଶେଷରେ ଏତିକି କହିପାରିବା ଉକ୍ତ ନାଟମାନଙ୍କ ବ୍ୟତୀତ 'ରାଜାରାଣୀ ନାଟ', 'କେଳା ନାଟ', 'ପଶୁମୁଖା ବାଘ ନାଚ', 'ହରି କଥା', 'କୋଠିଶାଳ ନାଚ' ଆଦି ଉପାନ୍ତ ଅଞ୍ଚଳର ଅନେକ ଲୋକନାଟକ ବିସ୍ମୃତି ଗର୍ଭରେ ଲୀନ ହେବାକୁ ବସିଛି ଏବଂ ଅନେକ ଲୋକକଳା ମଧ୍ୟ ଲୋକ ପାଇଗଲାଣି । ଏଗୁଡ଼ିକ ଯଦି ଯଥା ସମୟ ପୂର୍ବରୁ କାଳଗର୍ଭରୁ ଉଦ୍ଧାର ନ କରାଯାଏ, ତେବେ ଆମ ଅମଳୀନ ସଂସ୍କୃତି ଓ ପରମ୍ପରା ସମୂଳେ ନଷ୍ଟ ହୋଇଯିବ କହିଲେ ଅତ୍ୟୁକ୍ତି ହେବନାହିଁ । ବାସ୍ତବରେ କହିବାକୁ ଗଲେ ଏହି ଲୋକନାଟକଗୁଡ଼ିକ ଦକ୍ଷିଣ ଓଡ଼ିଶାର ସଂସ୍କୃତି, ସାହିତ୍ୟ, ଭାଷାର ବିକାଶ ପଥରେ ମୁଖ୍ୟ ଭୂମିକା ଗ୍ରହଣ କରିଛି

ISSN NO.
2582-208X

କହିଲେ ଅତିକଥନ ହେବନାହିଁ । ତେଣୁ ଏଗୁଡ଼ିକର ସଂରକ୍ଷଣ ଆମ ଜାତୀୟ କର୍ତ୍ତବ୍ୟ ହେବା ଉଚିତ ।

ସହାୟକ ଗ୍ରନ୍ଥସୂଚୀ:

୧. ପାଣିଗ୍ରାହୀ, ଲମ୍ବୋଦର, ଗଂଜାମର ଲୋକସାହିତ୍ୟ ଓ ସଂସ୍କୃତି, ପ୍ରକାଶକ: ସୁଧା ପ୍ରକାଶନୀ, ୨୦୧୪

୨. ମିଶ୍ର, ଅଜୟ କୁମାର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ପ୍ରକାଶକ: ବିଜୟିନୀ, ୨୦୧୭

୩. ସ୍ୱାଇଁ, କବିଚନ୍ଦ୍ର, ଦକ୍ଷିଣ ଓଡ଼ିଶାର ଲୋକନାଟକ, ପ୍ରକାଶିକା: ଗୀତାରାଣୀ ସ୍ୱାଇଁ, ୨୦୧୭

(((-)))

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଂଜବିହାର, ବ୍ରହ୍ମପୁର

ISSN NO.
2582-208X

# ମନତଳର ଭାଷା



ସରୋଜ କୁମାର ସାହୁ

ଯାହାତୁମ ଓଠ କହିପାରେ ନାହିଁ
କହି ଦିଏ ଦୁଇ ଆଖି
ସେଇ ଆଖି ପରା ଭିଜିଛି ଶ୍ରାବଣେ
ତୁମେ ନୁହଁ ମୁଁ ସାକ୍ଷୀ l
ଯେତେ ଦୂରତାରେ ଥିଲେ ତୁମଠୁ
ଲାଗେ ମୋତେ ଆଖପାଖ
ସବୁ ତ ଲାଗଇ ସୁନ୍ଦର ପରିକା
ଦେଖି ତୁମ ହସ ମୁଖ l
କୋଳାହଳ ପରି ଲାଗେ ନିରବତା
ଆଖି ଖୋଲି ଚାହଁ ଯେବେ
କିଛି କହୁଥାଅ ଓଠ ତଳେ ଥାପି
ଲୁଚାଅ ବି କିଛି ଲୋଭେ l
କାହାକୁ ପଚାରି ବୁଝିବି ସେ ଭାଷା
କିଏ ଦେବ ପରିଚୟ
ହରାଇ ସାରିଛି ଠିକଣା ନିଜର
ପାଶୋରି ମୁଁ ଡରଭୟ l
ଯାହାବି ଦେଖିଲେ ଲାଗେ ତୁମପରି
ପୁଲକରେ ମନ ଭିଜେ
ସବୁ ଥାଇ ପୁଣି ନଥିଲା ପରିକା
ବଣ ପାହାଡରେ ଖୋଜେ l

ଆଠଗଡ଼ କଟକ

ISSN NO.
2582-208X

# ଉତ୍ତର ଆଧୁନିକ ଅନୂଦିତ ନାଟକ



ରଶ୍ମିତା ସାହୁ

ସାହିତ୍ୟ କଳାକାରିଗରୀର ଏକ ବୈଚିତ୍ର୍ୟପୂର୍ଣ୍ଣ ରଙ୍ଗଶାଳା । କବିତା, ଗଳ୍ପ, ଉପନ୍ୟାସ, ନାଟକ, ଅନୁବାଦ, ଭ୍ରମଣ ସାହିତ୍ୟ, ଜୀବନୀ, ଆତ୍ମଜୀବନୀ, ସମାଲୋଚନା ଏହାର କଳାଭୂମି । ଏହି କଳାଭୂମିରେ ବିଚରଣ କରୁଥିବା ଏକ ମହତ୍ୱପୂର୍ଣ୍ଣ ବିଭାଗ ଭାବରେ 'ନାଟକ' ବେଶ୍ ଲୋକପ୍ରିୟ । ଅବସର ବିନୋଦନ ଉଦ୍ଦେଶ୍ୟରେ ହେଉ ଅବା ଅନୁକରଣ ତତ୍ୱ ଆଧାରରେ ସୃଷ୍ଟି ହୋଇଥିବା ନାଟକ ଯେ ସୃଷ୍ଟିର ଏକ ସ୍ୱୟଂସଂପୂର୍ଣ୍ଣ ବିଭବ ଏଥିରେ ଦ୍ୱିମତ ନାହିଁ । ସମାଲୋଚକ ରାମଚରଣଙ୍କ ଭାଷାରେ 'Drama starts where logic ends' ଅର୍ଥାତ୍, ସମସ୍ତ ତର୍କ ବା ଯୁକ୍ତିର ଶେଷ ଯେଉଁଠି, ସେଇଠି ନାଟକର ସୃଷ୍ଟି । ଦର୍ଶକମାନଙ୍କ ରୁଚି, ଗ୍ରହଣ କରିବାର କ୍ଷମତା ଓ ମଞ୍ଚୋପଯୋଗୀ ଅଭିନୟ କଳାକୌଶଳକୁ ଅବଲମ୍ବନ କରି ଶିଳ୍ପୀଟିଏ ନାଟ୍ୟରଚନା ଦିଗରେ ପ୍ରବୃତ୍ତ ହୋଇଥାନ୍ତି । ତେଣୁ ଦେଶ, କାଳ, ପାତ୍ର ଓ ଯୁଗରୁଚି ଅନୁଯାୟୀ ନାଟକକୁ ପରିବର୍ତ୍ତନଶୀଳ କଳା ଭାବରେ ଗ୍ରହଣ କରାଯାଏ । ନାଟ୍ୟକାର ସମସାମୟିକ ପରିବେଶ, ସମୟ, ଯୁଗଚେତନା, ଯୁଗଯନ୍ତ୍ରଣା ତଥା ଯୁଗର ଭାବନାକୁ ନେଇ ନାଟକ ରଚନା ଦିଗରେ ଅନୁବ୍ରତୀ ହୋଇଥା'ନ୍ତି । ବିବର୍ତ୍ତିତ ସମୟଖଣ୍ଡର ଯୁଗଚେତନା ଓ ଯୁଗଯନ୍ତ୍ରଣାର ସ୍ୱର ପରିବର୍ତ୍ତିତ ଓ ପରିମାର୍ଜିତ ହୋଇ ନାଟକରେ ରୂପାୟିତ ହୁଏ ।

ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ଭୌଗୋଳିକ, ସାହିତ୍ୟିକ ବାତାବରଣକୁ ମାର୍ଜିତ, ସୁସଂହତ, ସୁସଂଗଠିତ କରିବା କ୍ଷେତ୍ରରେ ବହୁ ପରିବର୍ତ୍ତନର ସୂତ୍ରପାତ ହୋଇଥାଏ । ଓଡ଼ିଆ ସାହିତ୍ୟର ପ୍ରଥମ ଆଧୁନିକ ନାଟକ 'ବାବାଜୀ' (୧୮୭୭)ଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଦ୍ୱିଦଶନ୍ଧି ଅତିକ୍ରମ କରିବା ବେଳେ ନାଟକର ଆଙ୍ଗିକ ଓ ଆତ୍ମିକ

ISSN NO.
2582-208X

ଗଠନ କଳାରେ ପରିବର୍ତ୍ତନର ସ୍ୱର ଓ ସ୍ୱାକ୍ଷରକୁ ଉପଲବ୍ଧି କରୁ । ଓଡ଼ିଆ ନାଟ୍ୟସାହିତ୍ୟର ବିକାଶଧାରାକୁ ମୁଖ୍ୟତଃ ଚାରିଟି ପର୍ଯ୍ୟାୟର ବିଭାଗରେ ବିଭକ୍ତ କରାଯାଏ ।

ଓଡ଼ିଆ ନାଟ୍ୟ ରଚନାର ପ୍ରାରମ୍ଭିକ ପର୍ଯ୍ୟାୟ ୧୮୭୭–୧୯୨୦ ପର୍ଯ୍ୟନ୍ତ ବ୍ୟାପ୍ତ । ପ୍ରାୟତଃ ଗୋଟିଏ ଧାରାର ନାଟକ ଏହି କାଳରେ ଦେଖିବାକୁ ମିଳେ । ଏହି ପର୍ଯ୍ୟାୟରେ ନାଟ୍ୟକାରମାନେ ସଂସ୍କୃତ, ଇଂରାଜୀ, ବଙ୍ଗଳା ଓ ପାରମ୍ପରିକ ନାଟ୍ୟଶୈଳୀକୁ ଆପଣେଇ ନେଇଥିଲେ । ୧୯୨୦–୧୯୫୦ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସୀମିତ । ମଞ୍ଚରେ ପ୍ରଥମଥର ପାଇଁ ନାରୀମାନଙ୍କ ଅବତରଣ ଓ କଭରସିନ୍‌ର ବ୍ୟବହାର କାଳିଚରଣ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇ ଏକ ନୂତନ ଦିଗ ଉନ୍ମୋଚିତ ହେଲା । ୧୯୫୦ ମସିହାରୁ ୧୯୮୦ ପର୍ଯ୍ୟନ୍ତ ନାଟକ ଅନ୍ୟ ଏକ ପଥାରୂଢ଼ ହେଲା । ନବନାଟ୍ୟ ଆନ୍ଦୋଳନର ସୂତ୍ରପାତ ଓ ଅନେକ ନୂତନ ପରୀକ୍ଷାନିରୀକ୍ଷା ଫଳରେ ଦର୍ଶକମାନେ ମଞ୍ଚଠାରୁ ମୁହଁ ଫେରାଇଲେ ।

ଓଡ଼ିଆ ସାହିତ୍ୟର ମୋଡ଼ ପରିବର୍ତ୍ତନରେ ୧୯୮୦ ପରବର୍ତ୍ତୀ ସମୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ସମୟରେ ସାହିତ୍ୟ ଉତ୍ତର ଆଧୁନିକତାର ସ୍ୱାଦ ଚାଖିଲା । ସାହିତ୍ୟର ସମସ୍ତ ବିଭାଗରେ ଆମ୍ଭେ ପରିବର୍ତ୍ତନକୁ ଉପଲବ୍ଧି କରିଥାଉ । ଓଡ଼ିଆ ନାଟକ ଏହି ପରିପ୍ରେକ୍ଷୀରେ ଏକ ପୁରାତନ ପରମ୍ପରାକୁ ଛିନ୍ନ କରି ନୂତନ ଦିଗ୍‌ବଳୟର ସନ୍ଧାନ କରିଛି । ଦର୍ଶକମାନେ ରଙ୍ଗମଞ୍ଚଠାରୁ ଦୂରେଇ ଆସିବା ଫଳରେ ବ୍ୟବସାୟିକ ରଙ୍ଗମଞ୍ଚଗୁଡ଼ିକର ବିଲୟ ଘଟିଲା । ଏହିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଦର୍ଶକମାନଙ୍କ ରୁଚି ଅନୁଯାୟୀ ନାଟ୍ୟ ରଚନା ଦିଗରେ ପ୍ରବୃତ୍ତ ହେଲେ ନାଟ୍ୟକାରବୃନ୍ଦ । ନାଟକ ମଞ୍ଚାୟନ ପାଇଁ ପ୍ରୋସେନିୟମ୍ ମଞ୍ଚ ବଦଳରେ ମୁକ୍ତମଞ୍ଚ total theater ବା street theater କୁ ଆପଣାଇଲା । ନାଟକକୁ ଜନାଦୃତ କରିବା ପାଇଁ ପାରମ୍ପରିକ ମାଧ୍ୟମ (folk media) ବା ଲୋକ ଉପାଦାନର ପ୍ରୟୋଗ କରାଗଲା । ବିଶେଷକରି ଏଥିରେ ପାଲା, ଦାସକାଠିଆ, ରାସ, ତାମସା, ଗୀତିନାଟ୍ୟ ଆଦି ଲୋକକଳା ବ୍ୟବହୃତ ହେଲା । ଏହି ସମୟରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଗଲା କୋଶଳୀ ନାଟକ କ୍ଷେତ୍ରରେ । ଏଥିରେ ଥିମ୍ ଓ ଫର୍ମ ଦୃଷ୍ଟିରୁ ନୂଆ ପାଣିପାଗ ସୃଷ୍ଟି ହେଲା। ଦର୍ଶକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରଦର୍ଶନ କରାଗଲା ମନଛୁଆଁ ସଂଗୀତ, ଉତ୍କୃଷ୍ଟମାନର ନୃତ୍ୟ, ବାସ୍ତବଧର୍ମୀ ଅଭିନୟ ପ୍ରଭୃତି । ଏହି କାଳରେ ସାରା ବିଶ୍ୱସ୍ତରରେ ହେଉ ବା ଭାରତବର୍ଷରେ ହେଉ ଯେଉଁ ନାଟକ ରଚିତ ହୋଇଛି ସେସବୁ ନିଜର ଲୋକକଳା ପାଇଁ ହିଁ ପ୍ରସିଦ୍ଧି ଅର୍ଜନ କରିପାରିଛି ।

ISSN NO.
2582-208X

ଅନୁବାଦ ସମଗ୍ର ବିଶ୍ୱଜଗତକୁ ଦର୍ଶନାନ୍ମୁଖୀ କରାଏ ଏବଂ ବିଶ୍ୱମାନବର ଚିନ୍ତାଚେତନାକୁ ସୁଦୂରପ୍ରସାରୀ କରାଏ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା କବିତା, ନାଟକ ଓ କଥାସାହିତ୍ୟରେ ହିଁ ଅନୁବାଦ କର୍ମ କରାଯାଏ । ନାଟକ ଅନୁବାଦ କ୍ଷେତ୍ରରେ ବୈଷୟିକ ସମସ୍ୟା (technical problem) ମୁଖ୍ୟ ବାଧକ ଭାବେ ଦଣ୍ଡାୟମାନ ହୋଇଥିବାରୁ କଥାସାହିତ୍ୟ ଅପେକ୍ଷା ଏହାର ସଂଖ୍ୟା ସ୍ୱଳ୍ପ । ବିଶ୍ୱନାଟକର ଧାରା ସହିତ ଓଡ଼ିଆ ନାଟକକୁ ସାମିଲ କରିବାର ପ୍ରୟାସରେ ଏହି ବାଧାବିଘ୍ନକୁ ଏଡ଼ାଇ ଅନେକ ନାଟ୍ୟକାର ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ପ୍ରଚେଷ୍ଟା କରିଆସୁଛନ୍ତି ।

ଆଦ୍ୟ ପର୍ଯ୍ୟାୟର ନାଟ୍ୟକାରମାନେ ମୁଖ୍ୟତଃ ପାରମ୍ପରିକ ଲୋକନାଟକ, ସଂସ୍କୃତ, ଇଂରାଜୀ, ବଙ୍ଗଳା ନାଟକ ଓ ତା'ର ଶୈଳୀକୁ ଅନୁସରଣ କରୁଥିଲେ । ଏତଦ୍‌ବ୍ୟତୀତ ଏହି ସମୟରେ ନାଟକରେ ଗ୍ରୀକ୍ ନାଟକର ମଧ୍ୟ ପ୍ରଭାବ ଦେଖିବାକୁ ମିଳୁଥିଲା । ନାଟକର ସଂଳାପରେ ସ୍ୱଗତୋକ୍ତି ଓ ଜନାନ୍ତିକ ନାଟକ ଓ ଭରତବାକ୍ୟ ପ୍ରୟୋଗ ସଂସ୍କୃତ ନାଟକରୁ ଗ୍ରହଣ କରାଗଲା ଏବଂ ସଂସ୍କୃତ ନାଟକର ଆଦର୍ଶରେ ସୂତ୍ରଧର, ନଟନଟୀ, ସାଧୁସ୍ତୁତି, ଖଳନିନ୍ଦା କରିବା ସହିତ ନାଟକ ଓ ନାଟ୍ୟକାରଙ୍କ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା । ସଂସ୍କୃତ ନାଟକର ଶୈଳୀକୁ ଅନୁସରଣ କରି ଅନେକ ସଂସ୍କୃତ ନାଟକ ଓଡ଼ିଆରେ ଅନୂଦିତ କରାଗଲା । ଏହି ପରିପ୍ରେକ୍ଷୀରେ ହେମନ୍ତ କୁମାର ଦାସଙ୍କ ଉକ୍ତି ଉଲ୍ଲେଖଯୋଗ୍ୟ– "ବଙ୍ଗଳା ନାଟକର ପ୍ରଭାବ ଓଡ଼ିଆ ନାଟକରେ ସେତେ ଦେଖାଯାଏ ନାହିଁ। କାରଣ ଆଲୋଚ୍ୟ କାଳ ମଧ୍ୟରେ ଯେଉଁ କେତେକ ନାଟକ ଓଡ଼ିଆ ଭାଷାରେ ରଚିତ ହୋଇଛି, ସେଗୁଡ଼ିକ ହୁଏତ ସଂସ୍କୃତ ନାଟ୍ୟାଦର୍ଶ କିମ୍ବା ସେକ୍ସପିୟର ନାଟ୍ୟାଦର୍ଶପୁଷ୍ଟ।"(୧)

ଅନୁବାଦ ପରମ୍ପରାରେ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ନାମ ଉଲ୍ଲେଖଯୋଗ୍ୟ । ପାରଳାଖେମୁଣ୍ଡି ରାଜା ପଦ୍ମନାଭ ନାରାୟଣ ଦେବଙ୍କ ଉତ୍ସାହରେ ପଣ୍ଡିତ ନନ୍ଦ ସଂସ୍କୃତର ଅନେକ ନାଟକ ଓଡ଼ିଆରେ ଅନୂଦିତ କରି ପଦ୍ମନାଭ ରଙ୍ଗମଞ୍ଚରେ ଅଭିନୀତ କରାଇଥିଲେ। ଶକୁନ୍ତଳା, ସୀତା ବନବାସ (୧୯୦୧), ବିକ୍ରମୋର୍ବଶୀ (୧୯୦୮), ଦ୍ରୌପଦୀ ବସ୍ତ୍ରହରଣ (୧୯୦୮), ରାମାଶ୍ୱମେଧ (୧୯୧୩), ଉନ୍ମତ୍ତ ରାଘବ (୧୯୧୪. ଜାନକୀ ପରିଣୟ (୧୦୧୫) ପ୍ରଭୃତି ନାଟକ ମାଧ୍ୟମରେ ଓଡ଼ିଆ ନାଟ୍ୟ ଅନୁବାଦ ପରମ୍ପରାର ପଥପ୍ରଦର୍ଶକ ସାଜିଥିଲେ । ଶ୍ରୀ ନନ୍ଦ ଯେଉଁ ଅନୁବାଦ କରିଛନ୍ତି, ସେଥିରେ କୌଣସି ମୌଳିକତା କିମ୍ବା

ISSN NO.
2582-208X

ନାଟକୀୟ ଚମତ୍କାରିତା ପରିଲକ୍ଷିତ ହେଉ ନ ଥିଲେ ହେଁ ଓଡ଼ିଆ ନାଟ୍ୟ ଅନୁବାଦ ପରମ୍ପରାର ଉଦ୍‌ଘୋଷକ ଭାବରେ ତାଙ୍କର ସ୍ୱାତନ୍ତ୍ର୍ୟକୁ ଏଡ଼ାଇ ପାରିବା ନାହିଁ ।

ଗୋପୀନାଥ ନନ୍ଦଙ୍କ ସମସାମୟିକ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଅବଦାନ ଅନୁବାଦ କ୍ଷେତ୍ରରେ ଅତୁଳନୀୟ । ବିକ୍ରମୋର୍ବଶୀ (୧୯୩୯), ମୁଦ୍ରାରାକ୍ଷସ (୧୯୧୦), ନାଗାନନ୍ଦ (୧୯୨୦), ମାଳତୀ ମାଧବ (୧୯୧୬), ବେଣୀସଂହାର (୧୯୨୦) ତାଙ୍କ ଦ୍ୱାରା ଅନୂଦିତ ନାଟକ । ପଣ୍ଡିତ ରଥଙ୍କର ନାଟକର ଭାଷା ଏବଂ ସଂଗୀତ ସଂଯୋଜନାରେ ମୌଳିକତା ପରିଦୃଷ୍ଟ ହେବା ସହ ସରଳ ସ୍ୱଚ୍ଛନ୍ଦ ସଂଳାପ ସାଙ୍ଗକୁ ଓଡ଼ିଆ ରାଗରାଗିଣୀଯୁକ୍ତ ସଂଗୀତର ପ୍ରୟୋଗ ଦେଖିବାକୁ ମିଳିଥାଏ ।

ସୋନ୍‌ପୁର ରାଜା ବୀରମିତ୍ରୋଦୟ ସିଂହଙ୍କ 'ରତ୍ନାବଳୀ' (୧୮୯୪), ଅଭିଜ୍ଞାନ ଶାକୁନ୍ତଳ (୧୯୦୦), ବିକ୍ରମୋର୍ବଶୀ (୧୯୧୨) ସଂସ୍କୃତରୁ ଅନୂଦିତ ହୋଇ ପ୍ରକାଶିତ ହୋଇଛି । 'ରତ୍ନାବଳୀ' ନାଟକର ସଂଳାପ ଓ ସଂଗୀତଗୁଡ଼ିକ ସଂସ୍କୃତ ଅନୁସରଣରେ ରଚିତ ହୋଇଛି। ଏହାର ଶୈଳିକମାନରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ସ୍ୱତନ୍ତ୍ରତା ଦେଖିବାକୁ ମିଳେ ନାହିଁ । ଅନ୍ୟ ଦୁଇଟି ନାଟକରେ ଅନୁବାଦର ସଂଳାପ ଗଦ୍ୟାତ୍ମକ ଏବଂ ସୀମିତ ସଂଗୀତ ପ୍ରୟୋଗରେ ସଂସ୍କୃତ ନାଟକର ପ୍ରଭାବ ରହିଛି ।

ଅନୁବାଦକ ହରିହର ରଥ 'ବେଣୀସଂହାର', 'ରାମଜନ୍ମ' (୧୯୦୦), 'ରାବଣ ବଧ', 'ଶକୁନ୍ତଳା' (୧୮୯୮), 'ସାବିତ୍ରୀ ପରିଣୟ', 'ରାମାଭିଷେକ' (୧୯୧୨), 'ରାମାୟଣ', 'ପର୍ଶୁରାମ ବିଜୟ', 'ରାମନିର୍ବାସ' (୧୯୦୯), 'ସେତୁବନ୍ଧ' ଓ 'ମହାପ୍ରସ୍ଥାନ' ପ୍ରଭୃତି ନାଟକ ସଂସ୍କୃତରୁ ଓଡ଼ିଆକୁ ଅନୁବାଦ କରିଥିଲେ । 'ବେଣୀସଂହାର' ନାଟକରେ ସଂଗୀତର ବ୍ୟବହାର ହୋଇନାହିଁ । ଶ୍ରୀରୂପ ଗୋସ୍ୱାମୀକୃତ 'ବିଦଗ୍ଧମାଧବ ନାଟକ'କୁ ଚିକିଟି ରାଜା କିଶୋର ରାଜେନ୍ଦ୍ର ୧୯୧୦ ମସିହାରେ ଅନୁବାଦ କରି ପ୍ରକାଶ କରିଛନ୍ତି । କବି ମଧୁସୂଦନ ଦାସଙ୍କ ଦ୍ୱାରା 'ଉତ୍ତର ରାମଚରିତ' ଅନୂଦିତ ନାଟକଟିର ସଂଳାପଗୁଡ଼ିକ ସଂସ୍କୃତ ପ୍ରଭାବରୁ ମୁକ୍ତ ହୋଇଛି । ଏଥିରେ ନବାକ୍ଷରୀ ବୃତ୍ତର ପ୍ରୟୋଗ ଦେଖିବାକୁ ମିଳେ । ଖଡ଼ିଆଡ଼ର ରାଜପୁତ୍ର ବୀର ବିକ୍ରମଦେବଙ୍କ 'ଉତ୍କଳ ଦୁର୍ଦ୍ଦଶା' ଓ 'ହରିଶ୍ଚନ୍ଦ୍ର' ଦୁଇଟି ଅନୁବାଦ ନାଟକ ।

ଏହି ଅବଧିରେ ଯେଉଁମାନେ ନାଟ୍ୟ ଅନୁବାଦ ଦିଗରେ ଅଗ୍ରସର ହୋଇଛନ୍ତି ସେମାନେ ପ୍ରାୟତଃ ଗୋଟିଏ ନାଟକକୁ ବାରମ୍ବାର ଅନୁବାଦ କରିଛନ୍ତି । କେବଳ ମଧୁସୂଦନ ଓ

ISSN NO.
2582-208X

ମୃତ୍ୟୁଞ୍ଜୟ ରଥଙ୍କ ଅନୁବାଦ ଛାଡ଼ିଦେଲେ ଅନ୍ୟ ଅନୁବାଦଗୁଡ଼ିକର କେବଳ ସଂସ୍କୃତ ଭାଷାରୁ ଅନୁସରଣ କରାଯାଇଛି । ଏହିଠାରେ ହେମନ୍ତ କୁମାର ଦାସଙ୍କ ମନ୍ତବ୍ୟ ଉଲ୍ଲେଖନୀୟ- "ମୂଳଗ୍ରନ୍ଥର ସ୍ୱାଭାବିକ ସ୍ୱଚ୍ଛନ୍ଦତା ରକ୍ଷାକରି ଅନୁବାଦ କରିବା ଖୁବ୍ ସହଜ କାମ ନୁହେଁ । ଯେଉଁ କେତେଜଣ ପଣ୍ଡିତ ଆଲୋଚ୍ୟ ସମୟ ମଧ୍ୟରେ ଅନୁବାଦରେ ହାତ ଦେଇଛନ୍ତି ସେମାନେ ପ୍ରାୟ ଏବେ ନାଟକକୁ ବାରମ୍ବାର ଅନୁବାଦ କରିଛନ୍ତି । କହିବା ବାହୁଲ୍ୟ ଯେ, କେବଳ ମଧୁସୂଦନ ଏବଂ ମୃତ୍ୟୁଞ୍ଜୟ ରଥଙ୍କ ଅନୁବାଦକୁ ଛାଡ଼ିଦେଲେ, ଅନ୍ୟ ଅନୁବାଦଗୁଡ଼ିକର ସଂସ୍କୃତ ଭାଷାର ବିଶ୍ୱସ୍ତ ଅନୁସରଣ କରିବା ନିମନ୍ତେ ଚେଷ୍ଟା କରାଯାଇଛି ।"(୨)

ଆଲୋଚ୍ୟ କାଳରେ ଇଂରାଜୀ ନାଟକଗୁଡ଼ିକୁ ମଧ୍ୟ କେତେଜଣ ନାଟ୍ୟକାର ଅନୁବାଦ କରିଛନ୍ତି । ଇଂରାଜୀ ଅନୂଦିତ ନାଟକ ମଧ୍ୟରେ ମୂଳତଃ ସେକ୍ସପିୟରଙ୍କ କେତୋଟି ନାଟକ ହିଁ ଉଲ୍ଲେଖନୀୟ । ରାମଶଙ୍କର ରାୟଙ୍କ 'ବନମାଳା' (୧୮୮୨) ନାଟକରେ ସେକ୍ସପିୟରଙ୍କ 'The Tempest' ନାଟକ ଅନୁକରଣରେ ରଚିତ । ସିଧାସଳଖ ପାଶ୍ଚାତ୍ୟ ନାଟକର ବିଷୟବସ୍ତୁକୁ ଓଡ଼ିଆ ନାଟକରେ ଉପସ୍ଥାପନ କରିବାରେ ରାମଶଙ୍କର ପ୍ରଥମ । ଏହାର ଉପସ୍ଥାପନା ଓଡ଼ିଆ ନାଟକ କ୍ଷେତ୍ରରେ ସଂପୂର୍ଣ୍ଣ ନୂତନ ଥିଲା । ସେକ୍ସପିୟରଙ୍କ ଅନ୍ୟାନ୍ୟ କେତେକ ନାଟକ ଶ୍ରୀ ଜଗତ୍ ବଲ୍ଲଭ ଘୋଷଙ୍କ ନେତୃତ୍ୱରେ 'ମୁକୁର' ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେଗୁଡ଼ିକ 'ପ୍ରେମିକ ପ୍ରେମିକା' (Romeo and Juliet), 'ଭ୍ରାନ୍ତି ବିଳାସ' (Comedy of Errors), 'ସାଗରବାଳା' 'ବିମାତା- ନିଶୀଥ ସ୍ୱପ୍ନ' (Mid-Summer Nights Dream), 'ଅଦୃଷ୍ଟ' (All's Well that Ends Well), , 'ଦୁଇ ଭଗ୍ନି' (As You Like) ପ୍ରଭୃତି ନାଟକ ।

ଆଦ୍ୟ ପର୍ଯ୍ୟାୟରେ ଯେଉଁସବୁ ସଂସ୍କୃତ ନାଟକର ଅନୁବାଦ ହୋଇଛି ସେଗୁଡ଼ିକ ନିର୍ଦ୍ଦିଷ୍ଟ ଭାବରେ ଶୈଳ୍ପିକ ମୂଲ୍ୟ କିଛି ନାହିଁ । ଗୋଟିଏ ନାଟକ ଏକାଧିକଥର ଅନୂଦିତ ହୋଇଛି ମାତ୍ର ସେଥିରେ କୌଣସି ନୂତନତା ପରିଲକ୍ଷିତ ହୁଏ ନାହିଁ । ଏହି ସମୟର ଅନୂଦିତ ନାଟକଗୁଡ଼ିକ ସଂପର୍କରେ ହେମନ୍ତ କୁମାର ଦାସ କହିଛନ୍ତି- "ଅନ୍ୟାନ୍ୟ ସମସ୍ତ ଅନୁବାଦ 'ପାଠ୍ୟନାଟକ' ରୂପେ ଯାହା ଆଦୃତ ହୋଇପାରେ । ଅବଶ୍ୟ 'ଲୀଳା ଯାତ୍ରାପ୍ରେମୀ' ଦର୍ଶକମଣ୍ଡଳୀକୁ ମଞ୍ଚାଭିମୁଖୀ କରାଇବାରେ ଏଗୁଡ଼ିକର ଯେ କିଛି ଅବଦାନ ନାହିଁ ।

ISSN NO.
2582-208X

ଏଗୁଡ଼ିକ କିନ୍ତୁ ଦରବାରୀ ଦର୍ଶକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ସାଧାରଣ ଦର୍ଶକ ସେଠାରେ ବଣୁଆ ଏବଂ କୃଷିଜୀବୀ ତୁଲ୍ୟ ଉପେକ୍ଷିତ ।"

ଓଡ଼ିଆ ନାଟକର ଦ୍ୱିତୀୟ ପର୍ଯ୍ୟାୟ ୧୯୨୦ରୁ ୧୯୫୦ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ପର୍ଯ୍ୟାୟରେ ଅଶ୍ୱିନୀ କୁମାର ଓ କାଳୀଚରଣ ଥିଲେ ମୁଖ୍ୟ ପୁରୋଧା । ନାଟ୍ୟକାରମାନେ ସ୍ୱାଧୀନତା ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଅଗଷ୍ଟ ବିପ୍ଳବ, ଯୁବବିରୋଧୀ ମନୋଭାବ, ଶାନ୍ତି ପାଇଁ ପ୍ରୟାସ, ବିଶ୍ୱଯୁଦ୍ଧର ପ୍ରଭାବ, ସାମାଜିକତାର ନୂତନ ଗପ, ଅର୍ଥନୈତିକ ସମସ୍ୟା, ସାମାଜିକତାର ନୂତନ ଗପ, ଅସ୍ପୃଶ୍ୟତା ବିରୋଧରେ ବିଦ୍ରୋହ, ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ଆଦିକୁ ନାଟକର ବାର୍ତ୍ତା ଭାବରେ ଗ୍ରହଣ କରାଗଲା । ସାମାଜିକ କଥାବସ୍ତୁର ମାର୍କ୍ସଙ୍କ ପ୍ରଭାବ ମଧ୍ୟ ଦେଖିବାକୁ ମିଳିଲା । ଏହି ସମୟରେ ଓଡ଼ିଆ ନାଟ୍ୟ ସାହିତ୍ୟରେ ବିଶେଷ କିଛି ଅନୁବାଦ ପରିଲକ୍ଷିତ ହୋଇ ନ ଥାଏ । ରାମଶଙ୍କରଙ୍କ ବନମାଳାର ମଞ୍ଚ ଅସଫଳତାକୁ ଏହାର କାରଣ ଭାବରେ ଗ୍ରହଣ କରାଯାଇପାରେ । ଯେଉଁ କିଛିଟା ନାଟକ ଅନୂଦିତ ହୋଇଛି ସେଗୁଡ଼ିକ ମଧ୍ୟରେ ସେକ୍ସପିୟରଙ୍କ 'ଅଥେଲୋ' ନାଟକକୁ ଓଡ଼ିଆରେ ମାୟାଧର ମାନସିଂହ ଅନୁବାଦ କରିଥିଲେ । କାଳିନ୍ଦୀଚରଣ ପାଣିଗ୍ରାହୀ ରୁଷୀୟ ନାଟ୍ୟକାର ଆଲେକ୍‌ଜାଣ୍ଡର ଏଫିନୋଜେନ୍‌ଭ ରେଳଷ୍ଟେସନ୍‌କୁ ଘଟଣା ସ୍ଥାନ ରୂପରେ କଳ୍ପନା କରି ଯେଉଁ ନାଟକ ରଚନା କରିଥିଲେ ତାହାକୁ 'ସୁଦୂର ସଂକେତ' (୧୯୬୫) ନାମରେ ଅନୂଦିତ । ବାଳକୃଷ୍ଣ କରଙ୍କ 'ଶିବଦାସ'କୁ ସେକ୍ସପିୟରଙ୍କ ନାଟକ King Lear ରେ ଅନୁବାଦ ଭାବରେ ଗ୍ରହଣ କରାଯାଏ ।

ଓଡ଼ିଆ ନାଟକର ଆଧୁନିକ ପର୍ବ ୧୯୫୦ରୁ ୧୯୮୦ ପର୍ଯ୍ୟନ୍ତ ବ୍ୟାପ୍ତ । ୧୯୫୦ ପରବର୍ତ୍ତୀ ସମୟକୁ ଆଲୋଚକ ରମାକାନ୍ତ ସାମନ୍ତରାୟ ମୁଖ୍ୟତଃ ଦୁଇଟି ନାଟ୍ୟଶୈଳୀକୁ ଗ୍ରହଣ କରିଛନ୍ତି । (୧) ପାରମ୍ପରିକ ଶୈଳୀ, (୨) ବୌଦ୍ଧିକ ଶୈଳୀ । ପାରମ୍ପରିକ ଶୈଳୀ, ଅର୍ଥାତ୍ କାଳୀଚରଣ ପଟ୍ଟନାୟକ ଓ ଅଶ୍ୱିନୀ କୁମାର ଘୋଷଙ୍କ ନାଟ୍ୟଶୈଳୀର ଅନୁସରଣ କରି ତାଙ୍କ ଶୈଳୀରେ ନାଟକ ରଚନା କରୁଥିଲେ । ବିଶ୍ୱ ନାଟ୍ୟସାହିତ୍ୟ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପର୍କ ସ୍ଥାପନ କରି ନୂତନ ଭାବ ଓ ଶୈଳୀର ପରୀକ୍ଷାନିରୀକ୍ଷା ଥିଲା ବୌଦ୍ଧିକ ଶୈଳୀର ନାଟ୍ୟକାରମାନଙ୍କ ଲକ୍ଷ୍ୟ । ପାରମ୍ପରିକ ଶୈଳୀରେ ନାଟ୍ୟକାରମାନେ ନାଟକ ରଚନା ଦିଗରେ ଅନୁବାଦକୁ ଗ୍ରହଣ କରୁ ନ ଥିଲେ । ବିଶେଷ ଭାବରେ ସାମାଜିକ ନାଟକ ରଚନା ଦିଗରେ ଅନୁବ୍ରତୀ ହୋଇଥିଲେ । ବୌଦ୍ଧିକ ଶୈଳୀ ମନୋରଞ୍ଜନଙ୍କ ଆଗାମୀଠାରୁ

ISSN NO.
2582-208X

ଆରମ୍ଭ ହୋଇଥିଲା । ପାରମ୍ପରିକ ଶୈଳୀକୁ ଅନୁସରଣ କରୁଥିବା ନାଟ୍ୟକାର ନରସିଂହ ମହାପାତ୍ର ମନିପ୍ଲାଣ୍ଟ୍, ଘରଠାକୁର, ଅକ୍ଷିତୃତୀୟ, ଇନ୍‌କିଲାବ୍ ଚିରକୁମାର ସଭା ଆଦି କେତୋଟି ଅନୁବାଦ ନାଟକ ରଚନା କରିଥିଲେ । H. G. Wells 'Invisible Man'କୁ ଭୁବନେଶ୍ୱର ମହାପାତ୍ର 'ଜମାନବନ୍ଦୀ' (୧୯୬୧) ନାମରେ ଅନୂଦିତ କରିଥିଲେ । ନାଟ୍ୟକାର ବ୍ୟୋମକେଶ ତ୍ରିପାଠୀଙ୍କ 'ଗୋପନକଥା' 'Prisnor of Renda' ର ନାଟ୍ୟରୂପ ତାଙ୍କର 'ସିଂହଦ୍ୱାର' (୧୯୬୪) ମଧ୍ୟ 'The more I see man, The more I like dogs'କୁ ଭିତ୍ତି କରି ରଚିତ ।

ବୌଦ୍ଧିକ ଶୈଳୀକୁ ଗ୍ରହଣ କରିଥିବା ନାଟ୍ୟକାରମାନେ ନାଟକ କ୍ଷେତ୍ରରେ ଅନେକ ପରୀକ୍ଷାନିରୀକ୍ଷାର ପ୍ରୟୋଗ କଲେ । ନବନାଟ୍ୟଧାରାର ସୂତ୍ରପାତ ଘଟିଲା । ଏହି ସମୟରେ ନାଟ୍ୟକାରମାନେ ସେକ୍ସପିୟରଙ୍କୁ ଛାଡ଼ି ଟି.ଏସ୍. ଇଲିଅଟ୍‌ଙ୍କ ଅନୁଗାମୀ ହେଲେ। କାମ୍ୟୁ, ସାର୍ତ୍ରେ, ଆୟେନେସ୍କୋ, ଓନିଲ. ଆଡାମୋଭ୍, ଏଲ୍‌ବୀ, ବ୍ରେଚ୍, ମିଲର୍, ସେଫାର୍ଡ ପ୍ରଭୃତି ପାଶ୍ଚାତ୍ୟ ନାଟ୍ୟକାରଙ୍କ ଦ୍ୱାରା ପ୍ରଭାବିତ ହେଲେ । ବିଶ୍ୱନାଟକର ସ୍ରୋତରେ ଓଡ଼ିଆ ନାଟକକୁ ସାମିଲ କରିବା ପାଇଁ ମନୋରଞ୍ଜନଙ୍କ ସହ ଅନ୍ୟ ନାଟ୍ୟକାରମାନେ ଏହି ଧାରାରେ ଯୋଡ଼ିହେଲେ । J. B. Pristley ଙ୍କ 'An Inspector Call' ର ଛାୟାନୁବାଦରେ 'ସାଗରମନ୍ଥନ' (୧୯୬୪) ଏବଂ Gogol ଙ୍କ 'The Government Inspector' ର ଛାୟାନୁସରଣରେ ବିଶ୍ୱଜିତ୍ ଦାସଙ୍କ 'ପ୍ରତାପଗଡ଼ରେ ଦି'ଦିନ' ମଞ୍ଚସ୍ଥ ହୋଇଥିଲା । ବିଜୟ ମିଶ୍ରଙ୍କ ଅମର କବି, ଲଗ୍ନ, ନରୱେ ନାଟ୍ୟକାର ହେନେରିକ୍ ଇବ୍‌ସନ୍‌ଙ୍କ 'ଦି ଘୋଷ୍ଟ'ରୁ 'ତିମିର ତୀର୍ଥ' (୧୯୬୪), ଜର୍ମାନୀ ଲେଖକ ବରଟୋଲ୍‌ଡ ବ୍ରେସ୍‌ଟଙ୍କ ନାଟକରୁ 'କଥାଟିଏ କହୁ' (୧୯୭୦) ଅନୂଦିତ ହୋଇଛି ।

ପଞ୍ଚମ ଦଶକରୁ ବିଦେଶୀ ନାଟକ ସହିତ ଓଡ଼ିଆ ନାଟକ ସମ୍ପର୍କ ସ୍ଥାପନ କରିଥିଲା । ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଏହା ପ୍ରଭାବ ବିସ୍ତାର କଲା । ସେକ୍ସପିୟର, ବର୍ଣ୍ଣାଡ୍ ଶ', ଇବ୍‌ସନ୍, ଚେକଭ୍ ପ୍ରମୁଖ ନାଟ୍ୟକାରମାନଙ୍କ ପ୍ରତି ଓଡ଼ିଆ ନାଟ୍ୟକାରମାନେ ଆକୃଷ୍ଟ ହେଲେ । ଆଦ୍ୟ ପର୍ଯ୍ୟାୟରେ ଅବଶ୍ୟ ବିଦେଶୀ ନାଟକ ଓଡ଼ିଆ ନାଟକର ଆଦର୍ଶ ଥିଲା ମାତ୍ର ସେକାଳର ନାଟ୍ୟକାରମାନେ କେବଳ ଅଙ୍ଗଟିକୁ ଗ୍ରହଣ କରିଥିଲେ । ଷଷ୍ଠ ଦଶକରୁ ଓଡ଼ିଶାରେ ପରମ୍ପରାକୁ ବାଦ୍ ଦିଆଯାଇ ଓଡ଼ିଆ ନାଟ୍ୟଶୈଳୀର ପ୍ରଗତିକଳ୍ପେ ବିଦେଶୀ ଶୈଳୀର ଅନୁସରଣ କରାଗଲା । 'ବନବାଳା' ନାଟକ ଦର୍ଶକମାନଙ୍କ ପାଇଁ ଯେପରି ଦୁର୍ବୋଧ୍ୟ ଏବଂ

ISSN NO.
2582-208X

ଅପରିଚିତ ମନେ ହେଉଥିଲା । 'ଆଗାମୀ' ନାଟକ ସେ ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିଲା ।

୧୯୮୦ ପରବର୍ତ୍ତୀ ସମୟରେ ନାଟ୍ୟରଚନା ଦିଗରେ ଯେଉଁ ପରିବର୍ତ୍ତନର ସ୍ୱର ଓ ସ୍ୱାକ୍ଷର ଦେଖିବାକୁ ମିଳିଲା ସେଥିରେ ଅନେକ ନାଟ୍ୟକାର ନାଟକ ରଚନା କ୍ଷେତ୍ରରେ ଅନୁବାଦକୁ ଗ୍ରହଣ କଲେ । ଏହି ସମୟରେ ପାଶ୍ଚାତ୍ୟ ଓ ପ୍ରାନ୍ତୀୟ ଭାଷାର ଅନେକ ନାଟକ ଓଡ଼ିଆ ଭାଷାରେ ଅନୂଦିତ ହୋଇ ମଞ୍ଚସ୍ଥ ହେଲା ଏବଂ ଓଡ଼ିଆ ଭାଷାର ନାଟକ ମଧ୍ୟ ଭାରତୀୟ ପ୍ରାନ୍ତୀୟ ଭାଷାରେ ତା'ର କାୟାବିସ୍ତାର କଲା । ଏହି ପର୍ଯ୍ୟାୟରେ ଯେଉଁ ପ୍ରବୀଣ ନାଟ୍ୟକାରମାନେ ନାଟକ ଅନୁବାଦର ମାଧ୍ୟମ ହୋଇଥିଲେ ସେମାନଙ୍କ ମଧ୍ୟରେ ବିଜୟ ମିଶ୍ର, ରତିରଞ୍ଜନ ମିଶ୍ର, ପଞ୍ଚାନନ ପାତ୍ର, ଶ୍ରୀ ଜଗନ୍ନାଥ ପ୍ରସାଦ ଦାସ, କୁଞ୍ଜ ରାୟ, ବିଜୟ କୁମାର ଶତପଥୀ, ହରିହର ମିଶ୍ର, ନୀଳାଦ୍ରିଭୂଷଣ ହରିଚନ୍ଦନ, ସୁବୋଧ ପଟ୍ଟନାୟକ, ନାରାୟଣ ସାହୁ, ରମାକାନ୍ତ ମିଶ୍ର ଆଦି ନାଟ୍ୟକାରଙ୍କ ନାମ ଉଲ୍ଲେଖଯୋଗ୍ୟ ।

ପ୍ରଥିତଯଶା ନାଟ୍ୟକାର ବିଜୟ କୁମାର ମିଶ୍ର ୧୯୬୦ ମସିହାରେ ନିଜକୁ ନାଟକ ରଚନା ଦିଗରେ ବ୍ରତୀ କରିଥିଲେ । ଓଡ଼ିଆ ନାଟ୍ୟଜଗତକୁ ସେ ଷାଠିଏରୁ ଉର୍ଦ୍ଧ୍ୱ ନାଟକ ଉପହାର ସ୍ୱରୂପ ଦେଇଛନ୍ତି । ତାଙ୍କର ପ୍ରଥମ ନାଟକ 'ଜନନୀ'ରୁ ନିହାର ରଞ୍ଜନ ଗୁପ୍ତଙ୍କ 'ମାୟାମୃଗ' ଉପନ୍ୟାସର ପ୍ରଭାବ ପରିଦୃଷ୍ଟ । ଉତ୍ତର ଆଧୁନିକତାର ପୂର୍ବରୁ ହିଁ ଅନେକ ନାଟକ ଓଡ଼ିଆରେ ଅନୁବାଦ କରିଛନ୍ତି । ୧୯୮୦ ପରବର୍ତ୍ତୀ କାଳରେ ଚାର୍ଲସ୍ ଡିକେନ୍ସଙ୍କ 'Tell of Two Citis' ଓ ଗୋଦାବରୀଶ ମିଶ୍ରଙ୍କ ଉପନ୍ୟାସ '୧୮୧୭'କୁ 'ସାକ୍ଷୀ ଇତିହାସ' (୧୯୮୦), ଜର୍ମାନ୍ ନାଟ୍ୟକାର ବରଟୋଲ୍ଡ ବ୍ରେସ୍ଟଙ୍କ 'ଥ୍ରୀ'କୁ 'ଚୋରପୁଲିସ ଖେଳ', ଡୁରେନ୍ ମଟିସ୍ଙ୍କ ଗଳ୍ପ 'The Trap' କୁ 'ଧର୍ମାବତାର' (୧୯୮୮), ଆନ୍ଥୋନୀ ହୋପ୍ଙ୍କ 'ପ୍ରୀଜନର୍ ଓଜେଣ୍ଡା'କୁ 'ବନ୍ଦୀ' (୧୯୮୫), ରୁଷୀୟ ଲେଖକ ଫିଏଜର ଦସ୍ତୋଭସ୍କିଙ୍କ 'ଇଡିଅଟ୍'କୁ 'ଫେରିବାର ସମୟ' (୨୦୧୧), ଭିକ୍ଟୋର ହ୍ୟୁଗୋଙ୍କ 'ଲା ମିଜରେବଲ୍' ଓ ଗୋଦାବରୀଶ ମିଶ୍ରଙ୍କ 'ଅଭାଗିନୀ'କୁ 'ପାଣ୍ଡୁନାୟକଙ୍କର ଜମାନବନ୍ଦୀ' (୧୯୯୧/୯୨), ଅଗାଥେ ଖ୍ରୀଷ୍ଟଙ୍କ 'ମାଉସ୍ ଟ୍ରାପ୍'କୁ 'ଯନ୍ତା', ଜର୍ଜ ବର୍ଣ୍ଣାଡ ଶ'ଙ୍କ 'ପିଗମିଲନ୍'କୁ 'ତା'ପରେ ଯମୁନାରେ କ'ଣ ହେଲା', ଟେନିସ୍ ଉଇଲିଅମ୍ଙ୍କର 'Suddenly last summer' କୁ 'ଭୋକ' (୧୯୯୪) ନାମରେ ଅନୂଦିତ କରି ଓଡ଼ିଆ ନାଟ୍ୟ ସାହିତ୍ୟକୁ ଗୌରବମୟ କରିଛନ୍ତି । ପାଶ୍ଚାତ୍ୟର ଫ୍ରଏଡୀୟ ଯୌନତତ୍ତ୍ୱ, ମାର୍କ୍ସୀୟ ଅର୍ଥକୈନ୍ଦ୍ରିକ ଚେତନା, ଉତ୍ତର ପୁଞ୍ଜିବାଦୀ

ISSN NO.
2582-208X

ସଭ୍ୟତାର ବିକାଶ, ଦୁର୍ନୀତି ଓ ଅର୍ଥଲିପ୍‌ସା, ଅନ୍ତଃ ଓ ବହିଃ ସଂଘର୍ଷ ଆଦି ଶ୍ରୀ ମିଶ୍ରଙ୍କ ପ୍ରଥମ-ଦ୍ୱିତୀୟ ପର୍ଯ୍ୟାୟର ନାଟ୍ୟଜୀବନର ଚେତନା କେନ୍ଦ୍ର ।

୧୯୫୦ ମସିହା ବେଳକୁ ନାଟକରେ ପରୀକ୍ଷାନିରୀକ୍ଷା ଫଳରେ ଯେଉଁ ସାମୂହିକ କ୍ଷତି ସାଧନ ହୋଇଥିଲା ତାହାର ପରିପୂର୍ତ୍ତି ପାଇଁ ଯେଉଁ କେତେଜଣ ଯୁବନାଟ୍ୟକାର ଦାୟିତ୍ୱ ବହନ କରିଥିଲେ ସେମାନଙ୍କ ମଧ୍ୟରେ ରତିରଞ୍ଜନ ମିଶ୍ର ଥିଲେ ଅନ୍ୟତମ । ନାଟ୍ୟକାର ଗିରୀଶ କନ୍ନଡଙ୍କର ବହୁର୍ଚ୍ଚିତ ନାଟକ 'ହୟବଦନ' ଛାୟାନୁସରଣରେ ୧୯୮୦ ମସିହାର 'ପଦ୍ମିନୀ ପଦାବଳୀ' ରଚନା କଲେ । ନାରୀ ମନର ଅପୂର୍ଣ୍ଣ ଇଚ୍ଛା ବା ବହୁକାମୁକତା ସମାଜ ପାଇଁ କିଭଳି ବିପର୍ଯ୍ୟୟର କାରଣ ସାଜେ ତାହା ନାଟକଟିରେ ଦର୍ଶାଯାଇଛି । ପ୍ରଭାବଶାଳୀ ସଂଳାପ, ଚମତ୍କାର ଉପସ୍ଥାପନା ରୀତିର ପ୍ରୟୋଗରେ ନାଟକଟି ହୋଇଉଠିଛି ରମଣୀୟ ।

ଉତ୍ତର ଆଧୁନିକତାର ସୁଯୋଗ୍ୟ ପ୍ରତିନିଧି ପଞ୍ଚାନନ ପାତ୍ରଙ୍କ 'ପ୍ରତିଦ୍ୱନ୍ଦ୍ୱୀ" ଏକ ବିଜ୍ଞାନଭିତ୍ତିକ ନାଟକ । ଚେକ୍ ନାଟ୍ୟକାର କାର୍ଲ କାପେକ୍‌ଙ୍କ ନାଟକ 'ରୋଜମସ୍ ୟୁନିଭର୍ସାଲ୍ ରୋଜଟ୍' (RUR-1921) ର ଅନୁସରଣରେ ରଚନା କରିଛନ୍ତି । ଯନ୍ତ୍ର ମଣିଷର ବ୍ରେନ୍ ସଚଳ ହୋଇଗଲା ପରେ ସେ ବିଦ୍ରୋହୀ ହୋଇ ନିଜର ସ୍ରଷ୍ଟାକୁ ହତ୍ୟା କରିଛି । ମୂଳ ନାଟକ ମଧ୍ୟରେ ପ୍ରାୟ ପଚାଶ (୫୦) ବର୍ଷର ବ୍ୟବଧାନ । ପାଶ୍ଚାତ୍ୟ କାହାଣୀ ଅବଲମ୍ବନରେ ସାଧାରଣ ନାଟକ ଅପେକ୍ଷା ଏହା ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ନାଟକ । ପାଶ୍ଚାତ୍ୟ କାହାଣୀକୁ ସ୍ଥାନୀୟ ରୂପ ଦେବାରେ ନାଟ୍ୟକାର ଖୁବ୍ ସଫଳ ହୋଇଛନ୍ତି ।

ଓଡ଼ିଆ ନାଟ୍ୟ ସାହିତ୍ୟର ସମର୍ପିତ ପ୍ରତିଭା ରୂପରେ ନାଟ୍ୟକାର କୁଞ୍ଜ ରାୟଙ୍କୁ ଗ୍ରହଣ କରାଯାଏ । ୟୁଜିନ୍ ଆୟୋନେସ୍କୋଙ୍କ 'ଏକ୍‌ଜିଟ୍ ଦି କିଙ୍ଗ୍' ଅବଲମ୍ବନରେ 'ବିଦାୟ ବଜ୍ରାଦିତ୍ୟ' ମାଧ୍ୟମରେ ନାଟ୍ୟଜଗତକୁ ପ୍ରବେଶ କରିଥିଲେ । ଶ୍ରୀ ରାୟ ପାଶ୍ଚାତ୍ୟ ନାଟ୍ୟଶୈଳୀକୁ ସ୍ଥାନୀୟ ପାଣିପାଗରେ ଖାପଖୁଆଇ ଦର୍ଶକମାନଙ୍କର ବୌଦ୍ଧିକ ମନକୁ ଉପରକୁ ଉଠାଇବା ପାଇଁ ଅବ୍ୟାହତ ପ୍ରଚେଷ୍ଟା କଲେ । କକ୍‌ଫୋରଙ୍କ 'ଇନ୍‌ଫର୍‌ମାଲ୍ ମେସିନ୍' ଅବଲମ୍ବନରେ 'ଯାନ୍ତ୍ରିକ', Jean Geradourxଙ୍କର 'Judith' ରୁ 'ସୁଲକ୍ଷଣା', ବେକେଟ୍‌ଙ୍କ 'The Goow woman of Setzuen'ର ଅନୁସରଣରେ 'ମାଳିସାହିର ଲକ୍ଷ୍ମୀ', ପ୍ରେମଚନ୍ଦଙ୍କ ଗଳ୍ପ ଅନୁକରଣରେ ଲେଖକ ଓ କର୍ମଯୋଗୀ (ମରାଠୀ) ସୋଫୋକ୍ଲିସ୍ (ଖ୍ରୀ.ପୂ. ୫ମ ଶତକ)ଙ୍କର ତିନିଟି ନାଟକ 'ରାଜା ଇଡିପ୍‌ସ୍', 'କୋଲେନ୍ୟୁସ୍‌ରେ ଇଡିପସ୍'

ISSN NO.
2582-208X

ଏବଂ 'ଆଣ୍ଟିଗୋନ୍', 'ସୋଫେକ୍ଲିସ୍ଙ୍କ ତ୍ରୟୀ' ନାମରେ ପ୍ରକାଶ ପାଇଛି । ତାଙ୍କର ବଙ୍ଗଳା ନାଟକଗୁଡ଼ିକ 'ଅନୁସୃଜନ ତ୍ରୟୀ'ରେ ସ୍ଥାନିତ । ନାଟ୍ୟ ରଚନା ତାଙ୍କୁ ଅନନ୍ୟ ସମ୍ମାନର ଅଧିକାରୀ କରାଇପାରିଛି ।

ଉତ୍ତର ଆଧୁନିକ ଗର୍ବର ପ୍ରତିଶ୍ରୁତି ସମ୍ପନ୍ନ ନାଟ୍ୟକାର ହରିହର ମିଶ୍ର ଓଡ଼ିଆ ନାଟ୍ୟ ଜଗତକୁ 'ଗରିଲା' (୧୯୭୯) ନାମକ ଏକ ଅନୁବାଦ ନାଟକ ଉପହାର ଦେଇଛନ୍ତି । ଫରାସୀ ନାଟ୍ୟକାର ସ୍ଥିତିବାଦର ପ୍ରବକ୍ତା ଜାଁ ପଲ୍ ସାର୍ତ୍ରଙ୍କ 'Crime Paisonel''ର ଓଡ଼ିଆ ଅନୁବାଦ 'ଗରିଲା' । ସନ୍ଦେହ, ଅବିଶ୍ୱାସର ଘେରରେ ମଣିଷର ଜୀବନ କିପରି ବିପର୍ଯ୍ୟସ୍ତ ହୁଏ ତାହା ନାଟକଟିରେ ବର୍ଣ୍ଣିତ । ଏହା ବ୍ୟତୀତ 'ଦାନାପାଣି' ଓ 'ପ୍ରାୟଶ୍ଚିତ୍ତ' ଉପନ୍ୟାସର ନାଟ୍ୟ ରୂପାନ୍ତରୀକରଣ କରିଛନ୍ତି ।

ଅଷ୍ଟମ ଦଶକର ପ୍ରାରମ୍ଭରେ ନାଟ୍ୟଜଗତରେ ପାଦ ଥାପିଥିବା ନୀଳାଦ୍ରିଭୂଷଣ ହରିଚନ୍ଦନ ମଞ୍ଚ ଅପେକ୍ଷା ବେତାର ପାଇଁ ଅଧିକାଂଶ ନାଟକ ରଚନା କରିଛନ୍ତି । ଆଣ୍ଟନ୍ ଚେକଭ୍ଙ୍କ ନାଟକ 'ଆଇଭାନର୍'କୁ 'ଅନ୍ଧ ଦ୍ୱିପ୍ରହର' ନାମରେ (୧୯୮୭)ରେ ସେ ରୂପାନ୍ତରିତ କରିଛନ୍ତି। ସମ୍ପର୍କଗତ ଜଟିଳତାରୁ ମଣିଷ ମନରେ ସନ୍ଦେହ ସୃଷ୍ଟି ହୋଇ କିଭଳି ତା'ର ସର୍ବନାଶ ଘଟାଇଥାଏ, ନାଟକଟିରେ ତାହା ବିଶ୍ଳେଷିତ । ନାଟ୍ୟକାର ରମାକାନ୍ତ ମିଶ୍ର ସେକ୍ସପିୟରଙ୍କ 'ମ୍ୟାକ୍ବେଥ୍'ର ଓଡ଼ିଆ ଅନୁବାଦ କରିଛନ୍ତି ।

ଉତ୍ତର ଆଧୁନିକତାର ସମୟରେ କେବଳ ଯେ ପାଶ୍ଚାତ୍ୟ ନାଟ୍ୟ କଥାବସ୍ତୁକୁ ଅନୁକରଣ କରିଥିଲା ତାହା ନୁହେଁ, ବିଦେଶରେ ମଧ୍ୟ ଓଡ଼ିଆ ନାଟକ ବିଜୟ ବୈଜୟନ୍ତୀ ଉଡ଼ାଇବା ଉଦ୍ୟମରେ ଆଗେଇଚାଲିଛି । ଓଡ଼ିଆ ଭାଷାର ଅନେକ ନାଟକ ପ୍ରାନ୍ତୀୟ ସାହିତ୍ୟରେ ଅନୂଦିତ ହୋଇଛି । ଏହି ପର୍ଯ୍ୟାୟରେ ଶ୍ରୀ ଜଗନ୍ନାଥ ପ୍ରସାଦ ଦାସଙ୍କ ନାଟକଗୁଡ଼ିକ ପରିମାଣାତ୍ମକ ଏବଂ ଗୁଣାତ୍ମକ ଉଭୟ ଗୁଣବତ୍ତାରେ ଶ୍ରେଷ୍ଠତ୍ୱ ପ୍ରତିଷ୍ଠା କରିଛି । ତାଙ୍କ ରଚିତ 'ସୂର୍ଯ୍ୟାସ୍ତ ପୂର୍ବରୁ' (୧୯୭୭) ପ୍ରଥମେ 'ସୂର୍ଯ୍ୟାସ୍ତ' ନାମରେ ହିନ୍ଦୀରେ ଅନୂଦିତ ହୋଇ ୧୯୭୬ରେ ଦିଲ୍ଲୀରେ ମଞ୍ଚସ୍ଥ ହୋଇଛି । 'ସବା ଶେଷ ଲୋକ' (ସବ୍ସେ ନୀଚେକା ଆଦ୍ମୀ), 'ଅସଂଗତ ନାଟକ' (୧୯୮୧), 'ସମୟ କି ହତ୍ୟା କିସ୍‌ନେ କୀ', 'ପୂର୍ବରାଗ' (୧୯୮୫), 'ଏକ୍ ଦୁସ୍‌ରେ କେ ଲିୟେ' ନାମରେ ହିନ୍ଦୀରେ ଅନୂଦିତ ହୋଇଛି ।

ISSN NO.
2582-208X

ଓଡ଼ିଆ ନାଟ୍ୟଜଗତର ଅନ୍ୟତମ ପୁରୋଧା ବିଜୟ କୁମାର ଶତପଥୀଙ୍କର ଅନେକ ନାଟକ ପ୍ରାନ୍ତୀୟ ଭାଷାରେ ଅନୂଦିତ ହୋଇଛି । ସେଥିମଧ୍ୟରେ 'ଏଇ ଯେ ସୂର୍ଯ୍ୟ ଉଏଁ', 'କାରାଗାର କାହାଣୀ'କୁ ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟୀ ମଞ୍ଜୁ ମୋଦୀ ହିନ୍ଦୀରେ ରୂପାନ୍ତରିତ କରିଛନ୍ତି । 'କାରାଗାରର କାହାଣୀ' 'ସୂର୍ଯ୍ୟୋଦୟ' ନାମରେ 'କଂସର ଆତ୍ମା', 'କୋକୁଆ' ବ୍ଲାକ୍ ଇଗଲ୍ ପ୍ରକାଶନୀ ସଂସ୍ଥା ଦ୍ୱାରା ଇଂରାଜୀରେ ରୂପାନ୍ତରିତ ହୋଇଛି । 'କୋକୁଆ' ନାଟକଟିକୁ ତଥାଗତ ମୌଳିକ୍ ଏବଂ ନିରଞ୍ଜନ ଜେନା ବଙ୍ଗଳା ଭାଷାରେ ଅନୁବାଦ କରିଛନ୍ତି ।

ନାଟ୍ୟକାର ନାରାୟଣ ସାହୁ ଉତ୍ତର ଅଶୀ ଅନ୍ୟ ଜଣେ ବଳିଷ୍ଠ ନାଟ୍ୟ ପ୍ରତିଭା । ମାନବିକତା, ସତ୍ୟନିଷ୍ଠତା, ଦେଶାତ୍ମବୋଧତା, ସାହସ, ସେବା, ଆଧ୍ୟାତ୍ମିକତା ଆଦି ମହନୀୟ ଗୁଣରେ ତାଙ୍କର ନାଟକର ଚରିତ୍ରମାନଙ୍କ ଭିତରେ ଭରିରହିଥାନ୍ତି । ତାଙ୍କ ରଚିତ 'ଆଶ୍ରା ଖୋଜୁଥିବା ଈଶ୍ୱର' ଓ 'ସବା ଶେଷ ଶୋକ' ନାଟକ ଦ୍ୱୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଇଂରାଜୀ ଅଧ୍ୟାପକ ସଂଜିତ୍ କୁମାର ଦାସଙ୍କ ଦ୍ୱାରା ଇଂରାଜୀରେ ଅନୂଦିତ ଏବଂ ବ୍ଲାକ୍ ଇଗଲ୍ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି ।

ନାଟକରେ ଅନୁବାଦ ଓ ରୂପାନ୍ତର ମାତ୍ର ଅବଲମ୍ବନଟିଏ । ଏହାଦ୍ୱାରା ମୌଳିକତା କ୍ଷୁଣ୍ଣ ହେବାର ପ୍ରଶ୍ନ ସୃଷ୍ଟି ହୁଏ ନାହିଁ । ବର୍ତ୍ତମାନ ଯୁଗରେ ସମୀକ୍ଷା ପାଇଁ ବହିଃଦୃଷ୍ଟି ସମ୍ପନ୍ନ ହେବା ନିତାନ୍ତ ଆବଶ୍ୟକ ଓ ଲୋକରୁଚିର ପରିବର୍ତ୍ତନରେ ପରମ୍ପରାକୁ ଜାବୁଡ଼ି ଧରି ରଖିବାର ବ୍ୟାପାର ଅସମ୍ଭବ । ତେଣୁ ବିଦେଶୀ ନାଟକର ଅନୁକରଣ ଏକ ସ୍ୱାଭାବିକ ବ୍ୟାପାର । ବିଦେଶୀ କଥାବସ୍ତୁରେ ଜାତୀୟତାର ଭିତ୍ତି ପ୍ରସ୍ତୁତ କରିବା କ୍ଷେତ୍ରରେ ଓଡ଼ିଆ ନାଟ୍ୟକାରମାନଙ୍କର ପ୍ରଚେଷ୍ଟା ଅନବଦ୍ୟ । ନାଟ୍ୟସାହିତ୍ୟର ଉତ୍ତରୋତ୍ତର ଉନ୍ନତି କାମନା ଦିଗରେ ସେମାନଙ୍କ ଉତ୍ସର୍ଗୀକୃତ ପଦକ୍ଷେପ ଜାତୀୟତା ଓ ସଂସ୍କାର ଚେତନାକୁ ସାହିତ୍ୟ କ୍ଷେତ୍ରକୁ ଅବତରଣରେ ଅନୁବାଦ ନାଟକର ଭୂମିକା ଯେ ଅନନ୍ୟ – ଏହା ନିଃସନ୍ଦେହଜନକ । ଦୁଇଟି ସାହିତ୍ୟର ପରମ୍ପରା, ସଂସ୍କୃତି, ଚିନ୍ତନ, ବିଚାର ଏବଂ ଜୀବନମୂଲ୍ୟକୁ ଶଂଖୋଳି-ସୁରକ୍ଷିତ ରଖିବାରେ ଅନୁବାଦ ନାଟକର ଭୂମିକା ଅନତିକ୍ରମ୍ୟ ଓ ସ୍ୱାଗତଯୋଗ୍ୟ ।

ISSN NO.
2582-208X

ପ୍ରାନ୍ତଟୀକା:

୧. ଦାସ, ହେମନ୍ତ କୁମାର - ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ - ପ୍ରକାଶକ- ଏସ୍.ବି ପବ୍ଲିକେଶନ୍ - ପ୍ରଥମ ପ୍ରକାଶ-୨୦୦୩, ପୃଷ୍ଠା-୩୧୫

୨. ଦାସ, ହେମନ୍ତ କୁମାର - ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ - ପ୍ରକାଶକ- ଏସ୍.ବି ପବ୍ଲିକେଶନ୍ - ପ୍ରଥମ ପ୍ରକାଶ-୨୦୦୩, ପୃଷ୍ଠା-୨୮୭

(((-)))

ଗବେଷିକା, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# କର୍ମର ଫଳ



ପ୍ରସନ୍ନ କୁମାର ମେହେର

କରମ ସାଧନେ କର୍ତ୍ତବ୍ୟ କରଣେ
ମାନବ ଜୀବନ ଧନ୍ୟ
କରମର ନ୍ୟାୟ ଆପଣାର ନ୍ୟାୟ
କର୍ମ ବଳେ ପାପ ପୁଣ୍ୟ।
କର୍ମ ଅନୁଯାୟୀ ଫଳ ପାଇଥାଏ
ଏ ଦୁନିଆରେ ଲୋକ
ଅତୀତର ପାପ ବଳେ ହୁଏ ଭୋଗ
ଜୀବନର ଦୁଃଖ ଶୋକ ।

କିଏ ଦେଇଅଛି ଦୁଃଖ କଷ୍ଟ ଗ୍ଲାନି
କେଉଁ ଦୋଷୁ ଲଭୁ ପାପ
ଏସବୁ ଅସତ୍ୟ କର୍ମ ଅଟେ ସତ୍ୟ
ପ୍ରାରବ୍ଧ କର୍ମେ ତା' ପ୍ରାପ୍ୟ।

କେ କାହାର ମନ୍ଦ ଆଚରିବା, ନୁହେଁ
ଜୀବନର ଧ୍ରୁବସତ୍ୟ
କିଏ କାହା ପ୍ରତି ଅନ୍ୟାୟ ପାଞ୍ଚିଲା
ଭ୍ରାନ୍ତି ଅଟେ ଏକମାତ୍ର।

ଭ୍ରାନ୍ତି ବଳେ ନର କରେ ଅପରାଧ
ଅବାଟରେ ବାଟବଣା

ISSN NO.
2582-208X

ଦୋଷୀ ମନେକରି ନିଏ ପ୍ରତିଶୋଧ
କୋପେ ଅପରାଧୀ ଗଣା ।

ତହିଁ ଜାତ ହୁଏ ଅପକର୍ମ ଆଦି
ନୂତନ କରମ ଲୟ
ମଣିଷ ଜନମହୁଏ ନି ସାର୍ଥକ
ଅକର୍ମେ ହୁଅଇ ଶ୍ରେୟ ।

ଏଣୁ ହେ ମାନବ କର ମନେ ଧ୍ୟାନ
କର୍ମ ଅଟେ ଭଗବାନ
ସତ୍ୟ କର୍ମ କରି ଭବୁ ଯିବା ତରି
ମୁକତି ଲଭିବ ପ୍ରାଣ ।

(((-)))

ଦିଗଶିରା, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ଦୂରଭାଷ-୯୭୭୭୯୭୧୩୭୬

ISSN NO.
2582-208X

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଗ୍ରାମୀଣ ବିକାଶର ଚିତ୍ର



ସୁଶ୍ରୀ ବେବୀ ନାଏକ

### ଉପକ୍ରମଣିକା:

ଗ୍ରାମୀଣ ବିକାଶ (Rural Development ) ଏକ ସ୍ୱତନ୍ତ୍ର ଅଧ୍ୟୟନର ବିଷୟ । ସମ୍ପ୍ରତି ଏହାକୁ ଏକ ଶିକ୍ଷଣ ବିଷୟ ଭାବରେ ବିଭିନ୍ନ ଅନୁଷ୍ଠାନରେ ଅଧ୍ୟୟନ କରାଯାଉଅଛି । ଏହି ଅଧ୍ୟୟନ ମଧ୍ୟରେ ଗ୍ରାମୀଣ ବିକାଶର ସ୍ୱରୂପ, ପରିଭାଷା ତଥା ପରିସର ସମ୍ପର୍କରେ ବ୍ୟାପକ ଭାବରେ ଆଲୋଚନା କରାଯାଉଅଛି । ବସ୍ତୁତଃ ଏହା ହେଉଛି ଏକ ସାମାଜିକ ବିଷୟ । ତତ୍ତ୍ୱବିଦ ମାନେ ଏହାର ଆଭ୍ୟନ୍ତରୀଣ ରୂପକୁ ନିରୀକ୍ଷଣ କରିବା ସମୟରେ ସହିତ୍ୟକମାନେ ଏହାର ଜୀବନ ଧାରଣର ମାନଦଣ୍ଡକୁ ଦୃଷ୍ଟି ସମ୍ମୁଖରେ ରଖି ସ୍ୱକୀୟ ସାହିତ୍ୟ ସୃଷ୍ଟି କରୁଛନ୍ତି । ତେଣୁ ଗ୍ରାମୀଣ ବିକାଶ କେବଳ ତତ୍ତ୍ୱର ବିଷୟ ନୁହେଁ, ବରଂ ଏହା ହେଉଛି ଏକ ସହିତ୍ୟକ ଉପାଦାନ ।

### ଗବେଷଣାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ:

ପ୍ରସ୍ତାବିତ ପ୍ରକଳ୍ପର ବିଷୟବସ୍ତୁ ହେଉଛି –"ସ୍ୱାଧୀନତା ପରବର୍ତ୍ତୀ ଓଡିଆ କବିତାରେ ଗ୍ରାମୀଣ ବିକାଶର ଚିତ୍ର" । ବସ୍ତୁତଃ ଓଡିଆ କବିତା ରଚନା କରୁଥିବା ଶିଳ୍ପୀମାନେ ଓଡ଼ିଶାର ସାମାଜିକ ଜୀବନକୁ ଅତ୍ୟନ୍ତ ସହୃଦୟ ଭାବରେ ସନ୍ଦର୍ଶନ କରିଥାନ୍ତି ଏବଂ ଜୀବନ୍ତ ବସ୍ତୁବତାକୁ ପ୍ରକାଶ କରିବା ପାଇଁ ପ୍ରୟାସ କରିଥାନ୍ତି । ତେଣୁ ତାଙ୍କ ରଚିତ ସାହିତ୍ୟ ଗୁଡିକରେ ସାମାଜିକ ଜୀବନର ବାସ୍ତବ ରୂପ ପରିଲକ୍ଷିତ ହେବ ସଙ୍ଗେସଙ୍ଗେ ନିର୍ଦ୍ଦିଷ୍ଟ ଗ୍ରାମ ବିକାଶର ଚିତ୍ର ପରିଦୃଷ୍ଟ ହୋଇଥାଏ । ସେହିଭଳି କବିତାର ଉପାଦାନ ଗୁଡିକ

ISSN NO.
2582-208X

ଆହରଣ ପୂର୍ବକ ତନ୍ମଧ୍ୟରେ ନିହିତ ଗ୍ରାମୀଣ ବିକାଶ ସମ୍ପର୍କରେ ଆଲୋଚନା ହେଉଛି ଏହି ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

## ଗବେଷଣାର ପରିସର :

ଶଂସିତ ପ୍ରକଳ୍ପରେ ମୁଖ୍ୟତଃ ସ୍ୱାଧୀନତା ପରବର୍ତ୍ତୀ ଓଡିଆ କବିତା ମଧ୍ୟରେ ନିହିତ ଗ୍ରାମୀଣ ବିକାଶକୁ ଆଲୋଚନା କରାଯାଇଛି । ତେଣୁ ଏଠାରେ ନିମ୍ନ କେତେକ ବିଷୟକୁ ଆଲୋକପାତ କରାଯାଇଛି । ତାହା ହେଉଛି -ଅର୍ଥନୈତିକ ବିକାଶ, ସାମାଜିକ ବିକାଶ, ଆଧ୍ୟାତ୍ମିକ ବିକାଶ, ନୈତିକ ବିକାଶ, କୃଷିର ବିକାଶ, ସହରୀକରଣ ଇତ୍ୟାଦି । ଉକ୍ତ ସମସ୍ତ ବିଷୟ ସମକାଳର ଗୁଡିକରୁ ଆହରଣ କରାଯାଇ ସେ ସମ୍ପର୍କରେ ସୂକ୍ଷ୍ମ ଭାବରେ ଅନୁଧ୍ୟାନ କରାଯାଇଛି ।

## ଗବେଷଣା ପଦ୍ଧତି:

ପ୍ରସ୍ତାବିତ ପ୍ରକଳ୍ପର ମୁଖ୍ୟ ପ୍ରତିପାଦିତ ବିଷୟ ହେଉଛି କଥା ସାହିତ୍ୟରେ ଗ୍ରାମୀଣ ବିକାଶର ଚିତ୍ର । ତେଣୁ ଏଠାରେ ଗ୍ରାମୀଣ ବିକାଶ ଭିତ୍ତିକ ଗବେଷଣା ପଦ୍ଧତିର ଅବଲମ୍ବନ କରାଯାଇଛି । ଦ୍ୱିତୀୟତଃ ଏହି ପ୍ରକଳ୍ପରେ ସାହିତ୍ୟକୁ ଅଧ୍ୟୟନର ପରିସରକୁ ଅଣାଯିବ। ସେହି ଦୃଷ୍ଟିକୋଣରୁ ଏଠାରେ ସାହିତ୍ୟତାତ୍ତ୍ୱିକ ଗବେଷଣା ପଦ୍ଧତିକୁ ମଧ୍ୟ ଅନୁସରଣ କରଯାଇଛି।

## ଗବେଷଣାର ନିଷ୍କର୍ଷ:

ଶଂସିତ ପ୍ରକଳ୍ପର ଅନ୍ତିମ ପର୍ଯ୍ୟାୟରେ ଉକ୍ତ ଆଲୋଚନାର ଏକ ନିଷ୍କର୍ଷ ପ୍ରଦତ୍ତ ହେବ । ଏଠାରେ ଯୁକ୍ତି ପ୍ରଦର୍ଶନ କରାଯିବ ଯେ, ପ୍ରକୃତରେ ଗ୍ରାମ୍ୟ ଜୀବନ ସହିତ ଗ୍ରାମୀଣ ବିକାଶ ନିବିଡ ଭାବରେ ଜଡ଼ିତ ହୋଇ ରହିଥାଏ। ସାହିତ୍ୟକମାନେ ତାକୁ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ଆହରଣ କରିଥାନ୍ତି ଏବଂ ସ୍ୱକୀୟ ସାହିତ୍ୟ ମଧ୍ୟରେ ତାର ରୂପାୟନ କରିଥାନ୍ତି। ଆଧୁନିକ କାଳରେ ଗ୍ରାମୀଣ ବିକାଶକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଥିବା ଯୋଗୁଁ ଏହିଭଳି ଗବେଷଣା ଯୋଜନାର ଏକାନ୍ତ ଆବଶ୍ୟକତା ନିହିତ । ସେହି ପ୍ରସଙ୍ଗିକତାକୁ ଉଲ୍ଲେଖ କରାଯାଇ ଏହାର ଉପସଂହାର ପ୍ରଦତ୍ତ ହେବ ।

ISSN NO.
2582-208X

## ଗ୍ରାମୀଣ ବିକାଶର ପରିଭାଷା ଓ ସ୍ୱରୂପଃ

ସାଧାରଣତଃ ଯେଉଁ ଶାସ୍ତ୍ର ବା ତତ୍ତ୍ୱରେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ଗ୍ରାମର ବିକାଶ ସମ୍ପର୍କରେ ଆଲୋଚନା ତଥା ପର୍ଯ୍ୟାଲୋଚନା କରାଯାଇଥାଏ, ତାହା ହେଉଛି ଗ୍ରାମୀଣ ବିକାଶ । ମଣିଷ ଜୀବନର ବିକାଶକୁ ଆଲୋଚନା କଲେ ଦେଖାଯାଏ ଯେ, ବନ ଜଙ୍ଗଲରେ ବାସ କରୁଥିବା ମଣିଷ କ୍ରମଶଃ ଗୋଷ୍ଠୀଗତ ଜୀବନ ଆରମ୍ଭ କରିଥିଲା ଏବଂ ଆପଣାର ବୁଦ୍ଧି ବଳରେ ବିଭିନ୍ନ ପ୍ରକାର ସାମାଜିକ ନୀତି ଓ ନିୟମ ପ୍ରଣୟନ କରିଥିଲା । ହଜାର ହଜାର ବର୍ଷ ଧରି ସେ ସେହି ନୀତି ଓ ନିୟମକୁ ଆଚରଣ ପୂର୍ବକ ଜୀବନ ଧାରଣ କରି ଆସିଥିଲା । ମାତ୍ର ଏହି ସଂସାରରେ ଜୀବନଧାରା ସ୍ଥିର ନୁହେଁ , ଗତିଶୀଳ । ମଣିଷ ଆପଣାର ବୌଦ୍ଧିକ ଶକ୍ତି ବଳରେ ବିଭିନ୍ନ ବିଷୟ ଆବିଷ୍କାର କରିଥିଲା ଓ ତାକୁ ସ୍ୱକୀୟ ଜୀବନ ଧାରଣାର ମାନଦଣ୍ଡ ଭାବରେ ବ୍ୟବହାର କରିଥିଲା । ପ୍ରାଚୀନ କାଳରେ ରହିଥିବା ମାନବୀୟ ଶକ୍ତି ପ୍ରଦର୍ଶନ କ୍ରମେ ସାମାଜିକ ନୀତିନିୟମର ବନ୍ଧନ ଭିତରେ ଆବଦ୍ଧ ହୋଇଯାଇଥିଲା । ସାଧାରଣ ମଣିଷ ଗୋଟିଏ ପ୍ରକାରେ ସ୍ୱଚ୍ଛ ଓ ଶୃଙ୍ଖଳିତ ଜୀବନ ନିର୍ବାହ କରିବାକୁ ଆରମ୍ଭ କରିଥିଲା । ସେହି କାଳରେ ମାନବର ଜୀବନ ଥିଲା ପଲ୍ଲୀଭିତ୍ତିକ । ସାଧାରଣ ଜୀବନଯାପନ ପୂର୍ବକ ମଣିଷ ସୁଖରେ ବଞ୍ଚୁଥିଲା ।

ଯେତେବେଳେ ସଂସାରରେ ସମୟକ୍ରମେ ବିଜ୍ଞାନର ଅଭୂତପୂର୍ବ ଉନ୍ନତି ସାଧିତ ହୋଇଥିଲା, ସେତେବେଳେ ସମଗ୍ର ପୃଥିବୀର ପରିସ୍ଥିତି ସଂପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଯାଇଥିଲା । ବିଭିନ୍ନ ବୈଜ୍ଞାନିକ ବିଭିନ୍ନ ସମୟରେ ନୂତନ ନୂତନ ଉଦ୍ଭାବନ ଓ ଆବିଷ୍କାର କରିବାକୁ ଲାଗିଲେ । ତାହାକୁ ମାନବ ଜୀବନରେ ବିନିଯୋଗ କରିବାକୁ ଲାଗିଲେ । ମଣିଷ କ୍ରମେ ଆହୁରି ସୁଖ ସ୍ୱାଚ୍ଛନ୍ଦ୍ୟ ଭିତରେ ଜୀବନ ନିର୍ବାହ କଲା । ମାତ୍ର ଯେତେବେଳେ ବିଜ୍ଞାନର ଅଭିନବ ଆବିର୍ଭାବ ଯୋଗୁଁ ଶିଳ୍ପ ଅପୂର୍ବ ବିକାଶ ସାଧିତ ହେଲା, ସେତେବେଳେ ପୃଥିବୀର ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇ ଯାଇଥିଲା । ପୃଥିବୀର ଚତୁର୍ଦ୍ଦିଗରେ ପରିବେଷ୍ଟିତ ହୋଇଥିବା ବଣ ଓ ଜଙ୍ଗଲକୁ ସଫାକରି ମଣିଷ ନୂତନ ନୂତନ ଶିଳ୍ପ କାରଖାନାର ପ୍ରତିଷ୍ଠା କଲା । ଯେଉଁଠାରେ ଶିଳ୍ପକାରଖାନା ପ୍ରତିଷ୍ଠା ପାଇଲା, ସେହି ସ୍ଥାନ ଆଉ ଗ୍ରାମ ହୋଇ ରହିଲା ନାହିଁ, ତାହା କ୍ରମେ ରୂପାନ୍ତରିତ ହୋଇଗଲା ସହରରେ ବା ନଗରରେ । ଏହିଭଳି ବିଭିନ୍ନ ସ୍ଥାନରେ ସହର ଓ ନଗର ପ୍ରତିଷ୍ଠିତ ହେଲା । ଲୋକେ

ISSN NO.
2582-208X

ଆପଣାର ଜୀବନ ବଞ୍ଚିବା ପାଇଁ ବା ଅନ୍ନସଂସ୍ଥାନ ପାଇଁ ସହର ବା ନଗରକୁ ଚାଲିଗଲେ ଏବଂ ସେଠାରେ ସହାବସ୍ଥାନ କରିବାକୁ ଲାଗିଲେ ।

ଏହି ପରିବର୍ତ୍ତିତ ପରିସ୍ଥିତି ବିଶେଷ ଭାବରେ କ୍ଷତି ପହଞ୍ଚାଇ ଥିଲା ପୂର୍ବରୁ ରହିଥିବା ପଲ୍ଲୀ ସମାଜକୁ । କାରଣ ପଲ୍ଲୀରେ ଅବସ୍ଥାନ କରୁଥିବା କେତେକ ଲୋକ ସହରକୁ ଚାଲିଯାଇଥିଲେ । ମାତ୍ର ଅନେକ ବ୍ୟକ୍ତି ତଥାପି ଗ୍ରାମାଞ୍ଚଳରେ ବସବାସ କରୁଥିଲେ । ଆବଶ୍ୟକତା ଦୃଷ୍ଟିରୁ ସେତେବେଳେ ସହର ବା ନଗରର ବିକାଶ ସାଧିତ ହେଉଥିଲା; ସତ ମାତ୍ର ତତ୍କାଳୀନ ପଲ୍ଲୀ ବା ଗାମୀ ବିକାଶ ସମ୍ପର୍କରେ କେହି ଦୃଷ୍ଟିପାତ କରୁ ନଥିଲେ । ସେହି ସମୟର ଗ୍ରାମ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ ଦୃଷ୍ଟିରୁ କ୍ରମେ ଅବହେଳିତ ହେବାକୁ ଲାଗିଲା । ସେହି ସମୟରେ ସଂସାରର ବୁଦ୍ଧିଜୀବୀମାନେ, ଶାସକମାନେ ତଥା ସମାଜ ସଚେତକମାନେ ଗ୍ରାମୀଣ ବିକାଶ ପ୍ରତି ଧ୍ୟାନ ଦେବାକୁ ଆରମ୍ଭ କଲେ । ଏହି ସମୟର ବିଭିନ୍ନ ତତ୍ତ୍ୱବିଦ ଗ୍ରାମୀଣ ବିକାଶ ସମ୍ପର୍କରେ ବିଭିନ୍ନ ପ୍ରକାର ତତ୍ତ୍ୱ ଓ ସିଦ୍ଧାନ୍ତର ପ୍ରଣୟନ କରିଥିଲେ । ଏହି ସିଦ୍ଧାନ୍ତକୁ ଗ୍ରାମୀଣ ବିକାଶ ଭାବରେ ବିବେଚନା କରାଯାଇଥାଏ ।

ଏହାର ଇଂରେଜୀ ପାରିଭାଷିକ ଅର୍ଥ ହେଉଛି 'Ruralଓdevelopment'। ଏହାର ପରିଭାଷା ନିରୂପଣ କରିବାକୁ ଯାଇ ବିଶିଷ୍ଟ ତତ୍ତ୍ୱବିଦ Mosley,ଓMalcomJ. ମତବ୍ୟକ୍ତ କରିଛନ୍ତି-"Rural Development is the process of improving th equality of life and economic well-being of people living in rural area, of tenrelatively isolated and sparsely populated areas." ଅର୍ଥାତ ଗ୍ରାମୀଣ ବିକାଶ ହେଉଛି ଗ୍ରାମାଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିମାନଙ୍କ ଜୀବନ ଧାରଣର ମାନଦଣ୍ଡ ଓ ଅର୍ଥନୈତିକ ବିକାଶ ପାଇଁ କରାଯାଉଥିବା ଯୋଜନା । ବିଶେଷତଃ ସୀମିତ ଭାବରେ ତଥା ଜନପ୍ରିୟ ଭାବରେ ରହିଥିବା ଅଞ୍ଚଳକୁ ଏହା ଧ୍ୟାନ ଦେଇଥାଏ ।

Rowley, Thomas D. ଏ ସମ୍ପର୍କରେ କହନ୍ତି-"education, entrepreneurship, physical infrastructure, and social linfrastructure all play an important role in developing rural regions." ଅର୍ଥାତ ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳର ଶିକ୍ଷା, ଉଦ୍ୟୋଗୀ, ବାହ୍ୟ ଭିତ୍ତିଭୂମି,

ISSN NO.
2582-208X

ସାମାଜିକ ଭିତ୍ତିଭୂମି ଇତ୍ୟାଦି ଗ୍ରାମୀଣ ବିକାଶର ପରିସର ଭିତରକୁ ଆସିଥାଏ । ଗ୍ରାମୀଣ ବିକାଶ ଯୋଜନାରେ ଏଗୁଡିକ ବିଶେଷ ଭାବରେ ସାମିଲ ହୋଇଥାଏ ।

ବିଶିଷ୍ଟ ଅର୍ଥନୀତିଜ୍ଞ H.M.Kale ଗ୍ରାମୀଣ ବିକାଶର ପରିଭାଷା ନିରୂପଣ କରିବାକୁ ଯାଇ ଅନେକ ବିଶ୍ଲେଷଣ ପୂର୍ବକ ମନ୍ତବ୍ୟ ପ୍ରଦାନ କରିଛନ୍ତି–"Rural Development is concerned with improving the living standards of the low-income population residing in rural areas on a self-sustaining basis through transforming the socio-spatial structures of their productive activities"

ତେବେ ବିଶ୍ୱର ଅନେକ ତତ୍ତ୍ୱବିଦ ଗ୍ରାମୀଣ ବିକାଶକୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି ତଥା ଜୀବନ ଧାରଣ ବିକାଶ ପାଇଁ ପ୍ରବର୍ତ୍ତିତ ହୋଇଥିବା ଯୋଜନା ଭାବରେ ଗ୍ରହଣ କରିଛନ୍ତି । ନିମ୍ନରେ ଗ୍ରାମୀଣ ବିକାଶର କେତେକ ମୁଖ୍ୟ ଉପାଦାନକୁ ଉଲ୍ଲେଖ କରାଯାଉଅଛି ।

### ଗ୍ରାମୀଣ ବିକାଶର କେତେକ ମୁଖ୍ୟ ଉପାଦାନ:

ଅର୍ଥନୈତିକ ବିକାଶ-( ଉଦାହରଣ ସ୍ୱରୂପ-ଚାଷ,କ୍ଷୁଦ୍ର ଶିଳ୍ପ ପ୍ରକଳ୍ପ ଇତ୍ୟାଦି )
ସାମାଜିକ ବିକାଶ-(ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ସଶକ୍ତୀକରଣ ଇତ୍ୟାଦି)
ଭିତ୍ତିଭୂମିର ବିକାଶ -(ରାସ୍ତା ନିର୍ମାଣ, ଗୃହନିର୍ମାଣ, ବିଦ୍ୟୁତ ସଂଯୋଗ ଇତ୍ୟାଦି )
ପାରିବେଶିକ ସ୍ଥିରତା -( ପ୍ରାକୃତିକ ସମ୍ବଳର ରକ୍ଷଣାବେକ୍ଷଣ )

### ଗ୍ରାମୀଣ ବିକାଶ ଓ ସାହିତ୍ୟ ସହିତ ଏହାର ସମ୍ପର୍କ

ଗ୍ରାମୀଣ ବିକାଶ ସହିତ ସାହିତ୍ୟର ନିବିଡ ସମ୍ପର୍କ ବିଦ୍ୟମାନ । ବିଶେଷତଃ ଓଡିଆ ସାହିତ୍ୟ ସମ୍ପର୍କରେ ବିଚାର କଲେ ସମକାଳରେ ସାହିତ୍ୟ ରଚନା କରୁଥିବା ଅନେକ ସାହିତ୍ୟକମାନେ ଓଡିଶାର ଗ୍ରାମାଞ୍ଚଳର । ସେମାନେ ଓଡିଶାର ଗ୍ରାମାଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ । ଅନେକେ ଓଡିଶାର ପଲ୍ଲୀରୁ ଆପଣାର ପ୍ରାରମ୍ଭିକ ଶିକ୍ଷା ପରିସମାପ୍ତ କରିବା ପରେ ଉଚ୍ଚ ଶିକ୍ଷା ନିମିତ୍ତ କିମ୍ବା ଚାକିରୀ କରିବା ସକାଶେ ସହରାଞ୍ଚଳକୁ ଯାତ୍ରା କରିଥିଲେ । ବାଲ୍ୟ ଜୀବନରୁ ସେମାନେ ଗ୍ରାମାଞ୍ଚଳ ସହିତ ପରିଚିତ ଥିଲେ । ଆପଣାର ଜୀବନ କାଳ

ISSN NO.
2582-208X

ମଧ୍ୟରେ ତାଙ୍କର ଗ୍ରାମର କେଉଁ କେଉଁ ନିର୍ଦ୍ଦିଷ୍ଟ ବିକାଶ ସାଧିତ ହୋଇଥିଲା, ତାକୁ ସେମାନେ ସ୍ୱଚକ୍ଷୁରେ ଦେଖିଥିଲେ । ତେଣୁ ଯେତେବେଳେ ସେମାନେ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଇତ୍ୟାଦି ରଚନା କରିଛନ୍ତି,ସେତେବେଳେ ସ୍ୱତଃ ତାଙ୍କ ରଚିତ ସାହିତ୍ୟରେ ସ୍ୱକୀୟ ଗ୍ରାମର ବିକାଶ ଦୃଷ୍ଟି ସମ୍ମୁଖକୁ ଆସିଛି ଏବଂ ତାଙ୍କର ଅନେକ କୃତିରେ ସେଗୁଡିକୁ ବର୍ଣ୍ଣନା କରିଛନ୍ତି । ମୁଖ୍ୟତଃ କବି ଆପଣାର ଚତୁର୍ଦ୍ଦିଗରେ ନିହିତ ଉପାଦାନକୁ ଆହରଣ ପୂର୍ବକ ନିଜର କବିତାର ଭାବ-ବଳୟ ନିର୍ମାଣ କରିଥାନ୍ତି । ସ୍ୱକୀୟ ଭାବକୁ ପ୍ରକାଶ କରିବା ସମୟରେ କଦବା କିମିତି ସେମାନେ ଦେଖନ୍ତି ଆପଣାର ପରିବେଶକୁ, ଆପଣାର ପରିସରକୁ । ସେହି ଦେଖିବା ଭିତରେ କେତେବେଳେ ଯେ, ସେମାନେ ସ୍ୱକୀୟ ଗ୍ରାମର କଥା, ନିଜ ପଲ୍ଲୀର କଥା କହି ଦେଇଥାନ୍ତି, ସେମାନେ ଜାଣନ୍ତି ନାହିଁ । ମାତ୍ର, ତାହା ଗୋଟିଏ ଇତିହାସରେ ପରିଣତ ହୋଇ ଯାଇଥାଏ । ତେବେ ସ୍ୱାଧୀନତା ପରବର୍ତ୍ତୀ କାଳର ଓଡିଆ କବିତାରେ କିଭଳି ଗ୍ରାମୀଣ ବିକାଶର ଚିତ୍ର ଦେଖାଯାଇଥାଏ, ତାକୁ ଏଠାରେ ଆଲୋଚନା କରାଯାଉଅଛି ।

### ସ୍ୱାଧୀନତା ପରବର୍ତ୍ତୀ ଓଡିଆ କବିତାରେ ଗ୍ରାମୀଣ ବିକାଶର ଚିତ୍ର:

ସ୍ୱାଧୀନତା ପରବର୍ତ୍ତୀ ସମଯଖଣ୍ଡ ଥିଲା ଓଡିଆ ସାହିତ୍ୟରେ ନବ ପରିବର୍ତ୍ତନର କାଳ । ବିଶେଷତଃ ଦ୍ୱିତୀୟ ମହାଯୁଦ୍ଧ ପରବର୍ତ୍ତୀ ସମୟରେ ସମଗ୍ର ବିଶ୍ୱ ଚେତନାର ପରିବର୍ତ୍ତନ ସାଧିତ ହୋଇଥିଲା । ଏହାର ମୁଖ୍ୟ କାରଣ ଥିଲା ଯୁଦ୍ଧର ଭୟାବହତା, ସାଧାରଣ ମଣିଷର ମନ ଭିତରେ ସୃଷ୍ଟି ହୋଇଥିବା ଭୟାବହତା, ହତାଶା, ନିସଙ୍ଗତା, ଯନ୍ତ୍ରଣାବୋଧ, ମୃତ୍ୟୁ ଚେତନା ଓ ବିଚ୍ଛିନ୍ନତା, ବିଜ୍ଞାନର ଅଭୂତପୂର୍ବ ଅଭ୍ୟୁଦୟ, ଶିଳ୍ପ ସଭ୍ୟତାର ବିକାଶ, ପରିବର୍ତ୍ତିତ ନଗର ସଭ୍ୟତା ଇତ୍ୟାଦି । ଏହି କାରଣ ଯୋଗୁଁ ସମକାଳୀନ ବିଶ୍ୱ ସାହିତ୍ୟ ସାଧକବୃନ୍ଦ ପରିବର୍ତ୍ତିତ ପରିସ୍ଥିତିକୁ ଆହରଣ ପୂର୍ବକ ସାହିତ୍ୟ ସାଧନା କରିଥିଲେ । ତେଣୁ ସାହିତ୍ୟ ମଧ୍ୟରୁ ପାରମ୍ପରିକ ମୂଲ୍ୟବୋଧ ପରିବର୍ତ୍ତିତ ହୋଇ ଏହି ଚେତନାଗୁଡିକ ଚିତ୍ରିତ ହୋଇଥିଲା । ବସ୍ତୁତଃ ଏତଦପୂର୍ବରୁ ସାହିତ୍ୟ ମଧ୍ୟରେ ରହିଥିବାପାରମ୍ପରିକ ଈଶ୍ୱରୀୟ ଚେତନା, ଭାଗ୍ୟ ଓ ଭବିତବ୍ୟର ଲୀଳା, ଶାସ୍ତ୍ରୀୟ ଚିନ୍ତାଧାରା ଇତ୍ୟାଦି ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇ ଯାଇଥିଲା, ତାର ବଦଳରେ ଉକ୍ତ ଚେତନାର ପ୍ରୟୋଗ ଘଟିଥିଲା । ବିଶେଷ ଭାବରେ ଏହି ଚିନ୍ତାଧାରା ପ୍ରଭାବିତ କରିଥିଲା ସମକାଳୀନ କବିତା ଜଗତକୁ । ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ପରିବର୍ତ୍ତିତ ହୋଇଥିବା କବିତାର ଏହି ନୂତନ ରୂପ ପରିବର୍ତ୍ତନ

ISSN NO.
2582-208X

କ୍ରମେ ଓଡିଆ କବିତାକୁ ମଧ୍ୟ ପ୍ରଭାବିତ କରିଥିଲା । ସମସାମୟିକ ଓଡିଆ କବିମାନେ ଏହି ପରିବର୍ତ୍ତିତ ଭାବନାକୁ ଭିତ୍ତିକରି କବିତା ରଚନା କରିଥିଲେ । ତେଣୁ ଓଡିଆ କବିତା ରାଜ୍ୟରେ ମଧ୍ୟ ପାରମ୍ପରିକ ଚିନ୍ତାଧାରା ପରିବର୍ତ୍ତିତ ହୋଇ ଯାଇଥିଲା ।

ଉକ୍ତ ସମସ୍ତ ବିଷୟକୁ ବାଦ ଦେଲେ, ସମସାମୟିକ କବିତା ଚେତନାରେ ଆଉ ଏକ ତୁମୁଳ ଉପାଦାନ ଦେଖାଯାଇଥିଲା । ତାହା ହେଉଛି, 'ଗ୍ରାମୀଣ ବିକାଶର ଚିତ୍ର'। ବସ୍ତୁତଃ ଯେତେବେଳେ ଆଧୁନିକ ଚିନ୍ତାଧାରା ଦ୍ୱାରା ଆପ୍ଲୁତ ହୋଇ ପଲ୍ଲୀରେ ବାସ କରୁଥିବା ଜନତା ନଗର ଅଭିମୁଖୀ ହେବାକୁ ଲାଗିଲେ, ସେତେବେଳେ ଗ୍ରାମାଞ୍ଚଳର ବିକାଶ ବିଡମ୍ବିତ ହୋଇ ଉଠିଲା । ଗ୍ରାମଗୁଡିକ କ୍ରମେ ଅବହେଳିତ ହେବାକୁ ଲାଗିଲା । ଯେତେବେଳେ ଏହା ଏକ ସମସ୍ୟା ବା ସଙ୍କଟର ରୂପ ନେଇଥିଲା, ସେତେବେଳେ ପୁଣି ନବ୍ୟ ଶିକ୍ଷିତ ମଣିଷମାନେ ଗ୍ରାମର ଉନ୍ନତି ବିଷୟରେ, ଗ୍ରାମର ବିକାଶ ବିଷୟରେ ଚିନ୍ତା କରିବାକୁ ଲାଗିଲେ । ଏ ସମ୍ପର୍କୀୟ ବିଭିନ୍ନ ସରକାରୀ ଯୋଜନା ମଧ୍ୟ ହେବାକୁ ଲାଗିଲା । ଏହି ବିଷୟ କବିର ଚେତନାକୁ ମଧ୍ୟ ବିଶେଷ ଭାବରେ ପ୍ରଭାବିତ କରିଥିଲା । ତେଣୁ ଏହି କାଳର ବିଭିନ୍ନ କବିତାରେ ସମସାମୟିକ ଗ୍ରାମୀଣ ଉପାଦାନର ଚିତ୍ର ପରିଲକ୍ଷିତ ହୋଇଥାଏ । ନିମ୍ନରେ ସେଗୁଡିକୁ ପର୍ଯ୍ୟାଲୋଚନା କରାଯାଉଅଛି ।

ଏହି ସମୟର ପ୍ରମୁଖ କାବ୍ୟଶିଳ୍ପୀ ହେଉଛନ୍ତି ସଚ୍ଚିଦାନନ୍ଦ ରାଉତରାୟ । ସେ ଓଡିଆ କବିତାରୁ ପାରମ୍ପରିକ ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ ପୂର୍ବକ ନୂତନ ଚିନ୍ତାଧାରାକୁ ଭିତ୍ତିକରି ସ୍ୱକୀୟ କବିତାଗୁଡିକ ରଚନା କରିଥିଲେ । ତାହା ଗୋଟିଏ ପ୍ରକାରେ ଓଡିଆ କବିତାରେ ନୂତନ ଯୁଗର ସୂତ୍ରପାତ କରିଥିଲା । ତାଙ୍କର କେତେକ କବିତାରେ ସମକାଳୀନ ଗ୍ରାମୀଣ ବିକାଶର ଚିତ୍ର ପରିଲକ୍ଷିତ ହୋଇଥାଏ । କବି ରାଉତରାୟଙ୍କ 'ପଲ୍ଲୀଶ୍ରୀ' କବିତା ସଙ୍କଳନର 'ପଲ୍ଲୀ ସଞ୍ଜ' କବିତାରେ କବି ସମକାଳୀନ ଗ୍ରାମାଞ୍ଚଳରେ ଇଂରେଜୀ ଭାଷା ଓ ସଭ୍ୟତାର କିଭଳି ବିକାଶ ସାଧିତ ହୋଇଥିଲା, ସେ ସମ୍ପର୍କରେ ବ୍ୟାଙ୍ଗ କରିଛନ୍ତି । କବିତାରେ ରକ୍ଷଣଶୀଳ ସମାଜର ପ୍ରତିନିଧି ଜନୈକ ଶାଶୁ ତାର ବୋହୁ ଉଦ୍ଦେଶ୍ୟରେ କହିଛି –

"ପୁଅ ସିନା କଲା ତିନି ପାସ ମୋର କଲେଜ ପଢି
ବୋହୁ ସାହେବାଣୀ ହେବେ କି ସେ ଲାଗି ଥିଲି ମୁଁ ଲୋଡି

ISSN NO.
2582-208X

କିରସ୍ତାନୀ ପାଠ ପଢି ବୋହୂଟିଏ ହେଲେଣି କିସ ?
କଳିକାଳ ହେଲା ତିଆରି କହିଲେ ନାଗୁଚି ବିଷ ।"

ଏହି ପଦରେ କବି ସୂଚନା ପ୍ରଦାନ କରିଛନ୍ତି ଯେ, ସେହି ସମୟର ଗ୍ରାମାଞ୍ଚଳରେ ବିଭିନ୍ନ ଇଂରେଜୀ ମାଧ୍ୟମ ଶିକ୍ଷାନୁଷ୍ଠାନ ଗୁଡିକ ପ୍ରତିଷ୍ଠିତ ହୋଇଥିଲା । 'କିରସ୍ତାନୀ' ପାଠ ହେଉଛି ଏଠାରେ ଇଂରେଜୀ ପାଠ । ସେତେବେଳେ ଗ୍ରାମରେ ନାରୀ ଶିକ୍ଷାର ମଧ୍ୟ ପ୍ରଗତି ସାଧିତ ହୋଇଥିଲା । ଯେଉଁ ନାରୀମାନେ ତଥାକଥିତ ଇଂରେଜୀ ଶିକ୍ଷା ଗ୍ରହଣ କରୁଥିଲେ, ସେମାନେ ସମକାଳୀନ ରକ୍ଷଣଶୀଳ ବ୍ୟକ୍ତିମାନଙ୍କ ଦ୍ୱାରା ସମାଲୋଚିତ ହେଉଥିଲେ । ମାତ୍ର ଏହି କଥା ସତ୍ୟ ଯେ, ସେତେବେଳେ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ସାଧିତ ହୋଇଥିଲା ।

କବିଙ୍କ ଅନ୍ୟ ଏକ କବିତା ହେଉଛି–'ସୀମାନ୍ତ ଟ୍ରେନ'। କବି ଏଠାରେ ଗୋଟିଏ ଗ୍ରାମର ଚିତ୍ର ପ୍ରଦାନ କରିବାକୁ ଯାଇ ଟ୍ରେନ ଚାଲିବାର କଥାକୁ ଉଲ୍ଲେଖ କରିଛନ୍ତି । କବିଙ୍କ ଭାଷାରେ –

"ଏ ଟ୍ରେନ ଯେ ହଜିଯାଏ ,ଲିଭିଯାଏ
ଏ ଟ୍ରେନ ଛୁଟାଇନିଏ ମୋତେ କୌତୁହଳେ
ଉଲଗ୍ନ ମୁଁ ନକ୍ଷତ୍ରର ତଳେ ।"

ଓଡିଶାର ଗ୍ରାମାଞ୍ଚଳରେ ଟ୍ରେନ ଲାଇନ ସ୍ଥାପନ ମଧ୍ୟ ଗ୍ରାମ୍ୟ ବିକାଶର ପ୍ରତୀକ । ସମକାଳରେ ସମଗ୍ର ଓଡିଶାରେ ଟ୍ରେନ ଚଳାଚଳ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ ହୋଇଥିଲା। କବି ଶ୍ରୀଯୁକ୍ତ ରାଉତରାୟ, ତାକୁ ଉପଜୀବ୍ୟ କରି ସୂଚନାତ୍ମକ ଭାବେ ଏଠି ଟ୍ରେନ ଚାଲିବାର କଥାକୁ ଉଲ୍ଲେଖ କରିଛନ୍ତି ।

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସମକାଳୀନ ଓଡିଆ କବିତା ରାଜ୍ୟର ଅନ୍ୟତମ ବଳିଷ୍ଠ ପ୍ରତିଭା ହେଉଛନ୍ତି–ବିନୋଦ ନାୟକ । ଜଣେ ରୋମାଣ୍ଟିକ ଭାବପ୍ରବଣ କବି ଭାବରେ ସେ ବେଶ୍ ଜଣାଶୁଣା । ତାଙ୍କର ଏକ ଶ୍ରେଷ୍ଠତମ କବିତା ହେଉଛି–'ଗ୍ରାମପଥ'। ଏହି କବିତାରେ କବି ଗ୍ରାମ୍ୟ ସମାଜର ଜୀବନ୍ତ ରୂପକୁ ଅତିଅନ୍ତ ବାସ୍ତବ ଭାବରେ ରୂପାୟନ କରିଛନ୍ତି । ସାଧାରଣତଃ ଓଡିଶାର ଗ୍ରାମଗୁଡିକରେ ପୂର୍ବରୁ ଗ୍ରାମର ତରୁଣମାନେ ଚାଷବାସ କରୁଥିଲେ

ISSN NO.
2582-208X

କିମ୍ବା ଯାହାର ଜମିବାଡି ନଥିଲା ସେମାନେ ଅନ୍ୟର ଜମିରେ ମୂଳ ଲାଗି ପେଟ ପୋଷୁଥିଲେ। କିନ୍ତୁ ଯେତେବେଳେ ନୂତନ ସମାଜ ଗଠିତ ହେଲା, ସେତେବେଳେ ଓଡିଶାର ଗ୍ରାମ୍ୟ ଯୁବକମାନେ ଶିକ୍ଷାଦୀକ୍ଷା ଲାଭକଲେ ଓ ସହରକୁ ଯାଇ ଚାକିରି କଲେ । ଗ୍ରାମ୍ୟ ଯୁବକ ଶିକ୍ଷିତ ହେବା ମଧ୍ୟ ଗ୍ରାମୀଣ ବିକାଶର ଏକ ନିଦର୍ଶନ । ଗ୍ରାମ୍ୟ ଯୁବକମାନେ ଶିକ୍ଷାଲାଭ ପୂର୍ବକ ବିଦେଶକୁ ଯାଇ ଚାକିରୀ କରିବା କଥା ଏହି କବିତାରେ ବର୍ଣ୍ଣିତ ହୋଇଅଛି । କବିତାର ଭାଷା ଅନୁଯାୟୀ–

"ଏ ପଥେ ଗ୍ରାମର ତରୁଣ ବିଦେଶେ ଯାଏ
ଲେଉଟ ପଥକୁ ନୂତନା ଘରଣୀ
ଆକୂଳେ ଅନାଇଥାଏ ।"

କାବ୍ୟଶିଳ୍ପୀ ବିନୋଦ ନାୟକଙ୍କ ରଚିତ ଅନ୍ୟତମ ଭୂ ଆଦୃତ କବିତା ହେଉଛି–'ରାସ୍ତା'। ଏହି କବିତାରେ କବି ପଲ୍ଲୀ ଅଞ୍ଚଳରେ ରାସ୍ତା ନିର୍ମିତ ହୋଇଥିବା ବିଷୟକୁ ଉଲ୍ଲେଖ କରିଛନ୍ତି । ଅବଶ୍ୟ ଏହା ହେଉଛି ଏକ ବ୍ୟଙ୍ଗଧର୍ମୀ କବିତା । କବି ଏହି କବିତାରେ ରାସ୍ତା ନିର୍ମିତ ହେବା ଯୋଗୁଁ ଗ୍ରାମ୍ୟ ସମାଜରେ କେଉଁ କେଉଁ ଦାରୁଣ ଦୁର୍ବିପାକ ସଂଜାତ ହୋଇଛି, ସେ ବିଷୟରେ ବ୍ୟଙ୍ଗ କରିଛନ୍ତି । ମାତ୍ର ଗ୍ରାମ୍ୟ ସମାଜରେ ନୂତନ ରାସ୍ତା ନିର୍ମାଣ ହେଉଛି ଗ୍ରାମୀଣ ବିକାଶ ନମୁନା । କବି ରାସ୍ତାକୁ ଉପଜୀବ୍ୟ କରି ଉଲ୍ଲେଖ କରିଛନ୍ତି–

"ଏ ରାସ୍ତାରେ ରକ୍ତବୀର୍ଯ୍ୟ ଅସଂଖ୍ୟ ଜୀବାଣୁ
ଗରମ ତୈଳର ବାଷ୍ପେ/ ଅସହ୍ୟ ଗରମ
ଜୀର୍ଣ୍ଣ ବିପଣୀ ବିଥିର ଚଟୁଳ ବାକ୍ ଚତୁର ବଣିକ
ଖାଦ୍ୟ ଅପମିଶ୍ରଣରେ / ବିଷାକ୍ତ ଭେଜାଲ୍ ।"

କବି ଏଠାରେ ଗ୍ରାମକୁ ନିର୍ମିତ ହୋଇଥିବା ରାସ୍ତା ମାଧ୍ୟମରେ ପରିବର୍ତ୍ତିତ ପରିସ୍ଥିତିର ସୂଚନା ପ୍ରଦାନ କରିଛନ୍ତି । ତତ୍ ମାଧ୍ୟମରେ ଗ୍ରାମୀଣ ବିକାଶର ଚିତ୍ର ଅତ୍ୟନ୍ତ ସ୍ପଷ୍ଟ ହୋଇଅଛି ।

ସମସାମୟିକ ଓଡିଶାର ଏକ ପ୍ରଥିତଯଶା କାବ୍ୟଶିଳ୍ପୀ ହେଉଛନ୍ତି–ବେଣୁଧର ରାଉତ । ସେ ବହୁ ଚମତ୍କାର କବିତା ରଚନା ପୂର୍ବକ ଓଡିଆ କବିତା ଜଗତକୁ ଋଦ୍ଧିମନ୍ତ କରିଯାଇଛନ୍ତି । ତାଙ୍କ ଏକ ବହୁଳ ଭାବରେ ଆଦୃତି ଲାଭ କରିଥିବା କବିତା ହେଉଛି–'ମଳୟର

ISSN NO.
2582-208X

ଆତ୍ମହତ୍ୟା'। ଏହି କବିତାରେ କବି ଗ୍ରାମ୍ୟ ସମାଜରେ ବିକାଶ ସାଧିତ ହେବା ପରେ କିଭଳି ଗ୍ରାମରେ ପ୍ରବାହିତ ହେଉଥିବା ମଧୁର ମଳୟ କ୍ରମେ ଦୂରେଇ ଯାଉଛି । ମଣିଷ ଆଉ ମଳୟର ଅନୁଭବ କରିପାରୁନାହି । କବିଙ୍କ ଉପଲବଧି ଅନୁଯାୟୀ, ସତେ ଯେପରି ଏଠାରେ ମଳୟ ଆତ୍ମହତ୍ୟା କରିଛି । କବିଙ୍କ ଭାଷାରେ-

"ନାଇଁ କାନେ କୋକିଳ ବା ଚକ୍ରବାକ ଧ୍ୱନି
ଅଛି ନୂଆଁ କାରଖାନା ଚିମିନିର ଧ୍ୱନି
ଅନାଗତ ମୁହୂର୍ତ୍ତର ପୁରୋଗାମୀ ସନ୍ଦିଗ୍ଧ ଯୋଜନା
ବଞ୍ଚିବାର ବାସ୍ତବ ଓ ବିପୁଳ ସମସ୍ୟା
କାରଖାନା କାହାଳିର ମର୍ମଭେଦୀ ଉତ୍କଟ ଆବାଜ ।"

ଆଧୁନିକ ସମୟ ଆସିବା ପରେ ଗ୍ରାମୀଣ ପରିବେଶର ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ଶିଳ୍ପର ବିକାଶ ହେବା ଯୋଗୁଁ ବିଭିନ୍ନ ଗ୍ରାମରେ ମଧ୍ୟ ବିକାଶ ଘଟିଛି । ଗ୍ରାମର ପ୍ରକୃତିକୁ ବିଧ୍ୱଂସ କରାଯାଇ ବିଭିନ୍ନ କଳ କାରଖାନା ସ୍ଥାପନ କରାଯାଇଅଛି । ତେଣୁ ଏଠାରେ କବି କୋକିଳ ବା ଚକ୍ରବାକର ଧ୍ୱନି ଶୁଣିବାକୁ ପାଇନାହାନ୍ତି । ବରଂ ତାଙ୍କୁ ଶୁଣାଯାଇଛି ନୂତନ ଭାବରେ ସ୍ଥାପିତ ହୋଇଥିବା କାରଖାନାର ଚିମିନିର ଧ୍ୱନି । ଆଗାମୀ ସମୟରେ ଗ୍ରାମୀଣ ବିକାଶ ପାଇଁ ଯେଉଁ ଯେଉଁ ଯୋଜନା ପ୍ରସ୍ତୁତ ହୋଇଅଛି, କବି ଏଠାରେ ତାର ଆକଳନ କରିଛନ୍ତି । ସେହି ଯୋଜନାଗୁଡିକ କବିଙ୍କୁ ଅତ୍ୟନ୍ତ ସନ୍ଦିଗ୍ଧ ମାନେ ହୋଇଛି । ତେଣୁ ଏଠାରେ କବି ପରୋକ୍ଷ ଭାବରେ ସମକାଳୀନ ଗ୍ରାମ୍ୟ ସମାଜରେ ଯେଉଁ ବିକାଶ ସାଧିତ ହୋଇଅଛି, ତାକୁ ରୂପାୟନ କରିଛନ୍ତି ।

ଏହି ସମୟର ଜେନ ବରେଣ୍ୟ କାବ୍ୟ ସାଧକ ହେଉଛନ୍ତି କବି ଗୋପାଳ ଚନ୍ଦ୍ର ମିଶ୍ର । ସେ ଅନେକ ରୋମାଣ୍ଟିକ କବିତା ରଚନା କରି ଓଡିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଛନ୍ତି । ତାଙ୍କ ଏକ କବିତା ହେଉଛି-"କାଶତଣ୍ଡି ପାଇଁ ଗୋଟିଏ କବିତା" । ଏହି କବିତାରେ କବି କାଶତଣ୍ଡି ଫୁଲର ବିଲୋପ ସାଧିତ ହେବ ବିଷୟକୁ ନେଇ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସେତେବେଳେ ଗ୍ରାମ କିଭଳି କ୍ରମେ ସହରରେ ରୂପାନ୍ତରିତ ହୋଇ ଯାଉଅଛି, ସେ ବିଷୟରେ ଆପଣାର ଚିନ୍ତାଧାରାକୁ ଜାହିର କରିଛନ୍ତି କବିତା ମଧ୍ୟରେ । କବିଙ୍କ କବିତାରେ ବର୍ଣ୍ଣିତ ଭାଷା ଅନୁଯାୟୀ-

ISSN NO.
2582-208X

"ଏଠି ଏତେ କୋଠାବାଡ଼ି ଦୀର୍ଘ ପଥ କାରିଗରୀ
ଯନ୍ତ୍ରପାତି ଦୋକାନ ବଜାର
ଜୀବନ ସଂଗ୍ରାମ ରଚି ମନୁଷ୍ୟର ବହୁ ରୂପ
ବହୁ ସଭ୍ୟତାର ଛାପ ।"

ଏହି କାଳରେ ମୁଖ୍ୟତଃ ଗ୍ରାମଗୁଡିକ ସହରରେ ରୂପାନ୍ତରିତ ହୋଇଯାଉଥିଲା । ରାସ୍ତା ତିଆରି ହେଉଥିଲା। କୋଠାବାଡି ତିଆରି ହେଉଥିଲା । ଅନେକ ଯନ୍ତ୍ରପାତି ବସୁଥିଲା । ଗ୍ରାମ୍ୟ ସମାଜରେ ଦେଖାଯାଉଥିଲା ନୂତନ ସଭ୍ୟତାର ଛାପ । ସେହି ବିଷୟକୁ କବି ଏଠାରେ ଅତ୍ୟନ୍ତ ବାସ୍ତବ ଭାବରେ ରୂପାୟନ କରିଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଅସଂଖ୍ୟ କବିତା ରଚନା ପୂର୍ବକ ଯଶସ୍ୱୀ ହୋଇଥିବା କବି ହେଉଛନ୍ତି କାବ୍ୟଶିଳ୍ପୀ ଦୁର୍ଗାମାଧବ ମିଶ୍ର । ତାଙ୍କର ଏକ କବିତା ହେଉଛି 'ଟ୍ରକ ଚାଲିଛି'। ପୂର୍ବରୁ ଗ୍ରାମବାସୀମାନେ କେବଳ ଗ୍ରାମ ଭିତରେ ଶଗଡ ଚାଲିବା ଦେଖିଥିଲେ । ଶଗଡ ଗାଡି ଥିଲା ତାଙ୍କ ଜୀବନଧାରନର ମାନଦଣ୍ଡ । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଗ୍ରାମକୁ ଆସିଛି ଟ୍ରକ । ଟ୍ରକ ହେଉଛି ଗ୍ରାମ୍ୟ ବିକାଶର ପ୍ରତୀକ । ଟ୍ରକ ମାଧ୍ୟମରେ ଗ୍ରାମକୁ ବିଭିନ୍ନ ଉପାଦାନ ଆସିଛି ଏବଂ ଗ୍ରାମର ବିକାଶ ସାଧିତ ହୋଇଅଛି ।କବି ଏଠାରେ ଉଲ୍ଲେଖ କରିଛନ୍ତି-

"ସିମେଣ୍ଟ ବାଲି ସାନ୍ଧୁ ସାନ୍ଧୁ
ନରିଆ ହାତ ଠାରି ଆଖିମାରୁଛି
ସେଠି ବି ବସନ୍ତ ଆସିଛି ।"

କବି ଦୁର୍ଗାମାଧବଙ୍କ ଅନ୍ୟ ଏକ କବିତା ହେଉଛି–'ନୟାଗଡ'। ଏହି କବିତାରେ ଛୋଟିଆ ଗାଁ ଟିଏ ଥିବା ନଯାଗଡର ରୂପ କେମିତି କ୍ରମଶଃ ବଦଳି ଯାଉଛି, ତାକୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାବରେ କବି ଉଲ୍ଲେଖ କରିଛନ୍ତି । କବିଙ୍କ ଭାଷାରେ –

"ଆମ ନୟାଗଡ ଛୋଟିଆଟିଏ ହସକାନ୍ଦର କରୁଣଶିରୀ
ଅଣନିଶ୍ୱାସୀ ହୋଇଲୁ ଯେବେ, ବୟସ ଆମର ଯାଉଛି ବଢି
ସିନ୍ଦୂରିଆର ସେପଟ ଯାଏ ସାନ ବଡ କେତେ ଅଟ୍ଟାଳିକା

ISSN NO.
2582-208X

ଛେନା ପୋଡପିଠା କେଜିକି କେଜି ଚାଲିଛି ଦମ୍ଭେ କିଣାବିକା
କାକରା ଖୁରୁମା ଅଚଳ ଆଜି ବିଶା ଓ ଫୁଲିରେ ଟୁଲ ନାହିଁ
ଡିବା, ଆଡ, ବୋଡା ତୂଳିକି ଗଲା ଭରଣ ତୁମ୍ବ ଲୁଚିଲେ କାହିଁ ।"

ଏଠାରେ କବି ନୟାଗଡର ତଥାକଥିତ ଯେଉଁ ବିକାଶ ସାଧିତ ହୋଇଛି, ତାର ବାସ୍ତବ ଚିତ୍ର ରୂପାୟନ କରିଛନ୍ତି । ତାହା ଗ୍ରାମୀଣ ବିକାଶର ଏକ ନିଦର୍ଶନ ଭାବରେ ଗ୍ରହଣ କରାଯାଇପାରେ ।

ଏହି ସମୟରେ କବିତା ରଚନା ପୂର୍ବକ ଯଶସ୍ୱୀ ହୋଇଥିବା ଅନ୍ୟତମ କାବ୍ୟଶିଳ୍ପୀ ହେଉଛନ୍ତି କୃଷ୍ଣ ଚରଣ ବେହେରା । ସେ ଅନେକ ବ୍ୟଙ୍ଗ କବିତା ରଚନା କରି ଓଡିଆ ବ୍ୟଙ୍ଗ କବିତା ଜଗତକୁ ସମୃଦ୍ଧଶାଳୀ କରିଯାଇଛନ୍ତି । ତାଙ୍କଦ୍ୱାରା ରଚିତ ହୋଇଥିବା ଏକ କବିତା ହେଉଛି–'କାଞ୍ଚନ ପଡାର ସରପଞ୍ଚ'। ଏହି କବିତାରେ କବି କାଞ୍ଚନ ପଡା ନାମକ ଏକ ଗ୍ରାମର ସରପଞ୍ଚ ବିଷୟରେ ବ୍ୟଙ୍ଗ କରିଛନ୍ତି । ମାତ୍ର ତନ୍ମଧ୍ୟରେ ସମକାଳୀନ ଗ୍ରାମୀଣ ବିକାଶର ସମ୍ୟକ୍ ସୂଚନା ପ୍ରଦାନ କରିଛନ୍ତି । ବିଶେଷତଃ ଏହି ସମୟରେ ଗ୍ରାମୀଣ ବିକାଶ ପାଇଁ 'ପଞ୍ଚାୟତିରାଜ ' ଯୋଜନା କାର୍ଯ୍ୟକାରୀ ହୋଇଥିଲା । ତେଣୁ ବିଭିନ୍ନ ଗ୍ରାମରେ ସରପଞ୍ଚ ନିର୍ବାଚିତ ହେଉଥିଲେ । ସେମାନେ ନିର୍ବାଚିତ ହେବାପରେ ସମାଜରେ ବିଭିନ୍ନ ପ୍ରକାର ଦୁର୍ନୀତି କରୁଥିଲେ । ପଞ୍ଚାୟତ ଗୁଡିକରେ ବିଭିନ୍ନ ଅନୁଦାନର ହିସାବକିତାବ ପାଇଁ ଅଡିଟ ହେଉଥିଲା । କାଞ୍ଚନପୁରରେ ଅଡିଟ ହେଲେ ସରପଞ୍ଚ ଗାଁରୁ 'ରାଜଧାନୀ ବସ୍' ଧରୁଥିଲେ । ଅର୍ଥାତ ସେତେବେଳେ ବିଭିନ୍ନ ଗ୍ରାମରେ ରାସ୍ତାଘାଟ ନିର୍ମିତ ହୋଇଥିଲା । ଲୋକେ ଅତି ସହଜରେ ଗ୍ରାମରୁ ରାଜଧାନୀ ବସ୍ ରେ ଚଢି ରାଜଧାନୀକୁ ଯାଉଥିଲେ । ସେହି ବିକାଶର ଏକ ଜ୍ୱଳନ୍ତ ଚିତ୍ର ଏହି କବିତାରେ ପରିଲକ୍ଷିତ ହୋଇଥାଏ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ଏକ ବହୁସ୍ରାବୀ କବି ହେଉଛନ୍ତି ବ୍ରଜନାଥ ରଥ । ଆଧୁନିକ ଚିନ୍ତା ଓ ଚେତନାର ଗଭୀର ଛାପ ପରିଲକ୍ଷିତ ହୋଇଥାଏ ତାଙ୍କ କବିତାଗୁଡିକରେ । ବିଶେଷତଃ ଆଧୁନିକ ତଥାକଥିତ ନୀତି ନିର୍ଦ୍ଧାରକ ମାନଙ୍କ ଅନ୍ଧ ନୀତି ବିରୋଧରେ ତାଙ୍କ କବିତାର ମୁଖ୍ୟ ସ୍ୱର ଶୁଣାଯାଇଥାଏ । ତାଙ୍କର ଏକ ବହୁ ଆଦୃତ କବିତା ହେଉଛି– 'ବାଲିଆପାଳ'। ଏହି କବିତାରେ କବି ବାଲିଆ ପାଲ ଗ୍ରାମର ଯେଉଁ ବିଚିତ୍ର ପରିବର୍ତ୍ତନ

ISSN NO.
2582-208X

ସାଧିତ ହୋଇଥିଲା ସେ ସମ୍ପର୍କରେ ତାଙ୍କର ଅନୁଭବକୁ ପରିପ୍ରକାଶ କରିଛନ୍ତି । କବିଙ୍କ ଭାଷାରେ –

"ଭୂଗୋଳର ମାନଚିତ୍ରେ / ସରକାରୀ ନଥିପତ୍ରେ
ହେ ବାଲିଆପାଳ ! ତୁମେ ଆଜି ଖାଲି
ଏକ ଗାଁଟିଏ ନୁହଁ
ନୁହଁ ଏକ ନାଆଁ / ତୁମେ ଏକ ଉଦାର ଓ ଆଗ୍ନେୟ ଆହ୍ୱାନ ।"

ଏଠାରେ କବି ବାଲିଆପାଳ ଗ୍ରାମ ବିକଶିତ ହୋଇ କ୍ରମେ ରୂପାନ୍ତରିତ ହୋଇଅଛି । ସେହି ରୂପାନ୍ତରଣକୁ କବି ଆଧୁନିକ କାଳର ଏକ ଆହ୍ୱାନ ଭାବରେ ବିଘୋଷିତ କରିଛନ୍ତି । ଏହି କାଳର ଧୂରୀଣ କବି ହରିହର ମିଶ୍ରଙ୍କ 'ବିଶ୍ୱାବସୁର ଗାଁ' କବିତାରେ ମଧ୍ୟ ଗ୍ରାମୀଣ ବିକାଶର ଚିତ୍ର ପରିଲକ୍ଷିତ ହୋଇଥାଏ । ଏଠାରେ କବି ନଦୀରେ ମୋରମ ବିଛେଇ ରାସ୍ତା ନିର୍ମାଣ କରାଯାଇଥିବା ବିଷୟ ବର୍ଣ୍ଣନା କରିଛନ୍ତି ।

ସମକାଳର ଯଶସ୍ୱୀ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଈଶ୍ୱର କେମିତି ମଲେ' କବିତାରେ କବି ପରିବର୍ତ୍ତିତ ସଭ୍ୟତାକୁ ମୁଖାପିନ୍ଧା ସଭ୍ୟତା ଭାବରେ ବିବେଚନା କରିଛନ୍ତି । ତାଙ୍କର ପରିକଳ୍ପନା ଅନୁଯାୟୀ, ଯେତେବେଳେ ସହରଠାରୁ ଆରମ୍ଭ କରି ଗ୍ରାମ ପର୍ଯ୍ୟନ୍ତ ତଥାକଥିତ ସଭ୍ୟତା ଆସିଛି, ସେତେବେଳେ ସଭ୍ୟତା କ୍ରମେ ମୁଖାପିନ୍ଧା ସଭ୍ୟତାରେ ରୂପାନ୍ତରିତ ହୋଇ ଯାଇଛି । କବିଙ୍କ ଭାଷାରେ –

"ଏମିତି ସମୟ ଆସିଲା
ମୁଖା ଲୋଡା ହେଲା, ଖାଲି ସହରରେ ନୁହେଁ
ଗାଁରେ ଗାଁରେ
ଖାଲି ବାହାରେ ନୁହେଁ, ଘର ଭିତରେ ।"

ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଜ ସଚେତନଧର୍ମୀ ତଥା ବିପ୍ଳବାତ୍ମକ କବିତା ରଚନା ପୂର୍ବକ ବହୁଳ ଭାବରେ ଆଦୃତି ଲାଭ କରିଥିବା କାବ୍ୟଶିଳ୍ପୀ ହେଉଛନ୍ତି ସଦାଶିବ ଦାସ । କବି ଯେତେବେଳେ ଦେଖିଛନ୍ତି ଓଡିଶାର ବିଭିନ୍ନ ଗ୍ରାମର ବିକାଶ ସାଧିତ ହୋଇଛି, ମାତ୍ର ବିକାଶ ନାମରେ କେବଳ ପ୍ରହସନ ହି ଚାଲିଛି, ସେତେବେଳେ ସେ ଆପଣାର ତୀବ୍ର

ISSN NO.
2582-208X

ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ତାଙ୍କ 'ରୁକୁଡୋକ୍ରାର ଗାଁ' କବିତାରେ ଏହି ପ୍ରତିକ୍ରିୟାର ନିଦର୍ଶନ ମିଳେ। ଏହି କବିତାରେ କବି ବର୍ଣ୍ଣନା କରିଛନ୍ତି–

"ପ୍ରଗତିର ମିଛ କରତରେ କାଟନାହି ତାର ଜଡ
କରିନାହି ଛିନ୍ନମୂଳ ଆଜି ସଭ୍ୟତାକୁ
କେଉଁ ଅଧିକାର କେଉଁ ନ୍ୟାୟ ପ୍ରଦାନରେ
ଉଦ୍ଭାସିତ ହେବ ଆଜି ରୁକୁଡୋକ୍ରାର ଗାଁ
ଇତିହାସ ଅଥବା କି ସମୟ ସ୍ୟାହିରେ
କେଉଁଠାରେ ଲେଖାହେବ ତା ନାମ ଠିକଣା ।"

କବି ଦେଖିଛନ୍ତି ରୁକୁଡୋକ୍ରାର ଗ୍ରାମ ଭଳି ଅନେକ ଗ୍ରାମର ତଥାକଥିତ ପ୍ରଗତି ସାଧିତ ହୋଇଅଛି । ବିଭିନ୍ନ ପ୍ରକାର ବିକାଶ ସାଧନ ହୋଇଛି; ମାତ୍ର କବି ତାକୁ ଉପଯୁକ୍ତ ବିକାଶ ରୂପେ ଗ୍ରହଣ କରିନାହାନ୍ତି । ଗୋଟିଏ ସୁସ୍ଥ ପରମ୍ପରାକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେଇ ବିକାଶର ଯେଉଁ ପ୍ରହସନ ଚାଲିଛି, କବି ତାକୁ ତୀବ୍ର ଭାବରେ ବିରୋଧ କରିଛନ୍ତି । ତାଙ୍କ ଏହି ବିଦ୍ରୋହର ଅନ୍ୟତମ ଦୃଷ୍ଟାନ୍ତ ହେଉଛି ତାଙ୍କ କବିତା–'ହେ ମୋର ଦେଶ'। ଏହି କବିତାରେ କବି କେବଳ ଆପଣାର ପ୍ରତିକ୍ରିୟା ଜଣାଇନାହାନ୍ତି, ବରଂ ପ୍ରଗତି ନାମରେ ଯେଉଁ ଶୋଷଣ ଚାଲିଛି, ତା ବିରୋଧରେ ଯୁଦ୍ଧ ଘୋଷଣା କରିବା ପାଇଁ ସାଧାରଣ ଜନତାଙ୍କୁ ଆହ୍ୱାନ ଦେଇଛନ୍ତି–

"ଭୋକ ଓ ଭେକ ପାଇଁ ଏଠି ଯିଏ ଲଢେ
ସାହୁକାରୀ ଶୋଷଣର ପ୍ରତିବାଦ କରେ
ଲୁଗା ଖଣ୍ଡେ, ପଢିବାକୁ ପାଠ ବହି ରୋଗୀକୁ ଓଷଧ
ଗାଁକୁ ଚାଲିବା ବାଟ, ଘରକୁ ଆଲୁଅ ।"

ସମକାଳର ଅନ୍ୟତମ ପ୍ରସିଦ୍ଧ କବି ପ୍ରସନ୍ନ କୁମାର ପାଟଶାଣୀଙ୍କ 'ମାଳୀପଡା ବଦଳିଯାଇଛି' କବିତାରେ ମଧ୍ୟ ତଥାକଥିତ ଗ୍ରାମ୍ୟ ପ୍ରଗତିର ଚିତ୍ର ତଥା ତତମାଧ୍ୟମରେ ପଲ୍ଲୀର ଅବକ୍ଷୟଗ୍ରସ୍ତ ଚିତ୍ରକୁ ରୂପାୟନ କରିଛନ୍ତି । କବିଙ୍କ ଭାଷାରେ–

"ଠିକ ସମୟରେ ଶୀତ ନାହି
ଯେତେ ଯଜ୍ଞ କଲେ ବର୍ଷା ହେଉନାହିଁ

ISSN NO.
2582-208X

ବେଙ୍ଗ ପାଟିର ଶବ୍ଦରେ ବର୍ଷା ଓହ୍ଲାଉନାହିଁ ଆକାଶରୁ
ଗାଁର ରାସ୍ତାରେ କଲେଇଭରା ଶଗଡ ଅଟକୁନାହି
ତୁମ୍ବା ତଳ କାଳିରେ କଟର କଟର ଡାକ ଶୁଭୁନାହି ।"

ଗ୍ରାମର ତଥାକଥିତ ବିକାଶକୁ ଦେଖି କବି ଏଠାରେ ପରିବର୍ତ୍ତନକୁ ସ୍ୱୀକାରି ପାରିନାହାନ୍ତି । ବରଂ ତାଙ୍କ ମନ ଭିତରେ ମଧ୍ୟ ପରିବର୍ତ୍ତନ ଜନିତ ଗ୍ଲାନି ସୃଷ୍ଟି ହୋଇଅଛି ।

ଉପସଂହାର :

ଉପରୋକ୍ତ ଆଲୋଚନାରୁ ସ୍ୱଷ୍ଟ ଭାବରେ ପ୍ରତିପାଦିତ ହେଉଛି ଯେ, ସ୍ୱାଧୀନତା ପରବର୍ତ୍ତୀ ଓଡିଆ କାବ୍ୟଶିଳ୍ପୀମାନେ ସମକାଳୀନ ସମାଜରେ ଯେଉଁ ପରିବର୍ତ୍ତନ ସାଧିତ ହୋଇଥିଲା, ତାକୁ ଉପଜୀବ୍ୟ କରି ସ୍ୱକୀୟ କବିତାଗୁଡିକ ରଚନା କରିଛନ୍ତି । ଏହା ସହିତ ସମକାଳରେ ଯେଉଁ ଗ୍ରାମୀଣ ବିକାଶ ସାଧିତ ହୋଇଥିଲା ତାକୁ ମଧ୍ୟ ଆଧାର ପୂର୍ବକ ସ୍ୱକୀୟ କବିତା ରଚନା ପାଇଁ ପ୍ରୟାସ କରିଛନ୍ତି । ତେବେ ଉକ୍ତ ଆଲୋଚନାରୁ କେଉଁ କେଉଁ ନିଷ୍କର୍ଷ ଅନୁଭୂତ ହେଉଛି, ତାକୁ ନିମ୍ନରେ ସୂଚନା ପ୍ରଦାନ କରାଯାଉଅଛି–

- ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡିଶାର ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ସାଧିତ ହୋଇଅଛି। କେବଳ ପୁରୁଷମାନେ ନୁହନ୍ତି, ସ୍ତ୍ରୀମାନେ ମଧ୍ୟ ଏହି ଶିକ୍ଷା ଲାଭ କରିବା ନିମନ୍ତେ ସୁଯୋଗ ଲାଭ କରିଛନ୍ତି ।
- ସ୍ୱାଧୀନତା ପରବର୍ତ୍ତୀ କାଳର ଓଡିଶାରେ ନୂତନ ରାସ୍ତାଘାଟର ନିର୍ମାଣ ହୋଇଅଛି । ସାଧାରଣ ବ୍ୟକ୍ତିଙ୍କ ଗମନାଗମନ ଓ ପରିବହନରେ ଯଥେଷ୍ଟ ଉନ୍ନତି ସାଧିତ ହୋଇଅଛି ।
- ଗ୍ରାମାଞ୍ଚଳକୁ ଆଧୁନିକ ରାସ୍ତା ନିର୍ମିତ ହେବା ଫଳରେ ଲୋକେ ପୁରୁଣା ଶୈଳୀର ଗୃହ ବଦଳରେ ନୂତନ ଗୃହ ଓ ଅଟ୍ଟାଳିକା ଇତ୍ୟାଦିର ନିର୍ମାଣ କରିଛନ୍ତି ।
- ଗ୍ରାମରେ ପଞ୍ଚାୟତିରାଜର ବ୍ୟବସ୍ଥା ଲାଗୁହୋଇଛି । ସରକାର ବିଭିନ୍ନ ସମୟରେ ଗ୍ରାମର ବିକାଶ ପାଇଁ ଅନୁଦାନ ଦେଇଛନ୍ତି ଏବଂ ତାର ଉପଯୁକ୍ତ ହିସାବ ପାଇଁ ଅଡିଟର ମଧ୍ୟ ବ୍ୟବସ୍ଥା କରାଯାଇଛି ।

ISSN NO.
2582-208X

- ଗ୍ରାମର ଉକ୍ତ ବିକାଶ ସାଧିତ ହେବା ଯୋଗୁଁ ପାରମ୍ପରିକ ଓଡିଶୀ ସଭ୍ୟତାର ମୂଲ୍ୟ ହ୍ରାସ ପାଇଛି । ତାହା ସେ ସମ୍ପର୍କରେ ଚିନ୍ତା କରୁଥିବା କବି, କଳାକାର, ଚିନ୍ତାବିଦ ଆଦିଙ୍କ ମନ ଭିତରେ ଦାରୁଣ ବ୍ୟଥା ଓ ଗ୍ଲାନି ସୃଷ୍ଟି କରିଛି ।

ସହାୟକ ଗ୍ରନ୍ଥସୂଚୀ :


- Moseley, Malcolm J. Rural Development: Principles and Practice. SAGE Publications Ltd, 2003. ISBN 978-0-7619-4767-7.
- Rowley, Thomas D., editor. Rural Development Research: A Foundation for Policy. Vol. 170, Contributions in Economics and Economic History, Bloomsbury Academic, 1996. ISBN 978-0-313-29726-7.
- ମହାପାତ୍ର, ପ୍ରେମାନନ୍ଦ,ଓଡ଼ିଆ କାବ୍ୟ କବିତା: ପ୍ରାଚୀନରୁ ସାମ୍ପ୍ରତିକ, ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୨୦୧୯
- ଶତପଥୀ, ନିତ୍ୟାନନ୍ଦ, ସବୁଜରୁ ସାଂପ୍ରତିକ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ସପ୍ତମ ସଂସ୍କରଣ, ୨୦୧୬
- ଶତପଥୀ, ନିତ୍ୟାନନ୍ଦ,ସତୁରୀରୁ ସହସ୍ରାବ୍ଦୀ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୧୦
- ଦାସ,ହେମନ୍ତ କୁମାର, ନାୟକ, ରଞ୍ଜିତା, ସାଂପ୍ରତିକ କବି ଓ କବିତା(ଦ୍ୱିତୀୟ ଭାଗ), ଓଡ଼ିଶା ବୁକ୍ ଷ୍ଟୋର, ତୃତୀୟ ମୁଦ୍ରଣ, ୨୦୨୩


(((-)))

ସହକାରୀ ପ୍ରଫେସର , ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ISSN NO.
2582-208X

# ରିସେପସନ୍ ପାର୍ଟିରେ ମାଆ....



ସୀତାକାନ୍ତ ତୁମୁନଆଁ

ଟିକିଏ ବୁଲାବୁଲି,
କଲା ଭିତରେ ଦେଖେ,
ଜଣେ ମାଆ,
ଏତେ ଚକଚକିଆ ଲାଇଟ୍,
ସପ୍ତରଙ୍ଗର ଇନ୍ଦ୍ରଧନୁ,
ତା ତଳକୁ ଗୋଟେ ବିରାଟ,
ଷ୍ଟେଜ, ଉପରେ ଗୋଟିଏ,
ସତରଞ୍ଜି ଚୌକି,
ତାହାରି ଉପରେ ଦୁଇଜଣ,
ପ୍ରଥମ କରି ଦାମ୍ପତ୍ୟ ଜୀବନ ଆରମ୍ଭ କରୁଛନ୍ତି।।

ଲାଗୁଥିଲା! ଚକମକିଆ ଲାଇଟ୍ ରେ ହେଉ ଅବା,
ଦାମିକା ପୋଷାକ ପରିଚ୍ଛେଦ ରେ ହେଉ,
ସେମାନେ ଗୋଟାଏ ଗୋଟାଏ ଅପସରା ଅପସରି,
ପୁରୁଣା କାଲିଆ ଖଣ୍ଡେ ପୋଷାକ ବି,
ଲାଗୁଥିଲା କଉ ଦାମିକିଆ ପୋଷାକ ଠୁଁ କମ ନୁହେଁ,
ହେଲେ! ଏତେ ଭିଡ଼ ଭିତରେ,
ନୂଆଁ କରି କିଣି,
ପରିଧାନ କରିଥିବା ମାଆ,

ISSN NO.
2582-208X

ବାରି ହୋଇ ପଡ଼ୁଛି ,
କାରଣ !
ସେ ରୂପ ସୌନ୍ଦର୍ଯ୍ୟ,
ବଢେଇବା ପାଇଁ,
ବା ଖୁସିବାସିରେ ,
ମଉଜ ମସ୍ତି କରିବାକୁ ଆସି ନାହିଁ,
ବାସ୍ ! ନିମନ୍ତ୍ରିତ ହୋଇଛ,
ଦୁଇ ଘଣ୍ଟା ଧରି,
ଭୋଜି ଆରମ୍ଭ ହେଲେ,
ପ୍ଲେଟ୍ ଉଠେଇବା ପାଇଁ ।।

ହେଲେ ତାକୁ!
କିଏ ବା ପଚାରିବ ?
ସେ ଖାଇଲା ନା ନାହିଁ,
କିଏ ବା ପଚାରିବ ?
ସେ କାହିଁକି ଏମିତି କାମ କରୁଛି,
କିଏ ବା ପଚାରିବ ?
ଘରେ କିଏ କିଏ ଅଛନ୍ତି,
ପୁଣି କିଏ ବା ପଚାରିବ ?
ତାର ଗରିବି ଜୀବନ କଥା,
ମାଆ ଜଣକ ଙ୍କ ସବୁ ଭୁଲି ଯାଏ,
ସବୁକୁ ଲୁଚେଇ ରଖେ ତା ପଣତ କାନି ତଳେ,
ଦେଖାଯାଏ ନାହିଁ କାହାକୁ କିଛି,
ହେଲେ ଦେଖିବା ଲୋକ,
ଚଟ୍ କରି ଦେଖି ପକାଏ,
ପଣତ କାନି ତଳେ ଲୁଚିଥିବା,
ଗଦାଗଦା ଅକୁହା କଥା।।

ISSN NO.
2582-208X

ପ୍ଲେଟ୍ ସାଉଁଟି ବାରେ ମାଆ ବ୍ୟସ୍ତ,
ପାଖକୁ ଯାଇ ପଚାରିବା କୁ ଚେଷ୍ଟା କଲି,
ତୁମେ ଖାଇ ସାରିଛ ନା ନାଇଁ ମାଆ ?
ସାହାସ୍ ହେଲା ନି,
ପାଖକୁ ଯାଇ ଘୁଂଚି ଆସିଲି,
ଭାବିଲି କିଛି ଖରାପ ହେବ କି,
କାରଣ ମୁଁ ଅଚିହ୍ନା!
ବହୁତ କଷ୍ଟେ ସାହାସ୍ ବାନ୍ଧି,
ପାଖକୁ ଗଲି,
ହେଲେ ! ମାଆ ଜଣକ ଟିକିଏ,
ସାଇଟ୍ ହେଲେ,
ହଠାତ୍ ପଚାରି ଦେଲି,
ମାଆ, ଆପଣ ଖାଇଛନ୍ତି ନା ନାହିଁ ?

ସେ ମୁଣ୍ଡ ତଳକୁ କରି,
କିଛି ସମୟ ଚୁପ୍ ରହିଲେ,
କହିଲେ ପରେ ଆମେ ଖାଇଦେବୁ,
କି କରୁଣ ଭରା ପଦଟିଏ,
ଯିଏ ଭୋକ ଉପାସରେ କାମ କରୁଛି,
କେବଳ ଟଂକା କେତେଟା ପାଇଁ,
ସେ ପୁଣି କହୁଛି ଆମେ ପରେ ଖାଇଦେବୁ ।।

ଆସ୍ତେ ଆସ୍ତେ,
ଗଦାଏ ଅଇଁଠା ପ୍ଲେଟ୍ ଥିବା,
ଷ୍ଟିଲ୍ ବାଲଟି ଧରି,
ବହୁ ସତର୍କତା ସହ,
ପାଖରୁ ଚାଲିଗଲେ,

ISSN NO.
2582-208X

ଯେମିତି,
କାହାକୁ ଅପରିଷ୍କାର ଲାଗିବ ନି।।

ଅପେକ୍ଷା କଲି!
ସରିବା ଯାଏଁ,
ଦେଖିଲି ଦୁଇ ଜଣ କୁନି କୁନି ପିଲା,
ଆସି କୁଣ୍ଢେଇ ପକାଇଲେ,
ମାଆଟି କୁ,
କହୁଥିଲେ ମାଆ, ମାଆ,
ଚାଲ ଘରକୁ ଯିବା,
ଭୋକ ହେଲାଣି,
ହଠାତ୍ ଝରି ପଡ଼ିଲା ଦୁଇ ଟୋପା,
ଝାଳ ମିଶା ଆଖିର ଲୁହ,
କେହି ଜଣେ ଆସି କହୁଥାଏ,
ଆଉ ଦୁଇ ବାଲଟି ନେଇ ଯାଅ,
ତାପରେ ଖାଇ ଦେଇ ଯିବ...।।

(((-)))

ଅନ୍ତର୍ଲା, ଦେଓଗାଁ,ବଲାଙ୍ଗୀର

ISSN NO.
2582-208X

# ଓଡ଼ିଆ ଆତ୍ମଜୀବନୀ ସାହିତ୍ୟ:- ଏକ ବିଶ୍ଳେଷଣ



ସିଦ୍ଧାନ୍ତ କୁମାର ଦାଶ

ସାହିତ୍ୟର ଏକ ପ୍ରମୁଖ ବିଭାଗ ହେଉଛି ଆତ୍ମଜୀବନୀ । ସ୍ରଷ୍ଟା ନିଜସ୍ୱ ଜୀବନର ଘଟଣାବଳୀକୁ ଏଥିରେ ପ୍ରକାଶ କରେ । ଯେଉଁଠି ଥାଏ ଗଭୀର ଆବେଗ, ସ୍ୱଅନୁଭୂତି, ଦାର୍ଶନିକ ଦୃଷ୍ଟିଭଙ୍ଗୀ ଆଦି । ଯାହା ପାଠକ ଅନ୍ତରେ ଜ୍ଞାନର ପ୍ରଦୀପ ଶିଖା ସାଜି ଜୀବନ ପ୍ରତି ଶିକ୍ଷା ଦାୟକ ପ୍ରେରଣା ଦାୟକ ହୁଏ । ସୁତରାଂ ଆତ୍ମଜୀବନୀ କହିଲେ ନିଜ ଜୀବନର କାହାଣୀକୁ ନିଜେ ଲେଖିବାକୁ ହିଁ ବୁଝାଏ । ଅନ୍ୟ ଅର୍ଥରେ କହିଲେ ଏକ ଚରିତ ଗ୍ରନ୍ଥ, ଯାହା ସ୍ରଷ୍ଟା ନିଜେ ନିଜର ଜୀବନ ଚରିତକୁ ବଖାଣି ଥାଏ ।

## ଆତ୍ମଜୀବନୀର ସଂଜ୍ଞା -

ଆତ୍ମଜୀବନୀର ଆଭିଧାନିକ ଅର୍ଥ ହେଉଛି କୌଣସି ବ୍ୟକ୍ତିର ନିଜ ଦ୍ୱାରା ଲିଖିତ ନିଜର ଜୀବନଚରିତ । ଏହି ଆତ୍ମଜୀବନୀର ସଂଜ୍ଞା ବ୍ୟାପକ ଅଟେ । ଏହାକୁ ନେଇ ଅନେକ ଅଭିମତ ରହିଛି । ଯଥା -

୧ - ଆତ୍ମଜୀବନୀ ସଂପର୍କରେ Adam smyth କୁହନ୍ତି - It is a self-written life story that includes personal experiences, events, and achievements.

୨ - ସୁରେନ୍ଦ୍ର କୁମାର ମହାରଣା ଆତ୍ମଜୀବନୀ ସଂଜ୍ଞା ସଂପର୍କରେ ଆଲୋଚନା କରିବାକୁ ଯାଇ "ସାହିତ୍ୟର ତାଳପତ୍ର" ପୁସ୍ତକରେ ଉଲ୍ଲେଖ କରନ୍ତି - "ନିଜ ଜୀବନ ଚରିତକୁ ନିଜେ ଲେଖିଲେ ତାହା ହୁଏ ଆତ୍ମଜୀବନୀ ।"

୩ - Roy Pascalଙ୍କ ମତରେ —

"Autobiography is the reconstruction of a life out of self-consciousness."

ISSN NO.
2582-208X

ଅର୍ଥାତ୍, ଆତ୍ମଜୀବନୀ ହେଉଛି ନିଜ ସଚେତନ ଅନୁଭୂତି ଆଧାରରେ ଜୀବନର ପୁନର୍ନିର୍ମାଣ।

୪ William Henry Hudsonଙ୍କ ମତରେ — "Autobiography gives the picture of the writer's inner and outer life." ଅର୍ଥାତ୍, ଆତ୍ମଜୀବନୀ ଲେଖକଙ୍କ ଆନ୍ତରିକ ଓ ବାହ୍ୟ ଜୀବନର ଚିତ୍ର ପ୍ରଦାନ କରେ ।

## ଆତ୍ମ ଜୀବନୀର ସ୍ୱରୂପ

ମଣିଷ ହେଉନା କୌଣସି ପଦାର୍ଥ ଯେମିତି ତାର ନିଜସ୍ୱ ରୂପ ରହିଛି, ଠିକ୍ ସେହିପରି ସାହିତ୍ୟର ବଳିଷ୍ଠ ବିଭାଗ ଆତ୍ମଜୀବନୀର ମଧ୍ୟ ଅନେକ ଗୁଡ଼ିଏ ସ୍ୱରୂପ ରହିଛି । ଯଥା -

୧ – ନିଜ ଲେଖା ଜୀବନ କଥା

ଜୀବନୀ ସାହିତ୍ୟରେ ଜଣେ ବ୍ୟକ୍ତିଙ୍କ ଜୀବନ ଚରିତକୁ ଅନ୍ୟଜଣେ ଲେଖୁଥିବା ବେଳେ ଆତ୍ମ ଜୀବନୀରେ ସ୍ରଷ୍ଟା ନିଜେ ନିଜର ଜୀବନ କଥା ଲେଖି ବିଶ୍ଳେଷଣ କରେ ।

୨ – ସତ୍ୟତା ଓ ନିଷ୍ଠାପରତା

ଆତ୍ମଜୀବନୀର ଏକ ସ୍ୱରୂପ ହେଉଛି ସତ୍ୟତା ଓ ନିଷ୍ଠାପରତା । ସ୍ରଷ୍ଟା ଏଥିରେ ନିଜ ଜୀବନ ଯାତ୍ରାର ଘଟଣାବଳୀକୁ ସତ୍ୟ ଓ ନିଷ୍ଠାପର ଭାବରେ ପ୍ରକାଶ କରିଥାନ୍ତି ।

୩ – ଅନୁଭୂତିର ପ୍ରକାଶ

ଆତ୍ମଜୀବନୀରେ ଲେଖକ ନିଜର ଜୀବନର ହସ-କାନ୍ଦ, ଭଲ - ମନ୍ଦ, ଉଚିତ - ଅନୁଚିତ ଆଦି ଅନୁଭୂତି ପ୍ରକାଶ କରିଥାନ୍ତି । ଯାହା ପ୍ରେରଣା ଦାୟକ ହୋଇଥାଏ ।

୪ – କାଳକ୍ରମ ଅନୁସାରେ ବର୍ଣ୍ଣନା

କାଳକ୍ରମ ଅନୁସାରେ ଆତ୍ମଜୀବନୀ ଲେଖକ ଲେଖିଲେ ଉଚ୍ଚକୋଟୀର ହୋଇଥାଏ । ବାଲ୍ୟ ଜୀବନ, ଯୌବନ, ବୃଦ୍ଧା ଅବସ୍ଥା କଥା କ୍ରମାନ୍ୱୟରେ ବର୍ଣ୍ଣନା ଏହାକୁ ସାର୍ଥକ କରେ ।

୫ – ଶିକ୍ଷା ଦାୟକ ଓ ପ୍ରେରଣାଦାୟୀ

ଆତ୍ମ ଜୀବନୀ ସର୍ବଦା ଶିକ୍ଷା ଦାୟକ ହୋଇଥାଏ । ଏହା ପାଠକକୁ ବିବିଧ କଥା ଶିଖାଇଥାଏ । ତାହା ସହ ପ୍ରେରଣା ମଧ୍ୟ ପ୍ରଦାନ କରେ ।

ISSN NO.
2582-208X

୬ – ଅସଂପୂର୍ଣ୍ଣ ସାହିତ୍ୟ ବିଭବ

ଆତ୍ମଜୀବନୀ ଏକ ଅସଂପୂର୍ଣ୍ଣ ସାହିତ୍ୟ ବିଭବ ଅଟେ । ପରିଣତ ବୟସରେ ଏହାକୁ ଲେଖକ ଲେଖିଥାନ୍ତି । ମୃତ୍ୟୁ ପୂର୍ବରୁ ଲେଖା ହୋଇଥିବାରୁ ତାଙ୍କର ଜୀବନର ଶେଷ କାହାଣୀ ସ୍ଥାନିତ ହୋଇ ପାରିନ ଥାଏ ।

୭ – ସହଜ ବୋଧଗମ୍ୟ ଭାଷାର ପ୍ରୟୋଗ

ଏହି କୃତିରେ ସହଜ ସରଳ ବୋଧଗମ୍ୟ ଭାଷାର ବ୍ୟବହାର ଦେଖାଯାଏ । ସହଜ, ଭାବପ୍ରବଣ, ବୋଧଗମ୍ୟ ଭାଷା ଆତ୍ମଜୀବନୀକୁ ସାର୍ଥକ କରେ ।

ଓଡ଼ିଆ ଆତ୍ମ ଜୀବନୀ ସାହିତ୍ୟ ବିକାଶଧାରା ……

ଓଡ଼ିଆ ଆତ୍ମଜୀବନୀ ରଚନା ଆଧୁନିକ ଯୁଗରେ ହୋଇଥିଲେ ସୁଦ୍ଧା ଏହାର ଲିଖନ ପ୍ରେରଣାଭୂମି ଅତ୍ୟନ୍ତ ପ୍ରାଚୀନତର ଅଟେ । ଓଡ଼ିଆ ସାହିତ୍ୟରେ ସାରଳା ଯୁଗକୁ ଯଦି ବିଚାରକୁ ନେବା ସେହି ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସ ନିଜସ୍ୱ ଜୀବନର ପରିଚୟ, ପାରିବାରିକ ପରିଚୟ ବିଲଙ୍କା ରାମାୟଣ, ସାରଳା ମହାଭାରତ, ଚଣ୍ଡୀ ପୁରାଣ ଆଦିରେ ଦେଇଛନ୍ତି । ଠିକ୍ ସେହିପରି ଷୋଡ଼ଶ ଶତାବ୍ଦୀର ପଞ୍ଚସଖା ଗୋଷ୍ଠୀ ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ ଓ ଶିଶୁ ଅନନ୍ତ ଦାସକୁ ନିଆଯାଏ ତ ସେମାନେ ମଧ୍ୟ ନିଜର କୃତି ମାନଙ୍କରେ ନିଜର ଜୀବନ ଚରିତ ସଂପର୍କରେ ଉଲ୍ଲେଖ କରିଛନ୍ତି । ରୀତି ଯୁଗୀୟ କବିମାନେ ମଧ୍ୟ ନିଜସ୍ୱ କୃତିରେ ଜୀବନ ସମ୍ପର୍କରେ ପରିବାର ସଂପର୍କରେ ସୂଚନା ପ୍ରଦାନ କରିବାରେ ବାଦ୍ ପଡ଼ିନାହାନ୍ତି । ଏପରି କରିବା ପଛରେ ମଣିଷର ସହଜାତ ପ୍ରକୃତି । କାରଣ ମଣିଷକୁ ନିଜର ଜୀବନ କଥା ଅନ୍ୟ ଆଗେ କହିବା ତା ପାଇଁ ବେଶ୍ ଉତ୍କଣ୍ଠା ଧର୍ମୀ ଅଟେ ।

ଆଧୁନିକ ଯୁଗ ହେଉଛି ଏକ ସ୍ୱତନ୍ତ୍ର ଯୁଗ । ନବ ସାହିତ୍ୟ ସୃଷ୍ଟିର ଯୁଗ । ତାର ପୂର୍ବବର୍ତ୍ତୀ ଯୁଗମାନଙ୍କରେ କାବ୍ୟ କବିତା ରଚନା ଉପରେ ସାହିତ୍ୟିକମାନେ ପ୍ରାଧାନ୍ୟ ଦେଉଥିବା ବେଳେ ଏ ଯୁଗ ଥିଲା ଉଭୟ ପଦ୍ୟ ଓ ଗଦ୍ୟର ସମନ୍ୱୟର ଯୁଗ । ଗଦ୍ୟ ସାହିତ୍ୟର ନୂତନ ଦିଗ ଉନ୍ମୋଚିତ ହେଲା । ସେହି ଦିଗ ମାନଙ୍କ ମଧ୍ୟରେ ଆତ୍ମଜୀବନୀ ମହନୀୟ ଭାବରେ ଫୁଟି ଉଠିଛି । ଓଡ଼ିଆ ସାହିତ୍ୟର ଆତ୍ମ ଜୀବନୀ ପ୍ରଥମ ଲେଖକ ଭାବରେ ଫକୀରମୋହନ ଗ୍ରହଣ କରାଯାଏ ।ତାଙ୍କର "ଆତ୍ମଜୀବନୀ ଚରିତ" (୧୯୨୭)କୁ ପ୍ରଥମ

ISSN NO.
2582-208X

ଆତ୍ମ ଜୀବନୀର ମର୍ଯ୍ୟାଦା ଦିଆଯାଏ । ଯଦିଓ ପଠାଣି ପଟ୍ଟନାୟକ ତଥା ଅନ୍ୟାନ୍ୟ ସମାଲୋଚକ, ଆଲୋଚକ ରାଧାନାଥ ରାୟଙ୍କୁ ଗ୍ରହଣ କଲେ ସୁଦ୍ଧା ଆଜିବତ୍ ତାଙ୍କର କୃତି ଲୋକ ଲୋଚନକୁ ଆସିପାରି ନାହିଁ ।

ଆତ୍ମଚରିତରେ ଫକୀରମୋହନଙ୍କ ବଂଶ ପରିଚୟ, ଶୈଶବ କଥା, ଓଝାଲ ସିଲାଇ, କଚେରିରେ କାର୍ଯ୍ୟ ଶିକ୍ଷା, ବାରବାଟି ସ୍କୁଲ ଅଧ୍ୟୟନ ଆଦି ସୁନ୍ଦର ବିଶ୍ଳେଷଣ ଫକୀରମୋହନ କରି ତାଙ୍କ ସମୟର ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ଜୀବନଧାରା ଆଦି ନିଜସ୍ୱ ଚରିତ ସାହିତ୍ୟରେ ଉଲ୍ଲେଖ କରିଛନ୍ତି । ପୁନଶ୍ଚ ଏହି ଆତ୍ମଚରିତରେ ସେନାପତିଙ୍କ ଜୀବନର ବହୁ ତଥ୍ୟକୁ ବର୍ଜନ କରି ତାଙ୍କ ପୁତ୍ର ମୋହିନୀ ମୋହନ ପ୍ରକାଶିତ କରିଥିବାର କଥା ଗବେଷକ ତଥା ଆଲୋଚକମାନେ ମତବ୍ୟକ୍ତ କରିଥାନ୍ତି । କାରଣ ଏପରି କରିବା ପଛରେ ବ୍ୟକ୍ତିଗତ ବିଦ୍ୱେଷ ରହିଥାଇପାରେ । ଶ୍ରୀନିବାସ ମିଶ୍ର ଉଲ୍ଲେଖ କରିଛନ୍ତି ଯେ –

"ଫକୀରମୋହନଙ୍କ ମୃତ୍ୟୁର ନଅବର୍ଷ ପରେ ୧୯୨୭ ମସିହାରେ କବିଙ୍କ ପୁତ୍ର ମୋହିନୀ ମୋହନ ସେନାପତି ପୁସ୍ତକ ଆକାରରେ "ଆତ୍ମଜୀବନୀ ଚରିତ"କୁ ପ୍ରକାଶ କଲେ । ଏହି ପୁସ୍ତକରେ ପତ୍ରିକା ପ୍ରକାଶିତ ମୂଳ ରଚନାବଳୀ ବହୁ କ୍ଷେତ୍ରରେ ସଂଶୋଧୂତ ସଂକ୍ଷିପ୍ତ ଓ ପରିବର୍ଜିତ ହୋଇ ପ୍ରକାଶିତ ହେଲା ।"

ସତ୍ୟବାଦୀ କାଳର ଜଣେ ସଫଳ ସାହିତ୍ୟକ, ଶିକ୍ଷକ, ସ୍ୱାଧୀନ ସଂଗ୍ରାମୀ ଆଦି ଥିଲେ ନୀଳକଣ୍ଠ ଦାସ । ତାଙ୍କର ରଚିତ ଆତ୍ମଜୀବନୀ ଓଡ଼ିଆ ସାହିତ୍ୟରେ ଚିର ସ୍ମରଣୀୟ । ଜନ୍ମ କଥା, ପିଲାଦିନର କେତେକ ଘଟଣା, ପୁରୀରେ ପାଠପଢ଼ା ପ୍ରସଙ୍ଗ, ବଙ୍ଗଳା ସଂସ୍କୃତି, ଗୋପବନ୍ଧୁଙ୍କ ସହ ଘନିଷ୍ଠତା, ସତ୍ୟବାଦୀର ପରି କଳ୍ପନା, ପାଦ୍ରୀଙ୍କ ଧର୍ମ ପ୍ରଚାର, ସତ୍ୟବାଦୀ ବନବିଦ୍ୟାଳୟ ଘରପୋଡି, ପ୍ରଧାନ ଶିକ୍ଷକ ଥିବାବେଳର କେତେକ ଘଟଣା, କୋଣାର୍କ ପର୍ଯ୍ୟଟନ ଆଦି ଏହି ଆତ୍ମଜୀବନୀରେ ରହିଛି । ତାଙ୍କର ଜନ୍ମ ଏବଂ ନାମକରଣ ସଂପର୍କରେ ଦ୍ୱିତୀୟ ପରିଚ୍ଛେଦରେ ଉଲ୍ଲେଖ କରିଛନ୍ତି – "ମୋର ଜନ୍ମ ୧୮୮୪ ଅଗଷ୍ଟ ୫ତାରିଖ (ଭାଦ୍ରବ ଶୁକ୍ଳ ଚତୁଦଦିଶୀ ଗହ୍ମାପୂର୍ଣ୍ଣିମୀ ପୂର୍ବଦିନ) । ମୋର ଜନ୍ମ ହେଉଚି ଅଷ୍ଟମଗର୍ଭ । ଏକପ୍ରକାର ପିତାମାତାଂକର ପରିଣତ ବୟସରେ । ମୁଁ ତାଂକର ଏକମାତ୍ର

ISSN NO.
2582-208X

ପୁତ୍ର । ସେମାନେ ପୁଅ ପାଇବା ପାଇଁ କଠିନ ସାଧନା ଓ ଦେବୋପାସନା କରିଥିଲେ । ସେ ଦେବତାଂକ ନାମ ନୀଳକଂଠ । ସେଥିପାଇଁ ମୋର ନାମ ନୀଳକଂଠ ରଖିଥିଲେ ।

ଆତ୍ମଚରିତ ସାହିତ୍ୟରେ ଗୋଦାବରୀଶ ମିଶ୍ରଙ୍କର "ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ତହିଁରେ ମୋର ସ୍ଥାନ" ଏକ ଲୋକପ୍ରିୟ ଆତ୍ମଜୀବନୀ । ୧୯୫୮ ମସିହାରେ ଏହା ପ୍ରକାଶିତ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୧୯୬୧ ମସିହାରେ ଅର୍ଜନ କରିଛି ଉକ୍ତ ଆତ୍ମଜୀବନୀ । ଗୋଦାବରୀଶ ମିଶ୍ର ଜୀବନର ନାନାବିଧ ସଂଘର୍ଷ, ଭାରତର ଜାତୀୟ ସଂଗ୍ରାମ ଅଂଶଗ୍ରହଣ, ସତ୍ୟବାଦୀ ବନବିଦ୍ୟାଳୟେ ଶିକ୍ଷକ ଭାବରେ ଯୋଗଦାନ ଆଦି ଏଥିରେ ଦେଖିବାକୁ ମିଳେ । ଗୋଦାବରୀଶ ବାଲ୍ୟ ଜୀବନ ଦାରିଦ୍ର୍ୟ ରାକ୍ଷସ ଦ୍ଵାର ପୀଡ଼ିତ ଥିଲା । ଶିକ୍ଷା କ୍ଷେତ୍ରରେ ଶଶୀଭୂଷଣ ରାୟ ଚୌଧୁରୀଙ୍କ ସାହାଯ୍ୟ, ଗୋପବନ୍ଧୁ ଦାସଙ୍କ ସାହାଯ୍ୟ ଜୀବନରେ ଉନ୍ନତିର ପଥଦୁଆ ସାଜିଥିଲା । ତାଙ୍କ ନାମ ପୂର୍ବେ ଗୋଦାବରୀ ଥିଲା , ଯାହା ପରେ ଶ ଯୋଡ଼ି ଦେବା କଥା ଲେଖକ ଉଲ୍ଲେଖ କରିଛନ୍ତି ।

କୁଞ୍ଜବିହାରୀ ଦାଶଙ୍କ "ମୋ କାହାଣୀ" ଏକ ସଫଳ ଆତ୍ମଜୀବନୀ । ୧୯୭୯ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଦ୍ଵାରା ସମ୍ମାନିତ । ଏହି ଆତ୍ମଜୀବନୀର ପ୍ରକାଶ କାଳ ହେଉଛି ୧୯୭୬ । ଏଥିରେ ଥିବା ବିଷୟ ପାଞ୍ଚ ଭାଗରେ ବିଭକ୍ତ । ଆଦ୍ୟ ଉଷାର ଆକାଶ, ସଂଗ୍ରାମ ଓ ସାଧନା, ଜୀବିକା ଓ ଜୀବନ, ଅପରାହ୍ନର ଗୋଧୂଳି ଆଦି । ପ୍ରତ୍ୟେକ ଭାଗ ପ୍ରେରଣ ଦାୟୀ ଅଟେ । ଏହା ଛାଡ଼ି ଓଡ଼ିଆ ସାହିତ୍ୟରେ ଅନେକ ଗୁଡ଼ିଏ ଆତ୍ମଜୀବନୀ ରହିଛି । ସେଗୁଡିକ ହେଲା – ଗୋପାଳଚନ୍ଦ୍ର ପ୍ରହରାଜଙ୍କ – "ପ୍ରହରାଜ ପରିକ୍ରମା" ଗୋବିନ୍ଦ ଚନ୍ଦ୍ର ମିଶ୍ର –"ଜାତୀୟ ଜୀବନର ଆତ୍ମ ବିକାଶ", ଚିନ୍ତାମଣି ମହାନ୍ତି – "ଜୀବନ ପଞ୍ଜିକା", ଗଣକବି ବୈଷ୍ଣବ ପାଣି – "ପାଣି କବିଙ୍କ ଆତ୍ମକାହାଣୀ", ଲକ୍ଷ୍ମୀନାରାୟଣ ସାହୁଙ୍କ – "ମୋ ବାରବୁଲା ଜୀବନ", ଭରତ ଚନ୍ଦ୍ର ନାୟକ – "ମୋର ପୂର୍ବ ସ୍ମୃତି କଥା", କାଳୀଚରଣ ପଟ୍ଟନାୟକ – "କୁମ୍ଭାର ଚକ", କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ – 'ଯାହା ଅଙ୍ଗେ ନିଭାଇଛି", ହରେକୃଷ୍ଣ ମହତାବ –'ସାଧନା ପଥେ, ରମାଦେବୀ ଚୌଧୁରୀ – "ଜୀବନ ପଥେ" , ସତ୍ୟନାରାୟଣ ରାଜଗୁରୁ – "ମୋ ଜୀବନ ସଂଗ୍ରାମ", ହରିହର ମହାପାତ୍ର – "ଜୀବନ ଓ ଜୀବିକା", କୃଷ୍ଣଚନ୍ଦ୍ର ପାଣିଗ୍ରାହୀ – "ମୋ ସମୟର ଓଡ଼ିଶା" ଗୋପୀନାଥ ମହାନ୍ତି – "ସ୍ରୋତସ୍ଵିନୀ", ଭୁବନେଶ୍ବର ବେହେରା –"ଗାଁର ଡ଼ାକ", ଗୋପାଳ ଛୋଟରାୟ – "ପଥିକ", ସୁରେନ୍ଦ୍ର ମହାନ୍ତି – "ପଥ ଓ ପୃଥିବୀ", ଭଞ୍ଜ

ISSN NO.
2582-208X

କିଶୋର ପଟ୍ଟନାୟକ - "ଜୀବନର ଜୟଯାତ୍ରା", ଦିନନାଥ ପାଢ଼ୀ - "ଦିଗ ପହଣ୍ଡିର ଡ୍ରଇଂଙ୍ଗ ମାଷ୍ଟ୍ରେ", ଗଙ୍ଗାଧର ରଥ "- ଭୁଲି ନାହିଁ "ଫତୁରାନନ୍ଦଙ୍କ -"ମୋ ଫୁଟା ଡଙ୍ଗାର କାହାଣୀ", ମାୟାଧର ମାନସିଂହ - "ଶିକ୍ଷାବିତ୍‌ର ଗାଥା" ଜାନକୀ ବଲ୍ଲଭ ମହାନ୍ତି - "ଏକାକୀ ପଥିକ" ଆଦି ଆତ୍ମଜୀବନୀ ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟକୁ ବିକାଶ କରିବାରେ ମୁଖ୍ୟ ଆଧାର ହେଉଛି ।

ଓଡ଼ିଆ ଆତ୍ମଜୀବନୀରେ ସ୍ରଷ୍ଟାଗଣ ଆତ୍ମଜୀବନୀ ମାଧ୍ୟମରେ ନିଜ ଜୀବନ କଥା କହିବା ସହ ସମାଜର ସାମାଜିକ, ରାଜନୈତିକ, ସାଂସ୍କୃତିକ ଅର୍ଥନୈତିକ ଦିଗକୁ ଉଲ୍ଲେଖ କରିଛନ୍ତି। ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ , ପ୍ରେରଣା ମୂଳକ ଅଟେ ।

## ସହାୟକ ଗ୍ରନ୍ଥସୂଚୀ

୧ - ପଟ୍ଟନାୟକ ପଠାଣି - ଓଡ଼ିଆ ସାହିତ୍ୟର ଇତିହାସ
୨ - ମହାରଣା କୁମାର ଡକ୍ଟର ସୁରେନ୍ଦ୍ର - ସାହିତ୍ୟର ତାଳପତ୍ର
୩ - ମଲ୍ଲ ଡକ୍ଟର ଅଜାମ୍ବର - ଓଡ଼ିଆ ଆତ୍ମଜୀବନୀ ସମୀକ୍ଷଣ
୪ - ରାଉତ ଡକ୍ଟର ଭୋଳାନାଥ - ଓଡ଼ିଆ ସାହିତ୍ୟ ତତ୍ତ୍ୱ ଓ ତଥ୍ୟ
୫ - Smyth Adam - A history of English autography
୬ - ଦାଶ କୁମାର ଦେବେନ୍ଦ୍ର - ଫକୀରମୋହନ ସେନାପତିଙ୍କ ଆତ୍ମଚରିତ

(((-)))

ISSN NO.
2582-208X

# ଆଖିର ଭାଷା



ସୁଚନ୍ଦ୍ରା ମହାନ୍ତ

ଆଖି
ସ୍ୱପ୍ନ ରାଇଜରେ ପରିପୂର୍ଣ୍ଣ
ନାହିଁ ତା ଆରମ୍ଭ ନାହିଁ ତା ଶେଷ
ନୀଳ ସାଗର ପରି ଶାନ୍ତ
ସୁଖେ ହେଉ ବା ଦୁଃଖେ
ବୋହିଯାଏ ଲୋତକ ଝର
କୁହେ ସେ ସବୁ
ଅକୁହା କଥା ମନର ଭାଷା
ଆଶା ଆଉ ଅଭିଳାଷା
ବୁଝି ପାରେନି କି ବୁଝେଇ ପାରେନି
ତା ମନର କଷ୍ଟ ଆଉ ବ୍ୟଥା

ଆଖି
ସେ ପୁଣି କେବେ ନୀଳନୟନା
କାହା ପାଇଁ ସାଜେ ମନର ରାଜ କନ୍ୟା

ଆଖି
ନ କହି ମଧ୍ୟ
କହିଦିଏ ବହୁ କଥା
ବୁଝିବାର ସାମର୍ଥ୍ୟ ତାହା ପାଖେ ଥାଏ

ISSN NO.
2582-208X

ଯିଏ ବୁଝିପାରେ
ଆଖିର ବେଦନା ଆଉ ବ୍ୟଥା

ଆଖି
ସେ ତ ଜାଣେ ନାହିଁ
ଲୁହ ର ଠିକଣା
ଆଜି ଯେ ଅତି ନିଜର
କାଲି ହେଇଯାଏ ଅଜଣା
ଆଖି
ପଚାରିଲେ ଦିଏନି ସେ ଉତ୍ତର
ଝରାଏ ଲୁହ ଅବିରତ
କାନ୍ଦେ ଯେ ହୃଦୟ
ଉଙ୍କିମାରେ ପ୍ରଶ୍ନ ନିରନ୍ତର

ଆଖି
ହଜାରେ ପ୍ରଶ୍ନ ଥାଇ ବି
ମିଳେନି ତା ଉତ୍ତର
ଲୁହ କୁ ପୋଛି
ନୀରବ ରହି
ଖୋଜେ ତା
ପ୍ରଶ୍ନର ଉତ୍ତର!!!!!!

(((–)))

ବୁଗୁଡ଼ା ଗଞ୍ଜାମ

ISSN NO.
2582-208X

# କନ୍ଧ ସଂସ୍କୃତିରେ ମେରିଆ ପର୍ବ : ପରମ୍ପରା ଓ ଆସ୍ଥା



କବିତା ବଢେଇ

ଓଡ଼ିଶାର ସର୍ବବୃହତ୍ ଜନଜାତି ଭାବରେ ବସବାସ କରୁଥିବା କନ୍ଧ ସମ୍ପ୍ରଦାୟ ବର୍ଷସାରା ନାନା ପର୍ବପର୍ବାଣି ପାଳନ କରନ୍ତି । ସେମାନେ ପାଳନ କରୁଥିବା ସମସ୍ତ ପର୍ବପର୍ବାଣି ମଧ୍ୟରୁ ଏକ ମୁଖ୍ୟ ପର୍ବ ହେଉଛି ମେରିଆ ପର୍ବ ବା ପୋଢ ଯାତ୍ରା । ପାରମ୍ପରିକ ନୃତ୍ୟ ପରିବେଷଣ କରି ଦୀର୍ଘ ସାତଦିନ କାଳ କନ୍ଧ ଆଦିବାସୀ ସମଗ୍ର ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ସହିତ ମିଳିମିଶି ଏହି ପର୍ବକୁ ପାଳନ କରେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାସ କରୁଥିବା କନ୍ଧ ଆଦିବାସୀଙ୍କ ମଧ୍ୟରେ ଭିନ୍ନତା ପରିଲକ୍ଷିତ ହୋଇଥିଲେ ହେଁ ପ୍ରାୟ ୫/୭ ବର୍ଷରେ ଥରେନିଜ ନିଜ ବିଧିବିଧାନ,ପରମ୍ପରା ଅନୁଯାୟୀ ଧରଣୀ ପେନୁକୁ ସନ୍ତୁଷ୍ଟ କରିବା ସକାଶେ କନ୍ଧ ପାଳନ କରେ ମେରିଆ ପର୍ବ । ଏହି ମେରିଆ ପର୍ବର ସାମଗ୍ରିକ ଅଧ୍ୟୟନ ଦ୍ୱାରା କନ୍ଧ ସଂସ୍କୃତି ଓ ପରମ୍ପରାକୁ ଅତି ନିକଟରୁ ଜାଣିବାର ସୁଯୋଗ ସୃଷ୍ଟି ହୋଇଥାଏ ।

ମୁଖ୍ୟ ଶବ୍ଦ : କନ୍ଧ, ମେରିଆ, ପର୍ବପର୍ବାଣି, ଜନଜାତି, ଧରଣୀ ପେନୁ

ଭାରତୀୟ ଜୀବନଧାରାରେ ଧର୍ମଭାବର ପ୍ରଭାବ ଅତ୍ୟନ୍ତ ଗଭୀର ଓ ବ୍ୟାପକ । ଯୁଗ ଯୁଗ ଧରି ଏ ଦେଶର ରାଜନୈତିକ ଓ ସାମାଜିକ ଜୀବନପ୍ରବାହରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲେ ହେଁ ଜାତି ଓ ବ୍ୟକ୍ତିର ଜୀବନ ଆଭିମୁଖ୍ୟରେ ଧର୍ମଭାବ ତା'ର ଅମଳିନ ଦୀପ୍ତି ବଜାୟ ରଖିଛି । ଜାତି,ସମାଜ ଅଥବା ବ୍ୟକ୍ତିର ଜୀବନଧାରାରେଅନୁଷ୍ଠିତ ଓ ପ୍ରତିପାଳିତ ବିଭିନ୍ନ ଯାନିଯାତ୍ରା, ଉତ୍ସବ, ପର୍ବପର୍ବାଣୀ ଆଧାରରେହିଁ ଗଣଜୀବନ ଉପରେ ଧର୍ମଭାବର ସୁଦୂରପ୍ରସାରୀ ପ୍ରଭାବକୁ ଆମେ ସ୍ୱଷ୍ଟ ଅନୁଭବ କରିପାରିବା । ଏହି ପାରମ୍ପରିକ

ISSN NO.
2582-208X

ଜୀବନଧାରା ଧର୍ମବୋଧର ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ସମଗ୍ର ଜାତି ଓ ସମାଜକୁ ଅଧିକ ବଳିଷ୍ଠ ଅଧିକ ପ୍ରାଣବନ୍ତ ଓ ଅଧିକ ସୌନ୍ଦର୍ଯ୍ୟ ସମନ୍ୱିତ କରି ତୋଳିବାରେ ସମର୍ଥ ହୋଇଅଛି ।

ଏହି ଧର୍ମୀୟ ପରମ୍ପରା ଭାରତର ମୂଳ ଅଧିବାସୀଙ୍କଅମଳରୁ ପ୍ରଚଳିତ ଧର୍ମୀୟ ଧାରାକୁ ଅନୁସରଣ କରିଚାଲିଛି ।ଆଦିବାସୀମାନେ ହେଉଛନ୍ତି ଭାରତର ସବୁଠାରୁ ପୁରାତନ ଅଧିବାସୀ ବା ମୂଳନିବାସୀ । ୨୦୧୧ ଜନଗଣନା ଅନୁଯାୟୀ ଭାରତର ମୋଟ ଜନସଂଖ୍ୟାର ୮.୬ ପ୍ରତିଶତ ହେଉଛନ୍ତି ଆଦିବାସୀ । ଭାରତର ବିଭିନ୍ନ ପ୍ରାନ୍ତରେ ସର୍ବମୋଟ ୪୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟ ବସବାସ କରୁଥିବାବେଳେ, ସେଥିମଧ୍ୟରୁ ୬୪ ପ୍ରକାର ଜନଜାତି କେବଳ ଓଡ଼ିଶାରେ ବସବାସ କରନ୍ତି । କହିବାକୁ ଗଲେ ସର୍ବଭାରତୀୟ ସ୍ତରରେ ଆଦିବାସୀ ବହୁଳ ରାଜ୍ୟ ଭାବରେ ଓଡ଼ିଶା ବେଶ୍ ସୁପରିଚିତ । ସରଳ ନିଷ୍କପଟ ଜୀବନଶୈଳୀ ବିତାଉଥିବା ଏହି ଜନଜାତିଙ୍କ ନିବାସ କୌଣସି ଅକାଶଚୁମ୍ବୀ ଅଟ୍ଟାଳିକା ନୁହେଁ ବରଂ ଅନ୍ଧାର ଗିରିଗୁହା ଓ ଦୁର୍ଗମ ସ୍ଥାନରେ ଥିବା କ୍ଷୁଦ୍ର କୁଟୀର । ଗୋଷ୍ଠୀ ଜୀବନ ହିଁ ସେମାନଙ୍କ ବଞ୍ଚିବାର ମୂଳମନ୍ତ୍ର ।

ଏହି ଆଦିବାସୀ ସମ୍ପ୍ରଦାୟ ପ୍ରକୃତିର ଉପାସକ ଅଟନ୍ତି । ସେମାନେ ବୃକ୍ଷ, ନଈ, ଝରଣା, ପାହାଡ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ରଆଦି ପ୍ରାକୃତିକ ଏବଂ ସ୍ୱର୍ଗୀୟ ବସ୍ତୁର ଉପାସନା କରନ୍ତି । ବିଭିନ୍ନ ପର୍ବପର୍ବାଣୀରେ ଆଦିବାସୀମାନେଶାଳ, ମହୁଲ ଗଛକୁ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା, ମାଟି ଦେବତା( ଧରଣି ପେନୁ), ଚନ୍ଦ୍ର ଦେବତା (ଲାଞ୍ଜୁ ପେନୁ), ପାହାଡ ଦେବତା(ସରୁପେନୁ), ନଈ, ଝରଣାକୁ ପୂଜା କରି, ଏକାଠି ଗୀତ ଗାଇ, ନାଚି, ଖେଳି ଜୀବନକୁ ଉପଭୋଗ କରନ୍ତି ।ସେମାନେ ପାହାଡ଼ ପୂଜା, ପୁଣିକାଲୁ (ଅଣକା ଯାତ୍ରା) , ବାଙ୍ଗୁର ପର୍ବ (ଆଷାଢ଼ୀ ପର୍ବ), ଅଖାଣି ପର୍ବ (ଶିକାର ପର୍ବ), କୁସୁମ ନୂଆଖିଆ, ଆମ୍ବ ନୂଆଖିଆ, ମାଘପୋଡ଼ି, କରମା ପର୍ବ, ମେରିଆ /ପୋଢ଼ ଯାତ୍ରା, ଟାକୁପର୍ବ, ବିହନ ପରବ (ବୁର୍ଲାଙ୍ଗ ଯାତ୍ରା),ବାହାବଙ୍ଗା (ଶାଳଫୁଲ ପର୍ବ) ସହରାଇ ପର୍ବ, ମାଘେ ପରବ, ବାନ୍ଦନା ପର୍ବ (ଗୋରୁ ପୂଜା), ଉଡ଼ା ପର୍ବ, ପୁଷ୍ପୁନି ପର୍ବ, ଦିଆଲି ପରବ, ଚଇତ ପରବ, କାନ୍ଦୁଲଭଜା ପରବ, ବାଲି ଯାତରା, ବିଜପୁଟୁନି ପରବ, ଭୀମା ପୂଜା ଭଳିକୃଷିଭିତ୍ତିକ, ପାରମ୍ପରିକ, ସାମାଜିକ, ଶିକାରଭିତ୍ତିକ, ଗ୍ରାମ ସଂସ୍କାରମୂଳକ, ରୋଗ ଓ ବ୍ୟାଧି ନିରାକରଣ ମୂଳକଆଦି ଅନେକ ପର୍ବପର୍ବାଣି ପାଳନ କରନ୍ତି।

ISSN NO.
2582-208X

ଆଦିବାସୀମାନେ ପାଳନ କରୁଥିବା ଅଧିକାଂଶ ପର୍ବ ହେଉଛି କୃଷିଭିତ୍ତିକ। ଚୈତ୍ର ଓ ବୈଶାଖ ମାସ ବେଳକୁ ଚାଷକାର୍ଯ୍ୟ ଶେଷ ହୋଇ ଅମଳସରିଯାଇଥାଏ। ତେଣୁ ସେହି ସମୟରେ ଆଦିବାସୀମାନେ ଶିକାର ପର୍ବ (ବେଣ୍ଟଯାତ୍ରା) ପାଳନ କରନ୍ତି। ଦଳ ଦଳ ହୋଇ ଆଦିବାସୀ ଯୁବକମାନେ ଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି ଏବଂ ଜୀବଜନ୍ତୁ ଶିକାର କରି ଆଣନ୍ତି। ମାତ୍ରଏବେ ବନ୍ୟପ୍ରାଣୀ ନିୟମ କଡ଼ାକଡ଼ି ହୋଇଯାଇଥିବାରୁ ଶିକାର ପର୍ବ ଆଉ ବ୍ୟାପକ ଭାବେ ନହୋଇ ପ୍ରତୀକାତ୍ମକ ଭାବେ ପାଳନ କରାଯାଉଛି । ତଥାପି କନ୍ଧ ସମ୍ପ୍ରଦାୟରେବର୍ତ୍ତମାନ ସମୟରେ ମଧ୍ୟ ମେରିଆ ପର୍ବ ଅନୁଷ୍ଠିତ ହେଉଛି । ମାଟି ମାଆକୁ ସନ୍ତୁଷ୍ଟ କରିବା ସକାଶେ ପୋଢ ବଳି ଦେଇ ଗ୍ରାମର ମଙ୍ଗଳ କାମନାକରୁଛନ୍ତି କନ୍ଧ ଜନଜାତି। ବନପର୍ବତ ଘେରା କ୍ଷୁଦ୍ର କନ୍ଧପଲ୍ଲୀ ଗୁଡିକରେ ବର୍ଷସାରା ନାନା ପର୍ବପର୍ବାଣିର ବିରାମ ନାହିଁ । ସଭ୍ୟ ସମାଜ ଠାରୁ ବହୁ ଦୂରରେ ରହି କନ୍ଧମାନେ ବାରମାସରେ ତେର ପର୍ବ ଆୟୋଜନ କରିଥାନ୍ତି । ଏହି ପର୍ବପର୍ବାଣି ମାଧ୍ୟମରେ କନ୍ଧ ପରମ୍ପରା, କନ୍ଧ ଜୀବନଶୈଳୀ ଓ ଲୋକବିଶ୍ୱାସକୁ ଅତି ନିକଟରୁ ଜାଣିହୁଏ ।

## କନ୍ଧ ଜନଜାତି

ଓଡ଼ିଶାରେ ବସବାସ କରୁଥିବା ୬୪ ପ୍ରକାର ଆଦିବାସୀ ମାନଙ୍କ ମଧ୍ୟରେ କନ୍ଧ ହେଉଛି ଏକ ସର୍ବ ବୃହତ୍ ଓ ପ୍ରାଚୀନ ଜନଜାତି । ୨୦୧୧ ମସିହାର ଜନଗଣନା ଅନୁଯାୟୀ ଓଡ଼ିଶାରେ କନ୍ଧ ଜନଜାତିର ସଂଖ୍ୟା ୧,୬୨୭,୪୮୬ । ଏହି ଗୋଷ୍ଠୀ ଓଡ଼ିଶାର ଅବିଭକ୍ତ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଗଞ୍ଜାମ, ଗଜପତି ଏବଂ ବୌଦ୍ଧ ଜିଲ୍ଲାରେ ବସବାସ କରନ୍ତି । ଏହା ବ୍ୟତୀତ ଓଡ଼ିଶା ସୀମାନ୍ତରାଜ୍ୟ ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳରେ ବାସ କରିବାର ଲକ୍ଷ୍ୟ କରାଯାଏ । ସର୍ବପ୍ରଥମେ କନ୍ଧ ସମ୍ପ୍ରଦାୟ ସମ୍ପର୍କରେଅମରାବତୀ ସ୍ତମ୍ଭଲେଖରେଉଲ୍ଲେଖ ରହିଥିବାରଜଣାଯାଏ । ଲିପିତତ୍ତ୍ୱ ଦୃଷ୍ଟିରୁ ଗବେଷକଗଣ ଏହାକୁ ନବମ ଶତାବ୍ଦୀର ବୋଲି ମତବ୍ୟକ୍ତ କରିଛନ୍ତି । ସେହିପରିକନ୍ଧ ମାନଙ୍କ ସମ୍ପର୍କରେ ସାରଳା ମହାଭାରତରେ ଉଲ୍ଲେଖ ରହିଥିବା ଏକମାତ୍ର ପ୍ରମାଣ ହେଉଛି -

"କନ୍ଧ ମଲ୍ଲାର କିରାତ ବର୍ବର ନୃପତି,
ଖାନ୍ଧାର କିନ୍ନର ଚନ୍ଦ୍ର ସୂର୍ଯ୍ୟ ସମଗୋତ୍ରି ।"

ISSN NO.
2582-208X

ଏହି କନ୍ଧ ଜନଜାତିଙ୍କୁ ସେମାନଙ୍କ ଜୀବନଶୈଳୀ, ଭାଷା ଓ ବେଶଭୂଷା ଦୃଷ୍ଟିରୁ ତିନି ବା ତହିଁରୁ ଅଧିକ ଶ୍ରେଣୀରେ ବିଭକ୍ତ କରାଯାଇଛି । ଯଥା ମାଲୁଆ କନ୍ଧ, କୁଟିଆ କନ୍ଧ, ଦେଶିଆ କନ୍ଧ, ଡ଼ଙ୍ଗରିଆ କନ୍ଧ, ଜାତାପୁ କନ୍ଧ, ମାଟିଆ କନ୍ଧ ଓ ଧାରୁଆ କନ୍ଧ ।ପରନ୍ତୁ ଦେଶିଆ କନ୍ଧ, କୁଟିଆ କନ୍ଧ ଓ ଡ଼ଙ୍ଗରିଆ କନ୍ଧ ସମ୍ପର୍କରେ ଅଧିକ ପରିଚର୍ଚ୍ଚା ହୋଇଥିବାର ଲକ୍ଷ୍ୟ କରାଯାଏ । ସେଥିମଧ୍ୟରୁ ଦେଶିଆ କନ୍ଧ ଫୁଲବାଣୀ ଜିଲ୍ଲାର ବାଲିଗୁଡା, କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ନାରାୟଣ ପାଟଣା, ବନ୍ଧୁଗାଁ, ଦଶମନ୍ତପୁର ବ୍ଲକରେ ବାସ କରନ୍ତି । ସେହିପରି କଳାହାଣ୍ଡିର ଲାଞ୍ଜିଗଡ ତଥା ରାୟଗଡ଼ା ଜିଲ୍ଲାର ଚନ୍ଦ୍ରଗିରି ଅଞ୍ଚଳରେ କୁଟିଆ କନ୍ଧମାନେ ବସବାସ କରନ୍ତି । ଡ଼ଙ୍ଗରିଆ କନ୍ଧ ରାୟଗଡ଼ା ଜିଲ୍ଲାର ଗୁଣପୁର ସବଡ଼ିଭିଜନ କଳାହାଣ୍ଡି ତଥା ରାୟଗଡ଼ାର ନିୟମଗିରି ପର୍ବତରେ ବାସ କରିଥାନ୍ତି ।

ସାଧାରଣତଃ କନ୍ଧମାନେ ସାହସୀ, ସରଳବିଶ୍ୱାସୀ, କାର୍ଯ୍ୟଦକ୍ଷ, କଷ୍ଟସହିଷ୍ଣୁ, ପରିଶ୍ରମୀ ଏବଂ ଅତିଥି ପରାୟଣ ଅଟନ୍ତି । ପ୍ରକୃତି ଓ ପରିବେଶ ତାଙ୍କର ଚିର ସହଚର । ପ୍ରକୃତି ପରିବେଶ ଭରା ପଲ୍ଲୀଗ୍ରାମରେ ବସବାସ କରିବାକୁଭଲପାଉଥିବାରୁ ପ୍ରକୃତି ପୂଜା ଉପରେ ସେମାନେ ଅଧିକ ଗୁରୁତ୍ୱ ଦିଅନ୍ତି। ଚୈତ୍ର ଓ ବୈଶାଖ ମାସରେ ପାହାଡ଼ ପୂଜା, ମେରିଆ ପୋଢ଼ ଯାତ୍ରା ଓ ବର୍ଷାଦିନେ ଟାକୁପର୍ବ, ବିହନ ପରବ (ବୁର୍ଲାଙ୍ଗ ଯାତ୍ରା) ଓ ଶୀତଦିନେ ପୁଣିକାଲୁ (ଅଣକା ଯାତ୍ରା), ମାଟ୍ଟୁବର ଲାକା, ଜ୍ୟେଷ୍ଠ ମାସରେ ରୁଜିଙ୍ଗା, ଅଷାଢ ମାସରେ କେଣଙ୍ଗାଲାକା ବା ବିଲ ପୂଜା, ଅଷାଢ-ଶ୍ରାବଣ ମାସରେ ମାରଲାକା ବା ଛତୁ ନବାନ୍ନ, ଶ୍ରାବଣ-ଭାଦ୍ରବ ମାସରେ କୁଇରିଲାକା ବା କୁଇରି ନୂଆଁ ଖିଆ, ଅଶ୍ୱିନ ମାସରେ ବାଟ ବଲାନି ଓ ବଣି ଲାକା, ମାର୍ଗଶିର, ପୌଷ ବା ମାଘ ମାସରେ ବାଡ଼ ଧାନ କାଟିବା ପୂର୍ବରୁ ସୁବାଲାକା, ଫାଲ୍ଗୁନ ମାସରେ ସିସା ଲାକା, ଚୈତ୍ର ମାସରେ ଗଡ଼ି ମେହେପା, ବିହନ ତୁଃପାଃ, ଇପିସୁନ୍ଦା ଲେଃପାଃ, ପରୁହ ପାପୃକ ଆଦି ବିଭିନ୍ନ ପୂଜାପର୍ବ ପାଳନକରନ୍ତି । ଏହାବ୍ୟତୀତ ସଅଲା ଲାକା , ରୋଗ ବଲାନି, ପୋହ ଲାକା, ସୁଗା ପେନୁ ଲାକା, ବେରାଙ୍ଗା ଲାକା ତଥା ବିହନ ପୂଜା, ପୋଢ ପୂଜା, ଶିକାର ଝୁଙ୍କା ଆଦି ପୂଜା ମଧ୍ୟ କନ୍ଧମାନେ କରିଥାନ୍ତି । ସେମାନଙ୍କର ଢୋଲ, ଚାଙ୍ଗୁ, ବଂଶୀ, ଶିଙ୍ଗା ଓ ଖଞ୍ଜଣୀର ତାନ ପାହାଡ ପର୍ବତରେ ପିଟି ହୋଇ ପ୍ରତିଧ୍ୱନି ସୃଷ୍ଟି କରିଥାଏ । କନ୍ଧ ଉକ୍ତ ବାଦ୍ୟର ତାଳେ ତାଳେ ନୃତ୍ୟ ଗୀତ କରି ଅପାର ଆନନ୍ଦ ଅନୁଭବ କରେ ଓ ବାରମାସରେ ତେର ପର୍ବ ପାଳନ କରେ।

ISSN NO.
2582-208X

## ମେରିଆ ପର୍ବ

କନ୍ଧମାନେ ପାଳନ କରୁଥିବା ଉପରୋକ୍ତ ସମସ୍ତ ପର୍ବପର୍ବାଣି ମଧ୍ୟରୁ ପ୍ରଧାନହେଉଛି କେଡୁପର୍ବ ବା ମେରିଆ ପର୍ବ । ସ୍ଥାନ ଭେଦରେ ଏହାକୁ ଝାଗିଡ଼ି ବା ପୋଢ ପୂଜା କୁହାଯାଏ। ଏହି ମେରିଆ ପର୍ବକନ୍ଧମାନଙ୍କର ଏକ ପୁରାତନ ପର୍ବ । ମେରିଆ ଅର୍ଥ ମଣିଷ। ବ୍ରିଟିଶ ଅମଳରୁ ମଣିଷ ବଳି ଦେଇ ଏହି ପର୍ବପାଳନ କରାଯାଉଥିବାରୁ ଏହାର ନାମ ମେରିଆ ପର୍ବ। ପୂର୍ବେ ସାଧାରଣତଃ ଗୋଟିଏ କୁଆଁରୀ କନ୍ୟାକୁ ବାଛି ତାକୁ ଦେବତାଙ୍କୁ ଅର୍ପଣ କରାଯାଉଥିଲା । ଉକ୍ତ କନ୍ୟାକୁ ଗ୍ରାମ ବାହାରୁ ଅଣାଯାଉଥିଲା କିମ୍ବା କିଣା ଯାଉଥିଲା । ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସେହି କନ୍ୟାକୁ ସମ୍ମାନର ସହିତ ରଖାଯାଇ ପରେ ବଳି ଦିଆଯାଉଥିଲା । ତେଣୁ ଏହି ପର୍ବକୁ ଟୋକିମରା ପର୍ବ ମଧ୍ୟ କୁହାଯାଏ । ଆଉ କେତେକ ସ୍ଥାନରେ ପୁରୁଷ ବଳି ଦିଆଯାଉଥିବାରୁ,ତାହାକୁ ପୁରୁଷ ମେଧା କୁହାଯାଉଥିଲା ।

ଊନବିଂଶ ଶତାବ୍ଦୀରେ କନ୍ଧମାନେଏହି ନରବଳି ଓ ଶିଶୁକନ୍ୟା ହତ୍ୟାପାଇଁ ଚର୍ଚ୍ଚାର ପରିଧିକୁ ଆସିଥିଲେ । ୧୮୩୦-୪୦ ଦଶକରେ ଏହି ପ୍ରଥାକୁ ରୋକିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା । ଊନବିଂଶ ଶତାବ୍ଦୀର ସପ୍ତମ ଦଶକ ବେଳକୁ ବ୍ରିଟିଶ ସରକାର ଅକ୍ଲାନ୍ତ ପରିଶ୍ରମ କରି ଏହି ନୃଶଂସ ପ୍ରଥାକୁ ବନ୍ଦ କରିବାରେ ସଫଳ ହୋଇଥିଲେ । ସେହିଦିନଠାରୁ କନ୍ଧମାନେ ମାଟି ଦେବତା(ଧରଣୀ ପେନୁ )ଙ୍କ ଠାରେ ନରବଳି ପରିବର୍ତ୍ତେ ପୋଢବଳି ଦେଇଆସୁଛନ୍ତି । ଉକ୍ତ ନରବଳି ପ୍ରସଙ୍ଗକୁ ନେଇ ଅନେକ ପୁସ୍ତକ ଲେଖା ଯାଇଛି । ଯଥା –Major General John Campbell ଙ୍କ ଦ୍ୱାରା Human Sacrifices in India ଓRajendralaMitraଙ୍କ ଦ୍ୱାରା On Human Sacrifices In Ancient India (1876) ।

## ମେରିଆ ପର୍ବ ପାଳନର ଉଦ୍ଦେଶ୍ୟ :

ଏହି ପର୍ବ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଧରଣୀ ପେନୁଙ୍କୁ ଖୁସି କରାଇବା । ବିଶ୍ୱାସ ରହିଛି ମାଆଙ୍କୁ ପୂଜା କଲେ ଗାଁର ମଙ୍ଗଳ ହେବା ସହ ଭଲ ଫସଲ ହୁଏ । ଏହାଛଡା ପୂର୍ବରୁ ଗ୍ରାମରେ କ୍ରମାଗତ ଭାବରେ ରୋଗବ୍ୟାଧି ହେଲେ, କିଛି ଦୈବୀ ଦୁର୍ଘଟଣା ଘଟିଲେ, ବର୍ଷା ନହେଲେ, ଫସଲ ଭଲ ନହେଲେ ଗ୍ରାମର ମଙ୍ଗଳ କାମନା କରି ମାଟି ମାଆକୁ ସନ୍ତୁଷ୍ଟ କରିବା ପାଇଁ କନ୍ଧ ଆଦିବାସୀ ଏହି ପର୍ବ ପାଳନ କରିଥାଏ । କେବଳ ସେତିକି ନୁହେଁ ପ୍ରକୃତି ପ୍ରତି ଶ୍ରଦ୍ଧା ଓ ପୂର୍ବପୁରୁଷଙ୍କ ପ୍ରତି ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ

ISSN NO.
2582-208X

ମଧ୍ୟ ଏହି ପର୍ବକୁ ପାଳନକରାଯାଇଥାଏ । ସନ୍ତାନ ପ୍ରାପ୍ତି, ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ଜୀବନଶୈଳୀ ଓ ଲୋକ ବିଶ୍ୱାସକୁ ଜୀବନ୍ତ ରଖିବା ପାଇଁ ଅତି ଆନନ୍ଦ ଉଲ୍ଲାସରେ କନ୍ଧମାନେ ଏହି ପର୍ବକୁ ପାଳନ କରିଥାନ୍ତି । ଏହା ହେଉଛି ଏକ ବିଶ୍ୱାସର ପର୍ବ । କନ୍ଧ ଲୋକ ବିଶ୍ୱାସ ଅନୁସାରେଏକଦା ଅନାବୃଷ୍ଟି ହେତୁ ଲୋକେ ଖାଇବାକୁ ନପାଇଜୀବନ ହାରିଲେ । ଏହି ପ୍ରତିକୂଳ ପରିସ୍ଥିତି ଧରଣୀ ଦେବୀଙ୍କ କୋପରୁ ସୃଷ୍ଟି ହୋଇଛି ବୋଲି ଲୋକଙ୍କ ଧାରଣା ହେଲା । ଲୋକେ ଆତଙ୍କିତ ହୋଇ କିଭଳି ଦେବୀଙ୍କୁ ଶାନ୍ତ ଏବଂ ସନ୍ତୁଷ୍ଟ କରାଯିବ ସେହି ବିଷୟରେ ଚିନ୍ତା କଲେ । ଠିକ୍ ଏହି ସମୟରେ ଗ୍ରାମ ପୂଜକ(ଜାନି)ଙ୍କୁ ଧରଣୀ ପେନୁ ସ୍ୱପ୍ନାଦେଶ ଦେଇ କହିଲେ, ଦେବୀଙ୍କ ଖୁଣ୍ଟ(ଆସ୍ଥାନ)ରେ ଏକ କନ୍ୟାକୁ ବଳି ଦେଇ ତାର ମାଂସ ଖଣ୍ଡକୁ ନିଜ ନିଜ ଗ୍ରାମଦେବୀଙ୍କ ନିକଟରେ ପୋତିଲେ ଧରଣୀ ପେନୁ ଖୁସି ହୋଇ ଶୁଭ ଫଳ ପ୍ରଦାନ କରିବେ । ଗ୍ରାମବାସୀ ଓ ଜାନିଙ୍କ ପରାମର୍ଶରେ ଏକ ବାଳିକାକୁ ଯୋଗାଡ଼ କରାଯାଇଥିଲା ।

ଅନ୍ୟ ଏକ ଲୋକ ବିଶ୍ୱାସ ଅନୁଯାୟୀ ନିଜେ ଅଜ୍ଞାତ ମାଆ ୩ଟି ସନ୍ତାନ ଜନ୍ମକରିଲା । ସେହି ସମୟରେ ବସୁମତୀ ମାତା କୋପରେ ଥିଲେ । ମାଆ ତାର ପୁଅମାନଙ୍କୁ କହିଲା ନଳା, ପାଶୁପତ୍ର, ଜହ୍ନି ଯୋଗାଡ଼ କର । ନିଆଁ ଜଳେଇ ମତେ ଦଉଡ଼ିରେ ବାନ୍ଧିଦିଅ, ମାଉଁସ କାଟି ପୂଜା କର ଧରଣୀ ମାଆ ଖୁସି ହେବେ । ଏହିପରି ଭାବରେ କେଉଁ ଆବହମାନ କାଳରୁ କନ୍ଧ ସମ୍ପ୍ରଦାୟରେ ମେରିଆ ପର୍ବ ପାଳନ ହୋଇଆସୁଛି ।

### ମେରିଆ ପର୍ବର ପ୍ରାରମ୍ଭିକ ପ୍ରସ୍ତୁତି :

ସର୍ବପ୍ରଥମେ ମେରିଆ ପର୍ବ ପାଳନ ପାଇଁ ଗ୍ରାମରେ ବୈଠକ ବସେ । ଗ୍ରାମର ମୁଖ୍ୟ ବିଶି ମାଝି, ମଣ୍ଡଳ, ବାରିକ, ଜାନି ଆଦି ସମସ୍ତଙ୍କ ଦ୍ୱାରା ଏକ ମାସ ପୂର୍ବରୁ ପର୍ବ ପାଳନ ନିମିତ୍ତ ନିଷ୍ପତି ନିଆଯାଏ । ଏହି ବୈଠକରେ ମେରିଆ ପର୍ବ ପାଇଁ ଆନୁମାନିକ ଖର୍ଚ୍ଚ ଆକଳନ କରାଯାଇ ଗ୍ରାମବାସୀଙ୍କ ଠାରୁ ଅର୍ଥ ସଂଗ୍ରହ କରାଯାଏ ଏବଂ ପୂଜାର ତାରିଖ ଗ୍ରାମ ପୂଜକ, ଦିଶାରୀ ବା ଜାନିଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଏ ।

ପୌଷ ମାସ ଠାରୁ ବୈଶାଖ ମାସ ମଧ୍ୟରେ ଏହି ମେରିଆ ପର୍ବ ଅନୁଷ୍ଠିତ ହୋଇଥାଏ । ସାଧାରଣତଃ ଏହି ପର୍ବ ଚୈତ୍ର ମାସରେ ପାଳନ କରାଯାଏ । କନ୍ଧମାଳ ଜିଲ୍ଲାର ବାଲିଗୁଡା, କୁରୁକୁଡୁପା ଗ୍ରାମରେ ଦୀର୍ଘ ୭ଦିନ ଧରି ମେରିଆ ପର୍ବ ପାଳନ କରାଯାଉଥିବା ବେଳେ

ISSN NO.
2582-208X

ରାୟଗଡ଼ା ଆଦି ଅଞ୍ଚଳରେ ୩ଦିନ ପାଳନ କରାଯାଏ । ୭ଦିନ ପୂର୍ବରୁ ଏହି ପୂଜାର ତାରିଖ ଗ୍ରାମ ପୂଜକ, ଦିଶାରୀ ବା ଜାନିଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଏ । ଶନିବାର ଦିନଠାରୁ ଏହି ପର୍ବ ପାଳନର ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଯାଏ । ଏହିଦିନ ଧରଣୀପେନୁଙ୍କ ଘର ସମେତ ସମସ୍ତ ଘର, ଗାଁ ଦାଣ୍ଡ ଗୋବରରେ ଲିପାପୋଛା କରି ଝୋଟି ଦିଆଯାଏ ଓ ବିଭିନ୍ନ ରଙ୍ଗରେ ଘରକୁ ଚିତ୍ରିତ କରାଯାଏ।ତତ୍ ସହିତ ମୁଖ୍ୟଘରକୁ ମଧ୍ୟ ଲିପାପୋଛା କରି ଚିତ୍ରିତ କରାଯାଏ । ଏହି ମୁଖ୍ୟ ଘରକୁ ଝାଙ୍କିରି ଘର କୁହାଯାଏ । ଝାଙ୍କିରି ଘରେ ପୂଜା ସମୟରେ ଏକ ନିର୍ଦ୍ଦିଷ୍ଟ ବାଦ୍ୟ ବ୍ୟବହାର କରାଯାଇଥାଏ । ଛେଳି ଚମଡ଼ାରେ ତିଆରି ଏହି କ୍ଷୁଦ୍ରବାଦ୍ୟକୁ ନିଶୁଣି କୁହାଯାଏ ।

ପର୍ବ ଆରମ୍ଭ ପୂର୍ବରୁ ଗ୍ରାମର ପୂଜକ ମେରିଆକୁ ବାନ୍ଧିବା ଉଦ୍ଦେଶ୍ୟରେ ଖୁଣ୍ଟି ତିଆରି ପାଇଁ କାଠ ଆଣିବାକୁ  ସମସ୍ତଙ୍କ ଅଗୋଚରରେ ଜଙ୍ଗଲକୁ ଯାଇଥାଆନ୍ତି । ଶବ୍ଦ ହେଉନଥିବା ଶାଳ କାଠକୁ ଆଣିବା ପରେ ଧରଣୀ ଦେବତାଙ୍କ ମନ୍ଦିର ବା କୁଡ଼ି ନିକଟରେ ତାହାକୁ ସ୍ଥାପନା କରାଯାଏ । ଏହି କୁଡ଼ି ଗ୍ରାମର ଶେଷ ମୁଣ୍ଡରେ ରହିଥାଏ । ଯେଉଁଠି ଧରଣୀ ପେନୁଙ୍କ ପ୍ରାଣ ପ୍ରତିଷ୍ଠା କରାଯାଏ । ଧରଣୀ ପେନୁ ସମ୍ମୁଖରେ ଏକ ବିରାଟ ଓ ଲମ୍ବା ଖୁଣ୍ଟି ପୋତାଯାଏ  । ସେହି ଲମ୍ବାଖୁଣ୍ଟିକୁ କଟିସିଲି/ ଜକେରି ଖୁଣ୍ଟ କୁହାଯାଏ । ଜକେରି ଖୁଣ୍ଟ ହେଉଛି ସମ୍ପୂର୍ଣ୍ଣ ପୂଜାର ଏକ ମୁଖ୍ୟଭାଗ ।  ପ୍ରତିବର୍ଷ ଏହାକୁ ବଦଳାଯାଏ ଏବଂ ଏହା ଉପରେ କେବଳ ଧଳା କପଡ଼ା ବନ୍ଧାଯାଏ । ପୁଣି ମେରିଆ ଛତ୍ରୀ ପାଇଁ ଜଙ୍ଗଲରୁ ବାଉଁଶ ଅଣାଯାଏ । ଗ୍ରାମଦେବୀ ଓ ଅନ୍ୟାନ୍ୟ ଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଗୃହଦେବୀଙ୍କ ଠାରେ ସେବା ଆଧାରରେ ଛେଳି, କୁକୁଡ଼ା କିମ୍ବା ପାରାକୁ ବଳି ଦିଆଯାଏ । ଘରଠାରୁ ମାଆଙ୍କ ଟାଙ୍ଗୀ ଝାଙ୍କିରି ପାଖକୁ ନିଆଯାଏ । ସେଠାରେ ମଧ୍ୟ ଛାମୁଣ୍ଡିଆ କରାଯାଇଥାଏ ।

ଆଦିବାସୀ ସମ୍ପ୍ରଦାୟରେ ଯେକୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ବାଦ୍ୟଯନ୍ତ୍ରକୁ ପୂଜାର୍ଚ୍ଚନା କରିବାର ବିଧି ରହିଛି । ବାଦ୍ୟ ପୂଜା ସମୟରେ ସବୁ ବାଦ୍ୟ ଯନ୍ତ୍ର ଉପରେ ଖାଦ୍ୟ ରଖି ତାହାକୁ କୁକୁଡ଼ା ଛୁଆକୁ ଖାଇବାକୁ ଦିଆଯାଏ । ପରେ ସେହି କୁକୁଡ଼ା ଛୁଆର ପକ୍ଷୀ ଛିଣ୍ଡେଇ ଉକ୍ତ ବାଦ୍ୟଯନ୍ତ୍ର ଉପରେ ପକାଯାଏ । ଅନୁରୂପ ଭାବରେ ପ୍ରତି ପୂଜା ପର୍ବରେ ଆଦିବାସୀ ସମାଜରେ କଦଳୀ ଗଛ ବ୍ୟବହୃତ ହୋଇଥାଏ । ମେରିଆ ପର୍ବରେ ମଧ୍ୟ ପ୍ରତ୍ୟକ ଘରେ କଦଳୀ ଖନ୍ଦା ଦୁଆର ବନ୍ଧରେ ବନ୍ଧାଯାଏ  କଦଳୀ ଗଛ ହେଉଛି ସେ ପର୍ବର ମୂକସାକ୍ଷୀ । ଉକ୍ତ କଦଳୀ ଗଛରୁ ଯଦି କେହି କଦଳୀ ଛିଣ୍ଡେଇ ନିଏ, ତେବେ

ISSN NO.
2582-208X

ତାଙ୍କ ଉପରେ ଶୁଳ୍କ ପଡ଼େ । ନିୟମ ଅନୁସାରେ ପର୍ବ ମଝିରେ ମଧ୍ୟ କେହି କଦଳୀ ଛିଣ୍ଡେଇ ପାରିବେ ନାହିଁ । ଗ୍ରାମ ଚାରିପାଖରେ ବାଡ଼ ତିଆରି କରି ଦୁଆରବନ୍ଧ ନିକଟରେ ଏହି କଦଳୀ ଗଛ ଲଗାଇ ସଜେଇ ଦିଆଯାଏ ।

## ମେରିଆ ପର୍ବର ନୀତି ନିୟମ :

ଏହା ହେଉଛି ଏକ ବିଶ୍ୱାସର ପର୍ବ । ତେଣୁ ଏହି ପୂଜା ସମୟରେ କନ୍ଧ ଆଦିବାସୀ କିଛି ନୀତି ନିୟମକୁ ପାଳନ କରିଥାଏ । ଧାନ ତଳି ପଡିବା ପୂର୍ବରୁ ଏହି ପର୍ବ ପାଳନ କରାଯାଇଥାଏ । ୭ ଦିନ ଧରି ପାଳନ କରାଯାଉଥିବା ଏହି ପର୍ବର ପ୍ରଥମ ଦିନରେ ପ୍ରାରମ୍ଭିକ ପ୍ରସ୍ତୁତିର ଆୟୋଜନ କରାଯାଏ । ସେହିପରି ଦ୍ୱିତୀୟ ଦିନ ଧରଣୀ ପେନୁଙ୍କ ନିକଟରେ ଛତା ତିଆରି କରାଯାଏ, ଏହାକୁ ଛତ୍ରୀ ଛାଇଁବା କୁହାଯାଏ ।ତୃତୀୟ ଦିନ ପୋଢ ବା ମାଇଁଷିକୁ  ମେରିଆ ଖୁଣ୍ଟିରେ ବନ୍ଧାଯାଏ । ଚତୁର୍ଥ ଦିନ ପୋଢ ବଳି ଦିଆଯାଏ ।ପଞ୍ଚମ ଦିନ ଧୂଳି ହୁଏ ଏବଂ ଷଷ୍ଠ ଦିନ ପୂର୍ବରୁ ବନ୍ଧାଯାଇଥିବା ଛତ୍ରୀ, ବଲାଣି ସେମିତି ରହିଥାଏ । ପୂଜାର ଶେଷ ଦିନ ଅର୍ଥାତ୍ ସପ୍ତମ ଦିନ କାମ ଆରମ୍ଭ ହୁଏ । ଏହିପୂଜା ଅବଧି ସମୟରେ ଦୁଆର ଝାଡୁ କରିବା, ଲୁଗା ସଫା କରିବା, ବାଉଁଶ କାଟିବା ଆଦି କାର୍ଯ୍ୟ ବାରଣ ହୋଇଥାଏ । ପୂଜା ଶେଷ ହେବା ପର୍ଯ୍ୟନ୍ତ ଚାଷ କାମ ବନ୍ଦ ରହିଥାଏ । ପୂଜା ଶେଷ ହବା ପରେ କନ୍ଧ ଆଦିବାସୀ ଆମ୍ବ, ମହୁଲକୁ ସ୍ପର୍ଶ କରିଥାଏ ଓ କର୍ମକ୍ଷେତ୍ରକୁ ବାହାରିଯାଏ।

## ମେରିଆ ପର୍ବର ବିଧି ବିଧାନ :

ପୂଜାର ପ୍ରଥମ ଦିନ ପ୍ରାରମ୍ଭିକ ଆୟୋଜନ କରି ଧରଣୀ ପେନୁଙ୍କୁ ପୂଜାର୍ଚ୍ଚନା କରାଯାଏ । ସମସ୍ତ ବାଦ୍ୟଯନ୍ତ୍ର ପୂଜା ହେବା ପରେ ଉଭୟ ପୁରୁଷ ଓ ମହିଳା ମିଶି ନିଜ ପାରମ୍ପରିକ ନୃତ୍ୟ ପରିବେଷଣ କରନ୍ତି । ଯେଉଁ ଗ୍ରାମରେ ଏହି କେଡୁ ପର୍ବ ବା ମେରିଆ ପର୍ବ ଅନୁଷ୍ଠିତ ହୁଏ, ସେହି ଗ୍ରାମର ଝିଅ ମାନଙ୍କୁ ବିବାହ କରିଥିବା ଜ୍ୱାଇଁ ମାନଙ୍କୁ ଓ ପାଖାପାଖି ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରାଯାଏ । ପୂଜା ଶେଷହବା ପର୍ଯ୍ୟନ୍ତ ସେମାନଙ୍କ ରହିବା, ଖାଇବା ବ୍ୟବସ୍ଥା ହୋଇଥାଏ । ଧନିକ ଶ୍ରେଣୀର ପରିବାର ନିଜ ବନ୍ଧୁ ଓ ଅତିଥିଙ୍କ ପାଇଁ ନୂତନ ବସ୍ତ୍ର ମଧ୍ୟ କିଣିଥାନ୍ତି । ଗ୍ରାମର ଜ୍ୱାଇଁପୁଅମାନେ ବାଦ୍ୟର ତାଳେ ତଳେ  ନୃତ୍ୟ ପରିବେଷଣ କରି ମେରିଆ ପର୍ବ ହେଉଥିବା ଗ୍ରାମକୁ ନିଜ ଗୋଷ୍ଠୀ ସାଙ୍ଗରେ ଆସି ଉପସ୍ଥିତ ହୁଅନ୍ତି । ପ୍ରତି ଜ୍ୱାଇଁ ପୁଅ ନିଜ ସାଙ୍ଗରେ ଗୋଟିଏ ନୂଆ ଲୁଗା ଆଣିଥାନ୍ତି । ଧରଣୀ ପେନୁ

ISSN NO.
2582-208X

ସମ୍ମୁଖରେ ବନ୍ଧା ହୋଇଥିବା ଲମ୍ବା ଖୁଣ୍ଟିରେ ସେହି ଲୁଗାକୁ ବାନ୍ଧନ୍ତି । ପରମ୍ପରା ଅନୁସାରେ ଯେଉଁ ଜ୍ୱାଇଁ ପୁଅ ଯେତେ ଉଚ୍ଚରେ ଲୁଗା ବାନ୍ଧିବ, ତାଙ୍କର ଗୌରବ ସେତିକି ବଢ଼ିବ । କେଉଁ କେଉଁ ସ୍ଥାନରେ ଏହି ଖୁଣ୍ଟିରେ କେବଳ ଧଳା ଲୁଗା ବନ୍ଧାଯିବାର ପ୍ରଥା ରହିଛି । ଏହି ଖୁଣ୍ଟିକୁ କଟିସିଲି/ ଜକେରି ଖୁଣ୍ଟ କୁହାଯାଏ। ଏ ହେଉଛନ୍ତି ନିୟମରାଜା, ଯାହାକୁ ପ୍ରତିବର୍ଷ ବଦଳାଯାଏ ।

ମେରିଆ ପର୍ବର ଦ୍ୱିତୀୟ ଦିନ ଜଙ୍ଗଲରୁ ଅଣାଯାଇଥିବା ବାଉଁଶରେ ଛାତ୍ରୀ ତିଆରି କରାଯାଏ। ଏହାକୁ ଛାତ୍ରୀ ଛାଇଁବା କୁହାଯାଏ । ତୃତୀୟ ଦିନ ମେରିଆ ବଳି ରୂପେ ଅଣାଯାଇଥିବା ପୋଢ଼ ବା ମାଇଁଷିକୁ ମେରିଆ ଖୁଣ୍ଟିରେ ବନ୍ଧାଯାଏ । ହଜାର ହଜାର ବର୍ଷ ପୁରୁଣା ଏହି ପରମ୍ପରାରେ ମେରିଆ ଭାବରେ ମନୁଷ୍ୟ ବଳି ଦେବା ପ୍ରଥା ଥିଲା । ପରେ ଏହି ପରମ୍ପରା ବଦଳି ପୋଢ଼ ବା ମାଇଁଷିକୁ ମେରିଆ ବଳି ଦିଆଯାଉଛି । ଡ଼ଙ୍ଗରିଆ କହେ ଅତି ପୁରାତନ ଯୁଗରେ ସେ ମଣିଷକୁ ମାରି ମେରିଆ ବଳି ଦେଉଥିଲା । ବର୍ତ୍ତମାନ କିନ୍ତୁ ପୋଢ଼ ମାରି ମେରିଆ ପର୍ବ ପାଳନ କରାଯାଉଛି । ଏହି ମେରିଆ ଖୁଣ୍ଟି ଶାଳ କାଠରେ ତିଆରି ହୁଏ । ପୋଢ଼କୁ ବନ୍ଧାଯାଉଥିବା ଏହି ଖୁଣ୍ଟିକୁ କଡ଼ୁମୁନା କୁହାଯାଏ ।ସେହି କଡରୁମୁନା ଖୁଣ୍ଟି ପାଖରେ ଅପରିପକ୍ୱ ଦେଶୀ ଅଣ୍ଡା ପୂଜା କରାଯାଏ । ଏହି ଅଣ୍ଡା ଉକ୍ତ ପୂଜାର ଏକ ମୁଖ୍ୟ ଅଂଶ । ଏହାକୁ ଟଡାବାଟା କୁହାଯାଏ । ଏହା ପରେ ପରେ ପୋଢ଼କୁ କେନ୍ଦ୍ର କରି ନୃତ୍ୟ ଗୀତ ଆରମ୍ଭ ହୁଏ ଓ ପୋଢ଼କୁ ପୂଜା କରାଯାଇ ଗ୍ରାମର ପ୍ରତି ଘରେ ତାକୁ ବୁଲାଯାଏ । ଗ୍ରାମର ପ୍ରତ୍ୟୋକ ପରିବାର ପୋଢ଼କୁ ଖାଇବାକୁ ଦିଅନ୍ତି ।

ଏହି ପୋଢ଼କୁ ମେରିଆ ପର୍ବର ମାସକ ପୂର୍ବରୁ କିଣାଯାଏ । ପୋଢ଼କୁ ପ୍ରତିଦିନ ତେଲ, ହଳଦୀଓ ସିନ୍ଦୁର ଲଗାଇ ଖାଦ୍ୟ ଦେଇ ତାକୁ ହୃଷ୍ଟପୁଷ୍ଟ କରାଯାଏ । ପର୍ବର ଚତୁର୍ଥ ଦିନ ଉକ୍ତ ପୋଢ଼କୁ ବଳି ଦିଆଯାଏ । ପୋଢ଼କୁ ବଳି ଦେବା ପୂର୍ବରୁ ଅନେକ ପ୍ରଥା ପରମ୍ପରା ପାଳନ କରାଯାଇଥାଏ । ଯଥା- ଯେ କୌଣସି ଖଣ୍ଡିଆ ଖାବରା ସ୍ଥାନରେ ହଳଦୀ ପାଣି ପଡିଲେ ସେଠାରେ କୀଟାଣୁ ରହେନାହିଁ । ଏହି ଦୃଷ୍ଟିରୁ ପୋଢ଼ ବା ମଇଁଷିକୁ ଗୋଟିଏ ଖୋଲା ପଡିଆରେ ନେଇ ମେରିଆ ଖୁଣ୍ଟିରେ ବନ୍ଧାଯାଏ ଓ ତା' ଉପରେ ବାରମ୍ବାର ହଳଦୀ ପାଣି ଢଳାଯାଏ । ଗ୍ରାମର ଲୋକେ ଗୋଷ୍ଠୀବଦ୍ଧ ଭାବରେ ବାଦ୍ୟର ତାଳେ ତାଳେ ନୃତ୍ୟକରି ଅସ୍ତ୍ର ଶସ୍ତ୍ର ସହିତ ପ୍ରସ୍ତୁତ ହୋଇ ଆସନ୍ତି । ପୋଢ଼କୁ କେନ୍ଦ୍ରକରି ଅନେକ ନାଚଗୀତ ହୁଏ । ସଲପ ମଦର ନିଶା ସହ ଢୋଲ ଓ ଟମକର ଧ୍ୱନି ନୃତ୍ୟର ଗତିକୁ ତୀବ୍ରରୁ ତୀବ୍ରତର

ISSN NO.
2582-208X

କରାଏ । ପରେ ପରେ ପ୍ରତିଗ୍ରାମରୁ ନିଜ ନିଜ ଧରଣି ପେନୁଙ୍କୁ ନେଇ ନିମନ୍ତ୍ରିତ ଗୋଷ୍ଠୀ ବଳି ସ୍ଥାନରେ ଆସି ଉପସ୍ଥିତ ହୁଅନ୍ତି । ସମସ୍ତଙ୍କ ହାତରେ ଥାଏ ଟାଙ୍ଗୀ, କଟୁରୀ ଭଳି ଧାରୁଆ ଅସ୍ତ୍ର । ହଳଦୀ ପାଣି ଢାଳି,ବାଜା ବଜାଇ, ଠେଙ୍ଗା, ବାଡି ସାହାଯ୍ୟରେ ଆଘାତ କରି ପୋଢକୁ ସେମାନେ ବିରକ୍ତ କରନ୍ତି । ପୁଣି ଝୁମୁକା ବଜାଇ, ତାର ଲାଞ୍ଜକୁ ଟାଣି ଓଟାରି ପୋଢକୁ ଅଧିକ ରୁ ଅଧିକ କ୍ରୋଧିତ କରନ୍ତି । କାରଣ ପୋଢ ଯେତିକି ବିରକ୍ତ ହବ, ତା'ର ରକ୍ତ ସେତିକି ଉତ୍ତପ୍ତ ହେବ । ଏହି ଉତ୍ତପ୍ତ ରକ୍ତ ମାଟିରେ ପଡିଲେ ଧରଣୀ ପେନୁ ଖୁସି ହେବେ, ଏହା ସେମାନଙ୍କର ବିଶ୍ୱାସ ।

ଏହି ପରମ୍ପରା ଅନୁଯାୟୀ ଗ୍ରାମର ଜ୍ୱାଇଁପୁଅମାନେ ପୋଢର ଶିଙ୍ଗରେ ନାଲିକପଡ଼ା ବାନ୍ଧି, ଲାଞ୍ଜକୁ ଟାଣି ତାକୁ ଅଧିକ ବିରକ୍ତ କରନ୍ତି । ଏପରି କରିବା ଦ୍ୱାରା ସେମାନଙ୍କର ବୀରତ୍ୱ ପ୍ରଦର୍ଶନ ହୋଇଥାଏ ଓ ସେମାନେ ଆଶୀର୍ବାଦ ଲାଭ କରିଥାନ୍ତି । ସେଥିପାଇଁ ପୁରୁଷମାନେ ପୋଢର ଲାଞ୍ଜକୁ ଟାଣି ନିଜ ନିଜ ସାହସ ଓ ବୀରତ୍ୱର ପ୍ରମାଣ ଦିଅନ୍ତି । ମହିଳାମାନେ ପିତ୍ତଳ, କଂସା କିମ୍ବା ବାଉଁଶ ପାତ୍ରରେ ପୋଢ ପାଇଁ ଖାଦ୍ୟ ଆଣନ୍ତି । ନିୟମ ଅନୁସାରେ ଯେଉଁ ଗ୍ରାମରେ ପର୍ବ ହୁଏ, କେବଳ ସେହି ଗ୍ରାମର ମହିଳା ମାନେ ପୋଢ ଉଦ୍ଦେଶ୍ୟରେ ଖାଇବା ଆଣିବେ । ପୁଣି ପୋଢଉପରେ ହଳଦୀ ପାଣି ଢଳାଯାଏ । ବାଦ୍ୟର ତାଳେ ତାଳେ ନୃତ୍ୟ ଗୀତ ଚାଲେ । ସମସ୍ତେ ନିଜକୁ ସମ୍ପୂର୍ଣ୍ଣ ରୂପେ ଭୁଲିଯାଇ ନାଚରେ ପାଗଳ ହୋଇଉଠନ୍ତି । ଗୋଡରେ ଘୁଙ୍ଗୁର, ନୂପୁର ସାଙ୍ଗକୁ ଟାଙ୍ଗୀ ଓ କଟୁରୀକୁ ମାରି କନ୍ଧ ସୃଷ୍ଟି କରେ ନାଚର ଅଭିନବ ଛନ୍ଦ ।

ଇତିମଧ୍ୟରେ ପୋଢ ବିରକ୍ତ ହୋଇ ପ୍ରତି ଆକ୍ରମଣ କରେ । ଏଥିରେ କିଛି ବ୍ୟକ୍ତି ଆହତ ହୁଅନ୍ତି ଓ ବେଳେ ବେଳେ ପ୍ରାଣ ହରାନ୍ତି । ତଥାପି କନ୍ଧ ନିଜ ଜୀବନକୁ ବାଜି ଲଗାଇ ନିଜ ବୀରତ୍ୱ ପ୍ରଦର୍ଶନ ପୂର୍ବକ ପୋଢକୁ ମନାଇଚ୍ଛା ଆଘାତ କରେ ଓ ବିରକ୍ତ କରେ । ରକ୍ତ ଥଣ୍ଡା ଥିବା ଅବସ୍ଥାରେ କିମ୍ବା ଅସହାୟ ଅବସ୍ଥାରେ ବଳି ଗ୍ରହଣ ଯୋଗ୍ୟ ହୋଇନଥାଏ । ସେଥିପାଇଁ ୩ ରୁ ୪ ଘଣ୍ଟା ଧରି ପୋଢକୁ କ୍ରୋଧିତ କରିବା ସହିତ ତା'ଉପରକୁ ତାଳପତ୍ର ମଧ୍ୟ ଫିଙ୍ଗନ୍ତି । ଶେଷଥର ପୁନର୍ବାର ହଳଦୀ ପାଣି ପୋଢ ଉପରେ ଢାଳି ସମ୍ପୂର୍ଣ୍ଣ ଗ୍ରାମର ଲୋକେ ନିଜ ନିଜ ଅସ୍ତ୍ର ଶସ୍ତ୍ର ସହିତ ପ୍ରସ୍ତୁତ ହୋଇଯାନ୍ତି । ଜଣେ ବୃଦ୍ଧବ୍ୟକ୍ତି କଳାମାଟିହାଣ୍ଡିରେ କିଛି ପୂଜା ସାମଗ୍ରୀ ଆଣି ପୋଢ ଉପରେ ଢାଳିଦିଅନ୍ତି । ପରେ ଗୋଟିଏ ଗୁଳି ଶବ୍ଦ ହୁଏ ଏବଂ ଗ୍ରାମର ମୁଖିଆ ବା ପୂଜାରୀ ପୋଢକୁ ପ୍ରଥମ ଚୋଟ ପକାନ୍ତି, ଯାହାର

ISSN NO.
2582-208X

ପୂର୍ବପୁରୁଷ ଧଳା ବସ୍ତ୍ର ପରିଧାନ କରି ବର୍ଷ ବର୍ଷ ଏହି କର୍ମ କରିଥାନ୍ତି । ଏହାପରେ ହୁଏ ମରଣାନ୍ତକ ଆକ୍ରମଣ । ପୋଢ ଉପରେ ହୁଏ ଅଜସ୍ର ଟାଙ୍ଗିର ବର୍ଷା । ସମସ୍ତେ ପୋଢ ଉପରେ ମାଡି ବସି ଏକା ସହିତ ଆକ୍ରମଣ କରନ୍ତି । କୋଳାହଳ ଚିତ୍କାରରେ କନ୍ଧ ପାଗଳ ପ୍ରାୟ ହୋଇ ରକ୍ତର ହୋଲି ଖେଳିବାକୁ ବଳି ଦେହରେ ଲୋଟିପଡ଼େ । ଏହି ଭୟାନକ ପରିସ୍ଥିରେ କାହାର କାହାର ହାତ ମଧ୍ୟ କଟିଯାଏ । ସେହି ଗହଳି ମଧ୍ୟରୁ ଯେଉଁ ମାନେ ବାହାରନ୍ତି ସେମାନଙ୍କ ହାତରେ ଥାଏ ଖଣ୍ଡେ ଖଣ୍ଡେ ମାଂସ । ପୋଢ ଯେତେବେଳେ ଶେଷ ନିଃଶ୍ୱାସ ଛାଡି ଭୂମିରେ ଲୋଟିଯାଏ, ସେତେବେଳେ ଆନନ୍ଦର ଲହରୀ ଖେଳିଯାଏ । ସଲପ ନିଶାରେ ମାଟି ବୋଳି ହୋଇ କନ୍ଧ ନୃତ୍ୟ କରେ । ବଳି ପ୍ରଥା ଶେଷ ହେବା ପରେ ସେହି ମେରିଆ ଖୁଣ୍ଟି ଉପରେ ମାଇଁଷିର ଶିରକୁ ରଖିଦିଆଯାଏ । ପ୍ରତି ଗ୍ରାମରୁ ଆସିଥିବା ନିମନ୍ତ୍ରିତ ଗୋଷ୍ଠୀ ନିଜ ସାଙ୍ଗରେ ଖଣ୍ଡା ଓ ଢାଳ ଆଣିଥାନ୍ତି। ସେହି ଢାଳରେ ବଳି ରକ୍ତ ନେଇ ନିଜ ନିଜ ଗ୍ରାମର ଧରଣୀ ପେନୁ ପାଖରେ ପୂଜା କରନ୍ତି । ସେହିପରି ବଳିରୁ ମାଂସ ନେଇ କିଛି ଖଣ୍ଡ ପୂଜା କରନ୍ତି ଏବଂ ଆଉ କିଛି ଖଣ୍ଡ ପୋତିଦେବା ସହିତ କିଏ କିଏ ରୋଷେଇ କରିଖାଆନ୍ତି ।

ସଫଳତାର ସହିତ ସମସ୍ତ କାର୍ଯ୍ୟ ସଂପନ୍ନ ହେବାପରେ ଗ୍ରାମର ଲୋକେ ଖୁସିମନରେ ନାଚନ୍ତି । ଏହି ବଳି ପ୍ରଥା ଶେଷ ହେବା ପରେ ପୁଣି କେବେ କେଉଁ ଯାତ୍ରା ଅନୁଷ୍ଠିତ ହେବ ସେଥିପାଇଁ ଗ୍ରାମର ସମସ୍ତ କନ୍ଧ ଏକତ୍ର ହୁଅନ୍ତି । ସାଙ୍ଗରେ ଆଣିଥିବା ଗୋଟିଏ ଛୋଟ ଛୁଆକୁ ଧରଣୀ ପେନୁଙ୍କୁ ଛୁଆଁଇ ନିଷ୍ପତି ନିଆଯାଏ ଯେ, ସେ ଛୁଆକୁ ଯେବେ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ହେବ ସେତେବେଳେ ସେହି ଗ୍ରାମରେ ପୋଢ ପୂଜା ହେବ । ସେହି ସମୟ ମଧ୍ୟରେ ଆଖ ପାଖ ଗ୍ରାମରେ ମେରିଆ ପର୍ବ ପାଳନ କରାଯାଏ । କେଉଁ କେଉଁ ସ୍ଥାନରେ ୫/୭ ବର୍ଷରେ ମଧ୍ୟ ମେରିଆ ପର୍ବ ଅନୁଷ୍ଠିତ ହୋଇଥାଏ ।

## ଅନ୍ୟାନ୍ୟ ପ୍ରଥା ଓ ପରମ୍ପରା

ରାୟଗଡ଼ା, ନବରଙ୍ଗପୁର ଆଦି ଅଞ୍ଚଳରେ ତିନିଦିନ ମେରିଆ ପର୍ବ ପାଳନ ହେଉଥିବାରୁ ପୂଜାର ପ୍ରଥମ ଦିନ ହୁଏ ପ୍ରାରମ୍ଭିକ ଆୟୋଜନ । ଧରଣୀ ପେନୁଙ୍କ ଠାରେ ପୂଜାର୍ଚ୍ଚନା କରାଯାଇ ସମସ୍ତ ବାଦ୍ୟଯନ୍ତ୍ରକୁ ପୂଜା କରିବା ପରେ ଉଭୟ ପୁରୁଷ ମହିଳା ଗୋଷ୍ଠୀବଦ୍ଧ ଭାବରେ ନୃତ୍ୟ କରନ୍ତି । ଦ୍ୱିତୀୟ ଦିନ ମୁଖ୍ୟ ପୂଜକ ମାଆଁଙ୍କୁ ଧରି ସହରପରିକ୍ରମା

ISSN NO.
2582-208X

କରେ। ପରେ ମାଆଙ୍କ ପୀଠରେ ପୂଜାର୍ଚ୍ଚନା କରି ମାଁ ଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୋଢ ବଳି ଦିଆଯାଏ ।

ଏହି ପର୍ବ ସମୟରେ ଗାଁ ଦାଣ୍ଡରେ କୁଆଁରୀ ଝିଅମାନେ ବସିଥିବାବେଳେ ପୁଅମାନେ ଗୀତ ଗାଇ ଚକଲେଟ୍ କିମ୍ବା ମାଆଁଙ୍କ ଭୋଗ ଖାଇବାକୁ ଦେଇ ଆକର୍ଷଣ କରିବାକୁ ପ୍ରୟାସ କରନ୍ତି। ଯଦି ଝିଅ ରାଜି ଥାଏ ତେବେ ସେହି ଭୋଗ ଗ୍ରହଣ କରେ । ବାରମ୍ବାର ଖାଦ୍ୟ ଗ୍ରହଣ କଲେ, ସେ ପୁଅ ପ୍ରତି ସେ ଝିଅ  ଆକର୍ଷିତ ବୋଲି ଜଣାଯାଏ । ଏହାପରେ ଉଭୟଙ୍କ ବିବାହ ସ୍ଥିର ହୁଏ ।

କେଉଁ କେଉଁ ସ୍ଥାନରେ ମହିଳା ଓ ପୁରୁଷ ମାନେ ବେକରେ ଘଣ୍ଟି ଲାଗିଥିବା ଏକ ପ୍ରକାର ଚେନ୍ ଧାରଣ କରନ୍ତି । ଏହାକୁ ଧାରଣ କରିବା ପରେ ଗୃହରେ ପ୍ରବେଶ କରନ୍ତି ନାହିଁ । ପର୍ବ ଶେଷରେ ମାଆଙ୍କ ପାଖରେ ଥୋଇ ଘରେ ପ୍ରବେଶ କରନ୍ତି ।

ଏକ ସମୃଦ୍ଧ ଓ ସର୍ବବୃହତ୍ ଜନଗୋଷ୍ଠୀ ଭାବରେ କନ୍ଧ ସମ୍ପ୍ରଦାୟ ବର୍ତ୍ତମାନ ସମୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।ଭାଷା, ପରମ୍ପରା, ନୃତ୍ୟ, ପର୍ବପର୍ବାଣି ଓ ସରଳ ଜୀବନଯାପନ ହିଁ କନ୍ଧ ସମାଜର ପ୍ରମୁଖ ବିଶେଷତା । ସେମାନଙ୍କ ଜୀବନଶୈଳୀ ଉପରେ ଆଧୁନିକତାର ପ୍ରଭାବ ପରିଲକ୍ଷିତ ହୋଇଥିଲେ ମଧ୍ୟ ସେମାନେ ନିଜ ସାଂସ୍କୃତିକ ପରିଚୟକୁ କ୍ଷୁର୍ଣ୍ଣ ହବାକୁ ଦେଇନାହାଁନ୍ତି । ଆଧୁନିକତାର ବଶବର୍ତ୍ତୀ ହୋଇ ନିଜ ଧର୍ମଧାରାକୁ ଭୁଲିଯାଇନାହାଁନ୍ତି । ବରଂ ପରମ୍ପରା ଓ ସଂସ୍କୃତି ଆଧାରରେ  ନିଜ ଜାତିକୁ ସମୃଦ୍ଧ ଓ ପ୍ରଭାବଶାଳୀ କରିବାରେ ସଫଳ ହୋଇଛନ୍ତି । କନ୍ଧ ସମାଜରେ ମେରିଆ ପର୍ବ କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ଏହା ସେମାନଙ୍କ ପ୍ରକୃତିପ୍ରେମ, ସାମୁଦାୟିକତା ଏକତାର ପ୍ରତୀକ । ଏହି ପର୍ବ ମାଧ୍ୟମରେ କନ୍ଧ ସମାଜ ଭୂମି, ଫସଲ ଓ ପ୍ରକୃତି ପ୍ରତି ନିଜର ଅସ୍ଥାକୁ ପରିପ୍ରକାଶ କରେ । ସମୟ ସହିତ ମେରିଆ ପର୍ବର ପ୍ରଥା,ନୀତି ନିୟମରେ ପରିବର୍ତ୍ତନ ଆସିଥିଲେ ସୁଦ୍ଧା ଏହାର ସାଂସ୍କୃତିକ ମୂଲ୍ୟ ଆଜି ମଧ୍ୟ ଅବିକଳ ରହିଛି ।

ସହାୟକ ଗ୍ରନ୍ଥସୂଚୀ

ଓଡ଼ିଶାର ଜନଜାତି, ରାଜ୍ୟପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର, ୨୦୦୮

ISSN NO.
2582-208X

ରଥ, ରଘୁନାଥ କନ୍ଧ ସଂସ୍କୃତିର ଅନାଲୋଚିତ ଅଧ୍ୟାୟ,ସତ୍ତା ସାହିତ୍ୟ ସଂସଦ ,କୋରାପୁଟ, ୧୯୯୩

ଦାଶ, ଶ୍ରୀ ମାଗୁଣି, ଶ୍ରୀମତୀ ବିରଜା କୁମାରୀ ଦାଶ, ଭଞ୍ଜନଗର, ୧୯୭୬

ମେହେର, ଡକ୍ଟର ରଘୁନାଥ ,ଦକ୍ଷିଣ ଓଡ଼ିଶାର ଆଦିବାସୀ ସଂସ୍କୃତି, ସାହିତ୍ୟ ଶେତପଦ୍ମ,ଭୁବନେଶ୍ୱର ବିଜୟ ଲକ୍ଷ୍ମୀ ପ୍ରିଣ୍ଟର୍ସ କଟକ, ୨୦୧୦

ପାଙ୍ଗି, ମୋହନ କୁମାର, କନ୍ଧ ଜନଜାତିଙ୍କ ମେରିଆ ପୂଜା ପଦ୍ଧତି : ଏକ ଧାର୍ମିକ ମୂଲ୍ୟବୋଧ, ଗୋକର୍ଣ୍ଣିକା (ବିଷୁବ ବିଶେଷାଙ୍କ)

((( - )))

ଗବେଷିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଇମେଲ -badheikabita98@gmail.com
ଦୂରଭାଷ - ୭୭୩୫୨୭୩୨୧୪

ISSN NO.
2582-208X

# କହ ତୁ କୋଇଲି



ରମେଶ ଚନ୍ଦ୍ର ନାୟକ

କହ ତୁ କୋଇଲି କିଆଁ କାନ୍ଦୁ ଖାଲି
କୁହୁ କୁହୁ ରାବ ଦେଇ
ତୋ' ସାଥିକୁ କିଏ ନେଲାକି ଛଡ଼ାଇ
ଝୁରି ମରୁ ଏକା ହୋଇ ।
ଶୁଣି ତୋ' କାନ୍ଦଣା ଶୋଇ ମୁଁ ପାରେନା
ହୁଏ ଖାଲି ଛଟପଟ
ବିରହ ବେଦନା କରେ ଆନମନା
ହୃଦ ମନ ବିଚଳିତ ।
ତୋର ପରି ମୁହିଁ ପ୍ରିୟାକୁ ହରାଇ
କାନ୍ଦୁଛି ମୁଁ ଆଖି ବୁଜି
ମୋ ଆଖି ଲୁହକୁ ହାତେ ପୋଛିବାକୁ
କେହିତ ନାହାନ୍ତି ଆଜି ।
ଜୀବନେ ଜଡ଼ିତ ଗ୍ରୀଷ୍ମ ବର୍ଷା ଶୀତ
ବସନ୍ତ ମୋ ପାଇଁ ନାହିଁ
କେହି ନଥିଲେବି ତୋ' ପାଖେ ବସନ୍ତ
ଅଛି ସାଥି ଟିଏ ହୋଇ ।
ବସନ୍ତ ମଳୟ ତୋ'ର ଅତି ପ୍ରିୟ
ତୋ ' ପ୍ରିୟା ଠିକଣା ଦେବ

ISSN NO.
2582-208X

ମୋର ପ୍ରିୟା କଥା କହିବୁ ତାହାକୁ
କେଉଁଠି ଅଛି କହିବ ।
ଅଥବା ପଚାର  ଅତି ଆପଣାର
ତୋ' ସାଥି କୁଆ କୁ ଥରେ
ବତାଇ ଦେବ ସେ ତୋ'ପ୍ରିୟା ଠିକଣା
ଯଦି ଥିବ କାହା ଘରେ ।
କାଆ କାଆ ରାବ ଛାଡି ସେ ଖୋଜିବ
ଜଙ୍ଗଲ ପାହାଡ ବଣ
ଆମ୍ବତୋଟା ମାଳେ ପ୍ରତି ବୃକ୍ଷ ଡାଳେ
କରିବ ସେ ନିରୀକ୍ଷଣ ।
କୁଆ ପରା ଅଟେ ବଡ଼ ଜ୍ୟୋତିଷ ଟେ
ସବୁ କଥା କହିଦେବ
ତୋ' ଦୁଃଖ ସହିତ ମୋ କଥା କହିବୁ
ଦୁହିଁଙ୍କୁ ଖୋଜି ଆଣିବ ।

(((-)))

କେଶରପୁର , ବକ୍ସ ବଜାର , କଟକ
ମୋ :- ୭୯୭୮୧୫୧୭୧୦

ISSN NO.
2582-208X

# ୧୬ ବର୍ଷ ପରେ...



ସାଗରିକା ପଣ୍ଡା

୧୬ ବର୍ଷର ପାଉଁଶ ତଳେ,
ନିଆଁଟିଏ ଥିଲା ଲୁଚି,
ଆଜି କାହିଁକି ସେ ପୁଣି ଜଳିଲା,
ସବୁ ସ୍ମୃତିକୁ ଦେଲା ଖୁଞ୍ଚି ?

ହଜି ଯାଇଥିବା ସେଇ ପୁରୁଣା ପୃଷ୍ଠା,
କାହିଁକି ଆଜି ପୁଣି ମେଲିଲା?
ଯେଉଁ ବାଟରେ ପଡିଥିଲା ପଥର,
ସେ ବାଟ କାହିଁକି ଆଜି ଖୋଲିଲା?

ଭେଟ କରାଇଲ ଯଦି ହେ ଭଗବାନ,
ପୁଣି ଦୂରେଇ ଦେଲ କାହିଁକି ?
ଏତେ ବର୍ଷର ଶାନ୍ତ ମନକୁ,
ପୁଣି ଅଶାନ୍ତ କଲ କାହିଁକି ?

ଏ ଲୁଚକାଳି ଖେଳରେ ଜିତେ କିଏ,
ମୁଁ ତ ହାରିବାକୁ ପ୍ରସ୍ତୁତ,
ହେଲେ ସ୍ମୃତିର ଏହି ଗଭୀର କ୍ଷତରେ,
ଆଉ କେତେ ହେବି ମୁଁ ଆହତ ?

((( - )))

ମଙ୍ଗଳପୁର, ଯାଜପୁର
ମୋ: ୭୨୦୫୭୨୮୧୫୦

ISSN NO.
2582-208X

# ସାମ୍ପ୍ରତିକ ଜୀବନଯାପନରେ ଓଡ଼ିଆ ଅସ୍ମିତାର ସ୍ଥିତି



ମେନନ ସାହୁ

ବର୍ତ୍ତମାନ ଏକବିଂଶ ଶତାବ୍ଦୀ ଦ୍ଵିତୀୟ ପର୍ଯ୍ୟାୟ ସମୟ ଅର୍ଥାତ ୨୦୨୬ ମସିହା । କେହି କେହି କୁହନ୍ତି ଆଧୁନିକରୁ ଆମେ ଉତ୍ତର ଆଧୁନିକ ବା ଅତ୍ୟାଧୁନିକତା ପାଖରେ ପହଞ୍ଚି ସାରିଲୁଣି । ଏକଥା କଣ ସତ୍ୟ ? ହଁ ଏକଥା ସତ୍ୟ ଯେ ଆମେ ଏବେ ଅତ୍ୟାଧୁନିକ ଶୈଳୀରେ ଜୀବନଯାପନ କରୁଛୁ କିନ୍ତୁ ତାହା ଆମ ମୌଳିକତାକୁ ନେଇ ନୁହେଁ, ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ସକ୍ରିୟ ଭାବରେ ପ୍ରଚଳନ ହୋଇ ଆସୁଥିବା ତାଙ୍କ ଜୀବନଶୈଳୀକୁ ଅନୁକରଣ କରି । ଯାହା ଆମ ଓଡ଼ିଆ ଅସ୍ମିତା ପ୍ରତି ଘୋର ଅପମାନ। ଆମର ଖାଦ୍ୟପେୟ ଠାରୁ କହୁଥିବା ଭାଷା ପର୍ଯ୍ୟନ୍ତ, ସବୁଠି ଯାହାକୁ ଆଧୁନିକ ବୋଲି ଆମେ ଦେଖାଇ ହେବାରେ ତତ୍ପର ହୋଇ ଉଠୁ ପ୍ରକୃତରେ ତାହା କ'ଣ ଆମ ଓଡ଼ିଆ ଐତିହ୍ୟ, ସଂସ୍କୃତି କିମ୍ବା ଆମ ଅସ୍ମିତାର ପରିଚୟ ନା ପାଶ୍ଚାତ୍ୟ ଦେଶମାନଙ୍କର ଜୀବନଶୈଳୀର ଅନୁକରଣ । ଏବେ ସବୁଠାରେ ଏହି ପାଶ୍ଚାତ୍ୟ ଜୀବନଶୈଳୀର ପ୍ରଭାବ ଦେଖିବାକୁ ମିଳେ। ସର୍ବଦା ନିଜକୁ ଅତ୍ୟାଧୁନିକ ଭାବରେ ବିବେଚନା କରୁଥିବା ଆମର କେତେକ ଓଡ଼ିଆ ଗୋଷ୍ଠୀ ପ୍ରକୃତରେ ନିଜ ଐତିହ୍ୟ, ସଂସ୍କୃତି, ଅସ୍ମିତା ତଥା ଆପଣାର ମୌଳିକ ଉପାଦାନରେ ଅତ୍ୟାଧୁନିକ ନା ପାଶ୍ଚାତ୍ୟ ଜଗତରୁ ଆହରଣ କରିତାହା ଜାଣିବା ଦରକାର । ଛୋଟ ଉଦାହରଣ ମାଧ୍ୟମରେ ସ୍ଵଷ୍ଟ କରିହେବ ଯେତେବେଳ ଆମେ ବଜାରରୁ ଆମ ପାଇଁ ପ୍ୟାଣ୍ଟ ସାର୍ଟ କିଣିବା ପାଇଁ ଯାଉ ପ୍ରଥମେ ଦୋକାନରେ କେଉଁ ବିଦେଶୀ କମ୍ପାନୀର ପୋଷାକ ଅଛି ସେଥି ପ୍ରତି ଧ୍ୟାନ ଦେଇଥାଉ । କେବେଳ ନିଜ ପାଇଁ ନୁହଁ ଆମ ପରବର୍ତ୍ତୀ ପିଢ଼ି କିମ୍ବା ଆମ ପ୍ରିୟଜନଙ୍କୁ ମଧ୍ୟ ସେହି ବିଦେଶୀ ସାମଗ୍ରୀ କିଣିବାକୁ ଉତ୍ସାହିତ କରିଥାଉ। ଯେଉଁ ପିଢ଼ିର ଆରମ୍ଭ ଏହି ବିଦେଶୀ ସାମଗ୍ରୀରୁ ହୋଇଥାଏ ସେହି ଜାତି ଓ

ISSN NO.
2582-208X

ଅସ୍ମିତାର ଭବିଷ୍ୟତ କେତେ ଉଜ୍ଜ୍ୱଳ ତାହା ବିଚାରଯୋଗ୍ୟ । ଖାଦ୍ୟ ପେୟରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳେ । ଯେଉଁଠି ସକାଳୁ ଉଠି ଆମେ ପ୍ରକୃତ ଓଡ଼ିଆ ଖାଦ୍ୟପେୟ କରିବା କଥା ସେଇଠି ସକାଳୁ ଉଠି ବିଦେଶୀ ଖାଦ୍ୟ ଖାଉଥାଉ । ଯାହାକୁ ଇଂରାଜୀ ଭାଷାରେ ବ୍ରେକଫାଷ୍ଟ ବୋଲି କୁହାଯାଏ ।ଏବେ ସମୟ ଏମିତି ଆସି ସାରିଛି ଯେଉଁଠି ଆମର କେତେକ ଓଡ଼ିଆ ଲୋକ ଓଡ଼ିଆ ଖାଦ୍ୟକୁ ଆଦୌ ଗ୍ରହଣ କରୁ ନାହାଁନ୍ତି । ଏମିତିକି ନିଜକୁ ସଂପୂର୍ଣ୍ଣ ରୂପେ ଓଡ଼ିଆ ବୋଲି ପରିଚୟ ମଧ୍ୟ ଦେବାକୁ ସଂକୋଚ ପ୍ରକାଶ କରୁଛନ୍ତି। ସକାଳରୁ ସଂନ୍ଧ୍ୟା ଏବଂ ସଂନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ସେମାନେ ସର୍ବଦା ପାଶ୍ଚାତ୍ୟ ଦେଶମାନଙ୍କର ଖାଦ୍ୟପେୟକୁ ଆପଣାଇବାରେ ବ୍ୟସ୍ତ । ଢୋଲ ପିଟି ପିଟି ଏମାନେ ନିଜକୁ ଓଡ଼ିଆ ବୋଲି କହୁଥିଲେ ମଧ୍ୟ ଓଡ଼ିଆ ଅସ୍ମିତାକୁ ପାଶ୍ଚାତ୍ୟ ଜଗତରେ ବନ୍ଧା ପକାଇବା ପାଇଁ ସବୁବେଳ ତତ୍ପର ହୋଇ ରୁହନ୍ତି । ଯେଉଁ ଓଡ଼ିଆଙ୍କ ପାଖରେ ଓଡ଼ିଆ ଜାତିର ଅସ୍ମିତାକୁ ନେଇ ଆତ୍ମୀୟତା ରହିଛି ସେମାନେ କେବଳ ଏହି ପାଶ୍ଚାତ୍ୟ ସାମଗ୍ରୀ ଉପାଦାନରୁ ନିଜକୁ ମୁକ୍ତ କରି ରଖିଛନ୍ତି । ଅବଶ୍ୟ ଏମାନଙ୍କ ସଂଖ୍ୟା ସ୍ୱଳ୍ପ । ପ୍ରକୃତରେ ଏହିମାନେ ହିଁ ଓଡ଼ିଆ ଜାତିର ଅସ୍ମିତା, ଐତିହ୍ୟ, ସଂସ୍କୃତି, ପରମ୍ପରାର ମୂଲ୍ୟବୋଧକୁ ଠିକ୍ ଭାବରେ ବୁଝିଛନ୍ତି । କେବଳ ଏହି ପୋଷାକ ଓ ଖାଦ୍ୟପେୟ କ୍ଷେତ୍ରରେ ନୁହଁ, କହୁଥିବା ଭାଷାରେ ମଧ୍ୟ ପାଶ୍ଚାତ୍ୟ ଦେଶମାନଙ୍କର ଭାଷାକୁ ଅତି ମାତ୍ରରେ ବ୍ୟବହାର କରାଯାଉଛି । ଆଜିର ଓଡ଼ିଆ ଆଧୁନିକ ଗୋଷ୍ଠୀ ଓଡ଼ିଆ ସଂସ୍କୃତିକୁ ଏତେ ମାତ୍ରାରେ ଭୁଲି ଯାଇଛନ୍ତି ଯେ ନିଜ ମାତୃଭାଷାକୁ ଅନ୍ୟ ଆଗରେ ବ୍ୟବହାର କରିବାକୁ କୁଣ୍ଠାବୋଧ କରୁଛନ୍ତି । କେବେଳ ଏତିକି ନୁହେଁ ଏ କ୍ଷେତ୍ରରେ ଜଣେ ଓଡ଼ିଆ ଅନ୍ୟ ଜଣେ ଓଡ଼ିଆଙ୍କୁ ଅନ୍ୟ ଭାଷା କହିବାକୁ ବାଧ୍ୟ ମଧ୍ୟ କରୁଛି । ଅଫିସ ଯିବା ଠାରୁ ଆରମ୍ଭକରି ଘର ବାହାର ସବୁଠି ମାତୃଭାଷାକୁ ଅବମାନନା କରୁଛି ଆଜିର ଏହି ଅତ୍ୟାଧୁନିକ ଗୋଷ୍ଠୀ ।

ସକାଳର ଆରମ୍ଭ ହାଏ, ହ୍ୟାଲୋ, ଗୁଡ୍ ମର୍ନିଙ୍ଗ ଠାରୁ ରାତ୍ରର ଗୁଡ୍ ନାଇଟ୍ କହିବା ପର୍ଯ୍ୟନ୍ତ ଇଂରାଜୀ ଭାଷା ସତେ ଯେମିତି ଏମାନଙ୍କର ଚର୍ମରେ ନୁହଁ ରକ୍ତରେ ମିଶିକି ରହିଛି । କୌଣସି ସେବା ପାଇବା ଠାରୁ ସାଧାରଣ  କଥା ପର୍ଯ୍ୟନ୍ତ ଅନେକ ସମୟରେ  ଥାଙ୍କ୍ୟୁ ଓ ସରୀ କହିବା କେତେ ଦୂର ଯଥାର୍ଥ ।ଇଂଗ୍ରାଜୀ ଭାଷା କିମ୍ବା ଅନ୍ୟ କୌଣସି ବିଦେଶୀ ଭାଷା କହିବା ଭୁଲ ନୁହଁ କିନ୍ତୁ ବିଶେଷ ଭାବରେ କିମ୍ବା ଆବଶ୍ୟକ ନଥିବା ସ୍ଥାନରେ କହିବା ନିଶ୍ଚିତ ରୂପେ ଆମ ଓଡ଼ିଆ ଭାଷା ପାଇଁ ବିପଦଜ୍ଜନକ । ଯେଉଁଠି ଯେତେବେଳ ଅତ୍ୟନ୍ତ ଆବଶ୍ୟକ

ISSN NO.
2582-208X

ପଡୁଛି ସେଇଠି ବିଦେଶୀ ଭାଷାର ପ୍ରୟୋଗ କରିବା ଦରକାର । କେତେକ କ୍ଷେତ୍ରରେ ଇଂରାଜୀର ଓଡ଼ିଆ ଶବ୍ଦଟି ଆମ ପାଖରେ ନଥାଏ । ଏହି କ୍ଷେତ୍ରରେ ବିଦେଶୀ ଭାଷାର ପ୍ରୟୋଗକୁ ଗ୍ରହଣ କରି ଆମ ଭାଷାକୁ ବଳିଷ୍ଠ କରିବା ଦୋଷ କି ଅପରାଧ ନୁହଁ । ମନେକରାଯାଉ ଆମେ କୌଣସି ଦ୍ରବ୍ୟ ବା ଜିନିଷ ପ୍ରଥମ କ୍ରୟ କରି ଆଣିଥିବା ବ୍ୟକ୍ତିଙ୍କ ଠାରୁ ଆଣିଥାଉ ଅର୍ଥାତ୍ ସଂପୃକ୍ତ ସାମଗ୍ରୀର ଆମେ ଦ୍ୱିତୀୟ ମାଲିକ ଯାହା ପ୍ରଥମ ମାଲିକ ଠାରୁ କ୍ରୟ କରିଥାଉ ସେହି କ୍ଷେତ୍ରରେ ଆମେ ଏହି ସାମଗ୍ରୀଟିକୁ ଗ୍ରହଣ କରିବା ପରେ ଓଡ଼ିଆରେ ତାକୁ କେଉଁ ନାମରେ ନାମିତ କରିବୁ ତାହା ଆମ ପକ୍ଷରେ ଦ୍ୱନ୍ଦ ସୃଷ୍ଟି କରେ । ଯାହା ଫଳରେ ଆମେ ଇଂଗ୍ରାଜୀ ଭାଷାର ସେକେଣ୍ଡହ୍ୟାଣ୍ଡ ଶବ୍ଦକୁ ବ୍ୟବହାର କରିଥାଉ । ଖୋଜିଲେ ଏମିତି ଅନେକ ଶବ୍ଦ ମିଳିପାରେ । ଅବଶ୍ୟ ଏହାର ସମାଧାନ ନାହିଁ ବୋଲି କହି ହେବ ନାହିଁ ଭାଷାକୁ ବୈଜ୍ଞାନିକ ପଦ୍ଧତି ଦ୍ୱାରା ପରୀକ୍ଷା କରି ଏହି ଇଂଗ୍ରେଜ ଶବ୍ଦ ଗୁଡ଼ିକର ଓଡ଼ିଆ ଶବ୍ଦ କ'ଣ ହୋଇ ପାରିବ ତାହା ସେ ବିଷୟରେ ଧ୍ୟାନ ଦେଲେ ଉପାୟ ମିଳିପାରେ। ଏହି କ୍ଷେତ୍ରରେ ଆମେ ଇଂରାଜୀ କହି ଆମ ଓଡ଼ିଆ ଜାତିର ଅସ୍ମିତାକୁ ଅଣଦେଖା କରୁଅଛୁ କହିବାଟା ଯଥାର୍ଥ ନୁହଁ । ବେଳେବଳେ ଆମେ ଏମିତି କିଛି ଇଂରାଜୀ ଶବ୍ଦ କହିଥାଉ ଯେଉଁ ଇଂରାଜୀର ଓଡ଼ିଆ ଶବ୍ଦ ଆମ ପାଖରେ ଥାଏ ହେଲେ ବି ଆମେ ଇଂରାଜୀ ଶବ୍ଦଟିକୁ କହିଥାଉ । ଏ କ୍ଷେତ୍ରରେ ଇଂରାଜୀ କହିବାଟା ମଧ୍ୟ ଅପରାଧ ନୁହଁ । ଓଡ଼ିଆ ଜାତିର ଅସ୍ମିତା କେବଳ ଯେ ତା'ର ଭାଷା ଦ୍ୱାରା ବଳିଷ୍ଠ ହୋଇ ପାରିବ ତାହା ନୁହଁ। ଭାବରେ ମଧ୍ୟ ନିଜ ଅସ୍ମିତାକୁ ଅନୁଭବ କରି ତାକୁ ବଳିଷ୍ଠ କରିହେବ । ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ରଜପର୍ବ ବିଷୟରେ କହୁଛି ଏ କ୍ଷେତ୍ରରେ ରଜପର୍ବ ଶବ୍ଦଟି ଯେତେ ଭାବାନୁଭୁତ କରି ନପାରେ ତା'ଠାରୁ କେତେ ଗୁଣ ଅଧିକ ଭାବସୃଷ୍ଟି କରେ ରଜପର୍ବର ଦୋଳିଖେଳ, ରଜପାନ, ତାସ୍, କବାଡ଼ି ପ୍ରଭୃତି ଖେଳ ।ଏଠାରେ ରଜପର୍ବ ଶବ୍ଦର ଯେତିକି ମହତ୍ତ୍ୱ ନାହିଁ ରଜପର୍ବର ନାମ ଶୁଣି ସେଥିରୁ ଉତ୍ପନ୍ନ ହେଉଥିବା ଭାବ ତା'ଠାରୁ ଯଥେଷ୍ଟ ମହତ୍ତ୍ୱ ପ୍ରତିପାଦନ କରେ । ପ୍ରସଙ୍ଗ ହେଉଛି ଏମିତି କିଛି ଇଂରାଜୀ ଶବ୍ଦ ଆମେ ବ୍ୟବହାର କରୁ ଯାହା ଆମକୁ ଓଡ଼ିଆ ଶବ୍ଦ ଅପେକ୍ଷା ସେହି ଇଂରାଜୀ ଶବ୍ଦରେ ଅଧିକ ଆନନ୍ଦ ମିଳେ । ଯେମିତି ମୋବାଇଲ, ଚକଲେଟ୍, ଟିକେଟ୍, ଟିଭି, ମାର୍ବଲ, ବଲବ୍, ସାଇକେଲ, ଇଲେକ୍ଟ୍ରିକ, ଗ୍ୟାସ, ମଗ, ବ୍ୟାଗ୍, ଫଟୋ, ବିସ୍କୁଟ, ଟେଲିଫୋନ, ହୋଟେଲ୍ ପ୍ରଭୃତି । ଏହି ଶବ୍ଦ ଗୁଡ଼ିକର ଓଡ଼ିଆ ଶବ୍ଦ ଥିଲେ ମଧ୍ୟ ଇଂରାଜୀ ଶବ୍ଦ କହିଲେ ବୁଝିବା ସହଜ ହୋଇଥାଏ I ଆମେ ଓଡ଼ିଆ ଏହି ଶବ୍ଦ ଗୁଡ଼ିକ ଏଭଳି ବ୍ୟବହାର କରିବାର ଏକ ପ୍ରମୁଖ

ISSN NO.
2582-208X

କାରଣ ହେଉଛି ଏହାର ଆବିଷ୍କାର ଯେବେ ହେଲା ସେହି ପ୍ରଥମ ପର୍ଯ୍ୟାୟରେ ଏହି ଶବ୍ଦ ଗୁଡ଼ିକ ଆମ ପାଖକୁ ଓଡ଼ିଆରେ ନଆସି ଇଂରାଜୀରେ ଆସିଥିଲା । ସେହି ଦୃଷ୍ଟିରୁ ଆମେ ପ୍ରଥମରୁ ଏହି ଦ୍ରବ୍ୟ ଗୁଡ଼ିକୁ ଇଂରାଜୀରେ କହିବା ଆରମ୍ଭ କରିଥିଲୁ ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ କହି ଆସୁଛୁ । ଉପରୋକ୍ତ ସମସ୍ୟା ଗୁଡ଼ିକୁ ଅନୁଧ୍ୟାନ କଲେ ଜଣାପଡେ ଏଥିରେ ଆମ ଓଡ଼ିଆ ଚଳଣୀରେ କିମ୍ବା ଅସ୍ମିତାରେ ବିଶେଷ କ୍ଷତି ହେଲାପରି ଆଶା ରଖାଯାଏ ନାହିଁ । ତଥାପି ଏହି ସମସ୍ୟା ଗୁଡ଼ିକୁ ଅଣଦେଖା କରାଯିବା ଉଚିତ୍ ନୁହଁ ବରଂ ଏଥିପ୍ରତି ଆମ ସମସ୍ତଙ୍କୁ ସଚେତନ ହେବାକୁ ପଡିବ । ଏହିପରି କେତେକ ଦିଗକୁ ଛାଡିଦେଲେ ଅନ୍ୟ ଯେ କୌଣସି କ୍ଷେତ୍ରରେ ପାଶ୍ଚାତ୍ୟ ଜଗତର ଯେଉଁ ଚଳଣୀ ଆଣି ଆମ ଓଡ଼ିଆ ଚଳଣୀରେ ମିଶାଇବାକୁ ଚେଷ୍ଟା କରାଯାଉଛି ଯେମିତି ଅନାବଶ୍ୟକ ସ୍ଥାନରେ ଆବଶ୍ୟକ ଭାବି ଇଂରାଜୀ କହିବା, ପାଶ୍ଚାତ୍ୟ ଦେଶମାନଙ୍କର ବେଶଭୂଷା ଆପଣାଇବା ଇତ୍ୟାଦି । ଯାହା ଭବିଷ୍ୟତରେ ଆମ ଓଡ଼ିଆ ଜାତି ତା'ର ପରିଚୟ ହରାଇବାର ପ୍ରମୁଖ କାରଣ ହୋଇପାରେ ।

ଓଡ଼ିଆ ଅସ୍ମିତାର ପରିଚୟ ନେଇ ବର୍ତ୍ତମାନ ଆମେ ଯେଉଁ ସ୍ୱତନ୍ତ୍ର ପରିଚୟ ପାଇଛେ ତାହା ଯେମିତି କେବେଳ ଇତିହାସର ପୃଷ୍ଠାରେ ନରହୁ । ଗୋଟିଏ ଜାତି ସୃଷ୍ଟି ହେବାକୁ କେତେ ସମୟ କେତେ ବଳିଦାନ ଦେବାକୁ ପଡିଥାଏ ତାହା ଆମ ସମସ୍ତଙ୍କୁ ଜଣା । ଆମ୍ଭ ମାନଙ୍କର ଅସଚେତନତା ଓ ଖିଆଲି ମନୋଭାବରେ ପାଇଁ ଯେମିତି ଆମ ଜାତି ଧ୍ୱଂସ ବା ଅନ୍ୟ କାହା ଚଳଣୀରେ ବନ୍ଧା ନପଡୁ । ଯଦି ଏବେ ଠାରୁ ଏହି ସମସ୍ୟା ପ୍ରତି ଧ୍ୟାନ ଦିଆ ନଯାଏ ତେବେ ଭବିଷ୍ୟତରେ ଓଡ଼ିଶା ତା'ର ପରିଚୟ ଓ ସ୍ୱତନ୍ତ୍ରତା ହରାଇ ବସିବ ଏଥିରେ ସନ୍ଦେହ ନାହିଁ ଏବଂ ଓଡିଶାର ଯେଉଁ ପ୍ରାଚୀନ ଐତିହ୍ୟ, ଅସ୍ମିତା, ସଂସ୍କୃତି, ପରମ୍ପରା ପ୍ରଭୃତି ରହିଥିଲା ତାହା କେବଳ ପୋଥି ହୋଇ କେଉଁ କାଠ ବା ଟିଣ ଆଲମାରୀ ମଧ୍ୟରେ ଶେଷ ନିଶ୍ୱାସ ନେଉଥିବା ।ସମୟ ଏବେ ମଧ୍ୟ ବଦଳି ନାହିଁ ବରଂ ସମୟ ଆସିଛି ଏହି ସବୁ ସମସ୍ୟା ଗୁଡିକୁ ଦୂର କରିବାର ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଓଡ଼ିଆ ଅସ୍ମିତା ରହିବା ଦରକାର । ଆଉ ଏହି ଅସ୍ମିତା ଆମ ପାଖରେ ସେତେବେଳ ରହିବ ଯେତେବେଳ ଆମେ ଆମ ଓଡିଆ ଜାତି, ସଂସ୍କୃତି ଓ ତା'ର ଐତିହ୍ୟର ପ୍ରକୃତ ମୂଲ୍ୟ ବୁଝିବା । ଯେତେବେଳ କୌଣସି ମାନବ ତା' ଜାତିର ମୂଲ୍ୟବୋଧକୁ ହୃଦୟଙ୍ଗମ କରିବ ସେତେବେଳ ସେ ଜାତିର ଅସ୍ମିତା ନିଶ୍ଚିତ ରୂପେ ସରଂକ୍ଷତି ରହିବ । ଏଥିପାଇଁ ସମସ୍ତଙ୍କ ମନରେ ନିଜ ଜାତିର

ISSN NO.
2582-208X

ମୌଳିକତାକୁ ନିଜ ଭିତରେ ସର୍ବଦା ସାଇତି ରଖିବା ଦରକାର । ଅନ୍ୟର ସଂସ୍କୃତି, ପରମ୍ପରା, ଚଳଣୀକୁ ଦେଖିବା ଓ ବୁଝିବା ଉଚିତ୍ କିନ୍ତୁ ତା'କୁ ଆଣି ଆମ ସଂସ୍କୃତି ଓ ଚଳଣୀ, ପରମ୍ପରାରେ ମିଶାଇ ଯେଉଁ ଆଧୁନିକତାର ପରିଚୟ ଦେବାକୁ ଆଜିର ମଣିଷ ବ୍ୟାକୁଳ ସେ ଥରେ ପରୀକ୍ଷା କରିବା ଦରକାର ଅନୁପ୍ରେଣିତ ହୋଇ ସେ ଯେଉଁ ସଂସ୍କୃତି ଓ ପରମ୍ପରାକୁ ଆପଣାଉଛି ପ୍ରକୃତରେ ସେ ସଂସ୍କୃତି ପରମ୍ପରା ଆମ ଓଡ଼ିଶାର ମାଟି ପାଇଁ ଉପଯୁକ୍ତ କି ନାହିଁ ।

ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଆ ଅସ୍ମିତାର ଯେଉଁ ଅବସ୍ଥା ରହିଛି ତାହା ଆଗକୁ ସଂରକ୍ଷିତ ରଖିବାକୁ ହେଲେ ପ୍ରଥମେ ଆମ ସମସ୍ତଙ୍କୁ ଏକ ଦୃଢ ସଂକଳ୍ପ କରିବାକୁ ହେବ । ଓଡ଼ିଆର ମୌଳିକତାକୁ ପରିହାର ନକରି ଓଡ଼ିଆ ମାଟି ପାଣି ପବନରେ ନିଜର ସଂସ୍କୃତିକୁ ବଞ୍ଚାଇ ରଖିବା । ସମଗ୍ର ଓଡ଼ିଆ ଜାତିର ଏକ ବୋଲି ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଦେବା । ତେବେ ଯାଇ ଆମ ଅସ୍ମିତା ବଞ୍ଚି ରହିବ । ବିଭିନ୍ନ ସଭା, ସମିତି, ଭାଷଣରୁ ଜାତିର ଅସ୍ମିତା, ଗୌରବ, ଏକତା, ଅଖଣ୍ଡତା କଥା ଶୁଣିବାକୁ ମିଳେ । ନିଜ ଜାତିର ଗୌରବ ବଞ୍ଚାଇବା ତଥା ତା'ର ରକ୍ଷା କରିବାକୁ ବଡ ବଡ ଜ୍ଞାନୀ ଗୁଣୀମାନେ କେତେ ଉପାଦେୟ କଥା କହିଥାନ୍ତି । କିନ୍ତୁ ସେହି ବ୍ୟକ୍ତିମାନେ ସଭା ସମିତିରୁ ବାହାରକୁ ଆସିବା ପରେ ସଂପୂର୍ଣ୍ଣ ଭାବରେ ନିଜକୁ ଅଣ ଓଡ଼ିଆ ଭାବରେ ପରିଚୟ ଦେଇଥାନ୍ତି । ପାଶ୍ଚାତ୍ୟ ଜଗତର ଚଳଣୀକୁ ଆପଣାଇ ନିଜ ଜାତିର ଅସ୍ମିତାକୁ ନେଇ ଏମିତି ମନ୍ତବ୍ୟ ଦିଅନ୍ତି ଯାହା ଶୁଣିଲେ ଆପଣଙ୍କୁ ଲାଗିବ ସତରେ ଅଣ୍ଟି ଛୁରୀ ତଣ୍ଟି କାଟେ । ବାସ୍ତବରେ ଏହି ମନୋଭାବ ପାଇଁ ଆଜି ଓଡ଼ିଆ ଜାତିର ସଂସ୍କୃତି, ପରମ୍ପରା, ଐତିହ୍ୟ, ଅସ୍ମିତା ସବୁ ବିପଦମୁଖୀ ।

କେବଳ ବିଦେଶୀମାନଙ୍କ ଜୀବନଶୈଳୀକୁ ନେଇ ଓଡ଼ିଆ ଅସ୍ମିତାର ଅପମାନ କରାଯାଉଛି ତାହା ନୁହଁ । ଅନ୍ୟମାନଙ୍କ ଦ୍ୱାରା ଓଡ଼ିଆ ଜାତି ଓ ଅଖଣ୍ଡତାକୁ ଯେଉଁ କ୍ଷତି ପହଞ୍ଚୁଛି ଏବଂ ତା'କୁ ଦେଖି ଆମ୍ଭମାନଙ୍କର ନୀରବ ରହିବା ମଧ୍ୟ ଆମ ଜାତିର ଅସ୍ମିତା ପ୍ରତି ଅପମାନ । ଆପଣମାନେ ଶୁଣିଥିବେ ନିକଟରେ ଓଡିଶାର କେତେକ ସୀମାନ୍ତ ଅଞ୍ଚଳକୁ ଆନ୍ଧ୍ର ପ୍ରଦେଶ ରାଜ୍ୟ ନିଜର କହି ଆମ ଓଡ଼ିଆ ମାଟିକୁ ନେଇ ଆନ୍ଧ୍ରରେ ମିଶାଇବାର ଚକ୍ରାନ୍ତ ଚଳାଇଥିଲେ। ଓଡିଶାର କୋଟିଆ, ପାଟଣା, ପଟାଙ୍ଗି ପ୍ରଭୃତି କେତେକ ଅଞ୍ଚଳକୁ ଆନ୍ଧ୍ର ପ୍ରଦେଶ ରାଜ୍ୟ ନିଜର ସୀମା ଭାବରେ ମତପୋଷଣ କରି ସେଠାରେ ଆନ୍ଧ୍ର ରାଜ୍ୟ ତରଫରୁ

ISSN NO.
2582-208X

ଫଳକ ବୋର୍ଡ ମାରିବା ଏବଂ ଏହି ସବୁ ଘଟଣାକୁ ଦେଖି ଆମ ଓଡ଼ିଆ ଜାତିର ନିରବତା ଆମ ଓଡ଼ିଆ ଅସ୍ମିତା ପ୍ରତି କେତେ ସମ୍ମାନ ତାହା ଜଣାପଡେ । ସେହିପରି ଅନ୍ୟ ଏକ ଘଟଣା ହେଉଛି ୨୫ ମାର୍ଚ୍ଚ ୨୦୨୨ ମସିହାରେ ଏକ ଦକ୍ଷିଣ ଭାରତୀୟ ସିନେମା ସମଗ୍ର ଭାରତବର୍ଷରେ ଦେଖା ହେଲା ଯେଉଁଥିରେ ପୁଣି ଥରେ ଆମ ଓଡ଼ିଆ ଜାତି ଓ ଅସ୍ମିତାକୁ ଅଣଦେଖା କରାଗଲା । ସିନେମାଟିରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କଲିକତାର ସୋଲେ ବୋଲି କୁହାଗଲା । ଯାହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ। ସୁଭାଷ ବୋଷ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ କଟକ ଠାରେ ଜନ୍ମ ଗ୍ରହଣ କରିଥିଲେ ଖାଲି ସେତିକି ନୁହେଁ ଏଠାରେ ସେ ସ୍କୁଲ ପାଠ ପଢା ମଧ୍ୟ ସାରିଥିଲେ ଅର୍ଥାତ୍ ସୁଭାଷ ବୋଷଙ୍କ ଶିକ୍ଷାର ଭିତ୍ତିଭୂମି ଓଡିଶାରୁ ହିଁ ହୋଇଥିଲା । ଯେଉଁଠାରେ ତାଙ୍କର ଜନ୍ମ ଯେଉଁଠାରେ ତାଙ୍କ ଶିକ୍ଷାର ଆରମ୍ଭ ସେ ସେହି ଅଞ୍ଚଳର ନହୋଇ କଲିକତାର କେମିତି ହେଲେ । ଏହା ଆମ ଜାତି ପାଇଁ ଆଉ ଏକ ଅପମାନ । ବାସ୍ତବରେ ଏସବୁ ଦେଖି ଚୁପ୍ ରହିବା ହିଁ ଆମ ଜାତିର ଅଖଣ୍ଡତାକୁ ଦିନେ ଖଣ୍ଡ ବିଖଣ୍ଡିତ କରିଦେବ । ଅବଶ୍ୟ ଏ ପ୍ରସଙ୍ଗରେ କେତେକ ଗଣ ପ୍ରତିନିଧି ମୁହଁ ଖୋଲିଥିଲେ ମଧ୍ୟ ଆମେ ଓଡ଼ିଆ ଏ ପର୍ଯ୍ୟନ୍ତ ନିରବ ରହିଛୁ । ପ୍ରକୃତରେ ଏବେ ନୀରବ ରହିବାର ସମୟ ନୁହଁ ଏବେ ନିଜ ଜାତିର ଐତିହ୍ୟ ଅସ୍ମିତା ପାଇଁ ଲଢିବାର ସମୟ । ନିଜ ଜାତିର ଅସ୍ତିତ୍ୱ ରକ୍ଷା ପାଇଁ ସମସ୍ତେ ଏକାଠି ହେବାର ଆବଶ୍ୟକ । ଖୋଜିଲେ ଏହି ପରି ଅନେକ ସମସ୍ୟା ଆମ ସମ୍ମୁଖରେ ଦେଖାଯିବ କିନ୍ତୁ ତା'ର ସମାଧାନ ଆସେ ନାହିଁ ଆସିଲେ ମଧ୍ୟ ଆମ ହୀନ ମାନସିକତା ପାଇଁ ତାହା ପୂର୍ଣ୍ଣ ହୁଏ ନାହିଁ । ଯେଉଁ ଉପାଦାନକୁ ନେଇ ଆମ ଓଡ଼ିଆ ଜାତିର ଅସ୍ମିତା ସାରା ବିଶ୍ୱରେ ଏକ ପରିଚୟ ପାଇଛି ଯଦି ସେସବୁକୁ ଆମେ ଧୀରେ ଧୀରେ ଅନ୍ୟକୁ ଲୁଣ୍ଠିବାକୁ ଦେବା ଶେଷରେ ଆମ ଓଡ଼ିଆ ଜାତି କେଉଁ ପରିଚୟ ନେଇ ବଞ୍ଚିବ ?

(((-)))

ପ୍ରାକ୍ତନ ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟର

ISSN NO.
2582-208X

# ବୟସ ହେଲାଣି ମତେ



ଶିଶିର କୁମାର ପଣ୍ଡା

ସ୍ୱଷ୍ଟି ଲାଇସିସ ବାହାରି ପଡ଼ିଛି
ବିନ୍ଧାବିନ୍ଧି ହୁଏ ବେକ
ଆରାମ ଲାଗଇ ଦେଲେ ବେଳେବେଳେ
ଉଷୁମ କପଡ଼ା ସେକ ।
ଦେହ ଆଜିକାଲି ଭଲ ରହୁନାହିଁ
ରୋଗ ବି ପଡୁନି ଜଣା
ଡାକତର ପାଖେ ବଖାଣି କହିଲେ
ସିଏ ହୁଏ ବାଟ ବଣା ।
ପ୍ରେସର ବଟିକା ଖାଉଛି ନିଇତି
ତଥାପି ବିନ୍ଧୁଛି ମୁଣ୍ଡ
କାଶ ପାଇଁ ବୋହୂ ଉଷୁମ କ୍ଷୀରକୁ
ଦିଅଇ ହଳଦୀ ଗୁଣ୍ଡ ।
ନାତୁଣୀ କରାଏ ଯୋଗ ପ୍ରାଣାୟାମ
ସଞ୍ଜରେ ଘଣ୍ଟାଏ ମତେ
ଆଉ କି ହୋଇବି ଯୁବକ ଟିଏ ମୁଁ
ସତୁରି ବର୍ଷରେ ସତେ ।
ଏଇ ବୟସରୁ ନେଇ ଯାଆ ପ୍ରଭୁ
ଉପରକୁ ହାତ ଧରି
କାଳେ ମୁଁ ଭୋଗିବି କିଏବା ଦେଖିବ
ଭାବିକି ଯାଉଛି ଡରି ।

କୁଆଁସ, ମେରଦା କାଟିଆ, ଯାଜପୁର/୮୯୮୧୭୩୭୨୨୮

ISSN NO.
2582-208X

# ରାଧାନାଥଙ୍କ ଅମ୍ଳାନ କାବ୍ୟ ସୌଧ: କେଦାର-ଗୌରୀ

ପ୍ରଭାତୀ କୁମାରୀ ନାହକ

ରାଧାନାଥଙ୍କ ପ୍ରତିଭା ଥିଲା ଅନବଦ୍ୟ । ସେ ଥିଲେ ଜଣେ ବହୁ ଭାଷାବିଦ୍ ପଣ୍ଡିତ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ସାହିତ୍ୟରେ ତାଙ୍କର ଅସାଧାରଣ ଜ୍ଞାନ ଥିଲା । ଏହି ଦୃଷ୍ଟିରୁ ତାଙ୍କର କାବ୍ୟ କବିତା ହେଉଛି ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ମଧ୍ୟରେ ଏକ ମିଳନ ସେତୁ । ଆପଣାର ରୋଗଗ୍ରସ୍ତ ଶରୀର ଓ ତଜ୍ଜନୀତ ବିଷାଦବୋଧ ସତ୍ୱେ ରାଧାନାଥ ଆପଣା କବିତାରେ ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟର ତଟସ୍ଥ ବର୍ଣ୍ଣନା କରିଥାଆନ୍ତି । ମାର୍ଜିତ ସୁଖପାଠ୍ୟ, ସରଳ ସୁବୋଧ୍ୟ ଛନ୍ଦରେ ଜୀବନର ଅନୁଭୂତି, ନଶ୍ୱରତା, ପ୍ରକୃତି ମଧ୍ୟରେ ପରମେଶ୍ୱରଙ୍କ ଦର୍ଶନ, ସତ୍ୟ, ଧର୍ମର ଜୟ ଆଦି ପ୍ରସଙ୍ଗକୁ ଆପଣା କାବ୍ୟଗୁଡ଼ିକରେ ସୁନ୍ଦର ଭାବେ ରୂପ ପ୍ରଦାନ କରିଛନ୍ତି । ତାଙ୍କର ସୌନ୍ଦର୍ଯ୍ୟ ସଂଦର୍ଶନରେ ନୂତନତା, ସ୍ୱାଧୀନ ବିଷୟ ନିର୍ବାଚନ ମନୋବୃତ୍ତି, ବର୍ଣ୍ଣନାର ରସାଳତା, ପ୍ରାଣ ପ୍ରାଚୁର୍ଯ୍ୟର ବିଶାଳତା ଓ ଭାଷାର ଲାଳିତ୍ୟ କାବ୍ୟଗୁଡ଼ିକୁ ସୁଖପାଠ୍ୟ କରିପାରିଛି । ରାଧାନାଥ ସାଧାରଣରୁ ଅସାଧାରଣ କବି ପ୍ରତିଭା ଭାବେ ଯୁଵ ପ୍ରବର୍ତ୍ତକ ହୋଇପାରିଛନ୍ତି ।ତାଙ୍କ ସୃଷ୍ଟିସମ୍ଭାର ମଧ୍ୟରେ କେଦାରଗୌରୀ (୧୮୮୫), ଚନ୍ଦ୍ରଭାଗା (୧୮୮୬), ନନ୍ଦିକେଶ୍ୱରୀ (୧୮୮୭), ଉଷା (୧୮୮୮), ପାର୍ବତୀ (୧୮୯୦), ଚିଲିକା (୧୮୯୧), ମହାଯାତ୍ରା (୧୮୯୧-୯୨), ଦରବାର (୧୮୯୭) ଆଦି କାବ୍ୟ, ତୁଳସୀ ସ୍ତବକ (୧୮୯୪), ଯଯାତିକେଶରୀ (୧୮୯୪), ଉର୍ବଶୀ (୧୮୯୫), ଦଶରଥ ବିୟୋଗ (୧୯୦୧), ଭାରତ ଗୀତିକା (୧୯୦୩), ଧବଳେଶ୍ୱର ସ୍ତୋତ୍ରମ(୧୯୦୩ ), ସାବିତ୍ରୀ ଚରିତ୍ର (୧୯୦୬), ତିନିବନ୍ଧୁ (୧୮୯୮), ବନ୍ଦନା (୧୯୧୧), ନିବେଦନ (୧୯୧୧), ପ୍ରତାପରୁଦ୍ର (୧୯୧୧), ଶ୍ମଶାନ ଦୃଶ୍ୟ (୧୯୦୪), ଏକାଗ୍ରତା। (୧୯୦୪), ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ(୧୯୦୫), ଚିଲିକାରେ ସାୟନ୍ତନ ଦୃଶ୍ୟ ଆଦି କବିତା ତାଙ୍କ ଓଜସ୍ୱିନୀ ପ୍ରତିଭାର ପରିଚୟ ପ୍ରଦାନ କରେ ।

ISSN NO.
2582-208X

ଅନୁରୂପ ଭାବେ ରାଧାନାଥୀୟ କାବ୍ୟ ପ୍ରତିଭାର ଏକ ଅନନ୍ୟ ଉଚ୍ଚାରଣ ହେଉଛି ତାଙ୍କର ପ୍ରଥମ କାବ୍ୟ "କେଦାରଗୌରୀ" । ରାଧାନାଥଙ୍କ ପ୍ରଣୟମୂଳକ କାବ୍ୟ ହେଉଛି "କେଦାରଗୌରୀ" । ଭୁବନେଶ୍ୱର ଏକାମ୍ର ପୃଷ୍ଠଭୂମି ଉପରେ ଆଧାରିତ ଏହି କାବ୍ୟରେ ଅଛି ପ୍ରଣୟସ୍ନିଗ୍ଧ ଜୀବନର ଏକ ତ୍ୟାଗମୟ ଅଶ୍ରୁଳ କାହାଣୀ । ଏହ କାହାଣୀର ମୂଳ ଉତ୍ସ ଓଡ଼ିଶୀ ପରିବେଶରେ ମିଳେ ନାହିଁ । ଏହା ମିଳେ ଗ୍ରୀସ୍ ଦେଶର କବି ଓଭିଡ୍ ଙ୍କର ମେଟାମରଫସିସ୍ କାବ୍ୟରେ । ଏହାର କଥାବସ୍ତୁକୁ ନେଇ ଇଂରାଜୀ କବି ଚସର ରଚନା କରିଥିଲେ The Legend of Thisbe of Babylon ନାମରେ ଏକ ଦୀର୍ଘ କବତା । ସେକ୍ସପିୟର ମଧ୍ୟ ଏହି କଥାବସ୍ତୁକୁ ତାଙ୍କର Mid Summer Night's Dream ନାଟକର ପଞ୍ଚମ ଅଙ୍କ ପ୍ରଥମ ଦୃଶ୍ୟରେ ନାଟ୍ୟ ରୂପ ଦେଇଛନ୍ତି । ରାଧାନାଥ ଏହି ଉଭୟ ଗ୍ରନ୍ଥ ଅଧ୍ୟୟନ କରିଥିବେ ଏବଂ ତାହାକୁ ଆପଣାର କାବ୍ୟରେ ଏପରି ବର୍ଣ୍ଣନା କରିଦେଇଛନ୍ତି, ଯାହା ଓଡ଼ଶାର ବାତାବରଣ ଭିତରେ ମିଶିଯାଇଛି । ଏକ ପ୍ରଣୟମୂଳକ ଦୁଃଖାନ୍ତ କାହାଣୀକୁ କବି ଦେଇଛନ୍ତି ମନୋଜ୍ଞ କାବ୍ୟ-ରୂପ । ଲଲାଟକେଶରୀ ଯେଉଁ ସୁନ୍ଦର ନଗରୀ ପ୍ରତିଷ୍ଠା କଲେ, ତା'ର ନାମ ହେଲା ଭୁବନେଶ୍ୱର ।ଏକ ରମଣୀୟ ସ୍ଥାନ । ସେହିଠାରେ ଗୌରୀ ଓ ପ୍ରତିବେଶୀ କେଦାର ବାଲ୍ୟକାଳରୁ ସଙ୍ଗୀ ।ଯୌବନରେ ପଦାର୍ପଣ କରିବାପରେ ସେମାନେ ପରସ୍ପରକୁ ଭଲପାଇଛନ୍ତି ଓ ଶେଷରେ ବିବାହବନ୍ଧନରେ ଆବଦ୍ଧ ହେବାକୁ ପ୍ରତିଜ୍ଞା କରିଛନ୍ତି। ମାତ୍ର ସେମାନଙ୍କର ମିଳନ ପାଇଁ ପିତା-ମାତା ପ୍ରବନ୍ଧକ ହେଲେ । ପରସ୍ପରକୁ ଆକଟ କଲେ । ତଥାପି ସେମାନେ କାନ୍ଥର ରନ୍ଧ୍ର ମଧ୍ୟଦେଇ ଏକାନ୍ତରେ ନିଜ ନିଜର ହୃଦୟର ଭାବକୁ ବ୍ୟକ୍ତ କଲେ । ଦୁଇ ପ୍ରେମୀ ଯୁଗଳ ପରସ୍ପରର ଏତେ ବ୍ୟାକୁଳ ଥିଲେ ଯେ ସେମାନଙ୍କ ପ୍ରେମ ବ୍ୟକ୍ତର ମାଧ୍ୟମ ଥିବା ଧନ୍ୟବାଦ ଅର୍ପଣ କରି କବି ଲେଖିଛନ୍ତି-

"ସାଧୁଅଛୁ ହିତ କାନ୍ଥ! ତୁ ବହୁତ
ଋଣୀ ଆମ୍ଭେ ତୋହଠାରେ,
ବେନିଙ୍କ ବଚନ ବେନିଙ୍କ ଶ୍ରବଣେ
ଆସଇ ତୋହ କୃପାରେ ।"

ଏହିପରି ଭବରେ କେତେଦିନ ଗଲାପରେ ସେମାନେ ସ୍ଥିରକଲେ ଗୃହତ୍ୟାଗ କରି ଚାଲିଯିବେ। ଏଠାରେ କବି କେଦାର ଓ ଗୌରୀଙ୍କ ଗୃହତ୍ୟାଗ ପ୍ରସଙ୍ଗକୁ ଉପସ୍ଥାପନ କରି

ISSN NO.
2582-208X

ଦର୍ଶାଇ ଦେଇଛନ୍ତି ଯେ ପ୍ରେମ ହେଉଛି ଅନ୍ଧ । ପ୍ରେମର ଆକର୍ଷଣକୁ ବାପା- ମାଆଙ୍କ ଆକଟ ବାଧା ଦେଇପାରେନି । କେଦାର ଓ ଗୌରୀ ସନ୍ଧ୍ୟାପରେ ଗୃହତ୍ୟାଗ କରି ନିକଟସ୍ଥ ଅରଣ୍ୟରେ ଥିବା ଝରଣା ନିକଟରେ ମିଳିତ ହେବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ନିର୍ଦ୍ଧାରିତ ସମୟରେ ଗୌରୀ ପ୍ରଥମେ ସେଠାରେ ପହଞ୍ଚୁଛି । କେଦାରକୁ ଅପେକ୍ଷା କରିଥିବା ସମୟରେ ସେ ଏକ ବାଘକୁ ଦେଖି ନିକଟସ୍ଥ ଗୁମ୍ଫା ମଧ୍ୟରେ ଆତ୍ମଗୋପନ କରିଛି । ଗୁମ୍ଫା ନିକଟକୁ ଦୌଡ଼ିଯିବା ସମୟରେ ତା'ର ଉତ୍ତରୀୟ ତଳେ ପଡ଼ିଯାଇଛି । ସଦ୍ୟ ମୃଗଶିକାର କରିଥିବା ରକ୍ତମୁଖା ବାଘଦ୍ୱାରା ଉତ୍ତରୀୟଟି ଖଣ୍ଡ ଖଣ୍ଡ ହେବାଦ୍ୱାରା ଏଥିରେ ରକ୍ତର ଦାଗ ଲାଗିରହିଛି । ପରେ ପରେ କେଦାର ପହଞ୍ଚି ଗୌରୀର ଖଣ୍ଡ ଖଣ୍ଡ ହୋଇଥିବା ରକ୍ତାକ୍ତ ଉତ୍ତରୀୟ ଦେଖୁଛି ଏବଂ ଗୌରୀ ବାଘମୁଖରେ ପ୍ରାଣ ଦେଇଥିବା ବିଶ୍ୱାସ କରି ସେ ନିଜ କୃପାଣରେ ଆତ୍ମହତ୍ୟା କରିଛି । ଗୌରୀ କିଛି ସମୟପରେ ସେଠାରେ ପହଞ୍ଚି ମୃତ କେଦାରକୁ ଦେଖି ଦୁଃଖରେ ମ୍ରିୟମାଣ ହୋଇଛି ଓ ସେହି କୃପାଣରେ ନିଜକୁ ଶେଷ କରିଦେଇଛି । କବି କେଦାରଗୌରୀ କାହାଣୀ ମାଧ୍ୟମରେ ପ୍ରେମରେ ଥିବା ତ୍ୟାଗକୁ ବର୍ଣ୍ଣନା କରିଛନ୍ତି । ପ୍ରେମ ପାଇଁ ମଣିଷ କିଛିବି କରିବାକୁ ପ୍ରସ୍ତୁତ ଅଛି ନିଜର ଜନ୍ମକଲା ବାପା- ମାଆଙ୍କୁ ତ୍ୟାଗ କରିପାରେ ଏବଂ ପରିଶେଷରେ ନିଜର ଜୀବନକୁ ମଧ୍ୟ ତ୍ୟାଗ କରିପାରେ ତାକୁ ସେ ଦର୍ଶାଇଛନ୍ତି । ପ୍ରେମ ଖାଲି ପାଇବାରେ ନୁହେଁ ମୃତ୍ୟୁରେ ମଧ୍ୟ ଅମରତ୍ୱ ହେଇଥାଏ । ସେଥିପାଇଁ ବୋଧହୁଏ ରାଧାନାଥଙ୍କ ଅମ୍ଳାନ କାବ୍ୟ ସୌଧ "କେଦାର-ଗୌରୀ" ପ୍ରେମ ଓ ତ୍ୟାଗର ଜ୍ୱଳନ୍ତ ଉଦାହରଣ ହୋଇ ରହିଛି ।

କାହାଣୀ ଭାଗଟିକୁ ବାଦ୍ ଦେଲେ କବିବର ଏଠାରେ ଇତିହାସ ଓ କିମ୍ବଦନ୍ତୀଙ୍କୁ ମଧ୍ୟ ନିଜ କଳ୍ପନାର ଛୁଙ୍କ ଦେଇ ଯୋଡି ଦେଇଛନ୍ତି । ଯଥା-

"ସ୍ୱପ୍ନାଦେଶ ପାଇ ଉଷାଯୋଗେ ଯାଇ
ଲଲାଟ କେଶରୀ ବୀର,
ଦେଖିଲେ ଯୁଗଳ କଶୋର କଶୋରୀ
ଶୋଇଛନ୍ତି ଝର-ତୀର ।

× × × × × × ×

ISSN NO.
2582-208X

ବେନିଙ୍କ ଅନଳ— ସଂସ୍କାର କରଇ
ଦେଉଳ ତୋଳାଇ ତହିଁ,
ବେନିଙ୍କ ନାମରେ ପ୍ରତିମା ସ୍ଥାପିଲେ
ନରପତି ଆଜ୍ଞା ବହି ।

ରାଜା ଲଲାଟକେଶରୀଙ୍କୁ ସ୍ୱପ୍ନାଦେଶ ହେବା I ସେ କେଦାର ଓ ଗୌରୀର ଶବ ସତ୍କାର କରାଇବା ଓ ସେଠାରେ ଏକ ମନ୍ଦର ନିର୍ମାଣ କରାଇବା ଏବଂ ସେଠାରେ କେଦାର ଓ ଗୌରୀର ନାମ ଅନୁସାରେ ପ୍ରତିମା ସ୍ଥାପନ କରିବା । ଏସବୁ କେବଳ କବିବରଙ୍କ କଳ୍ପନାର ମାନସ ପଟରେ ସୃଷ୍ଟି ଇତିହାସ ଓ କିମ୍ବଦନ୍ତୀର ସଂଯୋଗ ମାତ୍ର । ଏବେ ଭୁବନେଶ୍ୱରରେ କେଦାର-ଗୌରୀ ମନ୍ଦିର ବିଦ୍ୟମାନ । ସେଠାରେ ଶିବ-ପାର୍ବତୀ ଙ୍କର ଉପାସନା କରିଯାଏ । ସ୍ୱପ୍ନାଦିଷ୍ଟ ହୋଇ ରାଜା ମନ୍ଦିର ନିର୍ମାଣ କରୁଥିବା ଅଂଶକୁ ବାଦ୍ ଦେଲେ କଥାବସ୍ତୁର ଅବଶିଷ୍ଟ ଭାଗ ବେବିଲୋନ ଦେଶୀୟ କାହାଣୀ 'ପିରାମସ୍ ଓ ଥେସ୍ବେ' ଉପାଖ୍ୟାନର ଅନୁରୂପ ।

ରାଧାନାଥ ଏହି କାବ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତାଧାରାର ସମନ୍ୱୟ କରିଅଛନ୍ତି । ପାଶ୍ଚାତ୍ୟ ଗଳ୍ପକୁ ଏଥିରେ ବର୍ଣ୍ଣନା କରାଯାଇଛି । ଏଥିରେ ବର୍ଣ୍ଣିତ ଗଳ୍ପାଂଶ ଆହୃତ । ମୌଳିକତା ନାହିଁ । ମାତ୍ର ବର୍ଣ୍ଣନା ବିନ୍ୟାସରେ ରାଧାନାଥଙ୍କର ଲଳିତ ସୌନ୍ଦର୍ଯ୍ୟବୋଧ ପ୍ରକଟିତ । ଇତିହାସ ସହିତ ଏହି କାବ୍ୟର କୌଣସି ସମ୍ପର୍କ ନାହିଁ । ଅଥଚ ରାଧାନାଥ ଏହି କାହାଣୀରେ ଇତିହାସର ଭ୍ରମ ସୃଷ୍ଟି କରିଦେଇଛନ୍ତି । ପ୍ରଥମଥର ପାଇଁ ଓଡ଼ିଆ ସାହତ୍ୟରେ ପ୍ରେମିକ ଓ ପ୍ରେମିକା ଏକ ସମୟରେ ମୃତ୍ୟୁବରଣ ନଉଛନ୍ତି । ଏକ ଟ୍ରାଜେଡି ଭାବଧାରା ସୃଷ୍ଟି ହୋଇଛି । ନୂତନ କଣ ପାଶ୍ଚାତ୍ୟ ଟ୍ରାଜେଡି ଓଡ଼ିଆ କାବ୍ୟରେ ପ୍ରକାଶ ପାଇଛି । ତ୍ୟାଗପୂତ ପ୍ରେମର ଏକ ଲଳିତ ଚିତ୍ର ଫୁଟି ଉଠିଛି ଏହି କାବ୍ୟରେ । ଏହି ପ୍ରେମ ଉଭୟମୁଖୀ । ପରବାରର ବିରୋଧସତ୍ତ୍ୱେ ପ୍ରେମର ଦୀପ୍ତି ଉକୁଟି ଉଠିଛୁ । କବି ତେଣୁ ପ୍ରେମର ପ୍ରଶଂସା କର କହୁଛନ୍ତି—

"ଧନ୍ୟ ସେ ପ୍ରୀତିକି ମରଣ ଭୀତିକି
ପ୍ରୀତ ଯେ ପାରଇ ଜିଣି,

ISSN NO.
2582-208X

ଶିରୀଷ ମୃଦୁଳା ଲବଣୀ ପିତୁଳା
ପ୍ରୀତି କଲା ସାହସିନୀ ।"

'କେଦାର-ଗୌରୀ' ରାଧାନାଥଙ୍କର ପ୍ରଣୟମୂଳକ କାବ୍ୟ । ଏହାର ପରିଣତି ନାୟକ ଓ ନାୟିକାଙ୍କ ମୃତ୍ୟୁ । ପାରସ୍ପରିକ ଆକର୍ଷଣରେ ପ୍ରେମର ହୋଇଛି ବିକାଶ । ଯଥାର୍ଥରେ କବି ରାଧାନାଥ ରାୟ ପ୍ରେମରେ ଥିବା ତ୍ୟାଗ ଓ ବଳିଦାନକୁ 'କେଦାର-ଗୌରୀ' କାବ୍ୟ ମାଧ୍ୟମରେ ଦର୍ଶାୟୀଛନ୍ତି ।ଯାହା ସମଗ୍ର ଓଡିଆ ସାହିତ୍ୟରେ ବିରଳ ।

(((-)))

ଜିଲ୍ଲା- ଗଞ୍ଜାମ

ISSN NO.
2582-208X

# ଗଛ ଓ ଜହ୍ନର ପ୍ରେମ



ବେଦନାଥ ହରିଜନ

ଗଛକୁ ଚାହିଁଣ ଦେଖି ରହୁଥାଏ,
ଆରତୀ ଥାଳିଟେ ଧରି ।
ଲୁଚି ଆସି ଅଛି ଭେଟିବା ପାଇଁ ସେ,
ପିତାକୁ ଘରେ ଶୁଆଇ ॥

ପ୍ରେମ ଆଲୋକରେ ଢାଙ୍କି ଦେବି ତାଙ୍କୁ,
ଦେଖି ପାରିବେନି କେହି ।
ସକାଳ ପାହିଲେ ଚାଲିଯିବି ମୁହିଁ,
ପିତାକୁ ଉଠାଇ ଦେବି ॥

ନିରବ ରାତିରେ ପ୍ରେମିକାକୁ ଡାକି,
ବଢ଼ିଲା ତାର ଶରଧା ।
କେହି ଦେଖିବେନି ତାର ପ୍ରେମିକାକୁ,
ଆନନ୍ଦେ ହୋଇବ ଦେଖା ॥

ତରୁ ଚାହିଁଥାଏ ଆସିବା ବାଟକୁ,
ଘରକୁ ଶୋଭିତ କରି ।
ଇନ୍ଦୁ ଆସୁଥାଏ ଲୁଚିଲୁଚି କରି,
ଦେହ ସୁସଜ୍ଜିତ କରି ॥

ISSN NO.
2582-208X

ଚାହୁଁଚାହୁଁ କ୍ଷଣେ ବର୍ଷା ଆସିଗଲା,
ହେଲାନି ତାଙ୍କ ମିଳନ ।
ପ୍ରେମିକ ଆଗରେ ଜୀବନ ହାରିଲା,
ଏ କି କଲ ହେଁ ଜଳଦ ॥

ତେଜିଉଠୁଛନ୍ତି ହୋଇ ଅସନ୍ତୁଷ୍ଟ,
ନିକଟରେ ଝିଅ ନାହିଁ ।
ଚାରିଦେଗେ ବୁଲି ପଚାରୁଛନ୍ତି ସେ—
"ଝିଅ ମୋର ଗଲା କାହିଁ ?" ॥

ତରୁକୁ ଚାହିଁଣ ପଚାରୁଛନ୍ତି ସେ,
"ଦେଖିଛ କି ଝିଅ ମୋର ?"
ସକାଳେ ହେଲାଣି ଝିଅ ମୋର ନାହିଁ,
ଲାଗୁଅଛି ମୋତେ ଡର ॥

କିଛି କ୍ଷଣ ରହି ମୁଣ୍ଡକୁ ନୁଆଇ,
କ୍ରନ୍ଦନ କରି କହିଲେ ।
ଗୋଟିଗୋଟି କରି ସବୁକୁ କହି ସେ
ନୀରବତା ରହିଗଲେ ॥

ରାଗେ ଜର୍ଜରିତ ହୋଇ ଉଠିଣ ସେ,
ଖୋଜିବାକୁ ବାହାରିଗଲେ ।
ଆଜିଏ ପର୍ଯ୍ୟନ୍ତ ଭେଟି ନାହିଁ କେବେ,
ଦେଖା ହେବ କି ଏକା ସଙ୍ଗେ ॥

(((-)))

କୋଟାମାଳ, ସିନାପାଲି
ଜିଲ୍ଲା – ନୂଆପଡା

ISSN NO.
2582-208X

# ଶ୍ୱାନକନ୍ୟା ବରଫି ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ପ୍ରଦୀପ୍ତ କୁମାର ଦାସ

ବାରିକ ସାହି କୁକୁରଙ୍କ ମିଳିତ ଆକ୍ରମଣରେ ଆମ ଆଦରଣୀୟା ଶ୍ୱାନ କନ୍ୟା ବରଫି ଦଶଦିନ ଧରି ନଖାଇ ନପିଇ ମୃତ୍ୟୁ ସହ ସଂଗ୍ରାମ କରି କରି ଶେଷରେ ଚିକିତ୍ସିତ ଅବସ୍ଥାରେ ଆଜି ସକାଳୁ ତା ମାତୃତୁଲ୍ୟା ମାଲିକାଣୀ ସଂଯୁକ୍ତା ହାତରୁ ଅଶ୍ରୁଳ ନୟନରେ ଶେଷ ଖାଦ୍ୟ ସ୍ୱରୂପ ମାତ୍ର ତିନୋଟି ବିସ୍କୁଟ ଖାଇ ମୋ ଶୋଇବା ଘରର ଖଟ ତଳେ ଶେଷ ନିଦ୍ରା ଯାଇଥିଲା । କେତେବେଳେ ତା ପ୍ରାଣବାୟୁ ଉଡ଼ିଯାଇଲା ଆମେ କେହି ଜାଣି ପାରି ନଥିଲୁ ... ଆମେ ଦେଖିଲା ବେଳକୁ ବରଫି ଦେହରେ ଆଉ ଜୀବନ ନଥିଲା । ତା ଦେହ ବରଫ ପରି ଥଣ୍ଡା ଲାଗୁଥିଲା ... ପାଟି ଆଁ କରି ଜୁଳୁ ଜୁଳୁ ଆଖିରେ ଅତି ବିକଳରେ ସେ ଆମକୁ ଚାହିଁ ରହିଥିଲା ... ଶ୍ରୀ, ବଟ, ବୋଉ, ସଂଯୁକ୍ତା ସହ ମୋ ଆଖି ଲୁହଛଳ ଛଳ ହୋଇଗଲା । ନିଜର କେହି ଜଣେ ଦୁନିଆ ଛାଡି ଚାଲିଗଲେ ଯେମିତି କଷ୍ଟ ଲାଗେ ଠିକ ସେମିତି ଲାଗିଥିଲା ବରଫିର ମୃତ୍ୟୁରେ । ସେ ଜୀବନ କାଳ ମଧ୍ୟରେ ଆମ ଘରକୁ ସୁରକ୍ଷା ଦେଇ, ବହୁ ବିପଦ ଆପଦରୁ ଆମକୁ ରକ୍ଷା କରି ମାତ୍ର ଚାରି ବର୍ଷ ଆମ ମମତା ବଳୟରେ ଆତଯାତ ହୋଇ ଆଜି ଦିବସ କାଳରେ ପ୍ରଭୁ ଦିବାକରଙ୍କ ବାରରେ ଚାଲି ଯାଇଛି ଅଫେରା ରାଇଜକୁ । ସେ ବଡ଼ପାଟି କରି ଭୁକି ସମସ୍ତଙ୍କୁ ଭୟଭୀତ କରୁଥିଲା ସିନା କାହାରିକୁ କେବେ କାମୁଡୁ ନଥିଲା... ତାକୁ ଟେକା ମାରୁଥିବା, ପିଟୁଥିବା, ଗାଳି ଦେଉଥିବା ଲୋକମାନଙ୍କୁ ହିଁ ସେ ଦେଖିଲା ମାତ୍ରେ ଭୁକୁଥିଲା... ଭୁକିବା ମାଧ୍ୟମରେ ତା ପ୍ରତି ହୋଇଥିବା ଅନ୍ୟାୟ ଅତ୍ୟାଚାରର ପ୍ରତିବାଦ କରୁଥିଲା... ଆମ ଘରେ ଥିବା କୁନି ବିଲେଇ ଛୁଆ ମିକୁକୁ ସେ ସବୁଥର ଭୁଆଁ କବଳରୁ ବଞ୍ଚାଉଥିଲା... ସକାଳୁ ସଂଜେ ପ୍ରାର୍ଥନା ଶଙ୍ଖ ବାଜିଲା ମାତ୍ରେ ବରଫି ଠାକୁର ଘର ଦୁଆରେ ଆସି ପ୍ରାର୍ଥନା ସାରିବା ଯାଏଁ ବସି ରହୁଥିଲା... ଛୁଆ ସ୍କୁଟିରେ ବସିଲା ମାତ୍ରେ ସେ ବାଟ ଓଗାଳୁ ଥିଲା... କେହି ଘରକୁ ଆସିଲେ ପିଲାଏ ପ୍ରଣାମ କଲାପରି

ISSN NO.
2582-208X

ତାଙ୍କ ପାଦ ତଳେ ଲୋଟି ଯାଉଥିଲା... ଆମେ କେହି ଘରେ ନଥିଲା ବେଳେ ସେ ସୁରକ୍ଷା କର୍ମୀ ପରି ଜଗି ରହୁଥିଲା... ଥରେ ମାତ୍ର ଛଅ ମାସର ହୋଇଥିବା ବେଳେ ସେ ପନ୍ଦର ଫୁଟ ଉଚ୍ଚରେ ଥିବା ଚାଳଘର ଉପରକୁ ଟିପୁ ସହ ଯାଇ ଖେଳୁଥିବା ଅବସ୍ଥାରେ ସେଇଠୁ ତଳକୁ ଖସି ପଡ଼ିଥିଲା... ସମସ୍ତେ କହିଲେ ପଛଗୋଡ଼ ଭାଙ୍ଗି ଯାଇଛି । ସେ ଆଉ ବଞ୍ଚିବନି । ଆମେ କିନ୍ତୁ ଆଶା ନହରାଇ ତାର ଉପଯୁକ୍ତ ଚିକିତ୍ସା କରି ତାକୁ ଭଲ କରିଥିଲୁ । ଠାକୁରଙ୍କ ଆଶୀର୍ବାଦରୁ କିଛିଦିନ ତଳେ ବରଫି ମାଆ ହୋଇଥିଲା ସତ, ହେଲେ ତା ଶିଶୁ ପୁତ୍ରଟି ଭୂମିଷ୍ଠ ହେବା ପୂର୍ବରୁ ଗର୍ଭରୁ ମରି ଯାଇଥିଲା । ବହୁ କଷ୍ଟରେ ଆମେ ତା ଛୁଆଟିକୁ ତା ପାଖରୁ ଛଡ଼ାଇ ଆଣି ପଡ଼ିଆରେ ପୋତିଦେଇ ଆସିଥିଲୁ । ମୋ ପାଖରେ ସେ କୁଉଁ କୁଉଁ ହୋଇ କାନ୍ଦି କେତେ ଲୁହ ଝରାଇ ଥିଲା । ପୁଅ ବିନା ସେ ପାଗିଳୀ ହୋଇଯାଇଥିଲା । ନଖାଇ ନପିଇ ବହୁଦିନ ସେ ତା ପ୍ରଥମ ଛୁଆଟିକୁ ଖୋଜିଥିଲା । ଆମେ କୁନି କୁକୁର କଣ୍ଢେଇ ଟିଏ ଦେଇ ତାକୁ ଭଣ୍ଡେଇକି ରଖିଥିଲୁ । ଆଶା ଥିଲା ଆଉ ଗୋଟେ ଛୁଆ ହେଲେ ବରଫିର ଦୁଃଖ ଯିବ । ହେଲେ, ଆଜି ସବୁ ଆଶା ଆଶାରେ ରହିଗଲା । ବରଫି ଆମକୁ କୁନି ବରଫି ଦେବା ଆଗରୁ ଠକି ଦେଇ ଚାଲିଗଲା । ତା ବିନା ଖାଁ ଖାଁ ଲାଗୁଛି ଆମ ଘର, ଅଗଣା, ଦାଣ୍ଡ ଦୁଆର । ସେ ଥିଲା ଘରର ସଦସ୍ୟ ପରି । ସବୁବେଳେ ସେ ସମସ୍ତଙ୍କ ଠାରୁ ସ୍ନେହ ମମତା ଟିକେ ପାଇବା ପାଇଁ ଡହଳ ବିକଳ ହେଉଥିଲା । ମୁଁ ତାକୁ ଆଦରରେ 'ବଅ' ବୋଲି ଡ଼ାକି ଦେଲେ ଦୌଡ଼ି ଆସି ମୋ ପାଦ ଚାଟି ପକାଉଥିଲା । ତା ମାଲିକାଣୀକୁ ସେ ବହୁତ ଭଲ ପାଉଥିଲା । ତାକୁ ସେ ଗୋଡ଼େ ଗୋଡ଼େ ଜଗୁଥିଲା । ସେ ମିଟିଙ୍ଗ ଗଲେ, ମନ୍ଦିର ଗଲେ କିମ୍ବା କା ଘରକୁ ଗଲେ ସେ ତା ସାଙ୍ଗରେ ଯାଉଥିଲା । କୁକୁର ହେଲେବି ତା ପାଖରେ ସ୍ୱାଭିମାନ ଥିଲା । ତାକୁ ନଡାକିବା ପର୍ଯ୍ୟନ୍ତ ସେ ଖାଇବାକୁ ଆସୁନଥିଲା । ଆଜି ତାପାଇଁ ଆମ ଘରେ କାହାରି ମନ ଭଲ ନାହିଁ । କେହି ଖାଇ ନାହାଁନ୍ତି । ସେ ଆମ ଗହଣରୁ ଏତେଶୀଘ୍ର ଚାଲିଯିବ ଏକଥା ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ପ୍ରିୟ ଶରତ ସାରେ କୁନି ବରଫି କୁ ଆମ ହାତରେ ଟେକି ଦେଇ ଏବେ ଆଉ ପାରିବେ । ତାଙ୍କ ସ୍ମୃତି ସନ୍ତକ ମଧ୍ୟ ଆଜି ଆମ ପାଖରେ ନାହିଁ । ସତରେ ବରଫିର ସ୍ମୃତି ମୋ ପାଇଁ ଅଭୁଲା ହୋଇ ରହିଥିବ ସାରା ଜୀବନ । ବରଫିର ଆତ୍ମା ସଦଗତି ଲାଭକରୁ ଏତିକି ପରମପିତାଙ୍କ ପାଖରେ ପ୍ରାର୍ଥନା ।

(((-)))

କଣ୍ଟାବଣିଆ, ଛତ୍ରପଡ଼ା, ଯାଜପୁର

ISSN NO.
2582-208X

# ଜୀବନକୁ ଯଦି ଜିଇଁବାର ଅଛି

ପ୍ରିୟଦର୍ଶିନୀ ମହାପାତ୍ର

ଜୀବନକୁ ଯଦି ଜିଇଁବାର ଅଛି
ଶିଶୁ ଗହଣେ ନିଜକୁ ରଖ
ଏତେ ମାନସିକ ଚାପ ରେ କାହିଁକି
କେତେ ସୁନ୍ଦର ସଂସାର ଦେଖ ।।

ଜୀବନକୁ ଯଦି ଜିଇଁବାର ଅଛି
ସରଳତା ଟିକେ ରଖ
ଏତେ ଅହଂକାର କାହିଁ ପାଇଁ ବନ୍ଧୁ
ପଦପଦବୀ କ୍ଷଣିକ ସୁଖ ।।

ଜୀବନକୁ ଯଦି ଜିଇଁବାର ଅଛି
ଗତକାଲି କୁ ଭୁଲିବା ଶିଖ
ଆସନ୍ତା କାଲି କୁ କିଏ ବା ଦେଖିଛି
ଆଜି କୁ ଆଦରି ରଖ ।।

ଜୀବନକୁ ଯଦି ଜିଇଁବାର ଅଛି
ଛୋଟ କଥାରେ ଖୁସି କୁ ପରଖ
ହସି ହସାଅ ସଭିଙ୍କ ମେଳରେ
ସେଇତ ଅମୂଲ ସୁଖ ।।

(((-)))

ଶିକ୍ଷୟିତ୍ରୀ
ଭୁବନେଶ୍ବର

ISSN NO.
2582-208X

# ଶାନ୍ତି



କୀର୍ତ୍ତି ଦେବୀ

ପ୍ରାକୃତିକ ପରିବେଶ ହେଉଛି ଭଗବାନଙ୍କର ଏକ ବରଦାନ ଏବଂ ଏହାରି ମଧ୍ୟରେ ଶାନ୍ତି ହେଉଛି ଏକ ମୂଖ୍ୟ ଉପାଦାନ । ଭଗବାନ ଶବ୍ଦର ପ୍ରତିଟି ଅକ୍ଷର ଅର୍ଥ (ଭ-ଭୂମି, ଗ-ଗଗନ, ବ-ବାୟୁ, ଆ-ଅଗ୍ନି ଓ ନ-ନୀର) ହେଉଛି ପଞ୍ଚଭୂତର ସମାହାର । ଏହି ପରିବେଶ ପାହାଡ, ପର୍ବତ, ସମୁଦ୍ର, ନଈ, ପୋଖରୀ, ମନ୍ଦିର, ଚର୍ଚ୍ଚ, ମସଜିଦ୍, ଗୁରୁଦ୍ୱାରରେ ଅନୁଭୂତ ହୁଏ । ଶାନ୍ତି ଏହାର ଏକ ଉପାଦାନ ଯାହାକୁ ଛାଡିଦେଲେ ଏହିସବୁ ସ୍ଥାନର ମହତ୍ତ୍ୱ କଳ୍ପନା କରାଯାଇପାରେନା । ଆଜିର ଆଧୁନିକ ସମାଜରେ ମଣିଷ ଏହି ଶବ୍ଦଉ ଖୋଜିବା ଓ ଅନୁଭବ କରିବା ପାଇଁ ଅନେକ ଚେଷ୍ଟା ଚଳାଇଛି । କିନ୍ତୁ ପ୍ରକୃତ ଶାନ୍ତି ତା ନିଜ ଅନ୍ତରାତ୍ମାରେ ଅଛି ସେକଥା ସେ ଭୁଲି ଯାଇଛି । କାରଣ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସେ ସବୁ କାର୍ଯ୍ୟ କରିଚାଲିଛି । ସେଥିପାଇଁ ସେ ନିଜକୁ ଓ ନିଜ ପରିବାରକୁ ଭୁଲି ଯାଇ ଶାନ୍ତିର ବାତ୍ତାବରଣକୁ ମଧ୍ୟ ଦୂରେଇ ଦେଇଛି ।

ପ୍ରକୃତ ପକ୍ଷେ ଶାନ୍ତିରେ ରହିବା, ଶାନ୍ତି ପ୍ରଦାନ କରିବା ଓ ଶାନ୍ତିର ବାତାବରଣ ସୃଷ୍ଟି କରିବା ଅତି ସହଜ ପ୍ରଥା । ଯାହା ପାଇବାର ଯୋଗ୍ୟ ନୁହେଁ ତାରି ପଛରେ ଧାଇଁବା ହେଉଛି ଅଶାନ୍ତିର କାରଣ । ଅଳ୍ପରେ ସନ୍ତୁଷ୍ଟ ହେବା, ସରଳ ଓ ସହଜ ଜୀବନଯାପନ କରିବା, ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ସଙ୍ଗେ ସଙ୍ଗେ ସଙ୍ଗେ ସମାଜର ମଙ୍ଗଳ କରିବା ଦ୍ୱାରା ଶାନ୍ତି ଆପେ ଆପେ ଆସିଥାଏ । ଏଥିପାଇଁ ଆମକୁ ପ୍ରତ୍ୟେକ ଜୀବ ଓ ଜଡ ମଧ୍ୟରେ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରିବାକୁ ହେବ । ତାହାହେଲେ "ରାମରାଜ୍ୟ" ସୃଷ୍ଟି ହେବା ପାଇଁ ବହୁତ ସମୟ ଲାଗିବ ନାହିଁ । ଆମ ସମସ୍ତଙ୍କ ମନରୁ ରାଗ, ଦ୍ୱେଷ, ଈର୍ଷା, ଅହଂକାର, ଓ କୁସଂସ୍କାର ଭଳି ଭାବନାକୁ ତ୍ୟାଗ କରିବାକୁ ହେବ ।

ISSN NO.
2582-208X

ମାନବିକତା, ମଣିଷପଣିଆ, ପରୋପକାର ଓ ଭଲପାଇବା ଆଦି ଗୁଣସବୁ ପରସ୍ପର ମଧ୍ୟରେ ବାଣ୍ଟିଲେ ଶାନ୍ତି ଆପେ ଆପେ ସୃଷ୍ଟି ହୋଇ ସାରା ସଂସାରକୁ ଏକ ସୂତ୍ରରେ ବାନ୍ଧି ରଖିପାରିବ । ବୀଜରୁ ବୃକ୍ଷ ଯେପରି ବଡ ବଡ ହୋଇ ଛାଇ ପ୍ରଦାନ କରେ, ସେପରି ଶାନ୍ତିକୁ ପ୍ରତ୍ୟେକ ବର୍ଣ୍ଣର ଲୋକମାନେ ଉପଲବ୍ଧି କରିବାକୁ ସହଜ ମଣିବେ । ଶାନ୍ତି ମଧ୍ୟରେ ଯେଉଁ ଆତ୍ମସନ୍ତୋଷ ଓ ଆତ୍ମତୃପ୍ତି ଭରି ରହିଛି ତାକୁ ସମସ୍ତେ ବୁଝିପାରିବେ । ଏହି ଶବ୍ଦର ନାମ ଓ ମହତ୍ତ୍ୱକୁ ଯିଏ ବୁଝିଛି ଜୀବନରେ ସେ ନିଶ୍ଚିତ ଭାବରେ ଆଗେଇ ଚାଲିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସୂର୍ଯ୍ୟଙ୍କର କିରଣ, ବର୍ଷାର ଜଳ ଏବଂ ବାୟୁର ଶିତଳତା ଯେପରି ସମସ୍ତଙ୍କୁ ଆପଣାର କରିପାରେ ଠିକ୍ ସେହିପରି ଶାନ୍ତି ନିଜର ନାମକୁ ମଧ୍ୟ ସାର୍ଥକ କରିପାରେ । କିନ୍ତୁ ଏଥିପାଇଁ ଦରକାର ଆମର ନିର୍ମଳ ହୃଦୟ ଓ ନିଷ୍କପଟ ଭାବନା ଯାହା ସମସ୍ତଙ୍କୁ ନିଜର କରିପାରିବ ।

(((-)))

ସିଭିଲ୍ ଟାଉନସିପ୍, ରାଉରକେଲା
ମୋ: ୯୫୮୩୮୩୩୮୨୬

ISSN NO.
2582-208X

# ସ୍ୱାର୍ଥପର



ରଶ୍ମିପ୍ରଭା ରଣସିଂହ

ସ୍ୱାର୍ଥପର ଏଠି ସାଜିଛି ଦୁନିଆ
ସ୍ୱାର୍ଥ ପାଇଁ ଲୋଭୀ ସବୁ,
ସ୍ୱାର୍ଥରେ ସଭିଁଏ ଅନ୍ଧ ଯେ ହୁଅନ୍ତି
ମାୟାରେ କରନ୍ତି କାବୁ ।
ଦରକାର ହେଲେ ହାତ ବଢାନ୍ତି ସଭିଁଏ
ସ୍ୱାର୍ଥର ରଜ୍ଜୁରେ ବନ୍ଧା ଏ ଦୁନିଆ,
କାର୍ଯ୍ୟ ସରିଗଲେ ଭାବ ତୁଟି ଯାଏ
କାହା କଥା କିଏ ଭାବିବ କିଆଁ ।
ମାଆ ପରା ଏଠି ପୁଅକୁ ପାଳଇ
କେତେ ଯତନ ଯେ କରି,
ସେଇ ପୁଅ ପରା ଟିକେ ସ୍ୱାର୍ଥ ପାଇଁ
ମାଆକୁ ମାରଇ ଛୁରୀ ।
ଏଠି ପାଠୁଆ ପଢୁଆ ପିଲା ପରା
ହେଉଛନ୍ତି ଯେ ବିଫଳ,
ଅପାଠୁଆ ପିଲା ବିନା ପରିଶ୍ରମେ
ହେଉଛନ୍ତି ପରା ସଫଳ ।
ଏଠି ଟଙ୍କା ଆବଶ୍ୟକ ପାଇଁ
ମଣିଷ ସାଜୁଛି ଭକ୍ଷକ,
ସ୍ୱାର୍ଥ ସରିଗଲେ ଦୂରେଇ ଯାଆନ୍ତି

ISSN NO.
2582-208X

ସାଧୁ ବି ସାଜୁନି ସାଧକ।
ଏଠି ନାରୀ ପାଉନାହିଁ ସ୍ୱାଧୀନତା
ପାଉଛି ଯେ କଷ୍ଟ ଯନ୍ତ୍ରଣା,
ତଥାପି ସଭିଁଏ କହନ୍ତି ନାରୀକୁ
ବାହାରକୁ ବାହାରିବା ମନା।
ସ୍ୱାର୍ଥି ଲୋକ ଏଠି ବଞ୍ଚିଯାଉଛନ୍ତି
ନିଃସ୍ୱାର୍ଥି ଯେ ହାରୁଛନ୍ତି,
ସ୍ୱାର୍ଥପର ପରା ଦୁନିଆ ସାଜିଛି
ସ୍ୱାର୍ଥର ଆବଣ୍ଟନ ଚାଲିଛି।

(((-)))

ବାଲିଆପାଳ, ବାଲେଶ୍ୱର

ISSN NO.
2582-208X

# ଅଧ୍ୟାପକ ରାମଚନ୍ଦ୍ର ମିଶ୍ରଙ୍କ ନାଟକରେ ପାରିବାରିକ ସଙ୍କଟ: ଏକ ଅଧ୍ୟୟନ



ଦିଲ୍ଲୀପ କୁମାର ସାମଲ

ଓଡ଼ିଆ ନାଟ୍ୟ ସାହିତ୍ୟ ଆକାଶର ଜଣେ ଦୀପ୍ତିମାନ ନକ୍ଷତ୍ର ହେଉଛନ୍ତି ଅଧ୍ୟାପକ ରାମଚନ୍ଦ୍ର ମିଶ୍ର। ନୟାଗଡ଼ ଜିଲ୍ଲାର ଦଶପଲ୍ଲାଠାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମିଶ୍ର, ମାତ୍ର ଆଠ ବର୍ଷ ବୟସରୁ ତାଙ୍କର ନିଃସନ୍ତାନ ମାମୁ ଓ ମାଇଁଙ୍କ ପୋଷ୍ୟପୁତ୍ର ଭାବେ ନୟାଗଡ଼ ସହର ନିକଟସ୍ଥ ଶୁକଳଗାଡିଆ ଗ୍ରାମକୁ ଚାଲିଆସିଥିଲେ। ପିଲାଟି ଦିନରୁ ନାଟ୍ୟକଳା ପ୍ରତି ଗଭୀର ରୁଚି ରଖିଥିବା ଏହି ସ୍ରଷ୍ଟାଙ୍କ ଜୀବନ ଓ ସାଧନା ପରବର୍ତ୍ତୀ ସମୟରେ ଓଡ଼ିଆ ମଞ୍ଚ ଜଗତକୁ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତାଙ୍କର ସାରସ୍ୱତ ସାଧନାର ପ୍ରଥମ ସ୍ୱାକ୍ଷର ଭାବେ ୧୯୭୬ ମସିହାରେ "ଶୋଣିତ ସ୍ୱାକ୍ଷର" ନାଟକ ପ୍ରକାଶିତ ତଥା ମଞ୍ଚସ୍ଥ ହୋଇଥିଲା। ଏହି ନାଟକ ପରଠାରୁ ତାଙ୍କ ଲେଖନୀରୁ ନିଃସୃତ ପ୍ରତିଟି ନାଟକ ସମାଜର ଜୀବନ୍ତ ଚିତ୍ର ଓ ଶିଳ୍ପାନୁଭୂତିର ନୂତନ ସ୍ୱାକ୍ଷର ବହନ କରି ଆସିଛି। ତାଙ୍କର ଉଲ୍ଲେଖନୀୟ ନାଟ୍ୟକୃତିଗୁଡ଼ିକ ମଧ୍ୟରେ "ଉପତ୍ୟକାର ହସ", "ଅନେକ ଛାଇ ଅସରନ୍ତି ଅନ୍ଧାର", "ମରୁମନ୍ଥନ", "ଆମେ ଅକିଞ୍ଚନ", "ନାୟିକାର ନାଁ ଲୁସି", "ଏକାନ୍ତ ନିଜସ୍ୱ" ଆଦି ଅନ୍ୟତମ। ଏହି ଛୋଟ-ବଡ଼ ଅନେକ ନାଟକ ମାଧ୍ୟମରେ ସେ ସମାଜର ମଧ୍ୟବିତ୍ତ ମଣିଷର ମାନସିକ ଅନ୍ତର୍ଦ୍ୱନ୍ଦ୍ୱକୁ ଅତି ନିଖୁଣ ଭାବେ ରୂପାୟିତ କରିଛନ୍ତି।

ତାଙ୍କର ନିରବଚ୍ଛିନ୍ନ ସାହିତ୍ୟିକ କୃତି ପାଇଁ ସେ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ଉଚ୍ଚ ପ୍ରଶଂସିତ ଓ ସମ୍ମାନିତ ହୋଇଛନ୍ତି। ବିଶେଷକରି, ତାଙ୍କର ଚର୍ଚ୍ଚିତ ନାଟକ "ଏକାନ୍ତ ନିଜସ୍ୱ" ପାଇଁ ସେ ୨୦୦୭ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ବିଭୂଷିତ ହୋଇଛନ୍ତି। ଜଣେ ନିଷ୍ଠାପର ଅଧ୍ୟାପକ ଭାବେ ଶିକ୍ଷାଦାନ ସହିତ ନାଟ୍ୟ ସର୍ଜନାରେ ନିଜକୁ ନିୟୋଜିତ କରି ସେ ଓଡ଼ିଆ ନାଟ୍ୟ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ISSN NO.
2582-208X

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ହେଉଛନ୍ତି ଜଣେ ସଫଳ କାରିଗର, ଯିଏ ପରିବାର ଭିତରେ ଘଟୁଥିବା ଏହି ସୂକ୍ଷ୍ମ ଅଥଚ ଗଭୀର ସଙ୍କଟଗୁଡ଼ିକୁ ଅତି ନିକଟରୁ ପରଖିଛନ୍ତି। ତାଙ୍କ ଲେଖନୀରେ ଗୋଟିଏ ପଟେ ଯଦି ପାରିବାରିକ ଆଦର୍ଶର ଜୟଗାନ ରହିଛି, ଅନ୍ୟପଟେ ସମାଜର ବଦଳୁଥିବା ସ୍ଥିତିରେ ପରିବାର କିଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି, ତାହାର ନିଖୁଣ ଚିତ୍ର ମଧ୍ୟ ରହିଛି।

ପରିବାର ମଧ୍ୟରେ ଘଟୁଥିବା ନାନା ସମସ୍ୟାକୁ ନେଇ ଅତୀତରେ ବହୁ ନାଟକ ରଚିତ ହୋଇଛି। ତେବେ ଉତ୍ତର ଅଶୀ ପରବର୍ତ୍ତୀ ସମୟରେ ଏଥିରେ ଅନେକ ପରିବର୍ତ୍ତନ ଆସିଛି। ପାରିବାରିକ ସଂକଟ ତଥା ପରିବାରରେ ଆଦର୍ଶଗତ ବିଭେଦତା ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ମଧ୍ୟରେ ଦେଖାଦେଇଛି। ବୟୋଜ୍ୟେଷ୍ଠଙ୍କ ନୀତି ଆଦର୍ଶ ପାଳନ କରିବା ପାଇଁ ଯୁବ ସମାଜ ଗୌରବ ମନେ କରିବା ତଥା ଆଗ୍ରହର ସହ ତୁଲାଇବା ମାନସିକତା ବର୍ତ୍ତମାନ ପିଢ଼ିରେ ଦୃଷ୍ଟିଗୋଚର ହୁଏ ନାହିଁ। ବର୍ତ୍ତମାନ ସମାଜରେ 'ପୁରାତନ ନୀତି ଆଦର୍ଶକୁ ନେଇ ବଞ୍ଚିବା ସମ୍ଭବପର ନୁହେଁ ବୋଲି ଯେଉଁ ଚିନ୍ତାଧାରା ଉତ୍ତର ପିଢ଼ିର ଯୁବଗୋଷ୍ଠୀଙ୍କ କ୍ଷେତ୍ରରେ ଦେଖାଦେଇଛି ତାହା ଏକ ଭିନ୍ନ ମାନସିକତା ତିଆରି କରୁଛି। ସଂପ୍ରତି ପରିବାର ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ତଥା ଗୁରୁଜନଙ୍କ ପ୍ରତି ଉପେକ୍ଷା ଏକ ସାଧାରଣ କଥା ହୋଇଯାଇଛି। ଏ ଧାରାରେ ନାଟ୍ୟକାର ଅଧ୍ୟାପକ ମିଶ୍ର ନାଟକଗୁଡିକରେ ଆଦର୍ଶ ଓ ନୈତିକତା ପ୍ରତି ଅନାସ୍ଥା ଭାବ ପୋଷଣର ଚିତ୍ର ଲକ୍ଷ୍ୟ କରୁ। ପାରିବାରିକ ପ୍ରସଙ୍ଗକୁ ନେଇ ଶ୍ରୀ ମିଶ୍ରଙ୍କ 'ଆମେ ଅକିଞ୍ଚନ' ନାଟକରେ ଦେଖାଯାଏ ଚିଫ୍ ଇଞ୍ଜିନିୟର ଉମାକାନ୍ତ ଓ ପୁତ୍ରବଧୂ ସମସ୍ତେ ଶାସନ ବାହାରେ କେହି କାହାର ପରାମର୍ଶ ତଥା କଥା ଶୁଣିବାକୁ ନାରାଜ । ସବୁ ମନମୁଖୀ ଶାସନ ଚାଲେ। ନିଜ ଇଚ୍ଛା ମୁତାବକ କାର୍ଯ୍ୟ ହୁଏ। ଉମାକାନ୍ତଙ୍କ ପୁତ୍ରବଧୂ, ନିଜ ପତ୍ନୀ ରଜନୀଗନ୍ଧା ନିଜନିଜ ଆଦର୍ଶ ନୈତିକତା ଠାରୁ ବହୁ ଦୂରରେ। ଦୁଇ ବନ୍ଧୁ ଶଶାଙ୍କ ଓ ଉମାକାନ୍ତ ବହୁଦିନ ପରେ ସାକ୍ଷାତ ହୋଇ ବାର୍ତ୍ତାଳାପ କରୁଥିବା ସମୟରେ ସାନ ପୁଅ ବିଭୁପାଦ ତା'ର ବନ୍ଧୁମାନଙ୍କ ସହ ପ୍ରବେଶ କରି ସେ ଦୁଇ ଜଣଙ୍କୁ ନୀତି ବାଣୀ ଶୁଣାନ୍ତି। ଧର୍ମ ପ୍ରଚାର ନାଁରେ ସ୍ୱାର୍ଥସାଧନ ଚିନ୍ତା କରନ୍ତି ଏବଂ କ୍ରିଷ୍ଣା କନସସ୍ ସୋସାଇଟି (KCC) ଲାଇଫ ମେମ୍ବର ହେବାକୁ ପ୍ରବର୍ତ୍ତାନ୍ତି। ପିତା ଉମାକାନ୍ତଙ୍କୁ ହେୟ ଜ୍ଞାନ କରି ଭୁଲ ରାସ୍ତାରେ ପାଦ ଥାପନ୍ତି। ପୁନଶ୍ଚ ବଡ଼ ପୁଅ ରଞ୍ଜନ ଏବଂ ବୋହୂ ମାମା ରାତ୍ରି ଅଧରେ ଦୁହେଁ ମଦ ନିଶାରେ ଘରକୁ ଫେରୁଥିବା ବେଳେ ପତ୍ନୀ ରଜନୀଗନ୍ଧା ପପ୍ ବାର ଯାଇ ନିଜର ଅସ୍ତିତ୍ୱ କଳା ସଂସ୍କୃତିକୁ ଭୁଲି ଯାଆନ୍ତି। ତେବେ ଏଠାରେ ଲକ୍ଷ୍ୟ

ISSN NO.
2582-208X

କରାଯାଇପାରେ ଏଥି ପାଇଁ ଦାୟୀ ପରିବାର ମୁଖ୍ୟଲୋକ। ସବୁବେଳେ ନିଜ କାର୍ଯ୍ୟରେ ବ୍ୟସ୍ତ। କେହି କାହାକୁ ସମୟ ଦେବା ପାଇଁ ନାରାଜ। ଯାହା ଫଳରେ ଆଦର୍ଶ ନୈତିକତା ପାଇବା ପ୍ରତି ବଦଳରେ ନାନା ବିଶୃଙ୍ଖଳା ପରିବେଶକୁ ପ୍ରବେଶ କରାନ୍ତି। ଫଳରେ ପିତା-ପୁତ୍ର, ପତି-ପତ୍ନୀ, ଭାଇ-ଭାଇ, ଭାଇ-ଭଉଣୀ ମଧ୍ୟରେ ବୁଝାମଣାରେ ତାଳମେଳ ରହୁନାହିଁ। 'ଏକାନ୍ତ ନିଜସ୍ୱ' ନାଟକରେ ମଧ୍ୟ ସେହି ଆଦର୍ଶଗତ ପାର୍ଥକ୍ୟ ଦେଖାଯାଏ। ପିତା ପୁତ୍ର ସମ୍ପର୍କ ମଧ୍ୟରେ ଆଧୁନିକତାର ପ୍ରବେଶ। ଯାହା ଦ୍ୱାରା ଚିନ୍ତା ଚେତନାରେ ଖାପ ଛଡ଼ା ଦେଖାଯାଏ। ନାଟକ ମଧ୍ୟରେ ନାଟକର ଲେଖକ ଧୂର୍ଜଟି ରାତି ଅଧରେ ନାଟକ ରଚନା କରୁଥିବା ବେଳେ ତାଙ୍କ ନାଟକରେ ଚରିତ୍ରଗୁଡ଼ିକ ମଧ୍ୟରେ କିଛି ତାରତମ୍ୟ ଦେଖି ପୁତ୍ର ଶୈଳେନ୍ଦ୍ରକୁ ଅଟକାଇବା ପାଇଁ କୁହନ୍ତି। ଶୈଳେନ୍ଦ୍ର ବୁଝିପାରେ ନାହିଁ। ବିରକ୍ତି ଭାବ ପ୍ରକାଶ କରେ। ଯାହା ଦୁହିଁଙ୍କ ବାର୍ତ୍ତାଳାପରୁ ଜଣାପଡେ।

"ଶୈଳେନ୍ଦ୍ର- କାହା କଥା କହୁଛ ବାବା ?

ଧୂର୍ଜଟି- ଏଇ ହାର ଆଉ ତା' ସ୍ୱାମୀ ସନିଆ। ଏଇ ସାଙ୍ଗେ ସାଙ୍ଗେ ଚାଲିଗଲେ।

ଶୈଳେନ୍ଦ୍ର- ତୁମ ମୁଣ୍ଡ ବିଗିଡ଼ି ଗଲାଣି ବାବା

ଧୂର୍ଜଟି- ମୋ ମୁଣ୍ଡ ବିଗିଡ଼ି ଯାଇଛି।

ଶୈଳେନ୍ଦ୍ର- ହବନି ? ... ଏତେ ରାତି ପର୍ଯ୍ୟନ୍ତ ଚେଇଁ ରହିଲେ ଆମ ଭଳି ଟୋକା ମୁଣ୍ଡ ତ ବିଗିଡ଼ିଯିବ ଆଉ ତମେ ତ ସହଜେ ବୁଢ଼ା ହେଲଣି... ମୁଣ୍ଡଟାକୁ ଟିକିଏ ରେଷ୍ଟ ଦିଅ।"(ପୃ.୩୫)

ଏ ସବୁ ଭିତରେ ପିତାଙ୍କ କାର୍ଯ୍ୟକଳାପ ପୁତ୍ରଙ୍କୁ ପସନ୍ଦ ହେଉନଥିବା ବେଳେ ପୁତ୍ରର କାର୍ଯ୍ୟକଳାପ ପିତାଙ୍କୁ ପସନ୍ଦ ଆସେ ନାହିଁ। ଯେଉଁଠିକି ଏକ ଆଦର୍ଶଗତପାର୍ଥକ୍ୟ ଲକ୍ଷ୍ୟ କରାଯାଇପାରେ। ନାଟ୍ୟକାର ଛୋଟ ନାଟକ ପୁସ୍ତକ 'ବଂଶବୃକ୍ଷ" ରେ ମଧ୍ୟ ଏହି ଆଦର୍ଶଗତ ପାର୍ଥକ୍ୟ ପରିଲକ୍ଷିତ ହୁଏ। 'ଘର' ନାଟକରେ ପରିବାର ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ସହ ବୟୋଜ୍ୟେଷ୍ଠ ପିତା ମାତାଙ୍କୁ ଉପେକ୍ଷା କରାଯାଇଥିବା ଲକ୍ଷ୍ୟ କରାଯାଏ। ଦେଶର ଗରିବ ଜନତା ସେବା କରିବା ଆଶା ବିଶ୍ୱାସ ନେଇ ଯେଉଁ ପୁତ୍ର ବିଭାବସୁକୁ ଇଞ୍ଜିନିୟର, ଝିଅ ଅରୁନ୍ଧତୀକୁ ଡାକ୍ତର କରାନ୍ତି ସେମାନେ ନିଜ ନିଜ ସ୍ୱାର୍ଥ ସାଧନ ତଥା

ISSN NO.
2582-208X

ଅର୍ଥ ପଛରେ ଧାବମାନ ହୋଇ ସେବା ନାମରେ ସୁଦୂର ଆମେରିକା ଓ ଦ.ଆଫ୍ରିକା ଚାଲିଯାଆନ୍ତି। ପିତା ଶ୍ରୀଧର ଠିକ୍ କରିଥିବା ପାତ୍ର ବଶିଷ୍ଠକୁ ପ୍ରତ୍ୟାଖ୍ୟାନ କରି ଝିଅ ଅରୁନ୍ଧତୀ ଡ. ଯୋସେଫାଇନକୁ ବିବାହ କରେ। ଏସବୁ ଭିତରେ କୋହଭରା କଣ୍ଠରେ ଗାୟତ୍ରୀ କୁହନ୍ତି, "ସଂସାର ଭିତରେ ଘର କରିଥିଲେ...ପଥର ପଡ଼ିଲେ ସହି।" (ପୃ.୨୭) ହେଲେ ସେହି ପଥର କାନ୍ଧରେ ଚାପି ହୋଇଯାଆନ୍ତି ଯାହା ସାହାଯ୍ୟରେ ସଳଖି ଠିଆ ହେବା ପାଇଁ ଶକ୍ତି ଆସେ ନାହିଁ। ଚିନ୍ତାଧାରା ତଥା ମାନସିକତାରେ ଅସମାନତା ଫଳରେ ପରସ୍ପର ମଧ୍ୟରେ ବୁଝାମଣାରେ ଅଭାବ ଦେଖାଦେଉଛି। 'ଫେରିବାଲା' ନାଟକରେ ଶିକ୍ଷିତ ବ୍ୟାଙ୍କ ଅଫିସର ବିକାଶ ରାୟଙ୍କ ପରିବାରରେ ଭାଇ ଭଉଣୀ ସଂପର୍କରେ ସମ୍ପତ୍ତି ପାଇଁ ତିକ୍ତତା, ବିଶୃଙ୍ଖଳା, ମନୋମାଳିନ୍ୟ ଦେଖା ଦେଇଛି। 'ବଂଶବୃକ୍ଷ' ନାଟକରେ ଶିକ୍ଷକ ଦ୍ୱାରିକାନାଥ ସେବା କରିବାର ଯେଉଁ ଲକ୍ଷ୍ୟ ନେଇ ପୁତ୍ର ଦିନେଶକୁ ଇଞ୍ଜିନୟର କରାଇଥିଲେ, ସେ ଆଜି ପଥଭ୍ରଷ୍ଟ। ଦିନେଶଙ୍କ ପତ୍ନୀ ଅତ୍ୟାଧୁନିକ। ଶ୍ୱଶୁରଙ୍କ କାର୍ଯ୍ୟକଳାପକୁ ସେ ପସନ୍ଦ କରନ୍ତି ନାହିଁ। ଫଳରେ ପିତା ଦ୍ୱାରିକାନାଥ ଏବଂ ପୁତ୍ର ବଧୂ ମଧ୍ୟରେ ମତାନ୍ତର ଦେଖାଦେଇଛି। ବୟସର ଅପରାହ୍ନରେ ପୁତ୍ରବଧୂଙ୍କ ଠାରୁ ଯାହା ପାଇବାର ଆଶା କରାଯାଏ ତାହା ମିଳେ ନାହିଁ। 'ଭାଇ ଭାଗ' ନାଟକରେ କଷ୍ଟ ସହି ଦୁଃଖୀ ଓ ସୁଲି ପୁତ୍ର ତୁଲ୍ୟ ସାନଭାଇ ପ୍ରକାଶକୁ ପାଠ ପଢ଼ାଇ ମଣିଷ କରାନ୍ତି। ଉଚ୍ଚ ଶିକ୍ଷିତ ସାନ ଭାଇ କିନ୍ତୁ ବଡ଼ ଭାଇର ତ୍ୟାଗ, ଭାଉଜର ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କକୁ ବୁଝିପାରିଲେ ନାହିଁ। ଯେଉଁ ଆଶା ଆକାଂକ୍ଷାକୁ ନେଇ ବୃଦ୍ଧ ସନାତନ ଶେଷ ନିଃଶ୍ୱାସ ତ୍ୟାଗ କରିବାକୁ ଚାହିଁଛନ୍ତି ତାହା ସେ ପାଇନଥାନ୍ତି। ଯୁବଗୋଷ୍ଠୀ ପରିବାରର ଗୁରୁତ୍ୱ ବୁଝିବାକୁ ଆଜି ଅକ୍ଷମ। 'ଅନ୍ୟପକ୍ଷ' ନାଟକରେ ଶଯ୍ୟାଶାୟୀ ଧରଣୀଧର ପତ୍ନୀ ସନ୍ତାନ ସନ୍ତତି ସମ୍ପତ୍ତି ଭାଗକୁ ନେଇ ଆହା ପଦେ କହି ସେବା କରିବା ପାଇଁ ପାଖ ମାଡ଼ନ୍ତି ନାହିଁ। ନିଜ ଲୋକ ପର ଓ ପର ଲୋକ ନିଜର ପାଲଟି ଯାଏ, ଯାହାର ଜ୍ୱଳନ୍ତ ଉଦାହରଣ ଘରର ପୂଜାରୀ କାଶୀ।

'ଗାନ୍ଧାରୀର ଅଶ୍ରୁ' ଛୋଟ ନାଟକ ସଂକଳନ ପୁସ୍ତକରେ ସ୍ଥାନିତ ନାଟକଗୁଡିକରେ ମଧ୍ୟ ପାରିବାରିକ ସମସ୍ୟା ତଥା ନୀତି ଆଦର୍ଶ ପ୍ରତି ଉପେକ୍ଷା କରାଯାଉଥିବା ଦେଖାଦେଇଛି। 'ଗାନ୍ଧାରୀର ଅଶ୍ରୁ' ନାଟକର ଅନ୍ତଃସ୍ୱର କୁହାଯାଇପାରେ, 'ମାନବ ସେବା ହିଁ ମାଧବ ସେବା'। ସଂପ୍ରତି ଆଧୁନିକ ଯୁବଗୋଷ୍ଠୀ ଯେଉଁ ଭଳି ଭାବେ ନୀତି ଆଦର୍ଶ ମୂଲ୍ୟବୋଧରୁ ବିଚ୍ୟୁତ ହେଉଛନ୍ତି, ଏକ ସୁସ୍ଥ ସମାଜ ଗଠନ କରିବା କଷ୍ଟକର ବ୍ୟାପାର। ସାଧାରଣତଃ ଆମ ମଧ୍ୟବିତ୍ତ ପରିବାରଗୁଡିକରେ ଏହି ମାନବୀୟ ମୂଲ୍ୟବୋଧ ଭିତ୍ତିକ ସଙ୍କଟ ଦିନକୁ

ISSN NO.
2582-208X

ଦିନ ଜଟିଳ ରୂପ ନେବାରେ ଲାଗିଛି। ଉକ୍ତ ନାଟକରେ ସର୍ବେଶ୍ୱର ବାବୁ ହେଉଛନ୍ତି ସେହି ସଂକଟର ଜଣେ ପ୍ରତ୍ୟକ୍ଷ ଅନୁଭବି ଚରିତ୍ର। ବୃତ୍ତିରେ ଅଧ୍ୟାପକ ଭାବେ କାର୍ଯ୍ୟକରି ଆସୁଥିବା ସର୍ବେଶ୍ୱର ସବୁ ନୀତି ଓ ଆଦର୍ଶକୁ ନେଇ କେବେ ମଧ୍ୟ ଜୀବନର ସାଲିସ କରିନେଇ ନାହାନ୍ତି ବରଂ ନିଜ ସନ୍ତାନମାନଙ୍କୁ ନୀତିନିଷ୍ଠ ଜୀବନ ଜୀଇଁବା ପାଇଁ ସବୁବେଳେ ପ୍ରବର୍ତ୍ତାଇଛନ୍ତି। ସବୁ ବାପା ମାଆଙ୍କ ପରି ସର୍ବେଶ୍ୱର ଏବଂ ତାଙ୍କ ପତ୍ନୀ ଛାୟା ଦେବୀ ନିଜ ସନ୍ତାନମାନଙ୍କ ଭବିଷ୍ୟତକୁ ନେଇ ଦେଖିଥିଲେ ଅନେକ ସ୍ୱପ୍ନ। ସର୍ବେଶ୍ୱର ବାବୁ ଚାହିଁଥିଲେ ଝିଅ ଡାକ୍ତର ହେବ। ଅଗଣିତ ଗରିବମାନଙ୍କୁ ନିସ୍ୱାର୍ଥପର ସେବା ଯୋଗାଇବା ଓ ଛାୟାଦେବୀଙ୍କ ସ୍ୱପ୍ନ ମୁତାବକ ପୁତ୍ର ଅନୁଭବ IAS ଭଳି ପ୍ରତିଷ୍ଠିତ ଚାକିରୀରେ ଯୋଗଦେଇଛି। ସ୍ୱପ୍ନ ବାସ୍ତବ ରୂପ ଧାରଣ କରି ସତ, ହେଲେ ଯେଉଁ ଆଶା ଆକାଂକ୍ଷା ନେଇ ପୁତ୍ରକୁ IAS କାରାଇଥିଲେ ସେ ଆଜି କ୍ଷମତା ଓ ଅହମିକାର ମିଥ୍ୟା ପ୍ରାଚୁର୍ଯ୍ୟ ଉପରେ ଛିଡ଼ା ହୋଇ ଅଟ୍ଟହାସ୍ୟ କରୁଛି। ପିତାମାତାଙ୍କୁ ଦେଇଛି ଅସରନ୍ତି ଦୁଃଖ ଆଉ ଯନ୍ତ୍ରଣା। ଅର୍ଥ ଓ କ୍ଷମତାରେ ଭିଜି ଯାଇ ଏହି ସଭ୍ୟ ମଣିଷମାନଙ୍କଠାରୁ ମାନବିକତା ଧିରେ ଧିରେ ବିଲୁପ୍ତ ହେବା ସହ ନୀତି ଆଦର୍ଶ ତଥା ନିଜର ଅସ୍ତିତ୍ୱକୁ ଭୁଲି ଗଲାଣି। ଏହି ନୀତି ଆଦର୍ଶ ନୈତିକତା ପ୍ରତି ଅନାସ୍ଥା ଭାବ ପୋଷଣ କରିଛି ସର୍ବେଶ୍ୱରଙ୍କ ପୁତ୍ର ଅନୁଭବ। ଫଳରେ ବୃଦ୍ଧ ପିତା ମାତାଙ୍କ ଆଶା ଆଶାରେ ରହିଯାଏ। ପୁତ୍ରବଧୂର ତଡ଼ା ଖାଇ ବୃଦ୍ଧାଶ୍ରମରେ ଆଶ୍ରୟ ନିଅନ୍ତି। ବୃଦ୍ଧ ପିତାମାତାଙ୍କ ପ୍ରତି ଅସ୍ୱାଭାବିକ ଆଚରଣ ତଥା ଉପେକ୍ଷା ସଂପ୍ରତି ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଯାଇଛି। ଯୁବଗୋଷ୍ଠୀ ସଂସ୍କାର ବିହୀନ ହୋଇପଡ଼ିଛନ୍ତି। 'ଦେଶର ବାସ୍ନା' ନାଟକରେ ମଧ୍ୟ ସର୍ବେଶ୍ୱର ଓ ଛାୟାଙ୍କ ଭଳି ସଦାନନ୍ଦ ଓ ଏକତା ନିଜ ପୁତ୍ର ଦ୍ୱାରା ଉପେକ୍ଷିତ। ଚାକିରୀ ଅବସର ଗ୍ରହଣ କରିବା ପରେ ଅବଶିଷ୍ଟ ସମୟ ପୁତ୍ରବଧୂ ନାତି ନାତୁଣୀଙ୍କ ଗହଣରେ ଅତିବାହିତ କରିବା ପାଇଁ ସମସ୍ତଙ୍କ ଭଳି ଏକତା ଓ ସଦାନନ୍ଦ ମଧ୍ୟ ଇଚ୍ଛା କରିଥିଲେ। କିନ୍ତୁ ପାଶ୍ଚାତ୍ୟ ସଭ୍ୟତା ସଂସ୍କୃତିରେ ପ୍ରଭାବିତ ତଥା ନିଜ ଦେଶର ନୀତି ଆଦର୍ଶ, ଗୁରୁଜନଙ୍କ ପରାମର୍ଶରୁ ବିଚ୍ୟୁତ ହୋଇ ଆମେରିକାରେ ରହୁଥିବା ପୁଅ ସତ୍ୟ ବୁଢ଼ା ବାପା ମାଆଙ୍କୁ ଦେଖି ଆସିବା ପାଇଁ ସମୟ ନାହିଁ ବୋଲି ରୋକ୍ ଠୋକ୍ ଜଣାଇଦିଏ। ଆଲୋଚ୍ୟ ନାଟକରେ ଶେଷ ଦୃଶ୍ୟରେ ସଦାନନ୍ଦ ଓ ଏକତାଙ୍କ ମଧ୍ୟରେ ଯେଉଁ ଆଳାପ ହେଉଛି ତାହା ଅତ୍ୟନ୍ତ ମାର୍ମିକ।

"ସଦାନନ୍ଦ– ଜାଣିଛି... ସତ୍ୟ ଆଜି କାହିଁକି ଆସୁଛି ?

ISSN NO.
2582-208X

ଏକତା – କାହିଁକି ?

ସଦାନନ୍ଦ – ଆମ ଦି' ଜଣକୁ ତା' ସାଙ୍ଗରେ ବୋଷ୍ଟନ ସହରକୁ ନେଇଯିବା... ଆମ ସେଠାରେ ରହି ନାତି ସାଙ୍ଗରେ ଖେଳିବା, ରଚନା... ଆଉ ମନା କରିପାରିବନି... ଆରେ ନାତି ରାଜିତ କ୍ୟାକରେଗା ପାଜି... ।" (ପୃ.୪୮)

'ଯୁଗାନ୍ତର' ଛୋଟ ନାଟକ ସଂକଳନ ପୁସ୍ତକରେ ସ୍ଥାନିତ 'ମୋ ସିଲଟ ଶୁଖିଯା' ରେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇ କିପରି ଆପଣା ନୀତି ଆଦର୍ଶକୁ ଅଣ ଦେଖା କରାଯାଇଛି ତାହା ଦେଖିବାକୁ ପାଉ। ଲେଖକ ବିପ୍ରଚରଣ ଓ ଅରୁନ୍ଧତୀଙ୍କ ପୁତ୍ର ପରାଶର ଆମେରିକାରେ ରହି ନିଜ ଦେଶର ସଂସ୍କୃତି ସଂସ୍କାର ଆଦର୍ଶ ନୈତିକତା ପ୍ରତି ଅନାସ୍ଥାଭାବ ପୋଷଣ କରିଛି। ପରାଶର ତା'ର ପୁତ୍ର ଏବଂ ପତ୍ନୀଙ୍କ ଭାରତୀୟ ନାମକୁ ପରିବର୍ତ୍ତନ ଆମେରିକା ନାମରେ ନାମିତ କରେ। ଏପରିକି ପରାଶର ପିତା ବିପ୍ରଚରଣଙ୍କୁ ଆମେରିକା ଚାଲି ଆସିବା ପାଇଁ କୁହନ୍ତି। ପୈତୃକ ସଂପତ୍ତି ବିକ୍ରି ପାଇଁ ପରାମର୍ଶ ଦିଅନ୍ତି। ଏସବୁ ଶୁଣି ପିତା ବିପ୍ରଚରଣ ଭାଙ୍ଗିପଡ଼ନ୍ତି। କିନ୍ତୁ ଏସବୁ ସଂପତ୍ତି, ଜଗନ୍ନାଥ ମୂର୍ତ୍ତି ଭୃତ୍ୟ ପ୍ରହ୍ଲାଦକୁ ଦେବା କଥା ଶୁଣି ଅତ୍ୟାଧୁନିକ ବଧୂ ଜୁଲି ଗାଳି କରି ଶ୍ୱଶୁରକୁ କୁହେ, "ହ୍ୱାଟ ନନସେନ୍ସ। ଏତେ ସୁନ୍ଦର କଷ୍ଟଲି ମୂର୍ତ୍ତିଟାକୁ ପ୍ରହ୍ଲାଦ କଣ କରିବ ?" (ପୃ.୨୭) ସଂପ୍ରତି ପୁତ୍ରବଧୂ ଏବଂ ପିତାମାତାଙ୍କ ମଧ୍ୟରେ ଦୂରତା ଏତେ ମାତ୍ରାରେ ବଢ଼ି ଯାଇଛି ଯେ ଯାହା ଦ୍ୱାରା ପରସ୍ପର ମଧ୍ୟରେ କଥାବାର୍ତ୍ତାରେ ସମାନତା ଆସୁ ନାହିଁ। ମନେ ହେଉଛି ନିଜ ନିଜର ସୁବିଧା ଆଦର୍ଶରେ ଅନୁପ୍ରାଣିତ। ତେଣୁ ଆଜିର ଯୁବଗୋଷ୍ଠୀଙ୍କ କ୍ଷେତ୍ରରେ ଗୁରୁଜନଙ୍କର ହିତ ଭାବନା ତଥା ସେମାନଙ୍କ ଆଦର୍ଶ, ନୀତି ଆଜି ଅଗ୍ରାହ୍ୟ ହୋଇପଡିଥିବା ମନେହୁଏ। ନାଟକରେ ବିପ୍ରଚରଣ ହାତରେ ନାତି ଡାଭିଡର ପିଲାଦିନ ଫଟୋ ଦେଖି ବିରକ୍ତି ଭାବ ପୋଷଣ କରନ୍ତି ବଧୂ ଜୁଲି। ଶ୍ୱଶୁରଙ୍କ କାର୍ଯ୍ୟକଳାପ ପସନ୍ଦ ଆସେ ନାହିଁ। ତେଣୁ ଜୁଲି କୁହେ, "ପିଲାଦିନ ଫଟୋ...ପାଷ୍ଟ ଇଜ୍ ଲଷ୍ଟ, ପାଷ୍ଟକୁ ଘାଣ୍ଟିଲେ ୱାନ୍ କ୍ୟାନ ନଟ ପ୍ରୋସିଡ୍। ନୋ...ଆଇ କ୍ୟାନ୍ ନଟ ଆଲାଓ ଇଟ୍ ।"(ପୃ.୩୧) 'ଟିକି ମାଷ୍ଟର" ନାଟକରେ ସତ୍ୟପ୍ରକାଶଙ୍କ ପୁତ୍ର ବଦ୍ରିନାଥଙ୍କ ବଧୂ ରଚନା ଅଫିସ୍ ଯାଆନ୍ତି, ହେଲେ କେତେ ରାତିରେ ଘରକୁ ଫେରିବେ ତାହା କହିବା ସମ୍ଭବ ନୁହେଁ।

ତେଣୁ ତପସ୍ୱିନୀ କୁହେ, "ନା...ସିଧା କ୍ଲବକୁ। ନାଇଟ କ୍ଲବ୍। ଯୋଉଠି ଡ୍ୟାନ୍ସ ଆଉ ଡ୍ରିଙ୍କସରେ ରାତିଗୁଡାକ ଥରି ଉଠନ୍ତି । ତା'ପରେ ନିଶାରେ ଟଳି ଟଳି ରାତି ଅଧରେ ବେଡ୍

ISSN NO.
2582-208X

ରୁମ...ତା' ପରେ...ତା' ପର ଦିନ ସକାଳ ନଅ। ଏଇ ହେଉଛି ଲାଇଫ୍ ଷ୍ଟାଇଲ...ମୋ ଡାଡ୍ ଆଉ ମମିଙ୍କର। ଜଣେ ବରିଷ୍ଠ ପ୍ରଶାସନିକ ଅଫିସର୍ ଆଉ ଜଣେ ପ୍ରଖ୍ୟାତ ସମାଜ ସେବିକାଙ୍କର... ।" (ପୃ.୭୧) ତେବେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନିଜର ଅସ୍ତିତ୍ୱ ଭୁଲି ଯାଆନ୍ତି। ଭୁଲି ଯାଆନ୍ତି ନିଜର ଦାୟିତ୍ୱ ଅଛି ବୋଲି। ଯାହା ଦ୍ୱାରା ସତ୍ୟ ପ୍ରକାଶ ଭଳି ପୁତ୍ର, ପିତା ଏବଂ ତପସ୍ୱିନୀ ଭଳି ପତ୍ନୀ, ମାତା ପିତା ତଥା ନିଜର ସନ୍ତାନ ସନ୍ତତିଙ୍କ ପ୍ରତି ଅଣଦେଖା କରନ୍ତି। ସ୍ୱାର୍ଥପର ହୋଇଉଠନ୍ତି। ଆଦର୍ଶ ନୈତିକତାରୁ ବିଚ୍ୟୁତ ରହି ଅନାସ୍ଥାଭାବ ପୋଷଣ କରି ମନମୁଖୀ ଭୁଲ୍ ରାସ୍ତାରେ ଚାଲିଥାନ୍ତି। ସେମାନଙ୍କ ପାଇଁ ଖାଲି ମଉଜ ମସ୍ତି। ସତ୍ୟପ୍ରକାଶଙ୍କ ଭଳି ବୃଦ୍ଧପିତାମାନେ ଶୁନଶାନ, ଛାତିକୁ ପଥର କରି ନିର୍ଜୀବ ବସ୍ତୁ ପାଲଟି ଯାଆନ୍ତି ଏ ସବୁକୁ ଦେଖି। କେହି କାହାରିକୁ ଶୁଣିବାକୁ ନାରାଜ। ତେବେ ଏ ସବୁକୁ ଲକ୍ଷ୍ୟ କଲେ ଜଣାଯାଏ କେଉଁଠି ନା କେଉଁଠି ଭୁଲ୍ ରହିଯାଉଛି ଯାହା ଦ୍ୱାରା ଯୁବଗୋଷ୍ଠୀ ସଂସ୍କାରହୀନ ହୋଇ ପାଶ୍ଚାତ୍ୟ ସଭ୍ୟତାରେ ପହଁରୁଛନ୍ତି ଅନ୍ୟର ପାଦରେ । ପର୍ଯ୍ୟାଲୋଚନାରୁ ଏହା ସ୍ୱଷ୍ଟ ହୁଏ ଯେ, ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସୃଷ୍ଟିସମ୍ଭାର ସଂପ୍ରତି ସମାଜର ସେହି ବିକଳ ଚିତ୍ରକୁ ପ୍ରତିଫଳିତ କରେ, ଯେଉଁଠି ଦୁଇ ପିଢ଼ି ମଧ୍ୟରେ ବଢୁଥିବା ବ୍ୟବଧାନ ଓ ବୁଝାମଣାର ଅଭାବ ପାରିବାରିକ ସଂହତିକୁ ବିପର୍ଯ୍ୟସ୍ତ କରୁଛି। ପାଶ୍ଚାତ୍ୟ ଜୀବନଶୈଳୀର ଅନ୍ଧାନୁକରଣ ମଣିଷକୁ ଏଭଳି ସ୍ୱାର୍ଥପର କରିଦେଇଛି ଯେ, ସେ ନିଜର ଜନ୍ମଦାତା ଓ ଗୁରୁଜନଙ୍କ ସେବା-ଶୁଶ୍ରୂଷାକୁ ସାମାଜିକ ଦାୟିତ୍ୱ ପରିବର୍ତ୍ତେ ଏକ ମାନସିକ "ବୋଝ" ବୋଲି ମନେକରୁଛି। ସ୍ୱାର୍ଥର ତରାଜୁରେ ମାନବୀୟ ସମ୍ପର୍କର ମୂଲ୍ୟ କ୍ରମଶଃ ହ୍ରାସ ପାଉଥିବା ବେଳେ ରାମଚନ୍ଦ୍ରଙ୍କ ନାଟକ ଏହି ନୈତିକ ଅବକ୍ଷୟ ବିରୁଦ୍ଧରେ ଏକ ଶକ୍ତିଶାଳୀ ସଚେତନତାର ସ୍ୱର ଉତ୍ତୋଳନ କରିଛି। ସେ କେବଳ ପାରିବାରିକ ସଙ୍କଟର ନିଖୁଣ ଚିତ୍ର ପ୍ରଦାନ କରିନାହାନ୍ତି, ବରଂ ସ୍ନେହ, ଶ୍ରଦ୍ଧା ଓ ପାରସ୍ପରିକ ତ୍ୟାଗ ମାଧ୍ୟମରେ ସମ୍ପର୍କର ମଧୁରତା ଫେରାଇ ଆଣିବାକୁ ସମାଜକୁ ପ୍ରେରଣା ଦେଇଛନ୍ତି। ପରିଶେଷରେ ଏହା କୁହାଯାଇପାରେ ଯେ, ତାଙ୍କ ନାଟ୍ୟ-ସୃଷ୍ଟି ଆଧୁନିକ ସମାଜର ମୂଲ୍ୟବୋଧହୀନତାକୁ କଠୋର ସମାଲୋଚନା କରିବା ସହ ଏକ ସୁସ୍ଥ, ସଂସ୍କାର ସମ୍ପନ୍ନ ଓ ଆଦର୍ଶ ପରିବାର ଗଠନ ପାଇଁ ଏକ କାଳଜୟୀ ଦିଗଦର୍ଶନ ପ୍ରଦାନ କରୁଛି।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ:

୧. ମିଶ୍ର, ରାମଚନ୍ଦ୍ର, ଏକାନ୍ତ ନିଜସ୍ୱ, କାବ୍ୟଲୋକ, ୟୁନିଟ-୧, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୦୫

୨. ମିଶ୍ର, ରାମଚନ୍ଦ୍ର, ବଂଶବୃକ୍ଷ, ବିଦ୍ୟାପୁରୀ, କଟକ, ପ୍ରଥମ ପ୍ରକାଶ -୨୦୧୦

୩. ମିଶ୍ର, ରାମଚନ୍ଦ୍ର, ଆମେ ଅକିଞ୍ଚନ, କାବ୍ୟଲୋକ, ଗ୍ୟାରେଜ ଛକ, ଲୁଇସ ରୋଡ଼ କେନାଲ ପାଖ, ଭୁବନେଶ୍ୱର,ପ୍ରଥମ ପ୍ରକାଶ-୨୦୧୫

୪. ମିଶ୍ର, ରାମଚନ୍ଦ୍ର, ଗାନ୍ଧାରୀର ଅଶ୍ରୁ, ତଥାସ୍ତୁ ପ୍ରକାଶନୀ, ୪/୨ ଦେବୋତ୍ତର କଲୋନୀ, ନୟାଗଡ଼, ପ୍ରଥମ ପ୍ରକାଶ କାଳ-୨୦୧୧

୫. ମିଶ୍ର, ରାମଚନ୍ଦ୍ର, ଯୁଗାନ୍ତର, ତଥାସ୍ତୁ ପ୍ରକାଶନୀ, ୪/୨ ଦେବୋତ୍ତର କଲୋନୀ, ନୟାଗଡ଼, ପ୍ରଥମ ପ୍ରକାଶ କାଳ-୨୦୧୫

୬. ମିଶ୍ର, ରାମଚନ୍ଦ୍ର, କଢ଼ିମା, ଦର୍ପଣ ପବ୍ଲିକେସନ, ଡି.ଟି.ଏସ୍ ରୋଡ଼, ନୟାଗଡ଼, ପ୍ରଥମ ପ୍ରକାଶ କାଳ-୨୦୧୯

୭. ବରାଳ,ଆଲୋକ, ଉତ୍ତର ଆଧୁନିକ ଓଡ଼ିଆ ନାଟକ, ଲେଖାଲେଖି, ବି. ଏଲ -୮, ଭି. ଏସ. ଏସ ନଗର, ଭୁବନେଶ୍ୱର, ପ୍ରଥମ ସଂସ୍କରଣ -୨୦୧୭

୯. ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ବିଦ୍ୟାପୁରୀ, ବାଲୁବଜାର କଟକ, ପ୍ରଥମ ପ୍ରକାଶ -୨୦୦୮

୧୦. ମିଶ୍ର, ଜ୍ଞାନୀ ଦେବାଶିଷ, ମାହୁନ୍ତ, କମଳ, ମହାରଣା, ହୃଷୀକେଶ (ସଂ), କ୍ରାନ୍ତିର କୁମ୍ଭକାର, ପେନ ଇନ ବୁକ୍ସ, ପ୍ରଥମ ପ୍ରକାଶନ-୨୦୨୩

(((-)))

ଅଧ୍ୟାପକ, ଓଡ଼ିଆ ବିଭାଗ
ଏରେନେଟିକ୍ସ ମହାବିଦ୍ୟାଳୟ, ସୁନାବେଡ଼ା
ଫୋନ୍ – ୯୮୫୩୫୭୦୦୧୯

ISSN NO.
2582-208X

# ଜୀବନ ସାଥୀ

ରଜତ କୁମାର ସାହୁ

ନିଦ ଅନ୍ଧାରେ ତୁ ଆ
ନିଦ ପୁରା କରି ଯା,
ନିତି ସପନେ ତୁ ଆ,
ସପନକୁ ସତ କରି ଯା ।
ଜୀବନର ଚଲାପଥେ
ହାତେ ଧରି ଚାଲି ଆ,
ମୋ ମନର ଅନ୍ଧାର ଭିତରେ
ଆଲୁଅ ହୋଇ ଯା,
ଏ ହୃଦୟର ମରୁଭୂମିରେ
ଫୁଲଟିଏ ହୋଇ ଫୁଟି ଯା,
ଅଧୂରା ଏହି କାହାଣୀକୁ
ସମ୍ପୂର୍ଣ୍ଣ କରି ଯା,
ମୋ ଆଖିର ଗଭୀରତାରେ
ତୁ ଛବିଟିଏ ହୋଇ ରହି ଯା,
ଜୀବନରେ ପ୍ରଥମ ଆଉ ଶେଷ
ସ୍ମୃତି ତୁ ହୋଇ ଯା ।
ପ୍ରେମର ଏହି ନୀରବ ବେଦନାକୁ
ତୁ ଥରେ ବୁଝି ଯା,
ଟିକେ ହସି ଦେଇ ତୁ
ମୋ ଦୁନିଆରେ ଖୁସି ଭରି ଯା ।
ଆସ୍ ତୁ ଏମିତି ମୋ ପାଖକୁ

ISSN NO.
2582-208X

ନିୟତି ହୋଇ ଯା,
ଜୀବନର ପ୍ରତିଟି ମୁହୂର୍ତ୍ତରେ
ସଦା ମୋ ପାଖେ ରହି ଯା,
ଜୀବନେ ଆସି ମୋର
ଜୀବନ ସାଥି ହୋଇ ଯା,
ମୋ ଭାଗ୍ୟର ଲେଖାରେ
ସଦା ତୋ ନାମ ଲେଖି ଯା ।
ସବୁ ଜନମେ ତୁ ଆ
ସବୁ ଦିନେ ମୋର ହୋଇ ଯା ।

(((-)))

ISSN NO.
2582-208X



# "ଭକ୍ତ ଚରଣ ଦାସଙ୍କ 'ମଥୁରା ମଙ୍ଗଳ' କାବ୍ୟରେ ଉପମା ଅଳଙ୍କାରର ସୌନ୍ଦର୍ଯ୍ୟ ବିଶ୍ଳେଷଣ"



ଦୁର୍ଗାପ୍ରସାଦ ପାଣିଗ୍ରାହୀ

ରୀତିଯୁଗର ସୁନାମ ତଥା ସ୍ୱନାମଧନ୍ୟ କବି ଭକ୍ତ ଚରଣ ଦାସ। ତାଙ୍କ ନାମର ପ୍ରତ୍ୟେକଟି ଶବ୍ଦ ସେବକର ପ୍ରତୀକ। ଭକ୍ତ ତଥା ଚରଣ ତଥା ଦାସ । ଉତ୍କଳର ଅଧିକାଂଶ କବିଙ୍କ ଭଳି ଭକ୍ତ ଚରଣ ନିଜ କୃତି ମାନଙ୍କରେ ଆତ୍ମ ପରିଚୟ ଦେଇ ନାହାନ୍ତି । କିମ୍ବଦନ୍ତୀ ତଥା ଜନଶ୍ରୁତିରୁ ଯାହା ଶୁଣାଯାଏ ତାହା ତାଙ୍କ ପରିଚୟ ସମ୍ପର୍କରେ ଅତି ସାମାନ୍ୟ । ତାଙ୍କ ଜନ୍ମ ସମ୍ପର୍କରେ ଠିକ୍ ତଥ୍ୟ ଉପଲବ୍ଧ ନାହିଁ। ଗବେଷଣାରୁ ବିଭିନ୍ନ ଗବେଷକ ତଥା ସମାଲୋଚକ ଭିନ୍ନଭିନ୍ନ ମତ ଉପସ୍ଥାପନ କରନ୍ତି ତାଙ୍କ ଜନ୍ମ ସମ୍ପର୍କରେ । ଗାର୍ହସ୍ଥ୍ୟ ଜୀବନରେ ତାଙ୍କର ନାମଥିଲା ବୈରାଗୀ ଚରଣ ପଟ୍ଟନାୟକ। ତାଙ୍କର ବହୁ ଜନାଦୃତ କୃତି "ମଥୁରା ମଙ୍ଗଳ" କାବ୍ୟରୁ ବୈରାଗୀ ତଥା ଭକ୍ତ ଚରଣ ନାମର ଭଣିତା ଦେଖିବାକୁ ମିଳେ। ଯଥା – "ଏତକ ଭାଷି ଅକ୍ରୂର ଚରଚା କରଇ ବରଜ ରାଜା ବୋଲେ ବଇରାଗୀ ଭଗତ ଚରଣ ଗୋପରେ ବାଜଇ ବାଜା" (ତୃତୀୟ ଛାନ୍ଦ -ମଥୁରାମଙ୍ଗଳ )

"ଚମକି ପଡ଼ିଲା ମଥୁରା କଟକ
ବୋଲେ ବଇରାଗୀ ଭକତ ଚରଣ ଦେଖି ମନ ହେଲା ଅଟକ"
(ତ୍ରୟୋଦଶ ଛାନ୍ଦ -ମଥୁରାମଙ୍ଗଳ)

ସନ୍ୟାସ ଗ୍ରହଣ କରିବା ପରେ ସେ ଭକ୍ତ ଚରଣ ନାମ ସମେତ ଦାସ ସଂଜ୍ଞା ଗ୍ରହଣ କରିଥିଲେ। ଭକ୍ତ ଚରଣ ଓଡ଼ିଶାର ଜଣେ ଲୋକପ୍ରିୟ କବି ତାଙ୍କର କଳା କଳେବର ଚଉତିଶା, ମନବୋଧ ଚଉତିଶା ଓ ମଥୁରା ମଙ୍ଗଳ ବହୁ ପ୍ରତିଷ୍ଠିତ କାବ୍ୟ କୃତି । ଏସବୁ

ISSN NO.
2582-208X

କାବ୍ୟ କୃତିରେ ପୌରାଣିକ ତଥା ସାମାଜିକ ଏବଂ ମାନବ ଜୀବନର ବିଶେଷ ଦିଗ ପ୍ରତିଫଳିତ।

କବିର ମାନସ କନ୍ୟା କାବ୍ୟ । କନ୍ୟାଟିଏ ଅଳଙ୍କାର ବିମଣ୍ଡିତା ଯେପରି ସୁନ୍ଦର ଲାଗେ ଠିକ୍ ସେହିପରି କବିର ମାନସ କନ୍ୟା କାବ୍ୟ ଅଳଙ୍କାର ବିମଣ୍ଡିତା ହେଲେ ତାହାର ସୌନ୍ଦର୍ଯ୍ୟ ବିବର୍ଦ୍ଧିତ ହୁଏ। ଅଳଙ୍କାର ମୁଖ୍ୟତଃ ଦୁଇ ପ୍ରକାରର। ଶବ୍ଦାଳଙ୍କାର ଏବଂ ଅର୍ଥାଳଙ୍କାର । ଶବ୍ଦାଳଙ୍କାରରେ ଅଳଙ୍କାର ପ୍ରକାର ସୀମିତ ହେଲେ ହେଁ ଅର୍ଥାଳଙ୍କାରରେ ଅଳଙ୍କାର ପ୍ରକାର ଅନେକ । କବି ଭକ୍ତ ଚରଣ ଦାସଙ୍କର ବହୁଚର୍ଚ୍ଚିତ ତଥା ବହୁ ଲୋକପ୍ରିୟ କୃଷ୍ଣ ରସାତ୍ମକ କାବ୍ୟ ମଥୁରା ମଙ୍ଗଳ ଅଳଙ୍କାର ବିମଣ୍ଡିତ । କାବ୍ୟର ଛତ୍ରେ ଛତ୍ରେ ଅଳଙ୍କାର ଫୁଟି ଉଠିଛି। ଯାହାକି ଶୋଭା ବର୍ଦ୍ଧନ କରିପାରିଛି କାବ୍ୟର । ଅନେକ ପ୍ରକାର ଅଳଙ୍କାର ମଥୁରା ମଙ୍ଗଳରେ ପ୍ରତିଫଳିତ ହୋଇଥିଲେହେଁ ଆଲୋଚ୍ୟ ନିବନ୍ଧରେ ଉପମା ଅଳଙ୍କାର ସମ୍ପର୍କରେ ଆଲୋଚନା କରାଯିବ ।

ମଥୁରା ମଙ୍ଗଳ କାବ୍ୟଟି ତ୍ରିଂଶ ଛାନ୍ଦ ବିଶିଷ୍ଟ ରଚନା । ପ୍ରତ୍ୟେକ ଛାନ୍ଦରେ ଦୃଶ୍ୟମାନ ହୁଏ ଉପମା ଅଳଙ୍କାର। କାବ୍ୟର ପ୍ରଥମ ଛାନ୍ଦରେ ଚନ୍ଦ୍ର ଯେପରି ଚନ୍ଦ୍ରମା ପକ୍ଷ ଅର୍ଥାତ୍ ଶୁକ୍ଳ ପକ୍ଷରେ ବୃଦ୍ଧି ହୁଏ ଠିକ୍ ସେହିପରି ନନ୍ଦ ଗୃହରେ କୃଷ୍ଣ ଦିନକୁ ଦିନ ବୃଦ୍ଧି ହୁଅନ୍ତି। କବିଙ୍କ ବର୍ଣ୍ଣନାରେ - "ଦିନୁ ଦିନୁ ବଢ଼ିଲେ ନନ୍ଦ ଘରେ
ଚନ୍ଦ୍ର ଯେସନେ ଚନ୍ଦ୍ରମା ପକ୍ଷରେ" ( ପ୍ରଥମ ଛାନ୍ଦ -ମଥୁରାମଙ୍ଗଳ )

ଅକ୍ରୁର ଗୋପପୁରକୁ ଆସିଛନ୍ତି କୃଷ୍ଣ ବଳରାମଙ୍କୁ ମଥୁରାକୁ ଘେନି ଯିବା ନିମନ୍ତେ। ଯେତେବେଳେ କୃଷ୍ଣଙ୍କ ସହିତ ଅକ୍ରୁରଙ୍କ ଦର୍ଶନ ଏବଂ ପରସ୍ପର ଆଲିଙ୍ଗନ ହୋଇଛନ୍ତି ସେତେବେଳ ଅକ୍ରୁରଙ୍କ ନୟନରୁ ନୀର ବହି ବକ୍ଷ ତିନ୍ତି ଯାଇଛି । ଜଳରେ ଲବଣ ଦ୍ରବିଭୂତ ହେଲାଭଳି କୃଷ୍ଣଙ୍କ ପ୍ରେମରେ ଅକ୍ରୁର ମଜ୍ଜିଯାଇଛନ୍ତି । କବିଙ୍କ ଭାଷାରେ -

"ନୟନୁ ଧାର ବହି ଉର ତିନ୍ତିଲା ଚାହୁଁ ଚାହୁଁ
ଜଳେ ଲବଣ ପ୍ରାୟେ ପ୍ରେମେଣ  ମଜିଲା କହୁଁ କହୁଁ"
(ଦ୍ୱିତୀୟ ଛାନ୍ଦ -ମଥୁରାମଙ୍ଗଳ )

ISSN NO.
2582-208X

ମଥୁରାଧିପତି କଂସ ନନ୍ଦକୁ ଚିଟାଉ ଲେଖିଛନ୍ତି ସେଥିରେ ନିଜର ବଳ, ବିର୍ଯ୍ୟ, ଗୁଣ, ଜ୍ଞାନ ସମ୍ପର୍କରେ ବର୍ଣ୍ଣନା ସମେତ ଯାଦବକୁଳ ଯଦି କୁମୁଦବନ ହୁଏ ତେବେ ସେ ସ୍ୱୟଂ ନିଶାମଣି ସଦୃଶ, ସୌନ୍ଦର୍ଯ୍ୟରେ କାମଦେବ ଠାରୁ ଅଧିକ ଏବଂ ସହନଶୀଳତାରେ ଧରଣୀ ସହ ସମକକ୍ଷ ବୋଲି କହିଛନ୍ତି । କବିଙ୍କ ରଚନାରେ –

"ଯାଦବକୁଳ କୁମୁଦ ବନ ପ୍ରାଏ, ମୁଁ ତହିଁକି ନିଶାମଣି
ସୁନ୍ଦର ପଣରେ କାମ ସରି ନୁହଇ, ସହିବା ପଣେ ଧରଣୀ"
(ତୃତୀୟ ଛାନ୍ଦ -ମଥୁରାମଙ୍ଗଳ )

କୃଷ୍ଣଙ୍କ ମଥୁରା ଗମନ କଥା ଶ୍ରବଣ ପରେ ଗୋପପୁର ଲୋକେ ଦୁଃଖାଭିଭୂତ ହୋଇ ପଡ଼ିଛନ୍ତି । ବଜ୍ରାଘାତରେ ବୃକ୍ଷ ପର୍ବତ ଧ୍ୱଂସ ହେଲାପରି ଗୋପ ଗୁଆଳୀ ମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ଉଠିଛି। ଯାହାକୁ କବି ଭକ୍ତ ଚରଣ ବର୍ଣ୍ଣନା କରିଛନ୍ତି –

"ଶୁଣି ଗୋପପୁର ଜନେ ହୋଇଲେ ଆରତ
ବଜ୍ର ବାଜି ଥାବର ହୁଅଇ ଯେହ୍ନେ ପାତ
ସେହିମତି ହେଲେ ଗୋଇ
ଏକକୁ ଆରେକ ବୋଲେ କି କରିବା ସହି" ( ଚତୁର୍ଥ ଛାନ୍ଦ -ମଥୁରାମଙ୍ଗଳ )

ରବି ଦର୍ଶନରେ ଅରବିନ୍ଦ ଅବସ୍ଥା, ଅନ୍ଧଜନର ଚକ୍ଷୁ ପ୍ରାପ୍ତ ଏବଂ ଚିରଦୁଃଖୀ ରତ୍ନ ଲାଭ କଲାପରେ ଯେଉଁ ଅବସ୍ଥା ହୁଏ ଠିକ୍ ସେହିପରି କୃଷ୍ଣଙ୍କ ଦର୍ଶନଭିଳାଷୀ ଗୋପୀବୃନ୍ଦ କୃଷ୍ଣଙ୍କ ଦର୍ଶନରେ ସର୍ବଦା ପ୍ରଫୁଲ୍ଲିତ ହୁଅନ୍ତି । କବିଙ୍କ ଭାଷାରେ -

"ରବି ଦେଖି ଯେହ୍ନେ ଅରବିନ୍ଦ
ଚକ୍ଷୁ ପାଇଲେ ଯେସନେ ଅନ୍ଧ
ଚିରକାଳ ଦୁଃଖୀ ରତନ ଲଭିଲେ
ଯେହ୍ନେ ହୁଅଇ ସେହୁ ଆନନ୍ଦ ହେ ମୋହନ" (ପଞ୍ଚମ ଛାନ୍ଦ -ମଥୁରାମଙ୍ଗଳ)

କୃଷ୍ଣଙ୍କ ବିନା ପଶୁ, ପକ୍ଷୀ, ବୃକ୍ଷଲତା ସମସ୍ତେ ପ୍ରାଣ ତ୍ୟାଗ କରିବେ। କାନ୍ତ ରହିତ କାନ୍ତା ପରି ଗୋପପୁର ଦିଶିବ ଅସୁନ୍ଦର । କବିଙ୍କ ବର୍ଣ୍ଣନାରେ –

ISSN NO.
2582-208X

"ଖଗ ମୃଗ ମହୀରୁହ ମାନେ ପ୍ରାଣ ହାରିବେ ତୁମ୍ଭ ବିହୁନେ
ଗୋପ ଭୁବନ ଅସୁନ୍ଦର ଦିଶିବ
କାନ୍ତ ନଥିଲେ ନାରୀ ଯେସନେ ହେ ମୋହନ" (ପଞ୍ଚମ ଛାନ୍ଦ -ମଥୁରାମଙ୍ଗଳ )

ବାତ୍ସଲ୍ୟରସାଧାରିତ ଷଷ୍ଠ ଛାନ୍ଦରେ କୃଷ୍ଣଙ୍କ ବିନା ମାତା ଯଶୋଦା ଅବସ୍ଥା ଜଳ ବିନା ମତ୍ସ୍ୟ ଏବଂ ରାଜା ବିନା ଗ୍ରାମଦେଶ ପରି ହେବ ବୋଲି ମାତା ଯଶୋଦା ସ୍ୱ ମୁଖରେ ପ୍ରକାଶ କରିଛନ୍ତି-

"ଜୀବନ ବିହୁନେ ଯେହ୍ନେ ଝସ
ରାଜା ବିନେ ଯେହ୍ନେ ଗ୍ରାମ ଦେଶରେ" ( ଷଷ୍ଠ ଛାନ୍ଦ -ମଥୁରାମଙ୍ଗଳ )

ଗୋପୀ ମାନଙ୍କ ଦୁଃଖରେ କୃଷ ସମଦୁଃଖୀ ହୋଇ ପଡ଼ିଛନ୍ତି । ଯେପରି ଚାତକ ପକ୍ଷୀ ଘନ ବା ମେଘକୁ ଦେଖି ଭୂମି ଜଳ ପାନ କରେନାହିଁ, କାରଣ ଘନ ସହିତ ତାର ପ୍ରୀତି ଭଙ୍ଗ ହେବ ବୋଲି ବିଚାର କରେ । ମୋ ସହିତ ତୁମ୍ଭମାନଙ୍କ ପ୍ରୀତି ଠିକ୍ ସେହିପରି ଅର୍ଥାତ୍ ଘନ ସହ ଚାତକ ପ୍ରୀତି ପରି। କବିଙ୍କ ଭାଷାରେ –

"ତୃଷା ଆରତେ ଯେହ୍ନେ ଚାତକ ପକ୍ଷୀ
ଭୂମି ଜଳ ନ ପିଏ ଘନକୁ ଦେଖି ହେ
ପ୍ରୀତି ଭାଜିବ ବୋଲି କରେ ବିଚାର
ସେହି ପ୍ରକାର ସିନା ତୁମ୍ଭ ଆମ୍ଭର ହେ" (ଅଷ୍ଟମ ଛାନ୍ଦ -ମଥୁରାମଙ୍ଗଳ)

ବସନ୍ତ ଋତୁବିନା ବନ, ବର୍ଷା ଶେଷରେ ନଦୀ ସମୂହ, ଅନ୍ଧାର ପକ୍ଷରେ କଳାକର, ଶୀତଋତୁରେ ପଦ୍ମ, ଚନ୍ଦ୍ର ବିନା କୁମୁଦବନ, କାନ୍ତ ବିହୁନେ କାନ୍ତା, ଧର୍ମ ବିହୁନେ ଧରଣୀ, ବେଦ ବିହୁନେ ଦ୍ୱିଜବର, ଧନ ବିନା ମାନବ, ପୁତ୍ର ବିନା ନାରୀ, ରାଜ୍ୟ ବିନା ରାଜା, ବିଦ୍ୟା ପାସୋରିଲେ ପଣ୍ଡିତ, ମାତା ବିନା ବାଳୁତ, ଚକ୍ଷୁ ବିନା ସୁନ୍ଦର ଜନ, ଭୂଷଣ ବିନା ନାରୀ, ବୃକ୍ଷ ବିନା ଗିରିବର ଭଳି କୃଷ୍ଣଙ୍କ ବିନା ଗୋପୀମାନେ ଚିନ୍ତା ସାଗରରେ ପତିତ ହେବା ସହିତ ଚତୁର୍ଦ୍ଦିଗ ତାଙ୍କ ପାଇଁ ଅନ୍ଧକାରମୟ ଏବଂ ଅମାବାସ୍ୟା ତିଥିରେ ଚକୋର ଅବସ୍ଥା ପରି କୃଷ୍ଣଙ୍କ ବିନା ଗୋପୀ ମାନଙ୍କ ସମଦଶା ହୋଇଛି । ଯଥା-

ISSN NO.
2582-208X

"ବସନ୍ତ ଗଲେ ଯେହ୍ନେ ଦିଶେ ବନ। ବରଷା ଶେଷେ ଯେହ୍ନେ ନଦୀମାନ
ଅନ୍ଧାର ପକ୍ଷେ ଯେହ୍ନେ କଳାକର। ପଦ୍ମ ଯେସନେ ପଡ଼ିଲେ ଶିଶିର
ହୋଇଯାଏ କ୍ଷୀଣ ଚନ୍ଦ୍ର ବିନୁ ଯେହ୍ନେ କୁମୁଦ ବନ" (ନବମ ଛାନ୍ଦ -ମଥୁରାମଙ୍ଗଳ)

"କାନ୍ତ ବିହୁନେ ଯେସନେ ରମଣୀ । ଧର୍ମ ବିହୁନେ ଯେସନେ ଧରଣୀ
ବେଦ ବିହୁନେ ଯେହ୍ନେ ଦ୍ୱିଜବର। ଧନ ବିହୁନେ ଯେହ୍ନେ ଦିଶେ ନର
ପୁତ୍ର ବିନେ ନାରୀ । ରାଜ୍ୟ ବିହୁନେ ଯେହ୍ନେ ଦଣ୍ଡଧାରୀ"। (ନବମ ଛାନ୍ଦ -ମଥୁରାମଙ୍ଗଳ)

"ବିଦ୍ୟା ପାସୋରିଲେ ଯେହ୍ନେ ପଣ୍ଡିତ। ମାତା ବିହୁନେ ଯେସନେ ବାଳୁତ
ଚକ୍ଷୁ ବିହୁନେ ଶୋଭାବନ୍ତ ଜନ । ଭୂଷଣ ବିନୁ ଯେହ୍ନେ ନାରୀ ମାନ
ଦିଶେ ଅସୁନ୍ଦର । ବୃକ୍ଷ ବିହୁନେ ଯେହ୍ନେ ଗିରିବର" (ନବମ ଛାନ୍ଦ -ମଥୁରାମଙ୍ଗଳ)

"କୃଷ୍ଣ ବିହୁନେ ସେହିମତି ଗୋପୀ । ଚିନ୍ତା ରତ୍ନାକରେ ହୋଇଲେ ତାପୀ
ଦିଗ ନଦିଶି ଦିଶିଲା ଅନ୍ଧାର । ଅମାବାସ୍ୟା ଦିନ ଯେସନେ ଚକୋର
ହୁଅଇ ଅଜ୍ଞାନ। କୁରାଳ ଚକ୍ର ପ୍ରାୟେ ଭ୍ରମେ ମନ" (ନବମ ଛାନ୍ଦ -ମଥୁରାମଙ୍ଗଳ)

କୃଷ୍ଣ ଗୋପରୁ ମଥୁରା ଗଲାପରେ, ମଥୁରାରେ କୃଷ୍ଣଙ୍କ ପାଦଚାରଣ ଦେଖି ତୃଷାର୍ତ୍ତ ପ୍ରାଣୀ ଜଳ ନିମନ୍ତେ ଗମନ କଲାପରି ମଥୁରାପୁର ନାୟିକା ବୃନ୍ଦ କୃଷ୍ଣଙ୍କ ଗମନରେ ବାଇ ହେଲେ। ଯଥା -

"ଏହି ପ୍ରକାରେ ମଥୁରା ପୁର ନାୟିକା ହେଲେ ବାଇ
ତୃଷା ଆରତେ ଯେସନେ ନର ଜଳ ସମୀପେ ଯାଇ" (ଚତୁର୍ଦ୍ଦଶ ଛାନ୍ଦ -ମଥୁରାମଙ୍ଗଳ)
"ଦେଖି ଅନଳ ପତଙ୍ଗ କୁଳ ପଡ଼ନ୍ତି ଯେଉଁ ମତେ
ହୋଇ ଉଚ୍ଛନ ସକଳ ଜନ ଧାଇଁଲେ ସେହି ମତି "(ଚତୁର୍ଦ୍ଦଶ ଛାନ୍ଦ -ମଥୁରାମଙ୍ଗଳ)

ରାଜା କଂସଙ୍କ ମୃତ୍ୟୁରେ ରାଣୀ ସମୂହ ଦୁଃଖ ରତ୍ନାକରେ ବୁଡ଼ି ଯାଇଛନ୍ତି । କ୍ରନ୍ଦନ କରୁଛନ୍ତି, ଚୁଡ଼ିମାନ ଭାଙ୍ଗିଛନ୍ତି, ପିଣ୍ଡରେ ପ୍ରାଣ ନଥିବା ଶରୀର ପରି କେଶ ବାସ ସବୁ ଅଶୋଭା ଦିଶୁଛି । କବିଙ୍କ ବର୍ଣ୍ଣନାରେ -

ISSN NO.
2582-208X

"ଏତେ କହି କରନ୍ତି ରୋଦନ
ଭାଙ୍ଗି ପକାଇଲେ ଚୁଡ଼ିମାନ
କେଶବାସ ସର୍ବ ଅଶୋଭା ଦିଶିଲା
ପ୍ରାଣ ବିହୁନେ ପିଣ୍ଡ ଯେସନେ ସେ ସୁନ୍ଦରୀ" (ତ୍ରୟୋବିଂଶ ଛାନ୍ଦ –ମଥୁରାମଙ୍ଗଳ)

କୃଷ୍ଣଙ୍କ ଆଦେଶରେ ଉଦ୍ଧବ ଆସିଛନ୍ତି ଗୋପ ସନ୍ଦେଶ ନେବାକୁ । ଗୋପୀମାନେ ଉଦ୍ଧବ ସମ୍ମୁଖରେ ସ୍ୱଦୁଃଖ ପ୍ରକାଶ କରି କହଛନ୍ତି ଚନ୍ଦ୍ରମା ନଥିଲେ ତାରାପନ୍ତି ଯେପରି ଦୃଶ୍ୟମାନ ହୁଅନ୍ତି ଶ୍ରୀକୃଷ୍ଣ ମଥୁରାକୁ ଗଲାପରେ ଆମ ମାନଙ୍କ ଅବସ୍ଥା ଠିକ୍ ସେହିପରି କବିଙ୍କ ବର୍ଣ୍ଣନାରେ –

"ସେହିଦିନୁ ଅସୁନ୍ଦର ଦିଶିଲୁ ନନ୍ଦନ
ଚନ୍ଦ୍ରମା ନଥିଲେ ତାରା ଦିଶନ୍ତି ଯେସନ" (ଚତୁର୍ବିଂଶ ଛାନ୍ଦ –ମଥୁରାମଙ୍ଗଳ)

ପୁନଶ୍ଚ ଜଣେ ଗୋପୀ କହନ୍ତି ଅନ୍ଧ ହସ୍ତରୁ ତାର ମାର୍ଗଦର୍ଶନ ଯଷ୍ଟି ଗଲାପରେ ସେ ଯେପରି ଭ୍ରମିତ ହୁଏ, ମୁଁ ମଧ୍ୟ ସେମିତି ଭ୍ରମୁଛି । ଯଥା –

"ଅନ୍ଧ ହସ୍ତରୁ ଯଷ୍ଟି ଗଲେ ସେ ଯେହ୍ନେ ହୁଅଇ ଉଦ୍ଧବ
ସେହି ରୂପେ ମୁହିଁ ଭ୍ରମି ମରୁଅଛି ଗଲାରୁ ମାଧବ" ।(ପଞ୍ଚବିଂଶ ଛାନ୍ଦ –ମଥୁରାମଙ୍ଗଳ)

ଗୋପୀ ମାନଙ୍କର ରାଗାନୁଗା ଭକ୍ତି ଠାରୁ ଉଦ୍ଧବଙ୍କ ଜ୍ଞାନମିଶ୍ରା ଭକ୍ତିକୁ ନ୍ୟୁନ ବୋଲି କବି ଦର୍ଶାଇଛନ୍ତି। ପ୍ରେମରେ ଜ୍ଞାନ ମିଶିଲେ ତାହା ଦୂଷିତ ତଥା ନାଶ ହୁଏ ବୋଲି ଗୋପୀଙ୍କ ମୁଖରେ ପ୍ରକାଶ କରିଛନ୍ତି –

"ତଥାପି ମଧୁର ରସେ ଜ୍ଞାନ ଯେବେ ଅଳ୍ପ ମିଶେ
ତାକୁ ସେ କରଇ ବେଗେ ନାଶ ପତିବ୍ରତା ନାରୀ ଯେହ୍ନେ ପରପୁରୁଷର ସନେ
ସଂଯୋଗ ହୋଇଲେ ହୋଏ ଭ୍ରଂଶ ,ହେ ହରିଦୂତ
ସେହିମତି ଭକ୍ତିରସେ ଜ୍ଞାନ, ଆମ୍ଭେ ନ ଜାଣୁ ସେମାନ ହେ "।
(ସପ୍ତବିଂଶ ଛାନ୍ଦ –ମଥୁରାମଙ୍ଗଳ)

ISSN NO.
2582-208X

ଗୋପୀ ଓ କୃଷ୍ଣଙ୍କର ପ୍ରେମ ଅଭେଦ୍ୟ । ଛାୟା କାୟାପରି ତାଙ୍କ ସମ୍ପର୍କ । କ୍ଷୀର-ନୀର ପରି ଅଭିନ୍ନ । ଯାହାକି ଜଣେ ଗୋପବାଳୀ ଅସିତ ଅଳି ସମ୍ମୁଖରେ ପ୍ରକାଶ କରି କହୁଛି-

"ଶୁଣରେ ଅସିତ ଅଳି ଯାହା କଲେ ବନମାଳୀ
ମନରୁ ପାସୋର ଯାଉନାହିଁ
ପ୍ରଦୀପ ପଛେ ଅନ୍ଧାର କେବେହେଁ ନୋହେ ଅନ୍ତର
ଛାୟା ଯେହ୍ନେ ଅଙ୍ଗୁଭିନ୍ନ ନୋହି, ରେ ମଧୁକର
ସେହି ରୂପେ ଗୋପୀ କୃଷ୍ଣ ପ୍ରୀତି, କ୍ଷୀର ନୀର ଯେମନ୍ତ ହୁଅନ୍ତିରେ"
(ସପ୍ତବିଂଶ ଛାନ୍ଦ -ମଥୁରାମଙ୍ଗଳ)

ରସିକ ରାଜ କୃଷ୍ଣ ଚାରିଦିନ ପାଇଁ ମୁଥୁରାକୁ ଯିବା କଥା କହି ମଥୁରାରୁ ଫେରି ନାହାନ୍ତି ତେଣୁ କୃଷ୍ଣଙ୍କ ଏହି କଥାକୁ ଗୋପୀମାନେ ସଲିଳ ଗାର ବୋଲି ବିବେଚନା କରିଛନ୍ତି । କବିଙ୍କ ବର୍ଣ୍ଣନାରେ -

"ଜାଣିଥିଲୁ ବଡ଼ ଲୋକଙ୍କ ବଚନ ପାଷାଣ ଗାର ପ୍ରାୟ ହୋଇ
ଏବେ ଜାଣିଲୁ ସଲିଳ ଗାର ପ୍ରାୟେ ସେ ଯେହ୍ନେ ମୁହୂର୍ତ୍ତେ ନରହି
ନାଥ ହେ, ଜାଣି ଥିଲେ କେହୁ ଛାଡ଼ନ୍ତା
କଇତବ ପଣ କରି ଭଣ୍ଡିଗଲ ନାମ ବହି ସୁଖ କରତା" (ଊନତ୍ରିଂଶ ଛାନ୍ଦ -ମଥୁରାମଙ୍ଗଳ)

ଉଦ୍ଧବ ଗୋପ ସନ୍ଦେଶ ନେଇ ମଥୁରାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୃଷ୍ଣଙ୍କ ବିନା ଗୋପୀମାନଙ୍କ ଦଶା କିପରି ? ତାହା କୃଷ୍ଣଙ୍କ ସମ୍ମୁଖରେ ପ୍ରକାଶ କରି କହିଛନ୍ତି -

ବୃକ୍ଷ ନଥିଲା ଗିରି ଦିଶନ୍ତି ଯେମନ୍ତ ପରି
ବସନ୍ତ ବିହୀନେ ଯେହ୍ନେ ଲତା
ଜଳ ବିନେ ଯେହ୍ନେ ମୀନ ସୂର୍ଯ୍ୟ ବିନେ ପଦ୍ମବନ
କାନ୍ତ ବିନେ ଯେସନେ ବନିତା, ହେ ଦୀନବନ୍ଧୁ
ସେହିରୂପେ ହୋଇଛନ୍ତି ଗୋପୀ, କେ କହିବ ସେ ଦୁଃଖ ସଞ୍ଚପି ହେ"
(ତ୍ରିଂଶ ଛାନ୍ଦ -ମଥୁରାମଙ୍ଗଳ)

ISSN NO.
2582-208X

ଆଲୋଚ୍ୟ କାବ୍ୟ ମଥୁରାମଙ୍ଗଳ କୃଷ୍ଣଙ୍କର ବାଲ୍ୟ, କୈଶୋର ଗୋପୀମାନଙ୍କ ସହ ପ୍ରୀତି ଅସୁର ସଂହାର, କଂସ ବଧ ପ୍ରଭୃତି ପ୍ରସଙ୍ଗାଧାରିତ ହେଲେ ହେଁ ଏହି ପ୍ରସଙ୍ଗ ଭିତରେ ପ୍ରତିଫଳିତ ହୋଇଛି ବିବିଧ ଅଳଙ୍କାର । ଯାହା ପାଠକାଦୃତ ହୋଇ ପାରିଛି । ବିଶେଷତଃ ଗୋପୀମାନଙ୍କର ରାଗାନୁଗା ଭକ୍ତି ସମୀପରେ ପରାଜୟ ହୋଇଛି ଉଦ୍ଧବଙ୍କର ଜ୍ଞାନ ମିଶ୍ରା ଭକ୍ତି । ଅଳଙ୍କାର ବିମଣ୍ଡିତ ଏହି କାବ୍ୟ ଅତ୍ୟନ୍ତ ରସପୂର୍ଣ୍ଣ , ଚିତାକର୍ଷକ।

(((-)))

ISSN NO.
2582-208X

# ବାସୁଦେବ ସୁନାନୀଙ୍କ କାବ୍ୟ ମଶାଣିର ନାଁ ସ୍ୱର୍ଗଦ୍ୱାର : ଏକ ଆକଳନ



କୌତୁକ ବାଗ

ବାସୁଦେବ ସୁନାନୀ ଓଡିଶାର ଜଣେ ପ୍ରମୁଖ ଦଳିତ ସାହିତ୍ୟିକ ଭାବେ ପରିଚିତ । ସେ ନିଜ ରଚନାଗୁଡ଼ିକ ମାଧ୍ୟମରେ ସମାଜର ଶେଷ ଧାଡ଼ିରେ ଥିବା ଦଳିତ, ଶୋଷିତ, ନିଷ୍ପେସିତ, ଖଟିଖିଆ, ମୁଲିଆ,ଅବହେଳିତ ତଥା ପରିତ୍ୟକ୍ତ ଲୋକମାନଙ୍କ ଜୀବନ, ସଂଘର୍ଷ ଓ ଅସ୍ମିତାକୁ ଗଭୀର ଭାବେ ପ୍ରକାଶ କରିଛନ୍ତି । ତାଙ୍କ ସାହିତ୍ୟ କେବଳ ସୃଜନଶୀଳ ଅଭିବ୍ୟକ୍ତି ନୁହେଁ, ବରଂ ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଏକ ଶକ୍ତିଶାଳୀ ଅସ୍ତ୍ର । ସେ ଓଡ଼ିଶାର କଳାହାଣ୍ଡି ଜିଲ୍ଲା ବର୍ତ୍ତମାନ ନୂଆପଡ଼ା ଜିଲ୍ଲାସ୍ଥିତ ମାନିଗୁଡ଼ା ଗ୍ରାମରେ ଗୋଟିଏ ସାଧାରଣ ଦଳିତ ପରିବାରରେ ଜନ୍ମ ହୋଇଥିଲେ । ପିଲାଟି ବେଳରୁ ସେ ଆର୍ଥିକ ଅଭାବ ଅନଟନ ଓ ସାମାଜିକ ଅସମାନତାକୁ ନିକଟରୁ ଅନୁଭବ କରିଥିଲେ । ଜାତିଭିତ୍ତିକ ଭେଦଭାବ ତାଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଶିକ୍ଷାରେ କ୍ଷେତ୍ରରେ ଅନେକ ବାଧାବିଘ୍ନ ସତ୍ତ୍ୱେ ସେ ଅଦମ୍ୟ ପ୍ରୟାସ ଓ ଦୃଢ ସଙ୍କଳ୍ପରେ ଆଗକୁ ବଢ଼ିଥିଲେ । ଉଚ୍ଚ ଶିକ୍ଷା ପ୍ରାପ୍ତ କରି ସେ ସାହିତ୍ୟ ଓ ସାମାଜିକ କ୍ଷେତ୍ରରେ ସକ୍ରିୟ ହୋଇଥିଲେ । ସେ ଓଡ଼ିଆ ଦଳିତ ସାହିତ୍ୟ ରାଜ୍ୟରେ ଏକ ଉଜ୍ଜ୍ୱଳତମ ତାରକା ଭାବରେ ସୁପରିଚିତ । ସେ କବିତା, କାହାଣୀ, ନିବନ୍ଧ ଓ ଆଲୋଚନା ଆଦି ମାଧ୍ୟମରେ ନିଜ ଚିନ୍ତାଧାରାକୁ ପ୍ରକାଶ କରିଛନ୍ତି । ତାଙ୍କ ରଚନାଗୁଡ଼ିକ ଦଳିତ ଜୀବନର କଷ୍ଟ, ଶୋଷଣ ଓ ସଂଘର୍ଷକୁ ଜୀବନ୍ତ ଭାବେ ଚିତ୍ରଣ କରେ । ସେ ସମାଜର ଶେଷ ଧାଡ଼ିରେ ଥିବା ଅବହେଳିତ ମଣିଷମାନଙ୍କ କଥାକୁ ଆଗକୁ ଆଣିଥାନ୍ତି । ତାଙ୍କ ଲେଖାରେ ବାସ୍ତବତା ଓ ଯଥାର୍ଥତାର ଦୃଢ଼ ପ୍ରତିଫଳନ ଦେଖିବାକୁ ମିଳେ । ତାଙ୍କ ସାହିତ୍ୟର ପୃଷ୍ଠଭୂମି

ISSN NO.
2582-208X

ଦଳିତ ଚେତନାରେ ପରିପୂର୍ଣ୍ଣ । ସେ ସମାଜର ଅନ୍ୟାୟକୁ ପ୍ରକାଶ କରିବା ସହିତ ସମାନତା ଓ ନ୍ୟାୟର ପକ୍ଷରେ ସ୍ୱର ଉତ୍ତୋଳନ କରନ୍ତି ।

ତାଙ୍କ ଚିନ୍ତାଧାରାରେ ସମ୍ବିଧାନର ଜନକ ଡକ୍ଟର ବାବା ସାହେବ ଆମ୍ବେଦକରଙ୍କ ପ୍ରଭାବ ସ୍ପଷ୍ଟ ଭାବେ ଦେଖାଯାଏ । ସେ ମନେ କରନ୍ତି ଯେ, ସାହିତ୍ୟ ସମାଜ ପରିବର୍ତ୍ତନର ଏକ ଶକ୍ତିଶାଳୀ ଅସ୍ତ୍ର । ତେଣୁ ତାଙ୍କ ଲେଖାରେ ଆମ୍ବେଦକରବାଦୀ ବିଚାରଧାରାର ସ୍ପଷ୍ଟ ଆଭାସ ଦେଖିବାକୁ ମିଳିଥାଏ। ଯଥା –ଜାତି ଭିତ୍ତିକ ଭେଦଭାବ, ସାମାଜିକ ଅନ୍ୟାୟ, ଗରିବି ଓ ଶୋଷଣ, ଆତ୍ମସମ୍ମାନ ଓ ପରିଚୟ,ସଂଘର୍ଷ ଓ ପ୍ରତିରୋଧ। ତାଙ୍କ ଲେଖନ ଶୈଳୀ ସରଳ, ସ୍ପଷ୍ଟ ଓ ଯଥାର୍ଥବାଦୀ । ସେ ଜୀବନରେ ଯାହା ଦେଖନ୍ତି ଓ ଅନୁଭବ କରନ୍ତି, ତାହା ଲେଖାରେ ପ୍ରକାଶ କରନ୍ତି । ତାଙ୍କ ସାହିତ୍ୟ ସମାଜରେ ଜାଗୃକତା ତଥା ସଚେତନତା ସୃଷ୍ଟି କରିଛି । ସେ ଦଳିତ ସାହିତ୍ୟକୁ ନୂଆ ଦିଗ ଦେଇଛନ୍ତି ଓ ନୂତନ ପିଢ଼ୀକୁ ପ୍ରେରିତ କରିଛନ। ଠିକ ଏହିପରି ଭାବରେ ସେ ରଚନା କରିଥିବା "ମଶାଣିର ନା ସ୍ୱର୍ଗଦ୍ୱାର କବିତା ସଂକଳନଟି ସମାଜରେ ଯେଉଁ ଧର୍ମ ନାମରେ ନିରୀହ, ଗରିବ ଲୋକଙ୍କୁ ଶୋଷଣ କରୁଛନ୍ତି, ତାର ସ୍ପଷ୍ଟ ଚିତ୍ରଣ କରିଛନ୍ତି।

କବି ବାସୁଦେବ ସୁନାନୀଙ୍କ 'ମଶାଣିର ନାଁ ସ୍ୱର୍ଗଦ୍ୱାର' କବିତା ସଙ୍କଳନଟି ଏକ ଚର୍ଚ୍ଚିତ କବିତା ଗ୍ରନ୍ଥ। ଏହି କବିତା ସଙ୍କଳନରେ ୪୧ ଗୋଟି ସଂଖ୍ୟା ତଥା ପ୍ରସଙ୍ଗ ରହିଅଛି । ଏହି କବିତା ସଂକଳନଟି କେତକୀ ବୁକ୍ସ, ଭୁବନେଶ୍ୱର ଦ୍ୱାରା ୨୦୨୫ ମସିହାରେ ପ୍ରକାଶିତ। ଏହି କବିତା ସଙ୍କଳନର ମୁଖ୍ୟ ସ୍ୱର ହେଉଛି ସ୍ୱର୍ଗଦ୍ୱାର ପ୍ରକୃତରେ ସତ ନା ଭ୍ରମିତ କରା ଯାଉଅଛି ତାର ବାସ୍ତବିକ ଆକଳନ। ପ୍ରକୃତରେ ସ୍ୱର୍ଗଦ୍ୱାର କହିଲେ ଆମ ମନରେ ପ୍ରଶ୍ନ ଉଠେ ଯେ, ସ୍ୱର୍ଗ ଏକ ଅଦେଖା ସ୍ଥାନ, ଯାହା କେବଳ ଅନୁଭବ କରିହୁଏ। କାହିଁକି ନା ସ୍ୱର୍ଗଦ୍ୱାରର ସତ୍ୟତା କଣ କାହାକୁ ମଧ୍ୟ ଏପର୍ଯ୍ୟନ୍ତ ଜଣା ନାହିଁ। ଯେତେବେଳେ ଶବଟିକୁ ସତ୍କାର କରାଯାଏ, ସେହି ଶବର ଆତ୍ମା କୁଆଡେ ଯାଏ, ତାର ଠିକଣା କାହା ପାଖରେ ନ ଥାଏ। ଯେମିତି କି ଦିନରାତି ଶବ ବୋହୁଥିବା ଆମ୍ବୁଲାନ୍ସ ଡ୍ରାଇଭର ପାଖରେ ନା ସ୍ୱର୍ଗଦ୍ୱାରରେ ଟିକଟ କାଟୁଥିବା କ୍ଲର୍କ ପାଖରେ ନା ଶବ ପୋଡୁଥିବା ଚଣ୍ଡାଳ ପାଖରେ। ସ୍ୱର୍ଗଦ୍ୱାରରୁ ସ୍ୱର୍ଗକୁ ଅନେଇଲେ କେବଳ ଶୂନ୍ୟ ହିଁ ଶୂନ୍ୟ। କେବଳ ଦେଖାଯାଏ ସମୁଦ୍ର ଏବଂ ଆକାଶ। । କବିଙ୍କ ଭାଷାରୁ ପଦେ –

ISSN NO.
2582-208X

କିଏ ଦେଖେଇ ପାରିବ
ସେ ଆତ୍ମାର ପରିଚୟ
ଆଉ ସ୍ୱର୍ଗର ଠିକଣା ?
କାହା ପାଖରେ ଥିବ
ଦିନରାତି
ଶବ ପଡୁଥିବା
ସେଇ ଅସ୍ପୃଶ୍ୟ କଳା ମଚ ମଚ !
ବାଗୁରୀ ବାଳଧାରୀ ପିଲା ପାଖରେ !
ଟୋକନ କାଟୁଥିବା କ୍ଲର୍କ ପାଖରେ !
ଆମ୍ବୁଲାନ୍ସରେ ଶବ ବୋହୁଥିବା
ଡ୍ରାଇଭର ପାଖରେ
ନା କଞ୍ଚା ବାଉଁଶର
କୋକେଇ ବିକୁଥିବା ବ୍ୟବସାୟୀ ପାଖରେ !(୧)
(ମଶାଣିର ନାଁ ସ୍ୱର୍ଗଦ୍ୱାରର, ସଂଖ୍ୟା - ତିନି , ପୃ - ୧୦)

ସ୍ୱର୍ଗଦ୍ୱାର ପ୍ରକୃତରେ ଗୋଟିଏ ପବିତ୍ର ସ୍ଥାନ ନା ଏକ ଭ୍ରମ । ଯେଉଁ ସବର୍ଣ୍ଣ ଲୋକମାନେ ସ୍ୱର୍ଗଦ୍ୱାରକୁ ପବିତ୍ର ସ୍ଥାନ ବୋଲି ବିବେଚନା କରିଥାନ୍ତି, ସେହି ଲୋକମାନେ ସ୍ୱର୍ଗଦ୍ୱାରର ଦୁର୍ଗନ୍ଧ ତଥା ଅମୃତ ଖାଉଥିବା ବାସ୍ନା ନିଶ୍ଚିତ ଭାବରେ ଜାଣି ପାରିଥିବେ । ସ୍ୱର୍ଗଦ୍ୱାର ସାଧାରଣ ଅଛୁବ ଲୋକ ସହିତ ସମାନ ନୁହେଁ କି ? ଅଛୁବ ଲୋକଟିଏ ମନ୍ଦିର ଗଲା ବେଳେ ତାକୁ ବାରଣ କରାଯାଉଅଛି। ମନ୍ଦିରକୁ ଅସ୍ପୃଶ୍ୟ ଲୋକର ପ୍ରବେଶ କରିବାର ଅଧିକାର ନାହିଁ । କେବଳ ଏକ ମାତ୍ର କାରଣ, ସେ ହେଉଛି ସମାଜର ଶେଷଧାଡ଼ିରେ ବାସ କରୁଥିବା ଅସ୍ପୃଶ୍ୟ ତଥା ଚଣ୍ଡାଳ ଲୋକ । କିନ୍ତୁ ଶେଷରେ ସେହି ଅସବର୍ଣ୍ଣ ପାଖରେ ହିଁ ସବର୍ଣ୍ଣ ଲୋକଟିକୁ ଶରଣ ପଶିବାକୁ ପଡୁଛି । କାହିଁକି ନା ସେହି ଅସବର୍ଣ୍ଣ ତିଆରି କରିଥିବା କୋକେଇ, ଖଇକୁ ନେଇ ସବର୍ଣ୍ଣ ଲୋକ ଶବ ସତ୍କାର କରୁଛି ତା'ର ପ୍ରିୟଜନର ଏବଂ ଯେଉଁ ଲୋକ ସ୍ୱର୍ଗଦ୍ୱାରରେ ଶବକୁ ନଈର ମାଛ ପୋଡ଼ିଲା ପରି ପୋଡୁଛି,ସେହି ଲୋକ ହେଉଛି ଚଣ୍ଡାଳ । ଯାହାଙ୍କୁ ସବର୍ଣ୍ଣମାନେ ନିଚ କର୍ମ କରୁଥିବା ମଣିଷ ଭାବି ଘୃଣା କରିଥାନ୍ତି। ଯାହାର କି ମନ୍ଦିର ଯିବାର ଅଧିକାର ନ ଥାଏ। କିନ୍ତୁ ସବର୍ଣ୍ଣ ଲୋକର ଅନ୍ତିମ

ISSN NO.
2582-208X

ପର୍ଯ୍ୟାୟରେ ସେହି ଅଚ୍ଛବ, ଅସ୍ପୃଶ୍ୟ ତଥା ଚଣ୍ଡାଳଲୋକ ହିଁ ସାହାର୍ଯ୍ୟ କରିଥାଏ । ତେଣୁ କବି କହୁଛନ୍ତି –

ମନ୍ଦିର ଯାଇଥିଲି ବୋଲି
କେତେ ଘୃଣା
କେତେ କୁତ୍ସା
କେତେ ଅପମାନ
ଶେଷରେ
ମରିଲା ପରେ ବି ତ’ ପଶିଲୁ
ମୋର ଶରଣ ।
ଏଇ ନେ‘
ତୋ ମା‘ ପାଇଁ ଖଇ
ବାପା ପାଇଁ କୋକେଇ
ଦେଖି ନେ ଯେ‘
ମୋ ଅସ୍ପୃଶ୍ୟ ଚଣ୍ଡାଳ ହାତରେ ଇଁ
ଶେଷରେ ଜଳୁଛି
ତୋ ପ୍ରିୟଜନର
ଡହଡହ
ପବିତ୍ର ଜୁଇ !(୨) (ମଶାଣିର ନାଁ ସ୍ୱର୍ଗଦ୍ୱାର, ସଂଖ୍ୟା – ସାତ, ପୃ –୧୬)

ବାସ୍ତବରେ ଶବର ଆତ୍ମା କୁଆଡେ ଚାଲି ଯାଏ, ତାର ଖବର କାହା ପାଖରେ ମଧ୍ୟ ନ ଥାଏ। କିନ୍ତୁ ପଣ୍ଡିତମାନେ ସାଧାରଣ, ନିରୀହ ଜନସାଧାରଣଙ୍କୁ ବୋକା ବନେଇବା ପାଇଁ କହିଥାନ୍ତି। କିନ୍ତୁ ପଣ୍ଡିତମାନେ ନିରୀହ ଲୋକଙ୍କୁ ବୋକା ବନେଇବା ପାଇଁ ପୁଷ୍କର ଦୋଷ ଲାଗିଛି, ହୋମ ଯଜ୍ଞର ଆବଶ୍ୟକତା ଅଛି ନହେଲେ ବଂଶ ନାଶ ହେବ ବୋଲି । କିନ୍ତୁ କବିଙ୍କ ଅନୁସାରେ ସ୍ୱର୍ଗଦ୍ୱାର ଏକ ଭ୍ରମ। ଆତ୍ମାର ପରିଚୟ ତଥା ସ୍ୱର୍ଗଦ୍ୱାରର ଠିକଣା କାହା ପାଖରେ ନାହିଁ । ଏମିତିକି ଯେଉଁମାନେ ସ୍ୱର୍ଗଦ୍ୱାରରେ ଅନବରତ କାର୍ଯ୍ୟରତ, ସେହିମାନେ ମଧ୍ୟ ସ୍ୱର୍ଗଦ୍ୱାରର ତଥା ଆତ୍ମାର ଠିକଣା ଜାଣି ନାହାନ୍ତି । କବି ବାସ୍ତବରେ ସ୍ୱର୍ଗଦ୍ୱାରରେ ଶବ ବୋହୁଥିବା ଆମ୍ବୁଲାନ୍ସ ଡ୍ରାଇଭର, ଟୋକନ୍ କାଟୁଥିବା କ୍ଲର୍କ, କୋକେଇ ପ୍ରସ୍ତୁତ

ISSN NO.
2582-208X

କରୁଥିବା ଅସ୍ପୃଶ୍ୟ ତଥା ଶବ ପଡୁଥିବା ଚଣ୍ଡାଳଙ୍କୁ ପଚାରିଛନ୍ତି ସ୍ୱର୍ଗ ଏବଂ ଆତ୍ମାର ଠିକଣା। କବିଙ୍କ ଭାଷାରେ -

କେହି କହି ପାରିଲେ ନି ଯେ
ଆତ୍ମା ଗଲା କୁଆଡ଼େ ?
ପ୍ରଶ୍ନକୁ ଆଡ଼େଇ
କେବଳ ପଣ୍ଡିତେ କହିଲେ
ପୁସ୍କର ଲାଗିଛି
ହୋମ ଉପଚାର ଜରୁରୀ
ନ ହେଲେ
ବିପଦ ପଡ଼ିବ ବଂଶରେ ।(୩) (ମଶାଣିର ନାଁ ସ୍ୱର୍ଗଦ୍ୱାର, ସଂଖ୍ୟା-ନଅ, ପୃ - ୧୮)

ଏଠାରେ କବି ବାସ୍ତବରେ ଚମତ୍କାର କଥାଟି କହିଛନ୍ତି। ଯଦି ଆତ୍ମା କୁଆଡ଼େ ଗଲା କାହାକୁ ଜଣା ନାହିଁ, ତେବେ ପୁସ୍କର ଦୋଷ କେମିତି ଲାଗିଲା ? ନିଶ୍ଚିତ ଭାବରେ କବି ଏଠାରେ ନିରୀହ ଜନସାଧାରଣଙ୍କୁ କେମିତି ଭ୍ରମିତ କରାଯାଉଅଛି ତାହା ଦର୍ଶାଇଛନ୍ତି।

ସ୍ୱର୍ଗଦ୍ୱାର ଏମିତି ଏକ ସ୍ଥାନ, ଯେଉଁଠାରେ ଆତ୍ମୀୟ ପରିଜନର ମୃତ୍ୟୁରେ ମଧ୍ୟ କାନ୍ଦି ହୁଏ ନାହିଁ କିମ୍ବା ଶବ ପୋଡିଲା କି ନାହିଁ ବୋଲି ମଧ୍ୟ ନିରୀକ୍ଷଣ କରି ହୁଏ ନାହିଁ । ଟଙ୍କା ଦେଇ ଦେଲେ ସ୍ୱର୍ଗଦ୍ୱାରର କର୍ମଚାରୀମାନେ ହିଁ ସବୁ କାମ କରିଦେଇଛନ୍ତି । ତେଣୁ କବି ବାସୁଦେବ ସୁନାନୀ ସେହି ସ୍ୱର୍ଗଦ୍ୱାରରେ ଦାହ ନ ହୋଇ ଗାଁ ମଶାଣିରେ ପୋତି ହେବା ପାଇଁ ଚାହିଁଛନ୍ତି । କାହିଁକି ନା ଗାଁରେ କେହି ଜଣେ ଆତ୍ମୀୟ ଆରପାରିକୁ ଗଲେ ଗାଁର ସମସ୍ତେ ନିସ୍ତବ୍ଧ ହୋଇ ଛାତି ପିଟି କାନ୍ଦି ଥାଆନ୍ତି। କବି ଯେଉଁ ମାଟିରେ ବଢ଼ିଛନ୍ତି, ଖେଳିଛନ୍ତି, ସେହି ମାଟିରେ ମିଶି ଯିବାକୁ ଚାହିଁଛନ୍ତି । କବି ବାସୁଦେବ ଗାଁ ମଶାଣିକୁ ଏକ ପବିତ୍ର ମାଟି ବୋଲି କହିଛନ୍ତି । ଯେଉଁ ଗାଁ ମଶାଣିକୁ ଗାଁ ଲୋକମାନେ ଭୟ କରିଥାନ୍ତି । ସେହି ଗାଁ ମଶାଣି ହିଁ ଶେଷ ମୁହୂର୍ତ୍ତରେ ଆମକୁ କୋଳେଇ ନେଇଥାଏ । ଗାଁ ମଶାଣି ଆମକୁ କେବେ ବି ମୃତ୍ୟୁଭିଶାପ ଦେଇ ନ ଥାଏ। ବରଂ ଆହୁରି ଜୀବନକୁ ଉପଭୋଗ କରିବାକୁ ଆଦେଶ ଦେଇଥାଏ। ତେଣୁ ଗାଁ ମଶାଣି ପରି ଏପରି ଏକ ପବିତ୍ର ମାଟିକୁ ଛାଡ଼ି ସ୍ୱର୍ଗଦ୍ୱାର ଯିବାକୁ

ISSN NO.
2582-208X

କବି ଚାହିଁ ନାହାଁନ୍ତି । ଗାଁ ମଶାଣିରେ ହିଁ ତାଙ୍କ ମର ଶରୀରକୁ ପୋତି ଦେବାକୁ ଚାହିଁଛନ୍ତି ଏବଂ ଡୁମା ହୋଇ ଘର ପିଦରରେ ପୂଜା ପାଇବାକୁ ଚାହିଁଛନ୍ତି । କବିଙ୍କ ଭାଷାରେ –

ମୁଁ ଚାହେଁ
ଡୁମା ହେଇ ଆସୁଥିବି
ପିଦର୍ କଡ଼ରେ ବସିଥିବି
ତିହାର-ବାହାରରେ ପୂଜା ପାଉଥିବି ।(୪) (ମଶାଣିର ନାଁ ସ୍ୱର୍ଗଦ୍ୱାର, ସଂଖ୍ୟା-ଏକଚାଳିଶ, ପୃ -୭୩ )

ତେଣୁ ବାସୁଦେବ ସୁନାନୀଙ୍କ ଅନୁସାରେ ସ୍ୱର୍ଗଦ୍ୱାର ଏକ ଭ୍ରମ । ଅଝଟ ଶିଶୁକୁ ନାନାବାୟା ଗୀତ ଶୁଣେଇଲା ପରି । ସ୍ୱର୍ଗଦ୍ୱାରରେ ଦାହ ହେଉଥିବା ଶବର ଆତ୍ମା ସ୍ୱର୍ଗକୁ ଯାଏ କି ନାହିଁ କାହାକୁ ଜଣା ନାହିଁ । ଆତ୍ମୀୟ ପରିଜନର ମୃତ୍ୟୁ ପରେ କେତେବେଳେ କଳା ମଇଁଷିରେ ଯମ ଆସିଥାଏ ଦଣ୍ଡ ଦେବା ପାଇଁ କେହି ଦେଖି ନାହାନ୍ତି । କେବଳ ଆମକୁ ଭ୍ରମରେ କାହାଣୀ ଶୁଣା ଯାଇଥିଲା ଯେ, ସ୍ୱର୍ଗ ଓ ନର୍କ ଅଛି ବୋଲି । ମଣିଷ ମୃତ୍ୟୁ ପରେ କିଛି ଜାଣି ନ ଥାଏ । ରାମ ନାମ ସତ୍ୟ ହେଉ ଅବା ହରି ନାମ ସତ୍ୟ ହେଉ ! ଏପରି ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି କବି ବାସୁଦେବ ସୁନାନୀ। ବାସ୍ତବରେ ବଞ୍ଚିତ ଅବସ୍ଥା ହିଁ ଦର୍ପଣ ସଦୃଶ, ମାୟା ନୁହେଁ । ସେହି ଦର୍ପଣରେ ଆମେ ଜନ୍ମ ମୃତ୍ୟୁ, ସ୍ୱର୍ଗଦ୍ୱାର, ସମୁଦ୍ର ଆଦି ଦର୍ଶନ କରିଥାଉ। ଭ୍ରମରେ ପଡ଼ି ସ୍ୱର୍ଗଦ୍ୱାରକୁ ପବିତ୍ର ସ୍ଥାନ ଏବଂ ଗାଁ ମଶାଣିକୁ ଅପବିତ୍ର ସ୍ଥାନ ବୋଲି ବିବେଚନା କରିବା ଉଚିତ୍ ନୁହେଁ ବୋଲି ସୁନାନୀ ତାଙ୍କ 'ମଶାଣିର ନାଁ ସ୍ୱର୍ଗଦ୍ୱାର' କବିତା ସଙ୍କଳନରେ ସମାଜକୁ ସୁନ୍ଦର ବାର୍ତ୍ତା ପ୍ରଦାନ କରିବା ସହିତ ଅନ୍ଧକାରରୁ ଆଲୋକିତ କରିବାକୁ ଚେଷ୍ଟା କରିଛନ୍ତି । ମସାଣିର ନାଁ ସ୍ୱର୍ଗଦ୍ୱାର' କାବ୍ୟଟି ବସୁଦେବ ସୁନାନୀଙ୍କ ଏକ ଗଭୀର ଓ ଚିନ୍ତନପ୍ରବଣ ସୃଷ୍ଟି। ଏହା ମାନବଜୀବନର ସତ୍ୟକୁ ଉଦ୍ଘାଟନ କରିବା ସହିତ ସମାଜର ଅନ୍ୟାୟ ଓ ଅସମାନତାକୁ ଆଲୋକିତ କରେ। କବି ଏହି କାବ୍ୟ ମାଧ୍ୟମରେ ପାଠକଙ୍କୁ ଜୀବନର ମୂଲ୍ୟ ବୁଝିବା ଓ ସମାଜକୁ ସୁଧାରିବା ପାଇଁ ପ୍ରେରିତ କରିଛନ୍ତି। ଏହି କାବ୍ୟ ଓଡ଼ିଆ ସାହିତ୍ୟରେ ଏକ ଅମୂଲ୍ୟ ସଂଯୋଗ ଭାବେ ରହିବ।

ISSN NO.
2582-208X

## ସହାୟକ ଗ୍ରନ୍ଥ ସୂଚୀ

(୧)ମହାପାତ୍ର, ପ୍ରଫେସର ପ୍ରେମାନନ୍ଦ, ପ୍ରାଚୀନରୁ ସାମ୍ପ୍ରତିକ, ସତ୍ୟନାରାୟଣ ବୁକ ଷ୍ଟୋର,ବିନୋଦବିହାରୀ, କଟକ -୨, ଦ୍ୱିତୀୟ ସଂସ୍କରଣ -୨୦୨୨

(୨)ପାଣ୍ଡବ, ଡକ୍ଟର ଶତ୍ରୁଘ୍ନ,ଆଧୁନିକତାରୁ ଉତ୍ତର -ଆଧୁନିକତା :ସମକାଳୀନ ଓଡ଼ିଆ କବିତା,ଏଥେନା ବୁକ୍ସ, ଭୁବନେଶ୍ୱର -୭୫୧୦୦୨, ପ୍ରଥମ ସଂସ୍କରଣ -୨୦୧୭

(୩)ସୁନାନୀ, ବାସୁଦେବ, କବିତା ଏଯାବତ(ପ୍ରଥମ ଭାଗ ଏବଂ ଦ୍ୱିତୀୟ ଭାଗ), କେତକୀ ବୁକ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

(୪)ସୁନାନୀ, ବାସୁଦେବ, କାଳିଆ ଉବାଚ, ସାହିତ୍ୟ ଶ୍ୱେତପଦ୍ମ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ -୨୦୧୭

(୫)ସୁନାନୀ, ବାସୁଦେବ,ମଶାଣିର ନାଁ ସ୍ୱର୍ଗଦ୍ୱାର, କେତକୀ ବୁକ୍ସ, ନୟାପଲ୍ଲୀ, ଭୁବନେଶ୍ୱର -୭୫୧୦୧୫, ପ୍ରଥମ ପ୍ରକାଶନ -୨୦୨୫

(((-)))

ଗବେଷକ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ବାରିପଦା

ISSN NO.
2582-208X

# ଅନନ୍ତ ତୃଷ୍ଣାର କୁହୁକ ଭବାଲୋକ ତରୁଣକାନ୍ତି ମିଶ୍ରଙ୍କ 'ଛାୟାଲୋକ'



ଡ. ପ୍ରିୟଦର୍ଶିନୀ ସ୍ୱାଇଁ

ଉପନ୍ୟାସ ମଣିଷ ଜୀବନର ଗହନ କଥା, ଜୀବନୋପଲବ୍ଧ ଅନୁଭବ ଅଭିଜ୍ଞତା ତଥା ଅକୁହା-ଅଦୃଶ୍ୟ ଅଶ୍ରୁତ ଅନୁଚିନ୍ତାକୁ ମଧ୍ୟ ଅଭିବ୍ୟକ୍ତ କରିପାରେ । ସମକାଳୀନ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ ବୃତ୍ତିଗତ ଜୀବନ ବଞ୍ଚିଥିବା ଜଣେ ସମ୍ବେଦନଶୀଳ-ଜୀବନବାଦୀ ଯଶସ୍ୱୀ ଔପନ୍ୟାସିକ ତରୁଣକାନ୍ତି ମିଶ୍ର । ସେ ଏକାଧାରରେ ଗାଳ୍ପିକ, ଔପନ୍ୟାସିକ ଏବଂ ଅନୁବାଦକ । ତାଙ୍କ ସମ୍ପର୍କରେ ବିସ୍ମୟକର କଥା ହେଉଛି ତାଙ୍କ ସର୍ଜନାର ଏକ ପାର୍ଶ୍ୱରେ ରହିଛି ନିଛକ ବାସ୍ତବ ପରିବେଶ। ଅପର ପାର୍ଶ୍ୱରେ ରହିଛି ଏକ ସୁନ୍ଦର ଭାବଜଗତ । ଯାହା ତାଙ୍କର ପରିକଳ୍ପିତ ସୃଜିତ ତଥା ଅତ୍ୟନ୍ତ ବିଶ୍ୱସ୍ତ 'ଛାୟାଲୋକ', ତାଙ୍କର ଏକ ଆଧିଭୌତିକ ଚେତନାର କଳାତ୍ମକ ଉପସ୍ଥାପନା । ଯେଉଁଥିରେ ଦୃଶ୍ୟମାନ ଜଗତ ସହିତ ଏକ ଅଦୃଶ୍ୟମାନ ପରିକଳ୍ପିତ ଜଗତର ଚିତ୍ରାଙ୍କନ ରହିଛି । 'ଛାୟାଲୋକ' ସଂକଳନର ପ୍ରଥମ ପୃଷ୍ଠାର ଏକ ଚମତ୍କାର ଉପନ୍ୟାସ 'ଛାୟାଲୋକ' ।

ସମକାଳୀନ ଓଡ଼ିଆ ଉପନ୍ୟାସ ଧାରାର କୃତବିଦ୍ୟ ବର୍ଷୀୟାନ ଔପନ୍ୟାସିକ ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ କୁହନ୍ତି- "ଆମେ ସମସ୍ତେ ମାଳମାଳ ବ୍ରହ୍ମାଣ୍ଡ ଭିତରେ ବଞ୍ଚିଛେ ।" ଅନୁରୂପ ଅନୁଭବ ଆମେ ସମକାଳର ଅନତିକ୍ରମ୍ୟ କଥାକାର ମନୋଜ ଦାସଙ୍କ ସୃଷ୍ଟିରେ ମଧ୍ୟ ପାଉ । ତରୁଣକାନ୍ତି ମିଶ୍ରଙ୍କ 'ଛାୟାଲୋକ' ସେ ଆଧିଭୌତିକ-ଅଦୃଶ୍ୟ-ଅପ୍ରତ୍ୟକ୍ଷ ଜଗତର ଏକ କଳ୍ପିତ ପୃଥିବୀ ଅଙ୍କନ କରେ ।

ISSN NO.
2582-208X

'ଛାୟାଲୋକ'ର ବିଷୟବସ୍ତୁରେ ରହିଛି 'Survival of the fitest' ନ୍ୟାୟରେ ଜୀବନକୁ ବଞ୍ଚେଇ ରଖିବାର ଅଭିଳାଷ ପୋଷଣ କରୁଥିବା ମଣିଷ ସର୍ବଦା ଯୁଦ୍ଧରତ । ସାଂପ୍ରତିକ ମଣିଷ ଚାହେଁ ସଫଳତା, ପଦୋନ୍ନତି, ପ୍ରତିଷ୍ଠା ତଥା ଆତ୍ମପରିଚିତି । 'ଛାୟାଲୋକ'ର ମୁଖ୍ୟ ନାୟିକା ଶର୍ମିଷ୍ଠାର ଚରିତ୍ର ମାଧ୍ୟମରେ ତରୁଣକାନ୍ତି ମିଶ୍ର ସମକାଳର ଉଚ୍ଚାଭିଳାଷୀ ତରୁଣୀମନର ମନୋଭାବକୁ ଅତି ସୂକ୍ଷ୍ମ ଭାବରେ ବର୍ଣ୍ଣନା କରିଛନ୍ତି । ଯୁକ୍ତଦୁଇ ପାଠ୍ୟ ଶେଷ କଲା ପରେ ନିଟ୍ ଚେଷ୍ଟା କରିଛି ପ୍ରତିଷ୍ଠା ପାଇଁ । ଏହି ପ୍ରକାର ପ୍ରତିଯୋଗିତା ମଧ୍ୟରେ ତରୁଣ ସାଥୀ ମଧ୍ୟ ନିରାଶର ଶିକାର ହୋଇ ଆତ୍ମଘାତୀ ଆତ୍ମହତ୍ୟା କରି ମରିଯାଇଛନ୍ତି । ଯେଉଁମାନଙ୍କୁ ଶର୍ମିଷ୍ଠା ହରେଇଛି ସେମାନେ ତାକୁ ରାତ୍ରର ଅତ୍ୟନ୍ଦ୍ର ପ୍ରହରରେ ଦେଖାଦିଅନ୍ତି । ଶର୍ମିଷ୍ଠା ଅନୁଭବ କରିପାରେ ଅବର୍ତ୍ତମାନର ଥାଇ ସୁଦ୍ଧା ସେମାନଙ୍କ ଜୀବନ ହାରିବାର ଦୁର୍ଦ୍ଦଶାର କଥା ।

ସୀମିତ ଜୀବନସୀମା ମଧ୍ୟରେ ମଣିଷ ପାରିବାରିକ ଜୀବନ ବଞ୍ଚିବା ସହ ବଞ୍ଚେ ଏକ କଳ୍ପିତ ଜଗତ । ଯେଉଁଥିରେ ଥାଏ ସ୍ୱପ୍ନମୟ ସମ୍ଭାବନା ଓ ପ୍ରେମମୟ ଜୀବନର କାମନା । ଶର୍ମିଷ୍ଠାର ଅନ୍ତରଙ୍ଗ ବନ୍ଧୁ ତଥା ପ୍ରେମିକ ଦୀପକକୁ ଦିଶିଛି ପ୍ରଲମ୍ବିତ ଅଦୃଶ୍ୟମାନ ଛାୟାଲୋକ । ଯେଉଁଠି ବିଚରଣ କରନ୍ତି ଅସଂଖ୍ୟ ଅସରନ୍ତି ଛାୟାଲୋକ ପୁଞ୍ଜ । କିନ୍ତୁ ପରିଶେଷରେ ପ୍ରେମାକାଂକ୍ଷୀ ନାୟିକା ଶର୍ମିଷ୍ଠା ନାୟକ ଦୀପକକୁ ଚାଦର ଘୋଡ଼ାଇ ଶୋଇପକାଇଛି । କଥାଭାଗର ପରିଣତିକୁ ଲେଖକ ପାଠକ ଉପରେ ଛାଡ଼ିଦେଇଛନ୍ତି ।

ସେ ବଞ୍ଚିଛି ଅବା ମରିଛି ଏମିତି ଏକ ଦ୍ୱିରୁକ୍ତି ଭିତରେ ଉପନ୍ୟାସର ପରିଣତିରେ ଅନ୍ତଃହୀନ ସଂଶୟ ଓ ଜିଜ୍ଞାସାକୁ ଛନ୍ଦିଦେଇଛନ୍ତି କଥାକାର ତରୁଣକାନ୍ତି ମିଶ୍ର । ଭାରତ ପରି ଏକ ସୁନ୍ଦର ଦେଶରେ ଯେଉଁଠି ମଣିଷପଣିଆ ଜୀବନମୂଲ୍ୟ ଏବଂ ବଞ୍ଚିବାର ଅର୍ଥ ମହାର୍ଘ ସେଇଠି ଔପନ୍ୟାସିକ ଏହି ଦେଶର ସାରାଂଶକୁ ଅନ୍ୟ ଦେଶଯାଏ ବ୍ୟାପକ କରିବାରେ ସ୍ୱପ୍ନରେ ବିଭୋର ହୋଇଛନ୍ତି ।

ସରଳ ଭାଷାବିନ୍ୟାସ, ଗୂଢ଼ ଦାର୍ଶନିକ ମନୋଭାବ ସହିତ ଭାରତୀୟ ଦର୍ଶନର ତଥା ପୃଥିବୀର ସୌନ୍ଦର୍ଯ୍ୟର ଉଦାତ୍ତ ଗାୟକ ସାଜିଛନ୍ତି ଔପନ୍ୟାସିକ ତରୁଣକାନ୍ତି ମିଶ୍ର । ପ୍ରତି ବସ୍ତୁର ଯେପରି ତା'ର ପରିପାର୍ଶ୍ୱର ଛାୟା ଉଚ୍ଚ ସେହି ପ୍ରକାର ମଣିଷ ଜୀବନର ସ୍ଥିତି ଓ ବର୍ତ୍ତମାନ ସର୍ବସ୍ୱ ଜୀବନର ଉର୍ଦ୍ଧ୍ୱରେ ଏକ ଛାୟାଲୋକ ବିଦ୍ୟମାନ । ସେଥିପାଇଁ ବୋଧହୁଏ ଔପନ୍ୟାସିକ ପୃଥିବୀକୁ ପ୍ରେରଣ କରିବାକୁ ଚାହିଛନ୍ତି କିଛି ସକାରାତ୍ମକ ଉର୍ଜା ।

ISSN NO.
2582-208X

ସମକାଳୀନ ଓଡ଼ିଆ ଉପନ୍ୟାସ ଧାରାରେ ପ୍ରକାଶିତ 'ଛାୟାଲୋକ' ଉପନ୍ୟାସଟି ଏକବିଂଶ ଶତାବ୍ଦୀର ମଣିଷକୁ ଚେତନାର ଜାଗରଣ କ୍ଷେତ୍ରରେ ବିବେକ ଓ ବିଚାରର ଉତ୍ତରଣ କ୍ଷେତ୍ରରେ ଆଉ ପାଦେ ଆଗେଇ ଯିବା ପାଇଁ ଏକ ଅମୂର୍ତ୍ତ ସେତୁ ସାଜିବା ପାଇଁ । ଏହା ନିଃସନ୍ଦେହ ।

ଅଧ୍ୟାପିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ମୋ: ୮୭୩୭୨୦୯୦୩୬
Email: reachmepriya2011@gmail.com

ISSN NO.
2582-208X

# ଭାଇ



ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା

ମୋ ଅସୁବିଧାର ସମାଧାନ ହେଉଛ ତୁମେ,
ମୋ ଜୀବନ ରାସ୍ତାର ସତ୍ୟ ସାଥୀ ତୁମେ,
ଭାଙ୍ଗିଥିବା ମନକୁ ଅତି ସୁନ୍ଦର ଭାବରେ ଜୋଡ଼ି ଦିଅ ତୁମେ,

ମୋ ଭୁଲ ରେ ନ ଗଲି ବୁଝାଉଥିବା ମଣିଷ କେବଳ ତୁମେ,
ଭୁଲ ପଥରୁ ଫେରାଇ ଆଣି ସଠିକ ଦିଗଦର୍ଶକ ତୁମେ,
ମୋ ପ୍ରତ୍ୟେକ ସ୍ୱପ୍ନର ପ୍ରେରଣା ହେଉଛ ତୁମେ,

ମୋ ଦୁଖଃର ଲୁହ ଦେଖିନପାରି କାନ୍ଦିଦିଅ ତୁମେ,
ମୋ ନିରବତାକୁ ବୁଝି ପାରି ହସେଇଦିଅ ତୁମେ,
ଭୟ ଲାଗିଲେ ଆଶ୍ୱାସନ ଦିଅ ତୁମେ,

ମୋ ଶକ୍ତି ଓ ସାହସର ଉତ୍ସ ହେଉଛ ତୁମେ,
ନିସ୍ୱାର୍ଥ ଭଲପାଇବାର ପରିଚୟ କେବଳ ତୁମେ,
ମୋ ପ୍ରେମ, ବନ୍ଧୁ ଓ ରକ୍ଷକ ହେଉଛ ତୁମେ,

ମୋ ହୃଦୟର ସବୁଠାରୁ ପ୍ରିୟ ଭାଇ କେବଳ ତୁମେ,
ଭଗବାନଙ୍କଠୁ ମିଳିଥିବା ଅମୂଲ୍ୟ ଉପହାର ତୁମେ,
ମୁଁ ହେଉଛି ତମର ସେଇ କୁନି ଝିଅ ଯାହା ଓଠର ହସ ହେଉଛ ତୁମେ।

(((-)))

ଧନପୁର, ମଙ୍ଗଳପୁର
ମୋ: ୭୭୮୮୦୭୨୬୧୨

ISSN NO.
2582-208X

# ଦାଶ ବେନହୁରଙ୍କ ଗଳ୍ପରେ ପରିବର୍ତ୍ତିତ ମୂଲ୍ୟବୋଧ

ଡ. ସଦାଶିବ ମହାପାତ୍ର

ଓଡ଼ିଆ ସାହିତ୍ୟର ଏକ ଅନ୍ୟତମ ପ୍ରଭାବଶାଳୀ ବିଭାଗ ଭାବରେ କ୍ଷୁଦ୍ରଗଳ୍ପ ସୁପରିଚିତ । ଏହା ହେଉଛି ଏପରି ଏକ ଶିଳ୍ପକର୍ମ ଯାହା- କବିତା, ନାଟକ, ଉପନ୍ୟାସ ମନସ୍ତତ୍ୱ, ସମାଜତତ୍ୱ ପ୍ରଭୃତି ଯେକୌଣସି ପ୍ରସଙ୍ଗକୁ ଆପଣାର କରି ଅଙ୍ଗୀଭୂତ କରିପାରେ । ସାମ୍ପ୍ରତିକ ସମୟର ଜଞ୍ଜାଳଗ୍ରସ୍ତ ମଣିଷର ସାହିତ୍ୟିକ ରସପିପାସାକୁ ଏହା ଚରିତାର୍ଥ କରିଥାଏ । ସାମ୍ପ୍ରତିକ ସମୟର ଏହା ହେଉଛି ପ୍ରତିନିଧିସ୍ଥାନୀୟ ଶବ୍ଦଚିତ୍ର । ବିନ୍ଦୁ ମଧ୍ୟରେ ସିନ୍ଧୁକୁ ତୋଳି ଧରିବାର ଐକାନ୍ତିକ ପ୍ରଚେଷ୍ଟା । ଏହାର ପରିସର ସୀମିତ ହେଲେ ମଧ୍ୟ ବିସ୍ତୃତ ଭାବଧର୍ମକୁ ତୋଳି ଧରିବାରେ ବେଶ୍ ସମର୍ଥ । ମାନବ ଜୀବନର ଗଭୀରତମ ପ୍ରଦେଶର ରହସ୍ୟ ଭେଦକରି ତା'ମନର ଅଜଣା ଅନୁଭୂତି ଓ ସମ୍ବେଦନା ସବୁର ଚମତ୍କାର ରୂପାୟନ ଏହାରି ମାଧ୍ୟମରେ ସମ୍ଭବ ହୋଇପାରିଥାଏ । ସରଳ ସ୍ୱଚ୍ଛନ୍ଦ ଓ ଅକପଟ ଭାବରେ ଏହା ମଣିଷ ଜୀବନର ବାସ୍ତବ ସ୍ଥିତି ଓ ସଂଘର୍ଷର ଅନୁଭବକୁ ବର୍ଣ୍ଣନା କରିଥାଏ। କ୍ଷୁଦ୍ର ମଧ୍ୟରେ ବିରାଟର ସମ୍ଭାବନା ନେଇ ଏହାର ଆତ୍ମପ୍ରକାଶ ।

ଉତ୍ତର ଅଶୀ ଓଡ଼ିଆ କ୍ଷୁଦ୍ରଗଳ୍ପ ହେଉଛି ବିଡ଼ମ୍ବିତ ବିଚିତ୍ର ଜୀବନବୋଧର କଳାତ୍ମକ ପରିପ୍ରକାଶ । ଏହି ସମୟର ଜଣେ କୃତବିଦ୍ୟ ଯଶସ୍ୱୀ ସାରସ୍ୱତ ସାଧକ ଭାବରେ ଆମ ସାମ୍ନାକୁ ଆସନ୍ତି ଗାଳ୍ପିକ ଦାଶ ବେନହୁର । ବିଗତ ପାଞ୍ଚ ଦଶନ୍ଧିରୁ ଅଦ୍ୟାବଧି ଶ୍ରୀଯୁକ୍ତ ବେନହୁର,ଏକାଧିକ ସଫଳ ଗଳ୍ପର ସ୍ରଷ୍ଟା ଭାବରେ ଉଭୟ ଗୁଣାତ୍ମକ ତଥା ପରିମାଣାତ୍ମକ ଦିଗରୁ ଓଡ଼ିଆ କ୍ଷୁଦ୍ରଗଳ୍ପକୁ କରିଛନ୍ତି ସମୃଦ୍ଧ । ତାଙ୍କର ଅଧିକାଂଶ ଗଳ୍ପ ହେଉଛି ସହାନୁଭୂତି ପ୍ରବଣ କୋମଳ ହୃଦୟର ଅଶ୍ଳୀଳ ଅଭିବ୍ୟକ୍ତି । ସମାଜର ଅତି ସ୍ପର୍ଶକାତର ଦିଗଗୁଡ଼ିକୁ ଆଲୋକିତ କରିବାରେ ତାଙ୍କ ଗଳ୍ପଗୁଡ଼ିକ ଏକ ଏକ ଅଭିନବ ପ୍ରୟାସ । ସେ

ISSN NO.
2582-208X

ନିଜେ ଯେପରି ସରଳ, ଉଦାର,ଭାବୁକ ତଥା ସମ୍ବେଦନଶୀଳ, ଅନୁରୂପ ଭାବରେ ତାର ଯଥାର୍ଥ ରୂପ ଓ ରୂପାନ୍ତର ହେଉଛି ତାଙ୍କ ଗଳ୍ପବିଶ୍ୱ ।

ବହୁମୁଖୀ ପ୍ରତିଭାର ଅଧିକାରୀ ଶ୍ରୀଯୁକ୍ତ ବେନହୁର କବିତା, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା, କାହାଣୀ, ଶିଶୁସାହିତ୍ୟ, ଜନଶିକ୍ଷା ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ସାହିତ୍ୟକୁ କରିଛନ୍ତି ମହିମାମଣ୍ଡିତ । ମାତ୍ର କ୍ଷୁଦ୍ରଗଳ୍ପ ହିଁ ତାଙ୍କର ସବୁଠାରୁ ପରିଚିତ ମାଧ୍ୟମ । 'ନାଭିସମୁଦ୍ର' (୧୯୮୨) ହେଉଛି ତାଙ୍କର ସ୍ରଷ୍ଟା ଜୀବନର ଆଦ୍ୟ ନୈବେଦ୍ୟ । ଏହାପରେ ସମୟ ସମ୍ପର୍କ, 'ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି', 'ଚିତ୍ରିତ ଚଉପାଶ' (୧୯୮୩), 'ଛାଇନିଦ' (୧୯୮୭), 'କୁହୁଡ଼ିର ଘର' (୧୯୯୦), 'ଅକ୍ଷର ଅରଣ୍ୟ' (୧୯୯୪), 'ଡେଣା'(୧୯୯୮), 'ନିରୁକ୍ତିର ନେଳି' (୨୦୦୨), 'ତରଳୁଥିବା ସମୟ' (୨୦୧୦), 'ଅବଧାରିତ ଓ ଅନ୍ୟାନ୍ୟ ଗଳ୍ପ' (୨୦୨୨)ର ସଫଳ ପରିପ୍ରକାଶ । ଏଯାବତ୍ ଏହି ସାଧନାରତ କଥାଶିଳ୍ପୀଙ୍କର ଏଗାର ଗୋଟି ଗଳ୍ପ ସଙ୍କଳନ ପ୍ରକାଶିତ ହୋଇ ପାଠକୀୟ ପ୍ରଶଂସା ସାଉଁଟିବାରେ ବେଶ୍ ସଫଳ । ତାଙ୍କର ପ୍ରତିଟି ଗଳ୍ପ ହେଉଛି ପ୍ରତିଶ୍ରୁତିର ଗଳ୍ପ, ବଞ୍ଚିବା ପାଇଁ ଜୀବନକୁ ଆଦରି ନେବାର ଗଳ୍ପ ପୁଣି ମୁହୂର୍ତ୍ତକୁ ହାତମୁଠାରେ ତୋଳିଧରିବାର ଗଳ୍ପ ।

ସାହିତ୍ୟର କଳେବର ଦେବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆମର ଦୈନନ୍ଦିନ ଜୀବନର ତେଲଲୁଣ ସଂସାରର ପ୍ରାୟ ପ୍ରତ୍ୟେକଟି କାର୍ଯ୍ୟ ଏହି ମୂଲ୍ୟବୋଧର ମୂଳଦୁଆ ଉପରେ ଦଣ୍ଡାୟମାନ । ଏକ ସୁନ୍ଦର ସାମାଜିକ ଜୀବନ ନିର୍ବାହ ନିମିତ୍ତ ମଣିଷ ପାଇଁ ଏହି ମୂଲ୍ୟବୋଧ ହିଁ ଅପରିହାର୍ଯ୍ୟ ହୋଇପଡେ । ମଣିଷର ଜୀବନ ପ୍ରତି ରହିଥିବା ଦୃଷ୍ଟିକୋଣଟି ହେଉଛି ମୂଲ୍ୟବୋଧ । ଏହା ଏକ ଅମୂର୍ତ୍ତ ସମ୍ପ୍ରତ୍ୟୟ ଅଟେ । ମନୁଷ୍ୟର ଭାବନାତ୍ମକ ସମ୍ବେଗ ସହ ଏହାର ସମ୍ବନ୍ଧ ଜଡ଼ିତ । ଏଗୁଡ଼ିକ ମନୁଷ୍ୟର ବ୍ୟବହାରକୁ ନିୟନ୍ତ୍ରିତ ଏବଂ ନିର୍ଦ୍ଦେଶିତ କରିଥାଏ । ଏହା ଆଦର୍ଶସୂଚକ ଏବଂ ବ୍ୟାବହାରିକ ଚିନ୍ତନ ଅଟେ । ସମ୍ପୂର୍ଣ୍ଣ ପ୍ରାଣୀ ଜଗତର କଲ୍ୟାଣ ସାଧନ ମାର୍ଗ ଭାବରେ ଏହାର ପ୍ରମାଣ ରହିଛି । ଏହାକୁ ଜୀବନର ଚରମ ଆଦର୍ଶ ଭାବରେ ମୁନିଋଷିମାନେ ଗ୍ରହଣ କରିଛନ୍ତି ।

ସ୍ଥାନ କାଳ ପାତ୍ର ଭେଦରେ ସାହିତ୍ୟ ସର୍ବତ୍ର ମାନବିକ ମୂଲ୍ୟବୋଧର ସୁରକ୍ଷା କରେ । ଏହି ମୂଲ୍ୟବୋଧ ସମ୍ପର୍କରେ ସୁସମାଲୋଚକ ବାଉରୀବନ୍ଧୁ କରଙ୍କ ମତକୁ ଉଲ୍ଲେଖ କରାଯାଇପାରେ– "ପ୍ରେମ, ବନ୍ଧୁତା, ଜୀବେଦୟା, ସହଯୋଗୀତା, ଅପର ପ୍ରତି ସହାନୁଭୂତି, ପରୋପକାର, ନୈତିକତା, ଆଦର୍ଶବାଦ, ସବୁ ମତବାଦ ପ୍ରତି ଶ୍ରଦ୍ଧା ଇତ୍ୟାଦି

ISSN NO.
2582-208X

ମଣିଷର ମହତ୍ ଗୁଣାବଳୀକୁ ନେଇ ମାନବିକ ମୂଲ୍ୟବୋଧ ହୁଏ ବିଚାର - ବିଶ୍ଳେଷଣ । ପୁନଶ୍ଚ ବ୍ୟକ୍ତି ଜୀବନର, ସାମଜର ଜାତିର ଯାବତୀୟ ଅସ୍ଥିରତା, ସଙ୍କଟଜନକ ଅବସ୍ଥା ଓ ସଂଘର୍ଷମୟ ପରିସ୍ଥିତି ମଧ୍ୟରେ ଯିଏ ଯେତିକି ପରିମାଣରେ ମାନବିକ ମୂଲ୍ୟବୋଧ ପ୍ରତି ହୋଇଛି ଶ୍ରଦ୍ଧାଶୀଳ କହିବା ଯଥାର୍ଥ ହେବ ।”(୧)

ଅଧୁନା ମଣିଷଟି ଯେଉଁ ଜୀବନ ଅତିବାହିତ କରୁଛି ତାହା ବିଚ୍ଛିନ୍ନତାବାଦୀ ଚିନ୍ତାଧାରା, ସ୍ୱାର୍ଥସର୍ବସ୍ୱ ଭାବାବେଗ, ଈର୍ଷା ଓ ଅସୂୟାଜନିତ କ୍ରିୟାକଳାପ ଏବଂ ବ୍ୟକ୍ତି ମଣିଷର ଅର୍ନ୍ତଦ୍ୱନ୍ଦ୍ୱ ମଧ୍ୟ ଦେଇ ବେଶ୍ ଗତିଶୀଳ । ସାମ୍ପ୍ରତିକ ମଣିଷ ସତ୍ୟାନୁଶୀଳ ବଦଳରେ ହୋଇ ପଡ଼ିଛି ମିଥ୍ୟା ମୋହ ସଂଶ୍ଲିଷ୍ଟ । ଗଭୀର ଅର୍ନ୍ତଦୃଷ୍ଟି ପରିବର୍ତ୍ତେ ତା’ ଜୀବନ ହୋଇ ପଡ଼ିଛି ଅହମିକାପୂର୍ଣ୍ଣ । ଫଳସ୍ୱରୂପ ମୃତ୍ୟୁ ଘଟିଚି ତା’ର ମାନବିକତାର । ମଣିଷପଣିଆ ବ୍ୟତିରେକ ସେ ପଶୁତୁଲ୍ୟ ଜୀବନ ଅତିବାହିତ କରୁଛି । ପାରିବାରିକ ଜୀବନର ସୁଖଦୁଃଖ, ହସକାନ୍ଦ, ସାହାଯ୍ୟ ସହଯୋଗ, ଆବେଗ ଅନୁରାଗ ଏସବୁ ତା’ ପାଇଁ ଏକ ବୋଝ ପାଲଟିଛି । ନିତିଦିନିଆ ଜୀବନର ଏସବୁ ମୂଲ୍ୟବୋଧଗୁଡ଼ିକ ଏବେ ତା’ପାଇଁ କିଛି ମହତ୍ତ୍ୱ ରଖେନା । ମଣିଷର ଖଣ୍ଡବିଖଣ୍ଡିତ ଜୀବନରେ ବଦଳି ଯାଉଥିବା ଏହିସବୁ ମୂଲ୍ୟବୋଧଗୁଡ଼ିକୁ ନେଇ ଆଜିର ଗଳ୍ପ ପ୍ରଭାବଶାଳୀ ।

ଗାଳ୍ପିକ ଦାଶ ବେନହୁରଙ୍କ ଗଳ୍ପଗୁଡ଼ିକରେ ପରିବର୍ତ୍ତିତ ମୂଲ୍ୟବୋଧର ଚିତ୍ର ସ୍ୱଷ୍ଟ । ତାଙ୍କର ଅଧିକାଂଶ ଗଳ୍ପରେ ମୂଲ୍ୟବୋଧଗୁଡ଼ିକର ପରିବର୍ତ୍ତିତ ରୂପ ପାଠକର ଦୃଷ୍ଟି ଆକର୍ଷଣ କରନ୍ତି । କେଉଁଠି ଏହା ପାରିବାରିକ ଜୀବନରେ ଦେଖାଯାଏ ତ ପୁଣି କେଉଁଠି ବ୍ୟକ୍ତିଗତ ଜୀବନରେ । ଆଉ କେଉଁଠି ଏହା ସମ୍ପର୍କର ବନ୍ଧନ ଭିତରେ ଜଳଜଳ ହୋଇ ଉକୁଟି ଉଠେ ତ ଅନ୍ୟ କେଉଁଠି ଚରିତ୍ରର ପାରିପାର୍ଶ୍ୱିକ କ୍ରିୟାକଳାପରେ ସାମ୍ନାକୁ ଆସେ । ଏହି ପରିପ୍ରେକ୍ଷୀରେ ‘ପିଣ୍ଡସାଧନ’, ‘ବୋଉ ବଦଳ’, ‘ଟିଭି’, ‘ଆଉଦିନେ ଶୁଭଙ୍କର’ ‘ସେଦିନ ଏ ଦିନ’, ‘ନିଃସ୍ୱନ ଇଲାକା’, ‘ସିଟିଜେନ୍‌ସିପ୍’, ‘ଶୋଷ’, ‘ଆଉ ଏକ ବ୍ୟକ୍ତିଗତ ପରିସୀମା’ ଆଦି ଗଳ୍ପଗୁଡ଼ିକୁ ଆଲୋଚନା କରାଯାଇପାରେ ।

ଏହି ଭାବଧାରାର ଗଳ୍ପଟିଏ ‘ସିଗାରେଟ୍ ଖୋଳ’ । ଗଳ୍ପଟିରେ ସହରୀ ହାକମି ବନ୍ଧୁ ଚକ୍ରଧର ପାଖକୁ ଗାଁ ସ୍କୁଲ୍‌ର ଗରିବ ମାଷ୍ଟର ଜଗବନ୍ଧୁ ଟିକିଏ ସାହାଯ୍ୟ ଆଶାରେ ଧାଇଁ ଆସିଛି । ସିଗାରେଟ ଖୋଳରେ ଚିଠି ନମ୍ବର ଓ ତାରିଖ ଟିପି ରଖିଚି ଚକ୍ରଧର । ମାତ୍ର ଆତ୍ମସନ୍ତୋଷରେ ଜଗବନ୍ଧୁ ଘରକୁ ଫେରିବା ବାଟରେ ହଠାତ୍ ତାର ନଜର ପଡ଼ିଛି ତଳେ

ISSN NO.
2582-208X

ପଡ଼ିଥିବା ସେଇ ସିଗାରେଟ ଖୋଳ ଉପରେ । ସତେ ଯେପରି– "ଜଗବନ୍ଧୁ ଭାବୁଥିଲେ ଚକ୍ରଧର ନିକଟରେ ସେ ଯେମିତି ଗୋଟେ ସିଗାରେଟ୍ ଖୋଳ । ମାତ୍ର ଖୋଳଟାର ଆବଶ୍ୟକତା ସରିଯାଇଛି ଅନେକ ଦିନୁ ।" (୨) ଏଠାରେ ଚକ୍ରଧର ଚରିତ୍ର ମାଧ୍ୟମରେ ଗାଳ୍ପିକ ଏକ ସ୍ୱାର୍ଥପର ମନୋବୃତ୍ତିର ପରିଚୟ ଦେଇଛନ୍ତି । ଯିଏ ନିଜ ବନ୍ଧୁକୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ପଛରେ ପ୍ରତ୍ୟାଖ୍ୟାନ କରିଛି । ଏଠାରେ ସମୟ ଅନୁସାରେ ବଦଳି ଯାଉଥିବା ମଣିଷର ସ୍ୱରୂପକୁ ଗାଳ୍ପିକ ଦର୍ଶାଇଛନ୍ତି ।

ସେହିପରି 'ଟିଭି' ଗଳ୍ପରେ ଜେଜେଙ୍କର ଟିଭିକୁ ନେଇ ରହିଥିବା ନାସ୍ତିସୂଚକ ଚିନ୍ତାଧାରା ପ୍ରକାଶିତ । ଟିଭି ଆସିଲେ ପିଲାମାନଙ୍କର ପାଠପଢ଼ା ନଷ୍ଟ ହୋଇ ସେମାନେ ଅସଭ୍ୟ ହେବା ସହ ପରିବାର ଭିତରେ ଏକ ବିଶୃଙ୍ଖଳା ପରିବେଶ ସୃଷ୍ଟି ହେବ ବୋଲି ତାଙ୍କ ଧରଣା । ବଞ୍ଚିଥିବା ଯାଏଁ ଟିଭି ପରି ଏକ ଅଯଥା ଫେସନ୍‌କୁ ପ୍ରଶ୍ରୟ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ ସେ । ମାତ୍ର ନାତୁଣୀ ଚୁନିର ଜିଦ୍ ଆଗରେ ଜେଜେଙ୍କର ସବୁ ଟାଣପଣ ଭାଙ୍ଗିଯାଇଛି । ଘରକୁ କିଣା ହୋଇ ଆସିଛି ରଙ୍ଗିନ୍ ଟିଭି । ଇଡ଼ିଅଟ ବକ୍ସ ବୋଲି ଭାବୁଥିବା ଟିଭିଟି ଏବେ ଜେଜେଙ୍କର ପରମବନ୍ଧୁ । ସତେ ଅବା "ନିଜ ହାତରେ ନିଜେ ଟିଭି ବିରୁଦ୍ଧରେ ଗଢ଼ିଥିବା ଅଭିଯୋଗର ମାଟି ପାହାଡ଼ଟିକୁ ନିଜ ଅଜାଣତରେ ଜେଜେ କୋଉଦିନୁ ଭାଙ୍ଗି ସାରିଥିଲେ ।"(୩) ପରିବେଶ ଓ ପରିସ୍ଥିତି ଅନୁସାରେ ଜେଜେଙ୍କର ମାନସିକତାର ପରବିର୍ତ୍ତନର ଚିତ୍ର ଏଠାରେ ସ୍ପଷ୍ଟ ।

ଗାଁ ଭିଟାମାଟିର ଘର ଏବଂ ବାଇଚଢ଼େଇ ବସାକୁ ନେଇ ଚମତ୍କାର ଗଳ୍ପଟିଏ 'ବାଇଚଢ଼େଇ।' ଅବସର ପରେ ସରୋଜ ଗାଁରେ ଯାଇ ରହିବାର ମନସ୍ଥ କରିଛନ୍ତି । ପୁ଼ୁରୁଣା ଘର ଭାଙ୍ଗି ନୂଆ ଘରର ନକ୍ସା ପ୍ରସ୍ତୁତ କରିବାରେ ସେ ତତ୍ପର ଥିବାବେଳେ ତାଙ୍କ ମନ ଭିତରେ ସୃଷ୍ଟି ହୋଇଛି ଭାବାନ୍ତର ବାଇଚଢ଼େଇ ବସାକୁ ଦେଖି । ସେଇ ପୁରୁଣା ଘରେ ବାପ ଅଜାଙ୍କର ସ୍ମୃତିଭିଜା ଉଷ୍ମତାକୁ ଅନୁଭବ କରିଛନ୍ତି ସେ । ତେଣୁ ସେଇ ଘରକୁ ନ ଭାଙ୍ଗି ତାରି ଭିତରେ ବାଇଚଢ଼େଇ ପରି ଜୀବନ ବଞ୍ଚିବାର ନିଷ୍ପତ୍ତି ମଧ୍ୟରେ ଗାଳ୍ପିକ ଏକ ନୂତନ ସମ୍ପର୍କଟିଏ ଯୋଡ଼ିବାରେ ସଫଳ ହୋଇ ପାରିଛନ୍ତି ।

ଏହି ଭାବଧାରାର ଅନ୍ୟ ଏକ ଗଳ୍ପ 'ଡାଳ' । ଘନଶ୍ୟାମଙ୍କର ବଡ଼ପୁଅ ଶୁଭକାନ୍ତ ନାଗପୁରର କେଉଁ ଏକ ଫ୍ୟାକ୍ଟ୍ରିରେ ସବ୍‌ମ୍ୟାନେଜର । ଜମି ବିକ୍ରି କରି ବାପା ତା'ର ପେଟରେ ଓଦାକନା ପକେଇ ତାକୁ ମଣିଷ କରିଛନ୍ତି । ମାତ୍ର ଏବେ ବାପା ବୋଉଙ୍କ

ISSN NO.
2582-208X

ବାର୍ଦ୍ଧକ୍ୟ ସମୟରେ ଗାଁକୁ ଆସିବା ପାଇଁ ତା' ପାଖରେ ସମୟର ଅଭାବ । ସେ କହେ – "ଏତେ ଦୂରକୁ ଯିବା ଆସିବା କରିବା ଆଉ ଦିହରେ ଯାଉନି । ତା' ଛଡ଼ା ଏତେ ବ୍ୟସ୍ତତାକୁ ଏଡ଼େଇ ଦେଇ ଗାଆଁକୁ ଖାଲି ଗୋଟେ ଭାବପ୍ରବଣତା ରକ୍ଷା କରି ଆସିବା ଆଉ ସମ୍ଭବ ହେଉନି ।"(୪) ଶୁଭକାନ୍ତ ଚରିତ୍ର ଭିତରେ ଏକ ସ୍ୱାର୍ଥପର ମଣିଷଟିଏର ଚିତ୍ର ସ୍ପଷ୍ଟ ବାରି ହୋଇପଡ଼େ ।

'ଶରଶଯ୍ୟା' ଗଳ୍ପଟିରେ ପିତାମ୍ବର, ଚାକର ରଘୁ ପାଇଁ ଅନୁତାପ ଅନଳରେ ଅହରହ ଦଗ୍ଧୀଭୂତ । ଏକଦା ଭାରି ବିଶ୍ୱସ୍ତ ଥିବା ରଘୁ ମୁଣ୍ଡରେ ବଡ଼ ବୋହୂର ହାର ଚୋରି ଅଭିଯୋଗକୁ ଲଦି ଦେଇଛନ୍ତି ପରିବାର ଲୋକେ । ସମସ୍ତଙ୍କ ପରି ପୀତାମ୍ବର ମଧ୍ୟ ନ ବୁଝି ନ ଶୁଝି ଏକଥାକୁ ବିଶ୍ୱାସ କରିଯାଇଛନ୍ତି । ପରେ ହାରଟି ଘରୁ ମିଳିବା ପରେ ସବୁ ସନ୍ଦେହ ଦୂର ହୋଇଛି । ତେବେ ନିର୍ଦ୍ଦୋଷ ଚାକରଟିକୁ ଜାଣିଶୁଣି ଥାନାରେ ମାଡ଼ ମାରି ଦୋଷୀ ସାବ୍ୟସ୍ତ କରିବା ପଛରେ ଏକ ଅମାନବୀୟ ଚିତ୍ର ସାମ୍ନାକୁ ଆସେ ।

ସୁରେଶ ମନରେ ଏରୋପ୍ଲେନ୍ ପ୍ରତି ପିଲାବେଳୁ ଅହେତୁକ ଦୁର୍ବଳତା । କମ୍ପାନୀ ତରଫରୁ ମିଳିଥିବା ସୁଯୋଗରେ ବୋଉକୁ ଏରୋପ୍ଲେନ୍‌ରେ ବସାଇ ବୁଲାଇ ଆଣିବାକୁ ମନସ୍ଥ କରିଛି ସେ । ମାତ୍ର ସ୍ତ୍ରୀ କଲ୍ୟାଣୀର ବିରୋଧ କ୍ରମେ ନିଷ୍ପତ୍ତି ବଦଳାଇଛି ସୁରେଶ । ବୋଉକୁ ବାଦ୍ ଦେଇ ଶାଶୁଙ୍କୁ 'ମାଇଁ ମଦର' ବୋଲି ପରିଚୟ ଦେଇ ବୁଲାଇ ନେଇଛି । ପିଲାବେଳୁ ବୋଉକୁ ଏରୋପ୍ଲେନ୍‌ରେ ବସାଇ ବୁଲାଇବାର ପରିକଳ୍ପନା କଳ୍ପନାରେ ରହିଯାଇଛି । ଦାମ୍ପତ୍ୟ ସୁଖ ସାମ୍ନାରେ ବୋଉର ଖୁସି ସତେ ଯେମିତି ହେୟ ମନେ ହୋଇଛି । ଏହିପରି ରକ୍ତଗତ ସମ୍ପର୍କ ଭିତରେ ମୂଲ୍ୟବୋଧର ପରିବର୍ତ୍ତନକୁ ନେଇ ଚମତ୍କାର ଗଳ୍ପଟିଏ 'ବୋଉ ବଦଳ' ।

ସେହିପରି 'ପିଣ୍ଡସାଧନ' ଗଳ୍ପଟିରେ ସମୟାନୁକ୍ରମେ ପାରିବାରିକ ଜୀବନରେ ବଦଳି ଯାଉଥିବା ସମ୍ପର୍କ, ମୂଲ୍ୟବୋଧର ଚିତ୍ର ବାସ୍ତବ ମନେହୁଏ । ବଡ଼ ଭାଇନାଙ୍କ ଠାରୁ ଚିଠି ପାଇ ଗଳ୍ପ ପୁରୁଷଟି ଜମିବାଡ଼ି, ଘରଦ୍ୱାର ଭାଗବଣ୍ଟା ପାଇଁ ଘରକୁ ଆସିଚି । ପୂର୍ବଥର ପରି ତା ମନରେ ଘରକୁ ନେଇ ରହିଥିବା ସେଇ ସରାଗ, ଉଷ୍ମତା ଆଉ ନାହିଁ । ସହରର ଚାକିରୀ ଜୀବନରେ ଘରକୁ ଚିଠିଟିଏ ଦେବା ପାଇଁ ତା ପାଖରେ ସମୟ ଓ ଆନ୍ତରିକତାର ଅଭାବ । ବଡ଼ ଭାଇନାଙ୍କୁ ଦେଖି ପାଦଧୂଳି ନେବା ମଧ୍ୟ ସେ ଭୁଲି ଯାଇଛି । ଘରେ ପହଞ୍ଚିବା ପରେ ପୁତୁରାମାନଙ୍କର ଆଦରର କକେଇ ଡାକ ଆଉ ଶୁଣିବାକୁ ମିଳି ନାହିଁ ।

ISSN NO.
2582-208X

"ଘରଟା ସାରା କିପରି ଏକ ବେଖାପ୍ ଭାବ ଖେଳି ବୁଲୁଥିଲା । ଭାଗ ଭାଗ ହେବା ପାଇଁ ସତେ ଯେମିତି ଘରଟି ଜିଦ୍ ଧରି ବସଛି । ଘର ଯାକ ମଶାଣିଆ ନୀରବତା ।"(୫) ଭାଇଭାଗର ନିଖୁଣ ବର୍ଣ୍ଣନା ଭିତରେ ଖଣ୍ଡିତ ସମ୍ପର୍କର ବାସ୍ତବ ବର୍ଣ୍ଣନା ଗଳ୍ପଟିକୁ ଶକ୍ତିଶାଳୀ କରିପାରିଛି ।

ଏହି ପର୍ଯ୍ୟାୟର ଅନ୍ୟ ଏକ ଗଳ୍ପ ହେଉଛି 'ଆଉ ଏକ ବ୍ୟକ୍ତିଗତ ପରିସୀମା' । ପିଲାଦିନୁ ବିଚାରପତି ହେବାକୁ ପସନ୍ଦ କରୁଥିବା ଗଳ୍ପପୁରୁଷ ଶେଷରେ ଅଧ୍ୟାପକ ହୋଇଛନ୍ତି । ବିଚାରପତି ନିଗମାନନ୍ଦ ବାବୁଙ୍କ ପ୍ରତି ରହିଥିବା ସମ୍ମାନବୋଧ କ୍ଷଣ ମାତ୍ରକେ ଘୃଣାରେ ପରିଣତ ହୋଇଛି । ଯେତେବେଳେ ବିଚାରପତି ମହୋଦୟ ନିଜ ପୁଅର ପରୀକ୍ଷା ନମ୍ବର ବଢ଼ାଇବାକୁ ଗଳ୍ପ ପୁରୁଷଙ୍କୁ ରୋଲ ନମ୍ବରଟି ଦେଇଛନ୍ତି, ସେତେବେଳେ ନିଗମାନନ୍ଦଙ୍କର ସବୁ ବିଚାରପତୀୟ ଆଭିଜାତ୍ୟ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଇଛି । ସେହିପରି 'ବାପପୁଅ' ଗଳ୍ପରେ ଚନ୍ଦ୍ରୁଲାଲ ବାବୁଙ୍କର ପୁଅ ରଙ୍ଗନାଥକୁ ନେଇ ଭାରି ଚିନ୍ତା । କୁସଙ୍ଗରେ ପଡ଼ି ରଙ୍ଗନାଥ ମଦଭାଟିକୁ ଯାଏ । ରାତିରେ ଘରକୁ ନ ଫେରି ଜୁଆ ଆଡ୍ଡାରେ ରାତି କଟାଏ । ଆଜିକାଲରି ଗୁଣ୍ଡା, ମଦୁଆ ତା ପାଇଁ ସତେ ଯେପରି ଜୀବନଦିଆ ସାଙ୍ଗ । ଭେଣ୍ଡାପୁଅ ରୋଜଗାର ନ କରି ଜୋର ଜବରଦସ୍ତ ଦୋକାନ ହୁଣ୍ଡିରୁ ଟଙ୍କା ନେଇଯାଏ । ପରିଣତ ବୟସରେ ବାପର ସାହା ଭରସା ସାଜିବା ବଦଳରେ ରଙ୍ଗନାଥର ଏଭଳି କୁସଙ୍ଗଜନିତ ଆଚରଣ ଗଳ୍ପଟିରେ ବର୍ଣ୍ଣିତ ।

ଏହି ଭାବବସ୍ତୁକୁ ନେଇ ଗଳ୍ପଟିଏ 'ଚିଠି' । ସାଧାରଣତଃ ଚିଠିଟିଏ ଆସିଲେ ମନରେ ଅନେକ ସମ୍ଭାବନା ନେଇ ଆସେ । ସବୁ ଆବେଗରେ ଜଡ଼ସଡ଼ ହୋଇ ଚିଠିଟିଏ ଆମ ପାଖରେ ପହଞ୍ଚେ । ଅନେକ ଅନୁସନ୍ଧିସ୍ତାର ଉତ୍ତର ପାଲଟିଯାଏ ଚିଠି । ସେଇ ଚିଠି ପୁଣି କେତେ ଅବ୍ୟକ୍ତ ଆନ୍ତରିକତାର ଯୋଗଫଳ ପାଲଟିଯାଏ । ମାତ୍ର ଏଠାରେ ପରିମଳ ପଶାୟତ ଦେଇଥିବା ଚିଠିଟି ଗଳ୍ପ ନାୟକକୁ ଆବେଗରେ ଆର୍ଦ୍ର କରି ପାରିନି । ଚିଠିକୁ ନେଇ ରହିଥିବା ସ୍ନେହ ସରାଗଟିକକ ସତେ ଯେପରି ଲୁପ୍ତ । ଏକ ପ୍ରକାରର ବିରକ୍ତି ଆଉ ବିତୃଷ୍ଣାରେ ସେ ପରିମଳର ଚିଠିଟିକୁ ନ ପଢ଼ିବାକୁ ନିଷ୍ପତ୍ତି ନେଇଛି । ସାମ୍ପ୍ରତିକ ସମାଜର ସ୍ୱାର୍ଥସର୍ବସ୍ୱ ମଣିଷଟି ଏତେ ବିଚ୍ଛିନ୍ନ ହୋଇ ପଡ଼ିଛି ଯେ ଆବେଗ ଅନୁରାଗ ପାଇଁ ତା' ମନରେ ଉତ୍କଣ୍ଠା ସୃଷ୍ଟି ହୋଇ ପାରୁନାହିଁ ।

ISSN NO.
2582-208X

ଏହି ପରିପ୍ରେକ୍ଷୀରେ 'ଆଉଦିନେ ଶୁଭଙ୍କର' ଗଳ୍ପରେ ଶୁଭଙ୍କର ମିଶ୍ର ରାଜ୍ୟ ସଚିବାଳୟର ବଡ଼ ହାକିମ । ଶାସନର କାର୍ଯ୍ୟବ୍ୟସ୍ତତା ଭିତରେ ନର୍ସିଂହୋମରେ ଥିବା ରୋଗିଣା ବୋଉକୁ ଦେଖିବାକୁ ତା ପାଖରେ ସମୟର ଘୋର ଅଭାବ । ନର୍ସିଂହୋମ୍‌ରେ ଡାକ୍ତର, ନର୍ସଙ୍କ ହାତରେ ସବୁ ଦାୟିତ୍ୱ ଦେଇ ପୁଅ ହେବାର କର୍ତ୍ତବ୍ୟ ସାରିଦିଏ ସେ । ବୋହୂ ଏଲୋରା ଦେବୀ ମଧ୍ୟ ପାର୍ଲର, କ୍ଲବ ଯିବା, ସଭାସମିତି କରିବା ଆଦି ପ୍ରଗତିଶୀଳ କାମ ଭିତରେ ଭାରି ବ୍ୟସ୍ତ । ନର୍ସିଂହୋମ୍‌ରୁ ଖବର ଆସିବା ଶୁଣି ମଧ୍ୟ ପୁଅ ବୋହୂ ସିନେମା ଦେଖିବାକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ଶେଷ ଅବସ୍ଥାରେ ବୋଉକୁ ଦେଖିବାରୁ ବଞ୍ଚିତ ହୋଇଛି ସେ। ବୋଉ ଚାଲିଯିବା ପରେ ସେ ପୂଜା କରୁଥିବା କାନ୍ଦୁଲଗଛଟିକୁ ଉପାଡ଼ି ଦେଇ ସତେ ଅବା ବୋଉ ସହ ସମସ୍ତ ସମ୍ପର୍କର ସୂତାଖିଅଟିକୁ ଛିଣ୍ଡେଇ ଦେଇଛି । ପରିଣତ ଅବସ୍ଥାରେ ବୋଉ ପ୍ରତି ପୁଅ ବୋହୂଙ୍କର କର୍ତ୍ତବ୍ୟରେ ଅବହେଳା ଓ ହେୟ ଭାବର ଜୀବନ୍ତ ବର୍ଣ୍ଣନା ଗଳ୍ପଟିକୁ ହୃଦୟସ୍ପର୍ଶୀ କରିପାରିଛି ।

ଏହି ପର୍ଯ୍ୟାୟବାଚୀ ଚମତ୍କାର ଗଳ୍ପଟିଏ 'ସେଦିନ ଏଦିନ' । ଗାଁର ଲାଗୁଆ ଭଣ୍ଡାରି କୁଷିଆ ବାରିକ ଏବେ କୁଷିଆ ସେଲୁନ୍‌ର ମାଲିକ । ଦିନ ଥିଲା ଦୁଆରେ ଡାକ ଦେଇ ଖିଅର କରୁଥିବା କୁଷିଆ ଏବେ କ୍ୟାବିନ୍‌ରେ ବାଳ କତୁରଉଛି । ଏହାର କାରଣ ପଚାରିବାରୁ ତା'ର ଉତ୍ତର ଠିକ ଏଇମିତି- "ଆଜ୍ଞା ବାବୁମାନେ ସେଲୁନ ନ ହେଲେ ଆଉ ବାଳ କତୁରେଇବାକୁ ପସନ୍ଦ କରୁନାହାନ୍ତି । ଗଡ଼କୁ ଯାଇ ଅଧିକ ପଇସା ଦେଇ ବାଳ କାଟୁଛନ୍ତି ସିନା, ମତେ ଦୁଆରକୁ ଡାକୁ ନାହାନ୍ତି ।" (୬) ଏ ଉକ୍ତି ଭିତରେ କୁଷିଆ ବାରିକର କୋହ ଏବଂ ପରିବର୍ତ୍ତିତ ସମୟବୋଧର ଚିତ୍ରକୁ ଗାଳ୍ପିକ ଅତି ନିଖୁଣତାର ସହ ବର୍ଣ୍ଣନା କରିଛନ୍ତି ।

ସେହିପରି 'ନିସ୍ପନ୍ଦ ଇଲାକା' ଗଳ୍ପରେ ଦୁଇଜଣ ମଣିଷ ଅତି ବେପରୁଆ ଭାବରେ ଅନେକ ସମୟ ଧରି କଥାବାର୍ତ୍ତା ହେଉଛନ୍ତି । ଆଖପାଖର ପରିବେଶ ପ୍ରତି ସେମାନେ ସତେ ଯେପରି ଅସଚେତନ । ପାଖରେ ଯାତ୍ରୀବାହି ଗାଡ଼ିଟିଏ ଓଲଟି ପଡ଼ି ଘଟଣାସ୍ଥଳରେ ତିନିଜଣଙ୍କର ମୃତ୍ୟୁ ହୋଇଛି । ମାତ୍ର ସେମାନଙ୍କର ସେଥି ପ୍ରତି ନିଘା ନାହିଁ । ସେମାନେ ସେହିପରି ପାଖାପାଖି ମୁହଁକୁ ମୁହଁ ଲଗେଇ ଭାଷା ବିନିମୟରେ ବ୍ୟସ୍ତ । ମଣିଷର ସ୍ୱାର୍ଥପର ମନୋବୃତ୍ତି ତଥା ଅସମ୍ବେଦନଶୀଳତାର ପରିଚୟ ଗଳ୍ପଟିରେ ସ୍ପଷ୍ଟ ।

ଏହି ଭାବଧାରାର ଅନ୍ୟ ଏକ ଗଳ୍ପ 'ସିଟିଜେନସିପ୍'ରେ ସୁନନ୍ଦା ଜନ୍ମମାଟିକୁ ମା' ପରି ଭଲ ପାଉଥିବା ଚରିତ୍ରଟିଏ । ମାତ୍ର ସ୍ୱାମୀ ଅଂଶୁମାନ ଆମେରିକାର ନାଗରିକତ୍ୱ ଗ୍ରହଣ କରିବା

ISSN NO.
2582-208X

ପାଇଁ ନଛୋଡ଼ବନ୍ଧା । ଆମେରିକାର ସିଟିଜେନ୍‌ସିପ୍ ପାଇବା ଏକରକମ ଭାଗ୍ୟର କଥା ବୋଲି ଅଂଶୁମାନର ଭାବନା । ତେଣୁ ସେ ସୁନନ୍ଦାର ଇଚ୍ଛା ବିରୁଦ୍ଧରେ ତାକୁ ନାଗରିକତ୍ୱ ଫର୍ମଟିରେ ଦସ୍ତଖତ କରିବାକୁ ବାଧ୍ୟ କରିଛି । ଅଂଶୁମାନ ଚରିତ୍ର ମାଧ୍ୟମରେ ଗାଳ୍ପିକ ଗାଁ ଭୂଇଁକୁ ଛାଡ଼ି ବିଦେଶ ମାଟିକୁ ଆପଣେଇ ନେବାର ମାନସିକତାକୁ ଅତ୍ୟନ୍ତ ବାସ୍ତବ ରୂପେ ଗଢ଼ି ତୋଳିଛନ୍ତି । ଉଚ୍ଚଶିକ୍ଷିତ ହୋଇ ମଧ୍ୟ ମଣିଷର ଚିତ୍ର ଓ ଚରିତ୍ର କିପରି ପରିବର୍ତ୍ତିତ ହୋଇଯାଏ ତାର ନିଖୁଣ ବର୍ଣ୍ଣନା ଗଳ୍ପଟିକୁ ମହନୀୟ କରିପାରିଛି ।

ଅନୁରୂପ ଭାବେ 'ଶୋଷ' ଗଳ୍ପର ସଙ୍ଗୀତ ବିଶାରଦ ପ୍ରଭାକର ରାଜନୀତି ମଇଦାନରେ ପାଦ ଥାପିଛନ୍ତି । ମନ୍ତ୍ରୀ ହେବାର ମୋହ ତାଙ୍କୁ ରାଜନୀତିର ପଙ୍କ ଭିତରକୁ ଟାଣି ନେଇଛି। ସଙ୍ଗୀତ ବିଦ୍ୟା ପରିବର୍ତ୍ତେ ରାଜନୀତିର ପଶାପାଲିରେ ଜଣେ ପୁରୁଖା ଖେଳାଳୀ ବୋଲି ନିଜକୁ ଭାବି ନେଇଛନ୍ତି ସେ । କ୍ଷମତା ଏବଂ ମନ୍ତ୍ରୀ ହେବାର ସ୍ୱପ୍ନରେ ମସଗୁଲ ହୋଇ ସେ ନିଜର ସ୍ୱାଭିମାନକୁ ଜଳାଞ୍ଜଳି ଦେଇଛନ୍ତି । ଏଣୁ ଜୀବନରେ କେବେ ନ ମେଣ୍ଟିବାର ଶୋଷ ହୋଇଛି ପ୍ରଭାକରଙ୍କୁ । ମୋହରେ ମଣିଷ କିପରି ନିଜର ବ୍ୟକ୍ତିତ୍ୱକୁ ପାସୋରି ଦିଏ, ତା'ର ସ୍ପଷ୍ଟ ଚିତ୍ର ଗାଳ୍ପିକ ଏଠାରେ ଦର୍ଶାଇଛନ୍ତି ।

ଏହିଭଳି ଭାବରେ ଗାଳ୍ପିକ ଦାଶ ବେନହୁର ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ନିଇତି ଭେଟୁଥିବା ଚରିତ୍ରମାନଙ୍କର ବିଶ୍ଳେଷଣ କରିଛନ୍ତି । ଏ ଭିତରେ ସେ ମଣିଷଟିଏର ପାରିବାରିକ ସ୍ଥିତିକୁ ଅତି ପାଖରୁ ପରଖିଛନ୍ତି । ରକ୍ତଗତ ସମ୍ପର୍କ ମଧ୍ୟରେ ଅହରହ ଭାଙ୍ଗି ପଡୁଥିବା ମୂଲ୍ୟବୋଧଗୁଡ଼ିକୁ ତନ୍ନ ତନ୍ନ କରି ବଖାଣିଛନ୍ତି । ସମ୍ପର୍କର ସବୁଜ ପାଖୁଡ଼ାଗୁଡ଼ିକ ସ୍ୱାର୍ଥପରତାର ଗରମ ହାୱାରେ ଝାଉଁଳି ପଡ଼ିବାର ଚିତ୍ର ତାଙ୍କ ଗଳ୍ପଗୁଡ଼ିକରେ ସ୍ୱତନ୍ତ୍ର ଭାବେ ବର୍ଣ୍ଣନା କରିଛନ୍ତି । ବାସ୍ତବିକ ମୂଲ୍ୟବୋଧଗୁଡ଼ିକ ତାଙ୍କ ଗଳ୍ପର ଏକ ମୂଳ ମାନଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଗୁଡ଼ିକର ବିକଳ ତଥା ବାସ୍ତବ ରୂପକୁ ଗାଳ୍ପିକ ବେନହୁର ତାଙ୍କ ସୃଷ୍ଟିରେ ଅତି ସଚେତନ ଭାବେ ଗଢ଼ି ତୋଳିଛନ୍ତି । ଏଗୁଡ଼ିକର ନିଖୁଣ ବର୍ଣ୍ଣନା ତାଙ୍କ ସୃଷ୍ଟିକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛି ।

ପ୍ରାନ୍ତଟୀକା :
୧. କର, ବାଉରୀବନ୍ଧୁ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ମାନବିକ ମୂଲ୍ୟବୋଧ, ସଂସ୍କୃତି ଓ ମାନବିକ ମୂଲ୍ୟବୋଧ, ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦ, ଯାଜପୁର, ୨୦୧୦, ପୃ. ୧୯୬

ISSN NO.
2582-208X

୨. ବେନହୁର, ଦାଶ : ସିଗାରେଟ୍ ଖୋଳ, ଗଳ୍ପ ପ୍ରବାହ (୨), ସନ୍ତୋଷ ପବ୍ଲିକେଶନସ୍, ସୂତାହାଟ, କଟକ, ୨୦୧୨, ପୃ. ୩୬
୩. ବେନହୁର, ଦାଶ : ଟିଭି, ଗଳ୍ପ ପ୍ରବାହ (୨), ସନ୍ତୋଷ ପବ୍ଲିକେଶନସ୍, ସୂତାହାଟ, କଟକ, ୨୦୧୨, ପୃ. ୧୨୨
୪. ବେନହୁର, ଦାଶ : ଡାଳ, ଗଳ୍ପ ପ୍ରବାହ (୨), ସନ୍ତୋଷ ପବ୍ଲିକେଶନସ୍, ସୂତାହାଟ, କଟକ, ୨୦୧୨, ପୃ. ୨୦୨
୫. ବେନହୁର, ଦାଶ : ପିଣ୍ଡ ସାଧନ, ଗଳ୍ପ ପ୍ରବାହ (୧), ସନ୍ତୋଷ ପବ୍ଲିକେଶନସ୍, ସୂତାହାଟ, କଟକ, ୨୦୧୨ ପୃ. ୭୪
୬. ବେନହୁର, ଦାଶ : ସେଦିନ ଏଦିନ, ଗଳ୍ପ ପ୍ରବାହ (୧),ସନ୍ତୋଷ ପବ୍ଲିକେଶନସ୍, ସୂତାହାଟ, କଟକ, ୨୦୧୨ ପୃ. ୧୮୪

(((-)))

ଦୂରଭାଷ : ୮୮୯୫୨୬୪୩୮୨

ISSN NO.
2582-208X

# ପ୍ରଭୁ



ଚନ୍ଦ୍ରମଣି ଭୁଏ

ହେ ମୁରଲୀଧର ...
ହେ ମନୋହର
ତ୍ରିଭଙ୍ଗିଠାଣିର ଆଧାର,
କି ନେତ୍ର ତୋର
ଦୁନିଆ ଦେଖୁ
ଦୁନିଆ ଗଢୁ
କେତେ ଶରଧାରେ
କେତେ ପ୍ରେମର,
ତଥାପି ଦୁନିଆଁ ରେ ଏତେ ବିଶୃଙ୍ଖଳା କାହିଁକି ?

ତୋର ଗୋଟିଏ ଇସାରାରେ
ସୂର୍ଯ୍ୟ ଚନ୍ଦ୍ର ଆତ ଯାତ ହୁଅନ୍ତି,
ତୋ ଗୋଟିଏ ଆଙ୍ଗୁଳିରେ
ସୃଷ୍ଟିକୁ ଉଠେଇ ପାରୁ
ସଂସାରକୁ ବିପଦରୁ ବଞ୍ଚାଇପାରୁ
ପାପକୁ ନାଶ କରିପାରୁ
ହେଲେ କାହିଁକି ପାପୀର ମାନସିକତାକୁ ପରିବର୍ତ୍ତନ କରିପାରୁ ନା ?

ISSN NO.
2582-208X

ତୁ ହିଁ ଉଦୟ
ତୁ ହିଁ ଅସ୍ତ,
ଏ ସମଗ୍ର ଜୀବନର ର ସୂର୍ଯ୍ୟୋଦୟ ରେ
କେତେ ଆଶା କେତେ ନିରାଶା
କେତେ ଦ୍ୱନ୍ଦ୍ୱ କେତେ ସମାଧାନ
ପୁଣି କେତେ ରାଗ ଅଭିମାନ
ତଥାପି ଏତେ ପାତର ଅନ୍ତର କାହିଁ ପ୍ରଭୁ ?

ଇଚ୍ଛା ହୁଏ ତୋ ସାଥିରେ
ଏକାକାର ହୋଇଯିବା ପାଇଁ,
ମିଶିଯିବା ପାଇଁ ଅନନ୍ତ ଆକାଶରେ
ହୋଇଯିବା ପାଇଁ ତୋ ପାଦର ରେଣୁଟିଏ ହୋଇ,
ମନ ହୁଏ ତୋ ହାତ ଧରି ବାଟ ଚାଲିବାକୁ
ଏ ଜୀବନର ଲମ୍ବା ରାସ୍ତାରେ ....
ହେଲେ କହିଲ ପ୍ରଭୁ,
ତୁମେ କ'ଣ କର......?
ବେଳେବେଳେ ମୋର ଏ ଅଭାଗାର ହାତ କାହିଁକି ଛାଡି ଦିଅ ପ୍ରଭୁ ?

(((-)))

ସହକାରୀ ପ୍ରାଧ୍ୟାପକ,
ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଭବାନୀପାଟଣା, କଳାହାଣ୍ଡି
ମୋ.ନ - ୯୯୩୭୫୬୮୬୩୫
ଇ ମେଲ୍ -chandramanibhue@gmail.com

ISSN NO.
2582-208X

# ବ୍ୟାସ ବିହାରରେ ସଂଧ୍ୟା

ପିଙ୍କୁନ୍ ମାଝୀ

ସେ ପ୍ରତିଦିନ ଆସେ ବ୍ୟାସ ବିହାରକୁ
ମୁକୁଳିତ ତାର କେଶ , ଅସଂଯତ ବେଶ
ଯାହା କ୍ଷଣକେ ଅସହଜ କରିଦିଏ
ସମଗ୍ର ପରିବେଶକୁ ତାର
ଅସ୍ପଷ୍ଟ ଆଲୁଅରେ ।

ତୁମେ କଣ ଦେଖିନ !...
ସେଦିନ ଦିବସର କ୍ଲାନ୍ତିରେ
ଅସଜଡା କେଶକୁ ସଜାଡ଼ୁ ସଜାଡ଼ୁ
ଦର୍ପଣ ଆଗରେ ପ୍ରତିବିମ୍ବ ହୋଇ ଉଠେ
ଜୀବନର ଅସହାୟତା; ଯାହାକୁ
ଏବେ ଏବେ ଫୋପାଡି ଆସିଥିଲି
କଲାମ ଛକରେ ।

ଆଉ ଜାଣିଛ . .
ପାଷାଣ ପରି ଛିଡ଼ା ହୋଇଥିବା
ଲାଇଟପୋଷ୍ଟଗୁଡ଼ିକ ବି ଇର୍ଷାକରନ୍ତି
ତୁମର ସାନ୍ନିଧ୍ୟ ଆଶାରେ

ISSN NO.
2582-208X

ଯେଉଁଥିପାଇଁ ତୁମ ନାଁରେ
ଅଭିଯୋଗ ବସେ ପଞ୍ଚାୟତ ଛକରେ...

ଆଜିବି ମୋର ଇଚ୍ଛାହୁଏ ଛୁଇଁବାକୁ,
ପୁଣି ପୋଛିବାକୁ ତୁମ ଆଖିର ଆଦ୍ରତା ।
କିନ୍ତୁ ପାରେନାହିଁ କାଳେ ଛୁଇଁଦେଲେ
ତୁମ ଅସ୍ୱଷ୍ଟତାକୁ ଅଧିକ ଗାଢ଼ତର କରିଦେବ
ମିଶି ତୁମର ଆଗତ ଶତ୍ରୁମାନଙ୍କ ସହ !

(((–)))

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
7008446948

ISSN NO.
2582-208X

# ମନୋଜ ଦାସଙ୍କ ଉପନ୍ୟାସରେ ଲୋକଦେବତା ପ୍ରସଙ୍ଗ



ଡ. ଅର୍ଚ୍ଚନା ନାୟକ

ମଣିଷ ପ୍ରକୃତିର ସନ୍ତାନ । ପ୍ରକୃତି କୋଳରେ ତା'ର ଜନ୍ମ, ଜୀବନଧାରଣ ଓ ଜୀବନାବସାନ । ନିତ୍ୟ ନୈମିତ୍ତିକ ଜୀବନଚର୍ଯ୍ୟାରେ ପ୍ରକୃତି ମଣିଷର ସହଭାଗୀ ହୋଇଥାଏ । ସୁଖରେ ହେଉ କି, ଦୁଃଖରେ ହେଉ ମଣିଷ ପ୍ରକୃତିକୁ ବନ୍ଧୁ ଭାବରେ ମଧ୍ୟ ସ୍ୱୀକାର କରିଥାଏ । ଚେତନାର କ୍ରମବିକାଶ ତଥା ଜଗତ ଓ ଜୀବନ ସଂପର୍କରେ ତା'ର ଅନୁଭବ ଓ ଅନୁଭୂତିର ବୃଦ୍ଧି ଆଧାରରେ ତା' ମନରେ ସୃଷ୍ଟି ହୋଇଥିଲା ପ୍ରକୃତି ପ୍ରତି ଏକ ସମର୍ପଣ ଭାବ । ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ଦେବତା ପରି ଏକ ଅଲୌକିକ ଶକ୍ତିର ସ୍ୱରୂପକୁ ସୃଷ୍ଟି କରିଥିଲା ବୋଲି କହିବା ଅସମୀଚୀନ ନୁହେଁ । ଦେବତା ଶବ୍ଦର ବ୍ୟବହାର ଲୋକ ଚେତନାରେ ପ୍ରଥମେ ପ୍ରଥମେ କେବେ ଓ କିପରି ସୃଷ୍ଟି ହୋଇଛି ତାହା କହିବା ସମ୍ଭବ ନହେଲେ ହେଁ, ଏକଥା ସ୍ୱିକାର୍ଯ୍ୟ ଯେ – ମଣିଷର ବିଶ୍ୱାସର ଏହି ଶବ୍ଦଟି ଜନ୍ମ ନେଇଛି । "ଦେବତା (ଦେବ+ ସ୍ୱାର୍ଥେ ତା) ଶବ୍ଦର ଅର୍ଥ ହେଲା – ଠାକୁର, ଦେବ, ସୁର ଓ ଅସୁର । ତେବେ ଆମେ ପରମେଶ୍ୱର ଓ ତାଙ୍କର ଅଂଶବିଶେଷଙ୍କୁ ଦେବ ବା ଦେବତା ଜ୍ଞାନରେ ପୂଜାଅର୍ଚ୍ଚନା କରୁ । ପୃଥିବୀର ପ୍ରତ୍ୟେକ ମାନବ ମନ ଗହନରେ, ହୃଦୟର ନିଭୃତ କନ୍ଦରରେ ଦେବ ବିଶ୍ୱାସ ବିଦ୍ୟମାନ ।"(୧) ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ଯେ ଏ ବିଶାଳ ପୃଥିବୀକୁ କୌଣସି ଏକ ଅଦୃଶ୍ୟ ଶକ୍ତି ସୃଷ୍ଟି କରିଛି ଏବଂ ନିୟନ୍ତ୍ରିତ କରୁଛି । ସେ ଶକ୍ତିକୁ, ସେ ଦେଖିପାରେ ନାହିଁ କିନ୍ତୁ ତା'ର ସ୍ଥିତିକୁ ଅନୁଭବ କରିଥାଏ । ପୁଣି ମନୁଷ୍ୟ ବିଶ୍ୱାସ କରେ ଏହି ଅଦୃଶ୍ୟ ଶକ୍ତି ତା'ଠାରୁ ଅଧିକ ଶକ୍ତି ସଂପନ୍ନ ଏବଂ ସଂକଟମୟ ପରିସ୍ଥିତିରେ ସେହି ଶକ୍ତି ତାକୁ ରକ୍ଷା କରିଥାଏ । ନିଜଠୁ ବଳବାନ୍ ବିଶ୍ୱାସ କରୁଥିବା ସେହି

ISSN NO.
2582-208X

ଶକ୍ତିର ଶରଣାପନ୍ନ ହୋଇ ସେହି ଶକ୍ତିକୁ ଦେବତା ବୋଲି ସମ୍ବୋଧନ କରିଛି ସେ ଏବଂ ସମୟକ୍ରମେ ନିଜ କଳ୍ପନା ଅନୁସାରେ ଏହି ନିର୍ବିକାର ସତ୍ତାଙ୍କୁ ଆକାର ଦେଇ ବିଭିନ୍ନ ନାମରେ ନାମିତ କରିଛି । ପ୍ରଥମେ ଗୁମ୍ଫା, ଗଛମୂଳ କିମ୍ବା ନଦୀପଠାମାନଙ୍କରେ ଏହି ଦେବତାଙ୍କୁ ଅବସ୍ଥାପିତ କରିଥିବା ବେଳେ ପରବର୍ତ୍ତୀ ସମୟରେ ଗୃହ, ବିଭିନ୍ନ ଅଞ୍ଚଳ, ଗ୍ରାମ, ସହର ଆଦି ବିଭିନ୍ନ ସ୍ଥାନରେ ଦେବତାଙ୍କ ଉଦ୍ଦେଶ୍ୟରେ ମନ୍ଦିରମାନ ନିର୍ମାଣ କରି ସେ ପୂଜା କରିଛି । ଦେବତା ଉପାସନାର ପରମ୍ପରା କେଉଁ ପ୍ରାଚୀନ କାଳରୁ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚଳିତ । ମଣିଷ ଯେତେ ଆଧୁନିକ ହେଲେ ମଧ୍ୟ ଦେବତାଙ୍କ ଉପରେ ତା'ର ବିଶ୍ୱାସ ଅତୁଟ । ସମାଜ ଏବଂ ଜୀବନ ସହିତ ଉପନ୍ୟାସର ସଂପର୍କ ନିବିଡ଼ । ଉପନ୍ୟାସରେ ମନୁଷ୍ୟ ଜୀବନର ସୁଖଦୁଃଖ, ଆଶା ନିରାଶା, ମିଳନ ବିଚ୍ଛେଦ, ଚାଲିଚଳନ ଏବଂ ନାନା ସମସ୍ୟା ଚିତ୍ରିତ କରାଯାଇଥାଏ । ସାଧାରଣ ମନୁଷ୍ୟର ଚାଲିଚଳନର ଚିତ୍ର ଦେବାବେଳେ ଲୋକସଂସ୍କୃତିର ଅନ୍ୟ ଏକ ଦିଗ- ଲୋକଦେବତା ପ୍ରସଙ୍ଗଟି ଉପନ୍ୟାସ ମଧ୍ୟକୁ ଆପେ ଆପେ ଚାଲିଆସିବା ସହ ଏକ ସ୍ୱତନ୍ତ୍ର ସ୍ଥାନ ମାଡ଼ି ବସିଥାଏ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ଅନନ୍ୟ କଥାକାର ମନୋଜ ଦାସଙ୍କ ଉପନ୍ୟାସରେ ଲୋକଦେବତା ପ୍ରସଙ୍ଗଟି କିପରି ପ୍ରତିଫଳିତ ତାକୁ ଦେଖାଇଦେବାର ପ୍ରୟାସ ହିଁ ଏହି ନିବନ୍ଧର ଉଦ୍ଦେଶ୍ୟ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଶାସ୍ତ୍ରୀୟ ଦେବତାଙ୍କ ସହିତ ଆଞ୍ଚଳିକ ସ୍ତରରେ ବହୁ ଦେବଦେବୀ ପୂଜା ପାଉଥିଲେ । ଏହି ଦେବଦେବୀମାନେ କୌଣସି ନିର୍ଦ୍ଦିଷ୍ଟ ନାମରେ ନାମିତ ହୋଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୂଜା ପାଉଥିଲେ। ସାଧାରଣତଃ ଏହି ଦେବଦେବୀ ଲୋକଦେବତା ରୂପେ ପରିଚିତ। ଦେବତାଙ୍କ ଆସ୍ଥାନ ଅନୁସାରେ ଏମାନଙ୍କୁ ଗୃହଦେବତା ବା ଇଷ୍ଟଦେବତା, ଗ୍ରାମଦେବତା, ଗଡ଼ଦେବତା ଓ ରାଷ୍ଟ୍ର ଦେବତା ଆଦି ଭାଗରେ ବିଭକ୍ତ କରାଯାଇପାରେ। ଓଡ଼ିଆମାନଙ୍କ ଦେବତା ବିଶ୍ୱାସ ଉଚ୍ଚକୋଟୀର ହୋଇଥିବାରୁ ଘରେ ଘରେ ଦେବତାଙ୍କ ଉପାସନା ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି। ଗୃହରେ ପୂଜା ପାଉଥିବା ଏହି ଦେବତାମାନଙ୍କୁ ଇଷ୍ଟଦେବତା ବା ଗୃହଦେବତା କୁହାଯାଇଥାଏ। ସାଧାରଣତଃ ଘରର ମଧ୍ୟଭାଗରେ ଇଷ୍ଟଦେବତାଙ୍କ ଅବସ୍ଥାନ। ସଙ୍କଟମୟ ପରିସ୍ଥିତିରେ ଗୃହର ସମସ୍ତ ଦାୟିତ୍ୱ ଇଷ୍ଟଦେବତାଙ୍କ ଉପରେ ନ୍ୟସ୍ତ ଥାଏ। ଗୃହରେ କୌଣସି ଶୁଭକାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଥମେ ଗୃହଦେବତାଙ୍କୁ ପୂଜା କରି ତାଙ୍କ ଆଜ୍ଞା ନିଆଯାଇଥାଏ। ଏପରିକି ଇଷ୍ଟଦେବଙ୍କ ନାମ ଅନୁସାରେ ବ୍ୟବସାୟ ପ୍ରତିଷ୍ଠାନ ବା ଅନୁଷ୍ଠାନମାନଙ୍କ ନାମକରଣ

ISSN NO.
2582-208X

କରିବାର ଅନେକ ଦୃଷ୍ଟାନ୍ତ ପରିଲକ୍ଷିତ। ଏହି ପରିପ୍ରେକ୍ଷୀରେ ମନୋଜ ଦାସଙ୍କ ପ୍ରଥମ ଉପନ୍ୟାସ 'ବୁଲ୍‌ଡୋଜର୍ସ'ରେ ରବି କାମ କରୁଥିବା ରାୟ ସଦନ ପାଠାଗାରର ନାମକରଣ ପ୍ରତିଷ୍ଠାତାଙ୍କ ଇଷ୍ଟଦେବୀଙ୍କ ନାମରେ ନାମିତ ହୋଇଛି। ଔପନ୍ୟାସିକଙ୍କ ଭାଷାରେ– "ସଂକ୍ଷେପରେ 'ରାୟ ସଦନ' ନାମରେ ବିଦିତ ରାୟ ଦିଗମ୍ବରୀ ସଂସ୍କୃତି ସଦନ ପାଠାଗାର (ପ୍ରତିଷ୍ଠାତାଙ୍କ ଏବଂ ତାଙ୍କ କୁଳଦେବୀଙ୍କ ଯୁଗ୍ମ ନାମରେ ନାମିତ)।"(୨) ଏଠାରେ 'ଦିଗମ୍ବରୀ' ପ୍ରତିଷ୍ଠାତାଙ୍କ କୁଳଦେବୀ ବା ଇଷ୍ଟଦେବୀ।

ଓଡ଼ିଶାର ଘରେ ଘରେ ଇଷ୍ଟଦେବୀଙ୍କ ଆରାଧନା ପରମ୍ପରା ସହିତ ପ୍ରତି ଗ୍ରାମରେ ଜଣେ ଜଣେ ଦେବତା ଗ୍ରାମଦେବତା ନାମରେ ପୂଜା ପାଇଥାନ୍ତି। ଏମାନଙ୍କ ମଧ୍ୟରେ ଦେବୀମାନଙ୍କ ସଂଖ୍ୟା ଅଧିକ। ସେ ସମଗ୍ର ଗ୍ରାମବାସୀଙ୍କ ଦେବତା। ସେ ହେଉଛନ୍ତି ଗ୍ରାମର ରକ୍ଷାକର୍ତ୍ତ୍ରୀ ଓ ମଙ୍ଗଳଦାତ୍ରୀ। ଗ୍ରାମରେ ଥିବା ବଟବୃକ୍ଷ କିମ୍ବା ନଦୀପଠା ହେଉଛି ତାଙ୍କର ଆସ୍ଥାନ। ଗ୍ରାମବାସୀଙ୍କ ବିଶ୍ୱାସ ଯେ ଗ୍ରାମଦେବତାଙ୍କ ଆଦେଶରେ ସବୁ ଘଟିଥାଏ। ତେଣୁ ଗ୍ରାମର ପ୍ରତ୍ୟେକ ଶୁଭାଶୁଭ କର୍ମରେ, ସୁଖଦୁଃଖରେ ସର୍ବପ୍ରଥମେ ତାଙ୍କର ପୂଜା ହୁଏ। ଏପରିକି ବାଡ଼ିବଗିଚାର ପ୍ରଥମ ଫୁଲ କିମ୍ବା ଫଳ ହେଉ ତାହା ଗ୍ରାମଦେବୀଙ୍କୁ ପ୍ରଥମେ ଅର୍ପଣ କରାଯାଇଥାଏ। ଏହି ଗ୍ରାମଦେବତୀଙ୍କ କୌଣସି ନିର୍ଦ୍ଦିଷ୍ଟ ରୂପ ନଥାଏ। ଲୋକମାନଙ୍କ ବିଶ୍ୱାସ ଅନୁସାରେ ଶିଳାଖଣ୍ଡକୁ ସିନ୍ଦୂର ଚନ୍ଦନ ବୋଳି ଦେବତାଙ୍କ ରୂପ ଦେବା ସହ ନାମକରଣ କରାଯାଇଥାଏ। କିଛି ସ୍ଥାନରେ ଗ୍ରାମର କୌଣସି ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ହୋଇ ଦେବତାଙ୍କ ଆବିର୍ଭାବ ଘଟିଥାଏ। ଦେବତାଙ୍କ ଆବିର୍ଭାବର ଏହି ବିଶ୍ୱାସକୁ ମନୋଜ ଦାସ 'ଆକାଶର ଇସାରା' ଉପନ୍ୟାସରେ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି। ଉପନ୍ୟାସରେ ନଟବର ଦାସଙ୍କ ଯୋଜନା ଅନୁସାରେ ଗାଁ ମୁଣ୍ଡରେ ଦୁଇ ପୋଖରୀ ମଝିରେ ଠିଆ ହୋଇଥିବା ବରଗଛ ମୂଳେ କାହିଁ କେଉଁ କାଳରୁ ପଡ଼ିଥିବା ପଥର ଖଣ୍ଡିକୁ ଦେବୀର ରୂପ ଦେଇଛନ୍ତି। ଏହି କ୍ରମରେ ପଦ୍ମଲୋଚନ ଦେବୀ ଆବିର୍ଭାବର ସ୍ୱପ୍ନ ଦେଖିଛି । ଚନ୍ଦନ ସିନ୍ଦୂର ବୋଳା ସେହି ପଥର ଖଣ୍ଡକୁ କୁନି ଠାକୁରାଣୀ ନାମରେ ନାମିତ କରିଛନ୍ତି। ଉପନ୍ୟାସରେ ଧୂଳିମଣ୍ଡା ଆଠଜଣ ଗ୍ରାମ ସମ୍ବଳିତ ଅଞ୍ଚଳର ଏକମାତ୍ର କାଳିସୀ ହୋଇଥିବା ବେଳେ ତା' ଦେହରେ ଥରେ ଥରେ ପଡ଼ୋଶୀ ଗ୍ରାମର ଚଣ୍ଡୀ ଠାକୁରାଣୀ ବିଜେ କରୁଥିଲେ।

ISSN NO.
2582-208X

ସେହିପରି ସାଧାରଣରେ ବିଶ୍ୱାସ ରହିଛି ଯେ କାଳିସୀ ରୂପରେ ଦେବୀ ହିଁ ପ୍ରତ୍ୟକ୍ଷରେ ଆବିର୍ଭାବ ହୋଇଥାନ୍ତି । ଏହି ବିଶ୍ୱାସ ବର୍ତ୍ତମାନ ପର୍ଯ୍ୟନ୍ତ ଲୋକମାନଙ୍କ ମଧ୍ୟରେ ରହିଛି । ଗ୍ରାମଦେବତା ବା ଦେବତୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରତ୍ୟହ ସକାଳେ ଏବଂ ସନ୍ଧ୍ୟା ସମୟରେ ଘଣ୍ଟ, ବାଦ୍ୟ, ଝାଞ୍ଜ ବଜାଇ ପୂଜାର୍ଚ୍ଚନା କରାଯାଇଥାଏ । ବେଳେବେଳେ ଦେବୀ ଏହି ପୂଜାରେ ସନ୍ତୁଷ୍ଟ ହୋଇ କୌଣସି ବ୍ୟକ୍ତି ଶରୀରକୁ ଆସିଥାନ୍ତି । ସାଧାରଣତଃ ଏହାକୁ କାଳିସୀ ବୋଲି କୁହାଯାଇଥାଏ । ମନୋଜ ଦାସଙ୍କ 'ତନ୍ଦ୍ରାଲୋକର ପ୍ରହରୀ' ଉପନ୍ୟାସରେ ଗାଁ ଠାକୁରାଣୀ ଦେବୀ ତରଙ୍ଗିଣୀଙ୍କ ମହିମା ଓ ଦେବୀଙ୍କ ପୂଜକ ରଘୁ ଦେହରେ କାଳିସୀ ଆସିବା ବର୍ଣ୍ଣନା ବେଶ୍ ଚମତ୍କାର । ଉପନ୍ୟାସରେ ରଘୁ ହେଉଛି ଦେବୀ ତରଙ୍ଗିଣୀଙ୍କ ପୂଜକ ଏବଂ ଗ୍ରାମର ଏକମାତ୍ର କାଳିସୀ । ଦେବୀ ତରଙ୍ଗିଣୀଙ୍କ ଆବଶ୍ୟକ ପଡ଼ିଲେ ଆହ୍ୱାନ କ୍ରମେ ସେ ରଘୁର ଶରୀରରେ ଆସିଥାନ୍ତି । ଔପନ୍ୟାସିକଙ୍କ ଭାଷାରେ— "ସାନ୍ଧ୍ୟ ପୂଜାର ଶେଷ ପର୍ଯ୍ୟାୟରେ ଦିନଯାକ ବ୍ରତ ଉପବାସରତ ରଘୁନାଥର କାନ ପାଖରେ ଯେତେବେଳେ ମନ୍ଦିରର ନିୟମିତ ସେବକମାନେ ଘଣ୍ଟ ଓ ଝାଞ୍ଜ ବଜାଇଲେ, ଶଙ୍ଖନାଦ କଲେ- କାଳିସୀ ଲାଗିବା ପାଇଁ ଯାହା ଅପରିହାର୍ଯ୍ୟ - ଦୂରାଗତ ବାଦ୍ୟକାରମାନେ ବି ସେଥିରେ ସହଯୋଗ ଦେଲେ x x x ବାଦ୍ୟଧ୍ୱନି ହେଲା ଅଧିକରୁ ଅଧିକ ଉଦ୍ଦାମ । ରଘୁନାଥ ଆଖୁବୁଜି ଦେଇଥାଏ । ସେ ଥରିବାର ଦେଖାଗଲା । ସ୍ମିତ ହସ ଖେଳିଗଲା ଶମ୍ଭୁନାଥଙ୍କ ମୁହଁରେ । କାଳିସୀ ଲାଗିବାର ନିର୍ଭୁଲ ପୂର୍ବ ଲକ୍ଷଣ ।"(୩) ଏହିପରି ଭାବରେ ଉପନ୍ୟାସର ଅନେକ ସ୍ଥାନରେ ସ୍ରଷ୍ଟା ମନୋଜ ଦାସ ଗ୍ରାମଦେବତୀ ତରଙ୍ଗିଣୀଙ୍କ ମହିମା ବର୍ଣ୍ଣନା କରିଛନ୍ତି ।

ପ୍ରାଚୀନ ଉତ୍କଳକୁ ରାଜା ମହାରାଜାମାନେ ଶାସନ କରୁଥିଲେ । ନିଜ ରାଜ୍ୟକୁ ତଥା ଗଡ଼କୁ ବାହ୍ୟ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଦେବୀ ଶକ୍ତି ଉପରେ ବିଶ୍ୱାସ କରି ଗଡ଼ରେ ଦେବତାଙ୍କୁ ପୂଜା କରୁଥିଲେ । ବିଶ୍ୱାସ ଥାଏ ଯେ ଦେବତା ସନ୍ତୁଷ୍ଟ ରହିଲେ ରାଜ ପରିବାର ଏବଂ ରାଜ୍ୟକୁ ସବୁ ବିପତ୍ତିରୁ ରକ୍ଷା କରିବେ । ତେଣୁ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜାର୍ଚ୍ଚନା ସହ ନରବଳି ତଥା ପଶୁବଳି ଦିଆଯାଉଥିଲା । ଗଡ଼ଦେବତୀଙ୍କ ଉପାସନା ପରମ୍ପରାର ଚିତ୍ର ମନୋଜ ଦାସଙ୍କ 'ଗୋଧୂଳିର ବାଘ' ଉପନ୍ୟାସରେ ଦେଖିବାକୁ ମିଳେ । ଉପନ୍ୟାସଟିରେ ସମରଗଡ଼ ରାଜ ପରିବାର ଏବଂ ନିଜନପୁରର ବନେଶ୍ୱରୀ ଦେବୀଙ୍କ ବର୍ଣ୍ଣନା କରାଯାଇଛି । ସମରଗଡ଼ ରାଜା ବନେଶ୍ୱରୀ ଦେବୀଙ୍କୁ ତୁଷ୍ଟ କରିବା ପାଇଁ ଯେତେ ପୂଜାବିଧି କଲେ ମଧ୍ୟ ଦେବୀ ସନ୍ତୁଷ୍ଟ ହୋଇ ନଥିଲେ । ଏମିତିକି ରାଜକୁମାରଙ୍କୁ ଦେବୀଙ୍କ

ISSN NO.
2582-208X

ନିକଟରେ ବଳିଦେଲେ ଦେବୀ ସନ୍ତୁଷ୍ଟ ହେବେ ବୋଲି ଖୋଦ୍ ଦେବୀ ହିଁ ପୁରୋହିତଙ୍କ ଚେତନାକୁ ଆୟତ କରି ସର୍ତ୍ତ ରଖିଥିଲେ । ପୁରୋହିତଙ୍କ ପରାମର୍ଶ କ୍ରମେ ଅମାବାସ୍ୟାର ନିଶାର୍ଦ୍ଧରେ ରାଜକୁମାରଙ୍କୁ ଦେବୀଙ୍କ ନିକଟରେ ବଳି ଦିଆଯାଇ ତାଙ୍କୁ ସନ୍ତୁଷ୍ଟ କରାଯାଇଥିଲା । ବଳି ଦେବାର ପ୍ରଥା ପୁରୁଷାନୁକ୍ରମେ ଅବ୍ୟାହତ ରଖିଥିଲେ ମଧ୍ୟ ସଂଶୋଧନ କ୍ରମେ ଅନାଥ ଶିଶୁକୁ ପୋଷ୍ୟ କରି ଦେବୀଙ୍କ ନିକଟରେ ବଳି ଦିଆଯାଉଥିଲା। ସେହିଭଳି ଔପନ୍ୟାସିକ ମନୋଜଙ୍କ ଅନ୍ୟ ଏକ ଉପନ୍ୟାସ 'ପ୍ରଭଞ୍ଜନ'ରେ ଆଦିବାସୀ ସଂପ୍ରଦାୟରେ ରହିଥିବା ନରବଳି ପ୍ରଥାର ବର୍ଣ୍ଣନା ଦେଖିବାକୁ ମିଳେ । ଉପନ୍ୟାସରେ ନବୀନ କଣ୍ଟ୍ରାକ୍ଟର ଟଙ୍କା କରଜ ଦେଇ ଯେଉଁ ଆଦିବାସୀମାନଙ୍କୁ ଶୋଷଣ କରୁଥିଲା, ଶୋଷଣରେ ଅତିଷ୍ଠ ହୋଇ ଶେଷରେ ଆଦିବାସୀମାନେ ତା' ମୁଣ୍ଡକୁ କାଟି ନିଜ ଆରାଧ୍ୟ ଦେବତାଙ୍କୁ ଭେଟି ଦେଇଥିଲେ । ସ୍ରଷ୍ଟାଙ୍କ ଭାଷାରେ– "ଦଳେ ଆଦିବାସୀଙ୍କୁ ଟଙ୍କା କରଜ ଦେଇ ନବୀନ ନିର୍ମମ ଭାବରେ ସୁଧ ଆଦାୟ କରୁଥାଏ । ସେମାନଙ୍କ ଭିତରୁ କେତେଜଣଙ୍କୁ ସର୍ବସ୍ୱାନ୍ତ କରିବାକୁ ବସିଥିଲା । ସେହି ସନ୍ତ୍ରସ୍ତ ଋଣଗ୍ରସ୍ତମାନେ ତାକୁ ହତ୍ୟା କରି ତା ମୁଣ୍ଡଟି ନେଇଯାଇ ବଣ ଭିତରେ ସେମାନଙ୍କ ଆରାଧ୍ୟ ଦେବତାଙ୍କୁ ସମର୍ପି ଥିଲେ । ସେହି ମୂଲ୍ୟବାନ ଭେଟି ବଦଳରେ ସେମାନଙ୍କ ପାପତକ ଦେବତା ବାତିଲ୍ କରିଦେବେ ବୋଲି ସେମାନେ ବିଶ୍ୱାସ କରୁଥିଲେ ।"(୪) ଏହା ସହିତ ଉପନ୍ୟାସରେ 'ଚୌଧୁରୀ ବଂଶର ଅଧିଷ୍ଠାତ୍ରୀ ଦେବୀ ମା' କାଳିକାଙ୍କ ବର୍ଣ୍ଣନା ଅନେକ ସ୍ଥାନରେ ପରିଲକ୍ଷିତ। ବଳି ମାଧ୍ୟମରେ ଦେବତାଙ୍କୁ ସନ୍ତୁଷ୍ଟ କରିବାର ପରମ୍ପରା ବହୁ ପ୍ରାଚୀନ। ଏହା ବର୍ତ୍ତମାନ ପର୍ଯ୍ୟନ୍ତ ଆମ ସମାଜରେ ପ୍ରଚଳିତ।

ସାଧାରଣତଃ ମଣିଷ ନିଜର ଅଭିଷ୍ଟ ପୂର୍ଣ୍ଣ କରିବା ପାଇଁ ଦେବତାଙ୍କ ଶରଣାଗତ ହୁଏ। ବିଶ୍ୱାସ ଅଛି ଅନାହାରରେ ରହି ଦେବତାଙ୍କ ସମ୍ମୁଖରେ ଅଧିଆ ରହିଲେ ମାନସିକ ପୂରଣ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମନୋଜ ଦାସଙ୍କ 'ଅମୃତଫଳ' ଉପନ୍ୟାସରେ କାଳିଦାସ ପାଣ୍ଡିତ୍ୱ ଓ କବିତ୍ୱ ଲାଭ କରିବା ପାଇଁ ମହାକାଳୀ ମନ୍ଦିର ପ୍ରାଙ୍ଗଣରେ ଅନାହାରରେ ରହି ଦେବୀଙ୍କ ପାଦପଦ୍ମରେ ଲୟ ରଖି ପଡ଼ିରହିଥିବା ପ୍ରସଙ୍ଗ ବେଶ୍ ଚମତ୍କାର।

ସର୍ବୋପରି ଉପର୍ଯ୍ୟୁକ୍ତ ସମସ୍ତ ବିଷୟକୁ ଆଧାର କରି ଉପସଂହାର ଅର୍ଥରେ ଏତିକି କୁହାଯାଇପାରେ ଯେ, ଓଡ଼ିଆ ସାହିତ୍ୟର ଅନନ୍ୟ ସାରସ୍ୱତ ସାଧକ ମନୋଜ ଦାସ କେବଳ ଆଧୁନିକ ମଣିଷର ସଂଘର୍ଷମୟ ଜୀବନ କାହାଣୀକୁ ନେଇ ଉପନ୍ୟାସ ଲେଖିନାହାନ୍ତି, ବରଂ

ISSN NO.
2582-208X

ତାଙ୍କ ଉପନ୍ୟାସ ଲୋକ ବିଶ୍ୱାସ, ଲୋକ ଚଳଣି, ଲୋକ ଧର୍ମ, ଲୋକ ଦେବତା ତଥା ଲୋକ ସଂସ୍କୃତିର ଏକ ଗନ୍ତାଘର ଭାବରେ ସ୍ୱୀକୃତି ଲାଭ କରିଛି। ମାନବୀୟ ଚେତନାରେ କେଉଁ ଅନାଦି କାଳରୁ ବସା ବାନ୍ଧିଥିବା ଲୌକିକ ସଂସ୍କାରକୁ ହୃଦୟତାର ସହ ଅନୁଭବ ମଧ୍ୟ କରିଛନ୍ତି। ଯାହା ଜଣେ ଶ୍ରଦ୍ଧାଶୀଳ ପାଠକର ହୃଦୟ ନେଇ ତାଙ୍କ ଉପନ୍ୟାସଗୁଡ଼ିକୁ ପାଠ କଲାବେଳେ ଜଳଜଳ ହୋଇ ଉଦଭାସିତ ହୋଇଥାଏ। ସାମାଜିକ ସଂସ୍କାର ମନସ୍କ ଲେଖକ ମନୋଜ ଦାସଙ୍କ ସମସ୍ତ ଉପନ୍ୟାସରେ ଉଣା ଅଧିକେ ଲୋକଦେବତାଙ୍କ ପ୍ରତି ଥିବା ସାଧାରଣ ମଣିଷର ବିଶ୍ୱାସବୋଧ ପ୍ରତିଫଳିତ କହିଲେ ଅତିକଥନ ହେବନାହିଁ।

ପାଦଟୀକା:

୧. ମିଶ୍ର, ନୃସିଂହ ପ୍ରସାଦ, ସାହୁ, ଶ୍ରୀ ସୁକଦେବ, ଆଦିବାସୀ ସମାଜ ଓ ସଂସ୍କୃତି, ମନୋରମା ପବ୍ଲିକେଶନ, ପ୍ରଥମ ସଂସ୍କରଣ, ୨୦୦୮, ପୃ. ୩୨।

୨. ଦାସ, ମନୋଜ, ବୁଲଡୋଜର୍ସ, ପ୍ରକାଶକ: ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୨୦୧୦, ପୃ. ୮।

୩. ଦାସ, ମନୋଜ, ତନ୍ଦ୍ରାଲୋକର ପ୍ରହରୀ, ପ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୬ଷ୍ଠ ସଂସ୍କରଣ, ୨୦୧୪, ପୃ. ୧୭-୧୮।

୪. ଦାସ, ମନୋଜ, ପ୍ରଭଞ୍ଜନ, ବିଦ୍ୟାପୁରୀ, କଟକ, ଷଷ୍ଠ ସଂସ୍କରଣ, ୨୦୧୩, ପୃ. ୧୫୪।

(((-)))

ଘୁ.ଉଦୟଗିରି, କନ୍ଧମାଳ
Ph - ୯୩୪୮୩୧୮୧୪୧

ISSN NO.
2582-208X

# ଜିତୁ ମୁଣ୍ଡାଙ୍କର କଥା

ଆଲୋକ କୁମାର ସାହୁ

କହୁଅଛି ଶୁଣ ଆହେ ସୁଜ୍ଞଜନ
ଜିତୁ ମୁଣ୍ଡାଙ୍କର କଥା
ସେ କଥା ଶୁଣିଲେ ମୁଣ୍ଡ ଘୁରିଯିବ
ମାନୁ ଦୂର ହେବ ବ୍ୟଥା
କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ
ଡିଆନାଳି ଗ୍ରାମ ବ୍ୟକ୍ତି
ଭାରୀ ସରଳ ସେ ନିଷ୍କପଟ ଲୋକ
ଅଟେ ପୁଣି ଜନଜାତି ।
ଭଉଣୀ ତାହାର ନାମ କର୍ଲାମୁଣ୍ଡା
ଟଙ୍କା ଜମା ରଖିଥାଏ
କିଛି ମାସ ତଳେ ସମୟ ଚକ୍ରରେ
ସ୍ୱର୍ଗବାସ ତାର ହୁଏ ।
ଭଉଣୀର ଟଙ୍କା ଉଠାଣ ନିମନ୍ତେ
ଜିତୁ ମୁଣ୍ଡା ବାରମ୍ବାର
ବ୍ୟାଙ୍କକୁ ଯାଇ ନିରାଶେ ଫେରିଛି
ହତାଶ ମନ ତାହାର ।
ସେଦିନ ଘଟଣା ଶୁଣିଲେ ସୁଜନେ
ଭାରି ଅଚମ୍ବିତ ଲାଗେ
ବ୍ୟାଙ୍କକୁ ଯାଇ ସେହି ଟଙ୍କା ପାଇଁ
କାକୁତି ହୋଇଣ ମାଗେ ।
ବ୍ୟାଙ୍କ କର୍ମଚାରୀ କଥାକୁ ନଶୁଣି
କର୍ଲାମୁଣ୍ଡାଙ୍କୁ ଖୋଜନ୍ତି

ISSN NO.
2582-208X

ଭଉଣୀ ତାହାର ମୃତ ହୋଇଅଛି
ଏ କଥା ଜିତୁ କୁହନ୍ତି ।
ଭଉଣୀର ଉପସ୍ଥିତି ବା ପ୍ରଣାମ
କର୍ମଚାରୀ ଚାଁହୁଛନ୍ତି
ନିରୀହ ସରଳ ଜନଜାତି ଜିତୁ
ବିଚାର ମନେ କରନ୍ତି ।
ବ୍ୟାଙ୍କରୁ ଜିତୁ ହତାଶ ହୋଇଣ
ଭାରାକ୍ରାନ୍ତରେ ଫେରନ୍ତି
ପ୍ରମାଣ ନିମନ୍ତେ ଜିତୁ ମୁଣ୍ଡା ପୁଣି
ମନେ ମନେ ବିଚାରନ୍ତି ।
ଅଭାବି ଗରିବ ଜିତୁମୁଣ୍ଡା ପାଇଁ
ସେ ଟଙ୍କା ହିଁ ଆବଶ୍ୟକ
ସେଥିପାଇଁ ପ୍ରମାଣ ଦେବ ଭାବୁଛି
ମନ ତାର ଦକଦକ ।
ବ୍ୟାଙ୍କରୁ ଫେରି ସିଧାଗଲା ଜିତୁ
ଭଉଣୀ କବର ସ୍ଥାନ
କଙ୍କାଳକୁ ଖୋଳି ବସ୍ତାରେ ପୁରାଇ
ବ୍ୟାଙ୍କ କଲା ଗମନ ।
ଖାଲି ପାଦେ ଚାଲି କଙ୍କାଳକୁ ଧରି
ତିନି କୋଷ ବାଟ ଗଲା
ଭଉଣୀ କଙ୍କାଳ ପ୍ରଣାମ ସ୍ୱରୂପ
ବ୍ୟାଙ୍କରେ ନେଇ ଦେଲା ।
କଙ୍କାଳକୁ ଦେଖି ବ୍ୟାଙ୍କ କର୍ମଚାରୀ
ପୋଲିସ ଡକାଇ ଦେଲେ
ଗଣମାଧ୍ୟମର କାର୍ଯ୍ୟକର୍ତ୍ତା ମାନେ
ଫୋଟୋ ଖବର କାଢ଼ିଲେ ।
ଏପରି ଘଟଣା ଦେଶ ବିଦେଶରେ
ଚହଳ ହିଁ ସୃଷ୍ଟି କଲା
ବିରୋଧି ତାତିଲେ ସରକାରଙ୍କର

ISSN NO.
2582-208X

ନିଦ ପୁଣି ହଜିଗଲା।
ତଦନ୍ତ ଚାଲିଲା ବିଭିନ୍ନ ପ୍ରକାର
ନ୍ୟାୟ ଦେବା ଉଦ୍ଦେଶ୍ୟରେ
ବ୍ୟାଙ୍କକର୍ମଚାରୀ ଏବଂ ପ୍ରଶାସନ
ଟଙ୍କାଦେଲେ ଆଣି ଘରେ।
ଦାରୁଣ ଦୁଃଖକୁ ଦେଖିଲେ ଅନେକ
ଜିତୁ ମୁଣ୍ଡା ଜୀବନର
ଦୁର୍ଦ୍ଦିନ କିପରି କଷଣ ଦେଉଛି
ଜୀବନ ତା ହାହାକାର।
ବହୁ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତି
ସାହାଯ୍ୟ ହାତ ବଢ଼ାଇ
କିଏ କିଛି କିଛି କିଏ ଦଶଲକ୍ଷ
ଦେଇ ଦେଲେ ତାହା ପାଇଁ।
କେବଳ ଯେ ଏକ ଏଇ ଜିତୁ ମୁଣ୍ଡା
ଅଛି ବୋଲି ଭାବ ନାହିଁ
ଏପରି ଅନେକ ଜିତୁ ରହିଛନ୍ତି
ଏ କଥା ସତ୍ୟ ଅଟଇ।
ଗଣମାଧ୍ୟମର ପ୍ରସାରରୁ ଏଇ
ଜିତୁ ମୁଣ୍ଡା ଜଣାଶୁଣା
ପ୍ରଶାସନ ଦୃଷ୍ଟି ପଡିଲେ ଜିତୁଙ୍କ
ଦୁଃଖ ଦୁରହେବ ସିନା
ସର୍ବ ଜିତୁ ଭାଗ୍ୟ ଖୋଲିଦିଅତୁମେ
ଦୃଷ୍ଟିଦିଅ ପ୍ରଶାସନ
ନହେଲେ ବିଦେଶେ ବାଜିବ ଡିଣ୍ଡିମ
ରାଜ୍ୟ ହେବ ବଦନାମ।

(((-)))

ରଗଡ଼ିପଡ଼ା,ବଡ଼ମ୍ବା,କଟକ

ISSN NO.
2582-208X

# ଅସମାପ୍ତ ଅନ୍ତ୍ୟେଷ୍ଟି



ସମୀର ତ୍ରିପାଠୀ

ସନ୍ଧ୍ୟାର ସେହି ନିସ୍ତବ୍ଧ ମୁହୂର୍ତ୍ତ, ଯେତେବେଳେ ସୂର୍ଯ୍ୟ ଦିଗ୍‌ବଳୟରେ ନିଜର ଶେଷ ରଶ୍ମି ବିଛାଇ ଦେଉଥାନ୍ତି। ଆକାଶର ରଙ୍ଗ ଧୀରେ ଧୀରେ କମଳା, ଲାଲ୍ ଏବଂ ଗଭୀର ନୀଳରେ ମିଶିଯାଏ। ପବନର ସେହି ମୃଦୁ ସ୍ପର୍ଶ ଯେମିତି କି କିଛି ଅକୁହା କଥା କହିବାକୁ ଚାହୁଁଛି। ପତ୍ରଗୁଡ଼ିକର ହାଲୁକା ହଲଚଲ୍ ହେବା, ପକ୍ଷୀମାନଙ୍କର ନୀଡ଼କୁ ଫେରିବାର ସେହି ବ୍ୟାକୁଳତା, ଆଉ ଦୂରରେ ଶୁଭୁଥିବା ଅଜଣା ପକ୍ଷୀର କାକଳି। ପ୍ରକୃତି ସେତେବେଳେ ସମ୍ପୂର୍ଣ୍ଣ ସ୍ୱଚ୍ଛନ୍ଦ; ସେଠାରେ କୌଣସି କୃତ୍ରିମତାର ସ୍ପର୍ଶ ନାହିଁ, କେବଳ ଅଛି ଗଭୀର ଶାନ୍ତି ଏବଂ ଜୀବନର ସହଜ ସ୍ରୋତ।

ସେଦିନ ସୂର୍ଯ୍ୟାସ୍ତ ହୋଇଥିଲା ସତ, କିନ୍ତୁ ଅନ୍ୟପକ୍ଷରେ ଆକାଶରେ ସେହି କୋମଳ ଲାଲିମା ଧୀରେ ଧୀରେ ଅସ୍ୱାଭାବିକ ଭାବେ ଧୂସର ଓ ଭାରାକ୍ରାନ୍ତ ହୋଇଉଠୁଥିଲା । ପବନ ସେଦିନ ବୋଧହୁଏ ଅଟକି ଯାଇଥିଲା। ଚାରିଆଡ଼େ ଏକ ଘନ ନିସ୍ତବ୍ଧତା, ଯାହାକୁ କେବଳ ମଶାଣିର ସେହି କର୍କଶ ଶବ୍ଦ ଭାଙ୍ଗୁଥିଲା..... ମାଟି ଖୋଳୁଥିବା କୋଦାଳର ଆଘାତ, ଆଉ ତା ସହିତ ମାଟିର ଶୁଷ୍କ ସ୍ପର୍ଶ।

ମାଟିରୁ ସେହି ଶରୀରଟିକୁ ବାହାର କରିବାର ଦୃଶ୍ୟ କୌଣସି ଯନ୍ତ୍ରର କାମ ନୁହେଁ। ସେଠାରେ ଥିବା ବ୍ୟକ୍ତିଜଣକ ହୁଏତ ନିଜ ଭିତରେ ଶେଷ ହୋଇଯାଇଥିଲେ। ତାଙ୍କ ହାତର ଗତିବିଧିରେ କୌଣସି ଯାନ୍ତ୍ରିକତା ନଥିଲା, ବରଂ ଥିଲା ଏକ ଅସୀମ ଯନ୍ତ୍ରଣା ଓ ବ୍ୟାକୁଳତା। ଧରାପୃଷ୍ଠର ସେହି ଶୀତଳ ମାଟି ଭିତରୁ ଯେତେବେଳେ ସେହି ପ୍ରିୟଜନଙ୍କ ଶରୀରଟି ବାହାରି ଆସିଲା, ସେତେବେଳେ ସମୟ ଯେମିତି ସେହିଠାରେ ସ୍ତବ୍ଧ ହୋଇ ଯାଇଥିଲା।

ISSN NO.
2582-208X

ସେହି ଘଟଣା ମୋ ଅନ୍ତରାତ୍ମାକୁ ଏମିତି ଭାବେ ଆନ୍ଦୋଳିତ କରିଦେଲା ଯେ, ମୁଁ ନିଜକୁ ପ୍ରଶ୍ନ କରିବାକୁ ବାଧ୍ୟ ହେଲି ଯେ ଆମେ ସତରେ ମଣିଷ, ନା କେବଳ କାଗଜପତ୍ରର ନିୟମରେ ବନ୍ଧା ଏକ ଯନ୍ତ୍ର ?

ଜିତୁ ମୁଣ୍ଡା... ମଲ୍ଲୀପଶିର ସେଇ ସରଳ ମଣିଷଟିର ଚିତ୍ର ଯେତେବେଳେ ମୋ ଆଖି ସାମ୍ନାରେ ଭାସିଉଠିଲା, ତାଙ୍କର ଅବସ୍ଥା କଥା ଭାବି ମୋ କଲିଜା ଥରିଉଠିଲା। ଦେଖିଲି ତାଙ୍କ କାନ୍ଧରେ କୌଣସି ସମ୍ପତ୍ତିର ଭାର ନଥିଲା, ବରଂ ଥିଲା ଜୀବନର ସବୁଠୁ କଠୋର ବାସ୍ତବତା। ସେ ଯେଉଁ ବୋଝକୁ ବୋହି ଆଣିଥିଲେ, ତାହା କେବଳ ଏକ ମୃତଦେହ ନୁହେଁ, ଥିଲା ଏକ ଅସହାୟ ସମ୍ପର୍କର ଶେଷ ଇସ୍ତାହାର। ତାଙ୍କ ପାଖରେ ଠିଆ ହୋଇ ମୁଁ ଯେଉଁ ଶୂନ୍ୟତା ଅନୁଭବ କରୁଥିଲି, ତାହା ମୋତେ ଭିତରୁ ଭାଙ୍ଗି ଦେଉଥିଲା। ଏହି ସଭ୍ୟ ସମାଜର ମୁଖା ଖୋଲିଯାଇଥିଲା ମୋ ସାମ୍ନାରେ, ଆଉ ଆମେ କେଉଁଠି ପହଞ୍ଚିଛୁ, ତାହା ଭାବି ମୋ ଦେହ ଶୀତେଇ ଉଠୁଥିଲା।

ସେଦିନ ବ୍ୟାଙ୍କର ସେହି ଶୀତଳ ପାହାଚ ଉପରେ ଛିଡ଼ା ହୋଇଥିଲି। ଦୂରରୁ ଦେଖିଲି, ସତେ ଯେମିତି ମିଠା ଜିନିଷର ସୁଆଦ ପାଇ ପିମ୍ପୁଡ଼ିମାନେ ପ୍ରବଳ ବେଗରେ ଧାଇଁ ଆସନ୍ତି, ସେହିପରି ଉତ୍ସୁକ ଜନସମୁଦ୍ର ମାଡ଼ି ଆସୁଥିଲା। ସେହି ଭିଡ଼ର କୌତୂହଳ ଥିଲା କିଏ ସେ ? କାହିଁକି ଆସିଛି ? ଏହି ଭିଡ଼ ଧୀରେ ଧୀରେ ବ୍ୟାଙ୍କର କବାଟ ପାଖରେ ଜମା ହୋଇଗଲା। କିନ୍ତୁ ଭିତରର ଦୃଶ୍ୟ ଥିଲା ଅତ୍ୟନ୍ତ ଭୟାନକ। ବ୍ୟାଙ୍କର ସେହି ଚିକ୍କଣ, ବାତାନୁକୂଳ କୋଠରୀରେ ବସିଥିବା ସେହି 'ଶିକ୍ଷିତ' ବାବୁମାନଙ୍କ ଆଖିରେ ମୁଁ ମଣିଷପଣିଆ ଖୋଜୁଥିଲି। ହେଲେ ସେଠି ଥିଲା କେବଳ ନିୟମର କଠୋରତା, ଯାହା ମଣିଷର ସମ୍ବେଦନାକୁ ପଥର କରିଦିଏ। ସେମାନଙ୍କ ହିସାବଖାତାରେ ଜିତୁ ଜଣେ ଅସହାୟ ଭାଇ ନଥିଲା, ସେ ଥିଲା କେବଳ ଏକ ଅପ୍ରାସଙ୍ଗିକ ଅହେତୁକ ଘଟଣା ତଥା ଏକ ଫାଇଲ୍ ଯାହା ତୁରନ୍ତ ଖାରଜ ହେବା ଦରକାର।

ଜିତୁ ଯେତେବେଳେ ନିଜ ଭଉଣୀ କାଲରା ର କଙ୍କାଳସାର ଅବଶେଷକୁ ଧରି ସେହି ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରକୁ ପଶିଲା, ସେତେବେଳେ ସେ ପାଗଳାମି କରୁ ନଥିଲା; ସେ କରୁଥିଲା ନିଜ ଜୀବନର ଅଗଷ୍ଟ ବିପ୍ଳବ; ଶେଷ ସଂଗ୍ରାମ; କର ନତୁବା ମର।

ISSN NO.
2582-208X

ତାଙ୍କ ପାଇଁ ସେହି ୧୯,୩୦୦ ଟଙ୍କା କେବଳ କାଗଜର ମୁଦ୍ରା ନଥିଲା, ତାହା ଥିଲା ତାଙ୍କ ମୃତ ଭଉଣୀର ଶେଷ ସମ୍ମାନ, ତା'ର ଶେଷ ସମ୍ବଳ। ବ୍ୟବସ୍ଥାର ଏହି ଅନ୍ଧ ନିୟମର ମାୟାଜାଲରେ ଜିତୁ ଏମିତି ଛନ୍ଦି ହୋଇଯାଇଥିଲେ ଯେ, ନିଜ ଭଉଣୀର କଙ୍କାଳକୁ ଧରି ଆସିବା ଛଡ଼ା ତାଙ୍କ ପାଇଁ ବଞ୍ଚିବାର ଆଉ କୌଣସି ପଥ ବାକି ନଥିଲା।

ମୁଁ ଦେଖୁଥିଲି, ସେହି କଙ୍କାଳକୁ ଦେଖି ବ୍ୟାଙ୍କର ସେହି ଚିକ୍କଣ କୋଠରୀରେ ହଠାତ୍ ଏକ କୋକୁଆ ଭୟ ଖେଳିଗଲା। କେହି ଜଣେ ତରତର ହୋଇ ଗ୍ରୀଲରେ ଚାବି ପକାଇଲେ, ଆଉ କେହି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଲେ। ସତେ ଯେମିତି ସେମାନେ କୌଣସି ଅପରାଧୀକୁ ନୁହେଁ, ବରଂ ନିଜ ସାମ୍ନାରେ ଠିଆ ହୋଇଥିବା ମାନବିକତାର ଏକ କରୁଣ ଦୃଶ୍ୟକୁ ଦେଖି ଡରି ଯାଇଥିଲେ। ସେହି ଭିଡ଼ ଭିତରେ କେହି ଜଣେ ବି ଜିତୁର ଆଖିକୁ ଚାହିଁବାକୁ ସାହସ କଲେ ନାହିଁ କାରଣ ସେ ଆଖିରେ କେବଳ ଦୁଃଖ ନଥିଲା, ଥିଲା ଏକ ଶୂନ୍ୟତା, ଯାହା ସେମାନଙ୍କର ସୁବିଧାବାଦୀ ଚେତନାକୁ ବାରମ୍ବାର ପ୍ରଶ୍ନ କରୁଥିଲା। ବ୍ୟାଙ୍କ କର୍ମଚାରୀମାନେ ଯେତେବେଳେ ତା' କଥାକୁ ଖାତିର କଲେ ନାହିଁ, ଯେତେବେଳେ ସେମାନେ ଜିଦ୍ ଧରି ବସିଲେ ଯେ ମୃତ୍ୟୁକୁ ପ୍ରମାଣ ଦରକାର, ସେତେବେଳେ ସେହି ଅସହାୟ ଭାଇଟି ବାଧ୍ୟ ହୋଇଥିଲା ମାଟି ତଳୁ ନିଜ ଭଉଣୀର କଙ୍କାଳ ଖୋଳି ଆଣିବାକୁ। ସେ କ'ଣ ପାଗଳ ଥିଲା ? ନା, ପାଗଳ ଥିଲା ସେହି ବ୍ୟବସ୍ଥା, ଯାହା ମୃତ୍ୟୁକୁ ବିଶ୍ୱାସ କରିବା ପାଇଁ ମୃତଦେହର କଙ୍କାଳ ମାଗୁଥିଲା।

ଆଦିବାସୀମାନେ ହୁଏତ ସଭ୍ୟ ସମାଜର ପାଠପଢ଼ାରେ ପଛୁଆ ହୋଇପାରନ୍ତି, କିନ୍ତୁ ସେମାନଙ୍କ ନୈତିକତା ଏତେ ସିଧାସଳଖ ଓ ସ୍ୱଚ୍ଛ ଯେ, ସେମାନେ ନିଜର ଭୁଲ୍‌କୁ ମାନିବାକୁ କେବେ ଡରନ୍ତି ନାହିଁ। ଯେଉଁମାନେ ଆଇନର ଗଳିପଥ ଜାଣିନାହାନ୍ତି, ସେମାନେ କୌଣସି ଅପରାଧ କଲେ ମଧ୍ୟ ସତ୍ୟକୁ ନେଇ ପୋଲିସ ଥାନାରେ ହାଜର ହେବାକୁ ପଛାନ୍ତି ନାହିଁ। କିନ୍ତୁ ଆମ ସମାଜର ନିୟମ କାହା ପାଇଁ ଉଦ୍ଦିଷ୍ଟ ? କାଗଜପତ୍ର, ଟିପ ଚିହ୍ନ ଆଉ ଦସ୍ତଖତ ......ଏ ସବୁ କ'ଣ ମଣିଷର ଅସ୍ତିତ୍ୱ ଓ ଜୀବନଠାରୁ ବଡ଼ ହୋଇଗଲା ? ଆମ ବ୍ୟବସ୍ଥାର ବିଡ଼ମ୍ବନା ଏହି ଯେ, ଯେତେବେଳେ ଆମେ ନିଜେ ଦୁର୍ନୀତି କରୁ, ସେତେବେଳେ ଆଇନର ସବୁ ନିୟମ ପାଣି ହୋଇଯାଏ, ସତେ ଯେମିତି କିଛି ହୋଇନି। କିନ୍ତୁ ଯେତେବେଳେ ଜଣେ ଗରିବ, ଅସହାୟ ମଣିଷ ନିଜର ହକ୍ ପାଇଁ ଆସେ, ସେତେବେଳେ ଏହି ନିୟମ ଏକ ଅଭେଦ୍ୟ ଦୁର୍ଗ ପାଲଟିଯାଏ। ଆମର ସବୁ

ISSN NO.
2582-208X

ସଂବେଦନଶୀଳତା କେଉଁଠି ହଜିଯାଏ, ତାହା ଆଜି ବଡ଼ ପ୍ରଶ୍ନବାଚୀ।

ସେହି ଦିନ ମୁଁ ବୁଝିଲି ଜିତୁ ମୁଣ୍ଡା ପାଗଳ ନଥିଲା, ପାଗଳ ଥିଲା ଆମର ଏହି ରୁଗ୍ଣ ବ୍ୟବସ୍ଥା। ଯେଉଁ ସଭ୍ୟ ସମାଜ ମଣିଷକୁ ମଣିଷ ବୋଲି ଚିହ୍ନିବା ପରିବର୍ତ୍ତେ, କେବଳ କାଗଜପତ୍ରର ତଥ୍ୟ ବା ସଂଖ୍ୟା ଭାବେ ଗଣନା କରେ, ତାହା ପ୍ରକୃତରେ କେତେ ଅନ୍ଧ! ଜିତୁ ଯେତେବେଳେ ସେହି କଙ୍କାଳକୁ ଧରି ଫେରୁଥିଲେ, ସେ କେବଳ ନିଜ ଭଉଣୀର ଅବଶେଷ ବୋହି ନେଉ ନଥିଲା, ବରଂ ବୋହି ନେଉଥିଲା ଆମ ସଭ୍ୟତାର ଶବଦେହ। ସତେ ଯେମିତି ସେଦିନ ମାନବିକତା ସେହି ବ୍ୟାଙ୍କର ବାହାରେ, ପଥର ପାଲଟି ଯାଇଥିଲା। ସେହି ଭିଡ଼ର ହସ ଓ ଥଟ୍ଟା ସେଦିନ ମୋ କାନରେ ପଡୁନଥିଲା, ବରଂ ଶୁଭୁଥିଲା ମୋ ସମାଜର ମାନସିକ ଦାରିଦ୍ର୍ୟର ପ୍ରତିଧ୍ୱନି। ସେହି ହସ ଭିତରେ ଥିଲା ଏକ ଗଭୀର ସାମାଜିକ ଅବକ୍ଷୟର କରୁଣ ଚିତ୍ର। ଜଣେ ଭାଇ ଯେତେବେଳେ ନିଜ ଭଉଣୀର ଶବକୁ ଧରି ବ୍ୟାଙ୍କରେ ଛିଡ଼ା ହେବାକୁ ବାଧ୍ୟ ହୁଏ, ସେତେବେଳେ କେବଳ ବ୍ୟବସ୍ଥା ନୁହେଁ, ସମ୍ପୂର୍ଣ୍ଣ ମାନବ ସଭ୍ୟତା ସେଦିନ ଲଜ୍ଜିତ ହୋଇ ମୁଣ୍ଡ ନୁଆଁଇଥାଏ। ଆଜି ମୁଁ ନିଜକୁ ପ୍ରଶ୍ନ କରୁଛି.......ଆମେ ସତରେ ମଣିଷ ତ ? ନା ଆମେ କେବଳ କାଗଜପତ୍ରର ନିୟମରେ ବନ୍ଧା କିଛି ନିର୍ଜୀବ ଯନ୍ତ୍ର, ଯେଉଁମାନେ ମଣିଷର ଦୁଃଖକୁ ଦେଖିବା ପରିବର୍ତ୍ତେ ନିୟମର ପାଲରେ ତାକୁ ଖୋଜୁଛୁ ?

ଏ ଘଟଣା କେବଳ କେନ୍ଦୁଝରର ନୁହେଁ, ଏ ଘଟଣା ହେଉଛି ଆମ ସମସ୍ତଙ୍କ ଭିତରେ ଥିବା ସେହି ନିଷ୍ଠୁରତାର ପ୍ରତିଫଳନ, ଯାହାକୁ ଆମେ ସୁଧାରିବା ନିହାତି ଜରୁରୀ।

ମାଟି ସିନା ଶବକୁ ଘୋଡ଼େଇ ଦିଏ, ହେଲେ ଅନ୍ୟାୟର ଚିତ୍କାରକୁ ନୁହେଁ। ଆଜି ସେହି ଅନ୍ଧାର କବର ଭିତରୁ ସତ୍ୟ ବାହାରି ଆସିଛି, କାହା କାନ୍ଧରେ ବୋଝ ହେବାକୁ ନୁହେଁ, ବରଂ ସମାଜର ବିବେକକୁ ପଚାରିବାକୁ— ମୃତ କିଏ ? ମୁଁ, ନା ତୁମ ମାନବିକତା ?

(((-)))

ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଜ୍ଞା ବିହାର, ବଲାଙ୍ଗୀର

ISSN NO.
2582-208X

# ମୋ ଭାଇ

ଦିବ୍ୟା ପଟେଲ

ସେ କେବଳ ମୋ ଭାଇ ନୁହେଁ,
ବନ୍ଧୁ ମଧ୍ୟରେ ଅଟେ ଅଗ୍ରଣୀ
ଯିଏ ଶିଖାଏ କର୍ତ୍ତବ୍ୟ କରିବାକୁ
ପୁଣି ଶିଖାଏ ସତ୍ୟର ବାଣୀ ।

ତା' ଶିକ୍ଷା ମୋ ପାଇଁ ଅଟେ ମୂଲ୍ୟବାନ,
ଯେପରି ଦରିଦ୍ର ଅକିଞ୍ଚନ କୁ ଧନ ।
ସେ ମୋ ପକ୍ଷର ଜଣେ ଦୃଢ ସମର୍ଥନକାରୀ,
ଯେତେବେଳେ ମୋ ପକ୍ଷ ନ ଥାଏ ମିଥ୍ୟା ଓ ଛଳନାରେ ଭାରୀ ।

ସେ ଅଟେ ବାସ୍ତବବାଦର ଜଣେ ଚିନ୍ତା ନାୟକ,
ଯିଏ ଦିଏ ଏ ଦୁନିଆର ବାସ୍ତବତାର ପରିଚୟ ।
ମନେ ପଡ଼େ ସେଇ ବାଲ୍ୟକାଳର ସମସ୍ତ ସ୍ମୃତି,
ଯାହାକୁ ମୁଁ ମୋ ହୃଦୟ ମନ୍ଦିରେ  ରଖିଛି ସାଇତି ।

ସେ କେବଳ କରେ ନା ପ୍ରଶଂସା ଠିକ୍ କାର୍ଯ୍ୟରେ,
ଦିଏ ପୁଣି ତାଡ଼ନା ମୋ ମନ୍ଦ ବୁଦ୍ଧିରେ ।
ନୁହେଁ ତ ମୁଁ କୌଣସି ସ୍ୱର୍ଗର ଅପ୍ସରା,
ମୋ ଭାଇ ପାଇଁ ମୁଁ ତାଙ୍କ ନୟନର ତାରା ।

ISSN NO.
2582-208X

ଲୋକେ କୁହନ୍ତି ଯାହା ତାହା ଅଟେ ବାସ୍ତବରେ ସତ୍ୟ,
ଯେ କାହାରି ସଫଳତାରେ ଥାଏ ଦୃଢ ବିଶ୍ୱାସୀ ର ହାତ ।
ମୁଁ ତ ନାହିଁ ସଫଳତାର ସର୍ବୋଚ୍ଚ ଶିଖରେ,
କିନ୍ତୁ ଅଛି ଯେଉଁଠି ଆଜି କେବଳ ତାଙ୍କରି ଦୟାରେ ।

ହେ କଳାମଣିମା ତୁମ ଭାଇ ଭଉଣୀଙ୍କ ସମ୍ପର୍କ ଯେମିତି ,
ରହିଥାଉ ସାରା ଜଗତେ ଭାଇ ଭଉଣୀଙ୍କ ସମ୍ପର୍କ ସେମିତି।
ଏତିକି ଗୁହାରି କରିବି ଗୋସାଇଁ,
ଏ ସ୍ନେହର ରଜ୍ଜୁ କେବେ ନ ଚ୍ୟୁତ ହେବା ପାଇଁ ।

(((-)))

ବଲାଙ୍ଗିର, ଓଡ଼ିଶା
ମୋ.ନ- ୭୬୮୩୮୯୫୧୩୬

ISSN NO.
2582-208X

# ଯୌତୁକ ଯାତନା



ଅବିନାଶ ସାହୁ

ଦେଠେଇ ନମସ୍କାର। କେମିତି ଅଛନ୍ତି ? ହଁ ନମସ୍କାର। ଆରେ କିଏ ବିଶ୍ୱନାଥ କିରେ ? ତୁ ଏଇ ଆମ ବୀରର ପୁଅ ତ ! ଆରେ ତୁ ଏତେ କାଇଲା କ'ଣ ଦିଶୁଛୁ କିରେ ? ଆଗରୁ ତ ବଳ ବପୁ ବେଶ୍ ରଖିଥିଲୁ। ହଁ ଦେଠେଇ ସେ କଥା ଛାଡ଼। ଆପଣ ଭଲ ଅଛନ୍ତି ତ। ହଁ ବାପା ମୁଁ ଭଲରେ ଅଛି ବୟସ ତ ଗଡ଼ିଲାଣି ମୋର ଆଉ ଜଞ୍ଜାଳ କ'ଣ ବାକି ଯାହା ଯମ ନେବା କଥା। ଆଚ୍ଛା କହିଲୁ ପିଲାମାନେ ସବୁ ଆସିଛନ୍ତି ନା ତୁ ଏକା ଆସିଛୁ। ନାଇଁମ ଦେଠେଇ ମୁଁ ଏକା ଆସିଲି। ପୁଅର ଚାକିରି ଯୋଗୁଁ ପ୍ରଭାତୀର ଆସିବାକୁ ଇଚ୍ଛା ଥିଲେ ବି ଆସିପାରିଲାନି ପରା। ହଁ ପୁଅ ଆଜିକାଲିକା ପିଲା। ରୋଷେଇ ବାସ ସହଜେ ମରଦ ପାଠୁଆ ପୁଅ ହାତରେ ଖଡ଼ା ସିଝିବନି। ଆମେ ସିନା ସେ ଅମଳର ବୋଲି ଜନ୍ତାଳକୁ ଯାଇ ରୋଷେଇଟା ନିଜେ ଶିଖିଯାଉଥିଲୁ ଏବେ ତ ତାହା ବନ୍ଦ ହେଲାଣି କେତେ ଦିନରୁ। ଆଚ୍ଛା ବିଶ୍ୱନାଥ ପୁଅ ତ ଚାକିରି କଲାଣି କହୁଛୁ ତେବେ ବାହାଘରଟା କେବେ କରୁଛୁ। ବାହାଘର କଥା କାହିଁ ଉଠାଉଛ ଦେଠେଇ। ଆଜି କାଲି ଯୁଗରେ ଭଲ ଜାତିଆ ଶିକ୍ଷିତ ସୁନ୍ଦର ଝିଅଟେ ମିଳିବା କାଠିକର ପାଠ। କାଠିକର ପାଠ କ'ଣ ? ସେ ଦାୟିତ୍ୱ ମୋ ଉପରେ ଛାଡ଼ିଦେ ମୁଁ ଠିକଣା କରିଦେବି। ଆଚ୍ଛା ତୋର ଯୌତୁକରେ କ'ଣ ଦରକାର କହ ? ନାହିଁ ମ ଦେଠେଇ ଯୌତୁକ ମୋର କ'ଣ ହେବ ? ଯାହା ଉପହାର ସେ ତାଙ୍କ ଝିଅ ଜ୍ୱାଇଁଙ୍କ ଦାଣ୍ଡସୁନ୍ଦରକୁ ଦେବେ, ସେଥିରେ ଆମର କିଛି ଆପତ୍ତି ନାହିଁ ଖାଲି ପିଲାଟି ମନକୁ ପାଇଲେ ହେଲା। ହେଉ ଦେଠେଇ ମୁଁ ଏଥର ଆସୁଛି ମୋ ପୁଅ କଥା ଆପଣଙ୍କୁ ଲାଗିଲା। ହେଉ ତୁ ଯାଆ। ମୁଁ ଆଠ ଦିନ ମଧ୍ୟରେ ତୋ ଘରକୁ ଯିବି, ତୋ ପୁଅ ଫଟୋ ଦେଖି ଯୋଉ ଝିଅକୁ ପସନ୍ଦ କରିବ ସେଇଠି ବିବାହ ପକ୍କା କରିବା।

ISSN NO.
2582-208X

ପାଞ୍ଚଦିନ ଉତ୍ତାରୁ କୋରିଆଁ ଛକ ଦେଇ ଦେଠେଇ ଢେଙ୍କାନାଳ ସହରରେ ହାଜର। ବିଶ୍ୱନାଥ ଦେଇ ଆସିଥିବା ଠିକଣା ଅନୁସାରେ ଦେଠେଇ ସକାଳୁ ସକାଳୁ ଯାଇ ବିଶ୍ୱନାଥର ଘରେ ପହଞ୍ଚିଲେ। ଦେଠେଇଙ୍କ ଡାକ ଶୁଣି ବିଶ୍ୱନାଥର ପତ୍ନୀ ଶେଯରୁ ଉଠି ଚା କରିବାକୁ ଚାଲିଗଲେ। ବିଶ୍ୱନାଥ ଦେଠେଇଙ୍କୁ ଚୌକିରେ ବସିବାକୁ କହି ପୁଅକୁ ଉଠେଇବାକୁ ଗଲେ। ବିଶ୍ୱନାଥଙ୍କ ପତ୍ନୀ ପ୍ରଭାତୀ ହାତରେ ଚା କପ ଆଣି ଦେଠେଇଙ୍କ ହାତକୁ ବଢ଼େଇ ଦେଇ ମୁଣ୍ଡିଆଟିଏ ମାରିଲେ। ବିଶ୍ୱନାଥ ପୁଅ ପାଖରୁ ଆସି ଦେଠେଇଙ୍କ ସହ ଚା ପିଇଲେ। ଆଉ ପ୍ରଭାତୀଙ୍କୁ ଦେଠେଇଙ୍କ ଜଳଖିଆ ପାଇଁ ବରା ଚାରିଟା ଛାଣି ଆଣିବାକୁ କହନ୍ତେ ଦେଠେଇ କହିଲେ ଆରେ ସେ ସବୁ ମୋର କ'ଣ ହେବ ତୋ ପୁଅକୁ ଆଗ ଡାକ ସେ ଝିଅର ଫଟୋ ଆଗ ଦେଖୁ ତା ପରେ ଯୋଉ କଥା। କୁହନି ଦେଠେଇ ଆଉ କଣ ଆମ ବେଳ ଅଛି ଆଜି କାଲିକା ଛୁଆ ରାତି ପାହିବା ଯାଏଁ ଚେଇଁ ମୋବାଇଲ ଦେଖିଲେ ସକାଳୁ ନିଦ ଭାଙ୍ଗିବ କୋଉଠୁ। ବାବୁ ଉଠିବେ ସାଢ଼େ ନଅଟା ବେଳକୁ ୧୦ଟା ସୁଦ୍ଧା ଦପ୍ତରରେ ହାଜର।

ଆରେ ପ୍ରଭାତୀ ତୁମେ ଠିଆହେଲ କ'ଣ ? ଦେଠେଇ ଗାଁରୁ ପାହାନ୍ତା ଗାଡ଼ିରେ ଆସିଛନ୍ତି କିଛି ମଧ୍ୟ ଖାଇନଥିବେ, ତୁମେ ଯାଅ ବରା ଛାଣି ଆଣିବ। ଆଉ ହଁ ତୁମେ ଗଲାବେଳେ ପୁଅକୁ ଉଠେଇ ଦେଇଯାଅ। ହଁ ଯାଉଛି କହି ପ୍ରଭାତୀ ଚାଲିଗଲା ପୁଅକୁ ଉଠେଇବାକୁ। ବହୁ କଷ୍ଟରେ ପୁଅ ଉଠିଲା ପ୍ରାୟ ଘଣ୍ଟାଏ ପରେ। ସେତେବେଳକୁ ପ୍ରଭାତୀର ବରା ଛଣା ଆଉ ତରକାରୀ ପ୍ରାୟ ହୋଇ ଆସିଲାଣି। ପୁଅ ସମ୍ପଦ ଆଖି ମଳି ମଳି ଆସି ବାପାଙ୍କ ପାଖରେ ଠିଆ ହେଲା। ବିଶ୍ୱନାଥ କହିବାରୁ ଦେଠେଇଙ୍କୁ ସମ୍ପଦ ମୁଣ୍ଡିଆଟିଏ ମାରି ତାଙ୍କରି ପାଖରେ ବସିଲା। ଦେଠେଇ ନିଜ ମୁଣିରୁ ଗୋଟି ଗୋଟି କରି ୨୦ଟି ଫଟୋ ଦେଖାଇଲେ। ସେଥିରୁ ବହୁ ବାଛିବା ପରେ ଗୋଟିଏ ଝିଅର ଫଟୋ ପାଖରେ ସମ୍ପଦର ମନ ଅଟକିଗଲା। ସେହି ଫଟୋଟିକୁ ବାପାଙ୍କ ହାତକୁ ବଢ଼ାଇଦେଇ ଦପ୍ତର ଯିବାକୁ ବାହାରିଲା। ପ୍ରଭାତୀ ବରା ତରକାରୀ ଆଣି ଉଭୟଙ୍କୁ ପରଷି ଦେଇ ପୁଅ ପାଇଁ ଟିଫିନରେ ଭରି କରି ଆଣିବାରୁ ପୁଅ ସମ୍ପଦ ତାକୁ ନେଇ ଦପ୍ତରକୁ ଚାଲିଗଲା।

ଦେଠେଇ ଏବଂ ବିଶ୍ୱନାଥ ଉଭୟେ ବରା ଖାଇସାରିବା ପରେ ଫଟୋଟି ଉପରେ ଅଧିକ ଆଲୋଚନାରେ ଲାଗି ରହିଲେ। ବିଶ୍ୱନାଥ ଝିଅର ଠିକଣା ପଚାରିବାରୁ ଦେଠେଇ କହିଲେ ଏଇ ଝିଅଟିର ନାଁ ଲେଖାଶ୍ରୀ ଏଇ ପରା ଆମ ଗାଁ ପାଖ ନରେନ୍ଦ୍ରପୁର ଗାଁର ଛନ୍ଦ ଅବଧାନଙ୍କ ବଡ଼ ନାତୁଣୀ। ହେଉ ପୁଅର ମନ ପାଇଛି ଯେତେବେଳେ ବନ୍ଧୁ ସେଇଠି ଠିକ୍ କରିବା।

ISSN NO.
2582-208X

ଆଚ୍ଛା ବୋହୂ ମା' ତୁମେ କିଛି କହୁନ। ହଁ ଦେଠେଇ ପୁଅର ମନ ପାଇଛି ଯେତେବେଳେ ମୋର ସେଥିରେ କିଛି କହିବାର ନାହିଁ ଖାଲି ଯାହା ଝିଅ ଘର ଚଳେଇପାରିଲେ ହେଲା। ଆଉ ଆପଣ ତ ଜାଣିଛନ୍ତି ମୋ ପୁଅ ସରକାରୀ ଚାକିରିଆ ତାକୁ ଦେଖି ଦାଣ୍ଡ ସୁନ୍ଦରକୁ ଯାହା ଯେମିତି ସଜବାଜ ଦେବେ ଆମର କିଛି ଦାବି ନାହିଁ। ଆଉ ଯଦି ଗୋଟେ ଚାରିଚକିଆ କାର ଗୋଟେ ଦେବେ ତେବେ ତାଙ୍କରି ଝିଅ ଜ୍ୱାଇଁ ସବୁ ଉପଭୋଗ କରିବେ। ଆମେ ତ ବୁଢ଼ା ବୁଢ଼ୀ ହେଲୁ ଆମର ଆଉ କଣ ବୟସ ଅଛି କାରରେ ବୁଲିବା ପାଇଁ। ହେଉ ମା ମୁଁ ଏଥର ଆସୁଛି ସେପଟେ ଝିଅର ଅଭିଭାବକଙ୍କ କାନରେ କଥାଟି ପ୍ରଥମେ ପକାଏ। ତୁମେ ପୁଅର ଜାତକଟି ଆଣିଦିଅ ଯଦି ରାଜ ଯୋଟକ ପଡ଼ିଲା ତା'ପରେ ଦିଆନିଆ କଥା ଉଠାଇବା କହି ଦେଠେଇ ସମ୍ପଦର ଜାତକଟିକୁ ସାଙ୍ଗରେ ନେଇ ଗାଁକୁ ଫେରିଲେ ।

ପରଦିନ ସକାଳୁ ଦେଠେଇ ଯାଇ ଝିଅ ଘର ଦାଣ୍ଡରେ ହାଜର। ହଇଓ ଅବଧାନେ ଓ ଅବଧାନେ। ଶୁଭୁଛି ନା ନାହିଁ ? ଶୁଭୁଛି, ଭିତରକୁ ଆସୁନ ସେ ଦାଣ୍ଡଟାରେ କାହିଁ ରଡ଼ିଟା କରୁଛ ? ଅବଧାନେ ନମସ୍କାର। ଆରେ ପୁଅ ତୁମେ ! ଏତେ ଦିନପରେ ଆଜି କୁଆଡ଼େ କେମିତି ପାଦ ପଡ଼ିଲା ? ହଁ ଗୋଟେ କାମରେ ଆସିଥିଲି ପୁଅ ନାହାଁନ୍ତି କି ତାଙ୍କ ସାଙ୍ଗରେ ମୋର ଟିକେ କଥା ଥିଲା। ପୁଅ ବଜାରକୁ ଯାଇଛି କି କଥା କହୁନ ଆସିଲେ ମୁଁ ଜଣାଇଦେବି। ନାହିଁମ ଏଇ ଆମ ଲେଖାଶ୍ରୀ ପାଇଁ ପାତ୍ରଟିଏ ଯୋଗାଡ଼ କରିଛି। ପୁଅ ସରକାରୀ ଚାକିରି କରିଛି। ମୋଟା ଅଙ୍କର ଦରମା ମଧ୍ୟ ପାଉଛି। ଆଚ୍ଛା ତାର କୋଉ ଜାତି କହିଲୁ ? ଆମରି ଜାତି ପରା ନହେଲେ ମୁଁ କିଏ ନା ଏ ପ୍ରସ୍ତାବ କିଏ ? ଆଚ୍ଛା ପୁଅର ବାପା ମାଆ ଭଲ ଲୋକ ତ ? ହଁ ଅବଧାନେ ମୁଁ ପରା ନିଜେ ଯାଇଥିଲି ଉତ୍ତମ ବ୍ୟବହାର, ଅତିଥି ଚର୍ଚ୍ଚା। ହେଇ ତ ପୁଅ ଆସିଲାଣି ତା ସାଙ୍ଗରେ କଥା ହୋଇଯାଆ। ଆରେ ପ୍ରିୟାଂଶୁ ବାବୁ, ଆଜି କେମିତି ଆମ ଘରେ ପାଦ ପଡ଼ିଲା ? ସେ କ'ଣ ଲେଖାଶ୍ରୀ ପାଇଁ ପ୍ରସ୍ତାବ ନେଇ ଆସିଛି ବୋଲି କହୁଛି। ଆଚ୍ଛା କହିଲୁ ଯୌତୁକରେ କ'ଣ ସବୁ ମାଗିଛନ୍ତି ? ନାହିଁ ମ, ସେପରି କିଛି ଦାବି ନାହିଁ ଦାଣ୍ଡ ସୁନ୍ଦରକୁ ତୁମେ ଯାହା ଯେମିତି ଦେବ। ଆଉ ଜ୍ୱାଇଁ ଯେହେତୁ ସରକାରୀ ଚାକିରିଆ ଯଦି ଚାରିଚକିଆ ଗାଡ଼ି ଗୋଟେ ଦେବ ସୁନ୍ଦର ହୁଅନ୍ତା। ଆଚ୍ଛା ହେଉ ପୁଅର ଜାତକ ଆଣିଛୁ ତ ? ହଁ ପରା ହେଇନିଅନ୍ତୁ ଦେଖିବେ କହି ଅବଧାନଙ୍କ ହାତକୁ ବଢ଼ାଇଦେଲେ। ଆରେ ପୁଅ ଜାତକରେ ଶୁଦ୍ରଯୋଗ ଦେଖାଉଛି। ଯାହା ହେଲେ ତ ଯୋଗ ଦେଖାଉଛି। ଜ୍ୱାଇଁ ସରକାରୀ ଚାକିରିଆ ଏମିତିକା ପାତ୍ର ଆଉ ମିଳିବନି ଯେ। ଭଲ ପ୍ରସ୍ତାବ ହେଲେ ଜାତକ ପରା ଅମେଳକ ହେଲା ଭଳି ଦିଶୁଛି। ଓ ହୋ

ISSN NO.
2582-208X

ଅବଧାନେ ! ମୋ ଉପରେ ସବୁ ଛାଡ଼ନ୍ତୁ ଆପଣଙ୍କ ନାତୁଣୀ ଖୁସିରେ ସଂସାର କରିବ। ଆପଣ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତୁ ।

ବିଭାଘର ପୂର୍ବରୁ ଉଭୟପକ୍ଷର ବନ୍ଧୁ ବାନ୍ଧବ ବର-କନ୍ୟାଙ୍କ ଘରକୁ ଯାଇ ଦେଖାଚାହାଁ କରି ଆସିଲେ। ଦେଖାଚାହାଁ କରିବା ପରେ ନିର୍ବନ୍ଧ ପାଇଁ ତିଥ ବାହାରିଲା। ଲେଖାଶ୍ରୀ ଏବଂ ସମ୍ପଦର ନିର୍ବନ୍ଧ ଜୀବନଖୋଲ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଲା। ମହାପ୍ରସାଦ ଧରି ବନ୍ଧୁ ସଂକଳ୍ପ ସରିବାପରେ ନିର୍ବନ୍ଧର ଉପହାର ସ୍ୱରୂପ କନ୍ୟା ପକ୍ଷରୁ ବରପାଇଁ ୧୦ ଗ୍ରାମର ଏକ ସୁନାମୁଦି ସହ ପେଡ଼ି ସଜ ଏବଂ ବରପକ୍ଷରୁ କନ୍ୟାପାଇଁ ୫ଗ୍ରାମର ସୁନା ମୁଦି ସହ ପେଡ଼ି ସଜ ଦିଆଗଲା। ମୁଦିପିନ୍ଧା ସମୟରେ ପ୍ରାୟ ୨୫ କିଲୋ ଓଜନର ବଡ଼ କେକ୍ କଟାଯାଇ ଅତିଥିମାନଙ୍କ ମଧ୍ୟରେ ବଣ୍ଟାଗଲା। ଫଟୋ ଉଠାଇବା ପାଇଁ ଆସିଥିବା କ୍ୟାମେରାମ୍ୟାନ ମଧ୍ୟ ସମସ୍ତ ଭିଡ଼ିଓ ଓ ଫଟୋ ଉଠା ବାବଦକୁ ଟ୧୫,୦୦୦ଙ୍କା ନେଲା। ଭୋଜିରେ ପଲାଉ, ଡ଼ାଲି, କ୍ଷୀରିକୁ ବାଦ୍ ଦେଇ ଆଉ ଆଠ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତି ହୋଇଥିଲା। ଯାହାକୁ ଖାଇବା ପରେ ଅତିଥିମାନେ କୁହାକୁହି ହେଉଥିଲେ ଏବେଠୁ ଏତେ ତେବେ ବାହାଘରକୁ କେତେ ? ନିର୍ବନ୍ଧର ସମସ୍ତ ଖର୍ଚ୍ଚ ଉଭୟ ପକ୍ଷ ତୁଲାଇବେ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥିବା ବେଳେ ଖର୍ଚ୍ଚ ଦୁଇଲକ୍ଷ ଟଙ୍କାରୁ ଅଧିକ ହୋଇଥିଲା।

ବିବାହର ନିୟମ ଅନୁଯାଇ ନିର୍ବନ୍ଧ ହେବାର ଛ' ମାସ ମଧ୍ୟରେ ବିବାହ ଅନୁଷ୍ଠିତ ହେବ। ଏଣୁ ଲେଖାଶ୍ରୀର ବାପା ଝିଅର ଯୌତୁକ ବାବଦକୁ ସମସ୍ତ ପ୍ରକାର ଜିନିଷ ଯୋଗାଡ଼ କରିବାରେ ବ୍ୟସ୍ତ। ସବୁଜିନିଷ ଯୋଗାଡ଼ ହେବାପରେ ବିବାହ ପାଞ୍ଚଦିନ ଥାଇ ପୁଅଝିଅ ଉଭୟଙ୍କୁ କଟକ ଆଣି ସେଠାରୁ ନିଜ ମନ ପସନ୍ଦର ଗାଡ଼ିଟିଏ ବାଛିବାକୁ କହିଲେ। ଉଭୟେ କଫି ରଙ୍ଗର ଏକ ଗାଡ଼ି ବାଛିଲେ ଯାହାର ଦାମ୍ ପ୍ରାୟ କୋଡ଼ିଏ ଲକ୍ଷ ଟଙ୍କା ଥିଲା। ଗାଡ଼ିର ଅନ୍ୟାନ୍ୟ କାଗଜପତ୍ର ସହ ଟିକସ ବାବଦକୁ ଅଧିକ ପାଞ୍ଚଲକ୍ଷ ମଧ୍ୟ ଲେଖାଶ୍ରୀର ବାପା ବହନ କଲେ। ଦିଅଁମଙ୍ଗୁଳା ଠାରୁ ବିବାହର ସମସ୍ତ ରୀତିନୀତି ଆରମ୍ଭ ହେଲା। ବାହାଘର ଦିନ ସକାଳୁ ବାଡୁଅପାଣିରେ ଗାଧୋଇ ଝିଅ ସଜ ହୋଇ ଘରର ଇଷ୍ଟ ଏବଂ ଅନ୍ୟ ସମସ୍ତ ଗୁରୁଜନଙ୍କୁ ଆଞ୍ଜୁଳି ଚାଉଳ ଦେଲା। ଅପରପକ୍ଷେ ସମ୍ପଦ ମଧ୍ୟ ବାଡୁଅପାଣିରେ ଗାଧୋଇ ଆଞ୍ଜୁଳି ଚାଉଳ ଦେଇ ୫୦୦ ଲୋକଙ୍କୁ ସାଙ୍ଗରେ ନେଇ ରୋଷଣୀରେ ବାହାରିଲେ। ହାତୀଘୋଡ଼ା-ବାଘଭାଲୁ ଷଣ୍ଢ ଆଦି ବିବିଧ ପଟୁଆର ସହ ସମ୍ପଦ ଶ୍ୱଶୁରଘର ଗାଁ ବୁଲିସାରି ବାଟବରଣ ହେଲାବେଳକୁ ରାତି ପ୍ରାୟ ୧୨ ବାଜିଲାଣି।

ISSN NO.
2582-208X

ଆଉ ବିଳମ୍ବ ନ କରି ପୁରୋହିତ ବିବାହର ମନ୍ତ୍ର ପଢ଼ିବା ଆରମ୍ଭ କଲେ। ଓଁ ବକ୍ରତୁଣ୍ଡ ମହାକାୟ.....,ଓଁ ନମଃ ପ୍ରଜାପତୟେ ନମଃ....., ଯଥା ରାବଣସ୍ୟ ମନ୍ଦୋଦରୀ..... ଇତ୍ୟାଦି। ହାତଗଣ୍ଠି ଫିଟି କଉଡ଼ି ଖେଳ ସରିବା ପରେ ପାହାନ୍ତା ପ୍ରହର ବେଳକୁ ଲେଖାଶ୍ରୀ ସମ୍ପଦ ସହ ଢେଙ୍କାନାଳ ବାହାରିଆସିଲେ ।

ସମ୍ପଦର ଘରେ ପହଞ୍ଚିବା ପରେ ଲେଖାଶ୍ରୀର ଶାଶୁ ନିଜେ ବୋହୂକୁ ବନ୍ଦାଇ ଗୃହ ପ୍ରବେଶ କରାଇଲେ। ଦୁଇଦିନ ଉତ୍ତାରୁ ବରପକ୍ଷର ଭୋଜି ଚତୁର୍ଥଦିନ ଆୟୋଜନ ହୋଇଥିଲା। ଏହି ଭୋଜିଦିନ ଝିଅଘର ସଜବାଜ ଆସି ପହଞ୍ଚିଲା। ଲେଖାଶ୍ରୀର ବାପା ସମସ୍ତ ପ୍ରକାରର ଆସବାବ ସହ ଗାଇ ଧାନ ବାବଦକୁ ପଚାଶ ହଜାର ଟଙ୍କା ମଧ୍ୟ ସମୁଦିଙ୍କ ହାତକୁ ଗଣିଦେଇ ଗାଡ଼ିର ଚାବିଟା ଜ୍ୱାଇଁଙ୍କ ହାତକୁ ଟେକିଦେଲେ । ଲେଖାଶ୍ରୀକୁ ପଟିକାନି ଦେଇ କନ୍ୟାଘର ଲୋକ ବିଦାୟ ନେବାପରେ ଚତୁର୍ଥୀ ହୋମ ଆରମ୍ଭହେଲା। ତଥାପି ଶାଶୁଙ୍କ ମନ ଊଣା କାରଣ ବିବାହ ଭୋଜିକୁ ନିମନ୍ତ୍ରିତ ହୋଇ ଆସିଥିବା ପୁଅର ପିଉସୀ ପ୍ରଭାତୀଙ୍କୁ କହିଲେ ଦେଖ ହେ। ଶାଶୁ ତ ଗାଡ଼ିରେ ବସିବ ନାହିଁ ତେଣୁ ଚାବି ଜ୍ୱାଇଁଙ୍କୁ ଦେଇଦେଲେ। ଗାଡ଼ି ତାଙ୍କର, ସେମାନେ ଗାଡ଼ିରେ ବସିବେ ବୁଲିବେ ଶାଶୁକୁ କିଏ ପଚାରେ ? ଏହି କଥାଟି ଶାଶୁଙ୍କ ମନରେ ଉଦ୍‌ବେଳିତ ହେଉଥାଏ। ପରଦିନ ସକାଳୁ ଲେଖାଶ୍ରୀ ଉଠି ଶାଶୁଙ୍କୁ ମୁଣ୍ଡିଆ ମରିବା ବେଳେ ଶାଶୁ ଆଶୀର୍ବାଦ ଦେବା ବଦଳରେ ଲେଖାଶ୍ରୀର ବାପ ଘରକୁ ନେଇ "ବୋପା ବିକୁଥିଲା ଚିଙ୍ଗୁଡ଼ି ଶୁଖୁଆ ମାଆ ସିଉଁଥିଲା ପତର, ଝିଅର ବଡ଼େଇ ଆହୁରି ସରିନି ଦେଖାଉଛି ବଡ଼ ଚାତର" ବୋଲି ଆକ୍ଷେପ କଲେ। ଏ କଥାଟି ଲେଖାଶ୍ରୀକୁ ବଡ଼ ଖରାପ ଲାଗିଲା। ସେ ଏ କଥାର ପ୍ରତିବାଦ ନ କରି ସେଦିନ ରାତିରେ ସମ୍ପଦକୁ ଜଣେଇବାରୁ ସମ୍ପଦ କହିଲା ତୁ କ'ଣ ଭାବିଛୁ ତୋ କଥାରେ ଏ ଘର ଚାଲିବ ଇଚ୍ଛା ଅଛି ଯଦି ଏ ଘରେ ଭାତ ଲୁଣ ଖାଇରହ ନହେଲେ ଅନ୍ୟ କୁଆଡ଼େ ଯାଇ ଗେରସ୍ତ କର। ସ୍ୱାମୀଙ୍କ ପାଖରୁ ଏପରି କଥା ଶୁଣିବା ପରେ ପରଦିନ ଲେଖାଶ୍ରୀ ଶ୍ୱଶୁରଙ୍କ ନିକଟରେ ଫେରାଦ ହେଲା ତଥାପି କିଛି ସୁଫଳ କି ଆଶ୍ୱାସନା ମିଳିଲା ନାହିଁ। ବିଚରା ଅନେକ ଯାତନା ସହି ଢେଙ୍କାନାଳରେ ପଡ଼ିରହିଲା ।

ଅପରପକ୍ଷେ ଲେଖାଶ୍ରୀର ବାପା ଝିଅର ବିବାହ ଭୋଜିଭାତ, ସଜବାଜ ପାଇଁ ଅନେକ ଲୋକଙ୍କଠୁ ହାତ ଉଧାରି ଆଣିଥିଲେ ଟଙ୍କା ସୁଝିବାରେ ବିଳମ୍ବ ହେବାରୁ ସେମାନେ ପ୍ରତିଦିନ ଆସି ଅବଧାନଙ୍କ ଘର ଆଗରେ ହଟାପଟାଣା କଲେ। ସମସ୍ତ କରଜ ସୁଝିବାକୁ ଯାଇ

ISSN NO.
2582-208X

ଲେଖାଶ୍ରୀର ବାପା ସମସ୍ତ ଜମି ବିକିବା ପରେ ମଧ୍ୟ ଆହୁରି ଟଙ୍କା ବକେୟା ରହିଯିବାରୁ ଶେଷରେ ବାଧ୍ୟ ହୋଇ ସେ ଘରଟିକୁ ବିକିଦେଇ ଅବଧାନେ ଆଉ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ବିଦେଶ ଚାଲିଗଲେ। କିଛିଦିନ ଉତ୍ତାରୁ ଲେଖାଶ୍ରୀ ଗର୍ଭବତୀ ଥିବା ଜଣାପଡ଼ିଲା। ଉପଯୁକ୍ତ ପୋଷଣ ବଦଳରେ ଶାଶୁ ଓ ସ୍ୱାମୀ ପ୍ରତିଦିନ ତାକୁ ଉପଯୁକ୍ତ ଶୋଷଣ କଲେ। ଅନେକ ଯାତନା ସହିବା ତା'ପକ୍ଷେ ଅସମ୍ଭବ ହେବାରୁ ସେ ଶାଶୁଘର ଛାଡ଼ି ଦୁଇ ଦୁଇଥର ଆସିବା ପାଇଁ ଉଦ୍ୟମ କରି ମଧ୍ୟ ବିଫଳ ହେଲାଣି। ବର୍ତ୍ତମାନ ଲେଖାଶ୍ରୀର ପ୍ରସବ ବେଦନା ଆରମ୍ଭ ହେବାରୁ ଶ୍ୱଶୁର ନେଇ ତା'କୁ ଡାକ୍ତରଖାନାରେ ପହଞ୍ଚାଇଲେ। ଡାକ୍ତରଖାନାରେ ଝିଅଟିଏ ଜନ୍ମଦେଇ କୌଶଳ କ୍ରମେ ଲେଖାଶ୍ରୀ ଢେଙ୍କାନାଳ ଛାଡ଼ି ବାପଘର ଅଭିମୁଖେ ଆସି ବସରେ ବସି ପଡ଼ିଲା। ଅଧବାଟରେ କଣ୍ଡେକ୍ଟର ତାକୁ ପଇସା ମାଗିବାରୁ ସେ ଦେଇପାରିବିନି କହିଲାରୁ ସେଠାରେ ହିଁ ତାକୁ ଗାଡ଼ିରୁ ଓହ୍ଲାଇ ଦିଆଗଲା। ସେ ସେଠାରୁ ଚାଲି ଚାଲି ଆସି ବାପଘରେ ପହଞ୍ଚିଲା। ପିଲାରୁ କୁଆଁରୀ ଯାଏଁ ବଢ଼ିଥିବା ସେ ନିଜବାପଘର ଭିତରକୁ ପଶିଯିବାରୁ ଘରଭିତରୁ ବର୍ତ୍ତମାନର ମାଲିକାଣୀ ତା'କୁ ଦାଣ୍ଡକୁ ଠେଲି ଠେଲି ଆଣି ତାକୁ ତଣ୍ଟିଆ ଟିଏ ମାରି କହିଲେ ଯା' ତୋର ଏଠି କେହି ନାହାନ୍ତି। କୁଆଡ଼େ ଗଲେ ବୋଲି ପଚାରି ଆଉଥରେ ଘରକୁ ପଶିବାକୁ ଉଦ୍ୟମ କଲାରୁ ସ୍ତ୍ରୀ ଲୋକଜଣଙ୍କ ଆଉ ଗୋଟିଏ ଧକ୍କା ଦେବାରୁ ତା'ର ମୁଣ୍ଡ ଦାଣ୍ଡ ଢ଼ଳେଇ ରାସ୍ତାରେ ମାଡ଼ ହୋଇଗଲା। କୋଳରେ ଥିବା ପିଲାଟି ହାତରୁ ଖସି କୁଆଁ କୁଆଁ ରଡ଼ି କଲେ ମଧ୍ୟ ସେ ଶିଶୁକନ୍ୟାଟିକୁ କୋଳକୁ ନେଲାନାହିଁ। ରଡ଼ିରଡ଼ି ଛୁଆଟି ଧକେଇବାକୁ ଲାଗିଲେ ଲେଖାଶ୍ରୀ ପୁଣି ଏକାବେଳେ ତା'ର ଗୋଟେ ହାତ ଗୋଟେ ଗୋଡ଼କୁ ଧରି ଉପରକୁ ଟେକି ତଳେ ପକେଇଦେଲେ ଛୁଆଟି ପୁଣି କାନ୍ଦେ। ଏହି କାନ୍ଦରୁ ଲେଖାଶ୍ରୀ ଆନନ୍ଦ ପାଇ ବଡ଼ ପାଟିରେ 'ମୋ ଘରେ ମୋ ବାପା ନାହିଁ ତୋ ବାପା ତୋତେ ନେଉ....' କହି କହି ଗୋଟିଏ ସ୍ଥାନରେ ତାଳି ମାରି ଘୂରି ବୁଲୁଥିଲା। ଏହିପରି ବାରମ୍ବାର ନବଜାତକକୁ ଟେକିବା ଆଉ ପକାଇବା ଫଳରେ ନବଜାତକଟିର ରଡ଼ି ଆଉ ଶୁଭିଲା ନାହିଁ। କିଛି ସମୟପରେ କୁକୁରଟିଏ ଆସି ଶିଶୁକନ୍ୟାଟିର ଦେହକୁ ଶୁଙ୍ଘିଲା। ଦେହରେ ଜୀବନ ନଥିବା ଜାଣିପାରି କୁକୁରଟି ଲେଖାଶ୍ରୀ ଝିଅର ବେକକୁ ଧରି ଏକ ନିରୋଳାସ୍ଥାନ ଆଡ଼କୁ କ୍ଷିପ୍ରଗତିରେ..... ।

(((-)))

ବାହାଡ଼ାଝୋଲା, ନୟାଗଡ଼
ପିନ୍- ୭୫୨୦୮୨/ ଯୋଗାଯୋଗ- ୯୩୪୮୪୦୫୮୪୦

ISSN NO.
2582-208X

# ଚଠିଟିଏ ଜରା ନିବାସରୁ

ରବୀନ୍ଦ୍ରନାଥ ପଣ୍ଡା

ଜରା ନିବାସରୁ ବାପା ଲେଖିଲେ ପତର,
ପୁଅରେ ଏଠାରୁ ନେବୁ ଆଶିର୍ବାଦ ମୋର ।
ତୋତେ ପାଇବାକୁ ଆମେ କଲୁ ଓଷାବ୍ରତ
ନାନା ସ୍ଥାନ ବୁଲି କଲୁ ଠାକୁରଙ୍କ ବ୍ରତ ।
କେତେ ପୂଜା ମାନସିକ କରିଲୁ ପୁରଣ
ପାଠ ପଢାଇ ସାରିଲୁ ଥିବା ଉପାର୍ଜନ ।
ବାହାକଲି ବଡ ଘରେ କୁଳିନ ଭାବିକି
ଘରେ ପସୁ ପସୁ ନେଲା ତା ଚାବିକି ।
ମାଆ ତୋର ଚାଲିଗଲା ମତେ କରି ଏକା,
ବୋହୁ ନେଇ ତୁ ଚାଲିଲୁ ପାଇ ସର୍ବ ସୁଖ ।
ରୋଗ ବଇରାଗ ମତେ ଘାଣ୍ଟିଦେଲା ବୋଲି
ମୋତେ ଏଠି ଛାଡିଦେଲି ତୁମେ ଗଲ ଚାଲି ।
କହିବୁନି ବୋହୂକୁ ତୁ କେବେ ଟାଣ କଥା
କହିଲେ ସେ ଏଇଠାରେ ଛାଡିବ ଜାଣିଥା ।
ପୁଅ ତୋର ବଡ ହେଲେ ତା କାମ କରିବ
ମହାଭାରତ ଆଦରୀ ରାମେ ଭୁଲିଯିବ ।
ସେଥି ପୂର୍ବରୁ ତୋ ପାଇଁ ଖଟିଆ ଖଣ୍ଡିଏ
ଆଗରୁ ଯୋଗାଡ କରି ରଖିବାକୁ କୁହେ ।
ଆଡଭାନସ ଦେବା କଥାଟା ଯେ ଦିନ କହିବୁ
ଧରାଧରି କରି ଖଣ୍ଡେ ଖଟିଆ ରଖିବୁ ।
ଏତିକି ଖବର ତତେ ଦେବାକୁରେ ବାବୁ
ଏ ପତ୍ର ଖଣ୍ଡିକ ଲେଖି ପଠାଇ ଦେବାକୁ ।

(((-)))

ମୋ: ୭୩୮୧୯୨୪୧୦୯

ISSN NO.
2582-208X

# ଭଲପାଅ ଏବଂ ନଜକୁ ଜାଳଦିଅ



ଲୋଚନ କୁମାର ବାଡ଼ତ୍ୟା

ଏହିଥର ଲେଖା ଲେଖିବା ପୂର୍ବରୁ କାହିଁକି କେଜାଣି ମନରେ ଅନେକଗୁଡ଼ିଏ ବିଷୟବସ୍ତୁ ଆସିଯାଉଛି କୋଉଠି ସମାଜର ଭଲପାଇବା ତ କୋଉଠି ସମାଜରେ ଭଲପାଇବା ନାଁ'ରେ ଚାଲିଥିବା ସ୍ୱାର୍ଥପୂର୍ତ୍ତି, ପ୍ରତାରଣା ଅନେକ ଅନେକ କିଛି.... ପୁଣି କେବେ ଉଙ୍କି ମାରୁଥାଏ ସେହି ସଚ୍ଚିଦାନନ୍ଦମୟଙ୍କ ଲୀଳାଖେଳା। ସେ ପୁରୀର ଚନ୍ଦନଯାତ ହେଉ ଅବା ବୃନ୍ଦାବନର ଗୋବର୍ଦ୍ଧନ ପରିକ୍ରମାର ସମସ୍ତ ସ୍ମୃତି............. ଭାରି ଗୋଳମାଳ ନା ? ବସି-ବସି ଭାବି-ଭାବି ଲେଖିବା ଯେ କେତେ କଷ୍ଟକର ଏହା କେବଳ ଜଣେ ଲେଖକ କିମ୍ବା ଲେଖିକା ହିଁ ବୁଝିପାରିବେ। ଛାଡ଼ ସେ ଯାହାବି ହେଉ, ସବୁକୁ ତ ଗୋଟାଏ ଥରରେ ଲେଖିହେବ ନାହିଁ, ତେଣୁ ଅତି କଷ୍ଟରେ ସବୁକୁ ମିଶାଇ ଗୋଟିଏ କିଛି ଲେଖିବା ବୋଲି କଲମ ଧରୁ ଧରୁ ମଦନ ହଜି ଯାଇଛି କଳ୍ପନା ରାଇଜ ଭିତରକୁ, ଆଉ.........

ଗୋବିନ୍ଦପୁର ଛୋଟିଆ ଗାଁ'ଟିଏ। ଛୋଟିଆ ଗାଁ'ରେ ବଡ଼ ପରିବାରଟିଏ। ପରିବାର କହିଲେ ମୁରବୀ ହିସାବରେ ଘରର ବାପା ଓ ମାଆ ଆଉ ତାଙ୍କର ପାଞ୍ଚପୁଅ ଗୋଟିଏ ଝିଅ। ବାପାଙ୍କ ଭରଣ ଭରଣ ଜମି। ଜମିରେ କୋଉଠି ଧାନ, ଗହମ, ମୁଗ, ବିରି ବିଭିନ୍ନ ପ୍ରକାରର ଶସ୍ୟ ସବୁ ଅମଳ ହେଉଥାଏ। ବଡ଼ ବଡ଼ ୩ଟି ପୋଖରୀ ଯେଉଁଥିରେ ସେ ବିଭିନ୍ନ ରୋହି, ଭାକୁର, ଇଲିସି, ଖଇଙ୍ଗା, ଇତ୍ୟାଦି ମାଛ ଚାଷ ସହିତ ପୋଖରୀ ହୁଡ଼ାରେ ନଡ଼ିଆ, ତାଳ ଭଳି ଗଛ ସବୁରେ ଭରପୂର ହୋଇ ରହିଛି। ବଡ଼ ପରିବାର ସିନା ହେଲେ ଅଭାବ କ'ଣ ଆଜି ଯାଏଁ ଜାଣି ନାହାନ୍ତି। ଦିନକୁ ୩ ଓଳି ଖାଇବା ଆଉ ଦେହକୁ ଭଲ କପଡ଼ା ପିନ୍ଧିବା ସହିତ ସୁନ୍ଦର କୋଠାଘରଟିଏ ମୁଣ୍ଡ ଗୁଞ୍ଜିବା ପାଇଁ ରହିଅଛି। ବାପାଙ୍କ ବଡ଼ ଇଚ୍ଛା ସବୁ ପିଲାଙ୍କୁ ନହେଲା ନାହିଁ ମଝିଆ, ସାନ ମଝିଆ ପୁଅ ଏବଂ ସାନ ଝିଅକୁ ପାଠଶାଠ ପଢ଼େଇ ବଡ଼ ମଣିଷ କରାଇବେ। ଏମିତିରେ ବଡ଼ ଏବଂ ବଡ଼ ମଝିଆ ପୁଅଙ୍କୁ ବୟସ ହେବା ସଙ୍ଗେ

ISSN NO.
2582-208X

ସଙ୍ଗେ ସେ ଦୁଇଟି ସୁନ୍ଦର କନ୍ୟା ଦେଖି ବାହା କରିବାର ନିଷ୍ପତ୍ତି ନେଇଗଲେଣି କିନ୍ତୁ ଏହି ତିନିଜଣଙ୍କ ଯେ ଉପଯୁକ୍ତ ବୟସ ଆସିବାକୁ ବହୁତ ସମୟ ଅଛି ତେଣୁ ସେହି ୨ ପୁଅଙ୍କ ଭଳି ୟାଙ୍କୁ କେବଳ ଜମିଜମା କଥା ନ ବୁଝି କିଛି ଅଲଗା କରିବେ ବୋଲି ବାପା ଘନଶ୍ୟାମଙ୍କ ବଡ଼ ଇଚ୍ଛା।

ଦିନେ ମଝିଆପୁଅ ଫାଲଗୁନ ସାନମଝିଆ ଭୀମ ଏବଂ ସାନଝିଅ କବିତାକୁ ଡାକି କହିଲେ ପିଲେ ତୁମର ତ ବର୍ତ୍ତମାନ ମାଟ୍ରିକୁଲେସନ, ନବମ, ଆଉ ସପ୍ତମ ସରିଲା। ମୁଁ ଚାହୁଁଛି ବଡ଼ ଦୁଇ ଭାଇଙ୍କ ଭଳି ତୁମେ ଦଶମ ସାରି ପାଠପଢ଼ା ବନ୍ଦ କରନାହିଁ। ଆଗକୁ ଆଗକୁ ଆଉରି ପାଠପଢ଼ି ବଡ଼ ମଣିଷ ହୁଅ କିନ୍ତୁ ଏହି କଥାରେ ଫାଲଗୁନ ଅମଙ୍ଗ ହୋଇ ସେ କହିଲା ନା ବାପା ମୁଁ ତ ପୂର୍ବରୁ ହିଁ ଭାବି ନେଇଥିଲି ମୁଁ ଦଶମ ସାରି ଦୁଇ ବଡ଼ ଭାଇଙ୍କୁ ଜମି ବୁଝାବୁଝି କାମରେ ସାହାଯ୍ୟ କରିବି ତେଣୁ ମୁଁ ଆଉ ଆଗକୁ ପଢ଼ିବାକୁ ଚାହୁଁନାହିଁ। ଏହି କଥା ଶୁଣି ଘନଶ୍ୟାମ ଟିକେ ଖୁସି ହେଲେ ଯେ ଯାହାହେଉ ତାଙ୍କରି ପୁଅ ଦୁଇଭାଇ ପ୍ରତି କେତେ ଅନୁରକ୍ତ ଅଛି, କଥାରେ ଅଛି ପରା : "ଗାଇ ଯେଉଁଆଡ଼େ ଯାଏ ତା'ର ଲାଞ୍ଜ ମଧ୍ୟ ସେହି ପଟେ ଯାଏ"। ତେଣୁ ସେ ଫାଲଗୁନ ଠା'ରୁ ଆଉ ବେଶୀ କିଛି ଆଶା ନ ରଖି ତା'ରି କଥାରେ ହଁ ଭରିଲେ। ପୁଣି ଭୀମ ଆଉ କବିତାକୁ ପଚାରିଲେ ପିଲେ ତୁମ ଦି'ଜଣଙ୍କ ସେମିତି କିଛି ଯୋଜନା ନାହିଁ ତ ? ସେମାନେ ଆଉ କଣ କହିବେ କିଛି ଭାବିପାରୁ ନାହାନ୍ତି। ଠିକ୍ ଏହି ସମୟରେ ବାପା ଗୋଟିଏ କଥା କହିଲେ - "ଜାଣିଛ ମଧୁବାବୁ, ଗୋପବନ୍ଧୁ ଭଳି ବଡ଼ ବଡ଼ ଲୋକେ ଦେଶ ସେବାରେ କେମିତି ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ସେ ସର୍ବଦା ଶିକ୍ଷାକୁ ନିଜର କରିଥିଲେ ଆଉ ସବୁବେଳେ ପଢ଼ିବା ପାଇଁ ନିଜକୁ ପ୍ରସ୍ତୁତ ରଖୁଥିଲେ।" ତେଣୁ ପିଲେ ତୁମର ଇଚ୍ଛା କ'ଣ ଅଛି କୁହ ତ ? ଏହିକଥା ଶୁଣିବା ସାଙ୍ଗେ ସାଙ୍ଗେ ଦୁଇଜଣଯାକ ବଡ଼ ପାଟି କରି କହିବାକୁ ଲାଗିଲେ ଆମେ ପାଠ ପଢ଼ିବୁ ଆଉ ଲୋକଙ୍କ ସେବା କରିବୁ। ବାପା ଏହା ଶୁଣି ଭାରି ଖୁସି ହେଲେ।

କଳ୍ପନା ରାଇଜରେ ପଶି ଏତିକି ଲେଖା ଲେଖୁ ଲେଖୁ ବାହାରେ ଭାଗବତ ଟୁଙ୍ଗୀରେ ଭାଗବତ ପାଠ ଆରମ୍ଭ ହେବା ସହିତ ମାଆଙ୍କ ମଦନରେ ମଦନ ଦୋକାନ ଯାଇ ରାସନ ଆଣିବାର ଡାକରେ ମଦନର ଗଢ଼ାଯାଇଥିବା କଳ୍ପନାର ଦୁନିଆ ଯେମିତି ସବୁ ମାଟିରେ ମିଶି ଯାଉଛନ୍ତି।

ISSN NO.
2582-208X

ମଦନର ଏହି ବର୍ଷ ହିଁ ଇଂରାଜୀରେ ସ୍ନାତକୋତ୍ତର ସରିଛି କିନ୍ତୁ ଓଡ଼ିଆ ଲେଖାରେ ତା'ର ମନ ଭାରି ବ୍ୟଗ୍ର। ମଦନ ଦୋକାନ ଯାଇ ରାସନ ସାମାନ ଆଣି ସାରି ଦେଖେ ତ ସାହିରେ ସୁନ୍ଦର ଭାବରେ ଭାଗବତ ପାଠ କରାଯାଉଥିଲା। ଏମିତିରେ ମଦନକୁ ଭାଗବତ ପଢ଼ିବା ଏବଂ ଶୁଣିବାକୁ ଭାରି ଭଲ ଲାଗେ କିନ୍ତୁ ଆଜି କାହିଁକି କେଜାଣି ତା'କୁ ଏହି ଭାଗବତ ପାଠ ଭାରି ବ୍ୟସ୍ତ କରିଦେଉଥିଲା ଯେମିତି ଲାଗୁଥିଲା କାହାଣୀର ଘନଶ୍ୟାମ ବାବୁ ତା'କୁ ହାତ ଠାରି ଡାକୁଛି ଆସେ ମଦନ ଆସେ ଆଉ ମୋ ଚରିତ୍ରକୁ ଚିତ୍ରିତ କର।

ବାବୁ ଘନଶ୍ୟାମ ଠିକ୍ ଦୁଇ ବର୍ଷପରେ ଦୁଇ ପୁଅ ବଡ଼ ଓ ବଡ଼ ମଝିଆଙ୍କ ବାହାଘର ବଡ଼ ଧୁମ୍‌ଧାମ୍‌ରେ କରିଲେ। ଅନେକ ବର୍ଷସବୁ ସୁରୁଖୁରୁରେ ଏମିତି ବିତିଚାଲିଲା। ଆଉ ଦେଖୁଦେଖୁ ଫାଲଗୁନ, ଭୀମ, ଏବଂ କବିତା ଖୁବ୍ ବଡ଼ ହୋଇ ଗଲେଣି ଯେହେତୁ କବିତା ଘରେ ସଭିଙ୍କ ଠାରୁ ସାନ ସେ ସଭିଙ୍କ ଠାରୁ ଖୁବ୍ ସ୍ନେହ ଆଦର ପାଏ। ବର୍ତ୍ତମାନ କବିତା ବିଶ୍ୱବିଦ୍ୟାଳୟରେ ଇଂରାଜୀରେ ସ୍ନାତକୋତ୍ତର ପଢ଼ୁଛି ଯେମିତି ସଭିଙ୍କ ଜୀବନରେ କଲେଜ୍ ସମୟରେ କେହି ନା କେହି ଆସିଥାଆନ୍ତି ଠିକ୍ ସେହିପରି କବିତାର ଜୀବନରେ ବି ନରେନ୍ଦ୍ର ନାମରେ ଗୋଟିଏ ପିଲା ଯୁକ୍ତ ତିନି ପଢ଼ିବା ସମୟରୁ ସାଥିରେ ଅଛି। ଦୁହେଁ ଦୁହିଁଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଢେର୍ ସାରା ସମୟ ଦେଇ ବୁଝି ଆସିଛନ୍ତି। ଇଂରାଜୀରେ ଗୋଟିଏ କଥା ଅଛି "Change is the Constant"। 'ସୁଖ ଘର ଅଢ଼େଇ ଦିନିଆ ଦୁଃଖ ଦିନ ସବୁ ବାରମାସୀ' ପରି ସ୍ନାତକୋତ୍ତର ସାରି ଦୁହିଁଙ୍କୁ ଅଲଗା ରହିବାକୁ ପଡ଼ିଲା। ଶରୀରରୁ ସିନା ଅଲଗା ରହିଲେ କିନ୍ତୁ ମନରେ ସେମିତି ସାଇତି ରଖିଥାନ୍ତି ଦୁହେଁ ଦୁହିଁଙ୍କୁ କ। ବର୍ତ୍ତମାନ ନରେନ୍ଦ୍ରର ଚାକିରି ଲାଗି ଯାଇଛି ଏବଂ ସେ ଯିବ ବାଙ୍ଗାଲୋର୍। କବିତାକୁ ବିଲ୍‌କୁଲ୍ ଭଲ ଲାଗୁ ନଥାଏ କିନ୍ତୁ ଜୀବନରେ ଚଳିବା ପାଇଁ କିଛି ତ କରିବାର ଅଛି ତେଣୁ କବିତା ହୃଦୟରେ ପଥର ରଖି ନରେନ୍ଦ୍ରକୁ ଯିବା ପାଇଁ ହଁ ଭରିଲା, ଆଉ ନରେନ୍ଦ୍ର କାମରେ ଯାଇ ନିଜର ବହୁତ ପଦୋନ୍ନତି କରିବାକୁ ଲାଗିଲା।

ଟଙ୍କା, ଯଶକିର୍ତ୍ତୀ ମଣିଷକୁ କେତେବେଳେ ଯେ ଅହଂଭାବର ଶିକାର ବନାଇ ଦିଏ ତାହା କେହିବି ଜାଣି ପାରନ୍ତି ନାହିଁ। ଆଉ ନରେନ୍ଦ୍ର ସହିତ ମଧ୍ୟ ଠିକ୍ ସେୟା ଘଟିଲା ନିଜ ଅର୍ଜିତ ଟଙ୍କା, ଯଶକୀର୍ତ୍ତୀକୁ ନେଇ ସେ ଗର୍ବ କରିବାକୁ ଲାଗିଲା। ଆଉ ଟିକେ ଟିକେ କଥାରେ ସେ କବିତାକୁ ଅଣଦେଖା ସହିତ ଗାଳିଗୁଲଜ କରିବାକୁ ଲାଗିଲା, ଏହି ସବୁ କଥା କବିତାକୁ ଜମାରୁ ଭଲ ଲାଗୁ ନଥାଏ ତେଣୁ ସେ ମଝିରେ ମଝିରେ କହିଉଠେ ନରେନ୍ଦ୍ର ତୁମେ ଦୂର

ISSN NO.
2582-208X

ଦେଶକୁ ଗଲ ନାହିଁ ଯେ ପୁରା ବଦଳିଗଲ । କିନ୍ତୁ ନରେନ୍ଦ୍ରକୁ କବିତାର କଥାର କୌଣସି ଫରକ୍ ପଡୁନଥାଏ ପଡ଼ିବ ବା କେମିତି ସେପଟେ ଟଙ୍କାର ମୋହରେ ସେ ଯେ ବିଭିନ୍ନ ଝିଅ ସହ ମିଳାମିଶା କରୁଥାଏ। ଆଉ ଏହି ସବୁ କଥା ସେ କବିତାକୁ ଲୁଚାଇ ରଖିଥାଏ। ଦିନେ କବିତା ଫୋନରେ କଥାହେଲା ବେଳେ ନରେନ୍ଦ୍ରକୁ କହିଲା ନରୁ ! ଆମ ଘରେ ସଭିଁଏ ମୋ ବାହାଘର ପାଇଁ ପୁଅ ଖୋଜିବା ଆରମ୍ଭ କଲେଣି, ତୁମେ ଯଦି ଆସି ଆମ ବାପା'ମାଙ୍କ ସହିତ କଥା ହୁଅନ୍ତ ଟିକେ ଭଲ ହୁଅନ୍ତା। ଏହି କଥା ଶୁଣି ନରେନ୍ଦ୍ର ଚିଡ଼ି ଯାଇ କହିଲା ଏଇ ଟିକକ କଥାକୁ ତମେ ମ୍ୟାନେଜ୍ କରିପାରୁନ, ଶୁଣ ତୁମ ବାପା-ମା'ଙ୍କୁ କହିଦିଅ ତୁମେ ମୋତେ ଭଲ ପାଉଛ ବୋଲି ଆଉ ବାଙ୍ଗଲୋର୍ ଆସିଯାଇ ମୋ ସହିତ ରହିଯାଅ। ମୁଁ ମୋର ସମସ୍ତ କାମଦାମ ଛାଡ଼ି ବିଲ୍‌କୁଲ୍ ଯାଇ ପାରିବି ନାହିଁ। ସେପଟେ ନରେନ୍ଦ୍ରର ଏପରି କଥା ଶୁଣି କବିତା ପୂରା ଅବାକ୍। ସେ ପୁରା ଶାନ୍ତ ହୋଇଗଲା ନା କଲ୍ ନା ମ୍ୟାସେଜ୍। ସେ ବୁଝିଗଲା ନରେନ୍ଦ୍ର ପୁରା ବଦଳି ଯାଇଛି ତେଣୁ କେବଳ ତାକୁ ବୁଝାଇ ନିଜର ମର୍ଯ୍ୟାଦା ହାନି କରିବା ଅପେକ୍ଷା ନିଜେ କିଛି ଗୋଟେ କରିବ ବୋଲି ନିଷ୍ପତ୍ତି ନେଲା। ନରେନ୍ଦ୍ରକୁ ଅଣଦେଖା କରିବା ସମୟେ କବିତାର ଅନୁପସ୍ଥିତି ନରେନ୍ଦ୍ରକୁ ତିଳେ ହେଲେ ବ୍ୟସ୍ତ କରୁନଥାଏ। ଆଉ ଯେବେ କବିତା ଅନୁଭବ କଲା ନରେନ୍ଦ୍ର ଯାହା ସବୁ କରୁଛି ତା'ରି ଫଳ ସେ ନିଶ୍ଚୟ ଭୋଗ କରିବ। ସେ ସଂପୂର୍ଣ୍ଣ ଭାବେ କେବଳ ନିଜର କ୍ୟାରିୟର ଉପରେ ନଜର ଦେଲା ଏବଂ ଏପଟେ ପଇସାର ଗର୍ବରେ ଗର୍ବିତ ନରେନ୍ଦ୍ର ବିଭିନ୍ନ ଝିଅ ସହ ମିଳାମିଶା, କ୍ଲବ୍, ପାର୍ଟିକୁ ଯାଇ ମଦ ପିଇ ମାତାଲ୍ ହେବାରେ ଲାଗିଲା। ଆଉ ଏପରି କରିବା ଦ୍ୱାରା ସେ ତା'ର କର୍ମରେ ମଧ୍ୟ ପଛରେ ପଡ଼ିଲା ଯେହେତୁ ଘୋରଇ କମ୍ପାନୀ ସେ ନରେନ୍ଦ୍ରକୁ କମ୍ପାନୀରୁ ବାହାର କରିଦେଲା। ବର୍ତ୍ତମାନ ନରେନ୍ଦ୍ର ଦିଗହରା ମଣିଷ ପରି ଚାରିଆଡ଼କୁ ଅନାଇଲା ବେଳକୁ ସର୍ବସ୍ୱାନ୍ତ !!!!

ସେତେବେଳକୁ ପ୍ରାୟ ଦୁଇ ବର୍ଷ ବିତିଗଲାଣି। ଆଉ ଠିକ୍ ଏହି ସମୟରେ ତା'ର ମନେ ପଡ଼ିଲା କବିତା କଥା। ସେ ଆଜି ଅର୍ଥାତ୍ ଦୁଇବର୍ଷ ପରେ କବିତାର ଫୋନକୁ ଫୋନ୍ କଲା। ଆଉ ସେପଟୁ ଶୁଭିଲା ହେଲୋ, ନରେନ୍ଦ୍ର ଆଉ କିଛି କହିପାରୁ ନଥାଏ, ସେ ସଂଗେ ସଂଗେ କଲ୍‌କୁ କାଟିଦେଲା। ସେପଟୁ ପୁଣି ଫୋନ୍ ଆସିଲା ହେଲୋ ନରୁ ! କେମିତି ଅଛ ? ଲାଗିଲା ଯେପରି କିଏ ଗୋଟେ ନିଜର ଲୋକ ଆସି କହୁଚି ଆରେ ନରୁ କ'ଣ ସବୁକୁ ମୋର କହୁଥିବା ଲୋକ ପାଖରେ ଆଜି କ'ଣ କେହି ନାହାନ୍ତି ? ନରେନ୍ଦ୍ରର ପିଲାଦିନ କଥା ମନେ ପଡ଼ିଗଲା ତା'ବୋଉ ବି ପିଲାଦିନେ ତାଗିଦ୍ କରୁଥିଲା ସତ କିନ୍ତୁ ନରୁ ନରୁ ଡାକି ପାଖରେ

ISSN NO.
2582-208X

ବସାଇ ଭାତ ଖୁଆଇଲା ବେଳେ ଓଃ କି ଶାନ୍ତି……। ନରେନ୍ଦ୍ରର ଏତେ ସବୁ ଭାବନାର ଭିତରେ ହଜିଯାଇ ସେ ଭୁଲି ଯାଉଥିଲା କଲ୍‌ରେ କବିତା ତା'ପାଇଁ କେତେବେଳଠୁଁ ଜଗି ରହିଛି। ନରେନ୍ଦ୍ର ବର୍ତ୍ତମାନ ପ୍ରକୃତିସ୍ଥ ହୋଇ ପଚାରିଲା ହେଲୋ କବିତା କେମିତି ଅଛ ? ସେପଟୁ ଶୁଭିଲା ଭଲ। ବର୍ତ୍ତମାନ କବିତା କୌଣସି ଗୋଟିଏ କଲେଜ୍‌ରେ ଇଂରାଜୀ ଅଧ୍ୟାପିକା। ଆଉ ଦୁହେଁ ଢେର୍ ସାରା କଥାବାର୍ତ୍ତା ହେଲେ ଆଉ କଥାରେ କଥାରେ ନରେନ୍ଦ୍ର କବିତାକୁ ପଚାରିଲା ଏତେ ଦିନ ପର୍ଯ୍ୟନ୍ତ ତୁମ ମନରେ ଏତେ ଧୈର୍ଯ୍ୟ କୋଉଠୁ ଆଣିଲ ? ଏତେ ଦୁଃଖ କେମିତି ସହିଲ ? ଆଉ ସେପଟୁ ଉତ୍ତର ଆସିଲା 'ପ୍ରେମର ଶକ୍ତି ପରା ସେତିକି, ସେ ମଣିଷକୁ କୋଉ ସ୍ଥାନରୁ ନେଇ କୋଉ ସ୍ଥାନରେ ନେଇ ପହଞ୍ଚାଇ ଦେବ କିଛି କହିହେବ ନାହିଁ'। ଆଉ ମୁଁ ତୁମର ଅପେକ୍ଷା କରିବାକୁ ବାଛିଲି……

ସେପଟେ ମଦନ କାହାଣୀ ଲେଖାରେ ଏତେ ବ୍ୟସ୍ତ ଯେ ମଦନର ବୋଉ କ୍ଷୀର ବସେଇ ମଦନକୁ ଜଗେଇ ଦେଇ ଯାଇଛନ୍ତି। ମଦନ କ୍ଷୀରସବୁକୁ ଅଗ୍ନିଦେବତାଙ୍କୁ ସମର୍ପଣ କରିସାରିଲାଣି। ଆଉ ମଦନର ବୋଉ ଆସି କୁହନ୍ତି ଭଲପାଅ ଏବଂ ଜାଳିଦିଅ ।

(((-)))

ବ୍ରହ୍ମପୁର, ଗଞ୍ଜାମ
ପିନ୍ – ୭୬୦୦୦୯
ଯୋଗାଯୋଗ – ୮୨୬୦୦୨୩୦୧୩

ISSN NO.
2582-208X

# ଶିକ୍ଷା ଶିକ୍ଷକ ଓ ଶିକ୍ଷାବିତ



ସୁନୀଲ କୁମାର ଆଗସ୍ତି

'ଶିକ୍ଷା', ଏ ଶବ୍ଦ ର ସଂଜ୍ଞା ନିରୂପଣ କରିବା ଆଉ କଷ୍ଟ ସାଧ୍ୟ ନୁହେଁ ବୋଧହୁଏ। ଶିକ୍ଷା ପ୍ରତି ପ୍ରାୟ ସମସ୍ତେ ସଚେତନ ହେଲେଣି। ଶିକ୍ଷା ସଂପର୍କିତ ଏକ ବଳିଷ୍ଠ ସଂଜ୍ଞା ନିରୂପଣ କରିଯାଇଛନ୍ତି ଗୁଣୀ ଜ୍ଞାନୀ ଜନ, 'ଯାହା ଆମକୁ ଅନ୍ଧାରରୁ ଆଲୋକ କୁ ନିଏ ତାହାହିଁ ଶିକ୍ଷା'। ଏହା ବାଦ୍ ମହା ମନିଷୀ ମାନେ ଶିକ୍ଷା କୁ ନେଇ ନାହିଁ ନ ଥିବା କଥା କହି ଯାଇଛନ୍ତି। ଶିକ୍ଷା ବିନା ମନୁଷ୍ୟ ଜୀବନ ଅନ୍ଧକାର, ଏହା ସର୍ବଦା ସ୍ୱୀକାର୍ଯ୍ୟ। ଏହା ଅନ୍ୟ କଥା ଯେ ବର୍ତ୍ତମାନ ଯୁଗରେ ଶିକ୍ଷା ର ଏକମାତ୍ର ଉଦ୍ଦେଶ୍ୟ ଆୟର ଏକ ମାଧ୍ୟମ ଅବା ପନ୍ଥା ହୋଇଛି। ବର୍ତ୍ତମାନ ଶିକ୍ଷା କୁ ଯିଏ ଜଣିଛି ହୁଏତ ସେ ଦେଶର ରାଜ୍ୟର ଉଚ୍ଚ ପଦାଧିକାରୀ ଭାବରେ ସ୍ଥାପିତ। 'ଶିକ୍ଷା'ର ମହିମା ବଳରେ ନିଜର ପରାକାଷ୍ଠା ପାଇଁ ଜଣେ ସରକରୀ ଉଚ୍ଚ ପଦବୀ ପାଇବା ନିଶ୍ଚିତ। କିନ୍ତୁ ଏହି ଉଚ୍ଚ ପଦ ପଦବୀ ବର୍ତ୍ତମାନ ବ୍ୟକ୍ତି କୈନ୍ଦ୍ରିକ ପାରିବାରିକ କୈନ୍ଦ୍ରିକ ସ୍ୱାର୍ଥ ରେ ସର୍ବଦା ଜଡିତ ରହୁଛି।

'ଶିକ୍ଷା'ର ମହିମା ଯେପରି ସର୍ବ ଜନାଦତ ସେହିପରି 'ଶିକ୍ଷାବିତ', ଏ ଶବ୍ଦ ର ମହିମା ମଧ୍ୟ ଅତୁଳନୀୟ। ଶିକ୍ଷା ଅଲଗା ଓ ଶିକ୍ଷାବିତ ଶିକ୍ଷା ଠାରୁ ଆହୁରି ଭିନ୍ନ ଯଦିଓ ଶିକ୍ଷା ସହ ଶିକ୍ଷାବିତଙ୍କର ମହା ମିଳନ ହୋଇ ଥାଏ। ଏଠାରେ ଆମେ ପଚାରି ପାରିବା 'ଶିକ୍ଷା'ର ଜୀବନ ଅଛି କି' ନାହିଁ, କିନ୍ତୁ ଶିକ୍ଷାବିତଙ୍କର ନିଶ୍ଚିତ ଜୀବନ ଅଛି। ଶିକ୍ଷାବିତ ଜଣେ ପୁରୁଷ ଅବା ନାରୀ ହୋଇ ପାରନ୍ତି ଯିଏ କି ମନୁଷ୍ୟ ଜୀବନରେ ଶିକ୍ଷା ର ସତ୍ତା ଉପଲବ୍ଧି କରାନ୍ତି।ବର୍ତ୍ତମାନ 'ଶିକ୍ଷାବିତ' ର ସଂଜ୍ଞା ନିରୂପଣ କରିବା। ମୋ ଜାଣିବାରେ ଆଜି ପର୍ଯ୍ୟନ୍ତ ଶିକ୍ଷାବିତ ର ସଂଜ୍ଞା ନିରୂପଣ ହୋଇ ପାରି ନାହିଁ। ଅଧିକାଂଶ କହନ୍ତି 'ଶିକ୍ଷା' କୁ ଯିଏ ଜିଣିଛି ସେ ହିଁ ଶିକ୍ଷାବିତ। ଯିଏ ବିଭିନ୍ନ ଶିକ୍ଷାଗତ ଡିଗ୍ରୀ ଧାରଣ କରନ୍ତି ସେ ଶିକ୍ଷାବିତ। ବର୍ତ୍ତମାନ

ISSN NO.
2582-208X

ତ' 'ଶିକ୍ଷାବିତ' ଉପାଧି ରେ ବିଭିନ୍ନ ମଞ୍ଚରେ ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ ମଧ୍ୟ କରାଯାଉଛି ।

'ଶିକ୍ଷାବିତ' କେଉଁ ବ୍ୟକ୍ତି ବିଶେଷ ଙ୍କୁ କହିବା ? କବି କିଏ ? ଲେଖକ କିଏ ? ପ୍ରାବନ୍ଧିକ କିଏ ? ଓଜନଦାର୍ ବକ୍ତା କିଏ ? ଏ ପ୍ରଶ୍ନ ଗୁଡିକର ଉତ୍ତର ପାଇବା ବର୍ତମାନ ବହୁତ କାଠିକର ପାଠ ଯଦିଓ ଆମେ ସମସ୍ତେ ଏ ସମସ୍ତ ପ୍ରଶ୍ନ ଗୁଡିକର ଉତ୍ତର ନିଶ୍ଚିତ ରୂପେ ଜାଣିଛୁ। 'ଶିକ୍ଷକ' କାହାକୁ କହିବା ? ଅତି ସାଧାରଣ ପ୍ରଶ୍ନ ଟିଏ, କିଏ ବା ନ' ଜାଣିଛି ଏହାର ଉତ୍ତର। ଉପର ଲିଖିତ ସମସ୍ତ ପ୍ରଶ୍ନର ଉତ୍ତର ଅତି ସହଜରେ ସମସ୍ତଙ୍କ ଠାରୁ ପାଇଯିବା। କିନ୍ତୁ ସେହି ସବୁ ଉତ୍ତର ଗୁଡିକ ବର୍ତମାନ ସ୍ଥିତିରେ କାହିଁକି କେଜାଣି ଆମ ସମସ୍ତଙ୍କୁ ବିକାର ଗ୍ରସ୍ତ କରୁଛି। 'ମୁଁ ଜଣେ ଶିକ୍ଷକ', ଏ ପରିଚୟ ଦେବାକୁ ବର୍ତମାନ ମୁଁ ଲଜ୍ଜିତ, କାହିଁକି କେଜାଣି ପ୍ରଭୁ ଙ୍କୁ ଜଣା ଥିବ। ସେହିଭଳି 'ଡକ୍ଟରେଟ୍' ପାଇବା ଯେ କେତେ କାଠିକର ପାଠ ସତୁରୀ ଅଶୀ ଦଶକର ଏହି ଉପାଧି ଧାରୀ ମାନଙ୍କୁ ପଚରାଯାଇପାରେ। କିନ୍ତୁ ଆଜିକାଲି ଏହି ଉପାଧି ଧାରୀ ଘରେ ଘରେ ଉପଲବ୍ଧ। ଏଥିରୁ ଜଣା ପଡୁଛି ଶିକ୍ଷା ପ୍ରତି ଲୋକ ସଚେତନତା କେତେ ମାତ୍ରାରେ ବଢ଼ିପାଇଛି, କାହିଁକି ନା' ବର୍ତମାନ ର ସମୟରେ ଘରେ ଘରେ ଶିକ୍ଷାବିତ, କବି, ଲେଖକ, ପ୍ରାବନ୍ଧିକ, ବକ୍ତା ଉପଲବ୍ଧ ଅଛନ୍ତି।

କହିବା ବାହୁଲ୍ୟ ତା' ସହିତ ବିଡମ୍ବନାର ବିଷୟ ଏହି ଯେ ଏଇ ଗତ କିଛି ବର୍ଷ ହେଲା ଯେ କେହିବି ନିଜର ସରକାରୀ ଚାକିରୀରୁ ଅବସର ନେଲା ମାତ୍ରକେ ସେ ଜଣେ ଶିକ୍ଷାବିତ ଓ ସମାଜ ସେବୀ ରୂପେ ପରିଚିତ ହେଉଛନ୍ତି। ଆଶ୍ଚର୍ଯ୍ୟ ଲାଗେ କେଉଁମାନେ ଏହି ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କୁ 'ଶିକ୍ଷାବିତ' ଆଖ୍ୟା ପ୍ରଦାନ କରୁଛନ୍ତି। ଯେତେ ବଡ ଦୁର୍ନୀତିଗ୍ରସ୍ତ କର୍ମଚାରୀ ହୋଇ ଥାଆନ୍ତୁ ପଛକେ ସେ ଅବସର ନେଲା ମାତ୍ରକେ ଶିକ୍ଷାବିତ ରୂପେ ପରିଚିତ ହେଉଛନ୍ତି। ନିଜ ଚାକିରୀ କାଳରେ ଚାକିରିଆ କେତେ ସୁନାମ ଅବା ଦୁର୍ନାମ ଅର୍ଜନ କରିଛନ୍ତି ଏହାକୁ କିଏବା ଦେଖୁଛି। ଆହୁରି ଆଶ୍ଚର୍ଯ୍ୟ ର କଥା ଏ କିସମର କର୍ମଚାରୀ ମାନେ ପୁଣି 'ସମାଜ ସେବକ' ରୂପେ ସ୍ଵତନ୍ତ୍ର ଭାବରେ ପରିଚିତ ହୁଅନ୍ତି। ପ୍ରକୃତରେ ବର୍ତ୍ତମାନ ସ୍ଥିତିରେ ସମାଜସେବକ କିଏ ? ମଦର ଟେରେସା, ଗୋପବନ୍ଧୁ ଦାସ ଙ୍କ ଭଳି ଆହୁରି ଅନେକ ମହା ମନିଷୀ ମାନେ 'ସମାଜ ସେବକ' ର ମର୍ଯ୍ୟାଦା ସମଗ୍ର ମାନବ ଜାତିକୁ ଉପଲବ୍ଧି କରାଇ ଥିଲେ। ବର୍ତ୍ତମାନ ର ସାମାଜ ସେବୀ ଜନ୍ମ ହେଲା ବେଳକୁ ଦାରିଦ୍ର ର ତାଡନା ସହ୍ୟ କରୁଥାଏ କିନ୍ତୁ ମଲା ବେଳକୁ କୋଟି କୋଟି ଟଙ୍କାର ମାଲିକ ହୋଇ ସାରିଥାଏ ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ବିଡମ୍ବନାର ବିଷୟ।

ISSN NO.
2582-208X

ଶିକ୍ଷା, ଶିକ୍ଷାବିତ ଓ ସମାଜ ର ତ୍ରିବେଣୀ ସଙ୍ଗମ ଯେଉଁଠାରେ ସଫଳ ହୁଏ ସେଠାରେ ଆପେ ଆପେ ଏକ ସୁସ୍ଥ ରାଷ୍ଟ୍ର ଗଠନ ହୋଇ ଯାଏ। କେହି ଜଣେ ମହା ମନିଷୀ କହିଥିଲେ 'କୌଣସି ରାଷ୍ଟ୍ର କୁ ଧ୍ୱଂସ କରିବାର ଅଛି, ସେଠାକାର୍ ଶିକ୍ଷା ବ୍ୟବସ୍ଥା କୁ ଉଜାଡି ଦିଅ'। ଶିକ୍ଷା ଗରୀବ ମାନଙ୍କର ଏକମାତ୍ର ଭବିଷ୍ୟତ। କିନ୍ତୁ 'ଶିକ୍ଷା' ଧନୀ ମୁନାଫା ଖୋର ମାନଙ୍କର ଏକ ଲାଭ ଜନକ ବ୍ୟବସାୟ ରେ ପରିଣତ ହୋଇଛି କେବଳ ସେହି ଶିକ୍ଷାବିତ ମାନଙ୍କ ପାଇଁ ଯେଉଁମାନେ ଶିକ୍ଷା କୁ କେବଳ ଏକ ଲୁଟପାଟ ର ମାଧ୍ୟମ ରୂପେ ପ୍ରୟୋଗ କରୁଛନ୍ତି। ପୁଣି ଆଶ୍ଚର୍ଯ୍ୟ ଯେ ସମାନେ ସମାଜରେ ମର୍ଯ୍ୟାଦା ସଂପର୍ଣ ଶିକ୍ଷାବିତ ରୂପେ ପରଚିତ ହେଉଛନ୍ତି।

ଯେ କେହି ଶିକ୍ଷକ ହୋଇ ପାରିବେ, କିନ୍ତୁ ସମସ୍ତ ଶିକ୍ଷକ ଙ୍କୁ ଶିକ୍ଷାବିତ କୁହାଯାଇ ପାରିବ ନାହିଁ। ଯେତେବେଳେ ଶିକ୍ଷା ସହ ନିଷ୍ଠା, ମାନବିକତା, ସାଧୁତା, ତ୍ୟାଗ, ସମାଜ ସେବା ଯୋଡି ହୋଇ ଯାଏ ସେଠାରେ ଆପେ ଆପେ 'ଶିକ୍ଷାବିତ'ଙ୍କର ଜନ୍ମ ହୁଏ। ଜଣେ ଉଚ୍ଚ ଶିକ୍ଷା ପ୍ରାପ୍ତ ବ୍ୟକ୍ତି ଡିଗ୍ରୀ ଧାରୀ ହୋଇ ପାରନ୍ତି, କିନ୍ତୁ ସେ ଯେ ମହା ଶିକ୍ଷିତ ଓ ଶିକ୍ଷାବିତ ରୂପେ ପରିଚୟ ପ୍ରାପ୍ତ ହେବେ ଏଥିରେ କୌଣସି ନିଶ୍ଚତତା ନାହିଁ। ଶିକ୍ଷାବିତ ସର୍ବ ପ୍ରଥମେ ଜଣେ 'ମଣିଷ' ହେବା ଆବଶ୍ୟକ। ତାଙ୍କ କର୍ତ୍ତବ୍ୟ ରେ ସର୍ବଦା ନିଷ୍ଠା ନିହାତି ଝଲସୁ ଥିବ। ତାଙ୍କ ମନ ପୁଲକରେ ସର୍ବଦା ନିହାତି ଉତ୍ସାହ ଭରି ରହିଥିବ। ତାଙ୍କ ମୁଖ ମଣ୍ଡଳକୁ କଦାପି ନିରାଶାର ଛାଇ କବଳିତ କରୁନଥିବା। ତାଙ୍କ ଭାବ ସମସ୍ତଙ୍କ ପାଇଁ ନିଶ୍ଚିତ ରୂପେ ସମ ଭାବାପନ୍ନ ହୋଇ ଥିବ। ଏହିପରି ଶିକ୍ଷକ ଙ୍କୁ ଆମ ସମାଜ ସବୁବେଳେ ଆଶା କରିଥାଏ ଏବଂ ଏହିପରି ଶିକ୍ଷକଙ୍କୁ ଛାତ୍ର ମାନେ ଅନୁକରଣ କରନ୍ତି ଓ ତାଙ୍କ କର୍ତ୍ତବ୍ୟ ରେ ନିଷ୍ଠା ଦେଖାନ୍ତି ଏବଂ ସେ ହେଉଛନ୍ତି ପ୍ରକୃତରେ ଆଦର୍ଶ ଶିକ୍ଷକ। ଏହାପରେ ହିଁ ଆମ ସମାଜରେ ପ୍ରକୃତ ଶିକ୍ଷାର ମନ୍ତ୍ର ପ୍ରସାରିତ ହୋଇପାରିବ। ଶିକ୍ଷାନିତିରେ ପରିବର୍ତ୍ତନ କୌଣସି ଶିକ୍ଷକ ଅବା ଛାତ୍ରଙ୍କର ଶୈକ୍ଷିକ ଚରିତ୍ର ରେ ପରିବର୍ତ୍ତନ ଆଣି ପାରିବ ନାହିଁ। ପୁଣି ଏଠାରେ ଆମକୁ ମନେ ରଖିବାକୁ ହେବ ଯେ ଶିକ୍ଷକତା ହେଉଛି ତ୍ୟାଗ, ବିବେକ ଓ ଆତ୍ମା ର କାର୍ଯ୍ୟ। ହେଲେ ବର୍ତ୍ତମାନ ଦେଖାଯାଉଛି ଶିକ୍ଷା, ଶିକ୍ଷକ, ଶିକ୍ଷାବିତଙ୍କର ସଂଜ୍ଞା ରେ ନାହିଁ ନ ଥିବା ପରିବର୍ତ୍ତନ ଆସିଯାଇଛି, ଏଥିରେ ତିଳେ ମାତ୍ର ସନ୍ଦେହ ର ଅବକାଶ ନାହିଁ।

(((-)))

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# ମୃତ୍ୟୁ ପରେ ମାନବ ଶରୀର



ବାଲ୍ମୀକ ନାୟକ

ବ୍ୟବହାରିକ ଦୃଷ୍ଟିରେ ଏହା ଏକ ଜଟିଳ ପ୍ରଶ୍ନ କିନ୍ତୁ ବୌଦ୍ଧିକ ତଥା ତାର୍କିକ ଦୃଷ୍ଟିରେ ଅତି ସହଜ ପ୍ରଶ୍ନ । ଚଳନ୍ତି ପ୍ରଥା ଅନୁସାରେ ଦୁନିଆର ସମସ୍ତ ମାନବ ସମାଜରେ ମୃତ୍ୟୁ ପରେ ମାନବ ଶରୀରକୁ ମୁଖ୍ୟତଃ ଦୁଇଟି ପ୍ରକାରେ ଯଥା : ପୋଡି ଦେଇ କିମ୍ବା ପୋତି ଦେଇ ନଷ୍ଟ କରାଯାଏ । ଅଳ୍ପ କେତେକ କ୍ଷେତ୍ରରେ ଶବକୁ ନଦୀ ଜଳରେ ଭସାଇ ଦିଆଯାଏ କିମ୍ବା ଜଙ୍ଗଲରେ ପଶୁଙ୍କ ଖାଦ୍ୟ ପାଇଁ ଫିଙ୍ଗି ଦିଆଯାଏ । ଶବକୁ ପୋଡିବା ଦ୍ୱାରା ମାନବ ସମାଜର ଯେଉଁ ସବୁ କ୍ଷତି ହୁଏ, ତାହା ହେଉଛି – ପରିବେଶ ଓ ବାୟୁ ପ୍ରଦୂଷଣ । ଶବକୁ ଜାଳିବା ପାଇଁ କାଠ ସହିତ ଅନ୍ୟାନ୍ୟ ଇନ୍ଧନର ଖର୍ଚ୍ଚ । ଯଦିଓ ହିନ୍ଦୁ ଧର୍ମରେ ଶବକୁ ଜାଳିବା ପରମ୍ପରା ରହିଛି ତଥାପି ଦକ୍ଷିଣ ଭାରତର କେତେକ ହିନ୍ଦୁମାନେ ଶବକୁ ଭୂମିରେ ପୋତି ଶବସତ୍କାର କରିଥାନ୍ତି । ଶବକୁ ଦହନ କରିବାପାଇଁ କେତେକ ଆର୍ଥିକ ସମ୍ପନ୍ନ ହିନ୍ଦୁ ବ୍ୟକ୍ତି କୌଣସି ପବିତ୍ର ନଦୀ କୂଳକୁ, ଯଥା: ଗଙ୍ଗା ନଦୀ କିମ୍ବା ଧାର୍ମିକ ମତ ଅନୁସାରେ ମାନ୍ୟତା ପ୍ରାପ୍ତ ଶ୍ମଶାନ, ଯଥା: ପୁରୀର ସ୍ୱର୍ଗଦ୍ୱାର ଆଦିକୁ  ବହୁତ ଖର୍ଚ୍ଚ କରି ଶବକୁ ନେଇ ଯାଆନ୍ତି । ସେଠାରେ ବ୍ରାହ୍ମଣମାନଙ୍କ ଦ୍ୱାରା ଗରୁଡ ପୁରାଣ ଅନୁସାରେ ପିଣ୍ଡଦାନ, ପ୍ରେତ କ୍ରିୟା ଆଦି କରାଇ ଦାହ ସଂସ୍କାର କରନ୍ତି । ଅନ୍ୟ ସବୁ ସାଧାରଣ ବ୍ୟକ୍ତି ନିକଟସ୍ଥ ଶ୍ମଶାନ କିମ୍ବା ନିଜର କ୍ଷେତରେ ହିଁ ଶବଦାହ କରିଦିଅନ୍ତି, ଯେଉଁ ସ୍ଥାନରେ ପ୍ରାୟ କୌଣସି ଫସଲ ଚାଷ କରାଯାଏ ନାହିଁ । ବଡ ବଡ ପବିତ୍ର କୁହା ଯାଉଥିବା ନଦୀ କୂଳରେ ଶବଦାହ ପରେ ଅବଶିଷ୍ଟ ବସ୍ତୁ ଏପରିକି ଅଧା ଜଳା ଶରୀରକୁ ମଧ୍ୟ ସେହି ନଦୀରେ ହିଁ ଭସାଇ ଦିଅନ୍ତି । ଏହାଦ୍ୱାରା ନଦୀଜଳ ପ୍ରଦୂଷିତ ହୋଇଯାଏ । ଶବକୁ ଯେଉଁଠି ଜଳାଇଲେ ମଧ୍ୟ ବାୟୁ ପ୍ରଦୂଷଣ ଓ ବନ୍ୟ ସମ୍ପଦର କ୍ଷତି ତ ଅବଶ୍ୟ ହେଉଛି । ଦାହ ସଂସ୍କାର ଦ୍ୱାରା ଦେଶରେ ପ୍ରତିବର୍ଷ ହଜାର ହଜାର ଟନ କାଠ ନଷ୍ଟ ହୋଇଯାଉଛି । ଶବ ଦହନ କରିବାପାଇଁ ଆଜିକାଲି

ISSN NO.
2582-208X

କେତେକ ସହରମାନଙ୍କରେ ବିଜୁଳିଶକ୍ତି ଚାଳିତ ଚୁଲି କିମ୍ବା ଗ୍ୟାସ ଚୁଲି ବ୍ୟବହାର ହେଲାଣି । ଏଗୁଡିକ କିନ୍ତୁ ବହୁତ କମ ପରିମାଣରେ ନିର୍ମାଣ ହୋଇଛି, ତେଣୁ ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇପାରୁନି । କେତେକ ଲୋକ ଗଙ୍ଗାରେ ଅସ୍ଥି ବିସର୍ଜନ ପାଇଁ ସେହି ଚୁଲିରୁ ଅସ୍ଥି ପାଇବେ ନାହିଁ ବୋଲି ମଧ୍ୟ ଶବକୁ ସେଠାକୁ ନିଅନ୍ତି ନାହିଁ । ବିଶେଷ କରି ଗ୍ରାମ୍ୟ ଅଞ୍ଚଳର ଲୋକମାନେ ସେହି ସୁବିଧା ପାଉନାହାନ୍ତି ।

ଅନ୍ୟାନ୍ୟ ଧର୍ମରେ ପ୍ରାୟ ଶବକୁ ଦଫନ ଅର୍ଥାତ ଭୂମିଗତ କରିଥା'ନ୍ତି । ଏହା ହେଉଛି ବୌଦ୍ଧିକ ଦୃଷ୍ଟିରେ ଏକ ଉତ୍ତମ ପ୍ରଥା । ଏହା ଦ୍ୱାରା ବାୟୁ ବା ଜଳ ପ୍ରଦୂଷଣ ହୋଇ ନଥାଏ କିମ୍ବା ବନ୍ୟ ସମ୍ପଦ ନଷ୍ଟ ହୁଏନାହିଁ । ଦ୍ୱିତୀୟରେ ଭୂମି ଭିତରେ ଶରୀର ଧିରେ ଧିରେ କମ୍ପୋଷ୍ଟ ବା ଖାଦରେ ପରିଣତ ହୋଇଯାଏ । ଶବକୁ ଏଭଳି ଏକ ସ୍ଥାନରେ ପୋତି ସାରି, ସେହି ଜାଗାରେ ଯଦି ଗୋଟିଏ ବୃକ୍ଷ ରୋପଣ କରିଦିଆଯାଏ, ତାହା ବଡ ହୋଇ ପରିବେଶକୁ ସବୁଜ ସୁନ୍ଦର କରିବା ସହିତ ମାନବ ଜଗତର ହିତ ସାଧନ ବି କରିବ । ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପାଇଁ ଯଦି ଗୋଟିଏ ଲେଖାଏଁ ଗଛ ରୋପଣ କରାଯିବ, ତେବେ ବନ୍ୟ ସମ୍ପଦ ବି ବୃଦ୍ଧି ପାଇବ । ବୃକ୍ଷଟି ମୃତ ବ୍ୟକ୍ତିର ସ୍ମୃତି ସ୍ୱରୂପ ଅନେକ ଦିନ ପର୍ଯ୍ୟନ୍ତ ରହିବ ।

ମୃତ ଶରୀରକୁ ମାନବ ଉପଯୋଗୀ କରିବାପାଇଁ ଅନ୍ୟ ଏକ ବିଜ୍ଞାନ ସମ୍ମତ ପଦ୍ଧତି ଆଜିକାଲି ବହୁତ ଲୋକପ୍ରିୟ ହୋଇଛି । ଏହାକୁ ଆମେ ସର୍ବୋତ୍ତମ ପଦ୍ଧତି ବୋଲି କହିପାରିବା, ତାହା ହେଉଛି - "ଶରୀର ଦାନ" । କାଳ୍ପନିକ ଆତ୍ମା-ପରମାତ୍ମାର ଚକ୍ରବ୍ୟୂହରୁ ମୁକ୍ତ ହୋଇ ସଚେତନ ହୋଇଥିବା ଶହ ଶହ ଲୋକମାନେ ମୃତ୍ୟୁ ପୂର୍ବରୁ ନିକଟସ୍ଥ ମେଡିକାଲ କଲେଜକୁ ନିଜର ଶରୀର ଦାନ କରିବାପାଇଁ ଲିଖିତ 'ଶପଥ ପାଠ' (Will) ଦାଖଲ କରି ଦେଉଛନ୍ତି । ଏଥିରେ ଅବଶ୍ୟ ପରିବାର ଲୋକମାନଙ୍କର ସହମତି ରହିବା ଆବଶ୍ୟକ । ମୃତ୍ୟୁର ଯଥା ସମ୍ଭବ କମ ସମୟ (ପ୍ରାୟ ଛଅ ଘଣ୍ଟା) ଭିତରେ ଯଦି ଶବ ମେଡିକାଲରେ ପହଞ୍ଚି ଯାଇପାରିବ, ତେବେ ଡାକ୍ତରମାନେ ସେହି ଶରୀରର କିଛି ଉପଯୋଗୀ ଅଙ୍ଗ-ପ୍ରତ୍ୟଙ୍ଗ ବାହାର କରି ଅନ୍ୟ କୌଣସି ରୋଗୀ ଦେହରେ ରୋପଣ କରିପାରିବେ । ଏହାର ଉଦାହରଣ ବହୁତ ଦେଖିବାକୁ ମିଳୁଛି । ମୃତ ବ୍ୟକ୍ତିଙ୍କ ଚକ୍ଷୁ ବାହାର କରି ଆଜି ହଜାର ହଜାର ସଂଖ୍ୟାରେ ଚକ୍ଷୁହୀନ ବ୍ୟକ୍ତିଙ୍କୁ ଆଲୋକ ପ୍ରଦାନ କରାଯାଉଛି । ସେହିଭଳି କିଡନୀ, ଲିଭର ଓ ହାର୍ଟ ଆଦି ମଧ୍ୟ ଟ୍ରାନ୍ସପ୍ଲାଣ୍ଟ ହୋଇପାରୁଛି । ଦେଶ ବିଦେଶର ହଜାର ହଜାର ଲୋକ ଶରୀର ଦାନ କରିବାପାଇଁ ଉଦାର ମନରେ ଆଗେଇ

ISSN NO.
2582-208X

ଆସୁଛନ୍ତି । ଦ୍ୱିତୀୟରେ ମେଡିକାଲ କଲେଜରେ ଶିକ୍ଷା ଗ୍ରହଣ କରୁଥିବା ହଜାର ହଜାର ଡାକ୍ତରୀ ଛାତ୍ର ଓ ଛାତ୍ରୀଙ୍କୁ ଶବ ବ୍ୟବଚ୍ଛେଦ କରି ମାନବ ଶରୀର ସମ୍ପର୍କରେ ଉପଯୁକ୍ତ ଶିକ୍ଷା ମିଳିପାରିବ ।

କେତେକ ଅଜ୍ଞାନୀ ଲୋକ ଯୁକ୍ତି କରୁଛନ୍ତି ଯେ ଏହି ଜନ୍ମରେ ମୃତ୍ୟୁ ପରେ ଚକ୍ଷୁ ଦାନ କରିଦେଲେ ଆସନ୍ତା ଜନ୍ମରେ ସେ ଅନ୍ଧ ହୋଇ ଜନ୍ମ ହେବ । ଶବକୁ ବଡପୁଅ ମୁଖାଗ୍ନି ଦେଇ କାଠ ନିର୍ମିତ ଯୁଇ କୁଣ୍ଡରେ ଦେଶୀ ଘିଅ ଓ ଚନ୍ଦନ ଆଦି ଦେଇ ଦାହ ନକଲେ ତା'ର ଆତ୍ମା ମୋକ୍ଷ ପାଇବନାହିଁ । ସେହି ଯୁଇରୁ ଅସ୍ଥି ଖଣ୍ଡେ ନେଇ କୌଣସି ପବିତ୍ର ନଦୀ ବା ପୁଷ୍କରିଣୀରେ ଶ୍ରାଦ୍ଧ ଓ ପିଣ୍ଡଦାନ କରି ବିସର୍ଜନ କଲେ ହିଁ ଅତୃପ୍ତ ଆତ୍ମାର ମୋକ୍ଷ ହେବ ।

ବିଜ୍ଞାନ ପଦ୍ଧତିକୁ ମାନୁଥିବା ପରିବାରର ଲୋକମାନେ ଶରୀର ଦାନ କରିବା ପରେ ମୃତ ବ୍ୟକ୍ତିଙ୍କ ଆତ୍ମାର (?) ମୋକ୍ଷପାଇଁ କୌଣସି ଧାର୍ମିକ କର୍ମକାଣ୍ଡ ମଧ୍ୟ କରୁନାହାନ୍ତି । ଏହାଦ୍‌ୱାରା ସେମାନଙ୍କର ଆର୍ଥିକ କ୍ଷତି ହୁଏନାହିଁ କିମ୍ବା ମାନସିକ ଓ ଶାରୀରିକ ଯନ୍ତ୍ରଣା ମଧ୍ୟ ଭୋଗ କରନ୍ତି ନାହିଁ ବରଂ ତାଙ୍କର ପ୍ରିୟଜନଙ୍କ ଶରୀର ଏକ ମହତ କାମରେ ଲାଗିଲା ବୋଲି ଆତ୍ମସନ୍ତୋଷ ପାଇଥା'ନ୍ତି ।

ଉପରୋକ୍ତ ଦୁଇଟି ପ୍ରଥାରେ କିଛି ସାମାଜିକ ଓ ଧାର୍ମିକ ସମସ୍ୟା ମଧ୍ୟ ରହିଛି । ଶବକୁ ଦାହ କରାଯାଉ କିମ୍ବା ଦଫନ କରାଯାଉ, ଅତୃପ୍ତ ଆତ୍ମାର ମୋକ୍ଷ ନାମରେ ଶ୍ରାଦ୍ଧ, ପିଣ୍ଡଦାନ, ବ୍ରାହ୍ମଣମାନଙ୍କୁ ଧନ ଦାନ ସହିତ ସମାଜର ଲୋକମାନଙ୍କୁ ମୃତ୍ୟୁ ଭୋଜ ଦେବା ଏକ ପ୍ରକାର ବାଧ୍ୟତା ମୂଳକ ରୂପେ ଚାଲିଛି । ଏହାଦ୍ୱାରା ସମାଜର କିଛି ଧନାଢ୍ୟ ବ୍ୟକ୍ତିଙ୍କୁ ଛାଡି ଦେଲେ, ଅନେକ ମଧ୍ୟବିତ୍ତ ଓ ଗରିବ ଲୋକମାନଙ୍କ 'ବୋଝ ଉପରେ ନଳିତା ବିଡା' ଭଳି ସମସ୍ୟା ସୃଷ୍ଟି ହୋଇଥାଏ । ଏହାକୁ ସମସ୍ତେ ସ୍ୱୀକାର କରୁଥିଲେ ମଧ୍ୟ ଅତୃପ୍ତ ଆତ୍ମାର ଅହେତୁକ ଭୟ ଯୋଗୁଁ କେହି ପରମ୍ପରାକୁ ବନ୍ଦ କରିବାପାଇଁ ସାହାସ କରୁନାହାନ୍ତି । ଏହି ରୁଢ଼ିବାଦୀ ପରମ୍ପରାକୁ ଯଦି କେହି ସଚେତନ ବ୍ୟକ୍ତି ବନ୍ଦ କରିବାକୁ ଚାହୁଁଛି, ତାକୁ ପରିବାର ଓ ସମାଜର ଲୋକମାନେ ତୀବ୍ର ବିରୋଧ କରୁଛନ୍ତି । ସେ ନିରୁପାୟ ହୋଇ ସବୁ ମାନିବାକୁ ବାଧ୍ୟ ହେଉଛି ।

ଜୀବିତାବସ୍ଥାରେ ତାଙ୍କର ପିଲାମାନଙ୍କୁ ଅତ୍ୟନ୍ତ ଭଲ ପାଉଥିବା, ସବୁକିଛି ତ୍ୟାଗ କରିଥିବା ପିତା ଓ ମାତା ମୃତ୍ୟୁ ପରେ ସେମାନଙ୍କ ପାଇଁ ସତେ ଯେମିତି ଶତ୍ରୁ ପାଲଟି ଯାଉଛନ୍ତି । କାଳେ ତାଙ୍କର ଅତୃପ୍ତ ଆତ୍ମା ଭୂତ ହୋଇ ଆମକୁ ଡ଼ରାଇବ କିମ୍ବା କ୍ଷତି କରିବ ବୋଲି ଏକ

ISSN NO.
2582-208X

ଭ୍ରାନ୍ତ ଧାରଣାରେ ଥରହର ହୁଅନ୍ତି । ଅତୃପ୍ତ ଆତ୍ମାର ମୋକ୍ଷପାଇଁ କର୍ମକାଣ୍ଡ ବାହାନାରେ ବ୍ରାହ୍ମଣଙ୍କ ନିର୍ଦ୍ଦେଶରେ ଉଠ ବସ ହୁଅନ୍ତି । ଯାହା କହିଲେ ମାନନ୍ତି, ଯାହା ମାଗିଲେ ବି ଦିଅନ୍ତି । କେବଳ ଥରେ ନୁହେଁ, ପ୍ରତିବର୍ଷ ଏହି ଡ୍ରାମା ଚାଲେ । ଏହା କ'ଣ ପାଗଳ ପଣ ନୁହେଁ ? ତୁମର ବାପା ଓ ମା'ଙ୍କୁ ତୁମ ଅପେକ୍ଷା କ'ଣ ବ୍ରାହ୍ମଣ ବେଶୀ ଜାଣିଛି ? ତୁମର ପ୍ରିୟ ବାପା ଓ ମାଆ ତୁମର କ୍ଷତି କରିବେ କାହଁକି ? ନିଜକୁ ଥରେ ଏହି ପ୍ରଶ୍ନ ପଚାରି ଦେଖ ।

ମହାନ ସମାଜ ସୁଧାରକ (ଦିବଙ୍ଗତ) ଇ.ଭି. ରାମାସ୍ୱାମୀ ପେରିୟାରଙ୍କ ଜନ୍ମସ୍ଥଳ, ତାମିଲନାଡୁର ଏରୋଡ଼ ତଥା ଅନେକ ଜିଲ୍ଲାରେ ବାସ କରୁଥିବା ଅଧିକାଂଶ ପେରିୟାରଙ୍କ ସମର୍ଥକମାନେ ଶବକୁ ମାଟିତଳେ ପୋତି ଦିଅନ୍ତି । ସେମାନେ ଅତୃପ୍ତ ଆତ୍ମାର ମୋକ୍ଷପାଇଁ କୌଣସି ଧାର୍ମିକ କର୍ମକାଣ୍ଡ କରନ୍ତି ନାହିଁ । ପିତୃ ପୁରୁଷଙ୍କପାଇଁ ପ୍ରତିବର୍ଷ ପିଣ୍ଡଦାନ ଓ ଶ୍ରାଦ୍ଧ ବି କରନ୍ତିନାହିଁ । ସେମାନଙ୍କର ଏକ ଅନୁକରଣୀୟ ପ୍ରଥା ହେଉଛି – ପୀଡିତ ପରିବାରକୁ ଅନ୍ୟମାନଙ୍କୁ ଖୁଆଇବା ପାଇଁ କୌଣସି ଖର୍ଚ୍ଚ କରିବାକୁ ପଡେନାହିଁ । କିଛିଦିନ ପର୍ଯ୍ୟନ୍ତ ତାଙ୍କର ବନ୍ଧୁ ବାନ୍ଧବ ଓ ଗ୍ରାମର ଲୋକମାନେ ନିଜ ନିଜର ଘରୁ ଖାଦ୍ୟ ସାମଗ୍ରୀ ଆଣି ରାନ୍ଧି ସମସ୍ତଙ୍କୁ ଖୁଆଇଥାନ୍ତି । ଅର୍ଥାତ ପୀଡିତ ପରିବାରକୁ ମାନବିକତା ଦୃଷ୍ଟିରୁ ସାହାଯ୍ୟ, ସମବେଦନା ଓ ସାନ୍ତ୍ୱନା ଦେଇ ସମ୍ଭାଳିବାକୁ ଯଥେଷ୍ଟ ପ୍ରୟାସ କରାଯାଏ ।

ସୁଖର କଥା ଯେ ୨୦୨୦ ମସିହାରେ ରାଜସ୍ଥାନ ସରକାର "ମୃତ୍ୟୁ ଭୋଜ ନିଷେଦ୍ଧ" ନାମକ ଏକ ଅଧ୍ୟାଦେଶ ଜାରି କରିଦେଇଛନ୍ତି । ତାଙ୍କ ରାଜ୍ୟରେ ମଣିଷର ମୃତ୍ୟୁ ପରେ ହେଉଥିବା ସମସ୍ତ କର୍ମକାଣ୍ଡ କରିବା ଓ ଲୋକମାନଙ୍କୁ ମୃତ୍ୟୁଭୋଜ ଦେବା ଉପରେ ନିଷେଧାଜ୍ଞା ଜାରି କରିଛନ୍ତି । କାନୁନକୁ ଅବମାନନା କଲେ ଏକ ବର୍ଷ ଜେଲ ଓ ଏକ ହଜାର ଟଙ୍କା ଜୋରିମାନା ଦେବାକୁ ହେବ । ସେଠାରେ ଏହି ଧନ୍ଦା କରୁଥିବା କିଛି ଧର୍ମପଣ୍ଡା ଲୋକମାନଙ୍କ ବ୍ୟତୀତ ସମସ୍ତେ ଏହି କାନୁନକୁ ସ୍ୱାଗତ କରିଛନ୍ତି । ସେହି ରାଜ୍ୟ ଭଳି ଦେଶର ଅନ୍ୟାନ୍ୟ ରାଜ୍ୟ ସରକାର ମଧ୍ୟ ସମାଜର ମଙ୍ଗଳପାଇଁ ଏଭଳି କାନୁନ ବନେଇ ଲୋକମାନଙ୍କୁ ଆର୍ଥିକ, ମାନସିକ ଓ ଶାରୀରିକ ଶୋଷଣରୁ ରକ୍ଷା କରିବା ଉଚିତ ।

(((–)))

ବାଙ୍ଗାଲୋର ମୋ: ୯୪୮୨୦୧୬୨୬୦

ISSN NO.
2582-208X


# ଭାଗବତ କଥା- ୩୨



ନରେନ୍ଦ୍ର ପ୍ରସାଦ ବେହେରା

## ସମୁଦ୍ର ମନ୍ଥନର ଉଦ୍ଦେଶ୍ୟ କ'ଣ ଥିଲା

ବିରାଟ ଆୟୋଜନ, ଚତୁର୍ଦ୍ଦିଗରେ କୋଳାହଳ । ସମୁଦ୍ର -ମନ୍ଥନ ହେବ । ଦେବତାମାନେ ବିଷ୍ଣୁଙ୍କ ନିକଟରୁ ଫେରିଛନ୍ତି । ବିଷ୍ଣୁଙ୍କର ଆଦେଶ ସମୁଦ୍ର-ମନ୍ଥନ ହେବ, ଦେବତା ଓ ଅସୁରମାନଙ୍କ ମଧ୍ୟରେ । ଗୋଟିଏ ଦିଗରେ ବଳିରାଜ ଓ ତାର ଅସୁରବାହିନୀ ଏବଂ ଅପର ପଟେ ଇନ୍ଦ୍ର ଓ ଦେବତାଗଣ । ମନ୍ଥନର ଦଣ୍ଡ ହେବ ମନ୍ଦର ପର୍ବତ । ବାସୁକି ନାଗ ହେବ ରଜ୍ଜୁ । ଉଦ୍ଦେଶ୍ୟ ହେଲା, ସମୁଦ୍ର--ମନ୍ଥନ ଫଳରେ ଯେଉଁ ଅମୃତ ବାହାରିବ,ତାହାକୁ ଅଧିକାର କରିବା । କିନ୍ତୁ ଏତେବଡ ମନ୍ଦର ପର୍ବତର ଭାର ବହନ କରିବ କିଏ ? ତେଣୁ ଶ୍ରୀଭଗବାନ କୂର୍ମ ଶରୀର ଧାରଣ କରି ନିଜ ପୃଷ୍ଠ ଦେଶରେ ପର୍ବତକୁ ଧାରଣ କଲେ । ମନ୍ଥନ ଆରମ୍ଭ ହେବା ମାତ୍ରେ, ହଳାହଳ ନାମକ ବିଷ ଉପରକୁ ଉଠିଲା । ବିଷ ଜ୍ୱାଳାରେ ସୃଷ୍ଟି ଧ୍ୱଂସ ହୋଇଯିବା ଆଶଙ୍କାରେ ଦେବତାମାନେ ମହାଦେବଙ୍କୁ ସ୍ମରଣ କଲେ ଏବଂ ସ୍ତବସ୍ତୁତି ଦ୍ୱାରା ତାଙ୍କୁ ସନ୍ତୁଷ୍ଟ କରି ଏହି ବିଷମୟ ପରିସ୍ଥିତିରୁ ଉଦ୍ଧାର କରିବା ନିମନ୍ତେ ପ୍ରାର୍ଥନା କଲେ । ସକଳ ପ୍ରାଣୀଙ୍କର ମଙ୍ଗଳ କରୁଥିବା ଶିବ,ଦେବତାମାନଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ହଳାହଳ ବିଷତକ ପାନ କଲେ । ବିଷର ପ୍ରଭାବରେ ତାଙ୍କର କଣ୍ଠଦେଶ ନୀଳବର୍ଣ୍ଣ ଧାରଣ କଲା । ତା'ପରଠାରୁ ତାଙ୍କର ନାମ ହେଲା ନୀଳକଣ୍ଠ ।

ISSN NO.
2582-208X

ଏହାପରେ ସମୁଦ୍ର-ମନ୍ଥନ ଫଳରେ ଉପରକୁ ଉଠିଲା ସୁରଭି ନାମରେ ଗୋଟିଏ ଗାଈ, ତା'ପରେ ଉଚ୍ଚୈଶ୍ରବା ନାମରେ ଏକ ଅଶ୍ୱ,ଐରାବତ ପ୍ରଭୃତି ଆଠଟି ହାତୀ, କୌସ୍ତୁଭ ମଣି, ପାରିଜାତ ନାମରେ କଳ୍ପତରୁ । ତା'ପରେ ସମୁଦ୍ରରୁ ବାହାରିଲେ ଅସାମାନ୍ୟ ସୌନ୍ଦର୍ଯ୍ୟମୟୀ ଲକ୍ଷ୍ମୀ ଦେବୀ । ଏହି ଦେବୀ କେଉଁଠିକୁ ଯିବେ ଓ କାହାକୁ ଆଶ୍ରୟ କରି ରହିବେ ? ସର୍ବଗୁଣର ଅଧିକାରୀ କିଏ ? ତାହା ଚିନ୍ତାକରି, ଶେଷରେ ସେ ଭଗବାନ ବିଷ୍ଣୁଙ୍କୁ ପତିରୂପେ ବରଣ କଲେ । ଲକ୍ଷ୍ମୀ ହେଲେ ଭଗବାନ ବିଷ୍ଣୁଙ୍କର ପତ୍ନୀ ।

ସର୍ବଶେଷରେ ହାତରେ ଅମୃତକଳସୀ ଧରି ସମୁଦ୍ର ମଧ୍ୟରୁ ଆବିର୍ଭୂତ ହେଲେ ଧନ୍ୱନ୍ତରୀ । ଅସୁରମାନେ ଧନ୍ୱନ୍ତରୀଙ୍କ ହାତରୁ ବଳପୂର୍ବକ ଅମୃତକଳସୀଟିକୁ ଛଡେଇ ନେଲେ । ଯେଉଁ ଅମୃତ ପାଇବା ଲାଗି ଏତେ ପରିଶ୍ରମ, ତାହା ଅସୁରମାନଙ୍କ ହାତକୁ ଚାଲିଯିବା ଦେଖି ଦେବତାମାନେ ଚିନ୍ତିତ ହୋଇ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲେ । ବିଷ୍ଣୁ ତତକ୍ଷଣାତ ଏକ ପରମା ସୁନ୍ଦରୀ ମୋହିନୀ ରୂପ ଧାରଣ କରି ଅସୁରମାନଙ୍କ ନିକଟରେ ପହଞ୍ଚିଲେ । ସେତେବେଳେ ଅସୁରମାନଙ୍କ ନିକଟରେ କଳହ ଲାଗିଥାଏ । ଜଣେ କହୁଛି ମୁଁ ଆଗ ଅମୃତ ପିଇବି, ଆଉ ଜଣେ କହୁଛି ନା ନା ମୁଁ ଆଗ ଅମୃତ ପାନ କରିବି । ଏହିପରି ସେମାନଙ୍କ ମଧ୍ୟରେ ଝଗଡା ଲାଗିଥିବା ସମୟରେ ଜଣେ ସୁନ୍ଦରୀ ରମଣୀ ସେଠାରେ ପହଞ୍ଚିବାରୁ ତାର ରୂପରେ ମୁଗଧ ହୋଇ ଅସୁରମାନଙ୍କ ହାତରୁ ଛଡାଇ ନେଇ ଦେବତା ଓ ଅସୁରମାନଙ୍କୁ ଦୁଇଟି ଧାଡିରେ ବସାଇଦେଲେ । ଅସୁରମାନେ ଏହି ରମଣୀର ସୌନ୍ଦର୍ଯ୍ୟ ଦେଖି ଏତେ ମୋହିତ ହୋଇଯାଇଥିଲେ ଯେ ସେମାନେ ଅମୃତପାନ କରିବା କଥା ଭୁଲିଯାଇଥିଲେ । ଏହି ସୁଯୋଗରେ ମୋହିନୀ ବେଶରେ ବିଷ୍ଣୁ ଦେବତାମାନଙ୍କୁ ଅମୃତ ବାଣ୍ଟିବାରେ ଲାଗିଲେ । ଏତିକିବେଳେ ଜଣେ ଅସୁର ଦେବତାର ଛଦ୍ମବେଶରେ ଆସି ଦେବତାମାନଙ୍କ ମଧ୍ୟରେ ବସି ଅମୃତ ପାନ କରୁଥିବା ଦେଖି, ସୂର୍ଯ୍ୟ ଓ ଚନ୍ଦ୍ର ତାରା ମଥା କାଟି ଦେଇଥିଲେ । ସେହି ଅସୁରଟି ଥିଲା ରାହୁ । ସେ ଅମୃତ ପାନ କରୁଥିବାରୁ ତାର ମୃତ୍ୟୁ ହେଲା ନାହିଁ । ବରଂ ସେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଗ୍ରାସ କରିବା ଲାଗି ଧାଇଁ ଆସିଲା ଏବଂ କିଛିକ୍ଷଣ ପାଇଁ ଗ୍ରାସ ମଧ୍ୟ କରିଥିଲା, କିନ୍ତୁ ସୂର୍ଯ୍ୟ ଓ ଚନ୍ଦ୍ର ଅମୃତ ପାନ କରିଥିବାରୁ ସେମାନଙ୍କର ମଧ୍ୟ ମୃତ୍ୟୁ ହୋଇ ନ ଥିଲା । ଏହାପରେ ଶ୍ରୀହରି ମୋହିନୀ ରୂପ ତ୍ୟାଗ କରି ନିଜ ରୂପ ଧାରଣ କରିଥିଲେ ଏବଂ ଅସୁରମାନେ ପ୍ରତାରିତ ହୋଇଥିବା ଯୋଗୁଁ କ୍ରୋଧାନ୍ୱିତ ହେଲେ ।

ISSN NO.
2582-208X

ଦେବତାମାନେ ଅମୃତପାନ କରି ଅମର ହୋଇଥିବାରୁ ଅସୁରରାଜ ବଳି ଦେବତାମାନଙ୍କ ଉପରେ ଆକ୍ରମଣ କରିଥିଲା । ପ୍ରଚଣ୍ଡ ଯୁଦ୍ଧ ହେଲା କିନ୍ତୁ ଏହି ଯୁଦ୍ଧରେ ବଳି ପରାସ୍ତ ହେବାରୁ ଅସୁରମାନେ ପଳାୟନ କରିଥିଲେ ।

(((-)))

ସଂଗ୍ରାହକ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ—୯୮୫୩୧୪୨୫୧୦

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ପାଏନ୍ ଡଁଡ



ଗଜାନନ ମିଶ୍ର

ଦୁତି ଗୋ, ଅଏନ୍
ହେଇଛେ ଖରା!
ଇ ଖରାଥି ଦେଖ ତ
ଠାଡ ହେଇଛେଁ ମୁଇଁ
ତମର ବାଏର୍ ତରା।

ନେଇଁ କହ ଖଟ ଖସରା,
ଦୁତି ଗୋ, ତମର କିରିଆ
ଇ ବଁଟା ଇ ଚଁଟା ଇ ଲୁଟା
ଉଦବେଲିଆ ଚୁଟକୁ ଚୁଟା
ବୁଝୁଛେ ନେଇଁ ମନ୍
ବେଲବୁଡିଆ ତମରଠାନେ ଠିଆ।

ପଡିଛେ କବାରବୁତା,
ଦୁତି ଗୋ, ଆକଟେ ନେଇଁ
ଲଦାଟେଙ୍ଗରା ଇତିତାହିଁ
ତମର କିରିଆ, ହେଲେ ଭି
ମୁଇଁ ମନର ରଜା,
ନେଇଁ କର ଆରୁ ହଟହଟା।

ISSN NO.
2582-208X

ଦୁତି ଗୋ, ଦଉଛେଁ ଛୁଇଁ
ତମର ହାତେ ତମକେ,
କହୁଛ ଲାଗୁଛେ ମଜା।
ଇଟା, ବେଲବୁଡା ସମିଆ,
ନେଇଁ ହଉଁ ହଟହଟା।

ହଏ ହଏ,
ଅଏନ୍ ତମର୍ ଖାତିରଦାର୍।
ନେଇଁ ଗୋ ଦୁତି,
ପାଏନ୍ ବାଗିର୍ ଫାଟବା,
ତମେ ଛାଡଲେ ମକେ
ଆରୁ ଅଛେ କେନ୍ ରଖବା।

(((-)))

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଶାଗ ମଧ୍ଯ ସାଲାଡ଼ ମଧ୍ଯ



ଡ଼ଃ ରଞ୍ଜିତ କୁମାର ସାହୁ

"କହିଲୁ ଗୋଟିଏ ଉଦ୍ଭିଦର ନାମ ଯାହା ଶାଗ ରୋଷେଇ ବି ହୁଏ ଆଉ ସାଲାଡ଼ ବି !" ରିଙ୍କି ପଚାରିଲା ପିକୁନ କୁ ।

"ତୁ ଆମେରିକାରୁ ଆସିଛୁ ବୋଲି କଷ୍ଟ ପ୍ରଶ୍ନ ? ପଚାରିବୁ କି?" ପିକୁନ ପଚାରିଲା । ଏଠି ଧନିଆ ଅଛି ଯାହା କଞ୍ଚାରେ ସାଲାଡ଼ରେ ବ୍ୟବହାର ହୁଏ ଏବଂ ତରକାରୀରେ ମଧ୍ୟ ପଡେ," ପିକୁନ ଉତ୍ତର ଦେଲା ।

"ଆରେ ନାହିଁ ନାହିଁ, ତୁ କହିଲୁ, ବାହାରେ ବର୍ଷା ହେଉଛି । ଭିଡ଼ିଓ ଗେମ ବୋର ଲାଗୁଛି, ଆଲୋଚନା ହେଉ ଜ୍ଞାନ ବିଜ୍ଞାନକୁ ନେଇକି । ତେଣୁ ମୁଁ ଭାବିଲି ଟିକିଏ ଆମ ଦୈନଦିନ ଜୀବନର ଉଦ୍ଭିଦ ବିଷୟରେ କଥା ହେବା । ତୋ ଉତ୍ତର ଏକ ପ୍ରକାର ଠିକ କିନ୍ତୁ ଧନିଆ ପତ୍ର କଣ ଶାଗ ଭଳି ବ୍ୟବହାର ହୁଏ କି? ଏହାକୁ ଆଳୁ ସହିତ ଭଜା କରି ହୁଏ କି?" ରିଙ୍କି ପଚାରିକି ହିଁ ହିଁ ହୋଇକି ହସିଲା ।

"ବେଶୀ ଜାଣିଛୁ ବୋଲି ବେଶୀ ଫୁଲେଇ ହେଉଛୁ, ମୁଁ ଜାଣିନି ଆଉ କିଛି ଉତ୍ତର । ତୁ କହ," ପିକୁନ କହିଲା ।

"ହଉ ଶୁଣେ ତାହା ହେଲେ, ଗୋଟିଏ ପ୍ରକାର ଶାଗ ଅଛି ଯାହାକୁ ଆମର ସେଠାରେ 'ୱାଟର କ୍ରେଷ' କୁହନ୍ତି । ତାହାକୁ ତଟକା ଭାବରେ ସାଲାଡ଼ରେ ବ୍ୟବହାର ହୁଏ । ତାକୁ ଭାଜି ମଧ୍ୟ ଖିଆ ହୁଏ ଆଉ ସୁପ୍ ରେ ମଧ୍ୟ ପକା ଯାଏ । ମୁଖ୍ୟତଃ ପତ୍ର ଆଉ ଫୁଲ," ରିଙ୍କି ଉତ୍ତର ଦେଲା ।

ISSN NO.
2582-208X

"ମୋର ଏବେ ମନେ ପଡିଲା, କଅଁଳିଆ ମୂଳା ପତ୍ର କୁ କିଛି ଲୋକ କଞ୍ଚାରେ ଖାଆନ୍ତି ଆଉ ତାକୁ ଶାଗ ମଧ୍ୟ କରନ୍ତି," ପିକୁନ ଉତ୍ତର ଦେଲା ।



"ହଁ ଏହି ଉଦ୍ଭିଦ ମଧ୍ୟ ମୂଳା, କୋବି ଆଉ ସୋରିଷ ଶ୍ରେଣୀରେ ଅନ୍ତର୍ଭୁକ୍ତ କରା ଯାଇଛି ଉଦ୍ଭିଦ ବିଜ୍ଞାନୀଙ୍କ ଦ୍ୱାରା । କୁହାଯାଏ ଏଥିରେ ପ୍ରଚୁର ପରିମାଣରେ ପୌଷ୍ଟିକତା ଥିବାରୁ ଏହା ଏକ 'ସୁପର ଫୁଡ'। ଏଥିରେ ଭିଟାମିନ କେ, ଭିଟାମିନ ସି, ଭିଟାମିନ ବି ୬ ଫୋଲେଟ ଏବଂ ଭିଟାମିନ ଏ ବ୍ୟତୀତ କାଲସିଅମ ଆଉ ପୋଟାସିଅମ ଥାଏ । ଉଦ୍ଭିଦ ହୋଇଥିବାରୁ ଏଥିରେ ତନ୍ତୁ ମଧ୍ୟ ଥାଏ ଯାହା ପାଚନରେ ସାହାଯ୍ୟ କରେ । ଅଳ୍ପ ପରିମାଣରେ ଶର୍କରା ଏବଂ ଟିକିଏ ଅଧିକ ପୃଷ୍ଟିସାର ଥିବାରୁ ଏହା ହିତକାରୀ ମଧ୍ୟ । ଏହା ଅସ୍ଥି, ଚକ୍ଷୁ, ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ ହୋଇଥାଏ । ଏଥିରେ ଅନେକ ଜୈବିକ ତତ୍ୱ ଅଛି ଯାହା କର୍କଟ ରୋଗ ହେବାରୁ ରକ୍ଷା କରି ପାରେ । ଏଥର ତୋ ପାଳି ପ୍ରଶ୍ନ ପଚାରିବାର," ରିଙ୍କି କହିଲା ।

"ହେ କହିଲୁ ପାଣିରେ କୋଉ ଶାଗ ଚାଷ ହୁଏ," ପିକୁନ ପଚାରିଲା ।

ଜୋରରେ ହସିଲା ରିଙ୍କି ।

"ହସିଲୁ କାହିଁକି ? ପିକୁନ ପଚାରିଲା, "ଜାଣିନୁ କି ? ମୁଁ କହିବି କି ଉତ୍ତର ?"

"ତୁ କହ ତା ପରେ ମୁଁ କହିବି," ରିଙ୍କି କହିଲା ।

ISSN NO.
2582-208X

"କଳମ ଶାଗ ଆଉ ସୁନସୁନିଆ ଶାଗ ପାଣିରେ ହୁଏ । ଏଥର ତୁ ହାରିଲୁ," ପିକୁନ କହିଲା ।

"ୱାଟର କ୍ରେଷ ମଧ୍ୟ ପାଣିରେ ହୁଏ, ସେଥି ପାଇଁ ତ ତାହାର ନାମ ସେମିତି ରଖା ଯାଇଛି।" ରିଙ୍କି ପୁଣି ହସିଲା ଆଉ କହିଲା, "ସେଥିପାଇଁ ଏହାକୁ ଖାଇବା ପୂର୍ବରୁ ବହୁତ ଭଲ ଭାବରେ ସଫା କରିବା ଦରକାର କାରଣ ପାଣିରେ ଅନେକ ପ୍ରକାର ଜୀବାଣୁ ଏବଂ କ୍ଷୁଦ୍ର ଜୀବ ଥାଆନ୍ତି ଯାହା ଆମ ଶରୀରରେ ପ୍ରବେଶ କରି ଆମକୁ ଅସୁସ୍ଥ କରି ପାରନ୍ତି।"

"ତୁ ବହୁତ ଚାଲାକ । ହଉ ଏହି ପ୍ରଶ୍ନ ଉଭୟଙ୍କ ଉତ୍ତର ଠିକ । ଏଥର ତୋର ପାଳି," ପିକୁନ କହିଲା ।

"ଆମେ ଶାଗ ବିଷୟରେ କଥା ହେଉଛେ । ଖଡା, କୁସୁଳା ଇତ୍ୟାଦି ମଞ୍ଜି ଦ୍ୱାରା ପ୍ରଜନନ ହୁଏ । ତୁ କହିଲୁ, ଉଦ୍ଭିଦଟିଏ ଯାହା ମଞ୍ଜିରୁ ହୁଏ ଏବଂ କାଣ୍ଡରୁ ମଧ୍ୟ ହୁଏ!" ରିଙ୍କି ପଚାରିଲା ।

"ଆମ ବାଡ଼ିରେ ବୋଉ ପୁଦିନା ଲଗେଇଛି । ତାହାକୁ ସିଏ ଛିଣ୍ଡେଇକି ଲଗାଯାଏ ଆଉ ନୂଆ ସୃଷ୍ଟି ହୁଏ," ପିକୁନ ଉତ୍ତର ଦେଲା ।

"ଠିକ, ଆଉ ୱାଟର କ୍ରେଶ ମଧ୍ୟ ଉଭୟ ମଞ୍ଜିରୁ ଆଉ କାଣ୍ଡରୁ ସୃଷ୍ଟି ହୋଇ ପାରେ," ରିଙ୍କି କହିଲା ।

"ତୁ ଆଉ ତୋର ୱାଟର କ୍ରେଷ । ଅନ୍ୟ କିଛି ଉଦ୍ଭିଦ ଜାଣିନୁ କି ? ସବୁ ପ୍ରଶ୍ନର ଉତ୍ତର ଗୋଟିଏ!" ପିକୁନ ଚିଡ଼େଇକି କହିଲା ।

"ଏହା ଅନେକ ଦେଶରେ ମିଳେ । ଭାରତର ଉତ୍ତର ପୂର୍ବ ଅଞ୍ଚଳରେ ଏହା ଜଙ୍ଗଲରୁ ଝରଣା କୂଳରୁ ସଂଗ୍ରହ କରା ଯାଏ । ଆମେରିକାରେ ଆମ ଘର ବାଡ଼ି ପଟେ ଏକ ଛୋଟ ପୋଖରୀ ଅଛି । ସେଠି ହୁଏ ପ୍ରତିବର୍ଷ ଶୀତ ସରି ଗଲା ପରେ । ବାପା ତାକୁ ତୋଳି ଆଣନ୍ତି । ତୁ ଯଦି କେବେ ଆସିବୁ ତୋତେ ମଧ୍ୟ ମିଳିବ," ରିଙ୍କି କହିଲା ।

ISSN NO.
2582-208X

ଏତିକି ବେଳେ ବୋଉ ଖାଇବାକୁ ଡାକିଲା । ସିଏ ରୋଷେଇ ଘରୁ ସବୁ ଆଲୋଚନା ଶୁଣୁଥିଲେ । ଆଜି ବାପାଙ୍କ ପସନ୍ଦରେ ପଞ୍ଜାବି ଢଙ୍ଗରେ ରାତ୍ରି ଭୋଜନ ହୋଇଛି । ବର୍ଷା ପାଗରେ ମକା ରୁଟି ଆଉ ମୂଳା ଶାଗ ଭଜାର ସ୍ୱାଦ ନିଆରା । ଫ୍ରୁଟ ସାଲାଡ୍ ବି ଅଛି ।



ଖାଉ ଖାଉ ବୋଉ ପଚାରିଲେ, "ଶାଗ କେମିତି ଲାଗୁଛି ?"

"ଟିକେ ଟିକେ ୱାଟର କ୍ରେଷ ଭଳି," ରିଙ୍କି ଉତ୍ତର ଦେଲା ।

ବୋଉ ହସିଲେ ଆଉ ପିକୁନ ମୁହଁକୁ ମୋଡି ରିଙ୍କି ଚିଡ଼େଇବାରେ ଲାଗିଲା ।

(((-)))

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# "ଛୋଟ ଚଢେଇ ଓ ସବୁଜ ଗାଁ"



ଡକ୍ଟର ପ୍ରଦୀପ କୁମାର ପଣ୍ଡା

ପ୍ରକୃତିର କୋଳରେ ଥିବା ଏକ ଛୋଟ ସୁନ୍ଦର ଗାଁ ଥିଲା — "ଦେଶର" । ଗାଁଟି ଚାରିପାଖରେ ଥିଲା ସବୁଜ ଧାନକ୍ଷେତ, ବଉଳ ଗଛ, ଜାମ ଗଛ, ଆମ୍ବ ବଗିଚା ଓ ଏକ ଛୋଟ ନଦୀ । ସକାଳେ ସୂର୍ଯ୍ୟ ଉଦୟ ହେଲେ ନଦୀର ପାଣି ହୀରା ଭଳି ଚମକୁଥିଲା । ପବନରେ ମହୁଆ ଓ ଗଙ୍ଗ ଶିଉଳି ଫୁଲର ସୁଗନ୍ଧ ଭାସୁଥିଲା । କାଉ, କୋଇଲି, ଭରତିଆ ଓ ମୟୂରର ସ୍ୱରରେ ଗାଁ ମୁଖରିତ ହୋଇଯାଉଥିଲା ।

ସେହି ଗାଁରେ ରହୁଥିଲା ଦଶ ବର୍ଷର ଏକ ଚଞ୍ଚଳ ଓ ଦୟାଳୁ ପିଲା — ରତନ । ତା'ର ବାପା ଜଣେ ଚାଷୀ ଓ ମା' ଜଣେ ଗୃହିଣୀ ଥିଲେ । ରତନ ଛୋଟବେଳୁ ପ୍ରକୃତିକୁ ଭଲ ପାଉଥିଲା । ସେ ଗଛ ସହ କଥା ହେଉଥିଲା, ପକ୍ଷୀମାନଙ୍କୁ ଦାନା ଦେଉଥିଲା ଓ ପଶୁପକ୍ଷୀଙ୍କୁ ନିଜ ସାଙ୍ଗ ଭାବୁଥିଲା । ପ୍ରତିଦିନ ସକାଳେ ସେ ଉଠି ଘର ଆଗରେ ଥିବା ତୁଳସୀ ଗଛକୁ ପାଣି ଦେଉଥିଲା । ତା'ପରେ ବିଦ୍ୟାଳୟକୁ ଯିବା ପୂର୍ବରୁ ବଡ଼ ଆମ୍ବଗଛ ତଳେ କିଛି ସମୟ ବସୁଥିଲା । ସେହି ଆମ୍ବ ଗଛ ଡାଳରେ ଅନେକ ଘରଚଟିଆ ବସା ତିଆରି କରି ରହୁଥିଲେ। ତାଙ୍କର କିଚିରି ମିଚିରି ଶବ୍ଦରେ ସେ ପରିବେଶ ଜୀବନ୍ତ ହୋଇ ଉଠୁଥିଲା । ସେହି ଆମ୍ବ ଗଛଟି ଗାଁର ସବୁଠୁ ପୁରୁଣା ଗଛ ଥିଲା । ଲୋକେ କହୁଥିଲେ, ଏହି ଗଛଟି ତାଙ୍କର ପଣଅଜାଙ୍କ ଶିଶୁକାଳରୁ ଅଛି । ତା'ର ବିଶାଳ ଡାଳରେ ଅନେକ ପକ୍ଷୀ ବସା ତିଆରି କରି ରହୁଥିଲେ ।

ଦିନେ ସ୍କୁଲ୍‌ରୁ ଫେରିବା ବେଳେ ରତନ ଦେଖିଲା ଯେ ବଡ ଆମ୍ବଗଛ  ତଳେ କିଛି କାଠୁରିଆ କୁରାଢ଼ି ନେଇ ଠିଆ ହୋଇଛନ୍ତି । ସେମାନେ ଗଛ କାଟିବାକୁ ଆସିଥିଲେ । ରତନ ଭୟ ପାଇ ଦୌଡ଼ି ଗଲା ଓ ପଚାରିଲା, — "ଆପଣମାନେ ଏହି ଗଛ କାହିଁକି କାଟୁଛନ୍ତି ?"

ISSN NO.
2582-208X

କାଠୁରିଆ କହିଲେ, – "ଏଠାରେ ନୂଆ ଦୋକାନ ହେବ । ତେଣୁ ଗଛ କାଟିବାକୁ ପଡ଼ିବ ।"

ଏହା ଶୁଣି ରତନର ମନ ଭାଙ୍ଗିଗଲା । ସେ ଗଛ ଡାଳରେ ବସିଥିବା ପକ୍ଷୀମାନଙ୍କୁ ଚାହିଁଲା। ଚଢ଼େଇମାନେ ଭୟରେ ଉଡ଼ିଉଡ଼ି ଘୁରି ବୁଲୁଥିଲେ । ଛୋଟ ପିଲା ଚଢ଼େଇମାନେ ବସାରେ ଚିଁଚିଁ କରୁଥିଲେ ।

ସେହି ସମୟରେ ଗୋଟିଏ ଛୋଟ ଚଢ଼େଇ ଆସି ତାର ନିକଟର ଡାଳରେ ବସିଲା । ରତନକୁ ଲାଗିଲା ଯେ ଚଢ଼େଇଟି କାନ୍ଦୁଛି । ସେ ଆସ୍ତେ କହିଲା, – "ଚଢ଼େଇ ଭଉଣୀ, ତୁମେ ଭୟ ପାଉଛ କି ?"

ଚଢ଼େଇଟି ଯେପରି ମନୁଷ୍ୟ ଭଳି କହିଦେଲା, – "ହଁ ରତନ, ଏହି ଗଛ ଆମର ଘର । ଏଠାରେ ଆମେ ପିଲାମାନଙ୍କୁ ବଡ଼ କରୁଛୁ । ଗଛ ନ ଥିଲେ ଆମେ କେଉଁଠି ଯିବୁ ?"

ରତନର ଆଖିରେ ଲୁହ ଆସିଗଲା । ସେ ଦୌଡ଼ି ଘରକୁ ଗଲା ଓ ବାପାଙ୍କୁ ସବୁ କଥା କହିଲା । ତା'ର ବାପା ଗାଁର ସରପଞ୍ଚଙ୍କ ପାଖକୁ ଗଲେ । ସେହି ସନ୍ଧ୍ୟାରେ ଗାଁରେ ଏକ ସଭା ହେଲା ।

ସଭାରେ ରତନ ଛୋଟ ହେଲେ ମଧ୍ୟ ସାହସ କରି କହିଲା, – ହେଗଛ କାଟି ଦୋକାନ ତିଆରି କଲେ ଆମେ ଛାଇ କେଉଁଠୁ ପାଇବୁ ? ପକ୍ଷୀମାନେ କେଉଁଠି ରହିବେ ? ଗଛ ଆମକୁ ଅକ୍ସିଜେନ୍ ଦେଉଛି, ବର୍ଷା ଆଣୁଛି । ପ୍ରକୃତି ଆମ ଜୀବନର ଆଧାର । ଗଛ କାଟିବା ମାନେ ଜୀବନକୁ ବିପଦରେ ପକାଇବା । ପରିବେଶ ସୁରକ୍ଷା କରିବା ଆମ ସମସ୍ତଙ୍କ ପବିତ୍ର କର୍ତ୍ତବ୍ୟ । ପ୍ରକୃତିକୁ ବଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ।"

ସମସ୍ତେ ତା'ର କଥା ଶୁଣି ଆଶ୍ଚର୍ଯ୍ୟ ହେଲେ । ସରପଞ୍ଚ କହିଲେ, – "ଏକ ଛୋଟ ପିଲା ଯେତେବେଳେ ପ୍ରକୃତିର ମୂଲ୍ୟ ବୁଝୁଛି, ଆମେ କାହିଁକି ନୁହେଁ ?"

ଗାଁଲୋକେ ନିଷ୍ପତ୍ତି ନେଲେ ଯେ ସେ ବଡ଼ ଆମ୍ବଗଛ କଟାଯିବ ନାହିଁ । ଦୋକାନ ପାଇଁ ଅନ୍ୟ ସ୍ଥାନ ବଛାଗଲା । ପକ୍ଷୀମାନେ ଯେପରି ଖୁସିରେ ଗୀତ ଗାଇବାକୁ ଲାଗିଲେ ।

ISSN NO.
2582-208X

କିନ୍ତୁ ରତନର ଚିନ୍ତା ସେଠିରେ ଶେଷ ହେଲା ନାହିଁ । ସେ ଦେଖିଲା ଯେ ଗାଁର ନଦୀରେ ଲୋକେ ପ୍ଲାଷ୍ଟିକ ଓ ଆବର୍ଜନା ପକାଉଛନ୍ତି । ଗୋରୁମାନେ ପ୍ଲାଷ୍ଟିକ ଖାଇ ଅସୁସ୍ଥ ହେଉଛନ୍ତି। ଗ୍ରୀଷ୍ମକାଳରେ ପାଣି ମଧ୍ୟ କମିଯାଉଛି । ସେ ନିଜ ସଙ୍ଗମାନଙ୍କୁ ଡାକି କହିଲା, — "ଆମେ ଯଦି ଏବେ ଠାରୁ ପରିବେଶକୁ ସୁରକ୍ଷା ନ କରିବା, ତେବେ ଆଗକୁ ଅନେକ କଷ୍ଟ ହେବ ।"

ସମସ୍ତ ପିଲା ମିଶି "ସବୁଜ ବାହିନୀ" ନାମରେ ଏକ ଦଳ ଗଠନ କଲେ । ପ୍ରତ୍ୟେକ ରବିବାର ସେମାନେ ଗାଁ ସଫା କରୁଥିଲେ । ନଦୀକୂଳରୁ ପ୍ଲାଷ୍ଟିକ ଉଠାଉଥିଲେ । ଘରେ ଘରେ ଯାଇ ଲୋକଙ୍କୁ ସଚେତନ କରୁଥିଲେ । ରତନର ଶିକ୍ଷକ ମଧ୍ୟ ବିଦ୍ୟାଳୟରେ "ପରିବେଶ ଦିବସ" ପାଳନ କଲେ । ସମସ୍ତ ଛାତ୍ରଛାତ୍ରୀ ଗଛ ଲଗାଇଲେ । କେହି ଆମ୍ବ ଗଛ, କେହି ନିମ୍ବ ଗଛ, କେହି କଦମ୍ବ, କେହି ଅର୍ଜୁନ ଗଛ ଲଗାଇଲେ ।ଧୀରେ ଧୀରେ ଗାଁରେ ବଡ଼ ପରିବର୍ତ୍ତନ ଆସିଲା । ଲୋକେ ପ୍ଲାଷ୍ଟିକ ବଦଳରେ କପଡ଼ା ବ୍ୟାଗ ବ୍ୟବହାର କରିବାକୁ ଲାଗିଲେ । ନଦୀ ସଫା ହୋଇଗଲା । ପକ୍ଷୀମାନେ ପୁଣି ଆନନ୍ଦରେ ଗଛରେ ବସା ତିଆରି କଲେ । ବର୍ଷା ମଧ୍ୟ ଭଲ ହେଲା । କ୍ଷେତରେ ଫସଲ ସବୁଜ ଲହରୀରେ ଖେଳି ଉଠିଲା ।

ଦିନେ ସକାଳେ ରତନ ସେଇ ଆମ୍ବଗଛ ତଳେ ବସିଥିଲା । ସେହି ଛୋଟ ଚଢ଼େଇଟି ଆସି ତା'ର କାନ୍ଧରେ ବସିଲା । ଚଡେଇଟି ଖୁସିରେ କହିଲା, — "ରତନ, ତୁମେ ମନୁଷ୍ୟ ହୋଇ ମଧ୍ୟ ପ୍ରକୃତିର ଦୁଃଖ ବୁଝିଲ , ଆମକୁ ସାହାଯ୍ୟ କଲେ । ତୁମ ପାଇଁ ଆମେ ପୁଣି ଆମ ଘର ପାଇଲୁ ।"

ରତନ ହସି କହିଲା, — "ପ୍ରକୃତି ହସିଲେ ହିଁ ମନୁଷ୍ୟ ଖୁସିରେ ରହିପାରିବ ।"

ସେହି ଦିନଠାରୁ ଦେଶର ଗାଁ ଚାରିଆଡ଼େ ଉଦାହରଣ ହୋଇଗଲା । କୁଲସର, ଅତରଡୁଲି, ପୋଢ ପାଲି, ଗଣ୍ଡମୁଣ୍ଡା, ତିଲିଆ ସହିତ ଅନ୍ୟ ଗାଁର ଲୋକମାନେ ମଧ୍ୟ ସେଠାରୁ ପ୍ରେରଣା ନେଇ ଗଛ ଲଗାଇବା ଓ ପରିବେଶ ସୁରକ୍ଷା କରିବା ଆରମ୍ଭ କଲେ ।

(((–)))

ନୂଆଁ ବରଙ୍ଗା ମାଲ, ସମ୍ବଲପୁର

ISSN NO.
2582-208X

# ଅଜାଆଇ ଗଲେ ଯାତର୍ ଦେଖ୍



ପଞ୍ଚାନନ ମେହେର

ଅଜା ଆଇ ଗଲେ ଯାତରା ଦେଖି
ଲୁହ ଛଳଛଳ ନାତିର ଆଖି
ଭାବେ ଠିଆ ହୋଇ କୋଣେ,
କିସ ପାଇଁ ତାକୁ ଘରେ ରହିବାକୁ
କହୁଛନ୍ତି ବଡମାନେ ।

ନାତୁଣୀ ମୁହଁଟି ଯାଇଛି ଫୁଲି
ପାଦକୁ କଚାଡି ଯାଉଛି ଚାଲି
କରିଅଛି ଅଭିମାନ,
ପାରୁନାହିଁ ଜାଣି କାହିଁକି କେଜାଣି
ତାକୁ ନ ନେବା କାରଣ ।

ଜାଣି ମନକଥା ଡାକିଲେ ମାଆ
କହିଲେ ବୁଝାଇ ଘଟୁଛି ଯାହା
ଯାତରା ଦେଖାର କଥା,
ଦିନ ଗଲେ ବଢି ଖରା ଆସେ ମାଡି
ଘୁରି ଯାଇପାରେ ମଥା ।

ISSN NO.
2582-208X

ବଡ ବିଷମ ଏ କାଳ ଗ୍ରୀଷମ
ଯୁଝି ପାରିବନି ବୟସ୍କ ସମ
ହେବ ସିନା ହଟହଟା,
ପାଟି ଅଠା ହେବ ତଣ୍ଟି ଶୁଖି ଯିବ
ଭୁଲିବ ଯାତରା ଦେଖା ।

ବଡକଥା ନୁହେଁ ଯାତରା ଦେଖା
ବିପଦକୁ କିଆଁ କରିବା ସଖା
ସୁରକ୍ଷିତ ଥିବା ଘରେ,
ଆଷାଢ଼ ଆସିଲେ ପାଗ ଥଣ୍ଡା ହେଲେ
ଦେଖିବା ରଥ ପୁରୀରେ ।

ଅଜା ଆଈ ଦୁହେଁ ବୟସ୍କ ଲୋକ
ସହିବା ଶକତି ତାଙ୍କ ଅଧିକ
ତଥାପି ରହିଛି ଡର,
ଧରିବେ ବୋତଲ ଛତା ଓ ଚପଲ
ଖରାଠାରୁ ଥିବେ ଦୂର ।

କହିଛି ଆଣିବେ ଖେଳଣା ଗାଡି
ବଜାଇ ପେଁକାଳି ଛାଡିବ ରଡି
ମଉଜ କରିବ ସତେ,
ଖରା ଚାଲିଗଲେ ବରଷା ଆସିଲେ
ଯାତରା ଦେଖିବ କେତେ ।

((( - )))

ISSN NO.
2582-208X

# ନାଆଁଟି ମୋର ଆଳୁ



ରାମ ଚନ୍ଦ୍ର ପ୍ରଧାନ

ପରିବା ଭିତରେ ଅଟଇ ମୁଁ ରାଜା
ନାଆଁଟି ମୋର ଆଳୁ,
ଏ ରାଇଜ ନୁହେଁ ସବୁ ରାଇଜେ ମୁଁ
ରହିଛି କେଉଁ କାଳୁ ।
ସନ୍ତୁଳା, ଭରତା ତରକାରୀ, ଭଜା
ମୋ ପାଇଁ ଲାଗେ ମଜା,
ଆମିଷ ହେଉ କି' ନିରାମିଷ ହେଉ
ସବୁଥିରେ ମୁଁ ଖୋଜା ।
ଶର୍କରା ଜାତୀୟ ଖାଦ୍ୟ ବୋଲି ମୁହିଁ
ପାଟିକୁ ଲାଗେ ମିଠା,
ମଧୁମେହ ରୋଗୀ ଖାଇଦେଲେ ମୋତେ
ହୁଅଇ ହଟହଟା ।
ଯେଉଁଠି ଖୋଜିବ ଯିଏ ବି ଖୋଜିବ
ପାଇବ ମୋତେ ତହିଁ,
ସହର, ବଜାର ମଫସଲି ଗାଆଁ
ସବୁଠି ମିଳେ ମୁହିଁ ।
ସୁଲଭ ଦରରେ ମିଳିଥାଏ ବୋଲି
ନ ଥାଏ କାହା ଭୟ,

ISSN NO.
2582-208X

ହେଉ ସିଏ ପିଲା ଅବା ବୁଢ଼ାଲୋକ
ଅଟେ ସଭିଙ୍କ ପ୍ରିୟ ।
ପଖାଳ ସାଥିରେ ଲଙ୍କା ଲୁଣ ଦେଇ
ପୋଡ଼ି ଖାଇଲେ ମୋତେ,
ଭୋକିଲା ପେଟଟା ଆପେ ପୁରିଯାଏ
ଶକତି ମିଳେ କେତେ ।
ପଥୁରୀ, ପୋଡ଼ା ଘା' ବେରିବେରି ରୋଗ
ମୋ ପାଇଁ ଭଲ ହୁଏ,
ହେଉ ରକ୍ତପିତ୍ତ ଅବା କଳାଦାଗ
ସବୁ ଦୂରେଇ ଦିଏ ।
ଏଣୁ ଭାଇମାନେ ପ୍ରଚୁର ମାତ୍ରାରେ
କର ମୋହରି ଚାଷ,
ବାଡ଼ି ବଗିଚାରେ ଉପୁଜାଇ ଫଳ
ହସ ବରଷ ମାସ ।

(((-)))

ଶିକ୍ଷକ
ଟେକ୍ନକାଲ୍ ହାଇସ୍କୁଲ୍ ଆସିକା, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ନିଜ ଭାଷା ଜ୍ଞାନକୁ ପରିମାର୍ଜିତ କରିବା ସହିତ ପାଠକଙ୍କ ପ୍ରିୟ ଭାଜନ ହୁଅନ୍ତୁ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ମଇ ମାସର ଚିତ୍ର ବିବରଣୀ



ISSN NO.
2582-208X

ପତ୍ର ନାହିଁ କିନ୍ତୁ ଡାଳ ମାନଙ୍କରେ
ଫୁଲ ହୋଇଅଛି ଭରି
କି ସୁନ୍ଦର ଦିଶେ ଗଛଟି ଫୁଲରେ
ଇଚ୍ଛାହୁଏ ମୋର ଫୁଲଟିଏ ହୋଇ
ରହିବାକୁ ଏହି ଗଛରେ

**ଶକୁନ୍ତଳା ପଟ୍ଟନାୟକ, ଭୁବନେଶ୍ୱର**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

# ସମୀକ୍ଷା



ଦେବଯାନୀ ସ୍ୱାଇଁ

## ବେଦାନ୍ତୀ - ମଇ

ପ୍ରଚ୍ଛଦ ପୃଷ୍ଠାରେ ନୀଳ ହାୟାସିନ୍ଥ ଫୁଲର ସୁନ୍ଦର ପ୍ରତିଛବି ନେଇ ଏଥର ଆସିଛି ଆମ ପ୍ରିୟ "ବେଦାନ୍ତୀ"। ନୀଳ ପାଖୁଡିରେ ଲୁଚିଥିବା ଏହାର ସ୍ନିଗ୍ଧତା, ନୀଳ ଛାୟାରେ ଭିଜିଥିବା ଏହାର ସୌନ୍ଦର୍ଯ୍ୟତା, ମନରେ ଭରିଦିଏ ଅସୀମ ଶାନ୍ତିର ଭାଷା।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ନିଜର ମତ ବ୍ୟକ୍ତ କରି କହିଛନ୍ତି- ମନୁଷ୍ୟର ବୁଦ୍ଧି ହେଉଛି ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ବରଦାନ, ଯାହାପାଇଁ ମନୁଷ୍ୟ ଅନ୍ୟ ପ୍ରାଣୀ ମାନଙ୍କ ଠାରୁ ସଶକ୍ତ ଓ ସର୍ବୋତ୍କୃଷ୍ଟ। ତେଣୁ ଏହି ବୁଦ୍ଧିର ବିକାଶ କରିବା ଅତ୍ୟନ୍ତ ଜରୁରୀ। ଶିକ୍ଷା ଓ ଈଶ୍ୱର ଉପାସନା ହିଁ ବୁଦ୍ଧି ପ୍ରାପ୍ତିର ସର୍ବୋତ୍ତମ ମାଧ୍ୟମ।

ଭିତର ପୃଷ୍ଠାରେ ଲେଖା ଓ କବିତାର ଲମ୍ବା ତାଲିକା।

ପ୍ରଥମ ଲେଖା- ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ରବିକିରଣ ପିଲାଇଙ୍କ ପରି ଜଣେ ନିର୍ଭୀକ ତଥା ନିଷ୍ଠାପର ଫରେଷ୍ଟରଙ୍କ ଚାକିରୀଚର୍ଯ୍ୟାରେ ଘଟିଥିବା କିଛି ଖଟା ମିଠା ଅଭିଜ୍ଞତା। "ଚା' କପ୍ ର ଉଷ୍ମତା" ରେ ରହିଥାଏ ଖୁସିର, ଆତ୍ମତୃପ୍ତିର ଓ ଭଲପାଇବାର ଏକ ସହଜତା। ଆଜିକାଲି ବିଦେଶ ଜାଗାରେ ଚାକିରି କ୍ଷେତ୍ରରେ ଯେଉଁଭଳି ଭାବେ କର୍ମଚାରୀ ମାନଙ୍କୁ ଅଚାନକ ଛଟେଇ କରାଯାଉଛି, "ମ୍ୟାନେଜର ସହ ସାକ୍ଷାତର ମୁହୂର୍ତ୍ତ" ଏକ ମାନସିକ ଚିନ୍ତାଜନକ ବିଷୟ ଅବଶ୍ୟ।

ISSN NO.
2582-208X

"ଉତ୍କଳ ଦିବସ ଓ ଆମର ନୈତିକ ସଂକଳ୍ପ" – ଓଡିଶାର ବିକାଶ ସହ ପୂର୍ବର ଲୁପ୍ତ ଗୌରବକୁ ଫେରି ପାଇବାର ଏକ ଆହ୍ୱାନ। ଆମ ସଂସ୍କୃତିର ଇତିହାସ ପୃଷ୍ଠାରେ ରହିଛି– "ଓଡିଆ ଭାଷା ଆନ୍ଦୋଳନ ଓ ନାରୀକବିଙ୍କ ଅବଦାନ"ଏବଂ "୧୯୮୦ ପରବର୍ତ୍ତୀ ଓଡିଆ ନାଟକ: ପରମ୍ପରା ଓ ପରୀକ୍ଷା"।

ଲେଖକଙ୍କର ଖୁବ୍ ସୁନ୍ଦର ମନ୍ତବ୍ୟ – ବିଚିତ୍ର ସାମାଜିକ ବ୍ୟବସ୍ଥା, ଅଦ୍ଭୁତ ଜୀବନ ସାରଣୀରେ ନାରୀର ଯେଉଁ ରୂପଟି ବନ୍ଧନର ଅର୍ଗଳୀରେ ନିଜ ଅସ୍ତିତ୍ୱକୁ ବାରମ୍ବାର ଆବିଷ୍କାର କରୁଥାଏ ସେ ହେଉଛି "ବୋହୂ"। ଧାରବାହିକ "ମାଣ୍ଡବୀ"ରେ ମିଥିଳାରୁ ଅଯୋଧ୍ୟା ଯିବା ବାଟରେ କିଛି ଅଙ୍ଗେନିଭା କାହାଣୀ। "ଜେଜେଙ୍କ ଚଉକି" ରୁ ଏକ ସୁନ୍ଦର ଶିକ୍ଷା ମିଳେ– ଜୀବନ ବଞ୍ଚିବାର ଏକ ନାଁ, ଏହା ଯେତେ ଥର ଭାଙ୍ଗୁ ପଛେ, ସାହାସ ଜୁଟାଇ ଆମକୁ ଠିଆ ହେବାକୁ ହିଁ ପଡିବ। ପ୍ରଥମ ବିଶ୍ୱଯୁଦ୍ଧ ସମୟର ଯୁଦ୍ଧ ସ୍ଥଳୀରେ ଘଟିଥିବା କିଛି "କଳ୍ପନାତୀତ ସତ୍ୟକଥା"। ଭ୍ରମଣ କାହାଣୀ "ରୁପା ଜହ୍ନ ଓ ରୂପସୀ ରାଜଗିର"।

"ଗୋଟେ ଜଙ୍ଗଲ ମଣିଷ ମାନଙ୍କର" ଯେଉଁଠି ନୀତା ଭଳି ସରଳ ମଣିଷ, ବଣମଲ୍ଲୀ ସଦୃଶ। ଏକ ଉଚ୍ଚ କୋଟୀର ଲଳିତ ନିବନ୍ଧ– "ଭାରତର ଜନଗଣନାରେ ଶିକ୍ଷକଙ୍କ ଭୂମିକା"। ଲେଖିକାଙ୍କ ବହୁମୂଲ୍ୟ ଉପନ୍ୟାସ "ଦସ୍ତାବିଜ୍"ର ପ୍ରାକ୍ ଭାଷା।

ପୁରାଣ ଆଧାରିତ–"ଇଶ୍ୱର ଓ ମାନବୀୟ ପରମ୍ପରାର ଯୁଗଳବନ୍ଦୀ : ଶୀତଳ ଷଷ୍ଠୀ", "ପଞ୍ଚସଖା ସାହିତ୍ୟରେ ଶୈବତତ୍ୱ" ଏବଂ ଓଡିଆ ପରମ୍ପରାରେ "ମା ମଙ୍ଗଳା ଓ ଚଇତ୍ର ପର୍ବ"। ଭକ୍ତି ଓ ବିଶ୍ୱାସର କାହାଣୀ "ମୋ ଇଶ୍ୱର ଓ ଗୁରୁଙ୍କ ବିଷୟରେ କେଇପଦ କଥା"।

ଓଡିଶାର ବିଭିନ୍ନ ସଂପ୍ରଦାୟର ଐତିହ୍ୟ ଓ ସଂସ୍କୃତି ସମ୍ବନ୍ଧରେ ରହିଛି "କଳାହାଣ୍ଡି ଗଣ୍ଡ ସଂପ୍ରଦାୟର ସାମାଜିକ କ୍ରିୟାନୁଷ୍ଠାନ ଭିତ୍ତିକ ଲୋକଗୀତ", "ଓରାଁଓ ସମାଜରେ ପାଠ ଦେବତାଙ୍କ ମହତ୍ୱ"।

"ପ୍ରଗତିର ଚାବିକାଠି" ଯେ ନିଜ ହାତରେ ଥାଏ, ଏହା ହୃଦୟଙ୍ଗମ କରିଛନ୍ତି ଦୁଇ ସାଙ୍ଗ ବିକାଶ ଓ ଶୁଭକାନ୍ତ। "କାଳିଜାଇରେ ସନ୍ଧ୍ୟା କବିତାର ପିତୃତ୍ୱ ସନ୍ଧାନ"– ଏକ ବିବାଦୀୟ ଚର୍ଚ୍ଚା। ଏମିତି ଏମିତି ରହିଛି ଅନେକ ଗୁଡିଏ ଲେଖା। ଶେଷରେ "ଭାଗବତ କଥା– ୩୧"।

ISSN NO.
2582-208X

କବିତାର ପ୍ରାରମ୍ଭରେ ନିସଙ୍ଗ, ନିରୋଳା, ନିରୁପାୟ କବିଙ୍କ କଲମରୁ ଝରିପଡ଼ିଛି "ଅଭିଶାପ ଦିଅ" ପରି କେତୋଟି ଶବ୍ଦ, କେବଳ ନିଜକୁ ସମସ୍ତଙ୍କ ପାଖରେ ସମର୍ପଣ କରି ପୁଣି ସମସ୍ତଙ୍କୁ ନିଜ ପାଖକୁ ଆଣିବାର ଏକ ନିରବ ପ୍ରୟାସରେ।

ବଡ ଦୁଃଖଦ ସେ ଅନ୍ଧାରୁଆ "କଳା ରାତି" ଆଉ ଖୁବ୍ ସୁନ୍ଦର "ସନେଟ୍... ବରଦାୟୀ ପ୍ରକୃତି"। ବହୁମୂଲ୍ୟ ଐ?ଶ୍ୱର୍ଯ୍ୟର ଅଧିକାରିଣୀ "ହେ ରତ୍ନଗର୍ଭା !", ଅବ୍ୟକ୍ତ ତତ୍ୱର ଦିବ୍ୟ ମନ୍ଦାକିନୀ ସେ "ଆକାଶ ଗଙ୍ଗା" ପୁଣି କାରୁକାର୍ଯ୍ୟ ଭରା "କୋଣାର୍କ !"ର ଦୁଃଖ ଗାଥା।

"ଜୟ ବାବା ପଶୁପତି" କଇଲାସ ଯତି "ଆହେ ସତ୍ୟ ଶିବ ସୁନ୍ଦର"। "ଶରଣ ସୋଦର" ଦେବ ଦାମୋଦର, କେବେ ଦେଖିବି ଆଉ "କାଳିଆର ଗୁଣ୍ଡିଚା ଯାତ"। "ଶ୍ରୀ କ୍ଷେତ୍ର ନାଥ" ତୁମ ମହିମା "ଅବର୍ଣ୍ଣନୀୟ"। ଭକ୍ତଙ୍କୁ ବୋଲାଉ ତୋର ନାହିଁ ହାତ ପାଦ, ପୁଣି କେଉଁ ପାଦେ ଯାଇଥିଲୁ ଜୟଦେବ ଘର ଆଉ କେଉଁ ହାତେ ଲେଖିଲୁ ତୁ ଦେହି ତବ ପଦ ପଲ୍ଲବ ମୁଦାର ! ତୋର ସେଇ ହାତ ପାଦ ଟିକେ ମୋତେ ଦେଖା, ନ ହେଲେ ଜାଣିବି ତୁ "ଦେଲୁ ମୋତେ ଧୋକା"।

"କ୍ଷମା ଯାହାର ହୃଦେ ରହେ" ସେ ହିଁ ମହତ ଜନ ବୋଲାଏ।"ଜନମ ମରଣ", ସୃଷ୍ଟିର ନିୟମ, ମରଣକୁ ଭୟ କାହିଁ? ଅନ୍ୟ ସମ୍ମୁଖରେ ମନୁଷ୍ୟ ନିଜର ଦେଖାଏ ଯେପରି ଚିତ୍ର, ତା ନୁହେଁ ତାର "ପ୍ରକୃତ ଚରିତ୍ର"; ପର ଉପକାର, ଆତ୍ମୀୟତା ପଣ ଓ ମନରେ ବିଶ୍ୱାସ ଅଟଇ ଯେ "ଜୀବନର ମନ୍ତ୍ର"।

"ସମୟ" ସେତ ବେଗମତୀ ନଇ, ଆଉ "ସ୍ମୃତି" ଅଟେ ଅତୀତର ଛାଇ—କେବେ ଶ୍ରାବଣରେ ଭିଜାଏ ତ କେବେ ଜାଳିଦିଏ ବୈଶାଖର ତାତି। ପ୍ରୀତି ପ୍ରଣୟର କାବ୍ୟରେ ତୁମେ ଗୋ "ଅଳସୀ ଅଳକା ନନ୍ଦା" ପୁଣି "ପ୍ରେମ" ଶାଶ୍ୱତ ଓ ଚିରନ୍ତନ, ନିତି ଗଢେ ସେ କେତେ ଯେ "ପ୍ରେମ କୋଣାର୍କ"! "ପ୍ରେମ ତ ଆଇନାଟିଏ ମୋ ଭିତରେ", "ଅଭିମାନୀ ପ୍ରେମିକା" ଟେ ମୁଁ- ତୁମ ପଥ ଚାହିଁଥାଏ। "ତମେ ଥରେ ଆସନ୍ତନି", ମୋ ସ୍ୱପ୍ନ ଦୁନିଆରେ ନହେଲେ ଏମିତି ଏକ "ଦଲକାଏ ଫୁଲର ଗନ୍ଧରେ"!

"ଚାଲ ଶିକ୍ଷିତ ହେବା", ପାଠ ପଢି ଆମେ "ଭଲ ମଣିଷଟେ ହେବା"। "ଜିଦ୍" ବଢାଏ ଜିତିବାର ଆଶା ଓ "ସଂଘର୍ଷ" ବତାଏ ସଫଳତାର ପରିଭାଷା। "ପ୍ରତ୍ୟଂଚା" ତୁ ମୋ ଜୀବନ ଧନୁର, "କ୍ଳାନ୍ତ ଗୋଧୂଳି"ର ଫିକା ଅରୁଣିମା ପୁଣି "ଅଚ୍ଛୁଆଁ ନୀଡର ପକ୍ଷୀ" ତୁ। ନର ଜନ୍ମ ଲଭି ଅଛୁ ହେବାପାଇଁ ପଥ ପ୍ରଦର୍ଶକ, "ମଶାଲ ହୋଇ ତୁ ଜଳ"।

ISSN NO.
2582-208X

"ଏକ ଇସ୍ତାହାର" ଶ୍ରମିକର ଯିଏ ଖଟୁଥାଏ ହୋଇ "ଦାଦନ", ବାନ୍ଧିବାକୁ ତେଲ ଲୁଣର ସଂସାର। ଯେଉଁଠି "ଧର୍ମ ରାଜନୀତି" ଚାଲେ ପୂର୍ଣ୍ଣ କରିବାକୁ ନିଜର ସ୍ୱାର୍ଥ, ସେଠି କିଏ ବୁଝେଇବ "ଯୁଦ୍ଧର ଅର୍ଥ"!

"ପରବତ ଦୂର ଦିଶଇ ସୁନ୍ଦର", ଗଢ଼ି ହେବକି ଆଉ"ଚହଲା ଢେଉର ଭାଗ୍ୟ"! ଯେଉଁଦିନ ପରୋପକାରରେ ନିୟୋଜିତ ହେବ ମନ, ସେହି ଦିନ ହେବ "ଅକ୍ଷୟ ତୃତୀୟା"ର ଶୁଭ ଲଗ୍ନ। "ଆସ ଅନୁକୂଳ କରିବା" ଏକ ହସଖୁସି ଶାନ୍ତ ପରିବେଶ। ଆମ ପରମ୍ପରାରେ "ସାବିତ୍ରୀ ବ୍ରତ"। "ହଜି ଯାଇଛି ସେ ପାନ ବଟୁଆ", ବିବାହର "ଆଗ ନିମନ୍ତ୍ରଣ" କାହାକୁ ଦେବା। "ଦୁଃସ୍ୱପ୍ନ ଯମ, କ୍ଷମ ଅପରାଧ ମମ" – ଏକ ସୁନ୍ଦର ବ୍ୟଙ୍ଗ।

"ବସନ୍ତର ଆଦ୍ୟ ବାସ୍ନା", କୋଇଲିର କଣ୍ଠେ ଆମ୍ବ ବଉଳର ଭାଷା। ସରିଲା ମଧୁ ମାସ, ହୋଇଲା "ନିଦାଘ ପ୍ରବେଶ"। ଏତିକିରେ ରଖୁଛି କବିତାର ଚାଷ।

ଏଥରକ "ଶିଶୁ ବିଭାଗ" ଖୁବ୍ ସୁନ୍ଦର ସୁନ୍ଦର ବିଷୟ ସହିତ ଉପନୀତ ହେଲେ "ଆଞ୍ଚଳିକ ବିଭାଗ"ରେ ରହିଛି କେବଳ ଗୁଟେ କବିତାର ନେତ। Colour with beauty ରେ ମନଛୁଆଁ ଚିତ୍ର ।

ଶେଷରେ ମାସିକ ପର୍ବ ପର୍ବାଣୀର ତାଲିକାରେ ପ୍ରଥମେ ରହିଛି ପବିତ୍ର ଚନ୍ଦନ ପୂର୍ଣ୍ଣିମାର ପର୍ବ। ଏହି ପର୍ବ ସହ ଜଡିତ ଅଛି ମହାପ୍ରଭୁଙ୍କର ଚାପା ଖେଳ ବା ଜଳକ୍ରୀଡାର ସୁନ୍ଦର କିମ୍ବଦନ୍ତୀ, ଯାହା ଭକ୍ତମାନଙ୍କ ମନକୁ ଆନନ୍ଦରେ ଭରିଦେଇଥାଏ। ଏଥି ସହିତ ରହିଛି ଶ୍ରଦ୍ଧା ଓ ଭଲପାଇବାର ପାରମ୍ପରିକ ପର୍ବ ସାବିତ୍ରୀ ବ୍ରତ ଉପାସନା, ଯେଉଁଥିରେ ସଧବା ନାରୀମାନେ ନିଜ ସ୍ୱାମୀଙ୍କର ଦୀର୍ଘାୟୁ ଓ ସୁଖମୟ ଜୀବନ ପାଇଁ ନିଷ୍ଠାର ସହିତ ପୂଜା-ଅର୍ଚ୍ଚନା କରିଥାନ୍ତି।

ଚନ୍ଦନ ପୂର୍ଣ୍ଣିମାର ପବିତ୍ରତା ଓ ସାବିତ୍ରୀ ବ୍ରତର ଅତୁଟ ଶ୍ରଦ୍ଧା ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଦେଉ। ମହାପ୍ରଭୁଙ୍କର ଦିବ୍ୟ କୃପା ସମସ୍ତଙ୍କ ଉପରେ ବର୍ଷିତ ହେଉ ଏବଂ ପରିବାରରେ ଭଲପାଇବା, ସମ୍ମାନ ଓ ସୁସ୍ଥତା ଅବିଚ୍ଛିନ୍ନ ରହୁ।

ଜୟ ବେଦାନ୍ତୀ, ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୪/୦୬/୨୦୨୬ | ଶରଣ ଆରମ୍ଭ |
| ୧୧/୦୬/୨୦୨୬ | ପୁରୁଷୋତ୍ତମୀ ଏକାଦଶୀ |
| ୧୪/୦୬/୨୦୨୬ | ପହିଲି ରଜ |
| ୧୫/୦୬/୨୦୨୬ | ରଜ ସଂକ୍ରାନ୍ତି |
| ୧୬/୦୬/୨୦୨୬ | ଶେଷରଜ ଓ ଭୂଦାହ |
| ୧୭/୦୬/୨୦୨୬ | ରମ୍ଭା ତୃତୀୟା ଓ ବସୁମତୀ ସ୍ନାନ |
| ୧୮/୦୬/୨୦୨୬ | ଉମା ଚତୁର୍ଥୀ ଓ ଶିବବିବାହୋତ୍ସବ |
| ୧୯/୦୬/୨୦୨୬ | ଶୀତଳ ଷଷ୍ଠୀ ଓ ଆରଣ୍ୟକ ଷଷ୍ଠୀ |
| ୨୦/୦୬/୨୦୨୬ | ଶ୍ରୀମନ୍ଦିରେ ଶୀତଳଷଷ୍ଠୀ |
| ୨୧/୦୬/୨୦୨୬ | ବିଶ୍ୱ ଯୋଗ ଦିବସ |
| ୨୪/୦୬/୨୦୨୬ | ଗଙ୍ଗା ଦଶହରା |
| ୨୫/୦୬/୨୦୨୬ | ରୁକ୍ମିଣୀ ବିବାହ, ଲକ୍ଷ୍ମୀ ନାରାୟଣ ବ୍ରତ |
| ୨୬/୦୬/୨୦୨୬ | ମହରମ୍ |
| ୨୯/୦୬/୨୦୨୬ | ଦେବସ୍ନାନ ପୂର୍ଣ୍ଣିମା |

ISSN NO.
2582-208X

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**